ତେରଟି ପୁରସ୍କାର ବିଜେତା

ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ

ଭାରତର ଦରିଦ୍ରତମ ଜିଲାମାନଙ୍କର ଅନ୍ତର୍ଭେଦୀ କାହାଣୀ

ମୂଳ ଇଂରାଜୀ : ପି. ସାଇନାଥ

ଅନୁସୃଜନ

ଅଭୟ ସିଂହ

Digitized by srujanika@gmail.com

ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ

ଭାରତର ଦରିଦ୍ରତମ ଜିଲାମାନଙ୍କର ଅନ୍ତର୍ଭେଦୀ କାହାଣୀ

ବିଶିଷ୍ଟ ସାହିତ୍ୟିକ ଓ ସାଧକ **ଶ୍ରୀ ମନୋଜ ଦାସ**ଙ୍କ ଭୂମିକା ସହ

ମୂଳ ଇଂରାଜୀ :

ପି. ସାଇନାଥ

ଅନୁସୃଜନ :

ଅଭୟ ସିଂହ

ଗାଉଁଲି ବିଚାର

ଗାଉଁଲି ବିଚାର ପ୍ରକାଶନୀ

୩୮ ୧୬, ଘାଟିକିଆ, ଭୁବନେଶ୍ୱର

Digitized by srujanika@gmail.com

ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ

Marudi padile sabhinka mauja

(Every body loves a good drought)

ମୂଳ ଇଂରାଜୀ : ପି. ସାଇନାଥ

Author P. Sainath

ଓଡ଼ିଆ ଅନୁସୃଜନ : ଅଭୟ ସିଂହ

Transcreation Abhoy Singh

ପ୍ରକାଶକ : ଗାଉଁଲି ବିଚାର ପ୍ରକାଶନୀ

୩୮୧୬, ଘାଟିକିଆ, ଭୁବନେଶ୍ୱର-୭୫୧୦୦୩

Publisher : 3816, Gaunli Vichar Prakashani

Ghatikia, Bhubaneswar-751003

ବିତରକ : ଫ୍ରେଣ୍ଡସ୍ ପବ୍ଲିଶର୍ସ, ଗ୍ରନ୍ଥମନ୍ଦିର, ବିଦ୍ୟାପୁରୀ,

ବାଲୁବଜାର, କଟକ

Distributors : Friends Publishers, Grantha Mandir, Vidyapuri,

Balubazar, Cuttack

ପ୍ରଚ୍ଛଦ : ରମାକାନ୍ତ ସାମନ୍ତରାୟ

Cover Design : Ramakanta Samantaray

ଅକ୍ଷର ସଜ୍ଜା ଓ ମୁଦ୍ରଣ :

ଅରୋପ୍ରଭା ପ୍ରିଣ୍ଟର୍ସ, ଭୁବନେଶ୍ୱର-୧୫

Typeset & Printer : Auroprava Printers

Bhubaneswar-15

ପ୍ରଥମ ପ୍ରକାଶ : ମହା ଶିବରାତ୍ରି, ୨୦୦୭

First Edition : Maha Shivaratri, 2007

ମୂଲ୍ୟ : ଟ. ୩୦୦.୦୦

Price : **Rs. 300.00**

Digitized by srujanika@gmail.com

ସୂଚୀପତ୍ର

ଅଧ୍ୟାୟ	ବିଷୟ	ପୃଷ୍ଠା
	ଭୂମିକା	୫
	ଉପକ୍ରମଣିକା	୧୧
ପ୍ରଥମ	ଉଭଟ୍ଟାର କିଞ୍ଚିତ୍ ଉପୋଦ୍‌ଘାତ	୧୭
ଦ୍ୱିତୀୟ	ମେଘାବୃତ ପର୍ବତ ଓ ଶତଧାର ଝରଣା	୩୭
ତୃତୀୟ	ମଫସଲ ଭାରତରେ ବିଦ୍ୟା ବଉଳର ମହକ	୬୩
ଚତୁର୍ଥ	ନିଃସ୍ୱ ପାଇଁ ଏ ବସୁଧା ରହୁ ସୁରକ୍ଷିତ	୮୭
ପଞ୍ଚମ	ସୀମାନ୍ତ ସେପାରେ	୧୫୫
ଷଷ୍ଠ	ସାହୁକାର, ଋଣଯନ୍ତା, ଶୋଷଣ ଓ ଶୋଷିତ	୨୧୭
ସପ୍ତମ	ଅପରାଧ, ମାତ୍ର ଦଣ୍ଡ ନାହିଁ	୨୬୧
ଅଷ୍ଟମ	ଅତ୍ୟାଚାରୀ, ଶୁଣ୍ଢି, କବି ଓ କଳାକାର	୩୦୭
ନବମ	ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ	୩୫୯
ଦଶମ	ନିଜ ଅସ୍ତ୍ର ନିଜ ହାତେ : ଦରିଦ୍ର ଯେବେ ପାଲଟା ଯୁଝେ	୪୨୩
	କୃତଜ୍ଞତା	... ୪୭୦

Digitized by srujanika@gmail.com

ଭୂମିକା

ଅଣ୍ଡା ଏବଂ କୁକୁଡ଼ା ଭିତରେ କିଏ କାହାର ଉତ୍ସ, (Egg first or chicken first) ଦର୍ଶନ—ଚିନ୍ତାର ଏହି ଗୁରୁତର ପ୍ରଶ୍ନଟି ପର୍ଯ୍ୟାୟର ଏକ ପ୍ରଶ୍ନ ହେଲା ଆମେ ଜନସାଧାରଣ ଦୁର୍ନୀତି ପରାୟଣ ବୋଲି ଆମ ନେତା ଓ ହାକିମମାନେ ଦୁର୍ନୀତି ପରାୟଣ ନା ସେମାନେ ଦୁର୍ନୀତି ପରାୟଣ ବୋଲି ଜନସାଧାରଣ ସେମାନଙ୍କ ଦ୍ୱାରା ପ୍ରଭାବିତ ।

ବିଡ଼ମ୍ବନା ହେଲା, ଏ ପ୍ରଶ୍ନ ଯେଉଁମାନଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ, ସେଭଳି ଏକ ଜନସମାଜ ମଧ୍ୟ ରହିଛି । ସେ ସମାଜର ନରନାରୀମାନେ ତଥାକଥିତ ସଭ୍ୟ ଭବ୍ୟ ସହର ନଗରର ନରନାରୀଙ୍କ ଜୀବନଦର୍ଶନର ନୀତି ବା ଦୁର୍ନୀତିର ଧାରଣାଠୁଁ ବହୁତ ଦୂରରେ । ବହୁକାଳ ସେମାନେ ଅକଥନୀୟ ନିର୍ଯ୍ୟାତନା ଭୋଗିଛନ୍ତି । ଦୁର୍ନୀତି ପରାୟଣ ହେବାର ସୁଯୋଗ ସେମାନଙ୍କର ନଥିଲା; ଏକପାଖିଆ ପ୍ରଚଣ୍ଡ ଦୁର୍ନୀତିର ଶିକାର ହୋଇଆସିଛନ୍ତି ସେମାନେ ।

ଅର୍ଥ ଆତ୍ମସାତ୍, ଉତ୍କୋଚ ଗ୍ରହଣ ଅଥବା ସ୍ୱାର୍ଥ ପ୍ରଣୋଦିତ ମିଥ୍ୟାଚାର ଭିତରେ ଆମେ ଦୁର୍ନୀତିର ସଂଜ୍ଞାକୁ ସୀମିତ କରିବା ଉଚିତ ନୁହେଁ । ପ୍ରଶାସନିକ କାଗଜପତ୍ରରେ ଏକ ଉପଜାତିର ପ୍ରକୃତ ନାମ ''ଧୃରୁଆ'' ଯଦି 'ଧାରୁଆ' ବୋଲି ଉଲ୍ଲେଖ ହୋଇଥାଏ ଏବଂ ସେତକ ସୁଧାରିନେବା ସକାଶେ ସଂପୃକ୍ତ କର୍ମଚାରୀ ଓ ହାକିମମାନେ ଯେଉଁ ସାମାନ୍ୟ ବିବେକ-ଚାଳିତ ପରିଶ୍ରମ କରିବା ଲୋଡ଼ା, ସେତିକି ନକରିବା ଫଳରେ ମଣିଷଟାଏ ବାସ୍ତବ କ୍ଷେତ୍ରରେ ନିଜର ପରିଚୟରୁ ବଞ୍ଚିତ ହୋଇ କଲବଲ ହୋଇପାରେ, ତେବେ ସମ୍ପୃକ୍ତ କର୍ମଚାରୀ ଓ ହାକିମମାନେ ନିର୍ମମ । ନିର୍ମମତା ଓ ଦୁର୍ନୀତି ଭିତରେ କିଏ ବଡ଼ଭାଇ କିଏ ସାନଭାଇ, ସେକଥା କହିବା ସହଜ ନୁହେଁ । ଉଭୟେ ଯମଜ ଭାଇ ସମ୍ଭବତଃ ।

ଦୁର୍ନୀତି ଓ ନିର୍ମମତାର ବହୁ ଦୃଷ୍ଟାନ୍ତର ସମାବେଶ ଘଟିଛି ଶ୍ରୀ ପି. ସାଇନାଥଙ୍କ ''ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ'' ବହିରେ । ଅନୁନ୍ନତ ପାର୍ବତ୍ୟ ଓ ଅରଣ୍ୟ ମୂଳକର ଅଧିବାସୀମାନଙ୍କ ମଙ୍ଗଳ ନିମନ୍ତେ ସେମାନଙ୍କୁ ବୃହତ୍ତର ସମାଜର ନାଗରିକମାନଙ୍କର ନିକଟବର୍ତ୍ତୀ କରାଇବା ନିମନ୍ତେ ବହୁ ଯୋଜନା ପ୍ରଣିତ ହେଉଛି । କିନ୍ତୁ ବହୁ ସ୍ଥଳରେ ସ୍ଥାନୀୟ ବାସ୍ତବତା ଓ ଯୋଜନା କାର୍ଯ୍ୟକାରୀ ହେଲେ ଯେଉଁମାନେ ତୁରନ୍ତ ଉଦ୍‌ବାସ୍ତୁ ହେବେ, ସେମାନଙ୍କ ମାନସିକତା, ପରମ୍ପରା ଓ ଜୀବନଶୈଳୀ ସହ ଯୋଜନା ନିହିତ ଆଦର୍ଶର ସମନ୍ୱୟ ରଖିବା ଦିଗରେ ଦୃଷ୍ଟି ଦିଆଯାଉ ନାହିଁ । ସ୍ଥୂଳ ଆର୍ଥିକ କ୍ଷତିପୂରଣ

Digitized by srujanika@gmail.com

ସେମାନଙ୍କ ଆହତ ଜୀବନଶୈଳୀର ସ୍ୱାସ୍ଥ୍ୟ ଫେରାଇଆଣିପାରିବ ନାହିଁ । ଏକ ନିର୍ଦ୍ଦିଷ୍ଟ ମୂଲକର କଥା–ଏକ ଯୋଜନା ପାଇଁ କେତୋଟି ଗ୍ରାମ ବଳି ପଡ଼ିବା ଚାହି । ଗ୍ରାମବାସୀମାନଙ୍କୁ ଅନ୍ୟତ୍ର ସ୍ଥାନ ଅବଶ୍ୟ ଦିଆଯିବ । କିନ୍ତୁ ସେମାନଙ୍କ ବକ୍ତବ୍ୟ : ସେମାନଙ୍କ ବିବାହ ବା ଶ୍ରାଦ୍ଧରେ ସଭିଏଁ ସାମୂହିକ ଭାବରେ ଖର୍ଚ୍ଚ ତୁଲାନ୍ତି । ଗୋଟିଏ ଗାଁରେ ଦୁଇଜଣ ବା ଦୁଇଦଳ ଭିତରେ ବିବାଦ ଉପୁଜିଲେ ପଡ଼ୋଶୀ ଗ୍ରାମର ମୁରବୀ ସ୍ଥାନୀୟ ଲୋକେ ଆସି ଯେଉଁ ସମାଧାନ ଦେବେ, ତାହାହିଁ ନିଷ୍ପତ୍ତି । ବିକ୍ଷିପ୍ତ ହୋଇଗଲେ ସେମାନଙ୍କ ବିଭା ଓ ଶ୍ରାଦ୍ଧ ଅନୁଷ୍ଠାନ ତୁଲାଇବ କିଏ ? ନିଷ୍ପତ୍ତି ଦେବ କିଏ ? ଯେଉଁ ମାଟି ସହ ସେମାନଙ୍କର ପୁରୁଷାନୁକ୍ରମିକ ସମ୍ପର୍କ ଓ ଅନ୍ତରଙ୍ଗତା, ଅପରିଚିତ ମାଟିରେ କୃତ୍ରିମ ଭାବରେ ସେଭଳି ସମ୍ପର୍କ ସମ୍ଭବ ହେବ କିପରି ? ଯୋଜନା ଓ ଜୀବନ ଭିତରେ ସମନ୍ୱୟ ଅବଶ୍ୟ ସମ୍ଭବ ହୋଇପାରନ୍ତା–ଯୋଜନାର ପ୍ରଣେତା ଓ କର୍ଣ୍ଣଧାରମାନଙ୍କର ଯଦି ଧୈର୍ଯ୍ୟ ଓ ଅଧ୍ୟବସାୟ ଥାଆନ୍ତା ।

ମାଲ୍‌କାନଗିରି ଅଞ୍ଚଳର କୋୟାମାନଙ୍କର ଜୀବିକା ହେଲା ବାଉଁଶ । ଖାଲି ଜୀବିକା ନୁହେଁ, ଜୀବନଧାରା ସହ ବାଉଁଶ ଓତଃପ୍ରୋତ ଜଡ଼ିତ । ସେମାନେ ବାଉଁଶ କାଟନ୍ତି; ସଙ୍ଗେ ସଙ୍ଗେ ବାଉଁଶ ଉତ୍ପାଦନ ବି କରିଚାଲନ୍ତି ଏକନିଷ୍ଠ ଭାବେ । ତେଣୁକରି ବାଉଁଶ ବଣ କଦାଚ ଦୁର୍ବଳ ହୋଇନାହିଁ । କିନ୍ତୁ ବର୍ତ୍ତମାନ ସେମାନଙ୍କ ପାଇଁ ବାଉଁଶ କାଟିବା ବେଆଇନ୍ । କାଟିବେ କାଗଜ କାରଖାନା କର୍ତ୍ତୃପକ୍ଷ ବୁଲଡୋଜର୍ସ ଦ୍ୱାରା ।

ଯୋଜନାର ଆଦର୍ଶ ହେଲା ମଣିଷର ଜୀବନର ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ସମୃଦ୍ଧି ସାଧନ । କିନ୍ତୁ ଏକ ଏକ ଜୀବନଧାରାକୁ ମରୁଭୂମି ଭିତରକୁ ଠେଲି ଦିଗ୍‌ଭ୍ରଷ୍ଟ ଓ ଶୁଷ୍କ କରିଦେବାରେ ଯଦି ତାହା ପର୍ଯ୍ୟବସିତ ହୁଏ, ତେବେ ତାହା କେଡ଼େ ବିଶାଳ ବିଡ଼ମ୍ବନା, ସେକଥା ବୁଝିବା ପାଇଁ ହୃଦୟ ଲୋଡ଼ା ।

କିନ୍ତୁ ସେଭଳି ହୃଦୟ ଆଜି ନିରୁଦ୍ଦିଷ୍ଟ ମନେହୁଏ । ସହର ନଗରଠୁଁ ଦୂର ସୁଦୂର ମୂଲକରେ ସରକାର କେତେ ଡାକ୍ତରଖାନା ଖୋଲୁଛନ୍ତି । ରାଜକୋଷରୁ ବିପୁଳ ଅର୍ଥ–ଅର୍ଥାତ୍ ରାଷ୍ଟ୍ରର ସମ୍ବଳ–ସେପାଇଁ ବ୍ୟୟ ହେଉଛି ଲୋକେ ଉପକୃତ ହେବେ ବୋଲି । କାମ ଚାଲିଛି କେଉଁଧାରାରେ ? ଏହି ବହିରୁ ଗୋଟାଏ ଦୃଷ୍ଟାନ୍ତ :

"ଲେତହାରର ସଦର ହାସ୍‌ପାତାଳ ହେଉଛି ଏ ଅଞ୍ଚଳର ସବୁଠାରୁ ବଡ଼ । ୧୮ ଜଣ କର୍ମଚାରୀ, ୫ ଜଣ ଡାକ୍ତର, ୨୬ଟି ଶଯ୍ୟା । ଥିଲା ଜଣେ ମାତ୍ର ରୋଗୀ ! ଶୂନ୍ୟ ଶଯ୍ୟାଗୁଡ଼ିକୁ ଦେଖିଲେ ବାନ୍ତି ଉଠାଇବ । ଏତେ ଅପରିଷ୍କାର ଓ ରୋଗିଣା ! ସେ ଡାକ୍ତରଖାନାରେ ଦୀର୍ଘ ସମୟ ରହିବା ପରେ ଜଣେମାତ୍ର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଦେଖିଲି । ମୁଖ୍ୟ ଡାକ୍ତର ଛୁଟିରେ ଥିଲେ । ଅନ୍ୟମାନେ ଚଳାଉଥିଲେ ନିଜ ନିଜର ଘରୋଇ ଚିକିତ୍ସା–ସେଇ ଡାକ୍ତରଖାନା ପରିସର ଭିତରେ, ସରକାରୀ ବସାଘରେ ଏବଂ ସରକାରୀ କାର୍ଯ୍ୟନିର୍ଘଣ୍ଟ ମଧ୍ୟରେ । ଏହାରି ନାଁ ଭାରତବର୍ଷ !"

Digitized by srujanika@gmail.com

ଏହାହିଁ ସ୍ୱାର୍ଥାନ୍ଧ ଶିକ୍ଷିତ କବଳିତ ଭାରତବର୍ଷ । ଏପରିକି ଆପାତ ଦୃଷ୍ଟିରେ ଯାହା ମନେହୁଏ ମହାନୁଭବତା, ତାହା ମଧ୍ୟ ସ୍ୱାର୍ଥପରତାର ଛଦ୍ମରୂପ । ମଧ୍ୟପ୍ରଦେଶର ଏକ ଅନୁନ୍ନତ ଅଞ୍ଚଳରେ ଅଧ୍ୟାପକମାନେ ପିଲାଙ୍କ ପାଇଁ ଦରମା ଦେଇଦେଲେ–ଯେମିତି ସେମାନଙ୍କ ନାମ କଟି ନଯିବ । ମନେହୁଏ ବଡ଼ ଦରଦୀ ହୃଦୟ ସେ ଗୁରୁମାନଙ୍କର । କିନ୍ତୁ ଯେଉଁ ତଥ୍ୟ ଶ୍ରୀ ସାଇନାଥ ସଂଗ୍ରହ କରନ୍ତି, ତାହା ଏହିପରି : କୌଣସି ବିଷୟରେ ଅନ୍ତତଃ ପାଞ୍ଚଜଣ ଛାତ୍ର ନଥିଲେ ବିଭାଗଟି ବନ୍ଦ ହୋଇଯିବ । ଏ ଉପାଧ୍ୟତର ଶ୍ରେଣୀର ଅଧ୍ୟାପକ ମାନେ ୟୁ.ଜି.ସି ହାରରେ ଭଲ ଦରମା ପାଉଛନ୍ତି । ବିଭାଗ ବନ୍ଦ ହୋଇଗଲେ ସେମାନଙ୍କର ଅନ୍ୟତ୍ର ବଦଳି ହେବ । ତଳଶ୍ରେଣୀରେ ପଢ଼ାଇଲେ ପ୍ରମୋଶନ ହେବ ବିଳମ୍ବିତ ।

ଅର୍ଥାତ୍ ଯାହା ଦାନ ବୋଲି ଧାରଣା ହୁଏ, ତାହା ପୁଞ୍ଜି ବିନିଯୋଗ । ଆଚାର୍ଯ୍ୟ ବିନୋବା ବାଭେଙ୍କ ଭୂଦାନ ପଦଯାତ୍ରା ବେଳେ ବହୁ ବ୍ୟକ୍ତି ମହାନୁଭବ ହୋଇଯାଇଥିଲେ । ସେମିତି ଜଣେ ସଦାଶୟ ବ୍ୟକ୍ତି ବହୁ ଜମି ଦାନ କରିଦେଲେ । ଦେଖିବା ବେଳକୁ ସେ ଜମିତକ ତାଙ୍କ ସହ ବିବାଦ ଥିବା ଜଣେ ପ୍ରତିବେଶୀର ! ପ୍ରତିବେଶୀ ବାପୁଡ଼ା କୋଡ଼ିଏ ବର୍ଷ ମକଦ୍ଦମା ଲଢ଼ି ଦାତାଙ୍କ ଦାନପତ୍ର ଭୁଲ ପ୍ରମାଣ ପରିପାରିଲା । ସେ ଦୀର୍ଘ ସମୟ ଜମିତକ ଅନାବାଦୀ ରହିଲେ–ତାହା ଆମ ସାମାଜିକ ବୈଚିତ୍ର୍ୟର ଆନୁସଙ୍ଗିକ ବ୍ୟାପାରଟିଏ ମାତ୍ର !

ଆଜି ଏହି ଭୂମିକା ଲେଖିବା ବେଳେ ଏ ଲେଖକ ସହ ସାକ୍ଷାତ କରିବାକୁ ଆସିଲେ କଟକର ଜଣେ ଡାକ୍ତର । ସେଠାକାର ବଡ଼ ମେଡ଼ିକେଲ୍ କଲେଜର ଜଣେ ବିଶିଷ୍ଟ ଅଧ୍ୟାପକ । ସେ କହିଲେ, ନିକଟ ଅତୀତରେ ଓଡ଼ିଶାରେ ତିନୋଟି ନୂଆ ମେଡ଼ିକେଲ୍ କଲେଜ ଖୋଲିଗଲାଣି ।

"ଭଲ ଖବର । ଗାଁ ଗହଳରେ ଡାକ୍ତର ଅଭାବ । ଅଧିକ ଡାକ୍ତର ବାହାରିଲେ ସେ ସମସ୍ୟା ଦୂର ହେବ ।" କହିଲି ।

ସେ ହସିଲେ । "ନା ! ଆପଣଙ୍କ ଆଶା ବୃଥା । ସେମାନେ ଗାଁ ଗହଳକୁ ଯିବେ ନାହିଁ । ସେମାନେ ଏକ ଅଭିନବ ଶିଳ୍ପରେ ଉଦ୍ୟୋଗୀ !" ଡାକ୍ତରୀ ଅଧ୍ୟାପକ ଜଣାଇଲେ ।

"ମାନେ ? ସେମାନେ ପଞ୍ଚତାରକା ହାସ୍‌ପାତାଳ ସବୁରେ ଯୋଗଦେବେ ।" ମୁଁ କହିଲି

"ସେଇଟା ଆଉ ଅଭିନବ ଶିଳ୍ପ କ'ଣ ?" ଆଗନ୍ତୁକ କହିଲେ ଏବଂ ମୋତେ ବୁଝାଇଦେଇ ବିମୂଢ଼-ପ୍ରାୟ ବନାଇ ଛାଡ଼ିଲେ, 'ଆଜ୍ଞା, ସେ ଅଭିନବ ଶିଳ୍ପ ହେଲା Dowry industry ! ଯେଉଁସବୁ ରାଜ୍ୟରୁ ପଢ଼ିବା ପାଇଁ ଛାତ୍ରମାନେ ଆସୁଛନ୍ତି, ସେସବୁ ରାଜ୍ୟର ଲୋକଙ୍କର ଡାକ୍ତର ଜାମାତାଟିମାନ ପାଇବା ପାଇଁ ଭାରି ସଉକ ।

Digitized by srujanika@gmail.com

ଏ ଛାତ୍ରମାନେ ଯେ ଲକ୍ଷ ଲକ୍ଷ ଟଙ୍କା ଦେଇ କଲେଜରେ ଭର୍ତ୍ତି ହେଉଛନ୍ତି, ଗାଁ ଗହଳରେ ଯାଇ ସେ ଟଙ୍କା ଆଦାୟ କରିବେ କେମିତି ? ସେଇଟା Dowry ପାଇଁ ମୂଳଧନ ବିନିଯୋଗ ।

ଏହି ଜାତୀୟ ଏକ ଧକ୍କା ପାଇଥିଲି ମୁସୋରିରେ ଅବସ୍ଥିତ ଜାତୀୟ ପ୍ରଶାସନିକ ତାଲିମ୍ ସଂସ୍ଥାର ଜଣେ ପୂର୍ବତନ ନିର୍ଦ୍ଦେଶକଙ୍କ ଠାରୁ । ସେ କହୁଥିଲେ, ତାଲିମ ପାଉଥିବା ଭାବି ପ୍ରଶାସକମାନେ ଫର୍ମ ପୂରଣ କଲାବେଳେ ପୈତୃକ ସମ୍ପତ୍ତିର ମୂଲ୍ୟ ବାସ୍ତବତାଠୁଁ ବହୁ ଅଧିକ ଦର୍ଶାଇଥାନ୍ତି । କାରଣ ? ଭବିଷ୍ୟତରେ ଦୁର୍ନୀତି ଅଭିଯୋଗରେ ତଦନ୍ତ ପରିସରକୁ ଆସିଲେ ଏ ଦଲିଲ୍ କାମ ଦେବ । ସେମାନେ ଦେଖାଇ ପାରିବେ, ଯାହା ଆୟ ବହିର୍ଭୂତ ମନେହୁଏ, ତାହା ପୈତୃକ ଐଶ୍ୱର୍ଯ୍ୟ ।

ଏ ମହାଜାତିର ଶିକ୍ଷିତ ସଂପ୍ରଦାୟର ଏ ଅଧଃପତନର ପ୍ରତିକାର କ'ଣ ? ବଡ଼ ବିଷମ ପ୍ରଶ୍ନ । ଯେଉଁ ଭାରତବର୍ଷରେ କର୍ମଫଳ ଉପରେ ଏତେ ଗୁରୁତ୍ୱ ଦିଆଯାଉଥିଲା, ସେଠିକାର ଶିକ୍ଷାପଦ୍ଧତି ଆଜି ନିର୍ଲଜ୍ଜ ଶୋଷକ ଉତ୍ପାଦନକାରୀ ଶିଳ୍ପରେ ପରିଣତ ହେଲା କିପରି ?

ଜୀବନର ପ୍ରକୃତ ଆଭିମୁଖ୍ୟ ଆଜିର ଶିକ୍ଷା ଉପସ୍ଥାପନ କରେନାହିଁ । ଭୌତିକ ଭୋଗବାଦ ହିଁ ଆମର ଆଦର୍ଶ । କଥାଟି ଅବଶ୍ୟ ସାଧାରଣ ଭାବରେ କହୁଛି । ବିବେକୀ, ଜ୍ଞାନୀ, ମହତ୍ ମଣିଷ ଥିଲେ ଏବଂ ଥିବେ । କିନ୍ତୁ ସାମୂହିକ ସ୍ତରରେ ସ୍ୱାର୍ଥାନ୍ଧ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ଭବିଷ୍ୟତ ପାଇଁ ତାହା ସର୍ବାଧିକ ବିପଦ । ଚତୁର୍ଦ୍ଦିଗରେ ସୁଗମ ଉପାର୍ଜନ ଅପସଂସ୍କୃତି ଓ ଦୁର୍ନୀତିର ଦୃଷ୍ଟାନ୍ତ ଭିତରେ ଆଜିର ଶିଶୁର ମାନସିକ ଦିଗ୍‌ଦର୍ଶନ କ'ଣ ହେବ ?

ଆଜି ପର୍ଯ୍ୟନ୍ତ ଯେ ଯୌତୁକ ପରମ୍ପରାକୁ ଖାଲି ସହ୍ୟ କରାଯାଉନାହିଁ, ତାକୁ ପ୍ରତିପୋଷଣ କରାଯାଉଛି – ଆମ ଚେତନାଗତ ଅଧୋଗତିର ଏହାହିଁ ବୋଧହୁଏ ସବୁଠୁଁ ଜଘନ୍ୟ ନମୂନା । ଅଥଚ ଏହାର ନିରାକରଣ ସମ୍ଭବ ନୁହେଁ ଯେ ପର୍ଯ୍ୟନ୍ତ ବରପାତ୍ରର ଜନନୀମାନେ ଏ ଦିଗରେ ପଦକ୍ଷେପ ନ ନେଇଛନ୍ତି । ଯେପର୍ଯ୍ୟନ୍ତ ସଂପୃକ୍ତ ଜନନୀମାନେ ଏହାକୁ ପ୍ରଶ୍ରୟ ଦେଉଛନ୍ତି, ସେପର୍ଯ୍ୟନ୍ତ ନାରୀ ସ୍ୱାଧୀନତା ଓ ସେ ଦିଗରେ ନାନାଦି ଆନ୍ଦୋଳନ ଓ ଆସ୍ଫାଳନ ସତ୍ତ୍ୱେ ସେହି ଜନନୀମାନେ ଭବିଷ୍ୟତର ଶତ୍ରୁ । ସାମାନ୍ୟ ଏବଂ ସାମୟିକ ଭୌତିକ ଲାଭ ପାଇଁ ସେମାନେ ନିଜ ନିଜ ପୁଅର ଚେତନାକୁ କେତେ ନିମ୍ନଗାମୀ କରି ରଖୁଛନ୍ତି, ଭାବି ବଧୂର ସମ୍ଭ୍ରମତାକୁ କେତେ ନ୍ୟୂନ କରିଦେଉଛନ୍ତି ଏବଂ ସର୍ବୋପରି ନିଜ କର୍ମଫଳକୁ କେତେ ତିକ୍ତ କରୁଛନ୍ତି, ସେକଥା ସେମାନେ ସମ୍ଭବତଃ କଳ୍ପନା କଲାଭଳି ଅବସ୍ଥାରେ ନାହାନ୍ତି । ମୋହଗ୍ରସ୍ତ ମାନସିକତା; ଅନ୍ଧ ସେମାନଙ୍କ ଦିଗ୍‌ବଳୟ ।

Digitized by srujanika@gmail.com

ଶ୍ରୀ ସାଇନାଥଙ୍କ ପର୍ଯ୍ୟବେକ୍ଷଣର ବିଶେଷ ପଟ୍ଟଭୂମି ଓଡ଼ିଶା । ଏହି ବିଶେଷ ଗ୍ରନ୍ଥର ଓଡ଼ିଆ ଅନୁବାଦ ତେଣୁ ସବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଏହି ଅନୁବାଦ ଦାୟିତ୍ୱ ତୁଲାଇଥିବା ଶ୍ରୀ ଅଭୟ ସିଂହ ସେପାଇଁ ଯୋଗ୍ୟ ବୋଲି କହିଲେ ଯଥେଷ୍ଟ ହେବନାହିଁ । କାର୍ଯ୍ୟଟି ସକାଶେ ସେ ଅଧିକାରୀ । ପ୍ରତାରିତ ଓ ଲାଞ୍ଛିତମାନଙ୍କ ପାଇଁ ତାଙ୍କ କାତରତା, ସେ ଦିଗରେ ତଥା ଦେଶର ପରିବେଶ ସୁରକ୍ଷା ନିମନ୍ତେ ତାଙ୍କ ବ୍ୟଗ୍ରତା ଏକାନ୍ତ ଆନ୍ତରିକ । ସେ ଦିଗରେ ବହୁବର୍ଷ ଧରି ସେ କର୍ମରତ । ସଙ୍ଗେ ସଙ୍ଗେ ସେ ଜଣେ ସୁଲେଖକ; ଓଡ଼ିଆ ଭାଷାରେ ତାଙ୍କ ଦକ୍ଷତା ଓ ସାବଲୀଳତା ତାଙ୍କର ମୌଳିକ ରଚନାସବୁ ଭଳି ଏ ଅନୁବାଦକୁ ମଧ୍ୟ ଜୀବନ୍ତ କରିଛି ।

ଉଭୟ ଶ୍ରୀ ପି. ସାଇନାଥ ଏବଂ ଶ୍ରୀମାନ୍ ଅଭୟ ଫ୍ରିଲାନ୍ସ ସାମ୍ବାଦିକ । ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ତଳେ ଓସ୍କାର ୱାଇଲ୍ଡ ତାଙ୍କର The Critic as Artist (୧୮୯୦)ରେ କଥାଟିଏ ଲେଖିଥିଲେ, ଯାହା ଆଜି ତାଙ୍କ ସମୟ ତୁଳନାରେ ବହୁ ଅଧିକ ମାତ୍ରାରେ ସତ୍ୟ । ସେ କହିଥିଲେ, ଆଧୁନିକ ସାମ୍ବାଦିକତା ନିଜ ଅସ୍ତିତ୍ୱ ବଜାୟ ରଖିଛି ଅଧିକରୁ ଅଧିକ ଅସଭ୍ୟତାର ଆଶ୍ରୟ ନେଇ । ଡାର୍‌ୱଇନଙ୍କ ବିଖ୍ୟାତ Survival of the fittest ଉକ୍ତିଟିରେ ସାମାନ୍ୟ ପରିବର୍ତ୍ତନ କରି ୱାଇଲ୍ଡ ସାମ୍ବାଦିକତାକୁ Survival of the vulgarist ବୋଲି ଆଖ୍ୟା ଦେଇଥିଲେ । ଉଭୟ ଶ୍ରୀ ସାଇନାଥ ଓ ଶ୍ରୀ ଅଭୟ ସିଂହ ଫ୍ରିଲାନ୍ସ ସାମ୍ବାଦିକ । କିନ୍ତୁ ସେମାନେ ଜଣେ ଜଣେ ଲଙ୍କାରେ ବିଭୀଷଣ ତୁଲ୍ୟ ବ୍ୟତିକ୍ରମ । ଯେଉଁ ବିଖ୍ୟାତ ଇଂରାଜୀ ଦୈନିକ ପାଇଁ ଶ୍ରୀ ସାଇନାଥ ଏ ବହିର ଅନ୍ତର୍ଭୁକ୍ତ ବିବରଣୀ ସବୁ ଲେଖୁଥିଲେ, ସେ କାଗଜଟି ମଧ୍ୟ ୱାଇଲ୍ଡଙ୍କ ସଂଜ୍ଞାର ଯଥାର୍ଥ୍ୟ ପ୍ରତିପାଦନ କରୁଛି । ତଥାପି ସାଇନାଥଙ୍କ ପୃଷ୍ଠପୋଷକତା କରି ତାହା ଅନ୍ତତଃ ଏତିକି ପ୍ରମାଣ କରୁଛି ଯେ, ମିଥ୍ୟା ଓ ଛଳନାର କୁହେଳି ଭିତରେ ବି ସତ୍ୟର ପ୍ରଦୀପ ମିଞ୍ଜି ମିଞ୍ଜି ଜଳୁଥାଏ ।

ଏହି ପ୍ରଦୀପଟିର ଆଲୋକ ବହୁ ପ୍ରଦୀପକୁ ସଞ୍ଚାରିତ ହେଉ । ବହିଟି ତା'ର ପ୍ରାପ୍ୟ ମର୍ଯ୍ୟାଦାରୁ ବଞ୍ଚିତ ହେବନାହିଁ, ଏହି ଆଶା ପୋଷଣ କରୁଛି ।

ପଣ୍ଡିଚେରୀ
ତା ୨୭.୩.୨୦୦୬

(ମନୋଜ ଦାସ)

Digitized by srujanika@gmail.com

Digitized by srujanika@gmail.com

ଉପକ୍ରମଣିକା

ଫୁଲଗଛ ଅବଶେଷରେ ମରିଗଲା । ତାକୁ କାଳିଗାଈ ଖାଇଦେଲା ଏବଂ ଗାଈକୁ ଜଗିଲା ନାହିଁ ଗଉଡ଼ । ସାଆନ୍ତାଣୀ ଠିକଣା ସମୟରେ ଭାତ ବାଢ଼ି ନଦେବାରୁ ଗଉଡ଼ କର୍ତ୍ତବ୍ୟରେ ହେଳା କରିଛି । ସାଆନ୍ତାଣୀଙ୍କ ଅଭିଯୋଗ ହେଲା – ଶେଯରେ ଶୋଇଥିବା କଅଁଳା ଛୁଆଟା ଅସହାୟ ହୋଇ କାନ୍ଦିବାରୁ ସେ ତା' ପାଖକୁ ଧାଇଁଗଲେ ଏବଂ ପିଲାଟି କାନ୍ଦିବାର କାରଣ ହେଲା ଧୂଳିଆ ଜନ୍ଦା ତାକୁ କାମୁଡ଼ିଦେଲା । ଏ କଥାର ପରିସମାପ୍ତି ଘଟୁଛି ଜନ୍ଦାର ଉକ୍ତି ପାଖରେ : "ମୁଁ ଭୂଇଁ ତଳେ ତଳେ ଥାଏ, କଅଁଳ ମାଉଁସ ଟିକିଏ ପାଇଲେ ରୁଟ୍ କିନା ଖାଇଦିଏ ।"

ଓଡ଼ିଆରେ ଏହି କଥନିକା "ହଇରେ ଫୁଲ ଗଛ କାହିଁକି ମଲୁ..."ଟି ସହିତ ଆମେ ପ୍ରାୟ ସମସ୍ତେ ଶୈଶବରୁ ବେଶ୍ ପରିଚିତ ଏବଂ ଆମର କଳ୍ପନାର ଆକାଶରେ ଇଏ ଆଙ୍କିଛି ଅନେକ ଇନ୍ଦ୍ରଧନୁ । ଖେଳାଇଛି ମେଘ-ବିଜୁଳି । ଉଠାଇଛି ବହୁ ବକ୍ର-ଗମ୍ଭୀର ପ୍ରଶ୍ନବାଚୀ । ଫୁଲଗଛ ଠାରୁ ଧୂଳିଆ ଜନ୍ଦା ଯାଏଁ ଅଶେଷ ଧୈର୍ଯ୍ୟ ଓ ସମ୍ବେଦନା ରଖି କିଏ ସେ ପଚାରୁଛି ପ୍ରଶ୍ନ ? କେହି ଜଣେ କବି-ମନିଷୀ ! ନା ଅବୋଲକରା-ସାଆନ୍ତଙ୍କ ପରି କେହି କଥାଶ୍ରୟୀ ! ନା ଆଜିକାଲି ଭଳି କେଉଁ ଅନୁସଂଧାନୀ ସାମ୍ବାଦିକ-ଇନ୍‌ଭେଷ୍ଟିଗେଟିଭ୍ ଜର୍ଣ୍ଣାଲିଷ୍ଟ ? ଖୋଳିତାଡ଼ି ଏତେ କଥା ପଚାରି ଶେଷକୁ ଯେଉଁ ନିର୍ଣ୍ଣୟରେ ପହଞ୍ଚୁଛି ସେଥିରୁ ନିଷ୍କୃତିର ମାର୍ଗ କ'ଣ ?

ଆଜି ଆମ ସମାଜ-ଜୀବନର ଉପବନରେ ମହୁ ଓ ମହକ ବିତରିବା ପୂର୍ବରୁ, କଢ଼ ମେଲିବା ଆଗରୁ ଫୁଲଗଛଗୁଡ଼ିକ ଝଡ଼ି ଝାଉଁଳି ଯାଉଛନ୍ତି । ଶୋଷଣ ଓ ଲୁଣ୍ଠନର ସାହୁକାର-ସୌଦାଗର ଷଣ୍ଢମାନେ ମାଡ଼ିଚକଟି ସମାଜ-ଉପବନରେ ଧସେଇ ପଶି ଫୁଲଗଛମାନଙ୍କୁ ପାକୁଳି କରି ପକାଉଛନ୍ତି । ପ୍ରଶାସନର ଜଗୁଆଳି ଗଉଡ଼ମାନେ ନିଜ ପେଟ ଅପୂରା ହେଲା କହି ସରକାର-ସାଆନ୍ତାଣୀଙ୍କ ଆଡ଼କୁ ଦୋଷ ଠେଲି ଦେଉଛନ୍ତି । ସର୍କାର-ସାଆନ୍ତ, ସାନ୍ତାଣୀମାନଙ୍କ ସ୍ୱାର୍ଥ-ସୁବିଧାବାଦର ଅବୋଧ ପିଲା ନିତିନିରତ କାନ୍ଦି ଚାଲିଛି । ତାକୁ ଭୋଟ-ଜନ୍ଦା କାମୁଡୁଚି । କ୍ଷମତାର ଥନକୁ ପିଲାଟି ପାଟିରେ ପୂରାଇ ସେମାନେ ତାକୁ ପ୍ରବୋଧନା ଦେଇଚାଲିଛନ୍ତି । ବଡ଼ ବିଚିତ୍ର, ବିଡ଼ମ୍ବିତ ଓ ବିଷାଦମୟ ଏ ଧାରା । ଅନେକ ସମୟରେ ଫୁଲଗଛରେ ପାଣି ନଦେବାରୁ ଅନେକେ ଝାଉଁଳି ଥୁଣ୍ଟା ହୋଇଯାଆନ୍ତି । ସମାଜ-ଉଦ୍ୟାନକୁ ସତେଜ ରଖିବାକୁ ନିଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ନ୍ୟାୟ, ନେତୃତ୍ୱର ମାଳିମାନେ ନିଜ କର୍ତ୍ତବ୍ୟରେ ଅବହେଳା କରିଥାନ୍ତି ଏବଂ

Digitized by srujanika@gmail.com

ସେମାନଙ୍କୁ ପଚାରିଲେ ଢଗୁଆଳି ଗଉଡ଼ ପରି ଅନ୍ୟଆଡ଼କୁ ଆଙ୍ଗୁଠି ଦେଖେଇ ସେମାନେ 'ସୁନାପିଲା'ର ସାର୍ଟିଫିକେଟ ଚାହିଁବେ ଏବଂ ପୁଣି ଆମକୁ ଥାକ ଥାକ ଡେଇଁ ଶେଷକୁ କୌଣସି ଏକ ଧୂଳିଆ ଢନ୍ଦା ପାଖରେ ପହଞ୍ଚିବାକୁ ହେବ ।

ସାମ୍ବାଦିକତା ପାଇଁ ୟୁରୋପୀୟ କମିଶନର ସମ୍ମାନାସ୍ପଦ 'ଲୋରେଞ୍ଜୋ ନାତାଲି ପୁରସ୍କାର' ବାହାରେ ଆଉ ଅଧିକ ବାରଟି ପୁରସ୍କାର ଓ ସମ୍ମାନ ଲାଭ କରିଥିବା ତଥା ବିଖ୍ୟାତ ପେଙ୍ଗୁଇନ୍ ବୁକ୍ସ୍ ଦ୍ୱାରା ପ୍ରକାଶିତ ପି. ସାଇନାଥଙ୍କ ବହୁଚର୍ଚ୍ଚିତ 'ଏଭ୍ରିବଡ଼ି ଲଭ୍ସ ଏ ଗୁଡ୍ ଡ୍ରଟ୍' ପୁସ୍ତକର ଅନୁବାଦ କାଳରେ ଓଡ଼ିଆ ପଲ୍ଲୀଗୀତିର ଉପରୋକ୍ତ କଥନିକାଟି ସ୍ୱତଃ ସ୍ମରଣକୁ ଆସିଲା । ଅତ୍ୟନ୍ତ କାବ୍ୟିକ, ମରମୀ, ଅନ୍ତର୍ଦୃଷ୍ଟ ସମ୍ପନ୍ନ ଆବେଦନ ଭିତ୍ତିରେ ବିଶିଷ୍ଟ ସାମ୍ବାଦିକ ସାଇନାଥ ପରଶିଛନ୍ତି ଦାରିଦ୍ର୍ୟ, କ୍ଷୁଧା, ବ୍ୟାଧି, ବିସ୍ଥାପନ, ଋଣଯନ୍ତା, ଜଳକଷ୍ଟ, ମରୁଡ଼ି ଓ ଶୋଷଣ, ଲୁଣ୍ଠନ ସହ ନିରତ ସଂଗ୍ରାମରତ, ପରାହତ, ଉପେକ୍ଷିତ ନିରନ୍ନ ମଣିଷମାନଙ୍କ ବିଦୀର୍ଣ୍ଣ ଜୀବନର ସଜଳ ଆଲେଖ୍ୟ । ଭାରତର ଚାରିଟି ଅତ୍ୟନ୍ତ ଅନଗ୍ରସର ରାଜ୍ୟ—ବିହାର, ମଧ୍ୟପ୍ରଦେଶ, ତାମିଲନାଡୁ ଏବଂ ଓଡ଼ିଶାର ଆହୁରି ହୀନିମାନ ଦରିଦ୍ରତମ ଆଠଟି ଜିଲ୍ଲାକୁ ବାରମ୍ବାର ଧାଇଁ ସେ ପେଶ୍ କରିଛନ୍ତି ଏସବୁ ସ୍ପର୍ଶକାତର, ରୋମାଞ୍ଚକର ରିପୋର୍ଟ । ସତରେ ରୋମାଞ୍ଚକର ଓ ମର୍ମଭେଦୀ; ନିଷ୍ଠୁରତମ ମଣିଷଟିର ହୃଦୟରେ ହତାଶା ଓ ଦୀର୍ଘଶ୍ୱାସର ଢେଉଟିଏ ଚହଲାଇ ଦେବ । କେଡ଼େ ଦୋରସ୍ତ ପହଁରାଳି ହେଲେ ଯାଇ ସେ ସମୁଦ୍ର ଅଭ୍ୟନ୍ତରକୁ ବୁଡ଼ ମାରି ଗର୍ଭରେ ମୁକ୍ତା ଧରିଥିବା ଶାମୁକା ମାନ ସାଉଁଟିପାରିବ, ସେ କଥା ଅଚିରେ ପ୍ରମାଣ କରୁଛନ୍ତି ସାଇନାଥଙ୍କ ନିଷ୍ଠାପର, ନିବିଡ଼, ନିର୍ଭୟ ଉପସ୍ଥାପନାଗୁଡ଼ିକ—ଏକ ଭିନ୍ନ ଅବବୋଧ, ଅନ୍ତର୍ଦୃଷ୍ଟି ଓ ଅନ୍ତରଙ୍ଗ ଆଙ୍ଗୀକରେ ସେସବୁ ହୋଇଉଠିଛି ବର୍ଣ୍ଣାଢ୍ୟ, ମଞ୍ଜୁଳ, ସୁରଭିତ । ସବୁଠିଁ ରହିଛି ଏକ ମାନବବାଦୀ ଦୃଷ୍ଟିଭଙ୍ଗୀ, ଅନ୍ୟ ମୁହଁରେ କଥାଗୁଡ଼ିକ ସେ କୁହାଇଛନ୍ତି । ସେଥିପାଇଁ ଉପଯୁକ୍ତ ଚରିତ୍ରର ଅନ୍ୱେଷା ସେ ରଖିଛନ୍ତି । ଅବିକଳ ବକ୍ତବ୍ୟକୁ ଅବିକୃତ ଶୈଳୀରେ ଉପସ୍ଥାପନା କରିଛନ୍ତି । ଶାଣିତ ଶ୍ଳେଷ ଓ ବ୍ୟଙ୍ଗ; ନାଟକୀୟ ଉପସ୍ଥାପନା ଶୈଳୀ, ସାବଲୀଳ ରସାଣିତ ଭାଷା ଓ ଭଙ୍ଗୀ ହେଉଛି ସାଇନାଥଙ୍କ ବୈଶିଷ୍ଟ୍ୟ । ଉପସ୍ଥାପନା ଶୈଳୀ ଏତେ ମାର୍ମିକ ଯେ, ଅନୁବାଦ କରୁ କରୁ ଏହା ଅନୁସୃଜନ ପାଲଟିଗଲା । ପ୍ରାୟ ପ୍ରତ୍ୟେକ ପରିଚ୍ଛେଦର ଆଦ୍ୟ ଓ ପ୍ରାନ୍ତରେ କିଛି ମରମୀ ବାକ୍ୟ ଯୋଡ଼ିଥିବା ବିଷୟ ଯେତେବେଳେ ବଂଧୁ ସାଇନାଥଙ୍କୁ ଜଣାଇଲି ସେ ବିସ୍ମିତ ହେଲେ ଅବଶ୍ୟ, ମାତ୍ର ଅସମ୍ମତ ହେଲେ ନାହିଁ । ତାହାହିଁ ବଂଧୁତ୍ୱର ଉଦାରତା । ସାଇନାଥ ବ୍ୟକ୍ତିତ୍ୱଟି ମଧ୍ୟ ସେହିପରି ଉଦାର, ଶ୍ରଦ୍ଧାଶୀଳ ଓ ସମ୍ବେଦୀ । ଓଡ଼ିଶାର ଦୁର୍ଗମ ପାର୍ବତ୍ୟାଞ୍ଚଳ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀରର ଅପହଞ୍ଚ, ଅଭ୍ୟନ୍ତର ଗ୍ରାମମାନଙ୍କରେ ବୁଲି ସେ ଯେପରି ଭିନ୍ନ ଦିଗନ୍ତ ଓ ଦର୍ଶନର

Digitized by srujanika@gmail.com

କାହାଣୀଗୁଡ଼ିକୁ ଅଭିବ୍ୟକ୍ତ କରିପାରିଛନ୍ତି; ତାହା ଅନନ୍ୟ ଓ ପ୍ରେରଣାପ୍ରଦ । ସାଇନାଥଙ୍କ ସମ୍ପର୍କରେ ଏହା କୌଣସି ଅତିଶୟୋକ୍ତି ନୁହେଁ । ପାଠକମାନେ ଏ ଉକ୍ତିର ମର୍ମ ସହଜରେ ଉପଲବ୍ଧି କରିପାରିବେ । ଏହି ପୁସ୍ତକରେ ଥିବା ୭୫ଟି ଆଲେଖ୍ୟରୁ ଓଡ଼ିଶା ପରିପ୍ରେକ୍ଷୀରେ ଥିବା ୨୦ଟି ଲାଗିଲା ଯେପରି ନିଜ ପ୍ରିୟଜନର ଶ୍ରଦ୍ଧାମୟ ସାନ୍ନିଧ ।

ସବୁଠାରୁ ମହତ୍ତର ଦିଗ ହେଲା ତେରଟି ପୁରସ୍କାର ଓ ପେଙ୍ଗୁଇନ୍ ପ୍ରକାଶନୀର ରୟାଲ୍‌ଟି ଅର୍ଥକୁ ଶ୍ରୀ ସାଇନାଥ ଏକ ମାନବବାଦୀ ଦିଗରେ ବିନିଯୋଗ କରିଛନ୍ତି । ସେ ଯେମିତି 'ଟାଇମ୍‌ସ ଅଫ୍ ଇଣ୍ଡିଆ'ର ଫେଲୋସିପ୍ ପାଇ ଏହି ପୁସ୍ତକ ପାଇଁ ଚାରିଟି ରାଜ୍ୟକୁ ସର୍ବେକ୍ଷଣରେ ବାହାରିଥିଲେ (ଏବଂ ତାଙ୍କ ରିପୋର୍ଟଗୁଡ଼ିକ ପ୍ରୋକ୍ତ ଇଂରାଜୀ ଦୈନିକରେ ପ୍ରକାଶ ପାଉଥିଲା); ସେହିପରି ପ୍ରାପ୍ତ ଅର୍ଥରେ ସେ ବହୁ ଦରିଦ୍ର ଦଳିତ ଯୁବକଙ୍କୁ ଫେଲୋସିପ୍ ଦେଇ ଅନୁସନ୍ଧାନମୂଳକ ସାମ୍ବାଦିକତା ପାଇଁ ପ୍ରୋତ୍ସାହିତ କରୁଛନ୍ତି । ଓଡ଼ିଶାର ଅନ୍ୟୂନ ୪ ଜଣ ଦଳିତ ଯୁବକ ଫେଲୋସିପ୍ ପାଉଥିବା କଥା ଏ ଲେଖକ ଜାଣେ । ଦଳିତ ସମସ୍ୟାବଳୀ ଉପରେ ସାଇନାଥଙ୍କ ସମ୍ବେଦନଶୀଳ ସନ୍ଦର୍ଭଗୁଡ଼ିକ – 'ଦି ହିନ୍ଦୁ'ରେ ପ୍ରକାଶିତ । ସଂପ୍ରତି ସେ ଦୃଷ୍ଟି ନିବଦ୍ଧ କରିଛନ୍ତି କୃଷକର ଦୁସ୍ଥିତି ଓ ଆତ୍ମହତ୍ୟା ସଂପର୍କିତ ଲେଖାରେ ଏବଂ ସେସବୁ 'ଦି ହିନ୍ଦୁ'ରେ ଧାରାବାହିକ ଭାବେ ସ୍ଥାନିତ ।

ପୁସ୍ତକର ଅନୁସୃଜନ କାର୍ଯ୍ୟ ପ୍ରାୟ ପାଞ୍ଚବର୍ଷ ତଳେ ସମାହିତ ହୋଇଥିଲେ ହେଁ ବିଭିନ୍ନ ପ୍ରକାର ପ୍ରାକୃତିକ ଓ ସାମାଜିକ ବିପର୍ଯ୍ୟୟ ଯୋଗୁଁ ଏହା ପ୍ରକାଶନର ଆଲୋକ ଦେଖିବାକୁ ବିଳମ୍ବ ହେଲା । ଅଧିକ ବିଡ଼ମ୍ବିତ କଲା ଯାନ୍ତ୍ରିକ ବିପର୍ଯ୍ୟୟ– ଅକ୍ଷର ସଜ୍ଜିକରଣ କରିଥିବା କମ୍ପ୍ୟୁଟର ସ୍ୱୟଂ ରୋଗଗ୍ରସ୍ତ ହୋଇ ଦୀର୍ଘକାଳ ଶଯ୍ୟାଶାୟୀ ଏବଂ ପରେ ମୃତ୍ୟୁ ଲଭିବାରୁ (ହାର୍ଡଡିସ୍କ ନଷ୍ଟ ହେବା) ପୁନଃ ସନ୍ତାନକୁ ଜରାୟୁରେ ଧାରଣ ପାଇଁ ନବ-କମ୍ପ୍ୟୁଟର-ବଧୂଟିର ପାଣିଗ୍ରହଣ କରାଇବାକୁ ପଡ଼ିଲା । ବଧୂହତ୍ୟା ଓ ନବବଧୂ ଆନୟନର ଝିନ୍‌ଝଟ ଭିତରେ ତଥାପି ନିଜ ପ୍ରକାଶନର ଜିଜୀବିଷାକୁ ବଳବତ୍ତର ରଖିଥିବା ପ୍ରକାଶକ ବଂଧୁ ଶ୍ରୀ ଜଗଦୀଶ ପ୍ରଧାନଙ୍କ ଉଦ୍ୟମକୁ କେବଳ ସାଧୁବାଦ ଜଣାଇଦେଲେ ଯଥେଷ୍ଟ ହେବନାହିଁ । ପୁସ୍ତକ ପାଠ କରିବା କାଳରେ ସୁଧି ପାଠକବୃନ୍ଦ ଅଚିରେ ପାଇବେ ଜଣେ ନୀତିନିଷ୍ଠ ସମାଜକର୍ମୀ ରୂପେ ଶ୍ରୀ ପ୍ରଧାନଙ୍କ ଅନ୍ତରଙ୍ଗ ପରିଚୟ । ପୁସ୍ତକର ଅନେକ ଅଧ୍ୟାୟରେ, ବିଶେଷ ଭାବେ ଓଡ଼ିଶା ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଛତ୍ରେ ଛତ୍ରେ ରହିଛନ୍ତି । ତାଙ୍କର ସାମାଜିକ ଅଙ୍ଗୀକାର, ଅନୁରକ୍ତି ଓ ଅନୁଶୀଳନ ସମ୍ପର୍କରେ ନିଜେ କିଛି କହିବା ଅପେକ୍ଷା ଅଧିକ ପ୍ରାସଙ୍ଗିକ ହେବ ତାଙ୍କ ସମ୍ପର୍କରେ ସ୍ୱୟଂ ଶ୍ରୀ ସାଇନାଥଙ୍କ ଉଚ୍ଚାରଣ । କୃତଜ୍ଞତା (Acknowledgement) ସ୍ତମ୍ଭରେ ଶ୍ରୀ ସାଇନାଥ ଉଲ୍ଲେଖ କରନ୍ତି : "Meeting Jagadish Pradhan

Digitized by srujanika@gmail.com

was one of the high points of the project. How much he added to my knowledge and perspective ! What I learned from him helped right through the rest of the project. No one knows the Kalahandi region better." ଓଡ଼ିଶାର ବିଜ୍ଞ ଓ ମରମୀ ପାଠକ ଗୋଷ୍ଠୀଙ୍କ ପାଇଁ ଏହାର ଅନୁବାଦର ଆବଶ୍ୟକତା ନାହିଁ ବୋଲି ଆମେ ଅନୁଭବ କରୁ ।

କୃତଜ୍ଞତା ଭଳି ଏକ ମାମୁଲି ଜ୍ଞାପନର ଢେର ଊର୍ଦ୍ଧ୍ୱରେ ରହିଛନ୍ତି ଆଉ ଜଣେ ଅନୁପମ ଓ ଅନୁରାଗୀ ବ୍ୟକ୍ତିତ୍ୱ; ଯିଏ ଲେଖିଛନ୍ତି ଏ ପୁସ୍ତକର ଭୂମିକା । ଜଣେ ଅନନ୍ୟ ସୃଜନଶୀଳ ଲେଖକ ଭାବେ ତାଙ୍କ ସୁଖ୍ୟାତି ଏତେ ଶିଖରକୁ ଯାଇଛି ଏବଂ ରୁଦ୍ଧଶ୍ୱାସୀ କର୍ମମୟ ଜୀବନରେ ସେ ଏତେ ଆକଣ୍ଠ ଭାବେ ବ୍ୟସ୍ତ, ଜଞ୍ଜାଳଗ୍ରସ୍ତ ଯେ, ତାଙ୍କଠାରୁ ଏହି ଅନୁଦିତ ଗ୍ରନ୍ଥ ପାଇଁ 'ଭୂମିକା'ଟିଏ ଲେଖାଇ ଆଣିବାର ସାହସ, ବରଂ ଆସ୍ପର୍ଦ୍ଧା ପ୍ରଥମେ ଏ ଲେଖକର ନଥିଲା । କିନ୍ତୁ ପ୍ରାୟ ବର୍ଷକ ତଳେ ପଣ୍ଡିଚେରୀ ଠାରେ ସେହି ମହାନୁଭବୀ ମଣିଷଙ୍କୁ ଭେଟି ପ୍ରଚୁର କୁଣ୍ଠା ସହ ଅନୁରୋଧଟି ଜଣାଇବାରୁ ସେ ତତ୍‌କ୍ଷଣାତ ଏତେ ସାବଲୀଳ ଆଗ୍ରହ ଦେଖାଇଲେ ଯେ, ତାହା ଥିଲା ମୋ ପାଇଁ ବିସ୍ମିତ ଓ ପୁଲକିତ ହେବାର ମୁହୂର୍ତ୍ତ । ସେଇ ପ୍ରଥିତଯଶା ଲେଖକ ଶ୍ରୀ ମନୋଜ ଦାସଙ୍କୁ ଓଡ଼ିଶାରେ ପ୍ରାୟ ସମସ୍ତେ ଜାଣନ୍ତି । ତାଙ୍କର ସମ୍ବେଦନଶୀଳ ବ୍ୟକ୍ତିତ୍ୱର ଯେଉଁ ପ୍ରଖର ଦିଗଟିକୁ ଓଡ଼ିଶାର ତରୁଣ ପିଢ଼ିର ପାଠକମାନେ ଜାଣନ୍ତିନାହିଁ, ତାହା ହେଲା ପ୍ରାୟ ୪୫ ବର୍ଷ ତଳେ (୧୯୬୩) ସେ ଓଡ଼ିଶା ଭୂଇଁ ଛାଡ଼ି ପଣ୍ଡିଚେରୀ ଆଶ୍ରମର ସାଧନାମୟ ଜୀବନକୁ ଆଦରିନେବା ପୂର୍ବରୁ ଥିଲେ ଜଣେ ସମର୍ପିତ, ସଂକଳ୍ପବଦ୍ଧ କମ୍ୟୁନିଷ୍ଟ ନେତା ତଥା ସଂଗଠକ । ନିରନ୍ନ ଦୁଃଖି ମଣିଷର ଆକୁଳତା, ବେଦନା ଓ ସଂଘର୍ଷମୟ ଜୀବନ ତାଙ୍କୁ ନିରତ ବ୍ୟଥିତ, ବିଦୀର୍ଣ୍ଣ କରୁଥିଲା ଯାହାର ମର୍ମଭେଦୀ ଚିତ୍ର ଆମେ ପାଉ କିଞ୍ଚିତ ରୂପରେ ତାଙ୍କର 'ଗୋଟିଏ ଚୋରୀର ବୃତ୍ତାନ୍ତ', 'ଲକ୍ଷ୍ମୀର ଅଭିସାର', 'ଆରଣ୍ୟକ' ଭଳି ବହୁ ମନ-ମନ୍ଥନକାରୀ ଗଳ୍ପଖଣ୍ଡମାନଙ୍କରୁ ଏବଂ ଅଧଃପତିତ ମଣିଷ ପାଇଁ ତାଙ୍କ ଅନ୍ତର୍ଦାହର ଅନୁଭବ ଅଚିରେ ମିଳେ ତାଙ୍କର ଏକାଧିକ ଉପନ୍ୟାସ ତଥା ସଂଖ୍ୟାଧିକ ସନ୍ଦର୍ଭମାନଙ୍କରୁ – ସେ ଅନୁଭବମାନ ଅତ୍ୟନ୍ତ ନିବିଡ଼ ଓ ସଂକ୍ରାମକ – ଚେତନାକୁ ଆବୋରି ପକାଏ, ଆଲୋମାଲୋ କରେ । 'ଭୂମିକା'ଟି ଲେଖିବା ପାଇଁ ମୂଳ ଇଂରାଜୀ ଗ୍ରନ୍ଥଟିକୁ ପଢ଼ି (ଯାହାକୁ ସେ ପୂର୍ବରୁ ବିକ୍ଷିପ୍ତ ଭାବେ 'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ପଢ଼ିଥିଲେ) ଏବଂ ଅନୁସୃଜନର ପୃଥୁଳ ଦସ୍ତାବିଜ୍ ଉପରେ ଶ୍ରଦ୍ଧାଶୀଳ ଦୃଷ୍ଟି ବୁଲାଇଆଣି ସେ ଯେ କେତେ ବିପୁଳ ସମୟ ଏ ଅକିଞ୍ଚନ ପାଇଁ ବ୍ୟୟ କରିଛନ୍ତି ଏବଂ ପ୍ରତିଶ୍ରୁତ ସମୟର ଯଥେଷ୍ଟ ପୂର୍ବରୁ 'ଭୂମିକା' ଲେଖି ପଠାଇ ପାରିଛନ୍ତି – ସେଥିପାଇଁ ଯେତେ କୃତଜ୍ଞତା ଜଣାଇଲେ ବି ତାହା ତୁଚ୍ଛ, ଅକୁଳାଣ ଲାଗିବ । ତାଙ୍କର ଅକୃପଣ ଓ ଅନ୍ତରଙ୍ଗ

Digitized by srujanika@gmail.com

'ଭୂମିକା' ଦ୍ୱାରା ସେ କେବଳ ଏହି ଅନୁଦିତ ପୁସ୍ତକର ମୂଲ୍ୟକୁ ବଢ଼ାଇ ଦେଇନାହାନ୍ତି, ଏହାର ଲେଖକ, ପ୍ରକାଶକ ତଥା ଅନୁବାଦକକୁ କରିଛନ୍ତି ଧନ୍ୟ ଓ ଗୌରବାନ୍ୱିତ ।

ଆଉ କେତେକଙ୍କୁ କୃତଜ୍ଞତା ନଜଣାଇଲେ ଅପରାଧୀ ପରି ମନେହେବ । ସେମାନେ ହେଲେ ଏ ପୁସ୍ତକର ବିତରକ ଦାୟିତ୍ୱ ନିର୍ବାହ ନିମନ୍ତେ ସ୍ୱୀକୃତି ଦେଇଥିବା କଟକ-ବାଲୁବଜାରର ଅଗ୍ରଣୀ ପ୍ରକାଶକଗଣ : ଗ୍ରନ୍ଥମନ୍ଦିର, ଫ୍ରେଣ୍ଡସ୍ ପବ୍ଲିଶର୍ସ ଏବଂ ବିଦ୍ୟାପୁରୀ କର୍ତ୍ତୃପକ୍ଷ । ଏପରିକି ଶେଷୋକ୍ତ 'ବିଦ୍ୟାପୁରୀ'ର ମାଲିକ ଅଗ୍ରଜ ପ୍ରତିମ ବଂଧୁ ଶ୍ରୀ ପିତାମ୍ବର ମିଶ୍ର କେବଳ ବିତରକ ରହିବାକୁ ସମ୍ମତି ଦେଲେନାହିଁ, ସମଗ୍ର ପୁସ୍ତକର ମୁଦ୍ରଣ, ଅନୁସୃଜନ ପାଇଁ ହୋଇଥିବା ବ୍ୟୟଭାର ଭରଣା କରି ନିଜେ ଏହାର ପ୍ରକାଶନ ଦାୟିତ୍ୱ ନେବାକୁ ସଶ୍ରଦ୍ଧ ଆଗେଇ ଆସିଲେ । ମାତ୍ର ଆମ ନିଜର କେତେକ ଅସୁବିଧା ପାଇଁ ଆମେ ତାଙ୍କୁ ସେ ସୁଯୋଗ ଦେଇ ନପାରି କ୍ଷମାପ୍ରାର୍ଥୀ । କିନ୍ତୁ ପ୍ରାୟ ୫୦୦ ପୃଷ୍ଠାର ଏକ ପୃଥୁଳ ଗ୍ରନ୍ଥକୁ ଛାପିବାର ଯେଉଁ ଦୁର୍ଲଭ ଆଗ୍ରହ ସେ ଦେଖାଇଲେ, ସେ ଦିଗରେ କୃତଜ୍ଞତା ଜଣାଇବାକୁ ଅନ୍ତତଃ ଏ ଲେଖକ ଭାଷା ପାଉନାହିଁ । ମାର୍ମିକ କୃତଜ୍ଞତାର ଅନ୍ୟ ଦୁଇ ଅସାଧାରଣ ଭାଗୀଦାର ହେଲେ—ତନ୍ନ ତନ୍ନ କରି ଅକ୍ଷର ସଜାଇଥିବା ଶ୍ରୀ ଆଶିଷ ରଂଜନ ମହାପାତ୍ର ଏବଂ ପ୍ରଚ୍ଛଦପଟ ଆଙ୍କିଥିବା ଶିଳ୍ପୀ ଅନୁଜ ପ୍ରତିମ ବଂଧୁ ଶ୍ରୀ ରମାକାନ୍ତ ସାମନ୍ତରାୟ ।

ବଜାରୀକରଣ ଓ ବସ୍ତୁସର୍ବସ୍ୱ ସଭ୍ୟତା (ଏହା ସଭ୍ୟତା କି !)ର ଯେଉଁ ଯୁଗରେ ଆମେ ବଞ୍ଚୁଛେ ଏବଂ ଗୋଟିଏ ପଟରେ ଭୋଗବାଦର ବନ୍ୟା ପ୍ଲାବନ ଛୁଟୁଛି ଓ ଅନ୍ୟପଟରେ ମାଟି କାମୁଡ଼ି ପଡ଼ିରହିଛନ୍ତି ଲକ୍ଷ ନିୟୁତ ନିଃସ୍ୱ ନିରନ୍ନ ମଣିଷ—ଏହି ଦୁଇ ଭିନ୍ନ ଜୀବନ-ପ୍ରବାହର ବାସ୍ତବତା ଜଡ଼ସଡ଼ ଚିତ୍ର ଓ ଚରିତ୍ରମାନଙ୍କୁ ଆମର ମରମୀ ପାଠକ ଶ୍ରେଣୀ ବାରମ୍ବାର ଭେଟିବେ; ଟେଲିଭିଜନ ପର୍ଦ୍ଦାକୁ ଆସୁନଥିବା ଆମ ଜନସଂଖ୍ୟାର ଅଶି ଭାଗ ମଣିଷଙ୍କ ଅବ୍ୟକ୍ତ ହୁତାଶନ ଓ ନର୍କାୟିତ ଜୀବନଧାରାର ଦୀର୍ଘଶ୍ୱାସର ତତଲା ବାମ୍ଫକୁ ନିଜ ମୁହଁ ଉପରେ ଅନୁଭବୀ ପାରିବେ ଏବଂ ସେମାନଙ୍କ ଲୀଳାୟିତ, ଲାଳିତ୍ୟମୟ ଜୀବନ ବାହାରେ ଏଡ଼େବଡ଼ ଫମ୍ପା ପୃଥିବୀଟାଏ ଯେ ରହିଛି ତାହା ଉପଲବ୍ଧ୍ କରି ପାରିବେ ତଥା ଆଗାମୀ ସମୟ ପାଇଁ ନିଜର ଅଙ୍ଗୀକାରମାନ ସଞ୍ଚିବେ—ଏତକ ପ୍ରତ୍ୟାଶା ପୋଷଣ କରାଯାଇପାରେ । ସେତକ ହୋଇପାରିଲେ ଆମେ ଏକ ନୂଆ ସୂର୍ଯ୍ୟୋଦୟ ପାଇଁ ଆମ ସମାଜକୁ ପ୍ରସ୍ତୁତ କରୁଛେ ବୋଲି ବୁଝିବାକୁ ହେବ ।

ମହା ଶିବରାତ୍ରି, ୨୦୦୭

(ଅଭୟ ସିଂହ)

Digitized by srujanika@gmail.com

Digitized by srujanika@gmail.com

ଅଧ୍ୟାୟ : ପ୍ରଥମ

ଏହି ଏକମାତ୍ର ନମୂନା : ପ୍ରଖ୍ୟାତ ଖରିଆର ଷଣ୍ଢ । ‘ଜାଗୃତ ଶ୍ରମିକ ସଂଗଠନ’ ପକ୍ଷରୁ ଖରିଆର
ଷଣ୍ଢର ପୁନଃ ସଂସ୍ଥାପନ ପାଇଁ ଏହାର ସଦସ୍ୟମାନଙ୍କ ଅନ୍ତରଙ୍ଗ ଉଦ୍ୟମ ରହିଛି ଅବ୍ୟାହତ

ଉଭଟତାର କିଞ୍ଚିତ୍ ଉପୋଦ୍‌ଘାତ

Digitized by srujanika@gmail.com

୧. ସାର୍ବଜନୀନ ଖାସୁ ପର୍ବ ୧୯

୨. ମାର୍ଗହୀନ ସଡ଼କରେ ନିଶୂନ୍ ପଥିକ ୨୬

୩. ସଂଜ୍ଞାର ଚମକ ବଣରେ ଉଚ୍ଛନ୍ନ ଆଦିବାସୀ ୩୨

❋ ❋ ❋

Digitized by srujanika@gmail.com

ସାର୍ବଜନୀନ ଖାସୁପର୍ବ

ନୂଆପଡ଼ା (ଓଡ଼ିଶା) : ମଙ୍ଗଳ ସୁନାନି ଦେହରେ ଖେଳିଗଲା ପୁଲକ । ଏତେ ଦିନକେ ସରକାର ତାକୁ ଦେଉଛନ୍ତି ଏକ କୁହୁକ ଗାଈ, ସେ ଦୂର କରିଦେବ ତା'ର ଉତ୍କଟ ଦାରିଦ୍ର୍ୟ । ସୁଦୂର ପୁନେ ଓ ଅନ୍ୟାନ୍ୟ ଦୁର୍ଗମ ସ୍ଥାନରୁ ଆନିତ ଜର୍ସି ଷଣ୍ଢର ବୀର୍ଯ୍ୟରେ ଗାଈଟି ହେବ ଗର୍ଭବତୀ । ଗାଈଟି ତ ଦେବ ପ୍ରଚୁର କ୍ଷୀର, ତା' ସହିତ ପ୍ରତିବର୍ଷ ପ୍ରସବ କରି ଚାଲିବ ଆହୁରି ଦୁଧିଆଳୀ ଗାଈ ଓ ସମର୍ଥ ଷଣ୍ଢ । ସୁନାନିର ଦାରିଦ୍ର୍ୟ ଓ କଷଣର ଅନ୍ଧାରୀ ଆକାଶରେ ଉଇଁ ଆସୁଥିଲା ସ୍ୱପ୍ନ ଓ ସମ୍ଭାବନାର ସୂର୍ଯ୍ୟ ।

ଏ ସ୍ୱପ୍ନର ଅରୁଣିମା ଅଧିକ ରଙ୍ଗୀନ ହୋଇଉଠିଲା ଯେତେବେଳେ ସରକାର ତାକୁ ସତକୁ ସତ ଗୋଟିଏ ଏକର ଜମି ମାଗଣାରେ ଦେଲେ । ଉଲ୍‌ଭା ଗାଁ'ର ଏହି ନିଃସ୍ୱ ହରିଜନ ସୁନାନିର ଛାତିରେ ଖେଳିଗଲା କୃତଜ୍ଞତାର ଅସୁମାରୀ ଲହରୀ । ଏହି ଏକରେ ଜମିରେ ସେ ଚାଷ କରିବ ସବୁଜ ଗୋଖାଦ୍ୟ ସୁବାବୁଲ୍ ଗଛ, ନିକଟ ଭବିଷ୍ୟତରେ ତା' ହାତ ପାଆନ୍ତାକୁ ଆସୁଥିବା 'କାମଧେନୁ'ର ପରିପୁଷ୍ଟି ପାଇଁ ସେତକ ହିଁ ସାଧନ । କେବଳ ସୁନାନି ନୁହେଁ; ତା' ଗାଁ'ରେ ଏମିତି ଚିହ୍ନଟ ହୋଇଥିଲେ ୩୮ ଜଣ ହିତାଧିକାରୀ ଏବଂ ଚିର ମରୁଡ଼ି ପ୍ରପୀଡ଼ିତ କୋମନା ବ୍ଲକ୍‌ରେ ଥିଲେ ଏମିତି ହଜାରେ ମଣିଷ । ପାଣି ସିନା ମିଳୁନି, ହେଲେ ଦୁଗ୍ଧ ବନ୍ୟାରେ ସାରା ଅଞ୍ଚଳ ପ୍ଲାବିତ ହେବ । ଦୁଃଖ ଉଭେଇ ଯିବ, ଦାରିଦ୍ର୍ୟ ଲିଭିଯିବ । ଚମତ୍କାର ଯାଦୁକରୀ ସରକାରୀ ଯୋଜନା ।

ପୁଲକ କ୍ରମେ ରୋମାଞ୍ଚରେ ପରିଣତ ହେଲା, ଯେତେବେଳେ ଏହି ନିଃସ୍ୱ ହିତାଧିକାରୀମାନେ ଜାଣିବାକୁ ପାଇଲେ ଯେ, ସେମାନଙ୍କୁ ମିଳୁଥିବା ମାଗଣା ଜମିରେ ଗଛ ଲଗାଇବା କାମ ମାଗଣା ନୁହେଁ–ଏଥିପାଇଁ ସରକାର ସର୍ବନିମ୍ନ ମଜୁରୀ ମଧ ଦେବେ । ୧୯୭୮ରେ ପ୍ରବର୍ତ୍ତିତ ଏହି ଯୋଜନାର ନାମ ଥିଲା 'ସମନ୍ୱିତ' । 'ଅଶୀ ଦଶକର ପ୍ରାରମ୍ଭରେ ପୂରା ଦମ୍‌ରେ କାମ ଆରମ୍ଭ ହୋଇଗଲା । ପ୍ରତ୍ୟେକେ ପରମ ଉତ୍ସାହରେ କାମରେ ଲାଗିଗଲେ' –କହନ୍ତି ପଶ୍ଚିମ ଓଡ଼ିଶା କୃଷିଜୀବୀ ସଂଘର ଜଗଦୀଶ ପ୍ରଧାନ ।

'ପାଞ୍ଚଟି ସଂସ୍ଥା ଏଥିରେ ସଂପୃକ୍ତ ହେଲେ'- କହନ୍ତି ଶ୍ରୀ ପ୍ରଧାନ । ଦେଶର ଅଗ୍ରଣୀ ଶିଳ୍ପସଂସ୍ଥା ମଫତ୍‌ଲାଲ ପକ୍ଷରୁ ପ୍ରତିଷ୍ଠିତ 'ଭାରତୀୟ କୃଷି ଶିଳ୍ପ ସଂସ୍ଥାନ' (BAIF) ହେଉଛି ତନ୍ମଧ୍ୟରୁ ଏକତମ । ଏହା ସହିତ ଥିଲା ଏହି ଶିଳ୍ପ ସଂସ୍ଥାର ଅନ୍ୟତମ ସ୍ୱେଚ୍ଛାସେବୀ ସଂଗଠନ 'ସଦ୍‌ଗୁରୁ ସେବା ଟ୍ରଷ୍ଟ' । ଦୃଶ୍ୟ ଉପରକୁ ଆଗେଇ ଆସିଥିଲେ

Digitized by srujanika@gmail.com

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ । ଆହୁରି ଚରିତ୍ର ଅଭିନୟରେ ଥିଲେ ଓଡ଼ିଶା ସରକାରଙ୍କ ପଶୁପାଳନ ଓ ରାଜସ୍ୱ ବିଭାଗ । ରଙ୍ଗମଞ୍ଚ ଥିଲା ମୁଖ୍ୟତଃ ନୂଆପଡ଼ା ଜିଲ୍ଲା—ପୂର୍ବତନ କଳାହାଣ୍ଡିରୁ ବିଭକ୍ତ ହୋଇ ସଂପ୍ରତି ଏକ ନୂତନ ଜିଲ୍ଲା ।

ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ସମସ୍ତ କର୍ମକର୍ତ୍ତା ନିଜର ଅଭିଳକ୍ଷିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଥିଲେ ପୂରା ଅଙ୍ଗୀକାରବଦ୍ଧ । ଅଧିକ ଉନ୍ନତ ଦୁଧିଆଳୀ ଓ ନୂଆ ଧରଣର ଗୋସଂପଦ ସୃଷ୍ଟି ଥିଲା ଏହାର ଲକ୍ଷ୍ୟ । ସୁତରାଂ କୌଣସି ପ୍ରକାରେ ସାମାନ୍ୟତମ ଅଶୁଦ୍ଧତାକୁ ପ୍ରଶ୍ରୟ ଦିଆଯିବ ନାହିଁ । ତେବେ କିପରି ଜାଣିହେବ ଯେ, ହିତାଧିକାରୀଙ୍କୁ ପ୍ରଦତ୍ତ ସମସ୍ତ ଗାଈଙ୍କୁ ଗର୍ଭବତୀ କରାଇଛି ବିଦେଶାଗତ, ବଳିଷ୍ଠ ଜର୍ସି ଷଣ୍ଢର ବୀର୍ଯ୍ୟ ?

ପ୍ରକଳ୍ପରେ ସଂପୃକ୍ତ ସମସ୍ତ ମହାମାନ୍ୟଙ୍କୁ ଏହି ଚିନ୍ତାଟି ବିଶେଷ ଭାବେ ଘାରିଲା । ଯଦି ଏଥିମଧ୍ୟରୁ କୌଣସି ଗାଈର ଅଶୁଦ୍ଧ ଦେଶୀ ଷଣ୍ଢ ଦ୍ୱାରା ପ୍ରଜନନ ହୁଏ ? ତେବେ ତ କଥା ସରିଲା । ଭବିଷ୍ୟତ ଗୋସଂପଦର ସଂପୂର୍ଣ୍ଣ ଶୁଦ୍ଧତା ଓ ଅଭିନବତ୍ୱ ପାଇଁ ଦେଶୀ ଷଣ୍ଢ ପକ୍ଷରୁ ସେମାନଙ୍କର ମାତୃତ୍ୱ ଲାଭକୁ ପୂର୍ଣ୍ଣମାତ୍ରାରେ ପ୍ରତିହତ କରାଯିବ ବୋଲି ମହାମାନ୍ୟ କର୍ମକର୍ତ୍ତାଗଣ ନିଷ୍ପତ୍ତି ନେଲେ । ସୁତରାଂ ଚାଲିଲା ସ୍ଥାନୀୟ ଦେଶୀ ଷଣ୍ଢମାନଙ୍କର ଖାସୁ-ପର୍ବ । ସ୍ଥାନୀୟ କୋମନା ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ଯୋଷୀ କହନ୍ତି—"ଖରିଆର, କୋମନା ଓ ଖରିଆର ରୋଡ୍ ଅଞ୍ଚଳରେ ଯେତେ ଦେଶୀ ଷଣ୍ଢ ଓ ବୁଲା ଷଣ୍ଢ ଥିଲେ ସମସ୍ତଙ୍କୁ ଆଖିବୁଜା ଖାସୁ କରି ଦିଆଗଲା, ତା'ପରେ ଜର୍ସି ଷଣ୍ଢର ସିମେନ୍‌ରେ ହିତାଧିକାରୀଙ୍କ ସମସ୍ତ ଗାଈ ପ୍ରାପ୍ତ ହେଲେ କୃତ୍ରିମ ପ୍ରଜନନର ସୁବିଧା ।"

'ଦୁଇକୋଟି ଟଙ୍କା ବ୍ୟୟ ଏବଂ ଦୁଇବର୍ଷ ପରେ'—କହନ୍ତି ଜଗଦୀଶ ପ୍ରଧାନ, 'ସମଗ୍ର ଅଞ୍ଚଳରେ ଜନ୍ମନେଲେ ଗଣିଗଣିକି ଆଠଟି ଦୋମିଶା (ଶଙ୍କର) ବାଛୁରୀ । ଗୋଟିଏ ଲିଟରରୁ ଅଧିକା କ୍ଷୀର ଉତ୍ପାଦିତ ହେଲାନାହିଁ କି ହଜାର ହଜାର ସଂଖ୍ୟାରେ ରୋପିତ ସୁବାବୁଲ୍ ଗଛରୁ ଗୋଟିଏ ବି ବଞ୍ଚିଲା ନାହିଁ ।"

ଦଶବର୍ଷ ପରେ ଫଳାଫଳ ଥିଲା ଅଧିକ ରୁକ୍ଷ, କଠୋର—ସମଗ୍ର କୋମନା ବ୍ଲକର ଗାଁ ପରେ ଗାଁ—ଏମିତି ସାରା ଗ୍ରାମାଞ୍ଚଳରେ ଗୋଟିଏ ବି ବୁଲା ଦେଶୀ ଷଣ୍ଢ ଦେଖିବାକୁ ମିଳିଲା ନାହିଁ । ଖାସୁ-ପର୍ବର ପ୍ରବଳ ଉଦ୍ଦୀପନା ମଧ୍ୟରେ ଅବଲୁପ୍ତ ହୋଇଯାଇଥିଲା ପ୍ରଖ୍ୟାତ ଖରିଆର ଷଣ୍ଢ ।

ଉଲ୍‌ଭା ଗାଁର ଫୁଦ୍‌କୁ ତାଣ୍ଡି କହିଲେ—ଏବେ ତାଙ୍କ ଗାଁରେ ଗୋଟିଏ ବି ଷଣ୍ଢ ଆଉ ନାହିଁ । 'ସମନ୍ୱିତା' ପ୍ରକଳ୍ପର ସେ ଥିଲେ ଅନ୍ୟତମ ଗୌରବାବହ ହିତାଧିକାରୀ ।

Digitized by srujanika@gmail.com

ତାଙ୍କ ଭାଷାରେ–‘‘ଆଠଟି ବାଛୁରୀ ଜନ୍ମ ନେଲେ, ସବୁଗୁଡ଼ାକ ଗେମଣା, କୌଣସି ପାଇଁ ଯୋଗ୍ୟ ନୁହଁନ୍ତି । ସେଥିରୁ କିଛି ମରିଗଲେ, ଅନ୍ୟସବୁକୁ ବିକ୍ରି କରିଦିଆଗଲା । ଛଟାଙ୍କିଏ କ୍ଷୀର ବି ସେମାନଙ୍କ ଠୁଁ ମିଳିଲା ନାହିଁ ।’’

ଆଉଜଣେ ହିତାଧିକାରୀ ଶ୍ୟାମଳ କୁଳଦୀପ କହନ୍ତି, ‘‘ମୁଁ ଓ ମୋ ସ୍ତ୍ରୀ ଚେଷ୍ଟା ଚଳାଇ ଛଅଟି ଶଙ୍କର ବାଛୁରୀ ଜନ୍ମ କରାଇଲୁ, ଗୋଟିଏ ଦିନରେ ଚାରିଟା ମରିଗଲେ । ଶେଷକୁ ଗୋଟିଏ ବି ବଞ୍ଚିଲା ନାହିଁ ।’’

‘‘ଆମେ ଯେତେବେଳେ ସେମାନଙ୍କୁ ଏଇ ସମସ୍ୟା ବିଷୟରେ କହିଲୁ, ସେମାନେ କହିଲେ ପୁଣି ସେମାନେ ଅଧିକା ଇଂଜେକ୍‌ସନ୍ ଦେବେ । ନିଶ୍ଚେ ଦିନେ ନା ଦିନେ ବାଛୁରୀ ଜନ୍ମିବ ।’’ –ନିରୀହ ଭାବେ ଜଣାଇଲେ ଚମରୁ ନିୟାଲ୍ । ଗ୍ରାମବାସୀଙ୍କର ପ୍ରାରମ୍ଭିକ ଉତ୍ସୁକତାର ହେତୁ ଥିଲା ପ୍ରକଳ୍ପ ଦ୍ୱାରା ସୃଷ୍ଟି ହେଉଥିବା ଶ୍ରମ-ନିଯୁକ୍ତି । ‘ଯିଏ ଆମ ହାତକୁ କାମ ଯୋଗେଇଲା, ଆମ ପେଟକୁ ଦାନା ଦେଲା ସିଏ ଆମ ପାଇଁ ଭଗବାନ ।’ –କହିଲେ ଫୁଦ୍‌କୁ ତାଣ୍ଡି । ତାଙ୍କ ସ୍ମୃତି ପହଁରିଗଲା ଅତୀତକୁ– ‘ଦିନେ ଭୁବନେଶ୍ୱରରୁ ଜଣେ ବଡ଼ବାବୁ ଆସି ପହଞ୍ଚିଲେ । ସେ କହିଲେ ଆମେ କାମ ପାଇବୁ, ଆମକୁ ଦିଆଯାଇଥିବା ଜମିରେ ସୁବାବୁଲ୍ ଗଛ ଲଗାଇଲେ ଚାଉଳ, ଗହମ ମିଳିବ । ପ୍ରଥମେ ତ ଭାରି ଛନଛନିଆ ହୋଇ ଗଛ ବଢ଼ିଲା । ତାପରେ ସେମାନେ କହିଲେ ଗଛକୁ ତଳୁ କାଟି ଗୋଖାଦ୍ୟ କର, ପୁଣି କଅଁଳିବ । ଆମେ ସେମିତି କଲୁ । ହେଲେ ଆଉ ଗଛ କଅଁଳିଲା ନାହିଁ ।’ (ଜଗଦୀଶ ପ୍ରଧାନଙ୍କ ଭଳି ବିଶେଷଜ୍ଞମାନେ କହନ୍ତି ଯେ, ଏ ଅଞ୍ଚଳର ମାଟି ପାଇଁ ସୁବାବୁଲ୍ ସଂପୂର୍ଣ୍ଣ ଅନୁପଯୁକ୍ତ) ।

ଗ୍ରାମବାସୀଙ୍କୁ ଯାହା ବ୍ୟଥିତ କରୁଛି ତାହାହେଲା ନିଯୁକ୍ତି ସୁଯୋଗର ଅପମୃତ୍ୟୁ । ମଙ୍ଗଳ ସୁନାନି କହନ୍ତି, ‘ମିଳିଥିବା ଜମି ପୁଣି ଫେରିଗଲା ସରକାର ପାଖକୁ । ଦିନେ ଜଣେ ତହସିଲ ଅଫିସର ଆସି ଜମିରୁ ହଟି ଯିବାକୁ କହିଲେ । ଏବେ ଅଠତିରିଶ ଏକର ଜମି ସେମିତି ପଡ଼ିଆ ପଡ଼ିଛି ।’ ସମଗ୍ର ଅଞ୍ଚଳର ଅନ୍ୟାନ୍ୟ ହିତାଧିକାରୀଙ୍କ ଭାଗ୍ୟରେ ଅନୁରୂପ ଘଟିଛି । ଭାଗ୍ୟ ସୂର୍ଯ୍ୟ ଉଇଁବା ଆଗରୁ ମେଘ ଢାଙ୍କି ଦେଲା । ଶ୍ରମ-ନିଯୁକ୍ତିର ଭଗବାନ ଶୈଶବରୁ ମରିଗଲେ ।

ବିପର୍ଯ୍ୟୟର କଳାଛାଇ ଯୋଜନ ଯୋଜନ ବ୍ୟାପିଯାଇଛି । ସମଗ୍ର କଳାହାଣ୍ଡି ଅଞ୍ଚଳରେ ପାରମ୍ପରିକ ଭାବେ ଲୋକମାନେ ପଲ ପଲ ଗାଈ ରଖନ୍ତି । ସମଗ୍ର ଭାରତ ଏବଂ ଓଡ଼ିଶାରେ କଳାହାଣ୍ଡିର ଗୋସଂପଦ ହେଉଛି ସର୍ବାଧିକ । ଜଳକଷ୍ଟ ଓ ଡିରୋଟ ବର୍ଷମାନଙ୍କରେ ଦୁଇ ତିନୋଟି ଗାଈ ବିକ୍ରି କରି ଲୋକମାନେ ଫସଲ ହାନୀର କଷ୍ଟକୁ

Digitized by srujanika@gmail.com

ଭରଣା କରିନିଅନ୍ତି । ଏଇଟି ହିଁ ଥିଲା ସେମାନଙ୍କର ଏକମାତ୍ର କ୍ଷତିପୂରଣ ବୀମା । ଖରିଆର ଷଣ୍ଢର ବଂଶଲୋପ ହିଁ ଶେଷକୁ ସେମାନଙ୍କ ବିପନ୍ନ ଅର୍ଥନୀତିକୁ କରି ପକାଇଲା ଅଧିକ ବିପର୍ଯ୍ୟସ୍ତ ଓ ବିକଳ ।

ଇତ୍ୟବସରରେ ଖରିଆରର ସବୁ ଷଣ୍ଢ ପାଳଟି ସାରିଥିଲେ ବଳଦ । ୧୯୮୦ରେ ଏହି ନିର୍ବୋଧ ପ୍ରକଳ୍ପର ପୂର୍ଣ୍ଣ ପ୍ରସ୍ଫୁଟନ ପୂର୍ବରୁ କଳାହାଣ୍ଡି ଜିଲ୍ଲା ଗେଜେଟିଅର୍‌ରେ ଲିପିବଦ୍ଧ ଥିଲା ଏହି ଷଣ୍ଢର ସୁଖ୍ୟାତି । ''ଯଦି ସୂଚାରୁରୂପେ ନିର୍ବାହ କରାଯାଏ, ତେବେ ଏହି ଖରିଆର ଜାତିଆ ଗାଈ ଦୈନିକ ୪ରୁ ୫ ଲିଟର ପର୍ଯ୍ୟନ୍ତ କ୍ଷୀର ଦେବାକୁ ସମର୍ଥ । ଭାରତୀୟ କୃଷି ଗବେଷଣା ପରିଷଦ ପକ୍ଷରୁ ଗବେଷଣା ପାଇଁ ଏହି ଜାତିର ଗାଈ ନିର୍ବାଚିତ ।''

ସ୍ଥାନୀୟ ଲୋକେ ବିସ୍ମିତ ଯେ ଏଡ଼େ ସୁଖ୍ୟାତି ଥିବା ଖରିଆର ଷଣ୍ଢ କିପରି ଉଭେଇ ଗଲା ! ଆଜିକାଲିର ଗାଈ ବଳଦ ଗୁଡ଼ିକ ଏତେ ଗେମଣା, ଗୁଣ୍ଡୁଣି ହେଉଥିବାରୁ ସେମାନେ ଗୋଲକଧନ୍ଦାରେ ପଡ଼ିଛନ୍ତି । ଆଗଭଳି ଗୋରୁଗାଈଙ୍କ ସଂଖ୍ୟା ମଧ୍ୟ ବଢୁନି । ଗୁଣାତ୍ମକ ଉତ୍କର୍ଷତା ମଧ୍ୟ ଶୋଚନୀୟ ଓ ସୁପରାହତ ।

''ମୋର ପାଞ୍ଚଟି ଗାଈ ଅଛନ୍ତି, ତଥାପି ମୋତେ ବଜାରରୁ ଦୈନିକ କ୍ଷୀର କିଣିବାକୁ ପଡ଼େ'' –ଅର୍ଥପୂର୍ଣ୍ଣ ହସ ହସି କହନ୍ତି ବିଶ୍ୱମ୍ଭର ଯୋଷୀ, ''ମୋର ଆଶଙ୍କା ଯେ ସମଗ୍ର ବ୍ଲକ୍‌ରେ ଏବେ ଗୋଟିଏ ବୋଲି ଉତ୍କୃଷ୍ଟ ଷଣ୍ଢ ଅଛି କି ନାହିଁ । ଦିନକୁ ବେଳାଏ ଦୁହିଁଲେ ବଳକା ପଡୁଥିବା ଘରମାନଙ୍କରେ ଏବେ ବଜାରରୁ ଗୋରସ କିଣାଯାଉଛି ।'' କୋମନା, ଖରିଆର ଅଞ୍ଚଳରେ ୧୯୭୭-୭୮ ମସିହାରେ ବିଶୁଦ୍ଧ ଗୁଆଘିଅ ଦର ଥିଲା ଡାଲଡା ଠାରୁ ଶସ୍ତା । ଘିଅ କି.ଗ୍ରା.ର ମୂଲ୍ୟ ୭ ଟଙ୍କା ବେଳେ ଡାଲଡା ଦର ଥିଲା ୯ ଟଙ୍କା ।

'ଖରିଆର ଷଣ୍ଢ ପ୍ରାୟତଃ ଅବଲୁପ୍ତ' –ସ୍ୱୀକାର କରନ୍ତି ଖରିଆର ରୋଡ୍‌ର ପଶୁଚିକିତ୍ସାଧିକାରୀ ଡଃ ମହେଶ୍ୱର ଶତପଥୀ, ''କଳାହାଣ୍ଡି ଜିଲ୍ଲା ବାହାରେ ହୁଏତ ଏଭଳି ଷଣ୍ଢ ମିଳୁଥାଇପାରେ । ମାତ୍ର ସାମଗ୍ରିକ ଭାବେ କଳାହାଣ୍ଡି ଗୋସଂପଦର ଗୁଣାତ୍ମକମାନ ନିଶ୍ଚିତ ଭାବେ ହ୍ରାସ ପାଇଛି ।'' ଏହା ପୂର୍ବରୁ ବର୍ଷ ବର୍ଷ ଧରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଲୋକମାନେ ଖରିଆର-ଷଣ୍ଢ କିଣିବାକୁ ଆସୁଥିଲେ । ସମଗ୍ର ରାଜ୍ୟରେ ସେ ଜାତିଆ ଷଣ୍ଢର ସୁଖ୍ୟାତି ଥିଲା ଏବଂ ସେଥିରୁ ଜନ୍ମ ନେଉଥିଲେ ଉନ୍ନତ ଧରଣର ଗୋସଂପଦ । ଏବେ ସେତକ ଚାଲିଗଲା ।

ଏହି କ୍ଷତିର ପରିପୂରଣ ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିଛି 'ପଶ୍ଚିମ ଓଡ଼ିଶା

Digitized by srujanika@gmail.com

କୃଷିଜୀବୀ ସଂଘ' । ସେମାନଙ୍କର ଏକ ଆକଳନ ଅନୁଯାୟୀ କେବଳ କୋମନା ବ୍ଲକ୍‌ରେ ଗୋସଂପଦର ବାର୍ଷିକ କ୍ଷତି ପ୍ରାୟ ୩୦ ଲକ୍ଷ ଟଙ୍କା । ଏ ଧାରା ଗତ ବାର କି ପନ୍ଦର ବର୍ଷ ହେଲା ଚାଲିଛି । ବିଶ୍ୱମ୍ବର ଯୋଷୀଙ୍କ ବିଶ୍ୱାସ ଅନୁଯାୟୀ ଗୋସଂପଦର ଏହି ଅବନତି ସଂପୃକ୍ତ ଅଞ୍ଚଳର ଲୋକମାନଙ୍କୁ ଦେଶାନ୍ତରୀ କରିବାକୁ ବାଧ କରିଛି । ଏବଂ ଏ ଧାରା ତ୍ୱରାନ୍ୱିତ ହୋଇ ଚାଲିଛି ।

ଏହା ହିଁ ବିଡ଼ମ୍ବନା । ଅଭାବୀ ଲୋକଙ୍କୁ ଗ୍ରାମାନ୍ତରୀ, ଦେଶାନ୍ତରୀ ହେବାରୁ ରୋକିବା ପାଇଁ ଏଭଳି ଯୋଜନାମାନଙ୍କର ପରିପ୍ରୟୋଗ କଥା ହିଁ ପରିକଳ୍ପନା କରାଯାଇଥିଲା । ଅବଶେଷରେ ଏହି ଯୋଜନା ପାଇଁ ହିଁ ସେମାନେ ଗାଁ ଛାଡ଼ିଲେ । ଚାଷବାସ ନଥିବା ସମୟରେ ବିପୁଳ ସଂଖ୍ୟକ ମଣିଷ ସ୍ଥାନାନ୍ତରୀ ହେବା ଦ୍ୱାରା ଯେକୌଣସି ପ୍ରକାରର ଉନ୍ନୟନ ମୂଳକ କାର୍ଯ୍ୟ କଷ୍ଟସାଧ ହୋଇପଡ଼େ । ସେମାନଙ୍କର ପିଲାମାନେ ସେମାନଙ୍କ ସହିତ ଚାଲିଯାଉଥିବାରୁ ସ୍କୁଲଗୁଡ଼ିକ ହୋଇପଡ଼େ ଶୂନ୍ୟ, ଅଚଳ । ଗ୍ରାମାଞ୍ଚଳରେ କାମଧନ୍ଦା ପାଇଁ କୌଣସି ଲୋକ ମିଳନ୍ତି ନାହିଁ । ମରୁଡ଼ିର ମୁକାବିଲା ପାଇଁ ଲୋକଙ୍କ ହାତକୁ କାମ ଯୋଗାଇବା ଥିଲା ଉଦ୍ଦେଶ୍ୟ । ଅଣକୃଷି ଋତୁରେ ଲୋକଙ୍କ ପାଇଁ ରୋଜଗାର । ତେବେ ଯାଇ ସେମାନେ ଗାଁ ଛାଡ଼ିବେ ନାହିଁ । ମାତ୍ର 'ସମନ୍ୱିତା' କାର୍ଯ୍ୟକ୍ରମ ଠିକ୍ ବିପରୀତକୁ ଆବାହନ କଲା ।

କାହିଁକି ଏତେ ଲୋକ ଏତେଶୀଘ୍ର ଏହି ପ୍ରକଳ୍ପ ଆଡ଼କୁ ମୁହାଁଇଲେ ? ପୁଣି ପ୍ରକଳ୍ପର ଆରମ୍ଭ ପୂର୍ବରୁ ? କାରଣ ଜୀବନରେ ପ୍ରଥମଥର ପାଇଁ ମାଗଣାରେ ଗୋଟିଏ ଏକର ଜମି ପାଇବାର ସୌଭାଗ୍ୟ ସେମାନଙ୍କୁ ମୁହ୍ୟମାନ କରିଦେଲା । ଆଗରୁ ନୂଆପଡ଼ା ଅଞ୍ଚଳରେ ମଜୁରି ପାଇବା ହିଁ ଥିଲା କଷ୍ଟକର । ଏବେ ଆସିଲା ସର୍ବନିମ୍ନ ମଜୁରି ମିଳିବାର ସମ୍ଭାବନା । ତାହା ପୁଣି ନିଜ ଜମିରେ କାମ କଲେ ମଜୁରି । ତେଣୁ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଦୁଃସ୍ଥ ଚାଷୀମାନେ ଏହାର ସୁଯୋଗ ନେବାପାଇଁ ଆସି ଧାଡ଼ି ବାନ୍ଧିଲେ । ପ୍ରକଳ୍ପର ପରିପ୍ରୟୋଗକାରୀ ଅଫିସରମାନେ ଦେଖିଲେ ଜନତାର ଗ୍ରହଣଶୀଳତା ରୂପକ ପ୍ରମାଣ । ଏହା କହିଲା ସେମାନଙ୍କ ପ୍ରକଳ୍ପ ଅବଧାରଣା ସଂପୂର୍ଣ୍ଣ ଠିକ୍ ।

"ଅଞ୍ଚଳରେ ବିପର୍ଯ୍ୟୟକୁ ବରି ଆଣିଥିବା ଏହି ଯୋଜନା ହେଉଛି ଭାତହାଣ୍ଡିରୁ ଗୋଟିଏ" —କହନ୍ତି ଜଗଦୀଶ ପ୍ରଧାନ । "ହିତାଧିକାରୀ ରୂପେ ଚିହ୍ନଟ ଲୋକଙ୍କ ପରାମର୍ଶ କେବେ ଲୋଡ଼ାଗଲା ନାହିଁ । ଏ ଅଞ୍ଚଳରେ ଦୁଗ୍ଧ ଉତ୍ପାଦନ ଯୋଜନାର କେବେ ଆବଶ୍ୟକତା ନଥିଲା । ଲୋକମାନେ ସୁବାବୁଲ ଗଛ ପାଇଁ ନୁହେଁ, କେବଳ

Digitized by srujanika@gmail.com

ଶ୍ରମନିଯୁକ୍ତି ପାଇଁ ଯେ ଆଗ୍ରହୀ ସେକଥା ପ୍ରକଳ୍ପ ଅଧିକାରୀମାନେ ବୁଝିପାରିଲେ ନାହିଁ । ତଥାପି ଏହି ତ୍ରୁଟିର ବାରମ୍ବାର ପୁନରାବୃତ୍ତି ଘଟୁଛି ।''

ତାଙ୍କର ସୂଚନା ଅନୁଯାୟୀ ପ୍ରଶାସନରେ ଥିବା କୌଣସି ପଦାଧିକାରୀ ଏଭଳି ପ୍ରକଳ୍ପର ଫଳାଫଳକୁ ସନ୍ଦେହ ଦୃଷ୍ଟିରେ ଦେଖୁନଥିଲେ । ଦୁଗ୍ଧର ପ୍ରାଚୁର୍ଯ୍ୟ ଥିବା ଏକ ଜିଲ୍ଲାରେ ଡାଏରୀ ପ୍ରୋଜେକ୍ଟର ଆବଶ୍ୟକତା ପ୍ରତି କେହି ପ୍ରଶ୍ନବାଚୀ ଉଠାଇ ନଥିଲେ । ପ୍ରଖ୍ୟାତ ଖରିଆର-ଷଣ୍ଢର ଅବଲୁପ୍ତି ନେଇ କୌଣସି ଅଧିକାରୀ ବିସ୍ମୟ କି ବିଚଳନ ପ୍ରକାଶ କରିବା ତ ଦୂରର କଥା ।

ଏହା ସହିତ ଆଉ ଏକ ପ୍ରଶ୍ନ କାହାରି ମଗଜକୁ ଆନ୍ଦୋଳିତ କଲାନାହିଁ । ସବୁଜ ଗୋଖାଦ୍ୟ ଉତ୍ପାଦନ ପାଇଁ ଯଦି ଚାଷୀମାନଙ୍କୁ ସରକାର ଜମି ଯୋଗାଇ ଦେଇପାରିଲେ, ତେବେ ସେମାନେ ନିଜ ପାଇଁ ସେ ଜମିରେ ଖାଦ୍ୟଶସ୍ୟ ଉତ୍ପାଦନ କରିବାରେ ଅସୁବିଧା କେଉଁଠି ? ଅବଶ୍ୟ ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି 'ହିତାଧିକାରୀ' ସେ ଜମିରେ ପନିପରିବା ଚାଷ କରିଥିଲେ । ଏଭଳି ଅବମାନନା ବିଶେଷଜ୍ଞମାନଙ୍କୁ କ୍ରୋଧାନ୍ୱିତ କରିପକାଇଲା, ସେମାନେ ଜମି ଛଡ଼ାଇନେଲେ । ଦାରିଦ୍ର୍ୟ ଦୂରୀକରଣ ଦିଗରେ ସେମାନଙ୍କର ଏଭଳି ମହତ୍ୱପୂର୍ଣ୍ଣ ଗବେଷଣାକୁ ପରିବା ଚାଷ ନିହାତି ବିପନ୍ନ ଓ ସଂକଟାପନ୍ନ କରିଦେଉଛି ତ ! ଏହା ବିଶେଷଜ୍ଞମାନଙ୍କର ସହ୍ୟ ହେବ କିପରି ! ତେଣୁ ବଡ଼ବାବୁମାନେ ସତର୍କବାଣୀ ଶୁଣାଇ ଦେଲେ – ତୁମ ନିଜର ଖାଦ୍ୟ ପାଇଁ ନୁହେଁ, କେବଳ ଗୋଖାଦ୍ୟ ଉତ୍ପାଦନ ପାଇଁ ସେ ଜମି ଓ ସର୍ବନିମ୍ନ ମଜୁରି ଦିଆଯାଇଥିଲା । ନାଟକର ଯବନିକା ପଡ଼ିବା ପୂର୍ବରୁ ଦେଖାଗଲା ନା ଅଛି ଖାଦ୍ୟ ନା ଗୋଖାଦ୍ୟ, ନା ଅଛି ଗାଈ ନା ଜମି ।

'ଜାଗୃତି ଶ୍ରମିକ ସଂଗଠନ' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଜଗଦୀଶ ପ୍ରଧାନ ଓ ଘନଶ୍ୟାମ ଭିତ୍ରିଆ ଯୋଜନାବଦ୍ଧ ଭାବେ ଖରିଆର-ଷଣ୍ଢର ପୁନଃ ସଂସ୍ଥାପନ ପାଇଁ ଚିନ୍ତା କରୁଛନ୍ତି । କୌଣସି ଅଞ୍ଚଳରୁ ଖରିଆର ଷଣ୍ଢ ଉଦ୍ଧାର କରି ଅନୁକୂଳ ପରିବେଶ ଥିବା ଗ୍ରାମମାନଙ୍କରେ ସେମାନଙ୍କର ପୁନଃ ସଂସ୍ଥାପନ କରାଯିବା ହିଁ ଉଦ୍ଦେଶ୍ୟ । ଏ ଦିଗରେ ଚାଷୀମାନଙ୍କୁ ପ୍ରଶିକ୍ଷିତ କରାଇବା ସେମାନଙ୍କର ମଧ୍ୟ ଲକ୍ଷ୍ୟ । ସରକାରୀ ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରାଇବା ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । କାହିଁକି ? ଫୁଦ୍‌କୁ ଡାଣ୍ଡି ମୋତେ କହିବା ଅନୁସାରେ, ''ତିନିବର୍ଷ ପରେ ପୁଣି ଭୁବନେଶ୍ୱରରୁ ଜଣେ ବଡ଼ ହାକିମ ଆସି 'ସମନ୍ୱିତା' ବନ୍ଦ ହେଲା ବୋଲି ଘୋଷଣା କରିଗଲେ । ସେ କହିଲେ – ଏଣିକି ଆମେ ଏଠାରୁ ଯାଇ ଅନ୍ୟ କେଉଁଠି ଏହି ସମାନ ଯୋଜନା ପୁଣି କରିବୁ ।''

Digitized by srujanika@gmail.com

ଉତ୍ତର ଲିପି :

'ସମନ୍ୱିତା' ପ୍ରକଳ୍ପର ପରିପ୍ରୟୋଗ କାଳରେ ଏଥିସହିତ ସଂପୃକ୍ତ ବିଶେଷଜ୍ଞମାନେ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଏହି ଅଭିନବ ଦୃଷ୍ଟିଭଙ୍ଗୀର ପ୍ରଚଳନ ପାଇଁ ଜଳଦ୍‌ଘର୍ମ୍ୟ ଉଦ୍ୟମ ଚଳାଇଥିଲେ । ସୁବିସ୍ତୃତ ଭାବରେ ମଧ । ଦୃଷ୍ଟାନ୍ତ ସ୍ୱରୂପ ଭାରତର ଅଡ଼ିଟର ଜେନେରାଲଙ୍କ ୧୯୮୩-୮୪ର 'ଚଖା ସମୀକ୍ଷା' ରିପୋର୍ଟରେ ଭାରତୀୟ କୃଷି-ଶିଳ୍ପ ସଂସ୍ଥାନର ସ୍ୱତନ୍ତ୍ର ଉଲ୍ଲେଖ ରହିଛି ।

ଏହି ଟେଷ୍ଟ୍-ଅଡିଟ୍ ଥିଲା ସମନ୍ୱିତ ଗ୍ରାମୋନ୍ନୟନ ଯୋଜନା ସଂପର୍କିତ । କିନ୍ତୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ଅନ୍ୟ କାର୍ଯ୍ୟକ୍ରମ ପାଇଁ ବିନିଯୋଗ କରାଯାଇଥିବା ଏହି ରିପୋର୍ଟରେ କୁହାଯାଇଛି । ଏହା ଏକ ଗର୍ହିତ ତ୍ରୁଟି । ଅଳ୍ପ ପାଣି ନୁହେଁ ୧୬ କୋଟି ଟଙ୍କା । ଏଥିରୁ ୩ କୋଟି ଟଙ୍କା ଦିଆଯାଇଛି ଭାରତୀୟ କୃଷିଶିଳ୍ପ ସଂସ୍ଥାନକୁ, ମଫତ୍‌ଲାଲ୍ ଶିଳ୍ପ ଗୋଷ୍ଠୀକୁ, ସେ ଟଙ୍କାରେ ସେମାନେ କୁଆଡ଼େ "୨୫୦ଟି କୃତ୍ରିମ ପ୍ରଜନନ କେନ୍ଦ୍ର ଖୋଲିବେ । ଏହି ପ୍ରକାର କେନ୍ଦ୍ର ଆମ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ କୌଣସି କାମରେ ଆସେନାହିଁ ।" —ଅଡିଟ୍ ରିପୋର୍ଟରେ ଏକଥା ଦର୍ଶାଯାଇଛି । ଏ ବିପୁଳ ପରିମାଣର ପାଣି ହେଉଛି ମାତ୍ର ଦୁଇଟି ବର୍ଷ ପାଇଁ (୧୯୭୮-୭୯ ଏବଂ ୧୯୮୦-୮୧) ।

ଏତାଦୃଶ 'ଅତି ଅଭିନବ', ଅତ୍ୟନ୍ତ ଲାଭଦାୟକ କିଛି ଯୋଜନା ଭାରତରେ ସଂପ୍ରତି ଚାଲିଛି । ଖରିଆରକୁ ବିପନ୍ନ, ବିପର୍ଯ୍ୟସ୍ତ କରିଥିବା ସଂଗଠନମାନେ କେତେକ ସ୍ଥଳରେ ଏହି ଯୋଜନାମାନଙ୍କରେ ମହାନାୟକର ଭୂମିକା ନିଭାଉଛନ୍ତି ।

୧୯୯୫ ମଇ-ଜୁନ୍‌ରେ ପୁନଶ୍ଚ ନୂଆପଡ଼ା ଯାଇଥିବା ଅବସରରେ ଦେଖିଲି ଜଗଦୀଶ ପ୍ରଧାନ ଓ ତାଙ୍କର ବନ୍ଧୁମାନଙ୍କ ପ୍ରଚେଷ୍ଟା କ୍ରମେ ହଳେ ଖରିଆର ଷଣ୍ଢକୁ ବିପର୍ଯ୍ୟୟ ମୁକ୍ତ ଅଞ୍ଚଳରୁ ଅଣାଯାଇଛି । ଗ୍ରାମର ଲୋକମାନେ ବି ଯତ୍ନର ସହ ସେମାନଙ୍କୁ ପାଳିଛନ୍ତି । ଏହା ଏକ ମହତ୍ ପ୍ରାରମ୍ଭ, ଶୁଭ ଅନୁକୂଳ । ଆଗକୁ ପଡ଼ିଛି ଅନେକ ଉଦ୍ୟମ ଓ ସାଧନର ପ୍ରଲମ୍ବିତ ସରଣୀ ।

❖❖❖

Digitized by srujanika@gmail.com

ମାର୍ଗହୀନ ସଡ଼କରେ ନିଃଶୂନ୍ ପଥିକ

ୱାଡ୍ରୋଫ୍ ନଗର, ସୁର୍‌ଗୁଜା, ମଧ୍ୟପ୍ରଦେଶ : ନିଃସ୍ୱ ନିରନ୍ନ ରାମଦାସ କୋରୁଆର ମୂଲ୍ୟ ଯେ ସରକାରୀ କଳର ମାପକାଠିରେ ୧୭ ଲକ୍ଷ ୪୪ ହଜାର ଟଙ୍କା ହୋଇପାରେ, ଏକଥା ସେ ଜାଣିବା ପରେ ମଧ୍ୟ ଚେନାଏ ହସ ତା' ମୁହଁରେ ଫୁଟିଲାନି । ପୁଲକିତ ହେବା ତ ଦୂରର କଥା । ଅଧାବେଳା ଉପାସ ଓ ଅଧାଦେହ ଘୁଙ୍କୁଳା ରହୁଥିବା ମଣିଷଟେ ପାଇଁ ହଜାରେ ଟଙ୍କା ଏକାବେଳକେ ଦେଖିବା ଏକ ଦୁଃସ୍ୱପ୍ନ; ତା' ନାଁରେ ପୁଣି ସାଢ଼େ ସତର ଲକ୍ଷ ! "ମୁଁ ମୋଟେ ଏଯାଏ ଜାଣିନି ସାଢ଼େ ସତର ଲକ୍ଷ ଖର୍ଚ୍ଚ କରି ସେମାନେ ମୋ ନାଆଁରେ ରାସ୍ତାଟିଏ ଗଢୁଛନ୍ତି ।" ରବ୍‌କେଥା ଗାଁ'ରେ ନିଜର ଭଙ୍ଗା କୁଡ଼ିଆରେ ଥାଇ ସେ ମୋତେ ଉତ୍ତର ଫେରାଇଲା ।

ଗାଁ'ଟି ଭିତରେ ସିଏ ଏକମାତ୍ର ଆଦିବାସୀ ଓ ତା'ର ପରିବାର । ତା' ନାଁରେ ପୁଣି ନିର୍ମିତ ହେଉଛି ରାସ୍ତା ? ଅଥଚ ସିଏ ଜାଣେନା, ସେ ରାସ୍ତାରେ ତା'ର ଚାଲିବାର ନାହିଁ, ସିଏ ସେମିତି ଶହୀଦ ହେବା ପର୍ଯ୍ୟାୟର ମଣିଷ ନୁହେଁ କି ଦୁଃସାହସିକ ଉଦ୍ୟମ କିଛି କରିନାହିଁ ।

ତା'ର ଦାରିଦ୍ର୍ୟ ଓ ଅଜ୍ଞତା ହିଁ ଏଭଳି ବ୍ୟୟବହୁଳ ପ୍ରକଳ୍ପର ହେତୁ । ପୁନଶ୍ଚ ତା'ର ସଂପ୍ରଦାୟ—ସେ ଆଦିବାସୀ, ପୁଣି କୋରୁଆ । ସମଗ୍ର ଦେଶରେ ଏମାନଙ୍କ ସଂଖ୍ୟା ମାତ୍ର ୧୫ ହଜାର । କ୍ରମ ଅବଲୁପ୍ତ ଏବଂ ଅରଣ୍ୟର ଅନ୍ଧାର ଭିତରେ ତଥାକଥିତ ସଭ୍ୟତା ଠାରୁ ବିଚ୍ଛିନ୍ନ ଏ ଜନଜାତି ନାମରେ ପ୍ରଚୁର ପାଣ୍ଠି ମିଳିପାରୁଛି ।

ଭାରତର ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରୁ ଏକତମ ସୁର୍‌ଗୁଜା ଜନସଂଖ୍ୟାର ୫୫ ଶତାଂଶ ହେଉଛନ୍ତି ଆଦିବାସୀ । ସୁର୍‌ଗୁଜା ଜିଲ୍ଲାର ସବୁଠାରୁ ଅନୁନ୍ନତ ବ୍ଲକ୍ ରୂପେ ୱାଡ୍ରୋଫ୍ ନଗର ବ୍ୟାପକ ଭାବେ ବିଦିତ । ପୁନଶ୍ଚ ଆଦିବାସୀ ସଂପ୍ରଦାୟ ମଧ୍ୟରୁ କୋରୁଆ, ବିଶେଷ ଭାବେ ପାହାଡ଼ି କୋରୁଆ ହେଉଛନ୍ତି ସର୍ବାତଳ ମଣିଷ । ସରକାରୀ ହିସାବ ଖାତାରେ ଏମାନେ ହେଉଛନ୍ତି ଆଦିମତମ ଜନଜାତି । ସୁତରାଂ ସେମାନଙ୍କୁ ବିକଶିତ, ଉତ୍‌ଥିତ କରିବା ପାଇଁ ବହୁ ବହୁ ଉଦ୍ୟମ ଓ ଯୋଜନାର ଅଙ୍କକଷା । ପ୍ରଚୁର ପାଣ୍ଠିର ସହଜ ସମାଗମ ହୋଇପାରୁଛି—ଦୃଷ୍ଟାନ୍ତ ସ୍ୱରୂପ ଗୋଟିଏ କେନ୍ଦ୍ରୀୟ ଯୋଜନାରେ ପାହାଡ଼ି କୋରୁଆଙ୍କ ଉନ୍ନୟନ ପାଇଁ ମିଳିଛି ୪୨ କୋଟି ଟଙ୍କା । ୫ ବର୍ଷ ମଧ୍ୟରେ ବ୍ୟୟ ହେବ ୪୨୦୦ ଲକ୍ଷ ଟଙ୍କା, ମାତ୍ର ୧୫ ହଜାର ଲୋକଙ୍କ ପାଇଁ । ଆହୁରି ଆହୁରି ଯୋଜନା ସ୍ତରକୁ ସ୍ତର ହୋଇରହିଛି ।

Digitized by srujanika@gmail.com

ହଠାତ୍ ୧୯୯୩ର ଶେଷଭାଗରେ ବଡ଼ ହାକିମମାନେ ଚିନ୍ତାକଲେ ରାମଦାସ କୋରୁଆର ଗାଁ ରଚକେଥାକୁ ଦାମିକା ସଡ଼କଟିଏ ତିଆରିବେ । ୧୯୯୪ ଜାନୁଆରୀ ସୁଦ୍ଧା ନିର୍ମାଣ ସଂପନ୍ନ ହୋଇ ଗାଁ ଦାଣ୍ଡର ଜଙ୍ଗଲ ଛାତିକୁ ଲାଗି ସଗର୍ବେ ଏକ ସୂଚନା ଫଳକ ଝୁଲିଲା – ''କୋରୁଆ ବିକାଶ ପ୍ରୋଜେକ୍ଟ ରାସ୍ତା ନିର୍ମାଣ; ଦୈର୍ଘ୍ୟ ୩ କି.ମି; ଆନୁମାନିକ ବ୍ୟୟ ୧୭ ଲକ୍ଷ ୪୪ ହଜାର ଟଙ୍କା ।''

ଜଣେ ସ୍ଥାନୀୟ ସ୍ୱେଚ୍ଛାସେବୀ କହିଲେ ''ଆଦିବାସୀ ଉନ୍ନୟନ ପାଇଁ ଯେହେତୁ ଆଖିଦୃଶିଆ ବିପୁଳ ପରିମାଣର ପୁଞ୍ଜି ଅନୁମୋଦିତ, ତେଣୁ ଆଦିବାସୀଙ୍କ ଉପକାରରେ ଲାଗୁଥିବାର ପ୍ରମାଣ ଦର୍ଶାଇ ଅନେକ ପ୍ରୋଜେକ୍ଟ ହେବ । ପାଣ୍ଠି ପାଇବାର ତାହାହିଁ ବାଟ । ସଂପୂର୍ଣ୍ଣ ନିରର୍ଥକ, ଅନାବଶ୍ୟକ ଓ ଆଦିବାସୀଙ୍କ କାମରେ କାଣିଚାଏ ନଆସୁଥିଲେ ବି କିଛି ଯାଏଆସେ ନାହିଁ । ଯଦି ଏହି ଜଙ୍ଗଲ ଭିତରେ ଗୋଟିଏ ସୁରମ୍ୟ ସନ୍ତରଣ କୁଣ୍ଡ କି ଡାକବଙ୍ଗଳାଟିଏ କରିଦିଆଯାଏ, ତେବେ ସେଇଟି ମଧ୍ୟ ଆଦିବାସୀ ଉନ୍ନୟନ ନାମରେ ହିଁ କରିବାକୁ ପଡ଼ିବ ।''

ପରମ ଉତ୍ସାହରେ ପାଣ୍ଠି ମଞ୍ଜୁର କରାଇ ଆଣିବା ବେଳେ କୌଣସି ସ୍ତରରେ କି ଦପ୍ତରରେ କେହି ଜଣେ ବି ପଦାଧିକାରୀ ସମ୍ଭ୍ରମରେ କି କୌତୂହଳ କ୍ରମେ ବି ପଚାରିଲେ ନାହିଁ – ବାସ୍ତବରେ ରଚକେଥା ଗାଁରେ କେତେ ପରିବାର କୋରୁଆ ଆଦିବାସୀ ରହୁଛନ୍ତି ! ରାମଦାସର ପରିବାରକୁ ଛାଡ଼ିଦେଲେ ସମଗ୍ର ଇଲାକାରେ ଅଛନ୍ତି ଆଉ ଦୁଇଘର ଆଦିବାସୀ । କିନ୍ତୁ ନବନିର୍ମିତ ରାସ୍ତାଠାରୁ ସେମାନଙ୍କ ଗାଁର ଦୂରତ୍ୱ ଅନ୍ୟୂନ ୨୦ କିଲୋମିଟର ।

ତା'ଛଡ଼ା 'ଏଠି ତ ଗୋଟେ କଚ୍ଚା ସଡ଼କ ଥିଲା, ସେମାନେ ଖାଲି ଲାଲ ଗେଙ୍ଗୁଟି ମାଟି ବିଛେଇଛନ୍ତି ।' – କହିଲା ରାମଦାସର ପୁଅ ରାମବତାର କୋରୁଆ । ସାଢ଼େ ସତର ଲକ୍ଷ ଖର୍ଚ୍ଚ ହେବା ପରେ ମଧ୍ୟ ରାସ୍ତାଟି ପକ୍କା ହୋଇପାରିନାହିଁ । ''କେବଳ ୬ ମିଟର ଓସାର ଥିବା ରାସ୍ତାକୁ ସେମାନେ ସାଢ଼େ ଚାରି ମିଟର ଓସାରକୁ ଖସାଇ ଆଣିଛନ୍ତି'' କହିଲେ ସ୍ୱେଚ୍ଛାସେବୀ – 'ଏହାହିଁ ସେମାନଙ୍କର ଅବଦାନ ।'

''କେହି କେବେ ଆମ ସହିତ କଥାବାର୍ତ୍ତା ହୋଇନାହିଁ, ଥରୁଟିଏ ପାଇଁ ବି କେହି ଅଫିସର ଆସିନାହିଁ । ସେମାନେ ଅମ୍ବିକାପୁର (ଜିଲ୍ଲା ସଦର ମହକୁମା) ଯାଏ ଆସି ପୁଣି ପଳାଇଯାଆନ୍ତି ।'' – କହିଲେ ରାମଦାସ । ''ଥରେ ମୁଁ ସେହି ରାସ୍ତା ବିଷୟରେ ବୋର୍ଡରେ ଲେଖା ହୋଇଥିବା କଥା ଆମ ଗାଁରେ ଶୁଣିଲି । ଲୋକେ ମୋ ସହିତ କୌତୁକ କରି କହିଲେ – ଏଇଟା ତୋ' ସଡ଼କ ।''

Digitized by srujanika@gmail.com

ରାମ ଦାସ ସଂପୂର୍ଣ୍ଣ ନିରକ୍ଷର, ଆପଣାଛାଏଁ ଫଳକ ଲେଖା ପଢ଼ି ପାରିବ ନାହିଁ। "ସେମାନେ ଆମ ନାଁରେ ତିଆରି କଲେ, ହେଲେ ରାସ୍ତାଟି ମୋ ଘର ପାଖରୁ ବି' ମାଇଲ ଦୂର।"–ରାମ ଦାସ ଭାବି ଭାବି କହିଲେ। "ଗାଁରେ ସମସ୍ତେ ଏ ବିଷୟରେ ଚର୍ଚ୍ଚା କଲେ। ତେଣୁ ଦି'ମାସ ତଳେ ସେମାନେ ବୋର୍ଡଟିକୁ ହଟାଇ ଦେଲେ।"

ବିଡ଼ମ୍ବନାର ଅନ୍ତ ନଥିଲା। ନଥିଲା ନିର୍ଲଜ ପଣିଆର ପରିସମାପ୍ତି। "ପୁଣି ସପ୍ତାହେ ପରେ ସେମାନେ ଆଉ ଗୋଟେ ବୋର୍ଡ ଲଗେଇଲେ–'ପାହାଡ଼ି କୋରୱା ମାର୍ଗ'। ପୁଣି ସେଇଟିକି କାଢ଼ି ନେଲେ।" କହିଲେ ରାମ ଦାସ। ଏଇ ବୋର୍ଡ ଟାଙ୍ଗିବା ଭିତରେ ଜଣେ ସ୍ଥାନୀୟ ଫଟୋଗ୍ରାଫର ଉତ୍ତୋଳନ କରି ନେଇଥିଲେ ପ୍ରଥମ ଘୋଷଣା ଫଳକର ଚିତ୍ର। ସେଇଟି ସମ୍ବାଦପତ୍ରରେ ଛାପା ହୋଇଯିବାରୁ 'ପ୍ରକଳ୍ପ ଅଧିକାରୀଗଣ ଅପମାନଜନକ ଅବସ୍ଥାରେ ପଡ଼ିଗଲେ।'–କହିଲେ ସ୍ୱେଚ୍ଛାସେବୀ। 'କାରଣ ସେମାନେ ସେଯାଏ ଗାଁଟିର ଆକଳନ କରିନଥିଲେ। ସେତକ କରିଥିଲେ ସେମାନେ ଜାଣିପାରିଥାନ୍ତେ ଯେ, ରତ୍‌କେଥା ହେଉଛି ଗଣ୍ଡ ଆଦିବାସୀ ସଂପ୍ରଦାୟର ଗାଁ; କୋରୱାମାନଙ୍କର ନୁହେଁ। ଏସବୁ ପ୍ରୋଜେକ୍ଟ ପାଇଁ ଟଙ୍କା ଆସୁଥିବାରୁ ସେସବୁ ଚାଲୁଛି, କୋରୁଓ୍ୱା କି ଆଉ କାହାରି ଉନ୍ନୟନ ପାଇଁ ନୁହେଁ।"

ତାଙ୍କ ଯୁକ୍ତିର ଏକ ବାସ୍ତବତା ଥିଲା–୧୯୯୧ ଶେଷଭାଗର ଏକ ସର୍ଭେ କହେ। ରାମ ଦାସଙ୍କ ପରିବାରକୁ ଛାଡ଼ି ଗ୍ରାମର ଅବଶିଷ୍ଟ ୨୪୯ ପରିବାରର ସମସ୍ତ ସଦସ୍ୟ ହେଉଛନ୍ତି ଗଣ୍ଡ ସଂପ୍ରଦାୟ। ସୁର୍‌ଗୁଜାରେ ରାସ୍ତା ନିର୍ମାଣ ଓ ଉନ୍ନୟନ ଯୋଜନାମାନ ହେଉଛି ନିହାତି ସ୍ପର୍ଶକାତର ବିଷୟ। ଏପରିକି ଜିଲ୍ଲାପାଳ ଆର୍‌.କେ ଗୋୟଲ ରାସ୍ତା ଓ ଯୋଗାଯୋଗକୁ 'ଏକନମ୍ବର ସମସ୍ୟା' ରୂପେ ତାଲିକାଭୁକ୍ତ କରନ୍ତି। ଭୌଗୋଳିକ ଅବସ୍ଥାନ ଦୃଷ୍ଟିରୁ ଜିଲ୍ଲାଟିର ଆୟତନ ହେଉଛି ଦିଲ୍ଲୀ, ଗୋଆ, ନାଗାଲାଣ୍ଡ ରାଜ୍ୟର ମିଳିତ ଆୟତନ ଠାରୁ ଆହୁରି ବଡ଼। କିନ୍ତୁ ସଡ଼କ ସଂଯୋଗ କ୍ଷେତ୍ରରେ ସେସବୁ ରାଜ୍ୟମାନଙ୍କ ଉନ୍ନତି ତୁଳନାରେ ଏହାର ଭାଗ ଯାହା, ତାକୁ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲେ ହୁଏତ ବାରିହେବ।

'ରାମ ଦାସ କୋରୁଓ୍ୱା ରାସ୍ତା ପାଇଁ ବ୍ୟୟ ୧୭ ଲକ୍ଷରୁ ଅଧିକ'–ଏକଥା ସରକାରୀ ମହଲ ସ୍ୱୀକାର କରନ୍ତି। ଯଦିଓ ଜଙ୍ଗଲ ବିଭାଗ ପକ୍ଷରୁ ଏହାଠାରୁ ବହୁ କମ୍ ଖର୍ଚ୍ଚରେ ଅଧିକ ଲମ୍ବା ଓ ମଜବୁଦ୍ ରାସ୍ତା ନିର୍ମିତ ହୋଇଛି। ତେଣୁ ତାତ୍ତ୍ୱିକ ଦିଗରୁ ରାସ୍ତା ଓ ଉନ୍ନୟନ ପ୍ରତି ଅଗ୍ରାଧିକାର ଦିଆଯାଉଥିଲେ ବି ବାସ୍ତବ ସମସ୍ୟା ହେଉଛି

Digitized by srujanika@gmail.com

ଭିନ୍ନ । ଜିଲ୍ଲାର ଦରିଦ୍ର, ନିରନ୍ନଙ୍କ ଅଧିକ ଜରୁରୀ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉନାହାନ୍ତି । ସେମାନେ ଚିର ଅବହେଳିତ । ବିକାଶ ଚାଲିଛି ତା' ବାଟରେ ।

ରାମ ଦାସର ନିଜସ୍ୱ ଚାହିଦା ମର୍ମସ୍ପର୍ଶୀ ଭାବେ ସରଳ ଓ ସୀମିତ । "ମୋର କେବଳ ଲୋଡ଼ା ଟିକେ ପାଣି" –ନିରୀହ ଭାବେ ସେ କହେ । "ପାଣି ବିନା ଆମେ କେମିତି ଚାଷ କରିବୁ କୁହତ ?" ବାରମ୍ବାର ତାକୁ ପଚାରିବା ପରେ ସେ ଦୂର ଦିଗନ୍ତକୁ ଦୃଷ୍ଟି ଲମ୍ବେଇ କହେ – "ସେ ରାସ୍ତାଟାରେ ସେମାନେ ସାଢ଼େ ସତର ଲକ୍ଷ ଟଙ୍କା ଖର୍ଚ୍ଚ କରିଦେଲେ, ତା' ବଦଳରେ ହଜାରେ ଦି' ହଜାରେ ଟଙ୍କାରେ ମୋ ଜମିର ଭଙ୍ଗା କୂଅଟିକୁ ଉଝାଳି, ମରାମତି କରିଦେଇଥିଲେ ଭଲ ହୋଇନଥାନ୍ତା ? ଜମିଜମା, ରାସ୍ତାର ଉନ୍ନତି ହୁଏତ ଦରକାର, ଆମ ଉନ୍ନତି ଆଗ ହୁଅନ୍ତା ଟୋପେ ପାଣି ଯୋଗାଇଦେଇ ପାରିଲେ ।"

ତାଙ୍କ ଗାଁର ଉପସ୍ଥିତ ଗ୍ରାମବାସୀମାନେ ରାମ ଦାସ କଥାରେ ସମ୍ମତି ଜଣାଇଲେ । ରାଜସ୍ୱ ଦସ୍ତାବିଜ୍‌ରେ ଅଛି, ରଚକେଥାର ସମୁଦାୟ ଚାଷଜମି ପରିମାଣ ୪୯୯୮ ଏକର । ଏଥିମଧ୍ୟରୁ ମାତ୍ର ୧୩ ଏକର ଜମିରେ ଜଳସେଚନ ସୁବିଧା ରହିଛି । ମାତ୍ର ୦.୨୬ ଶତାଂଶ । ଶହେ ଭାଗରୁ ଭାଗେ ବି ନୁହେଁ ।

ବହୁତ ଭାବିଚିନ୍ତି ଡେର୍‌ବେଳ ପରେ ରାମ ଦାସ ଥଙ୍ଗେଇ ମଙ୍ଗେଇ ଜଣାଇଲା ତା' ଦୈନ୍ୟ ଓ ପୀଡ଼ନର ବ୍ୟଞ୍ଜନାମୟ ଇତିହାସ । ତା'ର ପଡ଼ୋଶୀ ପଣ୍ଡିତ୍‌ଜୀ ମାଧମ ମିଶ୍ର ମାଡ଼ି ବସିଛି ତାଙ୍କ ପରିବାରର ସବୁଠୁ ଉର୍ବରା, ନିକର ନଅ ଏକର ଜମି । ସେ ଜମିରେ ସେମାନେ ଫଳାଉଥିଲେ ଧାନ । ରାମ ଦାସର ଏହି ଜମି ଜବର ଦଖଲ କରିବା ପୂର୍ବରୁ ମିଶ୍ରଙ୍କ ନିୟନ୍ତ୍ରଣରେ ରହିଥିଲା ୪୦୦ ଏକର ଜମି । ଭୂମି ସତ୍ତ୍ୱ ଆଇନ୍‌ର ଏହା ସଂପୂର୍ଣ୍ଣ ଉଲଂଘନ, ସିଲିଂ ବାହାରେ ଏତେ ଜମି ରଖିବାକୁ କେହି ହକ୍‌ଦାର ନୁହେଁ ।

ସେତକ ଜମି ଫେରି ପାଇବାର ଆଶା ହରାଇ ସାରିଛି ରାମ ଦାସ । ସେ ମଧ୍ୟ ଜାଣେ ନାହିଁ ଯେ, ଆଇନତଃ ତା' ଜମିକୁ ଆଉଜଣେ ଛଡ଼ାଇ ନେଇପାରିବନି, ଏପରିକି କିଣି ମଧ୍ୟ ପାରିବନି । ମଧ୍ୟପ୍ରଦେଶ ଭୂ-ରାଜସ୍ୱ ବିଧିର ଧାରା-୧୭୦ (ଖ)ର ସ୍ପଷ୍ଟ ନିଷେଧାଦେଶ ରହିଛି ଆଦିବାସୀର ଭୂମି ହସ୍ତାନ୍ତର ଉପରେ । ମାତ୍ର ସ୍ଥାନୀୟ ରାଜସ୍ୱ କର୍ତ୍ତାମାନେ ଅଛନ୍ତି ମିଶ୍ରଙ୍କ ପାଇକଛା ପଛେ ପଛେ । ମିଶ୍ରଙ୍କ ବୟାନ ଯେ ରାମ ଦାସର ବାପା ବେମାର ପଡ଼ିଥିବା ସମୟରେ ସେ ତାଙ୍କ ପରିବାରକୁ ସାହାଯ୍ୟ କରିଥିଲା, ଆଦିବାସୀଠୁଁ ତା'ର ଟଙ୍କା ପାଇବାର ଅଛି । ତା' ବଦଳରେ ଏତକ ଜମି । ବିଶ୍ୱବ୍ୟାପୀ ଦରିଦ୍ରଙ୍କ ଜମି ଦଖଲକାରୀ ସମସ୍ତ ଶୋଷକଙ୍କ ବୟାନ ଏତାଦୃଶ ଭାବେ

Digitized by srujanika@gmail.com

ସମାନ । "ମୁଁ ଜମି ଫେରି ପାଇବାକୁ ପଟ୍ଟୱାରୀ (ଅମିନ)କୁ ୫୦୦ ଟଙ୍କା ଦେଲି । ସେ କିନ୍ତୁ ଆଉ ୫ ହଜାର ଟଙ୍କା ମାଗୁଛି । ମୁଁ କୁଆଡୁ ଏତେ ଟଙ୍କା ପାଇବି ?" ପ୍ରଶ୍ନକରେ ରାମ ଦାସ ।

ଏବେ ତା'ର ନଅ ଜଣିଆ ପରିବାର ଯଥାକଥା ଗୁଜୁରାଣ ମେଣ୍ଟାଉଛନ୍ତି ସାଢ଼େ ୫ ଏକରର ଶୁଖା ଜମିରେ ଚାଷ କରି । ସେତକ ଅତି ନିମ୍ନମାନର ପାହାଡ଼ିଆ ଜମି । ଭୋପାଳର ଜଣେ ହାକିମଙ୍କ ଭାଷାରେ ରାମ ଦାସର ଏ ଅନୁଭୂତି, "ଯୋଜନା ପ୍ରଣୟନକାରୀ ଓ ଜନତାଙ୍କ ମଧ୍ୟରେ ଦୂରତ୍ୱକୁ ଦର୍ଶାଉଛି । ରାମ ଦାସର ସମସ୍ୟା ତା'ର ଭଙ୍ଗା କୂଅ ଓ ଜମି ଜବର ଦଖଲ । ସରକାରଙ୍କ ସମସ୍ୟା ହେଉଛି ଧାର୍ଯ୍ୟ ଲକ୍ଷ୍ୟର ପରିପୂରଣ । ଏହି ଲକ୍ଷ୍ୟ ପରିପୂରଣର ପ୍ରତିଯୋଗିତା ପରିସୀମା ଭିତରକୁ ଯେଉଁ ଅଫିସର ଓ ଠିକାଦାରମାନେ ଆସିଯାଆନ୍ତି, ସେମାନଙ୍କର ଏକମାତ୍ର ଲକ୍ଷ୍ୟ ହିଁ ଲୁଟିବା ଓ ଗ୍ରାସିବା । ତଥାକଥିତ "ଆଞ୍ଚଳିକ ଉନ୍ନୟନ ଆଭିମୁଖ୍ୟ'ରେ ଏ ଲୁଣ୍ଠନ ଓ ଶୋଷଣର ଧାରା ହୋଇପଡ଼ିଛି ନିହାତି ସହଜ । ଆଦିବାସୀ ସଂପ୍ରଦାୟ ପରିପ୍ରେକ୍ଷୀରେ ଏ ଉନ୍ନୟନ ପୂରା ଚିତ୍‌ପଟାଙ୍ଗ ମାରିଛି । ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ଅଭିପ୍ରେତ ଓ ଅନୁମୋଦିତ ପାଣ୍ଠିକୁ ଘରୋଇ ଠିକାଦାରମାନଙ୍କୁ ଧରାଇ ଦିଆଯାଏ । ବେଳେବେଳେ ସେମାନେ ହେଉଛନ୍ତି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ସ୍ଥାନୀୟ କର୍ମକର୍ତ୍ତାମାନଙ୍କ ବାନରସେନା । ଯେକୌଣସି ଯୋଜନାର ପ୍ରଣୟନ କାଳରେ ଗ୍ରାମବାସୀଙ୍କ ପରାମର୍ଶ ନେବା ତ ଦୂରର କଥା; ସେମାନଙ୍କ କାନକୁ ଏସବୁ କଥା ବି ଯାଏନାହିଁ । ଏଭଳି ଦୁର୍ଗମ, ଅପହଞ୍ଚ ଇଲାକାମାନଙ୍କରେ ସରକାରୀ ବ୍ୟୟର କଡ଼ାକଡ଼ି ସମୀକ୍ଷା କ୍ୱଚିତ୍ କରାଯାଏ ।"

ପାହାଡ଼ି କୋରୁଆଙ୍କ ଉନ୍ନୟନ ନାମରେ ବର୍ତ୍ତମାନ ସୁଦ୍ଧା ଖର୍ଚ୍ଚ ହୋଇଥିବା ସମସ୍ତ ପାଣ୍ଠିର ସମ୍ଭାବ୍ୟ ବିନିଯୋଗ ଉପରେ ଏକ କୌତୁକିଆ ହିସାବ ବାଢ଼ନ୍ତି ସଂପୃକ୍ତ ଅଫିସର–"ଏତକ ଟଙ୍କା କେବଳ କୌଣସି ଏକ ବ୍ୟାଙ୍କରେ ସ୍ଥାୟୀ ଜମା ରୂପେ ସଞ୍ଚିତ ହୋଇଥିଲେ ଏହି ପାହାଡ଼ି କୋରୁଆମାନଙ୍କୁ ଜୀବନସାରା ଆଉ କୌଣସି କାମ କରିବାକୁ ପଡ଼ିନଥାନ୍ତା, ଏଥିରୁ ମିଳୁଥିବା ସୁଧରେ ସେମାନେ ଘରେ ବସି ଏକ ସ୍ୱଚ୍ଛନ୍ଦ ଜୀବନ ବିତେଇ ପାରୁଥାନ୍ତେ ।"

ଯୋଜନାର ଏ ଭାଗମାପ ଏବେ ବି ରହିଛି ଅବ୍ୟାହତ । ରଚକେଥାର ସ୍ୱେଚ୍ଛାସେବୀ ଜଣକ କହିଲେ–"ଏବର୍ଷ ମରୁଡ଼ି ପାଇଁ ଗୋଟିଏ ବନ୍ଧ ନିର୍ମାଣର ଉପ-ଠିକାଦାରୀ ନେଇ ସ୍ଥାନୀୟ ଜଣେ ଓକିଲ ସ୍କୁଟରଟିଏ କରିଥିବା କଥା କହୁଥିଲେ । ଆରବର୍ଷକୁ ମରୁଡ଼ି ପଡ଼ିଲେ ସେ ନିଶ୍ଚେ ଗୋଟିଏ ନୂଆ ଜିପ୍ କିଣିପାରିବେ ବୋଲି ଆଶା କରୁଥିଲେ ।"

Digitized by srujanika@gmail.com

କେହି କେବେ ରାମ ଦାସକୁ ପଚାରିନାହାନ୍ତି ବାସ୍ତବରେ ତା'ର କ'ଣ ଦରକାର, ତା'ର ସମସ୍ୟା କ'ଣ, ସମାଧାନ ଦିଗରେ ତାକୁ କେମିତି ଯୋଡ଼ିହେବ ? ତା' ଦୁଆର ଏଯାଏ କେହି ମାଡ଼ିନାହାନ୍ତି । ଅଥଚ ତା' ନାଁରେ ଗଢ଼ା ହୋଇଗଲା ସାଢ଼େ ସତର ଲକ୍ଷର ସୁଦୀର୍ଘ ସରଣୀ । ଆମେ ତା' ଗାଆଁ ଛାଡ଼ି ସମତଳ ଭୂଇଁକୁ ଓହ୍ଲାଇଲାବେଳେ ଆଶାୟୀ କଣ୍ଠରେ ରାମ ଦାସ କହିଲା – ''ସାର୍, ମୋ ଜମି ପାଇଁ କିଛି ପାଣି ବ୍ୟବସ୍ଥା କରିହେବ !'' ଟାଙ୍ଗର ମାଟି ଉପରେ ସୂର୍ଯ୍ୟାସ୍ତର ରଙ୍ଗ ଦିଶୁଥିଲା ଅତୀବ କରୁଣ । ଚଉହଦି ଶୂନ୍ୟତା ବିରାଜୁଥିଲା । ଶୁଖାମାଟି ଶୋଷେଇ ରହିଥିଲା । ଅନ୍ଧାର ଲମ୍ବି ଆସୁଥିଲା । ଆମକୁ ଫେରିବାକୁ ହେବ । ଆହୁରି ଦୁଇମାଇଲ ବାଟ ରହିଛି 'ରାମ ଦାସ କୋରୁଓ୍ୱା ରାସ୍ତା'ରେ ପହଞ୍ଚିବା ପାଇଁ । ସେ ରାସ୍ତା କେଉଁଠିକି ଯାଇଛି ଆଉ କେଉଁଥିପାଇଁ ଯାଇଛି ସେକଥା କେହି ଜାଣେନା ।

❖ ❖ ❖

Digitized by srujanika@gmail.com

ସଂଜ୍ଞାର ଚମକ ବଣରେ ଉଚ୍ଛନ୍ନ ଆଦିବାସୀ

ମାଲ୍‌କାନଗିରି (ଓଡ଼ିଶା) : ପ୍ରଶାସନର ପାଠଶାଳାରୁ ଏକ ବିସ୍ମୟକର ବିଦ୍ୟା ସଦ୍ୟତମ ଭାବେ ହାସଲ କରିଥିଲା ମଝି ଧୁରୁଆ । ସେ ଭେଟୁଥିବା କୁନି ହାକିମଟି ତାଙ୍କୁ କହୁଥିଲା—"ହଁ, ସରକାରୀ କାଗଜପତ୍ରରେ ତୁ ଜଣେ ଆଦିବାସୀ, ତୋର ଭାଇ ନୁହେଁ ।"

ଇଏ କେମିତି କଥା ! ସେ ବାରମ୍ବାର ଗୁହାରି ଜଣାଉଥିଲା—"ଆଜ୍ଞା, ମୁଁ ଯଦି ଆଦିବାସୀ, ମୋର ଭାଇ କେମିତି ନୁହଁ !" ମାଲକାନଗିରିର ନିରୀହ, ନିରକ୍ଷର ଧୁରୁଆ ମଣିଷଟିର ମଗଜ ଆଦୌ ଧରିପାରୁନଥିଲା ପ୍ରଶାସନ-ବେଦର ବିଶୁଦ୍ଧ ପ୍ରଣବ ଧ୍ୱନିଗୁଡ଼ାକୁ । ଏ ଯୁକ୍ତିରେ ଅତିଷ୍ଠ, ଉତ୍‌କ୍ଷିପ୍ତ କୁନି ହାକିମ ଗର୍ଜି ଉଠିଲେ—'ତୁ ତ ପଢ଼ିଲେଖି ଜାଣିନୁ; ତୋତେ କେମିତି ମୁଁ ବୁଝାଇବି ?'

ଧୁରୁଆ ହେଉଛନ୍ତି ଏଠାର ଏକ ପୁରାତନ ଆଦିବାସୀ ସଂପ୍ରଦାୟ । ଅନୁସୂଚିତ ଜାତି ପାଇଁ ପ୍ରସ୍ତୁତ ସରକାରୀ ତାଲିକାରେ ଗୋଟାଏ ବନାନ ଅଶୁଦ୍ଧି ଯୋଗୁଁ ସେମାନେ ଉଦ୍ଦିଷ୍ଟ, ଅଭିପ୍ରେତ ସମସ୍ତ ସୁଯୋଗରୁ ବଞ୍ଚିତ । 'ଧୁରୁଆ' ଶବ୍ଦଟି ପ୍ରଶାସନିକ ଶବ୍ଦକୋଷରେ ହୋଇ ଯାଇଛି 'ଧାରୁଆ' । ହର୍ଷଉକାର ଏବଂ ଆକାର ମଧ୍ୟରେ ଖଣ୍ଡଯୁଦ୍ଧ ହିଁ ବିଡ଼ମ୍ବିତ କରିପକାଇଛି ଗୋଟିଏ ଦରିଦ୍ର, ଦୁର୍ବଳତମ ଜନଜାତିର ଭାଗ୍ୟ ।

ମଝି ଧୁରୁଆ ଠାରୁ ଏକଥା ଶୁଣିଲା ପରେ ଭାବିଲି ଏହା ଅସମ୍ଭବ କଥା । ମାତ୍ର ସରକାରୀ ଦସ୍ତାବିଜ୍ କହିଲା ଏହା ସମ୍ଭବ ଓ ସତ୍ୟ । ଆମେ ଦୁଇଟି ସରକାରୀ ଦଲିଲ ଅନୁଧ୍ୟାନ କଲୁ । ଗୋଟିଏ ପ୍ରକାଶିତ ହୋଇଛି ଦେଶର ରାଜଧାନୀ ଦିଲ୍ଲୀରୁ ଅନୁସୂଚିତ ଉପଜାତିର ସରକାରୀ ତାଲିକା, ଅନ୍ୟଟି ପ୍ରାଦେଶିକ ରାଜଧାନୀ ଭୁବନେଶ୍ୱର ପ୍ରଣୀତ—ଓଡ଼ିଶାର ଅନୁସୂଚିଜ ଜାତି ଓ ଉପଜାତି ଉପରେ ପ୍ରାରମ୍ଭିକ ପରିସଂଖ୍ୟାନ । ଉଭୟରେ ରହିଛି ଆଦିବାସୀ ସଂପ୍ରଦାୟଟିର ନାମ : ଧୁରୁଆ । ସେମାନେ ନିଜକୁ ମଧ୍ୟ 'ଧୁରୁଆ' ବୋଲି କହନ୍ତି । ସ୍ଥାନୀୟ ରେକର୍ଡ-ପତ୍ରରେ ସେହି ଏକା ଶବ୍ଦର ଉଲ୍ଲେଖ । ମାତ୍ର ଉପର ସ୍ତରରେ ସେଇ ଏକମାତ୍ର ବନାନ ତ୍ରୁଟିରେ ସମୁଦାୟ ପ୍ରଣବ ଅଶୁଦ୍ଧ, ଅଲୋଡ଼ା ହୋଇଗଲା ।

"ଆମେ ତୋ ଭାଇକୁ ଆଦିବାସୀ ବୋଲି ଚିହ୍ନଟ କରିପାରିବୁ ନାହିଁ ।" —ସେହି କୁନି ହାକିମ କଠୋର ହୋଇ କହିଲେ । "ତା'ର କାଗଜପତ୍ର କହୁଛି ସେ

Digitized by srujanika@gmail.com

ହେଉଛି ଜଣେ ଧୁରୁଆ । ଆମ ରେକର୍ଡରେ ସେମିତି ନାଁରେ କୌଣସି ଜାତି ନାହିଁ । ଯେଉଁ ନାମ ଅଛି ସିଏ ହେଲା ଧାରୁଆ ।'' ମଝି କହିଲା ତା' ସାର୍ଟିଫିକେଟ୍‌ରେ ରହିଛି ଧୁରୁଆ ବୋଲି, ସେ ତ ଆଦିବାସୀ ଭାବେ ଗୃହୀତ । ତା' ସାନଭାଇ ପାଇଁ ସେ ନିୟମ କାହିଁକି ଲାଗୁହେବ ନାହିଁ ?

ହାକିମ ରୋକ୍‌ଠୋକ୍ ଜବାବ୍ ଦେଲେ – 'ମୋର ଏତେକଥା ବୁଝାଇବାକୁ ବେଳ ନାହିଁ । ମୁଁ ସେସବୁ କିଛି ବୁଝେନା । ଏବେ ଖାଲି ଜାଣ୍ ନିୟମ ବଦଳି ଯାଇଛି ।'

ଧୁରୁଆ ସଂପ୍ରଦାୟର ସମୁଦାୟ ଜନସଂଖ୍ୟା ୯ ହଜାରରୁ କମ୍ । ଅଧିକାଂଶ ରହନ୍ତି ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ । ଜନଗଣନା ନଥିରେ ଶବ୍ଦଟିର ବନାନ ମଧ-ଧାରୁଆ । ସୁତରାଂ ସ୍ଥାନୀୟ ଓ ଉପର ମହଲରେ ଶବ୍ଦଟିର ଉଚ୍ଚାରଣରେ ଅନେକ ଭିନ୍ନତା । ତଥାପି ବର୍ଷ ବର୍ଷ ଧରି ପ୍ରଚଳିତ ଏହି ଦୁଇପ୍ରକାର ଉଚ୍ଚାରଣ ସୃଷ୍ଟି କରୁନଥିଲା କୌଣସି ସମସ୍ୟା ।

ଦୁଇବର୍ଷ ଆଗେ କିଛି ସାନ ହାକିମ ଏହି ଉଚ୍ଚାରଣକୁ ନେଇ ତୁମ୍ଭିତୋଫାନ ଉଠାଇବା ଯାଏ ଦୁଇପ୍ରକାର ଶବ୍ଦ ଏକତ୍ର ସହବାସ କରୁଥିଲେ ଏବଂ ସେତେବେଳେ ସୁବିଧା ସୁଯୋଗର ନଈରେ ଘାଇ କି ଘଳିଆ ହୋଇନଥିଲା । ଆଦିବାସୀ ଓ ହରିଜନ ସଂପ୍ରଦାୟଙ୍କ ପାଇଁ ଜାତିଗତ ପ୍ରମାଣପତ୍ର ପାଇବା ହେଉଛି ନିହାତି ଗୁରୁତ୍ୱପୂର୍ଣ୍ଣ । ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ, ପାଠପଢ଼ାରେ ସୁବିଧା ପ୍ରାପ୍ତି ପ୍ରଭୃତି କ୍ଷେତ୍ରରେ ସେମାନଙ୍କ ପାଇଁ ଏହି ପ୍ରମାଣପତ୍ର ଏକାନ୍ତ ଲୋଡ଼ା । ଏହି ଜାତିଗତ ପ୍ରମାଣପତ୍ର ଲୋଡ଼ିଲା ବେଳେ ଧୁରୁଆ ମାନେ ଜାଣିବାକୁ ପାଇଲେ ଯେ, ସେମାନେ ଆଉ ଅନୁସୂଚିତ ଉପଜାତିର ତାଲିକାରେ ନାହାନ୍ତି । ମଝି ଧୁରୁଆ ପରି ବୟସ୍କ ଆଦିବାସୀମାନଙ୍କର ଜାତିଗତ ପ୍ରମାଣପତ୍ର ରହିଛି ଏବଂ ସେମାନେ ସବୁ ସରକାରୀ ସୁବିଧା ସୁଯୋଗ ପାଉଥିଲେ । ମାତ୍ର ହଠାତ୍ ଏଭଳି ଏକ ଉଭଟ ଅବସ୍ଥାର ସୂତ୍ରପାତ ହେଲା । ''ଆଜ୍ଞା, ସରକାରୀ ହିସାବରେ ମୋ ବାପା ଆଉ ମୁଁ ହେଉଛୁ ଆଦିବାସୀ, ହେଲେ ମୋ ସାନଭାଇ ନୁହେଁ । ଏକଥା କେମିତି ହବ ଆଜ୍ଞା ?'' – ବିଷମ ଗୋଳକଧନ୍ଦାରେ ପଡ଼ିଯାଇଥିଲା ମଝି । ସେ ତା'ର ଜାତିଗତ ପ୍ରମାଣପତ୍ର ମଧ୍ୟ ଦେଖାଇଲା ।

ମଝି ଓ ତା'ର ସାନଭାଇକୁ ମୁଁ ମାଲକାନଗିରି ସହରରେ ଭେଟିଲି । ସେମାନେ ସତକୁ ସତ ଆଦିବାସୀ – ଏକଥା କିଛି ସମ୍ଭାବ୍ୟ ନିଯୁକ୍ତିଦାତାଙ୍କୁ ବୁଝାଇବାକୁ ଚେଷ୍ଟା ଚଳାଇଥାନ୍ତି ମତିହିଲ୍ ବ୍ଲକ୍‌ର କେତେକ ତରୁଣ ଧୁରୁଆ । କିନ୍ତୁ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖି ନହେଲା ଭଳି ସେହି ଛୋଟିଆ ତ୍ରୁଟି ପାଇଁ ଚାକିରି କ୍ଷେତ୍ରରେ ବହୁ ଅର୍ଗଳୀ,

Digitized by srujanika@gmail.com

ପାଚେରୀ ଛିଡ଼ା ହୋଇଯାଇଥାଏ । ବିଚଳିତ କଣ୍ଠରେ ମଝି କହିଲା – "ଆଜ୍ଞା, ପ୍ରମାଣ ସ୍ୱରୂପ ମୁଁ ମୋ ସାର୍ଟିଫିକେଟ୍ ଦେଖାଇଲି, ତଥାପି ସେମାନେ ଘେନା କଲେନି ।"

ସବୁ ସ୍ତରର ସରକାରୀ ଦପ୍ତର ଓ ମହଲରେ ସେଇ 'ଧୁରୁଆ' ଶବ୍ଦର ପ୍ରଚଳନ । 'ଧାରୁଆ' ଜାତି ପାଇଁ ସାର୍ଟିଫିକେଟ୍ ପାଇବାକୁ ଏଯାଏ ଗୋଟିଏ ବି ଆବେଦନପତ୍ର ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିନାହିଁ । ଏହାହିଁ କହୁଛି ସେପରି କୌଣସି ଉପଜାତି ନାହିଁ ।

'ହାକିମମାନେ ଗୋଟିଏ ନୂଆ ସଂପ୍ରଦାୟ ପ୍ରବର୍ତ୍ତନ କରିଗଲେ ।' -ହସି ହସି କହିଲେ ଜଣେ ସ୍ଥାନୀୟ ଲଜିଂ ମାଲିକ । ଏହି ଗୋଟିଏ ବନାନ ଅଶୁଦ୍ଧି କିପରି ଗୋଟିଏ ଜନଜାତିର ଜୀବନଧାରାରେ ବିପର୍ଯ୍ୟୟର ପ୍ରଳୟକୁ ଆବାହନ କରି ଆଣିଛି- ସେକଥା ଜଣେ ଅନୁଭବୀ ହିଁ କେବଳ ହୃଦୟଙ୍ଗମ କରିପାରିବ । ଜିଲ୍ଲାରେ କେତେଗୁଡ଼ିଏ କିରାଣୀ ଚାକିରି ପଦବୀ ଖାଲିଥିବାର ସରକାରୀ ଘୋଷଣା ହିଁ ଏହି ସମସ୍ୟାକୁ ଚଳିତ ଋତୁରେ ଅଧିକ ଉତ୍‌ପୀଡ଼କ କରିପକାଇଲା । ଏପରିକି ଓଡ଼ିଶାର ମାନଦଣ୍ଡରେ ମାଲକାନ୍‌ଗିରିରେ ରହିଛି ସର୍ବାଧିକ ବେକାରୀ । ଓଡ଼ିଶାର ଜନସଂଖ୍ୟା ପ୍ରାୟ ୩ କୋଟି ୨୦ ଲକ୍ଷ ବେଳେ ଏହାର ରେଜିଷ୍ଟ୍ରିଭୁକ୍ତ ବେକାରୀ ସଂଖ୍ୟା ୧୫ ଲକ୍ଷ ।

ଧୁରୁଆଙ୍କ ମଧ୍ୟରେ ଥିବା ମୁଷ୍ଟିମେୟ ମାଟ୍ରିକ୍ ପାସ୍ ଯୁବକ ସେମାନଙ୍କ ଭାଗ୍ୟ ସହ ଯୁଝିବା ପାଇଁ ଏବେ ବାହାରି ପଡ଼ିଛନ୍ତି – କହିଲା ମଝି । ସେମାନଙ୍କ ପାଖରେ କିଛି ସମ୍ବଳ ନାହିଁ । ଚନ୍ଦା, ମଙ୍ଗଳୁ ଆଉ ଗୋପାଳ ଧୁରୁଆ ଏହି ଲକ୍ଷ୍ୟରେ ବାହାରି ଏବେ ନିରାଶ ହୋଇ ଫେରିଆସିଛନ୍ତି । 'ଆମେ ଖାଲି ପଡ଼ିଥିବା ପଦବୀ ପାଇଁ ପ୍ରାର୍ଥୀ ହେବାକୁ ମଧ୍ୟ ଯୋଗ୍ୟ ହେଲୁନି ।' –ବିଷର୍ଣ୍ଣତା ଓ ବ୍ୟଞ୍ଜନା ଭିତରେ କହିଲା ଗୋପାଳ । ଏହାହିଁ ବିଡ଼ମ୍ବନା । ଧୁରୁଆ ସଂପ୍ରଦାୟର ସାକ୍ଷରତା ହାର ହେଉଛି ଶତକଡ଼ା ମାତ୍ର ସାତଭାଗ । ହାତଗଣତି କିଛି ଶିକ୍ଷିତ ଧୁରୁଆଙ୍କୁ ନିଯୁକ୍ତି ସୁଯୋଗରୁ ବଞ୍ଚିତ କରିବା ନିହାତି ଦୁର୍ଭାଗ୍ୟଜନକ ।

ଇଏ ଏମିତି ଗୋଟେ ସମସ୍ୟା ନୁହେଁ ଯେ, ଯାହାକୁ ଅକ୍ଳେଶରେ ସଜାଡ଼ି ହେବନି । ଯାହାହେଉ, ସେମାନଙ୍କର ଭାଗ୍ୟ ଅନ୍ୟୂନ ପକ୍ଷେ ଗୋଟିଏ ସ୍ଥାନରେ ଅନୁକୂଳ ! ମାଲକାନ୍‌ଗିରିର ନୂଆ ତହସିଲଦାର ଆର୍.କେ. ପାତ୍ର ଜଣେ ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରଶାସକ । ତାଙ୍କର କାର୍ଯ୍ୟଧାରା ଖୁବ୍ ଅଭିନବ । ଅଳ୍ପ କେଇମାସ ହେଲା ସେ ମାଲକାନଗିରିକୁ ଆସିଥାନ୍ତି । ଘଟଣାଟି ଆମେ ତାଙ୍କ ଦୃଷ୍ଟିକୁ ଆଣିବା ମାତ୍ରେ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କଲେ । ନଥିପତ୍ର ଓ ଅଧିକାର ସଂପର୍କିତ

Digitized by srujanika@gmail.com

ଦସ୍ତାବିଜମାନଙ୍କର ଅନୁଧ୍ୟାନ କରି ସେ ଉପରିସ୍ଥ ହାକିମମାନଙ୍କୁ ଯଥାଶୀଘ୍ର ପତ୍ର ଲେଖିଲେ । ଏଥିରେ ସେ ସ୍ପଷ୍ଟ କରିଦେଲେ ଯେ, ମାଲକାନଗିରିରେ ଧାରୁଆ ନାମରେ କୌଣସି ଜନଜାତି ନାହିଁ, ଏହା କେବଳ ଧୁରୁଆ ।

''ସବୁଠାରୁ ଉଦ୍ଭଟ ଓ ଦୁର୍ଭାଗ୍ୟଜନକ ହେଉଛି ଏଭଳି ନଗଣ୍ୟ ତ୍ରୁଟିର ସଂଶୋଧନ ପାଇଁ ବାହାର ଲୋକଙ୍କ ହସ୍ତକ୍ଷେପ ଦରକାର ପଡ଼ିଲା ।'' –ବହୁତ ପରେ ଭୁବନେଶ୍ୱର ଠାରେ ଜଣେ ଅଫିସର ମୋତେ କହିଲେ । ''ଆମେ ଏମିତି ଏକ ବ୍ୟବସ୍ଥାର ପ୍ରବର୍ତ୍ତନ କରିଛୁ ଯେ, ଆଦିବାସୀ ମାନେ ସ୍ୱୟଂସଂପନ୍ନ ହୋଇ ସେ ବାଟରେ ଚାଲିପାରିବେ ନାହିଁ । ଆଇନ୍‌କାନୁନ୍‌ର ଠିକଣା ବାଟ ଦେଇ ଅନ୍ତତଃ ପକ୍ଷେ ନୁହଁ । ଏହି ବନାନ ଅଶୁଦ୍ଧି ବା ଜାତିଗତ ପ୍ରମାଣପତ୍ର ଭଳି ସମସ୍ୟା ଉପୁଜିଲେ ସେମାନେ ଅସହାୟବୋଧ କରନ୍ତି । ସେମାନେ ପ୍ରଶାସନର ଦୁଆରେ ପହଞ୍ଚିପାରନ୍ତି ନାହିଁ; ନିଜର ଅଧିକାରକୁ ସାବ୍ୟସ୍ତ କରିବା ତ ଆହୁରି ଗହନ ବ୍ୟାପାର ।''

ମଝିର ସାନଭାଇ ଓ ତା'ର ସାଙ୍ଗମାନେ ଶିକ୍ଷିତ ଯୁବକ ହୋଇଥିବା ସତ୍ତ୍ୱେ ଚାକିରି ପାଇଁ ମନୋନୀତ ହେଲେ ନାହିଁ । ଏହା ଘଟୁଛି ଏପରି ଏକ ଜିଲ୍ଲାରେ ଯେଉଁଠି ସାଧାରଣ ସାକ୍ଷରତା ହାର ୧୬ ଶତାଂଶ ପାଖାପାଖି ଏବଂ ଆଦିବାସୀ ସ୍ୱାକ୍ଷରତା ହାର ମାତ୍ର ୪ ଭାଗ ।

ମାଲକାନଗିରି ହେଉଛି ଏକ ମିନି ଆଦିବାସୀ-ଭାରତବର୍ଷ । ଓଡ଼ିଶାରେ ଥିବା ୬୨ ପ୍ରକାର ଆଦିବାସୀ ସଂପ୍ରଦାୟର ପ୍ରତିନିଧିତ୍ୱ ଏଠାରେ ରହିଛି । ଆନ୍ଧ୍ର ଓ ମଧ୍ୟପ୍ରଦେଶରୁ ଆସି ଆଉ କିଛି ଆଦିବାସୀ ଏଠାରେ ବସବାସ କରୁଛନ୍ତି । ଅଧିକାଂଶ ଜନଜାତିର ନିଜସ୍ୱ ଭାଷା ରହିଛି । ଜଣେ ଅଫିସର କହିଲେ ଯେ, ''ମୁଖ୍ୟ ଓଡ଼ିଆ ଭାଷାର ଲିପି ଏହି ବହୁବିଧ ଆଦିବାସୀଙ୍କ ଭାଷାରେ ଥିବା ବିଚିତ୍ର ଉଚ୍ଚାରଣ ଧ୍ୱନିକୁ ଠିକ୍ ଭାବେ ରେକର୍ଡ କରିବାରେ ଅସମର୍ଥ । ସେଥିପାଇଁ ବର୍ତ୍ତମାନର ସମସ୍ୟାଟି ଉପୁଜିଛି ।''

ମଜାର କଥା ହେଉଛି, କିଛି ଅଣଆଦିବାସୀ ବିଭିନ୍ନ ସରକାରୀ ସୁଯୋଗକୁ ଅକ୍ତିଆର କରିବା ଲକ୍ଷ୍ୟରେ ହାସଲ କରିପାରିଛନ୍ତି ଆଦିବାସୀର ଜାତିଗତ ପ୍ରମାଣପତ୍ର । ଏବଂ ସେସବୁକୁ ହାସଲ କରିବାର ବାଟ ନିହାତି କଷ୍ଟସାଧ୍ୟ ନୁହେଁ, ବରଂ ସହଜ ଓ ସଂକ୍ଷିପ୍ତ । ୧୯୬୫ର ବଙ୍ଗଳାଦେଶ ଯୁଦ୍ଧ କାଳରେ ପୂର୍ବ ପାକିସ୍ଥାନରୁ ଶରଣାର୍ଥୀ ରୂପେ ଆସି ମାଲକାନଗିରିରେ ସ୍ଥାୟୀ ବାସିନ୍ଦା ବନିଥିବା ଅଧିକାଂଶ ବଙ୍ଗାଳୀ ହିନ୍ଦୁଙ୍କ କ୍ଷେତ୍ରରେ ଏହାହିଁ ଘଟିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ବିଧିବଦ୍ଧ ଭାବେ ମିଳିଲା ଭୂ-ସଂପତ୍ତି । ସେମାନଙ୍କ ହାତରେ ରହିଛି ଜମି ମାଲିକାନାର ଉପଯୋଗୀ ଦଲିଲପତ୍ର ।

Digitized by srujanika@gmail.com

ଏହି ଭୂମି-ମାଲିକାନା ଓ ସ୍ଥାୟୀ ବାସିନ୍ଦା ଭାବେ ପରିଚୟ ସ୍ୱୀକୃତି ହେଉଛି ଜାତିଗତ ପ୍ରମାଣପତ୍ର ପ୍ରାପ୍ତିର ଆୟୁଧ । ନିର୍ଦ୍ଦିଷ୍ଟ ଅଞ୍ଚଳରେ ଜଣେ ଜମି ମାଲିକାନା ସାବ୍ୟସ୍ତ କରିବାର ଅସ୍ତ୍ର ରୂପେ ପଟ୍ଟା ପାଉତି ଦର୍ଶାଇଲା ମାତ୍ରେ ସହଜରେ ସେ ଅଞ୍ଚଳରେ ପାଇଯିବ ସ୍ଥାୟୀ ବାସିନ୍ଦାର ସରକାରୀ ସ୍ୱୀକୃତି । ଏହାଫଳରେ ତା'ର ଜମି ହୋଇଯିବ ନିବନ୍ଧିତ । କଚେରୀରେ ଏହି ଲେଖାପଢ଼ା ବେଳେ ସେ କେବଳ ପେସ୍କାରକୁ ଜଣାଇବ ନିଜର ଜାତି । ପେସ୍କାରର କାମ ହେଉଛି ଜମିଜମା ସଂପର୍କିତ କାଗଜପତ୍ରର ତନଖି, ସେ ଜାତି ସଂପର୍କରେ ପ୍ରଶ୍ନ ଉଠାଇବାର ସେଠାରେ ଅବସର ନାହିଁ । ସୁତରାଂ ଜଣେ ଯାହା କହିଲା, ତାହା ହିଁ ହେବ ତା'ର ଜାତିଗତ ପରିଚୟ । ଏଠାରେ ଅକ୍ଳେଶରେ ବ୍ରାହ୍ମଣଟିଏ ବନିଯାଇପାରିବ ପାଣ, ଶବରରେ ପରିଣତ ହୋଇପାରିବ ଜଣେ ସବର୍ଣ୍ଣ ।

ବିଡ଼ମ୍ବନା ଯେ, ଅନେକ ଆଦିବାସୀ ଆଜନ୍ମ ଭୂମିହୀନ ହୋଇଥିବାରୁ କି ଯୁଗ ଯୁଗ ଧରି ଅଧିକୃତ ଜମି ପାଇଁ ମାଲିକାନା ସତ୍ତ୍ୱର ସନ୍ତକ ରୂପେ ଗଣା ଯାଉଥିବା ପଟ୍ଟା ପାଉତି ସେମାନଙ୍କ ହାତରେ ନଥିବାରୁ ସେମାନେ ଆଦିବାସୀ ତାଲିକାରୁ ବଞ୍ଚିତ । ଅନ୍ୟପକ୍ଷରେ ଉଚ୍ଚବର୍ଣ୍ଣର ଚତୁର ଲୋକମାନେ ଅନୁସୂଚିତ ଉପଜାତିର ପରିଚୟ-ପଇତାକୁ ପିନ୍ଧି ସରକାରୀ ଦପ୍ତରର ଯଜ୍ଞଶାଳାରେ ନିଯୁକ୍ତି ରୂପକ ପୁରୋହିତ-ଗଣ୍ଡିଲିକୁ ବାନ୍ଧି ପାରୁଛନ୍ତି । ବାସ୍ତବ ଆଦିବାସୀଙ୍କ ତୁଳନାରେ ସେମାନଙ୍କ ଅଧିକା ଶିକ୍ଷାଗତ ଯୋଗ୍ୟତା ତାଙ୍କୁ ଦେଇପାରୁଛି ଏତାଦୃଶ ମାନ୍ୟତା ।

ମଝି ଧୁରୁଆ ଓ ତା'ର ସଂପର୍କୀୟ ତଥା ଜାତିଭାଇଙ୍କ କ୍ଷେତ୍ରରେ ଉଦ୍ଭୁତ ଏହି ସମସ୍ୟାଟି ସମାହିତ ହୋଇପାରିବ । ଏଥିପାଇଁ ମାଲକାନଗିରିର ସେହି ଅଭିଜାତ ପ୍ରଶାସକ ହିଁ ଅଧିକ ଧନ୍ୟବାଦାର୍ହ । ମାତ୍ର ଭୁବନେଶ୍ୱରର ଜଣେ ହାକିମଙ୍କ ଅଭିବ୍ୟକ୍ତି ଅନୁଯାୟୀ, ''ଏ ଘଟଣାରେ ତ୍ୱରିତ ସମାଧାନ ଘଟିଲା, ଯେହେତୁ ଗୋଟିଏ ସମ୍ବାଦପତ୍ର ସେ ସଂପର୍କରେ ଲେଖିଲା । କିନ୍ତୁ ବର୍ଷକ ପୂର୍ବରୁ ଧୁରୁଆ ଆଦିବାସୀମାନେ ସ୍ୱୟଂ ଯେତେବେଳେ ଏ ପ୍ରଶ୍ନ ଉଠାଇଲେ, ସେବେ ତ ସମାଧାନ ହୋଇପାରିଥାନ୍ତା ? ଫଳ ହେଲା ଯେ, ଅଯଥାରେ କିଛି ବର୍ଷ ଗଡ଼ିଗଲା ଏବଂ କିଛି ଆଦିବାସୀ ନିଯୁକ୍ତି ସୁବିଧାରୁ ବଞ୍ଚିତ ହେଲେ । ଆମର ପ୍ରଶାସନିକ ବ୍ୟବସ୍ଥା କେଭେ ବି ନିଃସ୍ୱ ଦରିଦ୍ର ମଣିଷଙ୍କ କଥା ପ୍ରତି କର୍ଣ୍ଣପାତ କରେନାହିଁ । ଆଦିବାସୀ ଓ ହରିଜନଙ୍କ କ୍ଷେତ୍ରରେ ଏହା ସୁଦୂର ପରାହତ; ସେମାନେ ଚିର ଉପେକ୍ଷିତ ।''

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ଦ୍ୱିତୀୟ

ଗ୍ରାମ୍ୟ ହାଟରେ ନିଜ ହାତଗଢ଼ା ହାଣ୍ଡି ମାଠିଆ ବିକ୍ରି ପାଇଁ ମିନି-ଆଦିବାସୀ-ଓଡ଼ିଶା ରୂପେ ଖ୍ୟାତ ମାଲ୍‌କାନଗିରି ପର୍ବତରୁ ନିମ୍ନଦେଶକୁ ଅବତରଣ କରୁଛନ୍ତି ଏକ ଆଦିବାସୀ ଗୋଷ୍ଠୀ ।

ମେଘାବୃତ ପର୍ବତ ଓ ଶତଧାର ଝରଣା

Digitized by srujanika@gmail.com

୧.	ନିୟୁତ ମଣିଷଙ୍କ ନିରାମୟତାର ନିଦାନ	୩୯
୨.	ଗ୍ରାମାଞ୍ଚଳ ଔଷଧର ଉତ୍ତମା, ମଧ୍ୟମା ଓ ପ୍ରଥମା	୪୬
୩.	ଦିଶାରୀ ବାପୁଡ଼ାର ଚିକିତ୍ସା ପେଡ଼ି	୫୧
୪.	୨୦୦୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ମ୍ୟାଲେରିଆ ?	୫୬

❋ ❋ ❋

Digitized by srujanika@gmail.com

ନିୟୁତ ମଣିଷଙ୍କ ନିରାମୟତାର ନିଦାନ

ଅନ୍ୟ ଅନେକ ବ୍ୟାଧିପରି ୧୯୯୪ର ପ୍ଲେଗ୍ ରୋଗର ସମସ୍ୟା ଥିଲା ଭିନ୍ନ, ସେ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଖକୁ ନଯାଇ କେବଳ ସହରରେ ତା'ର ତାଣ୍ଡବଲୀଳା ଦେଖାଇଲା । ପୁଣି ତା'ର ଦୁଷ୍ଟାମୀ ହେଲା ଯେ, ସହରମାନଙ୍କର ଝୁପୁଡ଼ି ବସ୍ତି ମଧ୍ୟରେ ସେ ସୀମିତ ରହିଲା ନାହିଁ । ତା' ପାଇଁ ଅଭିଜାତ ଶ୍ରେଣୀର କିଛି ବାଛ ବିଚାର ରହିଲା ନାହିଁ । ଦକ୍ଷିଣ ବମ୍ବେ ଓ ଦକ୍ଷିଣ ଦିଲ୍ଲୀର ସମ୍ଭ୍ରାନ୍ତ ଅଞ୍ଚଳମାନଙ୍କରେ ତା'ର ଅନୁପ୍ରବେଶକୁ ପ୍ରତିହତ କରିବା ପାଇଁ କୌଣସି ପଦ୍ଧତି ସେଯାଏ ବାହାରି ନଥିଲା । ଏବେ ବି ନାହିଁ । ତା'ର ଦୁଷ୍ଟାମୀର ଆଉ ଏକ ନମୂନା ହେଉଛି ସେ ବିମାନ ଚଢ଼ି ନ୍ୟୁୟର୍କର କୌଣସି 'କ୍ଲବ୍ ଘର'ର ନବ୍ୟ ସଭ୍ୟଙ୍କ ପାଖରେ ଅକ୍ଳେଶରେ ପହଞ୍ଚିଯାଇପାରେ । ସୁତରାଂ ବହୁ ସୁଠାମ, ସୁନ୍ଦର ମଣିଷମାନେ ତା'ର ଚଳପ୍ରଚଳରେ ଆତଙ୍କ ଅନୁଭବ କଲେ ।

ଅନେକ ଜୀବନ ବିପଦାପନ୍ନ ହୋଇପଡ଼ିବାର ଆଶଙ୍କା ହିଁ ଭାରତୀୟ ଉନ୍ମାଦଗ୍ରସ୍ତ ସମ୍ବାଦପତ୍ର ଜଗତକୁ ପ୍ରବର୍ତ୍ତାଇଲା ଏକ 'ଭୀଷଣ, ବିକଟାଳ'ର ଚିତ୍ର ଆଙ୍କିବାକୁ । ଏହାର ଚାବୁକ୍ ଛାଟରେ ବିଶ୍ୱବ୍ୟାପୀ ଚହଳ ପଡ଼ିଗଲା ଯେ, ମୃତ୍ୟୁର କରାଳ ଯମ ମଇଁଷୀ ପିଠିରେ ଚଢ଼ି ଭାରତର ଲକ୍ଷ ନିୟୁତ ମଣିଷଙ୍କୁ କଞ୍ଚା ଚୋବେଇ ପକାଉଛି । ବାସ୍ତବରେ ପ୍ଲେଗ୍ ଚୋବେଇଥିଲା ହାତଗଣତି ଚଉବନଟି ଜୀବନ । ଏହାକୁ ପ୍ଲେଗ୍ କହିବେ ନା ଭୂତାଣୁର ଉତ୍ପାତ ! ଭାରତରେ କେବଳ ଯକ୍ଷ୍ମାରୋଗରେ ଟଳିପଡ଼ନ୍ତି ୪ ଲକ୍ଷ ୫୦ ହଜାର ମଣିଷ ପ୍ରତିବର୍ଷ । ପ୍ରତିଦିନ ୧୨୫୦ ଅସହାୟ ଜୀବନ । ଅଚାନକ ଭାବେ ଆସି ଆକସ୍ମିକ ଭାବେ ଫେରିଯାଇଥିବା ପ୍ଲେଗ୍ ଠାରୁ ପ୍ରତିବର୍ଷର ଯକ୍ଷ୍ମା ମୃତ୍ୟୁହାର ୮ ହଜାର ଗୁଣ ଅଧିକ । ବର୍ଷକୁ କଦବା କ୍ୱଚିତ ଯଦି କୌଣସି ସମ୍ବାଦପତ୍ରର ନିଲାମ ଇସ୍ତାହାର ପୃଷ୍ଠାର କୌଣସି କୋଣରେ ଏ ତଥ୍ୟଟି ପ୍ରକାଶ ପାଏ, ତେବେ ଯକ୍ଷ୍ମାରୋଗୀ ନିଜକୁ ଭାଗ୍ୟବାନ ମନେ କରିବ । ଯଦି କେବେ ସେତକ ଘଟିଗଲା, ତେବେ ଜାଣିବାକୁ ହେବ ଯେ, ଦେଶର ନାମଜାଦା ହୃଦ୍‌ରୋଗ ଡାକ୍ତରମାନଙ୍କ ବାର୍ଷିକ ସମ୍ମେଳନରେ ତାହା ଅଭିବ୍ୟକ୍ତ ହୋଇଛି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଡାକ୍ତର ଯେହେତୁ ଖବରକାଗଜ ମାଲିକମାନଙ୍କର ଚିକିତ୍ସକ, ସେଥିପାଇଁ ସେତକ ସମ୍ବାଦ ସୂର୍ଯ୍ୟାଲୋକ ଦେଖିଲା ।

ଭାରତବର୍ଷ ନାମକ ଦେଶରେ ଝାଡ଼ାବାନ୍ତିରେ ପ୍ରତିବର୍ଷ ମରନ୍ତି ୧୫ ଲକ୍ଷ ନିର୍ବାକ ଶିଶୁ—ପ୍ରତି ତିନି ମିନିଟ୍‌ରେ ଜଣେ । ଏ ପରିମାଣ ହେଉଛି ପ୍ଲେଗ୍ ଜନିତ

Digitized by srujanika@gmail.com

ମୃତ୍ୟୁଠାରୁ ୩୦ ହଜାର ଗୁଣ ଅଧିକ । ଏକଥା ଖବରକାଗଜ ପିଠିରେ ବୁହା ହେବ, ଯଦି ୟୁନିସେଫ୍ ଉନ୍ମୋଚିତ କରୁଥାଏ 'ବିଶ୍ୱ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାର ବାର୍ଷିକ ରିପୋର୍ଟ ।' ତେବେ ହୁଏତ ଆଶା କରାଯିବ ଯେ, କ୍ରୋଡ଼ପତ୍ରରେ କେଉଁ ଅନାମଧେୟ ସ୍ତମ୍ଭ ତଳକୁ ବସିବାକୁ ଏତକ ଠା ପାଇବ । ନଚେତ୍ "ଆମେ କେଉଁଠି ବାଟ ହୁଡ଼ିଲୁ" କିମ୍ବା "ବିଜୁଳି, ଶାସନ ଗଲାଣି ହୁଗୁଳି" ଶିରୋନାମାରେ ଗୋଟାଏ ତରବରିଆ ସଂପାଦକୀୟ ଲେଖା ହୋଇଯିବ, କାରଣ ଠିକଣା ସମୟରେ ମନ୍ତ୍ରୀଙ୍କ ଭାଷଣ ପହଞ୍ଚି ପାରିଲା ନାହିଁ । କିମ୍ବା ଖେଳ ଖବର କି ବଜାର ଦର ଲେଖୁଥିବା ସାମ୍ବାଦିକ ସର୍ଦ୍ଦି-ଛିଙ୍କରେ ଆକ୍ରାନ୍ତ ହେତୁ ରିପୋର୍ଟ ପଠାଇବାରେ ବିଳମ୍ବ କରିଦେଲେ । କାମ ଛିଣ୍ଡେଇ ଦେଲେ ହେଲା, ପୁଣି ଆରବର୍ଷକୁ ସେହି ଏକା ସଂପାଦକୀୟ ସେହି ଏକା ସ୍ଥାନରେ ବସିଯିବ । ଯଦି ସେହି ଋତୁରେ କୌଣସି ଭାରତୀୟ ନାରୀ ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ଜିଣିପାରିଲେ ନାହିଁ, ତେବେ ତାଙ୍କର ଚାରୁହାସିନୀ, ମୁକ୍ତ ବକ୍ଷ ଓ ଜଘନର ଏକ ମନୋରମ ଫଟୋ ସହ ସୁଦୃଶ୍ୟ ରିପୋର୍ଟଟିଏ ପ୍ରଥମ ପୃଷ୍ଠାରେ ସ୍ଥାନ ପାଇବ ଏବଂ ଏପରି ଦୁର୍ଭାଗ୍ୟ କାହିଁକି ଘଟିଲା ତା' ଉପରେ ତାତ୍ତ୍ୱିକ ଚର୍ଚ୍ଚାମାନଙ୍କର ବିବରଣୀ ସ୍ତମ୍ଭ ପରେ ସ୍ତମ୍ଭ ଲେଖା ଚାଲିବ । ଯଦି ଶିଶୁଙ୍କ ଅପମୃତ୍ୟୁ ନେଇ ରିପୋର୍ଟଟିଏ କୌଣସି ଦିନ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରିଥିବା ଦେଖିବେ, ତେବେ ଅକ୍ଳେଶରେ ଜାଣିନେବେ ଯେ, ସମ୍ବାଦପତ୍ରର ସଂପାଦକ ଅତ୍ୟନ୍ତ ସମ୍ବେଦନଶୀଳ – ନିଶ୍ଚୟ ସେଦିନ ତାଙ୍କର 'ରୋଟାରୀ କ୍ଲବ'ରେ 'ଆମ ପିଲାମାନଙ୍କ ପାଇଁ କ'ଣ କରାଯାଇପାରିବ ?' ଶୀର୍ଷକ ବିଷୟ ଉପରେ ଭାଷଣ ଦେବାର ଅଛି । ହୁଏତ ତାଙ୍କର ମୂଲ୍ୟବାନ ଭାଷଣର ରିପୋର୍ଟଟିକୁ ଆପଣ ସେଦିନ ପଢୁଥାଇ ବି ପାରନ୍ତି ।

ପ୍ରତି ଚଉଦ ଦିନରେ ଏ ଦେଶର ପାଞ୍ଚବର୍ଷରୁ କମ୍ ୭୫ ଲକ୍ଷ ଶିଶୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୁଅନ୍ତି । ଶ୍ୱାସରୋଗରେ ଡହଳବିକଳ ହୁଅନ୍ତି ୧୯୦ ଲକ୍ଷ ଶିଶୁ, ସମାନ ସଂଖ୍ୟକ ଶିଶୁ ଭୋଗନ୍ତି ରକ୍ତହୀନତା – ସେଇ ଏକା ୧୪ ଦିନ ବା ୩୩୬ ଘଣ୍ଟାରେ । ସେମାନଙ୍କ ପରି ସେମାନଙ୍କ ପିତାମାତା ଚିର ଅସହାୟ, ଦରିଦ୍ର । ଖବରକାଗଜ ପଢ଼ିବାର ସାମର୍ଥ୍ୟ ସେମାନଙ୍କର ନାହିଁ । ସୁତରାଂ ପ୍ଲେଗ୍ ମାଡ଼ିବସେ ସମ୍ବାଦପତ୍ରର ପୃଷ୍ଠା । ସେ ସମ୍ବାଦର ବଜାର ଅଛି । ଏ ଦେଶରେ ହିଂସା, ବ୍ୟଭିଚାର, ଧର୍ଷଣ ଓ ମନ୍ତ୍ରୀଙ୍କ ଭାଷଣର ବେଶ୍ ସରଗରମ ବଜାର ରହିଛି । ତେଣୁ ବଜାର ଯାହାର, ସଉଦା ବି ତାହାର ।

ପଶ୍ଚିମା ଦେଶମାନଙ୍କରେ ପ୍ଲେଗ୍ ମଧ୍ୟ ସେହି ପୁରୁଣା ଢୋଲ୍କି ବାଦ୍ୟର ପୁନରାବୃତ୍ତି କଲା – 'ଏ ଲୋକମାନଙ୍କୁ ନେଇ ତମେ କ'ଣ କରିପାରିବ ?' ଲଣ୍ଡନର

Digitized by srujanika@gmail.com

ଗୋଟିଏ ପ୍ରତିଷ୍ଠିତ ସମ୍ବାଦପତ୍ର ଲେଖିଲା, ଏମିତି ଏକ ଦେଶରୁ ପ୍ଲେଗ୍ ମାଡ଼ିଆସୁଛି । ଯେଉଁଠି ଲକ୍ଷ ନିୟୁତ ମଣିଷ ଗୋଟେ ହାତୀ-ଶୁଣ୍ଢିଆ ଦେବତାକୁ ପୂଜା କରନ୍ତି, ଯାହାଙ୍କ ବାହନ ହେଉଛି ମୂଷା । ଏଥିପାଇଁ ଲୋକେ ମୂଷା ମାରିବାକୁ କୁଣ୍ଠିତ । ପ୍ଲେଗ୍ ସଂଘଟିତ ସ୍ଥଳକୁ ଯାଇ ରିପୋର୍ଟ କରିବାରେ ବହୁତ 'ରିସ୍କ' ଅଛି । ସାହସ ଲୋଡ଼ା । ତ୍ରୟୋଦଶ ଶତାବ୍ଦୀରେ ସମଗ୍ର ୟୁରୋପ ମହାଦେଶରେ ଆତଙ୍କ ସୃଷ୍ଟି କରିଥିବା ଏ ଖତରନାକ୍ ରୋଗ ସଂପ୍ରତି ତୃତୀୟ ବିଶ୍ୱ ପରି ଆଦିମ ସ୍ଥାନମାନଙ୍କରେ କେବଳ ଦୃଶ୍ୟମାନ ।

କିନ୍ତୁ ୟୁରୋପ ଓ ଉତ୍ତର ଆମେରିକାରେ ପ୍ରତିବର୍ଷ ପ୍ଲେଗ୍ ସଂକ୍ରମଣ ଘଟେ ସାଧାରଣତଃ ବଣଭୋଜି କରିବାକୁ ଯାଇଥିବା ପର୍ଯ୍ୟଟକ ଓ ମଉଜକାରୀଙ୍କୁ କାମୁଡୁଥିବା ଡାଆଁସ ଯୋଗୁଁ-ଯିଏ ବଣୁଆ ମୂଷା ସଂସ୍ପର୍ଶରେ ଆସିଥାନ୍ତି । ଡେଉଁଥିବା, ପକ୍ଷହୀନ, ରକ୍ତପିପାସୁ ଏହି ପତଙ୍ଗଟିକୁ ଇଂରାଜୀରେ ଫ୍ଲି କୁହାଯାଏ । ଏକଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦର୍ଶାଇଥିଲେ । କିନ୍ତୁ ଆମର ଆତଙ୍କ ଉଣ୍ଡାଳୁଥିବା ସାମ୍ବାଦିକମାନଙ୍କ ଚମକପ୍ରଦ ରିପୋର୍ଟ ସହିତ ଏଇଟିର ଉପଯୋଗ ଠିକ୍ ନୟୁଚିବାରୁ ତାକୁ ଭିତର ପୃଷ୍ଠାର କେଉଁ କୋଣକୁ ପୋପାଡ଼ି ଦିଆଯାଇଥିଲା । କାରଣ ଏଥିରେ ଭାରତବର୍ଷର ବାସ୍ତବ ସ୍ୱାସ୍ଥ୍ୟ ସମସ୍ୟାର ରୂପାୟନ ଥିଲା । ତୃତୀୟ ବିଶ୍ୱରେ ପଶ୍ଚିମା ଦେଶମାନେ ପ୍ରବର୍ତ୍ତନ କରୁଥିବା କେତେକ ଧାରା ଓ ନମୂନା ପ୍ରତି ଏହା ସୃଷ୍ଟି କରୁଥିଲା କିଛି ବିବ୍ରତ ପ୍ରଶ୍ନବାଚୀ । ଅନ୍ୟଭାଷାରେ ଆମକୁ ପାଣି ଯୋଗାଉଥିବା ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ପ୍ରଭୃତିର ଗହନ ଚାପ ଏହା ପଛରେ ଥିଲା ।

୧୯୯୨ରେ ଆମେରିକା ଠାରୁ ଭାରତକୁ ମିଳିଥିଲା ୮୦୦ କୋଟି ଟଙ୍କା (୩୨୫ ନିୟୁତ ମାର୍କିନ ଡଲାର) କେବଳ ଉତ୍ତରପ୍ରଦେଶରେ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ । ଏହି ପରିବାର ନିୟୋଜନର ଆୟୁଧ ଥିଲା ଆମେରିକାର 'ନର୍‌ପ୍ଲାଣ୍ଟ' ନାମକ ଏକ ନିହାତି ହାନିକାରକ ଗର୍ଭ ନିରୋଧକ । ଏହା ସ୍ୱୟଂ ପାଶ୍ଚାତ୍ୟ ଦେଶମାନଙ୍କରେ ବର୍ଜ୍ଜନୀୟ ହୋଇପଡ଼ିଛି । ମାତ୍ର ଭାରତର ଗ୍ରାମାଞ୍ଚଳରେ ଦରିଦ୍ର ମହିଳାମାନଙ୍କ ଉପରେ ତାହାକୁ ଲଦି ଦିଆଗଲା, ଯେଉଁମାନେ ସାମାନ୍ୟତମ ବ୍ୟାଧି ପାଇଁ ପାଇପାରନ୍ତି ନାହିଁ କୌଣସି ଚିକିତ୍ସା ସୁବିଧା । କିନ୍ତୁ ସେପରି ଚିକିତ୍ସା ପାଇଁ ଟଙ୍କା ନାହିଁ ।

ଜଳ ପରିବାହିତ ରୋଗରେ ଭାରତରେ ପ୍ରତିବର୍ଷ ମରନ୍ତି ଲକ୍ଷ ଲକ୍ଷ ମଣିଷ ଏବଂ ଦେଶର ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାର ୮୦ ଶତାଂଶ ହେଉଛି ଦୂଷିତ ଜଳ ପାଇଁ । ଏସବୁ ରୋଗ ହେଉଛି ଝାଡ଼ାବାନ୍ତି, ଟାଇଫଏଡ୍, ହଇଜା, କାମଳ ଏବଂ କୃମି ଜାତୀୟ ବିଭିନ୍ନ ରୋଗ । ମ୍ୟାଲେରିଆ ଭଳି ଜଳଜନିତ ରୋଗ ପ୍ରତିବର୍ଷ ଭାରତରୁ ପୋଛିନିଏ ଅସୁମାରି ମୁଣ୍ଡ—ସହସ୍ର ସହସ୍ର ମଣିଷ ଯନ୍ତ୍ରଣାରେ କଲବଲ ହୁଅନ୍ତି । ଆହୁରି ରହିଛି

Digitized by srujanika@gmail.com

ବହୁବିଧ ପେଟ ବେମାରୀ ଏବଂ ଚର୍ମରୋଗ । ସାରା ଜୀବନ ତମାମ ସେସବୁ ମଣିଷକୁ ଜୀଅନ୍ତା ମାରୁଥାଏ । ହେଲେ ସେହି ଜଳ ବିଶୋଧନ ପାଇଁ, ନିରାପଦ ପାନୀୟ ଜଳ ପାଇଁ ପୁଞ୍ଜି ମିଳିବା କାଠିକର ପାଠ ।

ଆମ ପରିସଂଖ୍ୟାନର ଗୋଦାମ ଘରେ ମାଲ ଖୁନ୍ଦାଖୁନ୍ଦି । କିଛି ନିଅନ୍ତୁ । ନିରାପଦ ଓ ଆବଶ୍ୟକ ପରିମାଣର ଜଳ ପାଇବାରୁ ବଞ୍ଚିତ ପୃଥିବୀର ପ୍ରତି ତିନିଜଣରେ ରହିଛି ଜଣେ ଭାରତୀୟ । ବିଶ୍ୱରେ ଡାଇରିଆରେ ମରୁଥିବା ପ୍ରତି ଚାରିଜଣ ଶିଶୁରେ ରହିଛି ଜଣେ ଭାରତରୁ । କୁଷରୋଗରେ ସଢୁଥିବା ବିଶ୍ୱର ପ୍ରତି ତିନିଜଣରେ ଅଛି ଜଣେ ଭାରତୀୟ । ଜଳ ପରିବାହିତ ଓ ଜଳଜନିତ ରୋଗରେ ପୃଥିବୀ ନାମକ ଗ୍ରହରେ ଝରିପଡୁଥିବା ମଣିଷଙ୍କ ମଧ୍ୟରେ ଭାରତୀୟଙ୍କ ସ୍ଥାନ ଚତୁର୍ଥ । ଏ ଭୂ-ମଣ୍ଡଳରେ ସବୁ ଋତୁରେ ମହଜୁଦ ଥିବା ୧୬୦ ଲକ୍ଷ ଯକ୍ଷ୍ମାରୋଗୀଙ୍କ ମଧ୍ୟରେ ଭାରତୀୟ ନାଗରିକଙ୍କ ସ୍ଥାନ ବଡ଼ ଜମାଣିଆ – ୧୨୭ ଲକ୍ଷ । ପୁଷ୍ଟିହୀନତାରେ ପୀଡ଼ିତ ଶତସହସ୍ର ଭାରତୀୟ ଏବଂ ଏହା ସେମାନଙ୍କ ପାଇଁ ଆମନ୍ତି ଆଣେ ବହୁପ୍ରକାର ବ୍ୟାଧି । ଭାରତ ଯେପରି ବ୍ୟାଧି ଓ ଯନ୍ତ୍ରଣାର ଏକ ଖୋଲା ପଡ଼ିଆ । ଯେକୌଣସି ରୋଗର ଷଣ୍ଢ, ମଇଁଷୀ, ବୋଦା ଓ ଘୁଷୁରୀମାନେ ଯେକୌଣସି ସମୟରେ ସେଠାରେ ଅବାଧରେ ଚରାବୁଲା ଏବଂ ଲଢ଼ାଲଢ଼ି କରିପାରିବେ । ପୌଷ୍ଟିକ ଆହାର ଦିଗରେ ଆମ ସରକାରଙ୍କ ବ୍ୟୟ ହେଉଛି ସାମଗ୍ରିକ ଜାତୀୟ ଉତ୍ପାଦନର ଏକ ଶତାଂଶରୁ ଆହୁରି କମ୍ ।

ଭାରତରେ ପ୍ଲେଗ୍‌ର ଆତଙ୍କ ସହିତ ଆସିଲା ବୈଦେଶିକ ପୁଞ୍ଜି ହ୍ରାସର ଆତଙ୍କ । ସେ ଧମକି ତୁଳନାରେ ଲକ୍ଷ ଲକ୍ଷ ମଣିଷଙ୍କ ଜୀବନର ମୂଲ୍ୟ ବା କ'ଣ ! ଅତି ତୁଚ୍ଛ । ଭାରତୀୟ ବୁଦ୍ଧିଜୀବୀ ମହଲ ଚର୍ଚ୍ଚା କଲେ-ଛିଃ ଛିଃ, ଗୋରା ଲୋକଗୁଡ଼ା (ପଶ୍ଚିମା ବିଦେଶୀ) ଆମ ବିଷୟରେ କ'ଣ ଭାବୁଥିବେ ? କିନ୍ତୁ ପ୍ଲେଗ୍ ବିଷୟରେ ସବୁଠୁଁ ବିସ୍ମୟକର କଥା ହେଉଛି – ଇଏ ବ୍ୟାପିବାକୁ ଏତେ ବିଳମ୍ବ କିପରି କଲା ! ଭାରତ ଭଳି ସ୍ୱାସ୍ଥ୍ୟ ସଂପର୍କରେ ଏତେ ଖିଲାପୀ ଓ ଖାମଖେୟାଲି ଦେଶ ଆଉ ପୃଥିବୀରେ ଥିବେ କି ନାହିଁ ।

ଭାରତୀୟ ସରକାର ସମୁଦାୟ ରାଷ୍ଟ୍ରୀୟ ଆୟର ୧.୮ ଶତାଂଶ ଠୁଁ ଅଧିକ କେବେ ସ୍ୱାସ୍ଥ୍ୟ ପାଇଁ ବ୍ୟୟ କରିଥିବାର ଦୃଷ୍ଟାନ୍ତ ଯୋଜନା ଇତିହାସରେ ନାହିଁ; ବର୍ତ୍ତମାନ ତ ସେ ପରିମାଣ ଆହୁରି ୦.୫ ଶତାଂଶ ଖସି ଆସି ହୋଇଛି ୧.୩ ଭାଗ । ନିକାରଗୁଆ ଭଳି ଦେଶ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ କରେ ୬.୭, ବ୍ରାଜିଲ୍ ୨.୮ ଏବଂ ଚୀନ୍ ୨.୧ ଶତାଂଶ । ବିଶ୍ୱର ଶିଳ୍ପ ସମୃଦ୍ଧ ରାଷ୍ଟ୍ରଙ୍କ ମଧ୍ୟରୁ ସ୍ୱିଡେନ୍‌ର ବ୍ୟୟ ୭.୯ ଏବଂ ଆମେରିକାର ୫.୬ ଶତାଂଶ । ସ୍ୱାଧୀନତା ପ୍ରାପ୍ତି ପରେ ପରେ ଭାରତ ତା'ର ପ୍ରଥମ ପଞ୍ଚବାର୍ଷିକ ଯୋଜନା

Digitized by srujanika@gmail.com

କାଳର ସ୍ୱାସ୍ଥ୍ୟ ସେବା ପାଇଁ ୫ ଶତାଂଶ ବ୍ୟୟ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ପ୍ରାୟ ଦୁଇ ଶତାବ୍ଦୀ ବ୍ୟାପୀ ଔପନିବେଶିକ ଶାସନରେ ରହି; ବହୁ ଶୋଷଣ, କଷଣ, ଦୁର୍ଭିକ୍ଷ ଓ ବ୍ୟାଧି ବିପର୍ଯ୍ୟୟରୁ ମୁକ୍ତ ହୋଇ ସ୍ୱାଧୀନ ଏକ ରାଷ୍ଟ୍ର ରୂପେ ମୁଣ୍ଡ ଟେକିବା ବେଳେ, ଆଭ୍ୟନ୍ତରୀଣ ଆର୍ଥିକ ସ୍ଥିତିର ଅସ୍ୱଚ୍ଛଳତା କାଳରେ ଏପରି ଏକ ପଦକ୍ଷେପ ନିଶ୍ଚିତ ରୂପେ ଥିଲା ବଳିଷ୍ଠ ଓ ସୁଚିନ୍ତିତ । କିନ୍ତୁ ଅଷ୍ଟମ ପଞ୍ଚବାର୍ଷିକ ଯୋଜନା ବେଳକୁ ଏହା ଖସିଆସି ୧.୭ରେ ପହଞ୍ଚିଲା ଏବଂ ପରବର୍ତ୍ତୀ ଯୋଜନାମାନଙ୍କରେ ଏହାର ଏକମାତ୍ର ଭବିତବ୍ୟ ଥିଲା ତଳକୁ ଖସି ମାଙ୍କଡ଼ଚିତ୍ ମାରିବା ଯାଏ ଗତି ପ୍ରାପ୍ତି । ଚୀନ୍ ଓ ଶ୍ରୀଲଙ୍କା ଭଳି ଏସୀୟ ଏବଂ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ଠାରୁ ବହୁ ଉଚ୍ଚରେ ।

ଭାରତର ଲୋକମାନେ ସେମାନଙ୍କ ଚିକିତ୍ସା ବ୍ୟୟର ୮୦ ଭାଗ ଆପଣାଛାଏଁ ବହନ କରିବାରେ ଅଭ୍ୟସ୍ତ । ଭାରତୀୟ ଡାକ୍ତରଖାନାର ୨୦ ଭାଗ ରୋଗୀ-ଶଯ୍ୟା ରହିଛି ଗ୍ରାମାଞ୍ଚଳରେ ଯେଉଁଠି ରହନ୍ତି ଦେଶର ୮୦ ଭାଗ ମଣିଷ । ଭାରତର ହିମାଳୟରୁ କୁମାରୀକା ଯାଏ ରହିଛି ହଜାର ହଜାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚିକିତ୍ସାଳୟ-ସେସବୁ କେବଳ କାଗଜପତ୍ରରେ ଚାଲେ । ଆଉ ଯେଉଁଠି ଚାଲେ, ସେଠାରେ ମାସ ମାସ ବର୍ଷ ବର୍ଷ ଧରି ଡାକ୍ତରମାନଙ୍କ ମୁହଁ କେହି ଦେଖିନଥାନ୍ତି । ଅବଶିଷ୍ଟ କେନ୍ଦ୍ରର ଯଦି କେହି କୌଣସି ଔଷଧର ମୁହଁ ଦେଖିଦେଲା, ତେବେ ତା'ର ମୂର୍ଚ୍ଛା ହୋଇଯିବାର ପାଳି ।

ତଥାପି ଭାରତରେ ନର୍ସମାନଙ୍କ ଅପେକ୍ଷା ଅଧିକା ଡାକ୍ତର ଉତ୍ପାଦିତ ହୁଅନ୍ତି । ଏଠୁ ମଧ ହଜାର ହଜାର ଡାକ୍ତର ରପ୍ତାନୀ ହୁଅନ୍ତି । ୧୯୯୦ରେ ଭାରତରେ ନିବନ୍ଧିତ ହୋଇଥିଲେ ୩ ଲକ୍ଷ ୮୧ ହଜାର ୯୭୮ ଜଣ ଏଲୋପାଥି ଡାକ୍ତର । କିନ୍ତୁ ଥିଲେ ୧,୧୧,୨୩୫ ଜଣ ନର୍ସ । ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ୧୯୯୫ ସେପ୍ଟେମ୍ବରରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ 'ପ୍ରତିବର୍ଷ ଦେଶରୁ ଉତ୍ପନ୍ନ ହୁଅନ୍ତି ୧୪ ହଜାର ଡାକ୍ତର, କିନ୍ତୁ ନର୍ସ ସଂଖ୍ୟା ମାତ୍ର ୮ ହଜାର ।' ବିଶ୍ୱର ସବୁଠୁଁ ଦରିଦ୍ରତମ ମଣିଷଙ୍କ ଅବଦାନରେ ପରିଚାଳିତ ମେଡ଼ିକାଲ କଲେଜମାନଙ୍କରୁ ପ୍ରଶିକ୍ଷିତ ହୋଇ ଅଧିକାଂଶ ଡାକ୍ତର ବିଦେଶରେ ସ୍ଥାୟୀ ବାସିନ୍ଦା ବନି ବିଶ୍ୱର ସବୁଠୁଁ ଧନ୍ୟାଢ୍ୟ ମାର୍କିନ ବାସୀଙ୍କ ସେବାରେ ଉତ୍ସର୍ଗୀକୃତ ହୋଇ ରହନ୍ତି । ଅନ୍ୟ ଭାଷାରେ କହିଲେ ଧନୀକତମ ନାଗରିକଙ୍କ ସ୍ୱାସ୍ଥ୍ୟସେବା ପାଇଁ ଅନୁଦାନ ଦେଉଛନ୍ତି ସର୍ବାଧିକ ବଞ୍ଚିତ ଓ ବ୍ୟାଧିପ୍ରବଣ ମଣିଷ ।

ମନମୋହନ–ଅର୍ଥନୀତିର ଆଗମନ ଫଳରେ ଓ ସ୍ୱାସ୍ଥ୍ୟସେବା ପାଇଁ ବଜେଟ୍‌ରେ ବର୍ବର କାଣ୍ଟଛାଣ୍ଟ କରିପକାଇଛି । ଦରିଦ୍ରତମ ମଣିଷଙ୍କ ବଞ୍ଚିବାର ସଂଗ୍ରାମକୁ ଅଧିକ ରୁକ୍ଷ, କଠୋର ସ୍ୱାସ୍ଥ୍ୟସେବା ପାଇଁ ଯେତିକି ପିଣ୍ଡଦାନ ଥିଲା ସେତକ ବୁଡ଼ିଗଲା, ଏବେ ଖାଲି ଶୁଦ୍ଧ ପାଣିଛଡ଼ାରେ ଶ୍ରାଦ୍ଧକର୍ମ ବଢ଼ିଯିବ । ଅର୍ଥନୀତିର 'ସୁଧାର' ଧାରାରେ

Digitized by srujanika@gmail.com

ଆଗଧାଡ଼ିରେ ପଦାତିକ ସୈନିକ ରୂପେ ଗଣ୍ୟ ହେଉଥିବା ମହାରାଷ୍ଟ୍ର ଓ ଗୁଜୁରାଟ ଭଳି ରାଜ୍ୟ ଦ୍ୱୟ ୧୯୯୧ରୁ ୧୯୯୪ ଅଗଷ୍ଟ ଭିତରେ ଆକର୍ଷିତ କରି ପାରିଛନ୍ତି ୧୧୪ ହଜାର କୋଟି ଟଙ୍କା (୩୮ ପରାର୍ଦ୍ଧ ଡଲାର)ର ଅର୍ଥ ବିନିଯୋଗ । ଏବଂ ଏହି ଦୁଇଟି ରାଜ୍ୟରେ ହିଁ ପ୍ଲେଗ୍ ରୋଗର ଉଦ୍‌ଘାଟନୀ ଘଟିଲା । ସୁଧାର ଅର୍ଥନୀତିର ପ୍ରସବ ପୂର୍ବରୁ ଗୁଜୁରାଟରେ ସ୍ୱାସ୍ଥ୍ୟସେବା ପାଇଁ ମୁଣ୍ଡପିଛା ବ୍ୟୟ ଥିଲା ମାତ୍ର ୪୯ ଟଙ୍କା । ସୁଧାର ପରେ ଏଥିରେ ଆହୁରି କାଣ୍ଡଛାଣ୍ଡ ହେଲା । ଗୁଜୁରାଟ ତୁଳନାରେ କେରଳ ଭଳି ଅଧିକ ଦରିଦ୍ରତମ ରାଜ୍ୟରେ ସ୍ୱାସ୍ଥ୍ୟ ପାଇଁ ମୁଣ୍ଡପିଛା ବ୍ୟୟ ଥିଲା ୭୧ ଟଙ୍କା ।

ସ୍ୱାସ୍ଥ୍ୟ ପାଇଁ ଆସୁଥିବା ପାଣ୍ଠିର କିପରି ବିନିଯୋଗ ହେଉଛି, ତାହା ଜାଣିବା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ । ପୁନଶ୍ଚ କେରଳ ଏ କ୍ଷେତ୍ରରେ ଅଗ୍ରଣୀ । କେରଳରେ ଗ୍ରାମାଞ୍ଚଳ ଶିଶୁ ମୃତ୍ୟୁହାର ହେଉଛି ଏକହଜାରରେ ୩୭.୧୭ । ଗୁଜୁରାଟ କ୍ଷେତ୍ରରେ ଏ ସଂଖ୍ୟା ୭୩ ଏବଂ ମହାରାଷ୍ଟ୍ରରେ ୬୯ । ହାରାହାରି ଭାବେ ଜଣେ କେରଳି ଲୋକ ୭୨ ବର୍ଷ ବୟସ ଯାଏ ବଞ୍ଚିପାରିବ । ଜଣେ ଗୁଜୁରାଟି ପାଇଁ ଏହା ୬୧ ବର୍ଷ ଏବଂ ମରାଠୀ ପାଇଁ ୬୩ ବର୍ଷ । ପୁଞ୍ଜି ଉପଲବ୍ଧି ସହିତ ଜଣେ ନାଗରିକର ସ୍ୱାସ୍ଥ୍ୟ ପ୍ରତି ସରକାରଙ୍କ ପ୍ରତିବଦ୍ଧତା ମଧ୍ୟ ଗଣାଯିବା ଦରକାର । କେରଳର ଶିଶୁ ମୃତ୍ୟୁ ଓ ଆୟୁ ସୀମାହାର କେବଳ ଯୁକ୍ତରାଷ୍ଟ୍ର ଆମେରିକା ସହ ତୁଳନୀୟ । କେରଳ ହେଉଛି ଦେଶର ଏକମାତ୍ର ରାଜ୍ୟ, ଯେଉଁଠି ଡାକ୍ତରଙ୍କ ତୁଳନାରେ ନର୍ସଙ୍କ ସଂଖ୍ୟା ଅଧିକ ।

କେରଳ କିନ୍ତୁ ଭାରତବର୍ଷ ନୁହେଁ । ସ୍ୱାସ୍ଥ୍ୟସେବାରୁ ସରକାରଙ୍କ ପୁନଃ ପୁଞ୍ଜି କର୍ତ୍ତନ ଫଳରେ ସହରାଞ୍ଚଳରେ ମଧ୍ୟ ସାଧାରଣ ସେବା ଓ କଲ୍ୟାଣ କାର୍ଯ୍ୟକ୍ରମ ପକ୍ଷାଘାତଗ୍ରସ୍ତ ହୋଇପଡ଼ିଛି । ଇତିମଧ୍ୟରେ ସାଆନ୍ତିଆ ଘରୋଇ ପରିସର ହୋଇପଡ଼ିଛି ଅଧିକ ବ୍ୟୟବହୁଳ ଏବଂ କମ୍ ଦାୟିତ୍ୱବାନ୍ । ଘରୋଇ ପରିସର ଉପରେ ନିର୍ଭରଶୀଳତାର ଅର୍ଥ ଦରିଦ୍ର ପରିବାରମାନଙ୍କୁ ତଳିତଳାନ୍ତ କରିପକାଇବା ଏବଂ ଏହି ଧାରାକୁ ତ୍ୱରାନ୍ୱିତ କରି ପକାଇଛି ସରକାରୀ ନିଷ୍ପତ୍ତି । ୧୯୯୨-୯୩ ବଜେଟ୍‌ରେ ଜାତୀୟ ମ୍ୟାଲେରିଆ ଦୂରୀକରଣ ଯୋଜନା ପାଇଁ ଥିବା ପାଣ୍ଠିକୁ କେନ୍ଦ୍ର ସରକାର ୪୩ ଶତାଂଶ କମାଇ ଦେଲେ । ଏହି ସମାନ ବଜେଟ୍‌ରେ ଦେଶର ସର୍ବୋଚ୍ଚ ଧନିକ ଓ ଶିଳ୍ପପତିଙ୍କୁ ୪୮୦୦ କୋଟି ଟଙ୍କାର ଟିକସ ରିହାତି ପ୍ରଦତ୍ତ ହେଲା । ତେଲିଆ ମୁଣ୍ଡରେ ତେଲ ନୁହେଁ, ସେମାନଙ୍କୁ ତୈଳ ପୁଷ୍କରିଣୀରେ ସନ୍ତରଣ ପାଇଁ ଛାଡ଼ି ଦିଆଗଲା । ଅନ୍ୟାନ୍ୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କଥା ନଉଠାଇବା ଭଲ । ଏହାକୁ କହନ୍ତି- ଉପର ମୁଣ୍ଡରେ ବର୍ଷା ହେଲେ ପାଣି ଗଡ଼ି ଆସିବ ତଳକୁ । ଗରିବଙ୍କ ଠାରୁ ସବୁ ସୁବିଧା ସୁଯୋଗ ହଟାଇ ନିଅ, ଧନିକଙ୍କୁ ଦେଇଦିଅ ଏବଂ ନିଶ୍ୱାସ ରୁନ୍ଧି ଆଖି ତରାଟି ଦେଖ

Digitized by srujanika@gmail.com

ଯେ କେତେ ସୁବିଧା ଝରି ଆସିଲା ତଳିଆ ମଳି ମୁଣ୍ଡିଆଙ୍କ ପାଖକୁ । ଯାହା ପାହାଡ଼ ଉପରେ ବର୍ଷିଲା ସେତକ ବିଶୁଦ୍ଧ ବର୍ଷା ଜଳର ପ୍ରାଚୁର୍ଯ୍ୟ । ପାହାଡ଼ି ମାଟି ଯାହା ପିଇ ତଳକୁ ଛାଡ଼ିଲା ସେତକ ପୋଷେ ଗୋଳିଆ ପାଣି । ଧନୀକଙ୍କ ପାଖକୁ ଯାହା ଉଠିଲା ସେତକ ନିରୁତା ଟଙ୍କା, ତଳକୁ ଯାହା ଫେରିଲା ତାହା ମ୍ୟାଲେରିଆ, ତଥାପି ଆପଣ ପ୍ଲେଗ୍ ପାଇଁ ଆତଙ୍କିତ କି ?

ଇତିମଧ୍ୟରେ ମହାନଗରୀ ବମ୍ବେରେ ଜନ୍ମ ନେଇଛି ପଞ୍ଚମ 'ପଞ୍ଚତାରକା' ହାସ୍‌ପାତାଳ । ଭୁବନେଶ୍ୱରରେ ପୁଞ୍ଜାଏ ତାରକା ହୋଟେଲ ସହିତ ତଦ୍ରୂପ ଡାକ୍ତରଖାନା ଓ ଘରୋଇ କ୍ଲିନିକ୍‌ର ଭିଡ଼ ଆରମ୍ଭ ହୋଇଛି । ଏଠାରେ ହ୍ରେଷାରବୀ ତରୁଣ ତରୁଣୀଙ୍କୁ ପଚାରିଲେ ସେମାନେ ସମସ୍ତେ ଡାକ୍ତରୀ ଶାସ୍ତ୍ର ଅଧ୍ୟୟନକୁ ଜୀବନର ପରମ ଲକ୍ଷ୍ୟ ରୂପେ ବରଣ କରିଥିବା କଥା କହୁଛନ୍ତି । ଆହା, ଆହା, ଯେପରି ସେହି ତରୁଣଙ୍କ ବ୍ୟତୀତ ଅବଶିଷ୍ଟ ପୃଥିବୀର ବାସିନ୍ଦାମାନେ ରୋଗଗ୍ରସ୍ତ । ମାତ୍ର ଆମ ଅଖଣ୍ଡ ଭାରତବର୍ଷର ଖଣ୍ଡିଆ ଗ୍ରାମମାନଙ୍କରେ ପାଞ୍ଚ କୁଟୁମ୍ବୀ ପରିବାରର ବାର୍ଷିକ ଆୟ ଯଦି ୧୧ ହଜାର ଟଙ୍କାର ଲକ୍ଷ୍ମଣରେଖା ଟପିଯାଏ, ତେବେ ସେ ଦାରିଦ୍ର୍ୟ ସୀମାର ଉପରକୁ 'ଆକାଶ ଦୀପ' ପରି ଟେକି ହୋଇଯାଇଛି । କେନ୍ଦ୍ର ସରକାରଙ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀ ମାସିକ ଆଜିକାଲି ଏହାଠୁଁ ଅଧିକ ଟଙ୍କା ଦରମା ପାଇଲେଣି । ବମ୍ବେ କି ଦିଲ୍ଲୀ କି ଭୁବନେଶ୍ୱରର କୌଣସି ପଞ୍ଚତାରକା ହାସ୍‌ପାତାଳରେ ଗୋଟିଏ କୋଠରୀ ସପ୍ତାହକ ପାଇଁ ନେଲେ ଏହାଠୁଁ ଅଧିକ ଟଙ୍କା ଭଡ଼ା ପଡ଼ିବ । ଡାକ୍ତରୀ ଓ ଔଷଧ ଖର୍ଚ୍ଚ ତ ଅଲଗା ରହିଛି । ଜଣେ ମାମୁଲି ଭାରତୀୟ ନାଗରିକ କିପରି ଓ କେଉଁ ଉପାୟରେ ଏତେ ଖର୍ଚ୍ଚ ଯୋଗାଡ଼ କରିବ ? ଗ୍ରାମାଞ୍ଚଳରେ ପ୍ରତି ୧୦୦ ଜଣରୁ ନଅଜଣ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଥାଏ ଆମର ତଥାକଥିତ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର । କୋଉ କୂଳର ହୋଇପାରୁନଥିବା ଆମ ଦଳିତ ଓ ଆଦିବାସୀ ଯିବେ କାହାପାଖକୁ ? ଅବଶିଷ୍ଟ ଲୋକଙ୍କ ସେବା କିଏ କରିବ ? ଯମ ନା ଧନ୍ୱନ୍ତରୀ ?

ଭାରତର ଦରିଦ୍ରତମ ପ୍ରଦେଶ ଓଡ଼ିଶା ଏବଂ ବିହାରର ଦରିଦ୍ରତମ ଜିଲ୍ଲା-ମାନଙ୍କର ଅଗମ୍ୟ ଅଞ୍ଚଳମାନଙ୍କରେ ବୁଲୁଥିଲା ବେଳେ ଏହି ପ୍ରଶ୍ନ ମୋତେ ବାରମ୍ବାର ଆକ୍ରାନ୍ତ କରୁଥିଲା । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକର ନରକଙ୍କାଳ ସଦୃଶ ଅବସ୍ଥିତି ଏହି ପ୍ରଶ୍ନକୁ ଅଧିକ ଶାଣିତ ଓ କରୁଣ କରି ପକାଇଥିଲା । କିଛି ସ୍ୱାସ୍ଥ୍ୟକେନ୍ଦ୍ର ଚାଲୁଛି ଗାଈ ଗୁହାଳରେ ତ ଅନ୍ୟକିଛି କମ୍ପାଉଣ୍ଡର, ନର୍ସଙ୍କ ସରକାରୀ ବସାଘରେ । ରୋଗୀମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କଲେ ବୁଝି ହେଉଥିଲା ଦାରିଦ୍ର୍ୟ କେତେ ଭୟଙ୍କର ଅଭିଶାପ ! ଏବଂ ରୋଗରେ ପଡ଼ିବା ହେଉଛି ବିନା ଟିକେଟ୍‌ରେ ନର୍କପୁରୀ ଭ୍ରମଣ ।

❖ ❖ ❖

Digitized by srujanika@gmail.com

ଗ୍ରାମାଞ୍ଚଳ ଔଷଧର ଉତ୍ତମା, ମଧ୍ୟମା ଓ ପ୍ରଥମା

ବରହମଣି, ପାଲାମାଉ (ବିହାର) : ପୋଚରା ଗାଁର କ୍ରୁଦ୍ଧ ବାସିନ୍ଦାମାନେ ଡଃ ବିଶ୍ୱାସଙ୍କୁ ଲଙ୍ଗଳା କରି ନିସ୍ତୁକ ଛେଚିବା ଏବଂ ଗାଁରୁ ତାଙ୍କୁ ତଡ଼ି ଦେବା ମୂଳରେ ଥିଲା ଅବଶ୍ୟମ୍ଭାବୀ ହେତୁ । ଡାକ୍ତର ରୂପେ ପରିଚୟ ବହନ କରୁଥିବା ବିଶ୍ୱାସ ଥିଲେ ବାସ୍ତବରେ ଜଣେ ନକଲି-ବଇଦ (କ୍ୱାକ୍) । ଛୋଟନ୍ ପର୍‌ହିଆର ଗର୍ଭବତୀ ପତ୍ନୀକୁ ସେ ଦେଇଥିଲେ ତିନି ବୋତଲ ଗ୍ଲୁକୋଜ୍ ସାଲାଇନ୍ । ଅପୁଷ୍ଟି ଓ ରକ୍ତହୀନତାରେ ଆକ୍ରାନ୍ତ ଓ ଜରୁରୀ ଚିକିତ୍ସାର ଆବଶ୍ୟକତା ରଖିଥିବା ଏହି ଆସନ୍ନ ପ୍ରସବା ଅବଶେଷରେ ମରିଗଲେ । ଏବଂ ତାଙ୍କର ଜନ୍ମିତ ଶିଶୁ ମଧ୍ୟ । କିଛି ଗାଁ ପାର ହେଲେ ଥିଲା ବିଶ୍ୱାସଙ୍କର ଔଷଧ ଦୋକାନ ଏବଂ ଡାକ୍ତରୀ ଚିକିତ୍ସାରୁ ତାଙ୍କର ଥିଲା ବେଶ୍ ସନ୍ତୋଷଜନକ ରୋଜଗାର ।

ଏବେ ଇକ୍‌ବାଲ କ୍ୱାସିମ୍‌ଙ୍କୁ ଭେଟନ୍ତୁ-ସେ ଜଣେ 'ଡାକ୍ତର ଓ ସର୍ଜନ' । ବାଲୁମଠ ଠାରେ ଥିବା 'କ୍ୱାସିମ୍ କ୍ଲିନିକ୍'ର ସେ ସତ୍ତ୍ୱାଧିକାରୀ । ଦେଓବନ୍ଦ ଠାରେ ଦୀର୍ଘ ବର୍ଷ ଭେଷଜ ବିଜ୍ଞାନ ଅଧ୍ୟୟନ ଓ ଡିଗ୍ରୀ ଲାଭର ଭିତ୍ତି ଉପରେ ତାଙ୍କର ଅନୁଭୂତି ବେଶ୍ ପାକଳ ବୋଲି ସେ ଦାବି କରୁଥିଲେ । ଏକକାଳୀନ ସେ 'ଉଦ୍ଭିଦ ବିଜ୍ଞାନ, ଶରୀରତତ୍ତ୍ୱ, ପ୍ରାଣୀ ବିଜ୍ଞାନ, ପ୍ରସୂତି ରୋଗ ଏବଂ ୟୁନନି ସହିତ ଆଧୁନିକ ଏଲୋପାଥି ଔଷଧ ଉପରେ ସ୍ୱତନ୍ତ୍ର ଡିଗ୍ରୀ' ହାସଲ କରିଥିଲେ । ଯଦିଓ ଏସବୁ ଉପରେ ତାଙ୍କର ପ୍ରମାଣପତ୍ରଗୁଡ଼ାକୁ ସେ ଜନ୍ମ ହୋଇଥିବା ସହରରେ ଛାଡ଼ିଦେଇ ଆସିଛନ୍ତି । ମାତ୍ର ଏସବୁ ବିଦ୍ୟାର ବିଶାରଦ ଭାବେ ସଗର୍ବେ ଝୁଲୁଥିବା ତାଙ୍କ ନାମ ଫଳକଟି ତ ରହିଛି ! ଯେକୌଣସି ପ୍ରକାର ରୋଗ ହେଲେ, ଏପରିକି ସର୍ଦ୍ଦି-ଛିଙ୍କ ହେଲେ ମଧ୍ୟ ଡଃ ଇକ୍‌ବାଲ୍ ସବୁ ରୋଗୀଙ୍କୁ ଅପୂର୍ବ ଅନୁପମ ଆମ୍ପିସିଲି ଓ ଟେଟ୍ରାସାଇକ୍ଲିନ୍ ଇଂଜେକ୍‌ସନ କେବଳ ହିଁ ଫୋଡ଼ନ୍ତି । ସେ ମଧ୍ୟ ଡାକରା ପାଇଲେ ଘରମାନଙ୍କୁ ଯାଆନ୍ତି ।

ପୂର୍ବୋକ୍ତ ନକଲି-ବଇଦ ବିଶ୍ୱାସଙ୍କ ଅନୁଜ ମଧ୍ୟ ଜଣେ 'ଡାକ୍ତର' । ହୋମିଓପ୍ୟାଥିରେ ଡିପ୍ଲୋମା ହାସଲ କରି ଅଗ୍ରଜଙ୍କ ପଥାନୁସାରୀ ଏହି 'ଡାକ୍ତର' ସଂପ୍ରତି ସେହି ଏକା ଗାଁରେ ଏଲୋପ୍ୟାଥି ଚିକିତ୍ସାରେ ନିବିଷ୍ଟ, ମାତ୍ର ସାର୍ଟିଫିକେଟ୍ ହାସଲ କରିଥିବା ଶିକ୍ଷାନୁଷ୍ଠାନଟିର ନାମ ସେ ଦୁଃଖଦାୟକ ଭାବେ ପାଶୋରି ଯାଇଛନ୍ତି । ସେ କହନ୍ତି ସେ ଜଣେ ଆର୍.ଏମ୍.ପି-ମାତ୍ର ଏହା 'ରେଜିଷ୍ଟ୍ରିଭୁକ୍ତ ମେଡ଼ିକାଲ ପ୍ରାକ୍‌ଟିସ୍'କୁ ବୁଝାଏ ନାହିଁ । ଏହି ସଂକ୍ଷେପକଟି 'ଗ୍ରାମାଞ୍ଚଳ ମେଡ଼ିକାଲ

Digitized by srujanika@gmail.com

ଚିକିତ୍ସକ' ପଦବୀ ପାଇଁ ବ୍ୟବହୃତ । ଇଏ ଏପରି ଏକ ବୃତ୍ତି ଯେଉଁଠି ଆପଣ ମୁଣ୍ଡାମୁଣ୍ଡି ୭୬୫ ଟଙ୍କା ପକାଇ ଦେଲେ ତତ୍‌କ୍ଷଣାତ୍ 'ଡାକ୍ତର' ଭାବେ ଗୋଟିଏ ସାର୍ଟିଫିକେଟ୍ ହାସଲ କରିପାରିବେ । ଏପରିକି ରାଜଧାନୀ ପାଟଣା ସହରରେ ଏହା ଚଳେ । କେବଳ ଦରକାର ଜଣେ ଗ୍ରାମ ମୁଖିଆଙ୍କ ସନ୍ତକ ସହ ଜଣେ ସକ୍ରିୟ ଚିକିତ୍ସକଙ୍କ ସ୍ୱାକ୍ଷର, ଏଥିପାଇଁ ୭୬୫ ଟଙ୍କା ଢେର୍ । ଯା'ପରେ ଆଉ ଚିନ୍ତା ନାହିଁ, ନିରଙ୍କୁଶ ଚିକିତ୍ସା ବିଦ୍ୟା ଏଣିକି ଗର୍ଜିଲା ।

ପାଲାମାଉରେ ଛତୁ ଫୁଟିଲା ପରି ଅଗଣିତ ନକଲି-ବୈଦ୍ୟ ଏବଂ ବିହାର ତମାମ ଅଜସ୍ର ଏପରି ନକଲି ଡାକ୍ତର ବନିବାରେ ବିଶେଷ କିଛି ଚିନ୍ତାର କାରଣ ନାହିଁ । କମ୍ପାଉଣ୍ଡର ଭାବେ ଦିନେ ଓଳିଏ ଅଭିଜ୍ଞତା ଥିଲେ ବେଶ୍ ଚଳିଯିବ । କିଛି ନଥିଲେ ନାଁ ଆଗରେ 'ଡାକ୍ତର' ଲେଖି ଫଳକଟାଏ ଝୁଲାଇ ଦେଲେ ଚଳିବ । ଏତାଦୃଶ ପନ୍ଦର ଜଣ ବୈଦ୍ୟଙ୍କ ସହିତ ଆଳାପ କାଳରେ ଜାଣିହେଲା ସେମାନଙ୍କ ଶିକ୍ଷା ଓ ଯୋଗ୍ୟତାର ଖୋଳପାଗୁଡ଼ାକ ଅତି ରମଣୀୟ । ଡାକ୍ତର ବିଶ୍ୱାସ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ତିନିଥର ଅଲଗା କଥା କହିଲେ । ତାଙ୍କର ଶେଷତମ ପତ୍ର ବିନିମୟ ଦୂରଶିକ୍ଷା (କରେସ୍‌ପଣ୍ଡେନ୍ସ) ଡାକ୍ତରୀ ଡିଗ୍ରୀଟା ମିଳିଥିଲା ଓଡ଼ିଶାର କୌଣସି ଏକ ବିଶ୍ୱବିଦ୍ୟାଳୟରୁ ଯାହାର ନାମଟା ତାଙ୍କ ଜିଭ ଅଗରେ ଅଛି, ମାତ୍ର ତଳକୁ ଖସୁନି ଅର୍ଥାତ୍ ମନେ ପଡୁନି । କିନ୍ତୁ ତାଙ୍କ ପତ୍ର-ଶିରୋନାମା (ଲେଟର ହେଡ୍)ରେ ରହିଛି ବି.ଏ.ଏମ୍.ଏସ୍ (ଆୟୁର୍ବେଦରେ ସ୍ନାତକ) କିନ୍ତୁ ବିହାରରେ ଏଲୋପ୍ୟାଥିକୁ ଛାଡ଼ିଦେଲେ ହାକିମ, ବୈଦ୍ୟ, ୟୁନାନି, ହୋମିଓପ୍ୟାଥି ଓ ଆୟୁର୍ବେଦ ପାଲଟି ଯାଇଛି ଅଚଳ ଦୋଅଣି । ଜଣେ ପୁଲିସ୍ ଅଫିସରଙ୍କ ପରିଭାଷାରେ, 'ଡାକ୍ତର ବୋଲାଉଥିବା ଏସବୁ ଲୋକ ହୁଏତ କମ୍ପାଉଣ୍ଡର ଥିଲେ ନଚେତ୍ କେଉଁ ଡାକ୍ତରଙ୍କ ସହାୟକ ଭାବେ ଦୁଇତିନି ବର୍ଷର ଅନୁଭୂତି ରହିଛି । ସମସ୍ତେ ଇଂଜେକ୍‌ସନ୍ ଫୋଡ଼ନ୍ତି, ଯେଉଁଥିପାଇଁ ସେମାନଙ୍କର କୌଣସି ଅଧିକାର ନାହିଁ ।' କୌଣସି ରୋଗୀ ମଲେ ସେଥିପାଇଁ ସେମାନେ ଦାୟୀ ନୁହନ୍ତି କି ସେମାନଙ୍କୁ କେହି ଧରିବାର ଉଦ୍ୟମ କେବେ କରିନି । ସେମାନେ ମନଇଚ୍ଛା ଯେକୌଣସି ଔଷଧ ଲେଖିପାରିବେ ଏବଂ ସବୁଥିରୁ ସହଜରେ ଖସିଯାଇପାରିବେ-କହନ୍ତି ଜଣେ ବରିଷ୍ଠ କର୍ମକର୍ତ୍ତା ।

ପାଲାମାଉରେ ଯକ୍ଷ୍ମା, ମ୍ୟାଲେରିଆ, ଝାଡ଼ାବାନ୍ତି ଓ ହଇଜାରେ ଆକ୍ରାନ୍ତ ହୁଅନ୍ତି ନିତି ପ୍ରତି ଥୋକେ ମଣିଷ ଏବଂ ସବୁପ୍ରକାର ରୋଗ ପାଇଁ ଏଠାରେ ଏକମାତ୍ର ଅବ୍ୟର୍ଥ ଔଷଧ-ସାଲାଇନ୍ । ସାଲାଇନ୍ ହେଉଛି ଏ ଅଞ୍ଚଳର ନିରାମୟତାର ମୋହିନୀ ମନ୍ତ୍ର, ଯାଦୁବିଦ୍ୟା । ଏପରିକି ମ୍ୟାଲେରିଆ ରୋଗୀକୁ ମଧ ସାଲାଇନ୍ ଚଢ଼ାଯାଏ ।

Digitized by srujanika@gmail.com

ଲୋକଙ୍କ ବିଶ୍ୱାସ ଯେ, 'ପାଣି ଚଢ଼େଇଲେ' ରୋଗ କ'ଣ, ଯମ ବି ଛାନିଆରେ ପଳେଇଯିବ । ସେଥିପାଇଁ ଟଙ୍କା ଉଧାର ଆଣି କରଜ କରି ସେମାନେ ଡାକ୍ତରର ଏହି କୁହୁକ ବିଦ୍ୟାର ପାଠଶାଳାରେ ପ୍ରବେଶିକା ଚାନ୍ଦା ଦାଖଲ କରନ୍ତି । ତା'ପଛକୁ ରହିଛି ଅନ୍ୟତମ ହବୁ-ବିଦ୍ୟା : ଟେଟ୍ରାସାଇକ୍ଲିନ୍ ଇଂଜେକ୍ସନ ।

ଗୋଟାଏ ବୋତଲ ଗ୍ଲୁକୋଜ ସାଲାଇନ୍‌ର ଦାମ୍ ୨୮ ଟଙ୍କା; ଏଇଟା ହେଉଛି ଖୁଚୁରା ମୂଲ୍ୟ, ପାଇକାରୀ ଦର୍‌ରେ ଗୋଟିଏ ବୋତଲ ସାଲାଇନ୍ ୧୨ ଟଙ୍କାରେ ମିଳିବ । ଛୁଞ୍ଚି, ନଳୀ ଓ ଥଳି ଆଉ ୧୨ ଟଙ୍କା ଦେଲେ ମିଳେ । ଏଇଟା ବି ଖୁଚୁରା ମୂଲ୍ୟ । କିନ୍ତୁ ସେଇ ଏକ ଇଂଜେକ୍ସନ୍ ଛୁଞ୍ଚି ଓ ଥଳି ବାରମ୍ବାର ବ୍ୟବହୃତ ହୁଏ ବହୁଦିନ ଯାଏ । କେତେ ବିପଜ୍ଜନକ ବ୍ୟାପାର ବୁଝି ହେଉଥିବ । ଗୋଟିଏ ବୋତଲ ସାଲାଇନ୍ ପ୍ରୟୋଗ ପାଇଁ ରୋଗୀ ପିଛା ୧୦୦ରୁ ୧୫୦ ଟଙ୍କା ଧାର୍ଯ୍ୟ । 'ଶିକ୍ଷିତ ଲୋକ କମ୍ ଟଙ୍କା ଦିଅନ୍ତି, ନିରକ୍ଷର ଠୁଁ ଅଧିକ ଆଦାୟ ହୁଏ'—ମନଖୋଲି ନିର୍ଲଜ ଭାବେ କହେ ଡଃ ବିଶ୍ୱାସ ।

ଗୋଟିଏ ୩୦ ମିଲିଲିଟରର ଟେଟ୍ରାସାଇକ୍ଲିନ୍ ଶିଶିର ଖୁଚୁରା ମୂଲ୍ୟ ଆଠରୁ ଦଶଟଙ୍କା । ଏଥିରୁ ବାହାର କରାହୁଏ ଅନ୍ୟୁନ ୧୫ଟି ଇଂଜେକ୍ସନ୍ ଏବଂ ପ୍ରତି ଇଂଜେକ୍ସନ୍‌ର ଦାମ୍ ୧୦ରୁ ୧୫ ଟଙ୍କା । ଏଥିରୁ ସହଜରେ ହିସାବ କରାଯାଇ ପାରେ ବଇଦଟିର ରୋଜଗାର ପରିମାଣ-ମାତ୍ର ୧୦ ଟଙ୍କା ବିନିଯୋଗରେ ୧୫୦ରୁ ୨୨୫ ଟଙ୍କା ପର୍ଯ୍ୟନ୍ତ ଆୟ ! ପୃଥିବୀରେ ଏହାଠାରୁ ଭଲ ଆୟର ପନ୍ଥା ଆଉ କ'ଣ ଥାଇପାରେ ! ବିନା ବିଦ୍ୟା ଓ ଅଭିଜ୍ଞତାରେ ଡାକ୍ତର ପଦବୀ ଏବଂ ବିନା ଅର୍ଥ ବିନିଯୋଗରେ ଆୟ । ସେଥିକୁ ରହିଛି ନିହାତି ଅପରିଷ୍କାର ଛୁଞ୍ଚି, ତାହାକୁ ବାରମ୍ବାର ବ୍ୟବହାର କରିବାର ସାମର୍ଥ୍ୟ ଏବଂ ଲୋକଙ୍କୁ ଭଲ କରିବା ବଦଳରେ ମାରିପାରିବାର ପାରଙ୍ଗମ ପଣିଆ । ଏ ଅଞ୍ଚଳରେ ଏପରି ଲୋକ ଅଛନ୍ତି, ଯାହାଙ୍କର ଏଇ ବଇଦଙ୍କ ଚିକିତ୍ସା ନେବାର ସାମର୍ଥ୍ୟ ଆଦୌ ନାହିଁ, ସେମାନେ କିଛି କୁକୁଡ଼ା ଅଣ୍ଡା ବଦଳରେ ଗୁଣିଆ-ବୈଦ୍ୟଙ୍କ ଚିକିତ୍ସାର ଉପଯୋଗ କରିଥାନ୍ତି ।

କାହିଁକି ଏ ଅଞ୍ଚଳରେ କ୍ୱାକ୍‌ମାନେ ଏତେ ସାମର୍ଥ୍ୟ ବିଛେଇ ରଖିଛନ୍ତି ? କାହିଁକି ମଧ ଏତେ ବିପୁଳ ସଂଖ୍ୟକ ଲୋକ ସେମାନଙ୍କ ଉପରେ ନିର୍ଭରଶୀଳ ? ପ୍ରଶ୍ନର ଉତ୍ତର ଦିଅନ୍ତି ଡଃ ଏନ୍.ସି.ଅଗ୍ରୱାଲ-ଡାଲ୍‌ଟନ୍‌ଗଞ୍ଜର ଜଣେ ଅତ୍ୟନ୍ତ ସମ୍ମାନାସ୍ପଦ ଚିକିତ୍ସକ । ସେ କହନ୍ତି—'ସାଧାରଣ ସ୍ୱାସ୍ଥ୍ୟସେବା ପଦ୍ଧତିକୁ ଅନୁଧ୍ୟାନ କରନ୍ତୁ । ଅନ୍ତତଃ ପକ୍ଷେ ଏହି କ୍ୱାକ୍‌ମାନେ ତ ମ୍ୟାଲେରିଆ ନିରୋଧକ ଔଷଧପତ୍ର ନେଇ କିଛି ଲୋକଙ୍କ ପ୍ରାଣ ବଞ୍ଚାଉଛନ୍ତି । ଲୋକଙ୍କୁ ସର୍ବନିମ୍ନ ଚିକିତ୍ସା ତ ମିଳୁଛି ।''

Digitized by srujanika@gmail.com

ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏଠାରେ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ । ଲେଟ୍‌ହାର ଠାରେ ଗୋଟିଏ ବଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏହାର ୧୮ଟି ଶାଖା କେନ୍ଦ୍ର ସମୁଦାୟ ତହସିଲଟିରେ ଖେଳେଇ ହୋଇ ରହିଛି । ମାତ୍ର ଗୋଟିଏ ବି କେନ୍ଦ୍ର ଚାଲୁ ନାହିଁ । ନିଜେ ଘୁରିବୁଲି ଦେଖିଥିବା ୪ଟି କେନ୍ଦ୍ରର କବାଟ, ଝରକା, ଚଉକାଠ ସମେତ ସବୁକିଛିକୁ ହୁଗାଳି ନେଇଯାଇଛନ୍ତି ସ୍ଥାନୀୟ ଲୋକମାନେ । ଔଷଧପତ୍ର କି ଚିକିତ୍ସାରୁ ତ କିଛି ମିଳିଲା ନାହିଁ । ଅନ୍ତତଃ କାଠ ବାଉଁଶରୁ କିଛି ମିଳୁ । ଇଛକ ପାଖରେ ଥିବା କେନ୍ଦ୍ରଟି ହେଉଛି ଗୋଟେ ମଦ୍ୟପ ସ୍କୁଲମାଷ୍ଟରର ସ୍ଥାୟୀ ନିବାସ, ଯିଏ ଦର୍ଶକମାନଙ୍କୁ ବିହ୍ୱଳିତ କଣ୍ଠରେ ଷାଠିଏ ଦଶକର ହିନ୍ଦୀ ଚଳଚିତ୍ରର ପ୍ରେମ ସଂଗୀତ ଶୁଣାଇବାକୁ ନିହାତି ଜିଦ୍ କରେ ।

ମୂଳ ସ୍ୱାସ୍ଥ୍ୟକେନ୍ଦ୍ରଟି ଅବଶ୍ୟ ଚାଲେ, ମାତ୍ର ରୋଗୀଙ୍କ ଠାରୁ ଫିଜ୍ ଆଦାୟ କରିଥାଏ ସରକାରୀ ଡାକ୍ତର । ମୋ ସାମ୍ନାରେ ସେ ଡାକ୍ତର କିଛି ମ୍ୟାଲେରିଆ ରୋଗୀଙ୍କ ରକ୍ତ ପରୀକ୍ଷା ପାଇଁ ଟଙ୍କା ନେଲା, ମୁଁ ଜଣେ ସାମ୍ବାଦିକ ଭାବେ ପରିଚୟ ଦେବା ସତ୍ତ୍ୱେ । କୌଣସି ଠାରେ ଔଷଧପତ୍ରର ନାମଗନ୍ଧ ନାହିଁ ।

ଲେଟ୍‌ହାରର ସଦର ହାସ୍‌ପାତାଳ ହେଉଛି ଏ ଅଞ୍ଚଳର ସବୁଠାରୁ ବଡ଼-୧୮ ଜଣ କର୍ମଚାରୀ, ୫ ଜଣ ଡାକ୍ତର, ୨୬ଟି ଶଯ୍ୟା ଏବଂ ଥିଲା ଜଣେ ମାତ୍ର ରୋଗୀ । ଶୂନ୍ୟ ଶଯ୍ୟାଗୁଡ଼ିକୁ ଦେଖିଲେ ବାନ୍ତି ଉଠାଇବ–ଏତେ ଅପରିଷ୍କାର ଓ ରୋଗିଣା ! ସେ ଡାକ୍ତରଖାନା ପରିସରରେ ଦୀର୍ଘ ସମୟ ରହିବା ପରେ ଜଣେ ମାତ୍ର ମହିଳା ସ୍ୱାସ୍ଥ୍ୟ-କର୍ମୀଙ୍କୁ ଦେଖିଲି । ମୁଖ୍ୟ ଡାକ୍ତର ଛୁଟିରେ ଥିଲେ, ଅନ୍ୟମାନେ ଚଳାଉଥିଲେ ନିଜ ନିଜର ଘରୋଇ ଚିକିତ୍ସା-ସେହି ଡାକ୍ତରଖାନା ପରିସର ଭିତରେ, ସରକାରୀ ବସାଘରେ ଏବଂ ସରକାରୀ କାର୍ଯ୍ୟନିର୍ଘଣ୍ଟ ମଧ୍ୟରେ । ଏହାରି ନାଁ ଭାରତବର୍ଷ ।

ମହିଳା ସ୍ୱାସ୍ଥ୍ୟକର୍ମୀ ଜଣକ ମୋତେ ଭେଟିବା ପାଇଁ ଜଣେ ମହିଳା ଡାକ୍ତରଙ୍କୁ ଡକାଇ ପଠାଇଲେ । ବେଶ୍ ଦୀର୍ଘ ସମୟ ପରେ ଡାକ୍ତର ଆସିଲେ ଅନିଚ୍ଛାକୃତ ଭାବେ-ତାଙ୍କର ମୂଲ୍ୟବାନ ଘରୋଇ ଚିକିତ୍ସାର ସମୟରୁ ଅବସର ନେଇ । ତେବେ ସେ ଅନେକ ବେଳ ରହିଲେ ଏବଂ ଡାକ୍ତରଖାନାରେ କୌଣସି ଗୋଟିଏ ବି ଆଣ୍ଟିବାଇଓଟିକ୍ ତଥା ଜୀବନ ରକ୍ଷାକାରୀ ଔଷଧ ନଥିବା ଜଣାଇଲେ । ଏପରିକି ସେ ଅଞ୍ଚଳରେ ପ୍ରାବଲ୍ୟ ଥିବା ଜଳାତଙ୍କ ଓ ସାପ କାମୁଡ଼ାର ଔଷଧ କେବେ ବି ରହୁନଥିବା ସ୍ପଷ୍ଟ ଭାବେ କହିଲେ । ତା'ପରେ ସେ ଫେରିଗଲେ-ନିଜର ସରକାରୀ କର୍ମକ୍ଷେତ୍ରକୁ ନୁହେଁ; ନିଜ ବସାଘରେ ଅପେକ୍ଷମାଣ ଘରୋଇ ଚିକିତ୍ସା ପାଇଁ ରୋଗୀମାନଙ୍କ ପାଖକୁ । "ଅବଶ୍ୟ ସେମାନେ ପ୍ରତିଦିନ ଡାକ୍ତରଖାନାକୁ ଆସନ୍ତି, ହାଜିରା ପକାଇବା ବାହାନାରେ; ମାତ୍ର ନିଜର ଘରୋଇ ଚିକିତ୍ସା ପାଇଁ ଆଗତ ରୋଗୀଙ୍କୁ ଆହ୍ୱାନ ଜଣାଇବା ନିମନ୍ତେ"– କହିଲେ ଜଣେ ସ୍ଥାନୀୟ ସ୍ୱେଚ୍ଛାସେବୀ ।

Digitized by srujanika@gmail.com

ନିକଟସ୍ଥ ହରିଜନ ସାହିର ଦିଲବାସିୟା ଦେବୀ ଏବଂ ତାଙ୍କର ପଡ଼ୋଶୀମାନେ କହିଲେ ଯେ, ଏହି ଡାକ୍ତରଖାନାରୁ କେବେ ବି ସେମାନେ ଥରୁଟିଏ ଔଷଧ ନେଇନଥିବା ସ୍ମରଣକୁ ଆସୁନାହିଁ । ଔଷଧ ସବୁବେଳେ ବାହାରୁ କିଣିବାକୁ ପଡ଼େ । ଅବଶ୍ୟ ଏସବୁ ଦୋକାନର ମାଲିକ ହେଉଛନ୍ତି ସଂପୃକ୍ତ ଡାକ୍ତରଖାନାର କର୍ମଚାରୀଗଣ । ''ଡାକ୍ତର ଆଉ ସ୍କୁଲ ମାଷ୍ଟର ହେଉଛନ୍ତି ଦୁଇଟି ପ୍ରଭାବଶାଳୀ ଗୋଷ୍ଠୀ, ଯାହାଙ୍କର ବିହାରର ବିଖ୍ୟାତ ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ମଧ୍ୟ ବାଳ ବଙ୍କା କରିପାରିବ ନାହିଁ ।'' କହିଲେ ଜଣେ ଉଚ୍ଚପଦସ୍ଥ ପ୍ରଶାସକ ।

ବିହାରରେ ସାଧାରଣ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଥିବା ଡାକ୍ତରମାନଙ୍କ ଘରୋଇ ଚିକିତ୍ସାକୁ ପରବର୍ତ୍ତୀ କୌଣସି ମୁଖ୍ୟମନ୍ତ୍ରୀ ମଧ୍ୟ ବଦଳାଇ ପାରିଲେ ନାହିଁ । ବରଂ ସେମାନେ ପାଲଟା ଆକ୍ରମଣ କଲେ । ଏକଦା କିଛି ସରକାରୀ ଡାକ୍ତରଙ୍କ ଘର ଖାନ୍‌ତଲାସୀ କଲେ ଉଚ୍ଚ ପଦସ୍ଥ ଅଫିସରଗଣ ଏବଂ ମିଳିଲା ପ୍ରଚୁର ପରିମାଣର ଆତ୍ମସାତ୍ ହୋଇଥିବା ଔଷଧପତ୍ର । ଏହାପରେ ଦେଖାଗଲା ଚଢ଼ଉ କରିଥିବା ଅଫିସରମାନଙ୍କ ବିରୁଦ୍ଧରେ ଧର୍ଷଣ ମାମଲା ରୁଜୁ କରିଛନ୍ତି ଡାକ୍ତରଗଣ ।

''ଏହି ଡାକ୍ତର ଓ ନକଲି ବୈଦ୍ୟଙ୍କ ମଝିରେ ଫସି ଯାଇଛନ୍ତି ଗରିବ ଜନତା ।'' —କହନ୍ତି ଜଣେ ବରିଷ୍ଠ କର୍ମକର୍ତ୍ତା । ''ଏହାର ଏକମାତ୍ର ନିଦାନ ହେଉଛି ସରକାର ଦୃଢ଼, କଠୋର ରହି ସରକାରୀ ଡାକ୍ତରଙ୍କ ଘରୋଇ ଚିକିତ୍ସା ଉପରେ ନିଷେଧାଦେଶ ଜାରି କରିବା । ଯଦି ସମୁଦାୟ ବ୍ୟବସ୍ଥାଟି ଘରୋଇ, ତେବେ ସରକାରୀ ସ୍ୱାସ୍ଥ୍ୟସେବା ବା ସମସ୍ତଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା କଥା କହିବାର କିଛି ମାନେ ହୁଏନାହିଁ । ଦେଶର ଅନ୍ୟାନ୍ୟ ପ୍ରାନ୍ତ ଭଳି ବିହାର ରାଜ୍ୟରେ ମଧ୍ୟ ନର୍ସଙ୍କ ଅପେକ୍ଷା ଡାକ୍ତରଙ୍କ ସଂଖ୍ୟା ଅଧିକ । ୨୫ ହଜାର ୬୮୯ ଡାକ୍ତର ଥିବା ସ୍ଥଳେ ନର୍ସଙ୍କ ସଂଖ୍ୟା ମାତ୍ର ୮ ହଜାର ୮୮୩ । ଏହା ପଛକୁ ରହିଛନ୍ତି ହଜାର ହଜାର ସଂଖ୍ୟାରେ ନକଲି ଡାକ୍ତର । ଇତିମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗଢ଼ିବାରେ ଆମକୁ ଆଉ ତର ସହୁନି । କେବଳ ବିହାରରେ ରହିଛି ୧୫ ହଜାରରୁ ଅଧିକ ସ୍ୱାସ୍ଥ୍ୟକେନ୍ଦ୍ର । ଏସବୁ କଚ୍ଛପ ନହେଲେ ବି ଗେଣ୍ଡା ଗତିରେ ଚାଲୁଥିଲେ ଅନ୍ତତଃ ପକ୍ଷେ ଜନତା କିଛି ସୁଫଳ ପାଇଥାନ୍ତେ । ମାତ୍ର ଆମର ସ୍ୱାସ୍ଥ୍ୟ ବ୍ୟବସ୍ଥାଟି ଡାକ୍ତରଙ୍କ ସ୍ୱାର୍ଥ ପାଇଁ ଚାଲେ, ରୋଗୀଙ୍କ ଚିକିତ୍ସା ପାଇଁ ନୁହେଁ । ଏସବୁ କେନ୍ଦ୍ର ନିର୍ମାଣ କରୁଥିବା ଠିକାଦାର ଓ ନିଯୁକ୍ତ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଚାଲୁଥାଏ । ଅସଂଖ୍ୟ ଅଭିଯୋଗ ଓ ଅଭିଯାନ ସତ୍ତ୍ୱେ ସମଗ୍ର ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିହାର ସେଥିପାଇଁ ସବା ତଳେ ରହିଛି-ନକଲି ବୈଦ୍ୟଙ୍କ ସାମ୍ରାଜ୍ୟରେ ସେଥିପାଇଁ ଅକଳ୍ପନୀୟ କୋଳାହଳ, ଶଗଡ଼ ଗୁଳାରେ ଜୀବନ ସେମିତି ଘୁଷୁରୁଛି ।

❖❖❖

Digitized by srujanika@gmail.com

ଦିଶାରୀ ବାପୁଡ଼ାର ଚିକିତ୍ସା ପେଡ଼ି

ମାଲକାନଗିରି (ଓଡ଼ିଶା) : କୁକୁଡ଼ାଗୁଡ଼ିକ ବଳି ପଡ଼ିବା ଦେଖିବା ପାଇଁ ଆମକୁ ପ୍ରାୟ ତିନିଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା । ଦିଶାରୀ ବାପୁଡ଼ାର ସହଯୋଗୀ ପୂଜାରୀ ହାତରୁ ସେମାନେ ଝୁଲୁଥିଲେ ଶୀର୍ଷାସନ ଭଙ୍ଗୀରେ । ଏପରି ଏକ ଦାର୍ଶନିକ ସୁଲଭ ଶୈଳୀରେ ଝୁଲି ମଧ୍ୟ ସେମାନେ ଆଖପାଖରେ ଯାହାକିଛି ସମ୍ଭାବ୍ୟ ଖାଦ୍ୟ ମିଳୁଥିଲା ସେତକ ଖୁଣ୍ଟି ପକାଉଥିଲେ । ପାରମ୍ପରିକ ଔଷଧର ବଂଶାନୁକ୍ରମିକ ଚିକିତ୍ସକ ଭାବେ ଏ ଅଞ୍ଚଳରେ ଖ୍ୟାତ ଦୁଇ ଦିଶାରୀ ଇତିମଧ୍ୟରେ ଆରମ୍ଭ କରିଦେଇଥିଲେ ସେମାନଙ୍କର ପ୍ରାଚୀନ ପୂଜାପାଠ । ଏଥିରେ କିନ୍ତୁ ଗୋଟିଏ ବଡ଼ ଧରଣର ଖିଲାପ ଥିଲା । ପ୍ରଧାନ ଦିଶାରୀ ଗୋବର୍ଦ୍ଧନ ପୂଜାରୀ ପୂଜାପାଠର ଶେଷ ପର୍ଯ୍ୟାୟରେ ରୋଗୀକୁ ଗୋଟେ ଆଧୁନିକ ଔଷଧ ଖୁଆଇଲା – କ୍ଲୋରକୁଇନ୍ କିମ୍ବା ପ୍ଲାଗିଲ୍ । ରୋଗ ନିର୍ଣ୍ଣୟ ଉପରେ ଏ ଔଷଧ ନିର୍ଭରଶୀଳ ଥିଲା ।

ଗୋବର୍ଦ୍ଧନର ବାସ୍ତବ ସଂଜ୍ଞା ହେଉଛି ହିନ୍ତାଳ, ମାତ୍ର ସେ ସଗର୍ବେ ଧାରଣ କରେ 'ପୂଜାରୀ'ର ପରିଚୟ । ଅଗମ୍ୟ ବଣ୍ଡା ପର୍ବତମାଳାରେ ଅନୁଷ୍ଠିତ ଏହି ପୂଜାପାଠରେ ଯୋଗଦେବାକୁ ଆମେ ଅନୁମତି ପାଇବାରୁ ଅତ୍ୟନ୍ତ ପରିତୃପ୍ତ ହେଲୁ । କାରଣ ଏପରି ଏକ ଅସାଧାରଣ ପୂଜାପାଠକୁ ସପ୍ରତ୍ୟକ୍ଷ ଆମେ ଦେଖିପାରିବୁ । ମାତ୍ର ଏହା କେତେମାତ୍ରାରେ ଅସାଧାରଣ, ସେତକ ବାସ୍ତବରେ ଆମେ ଅନୁଭବ କରିପାରୁନଥିଲୁ ।

ଗୋବର୍ଦ୍ଧନର ଚିକିତ୍ସା ପଦ୍ଧତି ଥିଲା ଦେଶଜ ଓ ଭେଷଜର ମିଶାମିଶି ଔଷଧ । ତା'ର କାମ ଥିଲା ମାଲ୍‌କାନଗିରିର ପୁରାତନ ଆଦିବାସୀ ସଂପ୍ରଦାୟ ପାଇଁ ଅଭିପ୍ରେତ ଏକ କୌଶଳର ଅଂଶବିଶେଷ । ପାରମ୍ପରିକ ଦେଶଜ ଚିକିତ୍ସା ପଦ୍ଧତି ସହିତ ପ୍ରାଣ ରକ୍ଷାକାରୀ ଆଧୁନିକ ଔଷଧପତ୍ରକୁ ଗ୍ରହଣ କରିବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଉଥିଲା ଗୋବର୍ଦ୍ଧନ । 'ଏଠାରେ ଦିଶାରୀମାନେ ମଧ୍ୟ ଗାଁର ପୁରୋହିତ, ସୁତରାଂ ବେଶ୍ ମର୍ଯ୍ୟାଦା ପାଉଥାନ୍ତି' – କହନ୍ତି 'ଅନ୍ୱେଷା' ସ୍ୱେଚ୍ଛାସେବୀ ସଂସ୍ଥାର ସୁରେନ୍ଦ୍ର ଖେମୁଣ୍ଡି । ଆଧୁନିକ ଔଷଧ ଓ ଚିକିତ୍ସା ପଦ୍ଧତି ଯେଉଁ ଇଲାକାରେ ଅଦ୍ୟାବଧି ପ୍ରବେଶ କରିପାରିନାହିଁ ସେଠାରେ ଏହି ଦିଶାରୀମାନେ ହିଁ ସ୍ୱାସ୍ଥ୍ୟ ସଂପର୍କିତ ବିଶ୍ୱାସ ଓ ଚିକିତ୍ସାକୁ ବହୁ ମାତ୍ରାରେ ପ୍ରଭାବିତ କରିଥାନ୍ତି । ସେମାନେ ନିଜ ଘରେ କିମ୍ବା ରୋଗୀଙ୍କ ଘରେ ଏହି ଚିକିତ୍ସା ପ୍ରଦାନ କରିଥାନ୍ତି ।

ଖେମୁଣ୍ଡି ନିଜେ ଜଡ଼ିବୁଟି ଚିକିତ୍ସା ପଦ୍ଧତିର ଅଧ୍ୟୟନ କରୁଥାନ୍ତି । ପାରମ୍ପରିକ ଦିଶାରୀମାନେ ଜଡ଼ିବୁଟି ସହିତ ପୂଜାପାଠକୁ ମିଶାଇ ଚିକିତ୍ସା କରିଥାନ୍ତି । କେତେକ

Digitized by srujanika@gmail.com

ଦୁଃସାଧ୍ୟ ରୋଗ ପାଇଁ ଅବ୍ୟର୍ଥ ଆରୋଗ୍ୟର ଜ୍ଞାନକୌଶଳ ସେମାନଙ୍କୁ ଭଲ ଭାବେ ଜଣା । କିନ୍ତୁ କେତେଗୁଡ଼ିଏ ରୋଗ ରହିଛି, ଯାହାର ସଂକ୍ରମଣରୁ ବଣ୍ଡା ଭଳି କିଛି ସଂପ୍ରଦାୟ ବର୍ତ୍ତିପାରନ୍ତି ନାହିଁ । ତେଣୁ ଏକ ଆଦୃତ ବା ଗ୍ରହଣୀୟ ମାଧ୍ୟମରେ ସଫଳ ଆରୋଗ୍ୟର ଆବଶ୍ୟକତା କଥା ଉଠେ । ସେହି ମାଧ୍ୟମ ହେଉଛି ଦିଶାରୀ ।

ମାଲକାନଗିରିର ତତ୍‌କାଳୀନ ସକ୍ରିୟ ଜିଲ୍ଲାପାଳ ଗଗନ ଧଳ ସେହି ମାଧ୍ୟମର ପରିପ୍ରୟୋଗ ପାଇଁ ପ୍ରାଣପଣେ ଲାଗି ପଡ଼ିଥିଲେ । କିଛି ଦିଶାରୀଙ୍କୁ ତାଲିମ ଦେଉଥିଲେ ଜିଲ୍ଲା ପ୍ରଶାସନ—ସେମାନେ କିପରି ମ୍ୟାଲେରିଆ ଓ ଡାଇରିଆ ରୋଗ ସଂପର୍କିତ ଔଷଧର ପ୍ରୟୋଗ କରିପାରିବେ । ଏ ଦୁଇଟି ରୋଗରେ ଏ ଅଞ୍ଚଳର ବହୁତ ଲୋକ ପୋକମାଛି ପରି ମରିଥାନ୍ତି । ''ଦିଶାରୀମାନେ ସେମାନଙ୍କର ପାରମ୍ପରିକ ପୂଜାପାଠ କରିଥାନ୍ତି, କିନ୍ତୁ ଏସବୁ ଶେଷରେ ପ୍ରାଣରକ୍ଷାକାରୀ ଔଷଧ ରୋଗୀକୁ ଖୁଆଇବାକୁ ଆମେ ପ୍ରବର୍ତ୍ତାଇ ଥାଉ ।''—କହନ୍ତି ଗଗନ ଧଳ ।

ଆମେ ଶେଷକୁ ଗୋବର୍ଦ୍ଧନ ସହିତ ବଣ୍ଡା ପର୍ବତରେ ପହଞ୍ଚିଲୁ । ସେ ଜଣେ ଡମ ହରିଜନ, ମାତ୍ର ଏ ଅଞ୍ଚଳରେ 'ବଣ୍ଡା ଡାକ୍ତର' ନାମରେ ସମାଦୃତ । ସେ ହାତରେ ଧରିଥିବା ପ୍ରାଥମିକ ଚିକିତ୍ସା ବାକ୍ସଟିରେ ଇଂରାଜୀରେ ଲେଖା ହୋଇଥାଏ—'ଓନ୍‌ଲି ଫର୍ ବଣ୍ଡାଜ୍' ଅର୍ଥାତ୍ କେବଳ ବଣ୍ଡାଙ୍କ ପାଇଁ । ଏହି ଫିରିଙ୍ଗି ଭାଷାର ବର୍ଣ୍ଣମାଳାର ଚାଟଶାଳୀ ନା ମାଡ଼ିଛି ଦିଶାରୀ ନା ଏ ଅଞ୍ଚଳର କେହି ! ସମସ୍ତେ ଅଜ୍ଞ । ତଥାପି ଅତି ସଗର୍ବେ ସେ ଧରିଥାଏ ବାକ୍ସଟିକୁ । ନଇଦାଢ଼ରେ ନୈରାଶ୍ୟ ସହିତ ବସିଥାଏ ତା'ର କିଶୋର-ରୋଗୀ । ବହମାନ ନଦୀର ଆଣ୍ଠୁଏ ଗହୀର ପାଣିରେ ଛିଡ଼ାହୋଇ ମନ୍ତ୍ର ଉଚ୍ଚାରଣ କରୁଥାଏ ଦ୍ୱିତୀୟ ଦିଶାରୀ । ବଳି ଦବା ପାଇଁ ଗୋବର୍ଦ୍ଧନ ପ୍ରସ୍ତୁତ ହେଉଥିବା ଅବସରରେ ତା'ର ସହକାରୀ ଜାବୁଡ଼ି ଧରିଥାଏ ସେହି ହତଭାଗ୍ୟ କୁକୁଡ଼ାମାନଙ୍କୁ । ସୂର୍ଯ୍ୟର ତେଜ ଥାଏ ପ୍ରଖର, ଆମ ଅପେକ୍ଷା ବେଶି ଛଟପଟ ହେଉଥାଏ ରୋଗୀ ।

ତେବେ ଏ ଅଭିଜ୍ଞତାର ମୂଲ୍ୟାୟନ ଉପରେ କମ୍ ସନ୍ଦେହ ରହିବା ଉଚିତ । ବଣ୍ଡା ପର୍ବତ ଆରୋହଣ ପାଇଁ ଆମର ଘଣ୍ଟା ଘଣ୍ଟାର ଜଳଦଘର୍ମ୍ୟ ଉଦ୍ୟମ ବ୍ୟର୍ଥ ଗଲାନାହିଁ । ତଥାପି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଥିଲା—ଯଦି ତାଲିମପ୍ରାପ୍ତ ଦିଶାରୀ ଏଥିରେ ଅଭ୍ୟସ୍ତ ନଥାଏ କିମ୍ବା କୌଣସି ପୂଜାପାଠ ପ୍ରତିକ୍ରିୟା ସୃଷ୍ଟି କରେ । ଗୋବର୍ଦ୍ଧନ ଖୁବ୍ ଚାଲାକ ଚତୁର ଏବଂ ମୋଟାମୋଟି ଜଣେ ଉପଯୋଗୀ ଡାକ୍ତର । କିନ୍ତୁ ତା'ର ପୂଜାପାଠ ପଦ୍ଧତିର ଅନ୍ତର୍ଗତ ଥିଲା ପ୍ରଚୁର ମହୁଲିର ଗର୍ଭସ୍ଥିକରଣ । (ପୂର୍ବଜମାନେ ବୁଦ୍ଧିମାନ ଭାବେ ପୂଜାପାଠର ଏ ଅଂଶକୁ ପୁରୋହିତର ପାଉଣା ଅପେକ୍ଷା ଉପଭୋଗର ମଉଜକୁ ଅଧିକ ପ୍ରାଧାନ୍ୟ ଦେଇଥିଲେ । ଶୁଷ୍କ ବ୍ୟବସାୟ ସହିତ ଟିକେ ରସାଳ ମଜଲିସ୍

Digitized by srujanika@gmail.com

ବି ମିଶିବା ଦରକାର ଏବଂ ଦିଶାରୀ ଅଣ୍ଟାରୁ କଉଡ଼ି ଯେପରି ଖସୁନଥିବ) ଏ ମଞ୍ଚାଭିନୟର ଅବଧି ଥିଲା ଦୀର୍ଘ ୪ ଘଣ୍ଟା ଏବଂ ଦୁଷ୍ଟ ସ୍ପିରିଟ୍ (ପ୍ରେତାତ୍ମା)ମାନଙ୍କୁ ତଡ଼ିବା ଅପେକ୍ଷା ଗୋବର୍ଦ୍ଧନ ଅଧିକ ସ୍ପିରିଟ୍‌କୁ ଗର୍ଭସ୍ଥ କରୁଥିଲା ।

ଏହି ଅବସରରେ ଦ୍ୱିତୀୟ ଦିଶାରୀ ଗୋଟିଏ ତାଳପତ୍ର ଖେଦା ଧରି ପଢ଼ି ଯାଉଥିଲା ମନ୍ତ୍ର- ''ଆମ୍ ଭୃଷି, ଢାମ୍ ରଷି, ନାମ୍ ରଷି, କାମ ରଷି...'' ଉଚ୍ଚାରଣକୁ ଦରଛିଣ୍ଡା ରଖି ସେ ଗୋବର୍ଦ୍ଧନକୁ ଜଣାଇଲା ଯେ, ସେ ମଧ କିଛି ମହୁଲି ଗଳାର୍ଧକରଣ କରିବାକୁ ଯୋଗ୍ୟ । ଗୋବର୍ଦ୍ଧନ ତା'ର ଧାର୍ମିକ ପ୍ରକିୟା ସହିତ କିଛି ଧର୍ମ ନିରପେକ୍ଷ ଶବ୍ଦାବଳୀକୁ ମିଶାଇ ଦ୍ୱିତୀୟ ଦିଶାରୀକୁ ଆକଟ କରି କହିଲା ଯେ, ସେ ତାକୁ କ'ଣ ବୋଲି ଭାବିଛି କି ! ତେବେ ଧମକ ସହିତ କିଛି ମହୁଲି ପରଷି ଦେଲା । ସେତକ କଣ୍ଠସ୍ଥ କଲାପରେ ସଙ୍ଗୀ ଦିଶାରୀର କଣ୍ଠନାଳୀ ପୁଣି ଉଚ୍ଚାଟ ହୋଇଉଠିଲା- ''ଯମ ଭୂତ୍, ବ୍ରହ୍ମଭୂତ୍, କର୍ମ ଭୂତ୍...'' । ଆମେ ପରେ ସୂଚନା ପାଇଲୁ ଯେ, ଏହି ତାଳପତ୍ର ଖେଦାରୁ ପଢ଼ିବା ଏକ ଲୌକିକତା-ଦ୍ୱିତୀୟ ସଙ୍ଗୀ ଦିଶାରୀ ହେଉଛି ଶ୍ରୀଅକ୍ଷର ବିବର୍ଜିତ । ସବୁ ମନ୍ତ୍ରଗୁଡ଼ିକ ତା'ର ମୁଖସ୍ଥ, କଣ୍ଠସ୍ଥ । ଗୋବର୍ଦ୍ଧନ ଧାରୁଆ ଛୁରୀଟା ଧରି ବଳି ପାଇଁ ପ୍ରସ୍ତୁତ ହେବା ବେଳେ ଏପରି ଆଚରଣ କଲା ଯେ, ରୋଗୀ ଛାନିଆରେ କିଛି ବାଟ ଘୁଞ୍ଚିଗଲା । ଖେମୁଣ୍ଡି ଓ ମୁଁ ଭାବିଲୁ ସେ କୁକୁଡ଼ା ବଦଳରେ ନିଜକୁ କାଟି ପକାଇବ ।

ଏହାପରେ ଗୋବର୍ଦ୍ଧନ ତା'ର ବାମଗୋଡ଼ର ବୁଢ଼ା ଆଙ୍ଗୁଠି ସନ୍ଧିରେ ଧାରୁଆ ଭୀତିପ୍ରଦ ଛୁରୀଟାକୁ ଭିଡ଼ି ଧରିଲା । ଦୋନମ୍ବରୀ ଦିଶାରୀର ଅନର୍ଗଳ ଉଚ୍ଚାରଣ ଭିତରେ ଗୋବର୍ଦ୍ଧନ କୁକୁଡ଼ାଟିର ବେକକୁ କଚ୍ କରି କାଟି ତାକୁ ନଈ ମଝିକୁ ଫୋପାଡ଼ି ଦେଲା । କିଛି ସମୟ ପରେ ଦ୍ୱିତୀୟ କୁକୁଡ଼ାଟି କନିଷ୍ଠ ପାଲଟିଗଲା । ତୃତୀୟ ରାମପକ୍ଷୀଟିର ପକ୍ଷଚ୍ଛେଦନ ସତ୍ତ୍ୱେ ସେ ବୁଲାଚଲା କରି ସାଉଁଟି ଖାଇବାକୁ ଅନୁମତି ପାଇଥିଲା । ଏପରି ନିର୍ଲିପ୍ତ ଭାବେ ଚରୁଥିଲା ଯେ, ଯେପରି ତା'ର କିଛି ହୋଇନାହିଁ କି ହେବାର ନାହିଁ । ତେବେ ଆଉ ଢୋକେ ମହୁଲି ପିଇନେବା ପରେ ଗୋବର୍ଦ୍ଧନ ଅନୁଭବ କଲା ଯେ, ତା'ର ପୂଜାର୍ଚ୍ଚନା ପର୍ବଟାର ଚୂଳି ମରିନାହିଁ । ସେ ଗୋଟା ଝପଟକେ ତୃତୀୟ ପକ୍ଷୀଟିକୁ ନଦୀଗର୍ଭରେ ପହଞ୍ଚାଇଦେଲା । ନଈର ଟିକେ ତଳକୁ ଭାସି ଯାଇଥିବା ମସ୍ତକ ବିହୀନ ତିନୋଟି ସାଥୀକୁ ଏକତ୍ର ସାଉଁଣ୍ଟି ଆଣିଲା ଦ୍ୱିତୀୟ ଦିଶାରୀ । ଏହାପରେ ରାତ୍ରି ଭୋଜନ ପ୍ରସ୍ତୁତିର ପର୍ବ ଆରମ୍ଭ ହେଲା । ରୋଗୀକୁ କୌଣସି ଔଷଧ ଦେଲାନାହିଁ ଗୋବର୍ଦ୍ଧନ, ମାତ୍ର ଏଇଠି ପରିସମାପ୍ତି ଘଟିଲା ପୂଜାପାଠର । ପରେ ଆମେ ଜାଣିବାକୁ ପାଇଲୁ, ରୋଗୀଟି ଥିଲା ଗୋବର୍ଦ୍ଧନର ନିଜ ପୁଅ ।

ଏହାପରେ ଆସିଲା ଏକ ଘରୋଇ ଚିକିତ୍ସାର ଡାକରା । ଏକ ହୃଷ୍ଟପୁଷ୍ଟ ପ୍ରୌଢ଼ ବଣ୍ଡା ଆସି କହିଲା ଯେ, ତା'ର ପୁଅ ଡିସେଣ୍ଟ୍ରି ଯୋଗୁଁ ଅଚଳ ପ୍ରାୟ । ଗୋବର୍ଦ୍ଧନ

Digitized by srujanika@gmail.com

ତା'ର ସରକାରୀ ଚିକିତ୍ସା କୋଥଳିରୁ ବଟିକା ମାନଙ୍କର ପ୍ରଦର୍ଶନୀ ମେଲେଇ କେଉଁଟାକୁ ଦେବ ବୋଲି ଝୁଙ୍କି ହେଉଛି । ପ୍ରୌଢ଼ ବଣ୍ଡା ତା'ର ଗାଳିଗୁଲଜର ସମୃଦ୍ଧ ଅଭିଧାନରୁ ଶବ୍ଦଗୁଡ଼ିକ ଝାଡ଼ି ପକାଇଲା- 'ତୁ ମାତାଲ୍ ଶୁଅର୍ । ଶଃ ତୋ ପୂଜାପାଠକୁ ଧର୍, ତେବେ ଯାଇ ମୁଁ ପରତେ ଯିବି । ହେଲେ ବିଛାମନ୍ତ୍ର ତ ଜାଣିନୁ, ଅଯଥାରେ ସାପଗାତରେ ହାତ ପୂରାଉଚୁ କାହିଁକି !' ସେ ବୋଧେ ଅନୁମାନ କରିନେଲା ମୁଁ ଆଉ ଖେମୁଣ୍ଡି ଆସିଛୁ ଅନ୍ୟକେଉଁ ଜଗତରୁ ଯେଉଁଠି ଏଭଳି ବଟିକା, ଔଷଧର ମନ୍ତ୍ର ଓ ମୁଲାମ ଆମକୁ ଜଣା । ଗୋବର୍ଦ୍ଧନ ତା' ପୁଅର ଚିକିତ୍ସା ଠିକ୍‌ରେ କରୁଛି କି ନାହିଁ ଜାଣିବାକୁ ବଣ୍ଡାବୁଢ଼ା ଆମ ହାତକୁ ବଟିକାଗୁଡ଼ିକ ବଢ଼ାଇଦେଲା ।

ଗୋବର୍ଦ୍ଧନର ଔଷଧ ଚୟନ ଏଥର ଠିକ୍ ଥିଲା । କିନ୍ତୁ ବଣ୍ଡାର ପ୍ରଶ୍ନବାଚୀ ମଧ ଠିକ୍ ଥିଲା । ଇଂରାଜୀ କହୁଥିବା ଶିକ୍ଷିତଙ୍କ ଜିଭରେ 'କ୍ଲୋରକୁଇନ୍' ଓ 'ପାରାସିଟାମଲ୍' ଭଳି ଶବ୍ଦର ଉଚ୍ଚାରଣ ସେତେ ସହଜ ନଥିବା ବେଳେ ଗୋଟେ ନିରକ୍ଷର, ଅଜ୍ଞ ଦିଶାରୀ ଯିଏ ମନ୍ତ୍ର ସହିତ ମହୁଲିକୁ ମିଶାଇ ଚିକିତ୍ସା କରିଥାଏ, କେତେବେଳେ ବଟିକା ଓଲଟି ଗଲେ ଅବସ୍ଥା ସାଙ୍ଘାତିକ କରି ପକାଇବ । ଏ ପ୍ରୋଜେକ୍ଟରେ ପ୍ରଶିକ୍ଷକମାନେ ଖୁବ୍ ସତର୍କ ଓ ସାବଧାନ ହେବା ଦରକାର । ସେମାନେ ଦେଉଥିବା ତାଲିମ ଏବଂ ଗୋବର୍ଦ୍ଧନର ଧାରଣ ଶକ୍ତି ଭିତରେ ରହିଯାଇଛି ଏକ ଜଟିଳ ରସାୟନତତ୍ତ୍ୱ ।

ଦୁର୍ଗମ ଓ ଅଗମ୍ୟ ବଣ୍ଡା ପର୍ବତରେ ଆମେ ଦେଖିଲୁ ଦିଶାରୀମାନେ ଖୁବ୍ ବୁଦ୍ଧିମାନ । ଦନ୍ତୀପଡ଼ା ଗାଁର ହାଡ଼ି ମନ୍ଦ୍ରା କେବେଁ ତାଙ୍କ ପାହାଡ଼ ବାହାରର ଜଗତକୁ ଦେଖିନାହାନ୍ତି । କିନ୍ତୁ ସାପ କାମୁଡ଼ା ଠାରୁ ଶଲ୍ୟ ଚିକିତ୍ସା, ଜ୍ୱର କି ଝାଡ଼ା ପାଇଁ ତାଙ୍କ ପାଖରେ ଏକ ନିଦାନ ରହିଛି । ଆମକୁ ସେ ସ୍ଥାନୀୟ ଜଡ଼ି-ବୁଟିର ବହୁବିଧ ପସରା ଖୋଲି ଦେଖାଇଲେ । ଏଥିରେ ଆମ୍ବ ଚେର ଠୁଁ ହରିଡ଼ା, ତୁଳସୀ, ଅଁଳା, ନିମ୍ବ ଠୁଁ କାଇଁଚ, ବେଗୁନିଆ ଯାଏ ବହୁ ଜଣା ଅଜଣା ସାମଗ୍ରୀ ଥିଲା । ସେ ମଧ ଆବଶ୍ୟକ ପଡ଼ିଲେ ବେଳେବେଳେ ଦିଶାରୀ ବନନ୍ତି । ତାଙ୍କ ପାଉଣା ଅତି ନଗଣ୍ୟ ଓ ସହଜ ! ଭାତ ଓ କୁକୁଡ଼ା ଝୋଳ, ମହୁଲି କି ସଲପର ଆକଣ୍ଠ ପାନୀୟ ।

ସେ ଏବେ ତା'ଙ୍କ ନାତି ମଙ୍ଗଳାକୁ ଖୁବ୍‌ଶୀଘ୍ର ଏ କ୍ଷେତ୍ରରେ ତାଲିମ ଦେବାର ପ୍ରୟାସ କରୁଛନ୍ତି-ଜଙ୍ଗଲରୁ କେଉଁ ଚେରମୂଳି ସଂଗୃହୀତ ହେବ, କେଉଁ ପ୍ରକାର ଜଡ଼ିବୁଟି ଦେବାକୁ ହେବ, କିପରି ପ୍ରୟୋଗ କରାହେବ ଏବଂ କେବେ । ସେ ଗୋବର୍ଦ୍ଧନ ଭଳି ଦିଶାରୀଙ୍କ ବିଷୟରେ ଶୁଣିଛନ୍ତି, ମାତ୍ର ସେମାନଙ୍କୁ ଚିକିତ୍ସକ ଭାବେ ଗଣନ୍ତି ନାହିଁ ସେପର୍ଯ୍ୟନ୍ତ, ଯେଯାଏ ସେମାନେ ନିଜର ଯୋଗ୍ୟତା ପ୍ରମାଣିତ କରିନାହାନ୍ତି । ''ସେମାନଙ୍କୁ କିଏ ତାଲିମ ଦେଇଛି ଏବଂ ଏ ବିଦ୍ୟାରେ କେତେ ଓସ୍ତାଦ ?''-ସେ ପଚାରନ୍ତି । ବାସ୍ତବରେ ଏକ ବୈଧାନିକ ପ୍ରଶ୍ନ । ମାଲକାନଗିରି ଭଳି ଅଗମ୍ୟ ଅଞ୍ଚଳରେ

Digitized by srujanika@gmail.com

ଯେଉଁଠି ଡାକ୍ତର ଓ ଡାକ୍ତରଖାନାର ସଂଖ୍ୟା ନିହାତି ନଗଣ୍ୟ ଏବଂ ଥିଲେ ବି ଔଷଧପତ୍ର ତଥା ଡାକ୍ତର ନଥାନ୍ତି, ସେଠାରେ ହାଡ଼ି ମନ୍ଦ୍ରା ଭଳି ଚିକିତ୍ସକଙ୍କ ଉଦ୍ୟମ ଅତ୍ୟନ୍ତ ମୂଲ୍ୟବାନ । ଗୋଟିଏ ବିଦେଶୀ ପୁଞ୍ଜିପ୍ରାପ୍ତ ସ୍ୱେଚ୍ଛାସେବୀ ସଂଗଠନର ଡାକ୍ତର ଏଠାକୁ ଆସି କୁଆଡ଼େ ବଣ୍ଡାଙ୍କୁ ଦେଖି ୭ ଦିନ ଅବସ୍ଥାନ ପରେ ଭୟରେ ପଳାୟନ କଲେ । ଆଉ ଏକ ବିଦେଶୀ ପୁଞ୍ଜିପ୍ରାପ୍ତ ସଂଗଠନର ଜଳଛାୟା ବିଶେଷଜ୍ଞ ରୂପେ କିଛିମାସ ପରେ ସେ ପୁଣି ଆବିର୍ଭୂତ ହେଲେ ।

ଏଠାରେ ମନୋଭାବ ବଡ଼ ଜଟିଳ । ଗୋଟିଏ ପକ୍ଷରେ ଆଦିବାସୀଙ୍କ ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ନେଇ ଥୋକେ ଲୋକ ବେଶ୍ ସ୍ୱପ୍ନିଳ ଚର୍ଚ୍ଚା କରନ୍ତି । ମାତ୍ର ନିଜ ସଂପର୍କୀୟମାନଙ୍କର ସେହି ପଦ୍ଧତିରେ କି ଆୟୁର୍ବେଦ ପ୍ରଣାଳୀରେ ଚିକିତ୍ସା କରାନ୍ତି ନାହିଁ । ଅନ୍ୟପକ୍ଷରେ ଏହି ପାରମ୍ପରିକ ପଦ୍ଧତି ନିହାତି ଉଦ୍ଭଟ, ଅନାବଶ୍ୟକ କହି ଥୋକେ ଏହାକୁ ନାକ ଟେକନ୍ତି । ସେମାନଙ୍କ ମନ୍ତ୍ର ହେଉଛି ଯେକୌଣସି ଉପାୟରେ ଅନ୍ଧାଧୁନିଆ ଭାବେ ଏଲୋପାଥିର ପ୍ରୟୋଗ, ଦୁଇଟି ଭିତିରେ ଭାରସାମ୍ୟ ରହୁନାହିଁ ।

ପଦ୍ମଭୁକ୍ ବିକାଶବାଦୀ ମାନେ କହିପାରିବେ ନାହିଁ ଯେ ଅନ୍ୟତ୍ର ଯେପରି ଶିଶୁମାନେ ଡାକ୍ତରୀ ଚିକିତ୍ସା ସୁବିଧା ପାଇପାରୁଛନ୍ତି, ସେପରି ସମାନ ସୁବିଧା କାହିଁକି ଆଦିବାସୀ ଶିଶୁମାନେ ପାଇବେ ନାହିଁ ! ଯଦି ଆଦିବାସୀ ଜଡ଼ିବୁଟି, ଚେର ମୂଳି ଚିକିତ୍ସା ଏତେ ସ୍ୱୟଂ ସମ୍ପୂର୍ଣ୍ଣ, ତେବେ ଆଦିବାସୀମାନେ କାହିଁକି ଏତେ ସଂଖ୍ୟାରେ ରୋଗ ଯନ୍ତ୍ରଣାରେ ମରନ୍ତି ଏବଂ ସେମାନଙ୍କ ଶିଶୁ ମୃତ୍ୟୁହାର କାହିଁକି ଏତେ ଅଧିକ ? ଜୋର୍‌ଦାର ପ୍ରଚାରଶୀଳ ଏଲୋପାଥି ଚିକିତ୍ସା ଶିବିର ସେହି ପାରମ୍ପରିକ ଆରୋଗ୍ୟ ପଦ୍ଧତି ଓ ଜ୍ଞାନକୁ ସୁରକ୍ଷିତ ରଖିବା ଦିଗରେ ସାମାନ୍ୟ ଦୃଷ୍ଟି ମଧ୍ୟ ଦିଏନାହିଁ ।

କିନ୍ତୁ ବେପାର ବଣିଜ ତା'ର ବିଜୟ ଯାତ୍ରାକୁ ଅବ୍ୟାହତ ରଖେ । ସହରୀ ବୁଦ୍ଧିଜୀବୀଙ୍କ ମାନଦଣ୍ଡରେ ଏହି 'ପାରମ୍ପରିକ ଚେରମୂଳି ଓ ଚିକିତ୍ସା' ସଂପ୍ରତି ଏକ ବିଶାଳ ଶିଳ୍ପ । ୧୯୯୩ରେ ଜଡ଼ିବୁଟିର ବିଶ୍ୱବ୍ୟାପୀ ବଜାରର ମୂଲ୍ୟ ଥିଲା ୨୦ ହଜାର କୋଟି ଟଙ୍କା । ଏସବୁ ସଂଗୃହୀତ ହୁଏ ସେହି ଆଦିବାସୀ ସମୃଦ୍ଧ ବଣ ଜଙ୍ଗଲର ଗର୍ଭରୁ । ବିରୋଧାଭାଷ ଓ ବିଡ଼ମ୍ବନା ଯେ, ଗ୍ରାମାଞ୍ଚଳ ଭାରତରେ ଏ ଧାରାରେ ଓଲଟା ଉଜାଣି ବହୁଛି । ଇଂଜେକ୍‌ସନ୍ କି ସାଲାଇନ୍ ଚଢ଼ା ନହେଲେ କୌଣସି ଗ୍ରାମବାସୀ ଆରୋଗ୍ୟ ଅନୁଭବ କରେ ନାହିଁ । ଏଲୋପାଥି ପାଇଁ ଏ ପାଗଳାମୀ ହିଁ ନକଲି-ବୈଦ୍ୟଙ୍କ ପ୍ରାଚୁର୍ଯ୍ୟ, ପ୍ରାବଲ୍ୟକୁ ଆମନ୍ତ୍ରଣ କରିଛି। ଏହି ପରିପ୍ରେକ୍ଷୀରେ 'ବଣ୍ଡା ଡାକ୍ତର' ଅବବୋଧର ବ୍ୟାପକ ସମ୍ଭାବନା ଓ ମୂଲ୍ୟ ରହିଛି । କିନ୍ତୁ ସୀମିତ ଜ୍ଞାନକୌଶଳ ମଧ୍ୟରେ ବାନ୍ଧି ହୋଇପଡୁଥିବାରୁ ଏହାର ବିପଦ ଓ ବିପର୍ଯ୍ୟୟ ମଧ ବ୍ୟାପକ ଓ ଅସଂଖ୍ୟ ।

❖ ❖ ❖

Digitized by srujanika@gmail.com

୨୦୦୦ ସୁଦ୍ଧା ସମସ୍ତଙ୍କ ପାଇଁ ମ୍ୟାଲେରିଆ ?

ନୂଆପଡ଼ା ଓ ମାଲକାନଗିରି (ଓଡ଼ିଶା) : ସେ ଥିଲା ୧୯୯୨-୯୩ର ଘଟଣା । ବର୍ଷାଋତୁ ଆରମ୍ଭରୁ ମ୍ୟାଲେରିଆର ପ୍ରକୋପ କେବଳ ଆରମ୍ଭ ହେଲାନାହିଁ, ଗୋଟିକ ପରେ ଗୋଟିଏ ମଣିଷ ମରିବାକୁ ଆରମ୍ଭ କଲେ ମସ୍ତିଷ୍କ ଜ୍ୱରରେ; ନୂଆପଡ଼ା ଜିଲ୍ଲାର ବିରିଘାଟ ଗ୍ରାମରେ । ଘନଶ୍ୟାମ ଭିତିରିଆ ଓ ତାଙ୍କର ସାଥୀମାନେ ରେକର୍ଡ କରିଚାଲିଲେ ଏହି ମୃତ୍ୟୁର ଆତଙ୍କମୟ ଉପକ୍ରମ ଓ ଉପଦ୍ରବ । ଖରିଆର ବ୍ଲକ୍‌ର ଏହି ଅଶ୍ରୁତ ଗ୍ରାମଟିରେ ସେହି ଋତୁରେ ମ୍ୟାଲେରିଆ ଜନିତ ମୃତ୍ୟୁସଂଖ୍ୟା ଥିଲା ସତର । ଏହା ପରକୁ ୧୯୯୪ ଜାନୁଆରୀରେ ଆହୁରି ପାଞ୍ଚଜଣ ଯୋଗଦେଲେ ଏହି ଅସହାୟ ତାଲିକାରେ । ସେମାନେ ସେତକ କରି ନଥିଲେ ଆଉ କେହି ପାରିନଥାନ୍ତେ । କାରଣ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୃତ୍ୟୁ ରେଜିଷ୍ଟାରରେ କୌଣସି ଜଣକର ନାମ ମଧ୍ୟ ନଥିଲା । ସରକାରୀ କଳ ଓ କର୍ମଚାରୀଙ୍କ ନିଷ୍ଠା ଉପରେ ଆମ ସମସ୍ତଙ୍କର ବେଶ୍ ଧାରଣା ରହିଛି ।

ନିକଟବର୍ତ୍ତୀ କୁସମାଲ ଗ୍ରାମରେ ସେହି ଡିସେମ୍ବର, ଜାନୁଆରୀରେ ମରିଥିଲେ ୬ ଜଣ ମ୍ୟାଲେରିଆରେ ଏବଂ ଏହା ପୂର୍ବବର୍ଷର ମୃତ୍ୟୁସଂଖ୍ୟା ଥିଲା ବିରିଘାଟ ଗ୍ରାମ ପରି ଲମ୍ବା । ଖଲଣାର ବିହାରୀଲାଲ ସୁନାନି ଏହା ଉପରେ ଗୋଟେ ସର୍ଭେ କରିଥିଲେ । ସେ କହିଲେ, ''ଏ ଗାଁର ପ୍ରାୟ ଅଧାଅଧି ମଣିଷଙ୍କୁ ଜାନୁଆରୀ-ଫେବୃୟାରୀରେ ମ୍ୟାଲେରିଆ ହୋଇଥିଲା । ଗତବର୍ଷ ବର୍ଷାଦିନରେ ଏ ଅବସ୍ଥା ଥିଲା ଅଧିକ ସାଂଘାତିକ ।''

ସମଗ୍ର ବିଶ୍ୱରେ ଜଣା, ଚାରି ପ୍ରକାର ମ୍ୟାଲେରିଆ ଜୀବାଣୁର ଚରାଭୂଇଁ ହେଉଛି ମାଲକାନଗିରି । ମସ୍ତିଷ୍କ ଜ୍ୱର ବା ମ୍ୟାଲେରିଆର ଜୀବାଣୁ ରୂପେ ଜ୍ଞାତ ଭୟଙ୍କର ପ୍ଲାସ୍‌ମୋଡ଼ିଅମ୍ ଫଲ୍‌ସିପାରୁମ୍ ଏଥିରୁ ଏକତମ । ପୂର୍ବରୁ ଜଣାଥିଲା ଯେ, ଭାରତରେ ମାତ୍ର ତିନୋଟି ମ୍ୟାଲେରିଆ ଜୀବାଣୁର ଧର୍ମଶାଳା ରହିଛି । ପଶ୍ଚିମ ଓଡ଼ିଶାର ନୂଆପଡ଼ା ଓ ମାଲକାନଗିରି ଉଭୟ ଜିଲ୍ଲାରେ ମ୍ୟାଲେରିଆ ପୁଣି ତାର ଦଳବଳ ସୈନ୍ୟ ସାମନ୍ତ ନେଇ ଉପସ୍ଥିତ ହୋଇଛି । ଓଡ଼ିଶାର ସବୁଠାରୁ ଅନୁନ୍ନତ ଅଞ୍ଚଳ ଏବଂ ଦେଶର ସବୁଠାରୁ ଦରିଦ୍ରତମ ମଣିଷମାନଙ୍କ ମଧ୍ୟରେ ଏମାନଙ୍କର ନାମ ବୋଧହୁଏ ସର୍ବାଗ୍ରେ ରହିଛି । ଏପରି କାହିଁକି ଘଟୁଛି ? —ସେ ସଂପର୍କରେ ସେହି ମଣିଷମାନଙ୍କ ଠାରୁ ହୁଏତ କିଛି ଜାଣିବାର ଅଛି ।

Digitized by srujanika@gmail.com

"ଆମର ଗାଁ ଗୁଡ଼ିକରେ ଗତ ତିନିଚାରି ବର୍ଷ ହେଲା ମଶା ନିବାରକ ଔଷଧପତ୍ର ସିଞ୍ଚା ହୋଇନାହିଁ। ଯଦିବା କେବେ ମ୍ୟାଲେରିଆ ଔଷଧ ସରକାରୀ ଡାକ୍ତରଖାନାକୁ ଆସୁଛି, ସେଗୁଡ଼ିକ ସେତେ ପ୍ରଭାବଶାଳୀ ନୁହେଁ। ସବୁ ରୋଗୀଙ୍କୁ ମିଳିବା ତ ଦୂରର କଥା। କେବଳ ପରିବାର ନିୟୋଜନ କାର୍ଯ୍ୟକ୍ରମରେ ଡାକ୍ତରମାନେ ସକ୍ରିୟ ଥିବା ଦେଖାଯାଏ। ଏବେ ଦେଖିବେ ଚାଲନ୍ତୁ। ବିରିଘାଟରେ ଅନ୍ୟୂନ ୩୦ ଜଣ ମ୍ୟାଲେରିଆ ରୋଗୀ ଥିବେ। କିନ୍ତୁ କେହି ଡାକ୍ତର ଯାଆନ୍ତି ନାହିଁ କି ଏଥିପାଇଁ ଟଙ୍କା ନଥାଏ।" —କହିଲେ ପଶ୍ଚିମ ଓଡ଼ିଶା କୃଷିଜୀବୀ ସଂଘର ଘନଶ୍ୟାମ ଭିତିରିଆ। ବାସ୍ତବରେ ଦେଖାଗଲା ଯେ, ମାସିକ ୫୦ ଟଙ୍କା ଦରମାରେ ଥିବା ଗ୍ରାମ ସ୍ୱାସ୍ଥ୍ୟ ଗାଇଡ୍ ମାନେ ଗଲା କିଛିମାସ ହେଲା ସେମାନଙ୍କ ଦରମା ପାଇନାହାନ୍ତି।

"ଆମ ପଞ୍ଚାୟତର ମ୍ୟାଲେରିଆ କର୍ମୀ ୨୦ ମାସ ହେଲାଣି ବଦଳି ହୋଇଗଣେଣି। ଏଯାଏ କେହି ଆସିନାହାନ୍ତି। ଜଣାପଡୁଛି ଏଥିପାଇଁ ବୋଧେ ସରକାରୀ ତହବିଲ୍‌ରେ ଟଙ୍କା ନାହିଁ।" —କହିଲେ ଭାଇସଦାନିର ସରପଞ୍ଚ। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କେତେକ କର୍ମକର୍ତ୍ତାଙ୍କ ବକ୍ତବ୍ୟ ହେଲା—ମ୍ୟାଲେରିଆ ଦୂରୀକରଣ ଅଭିଯାନରେ ପୂର୍ବବର୍ଷ ଠାରୁ ଖର୍ଚ୍ଚ କାଟ ଆରମ୍ଭ ହେଲାଣି। ବ୍ୟାପକ ବ୍ୟୟ ସଂକୋଚନ। "ଜଟିଳ ସମୟରେ କ୍ଲୋରୋକୁଇନ୍‌ର ଆତଙ୍କଜନକ ଅଭାବ ଆମେ ଦେଖି ଆସୁଛୁ।" —କହିଲେ ଜଣେ ଡାକ୍ତର।

ସେମାନେ ଯେ ଅତିରଞ୍ଜିତ କରି କହୁଛନ୍ତି ତାହା ନୁହେଁ। ନୂତନ ଅର୍ଥନୈତିକ ଢାଞ୍ଚାର ପରିପ୍ରୟୋଗ ଦିନ ଠୁଁ ଆରମ୍ଭ ହୋଇଥିବା ଏ ବ୍ୟୟ ସଂକୋଚନରେ ଜାତୀୟ ମ୍ୟାଲେରିଆ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ୧୯୯୨-୯୩ ବଜେଟ୍‌ରେ ପେଷିଦେଲା ପରି ୪୩ ଶତାଂଶ ପୁଞ୍ଜି କାଟି ଦିଆଗଲା। ଫଳାଫଳ ହେଲା ଅତି ନାଟକୀୟ।

ବମ୍ବେ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ ଗବେଷଣା ପ୍ରତିଷ୍ଠାନର ଡାକ୍ତର ସୁଜାତା ରାଓ ଏହାର ନିର୍ଯ୍ୟାସ ଆଙ୍କନ୍ତି : "କେନ୍ଦ୍ରୀୟ ପାଣ୍ଠିର ଅଭାବରୁ କାର୍ଯ୍ୟକ୍ରମରେ ଅଚଳାବସ୍ଥା ଆସିଥିବା କଥା କେତେକ ରାଜ୍ୟ ଜଣାଇ ସାରିଛନ୍ତି। ବାସ୍ତବ କ୍ଷେତ୍ରରେ ଏହି ମ୍ୟାଲେରିଆ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ଆସୁଥିବା ପାଣ୍ଠିରେ ଯେଉଁ କର୍ମଚାରୀ ନିଯୁକ୍ତ ଥିଲେ ସେମାନେ ଗ୍ରାମାଞ୍ଚଳର ବହୁବିଧ ରୋଗ ପାଇଁ କାର୍ଯ୍ୟ କରୁଥିଲେ। ମ୍ୟାଲେରିଆ ପାଇଁ ପୁଞ୍ଜି କମାଇ ଦେବା ଦ୍ୱାରା ସେହି ବହୁମୁଖୀ କାର୍ଯ୍ୟକ୍ରମମାନ ନିଶ୍ଚିତ ରୂପେ ବାଧାପ୍ରାପ୍ତ ହେବ।" ଏହା ହିଁ ହେଲା। ୧୯୯୩ରେ ସିଆଲଟି ଗାଁରେ ଅନ୍ୟୂନ ଆଠଜଣ ଲୋକ ଝାଡ଼ାବାନ୍ତିରେ ମରିଗଲେ। ସାହାଯ୍ୟ କରିବାକୁ ଏହି ବହୁମୁଖୀ

Digitized by srujanika@gmail.com

ସ୍ୱାସ୍ଥ୍ୟକର୍ମୀ ଆଉ ଆଖପାଖରେ ନଥିଲେ । ଓଡ଼ିଶା ଓ ଭାରତ ଉଭୟ କ୍ଷେତ୍ରରେ ମ୍ୟାଲେରିଆ, ବିଶେଷ ଭାବେ ମସ୍ତିଷ୍କ ଜ୍ୱର ଜନିତ ଘଟଣା ଆତଙ୍କଜନକ ଭାବେ ବୃଦ୍ଧି ପାଇ ଚାଲିଛି; ଆଦିବାସୀ ଇଲାକାରେ ଏହା ସର୍ବାଧିକ ।

ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ବା ସରକାରୀ ସ୍ତରରୁ ସାହାଯ୍ୟ ଆଶା ବହୁତ କମ୍ ଲୋକ ରଖନ୍ତି । ୧୯୯୩ ଅକ୍ଟୋବରରେ ପ୍ରଚଣ୍ଡ ଜ୍ୱରରେ ଆକ୍ରାନ୍ତ ହୋଇ ଘନଶ୍ୟାମ ଭିତିରିଆଙ୍କ ପୁଅ ଖରିଆରସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେଲା । ''ଚାରିଦିନ ଯାଏ ତା'ର ଜ୍ୱର କମିଲା ନାହିଁ'' – କହନ୍ତି ଘନଶ୍ୟାମ, ''ଯେତେବେଳେ ମୁଁ ଡାକ୍ତରଙ୍କୁ ପଚାରିଲି ଯେ, ସେ କାହିଁକି କିଛି ଚିକିତ୍ସା କରୁନାହାନ୍ତି, ସେ ରାଗିଉଠି ଚିତ୍କାର କଲେ – 'ତୁମେ ଜଣେ ବାପ ହୋଇ ବୁଝୁଛ କ'ଣ ? ମୁଁ କ'ଣ କରିପାରିବି ?' ଅନ୍ୟ ରୋଗୀମାନେ ମୋତେ କହିଲେ ଯେ ତୁମେ ଡାକ୍ତରଙ୍କୁ କିଛି ଖର୍ଚ୍ଚା ଦିଅ । ମୁଁ ଡାକ୍ତରଙ୍କୁ ୨୦ ଟଙ୍କା ଦେଲାରୁ ସେ ମୋ ପୁଅକୁ ଗୋଟେ ଇଂଜେକ୍ସନ ଦେଲେ । ତା'ପରେ ଜ୍ୱର କମିଲା ଓ ଦିନକ ପରେ ହାସପାତାଳରୁ ଘରକୁ ଫେରିଲା ।''

ଅନେକ ଗାଁ ବୁଲିଲା ବେଳେ ଲୋକମାନେ କହିଲେ ଯେ ଯେଉଁମାନେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଆନ୍ତି ସେମାନଙ୍କୁ ଡାକ୍ତରଙ୍କ ବସାଘରକୁ ଯିବା ପାଇଁ କୁହାଯାଏ । ଡାକ୍ତରଙ୍କ ଘର ସେହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥାଏ-ଏକ ସରକାରୀ ବାସଭବନ । ''ସେଇଠି ଡାକ୍ତର ଘରୋଇ ଚିକିତ୍ସା କରନ୍ତି ଏବଂ 'ଦର୍ଶନୀ' ଆଦାୟ କରନ୍ତି । ଏହା ପୁଣି ସରକାରୀ ଅଫିସ୍ ଟାଇମ୍‌ରେ ଘଟିଥାଏ ।'' – କହିଲେ ଜଣେ ସରପଞ୍ଚ । ଓଡ଼ିଶା ରାଜ୍ୟ ସରକାରୀ ଡାକ୍ତରମାନଙ୍କ ଘରୋଇ ଚିକିତ୍ସାକୁ ନିଷେଧ କରିନାହିଁ । ବରଂ ସଚ୍ଚୋଟ ହେବା ପାଇଁ ପ୍ରତିବଦଳରେ ଏକ ଭତ୍ତା ଦେଉଛି - ଯେପରି ସେମାନେ ନିଜର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଭଲରେ ଚିକିତ୍ସା କରିପାରିବେ, କଡ଼ାକଡ଼ି ଭାବେ ଘରୋଇ ଚିକିତ୍ସା ବନ୍ଦ କରିବେ । ''ମାତ୍ର ସେମାନେ ଦୁଇପଟରୁ ଫାଇଦା ଉଠାଉଛନ୍ତି'' – କହନ୍ତି ପଶ୍ଚିମ ଓଡ଼ିଶା କୃଷିଜୀବୀ ସଂଘର ଜଗଦୀଶ ପ୍ରଧାନ । ''ସେମାନେ ଏ ଭତ୍ତାକୁ ନିଅନ୍ତି ଏବଂ ତେଣେ ଘରୋଇ ଚିକିତ୍ସା ବି କରନ୍ତି, ଏଥିପାଇଁ ମଧ୍ୟ ସରକାରୀ ବାସଭବନକୁ ବ୍ୟବହାର କରନ୍ତି ।''

ଅଶି ଦଶକର ମଧ୍ୟଭାଗରେ ଓଡ଼ିଶାର ଜନସଂଖ୍ୟାର ୧୩.୬ ଶତାଂଶ ଲୋକ ମ୍ୟାଲେରିଆ ଭୋଗୁଥିଲେ, ଏହା ମହାରାଷ୍ଟ୍ରର ଦୁଇଗୁଣ । ଅଥଚ ଓଡ଼ିଶାରେ ମ୍ୟାଲେରିଆର କାର୍ଯ୍ୟକ୍ରମ ପାଇଁ ମୁଣ୍ଡପିଛା ବ୍ୟୟ ଟ. ୩.୪୫ ପଇସା-ମହାରାଷ୍ଟ୍ରର ମୁଣ୍ଡପିଛା ବ୍ୟୟର ଅଧାଠାରୁ ବି କମ୍ । ସହଜ ଭାବେ କଥାଟିକୁ କହିଲେ ହେବ

Digitized by srujanika@gmail.com

ମହାରାଷ୍ଟ୍ରରେ ଯେତେ ମ୍ୟାଲେରିଆ ରୋଗୀ ଓଡ଼ିଶାରେ ତାଠୁଁ ଦୁଇଗୁଣ, ଅଥଚ ରୋଗ ଦୂରୀକରଣ ପାଇଁ ଖର୍ଚ୍ଚରେ ମହାରାଷ୍ଟ୍ର ଠାରୁ ଅଧା । ସୁତରାଂ ଓଡ଼ିଶାର ସମସ୍ୟା ଅନ୍ୟ ରାଜ୍ୟଠୁଁ ଦୁଇଗୁଣା । ୧୯୯୧-୯୨ରେ ବ୍ୟୟ ସଂକୋଚନ ପର୍ଯ୍ୟାୟ ଆରମ୍ଭ ହେବା ପରଠୁଁ ସ୍ୱାସ୍ଥ୍ୟସେବାର ମାନ ହ୍ରାସ ସହିତ ବ୍ୟାଧିର ପ୍ରାଦୁର୍ଭାବ ଗୁରୁତର ହେବାରେ ଲାଗିଛି । ମ୍ୟାଲେରିଆ ସଂକ୍ରମଣ ପରିସଂଖ୍ୟାନ ଗୁଡ଼ିକ ଆଉ ହାତ ଗଣତିରେ ନାହିଁ ।

ପୁରୁଣା କଳାହାଣ୍ଡି ଠାରୁ ବିଚ୍ଛିନ୍ନ ହୋଇ ନବଗଠିତ ନୂଆପଡ଼ା ଜିଲ୍ଲା ହେଉଛି ସେହି ଚିର ମରୁଡ଼ି ପ୍ରପୀଡ଼ିତ କୁଖ୍ୟାତ ଭୂଖଣ୍ଡର ଏକ ଦରିଦ୍ରତମ ଅଂଶ । ଏବଂ ସେଥିପାଇଁ ଏହାର ସମସ୍ୟାର ରାସ୍ତା ବଡ଼ ଲମ୍ବା ଓ କଙ୍କରିଳ । ସରକାରୀ ତଥ୍ୟ କହେ, ଏ ଜିଲ୍ଲାର ୫୪ଟି ଡାକ୍ତରୀ ପଦବୀରୁ ୨୬ଟି ଖାଲି ପଡ଼ିଛି । ୧୦ଟି ନର୍ସ ଓ କମ୍ପାଉଣ୍ଡର ପଦବୀ ମଧ୍ୟ ଶୂନ୍ୟ ରହିଛି ।

୧୯୯୩-୯୪ ବେଳକୁ ପୁଣି ମ୍ୟାଲେରିଆ ଦୂରୀକରଣ ପାଇଁ ପୁଞ୍ଜିର ପୁନଃ ବ୍ୟବସ୍ଥା ହେଲାବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଗଲାଣି । ଇତିମଧ୍ୟରେ, ଯେଉଁ ବିଶ୍ୱବ୍ୟାଙ୍କର ପ୍ରରୋଚନାରେ ବ୍ୟୟ ସଂକୋଚନ ପାଇଁ ତନାଘନା ଉଦ୍ୟମ ଆରମ୍ଭ ହେଲା, ସେ ପୁଣି ବ୍ୟୟ ପରିମାଣ ବୃଦ୍ଧି କରାଇବାର ବାହାଦୂରୀ ନେଲା । ବାସ୍ତବ କ୍ଷେତ୍ରରେ ଅଚଳାବସ୍ଥା ହିଁ ଆସି ଯାଇଥିଲା । କିନ୍ତୁ ଏଇ ହ୍ରାସ ବୃଦ୍ଧିର ଲୁଚକାଳି ଖେଳରେ ଆମେ କେତେ ହରାଇଲୁ ସେତକ ମାପିବା ବଡ଼ ଦୁଃସାଧ୍ୟ ।

କାହିଁକିନା ସରକାରୀ ନଥିପତ୍ରରେ ପରିସଂଖ୍ୟାନ ବଡ଼ ରୁଗ୍ଣ । ଡାକ୍ତରଖାନାର ରୋଗୀ ପରିସଂଖ୍ୟାନ ଓ ତଥ୍ୟକୁ ଏକାବେଳକେ ପକ୍ଷାଘାତ, ଯକ୍ଷ୍ମା, ମ୍ୟାଲେରିଆ, ଝାଡ଼ାବାନ୍ତି ଆକ୍ରାନ୍ତ କରିଥାଏ । ଖରିଆରରେ ଥିବା ମିଶନ ହସ୍‌ପିଟାଲ ଓ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ପରିସଂଖ୍ୟାନକୁ ନେଇ ଆକାଶ ପାତାଳ ପ୍ରଭେଦ । ମିଶନ୍ ହସ୍‌ପିଟାଲ ଡାକ୍ତର ଅଜିତ୍ ସିଂହ କହନ୍ତି ୧୯୯୩ରେ ତାଙ୍କ ରେଜିଷ୍ଟାର କହେ ମଶା କାମୁଡ଼ାରେ ୨୦ ଜଣଙ୍କ ମୃତ୍ୟୁ । "ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ ହୋଇ ୧୯୯୩ରେ ଆସିଥିଲେ ୫୨ ଜଣ ରୋଗୀ । ପ୍ରତି ଦଶଜଣରେ ଜଣକୁ ମସ୍ତିଷ୍କ ଜ୍ୱର ହୁଏ । ସୁତରାଂ ଗତବର୍ଷ ଆମେ ଚିକିତ୍ସା କରିଛୁ ଅନ୍ୟୂନ ୫୨୦ ମ୍ୟାଲେରିଆ ରୋଗୀ, କିନ୍ତୁ ନୂଆପଡ଼ାର ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୨ଟି ଶାଖା କେନ୍ଦ୍ରରେ ଏ ସଂପର୍କିତ କୌଣସି ପରିସଂଖ୍ୟାନ ନାହିଁ କି ସେପରି ତଥ୍ୟ ମଧ୍ୟ ରଖିବାର ଆବଶ୍ୟକତା କେହି କିଛି ଅନୁଭବ କରୁନାହିଁ ।

ଖରିଆର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରେଜିଷ୍ଟାର କହେ ଗତ ୬ ମାସ ମଧ୍ୟରେ ଏଠାରେ ମସ୍ତିଷ୍କ ମ୍ୟାଲେରିଆରେ ମୃତ୍ୟୁ ସଂଖ୍ୟା ମାତ୍ର ତିନି । ତେବେ ୨୧୬ଟି ମୃତ୍ୟୁ

Digitized by srujanika@gmail.com

ଲିପିବଦ୍ଧ ହୋଇଛି, ଯାହାର 'କାରଣ ଜଣାନାହିଁ' ଏବଂ ୮୬ଟି ମୃତ୍ୟୁ 'ବାର୍ଦ୍ଧକ୍ୟ' କାରଣରୁ । ୯୫ ଶତାଂଶ ମୃତ୍ୟୁ ପାଇଁ ମେଡ଼ିକାଲ ସାର୍ଟିଫିକେଟ୍ ଦିଆଯାଇନାହିଁ । ଯେଉଁମାନେ ବାର୍ଦ୍ଧକ୍ୟ ପାଇଁ ମରିଛନ୍ତି, ସେମାନଙ୍କର ବୟସ ୫୦ ବର୍ଷ ଭିତରେ ଏବଂ ବୁଢ଼ା ଲୋକଗୁଡ଼ା ଅନ୍ୟ ସମୟରେ ନମରି କେବଳ ନିର୍ଦ୍ଦିଷ୍ଟ ମାସଟିରେ ହିଁ ମରିବାକୁ ଯେପରି ନିଷତ୍ତି ନେଇଥିଲେ । ୧୯୯୩ ଜୁନ୍ ମାସରେ ବର୍ଷାଋତୁ ପୂର୍ବରୁ କୌଣସି ଗୋଟିଏ ଲୋକର ବାର୍ଦ୍ଧକ୍ୟ କାରଣରୁ ମୃତ୍ୟୁ ହୋଇନଥିଲା, ହଠାତ୍ ଡିସେମ୍ବରରେ ୨୧ ଜଣ ବାର୍ଦ୍ଧକ୍ୟ ପାଇଁ ମରିଗଲେ । ଏହି ମୃତ୍ୟୁ ମଧ୍ୟରୁ କେତେକ କୁସମାଲ ଓ ବିରିଘାଟ ଗାଁରେ ଘଟିଥିଲା, ଯେଉଁଠି ଆତଙ୍କଜନକ ଭାବେ ମ୍ୟାଲେରିଆ ବ୍ୟାପୁଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଥିଲେ । ବର୍ଷାଋତୁ ପରେ ଏହି ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ଘଟୁଥିବାରୁ ଏହା ପ୍ରମାଣିତ ଯେ ଏସବୁର କାରଣ ମ୍ୟାଲେରିଆ ।

ଜଣେ ସ୍ଥାନୀୟ ଡାକ୍ତର ଅତ୍ୟନ୍ତ ବିରକ୍ତିର ସହିତ କହିଲେ—ନୂଆପଡ଼ା ଓ ମାଲକାନଗିରିରେ କାହିଁକି ଲୋକମାନେ ମରି ଚାଲିବେ 'ବାର୍ଦ୍ଧକ୍ୟ' ଓ 'କାରଣ ଜଣାନାହିଁ'ର ଚିରାଚରିତ ଫନ୍ଦା ଭିତରେ ଏବଂ ଭବିଷ୍ୟତରେ ଏହା ଆହୁରି ବଢ଼ିବ । ତାଙ୍କର ବ୍ୟାଖ୍ୟା ହେଲା- "ଜଣେ ଲୋକ, ମନେ କରାଯାଉ ମ୍ୟାଲେରିଆରେ ପଡ଼ିଲା । ପାଞ୍ଚଦିନ ପରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ତାକୁ ଦେଖିବାକୁ ସେ ଗାଁକୁ ଆସିବ । ଅନେକ ସମୟରେ ସ୍ଥାନର ଦୂରତ୍ୱ ହିଁ ସ୍ୱାସ୍ଥ୍ୟକର୍ମୀର ପହଞ୍ଚିବାକୁ ଆହୁରି ବିଳମ୍ବ କରିବ । ତେବେ ଷଷ୍ଠ ଦିନରେ ଯଦି ସ୍ୱାସ୍ଥ୍ୟକର୍ମୀ ରୋଗୀର ରକ୍ତ ପରୀକ୍ଷା କରି ସ୍ଲାଇଡ୍ କାଚକୁ ସପ୍ତମ ଦିନରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇପାରିଲା, ତେବେ ବୁଝିବାକୁ ହେବ ରୋଗୀ ବଡ଼ ଭାଗ୍ୟବାନ । କାମ ଚାପରେ ଆକ୍ରାନ୍ତ ଓ କ୍ଳାନ୍ତ ଲାବରେଟୋରୀ ପରୀକ୍ଷକ ଅନ୍ୟୂନ ସପ୍ତାହଟିଏ ନେବ ସେ ସ୍ଲାଇଡ୍‌ର ଅଧ୍ୟୟନ ପାଇଁ । ଯଦି ଜଣାପଡ଼ିଲା ଯେ, ରୋଗୀକୁ ବାସ୍ତବରେ ମ୍ୟାଲେରିଆ, ତେବେ ସେତେବେଳକୁ ପନ୍ଦର ଦିନ ବିତିଗଲାଣି । ତା'ପରେ ସେ ସ୍ଲାଇଡ୍ ଫେରିଯିବ ସ୍ୱାସ୍ଥ୍ୟକର୍ମୀ ପାଖକୁ, ପୁଣି ଦୁଇତିନି ଦିନ ସମୟ ଲୋଡ଼ା । ତା'ପରେ ସ୍ୱାସ୍ଥ୍ୟକର୍ମୀ ଔଷଧପତ୍ର ସଂଗ୍ରହ କରି ସେ ଗାଁରେ ପହଞ୍ଚିଲା ବେଳକୁ ଆହୁରି ତିନିଦିନ—ଏମିତି ସର୍ବମୋଟ ଏକୋଇଶ ଦିନ ସମୟ ଦରକାର, ତା'ପରେ ଯାଇ ରୋଗୀଟି ସର୍ବନିମ୍ନ ଚିକିତ୍ସା ସୁବିଧା ପାଇବାକୁ ଯୋଗ୍ୟ ହେଲା । ସେତେବେଳକୁ ରୋଗୀର ଅବସ୍ଥା କେବଳ ସାଂଘାତିକ ହୋଇପଡ଼ିନଥାଏ, ତା' ଦେହରୁ ଜୀବାଣୁ ନେଇ ମଶାମାନେ ଇତିମଧ୍ୟରେ ଆହୁରି ଅନେକ ସୁସ୍ଥ ଲୋକଙ୍କୁ ସଂକ୍ରମିତ କରାଇ ସାରିଥାନ୍ତି ।"

Digitized by srujanika@gmail.com

ମ୍ୟାଲେରିଆ ନିରୋଧ ବଜେଟ୍‌ରେ ଆଖିବୁଜା କାଟ ହିଁ ମାସିକ ପାନଖିଆ ଖର୍ଚ୍ଚ ୫୦ ଟଙ୍କା ଦରମାରେ ନିଯୁକ୍ତ ଥିବା ମ୍ୟାଲେରିଆ-କର୍ମୀ ବା ଗ୍ରାମ ସ୍ୱାସ୍ଥ୍ୟ ଗାଇଡ୍‌ଙ୍କ ସଂଖ୍ୟାରେ ଅବନତି ଆଣିଲା । ରୋଗ ବଢ଼ିବା ସହ ତାଳ ଦେଇ ସେମାନଙ୍କ ସଂଖ୍ୟା କମି ଚାଲିଲା । ତେଣୁ ପ୍ରତି ମ୍ୟାଲେରିଆ-କର୍ମୀଙ୍କୁ ସହଯୋଗ ପାଇଁ ମିଳିଥିବା ଆଉ ପାଞ୍ଚଜଣଙ୍କ ଅଭାବରେ ସେମାନଙ୍କ ମୁଣ୍ଡ ଉପରେ ଅଧିକ ଗାଆଁ ପରିକ୍ରମା କରିବାର ଦାୟିତ୍ୱ ପଡ଼ିଲା । ପ୍ରତ୍ୟେକର କାମ କରିବାର ସୀମା ଓ ଧୈଯ୍ୟ ଥାଏ । ସୁତରାଂ ରୋଗୀଙ୍କ ଯନ୍ତ୍ରଣାରେ ଛଟପଟ ହେବାର ସମୟ ବଢ଼ିଗଲା । ବିରକ୍ତ ଓ ନିରାଶ ସ୍ଥାନୀୟ ଡାକ୍ତରଙ୍କ ଭାଷାରେ – ''ଯଦି ଏହି ପ୍ରକାର ଡାଞ୍ଚାରେ-ଔଷଧର ଅଭାବ, ପାଣ୍ଠିରେ କାଣ୍ଟଛାଣ୍ଟ ଏବଂ ଡାକ୍ତରଖାନାରେ କର୍ମଚାରୀଙ୍କ ଅନୁପସ୍ଥିତି ବଢ଼ିଚାଲେ; ତେବେ ୨୦୦୦ ମସିହା ସୁଦ୍ଧା ଆମର ଯେଉଁ ସ୍ଲୋଗାନ ଥିଲା-ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ – ତାହା ବଦଳରେ ସମସ୍ତଙ୍କ ପାଇଁ ମ୍ୟାଲେରିଆ ହିଁ ଆମେ ଯୋଗାଇ ଦେଇପାରିବା ।''

ଏକ ଉତ୍ତର ଲିପି :

'ଟାଇମ୍‌ସ ଅଫ୍ ଇଣ୍ଡିଆ'ରେ ଏ ଲେଖା ପ୍ରକାଶ ପରେ ସରକାରୀ ଡାଞ୍ଚାରେ ଚିରାଚରିତ ପ୍ରତିକ୍ରିୟା ଆରମ୍ଭ ହେଲା । ପାର୍ଲାମେଣ୍ଟରେ ଏ ସଂପର୍କିତ ପ୍ରଶ୍ନମାନ ଉଠିବା ପରେ ଦୁଇଟି ଦଳ ଖରିଆର ଗସ୍ତ କଲେ, କେନ୍ଦ୍ରସ୍ଥଳୀ ହେଲା ବିରିଘାଟ ଅଞ୍ଚଳ । ଏଥିମଧ୍ୟରୁ ଗୋଟିଏ ଦିଲ୍ଲୀର ମେଡ଼ିକାଲ୍ ଦଳ ଏବଂ ଅନ୍ୟଟି ଭୁବନେଶ୍ୱରର । ପ୍ରଥମେ ସେମାନେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମକର୍ତ୍ତାଙ୍କ ଉପରେ ଚଢ଼ଉ କଲେ-କାହିଁକି ସେମାନେ ମୋ ସହିତ କଥାବାର୍ତ୍ତା କରି ରେକର୍ଡପତ୍ରର ଗୋପନୀୟତା ଭଙ୍ଗକଲେ ।

ମୁଁ ଜାଣିପାରୁନି, କେମିତି ସେମାନେ ମୋତେ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ଖୋଲାଫର୍ଦ୍ଦ ତଥ୍ୟକୁ ବାରଣ କରିଥାନ୍ତେ ! କିନ୍ତୁ ହାକିମମାନେ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ଉପରେ ବେଶ୍ ଗର୍ଜନତର୍ଜନ କଲେ । ମାତ୍ର ଏହି ଦୁଇଟି ଉଚ୍ଚପାହ୍ୟା ଦଳ ବିରିଘାଟ ଯାଇ କ'ଣ ଅନୁଧ୍ୟାନ କଲେ ସେ ଚିତ୍ର ଏବେ ବି ଝାପ୍‌ସା । ସ୍ଥାନୀୟ ଲୋକମାନେ କହନ୍ତି ଏହି ହାକିମମାନେ ସେମାନଙ୍କ ପାଖକୁ ଆସିନାହାନ୍ତି, କେବଳ ଆସିଲେ ଦୀର୍ଘଦିନ ହେଲା ଅନୁପସ୍ଥିତ ସ୍ୱାସ୍ଥ୍ୟକର୍ମୀ । ଯା'ହେଉ ବହୁ ମାସ ଧରି ବକେୟା ପଡ଼ିଥିବା ସେମାନଙ୍କର ୫୦ ଟଙ୍କାର ଦରମା ହୁଏତ ମିଳିଯିବ ବୋଲି ଆଶା ସଂଚାର ହେଲା । ଲୋକଙ୍କ ଠାରୁ କିଛି ରକ୍ତ ନମୂନା ସଂଗୃହୀତ ହେଲା-ହୁଏତ ଏଥିରୁ ଉଦ୍ଭୁତ ଫଳାଫଳରେ ଯେଉଁ ରିପୋର୍ଟ ଛପା ହୋଇଯାଇଛି, ତାହାର ଗୁରୁତ୍ୱ ମଉଳି ଯିବ ।

Digitized by srujanika@gmail.com

ମାତ୍ର ସବୁଠୁଁ ସକ୍ରିୟ ସ୍ଥାନୀୟ ନେତା କପିଳ ନାରାୟଣ ତିଓ୍ୱାରୀଙ୍କ ଭାଷାରେ ଘଟଣାଟି ଦୁଃଖଦାୟକ ଭାବେ ଥିଲା ଭିନ୍ନ । ମୁଁ ରିପୋର୍ଟରେ ପ୍ରଥମେ ଯାହା ସବୁ ଲେଖିଥିଲି, ଏବେ ଘଟଣାମାନ ଅଧିକ ଗୁରୁତର ଓ ସଂକଟଜନକ ହୋଇଉଠିଥିଲା ।

ମୋର ସେ ରିପୋର୍ଟ କିଛି ଅନୁକୂଳ ପ୍ରଭାବ ସୃଷ୍ଟି କରିଲା । ଖରିଆର ସ୍ୱାସ୍ଥ୍ୟକେନ୍ଦ୍ର ଓ ନିକଟବର୍ତ୍ତୀ ଅଞ୍ଚଳରେ ଔଷଧପତ୍ରର ପ୍ରାଚୁର୍ଯ୍ୟ ବୃଦ୍ଧି ପାଇଲା । ୧୯୯୫ ମଇ ମାସରେ ମୁଁ ପୁଣି ନୂଆପଡ଼ା ଯାଇଥିବା ବେଳେ ଏହା ସ୍ୱଚକ୍ଷୁରେ ଦେଖିଲି । ଡାକ୍ତର ଓ ନର୍ସଙ୍କ ଶୂନ୍ୟ ପଦବୀ ଗୁଡ଼ିକ ପୂରଣ ହୋଇଯାଇଥିଲା ।

ତେବେ ଏଯାଏ ସେ ପରିଦର୍ଶକ ଦଳ ଦୁଇଟି ସେମାନଙ୍କ ରିପୋର୍ଟ ଦାଖଲ କରିଥିବା ମୋ ନଜରକୁ ଆସିନାହିଁ । ପ୍ରଥମ ପ୍ରକାଶିତ ରିପୋର୍ଟର ଶବ୍ଦଟିଏ ଉପରେ ମଧ୍ୟ କେହି ପ୍ରତିବାଦ କରିନାହିଁ । ଅନ୍ୟ ସମ୍ବାଦପତ୍ରରେ ସମଧର୍ମୀ ରିପୋର୍ଟ ପ୍ରକାଶ ପାଇବାକୁ ଆରମ୍ଭ କଲା । ରାଜସ୍ଥାନ ଓ ଅନ୍ୟାନ୍ୟ ସ୍ଥାନରୁ ସମାନ ପ୍ରକାର କାହାଣୀ ପ୍ରକାଶ ପାଇଲା । ମହାରାଷ୍ଟ୍ର ଭଳି ସମୃଦ୍ଧ ରାଜ୍ୟର ଆଦିବାସୀ ଇଲାକାମାନଙ୍କରେ ମ୍ୟାଲେରିଆ ସମସ୍ୟା ଉତ୍କଟ ହେବାକୁ ଆରମ୍ଭ କଲା । ମ୍ୟାଲେରିଆ ଦଳବଳ ଧରି ତା'ର ଉପଦ୍ରବ ସମଗ୍ର ଦେଶରେ ଆରମ୍ଭ କରିଥିଲା ।

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ତୃତୀୟ



ବିହାର ଗୋଡ୍ଡାଜିଲ୍ଲାର ଏକ ପ୍ରାଥମିକ ସ୍କୁଲ ଗୃହରେ ଏକମାତ୍ର ଉପସ୍ଥିତ ଛାତ୍ର :
ପିଚୁ କଳା ରଙ୍ଗର ଶ୍ମଶ୍ରୁଯୁକ୍ତ ପାଟିଣୀ ଛେଳି

ମଫସଲ ଭାରତରେ ବିଦ୍ୟା ବଉଳର ମହକ

Digitized by srujanika@gmail.com

୧.	ଚାଟଘର ପୁଅ ଚାଟ, ବିନା ଚାହାଳୀରେ ପାଠ	୬୫
୨.	ବିଦ୍ୟାପରି ଚିଜ ନାହିଁ, ସ୍କୁଲ ପରି ସ୍ୱର୍ଗ କାହିଁ !	୭୩
୩.	ଆଦିବାସୀର ଟଙ୍କାରେ ପାଠ ପଢ଼େ ତା'ର ଶୋଷକ	୭୮
୪.	ସ୍ୱପ୍ନର ବୃନ୍ଦାବନରେ ପୁଲକିତ ବଂଶୀସ୍ୱନ	୮୩

❋ ❋ ❋

Digitized by srujanika@gmail.com

ଚାଟଘର ପିଲା ଚାଟ, ବିନା ଚାହାଳୀରେ ପାଠ

ଜଣେ ଅନ୍ତରଙ୍ଗ ବନ୍ଧୁ ବିସ୍ମୟ ପ୍ରକାଶ କଲେ—"ଶିକ୍ଷା ଭଳି ଏକ ବ୍ୟାପକ ପରିସର ଉପରେ ମାତ୍ର ତିନୋଟି ରିପୋର୍ଟ ?"

ଶିକ୍ଷା ଉପରେ ଅବଶ୍ୟ କିଛି ଅଧିକ ସଂଯୋଜିତ ହୋଇପାରିଥାନ୍ତା ଯଦି ମୁଁ ଘୂରିଥିବା ସ୍ଥାନମାନଙ୍କରେ ଟିକେ ଅଧିକ ମାତ୍ରାରେ ଶିକ୍ଷା ପ୍ରଦାନ ଚାଲିଥାନ୍ତା ।

ବାସ୍ତବରେ 'ଟାଇମ୍‌ସ ଅଫ୍ ଇଣ୍ଡିଆ' ପାଇଁ ମୋ ପ୍ରଦତ୍ତ ତିରିଶରୁ ଊର୍ଦ୍ଧ୍ୱ ରିପୋର୍ଟରେ ଭାରତର ଦରିଦ୍ରତମ ଜିଲ୍ଲାମାନଙ୍କରେ ଚାଲୁଥିବା ପ୍ରାଥମିକ ଶିକ୍ଷା ସଂପର୍କରେ ଉଲ୍ଲେଖ ଥିଲା । ସେଥିରେ ଥିଲା ଶିକ୍ଷକ ବିହୀନ ବିଦ୍ୟାଳୟ, କିମ୍ବା ବିଦ୍ୟା ବିହୀନ ବିଦ୍ୟାଳୟ । କେଉଁଠି ସ୍କୁଲ ଅଛି ତ ପିଲା ନାହାନ୍ତି, ପିଲା ଅଛନ୍ତି ତ ସ୍କୁଲ ନାହିଁ । ଏସବୁର ପରିପ୍ରକାଶ ଘଟିଛି ଅନ୍ୟ ରିପୋର୍ଟମାନଙ୍କରେ ଛତ୍ରେ ଛତ୍ରେ । ତେବେ, ସର୍ବଶେଷ ଭାବେ କେବଳ ଶିକ୍ଷାକୁ ଆଧାର କରି ତିନୋଟି ରିପୋର୍ଟ—ସେଥିରୁ ଭାରତ ତା'ର ନାଗରିକଙ୍କୁ ଦେଉଥିବା ଶିକ୍ଷାଦାନର ସ୍ୱାଦ ବାରିହେବ ।

ଏ ଦେଶରେ ଶହେ ଜଣ ସ୍କୁଲ ଯିବା ବୟସର ପିଲାଙ୍କ ଭିତରୁ ମାତ୍ର ୭୦ ଜଣ ପ୍ରଥମ ଶ୍ରେଣୀରେ ନାମ ଲେଖାନ୍ତି । ପ୍ରାଥମିକ ଶିକ୍ଷା ସମାପ୍ତ ପୂର୍ବରୁ ସେଥିରୁ ଅଧେ ରହିଯାଇଥାନ୍ତି । ଅବଶିଷ୍ଟ ୩୫ ଜଣରୁ ଅତି ଜୋର୍‌ରେ ୧୦ ଜଣ ଅଷ୍ଟମ ଶ୍ରେଣୀର ଅର୍ଗଳୀ ଡିଅଁନ୍ତି । ପରିଶେଷରେ ୫ ଜଣରୁ କମ୍ ମାଟ୍ରିକ୍ ପାସ୍‌ର ମାନ୍ୟତା ଲଭନ୍ତି । ଭୋପାଳ ସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ 'ଏକଲବ୍ୟ'ର ଡଃ ଅନୀତା ରାମ୍‌ପାଳ କଥାଟିକୁ ଭିନ୍ନ ଭାବେ ଥୁଅନ୍ତି—"ଆମର ବ୍ୟାପକ ଶିକ୍ଷାଦାନ ବ୍ୟବସ୍ଥାର ହାରାହାରି ଦକ୍ଷତା ହେଉଛି ପାଞ୍ଚ ଶତାଂଶରୁ କମ୍ ।"

ବାସ୍ତବରେ ଏହା ଆହୁରି କମ୍ । ଅଧାରୁ ସ୍କୁଲ ଛାଡୁଥିବା ପିଲାଙ୍କ ତୁଳନାରେ ସ୍କୁଲରେ ନାମ ଲେଖାଉଥିବା ପିଲାଙ୍କ ତାଲିକା ଅଦରକାରୀ ଜଣାପଡ଼େ । ଜନଗଣନା ପରିସଂଖ୍ୟାନ କହେ : ଭାରତର ୬ରୁ ୧୪ ବର୍ଷ ବୟସର ସ୍କୁଲକୁ ଯାଉଥିବା ପିଲାଙ୍କ ସଂଖ୍ୟା ୧୭ କୋଟି ୯୦ ଲକ୍ଷ । ଏଥିରେ ଅଛନ୍ତି ୧୩ କୋଟି ଗ୍ରାମୀଣ ଛାତ୍ର, ୫୭ ଶତାଂଶ ପିଲା ଆଦୌ ସ୍କୁଲ ଦୁଆର ମାଡ଼ନ୍ତି ନାହିଁ । ୬ରୁ ୧୧ ବର୍ଷ ବୟସର ଝିଅଙ୍କ ମଧ୍ୟରୁ ଏକତୃତୀୟାଂଶ ମାତ୍ର ସ୍କୁଲକୁ ଯାଆନ୍ତି ।

ସ୍କୁଲରେ ପହଞ୍ଚିବା କିଛି ଗ୍ରାମୀଣ ପିଲାଙ୍କ ପାଇଁ ଅତି କଠିନ ଓ ଦୁଃସାଧ୍ୟ । ପ୍ରଚଳିତ ତଥ୍ୟରେ ସେ ବାସ୍ତବତାର ଝଲକ ଆଦୌ ନାହିଁ । ଜାତୀୟ ଶିକ୍ଷା ଗବେଷଣା

Digitized by srujanika@gmail.com

ଓ ତାଲିମ ପରିଷଦ (ଏନ୍.ସି.ଇ.ଆର୍.ଟି)ର ୧୯୮୯ର ପଞ୍ଚମ ଅଖିଳ ଭାରତ ଶିକ୍ଷା ସର୍ବେକ୍ଷଣକୁ ବିଚାରକୁ ନିଆଯାଉ । ଗ୍ରାମାଞ୍ଚଳର ୯୪ ଶତାଂଶ ପିଲାଙ୍କ ପାଇଁ ଗୋଟିଏ କିଲୋମିଟର ଭିତରେ ସ୍କୁଲଟିଏ ରହିଛି । ୮୫ ଶତାଂଶ ପିଲାଙ୍କ ପାଇଁ ତିନି କିଲୋମିଟର ଭିତରେ ମାଧମିକ ସ୍କୁଲଟିଏ ରହିଛି ।

କାନକୁ ବେଶ୍ ରୁଚିକର ଶୁଭୁଛି ନିଶ୍ଚୟ । କିନ୍ତୁ ଯେତେବେଳେ ଆସିଯାଉଛି ଅଗମ୍ୟ ପାର୍ବତ୍ୟାଞ୍ଚଳ, ପାହାଡ଼ ଆରପଟେ ଅଛି ସ୍କୁଲ; ଜଙ୍ଗଲ ଓ ପାହାଡ଼ ଡେଇଁ ଛୋଟ ପିଲାଟିଏ ପହଞ୍ଚିବ ସ୍କୁଲରେ । କାନ୍ଧରେ ଥିବ ବସ୍ତାନୀର ବୋଝ; ଦାରିଦ୍ର୍ୟ, ଅପୁଷ୍ଟି ଓ ଭୋକକୁ ବୋହି ସେ ମାଇଲିଏ ବାଟ ଚଢ଼ିବ ପାହାଡ଼ ଉପରେ । ବିଶେଷଜ୍ଞମାନଙ୍କ 'ପାଦରେ ଚାଲିବା ଦୂରତ୍ୱ' ଏସବୁ ବିଷୟକୁ ବିଚାରକୁ ନିଏ କି ?

ଭାରତର ୬୦ ଭାଗରୁ ଅଧିକ ପ୍ରାଥମିକ ସ୍କୁଲରେ ଅଛନ୍ତି ଜଣେ ମାତ୍ର ଶିକ୍ଷକ, ଅତି ଜୋର୍‌ରେ ଦୁଇଜଣ, ସେମାନେ ଚଳାନ୍ତି ପାଞ୍ଚଟି ଶ୍ରେଣୀ-ପ୍ରଥମରୁ ପଞ୍ଚମ । ଅଧିକାଂଶ ଥାଏ ଗ୍ରାମାଞ୍ଚଳରେ, ସ୍କୁଲ ଚାଲିବା ପାଇଁ ସର୍ବନିମ୍ନ ସୁବିଧା ସୁଯୋଗରୁ ସେଗୁଡ଼ିକ ବଞ୍ଚିତ । ଶିକ୍ଷା ସଂପର୍କିତ ପଞ୍ଚମ ସର୍ବେକ୍ଷଣର ମତାମତ : ଦେଶର ୫ ଲକ୍ଷ ୨୯ ହଜାର ପ୍ରାଥମିକ ସ୍କୁଲରୁ ଅଧାରୁ ଅଧିକରେ ପିଇବା ପାଣିର ବ୍ୟବସ୍ଥା ନାହିଁ, ୮୫ ଶତାଂଶ ସ୍କୁଲରେ ପାଇଖାନା କି ପରିସ୍ରାଗାରଟିଏ ନାହିଁ, ଏଥିରୁ ୭୧ ହଜାର ସ୍କୁଲର ପକ୍କା କି କଚା ଘରଟିଏ ମଧ ନାହିଁ । ଅନ୍ୟ ଯାହାର ଅଛି, ତାକୁ ଘର କୁହାଯିବ ନା ଗୁହାଳ, ତାହା ବିଚାର୍ଯ୍ୟ ।

ବାସ୍ତବରେ ବିହାରର ଗ୍ରାମାଞ୍ଚଳ ଗୋଡ୍ଡବି ଓ ପାଲାମାଉରେ ସ୍କୁଲଗୁଡ଼ିକ ମଇଁଷୀ ଗୁହାଳ ନଚେତ୍ ଶସ୍ୟ ସଂରକ୍ଷଣ ପାଇଁ ବ୍ୟବହୃତ । ଏପରି ସ୍କୁଲ ରହିଛି, ଯାହାର କପାଳରେ ମାଷ୍ଟରଙ୍କ ମୁଖ ଦର୍ଶନର ସୁଯୋଗ ବର୍ଷ ବର୍ଷ ଧରି ମିଳିନାହିଁ । ପଞ୍ଚମ ସର୍ବେ ସ୍ପଷ୍ଟ କରି କହେ ଯେ, ଦେଶର ୨,୬୨୮ଟି ପ୍ରାଥମିକ ସ୍କୁଲରେ ଆଦୌ ଶିକ୍ଷକ ନାହାନ୍ତି ।

ଭାରତବର୍ଷ ନାମକ ଦେଶର ଏକ ସମ୍ବିଧାନ ରହିଛି । ଏହାର ୪୫ ଧାରା କହେ ରାଜ୍ୟମାନଙ୍କ ପକ୍ଷରୁ "ଚଉଦ ବର୍ଷ ଯାଏ ପିଲାଙ୍କୁ ମାଗଣା ଓ ବାଧତାମୂଳକ ଶିକ୍ଷା ପ୍ରଦାନ କରାଯିବ ।" ସମ୍ବିଧାନ କାର୍ଯ୍ୟକାରୀ ହେବାର ଦଶବର୍ଷ ମଧରେ ଏହି ବ୍ୟବସ୍ଥା ପ୍ରବର୍ତ୍ତିତ ହେବ । ଏବେ ସମ୍ବିଧାନ ପରିପ୍ରୟୋଗର ପଚାଶ ବର୍ଷ ବିତିଗଲା, ରାଜ୍ୟଗୁଡ଼ିକ କ୍ରମାଗତ ଭାବେ ଶିଶୁମାନଙ୍କ ପ୍ରତି ସେମାନଙ୍କ ଦାୟିତ୍ୱରୁ ଲୁଚିଛପି ଚୋରାଣିଆ ଚାଲିଛନ୍ତି । ଦାୟିତ୍ୱର ଖିଲାପ ଆଜି ହୋଇପଡ଼ିଛି ଅନ୍ୟତମ ସାମ୍ବିଧାନିକ ଅଧିକାର ।

ଆମର ପଞ୍ଚବାର୍ଷିକ ଯୋଜନାମାନଙ୍କରେ ଶିକ୍ଷା ପାଇଁ ପୁଞ୍ଜି ବ୍ୟବସ୍ଥା କ୍ରମାଗତ ଭାବେ ହ୍ରାସ ପାଇ ଚାଲିଛି । ଯେଉଁମାନେ ଏ ଦେଶର ସ୍ୱାଧୀନତା ଆଣିଥିଲେ

Digitized by srujanika@gmail.com

ସେମାନଙ୍କର ଦୂରଦୃଷ୍ଟି ଓ ଦର୍ଶନ ଥିଲା ଭିନ୍ନ । ସେମାନେ ଚାହିଁଥିଲେ ସ୍ୱାଧୀନ ଭାରତର ସମୁଦାୟ ଯୋଜନା ବ୍ୟୟର ୧୦ ଶତାଂଶ ନିର୍ଧାର୍ଯ୍ୟ ଭାବେ ରହିବ ଶିକ୍ଷା ପାଇଁ । ସ୍ୱାଧୀନ ଭାରତ ଏହାକୁ ଅବମାନନା କରି ହିଁ ସେ ଦୃଷ୍ଟିଭଙ୍ଗୀକୁ ସମ୍ମାନ ଜଣାଉଛି ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ସମୁଦାୟ ବ୍ୟୟ ଅଟକଳର ୭.୮୬ ଭାଗ ରହିଲା ଶିକ୍ଷା ପାଇଁ, ଦ୍ୱିତୀୟ ଯୋଜନାରେ ଏହା ଖସି ଆସିଲା ୫.୮୫ ଶତାଂଶକୁ ଏବଂ ପଞ୍ଚମ ଯୋଜନା ବେଳକୁ ଶିକ୍ଷା ଭାଗରେ ପଡ଼ିଛି ୩.୨୭ ଶତାଂଶ । ସପ୍ତମ ଯୋଜନାରେ ୩.୫ । ଭାରତର ଶିଶୁମାନଙ୍କ ଶିକ୍ଷା ସମସ୍ୟା ଯେତେ ଅଧିକ ଉତ୍କଟ ହୋଇଉଠିଲା, ସେଥିପାଇଁ ବ୍ୟୟ ସେତେ କମି କମି ଆସିଲା ।

ଯଦି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ବ୍ୟୟକୁ ହିସାବ କରାଯିବ, ତେବେ ମଧ୍ୟ ନିରାଶାର ସୁଡ଼ଙ୍ଗ ଭିତରେ ଗୁରୁଣ୍ଡିବାକୁ ପଡ଼ିବ । ଭାରତର ଶିକ୍ଷା ପାଇଁ ସାଂପ୍ରତିକ ବ୍ୟୟ ସାମଗ୍ରିକ ଆଭ୍ୟନ୍ତରୀଣ ଉତ୍ପାଦନ (ଜି.ଡ଼ି.ପି.)ର ୩.୫ ଶତାଂଶରୁ ଅଧିକ ନୁହେଁ । କେନ୍ଦ୍ର ସରକାର ସ୍ୱୟଂ କହନ୍ତି ଏହା ୬ ଶତାଂଶ ହେବା ଦରକାର । ତାଞ୍ଜାନିଆରେ ଶିକ୍ଷା ପାଇଁ ଜି.ଡି.ପିର ବ୍ୟୟ ୪.୩ ଶତାଂଶ, କେନିଆର ୬.୭ ଶତାଂଶ ଓ ମାଲେସିଆର ୭.୮ ଶତାଂଶ ।

ପୁଞ୍ଜି କାଟ ଓ ସୁଚିନ୍ତିତ ଅବହେଳା ଯୋଗୁଁ ଦରିଦ୍ରତମ ଓ ଦୁର୍ବଳତମ ମଣିଷମାନେ ହିଁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ସ୍କୁଲକୁ ଯିବାର ପ୍ରାରମ୍ଭିକ ପର୍ଯ୍ୟାୟରେ ହିଁ ସବାତଳ ମଣିଷମାନେ ବାଳୁଙ୍ଗା ଭଳି ବଛା ହୋଇ ଯାଆନ୍ତି । ଗୋଟିଏ ଆକଳନ କହେ, ସ୍କୁଲ ଛାଡୁଥିବା ପିଲାଙ୍କ ମଧ୍ୟରୁ ୪୦ ଶତାଂଶରୁ ଉର୍ଦ୍ଧ୍ୱ ଦର୍ଶାଇଥାନ୍ତି ଯେ, ସେମାନଙ୍କର ପୋଥିରେ ଡୋର ବାନ୍ଧିବାର କାରଣ ହେଉଛି ଅର୍ଥନୈତିକ । ଏହି ସବାତଳର ମଣିଷମାନଙ୍କ ମଧ୍ୟରେ ପୁଣି ବହୁ ଶାଖା ପ୍ରଶାଖା ରହିଛି ।

ପୁଅଙ୍କ ଅପେକ୍ଷା ଝିଅମାନେ ଅଧିକ ସଂଖ୍ୟାରେ ଅଧାରୁ ପାଠ ଛାଡ଼ନ୍ତି । ସ୍କୁଲରେ ପୁଅପିଲାଙ୍କ ସଂଖ୍ୟା ଝିଅଙ୍କ ଠାରୁ ଦେଢ଼ଗୁଣ ଅଧିକ । ଗ୍ରାମାଞ୍ଚଳରେ ଏହି ପ୍ରଭେଦ ଆହୁରି ଅଧିକ ଗୁରୁତର । ଜଣେ ସ୍ୱେଚ୍ଛାସେବୀ ଡଃ ଅନୀଲ୍ ସଦ୍‌ଗୋପାଳଙ୍କ ସୂଚନା କ୍ରମେ ଭାରତରେ ଏପରି ୧୨୩ଟି ଜିଲ୍ଲା ରହିଛି, ଯେଉଁଠି ମହିଳା ସାକ୍ଷରତା ହାର ଶତକଡ଼ା ୧୦ରୁ ମଧ୍ୟ କମ୍ । ଜାତୀୟ ମହିଳା ସାକ୍ଷରତା ହାର ହେଉଛି ୪୦ ଶତାଂଶ ପାଖାପାଖି ।

ଅଣଆଦିବାସୀ, ଅଣହରିଜନଙ୍କ ତୁଳନାରେ ଆଦିବାସୀ, ହରିଜନଙ୍କ ସାକ୍ଷରତା ସ୍ତରର ବାସ୍ତବ ପାର୍ଥକ୍ୟ ୧୯୬୧ ଓ ୧୯୮୧ ମଧ୍ୟରେ ସବୁଠୁଁ ସଙ୍କଟଜନକ ହୋଇ ଉଠିଲା । ଦଳିତ ମହିଳାଙ୍କ ସର୍ବ ଭାରତୀୟ ସାକ୍ଷରତା ହାର ୧୦.୯ ଶତାଂଶ ।

Digitized by srujanika@gmail.com

ଆଦିବାସୀ ମହିଳାଙ୍କ କ୍ଷେତ୍ରରେ ଏହା ୮ ଶତାଂଶ । ସେହି ଦୁଇ ଜାତିର ଶିକ୍ଷକଙ୍କ ସଂଖ୍ୟା ଅତି ନଗଣ୍ୟ । ଅଧିକାଂଶ ଜିଲ୍ଲାରେ ଏହି ଦୁଇ ସଂପ୍ରଦାୟ ହେଉଛନ୍ତି ଜନସଂଖ୍ୟାର ବିପୁଳାଂଶ । କିନ୍ତୁ ସ୍କୁଲ ଶିକ୍ଷକଙ୍କ ସଂଖ୍ୟାକୁ ବିଚାର କଲେ ଏହା କ୍ୱଚିତ ପ୍ରତିଫଳିତ ହୋଇଥାଏ ।

ଏକଥା ସତ ଯେ, ଅତି ପାଖରେ ସ୍କୁଲଟିଏ ଥିଲେ ମଧ୍ୟ ଗ୍ରାମୀଣ ଦରିଦ୍ର ପରିବାରର ପିଲାମାନେ ସେଠାକୁ ଯାଆନ୍ତି ନାହିଁ । ତପସିଲଭୁକ୍ତ ଜାତି, ଉପଜାତିଙ୍କ ପାଇଁ ପ୍ରବର୍ତ୍ତିତ ସୁଯୋଗ ଦୃଷ୍ଟିରୁ କେତେକ ଅଞ୍ଚଳରେ ଏହା ଏକ ବୈଷମ୍ୟଗତ ବିଚାର ରୂପେ ଗଣାଯାଏ । କିନ୍ତୁ ଅଭିଜାତବର୍ଗଙ୍କ ବିଶ୍ୱାସର ବିରୋଧାଭାଷରେ ଏତକ କୁହାଯାଇପାରେ ଯେ, ଦରିଦ୍ର ଲୋକଟି ତା'ର ପିଲାଙ୍କୁ ସ୍କୁଲକୁ ପଠାଇବାକୁ ଚାହେଁ । ଏହା ସତ୍ତ୍ୱେ ତପସିଲଭୁକ୍ତ ଅଞ୍ଚଳରେ ସ୍କୁଲ କଥା ଛାଡ଼ନ୍ତୁ, ଉଚ୍ଚଶିକ୍ଷାର ପ୍ରତିଷ୍ଠାନମାନ ମଧ୍ୟ ପ୍ରହସନ ଠାରୁ ଆହୁରି ନଗଣ୍ୟ ।

ଦରିଦ୍ରକୁ ବିଦ୍ୟା ଓ ଜ୍ଞାନର ଦୁଆର ମଡ଼େଇ ନଦେବାର ପରମ୍ପରା ଖୁବ୍ ପ୍ରାଚୀନ । ବିଦ୍ୟାଧ୍ୟୟନ ପାଇଁ ଇଚ୍ଛା ପ୍ରକାଶ କରୁଥିବା ଶୂଦ୍ର ନିମନ୍ତେ ପୁରାତନ 'ସ୍ମୃତି'ର ରାଜନୈତିକ ଓ ବୈଧାନିକ ବ୍ୟବସ୍ଥାରେ କଠୋର ଦଣ୍ଡ ପ୍ରବର୍ତ୍ତିତ ହୋଇଥିଲା । ସେ ସମୟରେ ଏହା ଥିଲା ବେଦ ଅଧ୍ୟୟନ ସଂପର୍କିତ । ଯଦି ଜଣେ ଶୂଦ୍ର ବେଦ ଶୁଣୁଥିଲା, ତେବେ ତା' 'କାନରେ ତରଳ ସୀସା ବା ଲାଖ ଢାଳିଦେବା' ଥିଲା ଏକତମ ବିଧାନ । ''ଯଦି ସେ ବେଦମନ୍ତ୍ର ଉଚ୍ଚାରଣ କରିବାର ସାହସ କରେ, ତେବେ ତାକୁ ଦି'ଗଡ଼ କରାଯିବ ।'' ତାହା ହିଁ ଥିଲା ଶୂଦ୍ରର ଅବିସମ୍ବାଦିତ ଓ ଅବଶ୍ୟମ୍ଭାବୀ ଭାଗ୍ୟ-ଲିପି । ଜନ୍ମ ଭିତ୍ତିରେ ପୁରାତନ ସମାଜ ତିମି, ମଗର, ଶାଙ୍କୁଚମାନଙ୍କ ଅକ୍ତିଆରରେ ରହିଥିଲା; ଜ୍ଞାନର ସମୁଦ୍ର ବିଦ୍ୟାଧ୍ୟୟନକୁ ବାରଣ କରିଥିଲା ।

ଆଧୁନିକ ସମାଜରେ ସେମାନଙ୍କର ଭୋଟ ପ୍ରଦାନର ଅଧିକାର ଥିବାରୁ ସମ୍ଭ୍ରାନ୍ତମାନେ ଭିନ୍ନ କୌଶଳ ଅବଲମ୍ବନ କରିଥାନ୍ତି । ସବୁ ଭଲ କଥା ଉଚ୍ଚାରଣରେ ଥାଉ, ମାତ୍ର ଆଚରଣରେ ସେମାନଙ୍କ ପ୍ରବେଶକୁ ପ୍ରତିରୋଧ କରାଯାଉ । ବେଳେବେଳେ ସଂଖ୍ୟାଧିକଙ୍କ ଚାପ ଫଳରେ ବାଧ୍ୟବାଧକତାରେ ସଂରକ୍ଷଣ ସୁବିଧା ମିଳିଥାଏ । ଟିକେ ନଇଁ ପଡ଼ । କିଛି ଦିନ ପରେ ଯୋଉ ମାଧିଆକୁ ସେଇ ମାଧିଆ । ଜଣେ ଲେଖକଙ୍କ ଉକ୍ତିରେ : ଗରିବ ଲୋକଟି ଯେତେବେଳେ ପ୍ରଶିକ୍ଷିତ ହୁଏ ଓ ଜ୍ଞାନ ରାଜ୍ୟରେ ପ୍ରବେଶ କରେ, ସେତେବେଳେ ଧନିକ ହରାଏ ତା'ର ପାଲିଙ୍କି-ବାହକ ।

ପ୍ରଥମେ ଖୁବ୍ କମ୍ ସଂଖ୍ୟକ ଦଳିତ ଓ ଆଦିବାସୀ ପିଲା ସ୍କୁଲରେ ନାମ ଲେଖାନ୍ତି, ତା'ପରେ ଆରମ୍ଭ ହୁଏ ଅଧାରୁ ବସ୍ତାନୀ ବନ୍ଧା । ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଭିତରେ ୧୦୦ରୁ ୭୦ ଦଳିତ ଓ ୮୦ ଆଦିବାସୀ ସ୍କୁଲ ଛାଡ଼ନ୍ତି ।

Digitized by srujanika@gmail.com

କିନ୍ତୁ ଆମେ ବାରମ୍ବାର ଶୁଣିଥାଉ ନେତା ଓ ସରକାରଙ୍କ କେତେ ଶ୍ରୁତି ମଧୁର ବଚନ । ସାକ୍ଷରତା ବୃଦ୍ଧି ପାଇଁ ନିକଟ ଅତୀତରେ ତଥା ବର୍ତ୍ତମାନ କେତେ ପୁଲକପ୍ରଦ ଉଦ୍ୟମ ହୋଇ ଚାଲିଛି ! ଏଥିପାଇଁ ଆମର ଗୋଟିଏ ଜାତୀୟ ସାକ୍ଷରତା ମିଶନ ଖୁଣ୍ଟରେ ବନ୍ଧା ହୋଇ ରହିଛି । କେତେ ବହପରେ ଓ ବୀରତ୍ୱ ସହ ଆମେ 'ସୁନ୍ଦର ଜିଲ୍ଲା, ସାକ୍ଷର ଜିଲ୍ଲା'ର ବର୍ଣ୍ଣିଳ ଚିତ୍ରାବଳୀକୁ କାନ୍ଥ ବାଡ଼ରେ ଲେପି ଚାଲିଛୁ । ଟେଲିଭିଜନ ନାମକ ଯନ୍ତ୍ରଟିରେ କେତେ ମନଲୋଭା କର୍ଷଣ, ବର୍ଷଣ, ତୋଷଣ ଚାଲିଛି ସାକ୍ଷରତାର । ଆପଣ ଏହାକୁ ନାପସନ୍ଦ କରିବାର ଯୁ ଅଛି ? ପିଲାମାନଙ୍କ ପ୍ରତି ସରକାର ତାଙ୍କ ଦାୟିତ୍ୱବୋଧକୁ ଧାନଗଦା ପରି ମଡ଼େଇବାକୁ ଚାହାନ୍ତି । ସାକ୍ଷରତାର ରହିଛି ଆଉ ଏକ ଲକ୍ଷ୍ୟ । ଶିକ୍ଷାର ଏକ ବିକଳ୍ପ ରୂପେ ଆପଣ ଦିନରାତି ଏହି ଚକାକୁ ଗଡ଼େଇ ଚାଲିଲେ ହେଲା । ଆମ ଦେଶର ପିଲା ପାଠ ପଢ଼ିବେ ବୋଲି ବିଶ୍ୱବ୍ୟାଙ୍କ ଋଣ ଦେବ (କିଛି ବର୍ଷ ପରେ ଅବଶ୍ୟ କଡ଼ାଗଣ୍ଡା ସୁଧ ସହ ଋଣ ଶୁଝିବାକୁ ହେବ) ଏଥିରେ ରଙ୍ଗୀନ ଟେଲିଭିଜନ୍ କିଣାଯିବ, କମ୍ପ୍ୟୁଟର ମଧ୍ୟ । ଗାଁ ମାନଙ୍କରେ ବିଜୁଳି ନଥିବାରୁ ଏଗୁଡ଼ିକ ଚାଲିବ ନାହିଁ । (ଖବରକାଗଜରେ ନିତି ପ୍ରତି ବାହାରୁଛି ଏଗୁଡ଼ିକ ଖତ ଖାଉଛି । ଟେଲିଭିଜନ, କମ୍ପ୍ୟୁଟର ଖତରେ ଧାନଗଛ ଭଲ ବଢ଼େ କି ନାହିଁ ଆମକୁ ଜଣା ନାହିଁ ।)

ସାକ୍ଷରତାକୁ ମର୍ଯ୍ୟାଦା ରୂପେ ଗଣିବା ଗୋଟେ କଥା । ଶିକ୍ଷା କ୍ଷେତ୍ରରେ ସରକାରଙ୍କ ସଂପୃକ୍ତିକୁ ପୁନଶ୍ଚ କମାଇବା ଦିଗରେ ଏହାକୁ ଏକ ଆୟୁଧ ରୂପେ ଗଣିବା ଆଉ ଗୋଟେ କଥା । ଦେଶର ନାଗରିକମାନଙ୍କୁ ଶିକ୍ଷିତ ବା ସାକ୍ଷର କରାଇ ସରକାର ସେମାନଙ୍କ ପ୍ରତି ଅନୁଗ୍ରହ ଦେଖାଉନାହିଁ କିମ୍ବା ପିଲାଙ୍କୁ ସ୍କୁଲକୁ ପଠାଇବା ଦିଗରେ ପ୍ରଯତ୍ନ କରିବା ତଦ୍ରୂପ ଅନୁଗ୍ରହ ବି ନୁହେଁ । ଏହା ହେଉଛି ଏକ ଅବଧାରିତ କର୍ତ୍ତବ୍ୟର ପାଳନ । ମାତ୍ର ଏ କର୍ତ୍ତବ୍ୟଟି ଅତ୍ୟନ୍ତ ଅବହେଳିତ । ସାକ୍ଷରତା ହେଉଛି ଏକ ଶକ୍ତିଶାଳୀ ସାମାଜିକ ଅସ୍ତ୍ର । ଏହା ଏକ ଶିକ୍ଷା ନୁହେଁ ।

ଦେଶର କେତେକ ପ୍ରାନ୍ତରେ ସାକ୍ଷରତା ଅଭିଯାନ ବେଶ୍ ସଫଳତା ହାସଲ କରିଛି । ପ୍ରଶାସନିକ ପ୍ରତିବନ୍ଧକ ସତ୍ତ୍ୱେ ଏହା ସେତକ କରିପାରିଛି । ଏହାର ସବୁଠାରୁ ମହାର୍ଘ ମୁହୂର୍ତ୍ତ ଆସିଛି, ଯେତେବେଳେ ଅଭିଳଷିତ ଅଞ୍ଚଳମାନଙ୍କରେ ଏହାକୁ ନିଜର ଆବଶ୍ୟକତା ଅନୁଯାୟୀ, ନିଜସ୍ୱ ବାସ୍ତବତା ଭିତ୍ତିରେ ରୂପ ପ୍ରଦାନ କରିଛନ୍ତି । ତାହାହିଁ ସରକାରଙ୍କୁ ଆତଙ୍କିତ କରିଥାଏ । ମହିଳାମାନଙ୍କୁ ଶିକ୍ଷିତ କରାଅ, ଦେଖିବ ସେମାନେ ମଦ ଦୋକାନ ଆଗରେ ଧାରଣା ଦେଉଛନ୍ତି । ଝିଅ ପିଲାମାନେ ଲେଖିପଢ଼ି ପାରିଲେ କେତେ ଚମତ୍କାର ହୁଅନ୍ତା !

Digitized by srujanika@gmail.com

ଯେଉଁଠି ସାକ୍ଷରତା ଲୋକଙ୍କ ଜୀବନ ସହିତ ଯୋଡ଼ି ହୋଇଯାଇଛି, ସେଠାରେ ସ୍କୁଲରେ ଛାତ୍ର ଉପସ୍ଥାନ ବାସ୍ତବରେ ବୃଦ୍ଧି ପାଇଛି । ତାମିଲନାଡୁର ପୁଡୁକୋଟ୍ଟାଇ ହେଉଛି ଏହାର ଏକ ଭଲ ଦୃଷ୍ଟାନ୍ତ । ତେଣୁ ଶିକ୍ଷା ବ୍ୟବସ୍ଥା ପ୍ରତି ସାକ୍ଷରତାର ଅବଦାନ ରହିଛି । ତେବେ ଏହା ଶିକ୍ଷାର ସ୍ଥାନ ନେଇପାରିବ ନାହିଁ । କେତେକ ଅଞ୍ଚଳରେ ସଫଳତା ଯେତେ ବ୍ୟାପକ ଓ ବୃହତ ହେଉନା କାହିଁକି, ଆମକୁ ଚୂଡ଼ାନ୍ତ ହିସାବ ଫର୍ଦ୍ଦକୁ ହିଁ ଦେଖିବାକୁ ହେବ । ଭାରତର ଜନସଂଖ୍ୟାର ଠିକ୍ ୫୨ ଶତାଂଶ ହେଉଛନ୍ତି ସାକ୍ଷର । ବଡ଼ ଗରମାଗରମ ପ୍ରଚାର ଭିତରେ ଏ ପରିସଂଖ୍ୟାନଟି ବଡ଼ ନରମା ।

ପ୍ରଫେସର ଅମର୍ତ୍ତ ସେନ୍ ଓ ଜିନ୍ ଡ୍ରେଜ୍‌ଙ୍କ ଉଲ୍ଲେଖ ଅନୁଯାୟୀ : ‘‘ଭାରତର ସାକ୍ଷରତା ହାର ଚୀନ ତୁଳନାରେ ବହୁତ ତଳେ । ପ୍ରାୟ ତିରିଶ ବର୍ଷ ତଳେ ଦ୍ରୁତ ଅର୍ଥନୈତିକ ପ୍ରଗତିର ଦୌଡ଼ ଆରମ୍ଭ କରିଥିବା ବେଳେ ଅନେକ ପୂର୍ବ ଓ ଦକ୍ଷିଣ-ପୂର୍ବ ଏସୀୟ ଦେଶଙ୍କ ଠାରୁ ସାକ୍ଷରତା ହାରରେ ଏହା ବହୁତ ପଛରେ ରହିଛି । ସ୍ୱଳ୍ପ ଆୟକାରୀ ଦେଶଙ୍କ ହାରାହାରି ସାକ୍ଷରତା ହାର ଠାରୁ ଏହା ତଳେ ବି ରହିଛି । ଏପରିକି ଆଫ୍ରିକାର ସାହାରା ଉପଖଣ୍ଡର ସାକ୍ଷରତା ଗଣନା ହାର ଠାରୁ ମଧ୍ୟ ନିମ୍ନରେ ରହିଛି ।’’

କିନ୍ତୁ ଭାରତର ପ୍ରଶାସନର ମସ୍ତିଷ୍କରେ ରହିଯାଇଥିଲା ଭିନ୍ନ କେତେକ ପ୍ରଶ୍ନବାଚୀ ଯେ, କିପରି ଭାବେ ଶିକ୍ଷା ଉପରେ ବସିଥିବା ସ୍ଥାଣୁତ୍ୱର ମେଣ୍ଟାଟିକୁ ଅଶ୍ୱବେଗରେ ଡିଆଇଁ ହେବ । ଏହି ଚିନ୍ତାରୁ ଜନ୍ମନେଲା ଆମ ସମୟର ସବୁଠୁଁ ବଡ଼ ଧୋକାବାଜି । ଭଦ୍ର ସମାଜରେ ଆମେ ଏହାର ନାମକରଣ କରିଛୁ-ନନ୍-ଫର୍ମାଲ ଏଜୁକେଶନ (ଏନ୍.ଏଫ୍.ଇ) । ସବୁବେଳେ କୌଣସି ନା କୌଣସି ବେଶଭୂଷାରେ ରହିଆସି ଏହା ୧୯୮୫ର ‘ନୂଆ ଅର୍ଥନୈତିକ କାର୍ଯ୍ୟକ୍ରମ’ ବେଳେ ପ୍ରଚୁର ଶକ୍ତିଲାଭ କଲା । ସେତେବେଳେ ସରକାର ମଧ୍ୟ କହିଲେ ଯେ, ଅଢ଼େଇକୋଟି ପିଲା ଏହି ଏନ୍.ଏଫ୍.ଇ ଛାତ ତଳେ ଶିକ୍ଷିତ ହୋଇଯିବେ ।

ଏହାକୁ ଦୃଷ୍ଟିରେ ରଖି ୯୫ ଶତାଂଶ ବ୍ୟୟକୁ ବଞ୍ଚାଇବା ପାଇଁ ତାଲିମ ପ୍ରାପ୍ତ, ପୂରା ସମୟ ପାଇଁ ନିଯୁକ୍ତ ଶିକ୍ଷା ବଦଳରେ ରଖାଗଲା ଅଣତାଲିମ ପ୍ରାପ୍ତ ଅବଧାନ । ଏଥିପାଇଁ ସ୍କୁଲଘର ରହିବା ନିହାତି ପ୍ରୟୋଜନ ନୁହେଁ । ଯେକୌଣସି ବାରଣ୍ଡା, ଗୃହାଙ୍ଗ, ତୋଟାମାନ ମଧ୍ୟ ଚଳିଯିବ । କାର୍ଯ୍ୟତଃ ଦେଖାଗଲା ଏହି କେନ୍ଦ୍ରମାନଙ୍କର ପାଠପଢ଼ା ସମୟ ଦୁଇରୁ ଶୂନ୍ୟ ଘଣ୍ଟାଯାଏ । ଭାରତରେ ଏମିତି ରହିଛି ଅଢ଼େଇ ଲକ୍ଷ କେନ୍ଦ୍ର । ଡଃ ରାମପାଳଙ୍କ ଭାଷାରେ ‘‘ସେସବୁ କେନ୍ଦ୍ର ନଥିଛି, ଏକାନ୍ତ ଉଜ୍ଜ୍ୱଳ ଓ ତୋଫା ହୋଇ ରାଣୀ ତୁଳନାରେ ଚନ୍ଦ୍ରକାଣୀର ସ୍ଥିତି ଓ ରୁଚି ନେଇ । ଗାଁ’ମାନଙ୍କରେ ପ୍ରାଥମିକ ସ୍କୁଲଗୁଡ଼ିକୁ ଚାଲୁଥିବା ଅନ୍ତତଃ ଦେଖିହେଉଛି, ମାତ୍ର ଏଗୁଡ଼ିକୁ ନୁହେଁ ।’’

Digitized by srujanika@gmail.com

ମଧ୍ୟପ୍ରଦେଶରେ ଏହିପରି ରହିଛି ୩୫ ହଜାର କେନ୍ଦ୍ର । ଏଥିରେ ନାମ ଲେଖାଇଥିବା ସାତଲକ୍ଷ ପିଲାଙ୍କ ଭିତରୁ ପଞ୍ଚମଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଛନ୍ତି ମାତ୍ର ୫ ଶତାଂଶ ପୁଅ ଓ ୩ ଶତାଂଶ ଝିଅ ।

କିନ୍ତୁ ମଣିଷର ମୌଳିକ ଅଧିକାର ଭିତ୍ତିରେ ଅବସ୍ଥାରେ କାହିଁକି ପରିବର୍ତ୍ତନ ଆସିବ ନାହିଁ-ସେ ପ୍ରସଙ୍ଗ ଉପରେ ଆମର ବୁଦ୍ଧିଜୀବୀମାନେ ନୀରବ । ଯଦି ଶ୍ରେଣୀଗୃହରେ ପଢ଼ା ହେଉଥିବା ବିଷୟମାନଙ୍କର ଆମ ଦେଶର କୋଟି କୋଟି ଲୋକଙ୍କ ଜୀବନଶୈଳୀ ସହ କୌଣସି ସଂପର୍କ ନାହିଁ, ତେବେ ଏହାକୁ ଉପଯୋଗୀ କାହିଁକି କରାଯାଇପାରିବ ନାହିଁ ? କାହିଁକି ଆମେ ବିଦ୍ୟାଳୟର ବାତାବରଣକୁ ନଷ୍ଟ କରିଦେବା ? କାହିଁକି ଅଯଥା, ଅନାବଶ୍ୟକ ଜୀବନଧାରାରୁ ଭିନ୍ନ ଶିକ୍ଷା ଦେବା ? କିନ୍ତୁ ଏନ୍.ଏଫ୍.ଇର ସଂଗୁପ୍ତ ପାଠ୍ୟକ୍ରମ ହେଉଛି : ସାର୍ବଜନୀନ ଶିକ୍ଷା ଆଉ ଆମର ଲକ୍ଷ୍ୟ ନୁହେଁ । ଏହା ହେଉଛି ଭାରତୀୟ ବୁଦ୍ଧିଜୀବୀର ସ୍ପଷ୍ଟ ଅବବୋଧ ।

ଏମିତି ହୋଇପାରିଥାନ୍ତା ଆମେ ଦେଶବ୍ୟାପୀ ଏନ୍.ଏଫ୍.ଇକୁ ଖେଳାଇ ନଦେଇ କିଛି ନମୂନା ଭାବରେ ଯଦି ପ୍ରୟୋଗ କରିପାରିଥାନ୍ତେ । ସମସ୍ତଙ୍କୁ ଏହା ଜଣାଥିଲା । ହେଲେ, କିଛି ଫଳପ୍ରଦ ହେଲାନାହିଁ । ଏହାଦ୍ୱାରା ସୃଷ୍ଟି ହେଲା ଏକ ସିଧାସଳଖ ବର୍ଣ୍ଣ-ବୈଷମ୍ୟ । ଗୋଟିଏ ପ୍ରକାର ଶିକ୍ଷା ଧନୀକଙ୍କ ପାଇଁ, ଆଉ ଗୋଟିଏ ଗରିବଙ୍କ ପାଇଁ । ଏନ୍.ଏଫ୍.ଇ ପାଇଁ ଯେଉଁମାନେ ଯୋଜନା କରିଛନ୍ତି, ଦରମା ପାଉଛନ୍ତି, ବଡ଼ ବଡ଼ କର୍ତ୍ତା ହୋଇ ବସିଛନ୍ତି ସେମାନେ ଇଂରାଜୀ ମାଧ୍ୟମ 'ଅଭିଜାତ' ସ୍କୁଲରେ ପଢ଼ିଛନ୍ତି ଏବଂ ସେମାନଙ୍କର ପିଲାମାନେ ସେହି ଅଭିଜାତ ପରମ୍ପରାକୁ ଅବ୍ୟାହତ ରଖିଛନ୍ତି ।

କିନ୍ତୁ କଥା ହେଲା ଏହା ହେଉଛି ଏକ ଆକର୍ଷଣୀୟ ଲୁଟ୍‌ତରାଜ । ଗରିବଙ୍କ ପାଇଁ ଶିକ୍ଷା ପଦ୍ଧତିରେ କୋଟି କୋଟି ଟଙ୍କା ବ୍ୟୟ ହୋଇଛି, ମାତ୍ର ଫଳାଫଳ ଶୂନ୍ୟ ରହିଛି । ଯଦି ଏନ୍.ଏଫ୍.ଇ ଶିକ୍ଷାକ୍ଷେତ୍ରରେ ଏପରି ବିପ୍ଳବାତ୍ମକ, ବିସ୍ମୟକର ଅବବୋଧ (ଆଲାଦୀନ୍‌ର କୁହୁକ ଦୀପ !) ତେବେ ତ ସବୁପ୍ରକାର ସ୍କୁଲକୁ ବନ୍ଦ କରିଦେଇ ଏଇ ପଦ୍ଧତିରେ ଆମ ଦେଶର ସବୁ ପିଲାଙ୍କୁ ଭର୍ତ୍ତି କରିନିଆଯିବା ଉଚିତ । କିନ୍ତୁ ଏ କଥାଟା ଆମର ସୁନ୍ଦର, ସମ୍ଭ୍ରାନ୍ତ, ସମୃଦ୍ଧ ରୂପେ ପରିଚିତ ବୁଦ୍ଧିଜୀବୀ ଲୋକମାନଙ୍କୁ ଆହତ କରିବ ।

ଶିକ୍ଷା ପରି ଆମର ଆଉ କୌଣସି ପରିସର ବା ବିଭାଗ ଏପରି ବିରକ୍ତିକର ଅନୁଭବର ନୈରାଶ୍ୟ ଭିତରେ ସଢ଼ିନାହିଁ । ସମସ୍ତେ ସତ୍ୟଟିକୁ ଜାଣିଥିବା ସତ୍ତ୍ୱେ ତଥାପି ଏ କାର୍ଯ୍ୟକ୍ରମ ଚାଲୁ ରହିଛି । ସରକାର ତ ନିଶ୍ଚୟ ଜାଣିଛନ୍ତି । ତେବେ କେତେଗୁଡ଼ିଏ କଥା ବିହୁନେ ପୃଥିବୀରେ ଯେଉଁ ଗହଳି ଚହଳି, କୋଳାହଳ ଚାଲିଛି ସେସବୁ ପ୍ରହସନ

Digitized by srujanika@gmail.com

ପ୍ରାୟ ମନେହେବ । ତେଣୁ କିଛି ନାଟକ ନହେଲେ ଅନ୍ତତଃ ପକ୍ଷେ ପଥପ୍ରାନ୍ତ ନାଟକମାନଙ୍କୁ ତ ଚଳାଇବାକୁ ହେବ । ଅଣ୍ଟା ହଲେଇବାକୁ ହେବ । ସେହି 'ଅତି ବେହିଆ ପାଚନ୍ତି' ନ୍ୟାୟରେ ଆମର ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାକୁ ହେବ । ଗାଁ ବା ସହର, ପାହାଡ଼ ବା ସମତଳ ଜଙ୍ଗଲ ବା ଉପକୂଳ, ପ୍ରତି ପିଲାଙ୍କର ଏହା ପାଇବା ହକ୍ । ଚମତ୍କାର ସ୍ଲୋଗାନ ! ମାନବିକ ଅଧିକାର ସାବ୍ୟସ୍ତ କରିବାରେ ଆମେ ସତେ କେଡ଼େ ଦାୟିତ୍ୱବାନ !!

ଏହା ବାହାରେ ଅନେକ କଥା ରହିଗଲା । ଶିକ୍ଷା କେବଳ ମାଗଣା ନୁହେଁ, ହାଇସ୍କୁଲ ଶେଷ ଯାଏ ବାଧ୍ୟତାମୂଳକ ହେବ, ତେବେ ଏହା ଶିଶୁ ଶ୍ରମିକ ପଦ୍ଧତି ଉପରେ ଜୋର୍‌ଦାର୍ ସାବଳ ମାଡ଼ କରିବ ଏବଂ ଏଥିପାଇଁ ଭାରତ ବହୁ ଭାବରେ କ୍ଷତିଗ୍ରସ୍ତ । ଶିଶୁଶ୍ରମିକ ପ୍ରଥାକୁ ଉଚ୍ଛେଦ ନକଲା ଯାଏ ଜାତୀୟସ୍ତରର ବହୁ ଶକ୍ତିଶାଳୀ ସମସ୍ୟାମାନଙ୍କର ସମାଧାନ ଆମେ ଆରମ୍ଭ କରିପାରିବା ନାହିଁ। ସେଥିମଧ୍ୟରୁ ତିନୋଟି ହେଉଛି ଶିକ୍ଷା, ବେକାରୀ ଓ ସାବାଳକ ମଜୁରିଆ ପାଇଁ ସର୍ବନିମ୍ନ ରାଷ୍ଟ୍ରୀୟ ମଜୁରି ।

ଶିକ୍ଷା ପାଇଁ ଆମର ସାଂପ୍ରତିକ ବ୍ୟୟ ପରିମାଣ ବଡ଼ ଉଦ୍ଭଟ, ଆମର ସାମଗ୍ରିକ ଆଭ୍ୟନ୍ତରୀଣ ଉତ୍ପାଦନର ୬ ଶତାଂଶ ଏଥିପାଇଁ ବ୍ୟୟ ବରାଦ ନହେଲେ ଶିକ୍ଷା କ୍ଷେତ୍ରରେ ସାମାନ୍ୟତମ ଅଗ୍ରଗତିର ସୁଯୋଗ ମଧ୍ୟ ନାହିଁ । ଶିକ୍ଷା କ୍ଷେତ୍ରରେ ଦୃଷ୍ଟାନ୍ତ ରଖିଥିବା ଦକ୍ଷିଣ-ପୂର୍ବ ଏସିଆର ରାଷ୍ଟ୍ରମାନଙ୍କ ବିଷୟ ଉଲ୍ଲେଖ କରିବା ପ୍ରବଞ୍ଚନା ଛଡ଼ା ଅନ୍ୟକିଛି ନୁହେଁ । ଅନ୍ତତଃପକ୍ଷେ ଭାରତ ଭଳି ଗଣତନ୍ତ୍ର ପ୍ରତି ବଚନବଦ୍ଧ ଏକ ରାଷ୍ଟ୍ର ପକ୍ଷେ ଏହା ଏକ ଛଳନା ଓ ଶଠତା, ଶିକ୍ଷା ଭଳି ଏକ ପବିତ୍ର ବିଷୟରେ ଏପରି କହିବା ଏକ ଅପରାଧ । ପ୍ରଥମେ ସେହିସବୁ ଦୃଷ୍ଟାନ୍ତକାରୀ ରାଷ୍ଟ୍ର ସେମାନଙ୍କ ସ୍କୁଲମାନଙ୍କ ପାଇଁ ଯେପରି କରିଛନ୍ତି ଏବଂ ଯେତେ ବ୍ୟୟ କରନ୍ତି, ଭାରତ ସେତିକି ପାଇଁ ପ୍ରତିଶ୍ରୁତିବଦ୍ଧ ତ !

ଗୋଟିଏ ପକ୍ଷେ ଗଣ ସାକ୍ଷରତା ଅଭିଯାନ, ଅନ୍ୟପଟରେ ଶିକ୍ଷାର ଅଭାବ କେବେ କାନ୍ଧକୁ କାନ୍ଧ ମିଳାଇ ଚାଲିପାରିବ ନାହିଁ । ଏହା କହୁଛି, ଭାରତର ନିହାତି ମୌଳିକ ସାମର୍ଥ୍ୟମାନ ପକ୍ଷାଘାତଗ୍ରସ୍ତ ହୋଇ ରହିଯିବ । ତଦ୍ରୂପ ଭାବେ ରହିଯିବ ଅର୍ଥନୈତିକ ବିକାଶ । କୌଣସି ପରିସରର ନୂତନ ସଂସ୍କାରମାନଙ୍କର ଆୟୁଷ ମଧ୍ୟ ବଢ଼ିବ ନାହିଁ।

ତେବେ ଭାରତ ଆଗରେ ବାଟ କ'ଣ ? ଜନ୍ ଗଲ୍‌ବ୍ରେଥ୍ ଏକଦା କହିଥିଲେ : ''ଏମିତି କୌଣସି ଶିକ୍ଷିତ ଦେଶ ନାହିଁ ଯିଏ ଦରିଦ୍ର; ଏପରି କୌଣସି ନିରକ୍ଷର ଦେଶ ନାହିଁ ଯିଏ ଦରିଦ୍ର ଠାରୁ ଉନ୍ନତ ।''

❖ ❖ ❖

Digitized by srujanika@gmail.com

ବିଦ୍ୟାପରି ଚିଜ ନାହିଁ, ସ୍କୁଲ ପରି ସ୍ୱର୍ଗ କାହିଁ !

ଗୋଡ୍ଡା (ବିହାର) : ଦାମରୁହାଟ ମାଇନର ସ୍କୁଲରେ ଥିଲା ଏକ ଅଦ୍ୱିତୀୟ ଛାତ୍ର-ଶିକ୍ଷକ-ସମ୍ପର୍କର ଅନୁପାତ । ଏହାର ଥିଲା ଆଠଟି ଶ୍ରେଣୀ, ସାତଜଣ ଶିକ୍ଷକ, ଚାରିଜଣ ଛାତ୍ର, ଦୁଇଟି କୋଠରୀ ଏବଂ ଗୋଟିଏ ଭଙ୍ଗା ଚୌକି ।

ପ୍ରଧାନ ଶିକ୍ଷକଙ୍କ ପାଇଁ ସଂରକ୍ଷିତ ଥିବା ଗୋଡ଼-ଭଙ୍ଗା ଚୌକିଟି ଦୀର୍ଘଦିନ ହେଲା ଖାଲି ପଡ଼ିଥିଲା-ଅର୍ଥ ତୋଷରପାତ ଅଭିଯୋଗରେ ସେ ନିଲମ୍ବିତ ହେବାଦିନଠୁଁ । ମାଇନର ସ୍କୁଲର ପ୍ରଧାନ ଶିକ୍ଷକମାନେ ନିର୍ଦ୍ଧାରିତ ଅଞ୍ଚଳମାନଙ୍କରେ ଶିକ୍ଷକମାନଙ୍କୁ ଦରମା ବାଣ୍ଟିବା କାର୍ଯ୍ୟଟି ନିର୍ବାହ କରିଥାନ୍ତି । କୌଣସି ଶିକ୍ଷକ ପଦବୀ ନଥାଇ ଦରମା ପ୍ରଦାନ ଚାଲିଥିବା ଅଚାନକ ଭାବେ ଧରିପକାଇ ଜଣେ କ୍ରୁଧିତ ଡେପୁଟୀ କମିଶନର ଆମର କଥିତ ପ୍ରଧାନ ଶିକ୍ଷକଙ୍କୁ ବରଖାସ୍ତ କରିଥିଲେ ।

ଦୁଇଜଣ ଶିକ୍ଷକଙ୍କର ବଦଳି ହୋଇଯାଇଥିଲା । ତେଣୁ ଥିଲେ ଚାରିଜଣ । ଉପସ୍ଥାନ ଖାତାରେ ୭୪ ଜଣ ପିଲାଙ୍କ ନାମ ଚଢ଼ିଥିଲେ ହେଁ ଆସୁଥିଲେ ଦଶରୁ ବାରଜଣ ଏବଂ ଗୋଟିଏ ସମୟରେ ମାତ୍ର ଦୁଇଜଣ ପିଲା ଉପସ୍ଥିତ ରହି ମାଛି ହୁରୁଡ଼ାଉଥିଲେ । ''ଏପରିକି ଘରୋଇ ଟିଉସନରେ ଏମନ୍ତ ଘଟେ ନାହିଁ-ଜଣେ ପିଲା ପାଇଁ ଦୁଇଜଣ ମାଷ୍ଟର ।'' –କହିଲେ ଗୋଡ୍ଡା କଲେଜର ଅଧ୍ୟାପକ ସୁମନ ଦାରାଧିୟାର ।

ଆଦିବାସୀ ଗ୍ରାମମାନଙ୍କରେ ଅବସ୍ଥା ଥିଲା ସାଂଘାତିକ । ବୋଆରିଜ୍ ବ୍ଲକ୍‌ର ଅଭ୍ୟନ୍ତର ପାହାଡ଼ି ଇଲାକା ଆଦ୍ରୋ ଠାରେ ଗଲା ଦୁଇବର୍ଷ ହେଲା ହେଡ୍‌ମାଷ୍ଟ୍ର ଶ୍ୟାମ ସୁନ୍ଦର ମାଲଟୋଙ୍କର ଦେଖାନଥିଲା । ଗୋଟିଏ ଅଙ୍କାବଙ୍କା ପାହାଡ଼ି ରାସ୍ତାରେ ଚଉଦ କିଲୋମିଟର ବାଟ ଚାଲି ଚାଲି ଆମେ ସେ ସ୍କୁଲରେ ପହଞ୍ଚିଲୁ, ଅବଶ୍ୟ ସ୍କୁଲ ନାମକ ସେ ସ୍ଥଳୀଟି ପାଲଟିଥିଲା କେନ୍ଦୁପତ୍ର ଓ ମକା ସଂରକ୍ଷଣର ଏକ ଗୋଦାମ ।

ଦୁଇବର୍ଷ ତଳେ ସଙ୍ଗରେ ଉପସ୍ଥାନ ରେଜିଷ୍ଟରକୁ ଧରି ମାଲ୍‌ଟୋ ପଳାୟନ କରିଥିଲା । ''ରତନପୁରରେ ଥିବା ତା' ଘରେ ସେ ଏହି ରେଜିଷ୍ଟ୍ରାରକୁ ପୂରଣ କରି ଦରମା ଆଣିବାକୁ ଯାଏ ।'' –କହିଲେ ଜଣେ ପାହାରିଆ ଆଦିବାସୀ ମାଧୋ ସିଂ । ମାଷ୍ଟ୍ରଟିକୁ ଏତାଦୃଶ ଆଚରଣ ପାଇଁ ଗାଳିଦେବାକୁ ଯେତେବେଳେ ମାଧୋ ସିଂଙ୍କ ନେତୃତ୍ୱରେ କିଛି ସଚେତନ ଆଦିବାସୀ ରତନପୁରରେ ପହଞ୍ଚିଲେ, ସେମାନଙ୍କ ବିରୋଧରେ ହତ୍ୟା, ଆକ୍ରମଣ ଓ ମାଡ଼ ମାରିଥିବାର ପାଲଟା ମୋକଦ୍ଦମା ଦାଏର କଲା ମାଲ୍‌ଟୋ । ଏବେ ବି ସେ ମୋକଦ୍ଦମା ଚାଲିଛି ।

Digitized by srujanika@gmail.com

ଗୋଡ୍ଡା ଟାଉନ୍ ପାଖ ଲୁଣିମାଟି ଗାଁ ସ୍କୁଲ ଘରେ ଜଣେ ମାତ୍ର ବିଦ୍ୟାର୍ଥୀ ଉପସ୍ଥିତ ଥିଲେ—ସେ ଥିଲେ ଗୋଟିଏ ଶ୍ମଶ୍ରୁବନ୍ତ କୃଷ୍ଣକାୟ ପାଟେଣି ଛେଳି । ଅନ୍ୟଦୁଇଟି ଅଧ୍ୟୟନ ଜିଜ୍ଞାସୁ ଛାଗଳ ଝରକା ପାଖରେ ଦାର୍ଶନିକ ସୁଲଭ ଦୃଷ୍ଟିରେ ଶୋଇରହି ପାକୁଳିରତ ଥିଲେ । ଦେଶର ଦରିଦ୍ରଙ୍କ ମଧ୍ୟରେ ଦରିଦ୍ରତମ ଭାବେ ପରିଚିତ କହର ଆଦିବାସୀ ସଂପ୍ରଦାୟର ବିଶାଳ ବସ୍ତି ବିଶିଷ୍ଟ ସେ ଗାଁର ଦୁଇଜଣ ପିଲାଙ୍କ ନାମ ଯଦିଓ ସ୍କୁଲ ଉପସ୍ଥାନ ଖାତାରେ ଦରଜ ହୋଇଥିଲା, କିନ୍ତୁ ଜଣେ କେହି ବି ସେ ଗାଁରୁ ସ୍କୁଲକୁ ଯାଉନଥିଲେ ।

୧୯୮୯ରେ ଶିଳାନ୍ୟାସ ହୋଇଥିବା ଏଇ ସ୍କୁଲଟି ଭୂତିଆରୀ ଓ ଗୁଗୁଚିଆର ଗହଳି ଭିତରେ ଗହଳ ନିଦରେ ଶୋଇଥିଲା । ‘‘ସରକାରୀ ତାଲିକା ଅନୁଯାୟୀ ଏଇଟି ଗୋଟିଏ ଚାଲୁଥିବା ଜୀବନ୍ତ ସ୍କୁଲ ।’’—କହିଲେ ସ୍ଥାନୀୟ ରାଜନୈତିକ କର୍ମୀ ମୋତିଲାଲ । ଭାରତର ଅନ୍ୟତମ ଦରିଦ୍ରତମ ଜିଲ୍ଲାଗୁଡ଼ିକରେ ରହିଛି ୧୦୬୩ଟି ସ୍କୁଲ ଓ ଏହାର ୨୮୮୭ ଜଣ ଶିକ୍ଷକ । ଯଦିଓ କିଛି ସ୍କୁଲ ନିଜସ୍ୱ ଢଙ୍ଗରେ ଚାଲେ, ତେବେ କେଉଁଠି ହେଲେ ବାସ୍ତବ ଶିକ୍ଷାର ସାମାନ୍ୟତମ ଛିଟା ପଡ଼ିନାହିଁ । ଫୁଲ ଅଛି, ରଙ୍ଗ ନାହିଁ କି ମହକ ନାହିଁ ।

ଅନେକ ପାହାରିଆ ଗାଁରେ ଜଣେହେଲେ ବି ପିଲା ସ୍କୁଲକୁ ଯାଏନାହିଁ । ଯଦିଓ କିଛି ପିଲାଙ୍କ ନାଁ ସ୍କୁଲ ରେଜିଷ୍ଟାର୍‌ରେ ଚଢ଼ିଛି । ସୁନ୍ଦର ପାହାରି ବ୍ଲକ୍‌ର ଅଗମ୍ୟ ଡୋରିଓ ଗାଁର ୭୯ଟି ଘର ଆମେ ସର୍ଭେ କଲୁ । ଏମାନେ ତୁଳନାତ୍ମକ ଭାବେ ସ୍ୱଚ୍ଛଳ ରୂପେ ଗଣାଯାନ୍ତି । ୩୦୩ ବ୍ୟକ୍ତିଙ୍କ ମଧ୍ୟରୁ ମାତ୍ର ୧୧ ଜଣ ନିଜ ନାମ ଦସ୍ତଖତ କରିପାରୁଥିବା ଆମେ ଦେଖିଲୁ । ଚନ୍ଦ୍ର ପାହାରିଆ ନାମକ ଜଣେ ଯୁବକ ମାଟ୍ରିକ୍ ପାସ୍ କରିଥିବା ନେଇ ଗାଁଟି ଗର୍ବିତ ଏବଂ କିଛି ବର୍ଷ ପୂର୍ବେ ସେ ମାଟ୍ରିକ୍ ପାସ୍ କରିବା ଠାରୁ ଏଯାଏ ବେକାର ।

ଡୋରିଓ ଗାଁର ଜଣେ ମାତ୍ର ପିଲାର ନାମ ସ୍କୁଲ ରେଜିଷ୍ଟାରରେ ଚଢ଼ିଛି, ମାତ୍ର ସେ ସ୍କୁଲକୁ ଯାଏନାହିଁ । ଆମେ ସେ ଗାଁରେ ପହଞ୍ଚିଥିବାର ଖବର ପାଇ ସ୍କୁଲର ହେଡ୍‌ମାଷ୍ଟର ଅଣନିଃଶ୍ୱାସୀ ହୋଇ ଆସି ସେଠାରେ ପହଞ୍ଚିଲେ । ଆମ ଚେହେରା ବେଶଭୂଷା ଦେଖି କେହି ତାଙ୍କୁ ଖବର କଲାଯେ, ସ୍କୁଲ ବିଭାଗର ଡେପୁଟୀ କମିଶନର ଆସି ପହଞ୍ଚିଛନ୍ତି । ହେଡ୍‌ମାଷ୍ଟରଙ୍କର ଧାଇଁବା ପାଇଁ ମଧ୍ୟ ଫୁରସଦ୍ ନଥିଲା ।

‘‘ଏ ପିଲାଟିକୁ ମୁଁ ବହୁତ ଭଲପାଏ, ସେ ଭଲ ପାଠ ପଢ଼ି ମଣିଷ ହେବା ମୁଁ ଚାହେଁ । ହେଲେ ଏ ଗାଁ ଲୋକେ ତାକୁ ତିଳେହେଲେ ପାଠ ପଢ଼ିବାକୁ ଉତ୍ସାହ ଦିଅନ୍ତି ନାହିଁ ।’’—ଦୋଷ କଟାଇବାକୁ ଏତକ କହିପକାଇଲେ ହେଡ୍‌ମାଷ୍ଟର ପର୍ଶୁରାମ ସିଂ । କିନ୍ତୁ ମୁଁ ସ୍କୁଲ ବିଭାଗର କୌଣସି ହାକିମ କି ତାଙ୍କ ପ୍ରତିନିଧି ନୁହେଁ ବୋଲି ଜାଣିବା

Digitized by srujanika@gmail.com

ପରେ ଯେମିତି ତରବରରେ ଆସିଥିଲେ, ସେମିତି ତରବରରେ ଫେରିଗଲେ । ଅନେକ ମାସ ପରେ ଗାଁ ଲୋକେ ହେଡ୍‌ମାଷ୍ଟରଙ୍କ ଚେହେରା ଥରୁଟିଏ ଦେଖିବାର ସୁଯୋଗ ପାଇଲେ ବୋଲି ଜଣାଇଲେ । ଅନୁଭବ କରିହେଲା ଯେ, ଗାଁର ପୁରୁଖା ଲୋକେ ଯେତେ ଶିକ୍ଷିତ, ସେହି ତୁଳନାରେ ବର୍ତ୍ତମାନର କିଶୋର ଓ ଯୁବପିଢ଼ି ପାଠପଢ଼ାରେ ପଛୁଆ ରହିଯିବେ ।

"ଏ ଅଞ୍ଚଳରେ ଅନେକ ଶିକ୍ଷକ ସର୍ବଦା ଗୋଟିଏ ଛୁଟି ଦରଖାସ୍ତ ପ୍ରସ୍ତୁତ କରି ରଖିଥାନ୍ତି । ସେଥିରେ ତାରିଖ ପଡ଼ିନଥାଏ । ଯଦି ସ୍କୁଲ ବିଭାଗର ପରିଦର୍ଶକ ଅଚାନକ କୌଣସି ଦିନ ପହଞ୍ଚିଯାଆନ୍ତି, ତେବେ ସେହି ତାରିଖ ପକାଇ ଦରଖାସ୍ତଟି ଦିଆଯାଏ ସେଦିନ ନିଜର ଅନୁପସ୍ଥିତି ଜଣାଇବା ପାଇଁ ।"—କହିଲେ ଜଣେ ଜିଲାସ୍ତରୀୟ ଉଚ୍ଚପଦସ୍ଥ ପ୍ରଶାସକ ।

ଆଦିବାସୀ ମହିଳାଙ୍କ ସାକ୍ଷରତା ହାର ଏଠାରେ ୫ ଶତାଂଶରୁ କମ୍, ଏହା ଏକ ନୈରାଶ୍ୟଜନକ ଅବସ୍ଥାର ଚିତ୍ର ଦିଏ । ଯେଉଁ କେତେକ ପାହାଡ଼ିଆ ଗାଁର ପିଲାମାନେ ସ୍କୁଲକୁ ଯାଆନ୍ତି, ସେମାନେ ସମସ୍ତେ ପୁଅପିଲା । ଏଠାରେ ଶିକ୍ଷକମାନଙ୍କ ପ୍ରତି ଯେଉଁ କଟୁମନ୍ତବ୍ୟ ଶୁଣିବାକୁ ମିଳେ, ତାହା ସରଳ ଭାବେ ସମୁଦାୟ ଶିକ୍ଷା ବ୍ୟବସ୍ଥା ଭାଙ୍ଗି ପଡ଼ିଥିବାକୁ ସୂଚାଏ ନାହିଁ । ଏ ମୂଳକରେ ଅଛି ଅସହ୍ୟ, ଅକଥନୀୟ ଦାରିଦ୍ର୍ୟ । ଏହା ସହିତ ସରକାରୀ ସ୍ତରରେ ରହିଛି ଅଙ୍ଗୀକାରର ଅଭାବ ଏବଂ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପାଇଁ ରହିଥିବା ମାଗଣା ମଧ୍ୟାହ୍ନ ଭୋଜନ ଓ ବହିପତ୍ର ଏସବୁ ସ୍କୁଲରେ ମିଳେନାହିଁ । ଗୋଡ଼ା ସଂପ୍ରଦାୟର ଆଦିବାସୀ ପିଲାଙ୍କ ପାଇଁ ଦୁର୍ଗମ ଓ ତୀଖ ପାହାଡ଼ି ରାସ୍ତା ସମସ୍ୟାକୁ ଅଧିକ ପ୍ରସାରିତ, ଶାଣିତ କରିଥାଏ ।

ମାସିକ ୨୫୦୦ ଟଙ୍କାରୁ ଅଧିକ ଦରମା ପାଉଥିବା ମାଷ୍ଟର ବାପୁଡ଼ାମାନେ ଏ ଅଞ୍ଚଳରେ ମହାଜନୀ ସୁଧ କାରବାର ପାଇଁ ଜଣାଶୁଣା । ସ୍କୁଲକୁ ତ ଯିବାର ନାହିଁ ଏବଂ ଏ ଦରମା ପରିମାଣ ମଧ ମନ୍ଦ ନୁହେଁ । ସୁଧ ଲଗାଣ ଓ ଆଦାୟ ପାଇଁ ପର୍ଯ୍ୟାପ୍ତ ସମୟ ମିଳୁଛି । କିନ୍ତୁ ନ୍ୟାୟୋଚିତ ମାର୍ଗରେ ଚାଲୁଥିବା ଶିକ୍ଷକମାନେ ଏ ଧାରାରେ ନିଜକୁ ପରାଜିତ ମନେ କରନ୍ତି । ଗାନ୍ଧିବାଦୀ ଦର୍ଶନରେ ବିଶ୍ୱାସୀ ଗୋରାଡ଼ିହି ପ୍ରାଥମିକ ସ୍କୁଲର ଶିକ୍ଷକ ରଣଧୀର କୁମାର ପାଣ୍ଡେ ଗାଁ ଗାଁ ବୁଲି ପିଲାମାନଙ୍କୁ ସ୍କୁଲକୁ ପଠାଇବା ପାଇଁ ସେମାନଙ୍କ ବାପାମାନଙ୍କୁ ପ୍ରବର୍ତ୍ତାନ୍ତି । "ଯଦି ତୁମର ଏଇ ପିଢ଼ିର ପିଲାମାନେ ସ୍କୁଲକୁ ନଗଲେ ତେବେ ଜାଣ ଯେ, ତୁମମାନଙ୍କ ଭବିଷ୍ୟତ ଅନ୍ଧକାରମୟ—ଏକଥା କହି ମୁଁ ଲୋକଙ୍କୁ ବୁଝାଏ । ତେବେ, ସେମାନେ ଅତି ଗରିବ, ପିଲାଙ୍କୁ ସ୍କୁଲକୁ ପଠାଇବାକୁ ଅସମର୍ଥ ।"—ବ୍ୟଞ୍ଜନା ମିଶ୍ରିତ ଗମ୍ଭୀରତାର ସହ କହନ୍ତି ପାଣ୍ଡେ : ସ୍କୁଲକୁ ପିଲା ଆସିବା ଦିଗରେ ପ୍ରବର୍ତ୍ତାଇବାକୁ ସେ ନିଜ ଦରମାରୁ ପେନ୍‌ସିଲ୍, ସିଲଟ୍ ଓ ଖାତାପତ୍ର କିଣିଦିଅନ୍ତି ।

Digitized by srujanika@gmail.com

ପାଣ୍ଡେଙ୍କ କହିବା ଅନୁଯାୟୀ ଏ ଅଞ୍ଚଳରେ ଶିକ୍ଷକମାନେ ବିପଦାପନ୍ନ ଅବସ୍ଥାରେ ବଞ୍ଚନ୍ତି । ୧୯୯୧ରେ ମ୍ୟାଲେରିଆ ଜନିତ କଳାଜ୍ୱରରେ ତିନିଜଣ ଶିକ୍ଷକ ମରିଗଲେ । ''ଯେଉଁମାନଙ୍କର ଉଚ୍ଚ ସରକାରୀ ସ୍ତରରେ ଯୋଗାଯୋଗ ଅଛି ସେମାନେ ଚାହୁଁଥିବା ଅଞ୍ଚଳକୁ ବଦଳି ହୋଇ ଚାଲିଯାନ୍ତି । ଅନ୍ୟମାନେ ସେହି ଏକା ସ୍ଥାନରେ ୨୫ରୁ ୩୦ ବର୍ଷ ଯାଏ ପଡ଼ିରହିଥାନ୍ତି ।''—ଶିକ୍ଷକମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଏବଂ ଶିକ୍ଷା ବ୍ୟବସ୍ଥାକୁ ପରିମଳ ରଖିବା ଲକ୍ଷ୍ୟରେ ରହିଥିବା ବଦଳି ବ୍ୟବସ୍ଥା ଅନ୍ୟଏକ କାରଣ ପାଇଁ ଅଚଳ ହୋଇ ରହିଯାଏ । ରାଜ୍ୟବ୍ୟାପୀ ଶିକ୍ଷକ ସଂଘଗୁଡ଼ିକ ଖୁବ୍ ଶକ୍ତିଶାଳୀ ଏବଂ ସେମାନେ ଠିକଣା ଓ ଯଥାର୍ଥ ବଦଳିକୁ ମଧ୍ୟ ବିରୋଧ କରିଥାନ୍ତି । ବେଶ୍ କିଛି ବର୍ଷ ହେଲା ବିହାରର କୌଣସି ସରକାର ସେମାନଙ୍କ ଦେହରେ ଟିପ ଛୁଇଁବାକୁ ମଧ ସାହସ କରିନାହିଁ । ହସି ହସି ଜଣେ ଜିଲ୍ଲାସ୍ତରୀୟ ପ୍ରଶାସକ କହନ୍ତି— ''ଯେହେତୁ ନିର୍ବାଚନର ଭୋଟ ଗଣତି କାର୍ଯ୍ୟଟି ମାଷ୍ଟରମାନଙ୍କ ଦ୍ୱାରା ସଂପାଦିତ, ରାଜନୈତିକ ଦଳଗୁଡ଼ିକ ସେମାନଙ୍କୁ ଡରିମରନ୍ତି ।''

ଏହାଛଡ଼ା, ପାଣ୍ଡେଙ୍କ ସ୍ୱୀକାରୋକ୍ତି ଅନୁଯାୟୀ ଏ ଅଞ୍ଚଳରେ ଛାତ୍ର ଉପସ୍ଥାନ ଖାତାର ବିଶେଷ କୌଣସି ଅର୍ଥ ନାହିଁ । ''ଅନେକ ପିଲା ଗାଈ, ମଇଁଷୀ, ଛେଳି ମେଣ୍ଢାଙ୍କୁ ଚରାଇବା ପାଇଁ ଛାଡ଼ିଦେଇ ଦିନ ବାରଟା ବେଳକୁ ସ୍କୁଲରେ ପହଞ୍ଚନ୍ତି ଏବଂ ସନ୍ଧ୍ୟାର ଅନ୍ଧାର ଆଗରୁ ଘରେ ପହଞ୍ଚିବା ଲକ୍ଷ୍ୟରେ ଶୀଘ୍ର ବାହାରିଯାଆନ୍ତି ।'' ତା' ହେଲେ କ'ଣ ଆଉ କିଛି ବାଟ ନାହିଁ ? ଅନ୍ତତଃ ପକ୍ଷେ ନିହାତି ପଛୁଆ ପହରିଆ ସଂପ୍ରଦାୟ ପାଇଁ କିଛି ବାଟ ?

ବାସ୍ତବରେ ଅଛି । ରାଜ୍ୟ ସରକାରଙ୍କ କଲ୍ୟାଣ ବିଭାଗ ପକ୍ଷରୁ ଆଦିବାସୀଙ୍କ ପାଇଁ ସାତଟି ''ଆବାସିକ ବିଦ୍ୟାଳୟ'' ଚାଲୁଛି ଏବଂ ଫଳାଫଳ ବେଶ୍ ଭଲ । ଅନ୍ୟାନ୍ୟ ସାଧାରଣ ସ୍କୁଲ ଠାରୁ ଆଖିଦୃଶିଆ ଭାବେ ନିଆରା ଏହି ଆବାସିକ ବିଦ୍ୟାଳୟରେ ଛାତ୍ରଙ୍କ ପାଇଁ ଖାଦ୍ୟ, ବସ୍ତ୍ର ଏବଂ ବହିପତ୍ର ସବୁ ମାଗଣା । ଏ ସ୍କୁଲମାନଙ୍କରେ ଉପସ୍ଥାନ ବେଶ୍ ଭଲ ଏବଂ ପରୀକ୍ଷାରେ କୃତକାର୍ଯ୍ୟ ହେବାର ସଂଖ୍ୟା ଉଲ୍ଲେଖଯୋଗ୍ୟ ।

ଏପରି ଏକ ଆବାସିକ ସ୍କୁଲରୁ ଉତ୍ତୀର୍ଣ୍ଣ ପ୍ରମୋଦ କୁମାର ପହରିଆ ନାମକ ଜଣେ ମେଧାବୀ, ନିଷ୍ଠାପର ଯୁବକ ସଂପ୍ରତି ଗୋଡ୍ଡା କଲେଜରେ ପାଠ ପଢୁଛି । ଭାନ୍ଜୀ ଆବାସିକ ସ୍କୁଲରେ ଏହିପରି ୧୯ ଜଣ ପିଲା ସଂପ୍ରତି ଉଚ୍ଚତର ଶିକ୍ଷାଲାଭ କରୁଛନ୍ତି । ୬ ଜଣ ସ୍ନାତକ ପାଠ୍ୟକ୍ରମରେ ଅଧ୍ୟୟନରତ, ଏଥିରୁ ଜଣେ ଇଂରାଜୀ ଅନର୍ସ ନେଇ ପାଟଣା ବିଶ୍ୱ ବିଦ୍ୟାଳୟରେ ପଢୁଛି ।

ପ୍ରମୋଦର ବକ୍ତବ୍ୟ ଅନୁଯାୟୀ, ''ପହରିଆମାନେ ଶିକ୍ଷିତ ହେବାକୁ ଚାହାନ୍ତି । ମାତ୍ର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ସେମାନଙ୍କ ପାଇଁ ବ୍ୟୟସାପେକ୍ଷ, ଯାହା ବହନ

Digitized by srujanika@gmail.com

କରିବାକୁ ସେମାନେ ଅସମର୍ଥ । ଆମଭଳି ଭାଗ୍ୟବାନଙ୍କ ପାଇଁ ଆବାସିକ ସ୍କୁଲ ହେଉଛି ସୁବିଧା ସୁଯୋଗରେ ଅନ୍ୟ ସ୍କୁଲମାନଙ୍କ ଠାରୁ ଆକାଶ ଓ ପାତାଳ ଭଳି ପାର୍ଥକ୍ୟ ।'' କାରଣ ଏସବୁ ସ୍କୁଲରେ ମିଳେ ଅର୍ଥନୈତିକ ସାହାଯ୍ୟ । ଦୁଇଓଳି ପେଟପୁରା ଖାଇବା ବାହାରେ ଆହୁରି ଅନେକ ପ୍ରକାର ସହାୟତା ଏହିସବୁ ଆବାସିକ ସ୍କୁଲ ଯୋଗାଇ ଦେଇଥାନ୍ତି –କଥାଟିକୁ ଅଧିକ ସ୍ପଷ୍ଟ କରିଦିଅନ୍ତି ପ୍ରଫେସର ସୁମନ ଦୁବେ । ଏ କଥାରେ ସମର୍ଥନ ଜଣାନ୍ତି ଗିରିଧର ମାଥୁର –ସାନ୍ତାଳ ପାହାରିଆ ସେବା ମଣ୍ଡଳରେ ରହି ଦୀର୍ଘ ୧୪ ବର୍ଷ ଧରି ଏହି ସଂପ୍ରଦାୟ ସହିତ ସେ କାମ କରିଛନ୍ତି । ମାଥୁର କହନ୍ତି : ''ସୁନ୍ଦର ପାହାରି ବ୍ଲକ୍‌ରେ ଅନ୍ତତଃପକ୍ଷେ ବାଳିକାମାନଙ୍କ ପାଇଁ ଗୋଟିଏ ଆବାସିକ ବିଦ୍ୟାଳୟର ଆବଶ୍ୟକତା ରହିଛି । ପୁଅଙ୍କ ପାଇଁ ତ ଏ ବ୍ଲକ୍‌ରେ ତିନୋଟି ଆବାସିକ ସ୍କୁଲ ଅଛି ।''

ଗାନ୍ଧିବାଦୀ ରଣଧୀର ପାଣ୍ଡେଙ୍କ ପରାମର୍ଶ ହେଲା ତିନିଚାରୋଟି ପ୍ରାଥମିକ ସ୍କୁଲକୁ ମିଶାଇ ସେ ଅର୍ଥରେ ଅନ୍ତତଃ ଗୋଟିଏ ଆବାସିକ ସ୍କୁଲ ପ୍ରତିଷ୍ଠା କରାଯାଉ–ଯେଉଁଠି ଖାଦ୍ୟ, ବସ୍ତ୍ର ଓ ବହି ମାଗଣାରେ ମିଳେ । ଅନେକେ ବିଶ୍ୱାସ କରନ୍ତି ଯେ, ପାହାରିଆଙ୍କୁ ଥରେ ସୁଯୋଗ ଦିଆଗଲେ ସେମାନେ ଏହାର ବାସ୍ତବ ଉପଯୋଗ କରନ୍ତି, ସେ ସଂପ୍ରଦାୟର ଛାତ୍ରଙ୍କ ନିଷ୍ଠା ପ୍ରଣିଧାନଯୋଗ୍ୟ । ଭାଷା ସାହିତ୍ୟ ଆହରଣ କ୍ଷେତ୍ରରେ ସେମାନଙ୍କର ଦକ୍ଷତା ବହୁତ ଭଲ ।

ଶିକ୍ଷାର ଅନ୍ୟାନ୍ୟ ଆକର୍ଷଣୀୟ ଦିଗ ରହିଛି । ବର୍ଷକୁ ୧୭୦୦ କୋଟି ଟଙ୍କା ଖର୍ଚ୍ଚ କରି ଏପରି ଦୟନୀୟ ଫଳାଫଳ ପାଉଥିବା ଶିକ୍ଷା ବ୍ୟବସ୍ଥାକୁ ନେଇ ବିହାର ମୁଖ୍ୟମନ୍ତ୍ରୀ ଲାଲୁପ୍ରସାଦ ଯାଦବ ଭୀଷଣ ବିରକ୍ତ । ପ୍ରାଥମିକ ସ୍କୁଲର ଶିକ୍ଷକ ନିର୍ବାଚନ ଓ ନିଯୁକ୍ତି ପାଇଁ ସେ ପ୍ରତିଯୋଗୀ ପରୀକ୍ଷା ଆରମ୍ଭ କରିଛନ୍ତି । ଏବଂ ଅନ୍ୟ ରାଜ୍ୟ ତୁଳନାରେ ବିହାର ଅଧିକ ଆବଶ୍ୟକ କରୁଥିବା ଅନୁଭବ କରି ୟୁନିସେଫ୍ ପକ୍ଷରୁ ଏହି ରାଜ୍ୟକୁ 'ଆଧାରିତ ଅଞ୍ଚଳ' ରୂପେ ଗ୍ରହଣ କରାଯାଇଛି । ଏହି ଆଧାରିତ କାର୍ଯ୍ୟକ୍ରମରେ ମଧ୍ୟାହ୍ନ ଭୋଜନ ସହିତ ଆବାସିକ ବିଦ୍ୟାଳୟମାନ ଖୋଲା ହେବ ବୋଲି ଅନ୍ତତଃ ଆଶା ରଖାଯାଉ ।

ସେତେବେଳେ ହୁଏତ ଦିନ ଆସିବ ଡାମରୁହାଟ ସ୍କୁଲରେ ଶିକ୍ଷକଙ୍କ ତୁଳନାରେ ଅଧିକ ସଂଖ୍ୟକ ଛାତ୍ର ଥିବେ । ଚାଟ, ପାଠ ଓ ମାଷ୍ଟ୍ରଙ୍କ ସହିତ ଚାଟଶାଳ ଗୁଡ଼ିକ କାଗଜପତ୍ରରେ ଗଣା ନହୋଇ ପ୍ରତକ୍ଷୁହୀନ ଚକ୍ଷୁକୁ ଅନ୍ତତଃ ଦିଶି ଯାଉଥିବ ।

❖❖❖

Digitized by srujanika@gmail.com

ଆଦିବାସୀର ଟଙ୍କାରେ ପାଠ ପଢ଼େ ତା'ର ଶୋଷକ

ଅଲିରାଜପୁର, ଝାବୁଆ (ମଧ୍ୟପ୍ରଦେଶ) : ସ୍ଥାନୀୟ ସ୍ନାତକୋତ୍ତର ସରକାରୀ କଲେଜର ଅଧ୍ୟକ୍ଷ ଏସ୍.ସି.ଜୈନ ଜଣେ ବହୁମୁଖୀ ପ୍ରତିଭାଧର । କଲେଜର ସବୁପ୍ରକାର ୟୁ.ଜି.ସି. କାର୍ଯ୍ୟକ୍ରମର ସେ କର୍ଣ୍ଣଧାର । ସେ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ, ଏହା ସହିତ ପଦାର୍ଥ ବିଜ୍ଞାନ ଓ ଆଇନ୍ ବିଭାଗର ମଧ୍ୟ ମୁଖ୍ୟ । ଅତୀତରେ ଆହୁରି ଅନେକ ବିଭାଗର ମୁଖ୍ୟ ଥିଲେ । କଲେଜଟିର ସେ ମଧ୍ୟ କ୍ରୀଡ଼ା-କର୍ତ୍ତା (ସ୍ପୋର୍ଟସ୍ ଅଫିସର) । ଏତେ କାମ ତୁଲାଇବା ପରେ ସେ ଯଦି କିଛି ବଳକା ସମୟ ପାଆନ୍ତି (ଏତେସବୁ ତୁଲାଇବା ପରେ ସତରେ କିଛି ବଳକା ବେଳ ଜଣେ ପାଏ କି !) ତେବେ ସେତକ ଅର୍ପଣ କରନ୍ତି ଅକୁଣ୍ଠଚିତ୍ତରେ ହୋମିଓପ୍ୟାଥି ଓ ଆୟୁର୍ବେଦ ଚିକିତ୍ସା ପାଇଁ । ବାସ୍ତବରେ ବହୁମୁଖୀ ବିଦ୍‌ବତ୍ତା ।

ଜୈନ ସାହେବଙ୍କ ଏହି କରିତ୍‌କର୍ମା ବ୍ୟକ୍ତିତ୍ୱ ପାଇଁ କେତେକ ଅଦୃଶ୍ୟ ଶକ୍ତି କାମ କରେ । ତାହା ହେଲା ସ୍ନାତକୋତ୍ତର ସ୍ତରରେ ଛାତ୍ର ଓ ଅଧ୍ୟାପକଙ୍କ ସଂଖ୍ୟା ଅତି ନଗଣ୍ୟ, ଆଙ୍ଗୁଠିଗଣା । 'ଅନେକ ବିଭାଗରେ ଅତି କଷ୍ଟରେ ୫ ଜଣ ଛାତ୍ର ପାଇଲେ ଯଥେଷ୍ଟ'—ସେ ସ୍ୱୟଂ ସ୍ୱୀକାର କରି କହନ୍ତି । ସ୍ନାତକୋତ୍ତର ଅର୍ଥନୀତିରେ ଜଣେ ମାତ୍ର ଅଧ୍ୟାପକ ସବୁ ବିଷୟଗୁଡ଼ିକୁ ପଢ଼ାନ୍ତି ।

ଶିକ୍ଷା ଓ ଅର୍ଥନୀତି ଉଭୟ ଦୃଷ୍ଟିରୁ ଝାବୁଆ ହେଉଛି ଭାରତର ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରୁ ଗୋଟିଏ । ଏହାର ଜନସଂଖ୍ୟାର ୮୫ ଶତାଂଶ ହେଉଛନ୍ତି ଆଦିବାସୀ ଏବଂ ଅଧିକାଂଶ ରହିଛନ୍ତି ଦାରିଦ୍ର୍ୟ ସୀମାରେଖାର ତଳେ । ଯେଉଁ ମୁଷ୍ଟିମେୟ ଆଦିବାସୀ କଲେଜ ସ୍ତର ଯାଏ ଆସିଥାନ୍ତି, ସେମାନେ ସେଇଠାରେ ହିଁ ରହିଯା'ନ୍ତି ।

''କିଛି ଅଧ୍ୟାପକ ଏହି ଆଦିବାସୀ ପିଲାଙ୍କ ପାଇଁ ନିଜ ଦରମାରୁ ପ୍ରବେଶିକା ଖର୍ଚ୍ଚ ଦେଇଥାନ୍ତି ।''—କହିଲେ ଜଣେ ବରିଷ୍ଠ ଅଧ୍ୟାପକ । ବାସ୍ତବରେ ପ୍ରେରଣାପ୍ରଦ, କିନ୍ତୁ ସଂପୂର୍ଣ୍ଣ ସ୍ୱାର୍ଥରହିତ ନୁହେଁ । ଯେଉଁ ଅଧ୍ୟାପକମାନେ ୟୁ.ଜି.ସି ଦରମା ପାଆନ୍ତି, ଏ ଜିଲ୍ଲାର ଅର୍ଥନୈତିକ ମାନଦଣ୍ଡରେ ସେମାନଙ୍କ ସ୍ୱଚ୍ଛଳତା ବହୁତ ଉଚ୍ଚରେ । ଯଦି ଲଗାତର କିଛିବର୍ଷ ପାଇଁ କିଛି ବିଭାଗରେ ୫ ଜଣରୁ କମ୍ ଛାତ୍ର ରହିବେ, ତେବେ ସେ ବିଭାଗଗୁଡ଼ିକ ଅଚିରେ ବନ୍ଦ ହୋଇଯିବ । ଏହାର ପରିଣାମ ସ୍ୱରୂପ କିଛି ଅଧ୍ୟାପକ ଚାକିରି ହରାଇବେ କିମ୍ବା ବଦଳି ହୋଇ ଦୂର ସ୍ଥାନକୁ ଯିବେ—ଯେଉଁ

Digitized by srujanika@gmail.com

ସ୍ଥାନକୁ ଯିବାକୁ ସେମାନେ ଚାହାନ୍ତି ନାହିଁ । ତେଣୁ ଛାତ୍ର ସଂଗ୍ରହ ଅଭିଯାନରେ ସେମାନଙ୍କର ଏତାଦୃଶ ବଦାନ୍ୟତା ।

ପୁନଶ୍ଚ ସ୍ନାତକୋତ୍ତର ଶ୍ରେଣୀ ଖୋଲା ରହିଲେ ଅଧ୍ୟାପକମାନଙ୍କ ଫାଇଦା ଅଧିକ । ସ୍ନାତକୋତ୍ତର ଶ୍ରେଣୀରେ ଆଠବର୍ଷର ଅଧ୍ୟାପନା ଅଭିଜ୍ଞତା ସ୍ନାତକ ଶ୍ରେଣୀର ବାରବର୍ଷ ଅଧ୍ୟାପନା ସହିତ ସମାନ । ସୁତରାଂ ପଦୋନ୍ନତି ପାଇଁ ଜଣକୁ ଅଧିକ ଚାରିବର୍ଷ ଅପେକ୍ଷା କରିବାକୁ ହେବ ଯଦି ସ୍ନାତକୋତ୍ତର ଶ୍ରେଣୀ ଉଠିଯାଏ । ଅଧିକନ୍ତୁ ୧୦ ବର୍ଷର ଏହି ସ୍ନାତକୋତ୍ତର ଅଧ୍ୟାପନା ପରେ ଜଣେ ପ୍ରଫେସର ପଦବୀ ହାସଲ କରିବ, ସ୍ନାତକ ଶ୍ରେଣୀର ଅଧ୍ୟାପକ ବାପୁଡ଼ାଟି ଏଥିପାଇଁ ୧୫ ବର୍ଷ ଜଳଦକର୍ମ ପରିଶ୍ରମ କରିବା ଚାହି । ଏହା ବାହାରେ ରହିଛି ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା ଖାତାରେ ମୂଲ୍ୟାଙ୍କନ, ଆହୁରି ଅନେକ ପ୍ରକାର ଆୟ ତଥା ମର୍ଯ୍ୟାଦା । ଅଧିକ ଦରମା, ଅଳ୍ପ ପାଠପଢ଼ା, ଶୀଘ୍ର ପଦୋନ୍ନତି—ଏପରି ମହାର୍ଘ ସୁଯୋଗକୁ କିଏ କାହିଁକି ହାତଛଡ଼ା କରିବ !

କଲେଜର ଜଣେ କର୍ମଚାରୀ କହିଲେ : "ଏବେ ଅଧ୍ୟାପକମାନେ ଛାତ୍ର ସଂଗ୍ରହ ଅଭିଯାନରେ ବାହାରି ଯାଇଛନ୍ତି । ପିଲାଙ୍କ ମୁରବୀମାନଙ୍କୁ ସେମାନେ ବୁଝାଉଛନ୍ତି ଯେ ଛାତ୍ର-ଅଧିଗ୍ରହଣ ଭେଦା (ଫି) ଦେବା ବାହାରେ ପଢ଼ାପଢ଼ିରେ ମଧ୍ୟ ସେମାନେ ସାହାଯ୍ୟ କରିବେ । ଏତକ ନକଲେ ସ୍ନାତକୋତ୍ତର ବିଭାଗଟି ବନ୍ଦ ହୋଇଯିବ ଏବଂ ବଦଳି ପାଲା ଆରମ୍ଭ ହେବ ।" ବିଭାଗମାନଙ୍କୁ ଚାଲୁ ରଖିବାର ଅଭିପ୍ରାୟ ମଧ୍ୟରେ ଅଧ୍ୟାପକମାନଙ୍କ ବଦାନ୍ୟତା ସୀମିତ ରହିଯାଏ । ଟିଉସନ ଚାହୁଁଥିବା ଛାତ୍ରମାନଙ୍କୁ ହାଇସ୍କୁଲର ଶିକ୍ଷକମାନଙ୍କ ପାଖକୁ ଯିବାକୁ ପଡ଼େ । ଟିଉସନ ପାଇଁ ମାସିକ ଦର୍ ୫୦ ଟଙ୍କା କଲେଜ ଅଧ୍ୟାପକମାନଙ୍କୁ ଯଥେଷ୍ଟ କମ୍ ଲାଗୁଥିବାରୁ ସେମାନେ ଏ ଦିଗରେ ଆଗ୍ରହ ଦେଖାନ୍ତି ନାହିଁ ।

କଲେଜ ପାଇଁ ସର୍ବନିମ୍ନ ଆବଶ୍ୟକତାଗୁଡ଼ିକର ଢେର ଅଭାବ । ପାଠାଗାରଟି ନିହାତି ରୁଗ୍ଣ । ଏମ୍.ଏ ପଢୁଥିବା କୌଣସି ଛାତ୍ର ବର୍ଷକ ଭିତରେ, ଏପରିକି ସମୁଦାୟ ପାଠ୍ୟକ୍ରମ ଶେଷ ସୁଦ୍ଧା ପାଞ୍ଚଖଣ୍ଡରୁ ଅଧିକ ବହି ପାଇନାହିଁ । ପ୍ରତି ବିଷୟ ପାଇଁ ପୁସ୍ତକ କ୍ରୟରେ ସରକାର ମାତ୍ର ୨୦୦ ଟଙ୍କା ଅନୁମୋଦନ କରୁଥିବାରୁ ଲାଇବ୍ରେରୀ ପାଇଁ ବହି କିଣିବା କଷ୍ଟକର ହୋଇପଡ଼ିଛି । ପଚାଶଟି ବିଷୟକୁ ହିସାବକୁ ନେଲେ ଏ ଅର୍ଥ ପରିମାଣ ହେବ ୧୦ ହଜାର ଟଙ୍କା । ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନ (ୟୁ.ଜି.ସି) ଆଉ କେଇ ହଜାର ଟଙ୍କା ପୁସ୍ତକ କ୍ରୟ ପାଇଁ ଦେଇଥାଏ । ଏସବୁ ଯାହାହେଉ, ପାଠ୍ୟକ୍ରମ ବଦଳିବା ସହ ବହିଗୁଡ଼ିକ ମଧ୍ୟ ପୁରୁଣା ଓ ଅଚଳ ହୋଇଯାଏ । "ଖୋଲା

Digitized by srujanika@gmail.com

ବଜାରରେ ସ୍ନାତକୋତ୍ତର ଶ୍ରେଣୀର ପୁସ୍ତକ ମିଳେନାହିଁ, ଏହା କିଣିବାକୁ ଇନ୍ଦୋର ଯିବାକୁ ପଡ଼େ । ଖଣ୍ଡେ ଖଣ୍ଡେ ବହିର ଦାମ୍ ୧୦୦ ଟଙ୍କା ଉପରେ । ଇନ୍ଦୋର ଯିବା ଆସିବା ଖର୍ଚ୍ଚ ବହି ଦାମ୍‌କୁ ବଳିପଡ଼େ ।''—କହନ୍ତି ଜଣେ ଛାତ୍ର ।

ଝାବୁଆର ସମସ୍ୟା ହେଉଛି, ଏହାର ସ୍କୁଲଗୁଡ଼ିକ ଆଦିବାସୀ ଛାତ୍ରଙ୍କୁ ଧରି ରଖିବାରେ ଅସମର୍ଥ । ପ୍ରାଥମିକ ସ୍କୁଲ ପର୍ଯ୍ୟାୟରୁ ହିଁ ଏ ସମସ୍ୟାର ଗର୍ଭବେଦନା ଆରମ୍ଭ ହୁଏ ଏବଂ ଅଧିକାଂଶ ଆଦିବାସୀ ଇଲାକାରେ ଏହି ଜରାୟୁ-ଯନ୍ତ୍ରଣା ସମାନ ଭାବେ ପ୍ରକଟିତ । ''ଆଦିବାସୀ ଛାତ୍ରଙ୍କର ଅଧାରୁ ସ୍କୁଲ ଛାଡ଼ିବା ହେଉଛି ଆମର ବ୍ୟବସ୍ଥା ପ୍ରତି ଯେପରି ଏକ ଶାଣିତ ବ୍ୟଙ୍ଗ ।''—କହିଲେ ଭୋପାଳସ୍ଥିତ ଜଣେ ବରିଷ୍ଠ ଆଇ.ଏ.ଏସ୍ ଅଫିସର । ''ଏ ଜିଲ୍ଲାର ଆଦିବାସୀମାନେ ପ୍ରକାରାନ୍ତରେ ଅଣ-ଆଦିବାସୀଙ୍କୁ ଶିକ୍ଷିତ କରାଇବାକୁ ଅର୍ଥବ୍ୟୟ କରିଥାନ୍ତି ଏବଂ ଅଣ-ଆଦିବାସୀମାନେ ହିଁ ସମାଜର ସବୁ ପରିସରରେ ପ୍ରଭାବ ବିସ୍ତାର କରି ରହିଥାନ୍ତି । ଏକ ଆଦିବାସୀ ବହୁଳ ଜିଲ୍ଲା ହେତୁ ଏହାର ସମସ୍ତ ସ୍କୁଲ ଆଦିବାସୀ କଲ୍ୟାଣ ବିଭାଗର ଅନୁଦାନରେ ପରିଚାଳିତ । ସୁତରାଂ ଶିକ୍ଷା କ୍ଷେତ୍ରର ସମସ୍ତ ସୁବିଧା ଅକ୍ଳେଶରେ ଭୋଗ କରନ୍ତି ଅଣ-ଆଦିବାସୀ ।''

ପ୍ରାଥମିକ ସ୍କୁଲ ପର୍ଯ୍ୟାୟରେ ୮୧ ଶତାଂଶ ଆଦିବାସୀ ନାମ ଲେଖାଇଥାନ୍ତି ବୋଲି ସରକାରୀ ତଥ୍ୟ କହେ । ସେମାନେ ମାଧମିକ ସ୍କୁଲ ସ୍ତରରେ ପହଞ୍ଚିଲା ବେଳକୁ ଅଣ-ଆଦିବାସୀଙ୍କ ସଂଖ୍ୟା ୪୧ ଶତାଂଶରେ ପହଞ୍ଚେ । ଅର୍ଥାତ୍ ଆଦିବାସୀଙ୍କ ଉପସ୍ଥାନ ଥାଏ ମାତ୍ର ୫୯ ଶତାଂଶ । ହାଇସ୍କୁଲ ବେଳକୁ ଆଦିବାସୀଙ୍କ ସଂଖ୍ୟା ୪୯କୁ ଖସିଆସେ । ଅଣଆଦିବାସୀ ହେଉଛନ୍ତି ଜନସଂଖ୍ୟାର ମାତ୍ର ୧୫ ଭାଗ ଅଥଚ ହାଇସ୍କୁଲ ଶେଷ ବେଳକୁ ସେମାନଙ୍କ ଉପସ୍ଥାନ ଥାଏ ୬୯ ଶତାଂଶ ।

କଲେଜ ବେଳକୁ ଜନସଂଖ୍ୟାରେ ସେମାନଙ୍କ ସ୍ଥାନକୁ ଶିକ୍ଷାରେ ଅଣ-ଆଦିବାସୀମାନେ ଦଖଲ କରିବସନ୍ତି । ଅର୍ଥାତ୍ ୧୫ ଭାଗ ଲୋକ ଅଧିକାର କରନ୍ତି ୮୫ ଭାଗ ସ୍ଥାନ । ମହିଳା ସାକ୍ଷର ହାର ମାତ୍ର ୮.୭ ଭାଗ ଥିବା ଏକ ଜିଲ୍ଲାରେ ଆଦିବାସୀ ଝିଅଙ୍କ ଅବସ୍ଥା ବଡ଼ ଦୟନୀୟ । ପ୍ରାଥମିକ ସ୍ତରରେ ନାମ ଲେଖାଇଥିବା ୩୦ ଶତାଂଶ ଆଦିବାସୀ ଝିଅଙ୍କ ଅନୁପାତ ମାଧମିକ ସ୍ତର ବେଳକୁ ୯.୯କୁ ଖସିଆସେ ଏବଂ ହାଇସ୍କୁଲ ବେଳକୁ ୫.୯କୁ ଖସିଆସି ମାଟ୍ରିକ୍ ଶେଷବେଳକୁ ମାଙ୍କଡ଼ଚିଡ଼୍ ମାରି ଉପସ୍ଥାନରେ ଥାଆନ୍ତି ମାତ୍ର ୨.୮ ଶତାଂଶ । କଲେଜ ପର୍ଯ୍ୟାୟକୁ ସେହି ମୁଷ୍ଟିମେୟ ବାଳିକାଙ୍କ ଭାଗ୍ୟକୁ ରାହୁଗ୍ରାସ କରିସାରିଥାଏ ।

Digitized by srujanika@gmail.com

ପେଟଲଓ୍ୱାଡାର ଜଣେ ଆଦିବାସୀ ସ୍ୱେଚ୍ଛାସେବୀ ଭିନ୍ନ ଢଙ୍ଗରେ କଥାଟିକୁ ବାଢ଼ନ୍ତି : ''ଆଦିବାସୀ ବିଭାଗର ପାଣ୍ଠିରେ ଉଭୟ ଆଦିବାସୀ ଓ ଅଣ-ଆଦିବାସୀ ପିଲା ପାଠ ପଢ଼ିଲେ କୌଣସି ଆପତ୍ତି ରହିବ ନାହିଁ। କିନ୍ତୁ ଅନୁଶୋଚନା ଯେ, ଆଦିବାସୀମାନେ ପାଠ ପଢ଼ିପାରୁନାହାନ୍ତି ଏବଂ ଶିକ୍ଷା ପାଇଁ ସମସ୍ତ ବ୍ୟୟ ବହନ କରୁଛି ଆଦିବାସୀ ବିଭାଗ । ଫଳ ସ୍ୱରୂପ ଆଦିବାସୀ ହିଁ ତା'ର କେତେକ ଶୋଷକଙ୍କ ଶିକ୍ଷା ପାଇଁ କଉଡ଼ି ଗଣୁଛି ।''

ଝାବୁଆର ପିଲାମାନେ ଯେତେବେଳେ କଲେଜ ମାଟି ମାଡ଼ନ୍ତି, ସେତେବେଳେ ପାର୍ଥକ୍ୟକୁ ଠିକ୍ ମାପି ହୁଏ । ବି.କମ୍ ଶ୍ରେଣୀର ପ୍ରଥମ ବର୍ଷରେ ଥିଲେ ୨୨ ଜଣ ଆଦିବାସୀ ଛାତ୍ର, ତୃତୀୟ ବର୍ଷ ବେଳକୁ ସେ ସଂଖ୍ୟା ୩କୁ ଖସିଆସିଛି । ସେମିତି ବି.ଏ ଡିଗ୍ରୀର ପ୍ରଥମ ବର୍ଷର ୫୮ ଜଣ ଆଦିବାସୀ ତୃତୀୟ ବର୍ଷ ବେଳକୁ ୨୨ ସଂଖ୍ୟାରେ ଝୁଲୁଛନ୍ତି । ଯଦି ଜୈନ ସାହେବଙ୍କ କଲେଜର ସ୍ନାତକୋତ୍ତର ଶ୍ରେଣୀ ସ୍ତରରେ କେହି ଆଦିବାସୀଙ୍କୁ ଉଣ୍ଡାଳେ ତେବେ ତାଙ୍କୁ ଅଣୁବୀକ୍ଷଣ ଯନ୍ତ୍ରର ସହାୟତା ନେବାକୁ ହେବ । କାରଣ ସ୍ନାତକୋତ୍ତର ହିନ୍ଦୀ ବିଷୟରେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ରହିଛନ୍ତି ମାତ୍ର ଜଣେ ଲେଖାଁ ଛାତ୍ର । ଅର୍ଥନୀତିରେ ସେମିତି ପ୍ରଥମ ଓ ଦ୍ୱିତୀୟ ବର୍ଷ ପାଇଁ ଏକୋଇର ବଳା ବିଶିକେଶନ । ସମାଜ ବିଜ୍ଞାନରେ ପ୍ରଥମ ବର୍ଷରେ ଦୁଇଜଣ ଏବଂ ଦ୍ୱିତୀୟ ବର୍ଷରେ ଶୂନର ଗୁଣିତକ ଶୂନ ହିଁ ସାର । ଏମ୍.କମ୍ ଘରଟି ମହାଶୂନ୍ୟ ।

''ଆଦିବାସୀ ପିଲା ବିରୁଦ୍ଧରେ ଏକ ଜନ୍ମଗତ ବିରୋଧାଭାଷକୁ ଧରି ଚାଲିଥାଏ ଆମର ସମାଜ ବ୍ୟବସ୍ଥା ।''—କହିଲେ ଆଦିବାସୀ କଲ୍ୟାଣ ବିଭାଗର ଜଣେ କର୍ମକର୍ତ୍ତା । 'ଏହା କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, ସବୁ ସ୍ତରକୁ ସଂକ୍ରମିତ । ଆଦିବାସୀର ଦାରିଦ୍ର୍ୟ ଓ ଅନଗ୍ରସରତାର ସମାଧାନ ଦିଗରେ କୌଣସି ଗୁରୁତ୍ୱ ନଦେଇ ବିଭିନ୍ନ ଜଳଦ୍‌ଘର୍ମ ଯୋଜନା କରିବା ଅର୍ଥ ହେଉଛି ହରିଲୁଟ୍ । ଅବସ୍ଥା ଏପରି ହୋଇଛି ଯେ, ବିଚରା କ୍ଷତିଗ୍ରସ୍ତ ଆଦିବାସୀର ମୁଣ୍ଡ ଉପରେ ଦୋଷତକ ଲଦି ଦିଆଯାଇପାରିବ । ଶିକ୍ଷା କ୍ଷେତ୍ରରେ ବହୁ ଉଦ୍ଭଟ ଓ ନିର୍ବୋଧ ପରିପ୍ରୟୋଗ ସତ୍ତ୍ୱେ ଏହା ଆଦିବାସୀ ପିଲାକୁ ଧରି ରଖିବାକୁ ତିଆରି ହୋଇନାହିଁ । ଶିକ୍ଷା ଗ୍ରହଣ କରିବାକୁ ଆଦିବାସୀର ତୀବ୍ର ଇଚ୍ଛା ସତ୍ତ୍ୱେ ତା'ର ସାମାଜିକ-ଅର୍ଥନୈତିକ ବ୍ୟବସ୍ଥା ତାକୁ ଏଥିରୁ ଦୂରେଇ ରଖେ । ଏହା ପାଣ୍ଠିର ସମସ୍ୟା ନୁହେଁ, ଅଙ୍ଗୀକାରର ଅଭାବ ।''

ଅନେକ ଶିକ୍ଷକ ସ୍ୱୀକାର କରନ୍ତି ଯେ, ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ ଓ ସାର୍ବଜନୀନ ହେବା ସହିତ ଆଦିବାସୀ ପିଲା ପାଇଁ ଅର୍ଥନୈତିକ ଦିଗରୁ ସମ୍ଭବପର

Digitized by srujanika@gmail.com

ହୋଇପାରିଲେ ଫଳାଫଳରେ ନାଟକୀୟ ଉନ୍ନତି ଘଟିବ । ଦୀର୍ଘସୂତ୍ରୀ ପରିବର୍ତ୍ତନ ହେଉଛି ଝାବୁଆର ଦାରିଦ୍ର୍ୟ ଦୂରୀକରଣ ଅଭିଯାନ ଠାରୁ ଭିନ୍ନ ନୁହେଁ; ଏକଥା ସମସ୍ତେ ସ୍ୱୀକାର କରନ୍ତି । ସେମାନେ ବିଶ୍ୱାସ ମଧ କରନ୍ତି, ସୁଯୋଗ ପାଇଲେ ଅନ୍ୟ ବର୍ଗର ଛାତ୍ରଙ୍କ ପରି ଆଦିବାସୀ ମଧ ନିଜ ଯୋଗ୍ୟତା ପ୍ରତିପାଦିତ କରିପାରିବ ।

ଏ କ୍ଷେତ୍ରରେ ଏକ ଦୃଷ୍ଟାନ୍ତ ହେଉଛନ୍ତି କ୍ଲିମେନ୍ସି ଡୋଡିୟାର୍ । ସେ ଭିଲ୍ ସଂପ୍ରଦାୟର ଆଦିବାସୀ ଓ ତାଲିମପ୍ରାପ୍ତ ଜଣେ ଶିକ୍ଷୟିତ୍ରୀ । ଜଣେ ନିରକ୍ଷର ଚାଷୀର କନ୍ୟା ରୂପେ କ୍ଲିମେନ୍‌ସି ୧୯୭୯ରେ ପ୍ରଥମ ଶ୍ରେଣୀରେ ବି.ଏ ପାସ୍ କରନ୍ତି ଏବଂ ସେତିକି ଯୋଗ୍ୟତା ହାସଲ କ୍ଷେତ୍ରରେ ସେ ହେଉଛନ୍ତି ସମଗ୍ର ଜିଲ୍ଲାରେ ପ୍ରଥମ ଆଦିବାସୀ ଝିଅ । ତାଙ୍କ ଜୀବନର ମୋଡ଼ ବଦଳିଲା, ଯେତେବେଳେ ସେ ଝାବୁଆର ସର୍ବୋତ୍ତମ ସ୍କୁଲମାନଙ୍କ ମଧରୁ ଏକତମ ଝାଣ୍ଡଲାସ୍ଥିତ ମିଶନାରୀ ସ୍କୁଲରେ ପାଠ ପଢ଼ିଲେ । ସେହି ସ୍କୁଲରେ ସେ ବିତାଇଥିବା ପାଞ୍ଚବର୍ଷ ସମୟ ମଧରେ ତାଙ୍କ ଦୃଷ୍ଟିଭଙ୍ଗୀ ବଦଳି ଗଲା ଏବଂ ଶିକ୍ଷାକୁ ସେ ସମ୍ଭ୍ରମ ଓ ସମ୍ମାନର ସହିତ ଦେଖିଲେ ।

''ସେହିଦିନଠୁଁ ମୁଁ ଉଚ୍ଚତର ଶିକ୍ଷା ପାଇଁ ବ୍ୟାକୁଳ ହୋଇଉଠିଲି । ପ୍ରଚଣ୍ଡ ପରିଶ୍ରମ ମଧ କଲି ।''—କହନ୍ତି କ୍ଲିମେନ୍ସି । ତା'ପରଠୁଁ ସେ ମିଶନ ସଂପର୍କିତ ଅନୁଷ୍ଠାନମାନଙ୍କରେ ହିଁ ପାଠ ପଢ଼ିଛନ୍ତି—ରାଜସ୍ଥାନର ଆଜ୍‌ମିର୍, ମଧପ୍ରଦେଶର ମୋହୋ, ବିହାରର ରାଞ୍ଚି ଏପରିକି ବାଙ୍ଗାଲୋର । ଏବେ ସେ ଝାବୁଆ ଫେରି ଆସି ନିଜର ଉଚ୍ଚପାହ୍ୟା ପ୍ରାପ୍ତି ସଂପର୍କରେ ଯତ୍ନଶୀଳ ରହିବା ସହ ଆଦିବାସୀ ପିଲାଙ୍କୁ ଶିକ୍ଷା ପ୍ରାପ୍ତି ଦିଗରେ ସାହାଯ୍ୟ କରିବାକୁ ଶତତଃ ସଚେଷ୍ଟ । ''ସେମାନଙ୍କୁ ଥରୁଟିଏ ସୁଯୋଗ ଦିଅ ଏବଂ ଫଳାଫଳ ଆପଣ ଦେଖିବେ ଅତ୍ୟନ୍ତ ଚମକପ୍ରଦ ହେବ ।''—କ୍ଲିମେନ୍ସି ଦୃଢ଼ ପ୍ରତ୍ୟୟ ସହ କହନ୍ତି ।

ଆଦିବାସୀ ପିଲାଟିଏକୁ ଏତାଦୃଶ 'ସୁଯୋଗ' ପ୍ରଦାନ କରାଯିବ—ଏହା ହିଁ ବହୁବର୍ଷ ଧରି ଝାବୁଆ ପାଇଁ ଏକ ଅନତିକ୍ରମଣୀୟ ଆହ୍ୱାନ ହୋଇ ରହିଛି ।

❖ ❖ ❖

Digitized by srujanika@gmail.com

ସ୍ୱପ୍ନର ବୃନ୍ଦାବନରେ ପୁଲକିତ ବଂଶୀସ୍ୱନ

ନନ୍ଦପୁର, କୋରାପୁଟ (ଓଡ଼ିଶା) : ସ୍ଥାନୀୟ ହାଇସ୍କୁଲ ପରିସରରେ ଯେଉଁଦିନ ଛାତ୍ରମାନଙ୍କର ବାପା ମା' ଆସି ଉପସ୍ଥିତ ହୁଅନ୍ତି, ସେଦିନ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ କୌଣସି ଆଲୋଚନା ବା ସଭାସମିତି ହେବାର କାର୍ଯ୍ୟକ୍ରମ ରହିଥିବା କେହି ଭାବିବା ଉଚିତ ନୁହେଁ । ସେପରି କୌଣସି ପରମ୍ପରା ଏଠାରେ ନାହିଁ । ସେହି ଅଭିଭାବକମାନେ ଆସିଥାନ୍ତି ସେମାନଙ୍କ ପିଲାଙ୍କ ଠାରୁ ଟଙ୍କା ଧାର କରିବା ପାଇଁ ଏବଂ ଆଦିବାସୀ ଛାତ୍ରମାନଙ୍କର ସେଦିନ ଥାଏ ବୃତ୍ତି ବା ଷ୍ଟାଇପେଣ୍ଡ ମିଳିବାର ଅବସର । ଆଦିବାସୀ ଓ ଦଳିତ ପରିବାରର ସେହି ଅକଥନୀୟ ଦାରିଦ୍ର୍ୟ ପୀଡ଼ିତ ଛାତ୍ରମାନେ ପ୍ରତିମାସରେ କଲ୍ୟାଣ ବିଭାଗ ଠାରୁ ୧୫୦ ଟଙ୍କାର ଭତ୍ତା ପାଆନ୍ତି ।

ବେଳେବେଳେ ଏହି ଭତ୍ତା ପହଞ୍ଚିବାରେ ବହୁମାସର ବିଳମ୍ବ ଘଟେ । ସୁତରାଂ ଏକାଦିକ୍ରମେ ୬ ମାସର ଭତ୍ତା ଛାତ୍ରମାନେ ପାଉଥିବାର ଦୃଷ୍ଟାନ୍ତ ରହିଛି । ଏହାର ଅର୍ଥ ଗୋଟିଏ ଦିନରେ ୯୦୦ ଟଙ୍କା ଏକାଦିକ୍ରମେ ହାତକୁ ଆସିଯାଏ । ଏହି ଦୀର୍ଘ ପ୍ରତୀକ୍ଷା ଭିତରେ ସେମାନଙ୍କର ଦରିଦ୍ର ପିତାମାତାଙ୍କ ଦୟନୀୟ ଅବସ୍ଥାକୁ ସହଜରେ କଳିହୁଏ । ଭତ୍ତା ପାଇବା ଦିନ ହିଁ ଖବର ପାଇ ଆସିଯାଇଥାନ୍ତି ସେହି ଦୟନୀୟ ପିତୃମାତୃ ମୂର୍ତ୍ତିମାନେ, ସନ୍ତାନ ଠାରୁ କିଛି ଟଙ୍କା ଉଧାର ସୂତ୍ରରେ ନେବାକୁ ।

ନନ୍ଦପୁର ହାଇସ୍କୁଲଟି ଏମିତି ସେମିତି ଅନୁଷ୍ଠାନ ନୁହେଁ, ଏହାର ଅଛନ୍ତି ପରିଚ୍ଛନ୍ନ ଓ ଅଙ୍ଗୀକାରବଦ୍ଧ ଶିକ୍ଷକ ଶ୍ରେଣୀ; ଯାହାଙ୍କ ବିଦ୍ୟାଦାନ ପଦ୍ଧତି ଆଣି ଦେଇଛି ପରିଦୃଶ୍ୟମାନ ଫଳାଫଳ । ଅନଗ୍ରସରତା ଓ ଅଶିକ୍ଷାର ଅନ୍ଧାରି ମୂଳକରେ ସଂଘର୍ଷରତ କିଛି ଦୁସ୍ଥ ଛାତ୍ର ତଥାପି ଜଳାଇ ଚାଲିଛନ୍ତି ପ୍ରଦୀପମାଳା – ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରମାନେ ସଂପ୍ରତି ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନରତ । ସେଥିରୁ କିଛି ଏମ୍.ଫିଲ୍ ଓ ପି.ଏଚ୍.ଡ଼ି. ପର୍ଯ୍ୟାୟକୁ ଯାଇଛନ୍ତି । କେବଳ ଏହି ଅନୁଷ୍ଠାନ ପାଇଁ ଅଚଳାୟତନ ହୋଇ ରହିଯାଇଛି ଅର୍ଥ ଓ ସୁବିଧା ସୁଯୋଗର ଅଭାବ । ସରକାରୀ ଅବହେଳା ସହ କିଛି ଘଟଣାର ସମ୍ମିଶ୍ରଣ ହିଁ ସ୍କୁଲଟିକୁ ସାଂପ୍ରତିକ ଶୋଚନୀୟ ପରିସ୍ଥିତି ଭିତରକୁ ଓଟାରି ଆଣିଛି ।

ଲେଖାପଢ଼ାରେ ଘରୋଇ ପରିଚାଳନା ଚାଲୁଥିବା ଉଲ୍ଲେଖ ଥିଲେ ହେଁ କାର୍ଯ୍ୟତଃ ତାହା ସ୍କୁଲ ଚଳାଇବାକୁ ଅସମର୍ଥ, କଲ୍ୟାଣ ବିଭାଗ ଉପରେ ନିର୍ଭର ରଖିଥିବା ସ୍କୁଲଟିର ପାଣ୍ଠି ଖୁବ୍ ତିଳ ତଣ୍ଡୁଳିତ ଏବଂ ସେତକ ପହଞ୍ଚିବାରେ ଘଟିଥାଏ ଅସହ୍ୟ

Digitized by srujanika@gmail.com

ବିଳମ୍ବ । ଫଳ ସ୍ୱରୂପ, ଗରିବ ଛାତ୍ରଙ୍କ ପାଇଁ ଦୃଷ୍ଟାନ୍ତକାରୀ ଏକ ଆବାସିକ ବିଦ୍ୟାଳୟ, ବହୁ କ୍ଷେତ୍ରରେ ସଂକଟର ସମ୍ମୁଖିନ ହେଉଛି । ଛାତ୍ରାବାସରେ ଅଛନ୍ତି ୨୨ ଜଣ ଆଦିବାସୀ ବାଳକ, ସେଥିମଧ୍ୟରେ ଅଛନ୍ତି ପରଜା, ଗଦବା ସଂପ୍ରଦାୟ ଏବଂ କିଛି ଦଳିତ ଛାତ୍ର, ସେମାନଙ୍କ ମଧ୍ୟରୁ ସୁବାସ ଦାନ୍ତୁନ ଜଣେ ଆଦିବାସୀ ଛାତ୍ର ।

ସୁବାସ ଓ ତା'ର ସାଥୀମାନେ ଶୀତ ଋତୁଟିକୁ ପସନ୍ଦ କରନ୍ତି ନାହିଁ । ହଷ୍ଟେଲର ୨୨ ଜଣ ପିଲାଙ୍କ ଭିତରୁ ମାତ୍ର ତିନିଜଣଙ୍କର ରହିଛି କମ୍ବଳ ଓ ଆଠଜଣଙ୍କର ଅଛି ସ୍ୱେଟର ଜାତୀୟ କୁହାହେଉଥିବା ଶୀତବସ୍ତ୍ର । ଇଏ ଏମିତି ଏକ ଅଞ୍ଚଳ ଯେଉଁଠି ଶୀତ ଋତୁରେ ରାତ୍ରିର ଉତ୍ତାପ ଖସିଆସେ ଦୁଇଡିଗ୍ରୀ ତାପମାତ୍ରାର ତଳକୁ । ଚଟାଣ ଉପରେ ଅଖା ବିଛେଇ ପ୍ରାୟ ସବୁ ଛାତ୍ର ଶୁଅନ୍ତି । ଅଖା ନାମକ ସେସବୁ ଦୁର୍ଲଭ ସାମଗ୍ରୀ ସଂଗୃହୀତ ହୋଇଥାଏ ନିଜ ପୈତୃକ କ୍ଷେତବାଡ଼ିରୁ ।

ଆବାସିକ ବାଇଶ ଜଣ ଛାତ୍ରଙ୍କ ଶୋଇବା, ପଢ଼ିବା, ଚଳିବା ପାଇଁ ରହିଛି ସର୍ବମୋଟ ଦୁଇଟି କୋଠରୀ ଓ ଗୋଟିଏ ବିଜୁଳିବତୀ । ସଦା ମିଞ୍ଜି ମିଞ୍ଜି ଜଳିବାର ଭାଗ୍ୟ ବହନ କରୁଥିବା ବିଜୁଳି ଶକ୍ତି ଏଠାରେ ୧୦୦ ୱାଟ୍ ବଲ୍‌ବଟିକୁ ଶୂନକୁ ଖସାଇ ଆଣିବାର କିମିଆ ବହୁବାର ଦେଖାଏ । କୋରାପୁଟର ଜଣେ ଅଫିସର ମୋତେ ପରେ କହିଥିଲେ : "ଅନେକ ଲୋକ ବିଜୁଳି ଶକ୍ତି ଓ ଶିକ୍ଷା ମଧ୍ୟରେ ଥିବା ସଂପର୍କଟିକୁ ଦେଖିପାରନ୍ତି ନାହିଁ । ସହରୀଲୋକ ବିଜୁଳି ଶକ୍ତିକୁ ନିଜର ଜନ୍ମଗତ ଅଧିକାର ରୂପେ ଧରି ନେଇଥାନ୍ତି । ସ୍କୁଲରୁ ଘରକୁ ଫେରିବା ପରେ ବିଜୁଳି ଅଭାବରୁ ପଢ଼ିପାରୁନଥିବା ଛାତ୍ରଙ୍କ କଥା ଆମେ ଆଦୌ ଚିନ୍ତା କରିପାରୁନାହିଁ । ଯେହେତୁ ଆମର ନିଜ ପିଲା ସ୍ୱଚ୍ଛନ୍ଦରେ ପଢ଼ି ପାରୁଛନ୍ତି, ଅନ୍ୟମାନଙ୍କ ବିଷୟରେ ଆମେ ମୁଣ୍ଡ ଖେଳାଉ ନାହିଁ । ଆଦୌ ବିଜୁଳି ନଥିବା କି ଅକାଳେ ସକାଳେ ବିଜୁଳି ମିଳୁଥିବା ଅଞ୍ଚଳର ଛାତ୍ରମାନେ କଦବା କ୍ୱଚିତ ପରୀକ୍ଷାରେ ଭଲ ଫଳ ଦେଖାଇଥାନ୍ତି । ଏପରି ଦୃଷ୍ଟାନ୍ତ କେବଳ ଗ୍ରାମାଞ୍ଚଳ ଓଡ଼ିଶା ଓ ବିହାରରେ ମିଳିଥାଏ ।"

ସୁବାସ କହେ : "ପ୍ରଚଣ୍ଡ ଶୀତ ଓ ଅସ୍ୱସ୍ତିକର ଅବସ୍ଥା ଆମର ନିଦରେ ବ୍ୟାଘାତ ଆଣେ ଏବଂ ପ୍ରତିଦିନ ସକାଳେ ସଅଳ ଉଠି କାମଦାମରେ ମନ ଦେବାରେ ବାଧକ ହୁଏ ।" କିନ୍ତୁ କେବଳ ସେହି ଗୋଟିଏ କାରଣ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରିନଥାଏ । ଛାତ୍ରମାନେ ନିଜ ଖାଇବା ପାଇଁ ନିଜେ ହିଁ ରୋଷାଇ କରିଥାନ୍ତି ।

"ଦରିଦ୍ର ପିଲାଙ୍କ ଦେଖାଶୁଣା ପାଇଁ ଏହା ଏକ ଅନୁକୂଳ ଛାତ୍ରବାସ ହେବାର ଲକ୍ଷ୍ୟ ରଖାଯାଇଥିଲେ ହେଁ ପାଣିର ଅଭାବ ଯୋଗୁଁ ରାନ୍ଧୁଣିଆଟେ ରଖିହୁଏନାହିଁ ।"

Digitized by srujanika@gmail.com

—କହନ୍ତି ସଂପୃକ୍ତ ସ୍କୁଲର ଜଣେ ଶିକ୍ଷକ । ଏଥିପାଇଁ ଦଶରୁ ପନ୍ଦର ବର୍ଷ ବୟସର ପିଲାମାନେ ନିଜେ ନିଜର ରୋଷାଇ କରନ୍ତି । ଅନ୍ୟଜଣେ ଆଦିବାସୀ ଛାତ୍ର ବିଶ୍ୱନାଥ ଜାଲା କହନ୍ତି : "ଆମକୁ ପ୍ରତି ରବିବାର ଓ ଛୁଟି ଦିନରେ ଜାଳେଣୀ କାଠ ସଂଗ୍ରହ କରିବାକୁ ପଡ଼େ । ପ୍ରତିଦିନ ରୋଷାଇ ଓ ମୂଜା, କଖାରୁ ଭଳି ପନିପରିବା କ୍ରୟ ପାଇଁ ତିନିଘଣ୍ଟା ସମୟ ଦେବାକୁ ପଡ଼େ । ଆମର ସୀମିତ ସମ୍ବଳକୁ ଆଖିଆଗରେ ରଖି ଆମକୁ ମାପିଚୁପି ଅତି କଷ୍ଟରେ ଚଳିବାକୁ ହୁଏ ।" ରୋଷାଇ ସହିତ ହାଣ୍ଡି, କଡ଼େଇ ମାଜିବା, ଚୁଲିରୁ ପାଉଁଶ ସଫେଇ, ଘରଦ୍ୱାର ପରିଷ୍କାର ପ୍ରଭୃତି ଆନୁଷଙ୍ଗିକ ଧନ୍ଦାରେ ଆହୁରି ସମୟ ଯାଉଥିବା କଥା କହନ୍ତି ଅନ୍ୟ ଜଣେ ହରିଜନ ଛାତ୍ର ଗୋବିନ୍ଦ ଗୁଣ୍ଡୁ ।

ଘରୁ ଆସିଥାଏ ଚାଉଳ, ସପ୍ତାହରେ ଥରେ ଦୁଇଥର ଡାଲି ଚାଖିବାର ସୁଯୋଗ ମିଳେ । ଜଳଖିଆ ଏକ ଦିବା-ସ୍ୱପ୍ନ । ସ୍କୁଲଠାରୁ ସେମାନଙ୍କର ଗାଁଗୁଡ଼ିକ ୨୦ରୁ ୨୫ କି.ମି. ବ୍ୟାସାର୍ଦ୍ଧରେ ଅବସ୍ଥିତ । ଦିନକୁ ଦୁଇଥର ବଗଡ଼ା ଭାତ ମିଳିଯିବା ହିଁ ଏକ ସ୍ୱର୍ଗୀୟ ସୌଭାଗ୍ୟ ।

ଭୋର ଛ'ଟାରୁ ଆଠଟା ମଧ୍ୟରେ ପାଠପଢ଼ା ସାରିବାକୁ ହୁଏ । ଏହାପରେ ଘଣ୍ଟେ ଦେଢ଼ଘଣ୍ଟା ରୋଷାଇର ଜଞ୍ଜାଳ । ନିଜ ନିତ୍ୟକର୍ମ ସାରି ଭାତ ଖାଇନେଇ ସ୍କୁଲକୁ ଯିବାକୁ ପଡ଼େ ସାଢ଼େ ଦଶଟାରେ । ଅପରାହ୍ନ ଚାରିଟାରେ ସ୍କୁଲ ଛୁଟି ପରେ ପୁଣି ରୋଷାଇର ପୁନରାବୃତ୍ତି । ଭୋକିଲା ପେଟ, ଅପୁଷ୍ଟି ପୀଡ଼ିତ ଦେହ ପାଇଁ ମୁଠେ ବଗଡ଼ା ଭାତ ମିଳେ ସନ୍ଧ୍ୟା ସାଢ଼େ ସାତରେ-ଦଶଘଣ୍ଟା ବ୍ୟବଧାନରେ ଆଉଥରେ ପେଟ ପୂରେଇବାର ମାହେନ୍ଦ୍ର ମୁହୂର୍ତ୍ତ ।

ସେମାନଙ୍କ ଖାଦ୍ୟ, ସ୍କୁଲ ପୋଷାକ, ବହିପତ୍ର ସବୁ ପାଇଁ ୧୫୦ ଟଙ୍କାର ଭରା ଅକୁଳାଣ ହୁଏ । ଖଣ୍ଡେ ଏକ୍ସରସାଇଜ୍ ଖାତାର ଦାମ୍ ୫ ଟଙ୍କାରୁ କମ୍ ନୁହେଁ । ବହୁ ନାହିଁ ନାହିଁର ପୃଥିବୀ ଭିତରେ ଅଭାବୀ, ସଂଘର୍ଷରତ ଏହି ଛାତ୍ରମାନଙ୍କର ତଥାପି ପାଠ ପଢ଼ିବାର ନିଶା ବେଶ୍ ପ୍ରଭାବଶାଳୀ । ଜଣେ ଶିକ୍ଷକ କହନ୍ତି : "ଶିକ୍ଷା ପ୍ରାପ୍ତି ପାଇଁ ସେମାନଙ୍କର ମାନସିକତା ଓ ଇଚ୍ଛାଶକ୍ତି ବେଶ୍ ପ୍ରଚଣ୍ଡ । ଏ ଅଞ୍ଚଳର ଅଭିଭାବକମାନେ ଚାହାନ୍ତି ସେମାନଙ୍କର ପିଲାମାନେ ଉପଯୁକ୍ତ ଶିକ୍ଷାର ଅଧିକାରୀ ବନନ୍ତୁ । ଯଦିଓ ସେତକ ଯୋଗାଇ ଦେବାକୁ ସେମାନଙ୍କର ସାମର୍ଥ୍ୟ ନାହିଁ ।" ସଂପ୍ରତି ଚାରିଟି ଜିଲ୍ଲାରେ ବିଭକ୍ତ, ଖଣିଜ-ସଂପଦରେ ସମୃଦ୍ଧ କୋରାପୁଟର ଏକ ଅଂଶ ହେଉଛି ନନ୍ଦପୁର; ଭାରତର ଦରିଦ୍ରତମ ମଣିଷମାନଙ୍କର ଘର ହେଉଛି ମଧ୍ୟ ଏହି ଜିଲ୍ଲା ।

ଏ ଅଞ୍ଚଳରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଚଳାଉଥିବା ସୁରେନ୍ଦ୍ର ଖେମୁଣ୍ଡି କହନ୍ତି : "ଏ ଅଞ୍ଚଳରେ ଏମିତି ଅନେକ ଆବାସିକ ବିଦ୍ୟାଳୟ ରହିଛି ।" ସ୍ୱୟଂ

Digitized by srujanika@gmail.com

ଖେମୁଣ୍ଡି ଏମିତି ଏକ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ଏମ୍.ଫିଲ୍ ଶେଷ କରି ଫେରିଛନ୍ତି । "ଶିକ୍ଷା ପ୍ରାପ୍ତି ପାଇଁ ଦରିଦ୍ରଲୋକଙ୍କ ମଧ୍ୟରେ ଏକ ସଚେତନ ବାତାବରଣ ରହିଛି । କିନ୍ତୁ ସେତକ ହାସଲ କରିବା ଦିଗରେ ସେମାନଙ୍କ ଆର୍ଥିକ ଅବସ୍ଥା ଅନ୍ତରାୟ ହେଉଥିବା ଖୁବ୍ ଦୁଃଖଦାୟକ ।" –କ୍ଷୋଭ ମିଶ୍ରିତ ଅଭିବ୍ୟକ୍ତି ପ୍ରକାଶ କରନ୍ତି ଜଣେ ଶିକ୍ଷକ ।

କୋରାପୁଟରେ ସାକ୍ଷରତା ହାର ୧୯ ଶତାଂଶରୁ କମ୍ ଏବଂ ମହିଳାଙ୍କ କ୍ଷେତ୍ରରେ ଏ ପରିସଂଖ୍ୟାନ ହେଉଛି ମାତ୍ର ୮ ଶତାଂଶ । ଏଭଳି ପ୍ରତିକୂଳ ପରିସ୍ଥିତିର ସାମ୍ନାରେ ଛାତ୍ରମାନେ ତଥାପି ଶିକ୍ଷା ସମାପ୍ତି ପାଇଁ ଆକାଂକ୍ଷା ରଖନ୍ତି ? ହଁ, ଆଶା ଓ ଅଭିଳାଷର ସ୍ୱପ୍ନିଳ ସରଣୀରେ ଚାଲି ଚାଲି ସେମାନେ ଠିକ୍ କେଉଁଠି ପହଞ୍ଚିବେ ସେ ଠିକଣା ବି ସେମାନଙ୍କୁ ଜଣା । ବାଇଶ ଜଣରୁ ଛଅଜଣ ଛାତ୍ର ଶିକ୍ଷକ ହେବାର ଅଭିଳାଷ ପୋଷନ୍ତି । କିନ୍ତୁ କାହିଁକି ?

ଏହାର ଏକ ବାସ୍ତବଧର୍ମୀ ଉତ୍ତର ବାଢ଼ନ୍ତି ସୁବାସ ଦାନ୍ତୁନ । "ମୋ ଗାଁର ଅନେକ ପିଲା ସ୍କୁଲକୁ ଯାଇପାରନ୍ତି ନାହିଁ । କିନ୍ତୁ ସମସ୍ତଙ୍କ ମନରେ ପାଠ ପଢ଼ିବାର ଆଗ୍ରହ ପ୍ରବଳ । ସ୍କୁଲକୁ ଯିବାର ସର୍ବନିମ୍ନ ଆର୍ଥିକ ସମ୍ବଳ ସେମାନଙ୍କର ନାହିଁ । ଯଦି ଏହିପରି କିଛି ଆବାସିକ ବିଦ୍ୟାଳୟ ସେହି ଆଗ୍ରହୀ, ସମ୍ବଳରହିତ ପିଲାଙ୍କୁ ପାଠ ପଢ଼ିବାର ସୁଯୋଗ ଦେଇପାରନ୍ତା, ତେବେ ମୋ ଗାଁର ସବୁ ପିଲା ନିଶ୍ଚୟ ପାଠ ପଢ଼ନ୍ତେ । ମୁଁ ଆଶା କରେ ଦିନେ ନା ଦିନେ ସେପରି ସମ୍ଭାବନାର ସୂର୍ଯ୍ୟୋଦୟ ଘଟିବ । ସେହି ପିଲାଙ୍କୁ ପାଠ ପଢ଼ାଇବାକୁ ମୁଁ ସ୍କୁଲ ମାଷ୍ଟରଟିଏ ହେବାକୁ ଚାହେଁ ।"

ଏ କଥା ପଦଟି ଲାଗେ ଯେମିତି ସ୍ୱପ୍ନର ବୃନ୍ଦାବନରେ ପୁଲକପ୍ରଦ ବଂଶୀଧ୍ୱନିର ଉଚ୍ଛ୍ୱାସ ପରି ସ୍ୱର୍ଗୀୟ ।

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ଚତୁର୍ଥ

ବାଉଁଶର ଚିତ୍ରମୟ ଦୁନିଆଁରେ କୋରାପୁଟରେ କୋୟା ଆଦିବାସୀ

ନିଃସ୍ୱ ପାଇଁ ଏ ବସୁଧା ରହୁ ସୁରକ୍ଷିତ

Digitized by srujanika@gmail.com

୧. ପ୍ରକଳ୍ପ ପୟୋଧି ତଳେ ୮୯

୨. ପ୍ରତିରକ୍ଷାର ଗୁଳି-ଗୋଳା ପରୀକ୍ଷା ପହଁରାରେ ଝାଡୁ ହେବାକୁ ଥିବା ଆଦିବାସୀ ଇଲାକା ୯୮

୩. ପ୍ରତିରକ୍ଷା ଝାଡୁଦାରର ସୁବିସ୍ତୃତ ସଫେଇକରଣ ୧୦୨

୪. ପ୍ରଗତିର ଚକ ତଳେ ଚୂର୍ଣ୍ଣ-ଚକଟା ଜୀବନ : ଚିକାପାର ୧୦୭

୫. ପ୍ରଗତି ଗୋଡ଼ାଉଛି, ଚିକାପାର ଧାଉଁଛି ୧୧୩

୬. ମହୁମାଛିକୁ ଫୁଲରେ ବସିବାକୁ ମନା ୧୧୮

୭. ଅମୃତ ସମାନ ଆହା ଅଟେ ସେଇ ଘର ୧୨୪

୮. ଘର : ମଗ୍ନ ହେବା ଆତଙ୍କରେ ସଦା ଥରହର ୧୩୦

୯. ମହାବନ୍ଧ, ଗଣ୍ଡୁସେ ଜଳ ୧୩୫

୧୦. ନିମା : ଏକ ନିମଗ୍ନ ପଲ୍ଲୀର ନିଥର ଚିତ୍ରପଟ ୧୪୧

୧୧. ବିଖଣ୍ଡ ମୁଲକର ବିଷାଦ ସଂଗୀତ ୧୪୮

❋ ❋ ❋

Digitized by srujanika@gmail.com

ପ୍ରକଳ୍ପ ପୟୋଧି ଜଳେ

କଳ୍ପନା କରାଯାଉ ସମଗ୍ର ଅଷ୍ଟ୍ରେଲିଆ ମହାଦେଶର ଜନସଂଖ୍ୟା ସହ ସମାନ ସଂଖ୍ୟକ ମଣିଷ ହେବେ ବାସଚ୍ୟୁତ—୧୮୦ ଲକ୍ଷ ଲୋକଙ୍କୁ ତଡ଼ି ଦିଆଯିବ ସେମାନଙ୍କ ଘରୁ, ହରାଇବେ ଚାଷଜମି ଉପରେ ସେମାନଙ୍କର ମାଲିକାନା । ଜୀବିକା ଓ ଉପାର୍ଜନରୁ ବଞ୍ଚିତ ସେହି ମଣିଷମାନେ କିପରି କଦର୍ଥନା ଭୋଗିବେ, ଦାରିଦ୍ର୍ୟରେ ସଢ଼ିବେ—ସେତକ ଅନୁମାନ କରିହୁଏ । ଭାଙ୍ଗିପଡ଼ିବ ସେମାନଙ୍କର ପରିବାର, ଉଲରା ଫୁଙ୍କୁଳା ହୋଇଯିବ ଜୀବନ; ସମାଜ ଓ ଗୋଷ୍ଠୀ ଜୀବନର ସୂତାଖିଅଟି ଛିଣ୍ଡି ଖିନ୍‌ଭିନ୍ ହୋଇଯିବ । ପ୍ରାକୃତିକ ସମ୍ବଳ ଓ ଉତ୍ସରୁ ବିଚ୍ଛିନ୍ନ ହୋଇ ଏହି ଉତ୍ପାଟିତ ଜୀବନ ଗୁଡ଼ିକର ଲୁଣ୍ଠିତ ହେବ ନିଜସ୍ୱ ସଂସ୍କୃତି, ପରମ୍ପରା ଓ ଇତିହାସ । ସେମାନେ ଯୁଗ ଯୁଗ ଧରି ଅଭ୍ୟସ୍ତ ଏକ ଆହାରକୁ ଛାଡ଼ି ନିଆରା ଖାଦ୍ୟ ଗ୍ରହଣ କରିବାକୁ ବାଧ ହୁଅନ୍ତି । ନୂଆ ପ୍ରକାର ବ୍ୟାଧିରେ ଅଧିକ ସଂକ୍ରମିତ ହୁଅନ୍ତି ଏବଂ ସେମାନଙ୍କ ମୃତ୍ୟୁହାର ବଢ଼ିଚାଲେ । ଉପାର୍ଜନ ଏବଂ ସାକ୍ଷରତା ତଥା ଶିକ୍ଷାହାର କମେ । ଏହା ସହିତ ଉତ୍ପାତ କରେ ବେକାରୀ, ବେରୋଜଗାରୀ ଏବଂ ସାମାଜିକ ବାଛନ୍ଦ—ନୂଆମାଟିରେ ସେମାନେ ହିନିମାନ ହୋଇ ବଞ୍ଚନ୍ତି । ସଭିଏଁ ସେମାନଙ୍କୁ ତଳେଇ କରି ଚାହାଁନ୍ତି । ଏସବୁ ଘଟେ ବିକାଶ ନାମରେ । ଏବଂ ଏଥିରେ ବିପର୍ଯ୍ୟସ୍ତ, କ୍ଷତିଗ୍ରସ୍ତ ମଣିଷର ସରକାରୀ ନାମକରଣ ହେଉଛି 'ଉପକୃତ ବ୍ୟକ୍ତି'—ବେନିଫିସିଆରୀ ।

ଏସବୁ କ'ଣ ଉପନ୍ୟାସର କଳ୍ପନା-ବିଳାସ ପରି ଶୁଭୁଛି ?

ନା, ଏ କାହାଣୀ ନୁହେଁ, ଭାରତବର୍ଷ ନାମକ ଦେଶରେ ଏସବୁ ଘଟି ସାରିଛି ଏବଂ ଘଟି ଚାଲିଛି । ୧୯୫୧-୯୦ ମସିହା ମଧ୍ୟରେ, ସ୍ୱାଧୀନ ଭାରତର ୪୦ ବର୍ଷର ଅବଧି ମଧ୍ୟରେ ୨୧୬ ଲକ୍ଷ ମଣିଷ ଉପରୋକ୍ତ ଭାଗ୍ୟକୁ ବହନ କରିଛନ୍ତି, କଦର୍ଥନାକୁ ଅଙ୍ଗେ ନିଭେଇଛନ୍ତି । ଏତକ ବିସ୍ଥାପନ ଘଟିଛି କେବଳ ନଦୀ ବନ୍ଧ ଓ କେନାଲ ପାଇଁ । ଯଦି ଏହା ସହିତ ଖଣିକୁ ମିଶାଇବା ତେବେ ତାହା ଦ୍ୱାରା ବାସଚ୍ୟୁତ ହୋଇଛନ୍ତି ୨୧ ଲକ୍ଷ ମଣିଷ—ସେତକ କାନାଡ଼ାର ଜନସଂଖ୍ୟା ସହ ସମାନ । ଶିଳ୍ପ କାରଖାନା, ତାପଜ ବିଦ୍ୟୁତ୍ କେନ୍ଦ୍ର, ଅଭୟାରଣ୍ୟ ଏବଂ ସାମରିକ ଘାଟି ପ୍ରତିଷ୍ଠା ପ୍ରଭୃତିକୁ ହିସାବକୁ ନେଲେ ଆହୁରି ୨୪ ଲକ୍ଷ ମଣିଷଙ୍କୁ ସେମାନଙ୍କ ସୁନାର ସଂସାରରୁ ବିତାଡ଼ିତ କରାଯାଇଛି । ଏସବୁ ମିଶିଗଲେ ୨୬୦ ଲକ୍ଷ ଭାରତୀୟଙ୍କୁ ଉଦ୍‌ବାସ୍ତୁ କରିଛି ଆମର ତଥାକଥିତ ବିକାଶ ଓ ସମୃଦ୍ଧି ।

Digitized by srujanika@gmail.com

ଏସବୁ ତଳଆଡ଼ର ହିସାବ । ଭାରତ ସରକାର ସ୍ୱୟଂ ସ୍ୱୀକାର କରନ୍ତି ଯେ, ୧୯୮୫ ମଧ୍ୟରେ 'ବିକାଶ ସଂପର୍କିତ ବିସ୍ଥାପନ'ରେ ଉଦ୍‌ବାସ୍ତୁ ହୋଇଛନ୍ତି ୧୫୦ ଲକ୍ଷ ମଣିଷ । ସରକାରୀ ପ୍ରକଳ୍ପ ପାଇଁ ଚାଷ ଓ ବାସ ହରାଇ ଉଚ୍ଛନ୍ନ ହେଉଥିବା ବାସଚ୍ୟୁତ ମଣିଷମାନଙ୍କୁ ପଚରା ଯାଇଥିଲେ ସେମାନେ କେଉଁ ସେପରି ବିକାଶ ଚାହିଁନଥାନ୍ତେ । ୨୬ ନିୟୁତ ମଣିଷଙ୍କୁ ବାସହରା, କ୍ଷୁଧାତୁର କରିଥିବା ଏହି ପ୍ରୋଜେକ୍ଟମାନଙ୍କର ତାଲିକା ଏଯାଏ କୌଣସି ଭାବେ ସଂପୂର୍ଣ୍ଣ ହୋଇପାରିନାହିଁ । ହଜାର ହଜାର ସ୍ୱଳ୍ପଜ୍ଞାତ ଛୋଟ ଛୋଟ ଯୋଜନାରେ ବାସଚ୍ୟୁତ ହେଉଥିବା ଦୁର୍ଭାଗ୍ୟମାନଙ୍କର ମୁଣ୍ଡ ଗଣତି ଏଯାଏ ହୋଇନାହିଁ । ବାଧ୍ୟତାମୂଳକ ଭାବେ ଲୋକଙ୍କୁ ବିସ୍ଥାପିତ କରୁଥିବା ଆହୁରି ଅନେକ ଛୋଟ ବଡ ପ୍ରକଳ୍ପର ପରିପ୍ରୟୋଗ ୧୯୮୫ ପରେ ଆରମ୍ଭ ହେଲା । ସୁତରାଂ ସରକାରୀ ତାଲିକା ଆହୁରି ସୁଦୀର୍ଘ ହେବାର ଆଶଙ୍କା ରହିଛି ।

ସରକାରଙ୍କ 'ପୁନର୍ବାସ ପାଇଁ ରାଷ୍ଟ୍ରୀୟ ନୀତି'କୁ ସ୍ୱୀକାର କରିବା ପରେ ଯେ, ୧୯୫୧ରୁ ବିସ୍ଥାପିତ ହୋଇ ଚାଲିଥିବା ଦୁର୍ଭାଗ୍ୟମାନଙ୍କ ମଧ୍ୟରୁ ୭୫ ଭାଗ ଏକାନ୍ତ ହତଭାଗ୍ୟ 'ଏବେ ବି ଥଇଥାନ ହେବା ପ୍ରତୀକ୍ଷାରେ ଅଛନ୍ତି ।' ୫୦ ବର୍ଷ ପରେ, 'ପ୍ରତୀକ୍ଷା' ଶବ୍ଦଟିର ବ୍ୟବହାର କେମିତି ନିଷ୍ଠୁର ଓ ପ୍ରବଞ୍ଚନାମୟ ଲାଗେ ! ଏହାର ଚିଠା ଅଧିକ ଭାବେ କହିଥାଏ : 'ସମଗ୍ର ଦେଶରେ ଏଯାଏ କେତେ ଲୋକ ବିସ୍ଥାପିତ ହୋଇଛନ୍ତି ତାହାର ଏକ ଆନୁମାନିକ ହିସାବ ବାହାର କରିବା ମଧ୍ୟ ସମ୍ଭବପର ନୁହେଁ । କେବଳ ଅଧିକୃତ ହୋଇଥିବା ଜମି ଭିତ୍ତିରେ ସିଧାସଳଖ ବାସଚ୍ୟୁତ ହୋଇଥିବା ଲୋକଙ୍କୁ ଗଣନା କରି ହିଁ ବିସ୍ଥାପନର ପରିସଂଖ୍ୟାନ ବଢ଼ାଯାଏ ।'

ଅନ୍ୟ ଭାଷାରେ କହିଲେ, ଜମିବାଡ଼ିର ମାଲିକାନା ନାହିଁ ଅଥଚ ବାସଚ୍ୟୁତ – ସେପରି ବହୁ ଗୋଷ୍ଠୀର ମଣିଷମାନଙ୍କୁ ଏ ଆକଳନ ସୁମାରିରେ ଗଣିନାହିଁ କି ମଣିନାହିଁ । ଏହି ଗୋଷ୍ଠୀରେ ଅଛନ୍ତି ଦିନ ମଜୁରିଆ, ଧୀବର, ବଢ଼େଇ, କମାର ଭଳି କାରିଗର, ବୁଣାକାର ଭଳି ଭୂମିହୀନ । ବିକାଶ ଓ ଉନ୍ନୟନର ରାହା ଭିତରେ ଗଢ଼ା ହେଉଥିବା ଜଳସେଚନ ପ୍ରକଳ୍ପର ବୁଡ଼ି ଅଞ୍ଚଳ ପରିସର ବାହାରେ ରହିଯାଉଥିବା ଲକ୍ଷ ଲକ୍ଷ ମଣିଷଙ୍କୁ ଟିକେ ନଜରକୁ ଆଣିବାକୁ ମଧ୍ୟ ସେମାନେ ବେଖାତିର କରିଛନ୍ତି । ବଣ ଜଙ୍ଗଲକୁ ଆଶ୍ରୟ କରି ଚଳୁଥିବା ମଣିଷମାନଙ୍କ ଜୀବିକାଧାରାରେ ପଡ଼ିଛି ଭଟ୍ଟା । ଜଳ ଭଣ୍ଡାରର ଜଳପତନ ବୃଦ୍ଧି ନେଇ ପ୍ରାନ୍ତୀୟ ଗ୍ରାମମାନଙ୍କର ସ୍ୱାଭାବିକ ଜୀବନଚର୍ଯ୍ୟାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ । ବୁଡ଼ି ଅଞ୍ଚଳରେ ଉଚ୍ଛନ୍ନ ହୋଇଛନ୍ତି ଆହୁରି ଶତ ସହସ୍ର ଅଧିବାସୀ ।

ତେଣୁ ଯେତେବେଳେ ସରକାରୀ ଘର ହାକିମ ହୁକୁମାମାନଙ୍କ ଅଙ୍କକଷା କହେ ଗୁଜୁରାଟର ସର୍ଦ୍ଦାର ସରୋବର ପ୍ରୋଜେକ୍ଟରେ ୪୦ ହଜାର ପରିବାର ବା ୨ ଲକ୍ଷ

Digitized by srujanika@gmail.com

ମଣିଷ ହେବେ ବାସଚ୍ୟୁତ; ସେତେବେଳେ ଧରିନେବାକୁ ହେବ ଯେ, ଅନ୍ତରାଳରେ, ଅଗୋଚରରେ ରହିଯାଉଛନ୍ତି ଏହାଠାରୁ ବହୁ ଅଧିକ ମଣିଷ। ସରକାରୀ ନଥି ଓ ଦସ୍ତାବିଜ୍‌ରେ ସେମାନଙ୍କ ନାମ ଧାମର ମାନଚିତ୍ର ନଥାଏ; ସେମାନେ କେବେ ବି କୌଣସି କ୍ଷତିପୂରଣ ପାଆନ୍ତି ନାହିଁ।

ପ୍ରାକୃତିକ ସମ୍ବଳ ଓ ସଂସାଧନରୁ ବଞ୍ଚିତ ମଣିଷମାନଙ୍କର ଅନ୍ତର୍ଦାହର ଚିତ୍ରକୁ କୌଣସି ପରିସଂଖ୍ୟାନ କେବେ ତୋଳିଧରି ପାରିବ ନାହିଁ। ଏମାନେ ନିଜ ଭିଟାମାଟିରୁ ଉଚ୍ଛେଦ ନହୋଇ ବି ବାସଚ୍ୟୁତର ଯନ୍ତ୍ରଣା ଭୋଗ କରନ୍ତି। ଓଡ଼ିଶାର କୋୟା ଏବଂ ମଧ୍ୟପ୍ରଦେଶର ବାଁସୋଡେ ସଂପ୍ରଦାୟକୁ 'ଆଇନ୍' ବଳରେ କାଟି ଦିଆଗଲା ବାଉଁଶ ଉପରେ ସେମାନଙ୍କର ଥିବା ପରଂପରାଗତ ସଂପର୍କ ଠାରୁ। ବାଉଁଶ ଥିଲା ସେମାନଙ୍କର ଜୀବନ ଓ ଜୀବିକାର ଏକ ପୌଷ୍ଟିକ ସାଧନ। ବାଁସୋଡେ ସଂପ୍ରଦାୟର ନାମକରଣ ହିଁ ବାଉଁଶରୁ ଉତ୍ପତ୍ତି। କୋୟା ସଯତ୍ନରେ ବଢ଼ାଉଥିବା ଓ ଜଗିଥିବା ବାଉଁଶ ବଣ ଉପରେ ଆଜି ମାଲିକାନା ଜାହିର କରିଛନ୍ତି କାଗଜ ଉତ୍ପାଦନକାରୀ ବହୁ ଘରୋଇ ଉଦ୍ୟୋଗ ବା କମ୍ପାନୀ। ଜୀବିକାର ଏଇ ଶକ୍ତିଶାଳୀ ଉତ୍ସ ଉପରେ ଅଧିକାର ହରାଇ ସେମାନେ ମର୍ମାନ୍ତିକ ଦାରିଦ୍ର୍ୟ ଓ ପୀଡ଼ନର ହୋଇଛନ୍ତି ଶିକାର। ଭିଟାମାଟିରେ ଜୀବନ ଧରି ପଡ଼ି ରହିଛନ୍ତି, ମାତ୍ର ଜୀବିକାର ସମସ୍ତ ପଥ ହୋଇପଡ଼ିଛି ଅବରୁଦ୍ଧ।

ତଦ୍ରୂପ ସାହୁକାର ପାଖରେ ଜମି ହରାଇଥିବା ଅଗଣିତ ଚାଷୀ କିନ୍ତୁ ବିସ୍ଥାପିତର ତାଲିକାରେ ନଥାନ୍ତି। ମାତ୍ର ବାସହରାର ସମସ୍ତ ବିଲକ୍ଷଣକୁ ଅଙ୍ଗେ ନିଭାଇଥାନ୍ତି। 'ବିକାଶମୂଳକ ପ୍ରକଳ୍ପ' ପାଇଁ ନିଜ ଭିଟାମାଟିରୁ ବହିଷ୍କୃତ ମଣିଷମାନେ ସହରାଞ୍ଚଳକୁ ଅନ୍ନ ଓ ଆଶ୍ରୟ ପାଇଁ ଧାଇଁ ଆସି ତୋଳନ୍ତି ନୂଆ ବସ୍ତି, ପଲିଥିନ୍ ଓ ନଡ଼ାର ନୁଆଁଣିଆ ଅସ୍ୱାସ୍ଥ୍ୟକର ଝୁମ୍ପୁଡ଼ିଘର; କିନ୍ତୁ ବିସ୍ଥାପନର ମାପକାଠିରେ ସେମାନଙ୍କୁ ଗଣିବା ପାଇଁ ସ୍ଥାନ ନଥାଏ। ସରକାରୀ ଘୋଷଣାନାମାରେ ଏତକ ହେଉଛି 'ବିକାଶ ପାଇଁ ତ୍ୟାଗର ମୂଲ୍ୟ।' ତୁମେ ଦେଶର ପ୍ରଗତି, ସମୃଦ୍ଧି ଚାହୁଁଛ; ଏତକ ତ୍ୟାଗ ତୁମକୁ କରିବାକୁ ହେବ ହିଁ ହେବ।

ମାତ୍ର କିଏ କରିଥାଏ ତ୍ୟାଗ, ଆଉ କାହାପାଇଁ ? ସବୁଠୁଁ ତଳେ ପଡ଼ିଥିବା ମଣିଷଟି କାହିଁକି ଏତେ ମହାର୍ଘ ତ୍ୟାଗ କରିବ ! ଏହି ମୂଲ୍ୟରୁ କେତେଭାଗ ବହନ କରିଥାଏ ସ୍ୱଚ୍ଛନ୍ଦ ଓ ଧନୀକ ସଂପ୍ରଦାୟ ?

* ଭାରତର ଜନସଂଖ୍ୟାର ଠିକ୍ ୮ ଶତାଂଶ ହେଉଛନ୍ତି ଆଦିବାସୀ। ମାତ୍ର 'ସମସ୍ତ ପ୍ରକାର ପ୍ରୋଜେକ୍ଟରେ ୪୦ ଭାଗରୁ ଅଧିକ ଆଦିବାସୀ ହୋଇଥାନ୍ତି ବାସଚ୍ୟୁତ।' —ଏକଥା କହନ୍ତି ଭାରତୀୟ ସାମାଜିକ ପ୍ରତିଷ୍ଠାନର ୱାଲଟରେ ଫର୍ଣ୍ଣାଡିଶ୍।

Digitized by srujanika@gmail.com

''ବିସ୍ଥାପିତଙ୍କ ମଧ୍ୟରେ ଏହି ସମାନ ପରିମାଣର ବିଶାଳ ସଂଖ୍ୟକ ହତଭାଗ୍ୟ ହେବେ ଦଳିତ ଓ ଭୂମିହୀନ ବର୍ଗ ।'' କହନ୍ତି ବିଶିଷ୍ଟ ନୃତତ୍ତ୍ୱବିଦ୍ ପ୍ରଫେସର ଏଲ୍.କେ.ମହାପାତ୍ର ।

* ଏହି ଉପେକ୍ଷିତ, ଅବହେଳିତ ବର୍ଗର ମଣିଷମାନେ କେବେ ସେମାନଙ୍କ ତ୍ୟାଗର ତାଜମହଲ (ପ୍ରୋଜେକ୍ଟ)ରୁ ଉପକୃତ ହୋଇଥାନ୍ତି ? ଏପରିକି ସରକାରୀ ପରିଭାଷାରେ 'ଅଧିଭୋକ୍ତା'ର କେତେ ଭୋକ ମରେ ? କାଣିଚାଏ ବି ନୁହେଁ । ଆଦିବାସୀ ଇଲାକାରେ ଅବସ୍ଥିତ ଅଧିକାଂଶ ଜଳ-ବିଦ୍ୟୁତ ପ୍ରକଳ୍ପ; 'କିନ୍ତୁ ୫ ଶତାଂଶ ଆଦିବାସୀଙ୍କ ଜମି ମଧ୍ୟ ନିଶ୍ଚିତ ଜଳସେଚନରେ ସୁବିଧା ପାଇନଥାଏ ।' : କହନ୍ତି ଦକ୍ଷିଣ-ଗୁଜୁରାଟ ବିଶ୍ୱବିଦ୍ୟାଳୟର ଜଗନ୍ନାଥ ପାଠୀ ।

* ଭାରତର ପ୍ରତି ୧୦ ଜଣ ଆଦିବାସୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ବାସଚ୍ୟୁତ । ନଦୀବନ୍ଧ ଯୋଜନାମାନଙ୍କରେ ପ୍ରାୟ ୧୦ ଲକ୍ଷ ପାଖାପାଖି ଆଦିବାସୀ ନିଜ ଭିଟାମାଟିରୁ ବିତାଡ଼ିତ । ''ଉଣେଇଶିଟି ସରକାରୀ ପ୍ରକଳ୍ପରେ ବିସ୍ଥାପିତ ୧୬ ଲକ୍ଷ ମଣିଷଙ୍କ ମଧ୍ୟରୁ ଆଠଲକ୍ଷ ହେଉଛନ୍ତି ଆଦିବାସୀ । କୋଏଲ୍ କାରୋ, ଲାଲ୍‌ପୁର ଭଳି ପ୍ରକଳ୍ପରେ ଶତକଡ଼ା ୮୦ରୁ ୧୦୦ ଭାଗ ଆଦିବାସୀଙ୍କୁ ହରାଇବାକୁ ପଡ଼ିଛି ଚାଷ ଓ ବାସ ।' ଆଦିବାସୀ ଇଲାକାରେ ଏହି ସର୍ବନାଶ ଅଧିକ ସଘନ ହୋଇଛି ଗତ ୧୫ ବର୍ଷ ମଧ୍ୟରେ ।

* ବିସ୍ଥାପିତ ଦଳିତଙ୍କ କରୁଣ କାହାଣୀ ତୁଳନାତ୍ମକ ଭାବେ ଆମକୁ କମ୍ ଜଣା । ଯୋଜନାର ପ୍ରାରମ୍ଭକାଳରେ ଉନ୍ନୟନ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ସୁଗମ୍ୟ ସ୍ଥାନମାନଙ୍କରେ କାର୍ଯ୍ୟକାରୀ ହେଉଥିଲା । ସେସବୁ ଇଲାକା ଥିଲା ଦଳିତ ଓ ଅନ୍ୟାନ୍ୟ ଅନଗ୍ରସର ଶ୍ରେଣୀମାନଙ୍କ ଅଧ୍ୟୁଷିତ ଭୂଇଁ । ଏସବୁର କୌଣସି ନଥିପତ୍ର ନାହିଁ କିମ୍ୱା ଯାହା ଅଛି ସେତକ ବିଶ୍ୱାସନୀୟ ନୁହେଁ । ବିସ୍ଥାପିତ ଦଳିତ ଶ୍ରେଣୀର ଅଶ୍ରୁ ଓ ଅନ୍ତର୍ଦାହର କାହାଣୀ ସବୁଦିନ ପାଇଁ ରହିଗଲା ଅବ୍ୟକ୍ତ, ଅଲିଖିତ ।

* ଆଦିବାସୀ ଇଲାକାମାନଙ୍କରେ ଦଳିତମାନଙ୍କ ସ୍ଥିତି ସଦା ଅସ୍ଥିର, ମ୍ରିୟମାଣ ଓ ଆଶଙ୍କା ବିଜଡ଼ିତ । ଦୃଷ୍ଟାନ୍ତ ସ୍ୱରୂପ, ଛୋଟନାଗପୁର ଜମିଜମା ଆଇନ୍ ସେ ଅଞ୍ଚଳର ଦଳିତ ଜମି ଉପରେ ତା'ର ଅଧିକାରକୁ ସୁରକ୍ଷିତ ରଖିପାରେ ନାହିଁ । ସେମାନଙ୍କୁ ଭିଟାମାଟିରୁ ଉଚ୍ଛେଦ କରିବା ଦିଗରେ ପ୍ରତିରୋଧର ସ୍ୱର ବହୁତ କ୍ଷୀଣ । ତଦୁପରି ପ୍ରୋଜେକ୍ଟ ଆରମ୍ଭ କାଳରେ ଅସ୍ଥିରତାର ଫାଇଦା ଉଠାଇ

Digitized by srujanika@gmail.com

ଠିକାଦାର ଜାତୀୟ ଜନ୍ତୁମାନଙ୍କ ଦ୍ୱାରା ଦଳିତ ଜମିକୁ ଜବରଦଖଲ, ହଡ଼ପ କରିନେଲେ, ସେ ପାଇଁ ପ୍ରତିବନ୍ଧକ ଓ ପ୍ରତିବାଦ ପ୍ରାୟ ନାହିଁ ଏବଂ ଲଢ଼ିବାର ଉଦ୍ୟମ ଆହୁରି ଦୁର୍ବଳ ଓ ନିସ୍ତବ୍ଧ ।

ବାସ୍ତୁହରାଙ୍କୁ ବିପନ୍ନ ଓ ମ୍ରିୟମାଣ କରୁଥିବା କେତେକ ଗୁରୁତର ସଂକଟକୁ ଲିପିବଦ୍ଧ କରନ୍ତି ବିଶ୍ୱବ୍ୟାଙ୍କର ବରିଷ୍ଠ ପରାମର୍ଶଦାତା ଡଃ ମିକାଇଲ୍. ଏମ୍ ସର୍ନିଆ । ଏସବୁ ମଧ୍ୟରେ ଭୂମିହୀନତା, ବେରୋଜଗାରୀ ଓ ବାସଚ୍ୟୁତି ପ୍ରମୁଖ । ସବୁକିଛି ହରାଇ ଉଦ୍‌ବାସ୍ତୁ ହେବା ପରେ ସେମାନେ ନିଜର ଖାଦ୍ୟ ସୁରକ୍ଷାଟିକୁ ମଧ ହରାଇଥାନ୍ତି । ଏହା ବାହାରେ ସେମାନେ ନିୟମିତ ଭାବେ ଅସୁସ୍ଥ ଓ ବ୍ୟାଧିଗ୍ରସ୍ତ ହେବା ରେକର୍ଡ କରାଯାଇଛି । ପାନୀୟ ଜଳ ଓ ଚାରଣ ଭୂମି ଭଳି ସାର୍ବଜନୀନ ସତ୍ତ୍ୱରୁ ସେମାନେ ବଞ୍ଚିତ ହେବା ଆଉ ଏକ ଅଭିଶାପ ।

ଶେଷକୁ ସାଂସ୍କୃତିକ ପରିଚୟ ଟିକକ ହରାଇ ଗୋଷ୍ଠୀ ଜୀବନର ସହଯୋଗ ଓ ସଂପତ୍ତିରୁ ଉପେକ୍ଷିତ ହୋଇପଡ଼ନ୍ତି, ତାହାହିଁ ଥିଲା ମଣିଷଟିଏ ବଞ୍ଚିବା ପାଇଁ ବଡ଼ ସାହସ ଓ ବଳ, ଅନ୍ୟକଥାରେ ମନବଳ । କେତେକ ଆଦିବାସୀ ସଂପ୍ରଦାୟର ପରମ୍ପରା ଅନୁଯାୟୀ ଜଣେ ଘରଟିଏ ତିଆରି କରୁଥିଲେ ସବୁଲୋକ ପହଞ୍ଚି ଘରଟି ଗଢ଼ିବାରେ ତାକୁ ସାହାଯ୍ୟ କରନ୍ତି । ସମଗ୍ର ଗୋଷ୍ଠୀର ଏହି ମୁକ୍ତ ଶ୍ରମଦାନ ହିଁ ତାକୁ ମଜୁରି ବଞ୍ଚାଇବାରେ ସହାୟକ ହୋଇଥାଏ । କିନ୍ତୁ ବିସ୍ଥାପନ ପରେ ତା'ର ସେ ଗୋଷ୍ଠୀ ଜୀବନ ଭାଙ୍ଗିଯାଏ, କିଏ କୁଆଡ଼େ ଖେଳେଇ ହୋଇ ବଞ୍ଚନ୍ତି ଏବଂ କାନ୍ଧକୁ କାନ୍ଧ ଯୋଡ଼ି ଭାଇଚାରାର ସହାୟତା ଅସହାୟ ଭାବେ ଉଭେଇ ଯାଏ ।

କିନ୍ତୁ ଏହି ବିଶ୍ୱବ୍ୟାଙ୍କ ହେଉଛି ବିସ୍ଥାପନ ପାଇଁ ବିପୁଳ ଭାବେ ଦାୟୀ । ଏବଂ ବିସ୍ମୟକର ଭାବେ ସିଏ ପୁଣି ଏହି ବିସ୍ଥାପନର ଏକ ନିପୁଣ ଅଧ୍ୟୟନକାରୀ । ବିଶ୍ୱବ୍ୟାଙ୍କ ପୁଞ୍ଜି ସହାୟତାରେ ଗଢ଼ା ହେଉଥିବା ପ୍ରକଳ୍ପମାନଙ୍କ ପାଇଁ ଜୋର୍ ଜବରଦସ୍ତ ଲୋକଙ୍କୁ ବିସ୍ଥାପିତ କରାହେଉଥିବା ବିରୋଧରେ ଗତ କିଛିବର୍ଷ ହେଲା ପ୍ରବଳ ଓ ଜନପ୍ରିୟ ପ୍ରତିରୋଧମାନ ଚାଲିଛି । ଏଥିପାଇଁ ବିଶ୍ୱବ୍ୟାଙ୍କ ଏହା ଉପରେ ଅଧିକ ମୁଣ୍ଡ ଖେଳାଇବାକୁ ବାଧ ହୋଇଛି । ଡଃ ସର୍ନିଆଙ୍କ ଭଳି କିଛି ବିଶେଷଜ୍ଞଙ୍କ ବିଶ୍ୱସ୍ତରୀୟ ବିସ୍ଥାପନ ଉପରେ କିଛି ଅଧ୍ୟୟନ ଓ ଅନୁଶୀଳନ ବେଶ୍ ଶକ୍ତିଶାଳୀ, ତଥ୍ୟଭିତ୍ତିକ ଓ ପ୍ରଭାବ ସଂପନ୍ନ ।

୧୯୯୫ରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ବକ୍ତବ୍ୟ ପ୍ରଦାନ କରି ଡଃ ସର୍ନିଆ ତାଙ୍କର ଅନୁଧ୍ୟାନର ତଥ୍ୟାବଳୀକୁ ଲୋକଲୋଚନକୁ ଆଣିଥିଲେ । ତାଙ୍କର ଏହି ସର୍ବସାଧାରଣ-ଅଭିବ୍ୟକ୍ତିରେ ଥିଲା : ''ବିଶ୍ୱବ୍ୟାପୀ ପ୍ରତିବର୍ଷ ୧୦୦ ଲକ୍ଷ ଲୋକ ବାଧ୍ୟତାମୂଳକ ଭାବେ ବିସ୍ଥାପନର ଯନ୍ତାରେ ପଶନ୍ତି ଏବଂ ନଦୀବନ୍ଧ ନିର୍ମାଣ ଓ ସହରୀ

Digitized by srujanika@gmail.com

ପରିବହନ ଭଳି ଦୁଇଟି ପରିସରରେ ସେମାନଙ୍କର ଆବିର୍ଭାବ ଘଟେ । ଏହାର ଅର୍ଥ ଗତ ଦଶନ୍ଧିରେ ପ୍ରାୟ ୯୦୦ରୁ ୧୦୦୦ ଲକ୍ଷ ଲୋକ ବାସ୍ତୁହରା ପାଲଟିଛନ୍ତି ।''

''ବିଶ୍ୱର ବାର୍ଷିକ ନୂଆ ଶରଣାର୍ଥୀ ପଟୁଆର ଅପେକ୍ଷା ଏହି ଉନ୍ନୟନ ଭିତ୍ତିକ ବିସ୍ଥାପନ ସୃଷ୍ଟି କରିଛି ଅଧିକ ଓ ଅନିଶ୍ଚିତ ବାସ୍ତୁହରା ।'' ଏହା ବାହାରେ ଡଃ ସର୍ନିଆଙ୍କ ଅନୁଧ୍ୟାନରେ ''ଏହି ବାର୍ଷିକ ଏକଶତ ଲକ୍ଷ ବା ଦଶନ୍ଧିରେ ସହସ୍ର ଲକ୍ଷର ପରିସଂଖ୍ୟାନ ମଧ ଚୂଡ଼ାନ୍ତ ନୁହେଁ, ଆଂଶିକ; ଅଭୟାରଣ୍ୟ ଓ ସଂରକ୍ଷିତ ଜଙ୍ଗଲରୁ; ଖଣି ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ଭଳି 'ନୂଆ ନୂଆ ପରିସର' ଚାପରେ ବିସ୍ଥାପିତ ହେଉଥିବା ମଣିଷ ସ୍ରୋତ ଏହି ପରିସଂଖ୍ୟାନରେ ସାମିଲ୍ ହୋଇନାହାନ୍ତି ।''

ଯୁଦ୍ଧ ପାଇଁ ଶରଣାର୍ଥୀ ପାଲଟୁଥିବା ଏବଂ ଉନ୍ନୟନ ବା 'ଦେଶର ବିକାଶ' ସ୍ଲୋଗାନରେ ବିସ୍ଥାପିତ ଉଦ୍‌ବାସ୍ତୁମାନଙ୍କୁ ସମାନ ସମସ୍ୟା ଭାବି ଗୋଟିଏ ନିକିତିରେ ତଉଲିବା ଅନୁଚିତ ଓ ଅନୁଦାରତା । ତଥାପି ଆପଣ ଟେଲିଭିଜନ ଖୋଲିଦେଲେ ଏହି ଦ୍ୱନ୍ଦ୍ୱ ଓ ସଂଘର୍ଷର ଏକ ଘମାଘୋଟ ଧୂଳିପଟଳରେ ଆଚ୍ଛନ୍ନ ହୋଇପଡ଼ିବେ—ସେ ହେଉ ଆଫଗାନିସ୍ଥାନ କି ରାୱାଣ୍ଡା, ମୃତାହତଙ୍କ ରକ୍ତ ଜୁଡୁବୁଡୁ ଚିତ୍ର, ଧୂଳିସାତ୍ ହୋଇପଡ଼ିଥିବା ସୌଧମାଳା, ଛିନ୍ନମୂଳ ଓ ବିକ୍ଷିପ୍ତ ପରିବାର, ଭୋକିଲା ମଣିଷର ଲମ୍ବା ପଟୁଆର, ଏସବୁ ଚିତ୍ରଗୁଡ଼ିକ ତ ଆମକୁ ଦରଦୀ ଓ ଦ୍ରବୀଭୂତ କରିବ । ଅବଶ୍ୟ ସେତକ କରିବ ଯେଉଁଠି ଯୁଦ୍ଧ ସହ ସାମାନ୍ୟ ସଂପୃକ୍ତି ନଥିବା ଗଣମାଧମ ସେହି କାହାଣୀର ଚିତ୍ର ଚରିତ୍ର ସଂଗ୍ରହ କରନ୍ତି ।

କିନ୍ତୁ ଅଦୃଶ୍ୟ ଯୁଦ୍ଧରେ ପରାହତ ଓ କ୍ଷତାକ୍ତ ମଣିଷମାନେ ବହୁଳାଂଶରେ ରହିଯାଆନ୍ତି ଅଦେଖା ଅଲୋଡ଼ା ହୋଇ ଏବଂ ଆମର ବିବେକ କି ହୃଦୟକୁ ସେସବୁ କ୍ୱଚିତ୍ ସ୍ପର୍ଶ କରିଥାନ୍ତି । ସେମାନଙ୍କ ଜୀବନ ଯନ୍ତ୍ରଣାର ମର୍ମନ୍ତୁଦ ଚିତ୍ରାବଳୀକୁ ଏହି ଗଣମାଧମ ସେମିତି ସମ୍ବେଦନଶୀଳ ଭାବେ ଧରିବାର ପ୍ରୟାସ କରିନଥାଏ । ଏସବୁ ସତ୍ତ୍ୱେ ସେଠାରେ ଭାଙ୍ଗି ପଡ଼ିଥାଏ ଜୀବନ । ପରିବାର ସବୁ ବିକ୍ଷିପ୍ତ ବିପର୍ଯ୍ୟସ୍ତ ହୋଇ ହଜାଇ ଦେଇଥାନ୍ତି ଠିକଣା । ଏକଦା ବରାଭୟ ଆଶ୍ରୟର ଅମୃତସ୍ଥଳୀ ଘରମାନଙ୍କରେ ଚହଲୁଥାଏ ବିଷର ଲହରୀ ଏବଂ ଏହି ଘର, ଚାଷକ୍ଷେତ, ମଣିଷଗୁଡ଼ିକ ଭାଙ୍ଗିପଡ଼ିବା ଉଦ୍‌ବାସ୍ତୁ ପାଲଟିବା ପାଇଁ ସେମାନେ ନିଜେ ଦାୟୀ ନୁହନ୍ତି, ସେମାନଙ୍କର କିଛି ଭୁଲ୍ ନାହିଁ । ମିଳିତ ଜାତିସଂଘର ୧୯୯୩ର ଏକ ଚିଠା ପ୍ରସ୍ତାବ ଅନୁଯାୟୀ (ଯେଉଁଥିରେ ଭାରତ ସ୍ୱାକ୍ଷର କରିଛି) : 'ମାନବିକ ଅଧିକାରର ଭୟଙ୍କର ଉଲଙ୍ଘନ' ହେଉଛି ଏସବୁ ବାଧ୍ୟତାମୂଳକ ବିସ୍ଥାପନ । ବିଡ଼ମ୍ବନା ଯେ ଶରଣାର୍ଥୀଙ୍କ ପାଇଁ ଯେପରି ଜାତିସଂଘ

Digitized by srujanika@gmail.com

ବ୍ୟୟ କରେ ବିପୁଳ ଅର୍ଥ, ସେପରି ଆଦୌ କାଣି କଉଡ଼ିଟିଏ ବି ବ୍ୟୟ କରିବାର ବ୍ୟବସ୍ଥା ନାହିଁ ଏହି ବିକାଶର ଶରଣାର୍ଥୀଙ୍କ ପାଇଁ ଜାତିସଂଘର ।

ଅଥଚ ସମର ପାଇଁ ଛିନ୍ନମୂଳ ଓ ବିକାଶ ପାଇଁ ବାସ୍ତୁହରା ବନିଥିବା ମଣିଷଙ୍କ ଅଶ୍ରୁଳ କାହାଣୀରେ ରହିଛି ଅନେକ ସାମଞ୍ଜସ୍ୟ । ଏଥିମଧ୍ୟରେ ଅଗ୍ରପ୍ରଧାନ ହେଉଛି ମହିଳା, ଶିଶୁ ଓ ବୃଦ୍ଧବୃଦ୍ଧା ଭୋଗୁଥିବା ଅବ୍ୟକ୍ତ ଯନ୍ତ୍ରଣା ଓ ବହୁ ବିପଦର ପୀଡ଼ନ । ଦୃଷ୍ଟାନ୍ତ ସ୍ୱରୂପ ଭାରତରେ ଏହି ବିସ୍ଥାପନ ଓ ନୂଆ ସ୍ଥାନରେ ପୁନର୍ବାସ ବହି ଆଣିଥାଏ ଅକଥନୀୟ କ୍ଲେଶ ମହିଳାମାନଙ୍କ ପାଇଁ, ଯେଉଁମାନେ ପାନୀୟ ଜଳ ଓ ଜାଳେଣି ସଂଗ୍ରହ ଭଳି ଦୁଇଟି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ବହୁ ହିନିମାନ ଭୋଗନ୍ତି । ବୋଝ ଉପରେ ନଳିତା ବିଡ଼ା ପ୍ରାୟ ଜୀବନ ଭାରାକ୍ରାନ୍ତ ଓ ଜୀଇଁବା ଅପମାନଜନକ ହୋଇଉଠେ ଯେତେବେଳେ ନୂଆ ପୁନର୍ବାସ ଅଞ୍ଚଳର ପୂର୍ବ ବାସିନ୍ଦାମାନେ ନୂଆ ଆଗନ୍ତୁକଙ୍କୁ ଆଡ଼ଆଖିରେ ଚାହାନ୍ତି । ସେମାନଙ୍କ କ୍ରୋଧ ଓ ହତାଦରର ଅଧିକ ଶିକାର ବନନ୍ତି ମହିଳା ଓ ଶିଶୁ ।

ବିସ୍ଥାପନ ପାଇଁ କ୍ଷତିପୂରଣ ଯଦିବା କେବେ ଦିଆଯାଉଥାଏ, ସେତକ ମୁଖ୍ୟତଃ ଟଙ୍କା ଓ ଜମି ଆକାରରେ ମିଳେ ଏବଂ ଏ ଦୁଇଟି ଉପରେ ମହିଳାମାନଙ୍କର କୌଣସି ଅଧିକାର କି ଅକ୍ତିଆର ନଥାଏ । ଟଙ୍କା ଉପରେ ତ ଆଦୌ ନୁହେଁ । ସୁତରାଂ ଅବଲୀଳାକ୍ରମେ ଏହା ପିଲାମାନଙ୍କର ଭବିଷ୍ୟତକୁ ଆକ୍ରାନ୍ତ କରେ । ଯେଉଁଠି ମହିଳାମାନେ ଘରର ଆୟବ୍ୟୟ ନିଷ୍ପତ୍ତିରେ ଭାଗ ନିଅନ୍ତି, ସେଠାରେ ପିଲାମାନଙ୍କ କୃତିତ୍ୱ ଭଲ ହୋଇଥାଏ । କିନ୍ତୁ ପ୍ରଚଳିତ ସମାଜ ବ୍ୟବସ୍ଥା ଏସବୁ ସଂପଦ ଉପରେ ମହିଳାମାନଙ୍କ ସ୍ୱାଧୀନ ଅଧିକାରକୁ ସ୍ୱୀକୃତି ଦେଇନଥାଏ ।

ପ୍ରଚଳିତ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସରକାରୀ ପ୍ରଚେଷ୍ଟା ହେବା ଦରକାର । ବାଧ୍ୟତାମୂଳକ ବାସଚ୍ୟୁତି କେବଳ ଗୋଟିଏ ନୁହେଁ ଅନେକ ମାନବିକ ଅଧିକାର ଓ ନାଗରିକ ସ୍ୱାଧୀନତାର ଉଲଙ୍ଘନ କରିଥାଏ । ମୁକ୍ତ ରହିବାର ଅଧିକାର ଓ ରୁଚି ତଥା ପସନ୍ଦର ଅଧିକାରକୁ ହତାଦର କରିଥାଏ । ଜୀଇଁବାର ଅଧିକାରକୁ ଆଘାତ ଦେବା ସହ ପକ୍ଷପାତିତାକୁ ପ୍ରୋତ୍ସାହିତ କରିଥାଏ । ଜନସଂଖ୍ୟାର ଯେତିକି ଅଂଶ ହେଉଛନ୍ତି ଦଳିତ ଓ ଆଦିବାସୀ ସମୁଦାୟ; ସେହି ଅନୁପାତ ଠାରୁ ଅଧିକ ସଂଖ୍ୟକ ସଂପ୍ରଦାୟ 'ବିକାଶମୂଳକ ପ୍ରକଳ୍ପ'ରେ ଜବରଦସ୍ତ ବିସ୍ଥାପିତ ହୋଇଥାନ୍ତି । ଫଳତଃ ସମ୍ବିଧାନରେ ଥିବା ଆଇନଗତ ସାମ୍ୟ ପ୍ରତି ଏହା ଉପହାସ କରିଥାଏ ।

Digitized by srujanika@gmail.com

ତେବେ ଭାରତର ପୁନର୍ବାସ ନୀତିଟି କ'ଣ ? ଏହାର ଶୀର୍ଷକ; 'ଜମି ଅଧିଗ୍ରହଣର ପରିଣତି ସ୍ୱରୂପ ବାସଚ୍ୟୁତ ଲୋକଙ୍କ ଥଇଥାନ ଉପରେ ରାଷ୍ଟ୍ରୀୟ ନୀତି' ହିଁ କହିଥାଏ ଏହାର କାହାଣୀ ।

ଏ ନୀତିଟି ଜମି ଉପରେ ଆଧାରିତ । ତଥାପି ପ୍ରକଳ୍ପ ପାଇଁ ଜମି ଛାଡ଼ିଥିବା ଲୋକମାନେ ଉପଯୁକ୍ତ କ୍ଷତିପୂରଣ ପାଇଥାନ୍ତି – ସେକଥା ଏହା କହେ ନାହିଁ । ପାଲାମୁ ଓ କୋରାପୁଟ ଜିଲ୍ଲାର ଅନେକ ଲୋକଙ୍କ ସଂସ୍ପର୍ଶରେ ମୁଁ ଆସିଛି ଯେଉଁମାନେ ପ୍ରଚଳିତ ବଜାର ମୂଲ୍ୟ ଠାରୁ ଢେର କମ୍ ଦର୍‌ରେ – ପ୍ରାୟତଃ ଫୋପଡ଼ା ମୂଲ୍ୟରେ ସେମାନଙ୍କ ଜମି ପାଇଁ କ୍ଷତିପୂରଣ ପାଇଛନ୍ତି । ଆଉ ଥୋକେ ତ ଆଦୌ କିଛି ପାଇନାହାନ୍ତି ।

ସେମାନଙ୍କ ସମ୍ମତି ବିନା ସେମାନଙ୍କ ଠାରୁ ଜମି ଛଡ଼ାଇ ନିଆଯାଇଛି । ଅନେକ ସମୟରେ ଜମିର ପଟ୍ଟା ଉପରେ କ୍ଷତିପୂରଣ ନିର୍ଣ୍ଣୟ କରାଯାଇଛି । ଆଦିବାସୀ ସଂପ୍ରଦାୟର ପ୍ରଚଳିତ ପରଂପରା ଅନୁଯାୟୀ ସେମାନେ ଗୋଷ୍ଠୀ ଭିତ୍ତିରେ ସାର୍ବଜନୀନ ଜମି ହଜାର ହଜାର ବର୍ଷ ଧରି ଉପଭୋଗ କରିଆସୁଛନ୍ତି । ଏ ଅଧିକୃତ ଜମି ଉପରେ କୌଣସି କନ୍ଦଳ କି ଦ୍ୱନ୍ଦ୍ୱ ନାହିଁ । ମାତ୍ର ଏ ପ୍ରକାର ଜମି ଚାଲିଗଲା ପରେ ଏଥିପାଇଁ ସେମାନେ କୌଣସି କ୍ଷତିପୂରଣ ପାଇନାହାନ୍ତି, କାରଣ ପଟ୍ଟା ପାଉତିକୁ ହିସାବକୁ ନିଆଯାଇଛି ।

ଲୋକମାନଙ୍କୁ ଜୋର୍ ଜବରଦସ୍ତି ବିସ୍ଥାପିତ କଲାବେଳେ କେବଳ ଭୂ-ସଂପତ୍ତି ଭଳି ସମ୍ବଳକୁ ସେମାନେ ହରାଇନଥାନ୍ତି । ଚାରଣଭୂମି, ଜାଳେଣି, ଗୋଖାଦ୍ୟ, ଜଙ୍ଗଲ ସମ୍ପଦ, ବନୌଷଧି, ଗୋଷ୍ଠୀଗତ ଶ୍ରମ-ଏସବୁ ମଧ୍ୟ ହରାଇବାକୁ ପଡ଼େ । କିନ୍ତୁ ଏସବୁ ସଂପଦର ଭରଣା ପାଇଁ ସାମାନ୍ୟତମ ପ୍ରଚେଷ୍ଟା କରାଯାଇନଥାଏ ।

ପୁନର୍ବାସ ଉପରେ ରାଷ୍ଟ୍ରୀୟ ଚିଠା ନୀତିର ପ୍ରଥମ ଧାଡ଼ି ଏହାର ଆଭ୍ୟନ୍ତର କାହାଣୀର ଅଭିବ୍ୟକ୍ତି : 'ନୂଆ ଅର୍ଥନୈତିକ ନୀତିର ପ୍ରଚଳନ ବହି ଆଣିଛି ପର୍ଯ୍ୟାପ୍ତ ପରିମାଣରେ ପୁଞ୍ଜି ବିନିଯୋଗର ସମ୍ଭାବନା...' ଏଥିରେ ମଧ୍ୟ ଅଛି – ''ଆଦିବାସୀ ଅଧ୍ୟୁଷିତ ଅଗମ୍ୟ ଓ ଅନଗ୍ରସର ଅଞ୍ଚଳମାନଙ୍କରେ ରହିଛି ଆମର କୋଇଲା, ଲୁହାପଥର, ମାଙ୍ଗାନିଜ୍ ଭଳି ଖଣିଜ ସଂପଦମାନଙ୍କର ବିଶାଳ ଉତ୍ସ ।''

ଏହା ସ୍ୱୀକାର ମଧ୍ୟ କରେ : ''ଦେଶର ସମୃଦ୍ଧି ଧାରାରେ ନିଜର ଜମିକୁ ହରାଇଥିବା ଲୋକମାନେ ଏଥିପାଇଁ ବହୁ କଷଣ ଭୋଗନ୍ତି । ତେବେ, ଏହି ଚିଠା ନୀତିରେ ବାସ୍ତୁହରା ବାସଚ୍ୟୁତଙ୍କ ଉପରେ ଜୋର୍ ଦେଇନାହିଁ । ଜୋର୍ ଦିଆଯାଇଛି କିପରି ଭବିଷ୍ୟତରେ ଘଟିବାକୁ ଥିବା ଅଧିକ ବାସଚ୍ୟୁତିର ପ୍ରତିକ୍ରିୟା ଧାରାକୁ ପ୍ରଶମିତ କରାଯିବ । ସଂକ୍ଷେପରେ, ବିସ୍ଥାପନ ଏକ ଅବଶ୍ୟମ୍ଭାବୀ ବାସ୍ତବତା ।

Digitized by srujanika@gmail.com

ଏହା ହୋଇଆସିଛି ଏବଂ ଏହା ପୁଣି ଭବିଷ୍ୟତରେ ହେବ । ଚିରାଚରିତ ଢଙ୍ଗରେ ଜମି ଅଧିଗ୍ରହଣ ଚାଲିବ । କିନ୍ତୁ ଏଣିକି ଆହତ ଲୋକମାନଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯିବ । ସେମାନଙ୍କ ପରାମର୍ଶ ଲୋଡ଼ାଯିବ ନାହିଁ, କିନ୍ତୁ କ୍ଷତାକ୍ତ ସ୍ଥାନରେ ମାଗଣାରେ ପଟି ବନ୍ଧା କାର୍ଯ୍ୟଟି ସହଜରେ ସଂପନ୍ନ ହେବ ।

ଜମି ଅଧିଗ୍ରହଣ ସଂପର୍କିତ ଆଇନ୍‌କାନୁନ୍ ଅନ୍ଧାଧୁନିଆ ଓ ମାନଧାତା ଅମଳର । ଏ ଦିଗରେ ଉଜ୍ଜ୍ୱଳ ଦୃଷ୍ଟାନ୍ତ ହେଉଛି ୧୮୯୪ର ବ୍ରିଟିଶ୍ ଶାସନ କାଳର ଜମି ଅଧିଗ୍ରହଣ ଆଇନ୍ ଓ କୋଇଲା ପରିବହନ ଆଇନ୍ । ସେଗୁଡ଼ିକର ତତ୍ତ୍ୱ ଓ ଦର୍ଶନ କାହାରିକୁ ପ୍ରତିବାଦ ପାଇଁ ମଧ୍ୟ ଅନୁମତି ଦିଏନାହିଁ ।

ଜମି ଅଧିଗ୍ରହଣ କାର୍ଯ୍ୟଟି ସର୍ବଦା 'ରାଷ୍ଟ୍ରୀୟ ସ୍ୱାର୍ଥ' ପାଇଁ ସାଧିତ' ହୁଏ । ସେତକ ବିଶ୍ଳେଷଣ ଯୋଗୁଁ ପ୍ରଶ୍ନବାଚୀର ବଳୟ ବାହାରକୁ ଏହା ଚାଲିଯାଏ । 'ଅଶ୍ୱମେଧ'ର ପଶୁହତ୍ୟାଟି ପବିତ୍ର ଯଜ୍ଞ ନାମରେ କରାଯାଏ । ପାଲାମୁ ଠାରେ ସାମରିକ ବାହିନୀର ଗୁଳିଚାଳନା ସମରାଭ୍ୟାସ ନାମରେ ହଜାର ହଜାର ଆତଙ୍କିତ ଆଦିବାସୀଙ୍କୁ ତଡ଼ି, ସେମାନଙ୍କୁ ଘରୁ ନେଇ ଜଙ୍ଗଲ ଦାଢ଼ରେ ଫୋପାଡ଼ି ଦିଆଯାଏ । ସେତକ ନିଶ୍ଚିତ ଭାବେ ରାଷ୍ଟ୍ରର ସ୍ୱାର୍ଥ ପାଇଁ ସଂପାଦିତ ହୁଏ ! ଯଦି ତଦ୍ରୂପ ଭାବେ ନୌସେନାର ସମରାଭ୍ୟାସରେ ବମ୍ବେର ମାଲ୍‌ବାର୍ ହିଲ୍‌ର ସମ୍ଭ୍ରାନ୍ତ ବାସିନ୍ଦାମାନଙ୍କ ପ୍ରତି ଅନୁରୂପ ଆଚରଣ ପ୍ରଦର୍ଶିତ ହୁଅନ୍ତା, ତେବେ ସେତକ ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ହୁଅନ୍ତା ନାହିଁ । ସେତକ କରିଲେ ହୁଏତ ସରକାର ଟଳି ପଡ଼ିବ ।

ତେବେ ଏ ଦେଶ ବା ରାଷ୍ଟ୍ରକୁ ଗଢ଼ୁଛି କିଏ ? କାହାର ସ୍ୱାର୍ଥ ତ୍ୟାଗରେ ଏ ଭୂଇଁ ସମୃଦ୍ଧ ? ଭାରତର ଶତ ସହସ୍ର ଦରିଦ୍ରଙ୍କୁ ନେଇ ଏ ରାଷ୍ଟ୍ର ସତରେ ଗଢ଼ା ? ସେମାନଙ୍କ ସ୍ୱାର୍ଥ ଦେଶର ସ୍ୱାର୍ଥ ରୂପେ ପରିଗଣିତ ହୁଏ ନା ନାହିଁ ?

ନା ଗୋଟିଏ ରାଷ୍ଟ୍ର ବାହାରେ ଆଉକିଛି ରାଷ୍ଟ୍ର ରହିଯାଉଛି ? ଦେଶର ଦରିଦ୍ରତମ ଇଲାକାମାନଙ୍କରେ ବୁଲିଲାବେଳେ ଏ ପ୍ରଶ୍ନଟି ବାରମ୍ବାର ଆକ୍ରାନ୍ତ କରେ । ସେସବୁ ଇଲାକାମାନଙ୍କରେ ନଦୀବନ୍ଧ ଯୋଜନା, ଶିଳ୍ପ କାରଖାନା, ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ, ପଦାତିକ ବାହିନୀର ସମରାଭ୍ୟାସ, ଯୁଦ୍ଧ ବିମାନ କାରଖାନା, ଜାତୀୟ ରାଜପଥ ନିର୍ମାଣ, ଅଭୟାରଣ୍ୟ, କୋଇଲା କି ବକ୍ସାଇଟ୍ ଖଣି ଖନନ, ଚିଙ୍ଗୁଡ଼ି ଘେରି, ଏପରିକି କୁକୁଡ଼ା ଫାର୍ମ ପ୍ରତିଷ୍ଠା ନାମରେ ଦରିଦ୍ରତମ ମଣିଷମାନଙ୍କୁ ଆହୁରି ନିଃସ୍ୱ କରି ଦାରିଦ୍ର୍ୟ, ନୈରାଶ୍ୟ ଓ ଅନିଶ୍ଚିତତାର ଅନ୍ଧକାର ମଧ୍ୟକୁ ଠେଲିଦିଆଯାଏ । ଯଦି ସେମାନେ ଦେଉଥିବା ମୂଲ୍ୟଟି ରାଷ୍ଟ୍ରର 'ବିକାଶ ମୂଲ୍ୟ'; ତେବେ ରାଷ୍ଟ୍ରର ଅବଶିଷ୍ଟ ନାଗରିକମାନେ ଉପଭୋଗ କରନ୍ତି ଗୋଟିଏ ଅନ୍ତହୀନ, ଅସରନ୍ତି ମାଗଣା ମଧ୍ୟାହ୍ନ-ଭୋଜନ ।

❖ ❖ ❖

Digitized by srujanika@gmail.com

ପ୍ରତିରକ୍ଷାର ଗୁଳିଗୋଳା-ପରୀକ୍ଷା ପହଁରାରେ ଝାଡୁ ହେବାକୁ ଥିବା ଆଦିବାସୀ ଇଲାକା

ସେକୁଆପାଣି, ଗୁମ୍‌ଲା (ବିହାର) : ବିର୍ସା ଓ ବଧଓ୍ୱା ଅସୁର ଦୁହେଁ ଜଙ୍ଗଲ ଦାଢ଼ରେ ଭୟରେ ଥରୁଥିଲେ । ଆକାଶରୁ ବର୍ଷୁଥିଲା ଥୋଲା ଥୋଲା ନିଆଁଝୁଲ, ପାଦ ତଳର ମେଦିନୀ କମ୍ପୁଥିଲା । ସେକୁଆପାଣିର ଆତଙ୍କିତ 'ଅସୁର' ଆଦିବାସୀ ସଂପ୍ରଦାୟ ସେମାନଙ୍କର ଗାଈ, ମଇଁଷୀ, ଛେଳି, କୁକୁଡ଼ା ଓ ଘୁଷୁରୀ ପଲ ଧରି ପିଲା କୁଟୁମ୍ବଙ୍କ ସହ ବୃତ୍ତାକାରରେ ବିମର୍ଷ ହୋଇ ବସିଥିଲେ । ଜୀବନକୁ ପାଣି ଛଡ଼େଇ ଭୋକ ଉପାସରେ ସେମାନେ ଜଙ୍ଗଲ ଭିତରକୁ ଚାଲି ଆସିଥିଲେ ।

ବରଂ ଅନ୍ୟ ଭାଷାରେ କହିଲେ ଜଙ୍ଗଲ ଭିତରକୁ ସେମାନଙ୍କୁ ତଡ଼ି ଦିଆଯାଇଥିଲା । ଭାରତୀୟ ସେନାବାହିନୀର ଗୋଳାବାରୁଦ ପରୀକ୍ଷାଗାର (ଟେଷ୍ଟ ରେଞ୍ଜ୍)ରେ ପରିଣତ ହୋଇଥିଲା ସେକୁଆପାଣି । ଭୟଙ୍କର ପରୀକ୍ଷାଗାର-ଉତ୍ତପ୍ତ, ଅସ୍ଥିର, ଅଭିଶପ୍ତ । ଆକାଶରୁ ତୋପ କମାଣର ନିରବଚ୍ଛିନ୍ନ ଅଗ୍ନିବର୍ଷଣ ଏତେ ପ୍ରଚଣ୍ଡ ଥିଲା ଯେ, ଆଦିବାସୀମାନେ ଭାବିପାରୁନଥିଲେ ସେମାନେ ପୁନଶ୍ଚ ନିଜର ଏକ ଅକ୍ଷତ କୁଡ଼ିଆକୁ ଫେରିଯାଇପାରିବେ । ସର୍ବୋପରି ଗାଁଟି ରହିଥିବ ଅକ୍ଷତ-ଯାହାକି ସେମାନେ କେତେଘଣ୍ଟା ତଳେ ଛାଡ଼ି ଆସିଥିଲେ । ଭାରତର ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରୁ ଏକତମ ପାଲାମୁ ଜିଲ୍ଲା ହେଉଛି ମହୁଆଦାନାର ବ୍ଲକ୍‌ରେ ଅବସ୍ଥିତ ଏହି ଟେଷ୍ଟ ରେଞ୍ଜ (ରାଞ୍ଚିସ୍ଥିତ ୨୩ ଆର୍ଟିଲେରୀ ବ୍ରିଗେଡ୍)ର ଅସ୍ଥାୟୀ ସମରାଭ୍ୟାସ ସ୍ଥଳୀ । ପ୍ରତିଥର ସେନାନୀର ଗୋଳାବାରୁଦ ପରୀକ୍ଷା ବେଳେ ଏ ଅଞ୍ଚଳରେ ହଜାର ହଜାର ଦରିଦ୍ର ଆଦିବାସୀ ନିଜ କୁଡ଼ିଆ ଘର ଛାଡ଼ି ଜଙ୍ଗଲ ସୀମାନ୍ତରେ ଯାଇ ରହନ୍ତି ଏବଂ ସେଇଠାରେ ଶୁଅନ୍ତି । ପିଲାଛୁଆଙ୍କ ସହ । ଯାହାକିଛି ସଙ୍ଗରେ ଧରି ଆସିଥାନ୍ତି ପଖାଳ ତୋରାଣି କି ରୁଟି ସେତକ ଆହାର ।

ସକାଳେ ସେମାନେ ଫେରିବେ ନିଜ କୁଡ଼ିଆ । ଏହି ସ୍ଥାନାନ୍ତରୀକରଣ ପାଇଁ ସେମାନେ ପାଇବେ କ୍ଷତିପୂରଣ । ନିଜ ଜୀବନ ବି ବିପଦଶଙ୍କୁଳ ହୋଇ ରହିଥାଏ । ପଦାତିକ ସାମରିକ ବାହିନୀର ଅଶେଷ ଅନୁକମ୍ପାରୁ ସେମାନେ ପ୍ରତ୍ୟେକ ପାଇବେ ଦେଢ଼ଟଙ୍କା । ଦେଶର ଆଭ୍ୟନ୍ତରୀଣ ବ୍ୟୟର ଏକ ତୃତୀୟାଂଶ ଉପଭୋଗ କରୁଥିବା

Digitized by srujanika@gmail.com

ଆମର ସାମରିକ ବିଭାଗ ଗରିବ, ନିଃସହାୟ ପ୍ରତି ସତରେ କେଡ଼େ ଉଦାର ଓ ଦୟାଳୁ ! ଏ ଗୋଳାବାରୁଦ ସମରାଭ୍ୟାସଟି ବେଳେବେଳେ ଚାରିପାଞ୍ଚଦିନ ଯାଏ ଚାଲେ । ସେତେଦିନ ଯାଏ ଆଦିବାସୀଟି ଜଙ୍ଗଲ ଦାଡ଼ରେ ଦାନ୍ତ ନିକୁଟି ପଡ଼ିରହିବାକୁ ବାଧ ଏବଂ ଏଥିପାଇଁ ପାଞ୍ଚଦିନ ହିସାବରେ ସେ ପାଇବ ସାତଟଙ୍କା ଆଠଣା । ୧୯୫୬ ପରଠାରୁ ଏହି ସ୍ଥାନାନ୍ତରୀ ହେବା ପ୍ରକ୍ରିୟାଟି ତ୍ୱରାନ୍ୱିତ ହୋଇ ଚାଲିଛି । ଅଥଚ ଦେଶର ଅବଶିଷ୍ଟ ଜନସଂଖ୍ୟା ଏ ବିଷୟରେ ଖୁବ୍ କମ୍ ଜ୍ଞାତ ।

ଏହି ଟେଷ୍ଟ ରେଞ୍ଜକୁ ସ୍ଥାୟୀ କରିବାକୁ ଏବେ ଆର୍ମି ନିଷତ୍ତି ନେଇଛି । ସୁତରାଂ ପାଲାମୁ ଓ ଗୁମ୍ଲାର ୧ ଲକ୍ଷ ୬୨ ହଜାର ଏକରରୁ ଉର୍ଦ୍ଧ୍ୱ ଜମି ଅଧିଗ୍ରହଣ କରାଯିବ । ଫଳତଃ ବିସ୍ଥାପିତ ହେବେ ଶତସହସ୍ର ମୁଣ୍ଡା, ଓରନ୍, ଅସୁର, ବିର୍ଜିଆ ଓ କିଶାନ ସଂପ୍ରଦାୟର ଆଦିବାସୀ । ସବୁଠାରୁ ପ୍ରାଚୀନ ସଂପ୍ରଦାୟ ବିର୍ହୋର୍ ମଧ ବିପର୍ଯ୍ୟସ୍ତ ହୋଇପାରନ୍ତି । ଆଦିବାସୀର ଏକମାତ୍ର ସମ୍ପଦ ଓ ସମ୍ବଳ ନିଜ ଚାଷ ଜମିକୁ ତ୍ୟାଗ କରିବାକୁ ପଡ଼ିବ, ପାଲାମୁ ଓ ଗୁମ୍ରା ଅଞ୍ଚଳର ନେତରହାଟ ଗୋଳାବାରୁଦ ପରୀକ୍ଷା ପ୍ରକଳ୍ପ ପାଇଁ ।

ଏହି ପ୍ରସ୍ତାବିତ ଗୋଳାବାରୁଦ ପ୍ରକଳ୍ପ ଦ୍ୱାରା ପର୍ଯ୍ୟାପ୍ତ ଜଙ୍ଗଲ ବିଧ୍ୱସ୍ତ ହେବ —ଏକଥା ଉପରେ କାହାରି ଦ୍ୱିମତ ନାହିଁ । ସରକାରୀ ଅଫିସରମାନେ କହନ୍ତି ଯେ, ପରବର୍ତ୍ତୀ ପର୍ଯ୍ୟାୟରେ ବେଟଲା ରାଷ୍ଟ୍ରୀୟ ଅଭୟାରଣ୍ୟକୁ ଏ ପ୍ରକଳ୍ପ ସଂକ୍ରମିତ କରିବ । ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ବିସ୍ତୃତ ଅଞ୍ଚଳକୁ ଏ ଧ୍ୱଂସ ପ୍ରକ୍ରିୟା ଗ୍ରାସ କରିବ । କିନ୍ତୁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ଆଦିବାସୀ—ଏଥିମଧ୍ୟରେ ଅଛନ୍ତି ସବୁଠୁଁ ପ୍ରାଚୀନତମ ଓ ଦରିଦ୍ରତମ ସଂପ୍ରଦାୟ ।

ଛୋଟ ନାଗପୁର ଅଞ୍ଚଳ ତମାମ ଏହି ବିସ୍ଥାପନ ଏକ ଗାଥାରେ ପରିଣତ— ପ୍ରତ୍ୟେକ ଲୋକ ମୁହଁରେ ସେହି କଥା । ଏଠାକାର ଲକ୍ଷ ଲକ୍ଷ ମଣିଷଙ୍କ ପାଇଁ ବଡ଼ ବଡ଼ ପ୍ରୋଜେକ୍ଟ ବହି ଆଣିଛି ବହୁ ଅଶ୍ରୁ ଓ ହତାଶାର ଆତଙ୍କ । ଏଥିମଧ୍ୟରେ ଅନ୍ତର୍ଭୁକ୍ତ ଜମି ଦଖଲ, ନଥିପତ୍ରର ଜାଲିଆତି, ବନ୍ଧନିର୍ମାଣ, କେତେକ ପ୍ରକାରର ଖଣି ଖନନ; ଅବଶ୍ୟ 'ବିକାଶ ଧାରା' । ଏହି ଉତ୍ପାଟିତ, ଛିନ୍ନମୂଳ ଜୀବନଗୁଡ଼ିକ ମଧ୍ୟରେ ସଂଖ୍ୟାଧିକ ହେଉଛନ୍ତି ଆଦିବାସୀ ଓ ଦଳିତ । ଏହାକୁ ବିରୋଧ କରିବାକୁ ସେମାନଙ୍କର ସାମର୍ଥ୍ୟ ଖୁବ୍ ସୀମିତ ଓ ଦୁର୍ବଳ ।

ସେକୁଆପାଣିର ଟେଷ୍ଟ ଫାୟାରିଂ ପରେ ଅସୁର ଆଦିବାସୀମାନେ ଯେତେବେଳେ ନିଜ ଘରକୁ ଫେରନ୍ତି, ସେମାନେ ହିସାବ କରନ୍ତି ସେମାନଙ୍କର

Digitized by srujanika@gmail.com

'ଦଳାଚକଟାରେ ବିପର୍ଯ୍ୟସ୍ତ ଫସଲ ଓ ଚୋରି ହୋଇଥିବା କୁକୁଡ଼ାର ମୂଲ୍ୟ ।' ଆର୍ମିର ଗାଡ଼ି ଯେତେବେଳେ ସେମାନଙ୍କ କ୍ଷେତବାଡ଼ି ଭିତର ଦେଇ ଯାଏ, ନିଜର ରୋଷଣୀ ପଥରେ ଦଳିଚକଟି ପକାଏ ଆଦିବାସୀର ପାଚିଲା ଫସଲ । ବେଳେବେଳେ ଏ କ୍ଷତି ଏକର ପିଛା ୭ ହଜାର ଟଙ୍କାକୁ ଟପିଯାଏ । ଏକଦା ଜଣେ ଗ୍ରାମ ମୁଖିଆ ମୋତେ କହିଲେ, "ଥରେ ଆମ ପାଖାପାଖି ପଡ଼ିଲା ଦୁଇଟା ବୋମା । ଅନେକ ସମୟରେ ତ ଗଛ ଉପୁଡ଼ି ପଡ଼େ । ଆଉସବୁ ଗଛ ଜଳିଯାଏ । ବେଳେବେଳେ ବୋମାଗୁଡ଼ା ତଳେ ପଡ଼ି ଆଉ ହାବେଳୀ ଭଳି ଉପରକୁ ଉଠେ ନାହିଁ ।"

ଏମିତି ଗୋଟେ ବୋମା ଗୋଟିଏ ଗାଁରେ ପଡ଼ିଥିବା ମୁଁ ଆଖିରେ ଦେଖିଛି । ବୋମାର ଏହି ଶୂନ୍ୟ କୋଷଟିର ଓଜନ ହେବ ୧୨ରୁ ୧୫ କି.ଗ୍ରା. । "ପ୍ରତିଥର ସେମାନେ ଯେତେବେଳେ ଗୋଳାବାରୁଦ ପରୀକ୍ଷା ପାଇଁ ଆସନ୍ତି, ଆମକୁ ଗାଁ ଛାଡ଼ିବାକୁ ୨୪ ଘଣ୍ଟାରୁ କମ୍ ସମୟର ନୋଟିସ୍ ଦିଆଯାଏ । ଆମକୁ ତରବର୍‌ରେ ଜିନିଷପତ୍ର, ରୋଷାଇ ସରଞ୍ଜାମ ଧରି ଚାରି କିଲୋମିଟର ଦୂର ଜଙ୍ଗଲକୁ ଧାଇଁବାକୁ ପଡ଼େ ।" - କହନ୍ତି ବଧିଭା ଅସୁର୍ ।

କ୍ଷତିଗ୍ରସ୍ତ ଗ୍ରାମମାନଙ୍କରେ ଏବେ ଅସନ୍ତୋଷ ଓ ପ୍ରତିବାଦର ନିଆଁ କୁହୁଳୁଛି । ଅନ୍ୟୁନ ପକ୍ଷେ ପାଲାମୁର ୧୯ଟି ଓ ଗୁମ୍‌ଲାର ୮୦ଟିରୁ ଉର୍ଦ୍ଧ୍ୱ ଗ୍ରାମରେ । ଜଣେ ଆଦିବାସୀ ନେତା ପାସ୍‌କାଲ୍ ମିଞ୍ଜ୍ କହନ୍ତି : "ସେମାନେ ଅଳ୍ପ ଅଳ୍ପ କରି ଗାଁ ଦଖଲ କରୁଛନ୍ତି । ଏକାବେଳକେ ଏତେ ଗାଁକୁ ବିସ୍ତରି ଗଲେ ପ୍ରତିବାଦର ସ୍ୱର ତୀବ୍ର ହେବା ଭୟରେ ଧୀରେ ଧୀରେ ଗାଁମାନଙ୍କୁ ଛୁଉଁଛନ୍ତି । ଲୋକଙ୍କୁ ଭୁଆଁ ବୁଲେଇବାର ଇଏ ଏକ ମପାଚୁପା କୌଶଳ ।" ମହୁଆଦାନାର ବ୍ଲକ୍‌ରେ ଜନମଙ୍ଗଳ ଅଧିକାରୀ ପଦରୁ ଅବସର ନେଇ ପସ୍‌କାଲ୍ ଏବେ ଆଦିବାସୀମାନଙ୍କୁ ତାଙ୍କ 'ଜନ ସଂଘର୍ଷ ସମିତି' ମାଧ୍ୟମରେ ସଂଗଠିତ କରୁଛନ୍ତି । ସେ ସ୍ୱୟଂ ଜଣେ ଆଦିବାସୀ ।

ପରସ୍ପର ବିରୋଧାଭାଷ ଜନିତ ସମ୍ବାଦ ପ୍ରକାଶନ ଏବଂ ମାପିଚୁପି ଉଦ୍ଦେଶ୍ୟମୂଳକ ଭୁଲ ତଥ୍ୟ ପ୍ରଦାନ ସୃଷ୍ଟି କରିଛି ପ୍ରଚୁର ଦ୍ୱନ୍ଦ୍ୱ । ପାଲାମୁରେ ଅନେକେ ବିଶ୍ୱାସ କରନ୍ତି ଯେ, ଏ ପ୍ରକଳ୍ପଟି ଆଉ ହେବନାହିଁ । ଗୁମ୍‌ଲାର ପୂର୍ବତନ ସାଂସଦ ଶିବପ୍ରସାଦ ସାହୁ ଏମନ୍ତ ପ୍ରଚାର କରିଥିବା ଜଣାଗଲା । ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସୁମତି ଓରାନ୍ ମଧ୍ୟ ଶ୍ରୀ ସାହୁଙ୍କ ପଦାଙ୍କ ଅନୁସରଣ କରି ଏତାଦୃଶ ପ୍ରଚାରର ଅନ୍ୟତମ ଅବଧାରିକା । ବାସ୍ତବପକ୍ଷେ ସରକାରୀ କାଗଜପତ୍ରରେ ଯୋଜନାଟି ପ୍ରତ୍ୟାହୃତ ହୋଇଥିବାର କୌଣସି ପ୍ରମାଣ ନାହିଁ ।

Digitized by srujanika@gmail.com

କଥା ହେଉଛି ଗୁମ୍‌ଲାର ଦୁଇଟି ବ୍ଲକ୍‌ରେ ଗୋଟିଏ ସେନାଛାଉଣୀ ନିର୍ମାଣର ଯୋଜନା ରହିଛି କି ବୋଲି ଶ୍ରୀ ସାହୁ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ଖଣ୍ଡିଏ ଚିଠି ଲେଖିଥିଲେ । ମନ୍ତ୍ରଣାଳୟ ସରଳ ଭାବେ ଉତ୍ତର ଦେଲେ ଯେ, ସେପରି କୌଣସି ପ୍ରସ୍ତାବ ନାହିଁ । ଆଦିବାସୀଙ୍କ ପ୍ରତି ସହାନୁଭୂତିଶୀଳ ଜଣେ କର୍ତ୍ତା କହିଲେ ଯେ, ''ପ୍ରତିରକ୍ଷା ମନ୍ତ୍ରଣାଳୟର ଏପରି ଉତ୍ତରଟି ଠିକ୍ । କାରଣ ପ୍ରସ୍ତାବ ରହିଛି ଗୋଳାବାରୁଦ ପରୀକ୍ଷା ପାଇଁ, ସେନାଛାଉଣୀ ନିର୍ମାଣ ପାଇଁ ନୁହେଁ ।'' ସାଂସଦ ସାହୁଙ୍କ ପଥାଙ୍କ ଅନୁସରଣ କରି ସମ୍ବାଦପତ୍ର ମଧ୍ୟ ସେଇମିତି ରିପୋର୍ଟ ପ୍ରକାଶ କରୁଛନ୍ତି । ସୁତରାଂ ପ୍ରତିରକ୍ଷା ବିଭାଗର ଏ 'ଅସ୍ୱୀକାର'କୁ ବାସ୍ତବରେ କେହି ଏଯାଏ ପ୍ରଶ୍ନ କରିନାହିଁ ।

ପାସ୍‌କାଲ ମିଞ୍ଜି ଓ ଅନ୍ୟମାନେ ବିଶ୍ୱାସ କରନ୍ତି ଯେ, ପ୍ରକଳ୍ପଟି ମୃତ ନୁହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ନିଶ୍ଚୟ ମୁଣ୍ଡ ଟେକିବ । ଶିରୋନାମାକୁ ନେଇ ଏତେସବୁ ଦ୍ୱନ୍ଦ୍ୱ । ଜଣେ କନିଷ୍ଠ ଅଫିସର କଥାଟିକୁ ନିମ୍ନ ଢଙ୍ଗରେ ବାଢ଼ନ୍ତି : ''ମନେ କରାଯାଉ ଆପଣ ମୋତେ ପଚାରିଲେ ଆପଣଙ୍କ ଗ୍ରାମଟି ଅମୁକ ଡ୍ୟାମ୍ ଦ୍ୱାରା ବୁଡ଼ିଯିବ କି ? ଯଦି ଏଇଟି ଗୋଟିଏ ରେଳଲାଇନ୍ ଦ୍ୱାରା ବିପର୍ଯ୍ୟସ୍ତ ହେବାକୁ ଯାଉଛି, ତେବେ ମୁଁ କହିବି ନା, ଡ୍ୟାମ୍ ଦ୍ୱାରା ଏହା ବୁଡୁନାହିଁ । କିନ୍ତୁ ମୁଁ ରେଳ ଲାଇନ୍ ବିଷୟରେ ନୀରବତା ଅବଲମ୍ବନ କରିବି ।''

''ସମସ୍ୟା ହେଉଛି ସେପରି ଦୁର୍ଗମ ଅଞ୍ଚଳକୁ ଯାଇ ବାସ୍ତବ ଘଟଣା ଅନୁଧ୍ୟାନ କରିବାକୁ ସମସ୍ତେ କୁଣ୍ଠିତ ।'' -କହିଲେ ଜନସଂଘର୍ଷ ସମିତିର ଜଣେ ସ୍ୱେଚ୍ଛାସେବୀ । ସେ ଠିକ କହିଛନ୍ତି । ସାଂସଦ ଶ୍ରୀ ସାହୁ ପ୍ରତିରକ୍ଷା ମନ୍ତ୍ରଣାଳୟରୁ 'ଅସ୍ୱୀକାର' ଉତ୍ତର ପାଇବାର କୋଡ଼ିଏ ଦିନ ପରେ ବି ଆର୍ମି ପକ୍ଷରୁ ସେ ଅଞ୍ଚଳର ମପାଚୁପା ଓ ନକ୍ସା ପ୍ରସ୍ତୁତି ଚାଲିଛି । ସିଧାସଳଖ ଭାବେ ଜବରଦଖଲ ହେବ ନେତର ହାଟ, ନୈନା, ହୁସ୍‌ମୁ, ନବଟୋଳି, ଚୋରମୁଣ୍ଡା, ହରମୁଣ୍ଡାଟୋଲି ଓ ଆରାହଣ ଭଳି ସାତଟି ଗ୍ରାମ । ବଂଧୁକ ଓ ଗୁଳିଚାଳନାର ଝାଡୁରେ ପହଁରି ଦିଆଯିବ ୬୩୦୦ ଏକର ଜମି । ମୁଁ ଏଥିମଧ୍ୟରୁ ପାଞ୍ଚଟି ଗାଁ ବୁଲିଛି । ପ୍ରକଳ୍ପର ଭବିଷ୍ୟତ ଉପରେ ସେମାନଙ୍କୁ ଅନ୍ଧକାରରେ ରଖାଯାଇଥିବା ସତ୍ତ୍ୱେ ସେସବୁର ଗ୍ରାମବାସୀ ଅନେକ କଥା ଜାଣନ୍ତି । ତେବେ ତାହା ଭିନ୍ନ ଏକ କାହାଣୀ ।

❖❖❖

Digitized by srujanika@gmail.com

ପ୍ରତିରକ୍ଷା ଝାଡୁଦାରର ସୁବିସ୍ତୃତ ସଫେଇକରଣ

ସେକୁଆପାଣି ଭଳି ଦୁର୍ଗମ ଗାଁରେ ପହଞ୍ଚିବା ଏମିତି ସହଜସାଧ୍ୟ ନୁହେଁ । ଇଏ ହେଉଛି ସେଇ ଗାଁ ଯେଉଁଠି ସେନାବହିନୀର ଗୋଳାବାରୁଦ ପରୀକ୍ଷାର ତୋପ ଖସି ପଡ଼ିଥିଲା । ବିପର୍ଯ୍ୟସ୍ତ ଗ୍ରାମଗୁଡ଼ିକ ଅଗମ୍ୟ ଅଭ୍ୟନ୍ତରରେ ଭିତରକୁ ଭିତରକୁ ଖେଳେଇ ହୋଇପଡ଼ିଛି । କେତେଗୁଡ଼ିଏ ବସ୍ତିରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର । ଲୋକଙ୍କ ଠାରୁ ତଥ୍ୟ ସଂଗ୍ରହ ଦିଗରେ ଆଗେଇଲେ ସେମାନଙ୍କ ବୈଚିତ୍ର୍ୟପୂର୍ଣ୍ଣ ଭାଷା ଆହୁରି ଅନ୍ତରାୟ ହୋଇଉଠେ । ତୋପରୁ ଝରିଥିବା ଲୌହପିଣ୍ଡକୁ ଦେଖେଇବାକୁ ଲୋକମାନେ ପ୍ରଥମେ କୁଣ୍ଠିତ ଥିଲେ । ସେନାବାହିନୀର ଏହି ଧ୍ୱଂସମୁଖୀ ଗୋଳାକୁ ପଡ଼ୋଶୀ ଇଲାକା ଲୋହାର ଦଗାରେ ଥିବା ପାରମ୍ପରିକ କମାରକୁ ବିକ୍ରିକରି ଏହି ଆଦିବାସୀମାନେ କିଛି ଉପାର୍ଜନ କରିପାରୁଥିଲେ । ତାଣ୍ଡବଲୀଳାରେ ଅନ୍ତତଃ ପକ୍ଷେ ଲାଳିତ୍ୟ ଆଣିପାରୁଥିଲେ । କାଳେ ସେନାବାହିନୀ ଏ କଥାଟି ଜାଣିଲେ ଯାହାକିଛି ଭଙ୍ଗାଲୁହା ଫୋପାଡ଼ି ଦେଉଥିଲା ସେତକ ପୁଣି ଲୋକଙ୍କ ଠାରୁ ଛଡ଼ାଇନେବ—ଏଇ ଭୟ ହିଁ ଆଦିବାସୀଙ୍କ ମଧ୍ୟରେ ଆଣିଥିଲା କୁଣ୍ଠା ଓ ଅନାଗ୍ରହ; ସୁତରାଂ ନୀରବତା ।

ଲୋକଙ୍କ ଠାରୁ ଜାଣିବାକୁ ମିଳିଲା ଯେ, ତୋପ ଫୁଟି ତଳେ ପଡ଼ିବା ପରେ ସେ ଲୁହା ସେଲ୍‌କୁ ସାଉଣ୍ଟି ଆଣିଲା ବେଳେ ସେଇଟି ହାତରେ ଫୁଟିବାରୁ କିଛି ଲୋକଙ୍କ ପ୍ରାଣ ଯାଇଛି । ଆର୍ମି ପକ୍ଷରୁ ଏହି ଗୋଳାବାରୁଦ ପରୀକ୍ଷା ସ୍ଥଳୀଟି ସ୍ଥାୟୀ କରିବାର ପ୍ରସ୍ତାବ ଦ୍ୱାରା ଗୁମ୍‌ଲା ଓ ପାଲାମୁର ବହୁ ଗାଁ ଗଣ୍ଡା ବିପର୍ଯ୍ୟସ୍ତ ହେବାର ଆଶଙ୍କାରେ ଥରହର ଏବଂ ସଂପ୍ରତି ଦୁଇପ୍ରକାରେ ଗାଁ କ୍ଷତିଗ୍ରସ୍ତ ହେବାକୁ ଯାଉଛି—ଗୋଟିଏ 'ଅଧିଗ୍ରହଣ', ଅନ୍ୟଟି 'ବିଜ୍ଞାପିତ' ।

'ଅଧିଗ୍ରହଣ' ତାଲିକାଭୁକ୍ତ ଗ୍ରାମଗୁଡ଼ିକୁ ଜବରଦଖଲ କରାଯିବ ଏବଂ 'ବିଜ୍ଞାପିତ' ଗ୍ରାମଗୁଡ଼ିକର ଲୋକମାନେ ଗୋଳାବାରୁଦ ପରୀକ୍ଷା ବେଳେ ଡେଙ୍ଗୁରା ପାଇ ଗାଁ ଖାଲି କରିଦେବେ । ପରୀକ୍ଷାସ୍ଥଳୀଟି ସ୍ଥାୟୀ ହେବାଯାଏ ଏମିତି ଲୋକମାନଙ୍କୁ ବାରମ୍ବାର ଗାଁ ଛାଡ଼ି ନିରାପଦ ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ପଡ଼ିବ ଏବଂ ଏହି କାର୍ଯ୍ୟ ପାଇଁ ଦୈନିକ କ୍ଷତିପୂରଣ ମିଳିବ ମୁଣ୍ଡପିଛା ଦେଢ଼ଟଙ୍କା । ଏପରିକି ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟଟି ଏହି 'ବିଜ୍ଞାପିତ' ତାଲିକାରେ ଆସୁଛି । ସୁତରାଂ ବ୍ଲକ୍‌ର ବି.ଡି.ଓ.ଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଓ କର୍ମଚାରୀଙ୍କୁ ଏହି ଗୋଳାବାରୁଦ ପରୀକ୍ଷା ବେଳେ

Digitized by srujanika@gmail.com

କାର୍ଯ୍ୟାଳୟ ଓ ବାସଗୃହ ଛାଡ଼ି ଦୂରସ୍ଥ କୌଣସି ଏକ ନିରାପଦ ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିବାକୁ ପଡ଼ିବ । ତେବେ ଏହା ଛୋଟକାଟିଆ ଏକ ହିସାବ । ଚୂଡ଼ାନ୍ତ ପର୍ଯ୍ୟାୟରେ ୧୨୦ଟି ଗ୍ରାମର ମଣିଷଙ୍କୁ ସବୁଦିନ ପାଇଁ ସ୍ଥାୟୀ ଭାବେ ଅନ୍ୟତ୍ର ଉଠିଯିବାକୁ ହେବ ।

ଏବେଠୁଁ ଏହାର ପ୍ରଭାବ ଭୟାବହ ହେବା ଆରମ୍ଭ କଲାଣି । ଚୋରମୁଣ୍ଡା ଅଞ୍ଚଳରେ ଜମିର ମୂଲ୍ୟ ଖସି ଖସି ଚାଲିଛି । ବିଭାଘର କାମରେ ଆଦିବାସୀଟିଏ ଛୋଟ ଜମି ଖଣ୍ଡେ ବିକ୍ରିକରି ଜ୍ଞାତି କୁଟୁମ୍ବଙ୍କୁ ଭୋଜି ଦେଇଥାଏ । କିନ୍ତୁ ଜମି କିଣିବାକୁ କେହି ନଥିବାରୁ ତଥା ଯାହିତାହି ମୂଲ୍ୟରେ ଏହା ବିକ୍ରି ହେଉଥିବାରୁ କେତେଗୁଡ଼ିଏ ବିଭାଘର ଅଟକି ଯାଇଛି ବା ଗଣ୍ଡଗୋଳ ଉପୁଜିଛି ।

ବିସ୍ଥାପନର ପ୍ରତୀକ୍ଷାରେ ଥିବା ଏହି ଗ୍ରାମମାନଙ୍କରୁ କେତୋଟିରେ ରହୁଛନ୍ତି କିଛି ଯଓ୍ୱାନ । ଲୋକଙ୍କ ଅବସ୍ଥା ଦେଖି ସେମାନେ ସମ୍ବେଦନଶୀଳ, କିନ୍ତୁ କେଉଁ କୂଳର ହୋଇପାରୁନାହାନ୍ତି । ଏକ ଦ୍ୱନ୍ଦାତ୍ମକ-ବିଶ୍ୱାସନୀୟତା । ମାତ୍ର ଗୋଟିଏ କଥାରେ ଲୋକଙ୍କ ଭିତରେ କୌଣସି ଦ୍ୱନ୍ଦ୍ୱ କି ଦ୍ୱିଧା ନାହିଁ । ଗୋଳାବାରୁଦ ପ୍ରକଳ୍ପକୁ ବିରୋଧ କରିବା ପାଇଁ ପ୍ରତି ଗ୍ରାମରେ ରହିଛି ଦୃଢ଼ତା ଓ ଐକ୍ୟ । ଆଜି ପର୍ଯ୍ୟନ୍ତ ଲୋକଙ୍କୁ ବିଶ୍ୱାସକୁ ନେଇ କୌଣସି ସରକାରୀ ଅଫିସର କୌଣସି ଗୋଟିଏ ହେଲେ ବି ଗାଁକୁ ଆସି ଲୋକଙ୍କ ସହ କଥାବାର୍ତ୍ତା କରିବାକୁ ସାହସ କରିନାହାନ୍ତି ।

''ଜଣେହେଲେ ବି ହାକିମହୁକୁମା ଆମକୁ ଏଯାଏ ଭେଟି ନାହାନ୍ତି, କି ଗାଁ ଛାଡ଼ିବା ପାଇଁ ଆମକୁ ନୋଟିସ୍ ମିଳିନି । ଆମେ ଦେଖୁଛୁ ସେମାନେ ଜାଗାବାଡ଼ି ମପାଚୁପା, ସର୍ଭେ କରୁଛନ୍ତି । ଆମେ ଜାଣୁ, ଆମକୁ ଏଠୁଁ ହଟାଇବାକୁ ଚକ୍ରାନ୍ତ ଚାଲିଛି । ହେଲେ ଆମେ ଜମି ଛାଡ଼ିବୁ ନାହିଁ, ଲଢ଼ିବୁ-ଦାନ୍ତ ଲଗେଇ ଲଢ଼ିବୁ ।'' କହନ୍ତି ପାକ୍ରିଫଟ୍ ଗାଁର ମୁଖିଆ ମାନୁଏଲ୍ ମିଞ୍ଜ୍ । ହୋର୍‌ମୁଣ୍ଡା, ତିଥୁରୁମୁଣ୍ଡା ଓ ଅନ୍ୟାନ୍ୟ ଗ୍ରାମମାନଙ୍କରେ ସମଧର୍ମୀ ପ୍ରତିକ୍ରିୟା ଓ ଲଢ଼ିବାର ମନୋବୃତ୍ତି ବଳବତ୍ତର ରହିଛି । ସାର୍ବଜନୀନ ଏକ ସ୍ଲୋଗାନ୍ ପବନରେ ଫିଟି ପଡୁଛି—''ହମ୍ ଜାନ୍ ଦେ ଦେଙ୍ଗେ, ଲେକିନ୍ ଜମିନ୍ ନେହିଁ ଦେଙ୍ଗେ ।''

ଆରାହଣ ଗ୍ରାମରେ ମୁଁ ବିର୍‌ଜିଆ ଆଦିବାସୀଙ୍କୁ ପଚାରିଲି—'ତୁମେମାନେ ତୁମ ଏମ୍.ଏଲ୍.ଏଙ୍କୁ କାହିଁକି କହୁନାହଁ ।' ଲୋକଙ୍କର ସରଳ ଉତ୍ତର ଥିଲା—'ସିଏ କୋଉଠି ରହନ୍ତି ଆମେ ଜାଣୁନା ।' କାହିଁ କେତେଯୁଗ ଧରି ଏଠାର ବିଧାୟକ କି ସାଂସଦ ଏ ଅଞ୍ଚଳର ମାଟି ମାଡ଼ିନାହାନ୍ତି । ଉଭୟେ ବି.ଜେ.ପି ଦଳର ଏବଂ ତାଙ୍କ ଦଳ ଗୋଳାବାରୁଦ ରେଞ୍ଜ ପ୍ରତିଷ୍ଠାକୁ ସମର୍ଥନ କରେ ।

Digitized by srujanika@gmail.com

ଆର୍ମି କହେ ସେ ଏଠାରେ କ୍ୟାଣ୍ଟନ୍‌ମେଣ୍ଟ ବା ସେନାଛାଉଣୀ କରିବ ନାହିଁ । ମାତ୍ର ଟେଷ୍ଟ ରେଞ୍ଜ କରିବ କି ନାହିଁ ସେନେଇ ନୀରବ । ପାଲାମୁ ଛାତ୍ର ସଂସଦ ଚିଠି ଖଣ୍ଡେ ଆଣିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରାଜେଶ ପାଇଲଟ୍‌ଙ୍କ ଠାରୁ । ଘଟଣା ବିଷୟରେ ସେ ମନୋନିବେଶ କରୁଛନ୍ତି ବୋଲି ଚିଠିରେ ସେତିକି ଉଲ୍ଲେଖ ଅଛି । ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ସୁମତି ଓରାନ୍‌ଙ୍କ ପାଖକୁ ପ୍ରଧାନମନ୍ତ୍ରୀ ନରସିଂହ ରାଓ ଲେଖିଥିବା ଚିଠିରେ ଏହି ଟେଷ୍ଟରେଞ୍ଜ ନହେବା ଉପରେ କିଛି ଉଲ୍ଲେଖ ନାହିଁ । ଆର୍ମି 'ନାସ୍ତିବାଣୀ' ଶୁଣାଇବାର ଢେର୍ ପରେ ଏ ଦୁଇଟି ଚିଠି ଆସିଛି ।

ପ୍ରକଳ୍ପଟି କାର୍ଯ୍ୟକାରୀ ହେଲେ ନେତରହାଟ ନିକଟସ୍ଥ ମୁଖ୍ୟ ଜଳସ୍ରୋତକୁ ସେନାବାହିନୀ ନିଜ ଦଖଲକୁ ନିଶ୍ଚୟ ନେବ । ବେତଲା ଓ ନେତରହାଟ ପାର୍ବତ୍ୟ-ପର୍ଯ୍ୟଟନ ଭଳି ଏକ ସମୃଦ୍ଧ ବ୍ୟବସାୟରେ ଏ ପ୍ରକଳ୍ପ ସବୁଦିନ ପାଇଁ ତାଲା ପକାଇ ଦେବ । କୋଟି କୋଟି ଟଙ୍କାର ହୋଟେଲ ସଂପଦ ଉଜୁଡ଼ା ଅଚଳ ହୋଇ ରହିବ । ଜଙ୍ଗଲ ବିଭାଗ ଡାକବଙ୍ଗଳା ଓ ବ୍ରିଟିଶ୍ ଅମଳର ସ୍ଥାପତ୍ୟ କଳାର ନିଦର୍ଶନ ଚିରସ୍ଥାୟୀ ଭାବେ ବୁଡ଼ିଯିବ । ମହୁଆଦାନାର ବ୍ଲକ୍‌ର ମୁଖ୍ୟ ରାସ୍ତାଟି ହେବ ଅବରୁଦ୍ଧ । ରାଞ୍ଚିକୁ ଥିବା ଦୂରତ୍ୱ ୧୮୦ ରୁ ୨୫୦ କି.ମି.କୁ ଏବଂ ବନାରୀକୁ ଦୂରତ୍ୱ ୬୦ ରୁ ୨୮୦ କି.ମି.କୁ ପ୍ରଲମ୍ବିତ ହୋଇଯିବ, ଅନେକ ଜଳସେଚନ ଯୋଜନା ଅକାମୀ ହୋଇପଡ଼ିବ । ସେନାବାହିନୀ ପକ୍ଷରୁ ପ୍ରକଳ୍ପ ପରିସର ପ୍ରାୟ ୬୦ କି.ମି.ରୁ ଅଧିକ ହେବ । ଏସବୁକୁ କୌଣସି ଭାବେ ଭରଣା କରିହେବ ନାହିଁ କି ବଦଳାଇ ହେବ ନାହିଁ । ଏଥର ପ୍ରକଳ୍ପଟି ସ୍ଥାୟୀ ହୋଇଯିବ ।

ଅନ୍ୟୂନ ପକ୍ଷେ ବାରଟି ସ୍କୁଲର କୋଠାଘର ଚାଲିଯିବ । ଏହାସହ ଚାଲିଯିବ ଏକାଧିକ ରାଜସ୍ୱ ଡାକବଙ୍ଗଳା ଓ ପଞ୍ଚାୟତ ଭବନ । କିନ୍ତୁ ନେତରହାଟ ସ୍ଥିତ ପବ୍ଲିକ୍ ସ୍କୁଲଟି ମିଲିଟାରୀ ହାତରୁ ବାଦ ପଡ଼ିଛି । ''କାରଣ ସେଠାରେ ପଢ଼ିବେ ସେମାନଙ୍କର ପିଲା । ନାତିଶୀତୋଷ୍ଣ ଜଳବାୟୁ ଓ ମନୋରମ ଦୃଶ୍ୟରାଜିର ଏହି ହିଲ୍ ଷ୍ଟେସନ୍‌କୁ ଅକ୍ତିଆର କରିବା କୌଶଳରେ ସେନାବାହିନୀକୁ କେହି ବଳିଯିବେ ନାହିଁ ।'' -କହିଲେ ଜଣେ ଅବସର ପ୍ରାପ୍ତ ଅଫିସର ।

ବିପର୍ଯ୍ୟସ୍ତ ହେଉଥିବା ଅଞ୍ଚଳର ଯେଉଁଆଡ଼କୁ ଆଖି ବୁଲେଇଲେ ଅପୂର୍ବ ଶାଳବନସ୍ତର ଶୋଭାରାଜି ତନ୍ଦ୍ରିଳ କରିପକାଏ ମନ ଓ ନୟନ । କେତେ ଛୋଟ ଝର ଓ ଦୁର୍ଲଭ ବନୌଷଧିର ଭଣ୍ଡାର ସେ ଇଲାକା । ବେତଲାର ରାଷ୍ଟ୍ରୀୟ ଅଭୟାରଣ୍ୟ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଏବଂ ସଂଲଗ୍ନ ନିଘଞ୍ଚ ବନାନୀ ହେଉଛି ୮୫

Digitized by srujanika@gmail.com

ହଜାରରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀଙ୍କ ନିର୍ଭୟ ଆଶ୍ରୟସ୍ଥଳୀ, ଏଠାରେ ଅଛନ୍ତି ୫୭ ବାଘ, ୬୦ ଚିତାବାଘ, ୩୦୦ ଗୟଳ, ୧୧୫ଟି ବଣୁଆ ହାତୀ । ହରିଣ, ମୟୂର, କୁତ୍ରା, ସମ୍ବର, ଝିଙ୍କ ଠାରୁ ବହୁ ଛୋଟ ବଡ଼ ପଶୁ ଓ ପକ୍ଷୀଙ୍କ ଗହଳିରେ ଅରଣ୍ୟଟି କୋଳାହଳମୟ । ମାତ୍ର ଗୋଳାବାରୁଦର କୋଳାହଳରେ ଅବଶ୍ୟମ୍ଭାବୀ ଭାବେ ଭୁଷୁଡ଼ି ପଡ଼ିବ ସେ ଅରଣ୍ୟର ଆଦିମ ସଂଗୀତ ।

ଜନ ସଂଘର୍ଷ ସମିତିର ଜଣେ ସ୍ୱେଚ୍ଛାସେବୀଙ୍କ ଆକଳନ ଅନୁଯାୟୀ - "ଏ ପ୍ରୋଜେକ୍ଟଟି ଭବିଷ୍ୟତରେ ଭାରତର ଦ୍ୱିତୀୟ ସର୍ବବୃହତ୍ତମ ଗୋଳାବାରୁଦ ପରୀକ୍ଷାସ୍ଥଳୀ ଓ ସେନାଛାଉଣୀ ପାଲଟିବ ।" ତାଙ୍କ କଥାକୁ ଏକକ ଦୃଷ୍ଟିରେ ଚୂଡ଼ାନ୍ତ ଭାବେ ନିଆଯାଇ ନପାରେ । ମାତ୍ର ମହୁଆଦାନାର ସ୍ଥିତ ରୋମାନ କାଥଲିକ୍ ମିଶନର ଅନ୍ତେଃବାସୀମାନେ ମୋତେ କହିଲେ ଯେ, ଖୋଦ୍ ମିଲିଟାରୀ ଅଫିସରଙ୍କ ବୟାନ ଅନୁଯାୟୀ ସେଠାରେ ଗୋଟିଏ କୁକୁଡ଼ା ଫାର୍ମ ହେବାକୁ ଯାଉଛି, ଯେଉଁଠୁ ପ୍ରତିଦିନ ୧ ଲକ୍ଷ ଅଣ୍ଡା ସେନାବାହିନୀ ପାଇଁ ମିଳିପାରିବ ।

ତେବେ ବିଭିନ୍ନ ମହଲରୁ ପ୍ରତିବାଦର ସ୍ୱର କ୍ରମେ ଶୁଭିଲାଣି । ପ୍ରୋଜେକ୍ଟ ଟାଇଗରକୁ ଆକ୍ରାନ୍ତ କରୁଥିବା ଯେକୌଣସି ଧରଣର ବିକାଶ ପ୍ରତି ନିଶ୍ଚୟ ବିଶ୍ୱସ୍ତରୀୟ ପ୍ରତିରୋଧ ଆସିବ । ବିହାର ସରକାରର କିଛି ମହଲରୁ ଟେଷ୍ଟ ରେଞ୍ଜକୁ ବିରୋଧ କରାଯାଉଛି । କିଛି ଅଫିସର ଏହି ଜମି ଅଧିଗ୍ରହଣକୁ ବିରୋଧ କରି କୋର୍ଟ କଚେରୀକୁ ଗଲେଣି । ଡାଲ୍ଟନ୍‌ଗଞ୍ଜ ଓ ଗୁମ୍‌ଲାରେ ଏହା ବିରୋଧରେ ପ୍ରତିବାଦ ଶୋଭାଯାତ୍ରା ବେଶ୍ ପ୍ରଭାବଶାଳୀ ହୋଇଥିଲା । କ୍ଷତିଗ୍ରସ୍ତ ଲୋକଙ୍କ ସଂଗଠନ ପ୍ରତି ବହୁ ଦିଗରୁ ଚାପ ଆସୁଥିଲେ ହେଁ ସେମାନେ ନଇଁ ଯାଇ ନାହାନ୍ତି । ତାହାହିଁ ପ୍ରମାଣିତ କରୁଛି ସେମାନଙ୍କ ଏକତାର ସୁଦୃଢ଼ତା ଏବଂ ଏହାର ମୂଳ ପ୍ରେରଣାଟି ଅତ୍ୟନ୍ତ ମାର୍ମିକ । ଆରାହଣର ଫୁଲମଣି ଦେବୀ-ବିର୍‌ଜିଆଙ୍କ ଭାଷାରେ : "ସବୁଠୁଁ ଭଲ ହେବ ସେମାନେ ଯଦି ଆମକୁ ଜୀବନରେ ମାରିଦିଅନ୍ତି । ଆମର ଜମି ବିନା ଆମେ ମରିଯିବୁ । ତେଣୁ ଯେମିତି ହେଲେ ମଲେ ଭଲ । ମିଲିଟାରୀବାଲା ଆମଆଡ଼କୁ ଯେଉଁ ଦି'କଡ଼ା ପଇସା ଫୋପାଡ଼ି ଦେବେ, ସେଥିରେ କି ଜମି କିଣିହେବ ଭଲା କୁହ !" ପାସ୍‌କାଲ୍ ମିଞ୍ଜ କହନ୍ତି : "ପାର୍ବତ୍ୟାଞ୍ଚଳର ଏହି ଆଦିବାସୀମାନେ ଉଚ୍ଛେଦ ହୋଇ ସମତଳକୁ ଗଲେ ବଡ଼ ଅସହାୟ ହୋଇପଡ଼ିବେ, ଯେହେତୁ ସେମାନେ ଜଙ୍ଗଲ ଉପରେ ନିର୍ଭର କରି ହିଁ ଚଳି ଆସିଛନ୍ତି । ସେମାନଙ୍କ ମଧ୍ୟରୁ କେତେକ ସଂପ୍ରଦାୟ ନିଶ୍ଚିହ୍ନ ହୋଇଗଲେଣି, ଆଉ କିଛି ଅପସୃୟମାଣ ।" ଏବଂ ନେତରହାଟ ଫାୟାରିଂ ରେଞ୍ଜ ହେଉଛି ଏକ

Digitized by srujanika@gmail.com

ପରୀକ୍ଷାମୂଳକ ପ୍ରକଳ୍ପ । ଏହି 'ପରୀକ୍ଷାମୂଳକ' ଶବ୍ଦ ହିଁ କହୁଛି ଏହା ପଛକୁ ପଛ ଆହୁରି ଅନେକ ଆସିବ ।

ବିଡ଼ମ୍ବନା ହେଉଛି, ଯଦି ପ୍ରୋଜେକ୍ଟ ବନ୍ଦ ହୋଇଯିବ ତେବେ କେବଳ 'ପରିବେଶଗତ' କାରଣରୁ ହେବ; ହଜାର ହଜାର ମଣିଷ ବିପନ୍ନ, ଉଚ୍ଛନ୍ନ ହେଉଥିବା ଦୃଷ୍ଟିରୁ ନୁହେଁ । ଦ୍ୱିତୀୟ କାରଣ ହେବ ଆର୍ଥିକ ଦୁଃସ୍ଥିତି । ଏ ପ୍ରକଳ୍ପ ପାଇଁ ଆମି ପାଣ୍ଠିରେ ଅଛି ୮୦ କୋଟି ଟଙ୍କା, ମାତ୍ର ବ୍ୟୟ ହେବ ଏହାର ଦ୍ୱିଗୁଣ । ଆଇନ୍ ଦାବି କରୁଛି—କୌଣସି ପ୍ରୋଜେକ୍ଟରେ ଯେତେ ଗଛ ନଷ୍ଟ ହେବ, ଦୁଇଗୁଣା ଗଛ ଲଗାଇ ସେ କ୍ଷତିକୁ ଭରଣା କରାଯିବ । ଅର୍ଥାତ୍ ବିନଷ୍ଟ ଜଙ୍ଗଲ ଅଞ୍ଚଳର ଦୁଇଗୁଣିତ ଅଞ୍ଚଳରେ ବୃକ୍ଷରୋପଣ—ଏଇଟିକୁ ଆମି କଦାପି ପୂରଣ କରିପାରିବ ନାହିଁ ।

ଜଣେ ଅଫିସର ବ୍ୟଙ୍ଗାତ୍ମକ ଭାବେ କହିଲେ—"ବୁଝିଲେ ନା, ବିପନ୍ନ ଆଦିବାସୀ ଅପେକ୍ଷା ଗଛ ଆଉ ପଶୁପକ୍ଷୀ ଅଧିକ ବିଶ୍ୱସ୍ତରୀୟ ପ୍ରତିବାଦକୁ ଆହ୍ୱାନ କରିବେ ।"

କିନ୍ତୁ ଜଣେ ପୁରୁଖା ଆଦିବାସୀ ବୁଢ଼ା କୁନ୍ଦ୍ରା କିଶାନ କହିଲେ—"ଯଦିବା ଗୁଳିଗୋଳା ଫୁଟାଫୁଟିର ଏ ହୋହାଲ୍ଲା ବନ୍ଦ ହୋଇଯାଏ, ତେବେ ବି ଲୋକ ଜାଣନ୍ତୁ ଆମେ ଆଦିବାସୀମାନେ ନିଜ ଭୂଇଁରେ କେମିତି ହିନିମାନ ହୋଇ ବଞ୍ଚୁଛୁ । ଆମକଥା ଦୁନିଆଁ ଜାଣୁ ।"

❖ ❖ ❖

Digitized by srujanika@gmail.com

ପ୍ରଗତିର ଚକ ତଳେ ଚୂର୍ଣ୍ଣ-ଚକଟା ଜୀବନ : ଚିକାପାର

ମୂଷଳଧାରାରେ ଢାଳୁଛି ମେଘ । ଘଡ଼ଘଡ଼ି, ବିଜୁଳିରେ ଚମକୁଛି ମେଦିନୀ । ଚଉଦିଗ ନିରନ୍ଧ୍ର ଅନ୍ଧକାର । ଜଙ୍ଗଲର ଗହନ ପଥ । ଏମିତି ଏକ ବର୍ଷଣମୁଖର ରାତିରେ ମୁଣ୍ଡରେ ବୋଝ ମୁଣ୍ଡେଇ, ଗାଈ ଅଡ଼େଇଲା ପରି ପାଞ୍ଚଟି ବାଳୁତ ପିଲାଙ୍କୁ ଆଗେ ଆଗେ ଅଡ଼େଇ ମୁକ୍ତା କଦମ ଚାଲିଥିଲା ଦୁର୍ଗମ, ଲକ୍ଷ୍ୟହୀନ ପଥ । ସେ ଜାଣେନା ସେ କୁଆଡ଼କୁ ଯିବ । ଆଖିରୁ ତା'ର ଝରି ପଡୁଥିଲା ଅସହାୟତାର ଧାରାଶ୍ରାବଣ । ତା' ଗାଁ, ପୁରୁଷ ପୁରୁଷର ଭିଟାମାଟି ଚିକାପାରରେ ବସିବ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍‌ର ମିଗ୍ ବିମାନ କାରଖାନା । ତେଣୁ ତାକୁ ଏକ ବର୍ଷା ତୋଫାନର କାଳରାତିରେ ଛାଡ଼ିଯିବାକୁ ହେବ ଗାଁ, ଘର । ଉଜାଡ଼ି ଦେବାକୁ ହେବ ସଂସାର ।

''ଆମେ ଜାଣିନଥିଲୁ ଆମେ କୁଆଡ଼େ ଯିବୁ । ସାଇବ ଲୋକ ଆମକୁ ଝିଙ୍ଗାସିଲେ, ଗାଁ ଛାଡ଼ିବାକୁ କହିଲେ । ସେ କାଳ ରାତି କଥା ମନେ ପଡ଼ିଲେ ଏବେ ବି ଦିହ ଥରେ ।'' ସେ ଥିଲା ୧୯୬୮ର ଘଟଣା । ସେ କଥା ମନେ ପକାଇ ମୁକ୍ତାର ଆଖି ଏବେ ବି ଛଳଛଳ ହୋଇଉଠେ ଲୁହରେ, କଣ୍ଠସ୍ୱର ଅବରୁଦ୍ଧ ହୋଇଯାଏ କୋହରେ । ଗଦବା ସଂପ୍ରଦାୟର ତରୁଣୀ ମୁକ୍ତା । ସେତେବେଳେ ଜାଣିନଥିଲା ଯେ, ତା' ଗାଁର ୪୦୦ରୁ ୫୦୦ ଏକତ୍ର ସମ୍ଭବ ସୁଖି ଦୁଃଖୀ ପରିବାର ହୋଇ ବଞ୍ଚିଥିବା ମଣିଷମାନଙ୍କୁ ଜୀବନରେ ଆହୁରି ଦୁଇବାର ବିସ୍ଥାପନର ଏଭଳି ହିନିମାନ, କଦର୍ଥନା ଭୋଗିବାକୁ ପଡ଼ିବ । ଏବେ ମୁକ୍ତା ତା'ର ବାର୍ଦ୍ଧକ୍ୟରେ ।

କୋରାପୁଟର ପାହାଡ଼ ଜଙ୍ଗଲ ଭରା ମାନଚିତ୍ରରେ ଚିକାପାର ହେଉଛି ଅନ୍ୟମାନଙ୍କ ପରି ଏକ ଅଲୋଡ଼ା ଅଖୋଜା ଗାଁ । ତେବେ ସମଗ୍ର ଭୂ-ଖଣ୍ଡର ଭୂଗୋଳରେ ଏପରି ଏକ ଗାଁ ନାହିଁ ଯିଏ ବିକାଶ ଓ ସମୃଦ୍ଧିର ଦ୍ୱାହି ନାମରେ ତିନିଥର ବିସ୍ଥାପନର ଅଭିଶାପ ନ ଭୋଗିଛି । ଷାଠିଏ ଦଶକରେ ମିଗ୍ ବିମାନ କାରଖାନା ପ୍ରତିଷ୍ଠା ପାଇଁ ସେମାନଙ୍କୁ ଉଚ୍ଛେଦ କରାଗଲା । ସେମାନେ ପୁନଶ୍ଚ ନିଜ ଜମିରେ କୁଡ଼ିଆ ତୋଳି ରହିଲେ ଏବଂ ଜନ୍ମମାଟିର ସ୍ମୃତିରେ ରୋମାଞ୍ଚିତ ହୋଇ ନୂଆ ବସତିର ନାମ ରଖିଲେ ଚିକାପାର ।

ପୁନଶ୍ଚ ୧୯୮୭ରେ ଦ୍ୱିତୀୟ ଚିକାପାର ଗ୍ରାମର ଆଗନ୍ତୁକ ବାସିନ୍ଦାମାନଙ୍କ ଭାଗ୍ୟାକାଶରେ ଘୋଟିଗଲା ପୁନର୍ବାର ଅଭିଶାପର କଳାମେଘ । ଆବାଳ ବୃଦ୍ଧବନିତା

Digitized by srujanika@gmail.com

ସଭିଙ୍କୁ ପୁଣି ଜାଗା ଛାଡ଼ିବାକୁ ହୁକୁମ ମିଳିଲା । ପ୍ରଥମ ବିସ୍ଥାପନ ପାଇଁ ସେଯାଏ ଅନେକେ ପାଇନଥିଲେ କ୍ଷତିପୂରଣ । ଏଥର ସେମାନେ କହିଲେ ଅପର କୋଲାବରେ ବହୁମୁଖୀ ଯୋଜନା ପାଇଁ ଭୂଇଁ ଓ ଭିଟା ଛାଡ଼ିବାକୁ ହେବ । 'ଦେଶ ବିକାଶ'ର ପୁନଃ ପୁନଃ ଦୁହାଇ । ବିଜୁଳି କର୍ଷଣ ହେବ; ଜଳବର୍ଷଣ ହେବ । ନୌବାହିନୀର ଗୁଳିଗୋଳା ଗୋଦାମ ରହିବ ।

ଏଥର ମୁକ୍ତା ପୁଣି ଭିଟାମାଟି ଉପରୁ ଉଠିଲା ଅସହାୟତାର ବାହୁ ମେଲାଇ ନିଜର ନାତିନାତୁଣୀଙ୍କ ସହ । "ଆଗ ଥର ପରି ଏଥର ବି ମେଘ ଡାକୁଥିଲା । ପବନ ଗର୍ଜୁଥିଲା । କେଉଁଠାକୁ ଯିବୁ ଜଣା ନଥିଲା । ବର୍ଷାରେ ତିନ୍ତି ଆମେ ଗୋଟେ ପୋଲ ତଳେ ଆଶ୍ରୟ ନେଲୁ ଏବଂ ସେଇଠି ରହିଲୁ କିଛିଦିନ ।"—ମୁକ୍ତା କଣ୍ଠରେ ଚହଲି ଉଠେ ଅବିଶ୍ୱାସ ଓ ଅଭିସଂପାତର ସ୍ୱର । ମୁକ୍ତା ଭଳି ଅର୍ଜୁନ ପାମ୍‌ଜା ମଧ୍ୟ ଥିଲେ ସେହି ସୁପ୍ରାଚୀନ ଗଦବା ସଂପ୍ରଦାୟର ଜଣେ ବାସଚ୍ୟୁତ ମଣିଷ । ସେ ଜାଣନ୍ତି ବିସ୍ଥାପନର ହେତୁ : ଧନୀ ଚାଷୀର ଜମି ସେଚନ ଓ ସହରୀ ମଣିଷ ପାଇଁ ବିଜୁଳି ଉତ୍ପାଦନ । ଦ୍ୱିତୀୟ ଚିକାପାରର ଏ ଜମି ଓ ଘର ଥିଲା ସେମାନଙ୍କର ନିଜର ।

ପୁଣି ଆତ୍ମବଳ ସଂଗ୍ରହ କରି ସେମାନେ ତୋଳିଲେ ତୃତୀୟ ଚିକାପାର । ଦ୍ୱିତୀୟବାର ବିସ୍ଥାପନ ପରେ ସେମାନେ ଛୋଟ ଛୋଟ ବସ୍ତିରେ ଖେଳେଇ ହୋଇ ପୁଣି ଭଙ୍ଗା ଜୀବନର ତରୁଡ଼ାଳେ ବଞ୍ଚିବାର ରସ ସଞ୍ଚାର କଲେ । ଜୀବନ ଚେର ଧରିଛି କି ନାହିଁ ପୁଣି ଉପୁଡ଼ା ହେବାର ହୁକୁମ ଆସିଲା—ତୃତୀୟ ଥର ପାଇଁ ବାସଚ୍ୟୁତିର ନୋଟିସ୍ । ସେମାନଙ୍କୁ ସେ ନୂଆ ଭୂଇଁ ଛାଡ଼ିବାକୁ ହେବ ।

ଚିକାପାରକୁ ଉତ୍ପାଟିତ କରିବାକୁ ତା' ପଛରେ ଗୋଡ଼େଇଛି ଆମର ତଥାକଥିତ ବିକାଶ ।

ପ୍ରଗତି ଓ ବିକାଶର ରଥ ଚକ ତଳେ ବାରମ୍ବାର ଦଳିଚକଟି ହୋଇଯାଉଥାଏ ଜୀବନ । ବିକାଶର ଦଲାଲ ଗଣ ଛିଡ଼େଇ ନେଉଥାନ୍ତି ଦରିଦ୍ରର ଆଶ୍ରୟ । ଯେଉଁମାନଙ୍କ ଜୀବନ ଉଜୁଡ଼ି ପଡୁଥାଏ, ଘର ଭାଙ୍ଗିପଡୁଥାଏ, ଯେଉଁ ଘରେ ଦିନେ ବିଜୁଳି ବତୀଟିଏ ଜଳିବାର ନାହିଁ, ସେହି ଚାଳଟି ତଳର ମଣିଷକୁ ତ୍ୟାଗ କରିବାକୁ ପଡୁଥାଏ ଘର ଓ ଜମି; ଅନ୍ୟଘରେ ବିଜୁଳିର ରୋଷଣୀ ଜାଳିବାକୁ, ଶିଳ୍ପ କାରଖାନାର ସମୃଦ୍ଧି ଓ ସ୍ୱଚ୍ଛନ୍ଦର ଫଳ ଅନ୍ୟମାନେ ଭୋଗିବାକୁ ।

ସେ ଗାଁର ମୁଷ୍ଟିମେୟ ଶିକ୍ଷିତଙ୍କ ମଧ୍ୟରୁ ଏକତମ ଜଗନ୍ନାଥ କଦମ ଜଣେ ସ୍କୁଲ ଶିକ୍ଷକ । ଚିକାପାରରେ କୌଣସି ସ୍କୁଲ ନଥିବାରୁ ସେ ଅନ୍ୟଏକ ଗାଁରେ ଶିକ୍ଷକତା

Digitized by srujanika@gmail.com

କରନ୍ତି । ଏ ଗାଁର ଅଧିକାଂଶ ପିଲା ସ୍କୁଲଘରର ଚେହେରା ଦେଖିନାହାନ୍ତି । ଜଗନ୍ନାଥ କହନ୍ତି : ''ତୃତୀୟଥର ବିସ୍ଥାପିତ ହେବାର କାରଣ କ'ଣ ଆମେ ଜାଣିପାରିଲୁ ନାହିଁ । ଗୋଟିଏ ସାଧାରଣ ସଭାରେ ମନ୍ତ୍ରୀ ହରୀଶ୍ ଚନ୍ଦ୍ର ବକ୍ସିପାତ୍ର କହିଲେ, ଗୋଟାଏ କୁକୁଡ଼ା ଫାର୍ମ ପାଇଁ ଆମକୁ ଜାଗା ଛାଡ଼ିବାକୁ ହେବ । ଆଉ ଗୋଟିଏ ମହଲରୁ ଶୁଣାଗଲା ସେ ଅଞ୍ଚଳରେ ଥିବା ମିଲିଟାରୀ ଇଂଜିନିୟରିଂ ସର୍ଭିସ୍ ପାଇଁ ଆମ ଗାଁଟା ଅସୁବିଧା ସୃଷ୍ଟି କଲା । ଆମେ ଠିକ୍ ଜାଣିପାରିଲୁ ନାହିଁ ତୃତୀୟ ବାସଚ୍ୟୁତିର ଉଦ୍ଦେଶ୍ୟ । କେବଳ ଜାଣିଲୁ ଗ୍ରାମବାସୀଙ୍କୁ ଜାଗା ଛାଡ଼ିବା ପାଇଁ ନୋଟିସ୍ ମିଳିଛି ।''

''ଯଦି ଉପରୋକ୍ତ କାରଣଟି ସତ୍ୟ, ତେବେ ନିକଟ ଭବିଷ୍ୟତରେ ଏ କ୍ଷୁଦ୍ର ଚିକାପାରକୁ ଅବଲୀଳା କ୍ରମେ ଅକ୍ତିଆର କରିନେବେ ନୌସେନା, ବାୟୁସେନା ଓ ପଦାତିକ ବାହିନୀ ।''—ବ୍ୟଞ୍ଜନା ମିଶ୍ରିତ ସ୍ୱରରେ କହିଲେ ଜଣେ ଅଫିସର । ''ଯଦି ସେତକ ସେପରି ଦୁଃଖାନ୍ତକ ନହୁଏ, ତେବେ ହେବ ପୂରାପୂରି ସୁଖାନ୍ତକ । ଆପଣ ମନେରଖନ୍ତୁ ଯେ, ଏହି ତୃତୀୟଥର ଯେତେବେଳେ ଜମି ଛଡ଼ାଇ ନିଆଗଲା, ସେ ଜମି ମୂଳତଃ ଥିଲା ସେହି ଗାଁର ଆଦିବାସୀଙ୍କର । ଏହା ସରକାରଙ୍କର ନଥିଲା, ମାତ୍ର ଅକ୍ଳେଶରେ ସରକାର ସେତକ ଦଖଲ କଲେ । ଲୋକମାନେ କେବଳ ବାସହରା ହେଲେନାହିଁ, ତିନିତିନିଥର ହରାଇଛନ୍ତି ଜମି । ଏବଂ ବାରମ୍ବାର ଏସବୁ ପ୍ରହସନ ଚାଲିଛି ପ୍ରଗତିର ଦ୍ୱାହିଦେଇ ।''

ପ୍ରଥମଥର ବାସଚ୍ୟୁତ ହୋଇ ଜଗନ୍ନାଥ କଦମ ରହିଗଲେ ଚିକାପାର-୨ ଗ୍ରାମରେ । କୋଲାବ ଜଳସେଚନ ଓ ବିଦ୍ୟୁତ୍ ପ୍ରକଳ୍ପକୁ ସେ ଗୁରୁତ୍ୱ ନଦେଇ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ବିଜ୍ଞପ୍ତିକୁ ଖାତିର କଲେନାହିଁ । କୋଲାବ ଜଳ ଭଣ୍ଡାରର ଜଳପତନ ତାଙ୍କ ଘରକୁ ଛୁଇଁନଥିଲା, ତେଣୁ ସେ ସରକାରୀ ଆଦେଶର ଅବମାନନା କରି ଏକାକୀ ସେ ଗାଁଟିରେ ରହିଗଲେ । ''ମୋ ପରିବାରଟି ଏ ନିର୍ଜନ ଭୂଇଁରେ ଏକୁଟିଆ ହୋଇ ରହିଯାଉଥିବାରୁ ମୋତେ ହୁଏତ ଚୋରି ଡକାୟତିର ସମ୍ମୁଖିନ ହେବାକୁ ପଡ଼ିପାରେ, କିନ୍ତୁ ମୁଁ ଆଉ ଏ ଭୂଇଁ ଛାଡ଼ିବି ନାହିଁ ।'' ତାଙ୍କ କଣ୍ଠରେ ଥିଲା ପ୍ରତ୍ୟୟ ଓ ଦୃଢ଼ ଆସ୍ଥା ।

ଚିକାପାର ସେମିତି କିଛି ଦରିଦ୍ର, ନିପୀଡ଼ିତଙ୍କ ଗ୍ରାମ ନୁହେଁ । ଏହି ଗାଁର ଜନସଂଖ୍ୟାର ସର୍ବାଧିକ ଭାଗ ଗଦବା ଓ ପରଜା ସଂପ୍ରଦାୟ, ଏଥିସହିତ ଅଛନ୍ତି ଡମ୍, ହରିଜନ ଓ ଅନ୍ୟାନ୍ୟ ଅନୁନ୍ନତ ଜାତିର ଲୋକେ । ମୂଳତଃ ସୁନାବେଡ଼ାରେ ଅବସ୍ଥିତ ଏ ଗାଁର ଲୋକମାନେ ପର୍ଯ୍ୟାପ୍ତ ଭୂ-ସଂପତ୍ତିର ଅଧିକାରୀ । ''ମୋର ସାତଜଣିଆ ଏକାନ୍ନବର୍ତ୍ତୀ ପରିବାରର ୧୯୬୩ରେ ଥିଲା ୧୨୯ ଏକର ଜମି । ଏଥିରୁ ୯୫ ଏକର

Digitized by srujanika@gmail.com

ଜମି ପାଇଁ ଆମେ ୨୮ ହଜାର ଟଙ୍କା ପାଇଲୁ । ସେତକ ଟଙ୍କା ପାଇବାକୁ ବହୁତ ବର୍ଷ ବିତିଗଲା । କିନ୍ତୁ ଘର କି ଗଛ ପାଇଁ କିଛି କ୍ଷତିପୂରଣ ମିଳିଲା ନାହିଁ । ପୁନର୍ବାସ ପାଇଁ ମଧ୍ୟ କୌଣସି ସାହାଯ୍ୟ ଆସିଲା ନାହିଁ ।'' –କହନ୍ତି ବଳରାମ ପାତ୍ର ।

''ମୋର ୬୦ ଏକର ପୈତୃକ ଜମି ଥିଲା'' –କହିଲେ ଜ୍ୟୋତିର୍ମୟ କୋରା । ସେ ଜଣେ ହରିଜନ । ''ପାହାଡ଼ିଆ ଜମି ବୋଲି ଏକର ପିଛା ୧୫୦ ଟଙ୍କା ଦର୍‌ରେ ମିଳିଲା ୧୫ ହଜାର ଟଙ୍କା ଏବଂ ଏକନମ୍ବରୀ ଜମି ପାଇଁ ଏକର ପିଛା ୪୫୦ ଟଙ୍କା ମିଳିଲା । ଟଙ୍କାକୁ ଚାହିଁ ଚାହିଁ ଆଖିପାଣି ମରିଗଲା । ଶେଷକୁ ମିଳିଲା, ହେଲେ ପୁନର୍ବାସ ପାଇଁ ପଇସାଟିଏ ମିଳିଲା ନାହିଁ, ଏପରିକି ଘରବାଡ଼ି ଜାଗା ଖଣ୍ଡେ ବି ।''

ନରେନ୍ଦ୍ର ପାତ୍ରଙ୍କ ଅଭିବ୍ୟକ୍ତି ଥିଲା କରୁଣ ଓ ହତାଶାପୂର୍ଣ୍ଣ –''ପ୍ରତି ବିସ୍ଥାପିତ ପରିବାର ପିଛା ଚାକିରି ଖଣ୍ଡେ ଏବଂ ଘରଟିଏ ଦେବାକୁ ସେମାନେ ସତ୍ୟ କରିଥିଲେ । ଲୋକେ ତାଙ୍କୁ କୌଣସି ପର୍ଯ୍ୟାୟରେ ବି ପ୍ରତିରୋଧ କରିନାହାନ୍ତି, ଧୋକ୍କା ଦେଇନାହାନ୍ତି, ମାତ୍ର ସେମାନେ ଆମକୁ ଧୋକ୍କା ଦେଲେ, କଥାଦେଇ ବଦଲେଇଲେ ।'' ନରେନ୍ଦ୍ର କହୁଥିଲେ ଚିକାପାର-୩ ଗାଁର ବିସ୍ଥାପନ ବେଳର କାହାଣୀ । ଏତେ କଦର୍ଥନା ଭୋଗି ମଧ୍ୟ ଲୋକମାନେ ସରଳ ବିଶ୍ୱାସରେ ଦେଶର ପ୍ରଗତି ନାଁରେ ଜାଗା ଛାଡ଼ିଦେଲେ ।

ହିନ୍ଦୁସ୍ଥାନ ଏରୋନଟିକ୍ କାରଖାନାର କର୍ମଚାରୀ ସଂଖ୍ୟା ୪,୫୦୦ରୁ ଅଧିକ । ମାତ୍ର ବିସ୍ଥାପିତ ଓ ଚାକିରି ପାଇଁ ପ୍ରତିଶ୍ରୁତି ପ୍ରାପ୍ତ ଚିକାପୁର ଗାଁର ୧୫ ଜଣରୁ କମ୍ ଲୋକଙ୍କୁ ସେଠାରେ ମିଳିଲା ନିଯୁକ୍ତି । ତାହା ପୁଣି ଚତୁର୍ଥ ଶ୍ରେଣୀ ଶ୍ରମିକ ସ୍ତରରେ । ବହୁ କଷ୍ଟରେ ଆଉକିଛି ଅସ୍ଥାୟୀ ଶ୍ରମିକ ଭାବେ ରହିଛନ୍ତି । ଦରକାର ବେଳେ ନିଯୁକ୍ତି ପାଆନ୍ତି । ନିଯୁକ୍ତିର ସମୟସୀମା ଉପରେ କୌଣସି ନିରାପତ୍ତା ନାହିଁ । ଏହି ଶ୍ରମିକମାନଙ୍କୁ ବର୍ଖୁରିଏ ଲେଖାଏଁ ଘର ଖଣ୍ଡେ ମିଳିଲା –କାରଖାନା ଠାରୁ ୧୫୦ କି.ମି. ଦୂରରେ । ମଣିଷକୁ ଉପହାସ କରିବାର ମଧ୍ୟ ଏକ ସୀମା ଥାଏ । ଆମ ସମାଜର ସମ୍ଭ୍ରାନ୍ତ ଶିକ୍ଷିତ ଶ୍ରେଣୀଙ୍କ ଅପେକ୍ଷା ଆଉ ନିର୍ଲଜ ବୋଧେ କେହି ନାହିଁ ।

୧୯୭୦ ମସିହାରେ ଗ୍ରାମର ପ୍ରଥମ ମାଟ୍ରିକ୍ ପାସ୍ ଯୁବକ ଭାବେ ଗୌରବର ଅଧିକାରୀ ଏବଂ ବୈଷୟିକ ତାଲିମ ପ୍ରାପ୍ତ ଜ୍ୟୋତିର୍ମୟ ଖୋରା ଦୀର୍ଘ ଆଠବର୍ଷ ଧରି ରହିଥିଲେ ବେକାର । ତା'ପରେ ମିଗ୍ ବିମାନ କାରଖାନାରେ ପାଇଲେ ଏକ ଚାକିରି । ଅନ୍ୟଜଣେ ହରିଜନ ମଦନ ଖସ୍‌ଲା କହନ୍ତି –''ଏପରିକି ଅସ୍ଥାୟୀ ମଜୁରିଆ ଭାବେ କାମ ପାଇଁ ଠିକାଦାରମାନେ ସର୍ବଦା ବାହାରୁ ଲୋକଙ୍କୁ ଆଣିଥାନ୍ତି । ଚାକିରିରେ ରଖିବା ପାଇଁ ନିଯୁକ୍ତି କର୍ତ୍ତାମାନେ ଆମକୁ ଲାଞ୍ଚ ମାଗନ୍ତି । କିନ୍ତୁ ଆମ ପାଖରେ କିବା ଟଙ୍କା

Digitized by srujanika@gmail.com

ଅଛି ?'' ବିସ୍ଥାପନର ବହୁବର୍ଷ ପରେ ଚିକାପାର ଗ୍ରାମର କିଛି ଲୋକ ମିଗ୍ କାରଖାନାରେ ନିଯୁକ୍ତି ପାଇଲେ—ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇ, ବାସଚ୍ୟୁତିର କ୍ଷତିପୂରଣ ରୂପେ, ସମ୍ବେଦନାର ଭିତ୍ତି ଉପରେ ନୁହେଁ ।

ବାରମ୍ବାର ବିସ୍ଥାପନ ଯୋଗୁଁ ଆଉ ଏକ ସମସ୍ୟା ମୁଣ୍ଡ ଟେକିଲା । ବାସସ୍ଥାନର ଭିତ୍ତି ଉପରେ ପ୍ରଦତ୍ତ ହୁଏ ଜାତିଗତ ପ୍ରମାଣପତ୍ର । ଏହା ପୁନଶ୍ଚ ଭୂ-ସଂପତ୍ତିର ପଟ୍ଟା ପାଉତି ଉପରେ ନିର୍ଭର ରଖେ । ପ୍ରକଳ୍ପ ପରେ ପ୍ରକଳ୍ପରେ ସବୁ ଜମି ହରାଇ ସାରିଥିବାରୁ ଚିକାପାରର ଅଧିବାସୀଙ୍କୁ ବାସସ୍ଥାପନର ପ୍ରମାଣପତ୍ର ମିଳିବା କଠିନ ହୋଇପଡ଼ିଲା । ଅନ୍ୟକଥାରେ ଜାତିଆଣ ପ୍ରମାଣପତ୍ର ମିଳିବା ହେଲା ଅଧିକ କଷ୍ଟକର । ଚାକିରି କ୍ଷେତ୍ରରେ ଥିବା ସଂରକ୍ଷଣ ସୁଯୋଗକୁ ଏହା ବିପର୍ଯ୍ୟସ୍ତ ଓ ଆୟାସସାଧ କରିଦେଲା ।

''ଗୋଟିଏ ପକ୍ଷେ ଅଙ୍ଗୀକାର କରି ମଧ କାରଖାନା କର୍ତ୍ତୃପକ୍ଷ ଆମକୁ ଚାକିରି ଦେଲେନି, ଅନ୍ୟପକ୍ଷରେ ବାହାର ଚାକିରି ପାଇଁ ସଂରକ୍ଷଣ ସୁବିଧା ନେବାକୁ ଆମ ପାଖରେ ଜାତିଗତ ପ୍ରମାଣପତ୍ର ନଥିଲା ।''—କହନ୍ତି ଚିକାପାର-୩ ଗ୍ରାମର ସମର ଖିଲୋ ।

''ଚାରିବର୍ଷ ତଳେ ନୌବାହିନୀର ଶସ୍ତ୍ରାଗାର ପକ୍ଷରୁ ଆମ ଭଳି ବିସ୍ଥାପିତଙ୍କୁ ଅନ୍ତତଃ ଚତୁର୍ଥ ଶ୍ରେଣୀ ଚାକିରି ଦେବାକୁ ପ୍ରତିଶ୍ରୁତି ମିଳିଲା । କିନ୍ତୁ ଏହି ଚାକିରି ପାଇଁ ଇଣ୍ଟରଭ୍ୟୁ ଥିଲା ଶହଶହ ମାଇଲ ଦୂର ବିଶାଖାପାଟଣା ସହର । ସମ୍ବଳହୀନ ଗ୍ରାମବାସୀଙ୍କ ପାଖରେ ଏତେଦୂର ଯିବାକୁ ବାଟଖର୍ଚ୍ଚ ନଥିଲା, ଏଇ ପାଖରେ ଯେଉଁ ଅଳ୍ପକିଛି ନିଯୁକ୍ତି ପରୀକ୍ଷା ହେଲା, ସେସବୁ ପଦବୀରେ ରହିଲେ ବାହାର ଲୋକ । ପିଅନ, ମାଳି, ଖଲାସୀ, ଝାଡୁଦାର, ଚୌକିଦାର ଭଳି ଯେଉଁ କେତେକ ଚାକିରି ପାଇଁ ପଦବୀ ଖାଲି ଥିଲା ସେଥିପାଇଁ ବାହାର ଲୋକମାନେ ନିଯୁକ୍ତିକାରୀଙ୍କୁ ୮ ହଜାରରୁ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ସେସବୁ ହାସଲ କରିନେଲେ । ସେତିକି ଟଙ୍କା ଆମେ ଦେବାକୁ ସମର୍ଥ ହୋଇପାରିଲୁନି ।''—କହନ୍ତି ଖୋରା ।

ସେଇ ସମାନ ପ୍ରକଳ୍ପ ଗୁଡ଼ିକ ଆହୁରି ଅନେକ ଗ୍ରାମକୁ କରିଛି ଉଚ୍ଛେଦ । କିନ୍ତୁ ଚିକାପାର ଭଳି ତ୍ରିବାର ବିପନ୍ନ, ଉତ୍ପାଟିତ ହେବାର ଦୁର୍ଭାଗ୍ୟ ଅନ୍ୟକାହାରି ଘଟିନାହିଁ । ବିସ୍ମୟକର ଭାବେ ଏତେ ଦହଗଞ୍ଜ ଭୋଗି, ଏତେ ସଂଘର୍ଷ ଭିତରେ ଜୀବନ କଟାଇ ତଥାପି ଏ ଗ୍ରାମର ନାଗରିକମାନେ ଉଗ୍ର ପାଲଟିନାହାନ୍ତି । ଅନେକେ ମନକଥା ଖୋଲି ଅନ୍ତରଙ୍ଗ ଭାବେ କହନ୍ତି ଯେ, ସେମାନଙ୍କ ପ୍ରତି ଭଲ ବ୍ୟବହାର ପ୍ରଦର୍ଶନ ହିଁ ସେମାନଙ୍କର ପ୍ରତ୍ୟାଶା । ଚାକିରି ଦିଗରୁ ସେମାନେ ପ୍ରତି ପରିବାର ପାଇଁ ନିଯୁକ୍ତି ଚାହାଁନ୍ତି । ଓଡ଼ିଶା ଓ ବିହାରରେ କ୍ଷତିପୂରଣ ସ୍ୱରୂପ ଚାକିରି ପ୍ରଦାନ ନିର୍ଭର କରିଥାଏ

Digitized by srujanika@gmail.com

ପ୍ରୋଜେକ୍ଟ ପାଇଁ ସେମାନେ ସମର୍ପଣ କରିଥିବା ଜମିବାଡ଼ି ଉପରେ । କିନ୍ତୁ ଗ୍ରାମ୍ୟ କାରିଗର, କ୍ଷେତ ମଜୁରିଆ ଭଳି ଭୂମିହୀନମାନେ ଏହାଦ୍ୱାରା ସେତକ ସୁବିଧାରୁ ବଞ୍ଚିତ ହୁଅନ୍ତି ।

ବାରମ୍ବାର ଘର ବଦଳାଇ, ଥାନ ବଦଳାଇ ଥକି ପଡ଼ିଛି ମୁକ୍ତା । "ପାଣି ଆଉ ଜାଳେଣି କାଠ ପାଇଁ କେତେଦୂର ଆଉ ଚାଲିବୁ ! ସେତକ ସାଉଁଟିବାକୁ ଦି'ଗୁଣା ବେଳ ଲୋଡ଼ା । ବୁଢ଼ୀ ହେଲିଣି, ବଳ ବୟସ ଖସିଲାଣି, ଆଉ ପାରୁନି ।" ତା'ର ପଡ଼ୋଶିନୀ ମଙ୍ଗା କହେ : "ପୁରୁଣା ଥାନରେ ଆମେ ସଭିଙ୍କୁ ଜାଣିଥିଲୁ । ନୂଆ ଥାନକୁ ଆସି କଥାଟା ନିଆରା, ଅବାଗିଆ ଧରିଛି । ଆମକୁ ଏ ଜାଗାରେ ଅନ୍ୟମାନେ ଅଚିହ୍ନା, ଅଛୁତ ମଣୁଛନ୍ତି । ସ୍ଥାନୀୟ ଲୋକେ ନିଉନ ଆଖିରେ ଦେଖୁଛନ୍ତି । ଆମେ ପାଣିଗରା ଧରି କୂଅ ପାଖକୁ ଗଲେ ସେଠାରେ ମିଣିପ ଲୋକେ ଆମକୁ ଖରାପ ନଜରରେ ଦେଖୁଛନ୍ତି, ବେଇଜ୍ଜତ ବି କରୁଛନ୍ତି । ଆମେ କିସ କରିବୁ ବାବୁ କୁହତ ?"

ସୁନାବେଡ଼ାର ରାଜସ୍ୱ ନିରୀକ୍ଷକ ସ୍ୱୀକାର କରନ୍ତି ଯେ, ତୃତୀୟଥର ପାଇଁ ଏ ଲୋକଙ୍କୁ ଉଚ୍ଛେଦ ନୋଟିସ୍ ଦିଆଯାଇଥିଲା । "ସେମାନେ ସରକାରୀ ଜମି ଜବରଦଖଲ କରିଛନ୍ତି, ସେମାନଙ୍କୁ ଉଠିବାକୁ ହେବ ।" –ମୋତେ ସେ ଆର୍.ଆଇ କହିଥିଲେ ।

ଆର୍.ଆଇଙ୍କ ବକ୍ତବ୍ୟ ବିଷୟ ଉଠାଇବାରୁ ମନଖୋଲି ବହେ ହସିଲା ଖୋରା : "ଆଜ୍ଞା, ଯେତେଥର ଆମକୁ ଭିଟାମାଟିରୁ ହଟେଇଛନ୍ତି ଆମେ ସବୁଥର ନିଜ ଜମିରୁ ହିଁ ଘୁଞ୍ଚିଯାଇଛୁ । ଆମେ କୋଉ ବାପଅଜା ଅମଳରୁ ବେଜାଏ ଲେଖାଁ ଜଙ୍ଗଲ ଜମି ନେଇ ରହିଥିଲୁ, ଚାଷବାସ କରୁଥିଲୁ । ଆମ ନିଜ ପୈତୃକ ସଂପତ୍ତି ଉପରେ ଅଧିକାର ରଖିଥିଲୁ । ଏକଥା ଭୁଲିଗଲେ ଚଳିବ ନାହିଁ । ଆମ ଜମିକୁ ସରକାରୀ ଜମି କହି ଆମ ନିଜ ଥାନରେ ଆମକୁ ଜବରଦଖଲକାରୀ କହୁଛନ୍ତି । ଯଦି କାଲି ସରକାର ଆପଣଙ୍କ କୋଠାଘରକୁ ସରକାରୀ ସଂପତ୍ତି ବୋଲି କହିବେ, ଆପଣ ବି କାଲି ନିଜ ଘରେ ନିଜେ ଜବରଦଖଲକାରୀ ବନିଯିବେ ।"

କଳେ ବଳେ କୌଶଳେ ଏବେ ସରକାର ଦଳିତ, ଆଦିବାସୀ ଓ ଦରିଦ୍ର ଅସହାୟ ମଣିଷଙ୍କ ଭିଟାମାଟିକୁ ଚରିଯିବାର ଲୋଭକୁ ରାଷ୍ଟ୍ରୀୟ ଲୋଭର ମୋହର ମାରି ପ୍ରତିବାଦକାରୀଙ୍କୁ 'ଦେଶଦ୍ରୋହୀ'ର ଆଖ୍ୟା ଦେଲେଣି । ଏହି ଶବ୍ଦମାଳା ଉପରେ ତୁରନ୍ତ ଏକ ଭାଷାକୋଷ ପ୍ରଣିତ ହେବା ଦରକାର ।

❖ ❖ ❖

Digitized by srujanika@gmail.com

ପ୍ରଗତି ଗୋଡ଼ାଉଛି, ଚିକାପାର ଧାଉଁଛି

ଅବିଶ୍ୱାସ ଓ ଅସ୍ଥିରତା ସେମାନଙ୍କୁ ବିବଶ କରି ପକାଉଥିଲା । ଥରେ ନୁହେଁ, ତିନିତିନିଥର 'ସମୃଦ୍ଧି ଓ ବିକାଶ'ର ଦୁହାଇ ଦେଇ ସେମାନଙ୍କୁ ତଡ଼ି ଦିଆଗଲାଣି ନିଜ ଭୂଇଁରୁ, ନିଜ ଭିଟାରୁ । ଅନେକେ ପାଇନାହାନ୍ତି କ୍ଷତିପୂରଣ – ଏପରିକି ପ୍ରଥମ ପର୍ଯ୍ୟାୟ ବିସ୍ଥାପନର କ୍ଷତିପୂରଣ । ତଥାପି ସେମାନେ ବାଟ ଛାଡ଼ିଛନ୍ତି, ସରକାରର ହୁକୁମ ମାନିଛନ୍ତି । ମାତ୍ର ସରକାର ମାନି ନାହାନ୍ତି ନିଜ ପ୍ରତିଶ୍ରୁତିର ବାଣୀ । ସେମାନେ ଆଦିବାସୀ, ସେମାନେ ବଣମୂଲକର ମଣିଷ, ସେମାନେ 'ଅମୃତସ୍ୟ ପୁତ୍ର' ।

ତଥାପି ରକ୍ତମାଂସର ମଣିଷ ସେମାନେ, ବାରମ୍ବାର ବାସଚ୍ୟୁତ ହେଲେ, କଦର୍ଥନା ଭୋଗିଲେ ଦେବତାମାନେ ମଧ୍ୟ ବିଚଳିତ, କ୍ରୁଦ୍ଧ ହେବେ । କିନ୍ତୁ ବିଚରା ଚିକାପାର ଗାଁର ସରଳ ଆଦିବାସୀ ମଣିଷମାନେ ! ''ଆମେ କ'ଣ କରିବୁ, କେଉଁଆଡ଼େ ଯିବୁ ? ଯେଉଁଆଡ଼େ ଗଲୁ ସେଠି କିଛି ନା କିଛି ପ୍ରୋଜେକ୍ଟ ଆମ ପଛେ ପଛେ ଗୋଡ଼େଇଲା, ଆମକୁ ସେଠୁ ତଡ଼ିଲା ।'' - ଅସହାୟ ହୋଇ ଦୀର୍ଘଶ୍ୱାସ ଛାଡ଼ି କହନ୍ତି ପାମିଆ ଦାସ - ଗଦବା ସଂପ୍ରଦାୟର ଜଣେ ଆଦିବାସୀ ।

ଏବେ ସମସ୍ୟାଟି ଅଧିକ ଜଟିଳ ହୋଇଉଠିଛି । ତୃତୀୟଥର ପାଇଁ ଗ୍ରାମଟି ଉତ୍ପାଟିତ ହେଲାବେଳେ ଏଯାଏ ଦୁଇବାର ବିସ୍ଥାପିତ ମଣିଷମାନେ ଆଦୌ କ୍ଷତିପୂରଣ ପାଇନପାରନ୍ତି ଏବଂ ଏ ସ୍ଥାନଟି ତାଙ୍କୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ-ସେ ହେଉ କୁକୁଡ଼ା ଫାର୍ମ କିମ୍ବା ମିଲିଟାରୀ ଇଂଜିନିୟରିଂ ସର୍ଭିସ୍ ପ୍ରକଳ୍ପ । ସେଥିପାଇଁ ଏ ଗାଁରେ ପିଇବା ପାଣି, ବିଦ୍ୟୁତ ସଂଯୋଗ କି ପ୍ରାଥମିକ ସ୍ୱାସ୍ଥ୍ୟସେବାର କୌଣସି ବ୍ୟବସ୍ଥା ନାହିଁ । ଏହା ଏକ ଇଚ୍ଛାକୃତ ଦଣ୍ଡବିଧାନ ଯେପରି ! ଜଣେ ଗଦବା ଆଦିବାସୀ ପାକଲୁ କଦମ ଦେଖାଇଲେ ତହସିଲଦାରଙ୍କ ଠାରୁ ମିଳିଥିବା ଏକ ନୋଟିସ୍ । ସେଥିରେ ଲେଖାଅଛି : ''ତୁମେ ଏ ଅଞ୍ଚଳଟିକୁ ଜବରଦଖଲ କରିଛ... ଷାଠିଏ ଦିନ ମଧ୍ୟରେ ଜାଗା ଛାଡ଼ ।''

''ଏପରିକି ଆମର ଦ୍ୱିତୀୟ ରହଣୀ ବେଳେ ଆମକୁ କୁହାଗଲା ଯେ, ବେଆଇନ ଭାବେ ଆମେ ଜମି ଦଖଲ କରିଛୁ ।'' – କହିଲେ କଦମ୍ । ''ଆମେ କିନ୍ତୁ ଆମ ନିଜ ଜମିରେ ରହୁଥିଲୁ । କିନ୍ତୁ ସେମାନେ ଚାହିଁଲେ ଆମେ ଯଥାଶୀଘ୍ର ଜାଗା ଖାଲି କରିଦେଉ । ଆମର ଜମି ଉପରେ ଆମ ମାଲିକାନାକୁ କାଗଜପତ୍ରରେ କେବେ

Digitized by srujanika@gmail.com

ସ୍ୱୀକାର କରାଯାଉନଥିଲା । ତେଣୁ ଆମର କିଛି ଅଧିକାର ନାହିଁ, ଘରବାଡ଼ି ପ୍ରମାଣପତ୍ର ନାହିଁ । ନାହିଁ ମଧ୍ୟ ଜାତିଗତ ପ୍ରମାଣପତ୍ର ।''

ଏତକ ନଥିବାରୁ ସେମାନେ ପାଆନ୍ତି ନା ଚାକିରି କ୍ଷେତ୍ରରେ କିଛି ସୁବିଧା ନା ବ୍ୟାଙ୍କ ଋଣ ପାଇବାର ସୁଯୋଗ ! ବସ୍ତୁତଃ ସେତକ ପାଇବାକୁ ସେମାନେ ହକ୍‌ଦାର ।

ତୃତୀୟ ବସତି ଉପରେ ବିସ୍ଥାପନର ବିଜ୍ଞପ୍ତି ପାଇଲା ପରେ ସେମାନଙ୍କ ମଧ୍ୟରୁ ପ୍ରାୟ ଶହେ ସରିକି ଗ୍ରାମବାସୀ ଗଲେ ରାଜସ୍ୱ ବିଭାଗକୁ କଥାବାର୍ତ୍ତା ପାଇଁ, ସେ ଥିଲା ୧୯୯୩ର ଜୁନ୍ ମାସ । ରାଜସ୍ୱ ବିଭାଗ ସେମାନଙ୍କର ଏ ସମ୍ମେଳନରୁ ପ୍ରତି ଲୋକଠାରୁ ଜୋରିମାନା ଆଦାୟ କଲେ– 'ସରକାରୀ ଜମିର ଜବରଦଖଲ' ପାଇଁ ।

ମିଗ୍ ବିମାନ କାରଖାନାର ଜଣେ କର୍ମଚାରୀ ଜ୍ୟୋତିର୍ମୟ ଖୋରା । ଏହି ଅଭିଶପ୍ତ, ବାରବାର ବିସ୍ଥାପିତ ମଣିଷଙ୍କ ଦୂରବସ୍ଥାକୁ ଲୋକ ଲୋଚନକୁ ଆଣିବା ଦିଗରେ ସେ ବର୍ଷବର୍ଷ ଧରି ଉଦ୍ୟମ କରି ଆସିଛନ୍ତି । ସେ ଭାବନ୍ତି– ଏହି ଜୋରିମାନା ଆଦାୟ ଠାରୁ ବହୁଗୁଣ ଗୁରୁତର ଘଟଣାମାନ ରହିଛି । ''ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଚିକାପାର ଗାଁରୁ ନିଆଯାଇଥିବା ୪୦୦ ହେକ୍ଟର ବା ଏକ ହଜାର ଏକର ଜମି କ'ଣ ହେଲା ?'' ଷାଠିଏ ଦଶକରେ ସେମାନଙ୍କ ପରି ଆଉ ୧୭ଟି ଗ୍ରାମକୁ ହଟାଇ ନିଆଯାଇଥିବା ହଜାର ହଜାର ଏକର ଜମିର ଭବିତବ୍ୟ କ'ଣ ? ଆଜିପରି ସେତେବେଳେ ମଧ୍ୟ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କର ଦୂରନ୍ତ ସ୍ୱପ୍ନ ଥିଲା ହିନ୍ଦୁସ୍ଥାନ ଏରୋନଟିକ୍ (ହଲ୍)ର ସମସ୍ତ ୟୁନିଟ୍ ଏଇ କୋରାପୁଟକୁ ଆସୁ । ବଡ଼ ମହତ ଚିନ୍ତାଧାରା । ତେଣୁ ସେହି ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ଆବାଦ କରାଗଲା ଏତେ ବିସ୍ତୃତ ଜମି ଏବଂ ବିସ୍ଥାପିତ ହେଲେ ଏତେ ବିପୁଳ ସଂଖ୍ୟକ ମଣିଷ ।

କିନ୍ତୁ କିଛି ହେଲାନାହିଁ । 'ହଲ୍'ର ଅନ୍ୟ ଶାଖା ପ୍ରଶାଖାଗୁଡ଼ିକ ବାଙ୍ଗାଲୋର ଓ ଅନ୍ୟତ୍ର ଉଠିଗଲା । ଫଳସ୍ୱରୂପ ଅଠରଟି ଗ୍ରାମକୁ ଉଚ୍ଛେଦ କରି ଅଧିକୃତ ସୁବିସ୍ତୃତ ଉର୍ବର ଚାଷ ଜମି ଆଜିଯାଏ ସେମିତି ପଡ଼ିଆ ପଡ଼ିଛି । ''ସେମାନେ ନା କାହାକୁ ଜମି ଫେରାଉଛନ୍ତି, ନା ଚାଷ ପାଇଁ ଅସ୍ଥାୟୀ ଅନୁମତି (ଲିଜ୍) ଦେଉଛନ୍ତି । ଆମେ ସେ ଜମି ଫେରସ୍ତ ପାଇଲେ ଆମକୁ ପ୍ରଦତ୍ତ କ୍ଷତିପୂରଣ ଟଙ୍କା ଆମେ ଫେରାଇ ଦେବୁ ।'' ହସି ହସି କହନ୍ତି ଖୋରା । ସେତକ କେଉଁ ଘଟିବାର ନାହିଁ ।

''ମୁଁ ଆଉ ଏ ଜାଗାରୁ ଇଞ୍ଚେ ଘୁଞ୍ଚିପାରିବି ନାହିଁ, ସେମାନେ ଯାହା କରିବାର କରନ୍ତୁ ।''–କହନ୍ତି ଗ୍ରାମର ସବୁଠାରୁ ବୟସ୍କା ବୃଦ୍ଧା ମୁକ୍ତା କଦମ । ୧୯୬୮ରେ

Digitized by srujanika@gmail.com

ବାସଚ୍ୟୁତ ହୋଇଥିବା ପ୍ରଥମ ପର୍ଯ୍ୟାୟର ଲୋକଙ୍କ ମଧ୍ୟରୁ ସେ ଜଣେ । "କାହିଁକି ବାରବାର ଏକଥା ଆମ ଭାଗ୍ୟରେ ଘଟୁଛି ?" –ସେ ପ୍ରଶ୍ନ କରନ୍ତି । ବୋଧହୁଏ ସହଜ ଉତ୍ତର –ସେମାନେ ଆଦିବାସୀ । ସଭ୍ୟ ମଣିଷର ଆଖିରେ ସେମାନେ ଅନୁନ୍ନତ । ପୁଣି ଅଗମ୍ୟ କୋରାପୁଟର ବାସିନ୍ଦା, ସେ ସ୍ଥାନଟି ରାଜଧାନୀ ଠାରୁ ବହୁତ ଦୂର । ସେଠାରେ ରହନ୍ତି ଦେଶର ସବୁଠୁଁ ଦରିଦ୍ରତମ ମଣିଷ । ସେମାନେ ନିରକ୍ଷର ଓ ସରଳ ।

୧୯୮୧ ମସିହାରେ ଯେତେବେଳେ କୋରାପୁଟରେ ଜାତୀୟ ଆଲୁମିନିୟମ୍ କମ୍ପାନୀ (ନାଲ୍‌କୋ) ଏହାର ବକ୍ସାଇଟ୍ ଖଣି ଖନନ ଓ କାରଖାନା ପ୍ରତିଷ୍ଠା କଲା, ସେତେବେଳେ ବାସଚ୍ୟୁତ ହୋଇଥିବା ୨୫୦୦ ପରିବାର ମଧ୍ୟରୁ ଆଦିବାସୀଙ୍କ ସଂଖ୍ୟା ଥିଲା ଶତକଡ଼ା ୪୭.୭ ଭାଗ ଏବଂ ହରିଜନ ଥିଲେ ୯.୩ ଶତାଂଶ । –କହନ୍ତି ବିଶିଷ୍ଟ ନୃତତ୍ତ୍ୱବିଦ୍ ପ୍ରଫେସର ଲକ୍ଷ୍ମଣ କୁମାର ମହାପାତ୍ର । ଅପର କୋଲାବ ପ୍ରୋଜେକ୍ଟରେ ବିସ୍ଥାପିତ ୩ ହଜାର ୬୭ଟି ପରିବାର ମଧ୍ୟରୁ ୫୫ ଶତାଂଶ ଥିଲେ ଆଦିବାସୀ ଓ ଦଳିତ ସଂପ୍ରଦାୟ ।

କୋରାପୁଟ ଜିଲ୍ଲାରେ ୧୯୬୦ରେ ଆରମ୍ଭ ହୋଇଥିବା ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଉଚ୍ଛେଦ କରିଥିଲା ପ୍ରାୟ ୩ ହଜାର ପରିବାର । ଏଥିମଧ୍ୟରୁ ୫୧.୧ ଶତାଂଶ ଆଦିବାସୀ ଓ ୧୦.୨ ଶତାଂଶ ହରିଜନ । ଏକ ଉଲ୍ଲେଖଯୋଗ୍ୟ ଅନୁଧ୍ୟାନରେ ଡଃ ଏଲ୍.କେ. ମହାପାତ୍ର କହନ୍ତି –"ଏହା ଅତ୍ୟନ୍ତ ଦୁଃଖଦ ଓ ନୈରାଶ୍ୟଜନକ ଯେ ବିସ୍ଥାପିତ ୨୯୩୮ ପରିବାର ମଧ୍ୟରୁ ମାତ୍ର ୬୦୦ଙ୍କୁ ପୁନର୍ବାସ ସୁବିଧା ମିଳିଲା । ଏଥିରୁ ୪୫୦ ଥିଲେ ଆଦିବାସୀ ପରିବାର, ଜଣେ ହେଲେ ବି ହରିଜନଙ୍କୁ ଥଇଥାନ କରାଗଲା ନାହିଁ ।" ବିସ୍ଥାପିତ ମଣିଷଙ୍କ ସଂଖ୍ୟାକୁ ପ୍ରଥମରେ ବହୁ ନ୍ୟୂନ କରି କଳନା କରାଯାଇଛି ।

ଭାରତର ଜନସଂଖ୍ୟାର ମାତ୍ର ୮ ଶତାଂଶ ହେଉଛନ୍ତି ଆଦିବାସୀ, ୧୯୫୧ରୁ ଏଯାଏ ବିଭିନ୍ନ ପ୍ରକଳ୍ପରେ ସମଗ୍ର ଦେଶରେ ବିସ୍ଥାପନର ପ୍ରତ୍ୟକ୍ଷ ଶିକାର ବନିଥିବା ୨୬୦ ଲକ୍ଷ ବାସ୍ତୁହରାଙ୍କ ମଧ୍ୟରୁ ଆଦିବାସୀଙ୍କ ଭାଗ ହେଉଛି ୪୦ ଶତାଂଶ, ଅର୍ଥାତ୍ ୧୦୪ ଲକ୍ଷରୁ ଊର୍ଦ୍ଧ୍ୱ । ଓଡ଼ିଶା ପାଇଁ ଏ ସଂଖ୍ୟା ବହୁ ଶୀର୍ଷରେ ଅଛି । ଯାହାହେଲେ ବି, ସଠିକ୍ ଆକଳନ ଏଯାଏ କେଉଁଠି ମିଳିବନି ।

ଜାତୀୟ ସ୍ତରରେ ବିସ୍ଥାପିତ ହୋଇଥିବା ଲୋକଙ୍କ ମଧ୍ୟରୁ ମାତ୍ର ୨୫ ଶତାଂଶରୁ କମ୍ ଲୋକଙ୍କୁ ଥଇଥାନ କରାଯାଇଛି ଗତ ଚାରି ଦଶନ୍ଧି ମଧ୍ୟରେ । ପୁନଶ୍ଚ ଓଡ଼ିଶା ପ୍ରସଙ୍ଗରେ ଏ ପରିସଂଖ୍ୟାନ ଓ ପରିସ୍ଥିତି ବଡ଼ ଭୟାବହ । ଏହି ବିମର୍ଷକର ଚିତ୍ରପଟ୍ଟ ମଧ୍ୟରେ କୋରାପୁଟରେ ନକ୍ସା ବହୁ ଗହୀରା ଅନ୍ଧକାର ଭିତରେ ପଡ଼ିଛି । କେନ୍ଦ୍ର ସରକାରଙ୍କ କଲ୍ୟାଣ ମନ୍ତ୍ରଣାଳୟର ଆର୍ଥିକ ସହାୟତାରେ ଦିଲ୍ଲୀସ୍ଥିତ ଭାରତୀୟ

Digitized by srujanika@gmail.com

ସାମାଜିକ ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ୧୯୯୩ର ଏକ ଅନୁଧ୍ୟାନ ଏହାର ଆଭ୍ୟନ୍ତରୀଣ ଅନ୍ତରଙ୍ଗ ଚିତ୍ର ପ୍ରଦାନ କରିଥାଏ । ଅନୁଧ୍ୟାନଟି କରିଥିଲେ ୱାଲ୍‌ଟର ଫର୍ଣ୍ଣାଡିଶ୍ ଏବଂ ଆନ୍ଥୋନି ଏସ୍.ରାଜ । ଅନୁଶୀଳନର ଶୀର୍ଷକ : "ଓଡ଼ିଶାର ଆଦିବାସୀ ଅଞ୍ଚଳରେ ବିକାଶ, ବିସ୍ଥାପନ ଓ ପୁନର୍ବାସ" ।

ସେମାନଙ୍କ ବକ୍ତବ୍ୟରେ କୋରାପୁଟ ଜିଲ୍ଲାରେ ଏକାକୀ "ଏକଲକ୍ଷ ଆଦିବାସୀ ସେମାନଙ୍କ ଜମିରୁ ବଞ୍ଚିତ ହୋଇଛନ୍ତି, ସେମାନେ ନିର୍ଭର କରି ଚଳୁଥିବା ୧ ଲକ୍ଷ ୬୦ ହଜାର ହେକ୍ଟର ଜଙ୍ଗଲ ଜମି ହରାଇଛନ୍ତି । ଏହା ହେଉଛି ଜିଲ୍ଲା ଜନସଂଖ୍ୟାର ୬ ଭାଗ ଏବଂ ସମସ୍ତେ ଆଦିବାସୀ । ଆଜି ବି ଏ ଧାରା ଅବ୍ୟାହତ । ତାହା ଥିଲା ସେମାନଙ୍କ ବଂଶଲତାର ଚେର, ଯାହା ଛିଡ଼ିଯାଉଛି ଏବଂ ଝାଉଁଳି ଯାଉଛି ଜୀବନର ସ୍ୱପ୍ନ ଓ ସମ୍ଭାବନାର ମୁକୁଳ । ମାତ୍ର ବଞ୍ଚିବାକୁ ହେବ । ଜୀବନର ମୁକ୍ତ ବିପଣୀରେ ପସରା ମେଲେଇ ଜୀବିକାର ସଉଦା ବିକିବାକୁ ହେବ । ତେଣୁ 'ଦୀର୍ଘକାଳ ପ୍ରତୀକ୍ଷା କରି ଆଖିରେ ପାଣି ମରିଛି, ବିସ୍ଥାପନ ପାଇଁ କ୍ଷତିପୂରଣ ମିଳିନାହିଁ ।' –କହନ୍ତି କାନୁନ୍ ଗଦ୍‌ବା । ବଞ୍ଚିବାର ଏଇ ଜୀବନ-ସଂଧାନରେ ନଶୂନ୍ୟ ହାତରେ ବାହାରି ପଡ଼ିଛନ୍ତି ଶହ ଶହ ମଣିଷ । ଶୂନ୍ୟ, ସର୍ବହରା, ସାଥୀହରା, ସାହାହରା ।

ବଙ୍ଗଳାଦେଶ ଯୁଦ୍ଧ ବେଳେ ତତ୍‌କାଳୀନ ପୂର୍ବ ପାକିସ୍ଥାନରୁ ୧୯୬୦ ଦଶକରେ ଏବଂ ୧୯୭୧ରେ ଶରଣାର୍ଥିଙ୍କ ଯେଉଁ ଅବାରିତ ପଟୁଆର ଛୁଟିଲା ଓଡ଼ିଶା, "ଆମ ସରକାରଙ୍କ ପକ୍ଷରୁ ପ୍ରତି ମଣିଷ ପାଇଁ ଖର୍ଚ୍ଚ ହେଲା ଅନ୍ୟୂନ ୧ ଲକ୍ଷ ଟଙ୍କା ।" – କହନ୍ତି ଖୋରା "ଅଥଚ ଆମଭଳି ସର୍ବସ୍ୱ ହରାଇଥିବା ଏକାନ୍ନବର୍ତ୍ତୀ ବଡ଼ ପରିବାର ପାଇଁ ପରିବାର ପିଛା ମିଳିଲା ମାତ୍ର ୧୫ ହଜାର ଟଙ୍କା । ବହୁତ ଭଲ, ଶରଣାର୍ଥୀ ପାଲଟିବା ।" ତାଙ୍କ ଓଠ ଥରିଉଠେ ଏବଂ ଦୀର୍ଘଶ୍ୱାସଟିଏ ବାହାରି ଆସେ ଅଜାଣତରେ ।

ଏବେ ଚିକାପାରର ବସ୍ତିଗୁଡ଼ିକ ତୃତୀୟଥର ଉଚ୍ଛେଦର ପ୍ରତୀକ୍ଷାରେ ଅଛନ୍ତି । କିଛିଲୋକ ଉଚ୍ଛେଦ ହୋଇ ସାରିଲେଣି । ଜୀବନ ବଟବୃକ୍ଷର ଚେର ଓ ସ୍ତମ୍ଭ, ଓହଳଗୁଡ଼ିକ ବାରମ୍ବାର ଉତ୍ପାଟିତ । ଏବେ କ'ଣ ପାଇଁ–କୁକୁଡ଼ା ଫାର୍ମ ନା ନୌବାହିନୀର ଗୋଦାମ, ନା ଆଉକିଛି ? କେହି ଜାଣନ୍ତି ନାହିଁ ଠିକ୍ ଭାବେ କ'ଣ ପାଇଁ ? ଏଇ ଆମର ଗଣତନ୍ତ୍ର, ସୂଚନା ପ୍ରାପ୍ତିର ସାମ୍ବିଧାନିକ ଅଧିକାର ?

"ମୂଳ କଥା ହେଲା ଆମ ଆଦିବାସୀଙ୍କ ପରି ମ୍ଳେଚ୍ଛ ଲୋକଗୁଡ଼ିକ ଦୃଷ୍ଟିକଟୁ ହୋଇ ଏଇ ଆଖପାଖରେ ତାଙ୍କ ଆଖି ଆଗରେ ନରହୁ କି ଚଳାଚଳ ନକରୁ । ଏଇ

Digitized by srujanika@gmail.com

ଢଙ୍ଗରେ ହିଁ ଆମେ ଏଣିକି ଆମ କରୁଣ କାହାଣୀ କହିବୁ । ମନ୍ତ୍ରୀଙ୍କୁ ମଧ୍ୟ ଶୁଣାଇବୁ । ଯଦି ସେ କେବେ ଆସିବାକୁ ସମର୍ଥ ହୁଅନ୍ତି ।''

''ସେମାନେ ପାଇଲେ ସେମାନଙ୍କର ସମୃଦ୍ଧି ଓ ଆମ ଜମି । ଆମେ ହରାଇଲୁ ଜମି; ସମୃଦ୍ଧି ହେଲା ଆମପାଇଁ ଏକ ଦୁଃସ୍ୱପ୍ନ । ଏଠି ଅଛି ନା ଗୋଟେ ଭଲ ସ୍କୁଲ, ନା ଡାକ୍ତରଖାନାର ପ୍ରଶାଖା କି ଉପଶାଖା ! ରାସ୍ତା କି ବିଜୁଳି ! ଆମେ ନିଜ ଭିଟାମାଟିରେ, ନିଜ ଦେଶର ଗଣତନ୍ତ୍ରରେ ଶରଣାର୍ଥୀଠାରୁ ବି ହୀନ ।'' –ଖୋରାଙ୍କ କଣ୍ଠସ୍ୱର ରୁଦ୍ଧ ହୋଇଆସେ ।

ସୁନାବେଡ଼ାର ସୁବର୍ଣ୍ଣ ଭୂଇଁରେ ସୁନାଫସଲ ବଦଳରେ ଏବେ ମିଳିବ ଅଗାଡ଼ି -ଅମଳ । ପଙ୍ଗପାଳ ସଂକ୍ରମଣରେ ସବୁ ଧାନ ପାଲଟିଛି ଅଗାଡ଼ି, ଅନାବୃଷ୍ଟିରୁ ସବୁ ମାଟି ତହ ତହ ଆକାଶ ଆଡ଼େ ଆଁ କରି ଅନେଇଛି । ତଥାକଥିତ ସମୃଦ୍ଧି ଉଚ୍ଛନ୍ନ ଅସହାୟ କରିଦେଇଛି ଏ ଦେଶର ଦରିଦ୍ର, ନିରନ୍ନ, ନିରୀହ ମଣିଷଙ୍କୁ । ସମୃଦ୍ଧି ଘଟିଛି ସମ୍ଭ୍ରାନ୍ତ, ସାଆନ୍ତମାନଙ୍କର, ସେଇମାନଙ୍କ ଆବଶ୍ୟକତା ପାଇଁ ପ୍ରୋଜେକ୍ଟ ତିଆରି ହୁଏ । ସେଇମାନେ ହିଁ ଶାସନ କଳର ଉପର ଥାକମାନଙ୍କରେ ଚିରନ୍ତନ ଆସନଗୁଡ଼ିଏ ଅଧିକାର କରି ଥାନପତି ହୋଇ ବସିଥାନ୍ତି ।

ଉତ୍ତର ଲିପି :

ଚିକାପାର ଓ ତଦ୍ରୂପ କିଛି ଗାଁର ସେଇ ହତାଶା, ସ୍ୱପ୍ନଭଙ୍ଗ ଓ ସମସ୍ୟା ଏବେ ବି ଅବ୍ୟାହତ । ଏହା ସହିତ ଖୋରା ଭଳି କିଛି ବ୍ୟକ୍ତିଙ୍କ ଉଦ୍ୟମ । ସେଥିପାଇଁ ସାମାଜିକ-ଅର୍ଥନୈତିକ ବିକାଶ ପ୍ରତିଷ୍ଠାନ ଭଳି କିଛି ସ୍ୱେଚ୍ଛାସେବୀ ସଂସ୍ଥାଙ୍କର ଏହା ଦୃଷ୍ଟି ଆକର୍ଷଣ କରିପାରିଛି । ଏ ଅଞ୍ଚଳର ବିସ୍ଥାପିତ ଉତ୍ପାଟିତ ମଣିଷଙ୍କ ଜୀବନର କରୁଣ ଅନୁଭବର ସ୍ୱର ଓ ସ୍ୱାକ୍ଷର ଧରିବାକୁ ସେମାନେ ନିଜ ଅନୁଧ୍ୟାନ ମାଧ୍ୟମରେ ପ୍ରୟାସ କରିଛନ୍ତି । ବିଗତ ଚଉଠ ଶତାବ୍ଦୀର ଅବହେଳା, ଲାଞ୍ଛନା ଓ ହତାଦରରେ ଲୁପ୍ତ, ବିଧ୍ୱସ୍ତ ତଥ୍ୟ, ପରିସଂଖ୍ୟାନ, ସର୍ବଶେଷ ସୂଚନାକୁ ପୁଣି ସେମାନେ ଖଞ୍ଜି ମାଳାଟିଏ ଗୁନ୍ଥିବେ ବୋଲି ଆଶା ରଖିଛନ୍ତି । ଆଶାରେ ହିଁ ମଣିଷ ବଞ୍ଚେ । ପ୍ରାପ୍ତି ଠାରୁ ପ୍ରାପ୍ତିର ଆଶା ବେଶ୍ ସୁଖକର ବୋଲି ଦାର୍ଶନିକମାନେ କହନ୍ତି କିମ୍ବା ପୁଣି ଦରିଦ୍ରମାନଙ୍କୁ ଭଣ୍ଡାଇବାକୁ ସାଆନ୍ତମାନଙ୍କ ଇଏ ଏକ ନୂଆ ରଣକୌଶଳ ବୋଲି ଧରିନିଆଯାଇପାରେ ।

❖❖❖

Digitized by srujanika@gmail.com

ମହୁମାଛିକୁ ଫୁଲରେ ବସିବାକୁ ମନା

ମାଲକାନଗିରି (ଓଡ଼ିଶା) : ସେ ଗାଁରେ ପହଞ୍ଚିଲେ ଆଖିକୁ ପୁଲକିତ କରୁଥିବା ପ୍ରଥମ ଦୃଶ୍ୟପଟ ହେଲା ଧାଡ଼ି ଧାଡ଼ି ଘରଗୁଡ଼ିକ ସାମଗ୍ରିକ ଭାବେ ବାଉଁଶରେ ନିର୍ମିତ । ଚମତ୍କାର କଳା କୌଶଳ, ଯେପରି ଏକ ଅଭ୍ୟସ୍ତ ବିନ୍ଧାଣୀର ଆଙ୍ଗୁଠି ନିହାଣରେ ଗଢ଼ା । ଘର ଉପର ଛାଉଣୀଟି କେବଳ ନଡ଼ା; ମାତ୍ର ତା' ତଳେ ଖୁନ୍ଦି ଖୁନ୍ଦି ହୋଇ ବାଉଁଶର ଛପର । ସାଙ୍ଗେଲ ଗାଁରେ ପ୍ରାୟ ୧୫୦ଟି ଘର ଏବଂ ପ୍ରତ୍ୟେକଟି ଏହି ବାଉଁଶର କିମିଆରେ ବିଭୋର । ଘର ଚାରିପାଖ ପାଚେରୀଟିରେ ମଧ୍ୟ ଏହି ବାଉଁଶର ଘନଘଟା । ପଡ଼ୋଶୀ ଗାଁ କୁବୁତରଖାନା ମଧ୍ୟ ଏହିପରି ଚମକରେ ଭରା ।

ଏକ କ୍ରୁଦ୍ଧ ଘୁଷୁଡ଼ିର ଗର୍ଜନରେ ସଚେତ ସତର୍କ ହୋଇ ଆମେ ଚାହିଁଲା ବେଳକୁ ତା'ର ନବଜାତ ଦୁଇଟି ଶାବକ ଘୋଡ଼ାହୋଇ ରହିଛନ୍ତି ଏକ ବାଉଁଶ ଟୋକେଇ ତଳେ । ଗାଁ ମୁଖିଆ ମାହାଦୀ ଭୀମାର ଘର ଚାରିପାଖେ ଦେଖିଲୁ ଗଣିଗଣିକି ବାଉନ ଗୋଟି ସାମଗ୍ରୀ ଗଢ଼ା ହୋଇଛି ସେଇ ବାଉଁଶରେ । ମାଛ ଧରିବା ପାଇଁ ବଜା, ମୁଗୁରା, ଖାଲେଇ, ପୋଳୁହ ଠାରୁ କୁକୁଡ଼ା ଭାଡ଼ି, କୁକୁଡ଼ା ଛୁଆ ପାଳିବାର ଟୋକେଇ; ବର୍ଷାଦିନର ପଖିଆ ଓ ଖରାଦିନର ଟୋପି; ଝୁଡ଼ି, ବେତା, ଗଉଣୀ ଏବଂ ପିଲା ଶୋଇବାର ଝୁଲଣ ଦୋଳି ଯାଏ ସବୁକିଛିର ନିର୍ମାଣର ମୌଳିକ ଉପାଦାନ ହେଉଛି ବାଉଁଶ । ଏପରିକି ଦୁଇଟି ଗୋଜିଆ ବାଉଁଶ କାଠିକୁ ଘଷି ଲୋକମାନେ ଏଠି ନିଆଁ ବାହାର କରନ୍ତି । ଠେଙ୍ଗା ଠାରୁ ବଂଶୀ ଯାଏ ଅନେକ କିଛି ।

ଏଇ ଅପୂର୍ବ କଳା କୌଶଳରେ କେବଳ ସାଙ୍ଗେଲ ଗ୍ରାମଟି ନିଃସଙ୍ଗ ନୁହେଁ । ସୁପ୍ଲୁର୍, କମ୍‌ଭେଡ଼ା, ପିତାଘାଟ ଭଳି ଗ୍ରାମଗୁଡ଼ିକ ସାଙ୍ଗେଲ ସହ ବସିଛନ୍ତି ଯେମିତି ସଙ୍ଗାତ । ଅନେକ ବ୍ଲକ୍‌କୁ ଆବୋରି ଅଗଣିତ ଗାଁର ଘରଗୁଡ଼ିକ ଏହି ବାଂଶ-ଯାଦୁକରୀରେ ସମୃଦ୍ଧ । କମନୀୟତାର କାଉଁରୀ-ନଗ୍ର । କୋୟା ଆଦିବାସୀ ସଂପ୍ରଦାୟର ଦୁନିଆ ଭିତରକୁ ଏହା ଯେପରି ସ୍ୱାଗତିକାର ସଂଗୀତ ।

କୋୟାମାନଙ୍କ ଦ୍ୱାରା ବାଉଁଶର ଏ ମନୋରମ ଉପଯୋଗ ପୋଡ଼ିଆ ବ୍ଲକ୍‌ର ଅଧିକାଂଶ ଅଞ୍ଚଳକୁ ସୁନ୍ଦର ଓ ବିଭାସିତ କରିଛି । ପୋଡ଼ିଆର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଭୂଇଁ । ଏପରି ଏକ ବନ୍ଧ୍ୟା ଭୂଇଁକୁ ସୁନ୍ଦର ଓ ଅନୁପମ କରି ଅପୂର୍ବ କଳାତ୍ମକ ଶୈଳୀରେ ଘରମାନ ଗଢ଼ି ମାଲକାନଗିରି-କୋରାପୁଟ ଇଲାକାରେ ରହନ୍ତି ପ୍ରାୟ ୮୭

Digitized by srujanika@gmail.com

ହଜାର କୋୟା । ଏମାନେ ପାହାଡ଼ରେ ପୋଡୁଚାଷ ଓ ସମତଳରେ ସ୍ଥିର ଚାଷ କରନ୍ତି । ନିଜର ଜମି ଥିଲେ ଏବେ ସେମାନେ ସମତଳ ଚାଷକୁ ଅଧିକ ପସନ୍ଦ କରୁଛନ୍ତି । କିନ୍ତୁ ବାଉଁଶ ଖଣ୍ଡେ ପାଇଲେ ସେଥିରେ ପରିସ୍ଫୁଟ ହୁଏ ସେମାନଙ୍କ ଅନୁପମ ସୃଜନଶୀଳତା ।

ପ୍ରକୃତିର ଗୋଟିଏ ଉପାଦାନ ବାଉଁଶକୁ ନେଇ ଏତେ କଳାତ୍ମକ, ସୃଜନଶୀଳ, ରୁଚିସଂପନ୍ନ ଓ ଏତେ ନିବିଡ଼, କୋମଳ ଭାବେ କଳ୍ପନାର ପୁଟ ଦେଇ କୋୟାଙ୍କ ପରି ଖେଳୁଥିବା ମଣିଷ ବିଶ୍ୱରେ କ୍ୱଚିତ ଦେଖାଦେବେ । ଓଡ଼ିଶାରେ କୋୟାମାନେ ମୂଳତଃ ମାଲ୍‌କାନଗିରିରେ ରହନ୍ତି । ପଡ଼ୋଶୀ ଆନ୍ଧ୍ରରେ ରହିଥାନ୍ତି କିଛି । ପିତାଘାଟର ସରପଞ୍ଚ ଇର୍ମା କାଓ୍ୱାସି କହନ୍ତି –"ପିଲାଦିନୁ କୋୟା ଶିଖେ ଜୀବନର ତତ୍ତ୍ୱ । ବାଉଁଶକୁ କିପରି ସାବଧାନତାର ସହ କାଟିଲେ ପୁଣି ବାଉଁଶ କଅଁଳିବ, ବଢ଼ିବ ଅତି ଗଜା ବାଉଁଶ କାଟିବା ନିଷେଧ । ଆମେ ସେମାନଙ୍କୁ ଏହି ଶିକ୍ଷା ଦେଉ । ଆମ ଜୀବନ ତା' ଉପରେ ନିର୍ଭର କରେ, ଆମେ କେଭେଁ ଜଙ୍ଗଲ ଧ୍ୱଂସ କରୁନାହିଁ ।"

ଏହି କୋୟା ତତ୍ତ୍ୱ ଭିତରେ ଥାଏ କେମିତି ବାଉଁଶ ପୁଣି ଗଜୁରିବ ଏବଂ କେମିତି ପର୍ଯ୍ୟାୟ କ୍ରମିକ ଓ ଯୋଜନାବଦ୍ଧ ଭାବେ ସତର୍କତାର ସହ ବାଉଁଶ କଟାହେବ । ପ୍ରକୃତି ଉପରେ ଜୟ ନୁହେଁ, ପ୍ରକୃତି ସହିତ ଏକାତ୍ମ ହୋଇ, ମିତ ବସି, ଶ୍ରଦ୍ଧାପୂର୍ଣ୍ଣ ଭାବେ ବଞ୍ଚିବାର ନମୂନା ହେଉଛି ବାଉଁଶ ସହ କୋୟାର ସଂପର୍କ ।

ବାଉଁଶ ହେଉଛି କୋୟାର ସାମାଜିକ ଓ ଅର୍ଥନୈତିକ ଜୀବନର ପ୍ରାଣବାୟୁ-ଅନ୍ୟ ଭାଷାରେ ଅମ୍ଳଜାନ । ନିକଟ ଅତୀତରେ ଓଡ଼ିଶାର ଜଙ୍ଗଲ ଆଇନ୍ ସେମାନଙ୍କୁ ଏହି ଉପାଦାନ ସଂଗ୍ରହ ପାଇଁ ନିଷେଧ କରି ଏହି ଅମ୍ଳଜାନରୁ ବଞ୍ଚିତ କରିଛି । ଅନ୍ୟପକ୍ଷରେ ଓଡ଼ିଶା ଜଙ୍ଗଲ ଉନ୍ନୟନ ନିଗମର ଦ୍ୱାର ଦେଇ ବଡ଼ ବଡ଼ କାଗଜ କଳ ଓ କମ୍ପାନୀ ବାଉଁଶ ଜଙ୍ଗଲରେ ଅନଧିକାର ପ୍ରବେଶ ପାଇଁ ଉଚ୍ଛ୍ୱସିତ ଭାବେ ସମ୍ବର୍ଦ୍ଧିତ ହେଉଛନ୍ତି । କାଗଜ ଉତ୍ପାଦନ ପାଇଁ ସେମାନେ ଆବଶ୍ୟକ କରନ୍ତି ପ୍ରଚୁର ବାଉଁଶ । ସେମାନଙ୍କ ଅନୁପ୍ରବେଶର ପଦଚିହ୍ନ ବାରିହୁଏ ସମଗ୍ର ଅଞ୍ଚଳରେ–ଏକଦା ନିଘଞ୍ଚ ବନାନୀ ପରିପୂର୍ଣ୍ଣ ଇଲାକା ଏବେ ପାଲଟିଛି ବନ୍ଧ୍ୟା ଭୂଇଁ । ବିଡ଼ମ୍ବନା ଯେ, କମ୍ପାନୀ ଏବଂ ସେମାନଙ୍କର ଦଲାଲ ତରଫରୁ ବାଉଁଶ କାଟିବା ପାଇଁ ଅସ୍ଥାୟୀ ମଜୁରିଆ ଭାବେ କୋୟାଙ୍କୁ ନିଆଯାଏ–ନିଜ ଜଙ୍ଗଲକୁ ସେମାନେ କାଟନ୍ତି ଅନ୍ୟମାନଙ୍କ ପାଇଁ ।

ଓଡ଼ିଶାର ଜଙ୍ଗଲ ଉପରେ ବେଶ୍ କିଛି କରିଥିବା ଓ କରିବାକୁ ଅଙ୍ଗୀକାରବଦ୍ଧ ଜଣେ ଆଇ.ଏ.ଏସ୍ ଅଫିସର ଦର୍ଶାଇଲେ ଏକ ବିଚିତ୍ର ବିରୋଧାଭାଷ । "ଗୋଟିଏ ପକ୍ଷରେ କୋୟାମାନେ ସେମାନଙ୍କ ବ୍ୟକ୍ତିଗତ ଚାହିଦା ମେଣ୍ଟାଇବାକୁ ଅତି ସାବଧାନତାର

Digitized by srujanika@gmail.com

ସହ ଦାଆରେ କାଟନ୍ତି ପାକଳ ବାଉଁଶ । ଅନ୍ୟପକ୍ଷରେ କମ୍ପାନୀଗୁଡ଼ିକ ପକ୍ଷରୁ ଆଖିବୁଜା ବାଉଁଶ କଟାଯାଏ, ଏକର ଏକର ଜଙ୍ଗଲ ଗୋଟାଏ ଦିନରେ ପଦା ହୋଇଯାଏ । ସରୁ, ଗଜା, ପାକଳ, କଷି ବାଉଁଶ କିଛି ବାଦ ପଡ଼େନାହିଁ । ଆକାର, ଲମ୍ବ, ବୟସ କି ପ୍ରକାରଭେଦ କିଛି ବିଚାର କରାଯାଏ ନାହିଁ । ଆଜିଯାଏ ଯେଉଁ ବିସ୍ତୃତ ଅଞ୍ଚଳ ବ୍ୟାପୀ ବିରାଜିତ ଥିଲା ନିଘଞ୍ଚ ବାଂଶବଣ, ସେସବୁକୁ ଅତି ଯତ୍ନରେ ସମ୍ବର୍ଦ୍ଧିତ କରିଥିଲେ କୋୟା ସଂପ୍ରଦାୟ । କିନ୍ତୁ ବିଡ଼ମ୍ବନା ଯେ, ସେ ସଂପ୍ରଦାୟର ଏହି ପାରମ୍ପରିକ, ନିୟନ୍ତ୍ରିତ, ଜଗିରଖି ଚଳିବା ପ୍ରବୃତ୍ତିଟି ଜଙ୍ଗଲ ବିଭାଗ ଆଖିରେ ବେଆଇନ୍ ହୋଇଗଲା ।''

ଅନ୍ୟ ଘରୋଇ କମ୍ପାନୀଙ୍କୁ ବାଉଁଶ କାଟିବାକୁ ଅନୁମତି ଦେବା ବେଳେ କୋୟାଙ୍କୁ କାହିଁକି ବାରଣ କରାଯାଉଛି ? ପିତାଘାଟର କୋୟା ବସତି ନିକଟରେ ରହୁଥିବା ଜଣେ ହରିଜନ ସଦାଶିବ ହନ୍ତାଳ ଏହାର ଉତ୍ତର ଦିଅନ୍ତି – 'କମ୍ପାନୀମାନଙ୍କ ଠାରୁ ସରକାର ଟିକସ ପାଉଛନ୍ତି, କୋୟାଙ୍କ ଠାରୁ କ'ଣ ପାଉଛନ୍ତି ?'

କୋୟାମାନେ ସେମାନଙ୍କର ଆଶ୍ରୟ ଓ ଅବଲମ୍ବନ ହରାଇବାର ଇଏ ପ୍ରଥମ ନଜିର ନୁହେଁ । ଜିଲ୍ଲା ଗେଜେଟିଅର କହେ ପ୍ରାୟ ୨୦୦ ବର୍ଷ ତଳେ କରାଳ ଦୁର୍ଭିକ୍ଷ ଦ୍ୱାରା ବିତାଡ଼ିତ ହୋଇ ବସ୍ତର ଅଞ୍ଚଳର ଉପତ୍ୟକାରୁ ସେମାନେ ପଳାଇ ଆସିଥିଲେ । ଏବେ ସେମାନଙ୍କର ବିସ୍ଥାପନ ହେଉଛି ଏକ ନୂଆ ପ୍ରଣାଳୀରେ – ହାତରେ ନମାରି ଭାତରେ । ସୁପ୍ଲର ଗାଁର କଓ୍ୱାସି ଭୀମାଙ୍କ ଭାଷାରେ : ''ଆମର ଘର ଅଛି, ମାତ୍ର ଆଶ୍ରୟ ନାହିଁ । ବାଉଁଶକୁ ଛଡ଼ାଇ ନେଲାପରେ କୋୟା ଜୀବନରେ ଆଉ ରହିଲା କ'ଣ ?''

କାମ୍ବେଡ଼ା ଗାଁରେ ଆମକୁ ଏରା ପଦିୟାମି ସଗର୍ବେ ଦେଖାଇଲେ ବାଉଁଶରେ ତିଆରି ତାଙ୍କର ଭଳିକି ଭଳି ସାମଗ୍ରୀ । ସେସବୁ ବଜାରରେ ବିକ୍ରି ପାଇଁ ନୁହେଁ, ଗୃହୋପକରଣ ରୂପେ ନିର୍ମିତ । ସେଥିରେ ଅଛି ଛତା-ଇରମ, ପରିବାଝୁଡ଼ି-ଗୁଟା, ଚାଉଳମପା ମାଣ-ଜଉଗୁଲା, ବଂଶୀ-ଓସଡ଼, ମୁଗୁରା-ଟେକରମ୍, ଖାଳେଇ-କିଙ୍କେ କାଡ଼ଗ । ଛୋଟ ବଡ଼ ହୋଇ ବିଭିନ୍ନ ଆକୃତିର ଅଠର ପ୍ରକାର ଟୋକେଇ ରହିଛି । ଏହା ବାହାରେ ବାଉଁଶ ଗଜାର କରଡ଼ିକୁ ଖାଏ କୋୟା ଏବଂ ଚଡ଼ିବୁଟି ପ୍ରସ୍ତୁତିରେ ଲାଗେ ମଧ ବାଉଁଶ ।

''ବାଉଁଶ ତିଆରି ଜିନିଷ ବଦଳ କରି ଆମେ ତେଲଲୁଣ ଚାଉଳ କିଣୁଥିଲୁ । ଏବେ ବି ଆମର ଦରକାରୀ ଚିଜ ପାଇବାକୁ ଆମେ ସେହି ବାଉଁଶ ତିଆରି ସାମଗ୍ରୀ ବିକ୍ରିକରୁ । ଏବେ ଆମର ଯେଉଁସବୁ ଚିଜ ଲୋଡ଼ା, ତାକୁ ଆମେ ପାଇବୁ କେମିତି ?''

Digitized by srujanika@gmail.com

–ପଚାରେ ପଦିୟାମି । ‘‘ଆଇନ୍ କ’ଣ କହୁଛି ଯେ ଆମକୁ ଫରେଷ୍ଟ ଗାର୍ଡ ହଲାପଟା କରିବ ?’’ –ପଚାରେ ଆନ୍ଦା ମାଡ଼ାକାମି । ‘‘ଆମର ନିହାତି ଚଳିବା ପାଇଁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ସେମାନେ ବି ବାଟ ଛାଡୁନାହାନ୍ତି; ଯଦିଓ ଆମକୁ ବଡ଼ ହାକିମମାନେ କହିଛନ୍ତି ଯେ ସେସବୁ ଦରବ ଆମେ ବଣରୁ ଆଣିପାରିବୁ ।’’

ତତ୍ତ୍ୱ ଦୃଷ୍ଟିରୁ ଏହିସବୁ ଜଙ୍ଗଲି ବାଉଁଶ ବଣ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରହିଛି ଓଡ଼ିଶା ବନ ଉନ୍ନୟନ ନିଗମର ଏବଂ କମ୍ପାନୀମାନଙ୍କୁ ସେ ବାଉଁଶ ବିକ୍ରି କରିଥାଏ । ‘‘କିନ୍ତୁ ବାସ୍ତବ କ୍ଷେତ୍ରରେ ଅଲଗା ଘଟିଥାଏ ।’’ –କହନ୍ତି ଜଣେ ଉଦୀୟମାନ ଆଦିବାସୀ ନେତା କାମରାଜ କାଓ୍ୱାସି । ‘‘ଯେଉଁ ଅଞ୍ଚଳରୁ ବାଉଁଶ କଟାଯିବ ତା’ ଉପରେ ବନ ନିଗମ ଓ ଘରୋଇ କମ୍ପାନୀ ରାଜିରୁଜା ହୁଅନ୍ତି । ସରକାରଙ୍କ ପକ୍ଷରୁ ବାଉଁଶ ଦର ଧାର୍ଯ୍ୟ ହେବା ପରେ କମ୍ପାନୀ ପକ୍ଷରୁ ଲୋକ ଲଗେଇ ଜଙ୍ଗଲ ଲଣ୍ଡା କରିଦିଆଯାଏ ।’’

‘‘ଯେତେବେଳେ ମଝି ମଝିକା ଦଲାଲ ଯୁଟେ, ଏପରି ଘଟିଥାଏ । ଏବଂ ସେ ଆନ୍ଧ୍ରରୁ ବାଉଁଶ କାଟିବାକୁ ଲୋକ ନେଇଆସେ । ଯେତେବେଳେ ଅସ୍ଥାୟୀ ଶ୍ରମିକ ହୋଇ କୋୟାମାନେ କାମକୁ ଯାଆନ୍ତି –ସରକାର ହେଉ ବା କମ୍ପାନୀ ଠିକାଦାର ହେଉ କେହି ତାକୁ ସରକାରୀ ହାରରେ ମଜୁରି ଦିଅନ୍ତି ନାହିଁ । ଏପରିକି ଦଶ ବାରଖଣ୍ଡ ବାଉଁଶ କାଟିଲେ ଟଙ୍କାଏ ମଜୁରି ମିଳେ କି ନାହିଁ । ସେଥିପାଇଁ ଜଙ୍ଗଲ ଭିତରେ ସେମାନଙ୍କୁ ଚାରି ମାଇଲ ବାଟ ଚାଲିବାକୁ ପଡ଼େ । ଜଙ୍ଗଲରୁ ବାଉଁଶ କାଟି କାନ୍ଧରେ ବୋହି ବୋହି ସେମାନେ ନିଜ ଗାଁକୁ ଫେରନ୍ତି । ପୁଣି ଡିପୋରେ ପହଞ୍ଚିବାକୁ ସେଇ ସମାନ ବାଟ ଚାଲିବାକୁ ପଡ଼େ ।’’

କାଓ୍ୱାସିର ଅଭିଯୋଗକୁ ବନ ନିଗମର ଅଫିସରମାନେ ଅସ୍ୱୀକାର କରନ୍ତି । ମାତ୍ର ଏ ଧାରାଟିକୁ ଦିବାଲୋକ ଭଳି ଏତେ ସ୍ପଷ୍ଟ ଦେଖିହୁଏ ଯେ, ସେମାନଙ୍କ ଅସ୍ୱୀକାର ପାଣି ଫୋଟକା ପରି କୁଆଡ଼େ ମିଳାଇ ଯାଏ । ସହଜ ଭାବରେ କହିଲେ ବନ ନିଗମ ପକ୍ଷରୁ କମ୍ପାନୀ କି ବ୍ୟକ୍ତିଙ୍କୁ ଜଙ୍ଗଲ ନିଲାମ ଦିଆଯାଏ । ଭାରତ ସରକାରଙ୍କ ଅନୁମତି ନଥିବାରୁ ଏପରି କାରବାର ସମ୍ପୂର୍ଣ୍ଣ ବେଆଇନ ।

‘‘ଘର ତିଆରିରେ ଆମେ ଏ ବାଉଁଶକୁ କାମରେ ଲଗାଉ, ଆପଣ ଯେଉଁ ଚାରପଇରେ ବସିଛନ୍ତି ସିଏ ତ ବାଉଁଶରେ ତିଆରି । ଆମ ଖଟ, ଚଟ, ସିନ୍ଦୁକ ସବୁକିଛି ବାଉଁଶରେ ଗଢ଼ା ।’’ –ସୁପ୍ଲୁର ଗ୍ରାମର ଶୁକଦେବ କାଓ୍ୱାସି କହେ । ନାଉତୁମ୍ବାରେ ନିର୍ମିତ ଏକ ବଡ଼ ଜଳପାତ୍ର ଆଡ଼କୁ ଆଙ୍ଗୁଠି ଦେଖାଇ ସେ କହେ– ‘‘ଦେଖନ୍ତୁ ଏଇ ନାଉତୁମ୍ବାର ଖୋଳଟିକୁ । ସେଇଟି ବାଉଁଶରେ ତିଆରି । ପାଣି ଏଥିରେ ଥଣ୍ଡା ରହେ ।

Digitized by srujanika@gmail.com

କେବେ ଭାବିପାରୁଛନ୍ତି ବାବୁ, କୋୟା ବାଉଁଶ ବଣର ହାନି ପହୁଞ୍ଚାଇବ ? ବାଉଁଶ ପରା ଆମର ଜୀବନର ସାର, ପ୍ରାଣର ଡୋର । ଜଙ୍ଗଲ ଭିତରକୁ ଆମ ଗତିକୁ ରୋଧି ସରକାର ଅନ୍ୟାୟ କଲେ । ବଡ଼ ଅକ୍ଷମଣୀୟ ଅନ୍ୟାୟ । ଆପଣ କ'ଣ ମହୁମାଛିକୁ ଫୁଲ ଉପରେ ବସିବାକୁ ମନା କରିଦେବେ, ମହୁ ସାଉଁଣ୍ଟିବାକୁ ବାରଣ କରିବେ ?''

ବୋଧହୁଏ ସରକାର ପାରିବ । ସେମାନେ ସେପରି କରି ସାରିଛନ୍ତି । ଏହି ବାରଣ କୋୟାମାନଙ୍କୁ ବହୁ ଭାବରେ କରିଛି ଆହତ ଓ କ୍ଷତିଗ୍ରସ୍ତ । ସେମାନେ ଋଣ ଭାରରେ ନଇଁ ପଡୁଛନ୍ତି, ସାହୁକାର ପାଖକୁ ଧାଉଁଛନ୍ତି । ବାଉଁଶ ଜଙ୍ଗଲ ଯେତେ ବଢୁନାହିଁ, ତାହାଠୁଁ ଦ୍ରୁତଗତିରେ ବଢ଼ିଚାଲିଛି କୋୟାଙ୍କ ଋଣ ଭାର ।

ଏ ଧାରା କ୍ରମେ ଦୁର୍ବିସହ ହେବାରେ ଲାଗିଛି । ପରିଣତି ଆହୁରି ଭୟାବହ ହେବାକୁ ଯାଉଛି । ସେମାନଙ୍କୁ ଦେଖି ମନେହେଲା କୌଣସି ପ୍ରକଳ୍ପ ପାଇଁ ପ୍ରତ୍ୟକ୍ଷ ଭାବେ ବାସଚ୍ୟୁତ ହେଲେ କେବଳ ମଣିଷର ଜୀବିକା ଓ ସଂସ୍କୃତି ଭାଙ୍ଗିପଡ଼େ ନାହିଁ । ସେମାନଙ୍କୁ ମୂଳାଧାର ଜୀବିକାର ଉତ୍ସରୁ ବଞ୍ଚିତ କରିଦେଲେ ଏହିସବୁ ବିଲକ୍ଷଣମାନ ଅଚିରେ ଫୁଟି ଉଠେ ।

ପ୍ରତ୍ୟକ୍ଷ ଭାବେ ସରକାର ଉଠାଇ ଦେଇନାହାନ୍ତି କୋୟା ଗ୍ରାମ । କେହି ଉଚ୍ଛେଦ ହୋଇନାହାନ୍ତି ନିଜ ଭିଟାମାଟିରୁ । ମାତ୍ର ସେମାନଙ୍କ ଜୀବିକାର ଗୁରୁତ୍ୱପୂର୍ଣ୍ଣ ଉତ୍ସ ଠାରୁ ସେମାନଙ୍କୁ ଦୂରେଇ ରଖି, ଲକ୍ଷ୍ମଣରେଖା ଟାଣିଦେଇ ବାସ୍ତୁହରା ମଣିଷର ସମସ୍ତ ଦହନ ଓ ନୈରାଶ୍ୟକୁ ସେମାନଙ୍କ ଉପରେ ଲଦି ଦିଆଯାଇଛି । ଏପରି ସାଙ୍ଘାତିକ ଚାବୁକ ଛାଟର ଜ୍ୱାଳାକୁ ସହ୍ୟ କରିବାକୁ ସେମାନେ ସମର୍ଥ ନୁହଁନ୍ତି । ମଧୁ ସଂଗ୍ରହରୁ ବଞ୍ଚିତ ମହୁମାଛି ପରି ଦୁଃସହ ହୋଇ ଉଠିଛି ସେମାନଙ୍କ ଜୀବନ । ସେ ଉଡ଼ି ଉଡ଼ି କ୍ଳାନ୍ତ ହୋଇପଡୁଛି, ମାତ୍ର ଫୁଲ ଉପରେ ବସିପାରୁନାହିଁ ।

କେବଳ ଏ ମହୁମାଛିର ଦଂଶନ କରିବାକୁ ନାହିଁ ନାହୁଡ଼ ।

ଏକ ଉତ୍ତର-ଲିପି :

ଓଡ଼ିଶା ବନ ନିଗମର ବାଉଁଶ ଜଙ୍ଗଲ କାରବାର ନୀତିକୁ ଅନ୍ୟମାନେ ଖୁବ୍ ନୈରାଶ୍ୟଜନକ ଦୃଷ୍ଟିରେ ଦେଖିଲେ । ଦେଶର ଜଣେ ବରିଷ୍ଠ ପ୍ରଶାସକ ସତର୍କ କରାଇଦେଲେ ଯେ, ଏଭଳି କାରବାରରେ ଅଂଶୀଦାର ହୋଇ ଅଫିସରମାନେ ଅଦାଲତ ଦ୍ୱାରା ଦଣ୍ଡିତ ହେବାର ଉପସର୍ଗକୁ ଆହ୍ୱାନ କରୁଛନ୍ତି । ୧୯୯୫ର ଶେଷ ଭାଗରେ 'ୱେଷ୍ଟ ଲ୍ୟାଣ୍ଡ ନ୍ୟୁଜ୍' ନାମକ ଏକ ବୁଲେଟିନ୍‌ରେ ଲେଖା ପ୍ରକାଶ କରି ସେ ମତବ୍ୟକ୍ତ

Digitized by srujanika@gmail.com

କଲେ ଯେ, ଅନ୍ୟ ଅନେକ ଅନିୟମିତତା ଭିତରୁ ପ୍ରଥମେ କାଗଜ ଶିଳ୍ପକୁ ବାଉଁଶ ଜଙ୍ଗଲ ଲିଜ୍ ଦେବାବେଳେ ଭାରତ ସରକାରଙ୍କ ଅନୁମତିକୁ ଲୋଡ଼ାଯାଇନାହିଁ ।

'ସମଗ୍ର କାରବାରଟି ହେଉଛି ଆଇନ୍ ବିରୋଧୀ' ଲେଖିଲେ ଏନ୍.ସି. ସାକ୍ସେନା—ମଶୋରୀସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ରାଷ୍ଟ୍ରୀୟ ପ୍ରଶାସନିକ ଏକାଡେମୀର ନିର୍ଦ୍ଦେଶକ । ସେ ମଧ୍ୟ ଅନୁଧ୍ୟାନରୁ ପାଇଲେ ଯେ, ଓଡ଼ିଶା ବନ ନିଗମ ପକ୍ଷରୁ ଦରିଦ୍ରତମ ମଣିଷମାନଙ୍କ ପ୍ରତି ଘୋର ଅବିଚାର ଓ ଅବହେଳା ପ୍ରଦର୍ଶିତ ହୋଇଛି । ସେମାନଙ୍କୁ ବାଛନ୍ଦ ଓ ବାରଣ କରାଯାଇଛି । ସ୍ଥାନୀୟ ଗରିବ ଚାଷୀଲୋକଙ୍କୁ ପ୍ରତି ବାଉଁଶ ଖଣ୍ଡ ୪ ଟଙ୍କା ୩୦ ପଇସାରେ ବିକ୍ରି ହୋଇଥିବା ବେଳେ କାଗଜ କଳକୁ ଖଣ୍ଡପିଛା ମାତ୍ର ୧୫ ପଇସାରେ ବିକ୍ରି ହୋଇଥିବା ଗୋଟିଏ ବାଉଁଶ ଡିପୋର ଖାତାପତ୍ରରୁ ଜଣାପଡ଼ିଲା । କିନ୍ତୁ ସ୍ଥାନୀୟ ଚାଷୀଙ୍କୁ ବିକ୍ରି ହୋଇଥିବା ବାଉଁଶ ଅତି ନଗଣ୍ୟ; ମାତ୍ର ୩୫୦ ଖଣ୍ଡ । କାଗଜକଳ କିଣିଛି ୩୦ ଲକ୍ଷ ବାଉଁଶ-ପ୍ରତ୍ୟେକ ୧୫ ପଇସା ମୂଲ୍ୟରେ । ମାତ୍ର ଖୋଲା ଖୋଲି ନିଲାମ ଡାକରେ ଏହି ପ୍ରତିଖଣ୍ଡ ବାଉଁଶ ୧୦ରୁ ୧୩ ଟଙ୍କା ଦର୍‌ରେ ବିକ୍ରି ହୋଇପାରୁଛି । କିନ୍ତୁ ନିଲାମରେ ବିକ୍ରି ହୋଇଛି ମାତ୍ର ୨୭ ହଜାର ବାଉଁଶ । ସ୍ଥାନୀୟ କାରିଗରଙ୍କୁ ଖଣ୍ଡିଏ ହେଲେ ବି ବାଉଁଶ ବିକ୍ରି କରାଯାଇନାହିଁ ।

ଏ କାରବାରରେ ଆଇନଗତ ଦଣ୍ଡବିଧାନ ହୋଇପାରେ ବୋଲି ସାକ୍ସେନାଙ୍କ ଭବିଷ୍ୟତବାଣୀ ସତ ହେଲା । ୧୯୯୬ର ପ୍ରଥମାର୍ଦ୍ଧରେ ଓଡ଼ିଶାରେ ନୂଆ ସରକାର ଆସିବା ପରେ ବିଜୁ ପଟ୍ଟନାୟକ ସରକାର ବିରୁଦ୍ଧରେ ସେମାନେ ଦୁଇଟି ଅଭିଯୋଗପତ୍ର ଦାଖଲ କଲେ । ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏଭଳି ତ୍ରୁଟିପୂର୍ଣ୍ଣ ଓ ଆଇନ୍ ବିରୋଧୀ କାରବାର କାଗଜ କଳମାନଙ୍କ ସହ ହୋଇଥିଲା । ଏଥିରୁ ଗୋଟିଏ ହେଉଛି ତାଙ୍କ ସରକାର ବେଳେ ଗୋଟିଏ ଘରୋଇ ବ୍ୟବସାୟ ପ୍ରତିଷ୍ଠାନକୁ ବାଉଁଶ ରୟାଲଟି ଉପରେ ସ୍ୱତନ୍ତ୍ର ରିହାତି ଦିଆଯାଇଥିଲା । ଅଦାଲତରେ ରାଜ୍ୟ ସରକାର ହାରିଗଲେ । ତେବେ ଏହା କୌଣସି ଭାବେ ଆଇନ୍‌କୁ ବଦଳାଇ କୋୟା ସଂପ୍ରଦାୟକୁ ସାହାଯ୍ୟ କରିପାରିବ କି ? ଜଣାନାହିଁ, କିନ୍ତୁ ଆଶା ରଖାଯାଉ ।

❖ ❖ ❖

Digitized by srujanika@gmail.com

ଅମୃତ ସମାନ ଆହା ଅଟେ ସେଇ ଘର

ସେ ଥିଲା ଏକ ବହୁ ପ୍ରଚାରିତ ଗାଁ । ସମୃଦ୍ଧି, ଶିଳ୍ପୋନ୍ନତି କି ସଭ୍ୟତାର ଶିଖରରେ ଥିବାରୁ ନୁହେଁ; ଭାରତର ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରୁ ଏକତମ ଝାବୁଆର ସେ ଥିଲା ଶେଷତମ ଗ୍ରାମ । ଏହାପରେ ଆରମ୍ଭ ହେଉଥିଲା ଗୁଜୁରାଟର ସୀମାରେଖା । ମଧ୍ୟପ୍ରଦେଶର ପାର୍ବତ୍ୟାଞ୍ଚଳର ସବୁଠୁଁ ଶେଷତମ ନିମ୍ନଦେଶରେ ଥିଲା ସେ ଗାଁ । ନର୍ମଦା ନଦୀ ବନ୍ଧ ଯୋଜନାର ଜଳ ଭଣ୍ଡାର ଦ୍ୱାରା ବୁଡ଼ିବାର ବିଡ଼ମ୍ବିତ ଭାଗ୍ୟ ନେଇ ପଡ଼ିରହିଥିଲା ସେ ଗାଁ । ମେଧା ପାଟକର ଓ ତାଙ୍କ ଉତ୍ସର୍ଗୀକୃତ ସାଥୀଙ୍କ ଜଳ ସମର୍ପଣର ସଂକଳ୍ପରେ ଥରୁଥିଲା ସେ ଗାଁ । ଖବର କାଗଜ ପୃଷ୍ଠାରେ ବାରମ୍ବାର ପ୍ରଚାରିତ ହେଉଥିଲା ସେ ଗାଁ । ବହୁ ଅଙ୍ଗୀକାରବଦ୍ଧ ମଣିଷଙ୍କ ଗହଳିରେ ଚହଲୁଥିଲା ସେ ଗାଁ । ସେ ଗାଁର ନାଁ ଜଳସିନ୍ଧି ।

ପାହାଡ଼ ତଳି ଶେଷତମ ନିମ୍ନ ଭୂଇଁରେ ତଥାପି ରହିଥିଲେ ଲୁଆରିଆ ଓ ତାଙ୍କ ସାଥୀ ଭିଲାଲ ଆଦିବାସୀ । ନର୍ମଦା ଜଳଭଣ୍ଡାରର ପତନ ବୃଦ୍ଧି ପାଇଲେ ପ୍ରଥମେ ଜଳମଗ୍ନ ହେବ ଲୁଆରିଆର ଘର । ବଡ଼ ପ୍ରଶସ୍ତ ଓ ମନୋରମ । ସାଗୁଆନ୍ ଓ ବାଉଁଶରେ ନିର୍ମିତ ସୁନ୍ଦର ଏକ ଆଶ୍ରୟ । ମାତ୍ର ନଥିଲା ବରାଭୟ ।

ଜଳସିନ୍ଧି ଥିଲା ଏକ ମଗ୍ନ ଉପତ୍ୟକାର ବିପଦଶଙ୍କୁଳ ସୀମାନ୍ତ । ଗାଁଟି ଥିଲା ମଧ୍ୟପ୍ରଦେଶରେ ଏବଂ ଏହିଠାରୁ ଆରମ୍ଭ ହୋଇଥିଲା ମହାରାଷ୍ଟ୍ର । ଲୁଆରିଆ ଓ ଆଉ ନଅଟି ପରିବାର ସେ ସ୍ଥାନ ଛାଡ଼ିବାକୁ ନାସ୍ତିବାଣୀ ଶୁଣାଇଦେଇ ନିଃଶଙ୍କରେ ରହିଥିଲେ ସେ ବସ୍ତିରେ । ପୁନର୍ବାସ ପାଇଁ ସବୁ କ୍ଷତିପୂରଣକୁ ନାସ୍ତି କରିଦେଇ ସେମାନେ ଗୁଜୁରାଟ ଯାଇନଥିଲେ । ବରଂ ମିଳିମିଶି ଗଢ଼ିଥିଲେ ନିଜ ଘର ପାଖରେ ଆଉ ଏକ ଦ୍ୱିତୀୟ ଘର—ସେମାନଙ୍କ ଭିଟା ନଛାଡ଼ିବାର ଦମ୍ଭୋକ୍ତିର ପ୍ରତୀକ ରୂପେ । ତାଙ୍କର ଏହି ବିପଦଶଙ୍କୁଳ ପ୍ରତିବାଦ ସହ ଯିଏ ଆସି ମିଳାଉଥିଲା ସ୍ୱର, ସେ ମଧ୍ୟ ନେଉଥିଲା ଆଶ୍ରୟ ଏହି ଦ୍ୱିତୀୟ ଘରେ । ସର୍ଦ୍ଦାର ସରୋବର ପ୍ରୋଜେକ୍ଟର ବନ୍ଧ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଥିଲା, ତେୟାଅଶି ମିଟରର ବିପଦ ସଂକେତ ଟପି ସାରିଥିଲା । ତଥାପି ସେମାନେ ଥିଲେ ଅଟଳ, ନିଜ ଯିଦ୍‌ରେ ମହାମେରୁ । ତାଙ୍କପରି ଆଉ କିଛି ଗାଁରେ ଅଟଳ ରହିଥିଲେ ଆଉ କିଛି ବିସ୍ଥାପିତ । ପ୍ରାୟ ସମସ୍ତେ ଥିଲେ ଆଦିବାସୀ, ଖୁବ୍ ଅନୁନ୍ନତ, ପ୍ରାୟତଃ ନିରକ୍ଷର ।

Digitized by srujanika@gmail.com

ପାହାଡ଼ର ଗଡ଼ାଣିଆ ଥାନରେ ଲୁଆରିଆର ପତ୍ନୀ ଭୋଗି ଜମିକୁ ପ୍ରସ୍ତୁତ କରୁଥିଲା – ବର୍ଷା ପୂର୍ବର ମାଟି ଲେଉଟା । ସୂର୍ଯ୍ୟରୁ ଝରୁଥିଲା ଯେମିତି ନିଆଁଝୁଲ, ଉତ୍ତାପ ଚଢ଼ି ଯାଇଥିଲା ୪୫ ଡିଗ୍ରୀ ସେଲ୍‌ସିଏସ୍ ଏବଂ ଭୋଗି ମଧ୍ୟେ ମଧ୍ୟେ ଚାହୁଁଥିଲା ଡହକୁଥିବା ଶୂନ୍ୟ ଆକାଶ ଆଡ଼େ – ମେଘର ପ୍ରତ୍ୟାଶାରେ । ପ୍ରଥମ ଅସ୍ରାଏ ବର୍ଷା ପରେ ଗୁଜୁଗୁଳି ପ୍ରବଳ ହୋଇ ଉଠିଥିଲା । ପାହାଡ଼ି ଗଡ଼ାଣି ତଳେ କଙ୍କରିଳ ମାଟିକୁ ମନେଇବା ଏତେ ସହଜ ନଥିଲା । କିନ୍ତୁ ଭୋଗି ଓ ତା'ର ପଡ଼ୋଶିନୀ ରେବକୀ ହସ ମଉଜରେ ମାଟି ତାଡୁଥିଲେ । ମୁକ୍ତା ବିନ୍ଦୁ ପରି ଟୋପି ଟୋପି ହୋଇ ମୁହଁକୁ ଛାଇ ଦେଇଥିଲା ସ୍ୱେଦ । ଗାଁର ମୁଖିଆ ନେତୃତ୍ୱରେ ଅନ୍ୟ ପୁରୁଷ ଲୋକମାନେ ଗଢୁଥିଲେ ନୂଆ ଘର । ଏଥିରୁ ସ୍ପଷ୍ଟ ବାରି ହେଉଥିଲା ସେମାନଙ୍କ ଦୃଢ଼ତା, ମନବଳ ।

ଏ ଗାଁର ଲୋକଙ୍କ ମନୋଭାବ ସଂପୂର୍ଣ୍ଣ ରୂପେ ଆବେଗପ୍ରବଣ ନଥିଲା । ସେମାନେ ବୁଝିଥିଲେ କାହିଁକି ସେମାନଙ୍କ ପରି ସରଳ ଆଦିବାସୀଙ୍କୁ ନିଜନିଜର ଭିଟାରୁ ବାରମ୍ବାର ବହିଷ୍କାର କରାଯାଉଛି ଏବଂ ସମୃଦ୍ଧି ନାମରେ ଯାହା ସବୁ ଗଢ଼ା ଯାଉଛି ତା'ର ସମଗ୍ର ସୁଫଳ ଭୋଗ କରୁଛନ୍ତି ସମାଜର ଥିଲାବାଲାମାନେ । ୧୯୫୧ରୁ ୧୯୯୫ ଯାଏ ବିଭିନ୍ନ ପ୍ରକଳ୍ପ ପାଇଁ ବାସଚ୍ୟୁତ ୨୬୦ ଲକ୍ଷ ଭାରତୀୟଙ୍କ ମଧ୍ୟରୁ ୪୦ ଶତାଂଶ ହେଉଛନ୍ତି ଆଦିବାସୀ । ଓଡ଼ିଶା ଓ ମଧ୍ୟପ୍ରଦେଶରେ ଏ ପରିସଂଖ୍ୟାନ ହାର ଢେର୍ ଉଚ୍ଚରେ ରହିଛି । ନିଜ ଭିଟାମାଟିରୁ ଉତ୍ପାଟିତ ହୋଇ ସେମାନେ ସର୍ବସ୍ୱ ହରାଇଛନ୍ତି, ହିନିମାନ ଭୋଗୁଛନ୍ତି । ସେମାନେ ଭିଟା ଛାଡ଼ିବାକୁ ନାସ୍ତିବାଣୀ ଶୁଣାଇ ଦେବା ମୂଳରେ ମଧ୍ୟ ରହିଛି ଅନେକ ସୁସ୍ପଷ୍ଟ ଓ ସୂକ୍ଷ୍ମ ଅର୍ଥନୈତିକ କାରଣ ।

"ଆମେ ଏଠି ଜଙ୍ଗଲରୁ ନାନା ଦରବ ପାଉ । ଗୁଜୁରାଟରେ ସେଥିପାଇଁ ଅଣ୍ଟାରୁ କଉଡ଼ି କାଢ଼ିବାକୁ ପଡ଼ିବ । ସେତକ ଆମକୁ ଦବ କିଏ ?" – ଲୁଆରିଆ ସୂଚାଇ ଦିଅନ୍ତି । ବାସ୍ତବିକ ଠିକ୍ କଥା । ଏମିତି କେତେକ ସାମଗ୍ରୀ ଅଛି ଯାହାକୁ ଟଙ୍କା ପଇସା ଦେଲେ ବି ମିଳିପାରିବ ନାହିଁ କିମ୍ବା ଅର୍ଥ ଭିତ୍ତିରେ ସେସବୁର ମୂଲ୍ୟ କଳିହେବ ନାହିଁ । ମଧ୍ୟପ୍ରଦେଶ ଭଳି ଗୁଜୁରାଟରେ ସେଭଳି ପ୍ରାକୃତିକ ଓ ଘଞ୍ଚ ଜଙ୍ଗଲ ନାହିଁ । "ଆମର ଜାଳେଣୀ କାଠ ଜଙ୍ଗଲରୁ ଆସେ । ଗାଇମାନଙ୍କ ଚରା, ବାଧିକି ପାଇଁ ଚେରମୂଳି, ମହୁଲ ଫୁଲ, ଶାଳମଞ୍ଜି ଏସବୁ ଆମେ ବଣରୁ ପାଉ । ଏଇ ପାହାଡ଼ ଜଙ୍ଗଲ ଧାରରେ ବହୁଥିବା ନଈରୁ ଆମକୁ ମିଳେ ମାଛ । ସେମାନଙ୍କ କେଉଁ ଥଇଥାନ ଯୋଜନାରେ ଆମର ଏସବୁ ଉପାର୍ଜନକୁ ହିସାବକୁ ନିଅନ୍ତି କି ଟିକେ ହେଲେ ହେଜନ୍ତି ? କିଏ ଯାକୁ ଭରଣା କରିବ ?" ଆହୁରି ଅନେକ ରହିଛି – ଝୁଣା ଠାରୁ ଶାଳପତ୍ର । ଛତୁ

Digitized by srujanika@gmail.com

ଠାରୁ ବାଉଁଶ କରଡ଼ି । ଆଦିବାସୀର ଉତ୍ସବଗୁଡ଼ିକ ବଣର ଫୁଲରେ ହୁଏ ସଜ୍ଜିତ, ବିଭାସିତ । ସହରୀ ମଣିଷ ପରି ପ୍ରକୃତିଛଡ଼ା ହୋଇ ଆଦିବାସୀ ବଞ୍ଚିପାରିବ ନାହିଁ ।

ତେବେ ସରକାରଙ୍କ ଠାରୁ ଲୁଆରିଆ କ'ଣ ଚାହେଁ ? "କିଛି ନୁହେଁ, ଆମେ ଯେମିତି ଅଛୁ ସେମିତି ରହିବୁ । ଆମେ ଯେମିତି ଜୀଇଁ ଆସିଛୁ ଅନ୍ୟଆଡ଼େ ଗଲେ ସେପରି ଜୀଇଁପାରିବୁ ନାହିଁ । ଏଠିକାର ସୁବିଧା ଅନ୍ୟଠି ମିଳିବ ନାହିଁ । ମିଳିବ କି କୁହତ ବାବୁ ?" ମୁଁ କହିପାରିଲି ନାହିଁ । ଲୁଆରିଆଙ୍କ ଘରେ ତିନିଦିନ ଏବଂ ଅନ୍ୟ ଗାଁମାନଙ୍କରେ ଆହୁରି ଅଧିକ ସମୟ ବିତାଇ ବି ସେତକ କହିପାରିଲି ନାହିଁ । ଗୋଟିଏ ଗଛରୁ ଅନ୍ୟୂନ ବାରପ୍ରକାର ଖାଇବା ଦ୍ରବ୍ୟ ସଂଗ୍ରହ କରୁଥିବା ମୋତେ ଦେଖାଇଦେଲେ ଗୋଟିଏ ପରିବାର । ମୁଁ ତଟସ୍ଥ ହୋଇଗଲି । କେତେ ଅନ୍ତରଙ୍ଗ ଭାବେ ସେମାନେ ପ୍ରକୃତିକୁ ଚିହ୍ନିଛନ୍ତି ସତେ ! କେତେ ଅନ୍ତରଙ୍ଗ ଏକାତ୍ମ ପାଲଟି ଯାଇଛନ୍ତି ପ୍ରକୃତି ସହ !

ଓ୍ୱାକ୍ନର୍ ନାମକ ଅନ୍ୟଏକ ଅଣ-ବୁଡ଼ି ଅଞ୍ଚଳର ଗାଁରେ ଦେଖିଲି ଆଉ ଗୋଟିଏ ପରିବାର ପାଖାପାଖି ତିରିଶ ପ୍ରକାର ଦ୍ରବ୍ୟ ସଂଗ୍ରହ କରିଛନ୍ତି ଗଛରୁ । ସେ ସମସ୍ତ ଥିଲା ସେମାନଙ୍କର ଆହାର ଏବଂ ଗତ ସପ୍ତାହରେ ସେତକ ତୋଳା ଯାଇଥିଲା । ସେଥିମଧରେ ଅନ୍ତର୍ଭୁକ୍ତ ଥିଲ –ମହୁଲ, କୟାଁ, ଚିରଞ୍ଜି, ସୀତାଫଳ, ଅଁଳା, ମୁଖା ଶାଗ । ସେ ତାଲିକାରେ ଥିଲା ହେଗୁନ ଶାଗ, ଗୋଇନ୍ଦି ଭାଜି, କୁଲିଆର ଶାଗ, ଛଟାମଡ଼ା ଶାଗ । ଡିମିରି ଫଳ ଠୁଁ ସୋରିଷ ଶାଗ ଯାଏ ଅନେକ କିଛି ସେମାନଙ୍କର ଭକ୍ଷ୍ୟ । ଆମ୍ବ କୋଇଲି ଚୂନା ସହ ମାଣ୍ଡିଆ ଜାଉ ଏକ ପୌଷ୍ଟିକ ଆହାର । ତା' ପଛକୁ ଅଛି କେତେ ଜାତିର କନ୍ଦା, ମୂଳ, ବାଉଁଶ କରଡ଼ି ଠାରୁ ଛତୁ ଯାଏ ଦ୍ରବ୍ୟ । ଶାଳପତ୍ର, ଟୋଲତେଲ, କୁସୁମ ମଞ୍ଜି ତେଲ ଏବଂ ଲଘୁ ବଣଜାତ ସାମଗ୍ରୀକୁ ମିଶାଇଲେ ତାଲିକା ଯେପରି ହେବ ଦୀର୍ଘ, ଏହି ଗିରିଜନ ସଂପ୍ରଦାୟର ଜୀବନ ଚର୍ଯ୍ୟା ଲାଗିବ ସେତେ ବର୍ଣ୍ଣମୟ ଓ ବୈଚିତ୍ର୍ୟମୟ ।

ନଦୀ କୂଳରେ ରହୁଥିବା ମଣିଷମାନଙ୍କ ଅର୍ଥନୀତି ପ୍ରାୟ ସ୍ୱାବଲମ୍ବୀ । କେବଳ ଲୁଣ ଭଳି କିଛି ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ସେମାନେ ହାଟ ବଜାରକୁ ଯାଆନ୍ତି । "ଆମେ ନଇକୂଳିଆ ଲୋକେ କେବେ ମୂଲ ମଜୁରି ଲାଗିବାକୁ ଯାଉନା ।" କହେ ଭାବ । ତା' ଆଖିରେ ଫୁଟିଉଠେ ସ୍ୱାଭିମାନର ମର୍ଯ୍ୟାଦାବୋଧ । "ଏଇ ଜଙ୍ଗଲ ହେଉଛି ଆମର ସାଉକାର ଆଉ ବେଙ୍କ୍ । ଆମେ ଜଙ୍ଗଲର ସାଗୁଆନ, ବାଉଁଶରେ ଘର ତୋଳୁ । ସେଇଥିରେ ଗଢୁ ଖଟ ଆଉ ଝୁଡ଼ି, ବେତା, ଟୋକେଇ । ଆମ ଚାଷ ପାଇଁ ଲଙ୍ଗଳ, ଯୁଆଳି, ମଇ ଏଇଠୁ ମିଳେ । ଏଇ ଭୂଇଁରେ ଚେର, ମୂଳି, ପତ୍ର, ଛେଲିରେ ଆମ

Digitized by srujanika@gmail.com

ଔଷଧ ତିଆରି ହୁଏ । ଯା'ରି ଝର ପାଣିରେ ଆମ ଶୋଷ ମେଣ୍ଟେ, ରୋଷେଇବାସ ଚଳେ । ଆମର ଧନ ସଂପଦ କହିଲେ ଆମ ଗୋରୁ ଛେଳି । ସିଏ ବି ଏଇ ବନସ୍ତରେ ଚରନ୍ତି, ଝର ପାଣି ପିଅନ୍ତି । ଏମିତି କେତେ ପୁରୁଷରୁ ଜଙ୍ଗଲକୁ ନେଇ ଆମେ ଜୀଇଁଛୁ । ଆଉ ଏଠୁ ଉଠି ଗୁଜୁରାତ ଗଲେ ଆମକୁ ତ ସବୁ ଦରବ କିଣିବାକୁ ପଡ଼ିବ । ଏଇଠି ତମେ ଆଠଟା ଦିନ ରୁହ ବାବୁ, ଦେଖିବ କେତେ ଟଙ୍କା ସାରୁଚ । ଆଉ ଗୁଜୁରାତର ଯୋଉ ସହରକୁ ଯାଇ ଆଠଦିନ ରୁ ହ, ଦେଖ କେତେ ଟଙ୍କା ତମ ପକିଟରୁ ବୋହି ଯାଉଛି ।''

ଏହି ବ୍ୟୟ ଉପରେ ଗୋଟିଏ ସଠିକ୍ ହିସାବ ଫର୍ଦ୍ଦ ବାହାର କରିବା ନିହାତି ଅସମ୍ଭବ ମନେହେଲା–ତା' ନୁହେଁ, ବରଂ ପ୍ରମାଣିତ ହେଲା । ସେମାନଙ୍କ ହାତରେ ଉପରୋକ୍ତ ଜଙ୍ଗଲଜାତ ସାମଗ୍ରୀରୁ ସ୍ୱଳ୍ପ କେତେକର ମୂଲ୍ୟ ଆମେ ବୁଝିଲୁ । ଆମେ ଅନ୍ୟ ସାମଗ୍ରୀମାନଙ୍କର ଏକ ସବିଶେଷ ହିସାବ କଷିଲୁ । ବହୁ ଜଳଦ୍‌ଘର୍ମ୍ୟ ଉଦ୍ୟମ ହେଲା । ଫଳାଫଳ କହିଲା : ଗୁଜୁରାଟକୁ ଯାଉଥିବା ଲୋକମାନେ ସେମାନଙ୍କର ସାଂପ୍ରତିକ ଜୀବନ ଧାରାରେ ଚଳିବାକୁ ହେଲେ ମାସକୁ ୮୦୦ ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ । ସେତକ ପୁଣି ଢୋକେ ପିଇ ଦଣ୍ଡେ ଜୀଇଁର ଜୀବନ ସଦୃଶ ହେବ । ଗାଈଗୋରୁଙ୍କ ଚରା, ଦାନାକୁ ହିସାବକୁ ନେଲେ ଏ ପରିମାଣ ଆହୁରି ସିଡ଼ି ଚଢ଼ିବ । କିନ୍ତୁ ଏଇ ପରିବାରମାନଙ୍କ ବାର୍ଷିକ ଆୟ ଅତି ଜୋର୍‌ରେ ତିନି କି ଚାରି ହଜାର ଟଙ୍କା ହୋଇଥାଏ । ବେଳେବେଳେ ଆହୁରି କମ୍ । ଅର୍ଥାତ୍ ମାସକୁ ଚାରିଶହ ଟଙ୍କା ବି ପଡୁନାହିଁ । କେତେ ପାଇବେ ସେମାନେ ମଜୁରି ? ନୂଆ ମାଟିରେ ସେମାନଙ୍କୁ ଦୈନିକ ମୂଳ ମଜୁରି ମିଳିବ ତ ? ମିଳିଲେ ବି ମୁକ୍ତ ଭାବେ ଜଙ୍ଗଲରେ ଚଳୁଥିବା ସ୍ୱାଭିମାନୀ ଓ ସ୍ୱାବଲମ୍ବୀ ହୋଇ ମର୍ଯ୍ୟାଦାର ସହ ବଞ୍ଚୁଥିବା ମଣିଷଟି ନୂଆ ଇଲାକାରେ ସେଇ ଜୀବନବୋଧ ପାଇବ ତ ! ସତେଜ ପାଣି ପବନର ମୂଲ୍ୟ ଏବେ ଅବଶ୍ୟ ବୁଝିଲାଣି ସହରୀ ମଣିଷ, ତେବେ ମାସ ଶେଷକୁ ଦରମା ନିର୍ଭରଶୀଳତା ଓ ଉପରିସ୍ଥ ହାକିମଙ୍କ 'ବୋଲକରା' ଜୀବନଧାରାରେ ଅଭ୍ୟସ୍ତ ଜୀବମାନେ ସ୍ୱାବଲମ୍ବନ ଓ ଆତ୍ମମର୍ଯ୍ୟାଦାକୁ ବୁଝିପାରିବେ ନାହିଁ ।

ଗୋରୁଙ୍କ ଚରା କଥା ବିଚାର କଲେ ଅବସ୍ଥା ଶୋଚନୀୟ ମନେହୁଏ; କାରଣ ଗୋରୁ, ଛେଳି ହେଉଛନ୍ତି ଏମାନଙ୍କର ସଂପଦର ଏକ ସିଂହଭାଗ, ସର୍ବସ୍ୱ କହିଲେ ବି ଅତ୍ୟୁକ୍ତି ହେବନାହିଁ । ''ଗୁଜୁରାତରୁ ଗୋରୁ ଗାଈ ଚରେଇବାକୁ ଆଉ ଜାଳେଣୀ କାଠ କାଟି ନେବାକୁ ଏଠାକୁ ଆମ ଜଙ୍ଗଲକୁ ଲୋକ ନିଇତି ଆଉଚନ୍ତି । ଆମେ ସେଠିକି

Digitized by srujanika@gmail.com

ଗଲେ ପାଇବୁ କିସ ?'' ପଚାରିଲା ଲୁଆରିଆର ଭଉଣୀ ଢଙ୍କି । ଭାବର ଏକୁଟିଆ ଅଛି ୭୦ଟି ଛେଳି, ୧୪ଟି ଗାଈ ଓ ୧୦ଟି ମଇଁଷୀ । ''ଆମ ସମସ୍ତଙ୍କ ଘରେ କୁକୁଡ଼ା ଅଛି । ଛେଳି ହଉଚି ଆମର ବୀମା, ଆମେ ସବୁବେଳେ ଟଙ୍କାରେ କାରବାର କରୁନା । କିଛି ବିପଦ ଆପଦରେ ଗୋଟେ ଛେଳି ବିକିଦେଲେ ଟଙ୍କା ପାଞ୍ଚଶ କି ଛ' ଶହ ମିଳିଯାଏ । ଆମେ ସେମିତି ଗୁଜୁରାଣ ମେଣ୍ଟଉ । ଯଦି ଆମେ ଗୁଜୁରାତ ଯିବୁ, ସେଠି ବଣିଆ ଆଉ ପଟିଦାରମାନେ ଆମକୁ ରଖିବେ ତ ? ପାଦରେ ଚକଟି ଦେବେ ।'' – କହିଲା ଢଙ୍କି ।

''ସ୍ୱାଧୀନତା ପର ଠାରୁ ଏସବୁ ଗାଆଁମାନଙ୍କରେ କୌଣସି ଉନ୍ନୟନମୂଳକ କାମ ହୋଇନାହିଁ କହିଲେ ଚଳିବ ।'' –ଦିଲ୍ଲୀ ସ୍କୁଲ ଅଫ୍ ଇକନମିକ୍ସର ଡଃ ଅମିତା ବାଭିସ୍କର କହିଲେ । ''ବର୍ଷ ବର୍ଷ ଧରି ସେମାନଙ୍କ ପ୍ରତି ଅବହେଳା, ଅବଜ୍ଞା ପରେ ଏବେ ବିସ୍ଥାପନର ଧମକ ଦିଆଯାଉଛି । ବୋଝ ଉପରେ ନଳିତା ବିଡ଼ା । ଏପରି ଅନ୍ୟାୟକୁ ଅନନ୍ୟ ଓ ଅତୁଳନୀୟ କୁହାଯିବ । ସେମାନଙ୍କ ପରାମର୍ଶ କେବେ ଲୋଡ଼ାଯାଇନି କି ସେମାନଙ୍କୁ ପଚରା ଯାଇନି । ଏପରିକି ପ୍ରକଳ୍ପ ବିଷୟରେ ସାମାନ୍ୟ ତଥ୍ୟ ମଧ୍ୟ ଦିଆଯାଇନାହିଁ । ସେମାନେ ଗୁଜୁରାଟ ଯିବାକୁ ସଂପୂର୍ଣ୍ଣ ଅନିଚ୍ଛୁକ ।''

ଏଇ ଅଞ୍ଚଳର ସମସ୍ୟା ଉପରେ ଆଧାରିତ ଡଃ ଅମିତା ବାଭିସ୍କରଙ୍କ ଗବେଷଣା ଗ୍ରନ୍ଥ ଓ ଡକ୍ଟରେଟ୍ ପ୍ରାପ୍ତି । ସେ ମଧ୍ୟ 'କ୍ଷେଦୁତ୍ (କ୍ଷେତ) ମଜଦୁର୍ ଚେତନା ସଂଗଠ (ସଂଗଠନ)' ସହିତ କାମ କରନ୍ତି । ୧୯୮୨ ଠାରୁ ନିଜର ଅଧିକାର ନେଇ ସଂଘର୍ଷରତ ଏ ଅଞ୍ଚଳର ୯୫ଟି ଗ୍ରାମର ଆଦିବାସୀମାନଙ୍କୁ ସଂଗଠିତ କରିପାରିଛି କ୍ଷେତ ମଜୁରିଆ ଚେତନା ସଂଗଠନ । 'ନର୍ମଦା ବଞ୍ଚାଅ ଆନ୍ଦୋଳନ' ସହିତ ସଂଯୁକ୍ତ ରହି ଏହାର କାର୍ଯ୍ୟକ୍ରମ ବନ୍ଧ ବିରୋଧୀ ପ୍ରତିବାଦରେ ସୀମିତ ନରହି ଆହୁରି ଅନେକ ଦିଗନ୍ତକୁ ପ୍ରସାରିତ । ଜମି, ଜଙ୍ଗଲ ଓ ଜଳ ଭଳି ପ୍ରକୃତିଦତ୍ତ ସାମଗ୍ରୀ ଉପରେ ମଣିଷର ମୌଳିକ ଅଧିକାରକୁ ନେଇ ସେମାନେ ଅନେକ ଘଟଣା ଉପରେ ଆଦିବାସୀମାନଙ୍କୁ ରାଜନୈତିକ ଭିତ୍ତିରେ ସଂଗଠିତ କରିଥାନ୍ତି ।

''ଅନ୍ୟତ୍ର ଯିବା ଅପେକ୍ଷା ବରଂ ଜଳ ସମାଧି ଶ୍ରେୟସ୍କର ବୋଲି ଜଳସିନ୍ଧିର ଘୋଷଣାପତ୍ର ଅନେକଙ୍କୁ ନିଛକ ପାଗଳାମି ପରି ଜଣାପଡ଼ିପାରେ । ଏଭଳି ପନ୍ଥା ଗ୍ରହଣ ଭବିଷ୍ୟତ ପାଇଁ ଅଧିକ କ୍ଷତିପୂରଣ ପାଇବାର ଏକ କୌଶଳ ଭାବେ କେହି ଧରିନେଇପାରନ୍ତି । କିନ୍ତୁ ଇଏ ମଧ୍ୟ ଏକ ନିଷ୍ଠାପର ଓ ସାହସିକ ସଂଗ୍ରାମ । ଏଭଳି ଅନ୍ଧାଧୁନିଆ ଆଚରଣ ବିରୁଦ୍ଧରେ ଜନ ସଂକଳ୍ପର ମଧ୍ୟ ଏହା ଏକ ସମୁଜ୍ଜ୍ୱଳ ପ୍ରତୀକ ।

Digitized by srujanika@gmail.com

ସେମାନେ ଜାଣନ୍ତି, ଏହାର କିଛି ସୁଫଳ ମିଳିବ ନାହିଁ, ତଥାପି ସେମାନେ ଲଢୁଛନ୍ତି ।'' କହନ୍ତି ଡଃ ବାଭିସ୍କର ।

''ଇଏ ମୋ ଘର । ଲହୁ, ଝାଳ ଦେଇ ମୁଁ ଯା'କୁ ଗଢ଼ିଛି । ମୁଁ ଆଉ କିଛି ଘର ଚାହେଁନା । ମୁଁ ଏ ଜାଗା ଛାଡ଼ିବି ନାହିଁ ।'' —ଲୁଆରିଆର କଣ୍ଠରେ ଥିଲା ତେଜ ଓ ଦୃଢ଼ତା । ନଦୀର ଜଳପତ୍ତନ ବଢ଼ିଲେ ହୁଏତ ଛପର ଉପରେ ବସି ଲୁଆରିଆ ସେଆଡ଼େ ଚାହିଁଥିବ । ହେଲେ ତା'ର ହୃଦୟ ଭିତରୁ ପ୍ରାର୍ଥନା ଉଠୁଥିବ ତା'ର ଘରଟି କେମିତି ରହିଯାଉ । ଏ ଘର ସେ ଶ୍ରମ, ସ୍ୱେଦରେ ଗଢ଼ିଛି । ଇଏ ତା'ର ଅମୃତ ସମାନ ଘର, ସ୍ୱର୍ଗୀୟ ଶାନ୍ତିରେ ଉକୁଟୁଥିବା ସଂସାର ।

❖ ❖ ❖

Digitized by srujanika@gmail.com

ଘର : ମଗ୍ନ ହେବା ଆତଙ୍କରେ ସଦା ଥରହର

ଜଳସିନ୍ଧିର ପ୍ରତି ପରିବାରରୁ ଲୋକେ ଆସି ଏକାଠି ହୋଇଥିଲେ ଲୁଆରିଆ ଘର ପାଖେ । କୌଣସି ସଭା, ସମ୍ମିଳନୀ କି ପ୍ରତିବାଦ ଅଭିଯାନ ନଥିଲା; ସେମାନେ ନିଜର ଶ୍ରମ, ସ୍ୱେଦ ଦେଇ ଗଢ଼ି ଦେଉଥିଲେ ଲୁଆରିଆର ଦ୍ୱିତୀୟ ଘର । ସଂହତି ଓ ସହାବସ୍ଥାନର ଏହା ଏକ ଅପୂର୍ବ ନମୂନା । ଏହା ମଧ୍ୟ ଥିଲା ପ୍ରଶାସନର ନିଷ୍ପତ୍ତି ବିରୁଦ୍ଧରେ; ବିସ୍ଥାପନର ପ୍ରତିରୋଧରେ ଏକ ପ୍ରତୀକାତ୍ମକ ସ୍ୱର । ଅନ୍ୟପଟରେ ନିର୍ମିତ ହେଉଥିଲା ସର୍ଦ୍ଦାର ସରୋବର ପ୍ରକଳ୍ପ ଏବଂ ଏପାଖରେ ଗଢ଼ା ହେଉଥିଲା ଲୁଆରିଆର ଘର । ସରୋବର ନିର୍ମାଣରେ ଲାଗୁଥିଲା ପୁଞ୍ଜିପତିର ଲୁହାଛଡ଼, ସିମେଣ୍ଟ ଓ କଂକ୍ରିଟ୍; ଲୁଆରିଆ ଘର ନିଛକ ଭାବେ ଗଢ଼ା ହେଉଥିଲା ପ୍ରକୃତିଦତ୍ତ ଉପାଦାନ କାଠ, ବାଉଁଶ ଓ ମାଟିରେ । ନର୍ମଦାର କ୍ରମ ବର୍ଦ୍ଧମାନ ଜଳ ପତନରେ ବୁଡ଼ିଯିବ ଲୁଆରିଆର ଚାଷଜମି, ଘର ମଧ୍ୟ ନିମଗ୍ନ ହେବାର ଆଶଙ୍କା ରହିଛି, ତଥାପି ଭିଲାଲା ସଂପ୍ରଦାୟ, ସେମାନଙ୍କ ପରିବାରର ପ୍ରତି ସଦସ୍ୟ ଗଢ଼ି ଚାଲିଥିଲେ ନୂଆ ଏକ ଘର—ନିଜ ସଂକଳ୍ପର ଇମାରତ ।

ନଇ କୂଳର ଏ ମଣିଷମାନେ ଜୀବନର କୌଣସି ଉପାଦାନ ପାଇଁ କାହାରି ପାଖେ ହାତ ପାତନ୍ତି ନାହିଁ । ସେମାନେ ସ୍ୱାବଲମ୍ବୀ, ସ୍ୱାଭିମାନୀ; ମର୍ଯ୍ୟାଦା ଓ ଆତ୍ମ ନିର୍ଭରଶୀଳତାର ମଣିଷ । ବଜାରୀ ସଭ୍ୟତା ସହିତ ସେମାନଙ୍କର ସର୍ବନିମ୍ନ ସଂପର୍କ, ମାତ୍ର ଜୀବନର ଆବଶ୍ୟକତା ପୂରଣ ପାଇଁ ସେମାନେ ପାଖ ଜଙ୍ଗଲ ଉପରେ ଅଧିକ ନିର୍ଭର ରଖନ୍ତି । ଜଙ୍ଗଲ ଓ ନଇ ସେମାନଙ୍କ ଜନନୀ । ପରିପୁଷ୍ଟି ଓ ପ୍ରତିପାଳନର ସବୁ ଉପାଦାନ ମିଳେ ସେଇଠି । ତେଣୁ ଗୁଜୁରାଟରେ ସେମାନଙ୍କୁ ମିଳୁଥିବା ପୁନର୍ବାସର କୋଥଳିଟିକୁ ସେମାନେ ଫୋପାଡ଼ି ଦେଲେ, ହେୟ ମନେକଲେ । ନିଜ ଜମି ପ୍ରତି ଆସକ୍ତିର ଏହା ନଥିଲା ଏକ ଖିଆଲି ମନୋଭାବ, ଆବେଗିକ ସଂପର୍କ; ବରଂ ଏହା ଆଧାରିତ ଥିଲା ସୁସ୍ଥ ଅର୍ଥନୈତିକ କାରଣମାନଙ୍କ ଉପରେ । ଏଇ ହାତ ପାଆନ୍ତାରେ ସେମାନଙ୍କୁ ମିଳି ଯାଉଥିବା ଆହାର ଓ ଉପାଦାନ ହେବ ଗୁଜୁରାଟରେ ଦୁର୍ଲଭ; ଯଦିବା ମିଳେ ତାହା ହେବ ଦୁର୍ମୂଲ୍ୟ । ସରକାରୀ ପୁନର୍ବାସ ଓ ଥଇଥାନ ନୀତି କେବେ ଆଦିବାସୀ ସମାଜର ବିଶେଷତ୍ୱପୂର୍ଣ୍ଣ ଜୀବନଚର୍ଯ୍ୟା ଆଡ଼କୁ ଆଡ଼ଆଖିରେ ଚାହିଁ ନାହିଁ, ବିଚାର କରିବା ତ ଦୂରର କଥା ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାକୁ ଏଡ଼େଇ ଯାଇଛି ପୁନର୍ବାସ ନୀତି, ସମୁଦାୟ ଗୋଷ୍ଠୀର ଶ୍ରମଦାନକୁ ହିସାବରୁ ନିର୍ବାସିତ କରି । ଆଦିବାସୀ ସମାଜର ସଂହତି ଓ

Digitized by srujanika@gmail.com

ଅର୍ଥନୀତିରେ ଏହାର ଭୂମିକା ଯଥେଷ୍ଟ । "ଦେଖତ, ଆମେ ମିଳିମିଶି କେମିତି ଏ ଘରଟି ତୋଳୁଛୁ ।" —ସୂଚାଇ ଦିଏ ଲୁଆରିଆ । "ଆମ ବସ୍ତିର ସମସ୍ତେ ଆସି କାନ୍ଥ ଲଗେଇ ଦେଇଛନ୍ତି । ଏପରିକି ଖରାବେଳେ ଖାଇବାକୁ ମଧ୍ୟ ସେମାନେ ନିଜ ଘରୁ ଭାତ ଆଣିଛନ୍ତି । ଭାବର ଘର ତିଆରି ବେଳେ ଏମିତି ହେଇଥିଲା । ଏଠି କୌଣସି ଚିଜ ପାଇଁ କେହି ପଇସାଟିଏ ଦିଏନାହିଁ ।"

'ଏ ଧାରା ଧ୍ୱଂସ ପାଇଯାଏ ଯେତେବେଳେ ସେମାନେ ହୁଅନ୍ତି ନିଜ ଭିଟାମାଟିରୁ ଉତ୍ପାଟିତ ।' —କହନ୍ତି ଡଃ ଅମିତା ବାଭିସ୍କର । 'ଗୁଜୁରାଟରେ ଗୋଟିଏ ଗୋଷ୍ଠୀରେ ନରହି ଖେଳେଇ ହୋଇ ଅନ୍ୟତ୍ର ଥଇଥାନ ହେବାରୁ ଏ ଶ୍ରମଦାନର ଧାରା ଅପସରି ଯାଏ । ପ୍ରଥମେ ଏହା ସେମାନଙ୍କୁ ଆର୍ଥିକ ଦିଗରୁ ବୋଝ ହୋଇଯାଏ ।'

ଦ୍ୱିତୀୟରେ ସାଂସ୍କୃତିକ ଡୋରଟି ଛିଡ଼ିଯାଏ । ସଂସ୍କୃତି ହେଉଛି ଆଦିବାସୀ ସମାଜକୁ ଯୋଡ଼ି ରଖିବାର, ସହାବସ୍ଥାନରେ ବାନ୍ଧି ରଖିବାର ମୂଳାଧାର । ତୃତୀୟରେ, ଏକାକୀ ବା ଅପରିଚିତ ଛୋଟ ଛୋଟ ଗୋଷ୍ଠୀରେ ରହିବାରୁ ସେମାନେ ସାହୁକାର ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଶିକାର ବନନ୍ତି, ଶୋଷିତ ହୁଅନ୍ତି, ସେମାନଙ୍କ ଦୟା, ଅନୁଗ୍ରହରେ ପରିଚାଳିତ ହୁଅନ୍ତି । ଯଦି ସେମାନଙ୍କୁ ଥଇଥାନ କରାଇବାକୁ ବାସ୍ତବରେ ଚାହୁଁଚନ୍ତି, ତେବେ ସମୁଦାୟ ଗାଁଟିକୁ ଗୋଟିଏ ସ୍ଥାନରେ ପୁନଃ ସଂସ୍ଥାପିତ କରାଯିବା ଦରକାର ।" ଗତ ବାରବର୍ଷ ଧରି ୯୫ଟି ଗ୍ରାମରେ କ୍ଷେତ ମଜଦୁର ଚେତନା ସଂଗଠନ ଆଦିବାସୀଙ୍କ ଅଧିକାର ହାସଲ ଦିଗରେ କାର୍ଯ୍ୟ କରିଆସୁଛି ।

"ଏପରିକି ଆମର ବିଭାଘର କି ମୃତକ୍ରିୟାରେ ସମସ୍ତେ ମିଳିମିଶି ଖର୍ଚ୍ଚ ବହନ କରନ୍ତି ।" —କହେ ଭାବ । ସେ ହେଉଛି ଗାଁର ମୁଖିଆ ଓ ସବୁଠୁଁ ବୟସ୍କ । "ଯଦି ଗାଁରେ କିଛି କଳହ, ବିବାଦ ଉପୁଜେ, ତେବେ ପାଖ ଗାଁର ମୁଖିଆମାନେ ବସି ପଞ୍ଚସଭାରେ କଥାଟିର ଫଇସଲା କରନ୍ତି । ଯଦି ଆମେ ଏଠୁ ଉଠି ଅନ୍ୟ ଅଚିହ୍ନା ଜାଗାରେ ରହିବୁ; ତେବେ ଆମ ବିଭାଘର, ମୃତକ୍ରିୟାରେ କିଏ ସାହାଯ୍ୟ କରିବ ? କିଏ ଆସି ଆମ ଗାଁର କଳି ମେଣ୍ଟେଇବ ? କଚେରୀ, ଅଦାଲତକୁ ଯାଇ କଉଡ଼ି ସାରିବୁ ! ଆମେ ଏ ଗାଁରେ ଯେମିତି ନିଜ ଜମି ଉପରେ ଅକ୍ତିଆର ରଖିଛୁ, ସେମିତି କେବେ ବି ଅଚିହ୍ନା ମାଟିରେ ଖେଳେଇ ହୋଇ ରହିଲେ ସେ ଅଧିକାର ପାଇବୁ ନାହିଁ ।"

ଏହାର ଅର୍ଥ ନୁହେଁ ଯେ, ସରକାରଙ୍କ ପକ୍ଷରୁ ପ୍ରଦତ୍ତ କ୍ଷତିପୂରଣର ପୁଟୁଳି (ପ୍ୟାକେଜ)ଟିକୁ ସମସ୍ତେ ଗୋଡ଼ରେ ଆଡ଼େଇ ଦେଇଛନ୍ତି । ଯେଉଁ ଗ୍ରାମରେ ସର୍ବାଧିକ ପରିବାର ଏହି କ୍ଷତି ଭରଣାରେ ସମ୍ମତ ହୋଇ ଗୁଜୁରାଟ ଯାଇଛନ୍ତି, ପରିଣତି

Digitized by srujanika@gmail.com

ହୋଇଉଠିଛି ଅଧିକ ଭୟାବହ । ଦୃଷ୍ଟାନ୍ତ ସ୍ୱରୂପ ମଧ୍ୟପ୍ରଦେଶର ଚିଲାକଡ଼ା ଗ୍ରାମରୁ ସତେଇଶଟି ପରିବାର ଯାଇଥିଲେ ପୁନର୍ବାସ ଯୋଜନାରେ ଗୁଜୁରାତର କାଭେତ ଗାଁ । ଏବେ ସେମାନଙ୍କ ମଧ୍ୟରୁ ପୁନର୍ବାର ନିଜ ଭିଟାମାଟିକୁ ଫେରିଆସିଛନ୍ତି ଅନେକ । ପ୍ରଶାସନର ପ୍ରତିଶ୍ରୁତି ଭଙ୍ଗ ଏବଂ ଅତି ନିମ୍ନମାନର ଅନୁର୍ବର ଚାଷଜମି ନେଇ ସେମାନେ ଅତ୍ୟନ୍ତ କ୍ରୁଧିତ । ''କେବଳ ଛଅଟି ପରିବାର ସେଠାରେ ରହିବାକୁ ଚାହିଁଲେ । ଆମେ ଏକୋଇଶଟି ପରିବାର ଫେରି ଆସିଲୁ ।'' –କହେ ଚିଲାକ୍ୱଡା ଗାଁର ଆଦିବାସୀ ରଂଜା । ''ଆମେ ସାତଭାଇ ପହିଲେ ମହା ଆନନ୍ଦରେ ସେଠାକୁ ଗଲୁ । ଧୀରେ ଧୀରେ ଅବସ୍ଥା ଖରାପ ଆଡ଼କୁ ଗଲା । ଥଇଥାନ ଅଞ୍ଚଳରେ ବଞ୍ଚିବାକୁ କୌଣସି ସୁବିଧା ଯତ୍ନ ନାହିଁ । ଏହା ସାଙ୍ଗକୁ ଯେଉଁ ଚାଷଜମି ମିଳିଲା ସେ ନିହାତି ଟାଙ୍ଗରା, ରୁଢ଼ିଆ ।'' ପ୍ରତ୍ୟାବର୍ତ୍ତିତ ସମସ୍ତ ପରିବାର କହନ୍ତି ଯେ ପୁନର୍ବାସ ଅଞ୍ଚଳରେ ସବୁପ୍ରକାର ବ୍ୟବସ୍ଥା ନିହାତି ନିମ୍ନମାନର ।

ତା'ପରେ ରହିଛନ୍ତି କେବ ସିଂ ପରି ଲୋକମାନେ । କେବ ଚାହେଁ ଜାଗା ଛାଡ଼ିବାକୁ । ମାତ୍ର ଅଫିସରମାନେ ତା' ଜମିବାଡ଼ି, ଘରଡିହ ବୁଡ଼ି ଅଞ୍ଚଳରେ ପଡୁନାହିଁ ବୋଲି କହନ୍ତି । ତା' ଜମି ସୁରକ୍ଷିତ ଥିବାର ଅଫିସରଙ୍କ ଦାବିକୁ କେବ ଅଗ୍ରାହ୍ୟ କରେ । ''ହେଇଟି ବାବୁ ଦେଖିଲ, ସେଆଡ଼କୁ ଟିକେ ଚାହଁତ ଆନିକଟରେ ପାଣି ବଢ଼ିଲେ ମୋ ଜମି ବୁଡ଼ିବ ନାଇଁ ? ଯେତେବେଳେ ସାରା ଗାଁ ବୁଡ଼ିଯିବ, ମୁଁ ଏକା ଏଇ ଗାଁରେ କେମିତି ଅଲଗା ଅବୁଡ଼ା ରହିଯିବି ? ସରକାରଟା କେଡ଼େ ଡାହା ମିଛୁଆ ।'' ଏବଂ ତା'ପରେ ଅଛନ୍ତି ଜଳସିଦ୍ଧିର ପଟେଲ ପରି ଲୋକମାନେ ଯାହାଙ୍କ ଉପରେ ଭାବର ଅଭିଯୋଗ– ''ଏଠି କ୍ଷତିପୂରଣ ଆଉ ଗୁଜୁରାଟରେ ଜମି ଦାବି କରିବାକୁ ସିଏ କାହିଁ କେଉଁଠୁ ସବୁ ତା'ର ବନ୍ଧୁବାନ୍ଧବ ଲୋକଙ୍କୁ ସାଉଁଣ୍ଟି ଆଣୁଚି ।''

ଏହାପରେ ରହିଛି ଏକ ମହତ୍ତ୍ୱର ଶକ୍ତ-ପ୍ରଶ୍ନ । ସତରେ କ'ଣ ଗୁଜୁରାଟରେ ରହିଛି ଏତେ ଲୋକଙ୍କ ଥଇଥାନ ପାଇଁ ସୁପ୍ରଚୁର ଇଲାକା ? ଗତ କିଛିବର୍ଷ ଧରି ଉଭୟ ଗୁଜୁରାଟ ଓ ମଧ୍ୟପ୍ରଦେଶ ସରକାର ଥଇଥାନ ପାଇଁ ଜମିର ବାସ୍ତବ ଆବଶ୍ୟକ ପରିମାଣକୁ ଅତି ନ୍ୟୂନ କରି ଦେଖାଇ ଚାଲିଛନ୍ତି । ୧୯୯୨-୯୩ରେ ମଧ୍ୟପ୍ରଦେଶରୁ ଯାଇ ଗୁଜୁରାଟରେ ଥଇଥାନ ହେବାକୁ ଥିବା ୩୧୦୦ ପରିବାର ମଧ୍ୟରୁ ଜମି ମିଳିଥିଲା ମାତ୍ର ୧୧୯୦ ପରିବାରଙ୍କୁ । ୧୯୯୩-୯୪ରେ ଗୁଜୁରାଟକୁ ଯିବାକୁ ଥିବା ବିସ୍ଥାପିତ ୫୦୦୦ ପରିବାର ମଧ୍ୟରୁ ମାତ୍ର ଗଲେ ୯୮୬ ।

ଗୁଜୁରାଟ ଓ ମହାରାଷ୍ଟ୍ରରେ ବନ୍ଧ ବିରୋଧୀ ଜନପ୍ରିୟ ପ୍ରତିରୋଧ କିଛିଟା ଫାଇଦା ହାସଲ କରିଛି । ଏହି ଦୁଇ ରାଜ୍ୟରେ ଯଥାକ୍ରମେ ୧୯ ଓ ୩୩ଟି ଗ୍ରାମ

Digitized by srujanika@gmail.com

ଜଳମଗ୍ନ ହେବାର ଜଣାପଡ଼ିଛି । ମାତ୍ର ମଧ୍ୟପ୍ରଦେଶ ଭଳି ଦରିଦ୍ର, ଅନଗ୍ରସର ରାଜ୍ୟରେ ଜଳମଗ୍ନ ହେବାକୁ ଥିବା ୧୯୩ ଗ୍ରାମ ବିଷୟରେ ଦେଶର ବୁଦ୍ଧିଜୀବୀ ଗୋଷ୍ଠୀ ସଂପୂର୍ଣ୍ଣ ଅନ୍ଧାରରେ ରହିଛି । କାରଣ ଏମାନଙ୍କ ପ୍ରତିବାଦର ସ୍ୱର ଖବରକାଗଜର ପୃଷ୍ଠା ମଣ୍ଡନ କରେନାହିଁ । ସେମାନଙ୍କ ଅବଶ୍ୟମ୍ଭାବୀ ଭବିତବ୍ୟ ଉପରେ ମଧ୍ୟ ସରକାରୀ ସ୍ତରରୁ କୌଣସି ସୂଚନା ଦିଆଯାଇନାହିଁ । ତେବେ ସେମାନେ ଜାଣିଲେ କିପରି ? ଯେତେବେଳେ ଜଳଭଣ୍ଡାରର ଜଳପତନ କେତେ ଯାଏ ଉଠିବ ତାହା ମାପିବାକୁ କେନ୍ଦ୍ରୀୟ ଜଳ କମିଶନର ସର୍ବେକ୍ଷଣକାରୀମାନେ ପ୍ରସ୍ତର ସଂକେତ ବସାଉଥିଲେ, ସେତିକିବେଳେ ସେମାନେ ଜାଣିଲେ ।

ମଧ୍ୟପ୍ରଦେଶ ସରକାର ଚାହାନ୍ତି ନଦୀବନ୍ଧର ପ୍ରସ୍ତାବିତ ଉଚ୍ଚତା ୪୫୫ରୁ ୪୩୬ ମିଟରକୁ ହ୍ରାସ ପାଉ । ଏହାର ଅନୁକୂଳ ପ୍ରଭାବ ରହିଛି । ଏହା ହେଲେ ୨୫ ହଜାର ପରିବାରଙ୍କ ଘର ଓ ଜମି ଜଳମଗ୍ନ ହେବାରୁ ବର୍ତ୍ତିଯିବ । ଅବଶ୍ୟ ଏମାନଙ୍କ ମଧ୍ୟରେ ମୁଖ୍ୟତଃ ରହୁଛନ୍ତି ଆମ ସମାଜର ଉଚ୍ଚବର୍ଗର ମଣିଷ—ଧର୍ ଓ ଖର୍‌ଗାଓଁ ଜିଲ୍ଲାର ସମ୍ଭ୍ରାନ୍ତ ଶ୍ରେଣୀ । "ନିମ୍ନଭୂମିରେ ପାହାଡ଼ର ପାଦଦେଶରେ ଥିବା ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଗ୍ରାମଗୁଡ଼ିକ ନିଶ୍ଚିତ ଭାବେ ଜଳମଗ୍ନ ହେବ ।" -କହନ୍ତି କ୍ଷେତ ମଜଦୂର ଚେତନା ସଂଗଠନର କର୍ମୀ ଜୟଶ୍ରୀ ।

ଏବର୍ଷ ଝାବୁଆର କେତୋଟି ଗାଁ ଜଳମଗ୍ନ ହେବ ସେ ନେଇ ଦ୍ୱନ୍ଦ୍ୱ, କନ୍ଦଳ ରହିଛି । ନର୍ମଦା ଉପତ୍ୟକା ଉନ୍ନୟନ ଅଥରିଟି କହନ୍ତି—ଗୋଟିଏ ବି ଗାଁ ବୁଡ଼ିବ ନାହିଁ । ମାତ୍ର ଜିଲ୍ଲାପାଳ ଶ୍ରୀ ଧର୍ମାଧିକାରୀ କହନ୍ତି—ନଅଟି ଗ୍ରାମ ଅସ୍ଥାୟୀ ଭାବେ ମଗ୍ନ ହେବ ଏବଂ ସାକରଜା ଓ କାକରଶେଳା ନାମକ ଦୁଇଟି ଗ୍ରାମ ସବୁଦିନ ପାଇଁ ଡୁବିଯିବ ।

ଜଳମଗ୍ନ ହେବା ସମୟ ନିର୍ଘଣ୍ଟ ବିଷୟରେ ଅନେକ ଗ୍ରାମର ବାସିନ୍ଦାମାନଙ୍କୁ ମୌଖିକ ଭାବେ ମଧ୍ୟ କୁହାଯାଇନାହିଁ । ଏହି ଜଳମଗ୍ନତାର ଗୋପନୀୟତା କିପରି ଜଣାପଡ଼ିବ ସେ ବିଷୟରେ ସଂକ୍ଷେପରେ ମଧ୍ୟ କେହି କିଛି ଜାଣନ୍ତି ନାହିଁ । ଲୁଆରିଆ ଭଳି ଅନ୍ୟ ଅନେକେ ବାଧ୍ୟ ହୋଇ ମଧ୍ୟପ୍ରଦେଶର ଅପନ୍ତରା ବଣ ମୂଳକରେ ଜଙ୍ଗଲିଆ ଜମି ଖଣ୍ଡେ ଓଳେଇ ରହିଯିବେ ବୋଲି କିଛି ଲୋକ ଭାବନ୍ତି । ଅନ୍ତତଃ ପକ୍ଷେ ସେତକ କଲେ ସେମାନେ କିଛି ନପାଇଲେ ବି ଜଙ୍ଗଲ ଭିତରେ ଆତଜାତ ହୋଇ ପ୍ରାକୃତିକ ସମ୍ବଳକୁ ନେଇ ବଞ୍ଚିବେ । ଏହାର ଅର୍ଥ ହେବ ଯେ, ଆଶାନୁରୂପ କ୍ଷତି ଭରଣା ପାଇବାକୁ ତା'ର ବର୍ତ୍ତମାନର ପ୍ରତିରୋଧ ହେଉଛି ଏକ ନୈରାଶ୍ୟ ରଂଜିତ ଜୁଆଖେଳ । ପ୍ରାପ୍ତିର ଆଶାରେ ଯେଉଁଠି ମିଳେ ସ୍ତୂପୀକୃତ ହତାଶା ଓ ଅନ୍ତର୍ଦାହ । ମାୟା ମିରିଗ ପଛରେ ଧାଇଁବାର ବିଡ଼ମ୍ବନା ।

Digitized by srujanika@gmail.com

ଜଳ ପତନ ଯେତେବେଳେ ବୃଦ୍ଧି ପାଇବ, ଲୁଆରିଆ ଓ ତା'ର ବସ୍ତିର ଅନ୍ୟମାନଙ୍କୁ ବଳପୂର୍ବକ ସେଠାରୁ ହଟାଇବାର ଉପକ୍ରମ ସେତେ ବଳବତ୍ତର ହୋଇ ଉଠୁଥିବ । ସେତେବେଳେ ସେମାନେ ସବୁ ହରାଇ ବି ପ୍ରତିବଦଳରେ କିଛି ନପାଇବାର ଦୁର୍ବିସହ ଦୁର୍ଭାଗ୍ୟ ହୋଇଉଠିବ ସେମାନଙ୍କର ଏକମାତ୍ର ନିର୍ଭରଶୀଳ ଭବିତବ୍ୟ । ବରଂ ଗୁଜୁରାଟ ଯାଇଥିଲେ ଭଲ ହୋଇଥାନ୍ତା । ଏପରି ମୁହଁ ହରାଇବାକୁ ପଡ଼ିନଥାନ୍ତା ! —ଏପରି ଯନ୍ତ୍ରଣାରେ ହୁଏତ ଅନେକେ ହେବେ ଛଟପଟ । ଜଣେ ଅଫିସର କହନ୍ତି — "ଲୁଆରିଆର ଅବସ୍ଥାକୁ ଦଶହଜାର ଗୁଣ ବଢ଼ାଇ ଦିଅ ଏବଂ ଲୋକେ ବାସଚ୍ୟୁତ ହେଲେ କିପରି ବାସ୍ତବରେ ଅନୁଭବ କରନ୍ତି ସେ ସଂପର୍କରେ ଏକ ଅବଧାରଣା କରିପାରିବେ । ଏବଂ ଭିଟାମାଟି ଛାଡ଼ିବାକୁ ମାନସିକ ସ୍ତରରେ ସ୍ୱୀକୃତି ଦେଇ ଏକ ନୂଆ ଜୀବନ ଆରମ୍ଭ କରିବାକୁ କଳ୍ପନା କରି ନେଇଥିବା ଅନେକ ଲୋକଙ୍କ ଜୀବନର ଇତିବୃତ୍ତିର ଏହା ହିଁ ଅବଶ୍ୟମ୍ଭାବୀ ସତ୍ୟ ।"

ଲୁଆରିଆ ଘରଟିର ମୁଁ ଏତେ ଗୁଡ଼ାଏ ଫଟୋ ଚୋଳୁଥିବା ଦେଖି ତା'ର ଭଉଣୀ ଜଙ୍କି କଥାଟିକୁ ଅନୁମାନ କରିନେଲା । କହିଲା— "ବର୍ଷାଋତୁ ପରେ ପରେ ଆସ ବାବୁ, ଦେଖିବ ଆମେ ସବୁ ଏଇ ଘର ଉପର ମଥାନରେ ବସିଛୁ । ସେତେବେଳେ ବହୁତ ଫଟ ଉଠାଇବ ।" କଥା ପଦକ କହିଲା ବେଳେ ତା' କଣ୍ଠସ୍ୱର ହୋଇଉଠିଥିଲା ଆର୍ଦ୍ର, ଦୀର୍ଘଶ୍ୱାସଟିଏ ବାହାରିଗଲା । ଆଖିର ଦୁଇ କୋଣରେ ଜକେଇ ଆସିଥିଲା ଦୁଇବୁନ୍ଦା ତଳ ତଳ ମୁକ୍ତା ।

ଏତେ ଶ୍ରମ, ସ୍ୱେଦ, ସମୟ ଦେଇ ଲୁଆରିଆ ଗଢ଼ିଥିବା ଘରଟି ଏମିତି ଜଳମଗ୍ନତାର ଆର୍ଦ୍ର ଅନୁଭୂତିରେ ହୋଇପଡ଼ିବ ବିବଶ । 'ପରସ୍ପର ସ୍ନେହ ଶ୍ରଦ୍ଧା ଥାଏ ନିରନ୍ତର' ରୂପକ 'ଅମୃତ ସମାନ ଘରଟି' ସେତେବେଳେ ଥିବ ମଗ୍ନ ହେବାର ଆତଙ୍କରେ ସଦା ଥରହର ।

❖ ❖ ❖

Digitized by srujanika@gmail.com

ମହାବନ୍ଧ, ଗଣ୍ଡୁସେ ଜଳ

ଇଏ ଏମିତି ଏକ ଆନିକଟ ଯିଏ କୋଡ଼ିଏ ବର୍ଷ ପରେ ମଧ ନିର୍ମାଣାଧୀନ । ୧୯୭୨ରେ ୫୮ କୋଟି ଟଙ୍କା ବ୍ୟୟରେ ଅଟକଳ ଓ ଆକଳନ ମଧ୍ୟରେ ସୀମାବଦ୍ଧ ଥିବା ଉତ୍ତର କୋଏଲ୍ ପ୍ରକଳ୍ପ ବା 'କୁଟ୍‌କୁ ଡ୍ୟାମ୍' ନାମରେ ସାଧାରଣରେ ପରିଚିତ ଏଇ ଦୁର୍ଲଭ 'ଆଧୁନିକ ମନ୍ଦିର'ଟି ସଂପ୍ରତି ୪୨୫ କୋଟି ଟଙ୍କାକୁ ଅତିକ୍ରମୀ ଯାଇଛି । ଏବର୍ଷ (୧୯୯୩)ର ବିହାର ସରକାରଙ୍କ ସାମଗ୍ରିକ ଜଳସେଚନ ବଜେଟ୍‌ର ତିନିଗୁଣାରୁ ଆହୁରି ଅଧିକ ଏହି ବ୍ୟୟ । ଭାରତର ଦରିଦ୍ରତର ରାଜ୍ୟ ବିହାର ଓ ତାହାର ଦରିଦ୍ରତମ ପାଲାମୁ ଜିଲ୍ଲାର କୁଟ୍‌କୁ ଠାରେ ନିର୍ମିତ ହେଉଥିବାରୁ ଜନମୁଖରେ ଏହାର ତଦ୍ରୂପ ନାମକରଣ ।

ଯଦି କେବେ ଏହାର ନିର୍ମାଣ ସଂପୂର୍ଣ୍ଣ ହୁଏ, ତେବେ ଏହା ପାଲାମୁ ଜିଲ୍ଲାକୁ ଯୋଗାଇବ ପୋଷେ ପାଣି । ବିଗତ ତିରିଶ ବର୍ଷ ମଧ୍ୟରେ ପାଲାମୁ ଡହକୁଛି ମରୁଡ଼ିର କୋପରେ ବାରବାର । ଜିଲ୍ଲାଟିର ମାତ୍ର ୬,୮୦୦ ହେକ୍ଟର ଜମିକୁ ସେଚିତ କରିବାର ଓ ସର୍ବୋତ୍ତମ ଭାବେ ୨୦ ମେଗାଓ୍ୱାଟ୍ ବିଜୁଳି ଉତ୍ପାଦନର ଭ୍ରୁଣକୁ ଧରି ଏହି ପ୍ରକଳ୍ପ ଗତ କୋଡ଼ିଏ ବର୍ଷ ହେଲା ଗର୍ଭ ବେଦନା ଭୋଗୁଛି, ମାତ୍ର ପ୍ରସବ ଲଗ୍ନ ଜୁଟୁନାହିଁ ।

ଆନିକଟ ବା ଡ୍ୟାମ୍ ନିର୍ମାଣ କାମ ସଂପୂର୍ଣ୍ଣ ହେଲେ ଯେଉଁମାନେ ହରାଇବେ ଜମି, ସେମାନଙ୍କ ମଧ୍ୟରୁ ବହୁଳାଂଶ ହେଉଛନ୍ତି ଆଦିବାସୀ ଓ ହରିଜନ । କିଛି ଲୋକ ମଧ ହରାଇ ସାରିଲେଣି ଜମି । ହାକିମମାନେ କହନ୍ତି ବନ୍ଧଟି ଚଉଦ ଗୋଟି ଗ୍ରାମକୁ ସଂପୂର୍ଣ୍ଣ ପୋଛିଦେବ । ଗ୍ରାମବାସୀଙ୍କ ପାଇଁ ସଂଗ୍ରାମରତ ଛୋଟ-ନାଗପୁର ସମାଜ ବିକାଶ ସଂସ୍ଥାନ ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ବିଶ୍ୱାସ କରେ ତିରିଶଟି ଗ୍ରାମ ମୂଳପୋଛ ହୋଇଯିବ । ''ଏପରିକି ପ୍ରୋଜେକ୍ଟର ସରକାରୀ ନକ୍ସା ଏହା ଦର୍ଶାଉଛି ।'' -କହନ୍ତି ପ୍ରୋକ୍ତ ସଂଗଠନର ମୁଖ୍ୟ ଶତ୍ରୁଘ୍ନ କୁମାର । ସମୁଦାୟ ଚଉଦ ହଜାର ଲୋକ ହେବେ ବାସହରା । ଏହିମାନେ ହେଉଛନ୍ତି କିଷାନ, ଖର୍‌ୱାର୍, ଓରାଓଁ, କୁରୁଓ୍ୱା, ପରିହା, ବିର୍‌ଜିୟା ଏବଂ ଚେରୁ ସଂପ୍ରଦାୟର ଆଦିବାସୀ । ବନ୍ଧ ଦ୍ୱାରା କ୍ଷତାକ୍ତ ହେବେ ମଧ ଦୁସଦ ଓ ଭୂୟାଁ ହରିଜନ ସଂପ୍ରଦାୟ ।

ଦୁଇଶହ ପଚିଶ ଫୁଟ ଉଚ୍ଚତା ବିଶିଷ୍ଟ ଆନିକଟର ନିର୍ମାଣ କାର୍ଯ୍ୟ ଯେତେ ବିଳମ୍ବିତ ହେଉଛି, ନୈରାଶ୍ୟ ସହିତ ନିରତ ସେମାନଙ୍କର ସଂଘର୍ଷ ସେତେ ଜାରି ରହିଛି, ଏପରିକି ବାସଚ୍ୟୁତ ହେବାକୁ ଥିବା ଲୋକମାନେ ମଧ ଅଧୀର । ବିସ୍ଥାପନର

Digitized by srujanika@gmail.com

ପ୍ରତିରୋଧକାରୀ ସଂଗଠନ 'ମଜଦୁର କିଶାନ ମୁକ୍ତି ମୋର୍ଚ୍ଚା'ର ମୁଖ୍ୟ ବୈଦ୍ୟନାଥ ସିଂ କହନ୍ତି : ''ଏକ ଜରୁରୀ ଭିତ୍ତିରେ ଆମେ ଲୋକଙ୍କୁ ସଂଗଠିତ କରୁଛୁ । ତେବେ ଯେଉଁକଥା ଭବିଷ୍ୟତରେ ଘଟିବାକୁ ଯାଉଛି ବୋଲି ଆମେ କହିଥାଉ, ବେଳେବେଳେ ତାହା ଘଟି ବି ନଥାଏ । କିମ୍ବା ବର୍ଷକ ପରେ ଘଟେ । କି ବିଚିତ୍ର !'' ପ୍ରତିଦିନ ବହୁ ବିସ୍ମୟକର ଘଟଣା ଘଟୁଥିବା କଥା କହନ୍ତି; କିନ୍ତୁ ସ୍ପଷ୍ଟ ଭାବେ ଜାଣନ୍ତି ଯେ, ଏ ପ୍ରକଳ୍ପଟି କାହିଁକି ହେଉଛି – ''ବୁଝିଲେ ଆଜ୍ଞା । ଚାଷୀ ପାଣି ପାଇବ ବୋଲି ଏ ବନ୍ଧଟି ଗଢ଼ା ହେଉନି, ଠିକାଦାର କେମିତି କାମ ପାଇବ ସେଥିପାଇଁ ହେଉଛି । ଠିକାଦାର ବାହାରେ ଆଉ କେହି ଉପକୃତ ବ୍ୟକ୍ତି ଏ ପ୍ରୋଜେକ୍ଟର ନାହାନ୍ତି ।''

ଗ୍ରାମବାସୀମାନେ କହନ୍ତି – ''ଅନେକ ସମୟରେ ଏକାଦିକ୍ରମେ ମାସ ମାସ ଧରି କାମ ବନ୍ଦ ରହେ । ତା'ପରେ ଠିକାଦାର ପାଟଣା ଯାଏ, ଅଧିକ ଟଙ୍କା ମଞ୍ଜୁର କରାଇ ଆଣେ ଏବଂ ତା'ପରେ ନିର୍ମାଣର ଗହଳି ଚହଳି ଆରମ୍ଭ ହୋଇଯାଏ । ଲୋକଙ୍କ ଠାରୁ ଟିକସ ଆଦାୟରେ ଗଢ଼ା ସରକାରୀ ତହବିଲରୁ କୋଟି କୋଟି ଟଙ୍କା ଏମିତି ଭାବେ ଅପବ୍ୟୟରେ ବୋହି ଯାଉଛି ।''

ଆନିକଟର ତଳିଆ ସ୍ଲୁଇସ୍ ଗେଟ୍ ଗୁଡ଼ାକ ନିହାତି ଅପାଂକ୍ତେୟ, କଦର୍ଯ୍ୟ ଅବସ୍ଥାରେ ଥାଏ । ଚାରିଆଡ଼କୁ ଆଖି ମେଲେଇବା ପାଇଁ ତା' ଉପରେ ଚଢ଼ିବାକୁ ମୋତେ ଗ୍ରାମବାସୀମାନେ ସାହାଯ୍ୟ କଲେ । ଏକଦା ଅସ୍ତ୍ରାଏ କଚଡ଼ା ବର୍ଷାରେ ସମୁଦାୟ କଂକ୍ରିଟ୍ ଛାତଟା ତଳେ ଭୁଷୁଡ଼ି ପଡ଼ିଥିବାର ଘଟଣା ବିଷୟରେ ସୂଚନା ଦେଲେ ଜଣେ ଗ୍ରାମବାସୀ । ଏଥିରେ ଆନିକଟ ପ୍ରଚଣ୍ଡ ଭାବେ କ୍ଷତିଗ୍ରସ୍ତ ହେବାରୁ ଅନ୍ୟ ସ୍ଲୁଇସ୍ ଗେଟ୍‌ଗୁଡ଼ିକୁ ବନ୍ଦ କରିଦିଆଯାଇଥାଏ । ବନ୍ଧଟିର ନିର୍ମାଣ କାର୍ଯ୍ୟ ଓ ନିରାପତ୍ତା ଉପରେ କୌଣସି ଯାଞ୍ଚ କେବେ ହୋଇଥିବା ମନେ ହେଲାନାହିଁ । ସେତକ ନହେବା ପଛରେ ଏକ ହେଣ୍ଡିମରା ମତଲବ ରହିଛି । ମୋ ନିଜର ଯାଞ୍ଚ ଓ ଅନୁସନ୍ଧାନରେ ସେଇଠି ପଡ଼ିଲା ପୂର୍ଣ୍ଣଚ୍ଛେଦ, ଗୋଟିଏ ଭଙ୍ଗା କୋଣରୁ ମୋ ପାଦ ଖସିଗଲା ଏବଂ ମୁଁ ୨୬ ଫୁଟ ତଳକୁ ଗଡ଼ିଗଡ଼ିକା ଲୋଟେଇ ହୋଇ ଚାଲିଲି । ଭାଗ୍ୟ ଭଲ, ପାଣି ବହିଯିବା ପାଇଁ ଥିବା ଦନ୍ତୁରିତ ନାଳିର କେତେ ଇଞ୍ଚ ପୂର୍ବରୁ ଅଟକି ଗଲି । ନଚେତ୍ ନଳା ଭିତରକୁ ଖସିପଡ଼ି ମୁଁ ନେଇଥାନ୍ତି ମହାସମାଧି ।

ସମବେତ ଗ୍ରାମବାସୀଙ୍କ ଉଦ୍‌ବେଗ ଓ ଆଶଙ୍କାରେ ଅବସାନ ଘଟିଲା ଯେତେବେଳେ ସେମାନେ ଦେଖିଲେ ମୋ ଅହଂକାର ଯେତେ ଆହତ, କ୍ଷତାକ୍ତ ହୋଇଛି ସେତେ ଖଣ୍ଡିଆ ଖାବରା ହୋଇନାହିଁ ଦେହ ମୁଣ୍ଡରେ । ଆଶ୍ୱସ୍ତ ବୈଦ୍ୟନାଥ ହସି ହସି

Digitized by srujanika@gmail.com

କହିଲା – ‘‘ଯା’ ହେଉ ଆପଣଙ୍କର ଏକ ଅନନ୍ୟ ଅନୁଭୂତି ହେଲା । କେଉଁଠିହେଲେ ବୁନ୍ଦାଏ ପାଣି ଦିଶୁନଥିବା ଏକ ଆନିକଟରେ ଏମିତି ଖସଡ଼ା କଚଡ଼ା ଖାଇବା କେତେ ଲୋକଙ୍କ କପାଳରେ ଅବା ଥାଏ ?’’ କେବଳ ଆନିକଟର ପଛପାଖରେ ସରୁ ଧାରଟିଏ ବହି ଯାଇଥିଲା ଏବଂ ସେଥିରେ ଚାରିଆଡ଼େ ବିଛେଇ ହୋଇ ରହିଥିଲା ମାଛଧରା ଜାଲ । ପୁନଶ୍ଚ ବୈଦ୍ୟନାଥ ମୁହଁ ଖୋଲିଲେ – ‘‘ଆଗ ଭଳି ଆଉ ମାଛ ପଡୁନାହାନ୍ତି । ଏ ଯୋଉ ମାଛ ପଡୁଛନ୍ତି ସେଗୁଡ଼ିକ ସମୁଦ୍ରରୁ ଆସୁଥିବା ପର୍ଯ୍ୟଟକ ମାଛ ।’’

ସମଗ୍ର ଜିଲ୍ଲାର ଜଣେ ବି ବରିଷ୍ଠ ଅଫିସର ଏ ଆନିକଟ ନିର୍ମାଣକୁ ପସନ୍ଦ କରନ୍ତି ନାହିଁ । ‘‘ଯଦି କେବେ ଏ ବନ୍ଧର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୁଏ, ତେବେ ଏହା ୫୬ ହଜାର ହେକ୍ଟର ଜମିକୁ ଜଳସେଚିତ କରିବ । କିନ୍ତୁ ବାରମ୍ବାର ମରୁଡ଼ି ଆକ୍ରାନ୍ତ ଓ ଦୃଷିତ ପାଲାମାଉ ବାହାରେ ଥିବା ଜମିକୁ ପାଣି ଯୋଗାଇବ । ବିଶେଷ ଭାବେ ଗୟା ଓ ଅଉରଙ୍ଗାବାଦର ଚାଷୀମାନେ ଉପକୃତ ହେବେ । କିନ୍ତୁ ପାଲାମାଉ ଠାରେ ଓ ପାଲାମାଉ ନାମରେ ତିଆରି ହେଉଛି ଏଇ ବନ୍ଧ ।’’ –କହିଲେ ଜଣେ ବରିଷ୍ଠ ଅଫିସର । ତେବେ ଏ ବନ୍ଧ ନିର୍ମାଣ ପାଇଁ କିଏ ବେଶି ଆଗ୍ରହ ଦେଖାଉଛି ?

ଅନ୍ୟଜଣେ ବରିଷ୍ଠ ପ୍ରଶାସକ କହିଲେ – ‘‘ଯଦି ଏ ବନ୍ଧଟିର ନିର୍ମାଣ କେବେ ସଂପନ୍ନ ହୁଏ ତେବେ ବିହାରର ସେଚମନ୍ତ୍ରୀ ଜଗଦାନନ୍ଦଙ୍କ ନିର୍ବାଚନ ମଣ୍ଡଳୀ ହିଁ ଅଧିକ ଭାବେ ହେବ ସେଚିତ । ଏବେ ସୋନ ବ୍ୟାରେଜ୍ ଆଡ଼କୁ ବେଶି ଦୃଷ୍ଟି ଦିଆଯାଉଛି ଏବଂ ସେଥିପାଇଁ କୁଟକୁ ଡ୍ୟାମ୍‌ର ପୁଞ୍ଜିରୁ କାଣ୍ଟଛାଣ୍ଟ କରାଯାଉଛି । କାରଣ ସୋନ ବ୍ୟାରେଜ ସଂଲଗ୍ନ ଅଞ୍ଚଳ ହିଁ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ।’’

ସୁତରାଂ ପାଣି ଯେତେବେଳେ ମିଳିଯାଏ, ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଜଳସେଚନ ସଂପର୍କିତ ଯୋଜନା ଚଟାପଟ୍ ଆରମ୍ଭ ହୋଇଯାଏ । ନଚେତ୍ ଅନ୍ୟ ସମୟରେ ଧକେଇ କରି ଦାନ୍ତ ନିକୁଟି ଯୋଜନାମାନ ପଡ଼ି ରହିଥାଏ । ‘‘କିନ୍ତୁ କ୍ଷତିଗ୍ରସ୍ତ ଅଞ୍ଚଳର ଗ୍ରାମବାସୀଙ୍କ କଷଣ ବଢ଼ି ବଢ଼ି ଚାଲିଥାଏ ।’’ –କହନ୍ତି ମଣ୍ଡଳ ଗ୍ରାମର ସଂଗୀତ ସିଂହ । ବନ୍ଧ ବିରୋଧୀ ଆନ୍ଦୋଳନର ସେ ଜଣେ ସକ୍ରିୟ କର୍ମୀ – ‘‘ଠିକାଦାର ଆମକୁ ଧମକ ଦେଇ କହୁଛି – ହଉ, ତୁମେ ସବୁ କେମିତି ଏ ବନ୍ଧ କାମକୁ ଅଟକାଇବ ମୁଁ ଦେଖିବି ।’’

ବନ୍ଧ ନିର୍ମାଣରେ ଅହେତୁକ ବିଳମ୍ବ କିମ୍ବା ନିର୍ମାଣ-ନକ୍ସାରେ ପରିବର୍ତ୍ତନ କେବଳ ପ୍ରଶାସନର ପାଗଳାମୀର ପରିଚୟ ନୁହେଁ; କ୍ଷତିଗ୍ରସ୍ତ ଅଞ୍ଚଳର ଚାଷୀ ସେମାନଙ୍କ ଜମିରେ ଥିବା ଗଛ ପାଇଁ ଟଙ୍କାଏ କି ଦୁଇଟଙ୍କାର କ୍ଷତିପୂରଣ ପାଇବା ଅନ୍ୟତମ ବିଚିତ୍ର ପାଗଳାମୀ । ଏହାର ପରିଚୟ ବହନ କରେ ସେମାନେ ପାଇଥିବା ବ୍ୟାଙ୍କ

Digitized by srujanika@gmail.com

ଚେକ୍ । "ସେ ଅଞ୍ଚଳର ଗୋଟେ ଗୋଟେ ଶାଳଗଛର ଘନଫୁଟ ପ୍ରତି ଦାମ୍ ହେଉଛି ସାତଶହ ଟଙ୍କା । ଅଥଚ ଗରିବ ଲୋକ ସମୁଦାୟ ଗଛ ପାଇଁ ପାଏ ଦୁଇଟଙ୍କା । ଏକଥା ରାଜସ୍ୱ ବିଭାଗର ଭୂମି ଅଧିଗ୍ରହଣକାରୀ ହାକିମ ମାନେ ଭଲକରି ଜାଣନ୍ତି । ଏହା ହିଁ ବିଡ଼ମ୍ବନା ।" –କହନ୍ତି ଛୋଟ ନାଗପୁର ସମାଜ ବିକାଶ ସଂସ୍ଥାନର ଶତ୍ରୁଘ୍ନ କୁମାର । ଦୀର୍ଘଶ୍ୱାସଟିଏ ଛାଡ଼ି ସେ ଆହୁରି ସ୍ପଷ୍ଟ କରିଦିଅନ୍ତି– "ବୁଝିଲେ ଆଜ୍ଞା, ୧୯୮୪ରେ ଜମି ଅଧିଗ୍ରହଣ ବେଳେ ଏଠି ଏକର ପିଛା ଦର ଥିଲା ୩୦ ହଜାର ଟଙ୍କା, କିନ୍ତୁ ସରକାରୀ କ୍ଷତିପୂରଣ ଦର ଥିଲା ୬ ହଜାର । ଟିକେ ଭାବନ୍ତୁ ତ !"

ବର୍ତ୍ତମାନର ଜିଲ୍ଲା ପ୍ରଶାସନ ସେମାନଙ୍କ ପ୍ରତି ପ୍ରତିକୂଳାତ୍ମକ ନୁହେଁ ବୋଲି ଗ୍ରାମବାସୀମାନେ ବିଶ୍ୱାସ କରନ୍ତି । ଡେପୁଟୀ କମିଶନର ସନ୍ତୋଷ ମାଥ୍ୟୁଙ୍କୁ ଅତ୍ୟନ୍ତ ସଦୟ ଓ ସହାନୁଭୂତିଶୀଳ ରୂପେ ସେମାନେ ବିଚାରନ୍ତି । ଏପରିକି ଥରେ ସେ ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ଆଣି ଲୋକଙ୍କ ପାଖରେ ହାଜର କରାଇଥିଲେ ଏବଂ ମନ୍ତ୍ରୀ ମଧ୍ୟ ବେଶ୍ ସମୟ ଧରି ଲୋକଙ୍କ ଦୁଃଖ ଦୁର୍ଦ୍ଦଶାର କାହାଣୀ ଶୁଣିଥିଲେ । "କିନ୍ତୁ ଠିକାଦାର ବାପୁଡ଼ା ସବୁକିଛି ଅର୍ଗଳୀକୁ ପାରହୋଇ ପାଟଣାର ବଡ଼ ଧାନଖଳାରେ ପଶିପାରେ । ମେରିଖୁଣ୍ଟ ଚାରିକଡ଼େ ସେ ହାକିମ ହୁକୁମାଙ୍କୁ ଦି'ଘେରା ବୁଲେଇ ତା'ର ଠିକଣା ଅମଳ ଧରି ଫେରେ । ପୁଣି ତା'ର ଅସଲ ବେପାର ଆରମ୍ଭ କରିଦିଏ । ବନ୍ଧ ତିଆରି ଚାଲେ ।" -ବଡ଼ ପ୍ରତୀକାତ୍ମକ ଢଙ୍ଗରେ କହନ୍ତି ଜଣେ ବନ୍ଧ ବିରୋଧୀ ସମାଜ-କର୍ମୀ ।

ଡାଲ୍‌ଟନ୍‌ଗଞ୍ଜରେ ଭେଟ ହୁଏ ବଶିଷ୍ଠ ନାରାୟଣ ସିଂହଙ୍କ ସହ । ବିହାର ରାଜ୍ୟ ନିର୍ମାଣ ନିଗମର ସେ ଜଣେ ପୂର୍ବତନ କାର୍ଯ୍ୟନିର୍ବାହୀ ପରିଚାଳକ ଏବଂ ପାଲାମାଉ ଜଳସେଚନ ପ୍ରକଳ୍ପର ଜଣେ ଅଗ୍ରଣୀ ବିଶେଷଜ୍ଞ । ସାମାଜିକ ସ୍ତରରେ ଅତ୍ୟନ୍ତ ସମ୍ମାନାସ୍ପଦ ବ୍ୟକ୍ତି । ସେ ଏଭଳି ଯୋଜନାକୁ ନାକ ଟେକନ୍ତି ଏବଂ ଛୋଟ ଛୋଟ ଜଳ ଅମଳ ପ୍ରକଳ୍ପରେ ବିଶ୍ୱାସ ରଖନ୍ତି । ପ୍ରୋକ୍ତ ଉତ୍ତର-କୋଏଲ ଯୋଜନାଟି କେବଳ ଅର୍ଥ-ଶ୍ରାଦ୍ଧ ପାଇଁ ଉଦ୍ଦିଷ୍ଟ ବୋଲି ସେ ବିଚାରନ୍ତି ଏବଂ କହନ୍ତି : "ଔରଙ୍ଗା କି କହଁର ଭଳି ସ୍ଥାନରେ ଥିବା ଗୋଟେ ଯୋଡ଼େ ବଡ଼ ପ୍ରୋଜେକ୍ଟ ମାଧ୍ୟମରେ ଏହି ଆନିକଟ ଗୁଡ଼ିକର ଚିରସ୍ରୋତା ଜଳଧାର କି ଉତ୍ସ ସହିତ ଯୋଡ଼ି ହେବାର ଥିଲା । ବଡ଼ ବନ୍ଧବାଡ଼ର କୌଣସି ଆବଶ୍ୟକତା କି ପ୍ରାସଙ୍ଗିକତା ଆଉ ନାହିଁ ।" ଏସବୁ ଠିକାଦାରଙ୍କ ସ୍ୱାର୍ଥ ପାଇଁ ଏବଂ ରାଜନୈତିକ ଅଭିସନ୍ଧି ରଖି ନିର୍ମାଣ ହେଉଥିବା ନେଇ କାହାରି ମଧ୍ୟ ଦ୍ୱିମତ ନାହିଁ । ତେବେ ଚାଷଜମି ଏବଂ ବାସଗୃହ ହରାଇଥିବା ସର୍ବହରାଙ୍କ ପାଇଁ କୌଣସି ପ୍ରକାରେ ଅଧିକ କ୍ଷତିପୂରଣ ଆଉ ମିଳିପାରିବ କି ?

Digitized by srujanika@gmail.com

ପ୍ରକଳ୍ପ ଅଞ୍ଚଳର ବହୁ ଲୋକ ମୋତେ କହିଛନ୍ତି – "କଥା ଦେଇ ସେମାନେ ଆଉ ରଖିଲେ ନାହିଁ ।" ଚାକିରି ଦେବେ, ସ୍କୁଲ କରିଦେବେ, ଅଧିକ କ୍ଷତିପୂରଣ ମିଳିବା ଭଳି ପ୍ରତିଶ୍ରୁତିମାନ ଉଚ୍ଚାରଣରେ କେବଳ ରହିଗଲା, ଆଚରଣକୁ ଆଉ ଆସିଲା ନାହିଁ । "ଏଠି ପାଖାପାଖି ତିରିଶ ଖଣ୍ଡ ଗାଁରେ ନା ଚାଲୁଛି ଗୋଟେ ବି ସ୍କୁଲ କି ଗୋଟେ ଅଙ୍ଗନବାଡ଼ି ! ଏପରିକି ରୋଗ ବିରାଗ ପାଇଁ ଗୋଟେ ଚାଲୁ ଡାକ୍ତରଖାନା ବି ନାହିଁ ।" –ବନ୍ଧ ବିରୋଧି ଆନ୍ଦୋଳନର ଏକତମ ମହିଳା-କର୍ମୀ ମୂର୍ତ୍ତି କହନ୍ତି ।

ସରକାରୀ କାଗଜପତ୍ର କହେ ଏ ଜିଲ୍ଲାର ଅନ୍ୟସବୁ ପ୍ରୋଜେକ୍ଟ ଦ୍ୱାରା ବିପନ୍ନ ହେଉଥିବା ମଣିଷଙ୍କ ଭାଗ୍ୟ ମଧ ଭିନ୍ନ କି ଅନୁକୂଳ ନୁହେଁ । ଏପରି ରହିଛି ଅନେକ ପ୍ରକଳ୍ପ । କଦଓାଁ ଜଳଭଣ୍ଡାର ପାଇଁ ଉଚ୍ଛେଦ ହେବ ୪୦ଟି ଗ୍ରାମ । କହଁର ପ୍ରୋଜେକ୍ଟ ମଧ ଉତ୍ପାଟିତ କରୁଛି ସମାନ ସଂଖ୍ୟକ ଗ୍ରାମ । ଔରଙ୍ଗା ଯୋଜନା ଅବଶ୍ୟ ଆଣିବ ତୃଷିତ, ମରୁଡ଼ି କ୍ଲିଷ୍ଟ ପାଲାମାଉ ପାଇଁ ବହୁ ପ୍ରତୀକ୍ଷିତ ଜଳ, ମାତ୍ର ଅନ୍ୟୂନ ପକ୍ଷେ ବିସ୍ଥାପିତ କରିବ ୧୫ଟି ଗ୍ରାମର ନିଃସହାୟ ମଣିଷ । କେବଳ ତହ୍ଲେ ନଦୀ ଯୋଜନାରେ କେହି ଜଣେ ବି ବାସଚ୍ୟୁତ ହେଉନାହାନ୍ତି । ମାତ୍ର କୋଡ଼ିଏ କୋଟି ଟଙ୍କା ବ୍ୟୟରେ ଏହା ଜଳସେଚିତ କରିବ ଆଠହଜାର ହେକ୍ଟର ଜମି । ବାସ୍ତବରେ କୁଟ୍‌କୁ ଡ୍ୟାମ୍ ତୁଳନାରେ ଏହା କେତେ ମାନବବାଦୀ ଓ ବାସ୍ତବବାଦୀ ସେକଥା ଅଚିରେ କଳନା କରାଯାଇପାରେ ।

"କିନ୍ତୁ ତହ୍ଲେ ନଦୀ ଯୋଜନା ପାଇଁ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନାହିଁ କି ପାଣ୍ଠି ମଧ ନାହିଁ ।" –କହନ୍ତି ବିଶେଷଜ୍ଞ ବଶିଷ୍ଠ ନାରାୟଣ ସିଂହ । ଜଳସେଚନ ବ୍ୟବସ୍ଥାକୁ ଆସ୍ଥା ଓ ଦାୟିତ୍ୱ ସଂପନ୍ନ ଦୃଷ୍ଟିଭଙ୍ଗୀରେ ଆଉ ସରକାର ଦେଖୁନଥିବା ତାଙ୍କର ମତ । "କାହିଁକି ନୂଆ ପ୍ରୋଜେକ୍ଟ ସବୁ କରାଯାଉଛି ? ଯେତେବେଳେ ବିପଦଶଙ୍କୁଳ ହୋଇପଡ଼ିଥିବା ପୁରୁଣା ବନ୍ଧଗୁଡ଼ିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ସରକାରୀ ପାଣ୍ଠି ନଥିବା କଥା କୁହାଯାଉଛି । ଆଗରୁ ପ୍ରତିବର୍ଷ ବିହାର ଜଳସେଚନ ବିଭାଗ ପାଇଁ ଅର୍ଥ ମଞ୍ଜୁରୀ ଓ ଅଟକଳ ଥିଲା ୩୫୦ରୁ ୪୦୦ କୋଟି ଟଙ୍କା । ଏବେ ସେ ପରିମାଣ ୧୨୦ କୋଟିକୁ ଖସି ଆସିଛି । ଏଥିମଧ୍ୟରୁ ୮୦ କୋଟି ଟଙ୍କା ହେଉଛି ଦରମା ଓ ପ୍ରଶାସନିକ ବ୍ୟୟ । ଅବଶିଷ୍ଟ ୪୦ କୋଟି ରହେ ନୂଆ ପ୍ରୋଜେକ୍ଟ ପାଇଁ । ରକ୍ଷଣାବେକ୍ଷଣ ଓ ମରାମତି ଦିଗ ପ୍ରତି ସମସ୍ତେ ଆଖିବୁଜି ଦେଇଛନ୍ତି । ଗଲା ତିନିବର୍ଷ ହେଲା କୌଣସି ଅଫିସର ସେମାନଙ୍କ ଗସ୍ତଖର୍ଚ୍ଚ ପାଇନାହାନ୍ତି । ସବୁ ଗାଡ଼ି ପ୍ରାୟ ଅଚଳ । ଟଙ୍କା ତ ଗଡୁନି, ବନ୍ଧ ମରାମତି କରିବ କିଏ !" ସେ ହତାଶାରେ ଭ୍ରୁକୁଞ୍ଚନ କରନ୍ତି ।

ଏ ହତାଶାର ଅଭିବ୍ୟକ୍ତି ଓ ପ୍ରଚଳିତ ବ୍ୟବସ୍ଥା ପ୍ରତି ଖେଦୋକ୍ତି ସମସ୍ତଙ୍କ ତୁଣ୍ଡରେ । କୁଟ୍‌କୁ ବନ୍ଧ ନିର୍ମାଣ ସଂପୂର୍ଣ୍ଣ ବନ୍ଦ ହେବନାହିଁ । ଧକେଇ ଧକେଇ ପଛେ ଚାଲୁଥିବ –

Digitized by srujanika@gmail.com

ସେକଥା ଦେଖିବାକୁ ଅଛନ୍ତି ମନ୍ତ୍ରୀ ଓ ଠିକାଦାର । ମହିଳା-କର୍ମୀ ମୂର୍ତ୍ତିଙ୍କ ସଂଗ୍ରାମ ସେଇ ବିଶାଳ ଧଳାହାତୀର ଶାସନ-କଳ ବିରୁଦ୍ଧରେ ଏବଂ ତାଙ୍କର ଅଭିବ୍ୟକ୍ତି : ''ୟହାଁ ଡ୍ୟାମ୍ ବନ୍ଧ ହୋ ସକ୍‌ତା ହେ, ଲେକିନ୍ ଠେକେଦାରୀ ନହିଁ ବନ୍ଧ ହୋଗି ।'' ସେ ଧଳାହାତୀଙ୍କୁ ପୋଷିବା ପାଇଁ ତ ରହିଛି ଆମର ରାଜନୀତିର ଘଣ୍ଟ, ଅନ୍ଧାରୀ ଅଭୟାରଣ୍ୟ !

ଏକ ଉତ୍ତର-ଲିପି

ମୋର ଗସ୍ତକ୍ରମର ଅଳ୍ପକେଇ ସପ୍ତାହ ପରେ ବିଭତ୍ସ ଭାବେ ହତ୍ୟା କରାଗଲା କବି, ଗୀତିକାର, ଗାୟକ ଓ ସଂଗ୍ରାମୀ ବୈଦ୍ୟନାଥ ସିଂହଙ୍କୁ । ସେ ମୋତେ ବୁଲାଇ ଦେଖାଇଥିଲେ ଆନିକଟ ଅଞ୍ଚଳ, ବିସ୍ଥାପିତ ଗ୍ରାମ ଏବଂ ଶୁଣାଇଥିଲେ ଚମତ୍କାର ତାଙ୍କର ଗୀତ । ପାଲାମାଉରେ କଟାଇଥିବା ରାତି ଶିହରିତ ହେଉଥିଲା ତାଙ୍କ ସଂଗୀତର ମୂର୍ଚ୍ଛନାରେ, ଏବେ ବି ସେ ଗୀତ ପ୍ରେରଣା ଜଗାଏ ତାଙ୍କ ଦ୍ୱାରା ପରିଚାଳିତ ସହସ୍ର ନିଃସ୍ୱ, ନିରନ୍ନ ମଣିଷଙ୍କୁ । ବୈଦ୍ୟନାଥଙ୍କ ବନ୍ଧୁମାନେ ମୋତେ ପରେ କହିଲେ- ନକ୍ସଲପନ୍ଥୀମାନଙ୍କ ପୋଷାକ ପିନ୍ଧି ଠିକାଦାରର ପୋଷା ଗୁଣ୍ଡାମାନେ ବୈଦ୍ୟନାଥଙ୍କୁ ନିର୍ମମ ଭାବେ ହତ୍ୟା କଲେ । ଏହାପଛରେ ମଧ୍ୟ ରହିଛି ଜଳସେଚନ ବିଭାଗର ଟାଉଟରମାନଙ୍କ ହାତ । ସେ ହାତ ବଡ଼ ଲମ୍ୱା, ବଡ଼ କ୍ରୁର କର୍କଶ ଓ ଶକ୍ତ; ସେ କରାଳ ହାତ ସମଗ୍ର ଭାରତବର୍ଷର କଣ୍ଠରୁଦ୍ଧ କରିବାକୁ ସମର୍ଥ ।

❖ ❖ ❖

Digitized by srujanika@gmail.com

ନିମା : ଏକ ନିମଗ୍ନ ପଲ୍ଲୀର ନିଥର ଚିତ୍ରପଟ୍ଟ

ସେ ଗାଁର ଚଉହଦି ଆଖି ବୁଲେଇ ଆଣିଲେ ଖାଲି ପରସ୍ତ ପରସ୍ତ ଧୂଳି କାନ୍ଥବାଡ଼ରେ, ଗଛପତ୍ରରେ, ପିନ୍ଧାଲୁଗା ଓ ଧୂଲେଇ ହୋଇଥିବା ଲୁଗାପଟାରେ, ପୋଖରୀର ପାଣି ଉପରେ–ସବୁଠି ଏକ ଆସ୍ତରଣ, ଏକ ବହଳ ପଟଳ । ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ଏବଂ ଚତୁପାର୍ଶ୍ୱରେ । ଚଷମା ଦେଇଥିଲେ ବି ଆଖି ସନ୍ଧିରେ ପଶିଯିବ ଧୂଳି, କାନରେ ଭର୍ତ୍ତି ହୋଇ ତାଦ୍‌ଦା କରିଦବ । ନିଶ୍ୱାସ ତ ସହଜେ ରୁଦ୍ଧ ହୋଇଯାଏ । ପାଣି ଉପର ଆସ୍ତରଣର ଧୂଳିପଟଳରୁ ଅବଶ୍ୟ ଅଧିକାଂଶ ଭାଗ ରୋଷାଇଘର ମାଧ୍ୟମ ଦେଇ ପେଟ ଭିତରକୁ ଚାଲିଯାଏ । ସେ ସାନ୍ତାଳ ବସ୍ତିର ଧୋବ ଫରଫର ଘରଗୁଡ଼ାକ ମଧ୍ୟ ଦିଶୁଥାନ୍ତି ଧୂଳି ଧୂସରିତ ।

ଏ ଗାଁର ନାମ ନିମା । ଗୋଡ୍ଡା ଜିଲ୍ଲାର ଏକ ଅଭିଶପ୍ତ ଗ୍ରାମ । ପ୍ରତିଦିନ ଧୂଳି ସେବନ ହିଁ ଏମାନଙ୍କର ଅବଧାରିତ ଭାଗ୍ୟ-ଲିପି । ପାଟିରେ ସେବନ ନକଲେ ନାକବାଟେ କରିହେବ । ଏ ଧୂଳିର ରଙ୍ଗ କଳା । ଏସିଆ ମହାଦେଶର ସର୍ବବୃହତ ମୁଖ ଖନନ ଏକକ କୋଇଲା ଖଣିର ଏ ଇଲାକା–ଲାଲ ମାଟିଆ । ପୂର୍ବାଞ୍ଚଳ କୋଲ୍‌ଫିଲ୍‌ଡ ଲିଃର ରାଜମହଲ କୋଇଲା ଖଣି ପ୍ରୋଜେକ୍ଟ ନିମା ଗ୍ରାମ (ଏହାକୁ ଗ୍ରାମ କହିବା ନା କୋଇଲା-ପ୍ରସବିନୀ କହିବା ?)ର ପୂର୍ବପଟେ ହେଉଛି ଖଣି–ପ୍ରତିଦିନ ଉତ୍ପାଟିତ ହୁଏ ୧୧ ହଜାର ଟନ୍ କୋଇଲା । ଏହାର ପଶ୍ଚିମରେ ରହିଛି କାରଖାନା । ନିମାର ଦକ୍ଷିଣକୁ ପ୍ରୋଜେକ୍ଟର ଯନ୍ତ୍ରପାତି, ଗାଡ଼ି ମଟର ରଖିବାର ୱାର୍କସପ୍ ଓ ଷ୍ଟୋର୍ । ଦିନ ରାତି ଚବିଶ ଘଣ୍ଟା ଖୋଲା ଏବଂ ଦକ୍ଷିଣ ଦିଗକୁ ଗ୍ରାମଟି ମୁହଁ କରିଛି ଗୋଟିଏ ବିସ୍ତାରିତ ସୁଉଚ୍ଚ କୃତ୍ରିମ ପାହାଡ଼ ଆଡ଼କୁ । ଏଠାରେ ୧୨୦ ଟନ୍ ଓ ୧୭୦ ଟନ୍ ଓଜନର କୋଇଲା ବୋହୁଥିବା ଟ୍ରକ୍‌ଗୁଡ଼ିକ ଗଦେଇ ଚାଲିଛନ୍ତି କୋଇଲାର ସ୍ତୂପ, ଯାହା ଅବିଳମ୍ୱେ ପାଲଟିଛି କୃଷ୍ଣକାୟ ପର୍ବତ । ଅଚିରେ ତାହା ଲମ୍ବି ଯାଇଛି ରାଜମହଲ ପାହାଡ଼ମାଳା ଆଡ଼କୁ ଏବଂ ମନେହେବ ଯେପରି ଗାଁଟି ରହିଛି ପାହାଡ଼ର ପାଦଦେଶରେ । ଚମତ୍କାର ଦୃଶ୍ୟପଟ୍ଟ ନିଶ୍ଚୟ-ପାହାଡ଼ ଥିବ ଗାଁ ଦାଢ଼ରେ । ଝରଣା ଝରୁଥିବ । ମାତ୍ର ଏଠାରେ ପାହାଡ଼ଟି କୃତ୍ରିମ ଏବଂ ପାହାଡ଼ରୁ ଝର ନଫିଟି ଲୋକଙ୍କ ଆଖିରୁ ଲୁହ ଝରେ ।

ସାନ୍ତାଳ ସ୍ଥାପତ୍ୟ ଶୈଳୀରେ ଗଢ଼ା ଅତି ଆକର୍ଷଣୀୟ ମାଟି ଘର । ପାରମ୍ପରିକ ପଦ୍ଧତିର । ନିମା ଗାଁରେ ପ୍ରାୟ ଚାରି ହଜାର ବାସିନ୍ଦା । ଏଥିରୁ ଏକ

Digitized by srujanika@gmail.com

ତୃତୀୟାଂଶ ସାନ୍ତାଳ । ଅନ୍ୟମାନେ ବିଭିନ୍ନ ସଂପ୍ରଦାୟର । ସେମାନଙ୍କ ମଧ୍ୟରେ ମୁସଲମାନଙ୍କ ସଂଖ୍ୟା ଅଧିକ ।

ପ୍ରସ୍ତ ପ୍ରସ୍ତ କୋଇଲାର ଆସ୍ତରଣରେ ଆଚ୍ଛନ୍ନ ଥାଇ ବି ନିମା ଗ୍ରାମର ମୃତ୍ତିକା ନିର୍ମିତ ଘରଗୁଡ଼ିକ ଦିଶୁଥିଲା ବେଶ୍ ମନୋରମ । ସାନ୍ତାଳ ସ୍ଥାପତ୍ୟର ତାହା ଏକ ଚମତ୍କାର ନିଦର୍ଶନ । ଉତ୍ତାପ ନିୟନ୍ତକ ଏହି ମାଟିଘରମାନଙ୍କର ମୋଟେଇ ବେଳେ ବେଳେ ତିରିଶ ଇଞ୍ଚ ଟପିଯାଏ ଏବଂ ଗୃହାଙ୍ଗନର ପ୍ରଶସ୍ତ କୋଠରୀମାନ ଥାଏ ସୁଶୀତଳ; ଶାନ୍ତିପ୍ରଦ । ବାହାରେ ଗ୍ରୀଷ୍ମକାଳର ଉତ୍ତାପ ଟକ୍‌ମକ୍ ଫୁଟୁଥିବା ବେଳେ ଘର ଭିତର ଥାଏ ଛାୟାଘନ-ଶୀତଳ । ସହର ଓ ନଗ୍ରର ଆର୍କିଟେକ୍ଟମାନେ ଏଠାରୁ ବେଶ୍ କିଛି ଶିଖିପାରିବେ । ସେମାନଙ୍କ ଘରର ନିର୍ମାଣ ଶୈଳୀ ନେଇ ମୋର ପରମ ଆଗ୍ରହ ଦେଖି ବାମବିହାରୀ ମୁର୍ମୁ କହିଲେ – "ବାବୁ, ହଁ ହଁ ତୋଳ ଫଟ । ଆମର ବି ସେ ଫଟ ଦରକାର ହବ ବାବୁ । ଏ ଘରର ତ ଆଉ କେଇଟା ଦିନରେ ଚିହ୍ନବର୍ଣ୍ଣ ମୋଟେ ନଥିବ ।"

ବାସ୍ତବରେ ଚିହ୍ନବର୍ଣ୍ଣ ରହିବ ନାହିଁ, ବିସ୍ଥାପନର ବିସ୍ତାରିତ ଦିଗନ୍ତରେ ହଜିଯିବ ନିମା ଗ୍ରାମର ଅସ୍ତିତ୍ୱ । ଏ ଗାଁର ଲୋକମାନେ ଜାଣନ୍ତି ସେମାନେ ହଜିଯିବେ ।

କୋଇଲା ଖଣି ଖନନ ପାଇଁ ଉତ୍ପାଟିତ ହେଉଛି ଅଠରଟି ଗ୍ରାମ, ସେଥିରୁ ବାରଟିର ଅବସ୍ଥିତି କୋଇଲା ଖଣି ସୀମା ଅନ୍ତର୍ଭୁକ୍ତ ଅଞ୍ଚଳରେ । ସବୁଠୁଁ ଅଧିକ ବିପର୍ଯ୍ୟସ୍ତ ନିମା, ହିଜୁକିଥା ଓ ଘାଟି ସିମରା ନାମକ ତିନୋଟି ଗ୍ରାମ । ଏଥିମଧ୍ୟରେ ନିମା ସବୁଠୁଁ ବଡ଼ ଗାଁ । ବର୍ଷା ଋତୁରେ ଏ ଗାଁମାନଙ୍କ ଭିତରକୁ ପଶିବାକୁ ଯମ ବି ଡରିବ । ପଚ ପଚ କାଦୁଅ ସହିତ ମିଶିଛି କୋଇଲାଗୁଣ୍ଡ, କଚଡ଼ା ଆଉ ଗୋବର । ଚିକିଟା ମାଟି ପଚ ପଚ କାଦୁଅ ଖସଡ଼ାର ସୀମାହୀନ ପଟୁଆର । ଥରେ ତା' ଭିତରେ ପଶିଗଲେ ଲାଗିବ ନର୍କ ଆଉ ବେଶି ଦୂର ନୁହେଁ । ଏତକ ଗୋଡ୍ଡା ଜିଲ୍ଲାର କୋଇଲା ଖଣିମାନଙ୍କର ଅଫୁରନ୍ତ ବରଦାନ । ଏବଂ ଗୋଡ୍ଡା ହେଉଛି ଭାରତର ଦରିଦ୍ରତମ ଜିଲ୍ଲାମାନଙ୍କ ମଧ୍ୟରୁ ଏକତମ ।

କିନ୍ତୁ ବାସଚ୍ୟୁତ ହେବାର ଭବିତବ୍ୟ ଅପେକ୍ଷାରେ ଥିବା ନିମା ଗ୍ରାମର ଅଧିବାସୀମାନେ କୌଣସି ଆନ୍ଦୋଳନ କରୁନାହାନ୍ତି । ଏହି ଗ୍ରାମର କିଛି ଲୋକ ଚାକିରି କରନ୍ତି ସେହି ପ୍ରୋଜେକ୍ଟରେ ଯିଏ ସେମାନଙ୍କର ଜମି ଛଡ଼ାଇ ନେଇଛି ଏବଂ ଯେଉଁ ପ୍ରୋଜେକ୍ଟ ସେମାନଙ୍କୁ ଅବିଳମ୍ବେ କରିବ ବିସ୍ଥାପିତ । ଅଧିକାଂଶ ଚାହାନ୍ତି ମଧ ଗାଁ ଛାଡ଼ିବାକୁ । "ଆପଣ କ'ଣ ଭାବୁଛନ୍ତି ଆମେ ସାରା ଜୀବନ ଏଇ କୋଇଲା ଗୁଣ୍ଡ ଭର୍ତ୍ତି ପବନକୁ ପ୍ରଶ୍ୱାସରେ ଟାଣୁଥିବୁ ?" –କହନ୍ତି ଜଣେ ଗ୍ରାମବାସୀ ତଥା ପ୍ରୋଜେକ୍ଟର କର୍ମଚାରୀ ଜୟନାରାୟଣ ସିଂହ ।

Digitized by srujanika@gmail.com

ନିମା ଗ୍ରାମବାସୀମାନେ ଶଠତା ଓ ପ୍ରତାରଣାର ଶିକାର ହୋଇଥିବା ଅନୁଭବ କରନ୍ତି । ଚାକିରି ପ୍ରାପ୍ତିର ପ୍ରତ୍ୟାଶାରେ ସେମାନେ ଛାଡ଼ି ଦେଇଥିଲେ ଶତାଧିକ ଏକର ଚାଷଜମି । ଏବେ କେନ୍ଦ୍ର ସରକାର ବଦଳାଇ ଦେଲେ ତାଙ୍କର ଘୋଷଣାନାମା ଏବଂ ପ୍ରତିଶ୍ରୁତିର ଫର୍ଦ୍ଦ । ପ୍ରଥମେ ସର୍ତ୍ତ ଥିଲା ଗୋଟିଏ ଏକର ବା ତଦୂର୍ଦ୍ଧ୍ୱ ଜମି ହରାଉଥିବା ବ୍ୟକ୍ତିଙ୍କୁ ଚାକିରି ମିଳିବ । ତା'ପରେ ନିୟମ ବଦଳି ହେଲା ପ୍ରତି ପରିବାର ପାଇଁ ଗୋଟିଏ ଚାକିରି । ଏବେ ସରକାରୀ ସର୍ତ୍ତ ରହିଲା–ଦୁଇ ଏକର ଜମି ଛାଡୁଥିବା ବ୍ୟକ୍ତି ପ୍ରୋଜେକ୍ଟରେ ନିଯୁକ୍ତି ପାଇବାକୁ କେବଳ ଯୋଗ୍ୟ ।

ନିମାର ଅଧିକାଂଶ ଗ୍ରାମବାସୀ କାମ କରନ୍ତି ଲାଲ ମାଟିଆ ଖାଦାନାର ପୁରୁଣା ଢାଞ୍ଚାର ଖଣି ଖନନରେ–ଅଣି ଦଶକରେ ଏହା ମୁକ୍ତ ଖନନ ପଦ୍ଧତି (ଓପନ୍ କାଷ୍ଟ ମାଇନିଂ)ର ଥିଲା ଅଗ୍ରଦୂତ । ସୁତରାଂ ସେମାନେ ଯେମିତି ହେଉ ଶ୍ରମିକ ଗୋଷ୍ଠୀରେ ସାମିଲ୍ ହୋଇ ରହିବେ । ସେମାନଙ୍କ ପାଇଁ ଜମି ବଦଳରେ ନିଯୁକ୍ତିର ବିଶେଷ କିଛି ମାନେ ହୁଏନା, ଯଦିଓ ସେମାନେ ଜମି ହରାଇଛନ୍ତି । ଆଉ ଗ୍ରାମର ମହାଲି ସଂପ୍ରଦାୟ– ସେମାନେ ତ ଦଳିତ ଜାତିର ସବା ତଳ ପାହାଚରେ ପଡ଼ି ରହିଛନ୍ତି । ସେମାନଙ୍କ ପାଇଁ ଜମି ବଦଳରେ ନିଯୁକ୍ତି ପାଇବା ଏକ ଦିବାସ୍ୱପ୍ନ । କାରଣ ନିର୍ଦ୍ଧାରିତ ନିୟମରେ ଦୁଇଏକର ଜମିର ମାଲିକାନା କେବେ ସେମାନଙ୍କ ଚୌଦ-ପୁରୁଷରେ ମଧ୍ୟ ଘଟିନଥିଲା, ସେମାନେ ପ୍ରାୟତଃ ଭୂମିହୀନ ।

ସେମାନଙ୍କ ଭିତରୁ କିଛି ଅବଶ୍ୟ ପାଇବେ ଦେଢ଼ ହଜାର କି ଦୁଇ ହଜାର ଟଙ୍କାର କ୍ଷତିପୂରଣ, ମୁଣ୍ଡ ଉପରେ ଥିବା ଚାଳ ଓ ଘରଡ଼ିହ ବଦଳରେ । ଏହି କ୍ଷତିଭରଣା ଟଙ୍କାର ତିନିଗୁଣ ପାଣ୍ଠି ହେଲେ ବି ଘରଟିଏ ତୋଳିବା କଷ୍ଟକର । ଏସବୁ ଘଟୁଛି ସାନ୍ତାଳ ପ୍ରଗଣା ଭଳି ଇଲାକାରେ ଆସୁଥିବା ଏକ ଜିଲ୍ଲାରେ । ସାମ୍ବିଧାନିକ ନିୟମ ଅନୁଯାୟୀ ଏଠାରେ କେବଳ ଜମି ହସ୍ତାନ୍ତର ଉପରେ ନିଷେଧାଦେଶ ରହିନାହିଁ । ଦାନ ସୂତ୍ରରେ ମଧ୍ୟ କେହି ଜମି ଦେଇପାରିବେ ନାହିଁ । କିନ୍ତୁ ୧୯୮୦ରେ ଭାରତର ରାଷ୍ଟ୍ରପତିଙ୍କ ଏକ ବିଜ୍ଞପ୍ତି ବଳରେ କେନ୍ଦ୍ର ସରକାର ଅଧିଗ୍ରହଣ କଲେ ଜମି । ତିଆରି ହେଲା କୋଇଲା ବହନ ଆଇନ (କୋଲ୍ ବିୟରିଂ ଆକ୍ଟ) –ହାତକୁ ହାତ ଜମିର ମାଲିକାନା ବଦଳି ଚାଲିଲା । ପ୍ରୋଜେକ୍ଟ ଆରମ୍ଭ ହେଲାବେଳକୁ ନିମାର ଅଧିବାସୀଙ୍କ ଏଇ ଅନ୍ୟାୟ, ଅନୀତି ବିରୁଦ୍ଧରେ ଛିଡ଼ା ହେବାକୁ ଆଉକିଛି ଜୁ ନଥିଲା । ନଥିଲା ସାମର୍ଥ୍ୟ କି ସୁଯୋଗ । ଜମି ହାତଛଡ଼ା ହେଲା ପରେ ଚେତା ପଶିଲା, ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହିଗଲାଣି । ଜମି ଅଧିଗ୍ରହଣ ଅତି ଦ୍ରୁତବେଗରେ ଆଖିବୁଜା ଭାବେ ବାଛ ବିଚାର ନରଖି ସାଧିତ ହୋଇସାରିଥିଲା ।

Digitized by srujanika@gmail.com

'ଏ କାମରେ ସେମାନେ ଭାରି ପାରଙ୍ଗମ ଥିଲେ' —କହିଲେ ଜଣେ କ୍ଷତିଗ୍ରସ୍ତ କ୍ରୁଦ୍ଧ ସାନ୍ତାଳ ବାବାଜୀ । ''କିନ୍ତୁ ଆଉ କେଉଁଥିରେ ତ ସେମାନେ ପାରଙ୍ଗମ ପଣିଆ ଦେଖାଉନଲେ ନାହିଁ । ଆମର ଏଠି ପାଣି ନାହିଁ, ବିଜୁଳି ନାହିଁ । କୋଇଲା ଗୁଣ୍ଡ ଆମକୁ ହନ୍ତସନ୍ତ କରିପକାଇଲାଣି । ସେମାନେ ଆମକୁ ଏଠୁ ତଡ଼ିବାକୁ ଚାହୁଁଛନ୍ତି, ମାତ୍ର ଆମେ କେଉଁଠାକୁ ଯିବୁ ସେ ନେଇ କିଛି ଠିକଣା ନାହିଁ । ସେମାନେ କିଛି ଯେମିତି ଜାଣନ୍ତି ନାହିଁ ।'' ଦୁଇ ରାତି ଧରି ଆମେ ଅନେକ ଲୋକଙ୍କୁ ଭେଟିଲୁ, ଆଳାପ କଲୁ —କିଟି କିଟି ଅନ୍ଧାର ଭିତରେ ଆମର ସାଧନ ଥାଏ ଟର୍ଚ୍ଚ ନଚେତ୍ ମହମବତୀ । ଯେଉଁ ସ୍ଥାନରୁ କୋଇଲା ଯାଇ ଉତ୍ପାଦିତ ହେଉଛି ବିଜୁଳି, ସେ ସ୍ଥାନ ସଢୁଛି ଅନ୍ଧକାର ସୁଡ଼ଙ୍ଗ ଭିତରେ । ବିଜୁଳି ଖୁଣ୍ଟ ଯାଇଛି । ତାର ଟଣା ହୋଇଛି । ମାତ୍ର ବିଜୁଳି ନାହିଁ । ଆଗରୁ ଅନ୍ୟୂନ ଚାରିଘଣ୍ଟା ପାଇଁ ମିଳୁଥିବା ବିଜୁଳିକୁ କାଟି ଦିଆଗଲା । ''ଆମ ବିଜୁଳିକୁ ସେମାନେ ଚୋରି କରୁଥିବାରୁ ସେମାନଙ୍କୁ ଏହା ହିଁ ଶାସ୍ତି ।'' —କହିଲେ ଜଣେ ପ୍ରକଳ୍ପ ଅଧିକାରୀ ।

ରାଜମହଲସ୍ଥିତ ପୂର୍ବାଞ୍ଚଳ କୋଇଲା ଖାଦାନ ଲିଃ (ଇ.ସି.ଏଲ୍)ର ମୁଖ୍ୟ ସାଧାରଣ ପରିଚାଳକ ଆର୍.ସି.ଶର୍ମାଙ୍କ ବକ୍ତବ୍ୟ ଅନୁଯାୟୀ ବାରସିମରା ଗ୍ରାମଟିର ପୁନଃ ସଂସ୍ଥାପନ ପାଇଁ ଯେଉଁ ପ୍ରକାର ପ୍ରୟାସ ଜାରି ରହିଛି, ଅନୁରୂପ ଭାବେ ନିମା ଗ୍ରାମଟିର ମଧ ଯତ୍ନ ନିଆଯିବ । ପୁନର୍ବାସ ଦିଗରେ ସେ ଗ୍ରାମଟି ପ୍ରତି ଅତ୍ୟନ୍ତ ନିଷ୍ଠାପର ଉଦ୍ୟମ ଜାରି ରହିଛି । ଏହାର କାରଣ ସ୍ୱରୂପ ଗ୍ରାମବାସୀମାନେ ଦର୍ଶାନ୍ତି ଯେ, ଖଣି ଖନନ ଦିଗରେ ସିଧାସଳଖ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ବାରସିମରା ପ୍ରତି ପ୍ରୋଜେକ୍ଟ କର୍ତ୍ତୃପକ୍ଷ ବେଶ୍ ଯତ୍ନଶୀଳ ହେଲେ । ଏକଥା ମଧ ସ୍ୱୀକାର କରନ୍ତି ପ୍ରୋଜେକ୍ଟର କିଛି ବରିଷ୍ଠ କର୍ମକର୍ତ୍ତା ।

ବାରାସିମରାରେ ନିଜର ପାରୁଆପଣ ପ୍ରମାଣିତ ଓ ପ୍ରଦର୍ଶିତ କରିବା ପାଇଁ ଇ.ସି.ଏଲ୍ ତତ୍ପର ହୋଇଉଠିଛି । ଏପରିକି ପୁନର୍ବାସ କାର୍ଯ୍ୟକ୍ରମର ଭି.ଡି.ଓ ରେକର୍ଡିଂ କରିବାର ଯୋଜନା ସେମାନଙ୍କର ରହିଛି । କିନ୍ତୁ ଏସବୁ ପ୍ରଦର୍ଶନ କରିବା ଦ୍ୱାରା ଅନ୍ୟାନ୍ୟ ବିସ୍ଥାପିତ ଗ୍ରାମରେ ବିଶେଷ କିଛି ପ୍ରଭାବ ପଡ଼ିବ ନାହିଁ । ଅନ୍ୟ ଗ୍ରାମମାନଙ୍କର ବାସିନ୍ଦାମାନେ ଭଲକରି ଜାଣନ୍ତି ଯେ, ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମ ପ୍ରତି ଏତେ ଆନ୍ତରିକତା ଦେଖାଇବା ମୂଳରେ ରହିଛି ରାଜନୈତିକ କାରଣ । ଝାଡ଼ଖଣ୍ଡ ଗୋଷ୍ଠୀର ଜଣେ ପ୍ରଭାବଶାଳୀ ନେତାଙ୍କର ଜନ୍ମିତ ଗ୍ରାମ ହେଉଛି ବାରାସିମରା । ତାଙ୍କ ପରିବାର ପାଇଁ ଗଢ଼ା ଚାଲିଥିବା ଏକ ବିଶାଳକାୟ କୋଠାଘରେ ମୁଁ ସେ ନେତାଙ୍କ ସାନଭାଇକୁ ଭେଟିଥିଲି ।

ଇ.ସି.ଏଲ୍ ପକ୍ଷରୁ ନିଯୁକ୍ତ ଇଂଜିନିୟର ଓ ସ୍ଥପତିମାନେ ବଡ଼ ଆନ୍ତରିକତାର ସହିତ ନେତାଙ୍କ କୋଠା ତିଆରି ପାଇଁ ସହାୟତାର କରତଳ ବଢ଼ାଇ ଦେଇଛନ୍ତି ଏବଂ

Digitized by srujanika@gmail.com

ତାଙ୍କ ସାନଭାଇ ପାଇଁ ମଧ୍ୟ । 'ଝାଡ଼ଖଣ୍ଡ ବନ୍ଦ'ର ଡାକରା ଦେଇ ତାଙ୍କ ସାନଭାଇ ସରକାରୀ ପ୍ରଶାସନରେ ଏକ ଅସ୍ଥିର ଅବସ୍ଥା ସୃଷ୍ଟି କରୁଥିବାରୁ ବର୍ତ୍ତମାନ ଭୂମିତଳ ହୋଇ ଆତ୍ମଗୋପନ କରୁଛନ୍ତି । ଝାଡ଼ଖଣ୍ଡ ଆନ୍ଦୋଳନ ସିନା ବନ୍ଦ, କିନ୍ତୁ ସେମାନଙ୍କ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇନାହିଁ । କେତେକ ଶ୍ରମିକ ନେତା ଓ ଇ.ସି.ଏଲ୍ ପରିଚାଳନା ମଧ୍ୟରେ ଭିତିରି ସଂପର୍କ ଏ ଗ୍ରାମରେ ସ୍ପଷ୍ଟ ପ୍ରମାଣିତ । "ଆମକୁ ଭଲରେ ଥଇଥାନ କରିବା ନେଇ ସେମାନଙ୍କର ଉଦ୍ଦେଶ୍ୟ ନାହିଁ । ବାରସିମରା କଥା ନିଆରା, ସେ ଗାଁଟି ଉଠିନଥିଲେ ପ୍ରୋଜେକ୍ଟ ଅଚଳ ହୋଇଯାଇଥାନ୍ତା । ତା'ର ଅବସ୍ଥିତି ସେହିପରି, ତେଣୁ ଅଗ୍ରାଧିକାର ପାଇଲା । ହେଲେ ଆମକୁ ପଚାରେ କିଏ ?" —କହନ୍ତି ନିମା ଗ୍ରାମର ଜଣେ କୋଇଲା ଖାଦାନର ଶ୍ରମିକ ।

ହଜାର ହଜାର ମଣିଷଙ୍କ ଜୀବନ ଚିରଦିନ ପାଇଁ ବଦଳି ଯାଉଛି । ବିସ୍ଥାପନର ଜ୍ୱାଳା ବଡ଼ ତୀବ୍ର । ଅଥଚ ଇ.ସି.ଏଲ୍ ରାଜମହଲ ପ୍ରୋଜେକ୍ଟର ପୁନର୍ବାସ ନାମକ କୌଣସି ବିଭାଗ ନାହିଁ । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମରେ ଭାରାକ୍ରାନ୍ତ ଅଫିସରଙ୍କୁ ନିଜ ବିଭାଗ ସହିତ ଅତିରିକ୍ତ ଦାୟିତ୍ୱ ରୂପେ ପୁନର୍ବାସ ଅର୍ପିତ ହୋଇଛି । "ଏହା ହିଁ ପ୍ରମାଣିତ କରୁଛି ସେମାନଙ୍କ ଆନ୍ତରିକତା ଓ ଅଗ୍ରାଧିକାର ।" —କହିଲେ ଜଣେ ସ୍ଥାନୀୟ ଶ୍ରମିକ ନେତା ।

ଅଶି ଦଶକର ପ୍ରଥମାର୍ଦ୍ଧରେ ସ୍ଥିର ହୋଇଥିଲା ଜମି ପାଇଁ କ୍ଷତିଭରଣା ହାର । ନିମ୍ନମାନର ଜମି ପାଇଁ ସର୍ବନିମ୍ନ ୩ ହଜାର ଟଙ୍କାରୁ ସର୍ବୋଚ୍ଚ ପରିମାଣ ଥିଲା ୧୭ ହଜାର ପାଞ୍ଚଶହ । ଅବଲୀଳା କ୍ରମେ ଅଧିକାଂଶ ଚିହ୍ନଟ ହେଲା ନିମ୍ନମାନର ଜମି ରୂପେ । ପୁନଶ୍ଚ କ୍ଷତି ଭରଣା ମିଳିଲା ବେଳକୁ ଅନେକ ବର୍ଷ ବିତି ଯାଇଥିଲା । "ଆମେ ମୁଣ୍ଡଝାଳ ତୁଣ୍ଡରେ ମାରି ଏ ଜମିକୁ ଆହୁରି ଉର୍ବରା କରିଥିଲୁ । ଇଏ ଥିଲା ଆମ ଜୀବନ-ଜୀବିକା । ତେଣୁ ଯା'କୁ ଟଙ୍କା କେଇଟାରେ ସୁମାରି କରିହେବନି । ଆମ ଜମି କିସମର ଷୋଳଅଣାରୁ ଅଣାଏ ଆକ୍ରାନ୍ତର ଜମିକୁ ମଧ୍ୟ ସେମାନେ ଦେଉଥିବା ଭରଣା ଟଙ୍କା ବଦଳରେ କେଉଁଠି କିଣିବାକୁ ମିଳିବ ନାହିଁ ।" —କହିଲେ ଜଣେ ଗ୍ରାମବାସୀ ମିସ୍ତ୍ରୀ ମରାଣ୍ଡି । ଏବେ ତ ଏକର ପିଛା ଜମିର ମୂଲ୍ୟ ୫୨ ହଜାର ଟଙ୍କା ।

ଏପରିକି ସେଇ ତିଳତଣ୍ଡୁଳିତ କ୍ଷତିପୂରଣ ଟଙ୍କା ବି ପୂରାପୂରି ମିଳିଲା ନାହିଁ । ଏକଥା ସମସ୍ୱରରେ କହନ୍ତି ଗ୍ରାମବାସୀ । ହିଜୁକିଥା ଗାଁର ଲୋକେ କହିଲେ ଯେ, ସେମାନେ ଏଯାଏ ମାତ୍ର ଚଉଠ ପରିମାଣର କ୍ଷତି ଭରଣା ପାଇଛନ୍ତି । ଇତି ମଧ୍ୟରେ ଦଶବର୍ଷରୁ ଅଧିକ ସମୟ ବିତି ଯାଇଥିବାରୁ ଅବଶିଷ୍ଟ ଟଙ୍କା ଉପରେ ସେମାନେ ଦାବି କରୁଛନ୍ତି ସୁଧ । ଶର୍ମା କହନ୍ତି— 'ଅନେକ ଲୋକ ଠିକଣା ସମୟରେ ପହଞ୍ଚି ବ୍ୟାଙ୍କ

Digitized by srujanika@gmail.com

ଚେକ୍ ସଂଗ୍ରହ କରିପାରିନଥିବାରୁ ସେ ଟଙ୍କା ପାଇବାର ସମୟ ବିତିଗଲା ।' ଶର୍ମା ହେଉଛନ୍ତି ପୁଣି ସେ କୋଇଲା କମ୍ପାନୀର ମୁଖ୍ୟ ଜେନେରାଲ ମ୍ୟାନେଜର । କେଡ଼େ ପୀଡ଼ାଦାୟକ ହୋଇନଥିବ ସେ ଲୋକମାନଙ୍କ ଅବସ୍ଥା ! ଏକଥା ଶର୍ମା ମଧ୍ୟ ସ୍ୱୀକାର କରନ୍ତି – ନିମା ଗାଁର ଲୋକେ ଭୋଗୁଥିବା କଦର୍ଥନା ମଧ୍ୟ । ସେ କହନ୍ତି – "ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ଓ ହୃଦୟ ବିଦାରକ ।" ଏସବୁ ସତ୍ତ୍ୱେ ସେମାନଙ୍କୁ ଏଯାଏ ଜାଗା ଛାଡ଼ିବାକୁ ନୋଟିସ୍ ଦିଆଯାଇନାହିଁ । "ସେମାନେ ସମୟ ଗଡ଼େଇ ଗଡ଼େଇ ଆମ ସହିତ ଖେଳୁଛନ୍ତି । ଆମକୁ ଏପରି ଅବସ୍ଥାରେ ବଞ୍ଚିବା ଅସହ୍ୟ ହୋଇପଡ଼ିବ ଏବଂ ଆମେ ମନକୁ ମନ ଜାଗା ଛାଡ଼ି ଯୁଆଡ଼େ ଇଚ୍ଛା ଚାଲିଯାଉ – ସେମାନେ ଏଇଆ ହିଁ ଚାହୁଁଛନ୍ତି ।" – କହିଲେ ଜଣେ ଗ୍ରାମବାସୀ ।

କିନ୍ତୁ ସେତିକି କଥା ସେତେ ସହଜ ନୁହେଁ । ଅନ୍ୟ ଅନେକ ପ୍ରକଳ୍ପ ଠାରୁ ଏମାନଙ୍କ ଅବସ୍ଥା ଭିନ୍ନ । ଘଉଡାଇ ଦେଲେ, ଅସୁବିଧାରେ ପକାଇଲେ ବି ଏମାନେ ଜାଗା ଛାଡ଼ି ଯାଉନାହାନ୍ତି । ବରଂ, ପ୍ରତିଦିନ ସକାଳେ ଏମାନେ କାରଖାନାରେ ପହଞ୍ଚି କାମ କରିବାକୁ ତିଆର ହୋଇ ରହିଛନ୍ତି । ଗୋଟିଏ ବିସ୍ଫୋରଣମୁଖୀ ଘଟଣାକୁ ଅଧିକ ଜଟିଳ କରାଇବାର ପ୍ରଚେଷ୍ଟା ଜାରି ରହିଛି । ମୁଁ ପ୍ରଥମଥର ହିଜୁକିଥାରେ ପହଞ୍ଚିଲା ବେଳେ ହଠାତ୍ ମୋ ଆଖି ସାମ୍ନାରେ ଗୋଟିଏ ଘରର କାନ୍ଥ ଓ ଦୁଇଟି ଦୁଆର ଭୁସ୍‌ଭାସ୍ ହୋଇ ତଳେ ଭୁଷୁଡ଼ି ପଡ଼ିଲା । ସେତକ ଖାଦନ ତଳେ ଡିନାମାଇଟ୍ ବିସ୍ଫୋରଣର ପରାଭବ ।

"କିଛି ଲୋକଙ୍କୁ ମିଳୁଛି ଚାକିରି, ଆଉ କିଛି ସଂପୂର୍ଣ୍ଣ ମୂଳୋତ୍ପାଟିତ । କେବଳ ସେମାନଙ୍କ ଘରୁ ନୁହେଁ, ସଂସ୍କୃତି, ସାମାଜିକ ଜୀବନ ଓ ଇତିହାସ ସବୁ କିଛିରୁ ସେମାନେ ବିଚ୍ୟୁତ, ବିସ୍ଥାପିତ ।" – କହନ୍ତି ସୁପରିଚିତ ଶ୍ରମିକ ନେତା ରାମ ସ୍ୱରୂପ । "ଏହାର ପ୍ରଥମ ସ୍ୱାଦ ମିଳିଲା ଯେତେବେଳେ ସାନ୍ତାଳଙ୍କର ପୂଜିତ ବୃକ୍ଷ ଜେହରଥାନର ପ୍ରାଙ୍ଗଣରେ ଗଦା ହେଲା ବର୍ଜ୍ୟ ଏବଂ ସେଇ ଆବର୍ଜନା ଅବଲୀଳା କ୍ରମେ ଅକ୍ତିଆର କଲା ସେମାନଙ୍କ ମଶାଣି ଭୂଇଁ । କଥା ଏପରି ସ୍ତରକୁ ଗଲା ପରେ ମଧ୍ୟ କୌଣସି ଜଣେ ବି ଗ୍ରାମବାସୀଙ୍କୁ ଏଯାଏ ବିସ୍ଥାପନର ନୋଟିସ୍ ଦିଆଯାଇ ନାହିଁ । ଏହା ମୂଳରେ ରହିଛି କ୍ଷତି ପୂରଣ ଟଙ୍କା ଫାଙ୍କିବାର ଏକ ଅନୁପମ କୌଶଳ । ଲୋକେ ଚାରିପଟୁ କୋଇଲା ଗୁଣ୍ଡର ଆକ୍ରମଣରେ ଅତିଷ୍ଠ ହୋଇ ଆପଣାଛାଏଁ ଜାଗା ଛାଡ଼ି ଚାଲିଯିବେ – ଏହା ହିଁ ଧାରଣା । ରାମ ସ୍ୱରୂପଙ୍କ 'କୋଇଲା ଶ୍ରମିକ ମିଳିତ ସଂଗଠନ' (ନିଖିଳ ଭାରତ ଶ୍ରମିକ ସଂଗଠନ କଂଗ୍ରେସର ଏକ ସାମ୍ମୁଖ୍ୟ) କେବଳ ଏହାର ସଦସ୍ୟ-ଶ୍ରମିକଙ୍କ ପାଇଁ ଲଢୁନାହିଁ । ସମସ୍ତ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ସ୍ୱାର୍ଥ ପାଇଁ ସଂଘର୍ଷ

Digitized by srujanika@gmail.com

କରୁଛି । ''ଗରିବଙ୍କ ଭିତରେ ଆଉ ବିଭେଦ ଓ ପାଚେରୀ ଉଠାଇବା କାହିଁକି ?'' —ସାବଲୀଳ କଣ୍ଠରେ ପ୍ରଶ୍ନ କରନ୍ତି ରାମ ସ୍ୱରୂପ ।

ନିମାର ରହିଛି ଅନ୍ୟାନ୍ୟ ବ୍ୟଥା ଓ ବେଦନା । ଧୂଳି ଧୂଆଁର ଜରାୟୁ ଭିତରେ ଆବଦ୍ଧ ଗ୍ରାମଟିର ବ୍ୟାଧି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ରହିଥିବା ଡାକ୍ତରଖାନାଟିର ଦୂରତ୍ୱ ଦଶ କିଲୋମିଟର ଏବଂ ସେଠାରେ ପହଞ୍ଚିବା ବଡ଼ ଦୁରୂହ । ଗ୍ରାମ ପାଖରେ ଥିବା କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀର ଯବାନମାନଙ୍କ ମନୋଭାବ ଆହୁରି ଭୟଙ୍କର । ମୁଁ ସେ ଗାଁରେ ପହଞ୍ଚିବାର କିଛି ଘଣ୍ଟା ପୂର୍ବରୁ ପାଣି ଆଣିବାକୁ ଯାଇଥିବା ମହିଳାମାନଙ୍କୁ ସେହି ଯବାନମାନେ ଯେପରି ଭୟଭୀତ କରାଇ କଦର୍ଯ୍ୟ ବ୍ୟବହାର ଦେଖାଇଲେ ତାହା ସେମାନେ ମୋ ଆଗରେ କହିଲେ । ଗାଁର ସୀମାନ୍ତରେ ଥିବା ପାଇଖାନା ଘରକୁ ବ୍ୟବହାର କରିଥିବାରୁ ସେମାନେ ଆବୁ ତାଲିଫ୍‌କୁ ନିଷ୍ଠୁର ପିଟିଲେ ଓ ଗୋଇଠା ମାରିଲେ । ଏକଥା ସେ କହିଲା ବେଳକୁ ଭୟରେ ଥରୁଥାଏ ଏବଂ ପାଟି ଖନି ମାରିଯାଉଥାଏ ।

ପ୍ରକଳ୍ପ ଓ ଯୋଜନା ବିଭାଗର ପରିଚାଳକ ଏସ୍. ଉପାଧ୍ୟାୟ ଜଣାଇଲେ— ''ପୁନର୍ବାସ ଦିଗରେ ବହୁ ଅସୁବିଧା ଦେଖାଦେଉଛି । ଏ ଦିଗରେ ସାମାଜିକ ସମସ୍ୟା ଅନେକ । ଯଦିଓ ଲୋକମାନେ ଉଠିଯିବାକୁ କହୁଛନ୍ତି ତଥାପି ମାନସିକ ସ୍ତରରେ ଏଯାଏ ପ୍ରସ୍ତୁତ ହୋଇନାହାନ୍ତି, ଆମ ପକ୍ଷରୁ ସୁବିଧାଜନକ ସ୍ଥାନ ଓ ଅନୁକୂଳ ସୁଯୋଗ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ସତ୍ତ୍ୱେ ।'' କିନ୍ତୁ ବିଗତ ବର୍ଷମାନଙ୍କରେ ପ୍ରୋଜେକ୍ଟର ପ୍ରତିଶ୍ରୁତି ପ୍ରଦାନ ଓ ପରିପ୍ରୟୋଗର ଇତିହାସ ଆଦୌ ପ୍ରେରଣାପ୍ରଦ ନୁହେଁ ।

ବାମ ବିହାରୀ ମୁର୍ମୁଙ୍କ ଅଭିବ୍ୟକ୍ତିରେ : ''କିଛି ବର୍ଷ ଆଗେ ଆମ ମନରେ ଅରୁଣିମା ଭରା ଏମିତି ଉଜ୍ଜ୍ୱଳ ସ୍ୱପ୍ନ ସକାଳର ଚିତ୍ର ଆଙ୍କି ଦିଆଯାଇଥିଲା । ଏସବୁ ଯାହା ହେଉଛି ଆମ ପାଇଁ, ଆମର ପ୍ରଗତି ପାଇଁ । ଆଜି ଆମେ ଦେଖୁଛୁ, ଆମ ଭିତରୁ ଅଧିକାଂଶଙ୍କର ଚାକିରି ନାହିଁ । ଯଦିଓ ଆମେ ସମସ୍ତେ ଜମି ହରାଇଛୁ, କେବଳ ପ୍ରତିବଦଳରେ ପାଇଲୁ ଧୂଳି ଆଉ ଧୂଆଁ । ଆମ ଘରଗୁଡ଼ିକୁ ଦେଖନ୍ତୁ ତ ! ଯେତେବେଳେ ନିମା ମିଶିଯିବ ମାଟିରେ, ଆମକୁ ହୁଏତ ଏମିତି ଧୂଳି ଧୂସରିତ ଗୋଟାଏ ଅପନ୍ତରା ଅପାଂକ୍ତେୟ ସ୍ଥାନ ମିଳିବ ।''

ବୋଧହୁଏ ନିମାର ଭାଗ୍ୟରେ ରହିଛି ଏମିତି ଧୂଳିର ପଟଳ ଭିତରୁ ଯାଇ ଧୂସରିତ ବଳୟ ଭିତରେ ନିଖୋଜ ହେବାର ଭୟଙ୍କର ଭବିତବ୍ୟ !

❖ ❖ ❖

Digitized by srujanika@gmail.com

ବିଖଣ୍ଡ ମୁଲକର ବିଷାଦ ସଂଗୀତ

ମାଇଲ ମାଇଲ ଧରି ଖାଲି ମଲା ଜଙ୍ଗଲ । ଥୁଣ୍ଟା ତାଳ ତରାଟି ଚାହିଁଛନ୍ତି ଖାଁ ଖାଁ ଆକାଶ ଆଡ଼େ । କୌଣସି ତାଳରେ ଗୋଟିଏ ବି ପତ୍ର ନାହିଁ । ଅଣ୍ଟାଏ ପାଣିରେ ବୁଡ଼ିରହି ସେମାନେ ଯେପରି କରୁଛନ୍ତି ସୂର୍ଯ୍ୟ ସ୍ନାନ—ବର୍ଷ ବର୍ଷ ଧରି । ଜଳ ମଗ୍ନତାରେ ବିତିଗଲାଣି କେତୋଟି ଦଶନ୍ଧି । ଚାରିଆଡ଼େ ରାଜୁତି କରୁଛି ନିଶୂନ ନୀରବତା । କେବଳ ଦିନବେଳା ଶୁଣାଯାଏ ମଟର ଲଞ୍ଚର ଫଟ ଫଟ ଶବ୍ଦ ଓ ଚହଲା ପାଣିର ସଂଗୀତ । କିନ୍ତୁ ଏଇ ଶବ୍ଦ, ସଂଗୀତ ଓ ମୌନୀ ଥୁଣ୍ଟା ତାଳରେ ଭରି ରହିଛି ଏକ କରୁଣ ମୂର୍ଚ୍ଛନା, ଏକ ଅଶ୍ରୁଳ ସ୍ମାରକୀ—ବାଲିମେଳା ଜଳଭଣ୍ଡାର ଓ ମାଛକୁଣ୍ଡ ନଦୀ ଯୋଜନାରେ ନିଶ୍ଚିହ୍ନ ହୋଇ ଯାଇଥିବା ଏକାନବେଟି ଗ୍ରାମର ସଜଳ ଇତିହାସ । ଏକଦା ରାମାୟଣର ନାୟକ ମର୍ଯ୍ୟାଦା ପୁରୁଷୋତ୍ତମଙ୍କ ପର୍ଣ୍ଣକୁଟୀର ଥିବା ଚିତ୍ରକୋଣ୍ଡାର ଧାରକ ମାଲକାନଗିରିର ଇତିହାସ ।

ଦିନବେଳା ଚାଲେ ଏକମାତ୍ର ମଟର-ଲଞ୍ଚ । ୬୬ ଜଣ ଯାତ୍ରୀଙ୍କୁ ବୋହିବାକୁ ନିର୍ମିତ ଏହାର କଳେବର ଏବେ ଧାରଣ କରୁଛି ୩୭୦ରୁ ଊର୍ଦ୍ଧ୍ୱ ମଣିଷ । ସମୟକ୍ରମେ ଜରାଗ୍ରସ୍ତ ହୋଇପଡ଼ିଲାଣି ଏହାର କଳେବର, କିନ୍ତୁ ଏହି ଜୀର୍ଣ୍ଣତାର ଚିକିତ୍ସା ପାଇଁ କୌଣସି ଉଦ୍ୟମ ନାହିଁ ବର୍ଷ ବର୍ଷ ଧରି । ମଟର-ଲଞ୍ଚରେ ଖୁନ୍ଦାଖୁନ୍ଦି ମଣିଷ-ସମସ୍ତେ ଚାହାନ୍ତି ମନଖୋଲି କିଛି କହିବାକୁ : ହେଇ ଏଇଠି ଥିଲା ଗୋଟେ ଗାଁ । ମନ୍ଦିର ଥିଲା, ଗାଁ ଦାଣ୍ଡରେ ପିଲା ଖେଳୁଥିଲେ । ଏବେ ସେଠି ମାଛ ଖେଳୁଛନ୍ତି । ଦିଅଁ ନେଇଛନ୍ତି ଜଳସମାଧି । କିଛି ଗଛ ପଚିସଢ଼ି ଅକାତକାତ ପାଣି ତଳେ ଶୋଇଛନ୍ତି । ଆଉକିଛି ଚେଇଁଛନ୍ତି ଚିରନ୍ତନ ଥୁଣ୍ଟାଡ଼ାଳ, ପ୍ରଶାଖା ମେଲେଇ । ମଟର-ଲଞ୍ଚ ସେଇ ମୃତ-ଅରଣ୍ୟର ସରହଦ ପାରିହୋଇ ଗଲା ପରେ ଆସେ ନିଶୂନ-ନିସଂଗ ମୂଲକ, ୧୫୨ଟି ଗାଁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି ସବୁ ଦିଗରୁ—ଭାରତବର୍ଷର ବୋଧହୁଏ ସବୁଠାର ନିଃସଂଗ ଦ୍ୱୀପଖଣ୍ଡ । ଇଲାକାଟି ଏଡ଼େ ଅଗମ୍ୟ ଯେ, ଏହାର ସରକାରୀ ନାମ ରହିଛି : 'କଟ୍-ଅଫ୍ ଏରିଆ'—ବିଚ୍ଛିନ୍ନ ଭୂଖଣ୍ଡ ।

ବାଲିମେଳା ପ୍ରୋଜେକ୍ଟ ପାଇଁ ଏହା ହିଁ ସଭ୍ୟ ଜଗତରୁ ବିଚ୍ଛିନ୍ନ ଓ ବିଦୂରିତ । ନମ୍ରମୟୀ ମାଛକୁଣ୍ଡ ଭଳି ଅନ୍ୟ କୌଣସି ନଦୀରୁ ଏତେ ପର୍ଯ୍ୟାପ୍ତ ପରିମାଣର ବିଦ୍ୟୁତ୍ ଉତ୍ପାଦିତ ହୁଏନାହିଁ । ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ମିଳିତ ଅଂଶୀଦାର ସୂତ୍ରରେ ଏଠାରୁ

Digitized by srujanika@gmail.com

ମିଳେ ବର୍ଷକୁ ୭୨୦ ମେଗାୱାଟ୍ ବିଜୁଳି ଶକ୍ତି । ମାତ୍ର ଯେଉଁ ୧୫୨ଟି ଗ୍ରାମର ବିସ୍ଥାପନ ଜନିତ ତ୍ୟାଗରେ ମିଳୁଛି ଏତେ ବିଜୁଳି, ସେସବୁ ଗାଁ ଚିରନ୍ତନ ଭାବେ ନକ୍ଷତ୍ର ଆଲୋକକୁ ସମ୍ବଳ କରି ବଞ୍ଚନ୍ତି । କାହାରି ଘରେ ଗୋଟିଏ ବି ବିଜୁଳି ବତୀ ଜଳେନା, ଅନ୍ଧକାର ଭିତରେ ବଞ୍ଚିବା ସେମାନଙ୍କର ଅବଧାରିତ ଭାଗ୍ୟଲିପି । କିରୋସିନ୍ ଟୋପେ ପାଇବାକୁ ହେଲେ ସେମାନଙ୍କୁ ଲଞ୍ଚ ପିଠିରେ ଚଢ଼ି ମାଇଲ ମାଇଲ ରାସ୍ତା ଜଳଯାତ୍ରା କରିବାକୁ ପଡ଼େ । ଆମେ ଧରଲାବେଡ଼ାର ଯେଉଁ ଆଂଶିକ ପକ୍କା ଘରେ ରାତ୍ରିଯାପନ କଲୁ ସେଠାରେ ମଧ୍ୟ ବିଜୁଳିବତୀଟିଏ ନାହିଁ । ସେଇଟି ପଞ୍ଚାୟତ କାର୍ଯ୍ୟାଳୟ ହୋଇଥିଲେ ବି କିଛି ଯାଏଆସେ ନାହିଁ ।

ଏଇ ବିଚ୍ଛିନ୍ନ ଦ୍ୱୀପଖଣ୍ଡରେ ଯେଉଁ ମଣିଷ ନାମକ ପ୍ରାଣୀମାନେ ରହନ୍ତି, ସେମାନେ ଭାରତବର୍ଷର ସବୁଠାରୁ ଦରିଦ୍ରତମ । ଏଠାରେ ମହିଳାଟିଏ ଦୁଇଓଳି ବିଲ ବାଛିବା ପାଇଁ ସର୍ବୋଚ୍ଚ ମଜୁରି ପାଏ ଚାରିଟଙ୍କା । ବିଚ୍ଛିନ୍ନତା ସହିତ ଏଠି ବସା ବାନ୍ଧିଛି ନୈରାଶ୍ୟ, ଏଠାରେ ବଞ୍ଚିତ ମଣିଷମାନେ ନିର୍ଦ୍ଧାରିତ ଭାବେ ଧରି ନେଇଛନ୍ତି ଯେ, ସେମାନଙ୍କ କଥା ଶୁଣିବାକୁ କେହି ନାହିଁ । ସୁତରାଂ ସେମାନେ ଯାହାକିଛି ସରକାରୀ ଉନ୍ନୟନର ଚେହେରା ଦେଖନ୍ତି ସେତକ ହେଉଛି ସମଗ୍ର ଦେଶରେ ସର୍ବନିମ୍ନ । ଯଦି କୌଣସି ଛୋଟକାଟିଆ କାମଟିଏ ପାଇଁ କେହି ଚିତ୍ରକୋଣ୍ଡାରୁ ପଶିଯାଇଛି 'କଟ୍-ଅଫ୍ ଏରିଆ ଭିତରକୁ; ତେବେ ପୁଣି ନିଜ ଆସ୍ଥାନକୁ ବାହୁଡ଼ିବାକୁ ଲାଗିବ ତିନିଦିନ- ଏହା ହିଁ ବାସ୍ତବତା । ଜଳଯାତ୍ରାର ଏକମାତ୍ର ସହାୟକ—ଜୀର୍ଣ୍ଣ, ଭଗ୍ନ, ବିପଦଶଙ୍କୁଳ ଓ ଲୋକାରଣ୍ୟ ଲଞ୍ଚଟି ସକାଳବେଳା ଯାତ୍ରା ଆରମ୍ଭ କରି ୬୨ କିଲୋମିଟର ପଥ ଅତିକ୍ରମ କଲାବେଳକୁ ମଧ୍ୟାହ୍ନ ଗଡ଼ି ଯାଇଥିବ । ଜାନବାଇ ଓ ଯନ୍ତ୍ରୀ ମଧ୍ୟରେ ଏହାକୁ ଛୁଇଁବାକୁ ହେବ ଅନେକ ଘାଟ । ଆମେ ଚିତ୍ରକୋଣ୍ଡାରୁ ଉଠି ପଳାଶପଦର ଅଭିମୁଖେ ଚାଲିଲୁ ।

ବିଭିନ୍ନ ବିଚ୍ଛିନ୍ନ ଗ୍ରାମର ଲୋକମାନେ ଛୋଟ ଛୋଟ ହୁଲି ଡଙ୍ଗାରେ ଆସି ଲଞ୍ଚ ପାଖରେ ପହଞ୍ଚନ୍ତି । ଲଞ୍ଚ ପାଲଟିଯାଏ ଏକ ଭ୍ରାମ୍ୟମାଣ ବଜାର ଏବଂ ଏଇଟି ହିଁ ବାହ୍ୟ ଜଗତ ସହିତ ସଂପର୍କର ଏକମାତ୍ର ମାଧ୍ୟମ ଓ ସାଧନ । ଲଞ୍ଚ ଆରୋହଣ କରନ୍ତି ଏ ଇଲାକାର ଅଧିବାସୀ ଗଡ଼ବା ଓ ପରଜା—ଭାରତବର୍ଷର ଏକାନ୍ତ ଆଦିମ ସଂପ୍ରଦାୟ । ୧୯୬୫ ପାକିସ୍ଥାନ ଯୁଦ୍ଧ ବେଳେ ଏ ଅଞ୍ଚଳରେ ଥଇଥାନ କରାହୋଇଥିବା ପୂର୍ବ ପାକିସ୍ଥାନର ବଙ୍ଗୀୟ ଶରଣାର୍ଥୀମାନେ ବି ଯାତାୟତ ପାଇଁ ନିଅନ୍ତି ଲଞ୍ଚର ଆଶ୍ରୟ । ସେମାନେ ଲଞ୍ଚର କର୍ମଚାରୀଙ୍କ ଠାରୁ କିଣନ୍ତି ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ବିକନ୍ତି ମାଛ, ଶୁଖୁଆ, ଜଙ୍ଗଲଜାତ ଦ୍ରବ୍ୟ ମଧ୍ୟ ।

Digitized by srujanika@gmail.com

ଲଞ୍ଚ ପାଖରେ ପହଞ୍ଚିବାକୁ ବହୁ ଦୂରରୁ ଡଙ୍ଗାରେ ଆହୁଲା ମାରି ମାରି ଏକ ବଙ୍ଗୀୟ ଦମ୍ପତି ନିଜର ଜିନିଷପତ୍ର ଫେରି କଲେ । କିଛି ସମୟ ପରେ ପୁରୁଷ ଲୋକଟି ନିଜ ଡଙ୍ଗାରେ ଲେଉଟିଗଲା, ବେପାର ଚାଲୁ ରଖିବା ପାଇଁ ସ୍ତ୍ରୀକୁ ଲଞ୍ଚରେ ଛାଡ଼ିଦେଇ । କାରଣ ବିକ୍ରି କାରବାର ବେଶ୍ କିଛି ସମୟ ନେବ । ଆଉ କେତୋଟି ଘାଟରେ ଅଟକି ଶେଷକୁ ସ୍ତ୍ରୀଲୋକଟି ଉତ୍ତୀର୍ଣ୍ଣ ଅପରାହ୍ନରେ ନିଜ ଘରକୁ ଫେରିଯିବ—ନଦୀକୂଳ ନିର୍ଜନ ଜଙ୍ଗଲ ରାସ୍ତାରେ ଏକା ଏକା ଚାଲିକରି ଘନୀଭୂତ ଅନ୍ଧକାର ଭିତରେ ।

ଏହି ଲଞ୍ଚରେ ଚାକିରି ପାଇବାକୁ ଲୋକେ ଲାଞ୍ଚ ମଧ୍ୟ ଦେଇଥାନ୍ତି । ଏହି ଭାସମାନ ଗତିଶୀଳ ପଣ୍ୟ ବଜାରରେ ଜଣେ ମନଇଚ୍ଛା ଦାମ୍‌ରେ ଲୁଗାପଟା, ମନୋହରୀ ସାମଗ୍ରୀ ବିକ୍ରି କରିପାରିବ । ବିଚ୍ଛିନ୍ନାଞ୍ଚଳର ନିରୁପାୟ ଗ୍ରାହକ ଆଉ କରିବ ବା କ'ଣ ! ବନ୍ଧେ ବଜାରରେ ଜଣେ ଶସ୍ତାରେ ବିଡ଼ି ବଣ୍ଡିଲିଟିଏ କିଣିପାରିବ, ମାତ୍ର ଲଞ୍ଚ-ବଜାରରେ ସେ ଦାମ୍ ବଡ଼ ଉଞ୍ଚା । ବେଳେବେଳେ ଏଇ କାରବାର ଅଦଳ ବଦଳ ଭିତ୍ତିରେ ହୁଏ—ତେନ୍ତୁଳି, କାନ୍ଦୁଲ ବଦଳରେ ଶାଢ଼ି କି ବାସନ କିଣାଯାଇପାରେ ।

ମାଛକୁଣ୍ଡ ଉପତ୍ୟକାର ନିମ୍ନ ଭୂମିରେ ଦେଖିବାକୁ ମିଳିବେ ଏକ ଦୁର୍ଲଭ ସଂପ୍ରଦାୟ—ଦିଦାୟି । ସେମାନଙ୍କ ସଂଖ୍ୟା ୫ ହଜାର ମଧ୍ୟରେ ସୀମିତ ଏବଂ ଭାରତର ଅନ୍ୟତ୍ର ଦେଖାଯାଆନ୍ତି ନାହିଁ । ନଦୀଟି ତଳ ଆଡ଼କୁ ବହି ଚାଲି ନିଏ ଭିନ୍ନ ଏକ ନାମ —ସିଲେରୁ । କେତେକ ସ୍ଥାନରେ ନଦୀଟି ହିଁ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ସୀମାରେଖା । ଦେଶ ସ୍ୱାଧୀନ ହେବାର ଅବ୍ୟବହିତ ପରେ ଆରମ୍ଭ ହୋଇଥିବା ମାଛକୁଣ୍ଡ ଜଳବିଦ୍ୟୁତ ପ୍ରକଳ୍ପ ପୂର୍ବରୁ ଏ ଅଞ୍ଚଳର ଦୃଶ୍ୟପଟ୍ଟ ଥିଲା ବୈଚିତ୍ର୍ୟମୟ ଓ ମନୋରମ । ପୁରୁଣା ଗେଜେଟିଅର ପୃଷ୍ଠାରେ ଲିପିବଦ୍ଧ ତଥ୍ୟ କହେ ଏଭଳି ମନୋରମ ଦୃଶ୍ୟପଟ୍ଟ ସମଗ୍ର ଭାରତବର୍ଷରେ ଥିଲା ଅଦ୍ୱିତୀୟ । ସୁଉଚ୍ଚ ପର୍ବତମାଳାର ତିନିଶହ ଫୁଟ ଉଚ୍ଚତାରୁ ମାଛକୁଣ୍ଡ ନଦୀର ଧାର ପ୍ରପାତ ହୋଇ ଝରୁଥିଲା ନିମ୍ନରେ ଥିବା ଏକ ଗବ୍‌ଗବ୍ ଫୁଟନ୍ତା ପୁଷ୍କରିଣୀ ଭିତରକୁ । ଜଳକଣାର ମେଘଖଣ୍ଡମାନ ଢାଙ୍କି ଥିଲା ସେ ପୁଷ୍କରିଣୀର ଚଉହଦୀ । ଯେଉଁଠି ପଡୁଥିଲା ସୂର୍ଯ୍ୟାଷ୍ମି ସେଠାରେ ସୃଷ୍ଟି ହୋଇଥିଲା ଏକ ଶାଶ୍ୱତ ଇନ୍ଦ୍ରଧନୁ । ବର୍ଣ୍ଣମୟ, ବିଭାମୟ, ସୁଶୀତଳ, ପୁଲକପ୍ରଦ ଦୃଶ୍ୟପଟ୍ଟ ଉଭେଇଗଲା ୧୯୬୨-୬୩ ମସିହାରେ ବାଲିମେଳା ଜଳବିଦ୍ୟୁଦ୍ ପ୍ରକଳ୍ପର ଜନ୍ମ ପ୍ରକ୍ରିୟାରେ ।

ପଳାଶପଦର ଠାରେ ପହଞ୍ଚି ଆମକୁ ଧରଲାବେଡ଼ା ଯାଏ ଦଶ କିଲୋମିଟର ପଥ ଅତିକ୍ରମ କରିବାକୁ ହେଲା; ନିଘଞ୍ଚ ବନାନୀ ଭିତରେ ନିର୍ଜନତାର ନିବିଡ଼ ରାଜୁତି ସାଥିରେ ପାଦ ମିଳାଇ ଚାଲି ଚାଲି । ଅପୂର୍ବ, ମନୋରମ, ଶାନ୍ତ ଅରଣ୍ୟର ଆଲିଙ୍ଗନ

Digitized by srujanika@gmail.com

ଭିତରେ ଥକା ମେଣ୍ଟି ଯାଉଥିଲା । ଚୁପି ଚୁପି କଥା କହୁଥିଲେ ଘଞ୍ଚ ଗଛଲତା, କେଉଁଠୁ ଭାସି ଆସୁଥିଲା ପକ୍ଷୀଙ୍କ କଳରବ, ଝିଙ୍କାରୀର ଝିଁ ଝିଁ, ତଥାପି ପଡୁଥିବା ପାଣିଧାରର ସଂଗୀତ । ସେସବୁ ଚିତ୍ରପଟ ଅକ୍ଲେଶରେ ଜଣାଇ ଦେଉଥିଲା ବୁଢ଼ି ଅଞ୍ଚଳଟି ପୂର୍ବରୁ କେଡ଼େ କମନୀୟ, ହୃଦ୍ୟ ହୋଇନଥିବ !

ଗ୍ରାମସେବକ ସେଠାରେ ମାଗଣାରେ ବାଣ୍ଟୁଛି ଚିନାବାଦାମ ମଞ୍ଜିର ବସ୍ତା । ଆଗତୁରା ସେ ରେଜିଷ୍ଟାରରେ ନେଇ ଯାଉଛି ହିତାଧିକାରୀଙ୍କ ସ୍ୱାକ୍ଷର ଏବଂ ଦିଆଯାଉଥିବା ଚିନାବାଦାମର ପରିମାଣ ସ୍ତମ୍ଭଟା ପଡ଼ିଛି ଖାଲି । କିଛି ଲେଖାଯାଇନାହିଁ । ଏଠାରେ ଗ୍ରାମସେବକର ନିଷ୍ପତ୍ତି ହିଁ ଚୂଡ଼ାନ୍ତ ଏବଂ କାହାରିକୁ ମାପ ଓଜନରେ ଚିନାବାଦାମ ଦିଆଯାଉନାହିଁ । ପ୍ରତି ଚିନାବାଦାମ ବସ୍ତା ଉପରେ ସ୍ପଷ୍ଟ ଭାବେ ସୂଚିତ : "ବସ୍ତା ମୁହଁ ଜଉମୁଦ ହୋଇ ରହିନଥିଲେ ଏହାକୁ ଗ୍ରହଣ କରନ୍ତୁ ନାହିଁ ।" ମାତ୍ର ସବୁ ବସ୍ତା ମୁହଁ ଖୋଲା ହୋଇ ଆସିଥିଲା ଓ କେଉଁ ଗୋଟିକରେ ମଧ୍ୟ ଜଉମୁଦର ଚିହ୍ନବର୍ଣ୍ଣ ନଥିଲା । ଗାଁର ମୁଖିଆ ତଥା ସମଗ୍ର ଅଞ୍ଚଳର ମୁଷ୍ଟିମେୟ ଶିକ୍ଷିତଙ୍କ ମଧ୍ୟରୁ ଏକତମ ସାଧୁରାମ କହିଲେ– "ବାଦାମ ଚାଷ କରିବା ପାଇଁ ପ୍ରୋତ୍ସାହନ ରୂପେ ଏ ବିହନ ଦିଆଯାଉଛି । ମାତ୍ର ଲୋକେ ଏଠାରେ ଏତେ ଗରିବ ଯେ, ଚାଷ ପାଇଁ ତର କାହିଁ ? ପେଟ ଜ୍ୱାଳାରେ ଅଧିକାଂଶ ବାଦାମ ଭକ୍ଷିତ ହେଉଛି ।" ଦୃଷ୍ଟାନ୍ତ ସ୍ୱରୂପ ପରଜା ସଂପ୍ରଦାୟର ଅର୍ଜୁନ ପାଙ୍ଗି । ଆମେ ଗୋଟିଏ ସନ୍ଧ୍ୟାର ଦି'ଘଡ଼ି ବେଳ ତାଙ୍କ କୁଡ଼ିଆରେ ବିତାଇଲୁ । ତାଙ୍କର ଦାରିଦ୍ର୍ୟ ଏତେ ଉତ୍କଟ ଯେ, ସାହୁକାର ମଧ୍ୟ ତାଙ୍କୁ ଋଣ ଦେବାକୁ କୁଣ୍ଠିତ । ମୂଳ ଟଙ୍କା ତ ଦୂରର କଥା, ସୁଧର କାଣିଚାଏ ମଧ୍ୟ ସେ ପରିଶୋଧ କରିବାକୁ ଅସମର୍ଥ ଥିବା ବିଚାରି ସାହୁକାର ତାଙ୍କୁ ମୁହଁ ମୋଡ଼ିଦିଏ ।

ସାହୁକାରର ଆକଳନ ଠିକ୍ ବୋଲି ମନେହୁଏ । ତାଙ୍କ କୁଡ଼ିଆରେ ଏମିତି କିଛି ଜିନିଷ ନଥିଲା ଯାହାକୁ ବନ୍ଧକ ରଖିହେବ କି ବିକ୍ରି କରି ଦି' ପଇସା ମିଳିବ ।

ସେ କୁଲି ଭାବେ କାମ କରନ୍ତି–ଯେତେବେଳେ କାମ ମିଳେ । ମଜୁରି ବାବଦରେ ଅନ୍ତତଃ ଦୁଇ କିଲୋଗ୍ରାମ ଚାଉଳ ଘରକୁ ସେ ଆଣିପାରନ୍ତି । କାମ ନ ମିଳିଲେ ଅର୍ଜୁନ ପାଙ୍ଗି ତା'ର ପରିବାର ସହ ଚାଲିଯାଏ ବଣକୁ–କନ୍ଦା, ବଣୁଆ କୋଳି, ଶାଗ ଓ ବାଉଁଶ କରଡ଼ି ସାଉଣ୍ଟେ, ସେଥିରେ ଅଧାଦିନ ଭୋକ ମରେ । "ଆମ ବେଳକାଳ ତ ଏମିତି ନିକୁଛିଆ, ନିଉଛୁଣା ପଣରେ ସରିଗଲା ବାବୁ । ଆମ ପିଲେ ଯଦି ଦି' ଅକ୍ଷର ପାଠ ପଢ଼ିବେ ତ ଭଲରେ ଦିନ କାଟିବେ, ଆମପରି ହିନିମାନ ହେଇ ବଞ୍ଚିବେ ନାହିଁ ।" –କହିଲେ ପାଙ୍ଗିଙ୍କ ମିତ ଆନନ୍ଦରାମ ଖିଲୋ ।

Digitized by srujanika@gmail.com

ବିଚ୍ଛିନ୍ନ ଦ୍ୱୀପଖଣ୍ଡରେ ଥିବା ଗାଁମାନଙ୍କରେ ଅବଶ୍ୟ ରହିଛି ସ୍କୁଲ, ମାତ୍ର ଅସହ୍ୟ ଦାରିଦ୍ର୍ୟ ପିଲାଙ୍କୁ ସ୍କୁଲ ଯିବାକୁ ଅନୁମତି ଦିଏନାହିଁ । ଏପରିକି ବର୍ଷରେ ଚାରିମାସରୁ ଅଧିକ ଦିନ ନିର୍ଦ୍ଧାରିତ ମଜୁରି ମିଳୁଥିବା ପରିବାରର ପିଲାଙ୍କୁ ବି । ନିପୀଡ଼ିତ, ନିରନ୍ନ ଭିତରେ ବି ରହିଛି ଜମି ପାଇଁ ତୃଷ୍ଣା । 'ଯଦି ମୋର ବାବୁ ଦି'ତିନି ଏକର ଟାଙ୍ଗର ଜମି ବି ଥାନ୍ତା, ମୋ ଜୀବନ ଏମିତି ନିଉଛୁଣା ହେଇନଥାନ୍ତା ।'' —ଉଦାସ କଣ୍ଠରେ କହନ୍ତି ପାଙ୍ଗି । କିନ୍ତୁ ନିରନ୍ନର ସେହି ସ୍ୱପ୍ନ ଓ ସମ୍ଭାବନାକୁ ସାକାର କରିବା ପାଇଁ ଯେଉଁ ହାକିମମାନେ ଏଠାକୁ ଆସିବା କଥା ସେମାନେ ଗଲେ କୁଆଡ଼େ ? ଜମି ନଥାଇ କାହାପାଇଁ ବାଦାମ ବିହନ ପଠାଯାଉଛି ?

ସାଧୁରାମ ଓଠରେ ଚେନାଏ ହସ କଅଁଳେ : ''ଏଠିକି ଥରେ ଦି'ଥର କଲେକ୍ଟର ସାଇବ ଆସିଛନ୍ତି । ସେ ଜଣେ ଭଲ ଲୋକ । ହେଲେ ତାଙ୍କ ତଳିଆ ସାନ ହାକିମମାନେ ଚିତ୍ରକୋଣ୍ଡାରେ ବସି ଆମ ଅଞ୍ଚଳ ଉପରେ ରିପୋର୍ଟ ପଠାଇ ଦିଅନ୍ତି । ବେଳେବେଳେ ମନ ଡାକିଲେ ଲଞ୍ଚ ଘାଟି ଯାଏ ଆସି ବିଭିନ୍ନ ଗାଁରୁ ଲୋକଙ୍କୁ ଡକାଇ ଆଣନ୍ତି ଚର ପଠାଇ । ସେଇ ଘାଟି ପାଖରେ ଲୋକଙ୍କୁ ଭେଟନ୍ତି । ସାଇବଙ୍କ ଡାକରା ପାଇଲେ କୋଉ ଲୋକର ଚାରା ଅଛି ନଆସିବ ! ଥରେ ଦଳେ ସାମ୍ବାଦିକ ଆସି ଅଫିସରମାନଙ୍କ ସହିତ ସେଇ ନଈଘାଟରେ ବସିଲେ । ଲୋକଙ୍କ ପାଖକୁ ଖବର ଗଲା —କୋଡ଼ିଏ ମାଇଲ ବାଟରୁ ଚାଲି ଚାଲି ଲୋକ ଆସିଲେ । ସାଙ୍ଗରେ ସେମାନଙ୍କ ପାଇଁ ଚାଉଳ, କୁକୁଡ଼ା ବି ଆଣିଥିଲେ । ସେମାନେ ସେଇଠୁ ଫେରିଯାଇ କ'ଣ ସବୁ ଲେଖିଲେ । ବୋଧେ ଆମେ କେମିତି ଏଠିସବୁ ବଞ୍ଚିଛୁ—ସେଇସବୁ କଥା । ଗାଁ ଭିତରକୁ ନ ପଶି ଗାଁ କଥା ଲେଖିଲେ ଖବରକାଗଜରେ । କାହାକୁ ପରତେ ଯିବ କୁହ ତ !''

''କ'ଣ କିଛି କାରଣ ଅଛି, ଏଠାରେ ବଞ୍ଚୁଥିବା ଲୋକମାନେ ନିଜକୁ ଭାରତୀୟ ବୋଲି ଅନୁଭବ କରିବେ ?'' ପଚାରନ୍ତି କାଓ୍ୱାସି କାମରାଜ । ସେ ଜଣେ ଉଦୀୟମାନ ଆଦିବାସୀ ନେତା । ତାଙ୍କ ସାହଚର୍ଯ୍ୟ ଯୋଗୁଁ ସେ ବିଚ୍ଛିନ୍ନ ଦ୍ୱୀପଖଣ୍ଡରେ ଆମେ ରହିବା ସମ୍ଭବପର ହେଲା । କାଓ୍ୱାସିଙ୍କ ପ୍ରଶ୍ନ ଥିଲା ବାସ୍ତବ ଓ ଚିନ୍ତା-ଦ୍ୟୋତକ : ସରକାର ବଦଳେ । କିନ୍ତୁ ଏଠି ତ ଜୀବନଧାରା ବଦଳେ ନାହିଁ । ଏମାନେ ଯଦିଓ ଭୋଟ ଦିଅନ୍ତି । ମାତ୍ର ସାରା ଜୀବନ ଅଦୃଶ୍ୟ, ଅସ୍ପୃଶ୍ୟ ହୋଇ ରହନ୍ତି । ଏଠି ୩୦ ହଜାରରୁ ଅଧିକ ଲୋକ ଅଛନ୍ତି । ଉନ୍ନୟନର କୌଣସି ବୁନ୍ଦାଏ ପାଣି ବି ଏମାନଙ୍କୁ ଛୁଏଁନା । ଯେଉଁ ପ୍ରୋଜେକ୍ଟ ପାଇଁ ଏମାନେ ତ୍ୟାଗ କଲେ ସିଏ ବି ନୁହେଁ ।''

ତେବେ ପ୍ରଗତିର କିଛି ଚିହ୍ନ ଆଖିରେ ପଡ଼ିଲା । ସରପଞ୍ଚମାନେ ନୂଆ ପକ୍କାଘର ତୋଳୁଛନ୍ତି; ଅବଶ୍ୟ ନିଜପାଇଁ ।

Digitized by srujanika@gmail.com

ସରକାରୀ ତଥ୍ୟାବଳୀରେ ୧୯୬୨-୬୩ର ବାଲିମେଳା ପ୍ରୋଜେକ୍ଟ ପାଇଁ ୧୨୦୦ ପରିବାର ବାସଚ୍ୟୁତ ହେଲା ଏବଂ ସେଥିମଧ୍ୟରୁ ଅଧିକାଂଶ ଆଦିବାସୀ । କିନ୍ତୁ ଏ ତଥ୍ୟ ବଡ଼ ତ୍ରୁଟିପୂର୍ଣ୍ଣ । ବାସ୍ତବରେ କେତେ ଲୋକ ବିସ୍ଥାପିତ ହେଲେ ସେ ଆକଳନ ସରକାରୀ ନଥିପତ୍ରରେ ନାହିଁ । ଜଳମଗ୍ନ ହୋଇଯାଇଥିବା ଜଙ୍ଗଲକୁ ଆଶ୍ରୟ କରି ଯେଉଁମାନେ ବଞ୍ଚୁଥିଲେ, ସେମାନଙ୍କୁ ହିସାବରେ ସୁମାରି କରାଗଲା ନାହିଁ । କାରଣ ସେମାନେ ବୁଡ଼ି ଅଞ୍ଚଳ ବାହାରେ ଥିଲେ । କଟ୍-ଅଫ୍ ଏରିଆରେ ପୂର୍ବରୁ ଯେଉଁମାନେ ଥିଲେ ସେମାନେ ଉତ୍ପାଟିତ ନହୋଇ ମଧ୍ୟ ବିଚ୍ଛିନ୍ନତା ଓ ବିସ୍ଥାପନର ଦୁର୍ଦ୍ଦଶା, ଦହନ ଭୋଗିଲେ ।

ଏପରିକି ଯେଉଁମାନେ ହେଲେ ବିସ୍ଥାପିତ, ସେମାନେ କ୍ୱଚିତ୍ ପାଇଛନ୍ତି କ୍ଷତିଭରଣା । ପୁରୁଣା ସରକାରୀ ନଥି କହେ ରାଜ୍ୟ ପକ୍ଷରୁ ପୁନର୍ବାସ ଦିଗରେ ବ୍ୟୟ ହୋଇଛି ୩୫ ଲକ୍ଷ ଟଙ୍କା । ସେହି ସରକାରୀ କାଗଜପତ୍ରର ହିସାବରେ ଯଦି ୧୨ ଶହ ପରିବାରଙ୍କୁ ଗଣାଯାଏ, ତେବେ ମୁଣ୍ଡପିଛା ମିଳିଛି କ୍ଷତିପୂରଣ ପାଞ୍ଚଶହ ଟଙ୍କା । ଅଫିସରଙ୍କ 'ମଟରଗାଡ଼ି', 'ରାଜସ୍ୱ ବିଭାଗ କର୍ମଚାରୀଙ୍କ ଦରମା' ଓ 'ବଦଳି ବାବଦ ବ୍ୟୟ' ହୋଇଛି ୮ ଲକ୍ଷ ୨୦ ହଜାର । ଇଏ ସରକାରୀ ତଥ୍ୟ । ସେହି ତଥ୍ୟ ଉଲ୍ଲେଖ କରେ ହଜାର ହଜାର ବିସ୍ଥାପିତ ମଣିଷଙ୍କ ଥଇଥାନ ପାଇଁ ଯେଉଁ 'ଜମି କିଣାଗଲା' ଓ ଜମିରେ 'ନିର୍ମିତ କୋଠାଘର' ପାଇଁ ବ୍ୟୟ ହୋଇଛି ଏହାର ଅଧା ପରିମାଣ ଟଙ୍କା । ଗରିବଙ୍କ ପାଇଁ କାମ କଲାବେଳେ ସରକାରୀ କର୍ମଚାରୀଙ୍କର ତ ଛାତି ଖାଲି କୋରି ହୋଇଯାଏ, ଡିଙ୍କି ପଡ଼ିଲା ପରି କୋହର ହିକ୍କା ଉଠେ । ଆଖି ଗେଣ୍ଡା ଭଳି ଫୁଲି ନାଲି ପଡ଼ିଯାଏ । ବୋଧେ ଲୁହ ବୋହି ବୋହି ।

ଛାଇଛାଇକା ଅନ୍ଧାର ଭିତରେ ଆମେ ପାଙ୍ଗିର କୁଡ଼ିଆରେ ବସିବା ମାତ୍ରେ ସେମାନେ କିଛି ଖାଇବାକୁ ଆଣି ଥୋଇଲେ । ବର୍ଷର ଅଧାଦିନ ଭୋକିଲା ରହୁଥିବା ମଣିଷମାନେ ଅନ୍ୟକୁ ଖାଦ୍ୟ ଅର୍ପଣ କରୁଛନ୍ତି । ମନେହେଲା ଏଇ ମଣିଷମାନେ ଅଭିଜାତ, ମନରାଜ୍ୟରେ ସମ୍ରାଟ । ଦାରିଦ୍ର୍ୟର ଯେ ଏକ ପ୍ରାଣ ଉଝଳା ବାସ୍ନା ରହିଛି ସେତକ ଆଘ୍ରାଣ କରିହେଲା ।

ଅଙ୍ଗ୍ରା ହନ୍ତଳ ଆମକୁ ଶୁଣାଇଲେ ଇତିହାସ : "ବୁଡ଼ି ଅଞ୍ଚଳରେ ଯେଉଁମାନେ ଜମି ହରେଇଥିଲେ ଆଜ୍ଞା, ସେମାନଙ୍କୁ କେହି ଆଉ ଆଡ଼ ଆଖିରେ ଚାହିଁଲେ ନାହିଁ । ପ୍ରୋଜେକ୍ଟ ଆରମ୍ଭ ବେଳରେ ସେମାନେ ଆମକୁ କହିଲେ ଯେ, ଆମ ନାଁ ସବୁ ଟିକେ ପଛରେ କାଗଜପତ୍ରରେ ଉଠିବ । ଆମେ ସରଳ ମନରେ ଆଜ୍ଞା ସେକଥାକୁ ପରତେ

Digitized by srujanika@gmail.com

ଗଲୁ । ଚାହିଁ ଚାହିଁ ଆଖିରୁ ପାଣି ମଲା । ଶେଷକୁ ଏଇ ଥାନକୁ ଆସି ମାଣେ ଦି'ମାଣେ ଜମି ଚଷିଲୁ । ଆମକୁ ପଟ୍ଟା ମିଳିଲା ସିନା, ହେଲେ ଜମି ବଡ଼ ନିରସା, ଟାଙ୍ଗରା । କେବଳ ଏଇ ପାଖ ଜଙ୍ଗଲକୁ ଆଦରି ବଞ୍ଚିଛୁ । ଏଇ ଜଙ୍ଗଲ ଆମକୁ ଛଅମାସ ପୋଷେ, ଆମ ପେଟ ଭରେ—ଇଏ ଆମ ମାଆ, ଆମର ସରକାର ।''

ହନ୍ତାଳଙ୍କ ପତ୍ନୀ ବାଢ଼ିଲେ ପିଛିଲା ଦିନର ଅନୁଭବ : ''ଏଠିକୁ ଅଇଲା ପରେ ଆମ ପିଲେ ବହୁତ ଦରବ ଲୋଡ଼ିଲେ । ସେସବୁ ଯୋଗାଇବାକୁ ଆମର ସାଧ କାହିଁ ! ଆମ ହାତରେ ତ କଉଡ଼ି ନଥିଲା । ଯଦିବା ହାତକୁ ଦି' ପଇସା ଆସେ ଏଠି ଦୁକାନ ବଜାର କାହିଁ ଯେ, କିଣିବୁ ! ତେଲଲୁଣ, ଲୁଗାପଟା, ଔଷଧ ଆଉ ଆଉ ଜିନିଷ କିଛି ତ ଏଠି ମିଳେନା । ଆମ ପିଲେ ଏବେ ବଡ଼ ହେଇଗଲେଣି । କିନ୍ତୁ ଏ ଥାନକୁ ଆସି ଆମକୁ ଭାରି ବାଧିଲା । ଯା'ଠୁ ବେଶି ଆମ ପିଲେ ହନ୍ତସନ୍ତ, କଲବଲ ହେଲେ ।''

ଫେରିବା ବାଟରେ ପୁଣି ସେଇ ନିଶୂନ ନୀରବତା । ନିର୍ଜନତାର ଆଦିଗନ୍ତ ରାଜୁତି, ନିବିଡ଼ ସଂଗୀତ ଛୁଟେ ଅରଣ୍ୟର ଛାତିରୁ । ଜଳଯାତ୍ରାରେ ପଡ଼େ ସେଇ ଥୁଣ୍ଟା ଜଙ୍ଗଲ । ପତ୍ରହୀନ ସହସ୍ର ଶାଖା ପ୍ରଶାଖା ଲାଗେ ଯେପରି ବିଖଣ୍ଡିତ କରତଳ ଓ ଆଙ୍ଗୁଳି । ସେ ପ୍ରଶାଖା ଆମ ଆଡ଼କୁ ଆଙ୍ଗୁଳି ଦେଖାଇ ଦୋଷାରୋପ କରୁଛି—ତୁମେ ସବୁ ଅପରାଧୀ । ପାକଳ ସାଗୁଆନର ହଜାର ହଜାର ଏକର ଜଙ୍ଗଲ ଏବଂ ନିଘଞ୍ଚ ଅରଣ୍ୟ; ଆହୁରି ଅନେକ ଦୁର୍ଲଭ ସଂପଦ—ସବୁ ପାଣି ତଳେ ଲୁଚିଗଲା ଚିରଦିନ ପାଇଁ । ସେସବୁର ଅମୂଲ ମୂଲ—ଅକଳ୍ପନୀୟ ଓ ଅମାପ; ବାଲିମେଳା ପ୍ରୋଜେକ୍ଟରେ ସମୁଦାୟ ବ୍ୟୟ ୫୭ କୋଟି ଟଙ୍କା ଠାରୁ ଡେଢ଼୍ ଡେଢ଼୍ ଗୁଣରେ ଅଧିକ । ବୋଧହୁଏ ସ୍ୱାଧୀନତା ପରେ ଓଡ଼ିଶାର ସମସ୍ତ ପ୍ରକଳ୍ପର ସାମଗ୍ରିକ ବ୍ୟୟ ହୋଇପଡ଼ିବ ଏହି ସାଗୁଆନ ଜଙ୍ଗଲ ପାଖରେ ତୁଚ୍ଛ । ସେ ଯୁଗର ବେପରୁଆ ମନୋଭାବର ପରିଚୟ ଦିଏ ଚିତ୍ରକୋଣ୍ଡା ଠାରେ ପଡ଼ିଥିବା କଂକ୍ରିଟ୍ ଖୁଣ୍ଟର ଗର୍ବିତ ଘୋଷଣାନାମା : 'ପ୍ରୋଜେକ୍ଟ ପାଇଁ ବୁଡ଼ିଛି ୯୧ଟି ଗ୍ରାମ ।' ପାହାଡ଼ ଚାରିପଟେ ବିଜୁଳି ଆଲୁଅର ଥିଲା ରୋଷଣୀ, କେବଳ ବିଚ୍ଛିନ୍ନ ଦ୍ୱୀପଖଣ୍ଡ ବ୍ୟତୀତ; ଚିରନ୍ତନ ଅନ୍ଧାର ଯେପରି ତା'ର ଅବଧାରିତ ଭାଗ୍ୟଲିପି ।

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ପଞ୍ଚମ

ସୀମାନ୍ତ ସେପାରେ

Digitized by srujanika@gmail.com

୧. ଦରିଦ୍ରର ଜୀଇଁବାର କଳା କୌଶଳ ୧୫୬

୨. ମୃତ୍ୟୁସହ ନିଇତି ଜୁଆଖେଳ ୧୫୮

୩. ଚେନ୍, ପ୍ୟାଡ୍ଲେ ବିହୀନ ସାଇକେଲ ଯାତ୍ରା ୧୬୩

୪. କେରାଏ ପତ୍ର ଯେଉଁଠି କରାୟତ୍ତ କରେ ସବୁ ନୀତି ୧୬୮

୫. ବିର୍‌ହୋର୍ : ଅକିଞ୍ଚନର ଅପସୃୟମାଣ ପୃଥିବୀ ୧୭୪

୬. ଝାମାଇଟା ପରି ଡହକ ଜୀବନ ୧୮୦

୭. ମଣିଷ ଯେଉଁଠି ଭାରବାହୀ ପଶୁ ୧୮୫

୮. କଷଣ ଓ ଶୋଷଣର ପର୍ବତ ଉପରେ ଯା'ର ଘର ୧୯୧

୯. ଇତିହାସ ପୃଷ୍ଠାରୁ ବି ଲିଭି ଯାଉଥିବା ଏକ ଜାତିର ନାମ ୧୯୮

୧୦.ସୀତାଙ୍କ ଅଭିସଂପାତ ପାଇଁ ଚିର ମୁଣ୍ଡିତା, ଉଲଗ୍ନ ନାରୀ ୨୦୨

୧୧.ମୁଠାଏ ଭାତ ପାଇଁ ସ୍ୱପ୍ନ, ସଂଗ୍ରାମ ଓ ଶୋଷଣର କାହାଣୀ ୨୦୮

୧୨.ସଂଜ୍ଞାହୀନ, ସଂଗହୀନ, ଠିକଣା ହଜା ଦାଦନ ୨୧୩

* * *

Digitized by srujanika@gmail.com

ଦରିଦ୍ରର ଜୀଇଁବାର କଳା-କୌଶଳ

ଚତୁର୍ମାସ୍ୟାର ବୁଣା, ରୁଆ, ବେଉଷଣ ପରେ ଚାଷୀ ହାତବାନ୍ଧି ଘରେ ବସେ । ଧାନକଟା, ଅମଳ ସରିଲା ପରେ ବର୍ଷତମାମ ଚାଷୀକୁ ମିଳେ ୨୦୦ ରୁ ୨୪୦ ଦିନର ଫୁରୁସତ୍ । ଏ ବେଳରେ ଲୋକମାନେ କରନ୍ତି କ'ଣ ? ଯାହାର ଚାଷ ଜମି ନାହିଁ, ସେ କେମିତି ବିତାଏ ଜୀବନ ? ସରକାରୀ ଉନ୍ନୟନ ଯୋଜନା ଯେଉଁମାନଙ୍କୁ ସାରା ଜୀବନ ଅଛୁତ, ଅର୍କ୍ଷିତ କରି ରଖିଲା କି ଯେଉଁମାନଙ୍କ ଜୀବନକୁ ତଳିତଳାନ୍ତ କରିଦେଲା, ସେମାନଙ୍କ ପାଇଁ ବଞ୍ଚିବାର କିଛି ରାହା ଅଛି କି ? ଦରିଦ୍ରର ଜୀଇଁବାର ରଣ-କୌଶଳ (ନା କଳା-କୌଶଳ !) ତେବେ କ'ଣ ? କେମିତି ସେ ଜୀବନ ସହିତ ଯୁଝେ ?

ଅନେକ ଅନେକ ପ୍ରଶ୍ନର ଚକ୍ରବ୍ୟୂହ । ସେଥିରୁ ନିଷ୍କ୍ରାନ୍ତ ହେବାର ପଥ ମଧ ଅନେକ । କିଛି ମୌଳିକ, କିଛି କୌଳିକ ଓ ଆଉ କିଛି ସ୍ୱତଃସ୍ଫୂର୍ତ୍ତ ଉଦ୍ଭାବିତ । କିନ୍ତୁ ସବୁଗୁଡ଼ିକ ହାଡ଼ଭଙ୍ଗା ଖଟଣି । ରକ୍ତ ପାଣି ହୋଇ ବହିଯାଏ । ବିସ୍ମିତ ହତଭମ୍ବ ହେବାକୁ ପଡ଼େ ଲକ୍ଷ ନିୟୁତ ଗ୍ରାମୀଣ ଭାରତୀୟଙ୍କ ଜୀଇଁବାର ଢ଼ଙ୍ଗ ଦେଖି, ଅସରନ୍ତି ଧୈର୍ଯ୍ୟ ଓ ପ୍ରତିରୋଧକ ଶକ୍ତି ଦେଖି । ଖାଲି ନିଜେ ନୁହେଁ, ମର୍ଯ୍ୟାଦାର ସହିତ ସେମାନେ ବଞ୍ଚାଇ ରଖନ୍ତି ନିଜ ପରିବାର । ଯେଉଁଠି ରଣଭୂଇଁରେ ପରାଜୟ ଲଭନ୍ତି, ତଥାପି ଏକ ସ୍ୱର୍ଦ୍ଧିତ ଯୋଦ୍ଧା ପରି ପୁଣି ତେଜି ଉଠନ୍ତି, ପୁଣି ଲଢ଼ନ୍ତି । ଜୀବନ ଯୁଦ୍ଧ ସରେନାହିଁ । କ୍ଷତାକ୍ତ ରକ୍ତାକ୍ତ ସୈନିକର ପରାଜୟର ଗ୍ଳାନି ନଥାଏ । ସେ କେବଳ ଯୁଦ୍ଧ କରି ଜାଣେ । 'ବୀର ମାରେ ଅବା ମରେ କରି ରଣ'–ସେ ଯୋଦ୍ଧା, ସେ ବୀର; ଅବନତ ନୁହେଁ କେବେ ଶିର ।

ବିଜିତ ସିନା ପାଏ ସମ୍ମାନ, ମାତ୍ର ପରାଜିତକୁ ସମ୍ବର୍ଦ୍ଧିତ କରିବ ଅବା କିଏ ! କେହି ଆହା ପଦେ କହନ୍ତିନି, କେହି ପିଠି ଥାପୁଡ଼ାଇ ଦିଅନ୍ତିନି । ଜୀବନର କର୍କଶ, ନିର୍ମମ, କଣ୍ଟକିତ ପଥରେ ଚାଲି ରକ୍ତାକ୍ତ ସଂଗ୍ରାମୀ ଶେଷକୁ ପାଲଟିଯାଏ ଭାରବାହୀ ପଶୁ । ମରୁଭୂମିର ଓଟ ।

ଏସବୁ ସତ୍ତ୍ୱେ ସେମାନଙ୍କ ହାଡ଼ଭଙ୍ଗା କାମ, ସବୁପ୍ରକାର ଦୁସ୍ଥିତିରେ ଅବିଚଳିତ ରହିବାର ଉଦ୍ଭାସିତ ଦମ୍ଭ ଓ ମର୍ଯ୍ୟାଦା ସେମାନଙ୍କ ମୁହଁରେ ପ୍ରତିଫଳିତ ହୋଇଉଠେ, ସ୍ୱାବଲମ୍ବନର ଅନ୍ୱେଷା ସ୍ୱତଃସ୍ଫୂର୍ତ୍ତ ଭାବେ ଉପସ୍ଥାପିତ କରେ ଏକ ପ୍ରଶ୍ନ : ଅନୁକୂଳ ଓ ଉଚିତ ସୁଯୋଗମାନ ପାଇଥିଲେ ଏପରି କୌଣସି କାର୍ଯ୍ୟ ଅଛି ଯାହା ଏମାନେ ହାସଲ କରିପାରିନଥାନ୍ତେ ? ଆମ ସମାଜର ଆଉ ଅନେକ ନାଗରିକଙ୍କୁ ପ୍ରଦତ୍ତ ସୁଯୋଗମାନ ଯଦି ଏମାନଙ୍କୁ ମିଳିଥାନ୍ତା ?- ଏକ ନିଷ୍ଠାପର ଭୂ-ସଂସ୍କାର, ଶିକ୍ଷା, ସ୍ୱାସ୍ଥ୍ୟ, ଆଶ୍ରୟ, କାମ କି ଚାକିରି ଭଳି କିଛି ସୁଯୋଗ କଥା ବିଚାରକୁ ନିଆଯାଇପାରେ । ସେମାନଙ୍କ ସହିତ କିଛିଦିନ ମିଶିଲା ପରେ ଏବଂ ସେମାନଙ୍କ ଜୀଇଁବାର କଳାକୁ ଲିପିବଦ୍ଧ କଲାବେଳେ ଗୋଟିଏ ହିଁ ଉତ୍ତର ନିଛାଟିଆ ଭାବେ ମୁଣ୍ଡ ଟେକିଲା । ଏସବୁ ସୁଯୋଗ ସେମାନେ ପାଇଥିଲେ ନିଶ୍ଚିତ ଭାବେ ବଦଳାଇ ଦେଇଥାନ୍ତେ ସେମାନଙ୍କ ପୃଥିବୀ । ଆମର ବି ।

❖ ❖ ❖

Digitized by srujanika@gmail.com

ମୃତ୍ୟୁ ସହ ନିଇତି ଜୁଆଖେଳ

ରାମନାଦ (ତାମିଲନାଡୁ) : ତୀଖ ତୀଖ ତାଳଗଛର ବଣ । ଗଛ ସାରା ଆଁଶୁ, ଉପର ବାହୁଙ୍ଗାରେ କରତ ପ୍ରାୟ କଣ୍ଟା । ଲଙ୍ଗଳା ପାଦରେ 'ଲଇ' ଛନ୍ଦି, ଗଛର ଗଣ୍ଡିକୁ କୁଣ୍ଢରେ ଭିଡ଼ି, ମାଙ୍କଡ଼ ପରି ଡେଇଁ ଡେଇଁ ନିଇତି ସେ ଗଛ ଚଢ଼େ । ଗୋଟିଏ ଦୁଇଟି ନୁହେଁ, ପଚାଶଟି ଗଛ । ଥରେ ନୁହେଁ, ପ୍ରତି ଗଛକୁ ଚଢ଼ିବାକୁ ପଡ଼େ ତିନିଥର । ଚଢ଼ା ଉତରାରେ ଦିନକୁ ତିନିଶହ ଥର । ଶକ୍ତ ମାଂସପେଶୀରୁ ଝରିଆସେ ସ୍ୱେଦର ଶ୍ରାବଣ । ଦକ୍ଷିଣ ଭାରତର ନିରବଚ୍ଛିନ୍ନ ଗ୍ରୀଷ୍ମର ଡହକ ଭିତରେ, ମଧ୍ୟାହ୍ନ ସୂର୍ଯ୍ୟର ଉତ୍ପାତକୁ ସ୍ୱାହା କରି ସେ ଗଛ ଚଢ଼େ । ଅଣ୍ଟାରେ ନଥାଏ କୋରଟ । ସେଇଟି ଥିଲେ ଖସି ପଡ଼ିବାର ବିପଦରୁ ଜଣେ ଅନ୍ତତଃ ରହିପାରନ୍ତା ମୁକ୍ତ । ଥରେ ସେ ତୀଖରୁ ଖସିବା ଅର୍ଥ ଯମ ଘରେ ବିନା ଡାକରାରେ ହାଜିରା ପକାଇବା । ସେଇ ବିପଦକୁ ମୁଣ୍ଡେଇ, ବରଂ ମୁହଁରେ କଅଁଳ ହସ ଫୁଟେଇ ନିଇତି ରତନାପଣ୍ଡି ନାଦର ଉପସ୍ଥିତ ହୋଇଯାଏ ତାଳବଣରେ । ସକାଳ ତା'ର ଆରମ୍ଭ ହୁଏ କାଉ କୋଇଲିଙ୍କ ନିଦ ଭାଙ୍ଗିବା ଆଗରୁ – ରାତି ତିନିଟା ଠାରୁ । ପାହାନ୍ତି ଶୀତଳ ପବନରେ ନିଦୁଆ ଆଖି ମାଡ଼ି ପଡୁଥିଲେ ବି ରତନା ଗଛ ଚଢ଼େ, ତାଳ ଖଜୁରୀ ରସ ସଂଗ୍ରହ କରେ । ପୂର୍ବଦିନ ସିଏ ବାନ୍ଧି ଦେଇଥାଏ ଠେକି । ଏ ରସରେ ତିଆରି ହୁଏ ତାଳଗୁଡ଼ । ତାମିଲନାଡୁରେ ତାଡ଼ି ବିକ୍ରୟ ନିଷିଦ୍ଧ । ଦେଶୀ, ବିଦେଶୀର ରହିଛି କିନ୍ତୁ ପ୍ଲାବନ ।

ସତେଇଶ ବର୍ଷର ରତନା ଦୈନିକ ଖଟେ ଷୋଳଘଣ୍ଟା । ଦିନ ଶେଷରେ ପାଏ ପାଞ୍ଚରୁ ଆଠଟଙ୍କା । ରତନାପଣ୍ଡି ହେଉଛି ଜାତିରେ ଚମାର । ସେଇ ସଂପ୍ରଦାୟ ମଧ୍ୟରେ ଆହୁରି ରହିଛି ଶାଖା ପ୍ରଶାଖା । 'ନାଦର' ଉପଗୋଷ୍ଠୀର ସେ ଚମାର । ଆମ ସମାଜର ଅନ୍ୟ ମେହେନତି ମଣିଷଙ୍କ ପରି ସ୍ୱଚ୍ଛଳ ଜୀବନ ବିତେଇ ପାରନ୍ତି ନାହିଁ ରତନା ଭଳି ହଜାର ହଜାର ଚମାର ସଂପ୍ରଦାୟର ମଣିଷମାନେ । ହାଡ଼ଭଙ୍ଗା ଖଟଣିରେ ଜୀବନ ଓ ଯୌବନ ଭାଙ୍ଗିପଡ଼େ । କିନ୍ତୁ ଏମାନଙ୍କ ଶ୍ରମରୁ ସୁବିଧା ଓ ସୁଖ ସାଉଁଣ୍ଟି ନିଅନ୍ତି ତାଳଗୁଡ଼ ବେପାରୀ, ପାଇକାରୀ ବଜାର ଓ ମଝି ମଝିକା ଦଲାଲ । ସ୍ୱାଚ୍ଛନ୍ଦ୍ୟ ଯେପରି ସେମାନଙ୍କ ପାଇଁ ସଂରକ୍ଷିତ ! ପହଣ୍ଡି ବିଜେ କରି ଭୋଗ ଖାଇବା ଯେପରି ସେ ଠାକୁରମାନଙ୍କର ଜନ୍ମଗତ ଦାବି ଓ ପ୍ରାପ୍ତି ।

ରାମନାଦର କବକୁଲମ ଗାଁରେ ରହୁଥିବା ରତନା ପଣ୍ଡିର ନିଜସ୍ୱ ଗୋଟିଏ ବି ତାଳଗଛ ନାହିଁ । ସେଥିରୁ ରସ ସାଉଁଣ୍ଟି, ନିଜ ମାଂସପେଶୀ ଓ ହାଡ଼ରୁ ସବୁ ରସ

Digitized by srujanika@gmail.com

ନିଗାଡ଼ି, ରତନା ଜୀବନର ରସ, ନିର୍ଯ୍ୟାସକୁ ଅର୍ପିଦିଏ ସେଇମାନଙ୍କ ହାତରେ। ସେଥିପାଇଁ ସେ ଜୀବନକୁ ପାଣି ଛଡ଼େଇ ତୀଖ, ବିପଦଶଙ୍କୁଳ ଗଛମାନଙ୍କରେ ଚଢ଼େ। ସରକାରଙ୍କ କୌଣସି ଦାରିଦ୍ର୍ୟ ଦୂରୀକରଣ ଯୋଜନାର ସୁନଜର ତା' ଉପରେ ପଡ଼ିନାହିଁ କି ତା'ର କୌଣସି ଜୀବନବୀମା ନାହିଁ। କିନ୍ତୁ ଜୀବନକୁ ସଦା ଦୁର୍ଘଟଣା-ପ୍ରବଣ ରଖି ସେ ଗଛ ଚଢ଼େ ଦେଢ଼ଶହ ଥର। ବାହୁଙ୍ଗା କାଟେ, ରସ ଠେକି ବସାଏ। ପୁଣି ଓହ୍ଲାଏ ଦେଢ଼ଶହ ଥର।

ହାଲୁକା ଦିନମାନଙ୍କରେ ରତନାର ଅବଶ୍ୟ କମ୍ ଖଣଟି, ତେବେ ଚଢ଼ିବାକୁ ପଡ଼େ ଅନ୍ୟୂନ ଚାଳିଶଟି ଗଛ। ଧରାଯାଉ ଏ ତାଳଗଛଗୁଡ଼ିକ ଅପେକ୍ଷାକୃତ ଗେଡ଼ା, ତଥାପି ପନ୍ଦରରୁ କୋଡ଼ିଏ ଫୁଟ ତୀଖ। ହାଲୁକା ଦିନମାନଙ୍କରେ ରତନାକୁ ଚଢ଼ିବାକୁ ହୁଏ ୫ ହଜାର ଫୁଟ ଉଚ୍ଚତା। ଏହାର ଅର୍ଥ ୨୫୦ ମହଲା ଗୋଟିଏ କୋଠାକୁ ପାହାଚ ପାହାଚ କରି ଚଢ଼ିବା। କିନ୍ତୁ ରତନା ପାଇଁ ପାହାଚ କି ସିଡ଼ି କିଛି ନଥାଏ। ତା'ର ହାତ ଓ ପାଦ ହେଉଛନ୍ତି ମୂଳଧନ, ହିମ୍ମତ ଓ ତାକତ ହେଉଛନ୍ତି ସମ୍ବଳ। ତଦ୍ରୁପ ଭାବେ ଶଙ୍କା ମଧ୍ୟ ପ୍ରବଳ। ମୃତ୍ୟୁ ସହ ନିଇତି ଖେଳିବାକୁ ପଡ଼େ ଜୁଆ। ପରାଜୟ ହିଁ ଅବଶ୍ୟମ୍ଭାବୀ ଭବିତବ୍ୟ।

ପ୍ରତିଦିନ ସେ ଠେକି ବସାଏ। ଠେକି ଭରିଗଲେ ପୁଣି ଠେକି ବସେ। ନୂଆ ଠେକି ବସେ। ନୂଆ ଠେକିରେ ପକାଏ କାଲ୍‌ସିଅମ୍ କାର୍ବୋନେଟ୍‌ରୁ ପ୍ରସ୍ତୁତ ଏକ ପାଉଡ଼ର। ତାହା ରସକୁ ତାଡ଼ି ହେବାରୁ ଅଟକାଇ ଗୁଡ଼ ପାଇଁ ସମର୍ଥ କରେ। ରତନାର ଭାର୍ଯ୍ୟା ପଚିଶ ବର୍ଷିୟା 'ରାଣୀ' ସେ ରସକୁ ଏକ ବଡ଼ କଡ଼େଇରେ ରାନ୍ଧେ, ଘାଣ୍ଟେ। ଗୁଡ଼ ରନ୍ଧା ପାଇଁ ଜାଳ ବି ଯୋଗାଡ଼ କରେ ରତନା। ଗୁଡ଼ ଦାନା ବାନ୍ଧିଗଲା ପରେ ଧାଡ଼ି ଧାଡ଼ି ବସା ନଡ଼ିଆ ସଢ଼େଇରେ ସେତକ ଢାଳେ ରାଣୀ। ଏହା ଅଧିକ ଦାନା ବାନ୍ଧେ, ଟାଣ ହୁଏ। ଏହାର ମହକ ଅତି ଅପୂର୍ବ, ସ୍ୱାଦ ବି ଅପାଶୋରା। ସେଥିପାଇଁ ଅନେକ ଲୋକ ଆଖୁଗୁଡ଼ ଅପେକ୍ଷା ଖାଇବାକୁ ଅଧିକ ଭଲ ପାଆନ୍ତି ତାଳଗୁଡ଼। ଦେଖିବାକୁ ଯେମିତି ମହୁରଙ୍ଗୀ ମନୋରମ, ସ୍ୱାଦ ଓ ସୁଗନ୍ଧିରେ ସେପରି ଇନ୍ଦ୍ରିୟ ରୋଚକ।

ସେମାନଙ୍କର ରହିଛି ଛୋଟ ଖଣ୍ଡେ ଚାଳିଆ, ଚାଷ ଜମି ଆଦୌ ନାହିଁ, ଘର ଭିତରେ କିଛି ବୋଲି କିଛି ସାମଗ୍ରୀ ନାହିଁ। କେବଳ ମୂଲ୍ୟ ଥିବା ଜିନିଷଟିଏ ହେଲା ଗୁଡ଼ରନ୍ଧା ବଡ଼ କଡ଼େଇ। ସେ ଋଣ କରିଥିବା ସାଉକାରକୁ ଗୁଡ଼ତକ ବିକେ। ତାମିଲ ଭାଷାରେ ସେ ଥାର୍‌ଗାର୍ ବା କମିଶନ ଏଜେଣ୍ଟ। ବଜାର ଭାଉ ଅପେକ୍ଷା ଢେର କମ୍ ଦର୍‌ରେ ସେ ଗୁଡ଼ ହସ୍ତାନ୍ତରିତ କରିବାକୁ ବାଧ୍ୟ ହୁଏ। ଏହି ନାଦର ଚମାର ମାନେ କେବଳ ଅତ୍ୟନ୍ତ ଦରିଦ୍ର ନୁହଁନ୍ତି; ସେମାନେ ନିହାତି ଅନୁନ୍ନତ ଓ ନିରକ୍ଷର।

Digitized by srujanika@gmail.com

''ଦେଖତ ବାବୁ, ଏ ହାଡ଼ଭଙ୍ଗା ଖଟଣୀ କରି ଆମେ ପାଉଛୁ କେତେ ? ଆଉ ଦେଖନ୍ତୁ ତ ତା' ରୂପଭେକକୁ ।'' –କହେ ରାଣୀ । ବାସ୍ତବରେ ରତନା ଦେଖା ଯାଉଥିଲା ନିହାତି ଦୁର୍ବଳିଆ, ହାଡୁଆ । ଏଠାର ଚମାରମାନେ ଦେହହାତ ଭୟଙ୍କର ଘୋଳାବିନ୍ଧାର ସହଜ ଶିକାର ବନନ୍ତି, ଏହା ସହିତ ଶ୍ୱାସ, ଚର୍ମରୋଗ ଓ ମାନସିକ କ୍ଲେଦ । ଯଦିଓ ଅନେକେ ବର୍ଷ ବର୍ଷ ଧରି ପୌଢ଼ ହେବାଯାଏ ଖଟନ୍ତି, କିନ୍ତୁ ଏ ଗଛ ଚଢ଼ାର ଖଟଣି ସେମାନଙ୍କୁ ଅଧା ବୟସରୁ ଅକର୍ମଣ୍ୟ କରିଦିଏ । କାମ କରିବାର ସାମର୍ଥ୍ୟକୁ ମାରିଦିଏ, ବାର୍ଦ୍ଧକ୍ୟ ଘୋଟିଆସେ କଞ୍ଚା ବୟସରୁ ସଅଳ ।

କଡ଼ଲାଦି ବ୍ଲକ୍‌ର ପୋରପଣ୍ଡି ପୁରମ୍ ଗ୍ରାମର ବାଇଶି ବର୍ଷର କାରୁକବେଳ ନାଦର ଓ ତାଙ୍କର ଦୁଇ ସହାୟକ ଟିକେ ଭଲରେ ଚଳନ୍ତି । ସେମାନେ ୩ ହଜାର ଟଙ୍କା ଋଣ କରି ୧୫୦ଟି ଗଛ ଜଣେ ଜମିଦାରଙ୍କ ଠାରୁ ବର୍ଷକ ପାଇଁ ଠିକା ନେଇଛନ୍ତି । ଜମିଦାର ଦୂରସ୍ଥାନରେ ରହନ୍ତି । ବର୍ଷକ ପାଇଁ ଠିକା ନେଲେ ବି ରସ ସଂଗ୍ରହ ଋତୁ ମାତ୍ର ଛଅମାସ–ସେପ୍ଟେମ୍ବରରେ ଶେଷ ହୁଏ । ରତନା ପରି ସେମାନେ ପ୍ରତ୍ୟେକ ୪୦ରୁ ୫୦ଟି କରି ଗଛ ଦୈନିକ ତିନିବେଳା ଚଢ଼ା ଉତରା କରନ୍ତି । ଦୁର୍ଭାଗ୍ୟବଶତଃ ଏ କାରବାରଟା ସେମାନଙ୍କ ପାଇଁ ଅନୁକୂଳ ହେଲାନାହିଁ । ସେମାନଙ୍କ ସାଉକାର ପୁଣି ପାଇକାରୀ ବେପାରୀ । ଏତେ ଚଢ଼ା ସୁଧ ସେମାନେ ଶୁଝି ପାରିଲେ ନାହିଁ, ଯଥାପୂର୍ବଂ ତଥା ପରଃ ଭଳି ଯଥାଶୀଘ୍ର ପାଲଟି ଗଲେ ଋଣୀ । ସୁତରାଂ ସାଉକାର ଜାଣିଶୁଣି ଯେତେ କମ୍ ଦର ଧାର୍ଯ୍ୟ କରିଲା, ଏମାନେ ବାଧ ହୋଇ ସେତିକିରେ ଗୁଡ଼ ବିକ୍ରି କଲେ । ପ୍ରଚଳିତ ନେଣ ଦେଣ ବ୍ୟବସ୍ଥାକୁ ଭାଙ୍ଗିବା ଦିଗରେ ପ୍ରଶାସନର କୌଣସି ଆଗ୍ରହ ନଥିବାରୁ ଏ ପୂର୍ବତନ ଜମିଦାରୀ ଇଲାକାରେ ବ୍ୟାପକ ଭାବେ ପ୍ରଚଳିତ ସାଉକାର ଭିତ୍ତିକ ହାତଉଧାରି କାରବାରରୁ ସେମାନେ ତ୍ରାହି ପାଇବାର ଆଶା ଅତି କ୍ଷୀଣ । ରାମନାଦ ବୋଧହୁଏ ହେଉଛି ତାମିଲନାଡୁର ସବୁଠୁଁ ଦରିଦ୍ରତମ ଓ ଅନୁନ୍ନତ ଜିଲ୍ଲା ।

କାରୁକେବଳ କହେ : ''ଆମର ଯଦି ନିଜସ୍ୱ କିଛି ଭୂଇଁ ଥାନ୍ତା, ବଞ୍ଚିବାର ନିଆରା ରାସ୍ତା ଥାନ୍ତା, ତେବେ ଆମେ ଏ କାମ ଛାଡ଼ି ଦିଅନ୍ତୁ ।'' ଆଉ କିଛି ସୁଯୋଗ କି ଧନ୍ଦା ନଥିବାରୁ ସେମାନଙ୍କର ଆଉ କିଛି ଚାରା ନାହିଁ । ରସ ସଂଗ୍ରହ ଋତୁ ଆରମ୍ଭରେ ପ୍ରଥମ ଦୁଇମାସ ଏମାନେ ତିନିହେଁ ଜଣକା ମାସିକ ୬୦୦ ଟଙ୍କା ଉପାର୍ଜନ କରିପାରନ୍ତି, ବେଳେବେଳେ କିଛି ଅଧିକା ରୋଜଗାର ହୁଏ । ସେତେବେଳେ ଦିନକୁ ୮ରୁ ୧୦ ଲିଟର ରସ ମିଳେ । ଧୀରେ ଧୀରେ ରସ ଦୁଇ ଲିଟରକୁ କମିଆସେ । ତା' ସହିତ ସେମାନଙ୍କ ଜୀବନ ରସ ।

Digitized by srujanika@gmail.com

ଯୋଗାଡ଼ିଆ ଓ ବେପାରୀ ସବୁ ଲାଭ ମାରି ନେଉଥିଲା ବେଳେ, ଗଛଚଢ଼ା ଠେକି ବସାରୁ ଗୁଡ଼ ଉତ୍ପାଦନ ଯାଏଁ ସବୁପ୍ରକାର ଖର୍ଚ୍ଚ ବହନ କରିବାକୁ ପଡ଼େ ଚମାରଙ୍କୁ । ପ୍ରତି ଦୁଇ ଲିଟର ରସ ପାଇଁ କାଲ୍‌ସିଅମ୍ କାର୍ବୋନେଟ୍‌ରୁ ପ୍ରସ୍ତୁତ ପାଉଡ଼ର ଦରକାର ତିନିଟଙ୍କାର, ଅତି କମ୍‌ରେ ଜଣେ ଚମାର ମାସକୁ ୯୦ ଟଙ୍କା ଏଥିପାଇଁ ଖର୍ଚ୍ଚ କରେ । ଗଛରେ ବସାଇବାକୁ ଠେକି ଠାରୁ ଗୁଡ଼ ରାନ୍ଧିବା ପାଇଁ ଜାଳେଣି କାଠ ଯାଏ ଅନେକ ଖର୍ଚ୍ଚ ଅଛି । ଏ ଦର୍ ପୁଣି ସବୁବେଳେ ସମାନ ନଥାଏ – ଏଥିରେ ଉଚ୍ଚା ନୀଚା, ଉତରା ଚଢ଼ା ରହିଛି । ତେବେ ୧୫ କିଲୋଗ୍ରାମ୍ ଗୁଡ଼ ତିଆରି ପାଇଁ ନିହାତି ୧୫ ଟଙ୍କାର କାଠ ଦରକାର । କାରୁକେବଳ କହେ : ''ବରଂ ତାଡ଼ି ବିକିବା ସବୁଠୁଁ ଭଲ । ସେଥିରେ କିଛି ଖର୍ଚ୍ଚ ନାହିଁ । ଖାଲି ଠେକି ବସେଇଲେ ହେଲା ।''

ସେମାନେ ଗୋଟିଏ କିଲୋଗ୍ରାମ ଗୁଡ଼ ବିକି ପାଆନ୍ତି ୪ରୁ ୫ ଟଙ୍କା । ମାତ୍ର ବେପାରୀ ବିକେ ୧୨ ଟଙ୍କାରେ । ଅଗଷ୍ଟ ସେପ୍ଟେମ୍ବର ଭଳି ନିଗିଡ଼ା ମାସରେ ଦୈନିକ ରୋଜଗାର ୫ରୁ ୮ ଟଙ୍କା ଭିତରେ ସୀମିତ । ଅପ୍ରେଲ ମଇ ଭଳି ଭଲ ପାଗଯୋଗ ମାସରେ ରୋଜଗାର ସିନା ଟିକେ ବଢ଼େ, ମାତ୍ର ସବୁ ନିଗିଡ଼ିଯାଏ ସାଉକାର ଋଣ ଶୁଝାରେ । ଖଟଣି ସବୁଦିନେ ସମାନ, ଜୀବନକୁ ପାଣି ଛଡ଼େଇ ହାଡ଼ଭଙ୍ଗା ଖଟଣିର ସବୁ ରସ, ହରଷ ହରିନିଏ ସାଉକାର ।

ରୋଜଗାର ପଛେ ତିଳତଣ୍ଡୁଳିତ ହେଉ, ବଞ୍ଚିବାର ସେତକ ନିରୋଳା ସାଧନ । କାରଣ ସେପ୍ଟେମ୍ବର ପରେ ହାତବାନ୍ଧି ବସିବାକୁ ପଡ଼ିବ । ଋଣରେ ତ ସର୍ଭିଏ ବୁଡ଼ିକରି ଅଛନ୍ତି, ଯଦି ଅଦିନିଆ ବର୍ଷା ତୋଫାନ ଆସିଗଲା, ତେବେ ଅବସ୍ଥା ଅଧିକ ସାଙ୍ଘାତିକ ହୋଇପଡ଼ିବ । କୁଡ଼ିଆ ଉଡ଼ିଯିବ, ନଇଲେ ଗଛରୁ ଠେକି ଖସିପଡ଼ିବ । ଏସବୁ ଭରଣା କରିବାକୁ ଅଣ୍ଟିରେ କଉଡ଼ି ଥିବା ଦରକାର । ଚମାର ସଂପ୍ରଦାୟରେ ଏମିତି ଜଣେ ବି ଲୋକ ନାହିଁ ଯାହାର ଚିରା, ସିଆଁ, ତାଳିପକା ଲୁଗା ବାହାରେ ଖଣ୍ଡେ ଦଢ଼ ନିଟୋଳ ଲୁଗା ଥିବ ।

ଏହି ନିକିମା ଋତୁରେ ଚମାରମାନେ ନାମମାତ୍ର ମଜୁରି ବଦଳରେ ଏକ କଠିନ କାମ କରନ୍ତି – ଯାହାକୁ ସେମାନେ କହନ୍ତି ''କୁଲିଗିରି'' । ସେ ହେଉଛି ରାମନାଦର ଉତ୍ପୀଡ଼କ, ଶୋଷକ ଲୁଣ କିଆରୀ । ମଧୁର ତାଳଗୁଡ଼ର ପ୍ରସ୍ତୁତକାରୀମାନେ ପେଟ ବିକଳରେ ପଶନ୍ତି କ୍ଷାରା ଲୁଣ କିଆରୀରେ । ଲୁଣ କିଆରୀ ଏମିତି ଏକ ଜାଗା, ଯେଉଁଠି ଆଖିକୁ ଶାନ୍ତ କରିବା ପାଇଁ ବୁଦାଗଛ ତ ଦୂରର କଥା, ଦୁବଘାସ ପୁଳେ ମିଳିବ ନାହିଁ । ସେଇଠିକୁ ଆସି ଲୁଣ କୋରା, ବୁହା, ଗଦାମରା କାମ କରନ୍ତି ତାଳବଣର

Digitized by srujanika@gmail.com

ମଣିଷମାନେ । ରାମନାଦକୁ ସ୍ପର୍ଶ କରିଥିବା ବିକାଶଧାରା ମନେହୁଏ ବାଟଭାଙ୍ଗି ଅନ୍ୟତ୍ର ପକାଇ ଯାଇଛି–ଚମାର ସଂପ୍ରଦାୟକୁ ପାଶୋରି ଦେଇ । ଷାଠିଏ ବର୍ଷ ବୟସରେ କଭାକୁଲମ୍‌ର ଥଙ୍ଗାବେଲୁ ନାଦର ତଥାପି ଗଛ ଚଢ଼େ–ଦିନକୁ ଅନ୍ତତଃ ୨୦ରୁ ୨୫ଟି ଗଛ । ଶିଥିଳ, ଅବଶ ମାଂସପେଶୀ ଦୁହିଁ ହୋଇଯାଉଥିଲେ ବି ସେ ବଞ୍ଚିବା ପାଇଁ ହାଡ଼ଭଙ୍ଗା ଖଟେ । ଏମିତି ୪୦ ବର୍ଷ ହେଲା ସେ କାମ କରି ଚାଲିଛନ୍ତି । ଏଥର ଗ୍ରୀଷ୍ମ ଋତୁରେ ବହୁ ସଂଖ୍ୟକ ଚମାର ଥାଞ୍ଜାଭୁର୍‌କୁ ଦେଶାନ୍ତରୀ ହେଲେ । କାରଣ ନିଷିଦ୍ଧ ହେବା ସତ୍ତ୍ୱେ ସେଠାରେ ତାଡ଼ି ବେପାର ଚାଲିଛି । ନାଦରମାନଙ୍କୁ ବଞ୍ଚିବାକୁ ହେବ, ପେଟ ପାଇଁ ଦାନା ଯୋଗାଡ଼ିବାକୁ ପଡ଼ିବ ।

ସେମାନଙ୍କ ବୃତ୍ତିର ହାଡ଼ଭଙ୍ଗା ଖଟଣି ସେମାନଙ୍କୁ ଖାଦ୍ୟରେ ମିତବ୍ୟୟୀ ନ ହେବାକୁ ବାଧ କରେ । ଯାଇତାଇରେ ସେମାନେ ଚଳି ପାରନ୍ତି ନାହିଁ । ''ନିଇତି ମାଛ, ଭାତ ଦରକାର ।'' –କହେ ରାଣୀ । ''ସେଥିପାଇଁ ଆମେ ଚିର ଧାରୁଆ ।'' ଖାଦ୍ୟାଭ୍ୟାସ ଏହି ଋଣଭାର ଓ ଋଣ-ଯନ୍ତାକୁ ବଳବତ୍ତର କରାଏ । ତେବେ ଯେଉଁପ୍ରକାର କଠୋର ପରିଶ୍ରମ ରତନା କରିଥାଏ, ସେ ତୁଳନାରେ ମାଛ ଭାତ ଆହାର ନିହାତି ନିକୁଛିଆ ଲାଗେ ।

''ସେମାନଙ୍କର କାମ କଠିନ, ମଜୁରି ସର୍ବନିମ୍ନ ଏବଂ ସର୍ବାଧିକ ବିପଦ ଶଙ୍କୁଳ'' –କହନ୍ତି ତାମିଲନାଡୁ କିଷାନ ସଭାର ଜଣେ ସମାଜସେବୀ । ''କୌଣସି ଗୋଟିଏ ସରକାରୀ ଯୋଜନା ଏମାନଙ୍କୁ ଛୁଇଁନି । ଯେପର୍ଯ୍ୟନ୍ତ ଋଣ-ଯନ୍ତା ବ୍ୟବସ୍ଥା ନ ଭାଙ୍ଗିଛି, ଉତ୍ପାଦନ ପାଇଁ ଉଚିତ ମୂଲ୍ୟ ମିଳିନାହିଁ ଓ ଗଛଗୁଡ଼ିକୁ ଏମାନଙ୍କ ଅକ୍ତିଆରରେ ନ ଦିଆଯାଇଛି, ସେଯାଏ କୌଣସି ଉନ୍ନୟନ-ମୂଳକ ଯୋଜନା ଏମାନଙ୍କର ସମୃଦ୍ଧି ଆଣିପାରିବ ନାହିଁ ।'' ସେ ଯାଏ ନାଦରମାନେ ପଙ୍ଗୁ ହୋଇ ରହିଥିବେ । ଗଛରେ ରସ ଥିବ ମାତ୍ର ଜୀବନର ନିର୍ଯ୍ୟାସ ମରିଯାଇଥିବ । ଅନ୍ୟକୁ ମଧୁର ସ୍ୱାଦ ଯୋଗାଉଥିବା ମଣିଷମାନଙ୍କ ଜୀବନ ହୋଇରହିଥିବ ତିକ୍ତ ରିକ୍ତ ଓ ଅଭିଶପ୍ତ ।

❖ ❖ ❖

Digitized by srujanika@gmail.com

ଚେନ୍, ପ୍ୟାଡେଲ ବିହୀନ ସାଇକେଲ ଯାତ୍ରା

ଲାଲମାଟିଆ, ଗୋଡ୍ଡା (ବିହାର) : କିଷାନ ଯାଦବ ବାରଶହ ଟଙ୍କା ଦେଇ କିଣିଲା ସାଇକେଲ ଖଣ୍ଡେ । ସେଥିରେ ଫାଳେ ପ୍ୟାଡେଲ ନାହିଁ । ଚଳିବ । ସେଥିରେ ଆଉ ଦୁଇଶହ ଟଙ୍କା ଖଟେଇ ଲଗାଇଲା ମୋଟା ଲୁହାଛଡ଼ । ଚେନ୍ ହୁଗାଳି ଦେଲା । ତା'ପରେ ସିଟ୍‌କୁ ଆକାଶ ମୁହାଁ କରି ଟେକିଦେଲା । ସେଥିରେ ତ ବସିବାର ନାହିଁ ।

ତେବେ ସେ ସାଇକେଲ କିଣିଲା କାହିଁକି ? କୋଇଲା ବୋହିବା ପାଇଁ ଟ୍ରଲି କରି ବନାଇବ ! ଚେନ୍ ନାହିଁ କି ପ୍ୟାଡେଲ୍ ନାହିଁ, ୨୫୦ କି.ଗ୍ରା. କୋଇଲା ଲଦି ସେ ଗଡ଼େଇ ଗଡ଼େଇ ଚାଲେ ଦୈନିକ ୪୦ରୁ ୬୦ କିଲୋମିଟର ବାଟ । ଦିନ ଶେଷରେ ହାଡ଼ଭଙ୍ଗା ଖଟଣିରୁ ମିଳେ ଦଶଟଙ୍କା – ବିହାର ସରକାରଙ୍କ ଘୋଷିତ ସର୍ବନିମ୍ନ ମଜୁରିର ଏକ-ତୃତୀୟାଂଶ ।

ଲାଲମାଟିଆରୁ ଗୋଡ୍ଡା ଯାଏ ପଥ ସେ ଅତିକ୍ରମ କରିବ ଏବଂ ଫେରିବ – ଚାଲିକରି ପୂରା ତିନିଦିନର ସମୟ । ବାଟସାରା ରହି ରହି ଫେରିକରି ଚାଲେ । ଥରେ ଘର ଛାଡ଼ିଲେ ବାହାରେ ତିନିଦିନ ରହିବାର ମାନସିକ ପ୍ରସ୍ତୁତି ନେଇ ସେ ଯାଇଥାଏ । ଆତ୍ମନିଯୁକ୍ତିର ଏହାଠୁଁ ଆଉ କିଛି କଠିନ ପନ୍ଥା ଯେ ଥାଇପାରେ ସେକଥା ଭାବି ହୁଏନା । ଶୁଣିବା ଲୋକର ଛାତିରୁ ସ୍ୱତଃ ବାହାରି ଆସିବ ଦୀର୍ଘଶ୍ୱାସ । କିନ୍ତୁ ଏପରି ଜୀବନକୁ ଆଦରି ନେଇଥିବା ମଣିଷଟି ନିଜ ବିଷାଦରେ ଦୀର୍ଘଶ୍ୱାସ ପକାଏ କି ନାହିଁ ଜଣାନାହିଁ । ଗୋଡ୍ଡାର ପ୍ରାୟ ତିନିହଜାର ପରିବାର ଏଇ ବୃତ୍ତିକୁ ଆଶ୍ରାକରି ଜୀଇଁଛନ୍ତି ।

'କୋଇଲାବାଲା' ଓ 'ସାଇକେଲବାଲା' ନାମରେ ପରିଚିତ ଏ ଗୋଷ୍ଠୀ କୋଇଲା ବିକ୍ରି କରିସାରିଲା ପରେ ପୁଣି ଚେନ୍‌କୁ ଭିଡ଼ି, ପ୍ୟାଡେଲ ଲଗାଇ ଘରକୁ ଫେରନ୍ତି । ଲାଲମାଟିଆ ହେଉଛି ସେମାନଙ୍କ କଞ୍ଚାମାଲର ବଜାର । ସପ୍ତାହକୁ ଏପରି ଦୁଇଥର ଅଭିଯାନରେ ବାହାରି ଯାଏ କିଶାନ ଯାଦବ । ବେଳେବେଳେ ଏ ଯାତ୍ରା ପ୍ରଲମ୍ବିତ ହୁଏ ଷାଠିଏ କିଲୋମିଟର ଦୂର ବାଙ୍କା ଜିଲ୍ଲାର ବାଉଁଶୀ କିମ୍ବା ଅଶୀ କି.ମି. ଦୂର ରାଜାଉଁ ଯାଏ । ସାଇକେଲରେ ଠେସ ଦେଇ ପେଲି ପେଲି, ମାଂସପେଶୀକୁ ଓଟାରି ଚାଲିବାକୁ ପଡ଼େ । ଗମ୍ ଗମ୍ ଝରି ପଡୁଥାଏ ଝାଳ, ଉଚ୍ଚ କଣ୍ଠରେ ଡାକି ଡାକି ତଣ୍ଟି ଅଠା ହୋଇଯାଏ । କିନ୍ତୁ ସଂଘର୍ଷର ଶେଷ ନଥାଏ । ଥରେ ଫେରି-ଯାତ୍ରାରୁ ଆସି ଘରେ ପହଞ୍ଚି ଦିନଟିଏ ଥକ୍କା ମେଣ୍ଟେଇ ପୁଣି କୋଇଲା କିଣାବିକାରେ ବାହାରିଯିବାକୁ ହୁଏ ପରବର୍ତ୍ତୀ ଯାତ୍ରାରେ । କେହି କେହି ଦାବି କରନ୍ତି ୨୫୦ କି.ଗ୍ରାରୁ ଅଧିକ କୋଇଲା ବୋଝେଇ ସାଇକେଲ ବୋହୁଥିବାର ଦୁର୍ବାର ଅନୁଭବ ।

Digitized by srujanika@gmail.com

କୋଇଲା କମ୍ପାନୀର ହାକିମ ମହଲର ମତ ଯେ, ଏଭଳି କାରବାର ହେଉଛି 'ବେଆଇନ୍'। କାରଣ ? ଲାଲମାଟିଆରେ ଥିବା ରାଜମହଲ କୋଇଲା ଖାଦାନ ପ୍ରୋଜେକ୍ଟର ଫୋପଡ଼ା–ବର୍ଜ୍ୟ କୋଇଲା ଗଦାରୁ ସାଉଁଟାଳିଙ୍କ ଠାରୁ ସେମାନେ କୋଇଲା କିଣନ୍ତି । ଅପରିଷ୍କାର ଓ ଅନାବଶ୍ୟକ କୋଇଲା ରୂପେ କମ୍ପାନୀ ପକ୍ଷରୁ ଯାହାକୁ ଫୋପାଡ଼ି ଦିଆଯାଏ, ସେହି ପର୍ବତ ପ୍ରମାଣ ଗଦାରେ ଥାଏ ତିନି ଶତାଂଶ ଅତି ନିମ୍ନମାନର କୋଇଲା ।

''ବାସ୍ତବରେ ସେ କୋଇଲା ଯଦି କମ୍ପାନୀର ଏ ଫୋପଡ଼ା ମଇଳା ଗଦାରୁ ସାଉଁଣ୍ଟା ନ ହେଉଥାନ୍ତା ଏବଂ ସାଇକେଲବାଲାମାନେ ତାକୁ ଲୋକଙ୍କ ପାଖରେ ପହଞ୍ଚାଇ ଦେଉନଥାନ୍ତେ, ତେବେ ଏହା ହୋଇଯାଆନ୍ତା ରାଷ୍ଟ୍ରୀୟ କ୍ଷତି । କାରଣ ମଇଳା ଗଦେଇବା ପାଇଁ ଅଧିକ ସ୍ଥାନର ଆବଶ୍ୟକତା ପଡ଼ିଥାନ୍ତା । ଗୋଡ୍ଡାର ନିହାତି ଗରିବ ଲୋକେ ଏ ନିମ୍ନମାନର କୋଇଲା କିଣୁଥିବାରୁ ଏବଂ ଆହୁରି ଗରିବ ଲୋକ ଏହାକୁ ସାଉଁଣ୍ଟିବା ତଥା ସାଇକେଲରେ ନେଇ ବିକୁଥିବା ଗରିବତମ ମଣିଷମାନେ ଏତକ କରୁଥିବାରୁ ଏହା ଏକ ରାଷ୍ଟ୍ରୀୟ ସଞ୍ଚୟ ବୋଲି କହିବାକୁ ହେବ । ନଚେତ୍ ଅବ୍ୟବହୃତ ହୋଇ କେତେ କୋଇଲା ଅଯଥାରେ ନଷ୍ଟ ହୋଇଯାଉଥାନ୍ତା !'' –କହିଲେ ରାଜମହଲ ପ୍ରୋଜେକ୍ଟର ଜଣେ ଅଫିସର ।

କୋଇଲା ଖଣି ଓ ଖାଦାନକୁ ନେଇ ଅପର୍ଯ୍ୟାପ୍ତ ବେଆଇନ୍, ଅସାମାଜିକ କାର୍ଯ୍ୟକଳାପ ଚାଲୁଥିବାରୁ ଅନେକ ଘଟଣା ଅସ୍ପଷ୍ଟ ହୋଇ ରହିଯାଏ । ସେଥିମଧ୍ୟରେ କୋଇଲା ଖନନ ଓ ବିକ୍ରୟ ନେଇ ତିନୋଟି ମୁଖ୍ୟ ବେଆଇନ୍ କାର୍ଯ୍ୟକଳାପ ମୁଣ୍ଡ ଟେକେ :

* ରାଜମହଲ ପ୍ରୋଜେକ୍ଟର କୋଇଲା ଡିପୋମାନଙ୍କରୁ ପ୍ରଭୂତ ଚୋରି ଏବଂ କୋଇଲା ପରିବହନ ବେଳେ ପର୍ଯ୍ୟାପ୍ତ ହେର୍‌ଫେର୍ । କିନ୍ତୁ ସେସବୁ ପାଇଁ କେହି କେହି ସାଇକେଲବାଲାଙ୍କୁ ଅଭିଯୁକ୍ତ କରିନାହିଁ । ଅର୍ଥାତ୍ ଏସବୁ ଚୋରି ଓ ଲୁଟ୍ ଅବ୍ୟାହତି ରହେ ପ୍ରୋଜେକ୍ଟର କୁନି ଓ ଶସ୍ତା ହାକିମମାନଙ୍କ ଛାତସାରରେ ଏବଂ ତଥାସ୍ତୁରେ ।

* ଏହି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ସହଯୋଗରେ ପ୍ରଭାବଶାଳୀ କୋଇଲା ମାଫିଆଙ୍କ ଦ୍ୱାରା ବେଆଇନ୍ ଖଣି ଖୋଳା ନିୟନ୍ତ୍ରିତ ହୋଇଥାଏ । ସେସବୁ ଚୋରା କାରବାର କିଶାନ ଯାଦବ କି ପ୍ରହଲ୍ଲାଦ ସାହା ଭଳି ଦୈନିକ ୧୨ ଟଙ୍କାରୁ କମ୍ ଉପାର୍ଜନ କରୁଥିବା ସାଇକେଲବାଲାଙ୍କ ଦ୍ୱାରା ହୁଏନାହିଁ ।

* କମ୍ପାନୀର ଆବର୍ଜନା ଗଦାରୁ ଖୁମ୍ପି, ସାଉଁଣ୍ଟି ଭଲ କୋଇଲା ସଂଗ୍ରହ କରୁଥିବା ସାଉଁଣ୍ଟାଳିମାନେ ହେଲେ ନିହାତି ଦୁଃସ୍ଥ, ଦରିଦ୍ର ମଣିଷ । ଏମାନଙ୍କ ଠାରୁ

Digitized by srujanika@gmail.com

ସାଇକେଲବାଲା କୋଇଲା କିଣନ୍ତି । ଏମାନେ ପୁଣି ମାଫିଆ, ଦାଦାଙ୍କ ନିୟନ୍ତ୍ରଣରେ, ଯେଉଁଥିପାଇଁ ଦାଦାବଟି ଦେବାକୁ ପଡ଼େ । ଏହି ସାଉଁଣ୍ଟାଳି ହେଲେ ମୁଖ୍ୟତଃ ମହିଳା—କମ୍ପାନୀ କର୍ତ୍ତାଙ୍କ ଭାଷାରେ ଯେଉଁମାନେ 'ରାଷ୍ଟ୍ରୀୟ ସଞ୍ଚୟ' ପାଇଁ ବିଶେଷ ଭାବେ ଦାୟୀ ।

କମ୍ପାନୀର ଜଣେ ବରିଷ୍ଠ କର୍ମକର୍ତ୍ତା ସ୍ୱୀକାର କରନ୍ତି : ''ପ୍ରତିଦିନ ପ୍ରାୟ ଏକ ହଜାର ସାଇକେଲବାଲା କାରବାରରେ ଲାଗିଥାନ୍ତି । ସପ୍ତାହକୁ କେହି ଦୁଇଥରରୁ ଅଧିକ କୋଇଲା ଯାତ୍ରା କରିପାରନ୍ତି ନାହିଁ । ଯଦି ସମଗ୍ର ବର୍ଷ ତମାମ ଆମେ ଏମାନଙ୍କ 'ବେଆଇନ୍' କାରବାରକୁ ହିସାବକୁ ନେବା, ତେବେ ଲାଲମାଟିଆ ଖାଦାନର ଦୁଇଦିନର କୋଇଲା ଉତ୍ପାଦନ ଠୁଁ ଏହା କମ୍ ହେବ ।''

ଲାଲମାଟିଆ ବାହାରକୁ ଯାଇ ୪୦ କି.ମି. ଦୂରବର୍ତ୍ତୀ ଗୋଡ୍ଡା ଯାଏ ମୁଁ ଏମାନଙ୍କ ପିଛା କଲି । ଏ ଦୂରତ୍ୱ ସେତେ ଅଧିକ ନହେଲେ ବି ସାଇକେଲବାଲା ମାନେ ରାତିକର ରହଣି ଆବଶ୍ୟକ କରନ୍ତି । ନରମ ପାଗ ଥିଲେ ଏ ଯାତ୍ରା ଅତି କଠିନ—ପ୍ରଚଣ୍ଡ ଶାରୀରିକ ସାମର୍ଥ୍ୟର ପ୍ରୟୋଜନ ରଖେ । ଆଉ ଗ୍ରୀଷ୍ମକାଳରେ ଏ ଯାତ୍ରା ନର୍କଠାରୁ ବଳିପଡ଼େ । ନିହାତି କଚା, ଆବୁଡ଼ାଖାବୁଡ଼ା ରାସ୍ତାରେ ସେମାନେ ଧୀରେ ଧୀରେ ଚାଲନ୍ତି । ଉଠାଣି ରାସ୍ତାରେ ଅଢ଼େଇ କୁଇଣ୍ଟାଲ ଓଜନକୁ ଠେଲିବା ମେରୁହାଡ଼ ଭାଙ୍ଗିବା ପ୍ରାୟ ଅସହ୍ୟ ପରିଶ୍ରମ ।

ସେଥିପାଇଁ କୋଇଲାବାଲା ମାନେ ପନ୍ଦର କୋଡ଼ିଏ ସଂଖ୍ୟାରେ ଏକାଠି ଅଭିଯାନରେ ବାହାରନ୍ତି । ଯାତ୍ରାର ସାଥୀ ନ ରହିଲେ ଏକାକୀ ଯିବା ବଡ଼ କଠିନ, ଏକପ୍ରକାର ଅସମ୍ଭବ । କେହି ହଠାତ୍ ଖସିପଡ଼ି ହାମୁଡ଼େଇ ପଡ଼ିଲେ ତାଙ୍କ ସାଇକେଲ ଉଠାଇ, ପୁଣି ମାଲ ଲଦି ଦେବାକୁ ଅନ୍ୟଜଣଙ୍କର ସାହଚର୍ଯ୍ୟ ଲୋଡ଼ା । ତୀଖ ଉଠାଣି ଚଢ଼ିବାକୁ କିମ୍ବା ଲମ୍ବା କାଦୁଆ ରାସ୍ତାରେ ଚିକିଟା ମାଟିରେ ସାଇକେଲ ଠେଲିବାକୁ ଆଉ ଜଣଙ୍କର ହାତ ଲାଗିବା ଦରକାର । ଏପରି ଏକ ଦୁର୍ଗମ ପଥ ଅତିକ୍ରମ କରିବା ପାଇଁ ଯାଦବ ତା'ର ସାଥୀମାନଙ୍କ ସାହାଯ୍ୟ ନେବା ମୁଁ ନିଜ ଆଖିରେ ଦେଖିଛି । ତା'ପରେ ଖଣ୍ଡେ ବାଟରେ ସାଇକେଲକୁ ଛିଡ଼ା କରେଇ, କୋଇଲା ବସ୍ତା ତଳେ ଦାଠି ଢିରା ଦେଇ ସେ ପୁଣି ଫେରିଆସିଲା ତା'ର ଅନ୍ୟ ସାଥୀମାନଙ୍କୁ ସାହାଯ୍ୟ ଦେବାକୁ । ଏଠି ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା କି ପ୍ରତିଯୋଗିତା ନଥାଏ, ପରସ୍ପରକୁ ଲୋଡ଼ିବା, କାନ୍ଧରେ କାନ୍ଧ ଯୋଡ଼ିବା ସେମାନଙ୍କର ଅଭ୍ୟାସ । ଶିଳ୍ପପତିର ସାମ୍ରାଜ୍ୟ ତିଆରି ହୁଏ ଶୋଷଣ, ଲୁଣ୍ଠନ ଓ ପ୍ରତିଦ୍ୱନ୍ଦ୍ୱିତାରେ; ଦାରିଦ୍ର୍ୟ ଶିଖାଏ ନମନୀୟତା, ବିଶ୍ୱାସବୋଧ, ସାହଚର୍ଯ୍ୟ ଓ ଧୈର୍ଯ୍ୟ । ତା'ର ବାସ୍ନା ବଡ଼ ସ୍ୱର୍ଗୀୟ, ପବିତ୍ର !

Digitized by srujanika@gmail.com

କୋଇଲାବାଲାମାନେ ବାଟରେ ଖାଇବା ପାଇଁ ଦୁଇବେଳାର ଖାଦ୍ୟ ନେଇଥାନ୍ତି –କିଛି ବଗଡ଼ା ଭାତ ଆଉ ତା' ଭିତରେ ଫୋପଡ଼ା ହୋଇଥାଏ କିଛି ବାସୀ ତରକାରୀ । ସେତକ କେବଳ ଆଳୁମୟ । ଜୀବନରେ ଡାଲି ଚାଖିବାର ସୌଭାଗ୍ୟ ଏମାନଙ୍କର ପ୍ରାୟ ଆସେନାହିଁ । ଏଇ ଟେକା ଭାତ ସରିଗଲା ପରେ ତିନିଦିନର ଯାତ୍ରା ଭିତରେ ସେମାନେ ଆବଶ୍ୟକ କରନ୍ତି ଆଉ ପନ୍ଦର ଟଙ୍କା ପେଟ ଭରିବା ପାଇଁ । ତା'ପରେ ଲେଉଟାଣି ଯାତ୍ରା ।

ଗୋଡ୍ଡାର ସୀମାନ୍ତରେ ଖାଇବା ପାଇଁ ଅଟକି ଯାଇଥିବା ଦଳେ କୋଇଲାବାଲାଙ୍କ ସହିତ ଆଳାପ କରି ବୁଝିଲି ଏ ବୃତ୍ତି କୌଣସି ନିର୍ଦ୍ଦିଷ୍ଟ ଜାତି ବା ସଂପ୍ରଦାୟର ନୁହେଁ । ବ୍ରାହ୍ମଣ, ରାଜପୁତ୍ ଭଳି ଜାତିକୁ ବାଦ୍ ଦେଲେ ପ୍ରାୟ ସବୁ ଶ୍ରେଣୀର ପାଟକ ବର୍ଗ ଏ ବୃତ୍ତିରେ ସାମିଲ୍ । ମଣ୍ଟୁ ମନଝି ଜଣେ ହରିଜନ; ତା' ସହିତ ଏକାଠି ବାଟ ଚାଲୁଥିବା ପ୍ରହଲ୍ଲାଦ ଓ ଅରୁଣ ସାହା ହେଉଛନ୍ତି ବଣିଆ । ତା' ବାହାରେ ଅଛନ୍ତି ଯାଦବ, କୋଏରି, ସାନ୍ତାଳ ଏବଂ ଅନ୍ୟାନ୍ୟ ବହୁ ଜାତିର ମଣିଷ । ତେଲ ଲୁଣ ସଂସାରର ଅର୍ଥନୀତି ଭାଙ୍ଗି ଦେଇଛି ସାମାଜିକ ପ୍ରତିବନ୍ଧକ, ଜାତିପାତିର ବିଚାର ।

ସରକାରୀ ଉନ୍ନୟନ ପ୍ରକଳ୍ପମାନଙ୍କରେ ଅଧିକ ମଜୁରି ମିଳୁଥିଲା ବେଳେ କାହିଁକି ଏମିତି ହାଡ଼ଭଙ୍ଗା, ପେଶୀ–ଦୁହାଁ ଧନ୍ଦାରେ ଲାଗିଛନ୍ତି ? ସେମାନେ କ'ଣ ଜାଣନ୍ତି ନାହିଁ ଯେ ବିହାର ରାଜ୍ୟରେ ସର୍ବନିମ୍ନ ଦୈନିକ ମଜୁରି ହେଉଛି ୩୦ ଟଙ୍କା ୫୦ ପଇସା ? ଏହାପରେ ଏକ ଲହରିଆ ତାଚ୍ଛଲ୍ୟ ମିଶା ହସ ଶୁଭିଲା । "ସେସବୁ ରହିଛି ଠିକାଦାରଙ୍କ ପାଇଁ ।" –କହିଲା ମଣ୍ଟୁ ମନ୍‌ଝି । "ଆମକୁ ସରକାରୀ କାମରେ ମଜୁରି ଦବାକୁ ତାଙ୍କ ପାଖରେ ଟଙ୍କା କାହିଁ ? ଆମକୁ ଯଦି ଦିନକୁ ୨୦ ଟଙ୍କା ମଜୁରି ମିଳନ୍ତା, ଆମେ ଏ କାମ ଛାଡ଼ି ଅନ୍ୟ ଧନ୍ଦା କରନ୍ତୁ ।"

ସେମାନଙ୍କ ବୃତ୍ତିର ଅର୍ଥନୀତି ମଧ୍ୟ ଚମକପ୍ରଦ ଏବଂ ଯଦି ତାକୁ କେହି ଉପର ଠାଉରିଆ ବୁଝେ, ତେବେ ଭାବିବ ଏ ଲୋକଗୁଡ଼ାକ ଠକ । ପ୍ରଥମେ ମୁଁ ଯେତେବେଳେ କିଶାନ ଯାଦବଙ୍କୁ ଭେଟିଲି, ସେ ଗୋଡ୍ଡା ଟାଉନ୍‌ର ଜଣେ ଗୃହିଣୀଙ୍କ ଠାରୁ କୋଇଲା ବୋଝ ପାଇଁ ସଂଗ୍ରହ କରୁଥିଲା ୧୦୫ ଟଙ୍କା । ପ୍ରଥମେ ଲାଗିଲା ଏ ପରିମାଣ ତ କିଛି ମନ୍ଦ ନୁହେଁ । ୩୦ ଟଙ୍କାରେ କୋଇଲା କିଣି ୧୦୫ ଟଙ୍କାରେ ବିକିଲେ ତିନିଦିନରେ ମିଳୁଛି ୭୫ ଟଙ୍କା । କିନ୍ତୁ କିଛିଦିନ ସେମାନଙ୍କ ସହ ମିଶିଲା ପରେ ବୁଝିଲି ଅର୍ଥନୀତିର ଏ ଗୋଲକଧନ୍ଦା ବଡ଼ ବିଷମ । ପ୍ରଥମେ କୋଇଲା କିଣିଲା ପରେ ୫ ଟଙ୍କାର ବଟି (ରଙ୍ଗଦାରୀ) ନେବ ସ୍ଥାନୀୟ ଦାଦା । ଏହାପରେ ପୁଲିସବାଲା ନେବ ୧୦ ଟଙ୍କାର ହପ୍ତା । ଏ ହପ୍ତା ହେଉଛି ପ୍ରତି ଯାତ୍ରା ପିଛା ନିୟମିତ ବଟି–ଲାଲମାଟିଆରୁ ଗୋଡ୍ଡା ଭିତରେ ପଡ଼ିବ ପାଞ୍ଚଟି ପୁଲିସ୍ ଫାଣ୍ଡି । ସାଇକେଲ ପିଛା ସେମାନେ ନିଅନ୍ତି ଦୁଇଟଙ୍କା । ତିନିଦିନର ଘୂରା ଫେରା ଭିତରେ ୧୫ ଟଙ୍କା ଆଧାର ପାଇଁ; ତା' ଉପରକୁ ଅଛି ପାନ, ବିଡ଼ି, ଚା' ।

Digitized by srujanika@gmail.com

"ପୁଣି ଫେରିଲା ବେଳକୁ ଖର୍ଚ୍ଚ ଅଛି ସାଇକେଲ ମରାମତିରେ–ସେତକ ଦଶରୁ ପନ୍ଦର ଟଙ୍କା।" –କହନ୍ତି ଅରୁଣ ସାହା। "ସାଇକେଲ ଉପରେ ଏମିତି ବୋଝ ଲଦି ଉଠାଣି ଚଢ଼ିଲେ ବହୁତ ବଲ୍-ବିଅରିଂ କଟିଯାଏ। ପ୍ରତି ତିନିମାସରେ ଟ୍ୟୁବ୍ ଏବଂ ମଝିରେ ମଝିରେ ଟାୟାର୍ ବଦଳାଇବାକୁ ପଡ଼େ। ନଇଲେ ଟ୍ରଲିକାମ କରୁଥିବା ଏ ଯାନଟି ଅଚଳ ହୋଇଯିବ।" ସୁତରାଂ ଲାଭ ୭୫ରୁ ଖର୍ଚ୍ଚ ଚାଲିଯାଏ ୪୫ ଟଙ୍କା; ହାତକୁ ଆସେ ୩୦ ଟଙ୍କା। ପାଟଣା ସହର ହୋଇଥିଲେ ଏତକ କୋଇଲାରୁ ମିଳିଥାନ୍ତା ଅନ୍ୟୁନ ୩୦୦ ଟଙ୍କା। ସପ୍ତାହକୁ ଏମିତି ଦୁଇଘେରା କାରବାରରେ ମିଳୁଥିବା ଷାଠିଏ କି ସତୁରୀ ଟଙ୍କା ଘର ଖର୍ଚ୍ଚ ପାଇଁ ରହେ। ଦୈନିକ ୮ରୁ ୧୦ ଟଙ୍କା। ଏହି ତିଳ-ତଣ୍ଡୁଳିତ ଉପାର୍ଜନ ପାଇଁ ଯେପରି ହାଡ଼ଭଙ୍ଗା ଖଟଣି, ଦେଖିଲେ ଦେହ ଶୀତେଇ ଉଠିବ। ଶୁଣିଲେ ଆଖି ଖୋସି ହୋଇଯାଏ।

"ଏ କୋଇଲାବାଲାମାନେ ଯକ୍ଷ୍ମା, ଭୟଙ୍କର ଛାତି ଯନ୍ତ୍ରଣା, ଦେହମୁଣ୍ଡ ଘୋଳାବିନ୍ଧା, ଶ୍ୱାସ ଜନିତ ବ୍ୟାଧିର ସହଜ ଶିକାର ବନନ୍ତି।" – କହନ୍ତି ଗୋଡ୍ଡାର ଡାକ୍ତର ପି.କେ. ଦରଧିୟାର। ସେ ଏମାନଙ୍କ ମଧ୍ୟରୁ କେତେକଙ୍କୁ ଚିକିତ୍ସା ବି କରିଛନ୍ତି। ଏମିତି ବେମାର ପଡ଼ି ପ୍ରହଲ୍ଲାଦ ସାହା ମାସେ କାମକୁ ଯାଇପାରିଲା ନାହିଁ। ପ୍ରଚଣ୍ଡ ଶାରୀରିକ ଶ୍ରମ ଯୋଗୁଁ କୋଇଲାବାଲା ମାନେ ମଧେ ମଧେ ଏମିତି ଲମ୍ବା ବେମାରରେ ଶଯ୍ୟାଶାୟୀ ହୋଇ ରହନ୍ତି। ସେତେବେଳେ ସେମାନଙ୍କ ଦାରିଦ୍ର୍ୟ କହିଲେ ନସରେ। ବେଳେବେଳେ ପୁଲିସ୍ ଅତ୍ୟାଚାର ରହିଛି। ପ୍ରହଲ୍ଲାଦର ସାଇକେଲଟିକୁ ପୁଲିସ୍ ଏମିତି ଚୋରା କହି ଛଡ଼ାଇ ନେଇଗଲା। ଦରିଦ୍ର ପାଇଁ ସବୁଆଡୁ ଚଡ଼କ, ମଡ଼କ ମାଡ଼ିଆସେ।

ଜିଲ୍ଲା ପ୍ରଶାସକମାନେ ଚିନ୍ତା କରୁଛନ୍ତି ଟ୍ରକ୍‌ରେ କୋଇଲା ଆଣି ଗୋଡ୍ଡାରେ ଯୋଗାଇ ଦେବେ। ସେମାନେ କହନ୍ତି ସାଇକେଲବାଲା ମାନେ ନିଜ ସହରର ସୀମା ମଧ୍ୟରେ ବେପାର କରନ୍ତୁ। କୋଇଲାବାଲାଙ୍କ ଆଶଙ୍କା ଯେ, ସେମାନଙ୍କ ଆତ୍ମ ନିଯୁକ୍ତିର ଅନୁପମ ପନ୍ଥାଟିକୁ ଅବରୋଧ କରାଯିବାର ଏହା ଏକ ଚକ୍ରାନ୍ତ। ଏହା ସେମାନଙ୍କ ଜୀଇଁବାର ଏକ କୌଶଳ ଏବଂ ଏଇଥିରେ ସେମାନେ କଷ୍ଟେ ମଷ୍ଟେ ଚଳିଯାନ୍ତି। ନିଆଁଝରା ଖରା, ଧାରା ଶ୍ରାବଣ କି ଦାନ୍ତ ପାଟି ପଡ଼ିଗଲା ପରି ଶୀତ ପ୍ରବାହକୁ ସ୍ୱାହା କରି, ମାଂସକୁ ତରଳାଇ ସେମାନେ ଖଟନ୍ତି। ନିଜ ଘର ବାହାରେ ଶୀତ କାକରରେ ଜୀବନ ବିତେ। ଏପରିକି ସେଥିପାଇଁ ସାଇକେଲ ଖଣ୍ଡକର ହୋଇଥାଏ ପୁନର୍ଜନ୍ମ। ଚକା ଗଡୁଥାଏ–ଜୀବନ ଚକ ଗଡୁଥାଏ ଜୀବିକା ପାଇଁ। ଭୋକ, ବ୍ୟାଧି, କଷଣ ଓ ଆଶଙ୍କା ଭିତରେ ଜୀବନ, ଯୌବନ ଝରିଯାଏ। ଢିଲା ସାଇକେଲ ସହ ଦେହ, ପ୍ରାଣ ଓ ଆତ୍ମା ଘୁଷୁରୁଥାଏ।

❖ ❖ ❖

Digitized by srujanika@gmail.com

କେରାଏ ପତ୍ର ଯେଉଁଠି କରାୟତ୍ତ କରେ ସବୁ ନୀତି

କଣ୍ଡାରୋଳି, ସୁର୍‌ଗୁଜା (ମଧ୍ୟପ୍ରଦେଶ) : ଉଦ୍ଭିଦ ବିଜ୍ଞାନୀ ଏ ଗଛର ନାମକରଣ କରନ୍ତି – ଡାୟୋପାଇରସ୍ ମେଲାନୋକ୍ସିଲନ୍ । ଉତ୍ପାଦକଙ୍କ ଭାଷାରେ ଏହାର ନାମ ବିଡ଼ି । ବେପାରୀଙ୍କ ଭାଷାରେ ଏହା ମୁନାଫା । ନେତାଙ୍କ ଭାଷାକୋଷରେ ଏହାର ନାମ କ୍ଷମତା । ଗରିବଙ୍କ ଭାଷାରେ ଏହା ବଞ୍ଚିବାର ସାଧନ ।

ଅନ୍ୟ ସମସ୍ତେ ଏହାକୁ କେନ୍ଦୁପତ୍ର ଭାବେ ଜାଣନ୍ତି ଏବଂ ଇଏ ଏପରି ଏକ ପତ୍ର ଯିଏ ମଧ୍ୟପ୍ରଦେଶରେ ବଦଳାଇ ଦିଏ ସରକାର । ଓଡ଼ିଶାରେ ବି ଏହା ଉନ୍ନୟନ ଓ ଅର୍ଥ ବିନିଯୋଗ ଗନ୍ତାଘରର କମ୍ ଚମତ୍କାରୀ ଚାବିକାଠି ନୁହେଁ ! ତେବେ ମଧ୍ୟପ୍ରଦେଶରେ ଏହା ବହୁବିଧ ଜୀବନଧାରାର ନିୟନ୍ତା ଓ ନିର୍ଯ୍ୟାସ ।

୧୯୯୩ର ବିଧାନସଭା ନିର୍ବାଚନ ଏ ରାଜ୍ୟରେ ଅନୁଷ୍ଠିତ ହେଲାବେଳେ ଅଯୋଧ୍ୟାର ବାବରି ମସ୍‌ଜିଦ୍ ଭଙ୍ଗା ଘଟଣା ଭଳି ଏତେ ଚମକ ପ୍ରବଣ ଭାବେ ଘଟଣାଟି ଆନ୍ଦୋଳିତ କଲାନାହିଁ । ତେବେ ଭାରତୀୟ ଜନତା ପାର୍ଟିର ଆଭ୍ୟନ୍ତରୀଣ ବ୍ୟାପାର ସହ ସଂଶ୍ଳିଷ୍ଟ କିଛି ନେତା ଅନୁଭବ କରନ୍ତି ଯେ କେନ୍ଦୁପତ୍ରର ସମବାୟ ଭିତ୍ତିକ ସଂଗ୍ରହ ପ୍ରତି ଅବହେଳା ଦେଖାଇ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସୁନ୍ଦରଲାଲ ପଟ୍‌ୱା ଦଳ ପାଇଁ ବେଶ୍ କ୍ଷତି ଘଟାଇଲେ ।

ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଗରିବଙ୍କ ମେରୁଦଣ୍ଡରେ ଶକ୍ତ ପାହାର ଚଢ଼େଇଲା ଏବଂ ମୁଷ୍ଟିମେୟ ଘରୋଇ ବ୍ୟବସାୟୀଙ୍କୁ ଫାଇଦା ଯୋଗାଇଲା । କୋଟି କୋଟି ଟଙ୍କାର ଫାଇଦା । ଏଥିରେ ଉପକୃତ ହୋଇଥିବା ବ୍ୟକ୍ତିମାନେ ଥିଲେ ବି.ଜେ.ପିର ରାଜ୍ୟସ୍ତରୀୟ ଉଚ୍ଚ ନେତୃବୃନ୍ଦ । ''ଏହି ପଦକ୍ଷେପ ପାଇଁ ଭୋଟ ବାକ୍ସ ମାଧ୍ୟମରେ ଦଳ ତା'ର ଯଥାର୍ଥ ଉତ୍ତର ପାଇଲା ।'' – ଉକ୍ଷତ ଓ ତିକ୍ତ କଣ୍ଠରେ କହନ୍ତି ମୁଖ୍ୟମନ୍ତ୍ରୀଙ୍କ ବିରୋଧୀ ଜଣେ ବି.ଜେ.ପି ଦଳୀୟ ନେତା । ''ସମବାୟ ପଦ୍ଧତିରେ କେନ୍ଦୁପତ୍ର ସଂଗ୍ରହକୁ ଉଚ୍ଛେଦ କରି କିଛି ଘରୋଇ ବେପାରୀଙ୍କ ସ୍ୱାର୍ଥକୁ ଚାହିଁ ସେମାନଙ୍କୁ ଏହାର ଏକଚାଟିଆ ସଂଗ୍ରହ ଭାର ଅର୍ପିଦେବା ଦ୍ୱାରା ଗରିବ ଲୋକ ହନ୍ତସନ୍ତ ହୋଇଗଲେ । ଗରିବଙ୍କ ପାଇଁ ଏହା ଜୀବନ ଓ ଜୀବିକା ।''

ଯଦିଓ ଏ ସଂଯୋଗ ଖୁବ୍ ବାସ୍ତବ ଓ ଶକ୍ତିଶାଳୀ, ଏସବୁ ସତ୍ତ୍ୱେ ଏ ଘଟଣାକୁ ସୁର୍‌ଗୁଜା ଜଙ୍ଗଲରୁ କେନ୍ଦୁପତ୍ର ତୋଳୁଥିବା ଗରିବ ଆଦିବାସୀ ମହିଳାଙ୍କ ସହିତ ତତ୍‌କ୍ଷଣାତ୍ ଯୋଡ଼ିବା ଏତେ ସହଜ ନୁହେଁ ।

Digitized by srujanika@gmail.com

କଣ୍ଡାରୋଳି ଗାଁର ପୁଥୁଲି କି ଯାଜଗିରିର ପ୍ୟାରୀ ଚଇତ୍ର ଶେଷର, ବୈଶାଖ ମାସର କାଳି ଅନ୍ଧାରରୁ (ଭୋର ସାଢ଼େ ଚାରିଟା) ଉଠି ପତ୍ର ତୋଳିବାକୁ ବାହାରି ପଡ଼ନ୍ତି । ସେଯାଏ ସେମାନଙ୍କ ଆଖିରୁ ନିଦ ତୁଟିନଥାଏ । ଜୀବିକାର ଜ୍ୱାଳାରେ ଖାଲି ପେଟରେ, ବାସୀ ମୁହଁରେ ପାଣି ଛାଟି ନିଦ ଟଳମଳ ହୋଇ ପଦକୁ ଓଟାରି ଚାଲନ୍ତି ଜଙ୍ଗଲ ମୁହାଁ । ପୂର୍ବାକାଶରେ ସିନ୍ଦୂରା ଫାଟି ଆସିଲାବେଳକୁ ଅଣ୍ଟିରେ ଭରି ଯାଇଥାଏ ପତ୍ର । ଅଣ୍ଟାକୁ ନୁଆଁଇ ପତ୍ର ଖୁଣ୍ଟି ଚାଲନ୍ତି ହଜାର ହଜାର ଆଦିବାସୀ ମହିଳା । ଅସହ୍ୟ ଦାରିଦ୍ର୍ୟରେ ପୀଡ଼ିତ ସେମାନେ । ସେ ବେଦନା ସେମାନଙ୍କ ମୁହଁରେ ଉକୁଟି ଉଠେ । ଫଗୁଣ ମାସରୁ କଟା କି ପୋଡ଼ା ହୋଇଥିବା କେନ୍ଦୁଗଛରେ କଅଁଳି ଥିବା ପତ୍ରକୁ ତୋଳିବାକୁ ହୁଏ ବିଡ଼ି ତିଆରି ପାଇଁ, କିନ୍ତୁ ହାଡ଼ଭଙ୍ଗା ଖଟଣି ଖଟି ଏମାନଙ୍କ ଜୀବନରେ କେବେ ସୁଖ କଅଁଳେ ନାହିଁ ।

ସେମାନଙ୍କ ଗାଁରୁ ଜଙ୍ଗଲର ଦୂରତ୍ୱ ଚାରି ମାଇଲ । ପାଦରେ ଚାଲି ଚାଲି ପହଞ୍ଚିବାକୁ ଲାଗେ ଘଣ୍ଟାଟିଏ । ସାଢ଼େ ପାଞ୍ଚ ବେଳକୁ ସାରା ଜଙ୍ଗଲ ଏକ ଅପୂର୍ବ, ଅପାଶୋରା ଦୃଶ୍ୟରେ ଭରିଯାଏ—ସାନ ସାନ ପିଲାଙ୍କ ଠାରୁ ମହିଳା ଓ ପୁରୁଷମାନେ ତରତର ହୋଇ ଚାଲୁଥାନ୍ତି । ଆଙ୍ଗୁଠିର କରତରେ ତୋଳି ନିଆଯାଏ ପତ୍ର—କ୍ଷିପ୍ର ଗତିରେ ଚାଲୁଥାଏ ହାତ ଓ ପାଦ । ଧାଡ଼ି ଧାଡ଼ି ମଣିଷ । ସତେ ଯେମିତି ଅରଣ୍ୟର ମହୁଫେଣାକୁ ବେଢ଼ି ଯାଇଛନ୍ତି ଚଞ୍ଚଳ ମହୁମାଛି ଦଳ ।

ଦେଢ଼ମାସ ମଧ୍ୟରେ ପତ୍ର ତୋଳା ଋତୁର ଅବସାନ ଘଟେ । ତା'ପରେ ଜଙ୍ଗଲର ଅଧିକ ଅଭ୍ୟନ୍ତରକୁ ଚାଲେ ଅଭିଯାନ । ଦୂର ଓ ଦୁର୍ଗମ ପଥ ଚାଲି ଚାଲି ପହିଲେ ପିଲାମାନେ ଥକି ପଡ଼ନ୍ତି । ମହିଳାଙ୍କ ଅଣ୍ଟି ଓ ମୁଣ୍ଡରେ ପତ୍ରଭାର କ୍ରମେ ଓଜନିଆ ହୋଇଉଠେ । ସେମାନଙ୍କୁ ପୁଣି ଘରକୁ ଫେରିବାକୁ ହେବ ବାସି ପାଇଟି ସାରିବାକୁ ଓ ରନ୍ଧାବଢ଼ାର ଅନେକ କାମ ପଡ଼ିଛି । କିନ୍ତୁ ସେମାନେ ସଅଳ ଫେରି ପାରନ୍ତି ନାହିଁ । କାରଣ ଏଇ କେଇଟା ଦିନର ଉପାର୍ଜନ ହିଁ ସେମାନଙ୍କୁ ଟଳେଇ ନେବ ଆଗକୁ ଖରାମାସରେ ଆସୁଥିବା ଟିରୋଟ ସମୟକୁ ପାର ହେବାଯାଏ ।

'ଏହା ହେଉଛି ବଞ୍ଚିବାର ଏକ ରାହା'—ଊର୍ଦ୍ଧ୍ୱଶ୍ୱାସ ହୋଇ କହେ ପୁଥୁଲି । ପ୍ରତି ବିଡ଼ାରେ ଥାଏ ପଚାଶଟି ପତ୍ର । ବିଡ଼ାଏ ପତ୍ର ପାଇଁ ମିଳେ ତିରିଶ ପଇସା । ଯଦି ଜଣେ ଦିନକୁ ଶହେ ବିଡ଼ା ପତ୍ର ସଂଗ୍ରହ କରିପାରିଲା, ତେବେ ମିଳିବ ୩୦ ଟଙ୍କା । ପତ୍ରତୋଳା ଋତୁର ପ୍ରାରମ୍ଭରେ ପୁଥୁଲି କଷ୍ଟେମଷ୍ଟେ ଦିନକୁ ଅଶିରୁ ଶହେବିଡ଼ା ସାଉଁଣ୍ଟି ପାରେ । ଶହେ ବିଡ଼ା ପାର ହେବା କ୍ୱଚିତ୍ କପାଳରେ ଯୁଟେ ।

Digitized by srujanika@gmail.com

କଥା କହୁଥାଏ ପୁଥୁଲି, ମାତ୍ର ହାତ ଚାଲୁଥାଏ, ପତ୍ର ଖୁଣ୍ଟୁଥାଏ, କେବେ ଅଟକି ଯାଉନଥାଏ । ସେମିତି ନଇଁପଡ଼ି ସେ ପତ୍ର ତୋଳୁଥାଏ ଓ ମୋ ସହ କଥା ହେଉଥାଏ । ଲକ୍ଷ ନିୟୁତ ପତ୍ର ତୋଳିବାରେ ଅଭ୍ୟସ୍ତ ସେ ଆଙ୍ଗୁଠି, ତରଙ୍ଗାୟିତ ଗତିର ଡାହାଣ ହାତରେ ଛିଣ୍ଡାଇ ବାମହାତକୁ ପଠାଇ ଦେଉଥାଏ । ସକାଳର ଶୀତୁଆ ପବନରେ ଚହଲୁଥାଏ ପତ୍ର ତୋଳାର ଟକ୍‌ଟାକ୍ ଶବ୍ଦ । ସେ ପତ୍ର ଗୋଛା ଚାଲିଯାଏପୁଣି କାଖତଳକୁ । ଏ ଭାର ବହକି ପଡ଼ିଲେ ଦୁଇ କାନ୍ଧରେ କାଠି ଅଗରେ ଝୁଲୁଥିବା ଝୁଡ଼ିକୁ ସେ ହୁଏ ସ୍ଥାନାନ୍ତରୀତ । ଉଦର ଜ୍ୱାଳାରେ ମଣିଷ ପାଲଟି ଯାଏ ଭାରବାହୀ ପଶୁ ।

ପ୍ୟାରୀ କହେ ସେ ଦୈନିକ ଛିଣ୍ଡାଏ ୭୦ରୁ ୮୦ ବିଡ଼ା ପତ୍ର । ଦ୍ରୁତ ଭାବେ ବଢ଼ି ଚାଲୁଥାଏ ତା'ର ପାପୁଲିରେ ଏବଂ ପରେ ପରେ ବାହା ସନ୍ଧିରେ ପତ୍ର । ପୁଥୁଲିର ସଂସାରରେ ଚାରିଜଣ ପିଲା, ସ୍ୱାମୀ ସ୍ତ୍ରୀ ମିଶି ଛଅ ଜଣ । ପିଲାଏ ତୋଳନ୍ତି ପତ୍ର— ଜଣକା ୨୦ ରୁ ୩୦ ବିଡ଼ା । ପିଲାଙ୍କ ସହ ମିଶି ପୁଥୁଲି ପ୍ରାୟ ୩୦୦ ବିଡ଼ା ପତ୍ର ତୋଳିପାରେ । ସେତକ ତୋଳା ଋତୁର ପ୍ରଥମାର୍ଦ୍ଧରେ । ସେପରି ବେଳାରେ ସେମାନଙ୍କର ଦୈନିକ ଆୟ ୯୦ ଟଙ୍କା ଛୁଏଁ । ପ୍ରଥମ ଦୁଇ ସପ୍ତାହ ପରେ ପତଳା ପଡ଼ିଯାଏ ତୋଳା । ପତ୍ର ଟାଆଁସା, ବୁଢ଼ା ହୋଇଯାଏ । ପଦା ଥାନରେ ଯାହା ମିଳୁଥିଲା ଏଣିକି ଜଙ୍ଗଲ ଅଭ୍ୟନ୍ତରକୁ ନଗଲେ ତାହା ମିଳେନାହିଁ ।

ବୈଶାଖ ହିଁ ପତ୍ର ତୋଳାର ସଘନ ଋତୁ—ଏଥିରେ କାହାରି ଦ୍ୱିମତ ନାହିଁ । ଭୂମିହୀନ, ନାମମାତ୍ର ଚାଷୀଙ୍କ ପରି ନିହାତି ଦରିଦ୍ର ମଣିଷଙ୍କ ପାଇଁ ଏଇ ହେଉଛି ସର୍ବୋଚ୍ଚ ଉପାର୍ଜନର ଚରମ ପ୍ରହର । ଗୋଟିଏ ପରିବାର ମାସକ ମଧ୍ୟରେ ଦୁଇ ହଜାର ଟଙ୍କା ଆୟ କରନ୍ତି—ସୁବ୍ରଗୁଜାର ମାପକାଠିରେ ଏ ବିତ୍ତ ପରିମାଣ ବିପୁଳ । ଏହା ବାହାରେ ସେମାନଙ୍କର ଅନ୍ୟ ଅମଳରୁ ଅଧିକ ଉପାର୍ଜନ ହୋଇପାରେ ।

ଦିନ ଏଗାରଟା ବେଳକୁ ପତ୍ର ତୋଳାରେ ଅବସାନ ଘଟେ । ତୋଳା ସରିଗଲେ ଯେ କାମ ସରିଗଲା କି ସାଙ୍ଗେ ସାଙ୍ଗେ ପଇସା ମିଳିବ ଏପରି ନୁହେଁ । ଏହା ପରେ ବଡ଼ କେନ୍ଦୁ ଗଛରୁ ପାକଳ ଫଳ ତୋଳିବାର ବେଳ । ଜଣେ ଯୁବକ ଗଛକୁ ଟେକା ଫିଙ୍ଗେ, ଝର ଝର ଖସିପଡ଼େ ପାଚିଲା କେନ୍ଦୁ । ତାକୁ ସାଉଁଣ୍ଟି ସମସ୍ତେ ଘରକୁ ଫେରନ୍ତି । ଘର ଖରକା, ଲିପାପୋଛା ସାରି ମହିଳାମାନେ ଯାଆନ୍ତି ଖଣ୍ଡେ ଦୂରରୁ ପିଇବା ପାଣି ଆଣିବାକୁ । ସେମିତି ଅଭୁକ୍ତ ଥାଇ ଅଣ୍ଟା ଓ ମୁଣ୍ଡରେ ପାଣି ଗରା ଧରି ଫେରିଲା ପରେ ରନ୍ଧାବଢ଼ା କାମ ଆରମ୍ଭ ହୁଏ । ତା'ପରେ ଚୁଲି ମୁଣ୍ଡରେ ବସି ଗୋଟି ଗୋଟି ପତ୍ର ଗଣି ବିଡ଼ା ବନ୍ଧାଯାଏ । ବାନ୍ଧିବା ପାଇଁ ସେମାନେ ଲଇ କାଟି ଆଣିଥାନ୍ତି ବଣରୁ ।

Digitized by srujanika@gmail.com

ଅବଶ୍ୟ ଘରର ସମସ୍ତେ ମିଳିମିଶି ବିଡ଼ା ବାନ୍ଧନ୍ତି, କିନ୍ତୁ ମାଆ ଓ ଝିଅଙ୍କର କାମ ବେଶି । ଘଣ୍ଟା ଘଣ୍ଟା ଧରି ଏ କାମ ଚାଲେ ।

ଛାଇ ଲେଉଟିଲେ ସେମାନେ ବାହାରନ୍ତି କେନ୍ଦୁପତ୍ର ବଜାର ଆଡ଼େ । ସେଠାରେ ଥିବା ଅଫିସରଙ୍କୁ କୁହାଯାଏ ଫଡ଼୍-ମୁନ୍‌ସୀ । ସେ ପ୍ରତ୍ୟେକ ବ୍ୟକ୍ତିଙ୍କର ପତ୍ରକୁ ଗଣି ହିସାବ କରନ୍ତି ଓ କିଏ କେତେ ପାଇବ ଆକଳନ କରନ୍ତି । ତମାମ ତୋଳା ଗନ୍ତୁରେ 'ଜଙ୍ଗଲ ବିଭାଗ' ପକ୍ଷରୁ କେହି ଜଣେ ଉପସ୍ଥିତ ରହି ଏ ପତ୍ରକୁ ଗୋଦାମରେ ରଖନ୍ତି ଓ ହିସାବପତ୍ରର ନଥି କାମ ଚାଲେ । ଏଥିପାଇଁ ଲମ୍ବା ଧାଡ଼ିରେ ଲୋକମାନେ ଛିଡ଼ା ହୋଇ ରହିଥାନ୍ତି । ଜଙ୍ଗଲର ବିଭିନ୍ନ ଦିଗରୁ ପତ୍ର ମୁଣ୍ଡେଇ ବଜାର ଆଡ଼େ ଚାଲିଥାନ୍ତି ଲୋକ । ଏ ଦୃଶ୍ୟ ବଡ଼ ଚିତ୍ତାକର୍ଷକ, ବାନ୍ଧି ରଖେ ଦୃଷ୍ଟି । ଭଳି ଭଳି ରଙ୍ଗ ଶାଢ଼ିରେ ମୁଣ୍ଡରେ ସାଗୁଆ ପତ୍ର ବୋଝ ବୋହି ଯେମିତି ଉଡ଼ି ବୁଲୁଛନ୍ତି ମାଳ ମାଳ ପ୍ରଜାପତି । ତେବେ ପ୍ରତି ଶହେ ବିଡ଼ାରୁ କୋଡ଼ିଏ ବିଡ଼ା ଚୋରେଇ ନିଏ ଫଡ଼୍-ମୁନ୍‌ସୀ । ଏଭଳି ନିମ୍ନସ୍ତରରେ ଚୋରି ବୃତ୍ତି ଦେଖି ଦେଖି ଗରିବ ଲୋକଙ୍କ ଦେହସୁହା ହୋଇଗଲାଣି । ସେମାନେ ପ୍ରତିବାଦ କରନ୍ତି ନାହିଁ । "ଆମର ଆଉ ଚାରା କ'ଣ ? ଏଠି ତ ମୁନ୍‌ସୀ ହଉଛି ମାଲିକ । ଆମେ କାହାପାଖେ ଆଉ ଫେରାଦ ହବୁ ?" –କହେ ପ୍ୟାରୀ ।

ଆଗରୁ ନାମମାତ୍ର ମୂଲ୍ୟରେ ଘରୋଇ ଠିକାଦାର ଏସବୁ ପତ୍ର ସାଉଁଣ୍ଟାଳିଙ୍କ ଠାରୁ ଖର୍ଦ୍ଦି କରିନେଉଥିଲା । ଏବେ ଯଦିଓ ପ୍ରଚଳିତ ପଦ୍ଧତିରେ ଶହେପଣ ସତ ନ୍ୟାୟ ନାହିଁ, ତେବେ ନିଆଁଗିଳା ବେପାରୀଙ୍କ ଠାରୁ ସେମାନଙ୍କୁ ଦୂରେଇ ରଖିଛି । ପୁରୁଣା ପଦ୍ଧତି ଚାଲିଲା ବେଳେ ଜଙ୍ଗଲ ଅଞ୍ଚଳ ଏତେମାତ୍ରାରେ ବାହାର ଲୋକଙ୍କ ଅକ୍ତିଆରରେ, ମାଲିକାନାରେ ରହିଗଲା ଯେ, ୧୯୬୪ରେ କେନ୍ଦୁପତ୍ରକୁ ରାଷ୍ଟ୍ରୀୟକରଣ କରିଦିଆଗଲା ।

ସେତେବେଳେ ବଡ଼ ବଡ଼ ଉପଖଣ୍ଡ ନିଲାମ ଦିଆଯାଉଥିଲା ଘରୋଇ ଲୋକଙ୍କୁ । ଫଳ ସ୍ୱରୂପ ଠିକାଦାରମାନେ ଲୁଟ୍ କରୁଥିଲେ ଜଙ୍ଗଲ । ଏ ପରିସରରେ ପ୍ରବଳ ଟଣାଓଟରା ଦେଖି ମଧ୍ୟପ୍ରଦେଶ ସରକାରର କିଛି ଲୋକ ଧରିନେଲେ ଯେ କେନ୍ଦୁପତ୍ରର ମୂଲ୍ୟ ହେଉଛି କ୍ଷମତାର ମୂଲ୍ୟ । ବେପାରୀଙ୍କ ଲାଭ ଯେତେ ବଢ଼ିଲା, ଗରିବ ଲୋକଙ୍କ ଦୁସ୍ଥିତି ଓ ଦହନ ସେତେ ତେଜିଲା ।

୧୯୮୮-୮୯ରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହ ଏହି ଶୋଷଣର ଚକ୍ରବ୍ୟୁହ୍ୟକୁ ଭାଙ୍ଗିବାକୁ ଚେଷ୍ଟା କଲେ । ସମୁଦାୟ ବ୍ୟବସ୍ଥାକୁ ସମବାୟ ଭିତ୍ତିକ

Digitized by srujanika@gmail.com

କରିଦିଆଗଲା । ସୃଷ୍ଟି ହେଲା ତ୍ରି-ପର୍ଯ୍ୟାୟ ବ୍ୟବସ୍ଥା । ମୂଳରେ ରହିଲେ ଗ୍ରାମସ୍ତରୀୟ ପ୍ରାଥମିକ ସମବାୟ ସମିତି । ସେମାନେ ପତ୍ର ସଂଗ୍ରହ ପରେ ଖରାରେ ଶୁଖାଇ ଓ ତା'ପରେ ବସ୍ତା ବାନ୍ଧିବା କାମ କଲେ ।

ଦ୍ୱିତୀୟ ପର୍ଯ୍ୟାୟରେ ରହିଲା ସମବାୟ ୟୁନିୟନ । ଏମାନେ ପରିବହନ ଓ ଗୋଦାମରେ ସଂରକ୍ଷଣ କାର୍ଯ୍ୟର ଦେଖାରଖା କଲେ । ଏମାନେ ଜିଲ୍ଲାସ୍ତରୀୟ କେନ୍ଦ୍ରୀୟ ସଂଗଠନ । ଏହା ଉପରେ ରହିଲା ଶୀର୍ଷ ସମବାୟ ସଂସ୍ଥା—ମଧ୍ୟପ୍ରଦେଶ ଲଘୁ ବନଜାତ ଦ୍ରବ୍ୟ ସମବାୟ ମହାସଂଘ ବା ଫେଡେରେସନ୍ । ଏ ମହାସଂଘ ବର୍ଷକୁ ପ୍ରାୟ ୫୦ ଲକ୍ଷ ବସ୍ତା କେନ୍ଦୁପତ୍ରର ବିକ୍ରୟ ଓ ବିପଣନର ଦାୟିତ୍ୱ ବହନ କରେ ।

ପ୍ରାଥମିକ ସମବାୟ ସମିତିଗୁଡ଼ିକର କେନ୍ଦୁପତ୍ର କ୍ରୟ କରିବା ପାଇଁ ପୁଞ୍ଜି ଯୋଗାଡ଼ କରାଏ ମହାସଂଘ—ଏଥିପାଇଁ ବାର୍ଷିକ ଆବଶ୍ୟକ ପଡ଼େ ପ୍ରାୟ ୧୫୦ କୋଟି ଟଙ୍କା । ବିଡ଼ି ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ କେନ୍ଦୁପତ୍ର ନିଲାମ କରାଇବାର ଦାୟିତ୍ୱ ମଧ୍ୟ ନେଇଥାଏ ଶୀର୍ଷ ସଂଗଠନ ।

ଦେଶର ସାମଗ୍ରିକ କେନ୍ଦୁପତ୍ର ଚାହିଦାର ପ୍ରାୟ ଅର୍ଦ୍ଧେକ ଯୋଗାଏ ମଧ୍ୟପ୍ରଦେଶ । ଏହାର ମୂଲ୍ୟ ପ୍ରାୟ ୩୨୫ କୋଟି ଟଙ୍କା । ଏଥିରୁ ସର୍ବାଧିକ କଞ୍ଚାମାଲ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କୁ ପ୍ରେରିତ ହୋଇଥାଏ ।

ସୁନ୍ଦରଲାଲ ପଟଓ୍ୱାଙ୍କ ଶାସନକାଳରେ ଏହି ସମବାୟ ବ୍ୟବସ୍ଥାକୁ ଅବଜ୍ଞା କରି ବେପାରୀ ଓ ଠିକାଦାରଙ୍କ ସପକ୍ଷରେ କେନ୍ଦୁପତ୍ର ନିଲାମ ଦିଆଗଲା । ଗରିବ ଲୋକଙ୍କୁ ଏ ବ୍ୟବସ୍ଥା ବଡ଼ ବାଧିଲା ଏବଂ ମଧ୍ୟପ୍ରଦେଶ ସରକାରୀ ତହବିଲ ହରାଇଲା ପର୍ଯ୍ୟାପ୍ତ ରାଜସ୍ୱ । ଅଡ଼ିଟରମାନଙ୍କ ଆକଳନରେ ଏ କ୍ଷତି ହେଉଛି ୫୫ କୋଟି ଟଙ୍କା, ଅନ୍ୟମାନେ ଏ ପରିସଂଖ୍ୟାନକୁ ୨୦୦ କୋଟି ଯାଏ ଟେକି ଥାଆନ୍ତି । ୧୯୯୩ର ଶେଷ ଭାଗରେ ଅନୁଷ୍ଠିତ ନିର୍ବାଚନରେ ଏଥିପାଇଁ ବି.ଜେ.ପି ସରକାରକୁ ବଡ଼ ମହଙ୍ଗା ମୂଲ୍ୟ ଦେବାକୁ ପଡ଼ିଲା । ନିର୍ବାଚନରେ ସେ ମାଙ୍କଡ଼ଚିତ୍ ମାରିଲା । ନୂଆ କଂଗ୍ରେସ ସରକାର କ୍ଷମତାକୁ ଆସିବା ପରେ ପ୍ରଥମ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନେଲେ—ଏହି କ୍ଷୟକ୍ଷତିର ଭରଣା । ଏହି "କେନ୍ଦୁପତ୍ର ଦୁର୍ନୀତି" ସେବେଠାରୁ ବି.ଜେ.ପି ବିରୁଦ୍ଧରେ କଂଗ୍ରେସର ସବୁଠାରୁ ବଡ଼ ଅସ୍ତ୍ର ହୋଇ ରହିଛି ।

ସୁରଗୁଜା ଛାଡ଼ିଲା ବେଳକୁ ଦେଖିଲି କେନ୍ଦୁପତ୍ର ପାଇଁ ତୋଳାଳୀଙ୍କୁ ପ୍ରାପ୍ୟ ପ୍ରଦାନ ଦିଗରେ ବିଳମ୍ବ ହେଉଥିବାରୁ ଛୋଟ ଛୋଟ ପ୍ରତିବାଦ ଓ ବିକ୍ଷୋଭ କ୍ରମେ

Digitized by srujanika@gmail.com

ମୁଣ୍ଡ ଟେକୁଛି । ଅବଶ୍ୟ ଅଳ୍ପ କେତୋଟି ଜିଲ୍ଲାରେ ବିଧିବଦ୍ଧ ଭାବେ ତୋଳାଳୀଙ୍କୁ ସେମାନଙ୍କ ଉଚିତ ପାଉଣା ଦିଆଯାଇଥିବାରୁ ଅବସ୍ଥା ଅପେକ୍ଷାକୃତ ଭାବେ ଶାନ୍ତ ରହିଛି । ତଥାପି ଯେଉଁ ସ୍ଥାନରେ ଅସନ୍ତୋଷ ମୁଣ୍ଡ ଟେକୁଛି ସେସବୁକୁ ହାଲୁକା ଭାବେ ଗ୍ରହଣ କରିବା ହେବ କଂଗ୍ରେସ ସରକାରଙ୍କ ପାଇଁ ନିର୍ବୋଧତା ।

ସାଧାରଣତଃ ବିଡ଼ି ହିଁ ଧୂଆଁରେ ଶେଷ ହୋଇଯାଏ । ମାତ୍ର ଯେଉଁଠି ବିଡ଼ିର ମୂଳ ଉପାଦାନ କେନ୍ଦୁପତ୍ର ରହିଛି, ସେଠାରେ ବେଳେବେଳେ ସରକାର ବି । ଦରିଦ୍ରର ଜଠରରେ କ୍ଷୁଧାର ଅଗ୍ନି ଜଳିଲେ, ଆଖିରୁ କ୍ରୋଧର ସ୍ଫୁଲିଙ୍ଗ ଝରିଲେ ଶାସକର ସିଂହାସନରେ ନିଆଁ ଚରିଯାଏ ଏବଂ ସେ ନିଆଁ ବିଡ଼ିର ଝୁଇଠାରୁ ବେଶ୍ ତୀବ୍ର, ପ୍ରଖର, ଜ୍ୱାଳାମୟ ।

❖ ❖ ❖

Digitized by srujanika@gmail.com

ବିର୍‌ହୋର : ଅକିଞ୍ଚନର ଅପସୃୟମାଣ ପୃଥିବୀ

ଆଖୁଆ ବିର୍‌ହୋର୍‌ର ବିଧବା ପତ୍ନୀ ନିରବ ନିଶ୍ଚଳ ଭାବେ ବସିଥିଲା ତା'ର କୁମ୍ଭା ସାମ୍ନାରେ । ତାଳପତ୍ରରେ ନିର୍ମିତ ଏଇ ନୁଆଁଣିଆ ଘରଟିର ନାମ ବିର୍‌ହୋର୍ ଭାଷାରେ—କୁମ୍ଭା । ବିଧବାଟିର ଉଦାସୀ ଚେହେରା, ଶୀର୍ଣ୍ଣ ଅବୟବ, ଦୃଷ୍ଟି ଲମ୍ବିଯାଇଛି ଦୂର ଦିଗନ୍ତକୁ—କ୍ରମେ ପାତଳ ଓ ଅପସୃୟମାନ ହୋଇ ଆସୁଥିବା ଜଙ୍ଗଲର ଦାଢ଼କୁ । ଜଙ୍ଗଲ ପରି ଏହି ଆଦିମ ଜନଜାତି ମଧ୍ୟ ବିଡ଼ମ୍ବିତ ଭାଗ୍ୟର ପ୍ରତୀକ୍ଷାରେ । ସମଗ୍ର ଦେଶରେ ସେମାନଙ୍କ ସଂଖ୍ୟା ୪ ହଜାରରୁ କମ୍ । ଭାଷା ଅପେକ୍ଷା ସଙ୍କେତ, ଶବ୍ଦ ଅପେକ୍ଷା କୁହାଟ ସେମାନଙ୍କର ଭାବ ବିନିମୟର ମାଧ୍ୟମ । ଏକ ଭ୍ରାମ୍ୟମାଣ ଯାଯାବରୀ ଉପଜାତି ।

ବିହାର ରାଜ୍ୟର ପାଲାମୁ ଜିଲ୍ଲାର ବାଲୁମଠ ବ୍ଲକ୍ । ତା' ଭିତରେ ଝାଉର ଗାଁରେ ତାଳପତ୍ର ନିର୍ମିତ ଦଶବାରଟି କୁଡ଼ିଆ । କଲୋନୀ ପରି ଧାଡ଼ି ଧାଡ଼ି ଘର—କୁମ୍ଭା । ଏ ଗାଁର ଯେଉଁ ଉଚ୍ଚବର୍ଗର ମଣିଷମାନେ ଡାଲଟନ୍‌ଗଞ୍ଜରେ ଥିବା ଇଟା କଂକ୍ରିଟ୍‌ର କଚେରୀ ଘର ଦେଖିଛନ୍ତି ସେମାନଙ୍କ ବର୍ଣ୍ଣମାଳାରେ ଏହି କୁମ୍ଭାଗୁଡ଼ିକ ହେଉଛି—'ଏୟାର କଣ୍ଡିସନ୍‌ଡ' । ପେଟକୁ ଦାନା ମିଳୁନଥିବା, ଜୀବନରେ କେବେ ଭୋଟ ଦେଇନଥିବା, ନିର୍ବାଚନ କ'ଣ ଜାଣିନଥିବା, ସ୍କୁଲ ମାଟି ମାଡ଼ିନଥିବା, ବିଜୁଳିବତୀ ଦେଖିନଥିବା, ଠେକୁଆ ଶିକାର କରି ଓ ବଣର କନ୍ଦା, କୋଳି ଖାଇ ଅଧାଦିନ ଅର୍ଦ୍ଧାହାରରେ ବଞ୍ଚୁଥିବା ମଣିଷର ଘର ଶୀତତାପ ନିୟନ୍ତ୍ରିତ ? ହଁ, କଥାଟିର ମର୍ମ ବୁଝିହେଲା ଯେତେବେଳେ ଛୋଟ ନାଗପୁରର ହାଡ଼ଥରା ଶୀତ ଲହରୀ ଏଇ କୁଡ଼ିଆମାନଙ୍କ ଦେଇ ପ୍ରବାହିତ ହେଉଥିଲା । ଝାଞ୍ଜି ଖରାରେ ଶୀତଳ ଲାଗେ ଆଉ ହେମାଳ-କାକରରେ ଉଷୁମ ଏ ଘରର ଅଭ୍ୟନ୍ତର । ସେ ବିର୍ (ଜଙ୍ଗଲ)ର ହୋ (ମଣିଷ)—ଯୁଗ ଯୁଗ ଧରି ସେ ତା'ର ଯାଯାବରୀ ଜୀବନରେ ବଣକୁ ଆଶ୍ରୟ କରି, ବଣର ତାଳପତ୍ରରେ ସରଳ ଏକ ଘର ତୋଳି, ଏକ ସହଜ ଜୀବନ ଜୀଇଁ ଆସିଛି । ତାଳକୁ ଲଇରେ ବାନ୍ଧି, ପତ୍ରକୁ ଛାଉଣୀ କରି । ବିଶେଷ ଭାବେ ଶିଆଳି ଲତାଶ୍ରୟୀ ଏମାନଙ୍କ ଜୀବନ । ଶିଆଳି ଲତାର କୋରଟରେ ସେର, ମାଣ, ଗଉଣୀ, ଟୋକେଇ ତିଆରି କରି ସେଥିରୁ ଉପଲବ୍ଧ ତିଳ ତଣ୍ଡୁଳିତ ଆୟରେ ଏମାନଙ୍କ ତେଲ ଲୁଣର ସଂସାର ଚଳେ । ହୋ, ସାନ୍ତାଳ, ମୁଣ୍ଡା ଉପଜାତିର ମଣିଷଙ୍କ ପରି ଏମାନଙ୍କ ଭାଷା,

Digitized by srujanika@gmail.com

ମାତ୍ର ଚିର ଭ୍ରାମ୍ୟମାଣ, ଗତିଶୀଳ ଏମାନଙ୍କ ଜୀବନ । ବନ୍ୟାଶ୍ରୟୀ ଜୀବନ—ବଣ ନାହିଁ ତ ବିର୍‌ହୋର୍ ନାହିଁ ।

ଏହି ଅପସୃୟମାଣ ଜନଜାତିର ଜନସଂଖ୍ୟା ଥିଲା ୧୯୭୧ ଜନଗଣନାରେ ୪ ହଜାର । ଏବେ ସେମାନଙ୍କ ସଂଖ୍ୟା ଦୁଇ ହଜାରରୁ ବି କମ୍ । ଏଥିମଧ୍ୟରୁ ୧୪୪ ଅଛନ୍ତି ଓଡ଼ିଶାରେ, ୬୭୦ ମଧ୍ୟପ୍ରଦେଶରେ ଏବଂ ଅବଶିଷ୍ଟ ମୁଖ୍ୟ ଅଂଶ ଅଛନ୍ତି ବିହାରରେ । ୧୯୭୧ ଜନଗଣନାରେ ବିହାର ରାଜ୍ୟରେ ଥିବା ୩,୪୬୪ ବିର୍‌ହୋର୍‌ଙ୍କ ସଂଖ୍ୟା ୧୯୮୭ରେ ଅନୁଷ୍ଠିତ ଏକ ଅନୁଧ୍ୟାନରେ ୧,୫୯୦କୁ ହ୍ରାସ ପାଇଆସିଥିଲା । ତଦ୍ରୁପ ଭାବେ ୧୯୭୧ ଜନଗଣନାରେ ମଧ୍ୟପ୍ରଦେଶରେ ଥିବା ୭୩୮ ବିର୍‌ହୋର୍ ୧୯୯୧ ଜନଗଣନାରେ ୬୭୦କୁ ଖସି ଆସିଥିଲା । ବିହାରରେ ଏମାନେ ମୁଖ୍ୟତଃ ଛୋଟନାଗପୁର ମାଳଭୂମିରେ ବିଚରଣ କରିଥାନ୍ତି—ସେଥିମଧ୍ୟରେ ପାଲାମୁ, ରାଞ୍ଚି, ଲୋହରଦଗା, ହଜାରୀବାଗ ଏବଂ ସିଂହଭୂମ ଜିଲ୍ଲା ପ୍ରଧାନ ।

ପାଞ୍ଚ ହଜାର ବର୍ଷରୁ ଅଧିକ କାଳର ଇତିହାସ ବହନକାରୀ ଏହି ଚାରଣଶୀଳ ଜନଜାତି ଯେପରି ଅପସୃୟମାଣ, ସେହିପରି ବୈଚିତ୍ର୍ୟମୟ ଜୀବନଧାରାର ମଧ୍ୟ ପ୍ରତିବିମ୍ବ । ଜଙ୍ଗଲ କମି ଆସିବା ସହିତ ଶିକାର ଓ ଶିଆଳି ଦଉଡ଼ି ବୁଣି ବଞ୍ଚୁଥିବା ଏକ ଆଦିମ ଜନଜାତିର ଜନସଂଖ୍ୟା ଦ୍ରୁତଗତିରେ କମି ଚାଲିଛି । ତଥାକଥିତ ବିକାଶଧାରା ସେମାନଙ୍କର ଆବଶ୍ୟକତାର କୌଣସି ଠିକଣା ରଖିନି କିମ୍ବା ବୈଚିତ୍ର୍ୟମୟ ଚରିତ୍ରକୁ ସହାୟତା ଯୋଗାଇ ଦେଇନାହିଁ । ଜଙ୍ଗଲମାନ ସଂରକ୍ଷିତ ଘୋଷିତ ହେବା ପରେ ସେମାନେ କାଠ, ଲଇ ପାଇଁ ଆଉ ଜଙ୍ଗଲକୁ ଯାଇପାରିଲେ ନାହିଁ । ଶିଆଳି ଲଟାରେ ସେମାନେ ଯେଉଁ ସାମଗ୍ରୀ ପ୍ରସ୍ତୁତ କରନ୍ତି, ସେଥିରୁ ସେମାନଙ୍କ ମଜୁରି ଉଠେନା । କିଛି ଅଞ୍ଚଳରେ ଜଙ୍ଗଲ ପଦା ହୋଇଗଲା ପରେ ସେମାନେ ବାଧ ହୋଇ ଅନ୍ୟ ଜଙ୍ଗଲକୁ ଚାଲିଯାଆନ୍ତି, ମାତ୍ର ଶିକାର ପାଇବା ସଦା ହୋଇପଡ଼େ ଦୁଃସାଧ୍ୟ ଓ ଦୁର୍ଲଭ । ପ୍ରାକୃତିକ ବିପର୍ଯ୍ୟୟ ବେଳେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼େ ।

ଉଦାସୀ ବିଧବାର ନିଶ୍ଚଳ ମୂର୍ତ୍ତି ଆଡ଼କୁ ଆଙ୍ଗୁଠି ଦେଖେଇ କହେ ସୁଖରା ବିର୍‌ହୋର୍ : "ତା' ଆଡ଼େ ଟିକେ ଚାହାନ୍ତୁ ତ ବାବୁ, ଗଲା ସନ ମରୁଡ଼ି ବେଳେ ଆମେ ସବୁ ତଳିତଳାନ୍ତ ହୋଇଗଲୁ । ଭୋକରେ ଆଉଟୁ ପାଉଟୁ ହେଇ ତା' ଗିରସ୍ତ ଆଖିଆ ମରିଗଲା । ଆମ ପାଖରେ ନା ଖାଇବା ପହଞ୍ଚିଲା ନା ନାଲି ପଟ୍ଟା !" ନାଲିକାଗଜ ବା ପଟ୍ଟା ହେଉଛି ରେଡ୍-କାର୍ଡ । ମରୁଡ଼ି ଓ ତଦ୍ରୁପ ଅକାଳ ପରିସ୍ଥିତିରେ ଜରୁରୀକାଳୀନ ରେସନ୍-କାର୍ଡର ଅନ୍ୟନାମ ରେଡ୍-କାର୍ଡ । ୧୯୯୨ର ଶେଷଭାଗ ଆଡ଼କୁ ପାଲାମୁର

Digitized by srujanika@gmail.com

ଜଣେ ଉଚ୍ଚପଦସ୍ଥ ପ୍ରଶାସକ ବିଜ୍ଞତା ପୂର୍ବକ ଏହି କାର୍ଡର ପ୍ରଚଳନ କରାଇଥିଲେ । ମରୁଡ଼ି ପରିସ୍ଥିତି ଭୟଙ୍କର ହୋଇଥିବା ସତ୍ତ୍ୱେ ବିଧିବଦ୍ଧ ଭାବେ ସରକାରୀ ମରୁଡ଼ି ନିର୍ଦ୍ଦେଶନାମାର ପ୍ରଚଳନ କରାଗଲା ନାହିଁ । କୌଣସି ଜଣେ ବି ବିର୍‌ହୋର୍ ରେଡ୍‌କାର୍ଡର ସୁବିଧା ପାଇନଥିଲେ ।

"କେହି ଆମ ଅବସ୍ଥା ଦେଖିବାକୁ ଆସିନଥିଲେ । ଝବରର ଜଣେ ଦୟାଳୁ ବାବୁ ଆମପାଇଁ ଦୁଇଟା କାର୍ଡ କରାଇ ଦେଇଥିଲେ ।" —କହିଲେ ସୁଖରା । ସଂଖ୍ୟାରେ ମୁଷ୍ଟିମେୟ, ନିରକ୍ଷର ଓ ଅତ୍ୟନ୍ତ ପଛୁଆବର୍ଗ ହେତୁ ବିର୍‌ହୋର୍‌ଙ୍କ ପ୍ରତି ଆମ ଏ ଚିର ନିରାସକ୍ତ, ସ୍ୱାର୍ଥସର୍ବସ୍ୱ ସମାଜର ଦୃଷ୍ଟି କେବେ ବି ପଡ଼େ ନାହିଁ । ଏ ସଂପ୍ରଦାୟ ବିଷୟରେ ଆମ ସମାଜର ଅଜ୍ଞତା ହିଁ ଘଟଣାକୁ ଅଧିକ କୁହୁଡ଼ି-ଘନ କରିଦେଇଥାଏ । ଏଥିପାଇଁ ବିର୍‌ହୋର୍‌ଙ୍କ ସଂପର୍କିତ ଜନଗଣନା ପରିସଂଖ୍ୟାନକୁ ମନଇଚ୍ଛା ଲେଖି ଦିଆଯାଏ । ବିହାରରେ ସେମାନଙ୍କ ନାମ ବିର୍‌ହୋର୍, ଓଡ଼ିଶାର ସୁନ୍ଦରଗଡ଼, ମୟୂରଭଞ୍ଜରେ ସେମାନଙ୍କୁ ଡକାଯାଏ ମାଙ୍କଡ଼ି, ସମ୍ବଲପୁରରେ ସେମାନଙ୍କ ନାମ ମାଙ୍କଡ଼ିଆ । ମାଙ୍କଡ଼ ଧରିବାରେ ସେମାନେ ଧୁରୀଣ ହେତୁ ସ୍ଥାନୀୟ ଭାବେ ଏତାଦୃଶ ସେମାନଙ୍କ ନାମକରଣ । ଫସଲ ଓ ପନିପରିବା ନଷ୍ଟ କରୁଥିବା ମାଙ୍କଡ଼ମାନଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକମାନେ ବିର୍‌ହୋର୍‌ଙ୍କୁ କାମରେ ଲଗାଇଥାନ୍ତି । ଜଙ୍ଗଲ କମିଯିବାରୁ ଏବେ ମାଙ୍କଡ଼ ଉପଦ୍ରବ ଗ୍ରାମାଞ୍ଚଳରେ ଆତଙ୍କଜନକ ଭାବେ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କୁ ଧରିବାକୁ ବିର୍‌ହୋର୍ ନାହାନ୍ତି । ମାଙ୍କଡ଼ଙ୍କ ବଂଶ ଯେଉଁ ଗତିରେ ବୃଦ୍ଧି ପାଉଛି, ବିର୍‌ହୋର୍‌ଙ୍କ ସଂଖ୍ୟା ତଦ୍ରୁପ ଗତିରେ ହ୍ରାସ ପାଉଛି, ଏ ଜନଜାତିର ଶିଶୁ ମୃତ୍ୟୁହାର ସମଗ୍ର ଦେଶରେ ସର୍ବାଧିକ ।

ଓଡ଼ିଶାରେ ୧୯୭୧ ଜନଗଣନାରେ ପ୍ରଶାସନର ଚିରାଚରିତ ଅଜ୍ଞତା ପାଇଁ ସେମାନଙ୍କୁ ତିନୋଟି ଜାତିରେ ପୃଥକ ପୃଥକ ଭାବେ ଗଣନା କରାଯାଇଥିଲା— ବିର୍‌ହୋର୍, ମାଙ୍କିଡ଼ି ଓ ମାଙ୍କିଡ଼ିଆ । ଅବଶ୍ୟ ୧୯୮୧ରେ ତାହା ସଂଶୋଧିତ ହୋଇ ଗୋଟିଏ ଉପଜାତି ରୂପେ ଏମାନଙ୍କୁ ଗଣାଗଲା । ଏହି ନୂତନ ଗଣନାରେ ଦେଖାଇ ଦିଆଗଲା ଯେ, ସେମାନଙ୍କ ସଂଖ୍ୟା ୪୪ ପ୍ରତିଶତ ବୃଦ୍ଧି ପାଇଛି । ଯଦିଓ ବାସ୍ତବତା ହେଉଛି ତାହା କ୍ରମାଗତ ହ୍ରାସ ପାଇଚାଲିଛି । ଏହି ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାର ବେଶ୍ ଉଲ୍ଲାସ ପ୍ରକାଶ କଲେ । ତଥ୍ୟ ଓ ପରିସଂଖ୍ୟାନକୁ କିପରି ମନଇଚ୍ଛା ତିଆରି କରାଯାଏ, ଏହା ତା'ର ଏକ ଦୃଷ୍ଟାନ୍ତ । ବିର୍‌ହୋର୍ ସଂପର୍କିତ କୌଣସି ପରିସଂଖ୍ୟାନକୁ ବିଶ୍ୱସ୍ତତାର ସହିତ ଗ୍ରହଣ କରିହେବନାହିଁ ।

Digitized by srujanika@gmail.com

ଏକ ଶିକାରି ସଂପ୍ରଦାୟ ରୂପେ ବିର୍‌ହୋର୍ ବୁଝେ ଜଙ୍ଗଲର ଅନ୍ତରଙ୍ଗ ଭାଷା ଏବଂ ଅତ୍ୟନ୍ତ ଆତ୍ମୀୟତାର ସହିତ ଜଙ୍ଗଲ ସହ ସେ ସୁସଂହତ ଜୀବନ ଜୀଏଁ । ସୁତରାଂ ସେ କେଭେ ଜଙ୍ଗଲକୁ ନଷ୍ଟ ହେବାକୁ ଦିଏନାହିଁ, ଅତି ସଚେତନ ଭାବେ ଯେତିକି ଆବଶ୍ୟକ, ସେତିକି ସେ ଜଙ୍ଗଲରୁ ସାଉଁଣ୍ଟେ । ଗୋଟିଏ ସ୍ଥାନରେ ବିର୍‌ହୋର୍ ଗୋଷ୍ଠୀ ଦଶଟି କୁଡ଼ିଆରୁ ଅଧିକ ତିଆରି କରି ରହନ୍ତି ନାହିଁ । ଗୋଟିଏ ଗୋଷ୍ଠୀର କଲୋନୀ ଠାରୁ ଆଉ ଏକ କଲୋନୀର ଦୂରତ୍ୱ ବେଶ୍ କିଛି ରହିଥାଏ ଏବଂ ଜଙ୍ଗଲ ସାରା ଖେଳେଇ ହୋଇ ସେମାନେ ରହନ୍ତି । ଯେପରିକି କାହାରି ପାଇଁ ଜଙ୍ଗଲରୁ ଜୀବିକାର ଉତ୍ସ ନିଅଣ୍ଟ ନପଡ଼େ । ଆଧୁନିକ ସହରୀ ସଭ୍ୟତାର ଚାପ ଓ ଚାହିଦାରେ ବିଧ୍ୱସ୍ତ ଜଙ୍ଗଲ ପାଇଁ ପରାଭବ ଭୋଗୁଛନ୍ତି ଯୁଗ ଯୁଗ ଧରି ଜଙ୍ଗଲ ସହିତ ସୁସଂହତ ଜୀବନ ବିତାଇ ଆସିଥିବା ଅରଣ୍ୟ-ପୁତ୍ର ।

ବିର୍‌ହୋର୍ ସଂପ୍ରଦାୟର କୌଣସି ଜଣେ ବି ପିଲା ସ୍କୁଲକୁ ଯାଏନାହିଁ । ଝିଅମାନଙ୍କ କ୍ଷେତ୍ରରେ ଏହା ଶୂନ୍ୟରେ ରହିଛି । କେବଳ ବିହାର ନୁହେଁ, ସର୍ବତ୍ର ଏହି ଦୃଶ୍ୟପଟ୍ଟ ସମାନ । ‘‘ଆମେ ପିଲାଙ୍କୁ ସ୍କୁଲକୁ ପଠାଇବାକୁ ଚାହୁଁଛୁ । ମାତ୍ର ଧନବଳ ନାହିଁ । ପେଟକୁ ଯେତେବେଳେ ଦାନା ମୁଠେ ମିଳୁନି, ଇସ୍କୁଲକୁ ପଠାଇବୁ କେମିତି ?’’ –ପଚାରେ ରାଜୁ ବିର୍‌ହୋର୍ । ତଦ୍ରୂପ ସ୍ୱରରେ ଉତ୍ତର ଦିଏ ରାମବିରିବ୍– ‘‘ଦାନା ନଥିଲା ବେଳେ ସ୍କୁଲ କଥା ଉଠୁଛି କେମିତି ? ପିଲେ ତ କନ୍ଦା ଖୋଳିବାକୁ, କୋଳି ତୋଳିବାକୁ ବଣକୁ ଯିବେ । ଆମ ଭାଗ୍ୟରେ ପାଠ କାହିଁ ବାବୁ ?’’ ବସ୍ତିର ସବୁ ମଣିଷଙ୍କ ମୁହଁରେ ପୁଷ୍ଟିହୀନତାର ସ୍ପଷ୍ଟ ଆଭାସ । ପିଲାଙ୍କ ଠାରେ ଏ ବିଲକ୍ଷଣ ଅଧିକ ଗହୀରିଆ । ଦେହର କପଡ଼ା ଜଣାଇ ଦେଉଥାଏ ଦାରିଦ୍ର୍ୟର ତାଡ଼ନା ।

ଯାହାକିଛି ବା ଥାଏ ସେତକ ପୋଛିନିଏ ମଦ୍ୟପାନ । ନିଶାସକ୍ତ ସିନା, ମାତ୍ର ଅପରାଧ କେବେ ଏମାନଙ୍କୁ ସ୍ପର୍ଶ କରିନଥାଏ । ‘‘ସେମାନେ ବଡ଼ ଅଦ୍ଭୁତ ମଣିଷ । ଯଦି ସେମାନେ ଶୁଣନ୍ତି ଯେ ମାଇଲିଏ ଦୂରରେ ଗୋଟାଏ ଡକାୟତି ଚାଲିଛି, ସେମାନେ ଏହାକୁ ନିଜ ଦେହକୁ ଟାଣି ନିଅନ୍ତି ଏବଂ ଠେଙ୍ଗା ବାଡ଼ି ଧରି ତୁରନ୍ତ ବାହାରି ପଡ଼ନ୍ତି । ବିର୍‌ହୋର୍‌ମାନେ କେବେ କୌଣସି ଅପରାଧରେ ସଂପୃକ୍ତ ଥିବା କଥା ମୁଁ ଶୁଣିନାହିଁ ।’’ –କହନ୍ତି ଝାଭର ପଞ୍ଚାୟତର ଜଣେ ସଭ୍ୟ । ବିର୍‌ହୋର୍‌ଙ୍କ ପ୍ରତି ଏହି ପଞ୍ଚାୟତର ଶ୍ରଦ୍ଧା ଓ ସହାନୁଭୂତି ଖୁବ୍ ଗଭୀର । ମାତ୍ର ପାଲାମୁ ଓ ହଜାରୀବାଗ ଜିଲ୍ଲାରେ ଏମାନେ ମୁଖ୍ୟତଃ ଉପେକ୍ଷିତ ଓ ଅଲୋଡ଼ା । ବିକାଶର କୌଣସି ଧାରା ଏମାନଙ୍କୁ ସ୍ପର୍ଶ କରିନାହିଁ ।

ବିର୍‌ହୋର୍‌ଙ୍କ କଲ୍ୟାଣ ଦିଗରେ ସରକାରୀ କାର୍ଯ୍ୟକ୍ରମ ପ୍ରାୟତଃ ନାହିଁ । ଯାହାକିଛି ବା ଯୋଜନା ଥାଏ ସେସବୁକୁ ପୋଛି, ଶୋଷି ନିଏ ପ୍ରଶାସନର ଚଳନ୍ତର

Digitized by srujanika@gmail.com

ଯାଏ ରହିଥିବା ଅସ୍ଥି ମଜ୍ଜାଗତ ଦୁର୍ନୀତି । ଗୃହ ନିର୍ମାଣ ଯୋଜନାକୁ ବିପର୍ଯ୍ୟୟ ବୋଲି କହିବାକୁ ହେବ, ଯେଉଁ ଆର୍କିଟେକ୍ଟ ଗୃହ ନିର୍ମାଣର ନକ୍ସା ପ୍ରସ୍ତୁତ କରିଛନ୍ତି ସେ କେବେ ଜୀବନରେ ବିର୍‌ହୋର୍‌ଙ୍କୁ ଦେଖିନାହାନ୍ତି । କିମ୍ବା ସେମାନଙ୍କ ଚରିତ୍ରର ବୈଶିଷ୍ଟ୍ୟକୁ ବୁଝି ନାହାନ୍ତି । ଏ ଜନଜାତି ଭୋଗୁଥିବା ମାରାତ୍ମକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ନିରୋଧ ଓ ଲାଘବ କରିବା ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ବାଟମାରଣା କରି ନିଅନ୍ତି ଚୁଟ୍‌କି ଅଫିସରଗଣ ଓ ଅନ୍ୟାନ୍ୟ ସର୍ବଗିଳାମାନେ ।

''ଏପରିକି ତୃତୀୟ ଫସଲର ଅମଳ ସେମାନଙ୍କ ପାଖରେ ପହଞ୍ଚି ପାରେ ନାହିଁ ।'' –ହସି ହସି କହନ୍ତି ଝାଭର ଗ୍ରାମର ଜଣେ ବାସିନ୍ଦା । ''ତୃତୀୟ ଫସଲ । ସେଇଟି କ'ଣ ?'' –ମୁଁ ଥଙ୍ଗମଙ୍ଗ ହୋଇ ପଚାରିଲି । କାରଣ ସେ ଯାଏ ମୁଁ ଜାଣିଥିଲି ରବି, ଖରିଫ ଦୁଇଟି ଫସଲର କଥା । ବୋଧହୁଏ ସେ ଭଦ୍ରବ୍ୟକ୍ତି ଆଶା କରୁଥିଲେ ମୁଁ ତାଙ୍କୁ ସେ କଥା ପଚାରେ । ଓଠରେ ହସକୁ ଜାରି ରଖି ସେ କହିଲେ– ''ଏ ଅଞ୍ଚଳର ତୃତୀୟ ଫସଲଟି ହେଉଛି ମରୁଡ଼ିଛତର ବା ରିଲିଫ୍ । ମରୁଡ଼ି ପାଇଁ ଆସୁଥିବା ଟଙ୍କା ପର୍ଯ୍ୟାପ୍ତ, ମାତ୍ର ସବୁ ଫସଲ କାଟି ନିଅନ୍ତି ବ୍ଲକ୍ ସ୍ତରରେ କର୍ମଚାରୀ ଓ ସେମାନଙ୍କ ଠିକାଦାର ସଙ୍ଗାତ, ମଇତ୍ର ମାନେ । ସେଥିରୁ ପୋଷେ, ଆଞ୍ଜୁଳାଏ ଲୋକଙ୍କ ପାଖରେ ପହଞ୍ଚେ । ସେଇ କାଣିଚାଏ ଅମଳରୁ କ୍ୱଚିତ ଭାଗ ପାଇବା ବିର୍‌ହୋର୍‌ଙ୍କ ଭାଗ୍ୟରେ ଜୁଟେ । ସେମାନେ ଜଙ୍ଗଲର କନ୍ଦା, କୋଳି, କେନ୍ଦୁ, ମହୁଲରୁ ବଞ୍ଚନ୍ତି । ଆମ୍ବ, ପଣସ ଋତୁରେ ସେଇ ଫଳରେ ଚଳନ୍ତି । ଅଧାଦିନ ଭୋକ ଉପାସରେ ସଢ଼ନ୍ତି ।''

ଇଏ ଥିଲା ୧୯୯୩ର ଘଟଣା । ସେ ସନଟି ପାଳିତ ହେଉଥିଲା 'ଆଦିମ ଜନଜାତିଙ୍କ ଆନ୍ତର୍ଜାତିକ ବର୍ଷ' ରୂପେ । ଏକଥା ଶୁଣି ରାମବିରିନ୍ ବିର୍‌ହୋର୍ ଆମୋଦିତ ହେଲା । ''ସତରେ କ'ଣ ଏ ବର୍ଷଟା ଆମପାଇଁ ହେଉଚି ?'' –ସେ ପଚାରିଲା । ତା'ପରେ କିଛି ସମୟ ଗୁମ୍‌ଖାଇ କ'ଣ ଚିନ୍ତା କରି କହିଲା– ''ସେସବୁ ମିଛ ବାବୁ, ତାହା ହୋଇଥିଲେ ଆମେ ଏମିତି ହିନସ୍ତା ଭିତରେ ପଡ଼ି ରହିଥାନ୍ତୁ ?'' ସେ ତା'ର ଧନୁଶର ଧରି ଶିକାରକୁ ବାହାରିଗଲା । ଗୋଟେ ଯୋଡ଼େ ଠେକୁଆ ଧରିଲେ କିଛିଦିନର ଅନାହାର ତୁଟିବ; ଅନ୍ତତଃ ଭୋକ ମେଣ୍ଟିବ । ଧନୁତୀର, ଫାର୍ଶା, ଛୁରୀ ଭଳି କିଛି ଶସ୍ତ୍ର ହେଉଛି ସେମାନଙ୍କର ପୁରୁଷାନୁକ୍ରମିକ ସଂପଦ । ସେଇ ସଂପଦ ଓ ଜୀବନଧାରାକୁ ଆଦରି ଏହି ଆଦିମ ଜନଜାତି ଯୁଗଯୁଗ ଧରି ଜୀଇଁ ଆସିଛି । ନଚେତ୍ ତଥାକଥିତ ସଭ୍ୟ ସମାଜର ଏତେସବୁ ବିଶ୍ୱ ଘୋଷଣାନାମା, ପ୍ରସ୍ତାବ, ସଂକଳ୍ପ, ସେମିନାର୍ ଲାଗେ ପବନରେ ମିଳେଇ ଯାଇଛି । ସେମାନଙ୍କ ନାମରେ ଯେତେ ସଭା ସମିତି, ଆଳାପ

Digitized by srujanika@gmail.com

ସଂକଳ୍ପ ପାଇଁ ବ୍ୟୟ ହେଉଛି, ସେତକ ସିଧା ମିଳିଥିଲେ ସେମାନଙ୍କ ଜୀବନଧାରାରେ ଆଖିଦୃଶିଆ ପରିବର୍ତ୍ତନ ଆସିଥାନ୍ତା । "ମୁଁ ଯାହା ଜାଣେ" –କହିଲେ ତୁବେ "କୌଣସି ବିର୍‌ହୋର୍‌ ଏଯାଏ ଏ ଅଞ୍ଚଳରେ ଭୋଟ ଦେଇନାହାନ୍ତି । ଭାରତୀୟ ସମାଜର ଶେଷ ପାହାଚର ତଳେ ଏମାନଙ୍କ ସ୍ଥିତି; ସଂଘର୍ଷମୟ ଏକ ଜୀବନ ।"

ଠେକୁଆ ଶିକାର, ଦଉଡ଼ି ବୁଣା, ମାଣ ଭୋଗେଇ ଗଢୁଥିବା ଓ ବଣର କନ୍ଦା, ଫଳରେ ବଞ୍ଚୁଥିବା ବିର୍‌ହୋର୍‌ମାନେ ଲାଗନ୍ତି କେଉଁ ପ୍ରାଚୀନ ଯୁଗରେ ରହିଛନ୍ତି; ପ୍ରାକ୍-ଐତିହାସିକ ସମୟର ମଣିଷ । ସେମାନଙ୍କର କିଛି ସଞ୍ଚୟ ନାହିଁ, ଏକ ସ୍ଥାୟୀ ଜୀବନ ନାହିଁ । ଲେଙ୍ଗୁଟି ଖଣ୍ଡେ ପିନ୍ଧି, ଧନୁତୀର ଫାର୍ସା ଧରି ସେ ଚାଲିଯିବ ଅକ୍ଲେଶରେ ଆଉ ଏକ ସ୍ଥାନରେ ପୁଣି ଜୀବନ ଜୀଇଁବା ପାଇଁ । ସେମାନଙ୍କ ଜୀବନଧାରା, ବଞ୍ଚିବାର ପ୍ରଣାଳୀ ଅତ୍ୟନ୍ତ ମର୍ଯ୍ୟାଦା ସଂପନ୍ନ । "ଆମେ କେବେ କାହାଠୁଁ କିଛି ଭିକ୍ଷା ମାଗୁନା ।" –ଅବଶେଷରେ ମୁହଁ ଖୋଲିଲା ଆଖୁଆର ଉଦାସୀ ବିଧବା ପତ୍ନୀ : "ହେଲେ ସେମାନେ କହନ୍ତି ମରୁଡ଼ି ପଡ଼ିଲା ବେଳେ ସରକାର କୁଆଡ଼େ ସମସ୍ତଙ୍କୁ ସାହାଯ୍ୟ ଦିଏ । ଆମର ଟଙ୍କା ନାହିଁ । ଘରେ ଦାନା ନାହିଁ । ଦିହରେ କନା ନାହିଁ । ଆମେ ଭୋକ ଉପାସରେ ବଞ୍ଚୁ । ଏମିତି ଭୋକରେ ଛଟପଟ ହୋଇ ଆଖୁଆ ଚାଲିଗଲା । ଏବେ ଜଙ୍ଗଲ ବି ସରିଆସିଲା । ଆମ ଭୋକକୁ ସେ ଜଙ୍ଗଲ ବୁଝୁଥିଲା । ଜଙ୍ଗଲ ଉଭେଇ ଗଲେ ତା' ସହ ବିର୍‌ହୋର୍‌ ଜାତି ଲିଭିଯିବ ।" ନିଷ୍କମ୍ପ କଣ୍ଠରେ ନିବିଡ଼ତାର ସହ ଏତିକି କହି ଆକାଶ ଆଡ଼େ ଚାହିଁଲା ବିଧବା-ପ୍ରୌଢ଼ା । ସତେ ଯେମିତି ସେ ବାଢ଼ିଦେଲା ଏକ ଜୀବନ-ଦର୍ଶନ । ତା' ମୁହଁରେ ହତାଶା ନଥିଲା; ଏକ ସଂଘର୍ଷମୟ ଜୀବନ ପାଇଁ ଥିଲା ପ୍ରସ୍ତୁତିର ପ୍ରତିଶ୍ରୁତି । ମନେ ହେଉଥିଲା, ବିର୍‌ହୋର୍‌ ନୁହେଁ; ଅନୁଦାର, ଭୋଗ ଉନ୍ମତ୍ତ ଏ ଆଧୁନିକ ସଭ୍ୟତା ଲିଭିଯିବାର ବେଳ ଆଖର ହୋଇଆସୁଛି ।

❖ ❖ ❖

Digitized by srujanika@gmail.com

ଝାମା ଇଟା ପରି ଡହକ ଜୀବନ

ଧୂଳି ଓ ଧୂଆଁର ଋଦ୍ଧଶ୍ୱାସ ପୃଥିବୀ । ତା'ରି ଭିତରେ ଊର୍ଦ୍ଧ୍ୱ-ଶ୍ୱାସ ହୋଇ, ସ୍ନାୟୁରୁ ସ୍ୱେଦର ଶ୍ରାବଣ ଝରାଇ, ମାଂସପେଶୀକୁପେଷି ପେଷି ବଞ୍ଚୁଛି ଦ୍ୱିପଦୀ ପଶୁନାମକ ମଣିଷ । ଶୂନ୍ୟ-ଗର୍ଭା ଆକାଶ, ଜଳି ଯାଇଥିବା ଫସଲ ଓ ଫଟାଭୂଇଁର ଆର୍ତ୍ତି ପରି ସେମାନଙ୍କ ଜୀବନ । ମରୁଡ଼ି-କ୍ଲିଷ୍ଟ ଜୀବନ । ଭିଟାମାଟି ଛାଡ଼ି ସେମାନେ ପ୍ରବାସରେ ଖଟୁଛନ୍ତି । ହାଡ଼ଭଙ୍ଗା ଖଟଣି । ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ମୂଲକରୁ ଏବେ ସୁଦୂର ଆନ୍ଧ୍ରର ବିଜୟନଗରମ୍ ଠାରେ ଇଟା ପକାଇ ଜୀବନ ଜୀଉଁଛନ୍ତି ଶହ ଶହ ମଣିଷ । ଇଏ ଯେପରି ଏକ ଚିରନ୍ତନ ପ୍ରକ୍ରିୟା । ପ୍ରତି ବର୍ଷେ ଦୁଇବର୍ଷରେ ଏମିତି ମରୁଡ଼ି ପଡ଼ିବ ଏବଂ ସେମାନେ ପିଲାଛୁଆ ଧରି ବାହାରି ଯିବେ ଦାନା ସଂଧାନରେ ବିଶାଖାପାଟଣା—କ୍ରମବର୍ଦ୍ଧମାନ ଏକ ବନ୍ଦର ଭିତ୍ତିକ ନଗ୍ର ।

ମାଳ ମାଳ ଇଟାଭାଟି । ଇଟାଗୁଣ୍ଡରେ ସମୁଦାୟ ଅଞ୍ଚଳ ଆଚ୍ଛନ୍ନ । ଇଟା ତିଆରି ଖାତ ଭିତରୁ ୨୦ କିଲୋଗ୍ରାମ୍ ଓଜନର ଇଟା ମୁଣ୍ଡରେ କି ବାହୁଙ୍ଗିରେ ଭାରବାନ୍ଧି ପାଦ ଟିପି ଟିପି ଉପରକୁ ଉଠୁଥିବେ କିଶୋର ବୟସରେ ପଦାର୍ପଣ କରିବାକୁ ଯାଉଥିବା ଶହ ଶହ ମଣିଷ । ଚାଲୁଥିବେ ଇଟାଭାଟି ଆଡ଼େ । ପଇଁଚାଳିଶ କିଲୋଗ୍ରାମ୍ ଓଜନର ଭାର କାନ୍ଧେଇ ବୁଢ଼ା ମଣିଷଟିଏ ଧଇଁସଇଁ ହୋଇ ଧପାଳି ଥିବ । କିଶୋରମାନେ ତାକୁ ଅତିକ୍ରମ କରି ଚାଲିଯାଉଥିବେ । ସମସ୍ତଙ୍କ ଦେହ ଉପରେ ଗେରୁ ରଙ୍ଗର ଏକ ଆସ୍ତରଣ । ଯେତେ ଝାଡ଼ିଝୁଡ଼ି ହେଲେ ବି ପର ମୁହୂର୍ତ୍ତରେ ପୁଣି ପରସ୍ତେ ବେଢ଼ି ଯାଉଥିବ । ଅଧିକାଂଶ ଶ୍ୱାସରୋଗୀ ପରି ଖୁଁ ଖୁଁ କାଶୁଥିବେ । ଅନ୍ୟମାନଙ୍କ ଠାରେ ଊର୍ଦ୍ଧ୍ୱଶ୍ୱାସ ହେବାଟା ଏତେ ଦୃଶ୍ୟମାନ ନହେଲେ ହେଁ ଭିତରେ ଭିତରେ ସମସ୍ତେ ଯନ୍ତ୍ରଣା ଭୋଗନ୍ତି ।

କେହି ଏଠାରେ ସ୍ଥାନୀୟ ତେଲୁଗୁ ଭାଷାରେ କଥାବାର୍ତ୍ତା ହୁଅନ୍ତି ନାହିଁ । ଏପରିକି ଇଟାଭାଟିର ତେଲୁଗୁ ସୁପରଭାଇଜର । ପ୍ରାୟ ସମସ୍ତ ଶ୍ରମିକ ଦେଶାନ୍ତରୀ ହୋଇ ଆସିଛନ୍ତି ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଅଞ୍ଚଳରୁ । ନିଜ ଭିଟାମାଟିରେ ଭୋକ ଦାଉରେ ମରିବା ଅପେକ୍ଷା ପ୍ରବାସରେ କ୍ରିତଦାସ ପରି ଇଟାଭାଟିରେ କାମ କରିବାକୁ ଉଚିତ ମନେ କରିଛନ୍ତି ।

ଝାଳ ସରସର ଦେହରୁ ସ୍ୱେଦବିନ୍ଦୁମାନଙ୍କୁ ଗାମୁଛାରେ ସାଉଁଣ୍ଟି ନେଇ ରଣା ନାହାକ ମୁହଁରେ ହସ ଉକୁଟାଇଲା । କିଛିଦିନ ପୂର୍ବରୁ ନୂଆପଡ଼ା ଜିଲ୍ଲାର ତାଙ୍କ ଗାଁ

Digitized by srujanika@gmail.com

ତରବୁଜକୁ ଯାଇଥିବା ଜାଣି ସେ ପୁଲକିତ ହୋଇ ପଚାରିଲା, "ବାବୁ, ଆମ ଗାଁରେ ସବୁ ଭଲ ତ ?" ରଣାର ହିନ୍ଦି ଉଚ୍ଚାରଣ ଥିଲା ଅତ୍ୟନ୍ତ ସ୍ପଷ୍ଟ ଓ ନିର୍ଭୁଲ । କଳାହାଣ୍ଡି ଅଞ୍ଚଳର ଅନେକ ଲୋକ ନିଜକୁ ଓଡ଼ିଶା ଅପେକ୍ଷା ଛତିଶଗଡ଼ର ବାସିନ୍ଦା ରୂପେ ବିଚାରିଥାନ୍ତି ।

ଇତିମଧ୍ୟରେ ବୁଢ଼ାଲୋକଟି ଇଟା ଭାର କାନ୍ଧେଇ ଭାଟି ଅଞ୍ଚଳରେ ପହଞ୍ଚି ସାରିଥିଲା । ସେ ବୋହୁଥିବା ପ୍ରତି ଇଟାର ଓଜନ ଅନ୍ୟୂନ ଅଢ଼େଇ କିଲୋଗ୍ରାମ୍ ଏବଂ ତା' ଭାରରେ ଥିଲା କୋଡ଼ିଏ ଖଣ୍ଡ ଇଟା । ଇଟା ତିଆରି ଖାତରୁ ଏହାକୁ ଶୁଖାଇବା ଖଳାର ଦୂରତ୍ୱ ୨୫ରୁ ୫୦ ମିଟର । ତାହା ନିର୍ଭର କରେ କେଉଁ ଦିଗରେ ଖଳା ଓ ଭାଟି ରହିଛି । ପାତି ହଂସ ପରି ନହକି ନହକି ଚାଣ୍ଡ୍ ଚାଣ୍ଡ୍ ପାଦ ପକାଇ ଆଗକୁ ଝୁଙ୍କି ତାକୁ ବୋହିବାକୁ ପଡ଼େ ୪୫ କି.ଗ୍ରା ଓଜନର ଭାର । ଇଟା ଖସି ନପଡ଼ିବା ପାଇଁ ଏବଂ ନିର୍ଦ୍ଧାରିତ ସଂଖ୍ୟକ ଭାର ପୂରଣ କରିବାକୁ ତାକୁ ଏମିତି ଧାଇଁବାକୁ ପଡ଼େ । କେତେବେଳେ ଏ କାମରେ ହାତ ଲଗାଇବାକୁ ତା'ର ପରିବାର ଲୋକ ଥାନ୍ତି । କେବେ ବା ଏକାକୀ । ଏତାଦୃଶ ଭାବେ ଦୁଇଟନ୍ ଇଟା ବୋହିବା ପରେ ତାକୁ ମଜୁରି ଆକାରରେ ମିଳେ ନଅ ଟଙ୍କା ।

"ସେମାନେ ସେତିକି କେବଳ ରୋଜଗାର କରନ୍ତି ନାହିଁ, ଇଟା ତିଆରିରୁ ଆହୁରି ବେଶି ମଜୁରି ପାଆନ୍ତି ।" —ଉପରେ ପଡ଼ି କହେ ସୁପରଭାଇଜର । ଏହାର ଅର୍ଥ ନାହାକର ପାଞ୍ଚଜଣିଆ ପରିବାର ଦିନକୁ ହଜାରେ ଇଟା ଗଢ଼ିଦେଲେ ପାଆନ୍ତି ୪୦ ଟଙ୍କା । "ବେଳେବେଳେ ସେମାନେ ଦିନକୁ ୫୦ ଟଙ୍କା ବି ପାଆନ୍ତି ।" —ସୁପରଭାଇଜର ବାହାଦୂରୀ ମାରି କହେ । ଖଳାରେ ଶୁଖାଇବା ବେଳେ ଯଦି କୌଣସି ଇଟା ଭାଙ୍ଗିଗଲା କି ନିମ୍ନମାନର ବା ନିକୃଷ୍ଟତର ହେଲା, ତାହାର ମୂଲ୍ୟ ସେମାନଙ୍କ ମଜୁରିରୁ କଟିଯାଏ । ସବୁଦିନ ଏହି ଇଟା ଗଢ଼ିବା ଓ ବୋହିବା କାମଟି ନଥାଏ । ଏ ଅଞ୍ଚଳର ଇଟାଗୁଡ଼ିକ ସାଧାରଣତଃ ନିକୃଷ୍ଟତର ବୋଲି ବିଶାଖାପାଟଣା ସହରର ସୌଧ-ନିର୍ମାଣକାରୀ ଠିକାଦାରମାନେ କହନ୍ତି ।

ଦିନସାରା ହାଡ଼ଭଙ୍ଗା ଖଟଣି ପରେ ଜଣେ ସନ୍ଧ୍ୟାକୁ ପାଏ ୮ରୁ ୧୨ ଟଙ୍କା ମଜୁରି । ପରିବାରର ଅଧିକ ସଂଖ୍ୟକ ଲୋକ କାମରେ ଲାଗିଥିଲେ ଏବଂ ଭଙ୍ଗା କଚ୍ଚା ପାଇଁ କାଣ୍ଡଛାଣ୍ଡ ନଥିଲେ ଜଣେ ଅଧିକ ଉପାର୍ଜନ କରିପାରେ । ବିଶାଖାପାଟଣାର ଠିକାଦାରମାନେ କହନ୍ତି ଏହି ଇଟାଭାଟି ମାଲିକମାନେ ଅଳ୍ପ କେଇ ଏକରର ଜାଗାରୁ ଲକ୍ଷ ଲକ୍ଷ ଟଙ୍କା ଆୟ କରନ୍ତି । ଶ୍ରମିକମାନଙ୍କ ଶୋଷଣର କାଳରାତି ଏଇଠି ସରେ ନାହିଁ ।

Digitized by srujanika@gmail.com

ପରଦେଶୀ ହୋଇଥିବାରୁ ଏବଂ ସ୍ଥାନୀୟ ତେଲୁଗୁ ଭାଷାରେ ଅଜ୍ଞତା ପାଇଁ ଚାଉଳ, ଲୁଣ ତେଲ କ୍ରୟ ପାଇଁ ଏମାନେ ନିର୍ଭର କରନ୍ତି ଠିକାଦାରଙ୍କ ଉପରେ । ଏହାରି ସୁଯୋଗ ନେଇ ଠିକାଦାର ଚିହ୍ନେଇ ଦିଏ ଦୋକାନୀଟିଏ, ଯାହା ସହିତ ସେମାନଙ୍କର ଥାଏ ଭିତିରି ସଂପର୍କ । ପାଞ୍ଚ ଫୁଟିଆ ନୁଆଁଣିଆ ଚାଳଘର ତଳେ ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରିବାକୁ ପଡୁଥିବା ଏହି ଶ୍ରମିକମାନେ ଭକ୍ଷିଥାନ୍ତି ସବୁଠାରୁ ନିମ୍ନମାନର ଅଖାଦ୍ୟ ଚାଉଳ । ପ୍ରଚୁର ପରିମାଣର କୁଣ୍ଡା ଓ ଗୋଡ଼ି ମିଶ୍ରିତ ଏହି ଚାଉଳର ଦାମ୍ କି.ଗ୍ରା. ପିଛା ୭ ଟଙ୍କା ବା ତଦୁର୍ଦ୍ଧ୍ୱ । ସରଳ, ନିରୀହ ଭାବେ କହେ ରଣା– ‘‘ସୁପରଭାଇଜର ବଡ଼ ଦୟାଳୁ, ସେ ମୋତେ ଚାଉଳ କିଣିବାକୁ ଦୋକାନ ଦେଖାଇଦେଲେ ।’’ ଇଟାଭାଟିର ଅର୍ଥନୀତି ବଡ଼ ଦୁରୂହ । ଅନ୍ୟର ଶ୍ରମ ଓ ଶୋଷଣ ଭିତ୍ତିରେ ଜଣେ ଅକ୍ଳେଶରେ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରେ । ‘ତଥାପି ଏଠି ତ କାମ ମିଳୁଛି ।’ –କହେ ଘାସିରାମ । ‘‘ନୂଆପଡ଼ା, ବଲାଙ୍ଗୀରରେ ଆମକୁ ମିଳୁଛି କ’ଣ ?’’

‘‘କଳାହାଣ୍ଡି-ବଲାଙ୍ଗୀର ଅଞ୍ଚଳର ଶ୍ରମ-ନିଯୁକ୍ତି ବ୍ୟବସ୍ଥାର ସଂପୂର୍ଣ୍ଣ ବିପର୍ଯ୍ୟୟ ହିଁ ଏପରି ଶୋଚନୀୟ ଅବସ୍ଥାର ସୂତ୍ରପାତ କରିଛି । ତା’ଛଡ଼ା ମିଶିଯାଇଛି କ୍ରମେ ହାତଛଡ଼ା ହେଉଥିବା ଜମି, ଶ୍ରମ ଓ ଉତ୍ପାଦନ । ଏହା ହିଁ ଆଜି ମଣିଷମାନଙ୍କୁ ଦେଶାନ୍ତରୀ କରାଇବାର ମୂଳ କାରଣ ପାଲଟିଛି ।’’ –କହନ୍ତି ‘ବିକଳ୍ପ’ ସ୍ୱେଚ୍ଛାସେବୀ ସଂଗଠନର ଡଃ ଏସ୍.କେ. ପଟ୍ଟନାୟକ । ‘ବିକଳ୍ପ’ ପକ୍ଷରୁ ନୂଆପଡ଼ା ଜିଲ୍ଲା ସୀମା ସ୍ପର୍ଶ କରୁଥିବା ବଲାଙ୍ଗୀରର ୪ଟି ବ୍ଲକ୍‌ର ୫୦ଟି ଗ୍ରାମରେ ଅନୁଧ୍ୟାନ କରାଯାଇଛି । ‘ପ୍ରତି ପାଞ୍ଚଜଣ ଦେଶନ୍ତରୀଙ୍କ ମଧ୍ୟରୁ ତ୍ରୁ ଜଣେ ହେଉଛି ଏହି ଗ୍ରାମମାନଙ୍କରୁ ଆନ୍ଧ୍ରର ଇଟାଭାଟିକୁ ଯାଇଥିବା ଶ୍ରମିକ । ଏଥିପାଇଁ ସେମାନଙ୍କୁ ବେଳେବେଳେ ୪୦୦ କି.ମି. ପଥ ଅତିକ୍ରମ କରିବାକୁ ପଡ଼ିଥାଏ ।’’ –ଡଃ ପଟ୍ଟନାୟକ ମତ ଦିଅନ୍ତି ।

‘‘କଳାହାଣ୍ଡି ଅଞ୍ଚଳରେ ଶ୍ରମ ନିଯୁକ୍ତି କ୍ଷେତ୍ରରେ ସରକାରୀ ବିକାଶ ଯୋଜନା କ’ଣ କରିଛି ଟିକେ ଦେଖନ୍ତୁ’’ –କହନ୍ତି ପଶ୍ଚିମ ଓଡ଼ିଶା କୃଷିଜୀବି ସଂଘର ଜଗଦୀଶ ପ୍ରଧାନ । ‘‘୧୯୫୪ ମସିହାରେ ଜଣେ ସାଧାରଣ ଶ୍ରମିକ ବର୍ଷକୁ ୨୬୮ ଦିନର କାମ ପାଉଥିଲା । ସରକାରୀ ହିସାବରେ ୨୭୨ ଦିନ ପାଇଁ କାମ ମିଳିବା ‘ସଂପୂର୍ଣ୍ଣ ନିଯୁକ୍ତି’ ରୂପେ ବିଚାର କରାଯାଏ । ଏବେ ଜଣେ ଶ୍ରମିକ ବର୍ଷକୁ ୧୨୮ ଦିନ ପାଇଁ କାମ ପାଉଛି–ଏହା ହେଉଛି ପୂର୍ବାପେକ୍ଷା ୫୦ ଶତାଂଶ ବା ଅର୍ଦ୍ଧାଧିକ ଦିନର ନିଯୁକ୍ତି ହ୍ରାସ ଏବଂ ତାହା ହିଁ ବ୍ୟାପକ ଦେଶାନ୍ତରୀର କାରଣ । ପାରମ୍ପରିକ ଜଳସେଚନ ବ୍ୟବସ୍ଥା ଧ୍ୱଂସ ପାଇବାରୁ ଶ୍ରମଶକ୍ତି ଉପରେ ତାହା ପର୍ଯ୍ୟାପ୍ତ ବିପର୍ଯ୍ୟୟକୁ ଆମନ୍ତ୍ରି ଆଣିଲା ।

Digitized by srujanika@gmail.com

ସର୍ବୋପରି କ୍ଷେତରୁ ଉତ୍ପାଦିତ ଶସ୍ୟ ପାଇଁ ଲୋକମାନେ ଯାଇତାଇ ମୂଲ୍ୟ ପାଇଥାନ୍ତି । ଜନସାଧାରଣଙ୍କ ସଂପୃକ୍ତି ଓ ସମ୍ମତି ନଥାଇ ଉଦ୍ଭଟ ବିକାଶମୂଳକ ଯୋଜନାମାନ କାର୍ଯ୍ୟକାରୀ ହୋଇଚାଲିଥାଏ ।''

ଆନ୍ଧ୍ରପ୍ରଦେଶର ଇଟାଭାଟି ଗୁଡ଼ିକ ଅଳ୍ପ କେଇ ସପ୍ତାହର ନିଯୁକ୍ତି ଦେଇଥାନ୍ତି । ମଧ୍ୟପ୍ରଦେଶର ରାୟପୁର ଅଞ୍ଚଳରେ ଅନେକେ ରିକ୍ସା ଟାଣି ପେଟ ପୋଷନ୍ତି । ''ରାୟପୁରରେ ଦିନେ ଦିନେ ଭଲ ବେଳାରେ ଆମ ହାତକୁ ୧୫ ଟଙ୍କା ବି ଆସିଯାଏ ।'' –ପୁଲକିତ ହେବା ଭଳି ସ୍ମୃତି ରୋମନ୍ଥନ କରେ ଘାସିରାମ । ସତେ ଯେମିତି ସେ ଶୁଭଦିନ ଆଉ ଆସିବ ନାହିଁ !

ଶୋଷଣ ଓ କଷଣର ଏ ଚକ୍ରବ୍ୟୂହଟି ଜଳଜଳ ଦିଶି ଯାଉଥିଲେ ହେଁ ଏହା ବିରୁଦ୍ଧରେ ପ୍ରତିକାର ଲୋଡ଼ିବାର ସାମର୍ଥ୍ୟ କି ଅଧିକାର କୌଣସି ଶ୍ରମିକର ନାହିଁ । ୧୯୭୯ରେ ପ୍ରଣିତ ଆନ୍ତଃରାଜ୍ୟ ପ୍ରବ୍ରାଜନ ଶ୍ରମିକ (ଦାଦନ ଶ୍ରମିକ) ଆଇନ୍‌ର ପରିସରଭୁକ୍ତ ଏମାନେ ହୋଇପାରନ୍ତି ନାହିଁ । କାରଣ ଏମାନେ ସ୍ୱଇଚ୍ଛାରେ ପ୍ରବ୍ରାଜକ ଶ୍ରମିକ ସାଜିଥାନ୍ତି । ଦେଶାନ୍ତରୀ ହୋଇଥାନ୍ତି । ''ନିଜ ଇଚ୍ଛାରେ ଅନ୍ୟ ରାଜ୍ୟକୁ ଯାଇଥିବା ଏବଂ କୌଣସି ଶ୍ରମିକ ଠିକାଦାରର ମାଧ୍ୟମ ଲୋଡୁନଥିଲେ ସେଭଳି ବ୍ୟକ୍ତି ଦାଦନ ଶ୍ରମିକ ପଦଭୁକ୍ତ ହୁଏନାହିଁ ।'' –କହନ୍ତି ଓଡ଼ିଶାର ମୁଖ୍ୟ ଶ୍ରମ କମିଶନର ବିନୟ ଭୂଷଣ ମିଶ୍ର । ନିୟମାବଳୀରେ ପରିବର୍ତ୍ତନ ପାଇଁ ସେ ପ୍ରାଣାନ୍ତକ ପ୍ରଚେଷ୍ଟା ଚଳାଇଛନ୍ତି । ମିଶ୍ରଙ୍କ କହିବା ଅନୁଯାୟୀ– ''ପ୍ରବାସୀ ପ୍ରଦେଶର ଶ୍ରମ ବିଭାଗ ଏମାନଙ୍କ ପାଇଁ କୌଣସି ଦାୟିତ୍ୱ ବହନ କରିବା ଆଇନ୍‌ରେ ନାହିଁ ।''

ସହଜ ଭାବରେ କହିଲେ, ଓଡ଼ିଆ ଶ୍ରମିକ ସ୍ୱଇଚ୍ଛାରେ ଆନ୍ଧ୍ର ଯାଇଥିବାରୁ ସେଠାରେ ଶୋଷିତ ହେବାକୁ ବାଧ୍ୟ । ସେମାନେ ସ୍ଥାନୀୟ ଠିକାଦାରଙ୍କ ନିୟନ୍ତ୍ରଣରେ ଥିଲେ ବି ଆଇନ୍ ଅନୁଯାୟୀ ଶ୍ରମିକ ରୂପେ ପରିଗଣିତ ନୁହଁନ୍ତି । କୌଣସି ଶ୍ରମିକର ଶୋଚନୀୟତା ପାଇଁ ଆନ୍ଧ୍ରପ୍ରଦେଶରେ ଶ୍ରମ ବିଭାଗକୁ ଦାୟୀ କରାଯାଇପାରିବ ନାହିଁ ।

ତିଳ ତଣ୍ଡୁଳିତ ମଜୁରି ପାଇଁ ହାଡ଼ଭଙ୍ଗା ଖଟଣିକୁ ବରିନେଇ ୪୦୦ କି.ମି. ପଥ ଅତିକ୍ରମ କରୁଥିବା ଏ ଗୃହତ୍ୟାଗୀ ଶ୍ରମିକମାନେ କିଏ ? 'ବିକଳ୍ପ'ର ସର୍ଭେ ଅନୁଯାୟୀ ୪୨ ଶତାଂଶ ହେଉଛନ୍ତି ସମ୍ପୂର୍ଣ୍ଣ ଭୂମିହୀନ କ୍ଷେତ ମଜୁରିଆ, ଅନ୍ୟ ୩୧ ଭାଗ ମଣିଷଙ୍କର ରହିଛି ଏକ ଏକରରୁ କମ୍ ଜମି ଏବଂ ଆଉ ୧୬ ଭାଗଙ୍କର ଦୁଇ ଏକର ତଳେ ଜମି । ପ୍ରାୟ ୯୦ ଶତାଂଶ ଦେଶାନ୍ତରୀ ଶ୍ରମିକ ହେଲେ ଭୂମିହୀନ କିମ୍ୱା ନାମମାତ୍ର ଚାଷୀ ।

Digitized by srujanika@gmail.com

ଇଟା ଭାର କାନ୍ଧେଇ ଅଣନିଶ୍ୱାସୀ ହୋଇ ଧାଉଁଥିବା ବୁଢ଼ା ମଣିଷ ଅମରୁ ମାଝି ଅବଶିଷ୍ଟ ୧୦ ଶତାଂଶ ମଣିଷଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ସେ କହେ ଏକଦା ତାଙ୍କ ପରିବାରର ଥିଲା ୪ ଏକର ଜମି । ତା' ଉପରେ ଆଖି ପକାଇଲା ସାଉକାର ଏବଂ ସେତକ ଏବେ ତା'ର । ବଲାଙ୍ଗୀର ଜିଲ୍ଲାର ବଡ଼କାନି ଗ୍ରାମର ନାଁ ଶୁଣି ତା'ର ଆଖି ଉଜ୍ଜଳ ହୋଇଉଠିଲା । ସେ ସେଇ ଗାଁର ମଣିଷ, ତା'ରି ପାଣି ପବନରେ ପିଲାଟି ବେଳୁ ବଢ଼ି ଆସିଛି । ନିଜ ଭିଟାମାଟିର ଆତ୍ମୀୟତା ଠାରୁ ବଳି ଆଉକିଛି ଅଧିକତର ଆକର୍ଷଣ ନାହିଁ । ମାତ୍ର ସେଇ ପ୍ରିୟତମ ବସ୍ତୁ ନିଜ ଗାଁ ବିଷୟରେ ଅଧିକ ସମୟ କଥାବାର୍ତ୍ତା ହୋଇପାରିବନି । ସୁପରଭାଇଜର ନଜର ରଖିଛି ଏବଂ ଇଟା ଗଡ଼ା ଖାତ ଭିତରୁ ଇଟା ଶୁଖାଇବା ଖଳାଯାଏ ସେମାନଙ୍କୁ କରିବାକୁ ପଡ଼ିବ ଅନେକବାର ଯାତ୍ରା । ସନ୍ଧ୍ୟାକୁ ମିଳିବ ନଅଟଙ୍କାର ମଜୁରି; ଯାହା ବଦଳରେ ଢୋକେ ପିଇହେବ ପେଜ ଓ ତୋରାଣି । ସେଇ ଶାଗ ପେଜ ମୁନ୍ଦେ ନିଜ ଭିଟାମାଟିରେ ମିଳିଥିଲେ ସେମାନେ ଦେଶାନ୍ତରୀ ପାଲଟି ନଥାନ୍ତେ ।

❖ ❖ ❖

Digitized by srujanika@gmail.com

ମଣିଷ ଯେଉଁଠି ଭାରବାହୀ ପଶୁ

ମଧ୍ୟପ୍ରଦେଶର ସୁର୍‌ଗୁଜା—ଭାରତର ହିନ୍ଦୀ-ଭାଷୀ ଇଲାକାରେ ଏକମାତ୍ର ଜିଲ୍ଲା ଯେଉଁଠି ବଳଦ ଗାଡ଼ିଟିଏ ଦେଖିବା ଦୁଷ୍କର । ପଡ଼ୋଶୀ ସମୃଦ୍ଧ ବିଳାସପୁରର ରାସ୍ତାଗୁଡ଼ିକରେ ବଳଦ ଗାଡ଼ିର ବିଳସିତ ଘନଘଟା, ଏପରିକି ସର୍‌ଗୁଜାର ସୀମାନ୍ତ ଉତ୍ତରପ୍ରଦେଶର ପୂର୍ବାଞ୍ଚଳ ଓ ବିହାରରେ ସେସବୁର ରହିଛି ପ୍ରାବଲ୍ୟ । ଅଥଚ ଦେଶର ଏକତମ ଦରିଦ୍ରତମ ଜିଲ୍ଲା, ଆକୃତିରେ ମଧ୍ୟପ୍ରଦେଶର ସମସ୍ତ ଜିଲ୍ଲାଠାରୁ ତିନିଗୁଣ ବିସ୍ତାରିତ ଏବଂ ଅପନ୍ତରା ମୁଲକର କର୍ଦ୍ଦମାକ୍ତ, ଅପହଞ୍ଚ, ବିଲଖମା ରାସ୍ତା ସତ୍ତ୍ୱେ ଗୋଟିଏ ବି ବଳଦଗାଡ଼ି ଦୃଶ୍ୟପଟ୍ଟକୁ ଆସେନାହିଁ ।

ଭାରତବର୍ଷ ଭଳି ରାଷ୍ଟ୍ରରେ ବଳଦ ଗାଡ଼ି ଯେଉଁଠି ପଲ୍ଲୀଭୂଇଁର ପ୍ରତୀକ; ଦେଶକୁ ବାର୍ଷିକ ୪ ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ବ୍ୟୟରୁ ବଞ୍ଚାଉଥିବା ଏକ ଯାନ । ଖାଦ୍ୟଶସ୍ୟ ପରିବହନରେ ଏ ଯାନ ବ୍ୟବହୃତ ହେଉନଥିଲେ ଏବଂ ପ୍ରତିବଦଳରେ ଆଧୁନିକ ମଟର ଯାନ ନିୟୋଜିତ ହୋଇଥିଲେ ଉପରୋକ୍ତ ପରିମାଣର ପେଟ୍ରୋଲ ଆମଦାନୀ କରିବାକୁ ପଡୁଥାନ୍ତା ଆମକୁ ବିଦେଶରୁ । ଏକ ଆକଳନ ଅନୁଯାୟୀ ଦେଶରେ ରହିଛି ୧୫୦ ଲକ୍ଷ ବଳଦ ଗାଡ଼ି । ଏଥିରୁ ୯୦ ଶତାଂଶ ଗାଡ଼ି ହଳେ ବଳଦ ଦ୍ୱାରା ଟଣା ହୋଇଥାଏ । ସ୍ୱାଧୀନତା ପରେ ପରେ ଭାରତୀୟ ଜାତୀୟ କଂଗ୍ରେସର ନିର୍ବାଚନ ସଂକେତ ଥିଲା ଯୋଡ଼ି-ବଳଦ ।

ଅଥଚ ଏକଦା ଜଣେ ପ୍ରଧାନମନ୍ତ୍ରୀ ଲୋକସଭାରେ ତାଙ୍କ ବିରୋଧୀ ଦଳର ସମାଲୋଚକଙ୍କୁ 'ବଳଦ ଗାଡ଼ିର ମାନସିକତା' କହି ବିଦ୍ରୂପ କରିଥିଲେ । ସହରୀ ବିତର୍କରେ ପ୍ରତିପକ୍ଷଙ୍କୁ 'ଗାଉଁଲୀ' ଓ 'ଶଗଡ଼ ସର୍ବସ୍ୱ ମାନସିକତା' କହିବା ଏକ ସାଧାରଣ ଅଭ୍ୟାସ । ସତରେ ଶଗଡ଼ କ'ଣ ଏପରି ଅଦରକାରୀ ଯାନ ? ଭାରତ ହେଉଛି ପୃଥିବୀରେ ସର୍ବବୃହତ ରେଳ ଓ ଆଭ୍ୟନ୍ତରୀଣ ବ୍ୟୋମଯାନ ଯୋଗାଯୋଗ ବିସ୍ତାରୀ ରାଷ୍ଟ୍ର । ଜଳପଥ ଓ ସଡ଼କ ଗମନାଗମନରେ ଏହାର ମଧ୍ୟ ତଦ୍ରୂପ ବିସ୍ତାର । କିନ୍ତୁ ଶଗଡ଼ଗାଡ଼ିରେ ପରିବାହିତ ଖାଦ୍ୟଶସ୍ୟ ତୁଳନାରେ ମାତ୍ର ଏକ ତୃତୀୟାଂଶ ସାଧିତ ହୋଇଥାଏ ଏସବୁ ଯାନ୍ତ୍ରିକ ପରିବହନ ମାଧ୍ୟମରେ । ବାଙ୍ଗାଲୋର ସ୍ଥିତ ଭାରତୀୟ ପରିଚାଳନା ପ୍ରତିଷ୍ଠାନର ଏନ୍.ଏସ୍. ରାମସ୍ୱାମୀ ଓ ସି.ଏଲ୍. ନରସିଂହନ୍ ଦର୍ଶାନ୍ତି ଯେ ପଶୁ ପରିବାହିତ ଯାନଗୁଡ଼ିକ ଭାରତବର୍ଷର ପ୍ରାୟ ୨୦୦ ଲକ୍ଷ ଲୋକଙ୍କୁ ସଂପୂର୍ଣ୍ଣ

Digitized by srujanika@gmail.com

ଏବଂ ଆଂଶିକ କର୍ମନିଯୁକ୍ତି ଯୋଗାଇଥାନ୍ତି । ସେମାନଙ୍କର ଏ ଅନୁଧ୍ୟାନ ଅଶି ଦଶକରେ ସଂଘଟିତ । କର୍ମ ନିଯୁକ୍ତି ପାଉଥିବା ଅଧିକାଂଶ ମଣିଷ ଦାରିଦ୍ର୍ୟ ସୀମାରେଖାର ତଳେ ଦାନ୍ତ କାମୁଡ଼ି ପଡ଼ିରହିଥାନ୍ତି । ତଥାପି ବଳଦଗାଡ଼ିର ତୁଳନା ପଛୁଆ ମାନସିକତା ସହିତ କରା ହୋଇଥାଏ । ପରିବେଶ ପ୍ରଦୂଷଣକାରୀ, ଅତ୍ୟଧିକ ଇନ୍ଧନ ତୈଳ ଓ ଯାନ୍ତ୍ରିକତାର ଅପେକ୍ଷା ରଖୁଥିବା ଦ୍ରୁତଗାମୀ ଯାନଗୁଡ଼ିକ ଆଗୁଆ ନିଶ୍ଚୟ ! ହେଲେ ଦେଶର ଗହୀର ବିଲ, କର୍ଦ୍ଦମାକ୍ତ ପନ୍ତାର, ଅଭ୍ୟନ୍ତର ଲୁଣ କିଆରୀ, ଅଣ ଓସାରିଆ ଅଙ୍କାବଙ୍କା ରାସ୍ତାରେ ଯିଏ ଚାଲିପାରୁଛି; କ୍ଷେତରୁ ଶସ୍ୟ ବହିଆଣିପାରୁଛି; କ୍ଷେତ ଦେଖିନଥିବା ଅଥଚ ଶସ୍ୟ ନ ପାଇଲେ ହା-ହୁତାଶନ, ଉଚ୍ଛନ୍ନ ହୋଇ ପଡୁଥିବା ସଭ୍ୟ ସହରୀ ମଣିଷମାନେ ତାକୁ ଆଉ କ'ଣ ବା କହନ୍ତେ !

ତେବେ ସୁର୍‌ଗୁଜା ଭଳି ନିହାତି ଗ୍ରାମୀଣ, ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ୨୩ ହଜାର ବର୍ଗ କିଲୋମିଟର ଭଳି ବ୍ୟାପକ ବିସ୍ତୃତିର ଏକ ଇଲାକାରେ ଶଗଡ଼ମାନ ଦୃଶ୍ୟମାନ ନୁହଁନ୍ତି କାହିଁକି ? ଏହାର ରାସ୍ତାଘାଟ ଏତେ କଚ୍ଚା ଏବଂ ଅନେକତ୍ର ପାଦଚଲା ସରୁଧାରରେ ମଣ୍ଡିତ ଯେ ବଳଦଗାଡ଼ିର ପ୍ରୟୋଜନ ଏ ଅଞ୍ଚଳରେ ଅଧିକ ଅନୁଭୂତ । ଜଣେ ଆହୁରି କୁତୂହଳୀ ହୁଏ ଯେତେବେଳେ ଦେଖେ କିଛି ସମୃଦ୍ଧ ଚାଷୀଙ୍କ ଅଗଣାରେ ଅଦରକାରୀ ଭାବେ ପଡ଼ିରହିଛି କିଛି ଶଗଡ଼ । କେତେକରେ ରହିଛି ଆଦିମ ନମୂନା ସ୍ୱରୂପ କାଠର ଅଖ ।

ତିନି ସପ୍ତାହ ବ୍ୟାପୀ ସୁର୍‌ଗୁଜାର ଅଭ୍ୟନ୍ତର ଗ୍ରାମମାନଙ୍କରେ ବୁଲିଲାବେଳେ ପ୍ରତ୍ୟେକ ଗ୍ରାମରେ ମୁଁ ଏ ପ୍ରଶ୍ନ ଉଠାଇଥିଲି । ଯେଉଁ ଉତ୍ତର ସବୁ ପାଇଲି ତାହା ପ୍ରଚଳିତ ସମାଜ ବ୍ୟବସ୍ଥା ଠାରୁ ଭିନ୍ନ ଓ ଅନନ୍ୟ – ସୁର୍‌ଗୁଜାରେ ବଳଦଗାଡ଼ି ବ୍ୟବହାର ଉପରେ ରହିଛି ଏକ ଅଲିଖିତ, ନିରବିତ ନିଷେଧାଦେଶ । ଯଦିଓ ବହୁବିଧ କାରଣମାନ ଦର୍ଶାଗଲା ।

କାଲିପୁର ଗାଁର ଲାଲ୍‌ଥା ପ୍ରସାଦ କହିଲେ – "ଆମ ଏଠାର ବଳଦଗୁଡ଼ିକ ବହୁତ ଦୁର୍ବଳ, ଗାଡ଼ି ଟାଣିବାକୁ ଅକ୍ଷମ । ଏପରିକି ବିଲରେ ହଳ କରିବାକୁ ସେମାନଙ୍କ ଦେହରେ ବଳ ନାହିଁ ।" ଆଉ ଜଣେ କହିଲେ – "ଆମେ ଏତେ ଗରିବ ଯେ ନିଜ ପେଟକୁ ଦାନା ପାଉନାହୁଁ, ବଳଦଙ୍କୁ ଯୋଗାଇବୁ କିପରି ! ଏଠି ଧନୀ ଲୋକମାନେ ମୂଲିଆ ଲଗେଇ ବୁହାବୋହି କାମ କରାଇଥାନ୍ତି । ତାଙ୍କ ପାଇଁ ମୂଲିଆଙ୍କୁ ଖୁଆଇବା ଲୋଡ଼ା ହୁଏନାହିଁ । ବର୍ଷତମାମ ବଳଦ ପୋଷିବା ଅପେକ୍ଷା ଦିନେ ଓଳିଏର କାମ ପାଇଁ ମଣିଷ ଲଗାଇବା ଭଲ ।" ଅଶି ଦଶକର ପ୍ରଥମାର୍ଦ୍ଧର ଏକ ସର୍ଭେ ରିପୋର୍ଟ

Digitized by srujanika@gmail.com

କହେ—ଭାରତର ଗ୍ରାମାଞ୍ଚଳରେ ଗୋଟିଏ ପଶୁ ପାଳନ ପାଇଁ ବାର୍ଷିକ ବ୍ୟୟ ୧୧୬୯ ଟଙ୍କା । ଏଥିରୁ ୬୦ ଭାଗ ଅର୍ଥ କେବଳ ଦାନା ପାଇଁ ଦରକାର ହୁଏ । ଏହା ଉପରେ ଯଦିଓ କୌଣସି ସରକାରୀ ସର୍ଭେ କି ଆକଳନ ପ୍ରସ୍ତୁତ ହୋଇନାହିଁ, ତେବେ ନିଧାର୍ଯ୍ୟ ଭାବେ ଗୋଖାଦ୍ୟ ଦର୍ ବୃଦ୍ଧି ପାଇଚାଲିଛି । ତେବେ ମଣିଷ ଠାରୁ ସେମାନଙ୍କ ଖର୍ଚ୍ଚ ଯଥେଷ୍ଟ କମ୍ ଏବଂ ପ୍ରତିବଦଳରେ ମିଳେ ଜମିର ଉର୍ବରତା ବୃଦ୍ଧି ପାଇଁ ପ୍ରଚୁର ଗୋବର । ଯେଉଁମାନଙ୍କର ଜମି ନାହିଁ, ସେମାନଙ୍କ ପାଇଁ ଗୋବରର ମଧ କିଛି ମୂଲ୍ୟ ନାହିଁ ।

ବାସ୍ତବରେ ବଳଦଗୁଡ଼ିକ ଏଠାରେ ଖୁବ୍ ଦୁର୍ବଳ ଓ କଙ୍କାଳସାର । ବିସ୍ମୟକର ଯେ, ପଡ଼ୋଶୀ ବିଳାସପୁର ଅଞ୍ଚଳରେ ଏମାନେ ବେଶ୍ ସବଳ ଓ ଷଣ୍ଢା । "ଏକଦା ଗୋଟିଏ ୫ ଏଚ୍.ପି.ର ଡିଜେଲ ପମ୍ପକୁ ୧୬ କି.ମି. ଦୂରକୁ ନେବାପାଇଁ ମୁଁ ଗୋଟାଏ ବଳଦଗାଡ଼ିର ବରାଦ କଲି ।" —କହନ୍ତି ସୁରଦପୁରର ଓକିଲ ମୋହନ କୁମାର ଗିରି । "ଶଗଡ଼ ପାଇବା ବଡ଼ କଠିନ ହେଲା । ଶେଷକୁ ୧୫ ଟଙ୍କା ଦେଇ ଶଗଡ଼ଟିଏ ଭଡ଼ା କଲି, ୧୦୦ ଟଙ୍କା ଦେଇ ହଳେ ବଳଦ ଭଡ଼ାରେ ଆଣିଲି । ଲୋକମାନେ ଏଠାରେ ଖୁବ୍ ଭୟଭୀତ ଯେ, ଆବୁଡ଼ା ଖାବୁଡ଼ା ଉଠାଣି, କଚ୍ଚା ରାସ୍ତାରେ ଭାର ବୋହିନପାରି ତାଙ୍କ ବଳଦ ମରିଯିବ ।" ତେଣୁ ବଳଦ ମାଲିକମାନେ ଗନ୍ତବ୍ୟ ସ୍ଥଳର ଦୂରତ୍ୱ ନେଇ କଡ଼ାକଡ଼ି ନିୟନ୍ତ୍ରଣ ଜାରି କରନ୍ତି । ବାଟରେ ବଳଦ ବିଶ୍ରାମ ନେବ, ଦାନାପାଣି ଖାଇବ, ବେଶି ଓଜନ ବୋହିବ ନାହିଁ, ଧୀରେ ଧୀରେ ଶଗଡ଼ ଚଳାଇବ ଇତ୍ୟାଦି । ସୁତରାଂ ଗିରିଙ୍କୁ ୧୬ କି.ମି. ପଥ ଅତିକ୍ରମ କରିବା ପାଇଁ ଲାଗିଲା ସାତଘଣ୍ଟା ସମୟ ।

ସୁର୍‌ଗୁଜାର ପୂର୍ବତନ ରାଜା ଓ ସଂପ୍ରତି ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଏମ୍.ଏସ୍. ସିଂହଦେଓ କହିଲେ : "ବଳଦଗାଡ଼ିର ପ୍ରଚଳନ ନଥିବା ନେଇ ସେମିତି କିଛି ନିର୍ଦ୍ଦିଷ୍ଟ କାରଣ ଦର୍ଶାଯାଇପାରିବନି । ବୋଧହୁଏ, ସୁର୍‌ଗୁଜାର ଘଞ୍ଚ ଜଙ୍ଗଲରେ ପୂର୍ବେ ବହୁ ମହାବଳ ବାଘ ରହୁଥିଲେ ଏବଂ ଆମର ରାସ୍ତାଗୁଡ଼ିକ ମୁଖ୍ୟତଃ ଜଙ୍ଗଲ ଭିତର ଦେଇ ପଡ଼ିଥିଲା । ଗାଈ ବଳଦ ଦେଖିଲେ ଚୁମ୍ବକ ଟାଣିଲା ପରି ବାଘ ଆକର୍ଷିତ ହୁଏ । ତା'ଛଡ଼ା ଯେଉଁ ଶଗଡ଼ଗୁଡ଼ିକ ଅବ୍ୟବହୃତ ହୋଇ ପଡ଼ିରହିଛି, ସେଗୁଡ଼ିକ ପ୍ରାୟ କୌଣସି ସରକାରୀ ଯୋଜନାରେ ନିର୍ଦ୍ଦିଷ୍ଟ ଚାଷୀଙ୍କୁ ବିତରିତ ହୋଇଥିଲା ।"

କିନ୍ତୁ ନିଶ୍ଚିତ ଭାବରେ ଦେଶର ବିଭିନ୍ନ ପ୍ରାନ୍ତରେ ରହିଛି ଜଙ୍ଗଲ ଅଭ୍ୟନ୍ତର ଦେଇ ସଡ଼କ ଏବଂ ରହିଛନ୍ତି କଙ୍କାଳସାର ବଳଦ; ତଥାପି ସେଠାରେ ଶଗଡ଼ଗାଡ଼ି ଚାଲୁଛି । ତେବେ ବାତ୍ରା ଗାଁର ବଳରାମ ପ୍ରସାଦ ସିଂହ ଦିଅନ୍ତି ଭିନ୍ନ ଧରଣର ଉତ୍ତର; "ହଁ ରାସ୍ତା ସବୁ ନିହାତି କଦର୍ଯ୍ୟ ଏବଂ ବଳଦଙ୍କ ଉପରେ ଭାରା ଅଧିକ ପଡ଼ିବାର

Digitized by srujanika@gmail.com

ଭୟ ରହିଛି । କିନ୍ତୁ ଶଗଡ଼ଗାଡ଼ି ମୁଖ୍ୟତଃ ବ୍ୟବହୃତ ହୁଏ ହାଟ ବଜାରକୁ ବଳକା ଖାଦ୍ୟଶସ୍ୟ ବୋହିବା ପାଇଁ । ଏଠାରେ ଅଧିକାଂଶ ଲୋକଙ୍କର ଜମି ନାହିଁ । ଯାହାର ଅଛି ତା'ର ବର୍ଷକ ପାଇଁ ନିଅଣ୍ଟ । ବଳକା କାହିଁ ଯେ ବଜାରକୁ ନବ ? ପରିବହନ ଯେହେତୁ ଖୁବ୍ ସ୍ୱଳ୍ପ, ସେଥିପାଇଁ ସେତକ ବୋହିବାକୁ ମଣିଷର କାନ୍ଧ ବ୍ୟବହୃତ ହୁଏ, ଦୂରତ୍ୱ ଅତିକ୍ରମ ପାଇଁ ରହିଛି ଭାରୁଆର ପାଦ-ଯୁଗଳ ।'' କିଛି ସମୟ ରହିଯାଇ ଭାବିଚିନ୍ତି ସେ ପୁଣି ଯୋଡ଼ନ୍ତି – ''ଏଠାରେ ଗରିବ ଲୋକ ଅନ୍ୟ ଜମିରେ ମୂଲ ଲାଗି ଚଳେ । ବଡ଼ ଚାଷୀ ଘରେ କୋଠିଆ ରହେ । ଧନୀ ଓ ବଡ଼ ଚାଷୀର ଜମି ଚାଷକରି ଉତ୍ପାଦନ କରେ ଓ ଭାର ବୁହେ । ସେ ସ୍ଥାନରେ ବଳଦଗାଡ଼ିଟିଏ ରହିଲେ ଗରିବର ଉପାର୍ଜନ ବାଧା ପାଇବ । ସେଥିପାଇଁ ଆମେ ସୁର୍‌ଗୁଜାରେ ଶଗଡ଼ ରଖିନାହୁଁ ।''

ଏ କଥାର ସତ୍ୟତା ରହିଛି । ହାଟବାରି ଦିନ ଏପରିକି ସବୁଠାରୁ ଗହନ, ଅଭ୍ୟନ୍ତର ରାସ୍ତାଗୁଡ଼ିକ ପିମ୍ପୁଡ଼ିଧାର ପରି ମଣିଷଙ୍କ ଗହଳିରେ ଭରିଉଠେ । ସମସ୍ତଙ୍କ ମୁଣ୍ଡ କି କାନ୍ଧରେ ଥାଏ ବୋଝ, ସେସବୁ ଶଗଡ଼ ପାଇଁ ଛୋଟ କିନ୍ତୁ ମଣିଷର କାନ୍ଧ ଫାଟି ପଡ଼ିଲା ପରି ଓଜନିଆ । ଏବଂ ବାହୁଙ୍ଗୀରେ ବୋଝ ବୋହିବା ଏ ଅଞ୍ଚଳର ମୁଖ୍ୟ ନିଯୁକ୍ତି । ସୁର୍‌ଗୁଜା ଜିଲ୍ଲାପାଳ ଆର୍.କେ. ଗୋୟଲ କହନ୍ତି – ''ଏ ଅଞ୍ଚଳର ହଜାର ହଜାର ଲୋକଙ୍କ ପାଇଁ ବର୍ଷକୁ ୧୨୫ରୁ ଅଧିକ ଦିନର କାମ ମିଳେନାହିଁ । ତା'ପରେ ଆରମ୍ଭ ହୋଇଯାଏ ବଞ୍ଚିବା ପାଇଁ ସଂଗ୍ରାମ ।''

ସୁର୍‌ଗୁଜା ହେଉଛି ଏହି ଭାରବାହୀ ମଣିଷମାନଙ୍କର କିଞ୍ଚିତ୍ ଉପାର୍ଜନ ପାଇଁ ସଂକଟମୟ ସଂଗ୍ରାମର ଭୂଇଁ । ଯେଉଁ ଚାଷୀ ଶଗଡ଼ ନିୟୋଜନ କରି ଶସ୍ୟ ପରିବହନ କରିବାକୁ ଚାହେଁ ସେ ସେଥିରୁ ନିବୃତ୍ତ ରହି ସେ କାମ ବଢ଼ାଇଦିଏ ମଣିଷ ହାତକୁ । ନଚେତ୍ ସେ ମଣିଷଟି ରହିଯିବ ଅଭୁକ୍ତ । ଭୋପାଳର ଜଣେ ବରିଷ୍ଠ ପ୍ରଶାସକ ଏହାକୁ କହନ୍ତି : ''କର୍ମକ୍ଷେତ୍ରରେ ଅଦୃଶ୍ୟ ସୂକ୍ଷ୍ମ ମୂଲ୍ୟବୋଧ ।'' ଦରିଦ୍ରର ଦାନା ସାଉଣ୍ଟିବା ପାଇଁ ଯେତିକି ସାମର୍ଥ୍ୟ ରହିଛି ତାକୁ ବିପର୍ଯ୍ୟସ୍ତ ନ କରିବା ପାଇଁ ଟିକେ ଭଲରେ ଥିବା ମଣିଷର ଏତକ ହେଲା ଅଲିଖିତ ବୁଝାମଣା । ଏ ବିଚାରବୋଧ ସେପରି କିଛି ନିସ୍ୱାର୍ଥପର ମନୋଭାବରୁ ନୁହେଁ, ମାତ୍ର ଦରିଦ୍ର ମଣିଷଟିଏ ଉପରେ ଅଧିକ ଚାପ ପଡ଼ିଲେ ପରିଣତି ଦୁଷ୍କର ଭୟଙ୍କର ହେବାର ଅନୁଭବ ତଥା ଆଶଙ୍କାରୁ ଉତ୍ପନ୍ନ ।

ଆଧୁନିକ ପରିବହନ ଓ ଗମନାଗମନର ପ୍ରାବଲ୍ୟ ଯେପରି ପଶୁବାହିତ ଶଗଡ଼ଗାଡ଼ିର ଭୂମିକାକୁ ଘୋଡ଼ାଇ ପକାଏ, ସେହିପରି ଅନ୍ୟ ମାଧ୍ୟମଗୁଡ଼ିକ ଆଚ୍ଛାଦିତ ହୋଇପଡ଼େ । ପ୍ରକାରାନ୍ତରେ ଅନ୍ୟ ସବୁ ପରିବହନକୁ ଅପାଂକ୍ତେୟ, ଅଲୋଡ଼ା

Digitized by srujanika@gmail.com

କରିଦିଏ । ସେଥିପାଇଁ ଗାନ୍ଧିଜୀ ରେଳଗାଡ଼ିର ପ୍ରଚଳନକୁ ବିରୋଧ କରୁଥିଲେ । ମୁଣ୍ଡ ଓ କାନ୍ଧରେ ବୋଝ ବୋହୁଥିବା ନାମମାତ୍ର ଓ ଭୂମିହୀନ ଚାଷୀଙ୍କ ଉପସ୍ଥାନକୁ ଏହା ସଂପୂର୍ଣ୍ଣ ଏଡ଼େଇଯାଏ । ଭାରତର ବହୁ ଅଞ୍ଚଳରେ ଗ୍ରାମ ଗ୍ରାମାନ୍ତରର ୮୦ ଶତାଂଶରୁ ଊର୍ଦ୍ଧ୍ୱ ପରିବହନ ହୋଇଥାଏ କୁଲି ମଜୁରିଆଙ୍କ ମୁଣ୍ଡ ଦ୍ୱାରା । ତେବେ, ଏହି ବ୍ୟାପକ ପରିବହନ ପାଇଥାଏ ଯଥାସମ୍ଭବ କମ୍ ସ୍ୱୀକୃତି ।

ସୁର୍‌ଗୁଜାରେ କାନ୍ଧରେ ବାହୁଙ୍ଗୀ ଭାର ବୋହି ବହୁଦୂର ବାଟ ଯିବା ଏକ ସାଧାରଣ ଦୃଶ୍ୟ । ନିଜ ଅପେକ୍ଷା ଅନ୍ୟର ଜମିର ଉତ୍ପାଦନ କି ଘର ସାମଗ୍ରୀ ବୋହିବାକୁ ଓ ଗ୍ରାମ ଗ୍ରାମାନ୍ତର ଯାତ୍ରା କରିବାକୁ ପଡ଼ିଥାଏ । ଏଠାରେ ଓ ଦେଶର ଅନ୍ୟତ୍ର ଗୋଟିଏ ବାସ୍ତବତା ସ୍ୱଳ୍ପଜ୍ଞାତ ହୋଇ ରହିଯାଏ । ଅତି ଦରିଦ୍ର ମଣିଷ ପାଇଁ ବଳଦଗାଡ଼ି ହେଉଛି ଏକ ବ୍ୟୟ ସାପେକ୍ଷ ଓ ଅପେକ୍ଷାକୃତ ସମୃଦ୍ଧ ଯାନ । ଭାରତର ୪୦ ଭାଗ ଚାଷୀଙ୍କର ଥାଏ ମାତ୍ର ପଟେ ବଳଦ । ବିଲ ହଳ କରିବାକୁ ଆଉ ପଟେ ବଳଦ ପଡ଼ୋଶୀଙ୍କ ଠାରୁ ଉଧାର ଆଣିବାକୁ ପଡ଼େ । ପ୍ରତିବଦଳରେ ପଡ଼ୋଶୀଙ୍କୁ ନିଜ ବଳଦ କିମ୍ବା ଶ୍ରମ କି ଶସ୍ୟ, ଏପରିକି ଟଙ୍କା ଦେବାକୁ ପଡ଼ିଥାଏ । କିଛି ଭୂମିହୀନ ଶ୍ରମିକଙ୍କର ମଧ୍ୟ ପଟେ ବଳଦ ଥାଏ—ଏହାକୁ ସେମାନେ ଗାଡ଼ି ବୋହିବାକୁ କି ହଳ କରିବାକୁ ଯୋଗାଇ ଦେଇ କିଛି ଉପାର୍ଜନ କରିଥାନ୍ତି ।

ଧାନଚାଷ କ୍ଷେତ୍ରରେ ସୁର୍‌ଗୁଜା ହେଉଛି ମଧ୍ୟପ୍ରଦେଶର ଅଗ୍ରଣୀ ଜିଲ୍ଲା । ଏହାର ଏକର ପିଛା ଅମଳ ମଧ୍ୟ ରାଜ୍ୟର ହାରାହାରି ଉତ୍ପାଦନ ଠାରୁ ସେତେ ତଳେ ନାହିଁ । ଯଦିଓ ଅଧିକାଂଶ ଜମି ରହିଛି ମୁଷ୍ଟିମେୟ ଧନୀକଙ୍କ ହାତରେ ଏବଂ ତଦ୍ରୂପ ଭାବେ ଅନ୍ୟାନ୍ୟ ସଂପଦ । ସେଥିଯୋଗୁଁ ଅକଥନୀୟ ଦାରିଦ୍ର୍ୟରେ ସଢୁଥିବା ମଣିଷଟିର ହାଟ ବଜାରକୁ ନେବାକୁ ସାମଗ୍ରୀ କାହିଁ ! ସାଧନ ତ ଦୂରର କଥା ।

ସୁର୍‌ଗୁଜାର ଏ ଦାରିଦ୍ର୍ୟର ଇତିହାସ ବହୁ ପ୍ରାଚୀନ । ସୁଲତାନ, ମୋଗଲ, ମରାଠା ଓ ବ୍ରିଟିଶ୍—ସମସ୍ତେ ଏ ରାଜ୍ୟ ଉପରେ ଧାର୍ଯ୍ୟ କରିଥିଲେ ସର୍ବନିମ୍ନ ଶୁଳ୍କ । ସୁଲତାନ ଓ ମୋଗଲମାନେ ଏଠାରେ ମୁଖ୍ୟତଃ ବଣୁଆ ହାତୀ ଧରିବା ପାଇଁ ରହିଥିଲେ । ଏପରିକି ୧୯୧୯ ପର୍ଯ୍ୟନ୍ତ ବ୍ରିଟିଶ୍‌ମାନେ ଅନ୍ୟ ପଡ଼ୋଶୀ ରାଜ୍ୟମାନଙ୍କ ଠାରୁ ବେଶ୍ ଆଖିଦୃଶିଆ ଭାବେ ରାଜସ୍ୱ ଓ ଅନ୍ୟାନ୍ୟ ସଂପଦ ହାତେଉଥିଲାବେଳେ ସୁର୍‌ଗୁଜା ଉପରେ ଧାର୍ଯ୍ୟ କରିଥିଲେ ତିଳ ତଣ୍ଡୁଳିତ ଶୁଳ୍କ । ସେମାନେ ଜାଣିଥିଲେ ଏ ରାଜ୍ୟର ଅଧିବାସୀମାନେ ଅତ୍ୟନ୍ତ ଦରିଦ୍ର, ତଦ୍ରୂପ ଭାବେ ଦୁସ୍ଥ ମଧ୍ୟ ଏହାର ରାଜା । ସୁତରାଂ ସେମାନେ ପ୍ରତିବର୍ଷ ସୁର୍‌ଗୁଜା ଠାରୁ ଆଦାୟ କରୁଥିଲେ ୨୫୦୦ ଟଙ୍କା ଏବଂ ଏହାର

Digitized by srujanika@gmail.com

ପଡ଼ୋଶୀ କରଦ ରାଜ୍ୟ କୋରିଆ ଓ ଚାଙ୍ଗଭାଖର ଠାରୁ ଆଦାୟ କରୁଥିଲେ ଯଥାକ୍ରମେ ୫୦୦ ଓ ୩୮୭ ଟଙ୍କା ।

ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ମରାଠାମାନେ ସୁର୍‌ଗୁଜା ଅଧିନସ୍ଥ କରଦ ରାଜ୍ୟ କୋରିଆ ଦଖଲ କରିଥିଲେ ହେଁ ସମୁଦାୟ ରାଜ୍ୟର ପୂର୍ଣ୍ଣ ନିୟନ୍ତ୍ରଣ ଗ୍ରହଣ କରିନଥିଲେ । କାରଣ ଏହାର ଅଧିକାଂଶ ଅଞ୍ଚଳ ଥିଲା ଘଞ୍ଚ ଅରଣ୍ୟାନୀ ଓ ଅଗମ୍ୟ ପର୍ବତଶ୍ରେଣୀ ମଣ୍ଡିତ ଏବଂ ଏହାକୁ ନିୟନ୍ତ୍ରଣ କରିବା ଥିଲା କାଠିକର ପାଠ । ସେଥିପାଇଁ ସେମାନେ କୋରିଆ ରାଜାଙ୍କ ଠାରୁ ୨ ହଜାର ଟଙ୍କା ଶୁଳ୍କ ଦାବି କଲେ । ମାତ୍ର ଯେତେବେଳେ ଜାଣିବାକୁ ପାଇଲେ ଯେ, ରାଜା ସେତକ ଦେବାକୁ ଅକ୍ଷମ, ସେମାନେ ଏହି ପରିମାଣକୁ ପାଞ୍ଚବର୍ଷ ପାଇଁ ୨୦୦ ଟଙ୍କାକୁ ଖସାଇ ଦେଲେ ଏବଂ ପ୍ରତିବଦଳରେ ସତର୍କ କରାଇ ଦେଇ ରାଜାଙ୍କର କିଛି ଗାଈପଲ ଅକ୍ତିଆରକୁ ନେଇଗଲେ । ଜିଲ୍ଲା ଗେଜେଟିଅର୍‌ର ବର୍ଣ୍ଣନା ଅନୁଯାୟୀ ଖୁବ୍‌ଶୀଘ୍ର ମରାଠାମାନେ ଜାଣିବାକୁ ପାଇଲେ ଟଙ୍କାଟିଏ ଦେବାର ସାମର୍ଥ୍ୟ ମଧ୍ୟ ରାଜାଙ୍କର ନାହିଁ । ତେଣୁ ସେମାନେ 'ପାଞ୍ଚଟି ଟଟ୍ଟୁ ଘୋଡ଼ା, ତିନିହଳ ବଳଦ ଓ ଗୋଟିଏ ମଇଁଷୀ' ନେଇ ଚୁକ୍ତି ସମାହିତ କଲେ । ସେମାନେ ଚୋରାଇ ନେଇଥିବା ଗାଈପଲକୁ ଫେରାଇ ଦେଲେ, କାରଣ ସେମାନେ ଦେଖିଲେ ଯେ ଗାଈଗୁଡ଼ିକ ନିହାତି କଂକାଳସାର ଓ ଦୁଗ୍ଧହୀନା । ଏହାପରେ ନିଷ୍ଠୁର ଭାବେ ବିଜିତ ମରାଠାମାନେ ରାଜ୍ୟ ଛାଡ଼ି ଚାଲିଗଲେ ।

ଏବେ ବି ଲୋକମାନେ ଭାବନ୍ତି ଶଗଡ଼ ବୋହିବା ପାଇଁ ସେମାନଙ୍କ ଗୋ-ସଂପଦ ନିହାତି ଅଦରକାରୀ ଓ ଅସମର୍ଥ । କେର୍‌ହାୟା ଗାଁର ତରୁଣ ସାଉକାର ମୋତେ ପଚାରିଥିବା କଥାଟି ସ୍ମରଣକୁ ଆସିଲା – 'ୟହାଁ ଆଦ୍‌ମୀ ଔର୍ ବୟଲ୍ ମେଁ କ୍ୟା ଫରକ୍ ହୈ ?' ସୁର୍‌ଗୁଜାରେ ମଣିଷ ପାଲଟି ଯାଇଛି ବାସ୍ତବରେ ଏକ ଭାରବାହୀ ବଳଦ ।

❖ ❖ ❖

Digitized by srujanika@gmail.com

କଷଣ ଓ ଶୋଷଣର ପର୍ବତ ଉପରେ ଯା'ର ଘର

ଧର୍ମି ପାହାରିଣୀର ଉଚ୍ଚତା ଚାରିଫୁଟ ତିନିଇଞ୍ଚ, ନହକା ଦେହ । ସେ ମୁଣ୍ଡରେ ଲଦିଥିବା ୪୦ କିଲୋଗ୍ରାମ୍ ଜାଳେଣୀ କାଠ ଠାରୁ ତା'ର ଦେହର ଓଜନ ମଧ୍ୟ କମ୍ । ସାତ କିଲୋମିଟର ଦୂରବର୍ତ୍ତୀ ନିଜ ଗାଁ ସେର୍‌କାଛିୟା ଠାରୁ ବୋଝ ମୁଣ୍ଡେଇ, ପାହାଡ଼ି ତୀଖ ଢାଲୁ ରାସ୍ତା ପାଦରେ ଚାଲି ସେ ଦେବଜନ୍‌ମୋଡ୍ ହାଟକୁ ଆସିଛି କାଠ ବିକି ଲୁଣ, ଚାଉଳ ଧରି ଘରକୁ ଫେରିବ । ବିହାର ରାଜ୍ୟର ଗୋଡ୍ଡା ଜିଲ୍ଲାର ସେ ହାଟ ସପ୍ତାହରେ ଦୁଇଥର ବସେ । ଧର୍ମିକୁ ଜାଳେଣି କାଠ ସଂଗ୍ରହ ପାଇଁ ଚଢ଼ା ଉତ୍ତରାରେ କୋଡ଼ିଏ କିଲୋମିଟର ରାସ୍ତା ତମାମ ଚାଲି ଜଙ୍ଗଲ ଭିତରକୁ ଯିବାକୁ ପଡ଼େ । ହାଟପାଳି ଦିନ ତାକୁ ସମୁଦାୟ ଚାଲିବାକୁ ପଡ଼େ ଏକତିରିଶ କିଲୋମିଟର ପଥ । ପ୍ରତିବଦଳରେ ପାଏ ସିଏ ଆଠ କି ନଅ ଟଙ୍କା ।

ରାଜମହଲ ପର୍ବତମାଳାର ବକ୍ଷଦେଇ ଶିଖର ଯାଏ ଲମ୍ବିଛି ସେ ରାସ୍ତା– ଅଣଓସାରି, ତୀଖ ଓ ପିଚ୍ଛିଳ । କିନ୍ତୁ ବଞ୍ଚିବାର ଜୀବନ ସଂଗ୍ରାମରେ ଧର୍ମିକୁ ସେ ଶଙ୍କାକୁଳ ତୀଖ ରାସ୍ତାରେ ସପ୍ତାହକୁ ଅନ୍ୟୂନ ଥରେ ଚାଲିବାକୁ ପଡ଼େ, ନିଜର ଦୁର୍ବଳ ଦେହକୁ ଘୋଷାରି ଘୋଷାରି ପାହାଡ଼ ଚଢ଼ି କାଠ ସାଉଣ୍ଟିବାକୁ ହୁଏ । ସେ ପାହାଡ଼ି ଆଦିବାସୀ ସଂପ୍ରଦାୟର, ଦେଶର ସବୁଠାରୁ ଦରିଦ୍ରତମ, ଅପୁଷ୍ଟି ଆକ୍ରାନ୍ତ ମଣିଷ । ପୁରୁଣା ସାନ୍ତାଳ ପ୍ରଗଣା ଇଲାକାରେ ପ୍ରଲମ୍ବିତ ଗୋଡ୍ଡା ଜିଲ୍ଲାରେ ପ୍ରାୟ ରହନ୍ତି ୨୦ ହଜାର ପାହାଡ଼ି ଆଦିବାସୀ । ଅର୍ଦ୍ଧ ଶତାବ୍ଦୀର ପ୍ରତିଶ୍ରୁତି, ପରିଯୋଜନା ଓ 'ପ୍ରଗତି' ସତ୍ତ୍ୱେ ସେମାନଙ୍କ କ୍ଷୀଣ, ନିସ୍ତ୍ରଭ ସ୍ଥିତି ରହିଛି ସେହିପରି ଅପରିବର୍ତ୍ତିତ ।

ଅକଥନୀୟ ଦାରିଦ୍ର୍ୟ ବାଧ୍ୟ କରିଛି ଧର୍ମି ଓ ତା'ପରି ଆଉ ହଜାର ହଜାର ମଣିଷଙ୍କୁ ସାଉକାର ଠାରୁ କରଜ ନେବାକୁ ଏବଂ ବଞ୍ଚିବା ପାଇଁ କାଟିବାକୁ ପଡୁଛି ଗଛ । ଅଧିକାଂଶ ପାହାଡ଼ିଙ୍କ ପାଇଁ କାଠ ହେଉଛି ଉପାର୍ଜନର ମୁଖ୍ୟ ଓ ଅଲଘନୀୟ ଉତ୍ସ । କାଠଗଣ୍ଡି (ଟିମ୍ବର)ର ଚୋରା କାରବାରରେ ସଂପୃକ୍ତ କିଛି ସାଉକାର ବା ମହାଜନଙ୍କ ପାଇଁ ଅନେକ ଲୋକଙ୍କୁ ଗଛ କାଟିବାକୁ ପଡ଼ିଥାଏ । ''ଏଥିପାଇଁ ବ୍ୟାପକ ଅଞ୍ଚଳ ପଦା ହୋଇଯିବା ସହ ପାହାଡ଼ି ଅଞ୍ଚଳରେ ବିସ୍ତାରିତ ଭାବେ ପରିବେଶଗତ ଭାରସାମ୍ୟ ଦୋହଲି ଯାଉଛି ।'' –କହନ୍ତି ଗୋଡ୍ଡା କଲେଜର ଅଧ୍ୟାପକ ଡଃ ସୁମନ ଦରଧିୟାର । 'ସାନ୍ତାଳ ପ୍ରଗଣାର ପାହାଡ଼ିଆ ଆଦିବାସୀଙ୍କ ପରିବେଶ' ଶୀର୍ଷକ ତାଙ୍କ

Digitized by srujanika@gmail.com

ଅନୁଧ୍ୟାନ କହେ–''ଏହି ଦରିଦ୍ର ଓ ନିଃସହାୟ ମଣିଷମାନେ ମହାଜନଙ୍କ ନିର୍ଦ୍ଦୟ ଶୋଷଣର ଶିକାର ପାଲଟିଥାନ୍ତି ।'' ଏବଂ ଅବଲୀଳାକ୍ରମେ ଏହି ଶୋଷିତଙ୍କ ଶିକାର ପାଲଟେ ନିର୍ବାକ ପ୍ରକୃତି ଓ ବଣଭୂଇଁ ।

ହାଟରେ ଧର୍ମିକୁ ଭେଟିଲା ବେଳେ କହିଲି ଯେ ସେ ଏତେ ଲମ୍ବା ବାଟ ମୁଣ୍ଡରେ କାଠ ବୋହି ଚାଲି ଆସିଥିବା କଥା ପରତେ ଯାଉନାହିଁ । ମୋ ପାଖରେ ରୁଣ୍ଡ ହୋଇଥିବା କିଛି ଲୋକ ଖଣ୍ଡିକାଶ ମାରି ହସିଲେ । ଅନ୍ୟୂନ ବାର ଚଉଦ ଜଣ ଲୋକ କହିଲେ– ''ଆହୁରି ଅନେକ ମାଇପି ଲୋକ ଢେର୍ ଢେର୍ ଦୂର ବାଟରୁ ଅଧିକା ବୋଝ ମୁଣ୍ଡେଇ ହାଟକୁ ଆସନ୍ତି । ଧର୍ମି ତ ଗେମେଣିଟାଏ ।'' ଏକଥା ପରଖିବାକୁ ମାତ୍ର ଗୋଟିଏ ବୋଲି ରାସ୍ତା ଅଛି । ପରଦିନ ସକାଳେ ପାହାଡ଼ିଆ ସ୍ତ୍ରୀଲୋକମାନେ ଜଙ୍ଗଲକୁ ବାହାରିଲା ବେଳେ ସେମାନଙ୍କ ପିଛାକରି ଆପଣାଛାଏଁ ଦୂରତ୍ୱ ଜାଣିପାରିବି । ଜାଣିହେବ ବିଭିନ୍ନ ଅଞ୍ଚଳରୁ ପାହାଡ଼ମାନଙ୍କୁ ଆସୁଥିବା ମହିଳାମାନଙ୍କୁ ।

ମାତ୍ର ପରଦିନ ଭୋର୍ ଛଅଟାରେ ସେମାନଙ୍କୁ ଅନୁସରଣ କରିବାଟା ଲାଗିଲା : ନିଷ୍ପତ୍ତିଟା ସେତେ ବିଚକ୍ଷଣ ନୁହେଁ । ଧାରଣାଟି ଅଧିକ ଭାବେ ଅନୁଭୂତ ହେଲା ଯେତେବେଳେ ତିଥିରୀଗୋଡ଼ା ପାହାଡ଼ର ଅଧାରେ ପହଞ୍ଚିଲି । ପାହାଡ଼ିଆ ସଂପ୍ରଦାୟର ଗାଁମାନଙ୍କରେ ପହଞ୍ଚିବାକୁ ହେଲେ ଜଣଙ୍କୁ ଅନ୍ତତଃ ଦୁଇ ତିନୋଟି ମୁଣ୍ଡିଆ ଅତିକ୍ରମ କରିବାକୁ ପଡ଼ିବ । ଆମେ ଆଠ କିଲୋମିଟର ରାସ୍ତା ଅତିକ୍ରମ କରିଗଲୁ, ସେଥିରୁ ଅଧିକାଂଶ ଭାଗ ଥିଲା ଉଠାଣି । ଆଖିପତାରୁ ସକାଳର ନିଦ ଉଭେଇ ଯାଇଥାଏ ଅନେକବେଳୁ । ଝାଳ ସର୍ସର୍ ହୋଇଯାଇଛି ଦେହ । ଖୋଲା ପବନରେ କିଛି ସମୟ ଏପଟସେପଟ ହେଲୁ । ତା'ପରେ ହଠାତ୍ ଦେଖିଲୁ ହାତରେ ଖଣ୍ଡେ ଲେଖାଁ ଦାଆ ଧରି ଗୋଟିଏ ଲମ୍ବା ଧାଉଡ଼ିରେ ଚାଲିଛନ୍ତି ପାହାଡ଼ିଆ ମହିଳାଗଣ, ମୁହାଁଇଛନ୍ତି ଜଙ୍ଗଲ ଆଡ଼େ । ସେମାନଙ୍କର ଦ୍ରୁତ ଅଥଚ ସାବଲୀଳ ପାହୁଣ୍ଡ ସହିତ ସମତା ରଖି ଚାଲିବା ଖୁବ୍ କଷ୍ଟକର । ଆମେ କିନ୍ତୁ ନାକେଦମ୍ ହୋଇ ସେମାନଙ୍କ ପଛେ ପଛେ ଧାଇଁଥାଉ । ଛାତି ଉଠୁଥାଏ ପଡୁଥାଏ । ଆହୁରି ଦୂରକୁ ଯାଇ ଗୋଟେ ପାହାଡ଼ ତଳି ରାସ୍ତାରେ ଦେଖିଲୁ ଆହୁରି ଅନେକେ ମହିଳା ଧାଇଁଛନ୍ତି–କିଏ ଜଙ୍ଗଲ ମୁହାଁ ତ କିଏ କାଠ ସଂଗ୍ରହ କରିସାରି ଗ୍ରାମ ଅଭିମୁଖେ । ପ୍ରତି ମହିଳାଙ୍କ ମୁଣ୍ଡ ଉପରେ ଅଛି ଗୋଛେ କାଠ, କାହାରି ଓଜନ ୪୦ କି ୩୦ କି.ଗ୍ରାରୁ କମ୍ ହେବନାହିଁ ।

x x x

ପାହାଡ଼ ଚଢ଼ିବା ପାଇଁ ଆବଶ୍ୟକ ପ୍ରଚଣ୍ଡ ଶାରୀରିକ ଶକ୍ତି ଓ ସାମର୍ଥ୍ୟ ପଛରେ ରହିଛି ଏକ ବାସ୍ତବତା–ଖୁବ୍ କମ୍ ସଂଖ୍ୟକ ପାହାଡ଼ିଆ ସ୍ତ୍ରୀ ଲୋକ ୫୦ ବର୍ଷ ବୟସ

Digitized by srujanika@gmail.com

ଅତିକ୍ରମ କରିଥାନ୍ତି । ଗୋଣ୍ଡାର ଅନେକ ପାହାଡ଼ିଆ ସଂପ୍ରଦାୟର ଗ୍ରାମମାନଙ୍କରେ ପଚାଶ ପରବର୍ତ୍ତୀ ବୟସର ମହିଳା କି ପୁରୁଷଟିଏ ପାଇବା ଅତି ଦୁଷ୍କର । ଅନେକ ମହିଳାଙ୍କ ଜୀବନରେ ୪୫ ବାର୍ଷିକ ଜନ୍ମଦିନ ଆଦୌ ଆସେନାହିଁ ।

ହାଟକୁ ଜାଳେଣୀ କାଠ ନେବାଦିନ ଗୁହି ପାହାରିଣୀକୁ ଚାଲିବାକୁ ପଡ଼େ ଅନ୍ୟୂନ ୪୦ କିଲୋମିଟର ରାସ୍ତା । କିନ୍ତୁ ତାହା ହେଉଛି ତା'ର ସଂକ୍ଷିପ୍ତ ଜୀବନ କାଳରେ ଅତିକ୍ରମ କରିବାକୁ ପଡୁଥିବା ଦୂରନ୍ତ ରାସ୍ତାର ଏକ ଅଂଶବିଶେଷ । ତାକୁ ପ୍ରତିଦିନ ପିଇବା ପାଣି ଆଣିବାକୁ ଛଅରୁ ଆଠ କିଲୋମିଟର ଚାଲିବାକୁ ପଡ଼େ ।

ତେବେ ସେ ଉଲ୍ଲସିତ ହେବାଭଳି ହସି ହସି କହେ – ''ପାଣି ଜାଗାଟା ସେତେ ଧୂର ନୁହଁ ।'' ଅର୍ଥାତ୍ ତାକୁ ଛଅ କିଲୋମିଟର ବାଟ ଲାଗେ ମାତ୍ର ଦୁଇ କିଲୋମିଟର ପରି । ''ହେଲେ ମୁଁ ତ ଏକାବେଳକେ ମୁଣ୍ଡରେ ଦୁଇ ତିନିଟି ପାଣିଗରାରୁ ଅଧିକା ନେଇପାରେନା । ସେଥିପାଇଁ ମୋତେ ଦିନେ ଦିନେ ତିନି ଚାରିଥର ଏ ଥାନକୁ ଆସିବାକୁ ପଡ଼େ ।'' ସାପ୍ତାହିକ ହାଟ ବାହାରେ ଏହା ହେଉଛି ପାଣି ପାଇଁ ପ୍ରତିଦିନର ଧରାବନ୍ଧା ଚାଲିବା । ଗୁହିର ଆକଳନରେ ସେ ବାଟ ହୁଏତ ଦୁଇମାଇଲ୍, ମାତ୍ର ଯେଉଁପରି ତୀଖ, ପିଚ୍ଛିଳ ପାହାଡ଼ ଚଢ଼ି ପାଣି ନେବା ଆଣିବା କରିବାକୁ ହୁଏ, ସେଥିରେ ଯେକୌଣସି ସୁସ୍ଥ ଦେହ ବି ଭାଙ୍ଗି ପଡ଼ିବ ।

ଏ ଧାରାରେ ଗୁହି ଏକମାତ୍ର ଦୃଷ୍ଟାନ୍ତ ନୁହେଁ । ଅଧିକାଂଶ ପାହାଡ଼ିଆ ସ୍ତ୍ରୀଲୋକଙ୍କୁ ଏପରି ଜୀବନ ଜୀଇଁବାକୁ ପଡ଼େ । ଆମେ ସେହି ଅଙ୍କାବଙ୍କା ତୀଖ ପାହାଡ଼ି ରାସ୍ତାରେ ଆସି, ପୁଣି ବର୍ଷାକାଳରେ ଅଧିକ ପିଚ୍ଛିଳ ହୋଇଥିବା ଗଡ଼ାଣିରେ ଚାଲି ବୁଝିଲୁ ଯେ, ଏ ପଥ କେଡ଼େ ଦୁର୍ଗମ । ଗୁହି ଭଳି ପାହାଡ଼ିଆ ମହିଳାଙ୍କୁ ପାଦରେ ଅତିକ୍ରମ କରିବାକୁ ପଡୁଥିବା ପଥର ଦୂରତ୍ୱ ଦିଲ୍ଲୀଠାରୁ ବମ୍ବେ ସହିତ ସମାନ - ବର୍ଷକୁ ସେପରି ଦୂରତ୍ୱ ଚାରି ପାଞ୍ଚଥର ସେମାନଙ୍କୁ ପାଦରେ ଚାଲିବାକୁ ପଡ଼େ ।

ପୁରୁଷମାନେ ପାହାଡ଼ ଧାରରେ ପୋଡୁଚାଷ କରନ୍ତି । ମାତ୍ର ଏ ପ୍ରକ୍ରିୟା ଜୈବିକ ଓ ଚିରନ୍ତନୀ । ଗୋଟିଏ ଚାଷଜମି ଛାଡ଼ିଦେଇ ସେମାନେ ଅନ୍ୟତ୍ର କରନ୍ତି ଏବଂ ପୂର୍ବର ସେ ଜମିରେ ଦଶବର୍ଷ ଭିତରେ ଘଞ୍ଚ ଜଙ୍ଗଲ ପୁଣି କଅଁଳି ଉଠେ । ପାହାଡ଼ିଆମାନେ ପୂର୍ବେ ଏପରି କରୁଥିଲେ । ମାତ୍ର ସାଉକାରର ଋଣ, ଚାଷଜମିର ଅଭାବ, ଜୀବନ ସଂଗ୍ରାମର ଚାହିଦା ସେମାନଙ୍କୁ ଏବେ ବାଧ୍ୟ କରିଛି ଦଶବର୍ଷ ପୂର୍ବର ପୁନଶ୍ଚ ସେ ଜମିକୁ ଫେରି ଆସିବା ପାଇଁ । ଏହି ପ୍ରକ୍ରିୟାରେ ଜଙ୍ଗଲ ହୋଇଯାଇଛି ନଣ୍ଡା ଏବଂ ବାରମ୍ବାର ଗୋଟିଏ ଜମିରେ ଚାଷ ମଧ୍ୟ ଆଣିଛି ଉତ୍ପାଦନରେ ନ୍ୟୂନତା ।

Digitized by srujanika@gmail.com

ଏଠାରେ ଚାଷ ହେଉଥିବା ଏକପ୍ରକାର ବିନ୍ ବମ୍ବେରେ ବହୁତ ଚଢ଼ା ମୂଲ୍ୟରେ ବିକ୍ରିହୁଏ । ମାତ୍ର ପାହାଡ଼ିଆମାନେ ସେଥିରୁ କିଛି ପାଆନ୍ତି ନାହିଁ । ''ମୋତେ କରଜ ଦେଇଥିବା ମହାଜନକୁ ମୁଁ ସବୁ ଫସଲ ବିକ୍ରି କରିଦିଏ ।'' –କହେ ଚନ୍ଦ୍ରଶେଖର ପାହାଡ଼ିଆ । ତେଣୁ ତାକୁ ବିନ୍ କିଲୋଗ୍ରାମକୁ ଟଙ୍କାକରେ ବିକ୍ରି କରିବାକୁ ପଡ଼େ । ସେମାନେ ନିଜେ କେବେ ସେ ବିନ୍‌କୁ ଚାଖିବାର ସୁଯୋଗ ପାଆନ୍ତି ନାହିଁ । ସବୁକିଛି ନେଇଯାଏ ମହାଜନ । ଡଃ ଦରଧିୟାରଙ୍କ ଅନୁଧ୍ୟାନ କହେ : ଜଣେ ପାହାଡ଼ିଆର ସମୁଦାୟ ଉପାର୍ଜନର ୪୬ ଶତାଂଶ ସିଧାସଳଖ ଯାଏ ମହାଜନର କରଜ ପରିଶୋଧ କରିବାରେ, ଆଉ ୩୯ ଶତାଂଶ ଯାଏ ସେହି ମହାଜନ ପାଖରୁ ତେଲ ଲୁଣ ସଉଦା କିଣିବାରେ, ଟିକେ ଚୁଲେଇ ବଙ୍କେଇ । ଆଉ କ'ଣ ରହିଲା ଯେ !

ମହିଳାମାନଙ୍କ ପଛରେ ଅଣନିଶ୍ୱାସୀ ହୋଇ ଧଇଁ ପେଲିଲା ପରି ଆମେ ଗୋଟିଏ ମୁଣ୍ଡିଆରୁ ଖସି ଆଉ ଏକ ଉଠାଣିରେ ଚଢୁଥାଉ । ନଣ୍ଡା ପାହାଡ଼ମାନଙ୍କର ଅବସ୍ଥା ଦିଶୁଥାଏ ଅତ୍ୟନ୍ତ ଶୋଚନୀୟ–ସତେ ଯେମିତି ପାହାଡ଼ ଚିରି ରକ୍ତ ଝରିଆସୁଛି –ସବୁଜ ବୁଦା ଗହଳରେ ପଦାଟାଙ୍ଗର ନାଲି ପାହାଡ଼ି ରାସ୍ତାଗୁଡ଼ିକ ସେପରି ଦିଶୁଥାଏ । ଆମେ କିଛି ପାହାଡ଼ି ଗାଁ ଦେଇ ଗଲାବେଳେ ଦେଖିଲୁ ପ୍ରାଥମିକ ବିଦ୍ୟାଳୟ ନାମକ ଅନୁଷ୍ଠାନଟି ରହିଛି ସେମିତି ଏକ ଶୂନ୍ୟ, ଭଙ୍ଗା ପଡ୍ଡା ଘରେ କିମ୍ବା କାଗଜପତ୍ରରେ । ଜଣେ ହେଲେ ବି ସ୍ୱାକ୍ଷରା ପାହାଡ଼ିଆ ମହିଳାଙ୍କୁ ପାଇବା ହେଲା ଏକ ଦୁଷ୍କର, ଗହନ କାର୍ଯ୍ୟ ।

ପାହାଡ଼ ଚଢୁଥିବା ମହିଳାମାନଙ୍କ ଠାରୁ ୨୦ ମିଟର ଦୂରକୁ ଉଠି ଫଟୋଟିଏ ଉଠାଇବା ସହଜ ହେଲାନାହିଁ । ଆମେ ଆଉ ସେ ଚାଇଁ ଚାଇଁ ଖରା ଓ ତୀଖ ଉଠାଣିରେ ଦୁହିଁ ହୋଇ ଯାଉଥିବା ମାଂସପେଶୀର ଯନ୍ତ୍ରଣାକୁ ସହ୍ୟ କରିବା ଅବସ୍ଥାରେ ନଥିଲୁ । ଫେରି ଆସିବାକୁ ବସିଲୁ, ଦେଖିଲୁ ମହିଳାମାନେ ଗୋଟିଏ ସରୁ ଧାର ଝରଣା କୂଳେ ବସି ଥକା ମେଣ୍ଟେଇଲେ ଓ ଝରଣା ପାଣି ପିଇଲେ । ଯାହାହେଉ ଏହା ମଧ୍ୟ ଆମକୁ ଅବସର ଦେଲା ଆମର ଧକ୍ ଧକ୍ ପଡୁଥିବା ଉଠୁଥିବା ହୃଦ୍‌ପିଣ୍ଡ ଓ ଫୁସ୍‌ଫୁସ୍‌କୁ ବିଶ୍ରାମ ନେବାକୁ । ସେତେବେଳକୁ ଆମର ଦମ୍ଭ ଓ ଫୁଟାଣି ଫସରଫାଟି ଯାଇଥିଲା । ବାପ୍‌ରେ ବାପ୍, ସେମାନେ ଲଗାତର ଭାବେ ତିନିଘଣ୍ଟା ଧରି ଚାଲୁଥିଲେ–ତୀଖ, ଉଠାଣି, ଦୁର୍ଗମ ପାହାଡ଼ି ରାସ୍ତା ! ପୁଣି ଆହୁରି ଚଢ଼ିବେ ଏବଂ ସେତିକି ବାଟ ଓହ୍ଲାଇବେ । ଅପୁଷ୍ଟି ଜନିତ ଶୀର୍ଣ୍ଣ ଦେହ, କିନ୍ତୁ ମୁହଁରେ ଅମଳିନ ରହିଛି ହସର ରେଖା ।

ଡଃ ଦରଧିୟାରଙ୍କ ଅଧ୍ୟୟନ କହେ ଯେ, ଏହି ଝରଣାର ଜଳରେ ଆୟୋଡ଼ିନ୍‌ର ଘୋର ଅଭାବ ଏବଂ 'ଖୁବ୍ ନିମ୍ନମାନର ପାଣି' । ଏଥିପାଇଁ ଏ ପାଣି ପିଉଥିବା ନିହାତି

Digitized by srujanika@gmail.com

ଶୀର୍ଣ୍ଣ ମଣିଷଙ୍କ ସ୍ୱାସ୍ଥ୍ୟର ଅଧିକ ଯତ୍ନ ନିଆଯିବା ଦରକାର ବୋଲି ତାଙ୍କର ମତ । 'ଜଳ ଯୋଗାଣ' ନାମକ ଏକ ପଦ୍ଧତିର ନାଁ ଗନ୍ଧ କେହି ଏଠାରେ ଶୁଣିନାହାନ୍ତି । ଯୁଗଯୁଗର ଅବହେଳା ହିଁ ସେପରି ଅବସ୍ଥାର ସୂତ୍ରପାତ କରିଛି । ତେଣୁ ପାହାଡ଼ିଆମାନେ ଜଳବାହିତ ବହୁବିଧ ରୋଗର ଏଠାରେ ଶିକାର ହୁଅନ୍ତି । ଝାଡ଼ାବାନ୍ତି, ହଇଜା, କାମଳ । ଅନେକ ଯକ୍ଷ୍ମା, ଗଳଗଣ୍ଡ ଓ ରକ୍ତହୀନତାର ଚିରନ୍ତନ ରୋଗୀ । ତା'ପରେ ଏହା ହେଉଛି ମ୍ୟାଲେରିଆର ସାମ୍ରାଜ୍ୟ । ଡୋରିଓ ଗାଁର ସବୁଠାରୁ ବୟସ୍କ ନାଗରିକ ପଇଁଚାଳିଶ ବର୍ଷୀୟ ଗନ୍ଧି ପାହାରିଆ କହନ୍ତି : "ଯଦି ଏଠି କେହି ବେମାର ପଡ଼େ, ତେବେ ଆଖପାଖରେ ଡାକ୍ତରଖାନା ନାହିଁ । ଏମିତି ଖସଡ଼ା ପାହାଡ଼ି ରାସ୍ତାରେ ତାକୁ ଖଟ ଉପରେ ଶୁଆଇ ତା' ତଳେ ବାଉଁଶ ଦେଇ ଚାରିଜଣ କି ଆଠଜଣ କାନ୍ଧେଇ ପନ୍ଦର କିଲୋମିଟର ଦୂରକୁ ଗଲେ ଯାଇ ଡାକ୍ତର ମିଳିବେ ।"

ଏବେ ଆମର ହୃତ୍‌ପିଣ୍ଡ ସାବଲୀଳ ଗତିକୁ ଫେରିନଥିଲେ ବି ଆବଶ୍ୟକ ବିଶ୍ରାମ ନେଇସାରିଛି ଏବଂ ମହିଳାମାନେ ପାଣି ପିଇସାରି ଝାଳ ମାରୁଛନ୍ତି ଓ ଆମ ପ୍ରଶ୍ନର ଉତ୍ତର ଦେଉଥାନ୍ତି । ଏଠି ଗୋଟିଏ ଝିଅ ତା'ର ଭାବି ଶ୍ୱଶୁର ଘରକୁ ଯିବା ଆଗରୁ ତା'ର ପରୀକ୍ଷା ବେଳ ହେଉଛି ଏଇ ପାଣି ଆଣିବା । ଝିଅଟିଏ ଶ୍ୱଶୁର ଘରକୁ ଯିବାର ଢେର୍ ପରେ ତା'ର ବିଭାଘର ହୋଇଥାଏ । ସନ୍ଦର ପାହାଡ଼ି ବ୍ଲକ୍‌ର ଉପର ସିଦ୍‌ଲର ଗାଁର ଏନ୍ତ୍ରୋ ପାହାରିଆ କହେ : "ପାଣି ହେଉଛି ଏଠି ଅଗ୍ନି-ପରୀକ୍ଷା । ଯେତେବେଳେ ଆମ ଏ ପାହାଡ଼ି ମୂଳକରେ ଝିଅଟିଏ ପାଣି ବୋହି ଆଣିବାକୁ ସବଳ ହେଲା, ତାକୁ ଯୋଗ୍ୟ କନିଆ ଭାବେ ମଙ୍ଗୁଳି କରାଯାଏ ।"

ଏହି ସଂପ୍ରଦାୟଙ୍କ ସହିତ ୧୪ ବର୍ଷ କାମ କରିଥିବା "ସାନ୍ତାଳ ପାହାରିଆ ସେବା ମଣ୍ଡଳ'ର ଗିରିଧର ମାଥୁର କହନ୍ତି – "ଝିଅମାନଙ୍କର ଶ୍ୱଶୁର ଘରେ ଏଇ ଯେଉଁ ତାଲିମ କାଳକୁ ଅତିରଞ୍ଜିତ କରାଯାଇଛି । ପୁରୁଷମାନେ ଅବଶ୍ୟ ଏଠି ଅଗ୍ନି ପରୀକ୍ଷାର ସମ୍ମୁଖୀନ ହୁଅନ୍ତି ନାହିଁ । ତେବେ ଶ୍ୱଶୁର ଘରକୁ ଯିବା ପରେ ବି ଜଣେ ସ୍ତ୍ରୀ ଲୋକ ତା'ର ସ୍ୱାମୀକୁ ବିଭିନ୍ନ କାରଣରୁ ବାଛନ୍ଦ କରି ଲେଉଟି ଯାଇପାରେ ।"

ତେଥିରିଗୋଡ଼ା ଓ ଭୋଦା ଖୋଟା ମଧ୍ୟସ୍ଥ ଗିରିମାଳାରୁ ଅବତରଣ ପଥ ଥିଲା ଅତ୍ୟନ୍ତ ତୀଖ, ପିଚ୍ଛିଳ ଏବଂ ଗୋଡ଼ିଆ ପଥର-ଖଣ୍ଡମାନଙ୍କର ବିସ୍ତୃତ ଶଯ୍ୟା । ପାହାଡ଼ିଆମାନେ ଏପରି ଦୁର୍ଗମ ଗିରିପଥକୁ ଆଦୌ ଖାତିର କରନ୍ତି ନାହିଁ । ମାଥୁର୍ କହିଲେ : "ଏଠି ସଡ଼କ ହେଉଛି ଶୋଷଣର ଚିହ୍ନ, ବିକାଶର ନୁହେଁ ।" ତାଙ୍କ ବକ୍ତବ୍ୟର ଅନ୍ତର୍ନିହିତ ଅର୍ଥ ଥିଲା । ସମତଳ ଭୂମିର ସନ୍ନିକଟ ଗ୍ରାମମାନଙ୍କର ପାହାଡ଼ିଆମାନେ

Digitized by srujanika@gmail.com

ଅଧିକ ଭାବେ ଥାନ୍ତି ମହାଜନ ସାହୁକାରର କବଳରେ; ମାତ୍ର ପାହଡ଼ ଉପରି ଭାଗର ଗ୍ରାମମାନଙ୍କରେ ସାହୁକାରର ପ୍ରବେଶ ସେତେ ନୁହେଁ ।

ଯେଉଁସବୁ ବିକାଶମୂଳକ ଯୋଜନା ଏଠାରେ କାର୍ଯ୍ୟକାରୀ ହୋଇଛି ସେଥିରେ ନିଷ୍ପତ୍ତି ଓ ପରାମର୍ଶ ଲୋଡ଼ି ପାହାଡ଼ିଆ ସଂପ୍ରଦାୟଙ୍କୁ ସଂପୃକ୍ତ କରାଯାଏ ନାହିଁ । ଗୋଟିଏ ପରୀକ୍ଷାମୂଳକ ପ୍ରୟୋଗରେ ପ୍ରତି ପାହାଡ଼ିଆ ପରିବାରକୁ ଦୁଇଟି ଲେଖାଁ ଗାଈ ଦିଆଗଲା । ପାହାଡ଼ିଆମାନେ ଗାଈର କ୍ଷୀର ଦୁହଁନ୍ତି ନାହିଁ, ସେପରି ହେଲେ ବାଛୁରୀ ପିଇବ କ'ଣ ? ସେମାନେ ନିଜେ ଦୁଗ୍ଧ କି ଦୁଗ୍ଧଜାତ ପଦାର୍ଥ ଖାଆନ୍ତି ନାହିଁ । ଏକଥା ଅନେକେ ଜାଣନ୍ତି ନାହିଁ । ସେମାନେ ଯାହା ଖାଆନ୍ତି ତାହାହେଲା ଗୋ-ମାଂସ ଏବଂ ଏହି ପ୍ରକ୍ରିୟାରେ ଅଧିକାଂଶ 'ଋଣ' ଭକ୍ଷ୍ୟ ହୋଇଗଲା । କିଛି ଲୋକ ଏହାକୁ ହଳ ବୁଲାଇବାରେ ବ୍ୟବହାର କରନ୍ତି । ମାତ୍ର ତୀଖ କଙ୍କରିତ ପାହାଡ଼ରେ ଅଧିକ ଶ୍ରମ କରି ତଥା ସେ ଜଳବାୟୁକୁ ସହ୍ୟ କରିନପାରି ଅନେକ ଗୋରୁ ଗାଈ ମରିଗଲେ । ଦେଶର ଦରିଦ୍ରତମ ମଣିଷମାନଙ୍କୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ଋଣ ପରିଶୋଧ କରିବାକୁ ପଡ଼ିଲା, ଯାହାକୁ ସେମାନେ କେବେ ଲୋଡ଼ିନଥିଲେ ।

ମାଥୁରଙ୍କ ବକ୍ତବ୍ୟ ଅନୁଯାୟୀ : "ସରକାରୀ ପାଣ୍ଠି ହିଁ କେବଳ ଠିକାଦାରମାନଙ୍କୁ ପୃଥୁଳ ଓ ଚର୍ବିଳ କରାଇଛି ।" ଦୁର୍ନୀତିଗ୍ରସ୍ତ ସରକାରୀ କର୍ମକର୍ତ୍ତାଙ୍କ ଦ୍ୱାରା ଭୂଆଁବୁଲି ଶେଷକୁ ପାହାଡ଼ିଆମାନେ ମହାଜନର କବଳରେ ପଡ଼ିଛନ୍ତି । ଜଣେ ରାଜନୈତିକ ସଚେତନ ପାହାଡ଼ିଆ ମାଧୋସିଂ କଥାଟିକୁ ସହଜ ଭାବରେ ଥୁଅନ୍ତି : "ସରକାରୀ ଅଫିସର ହେଉଛନ୍ତି ବଦଳି ସର୍ବସ୍ୱ ବାସ୍ତବତା, ମହାଜନ ହେଲେ ସ୍ଥାୟୀ ବାସ୍ତବତା ।"

ରାଜନୈତିକ ଆନ୍ଦୋଳନମାନଙ୍କର ଏଠାରେ ଖୁବ୍ ସୀମିତ ପ୍ରଭାବ । ୧୯୬୦ ଓ ୭୦ ଦଶକରେ ଏଠାରେ ଭାରତୀୟ କମ୍ୟୁନିଷ୍ଟ ଦଳ (ସି.ପି.ଆଇ) ନେତୃତ୍ୱରେ ପରିଚାଳିତ ଏକ ସଂଘର୍ଷ ଫଳରେ ମହାଜନ କବଳରୁ ମୁକ୍ତ ହେଲା ପାହାଡ଼ିଆଙ୍କ ଜମି । ମାତ୍ର ଏହି ଧାରାକୁ ଅବ୍ୟାହତ ରଖିବାରେ ରାଜ୍ୟ ପ୍ରଶାସନ ବିଫଳ ହେଲା ଏବଂ ପୁଣି ଫେରି ଆସିଲା ସ୍ଥିତାବସ୍ଥା । ଅର୍ଥାତ୍ ଚାଷଜମି ପୁଣି ଚାଲିଗଲା ମହାଜନ କବଳକୁ । ଖୁବ୍ ସମ୍ବେଦନଶୀଳ କିଛି ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ବହୁବର୍ଷ ଧରି ଏ ଅଞ୍ଚଳରେ କାର୍ଯ୍ୟରତ ସତ୍ତ୍ୱେ ଆଖିଦୃଶିଆ କିଛି ସଫଳତା ହାସଲ କରିପାରିନାହାନ୍ତି ।

ଡଃ ଦରଧିଆର ଓ ତାଙ୍କର ସହଯୋଗୀ ସମୀକ୍ଷକ ଡଃ ପି.କେ ବର୍ମା ବିଶ୍ୱାସ କରନ୍ତି ଯେ, ପାହାଡ଼ିଆ ସଂପ୍ରଦାୟଙ୍କ ସଂଖ୍ୟା କ୍ରମେ ହ୍ରାସ ପାଉଛି । ସରକାର ଏହାକୁ

Digitized by srujanika@gmail.com

ଅସ୍ୱୀକାର କରନ୍ତି । ମାତ୍ର ଏପରି ଏକ ଆଶଙ୍କା ଅମୂଳକ ନୁହେଁ ବୋଲି ସ୍ୱୀକାର କରନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଆର୍ଥିକ ଅବସ୍ଥା ସବୁ କ୍ଷେତ୍ରରେ ପାହାଡ଼ିଆମାନେ ଯୁଗ ଯୁଗ ଧରି ଅବହେଳିତ ହୋଇ ଆସିଥିବାରୁ ସେମାନଙ୍କ ବଂଶ ହ୍ରାସ ଉପରେ ଏହାର ପ୍ରଭାବ ଯେ ପଡ଼ିବ ଏହା ନିଃସନ୍ଦେହ । ଏସବୁ ବିରୋଧରେ ସଂଗ୍ରାମ ପାଇଁ ସରକାରଙ୍କ ପକ୍ଷରୁ କେତେଗୁଡ଼ିଏ ବିକାଶମୂଳକ ଯୋଜନା ଘୋଷଣା କରାଯାଇଛି । ଏସବୁ ଅବଶ୍ୟ ପାହାଡ଼ିଆଙ୍କୁ ସ୍ପର୍ଶ କରିବ; ମାତ୍ର ଠିକାଦାର ଓ ସାଉକାରଙ୍କ ପାଇଁ ଏହା ହେବ ମାହେନ୍ଦ୍ର ମୁହୂର୍ତ୍ତ । ମାଧୋସିଂଙ୍କ ଭାଷାରେ : "ଇତିମଧ୍ୟରେ ଲୁଟ୍ ହୋଇ ଚାଲିଥିବ ଆମର ଜଙ୍ଗଲ, ଆମ ହାତରୁ ଚାଲି ଯାଉଥିବ ଜମି ଏବଂ ଆମର ଦୁଃଖ ଦହନ ବଢ଼ି ବଢ଼ି ଚାଲିଥିବ ।"

ଆମେ ଏବେ ପାହାଡ଼ପୁର ପାର ହୋଇ ହାଟରେ ପହଞ୍ଚିଲୁ । ସକାଳେ ପ୍ରଥମେ ଯେତେବେଳେ ପାହାଡ଼ ଚଢ଼ିବା ବେଳେ ସ୍ତ୍ରୀ ଲୋକମାନଙ୍କୁ ଦେଖିଥିଲୁ, ସେ ସ୍ଥାନରୁ ଏହାର ଦୂରତ୍ୱ ଥିଲା ୨୪ କିଲୋମିଟର । ସମୁଦାୟ ଦିନଟିରେ ଆମେ ଚାଳିଶ କିଲୋମିଟର ରାସ୍ତା ଚାଲିଥିଲୁ । ପରବର୍ତ୍ତୀ ଆଠଦିନ ଧରି ଏହି ଧାରାରେ ଆମର ପ୍ରତିଦିନର କାର୍ଯ୍ୟକ୍ରମର ପୁନରାବୃତ୍ତି ହେବ ସ୍ମରଣ କରି ଆତଙ୍କିତ ଲାଗିଲା । ଆମ ସାମ୍ନାରେ ମହିଳାମାନେ ମୁଣ୍ଡାଇ ଆଣିଥିବା ୩୦/୪୦ କି.ଗ୍ରା.ର କାଠ ବୋଝକୁ ଗୋଟା ପ୍ରତି ୫ରୁ ୭ ଟଙ୍କାରେ ବିକିଲେ ।

ପରଦିନ ସକାଳେ ଥିଲି ଗୋଡ଼ାରେ । ଦେହ ମୁଣ୍ଡର ପ୍ରତି ମାଂସପେଶୀ ଓ ପ୍ରତ୍ୟଙ୍ଗ ଦରଜ ହୋଇଯାଇଥାଏ, ଘୋଳାବିନ୍ଧା ହେଉଥାଏ । ପୁଣି କାମରେ ବାହାରିବା ପୂର୍ବରୁ ଆଖିରେ ପଡ଼ିଲା ୧୯୪୭ରେ ସ୍ଥାପିତ 'ମୁକ୍ତି ସଂଗ୍ରାମର ସ୍ମାରକୀ ସ୍ତମ୍ଭ' । ଶହୀଦ୍ ହୋଇଥିବା ପ୍ରଥମ ସଂଗ୍ରାମୀ ଥିଲେ ପାହାଡ଼ିଆ ସଂପ୍ରଦାୟର, ବାସ୍ତବରେ ଏଥିରେ ଲିପିବଦ୍ଧ ସଂଗ୍ରାମୀମାନଙ୍କ ନାମ ମଧ୍ୟରୁ ଅଧିକାଂଶ ଥିଲେ ପାହାଡ଼ିଆ ଆଦିବାସୀ ।

ଦେଶର ସ୍ୱାଧୀନତା ପାଇଁ ପ୍ରାଣତ୍ୟାଗ କରିଥିବା ପ୍ରଥମ ସଂଗ୍ରାମୀ ପାହାଡ଼ିଆ, ଦେଶ ସ୍ୱାଧୀନ ହେଲା ପରେ ସେଥିରୁ ସୁବିଧା ପାଇବାରେ ସର୍ବଶେଷ ସଂପ୍ରଦାୟ ମଧ୍ୟ ଏଇ ପାହାଡ଼ିଆ । ଏଇ ଦେଶର ନାମ କୁଆଡ଼େ ସ୍ୱର୍ଣ୍ଣପ୍ରସୂ ଭାରତବର୍ଷ !! ଆମର ଆର୍ଯ୍ୟ ଋଷିମାନେ କୁଆଡ଼େ ଗାଉଥିଲେ : 'ବସୁଧୈବ କୁଟୁମ୍ବକମ୍' –ଅର୍ଥାତ୍ ସମଗ୍ର ବସୁଧା ହେଉଛି ଗୋଟିଏ କୁଟୁମ୍ବ, ଏକକ ପରିବାର । ଆହାଃ ! ଆହାଃ !!

❖ ❖ ❖

Digitized by srujanika@gmail.com

ଇତିହାସର ପୃଷ୍ଠାରୁ ବି ଲିଭି ଯାଉଥିବା ଏକ ଜାତିର ନାମ

ସେ ଥିଲା ୧୯୬୭ର ଏକ ବର୍ଷାକାଳ । ସମଗ୍ର ଗୋଡ୍ଡା ଜିଲ୍ଲାର ଶୋଚନୀୟ-ଦାରିଦ୍ର୍ୟ ପୀଡ଼ିତ କହଁର ଆଦିବାସୀମାନେ ବଡ଼ ଧୁମ୍‌ଧାମ୍‌ରେ ପାଳିଲେ ଏକ ଉତ୍ସବ । କୌଣସି ପର୍ବ ନଥିଲା, ନଥିଲା ବି ବିଭାଘର । ଉତ୍ସବ ପାଳିବା ପାଇଁ ସେମାନଙ୍କର ସାମର୍ଥ୍ୟ ନଥିଲା, ମାତ୍ର ସ୍ୱାଭିମାନ ଓ ଗର୍ବବୋଧ ହିଁ ସେମାନଙ୍କୁ ଏଥିପାଇଁ ଅନୁପ୍ରେରିତ କରିଥିଲା । ତାଙ୍କ ଜାତିର ପ୍ରଥମ ତରୁଣ ଶିବଶଙ୍କର ଲୈୟା ମାଟ୍ରିକ୍ ପାସ୍ କରିଛି । ଇଏ କ'ଣ କମ୍ ଗର୍ବ, ଗୌରବର କଥା ! ଘଟଣାଟି ଥିଲା ବିହାର ରାଜ୍ୟର ଗୋଡ୍ଡାର ନୁନ୍‌ମାଟି ଗାଁର ।

ମାତ୍ର ବେଶି ଦିନ ରହିଲା ନାହିଁ ଏ ମଉଜ । ନିସ୍ତବ୍ଧ ପଡ଼ିଗଲା ଏବଂ ଉଦାସୀନତା ଆବୋରି ବସିଲା ମନ, ଯେତେବେଳେ ଶିବଶଙ୍କର ଏହାର ପରବର୍ତ୍ତୀ ଛବିଶ ବର୍ଷ ଧରି ରହିଲା ବେକାର । ଇତିମଧ୍ୟରେ ଦ୍ୱିତୀୟ ମାଟ୍ରିକ୍ ଯୋଗୀନ୍ଦର ଲୈୟା ଯକ୍ଷ୍ମାରେ ମରିଗଲା । ଆଜି ଗୋଡ୍ଡା ସହର ଭିତରେ ଥିବା ନୁନ୍‌ମାଟି କି ଗୋରୀଘାଟ ଗାଁର ଜଣେ ବି କହଁର ପିଲା ସ୍କୁଲକୁ ଯାଆନ୍ତି ନାହିଁ । ଏ ଗାଁରେ ସେମାନେ ସଂଖ୍ୟାଧିକ, ପାହାଡ଼ିଆ ସଂପ୍ରଦାୟ ଠାରୁ ସେମାନେ ଆହୁରି ଦରିଦ୍ର । ଏବେ ପ୍ରୌଢ଼ତ୍ୱରେ ପଦାର୍ପଣ କରିଥିବା ଶିବଶଙ୍କର ଲୈୟା କହନ୍ତି : "ଦୁଇଜଣ କହଁର ପିଲାଙ୍କ ନାଁ ସ୍କୁଲରେ ଗଢ଼ୁଛି । ହେଲେ ସ୍କୁଲ ପଠାଇବାକୁ କାହାର ବା ସାମର୍ଥ୍ୟ ଅଛି ? ସ୍କୁଲ ଯିବାକୁ ହେଲେ ଟଙ୍କା ଦରକାର । ଅନ୍ତତଃ ପକ୍ଷେ ସେମାନେ ଛେଳି ଓ ଘୁଷୁରୀ ଚରାଇ କିଛି ଉପାର୍ଜନ ତ କରିପାରୁଛନ୍ତି !"

ହରିଜନ ଓ ଆଦିବାସୀଙ୍କ ଠାରୁ ଅଧିକ ପଛୁଆ ଓ ଦରିଦ୍ର ଏବଂ କ୍ରମ ଅପସୃୟମାନ ଏକ ଜାତି; ମାତ୍ର ତଫସିଲଭୁକ୍ତ ଜାତି କି ଉପଜାତି ତାଲିକାରେ ଏମାନଙ୍କ ନାମ ନାହିଁ । ସେଥିପାଇଁ ହରିଜନ, ଆଦିବାସୀଙ୍କ ପାଇଁ ରହିଥିବା ସୁବିଧା ସୁଯୋଗରୁ ଏମାନେ ବଞ୍ଚିତ । କହଁରଙ୍କ ପରି ଏତେ ମାତ୍ରାରେ ଶୋଷିତ ଓ ପ୍ରବଞ୍ଚିତ ଜାତି ଅନ୍ୟତ୍ର ଦେଖିବାକୁ ମିଳେନାହିଁ ଏବଂ ସେମାନଙ୍କର ସାହା ଭରସା ମଧ୍ୟ କେହି ନାହିଁ ।

ସମୁଦାୟ କହଁର ଜାତି ହେଉଛନ୍ତି ଭୂମିହୀନ କ୍ଷେତ ମଜୁରିଆ । କେବଳ ନୁନ୍‌ମାଟି ଗାଁରେ ମୁଁ ଏହାର ଏକମାତ୍ର ବ୍ୟତିକ୍ରମ ପାଇଲି – ଜଣେ କହଁରର ରହିଛି ଦେଢ଼ ଡିସିମିଲି ଜମି । ଗୋଟିଏ ଏକରର କୋଡ଼ିଏ ଭାଗରୁ ଭାଗେ । ଏପରିକି

Digitized by srujanika@gmail.com

ସେମାନେ ଯେଉଁ ସ୍ଥାନରେ ଘର ତୋଳନ୍ତି ତାହା ବି ସେମାନଙ୍କ ନାମରେ ନାହିଁ, ସେଥିବୁ ଚାରଣଭୂମି ଭାବେ ରାଜସ୍ୱ ବିଭାଗ ଦ୍ୱାରା ନିର୍ଣ୍ଣିତ । "ଆମେ ଏଠି ଘର ତୋଳିଲା ବେଳେ ଅନ୍ୟ ଗ୍ରାମବାସୀମାନେ କେମିତି ଆମ ଉପରେ ଖଡ୍‌ଗହସ୍ତ ହେଲେ ସେତକ ଆପଣ ଦେଖିବାର ଥିଲା ।" —କହିଲେ ଶିବୁ ଲୈୟା । ତାଙ୍କ ଗୋସେଇଁ ବାପ ହେଉଛନ୍ତି ନୁନ୍‌ମାଟିରେ ପହଞ୍ଚିଥିବା ପ୍ରଥମ କହଁର ।

ଗୋଡ୍ଡା, ବାଙ୍କା ଓ ଭାଗଲପୁର ଜିଲ୍ଲାରେ ରହିଛି ପ୍ରାୟ ୫୦/୬୦ଟି କହଁର ବସ୍ତି । କୌଣସି ବସ୍ତିରେ ସେମାନଙ୍କ ସଂଖ୍ୟା ୨୦୦ରୁ ଅଧିକ ନୁହେଁ ଏବଂ ସାନ୍ତାଳ ପ୍ରଗଣା ଡିଭିଜନ ବାହାରେ ସେମାନେ ଆଉ ଦେଖାଯାଆନ୍ତି ନାହିଁ । ଅନ୍ୟଜାତିର ଲୋକମାନେ ତାଙ୍କୁ ଦୂର୍‌ଦୂର୍ ମାର୍‌ମାର୍ କରନ୍ତି । "ଏପରିକି ହରିଜନମାନେ ଆମ ସହ ଚଳପ୍ରଚଳ ହୁଅନ୍ତି ନାହିଁ ।" —କହନ୍ତି ନୁନ୍‌ମାଟିର ବଳଦେବ ବଡ଼ାର । "ଆମକୁ ଅନ୍ୟ ଜାତିର ଘର ଭିତରକୁ ପଶିବାକୁ ବାରଣ । ନଈ କି ପଞ୍ଚାୟତ ପୋଖରୀରୁ ମାଛ ମାରିବାକୁ ସେମାନେ ମଧ୍ୟ ଆମକୁ ବାଟ ଓଗାଳନ୍ତି ।"

ଶ୍ରେ କହଁରମାନଙ୍କର ମାଛ ଧରିବାର ଏକମାତ୍ର ପନ୍ଥା ହେଉଛି ରାସ୍ତାକଡ଼ ଖାଲିଆ, ଖାଲ ଓ ବିଲଖମାରୁ ପାଣି ବୋହି ହାତରେ ମାଛ ମାରିବା । ନୁନ୍‌ମାଟିର କହଁରମାନେ ଦୈନିକ କ୍ଷେତ ମଜୁରିଆ ଭାବେ ବାରଟଙ୍କାରୁ ଅଧିକ ମଜୁରି ପାଆନ୍ତି ନାହିଁ । ଗୋରଘାଟରେ ମୁଖ୍ୟତଃ କୁଲି ଭାବେ କାମ କରୁଥିବା ଲୋକ ଦୈନିକ ୨୦ ଟଙ୍କାରୁ ଅଧିକ ଉପାର୍ଜନ କରିପାରେ ନାହିଁ । ବର୍ଷକୁ ଅତିବେଶିରେ ସେମାନେ ୧୮୦ରୁ ୨୦୦ ଦିନର କାମ ପାଆନ୍ତି । ବିସ୍ମୟକର ଯେ, ମୁଁ ଭେଟିଥିବା ଜଣେ ହେଲେ କହଁର ଜାଣନ୍ତି ନାହିଁ ଯେ, ବିହାର ରାଜ୍ୟରେ ସର୍ବନିମ୍ନ ମଜୁରି ହେଉଛି ୩୦ ଟଙ୍କା ୫୦ପଇସା । କିଛି ବର୍ଷ ତଳେ ଭାରତୀୟ କମ୍ୟୁନିଷ୍ଟ ଦଳ (ସି.ପି.ଆଇ) ନେତୃତ୍ୱରେ ଏକ ସଂଘର୍ଷରେ ଗୋତି ଶ୍ରମିକମାନେ ବନ୍ଧନମୁକ୍ତ ହେଲାବେଳେ କହଁରମାନେ ଜମିଦାରଙ୍କ ଭୟଙ୍କର ରୂପର ସ୍ୱାଦ ଚାଖିଲେ । କହଁର ଜାତିର ସ୍ତ୍ରୀଲୋକମାନଙ୍କୁ ଜମିଦାରଙ୍କ ଯୌନ ଅତ୍ୟାଚାର ସହିବାକୁ ପଡ଼ିଥାଏ ଏବଂ ପୁରୁଷମାନଙ୍କ ଯାବତୀୟ ପ୍ରକାରର ନିଉଛୁଣା ଶାରୀରିକ ଶ୍ରମ—ମଇଳା ଉଠାଇବା, ପାଇଖାନା ସଫା ଯାଏ ।

କହଁରମାନଙ୍କ କ୍ରୟ କ୍ଷମତା ଅତ୍ୟନ୍ତ ସୀମିତ । "ସରକାରୀ ପଡ଼ିକାର୍ଡ ବ୍ୟବସ୍ଥା ଆମ ପାଇଁ ନାହିଁ । କାହାର ସକ୍ଷ ଅଛି ଯେ କିଣିବ ?" —କହନ୍ତି ଗୋରୀଘାଟର ଜଣେ ସ୍ୱଷ୍ଟଭାଷୀ ତରୁଣ ପୁରନ୍ । କହଁର ଖାଦ୍ୟରେ କେବେ ଡାଲି ନଥାଏ ଏବଂ ଚିନିର ସ୍ୱାଦ ସେମାନେ ଜାଣନ୍ତି ନାହିଁ ।

Digitized by srujanika@gmail.com

ସେମାନଙ୍କୁ ଏପରି ଭାବେ ସାମାଜିକ ବାଛନ୍ଦ ଜାତିଟିକୁ ଅନ୍ୟ ଭାବରେ ବିପନ୍ନ କରେ । ଏଯାଏ ଜଣେହେଲେ ବି କହଁର ନିଜର ଉପାର୍ଜନ ବଢ଼ାଇବା ପାଇଁ ଅନ୍ୟକିଛି କାରିଗରି ଧନ୍ଦା ଶିଖିନାହିଁ । ସେମାନେ ମୁଖ୍ୟତଃ ଭୂମିହୀନ ଥିବାରୁ ସେମାନଙ୍କର ଏହା ହିଁ ମୁଖ୍ୟ ସମସ୍ୟା । ସଂପ୍ରଦାୟଟିରେ ଜଣେ ବଢ଼େଇ କି ରାଜମିସ୍ତ୍ରୀ ନାହିଁ, ଯଦିଓ ଏସବୁ ଧନ୍ଦାରେ ସହଯୋଗୀ ଅଣକୁଶଳୀ ଶ୍ରମିକ ହୋଇ କିଛି କହଁର କାମ କରନ୍ତି । ନିକଟରେ କିଛି ଲୋକ ଏକଜୁଟ ହୋଇ ଗୀତ ନାଚର ଏକ ଦେଶିଜଣିଆ ବ୍ରାସ୍-ବ୍ୟାଣ୍ଡ ପାର୍ଟି ଗଢ଼ିଛନ୍ତି । ବଳଦେବ ବଡ଼ାଇ ଏବେ ତାହାର ମାଷ୍ଟ୍ର ଏବଂ ବିବାହ ଭଳି ସାମାଜିକ ଉତ୍ସବ ଓ ଆୟୋଜନରେ ସେମାନେ ବାଜା ବଜାଇ କିଛି ଉପାର୍ଜନ କରନ୍ତି ।

କିନ୍ତୁ ଏପରି କୌଣସି ଉତ୍ସବ ନୂନ୍‌ମାଟି କି ଗୋରୀଘାଟର କହଁର ବସ୍ତିକୁ ଆଲୋକିତ, ମୁଖର କରେନାହିଁ । ସେମାନେ ଚିର ଅନ୍ଧକାର ଭିତରେ ରହନ୍ତି । ବିଜୁଳିର ଉପସ୍ଥାନ ଏ ଅଞ୍ଚଳରେ ନାହିଁ ଏବଂ କିରୋସିନ୍ କିଣିବାର ସାମର୍ଥ୍ୟ ବି ନାହିଁ । ଏମାନେ ହରିଜନ କି ଆଦିବାସୀ ସଂପ୍ରଦାୟର ହୋଇନଥିବାରୁ ସରକାରୀ ଗୃହ ନିର୍ମାଣ ଯୋଜନା, ଏପରିକି କାଗଜ ପତ୍ରରେ ସୀମାବଦ୍ଧ ରହୁ ପଛେ, ଏମାନଙ୍କ କପାଳରେ ଜୁଟେ ନାହିଁ । ଅଧିକାଂଶ କହଁରଙ୍କ ଘର ହେଉଛି କୁଡ଼ିଆ ନୁହେଁ ପଲା ପରି । ଏ ଝୋଳିରେ ମଣିଷ ସହିତ ଏକତ୍ର ରହେ ଘୁଷୁରୀ; ସେମାନେ ଚରାଇ ନେଉଥିବା ଗୋରୁ ଜଣେହେଲେ ବି କହଁର ଘରେ କବାଟ ନାହିଁ । ଝରକାର ଚିତ୍ର ସେମାନେ ବହିରେ କି ଚଳଚ୍ଚିତ୍ରରେ ହୁଏତ ଦେଖିଥିବେ । ''ଆମର କ'ଣ ଅଛି ଯେ, ଚୋରି ହେବ ?'' –ଛାଉନ୍ତି ସୁରୁଯା ଦେବୀ । ''ଆମର ତ ପେଟକୁ ଦାନା ଦେବାର ସକ୍ଷ ନାହିଁ, କବାଟକଥା ପଚାରେ କିଏ !'' ଖୋଲାମେଲାରେ ଚିରଦିନ ପଡ଼ି ରହିଥିବା ଖୋଲାମନର ମଣିଷ ଏମାନେ ।

''ଦିନକୁ ଚାରି ପାଞ୍ଚଟଙ୍କାରେ ଆମେ ଛଅଜଣ ଲୋକ ଚଳିବୁ କେମିତି କୁହତ ବାବୁ ?'' –ପଚାରନ୍ତି ଲୀଳାଦେବୀ । ''ଏପରିକି ଆମ ଜାତିର କେହି ବୁଢ଼ା ଲୋକ ପେନ୍‌ସନି ପାଆନ୍ତି ନାହିଁ । (ବିହାର ସରକାର ସାମାଜିକ ନିରାପତ୍ତା ପାଇଁ ମାସିକ ୧୦୦ ଟଙ୍କାର ବାର୍ଦ୍ଧକ୍ୟ ଭତ୍ତା ଦିଅନ୍ତି) ମୋର ଦୁଇ ପୁଅ ବମ୍ବେ ପାଖର କଲ୍ୟାଣ ବୋଲି କ'ଣ ଗୁଟେ ଜାଗାକୁ ପଳେଇଲେ । ତମେ ସେ ଜାଗା ଜାଣିଚକି ବାବୁ ?''

କଲ୍ୟାଣରେ ବି ତା'ଣ ଦୁଇ ପୁଅ ଠିକା ଶ୍ରମିକ ଭାବେ କାମ କରନ୍ତି । ଘରକୁ କୌଣସି ଟଙ୍କା ପଠାଇପାରନ୍ତି ନାହିଁ । ''କିଛି ନ ପଠାନ୍ତୁ ପଛେ ଗ ଦିଇଟା ତ କାମରେ ଲାଗିଗଲେ । ନଇଲେ ଆଉରି ଦି'ଟା ପେଟରେ ଦାନା ଭରିଥାନ୍ତୁ କେମିତି ?'' –ଲୀଳାଦେବୀ ଉଦାସ ହୋଇ କହନ୍ତି । ''ଅନେକ ଦିନ ଧରି ଆମେ ପେଜ ତୋରାଣିରେ ଚଳିଯାଉ । ଚାତୁର୍ମାସ୍ୟାରେ ତ ଖାଡ଼ା ଓପାସ ରହୁ କେତେ ବେଳ ।''

Digitized by srujanika@gmail.com

କ୍ରମେ ଦେଶୀମଦ କହଁର ସଂପ୍ରଦାୟକୁ କବଳିତ କରି ଚାଲିଛି । "ମରଦ ପିଲା ଦିନକୁ ଦିନ ବେଶି ପଇସା ମଦରେ ସାରୁଛନ୍ତି ।" —ମତାଙ୍ଗୀ ଲୈୟ କହନ୍ତି । ସଂପ୍ରଦାୟର ସବୁଠାରୁ ବୟସ୍କ, ପରିଣତ ମଣିଷ ଜଗଦେବ ଲୈୟାଙ୍କ ଆକଳନରେ ଗଢା ଟୋକାଗୁଡ଼ା ମୂଲ ମଜୁରିର ଅଧା ଚଉଠ ନିଇତି ମଦ ନିଶାରେ ଉଡ଼େଇ ଦିଅନ୍ତି ।

ଗୋଡ୍ଡା, ବାଙ୍କା ଓ ଭାଗଲପୁରରେ ଆନୁମାନିକ ୧୫ ହଜାର କହଁର ଖେଳେଇ ହୋଇ ରହିଥିବେ । ଇଟାଭାଟି, ମାଟିକାମ ଆଉ ଗହମ, ଧାନକଟାରେ ସେମାନେ ଜୀବିକା ମେଣ୍ଟାନ୍ତି—ମାତ୍ର ଏସବୁ କାମ ଋତୁକାଳୀନ । ସ୍ଥାୟୀ କିଛି କାମ ନଥାଏ । ପ୍ରକୃତରେ କହଁରଙ୍କ ସଂଖ୍ୟା କେତେ ସେ ନେଇ କେହି କେବେ ମୁଣ୍ଡ ଖେଳାଇ ନାହିଁ । ସରକାରୀ ଜନଗଣନା ହିସାବ ମିଛ ଫିସାଦିରେ ଭରା । ଜଗଦେବ ଲୈୟା କହନ୍ତି : "ଆମେ ତ ନିଜକୁ ଗଣିନୁ, ସେମାନେ ଗଣିବେ ବା କାହିଁକି । ଆମଠୁଁ ସେତେ ଭୋଟ ତାଙ୍କର ପାଇବାର ନାହିଁ । ଏଣେତେଣେ ଖେଳେଇ ହୋଇ ରହୁଥିବା ଆମ ଲୋକଙ୍କୁ ଏକାଠି କରି ସଂଗଠନ ଗଢ଼ିବା ବଡ଼ କାଠିକର ପାଠ । ହିନୀମାନ ହୋଇ ସମସ୍ତେ ବଞ୍ଚିଥାନ୍ତି । ସବୁଠୁଁ ବିଷମ କଥା ହେଉଛି ଏମାନେ ଅପାଠୁଆ, ଅଜ୍ଞ ।"

ବର୍ତ୍ତମାନ ପରିପ୍ରେକ୍ଷୀରେ କହଁରମାନଙ୍କ ମୁଖ୍ୟ ଦାବି ହେଉଛି ସେମାନଙ୍କୁ ହରିଜନ ତାଲିକାରେ ଭର୍ତ୍ତି କରିବା । ସମୟର ପ୍ରତିକୂଳରେ ଏ ସଂପ୍ରଦାୟଟି ବଞ୍ଚିଛି । ଜଣେ ରାଜନୈତିକ କର୍ମୀ ଏସ୍.ପି. ତିଓ୍ୱାରୀ କଥାଟିକୁ ଭିନ୍ନ ଢଙ୍ଗରେ ଥୁଅନ୍ତି : "ଏମାନେ ଏକ ଅପସୃୟମାଣ ଜାତି ଏବଂ ନିର୍ବାଚନ ରାଜନୀତିର ରଣାଙ୍ଗନରେ ଗଜାରୋହୀ, ଅଶ୍ୱାରୋହୀ କଥା ଛାଡ଼ନ୍ତୁ, ଏମାନେ ପଦାତିକ ମଧ ନୁହଁନ୍ତି । ଆପଣ ପ୍ରତି ବସ୍ତିରେ ପଚାରି ଦେଖନ୍ତୁ ଦଶବର୍ଷ ତଳେ ଯେତେ ଘର ଥିଲା କି ମଣିଷ ଥିଲେ, ଏବେ ସେତେ ନାହାନ୍ତି । ଏ ହେଉଛି ଗୋଟିଏ ଜାତି ଯିଏ ପ୍ରତି ସ୍ତରରେ, ପ୍ରତି ଦିଗରୁ, ପ୍ରତି ରୂପରେ ଶୋଷଣ ଓ ପ୍ରବଞ୍ଚନାର ଚାବୁକ୍ ପ୍ରହାର ଚାଖିଛି ।"

ତେବେ କହଁରମାନେ ନୀରବରେ ସହିବା ଲୋକ ନୁହଁନ୍ତି । ସେମାନଙ୍କ ଭିତରେ ବିଦ୍ରୋହର ବହ୍ନି କୁହୁଳୁଛି । ଦପ୍ ଦପ୍ ହୋଇ ଜଳି ଉଠିବାକୁ ବାଟ ଖୋଜୁଛି । ସୂର୍ଯ୍ୟାଦେବୀଙ୍କ କଥାରୁ ତା'ର ଆଭାସ ମିଳେ— "ଆମେ ଅପାଠୁଆ, ମୂର୍ଖ ବୋଲି ଆମ ହାତ ଗୋଡ଼ରେ ଏମିତି ବେଡ଼ି ପଡ଼ିଯାଇଛି ।" ହରିଜନ ତାଲିକାରେ ସେମାନଙ୍କ ନାମ ଅନ୍ତର୍ଭୁକ୍ତ କରିବା ଦାବି ବାହାରେ ଆଉ ଦୁଇଟି ହେଉଛି—ଶିକ୍ଷା ଓ ଚାଷଜମି । ଯଦି ସେମାନଙ୍କର ଏ ଚାହିଦା ପରିପୂରଣ ହେବନାହିଁ, ତେବେ ନିକଟ ଭବିଷ୍ୟତରେ —ଅନ୍ତତଃ ଆଉ ଦୁଇତିନୋଟି ଜନଗଣନା ବେଳକୁ କହଁର ସଂପ୍ରଦାୟର ନାମ କେବଳ ଇତିହାସରେ ହିଁ ରହିଯିବ । ସେ ଇତିହାସ ପଢ଼ିବାକୁ କେହି କହଁର ନଥିବେ ।

❖ ❖ ❖

Digitized by srujanika@gmail.com

ସୀତାଙ୍କ ଅଭିସଂପାତ ପାଇଁ ଚିର ମୁଣ୍ଡିତା, ଉଲଗ୍ନ ନାରୀ

ଓଠରେ ସଲ୍ଲଜ ହସ ଖେଳାଇ ସେ କହିଲା – ତା' ନାଁ ମଙ୍ଗଳବାର । ଅବଶ୍ୟ ଡାକନ୍ତି ତାକୁ ମଙ୍ଗଳୁ । ତା' ସ୍ତ୍ରୀ ନାଁ ଶନିବାର, ଡାକନାମ ଶନେଇ । ତା'ର ଦୁଇଝିଅ, ଦୁହିଁଙ୍କ ନାମ ରବିବାର ଏବଂ ସବା ସାନ ପୁଅଟିଏ – ବୁଧବାର । ଯେଉଁବାରରେ ଜନ୍ମ ସେହି ବାର ଅନୁଯାୟୀ ନାମ – ଇଏ ଯୁଗ ଯୁଗ ଧରି ପ୍ରଚଳିତ ଏକ ପଦ୍ଧତି ମାଲକାନଗିରିର ବଣ୍ଡା ସଂପ୍ରଦାୟରେ । ପାହାଡ଼ ଉପରେ ରହୁଥିବା ଉପର ବଣ୍ଡାଙ୍କ ମଧ୍ୟରେ, ବିଶେଷ ଭାବେ ଅଭ୍ୟନ୍ତର ଗ୍ରାମମାନଙ୍କରେ ଏଭଳି ନାମକରଣ ଅତ୍ୟନ୍ତ ଧାର୍ମିକ ନିଷ୍ଠା ସହ ପାଳିତ ।

ସୁତରାଂ ସୋମବାରରେ ଜନ୍ମ ନେଇଥିଲେ ବଣ୍ଡା ପୁଅଟିର ନାମ ହେବ – ସୋମ ଏବଂ ଝିଅ ହୋଇଥିଲେ – ସୋମବାରି । ତଦ୍ରୂପ ଭାବେ ମଙ୍ଗଳବାରରେ ଜନ୍ମିତ ଝିଅର ନାମ ରଖାହେବ ମଙ୍ଗଳି ଏବଂ ପୁଅର ନାମ ହେବ ମଙ୍ଗଳ କି ମଙ୍ଗଳୁ । ସମାନ ଢଙ୍ଗରେ ବଣ୍ଡାମାନେ ସେମାନଙ୍କ ପଶୁଙ୍କର ନାମକରଣ କରିଥାନ୍ତି ଏତାଦୃଶ ।

ପୂର୍ବତନ କୋରାପୁଟ ଜିଲ୍ଲା ଅଧୀନସ୍ଥ ଏବଂ ସଂପ୍ରତି ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପ୍ରାପ୍ତ ମାଲକାନଗିରି ହେଉଛି ବଣ୍ଡାମାନଙ୍କର ଏକମାତ୍ର ରହଣୀସ୍ଥଳୀ । ଅନ୍ୟତ୍ର କେଉଁଠି ସେମାନେ ରହନ୍ତି ନାହିଁ । ପର୍ବତର ପାଦଦେଶରେ ରହୁଥିବା ସଂପ୍ରଦାୟଙ୍କୁ ତଳ ବଣ୍ଡା କୁହାଯାଏ ଏବଂ ସଂସ୍କୃତି ଓ ଜୀବନଧାରାରେ ସେମାନେ ଅନ୍ୟ ସମସ୍ତ ସଂପ୍ରଦାୟ ଠାରୁ ଭିନ୍ନ । ପାହାଡ଼ ଉପରେ ସମୁଦ୍ର ପତନ ଠାରୁ ୩ ହଜାର ଫୁଟ ଉର୍ଦ୍ଧ୍ୱ ଅତ୍ୟନ୍ତ ପ୍ରତିକୂଳ ପରିବେଶ ଓ ଦୁର୍ଗମ, ଅପହଞ୍ଚ ଇଲାକାରେ ରହନ୍ତି ଦ୍ୱିତୀୟ ସଂପ୍ରଦାୟ – ଉପର ବଣ୍ଡା । ବଣ୍ଡା ଶବ୍ଦର ଆକ୍ଷରିକ ଅର୍ଥ କିଛି ନାହିଁ, ଏହା ଆମର ତଥାକଥିତ ସଭ୍ୟ ଜଗତ ପକ୍ଷରୁ ସେମାନଙ୍କ ପାଇଁ ପ୍ରଦତ୍ତ ଓ ପ୍ରଚଳିତ ଏକ ନାମ । ସରକାରୀ କାଗଜପତ୍ରରେ ସେମାନଙ୍କ ନାମ ବଣ୍ଡା-ପରଜା । ମାତ୍ର ସେମାନେ ନିଜକୁ 'ରେମୋ' କହନ୍ତି, ଯାହାର ଅର୍ଥ – ମଣିଷ । ନୃତତ୍ତ୍ୱବିଦ୍‌ଙ୍କ ମତରେ ବହୁ ଶତାବ୍ଦୀର ପୂର୍ବେ ଏକ ଅଷ୍ଟ୍ରେଲୀୟ-ଏସୀୟ ସଂପ୍ରଦାୟ ନିଜ ଜନ୍ମ ସ୍ଥାନ ଛାଡ଼ି ଜୟପୁର ପାର୍ବତ୍ୟାଞ୍ଚଳରେ ସ୍ଥାୟୀ ବସତି ସ୍ଥାପନ କଲେ । ପ୍ରଚଳିତ କିମ୍ବଦନ୍ତୀ ଅନୁଯାୟୀ ସେମାନେ 'ରାମାୟଣ' ଯୁଗର ବହୁ ପୂର୍ବରୁ ସେଠାରେ ଅଛନ୍ତି । ଜନକ ନନ୍ଦିନୀ ଦେବୀ ସୀତାଙ୍କ

Digitized by srujanika@gmail.com

ଏକ ଅଭିଶାପରୁ ସେମାନେ ସେ ଦିନ ଠାରୁ, ମୁଖ୍ୟତଃ ବଣ୍ଡା ନାରୀମାନେ, ଉଲଗ୍ନ ରହନ୍ତି ଏବଂ ମସ୍ତକ ମୁଣ୍ଡନ କରନ୍ତି । ରାମାୟଣ ବର୍ଣ୍ଣିତ ମାଲ୍ୟବନ୍ତ ଗିରି ହେଉଛି ଆଜିର ମାଲକାନଗିରି ।

୧୯୯୧ର ଜନଗଣନା ଅନୁଯାୟୀ ସେମାନଙ୍କ ସଂଖ୍ୟା ଥିଲା ଠିକ୍ ୪୪୩୧ । ପୃଥିବୀର ସବୁଠାରୁ ଆଦିମ ୧୫ଟି ସଂପ୍ରଦାୟ ମଧ୍ୟରେ ବଣ୍ଡାମାନେ ଅନ୍ତର୍ଭୁକ୍ତ । ସେମାନେ ଜଙ୍ଗଲରୁ ଫଳମୂଳ ସଂଗ୍ରହ, ଶିକାର ଓ ପୋଡୁଚାଷ କରି ବଞ୍ଚନ୍ତି । ଏଥିପାଇଁ ସେମାନେ ନିଜସ୍ୱ ପ୍ରସ୍ତୁତ ଅସ୍ତ୍ରଶସ୍ତ୍ର–ଧନୁତୀର, ଡେଣ୍ଟା, ଫାର୍ସା, କୁରାଢ଼ି ବ୍ୟବହାର କରନ୍ତି ।

ପୋଡୁଚାଷ ସହିତ ଏବେ ସ୍ଥାୟୀ ଚାଷ ଧୀରେ ଧୀରେ ଆଦର ଲାଭ କରୁଛି । ବଣ୍ଡା ଉନ୍ନୟନ ଏଜେନ୍‌ସୀ ନାମରେ ଏକ ସରକାରୀ ସଂସ୍ଥାର ଆକଳନ ଅନୁଯାୟୀ ପ୍ରତି ବଣ୍ଡା ପରିବାରର ପାଖାପାଖି ଏକରେ ଲେଖାଁ ଚାଷଜମି ଅଛି । ଏହାର ଏକ ତୃତୀୟାଂଶ ଜମି ଜଳସେଚିତ । ସେଠାରେ ସେମାନେ ଧାନ କି ଗହମ ଚାଷ କରନ୍ତି । ଅଧ ଏକରରୁ କିଛି ଅଧିକା ଜମିରେ ବାଜରା ଓ ଡାଲି ଶସ୍ୟ ଉତ୍ପନ୍ନ ହୁଏ । ଅବଶିଷ୍ଟ ଆଉ କେଇ ପୁଳା ଜମି ହେଉଛି ସେମାନଙ୍କର ଘରବାଡ଼ି । କୁଡ଼ିଆ ଘର ସହ ରହିଛି ପନିପରିବାର ଛୋଟ ବଗିଚା । ଏସବୁ ବ୍ୟକ୍ତିଗତ ମାଲିକାନାରେ ରହିଛି । କିନ୍ତୁ ଗୋଷ୍ଠୀ ପକ୍ଷରୁ ସାମଗ୍ରିକ ଭାବେ ପାହାଡ଼ର ପାଦ ଦେଶରେ ସେମାନେ ମିଳିମିଶି ପୋଡୁଚାଷ କରନ୍ତି । ପ୍ରତି ସ୍ତରରେ ମହିଳାମାନେ ସର୍ବାଧିକ କାମ କରିଥାନ୍ତି ।

ପଛୁଆ ବର୍ଗ ଭାବେ ଯେତିକି, ତଦ୍ରୂପ ଭାବେ ଅନ୍ଧବିଶ୍ୱାସର ଶିକାର ହୋଇଥାନ୍ତି ବଣ୍ଡା । ମାଲକାନଗିରି ଜିଲ୍ଲାପାଳ ଜି.କେ. ଧଳ ଓ ବଣ୍ଡା ଉନ୍ନୟନ ଏଜେନ୍‌ସୀର ଅଫିସରମାନେ ଏସବୁ ସମୂଳେ ଉତ୍ପାଟିତ କରିବାକୁ ସଂଗ୍ରାମରତ । ମାତ୍ର କଥାଟା ଏତେ ସହଜ ନୁହେଁ । ଯୁଗଯୁଗ ଧରି ପାରମ୍ପରିକ ରୀତିରେ ଚଳି ଆସିଥିବା ଓ ରକ୍ତ ମଜ୍ଜାରେ ଭେଦି ଯାଇଥିବା ଅଭ୍ୟାସକୁ ଏତେ ଶୀଘ୍ର ଦୂରେଇଦେବା ସହଜ ନୁହେଁ । ଏଥିପାଇଁ ଆବଶ୍ୟକ ଶିକ୍ଷାର ପ୍ରସାର ଓ ସଚେତନତା ସୃଷ୍ଟି । ୧୯୮୮ରୁ ୯୨ ମଧ୍ୟରେ ଉପର ବଣ୍ଡା ଅଞ୍ଚଳ ପାଇଁ ସରକାର ଦଶଜଣ ଶିକ୍ଷକଙ୍କୁ ନିଯୁକ୍ତ କରିଛନ୍ତି; ମାତ୍ର ଜଣେ ବି ଚାକିରିରେ ଯୋଗ ଦେଲେ ନାହିଁ । ଏକ ସାଧାରଣ ବିଶ୍ୱାସ ଯେ ବଣ୍ଡାମାନେ ଖୁବ୍ ନିଷ୍ଠୁର ଓ ଭୟଙ୍କର । ତାଙ୍କ ସହିତ ରହି କାମ କରିବାକୁ ମାଷ୍ଟ୍ର ବାପୁଡ଼ାମାନଙ୍କ ପ୍ରାଣେ ଭୟ । ସରକାରଙ୍କ ପକ୍ଷରୁ ଦଣ୍ଡବିଧାନ ସ୍ୱରୂପ ଦରମା ପ୍ରଦାନ ବନ୍ଦ ହେବା ସତ୍ତ୍ୱେ ଜଣେ ବି ଶିକ୍ଷକ ଯୋଗ ଦେଇନାହାନ୍ତି ।

ଏପରିକି ବଣ୍ଡା ପର୍ବତର ମଧ୍ୟସ୍ଥଳରେ ଥିବା ମୁଦୁଲିପଡ଼ାରେ କାଗଜପତ୍ରରେ ଥାନା ଥିଲେ ହେଁ ଏହା କିନ୍ତୁ ଚାଲେ ପାଦଦେଶରେ ଥିବା ଖଇରିପୁଟ ଠାରେ । ସେମାନେ

Digitized by srujanika@gmail.com

ସେଇଠି ରହି ହିଁ କାମ କରନ୍ତି । ପୁଲିସ୍ ବି ଉପରକୁ ଯିବାକୁ ଡରେ । ଉପର ବଣ୍ଡାଙ୍କ ବିନା ଟିକଟରେ ଯାତ୍ରା ଓ ହିଂସାତ୍ମକ ଚଢ଼ଉର ଅଭିଯୋଗ ଆଣି ବସ୍ ଡ୍ରାଇଭରମାନେ ଖଇରିପୁଟରୁ ମୁଦୁଲିପଡ଼ାକୁ ବସ୍ ଚଳାଚଳ ବନ୍ଦ କରିଦେଲେ । ସୁତରାଂ ଏଇ ୧୪ କିଲୋମିଟର ଦୂରତ୍ୱକୁ ଜଣେ ପାଦରେ ଅତିକ୍ରମ କରିବାକୁ ବାଧ୍ୟ । ଏହାପରେ ଯାଇ ପଡ଼ିବ ଉପର ବଣ୍ଡାଙ୍କ ପ୍ରଥମ ବସ୍ତି । ଟାଖ ପାହାଡ଼ ଉଠିବା ଯେତିକି ଯନ୍ତ୍ରଣାଦାୟକ, ତା'ଠାରୁ ଦୁଃଖଦ ହେଲା ଏମାନଙ୍କ ନରହନ୍ତା ପ୍ରବୃତ୍ତି—ଏ ଅଞ୍ଚଳର ଅନ୍ୟ ସମସ୍ତ ସଂପ୍ରଦାୟଙ୍କ ଠାରୁ ସେ ପ୍ରବୃତ୍ତିଗତ ହତ୍ୟା ଅନୁପାତ ଢେର୍ ଅଧିକ ।

ଏସବୁ କଥା ଶୁଣିଲେ ମନ ଦବି ଯାଏ, କିନ୍ତୁ ଏସବୁରେ ଅତିଶୟୋକ୍ତିର ଭାଗ ମଧ୍ୟ ଅଧିକ । ନରହତ୍ୟା ଘଟଣା ଯଦିଓ ଅଧିକ, ତେବେ ଏହା ସେମାନଙ୍କ ନିଜ ସଂପ୍ରଦାୟ ମଧ୍ୟରେ ସୀମିତ, ବାହାର ଲୋକଙ୍କୁ କ୍ୱଚିତ୍ ସ୍ପର୍ଶ କରେ । ଚୋରି ଓ ଲୁଟ୍‌ପାଟ ଭଳି ଅପରାଧ ଏମାନଙ୍କୁ ଜ୍ଞାତ ନୁହେଁ । ଉପର ବଣ୍ଡା ଗ୍ରାମମାନଙ୍କରେ ଆମେ ନିରୁପଦ୍ରୁତ ଭାବେ ବୁଲିଲୁ । ଏବଂ ଆମେ ଦେଖିଲୁ ସେମାନେ ଯେତେବେଳେ ବା ତଳକୁ ଓହ୍ଲାଇ ବସ୍‌ରେ ଯିବା ଆସିବା କରୁଛନ୍ତି ଠିକ୍ ଭାବେ ଭଡ଼ା ଦେଉଛନ୍ତି । ସେମାନେ ଖୁବ୍ କମ୍ ତଳକୁ ଆସନ୍ତି ଏବଂ ବାହାର ସାମଗ୍ରିରେ ସେମାନଙ୍କର ସ୍ୱଳ୍ପ ପ୍ରୟୋଜନ ।

ଆଣ୍ଡାହଲ୍‌ରେ ଥିବା ଭିନ୍ନ ପରିବେଶର ସ୍କୁଲଟିକୁ ବଣ୍ଡା ପିଲାମାନେ ଖୁବ୍ ଭଲ ପାଆନ୍ତି । ବଣ୍ଡା ପ୍ରୋଜେକ୍ଟ ଦ୍ୱାରା ଏହା ପରିଚାଳିତ । ସ୍କୁଲର ଯୁବ ଶିକ୍ଷକ ମଙ୍ଗରାଜ ଜଣେ ଅଣମାଟ୍ରିକ୍ ଏବଂ ତାଙ୍କ ସହଯୋଗୀ ଅହଲ୍ୟାଙ୍କ ଯୋଗ୍ୟତା ସପ୍ତମଶ୍ରେଣୀ । ସେ ଦୁହେଁ ବଣ୍ଡା ନୁହନ୍ତି, ମାତ୍ର କିପରି ନିରୁପଦ୍ରବୀ ଭାବେ ପିଲାଙ୍କ ଆଦର ପାଇ ସେମାନେ ସ୍କୁଲ ଚଳାଉଛନ୍ତି ତାହା ଦେଖିବାର କଥା । ବଣ୍ଡା ସଂପ୍ରଦାୟ ସଂପର୍କରେ କ୍ରମେ ସାଧାରଣ ଲୋକେ ଅଧିକ ଅଧିକ ଜାଣିବାକୁ ପାଉଥିବାରୁ ସେମାନଙ୍କୁ ନେଇ ରହିଥିବା ଭୟ, ଆତଙ୍କ ଓ ଅବିଶ୍ୱାସ ଧୀରେ ଧୀରେ ମିଳାଇଯିବାକୁ ବସିଛି ।

"ସାଧାରଣ ଲୋକେ ଯାହା ଭାବନ୍ତି ତାହାର ଠିକ୍ ଓଲଟା ଯେ ଏଠି ପିଲାମାନେ ପାଠ ପଢ଼ିବାକୁ ଭାରି ଚାହାଁନ୍ତି ।" —କହିଲେ ଅହଲ୍ୟା । ସେ ଦୁଇଓଳି ପିଲାଙ୍କୁ ରାନ୍ଧିବାଢ଼ି ଖାଇବାକୁ ଦିଅନ୍ତି । ସ୍କୁଲକୁ ଆସିବା ପାଇଁ ତାହା ମଧ୍ୟ ଏକ ବଡ଼ ଆକର୍ଷଣ । ଆମେ ପିଲାଙ୍କ ସହିତ କଥାବାର୍ତ୍ତା କଲାବେଳେ ହଠାତ୍ ଦେଖିଲୁ ବାହାରେ ଖେଳୁଥିବା ସାନ ସାନ ବାଳୁତମାନେ ଠେଲାପେଲା ହୋଇ ଶ୍ରେଣୀକକ୍ଷକୁ ପଶିଲେ, ତାଙ୍କ ବଡ଼ଭାଇଙ୍କ ସହ ସେମାନେ ବି କଥାବାର୍ତ୍ତାରେ ସାମିଲ ହେବେ, ଆମ କଥା ଶୁଣିବେ । କାହିଁ-ବଣ୍ଡା ପିଲାର ଭୟ ! କାହିଁ ସେମାନଙ୍କର ପାଠପଢ଼ାରେ

Digitized by srujanika@gmail.com

ଅମନଯୋଗିତା ! ଯେଉଁ ଶିକ୍ଷକମାନେ ଭୟକରି ଚାକିରିରେ ଯୋଗ ଦେଲେନାହିଁ, ସେମାନେ ଆସି ଏଠାର ସ୍କୁଲ ଓ ପିଲାମାନଙ୍କୁ ଦେଖିଯିବାର କଥା ।

ବଣ୍ଡାମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ସ୍ତରରେ କାମ କରୁଥିବା କିଛି କର୍ମକର୍ତ୍ତା 'ଆଦିମ ଉପଜାତି' ଶବ୍ଦର ପ୍ରୟୋଗରେ ଅସନ୍ତୁଷ୍ଟ । ସେମାନେ କହନ୍ତି ଏହା ସହିତ ସଂଯୁକ୍ତ ଏକ ପ୍ରତିକୂଳ ଅବବୋଧ କାହାରିକୁ ସାହାଯ୍ୟ କରୁନାହିଁ । ଏଭଳି ଶବ୍ଦର ପ୍ରୟୋଗ ମୂଳରେ ରହିଛି ଅତି ନିମ୍ନସ୍ତରର ଯନ୍ତ୍ରପାତିର ପ୍ରୟୋଗ, ଶିକ୍ଷା ପରିସରରେ ପ୍ରାୟତଃ ଶୂନ୍ୟତା, ନିହାତି ଅନୁନ୍ନତ ସ୍ତରରେ ଥିବା ସାମାଜିକ-ଅର୍ଥନୈତିକ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ତଥା ପାରମ୍ପରିକ ବିଶ୍ୱାସ କ୍ଷେତ୍ରରେ ଥିବା ଅନଗ୍ରସରତା ଓ ଅନ୍ଧାନୁସରଣ ଭଳି ସମସ୍ୟା । ବଣ୍ଡାଙ୍କ ଜନସଂଖ୍ୟା ପ୍ରାୟ ସ୍ଥିର କିମ୍ବା କ୍ରମ ହ୍ରାସମାନ । ଏସବୁ ପ୍ରାଚୀନ ଜନଜାତିର ବିଲକ୍ଷଣ । ତେବେ କିଛି ବିଶେଷଜ୍ଞ କୁହନ୍ତି : ''ଆମେ ଏମାନଙ୍କୁ କୃଷି ସଭ୍ୟତାର ପୂର୍ବଜ ଭାବେ ଅଭିହିତ କରିପାରୁ । ଅଯଥାରେ କାହିଁକି ଏମାନଙ୍କୁ ଆଦିମ କୁହାଯିବ ?'' ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବହୁ ନୂଆ ଚିନ୍ତା-ମନ୍ଥନ ଓ ମୈଥୁନ ପରେ 'ଆଦିମ' ଶବ୍ଦଟି ପୂର୍ବପରି ପ୍ରଚଳିତ ହେଉଛି ।

ଗତାନୁଗତିକତା ଜନ୍ମଦିଏ ଆଶଙ୍କା । ଏବଂ ଏହି ଆଶଙ୍କାରୁ ବଣ୍ଡାଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଛି । ଅଶି ଦଶକରେ ସେମାନଙ୍କର ସାକ୍ଷରତା ହାର ଥିଲା ୩ ଦଶମିକ ୬୧ରୁ ଆହୁରି କମ୍ । ଓଡ଼ିଶାର ସମୁଦାୟ ଆଦିବାସୀଙ୍କ ମଧ୍ୟରେ ସାକ୍ଷରତା ହାର ୧୩.୯୬ ତୁଳନାରେ ଏହା ଯଥେଷ୍ଟ କମ୍ ଥିବାରୁ ଆହୁରି ବ୍ୟଥିତ କରେ । ମହିଳାଙ୍କ ମଧ୍ୟରେ ଶିକ୍ଷା ହାର ଅବହେଳା ଓ ଅବଜ୍ଞାର ଗୋଟିଏ ପାହୁଣ୍ଡ ଉପରେ ବୋଲି କୁହାଯିବ । ଉପର ବଣ୍ଡାଙ୍କ ମଧ୍ୟରେ ଜଣେ ମାତ୍ର ସୌଭାଗ୍ୟବାନ ମାଟ୍ରିକ୍ ପାସ କରିଛନ୍ତି – ମାର୍ ଚାଲାନ୍ । ମୁଦୁଲିପଡ଼ା ହାଇସ୍କୁଲରେ ସେ ଜଣେ ଶିକ୍ଷକ । ଆମେ ସେଠାକୁ ଯାଇଥିଲା ବେଳେ ସେ ଅନୁପସ୍ଥିତ ଥିଲେ । ମାତ୍ର ଆମେ ପାଇଲୁ ବଣ୍ଡା ସଂପ୍ରଦାୟର ପ୍ରଥମ ଚାକିରି କରିଥିବା ଦୁଇଜଣ ମହିଳା – ଗୁସୁମ୍ ଓ ଆଦିବାରି । ସେମାନେ ସେ ସ୍କୁଲରେ ସାହାଯ୍ୟକାରିଣୀ ଏବଂ ନିଜ ଉପାର୍ଜନ ପାଇଁ ଗ୍ରାମ ଭିତରେ ସେମାନଙ୍କର ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ରହିଛି । ସେମାନେ ପିଲାଙ୍କୁ ସ୍କୁଲକୁ ଆସିବାକୁ ଅନୁପ୍ରେରିତ କରନ୍ତି । ଅବଶ୍ୟ ସବୁ ସ୍କୁଲ ଆଣ୍ଡ୍ରାହଲ୍ ଭଳି ନୁହେଁ ।

''ମାଆ ଯେତେବେଳେ ଘର ପାଇଟି, କ୍ଷେତବାଡ଼ି ସବୁ କାମ କରୁଥାଏ, ଡାଳ ଗୋଟାଏ, ପାଣି ଆଣେ; ବାପ ଚାଲିଯାଏ ସଲପ ଗଛମୂଳକୁ; ତାଡ଼ି ପିଇ ମାତାଲ ହୋଇ ପଡ଼ିଥାଏ । ସେତେବେଳେ ସାନ ସାନ ପିଲାଙ୍କୁ ଦେଖିବ କିଏ ?''

Digitized by srujanika@gmail.com

–ପଚାରେ ଆଦିବାରି । ''ସେମାନେ ମାଆକୁ କାମରେ ହାତ ଲଗାନ୍ତି ନଇଲେ ପୁରା ଫୁଲାଫାଙ୍କିଆ ଧରି ଯାଇଥାନ୍ତି ।'' ବଣ୍ଡା ସଂପ୍ରଦାୟରେ ଶିଶୁ ମୃତ୍ୟୁହାର ସର୍ବାଧିକ– ଏକ ହଜାରରେ ୧୫୦ ଜଣ । ଓଡ଼ିଶାର ଶିଶୁ ମୃତ୍ୟୁହାର–ଏକ ସହସ୍ରରେ ୧୨୨ ଠାରୁ ଏହା ଅଧିକ ଏବଂ ବଡ଼ ଦୁଃଖଦାୟକ ।

ପରମ୍ପରା ଭାଙ୍ଗିଥିବାରୁ–ବିଶେଷଭାବେ ଲୁଗା ପିନ୍ଧାରେ ଭିନ୍ନତା ଦୃଷ୍ଟିରୁ ଆଦିବାରି ଓ ଗୁସୁମ୍ ତାଙ୍କ ସଂପ୍ରଦାୟର କୌଣସି ପ୍ରତିରୋଧର କେବେ ସମ୍ମୁଖିନ ହୋଇନାହାନ୍ତି । ଗତାନୁଗତିକ ଧାରାରେ ବଣ୍ଡା ମହିଳାମାନେ ଛୋଟ ଖଣ୍ଡେ କପ୍ତା ନିଜ ଅଣ୍ଟା ଚାରିକଡ଼େ ଗୁଡ଼େଇଥାନ୍ତି–ଲମ୍ବରେ ହେବ ମିଟରଟିଏ ଏବଂ ଓସାରରେ ସାଢ଼େ ତିନିଫୁଟରୁ ବି କମ୍ । ସ୍ତ୍ରୀଲୋକମାନେ ସେଇ କପଡ଼ାଟିକୁ ନିଜେ ହିଁ ତନ୍ତରେ ବୁଣିଥାନ୍ତି । ବେକରେ ଝୁଲିଥାଏ ଅନେକ ପ୍ରକାରର ମାଳି, ତା'ଛଡ଼ା ବ୍ରାସ୍ ଶଙ୍ଖା ଓ ଅନ୍ୟ ଗହଣା ପିନ୍ଧନ୍ତି । ଅତି ଦନ୍ଧଡ଼ା କ୍ଷୁରରେ ମୁଣ୍ଡବାଳ ଚାଞ୍ଛି ଲଣ୍ଡା ହୁଅନ୍ତି । କଳଙ୍କି ଲଗା ପ୍ରାଚୀନ କ୍ଷୁର ପାଇଁ ବେଳେବେଳେ ଧନୁଷ୍ଟଙ୍କାର ରୋଗର ଶିକାର ହୁଅନ୍ତି ।

ଗୁସୁମ୍ କହେ : ''ମୁଣ୍ଡବାଳ କ୍ଷୌର ହେବା ଏକ ପ୍ରାଚୀନ ଅଭିଶାପ ଜନିତ ଅନ୍ଧବିଶ୍ୱାସ । ଏକଦା ରାମାୟଣର ସୀତାଦେବୀ ଉଲଗ୍ନ ହୋଇ ସ୍ନାନ କରୁଥିବା ବେଳେ ବଣ୍ଡା ସ୍ତ୍ରୀଲୋକମାନେ ତାଙ୍କୁ ଦେଖି ହସି ତାଚ୍ଛଲ୍ୟ କରିଥିଲେ । ତାଙ୍କର ଆହତ ମନରୁ ବାହାରି ଆସିଥିଲା ଅଭିସଂପାତ– ''ତୁମେ ସାରାଦିନ ଉଲଗ୍ନ ଓ ମୁଣ୍ଡିତ କେଶା ହୋଇ ରହିବ ।'' ସେହିଦିନଠାରୁ ସୀତାଙ୍କ ସମ୍ମାନରେ ସେମାନେ ଏପରି ରହିଆସୁଛନ୍ତି । ତେବେ ପୋଷାକପତ୍ର ନଥିବାରୁ ଅତି ଥଣ୍ଡାରେ ବଣ୍ଡା ଶିଶୁମାନେ ବେମାର ପଡ଼ନ୍ତି । ଗୁସୁମ୍ ଚାହେଁ ନାହିଁ ଯେ ଲୋକଙ୍କ ଇଚ୍ଛା ବିରୁଦ୍ଧରେ କୌଣସି କଥା ସେମାନଙ୍କ ଉପରେ ଲଦି ଦିଆଯାଉ । ମାତ୍ର ଶୀତଦିନେ ବଣ୍ଡା ପର୍ବତରେ ହାଡ଼ଥରା ହେମାଳ ପବନରୁ ଛୋଟ ପିଲାମାନେ କିପରି ସୁରକ୍ଷା ପାଆନ୍ତୁ–ତାହା ସେ ସର୍ବାନ୍ତକରଣରେ ଚାହେଁ ।

ବଣ୍ଡାଙ୍କ କୁଡ଼ିଆ ଘରେ ବାୟୁ ଚଳାଚଳ ପାଇଁ ଝରକା କି ଜାଳି ଠଣାଟିଏ ବି ନଥାଏ । ଘର ତିଆରି କୌଶଳରେ ସେମାନେ ଅତ୍ୟନ୍ତ ଆଦିମ । ଏ କ୍ଷେତ୍ରରେ ଅନେକ କିଛି କରାଯିବାର ଆବଶ୍ୟକତା ରହିଛି । ଯାହା କିଛି ଏଯାଏ ହୋଇଛି ତାହା ଅକୁଳାଣ ମନେହୁଏ । ଆମେ ସେଠାରେ ଥିବାବେଳେ କିଛି ଅଫିସର ଏକ ପ୍ରସ୍ତାବ ନେଇ ଆସିଲେ ଯେ, ବଣ୍ଡାଙ୍କ କୁଡ଼ିଆ ଛପରଗୁଡ଼ିକ ଉପରେ ଏଣିକି ଟିଣ ଛାଉଣି କରାଯିବ । ଏକଥା ଶୁଣି ପ୍ରୋଜେକ୍ଟ ଅଫିସର କହିଲେ : ''ଖରାଦିନେ ସେମାନେ ଏହା ଫଳରେ ଉତପ୍ତ ଟିଣ ତଳେ ସିଝିଯିବେ । ଆଉ ମଧ୍ୟ ଟିଣ ଫୁଟିଗଲେ କି ଭାଙ୍ଗିଗଲେ ସେମାନଙ୍କୁ

Digitized by srujanika@gmail.com

ମରାମତି ପାଇଁ ପୁଣି ବେପାରୀ କି ସରକାରୀ ଅଫିସରଙ୍କ ଉପରେ ନିର୍ଭର କରିବାକୁ ପଡ଼ିବ ।''

ରାମାୟଣର ସୀତାଙ୍କ କିମ୍ବଦନ୍ତୀ ଏବଂ ତଦ୍ରୂପ ବିଶ୍ୱାସର ଉତ୍ସ ହେଉଛି ପୁରାଣ ସର୍ବସ୍ୱ ହିନ୍ଦୁବାଦରେ ଏ ସଂପ୍ରଦାୟଙ୍କୁ ସାମିଲ କରିବା ପାଇଁ ପ୍ରାଥମିକ ପ୍ରୟାସ କାଳର କଥା । ବହୁଳାଂଶରେ ବଣ୍ଡାମାନେ ସେମାନଙ୍କ ନିଜସ୍ୱ ଧର୍ମ ବିଶ୍ୱାସରେ ପରିଚାଳିତ । ପୂଜାପାଠ, ରୋଗବ୍ୟାଧିରୁ ମୁକ୍ତି ପାଇଁ ସେମାନେ ନିଜସ୍ୱ ପୂଜାରୀ—ଦିଶାରୀ ଉପରେ ଏବଂ ପାରମ୍ପରିକ ଭାବେ ପ୍ରଚଳିତ ବଳିପ୍ରଥା ଓ ଚେରମୂଳୀ ଉପରେ ଏବେ ବି ନିର୍ଭର ରଖନ୍ତି । ସେମାନଙ୍କୁ ଭୟଙ୍କର, ନିଷ୍ଠୁର ଭାବେ ଚିତ୍ରଣର କିଛି ଶୁଭଙ୍କର ଫଳ ରହିଛି । ଦୃଷ୍ଟାନ୍ତ ସ୍ୱରୂପ ସେମାନେ ରହୁଥିବା ଅଞ୍ଚଳର ଅରଣ୍ୟ ଅତ୍ୟନ୍ତ ନିବିଡ଼ ଓ ନିଘଞ୍ଚ, ଯଦିଓ ଏହା ସଂରକ୍ଷିତ ଜଙ୍ଗଲ ନୁହେଁ । ବଣ୍ଡାଙ୍କ ପ୍ରତି ଭୟ ଆତଙ୍କ କାରଣରୁ କାଠଚୋରମାନେ ସେ ଇଲାକାରେ ପଶିପାରନ୍ତି ନାହିଁ । ଏବେ ସେମାନେ ବାହାର ଜଗତ ସହିତ ପରିଚିତ ହେବାରେ ଲାଗିଛନ୍ତି—ସହସ୍ର ସହସ୍ର ବର୍ଷ ଧରି ନିଜସ୍ୱ ସଂସ୍କୃତି ଓ ପରଂପରାରେ ବଢ଼ି ଆସିଥିବା ମଣିଷଙ୍କ ଜୀବନଧାରା ଏବେ ଦ୍ରୁତଗତିରେ ବଦଳି ଚାଲିଛି—ଶିକ୍ଷା, ସ୍ୱାସ୍ଥ୍ୟ, ପୋଷାକ, ଖାଦ୍ୟ ଓ ଗୃହ ନିର୍ମାଣରେ ନିଜ ପରମ୍ପରାକୁ ଛାଡ଼ି ଅନ୍ୟକୁ ଆଦରି ନେଲେଣି । ଅନେକ ସମୟରେ ଏହାର ପରିଣାମ ଶୁଭଙ୍କର, ବେଳେବେଳେ ଦୁଃଖଦ ଭାବେ ପ୍ରତିକୂଳ । ତେବେ ଜୀବନଟା ହିଁ ଏମିତି ଅନୁକୂଳ ଓ ପ୍ରତିକୂଳ ଉଜାଣିର ସମଷ୍ଟି । ସେହି ଧାରାରୁ ବିଚ୍ଛିନ୍ନ ହୋଇ ଏଇ ପ୍ରାଗୈତିହାସିକ ମଣିଷମାନେ ନିଜକୁ ଆଉ କେତେଦିନ ରଖିପାରିବେ ନିଆରା, ଭିନ୍ନ, ନିଃସଙ୍ଗ !!

❖ ❖ ❖

Digitized by srujanika@gmail.com

ମୁଠାଏ ଭାତ ପାଇଁ ସ୍ୱପ୍ନ, ସଂଗ୍ରାମ ଓ ଶୋଷଣର କାହାଣୀ

ଚୈତ୍ର ବେଳକୁ ଆକାଶ ହୋଇ ପଡ଼ିଥିଲା ଶୂନ୍ୟଗର୍ଭା, ଭୂଇଁ ଫାଟି ଆଁ କରିଥିଲା । ଦ୍ୱିତୀୟ ଫସଲ ପାଇବାର ଆଶା ତୁଟି ଯାଇଥିଲା । ଲେଉଟାଣି ମଉସୁମୀରେ ଅକ୍ଟୋବରରୁ ଜାନୁଆରୀ ଯାଏ ଭଲ କିଛି ଅସରା ବର୍ଷା ହୁଏ ତାମିଲନାଡୁରେ । ମାତ୍ର ଏଥର ମୌସୁମୀ ଆଣିଥିଲା ହତାଶା ଓ ଅନ୍ତର୍ଦାହ । ମେରିଆପ୍ପାନ୍ ଓ ତା'ର ଆଠଜଣିଆ ପରିବାରରେ ଆଉ ମାସକ ପାଇଁ ମଧ ଖାଦ୍ୟ ନଥିଲା । ଏପ୍ରିଲ୍ ମାସରେ ସେମାନେ ମିଳିମିଶି କାମଧନ୍ଦା କରି ଉପାର୍ଜି ଥିଲେ ୨୦୦ ଟଙ୍କା । ମଇ ଆରମ୍ଭରେ ସେମାନେ ସ୍ଥିର କଲେ ଗାଁ ଛାଡ଼ିବେ—ଦାଦନ ଶ୍ରମିକ ବନିବେ । ସ୍ତ୍ରୀ ଓ ପିଲାଙ୍କୁ ଧରି ମେରିଆପ୍ପାନ୍ ଦିନେ ବଡ଼ିଭୋରରୁ ପାର ହୋଇଗଲା ତା'ର ମରୁଡ଼ି-କ୍ଲିଷ୍ଟ ଜିଲ୍ଲା ପୁଡୁକୋଟ୍ଟାଇ ।

ବାଉନବର୍ଷର ମଣିକାମ୍ ଓ ସଇଁତ୍ରିଶ୍ ବର୍ଷୀୟ ମୁଥୁସ୍ୱାମୀ ସମରୂପୀ ନିଷ୍ପତ୍ତି ନେଲେ । ସେମାନେ ନିଜ ପରିବାର ସହ ସାଜିଲେ ଆର୍ତ୍ତି-ପଳାତକ । ମେରିଆପ୍ପାନ୍ ଭଳି ସେ ଦୁହିଁଙ୍କର ଜମି ପାଲଟିଥିଲା ନିଷ୍ଫଳା, ବନ୍ଧ୍ୟା । ଜମି କହିଲେ ଆଠଗୁଣ୍ଠ । ସେଥିରୁ ଆଠଗୌଣୀ ଧାନ ମିଳିବା ବି ଦୁଷ୍କର ହୋଇଗଲା । ସ୍କୁଲରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ବଞ୍ଚାଇ ରଖିଥିଲା ପିଲାଙ୍କୁ । ମଇ ମାସରୁ ଖରାଛୁଟି ଆରମ୍ଭ ହୋଇଗଲା ପରେ ସେମାନଙ୍କ ମୁହଁରେ ଆହାର ଦେବାକୁ ଘରେ କିଛି ନାହିଁ । ବୟସ୍କ ଲୋକମାନେ ମାଣ୍ଡିଆ ଚୂନାକୁ ଯାଉ କରି ଓଳିଟିଏ ଖାଉଛନ୍ତି, ଦିନକୁ ଦିଓଳି ମିଳିଗଲେ ନିଜକୁ ଭାଗ୍ୟବାନ ମନେ କରିବାକୁ ହେବ । ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟି ସାମଗ୍ରୀର ଦର ବଢ଼ିଯିବା ପରେ ଚାଉଳରେ ହାତ ମାରିବା କଷ୍ଟକର ହୋଇପଡ଼ିଛି । ଏମାନେ ହେଉଛନ୍ତି ଅଣ-ବିଜ୍ଞପିତ ଅମ୍ଳଲାଞ୍ଛାରର୍ ସଂପ୍ରଦାୟର ମଣିଷ ।

ଭଲ ସମୟରେ ବି ପୁଡୁକୋଟ୍ଟାଇର ଲୋକଙ୍କ କ୍ରୟ କ୍ଷମତା ଅତ୍ୟନ୍ତ ସୀମିତ ଓ ନଗଣ୍ୟ । ଏହାର ଆଂଶିକ ପରିମାପକ ହେଉଛି ଥମ୍ପ୍‌ସନ୍‌ର ଗ୍ରାମ୍ୟ ବଜାର ସୂଚୀ । ଯଦିଓ ଏ ଆକଳନଟି ଉଦ୍ଦିଷ୍ଟ 'ବିଜ୍ଞାପନ ଏଜେନ୍‌ସୀ, ବିପଣି ମାଲିକ, ସାମଗ୍ରୀ ଉତ୍ପାଦକ ଓ ଗଣମାଧ୍ୟମର ଯୋଜନା ପ୍ରସ୍ତୁତକାରୀଙ୍କ ପାଇଁ ।' ଏହାର ଦାୟିତ୍ୱ ଥିଲା ଭାରତର ୩୮୩ଟି ଗ୍ରାମୀଣ ଜିଲ୍ଲାର 'ବିପଣି ଓ ବଜାର କ୍ଷମତାର' ଆକଳନ ଓ ଅନୁଶୀଳନ । ମାପକ ସୂଚୀରେ ଥିଲା ୨୩ଟି ସୂଚକ ସାମଗ୍ରୀ—ବିଜୁଳି ପମ୍ପରୁ ନଳକୂଅ ଓ ପକ୍କାଘରରୁ

Digitized by srujanika@gmail.com

ବିଦ୍ୟୁତ ସଂଯୋଗ ଯାଏ । ବ୍ୟକ୍ତିର ସ୍ଥିତାବସ୍ଥାର ପରିମାପକ ଏବଂ ସେହି ଭିତ୍ତିରେ କେତେ ବିକ୍ରି ହୋଇପାରିବ ସେମାନଙ୍କ ସାମଗ୍ରୀ । ମଣିଷର ସତ୍ତାର କଳନା ହୁଏ ତା'ର ଧନ ସଂପତ୍ତିର ଗଣନାରୁ; ବିଦ୍ୟାବୁଦ୍ଧି, ସୃଜନ, ସଂସ୍କୃତି ହେଉଛି ଖଡ଼ାଖିଆଙ୍କ ଉପଜୀବ୍ୟ ଓ ଜୀବନବୋଧ । ମଣିଷ ତଉଲିବାର ଅସଲ ବର୍ଣ୍ଣବୋଧ ହେଲା ଧନ ଓ ସଂପତ୍ତି ।

ଏହି ୩୮୩ଟି ଜିଲ୍ଲା ମଧ୍ୟରେ ସର୍ବାଗ୍ରେ ରୁହେ ପୁଦୁକୋଟାଇର ତତ୍‌କ୍ଷଣାତ୍ ପଡ଼ୋଶୀ ଥାଞ୍ଜାଭୁର୍ । ପୂରା ଶହେରୁ ଶହେ–ବଜାରୀ ସଭ୍ୟତାର ଉଦ୍‌ଘୋଷକ ତ ! ସୁବର୍ଣ୍ଣ ଜିଲ୍ଲା, ସୁନା ପିଲା । ଏଠି ଲୁଗା ବେପାର ଭଲ ଜମେ । ଆଉ ପୁଦୁକୋଟାଇ ? ତା'ର ସ୍ଥାନ ସିଡ଼ିର ଶେଷ ପଳିରେ–୧୦.୯୭ରେ । ଏ ଜିଲ୍ଲାର ସବୁ ମଣିଷଙ୍କ ରୂପଭେକ ସମାନ । ତା' ଭିତରେ ମେରିଆମ୍ମାନ କି ମଣିକାମ୍‌ର କ୍ରୟ କ୍ଷମତା ନିହାତି ନଗଣ୍ୟ । ଅପ୍ରେଲ ଶେଷ ଆଡ଼କୁ ମରୁଡ଼ି ଗ୍ରାସରେ କବଳିତ ଜିଲ୍ଲାର ହଜାର ହଜାର କୃଷି ଶ୍ରମିକ, କ୍ଷେତ ମଜୁରିଆ ଛାଡ଼ିଲେ ଗାଁ ଗଣ୍ଡା । ଏକାକୀ ତୁଲକମ୍‌ପଭି ବସ୍ତିରୁ ଦେଶାନ୍ତରୀ ହେଲେ ୧୬୦ ପରିବାର । କେବଳ ଘର ଜଗି ପଡ଼ିରହିଲେ ଅସମର୍ଥ ବୃଦ୍ଧ ଓ ରୁଗ୍‌ଣ । ପିଲାଛୁଆଙ୍କ ସମେତ ସମସ୍ତେ କଲେ ପଳାୟନ–'ଯଃ ପଳାୟତି ସ ଜୀବତି' ନ୍ୟାୟରେ ଯେପରି ।

କିନ୍ତୁ ଯିବେ କେଉଁଠିକି ? ଥାଞ୍ଜାଭୁର୍‌ରେ ସେ ଋତୁରେ ଚାଷକାମ ଯେତେବେଳେ ଶେଷ ହୋଇଯାଇଛି, ସେମାନେ କେଉଁଠି ଲୋଡ଼ିବେ ଆଶ୍ରୟ ? ଆଗାମୀ ୩/୪ ମାସ ପାଇଁ ବଞ୍ଚିବାର ରାହା ପାଇବେ କେଉଁଠି ! ଦରିଦ୍ରର ବଞ୍ଚିବାର, ସଂଗ୍ରାମର କୌଶଳ ଓ ପଥ କ'ଣ ? ସେମାନେ ଦେଶାନ୍ତରୀ ହେଲାପରେ ମାଟି କାମୁଡ଼ି ପଡ଼ି ରହୁଥିବା ବୃଦ୍ଧ, ବୟସ୍କଙ୍କ ଅବସ୍ଥା କ'ଣ ହୁଏ, ସେମାନେ ଖାଆନ୍ତି କ'ଣ ? ଅସୁମାରୀ ପ୍ରଶ୍ନବାଚୀ ରହିଯାଏ ଏହି ଆର୍ତ୍ତି–ପଳାୟନୀ, ଭିଟାଛଡ଼ା ନିଃସ୍ୱଙ୍କ ପଛରେ ।

ଏସବୁ ଜାଣିବାର ଏକମାତ୍ର ପନ୍ଥା ହେଉଛି ଭିଟାଛଡ଼ା ଦାଦନଙ୍କୁ ସେମାନଙ୍କ ନୂଆ କର୍ମସ୍ଥଳୀରେ ଭେଟିବା, ଯଦି ସେପରି କିଛି ସେମାନଙ୍କୁ ମିଳିଥାଏ । ଏହାର ଅର୍ଥ ସେମାନଙ୍କୁ ଆଣିଥିବା ଦଲାଲ, ଦାଦନଙ୍କ ପରିବାର, ଇଟାଭାଟି ମାଲିକ, ଠିକାଦାର, ଦୋକାନୀ–ଏ ସମସ୍ତଙ୍କୁ ଭେଟିବା, ସେମାନଙ୍କ ସହ ଆଳାପ-ଆଲୋଚନା କରିବା । ଅନେକ ସ୍ଥଳରେ ସେମାନଙ୍କ ନିଜ ଗାଁରେ କେହି ସଠିକ୍ ଉତ୍ତର ଦେଇପାରନ୍ତି ନାହିଁ; କେଉଁଠିକି ଗଲେ, କ'ଣ କାମ କରୁଛନ୍ତି ? ଗାଁ ପରେ ଗାଁ ପଚାରି ଚାଲିଲେ କେବଳ ଉତ୍ତର ମିଳିବ– "କୁଲିକାମ ପାଇଁ ଯାଇଛନ୍ତି ।" ଏମାନଙ୍କର ସମସ୍ୟା ହେଉଛି ନିୟମିତ ଭାବେ ଏମାନେ ଠିକଣା କାମ ସନ୍ଧାନରେ ଦେଶାନ୍ତରୀ ହୋଇନାହାନ୍ତି; ପାଦ ଯୁଆଡ଼କୁ ଚାଲିଲା ଓ ମନ ଯାହା କହିଲା ସେଇଠି ପହଞ୍ଚିଗଲେ । କେହି ଗଲେ

Digitized by srujanika@gmail.com

କେରଳ ଆଡ଼େ, ଆଉ କିଏ ପଡ଼ୋଶୀ ପଶୁମ୍ପାନ ଜିଲ୍ଲାକୁ । ଆଉ କିଏ ଗଲେ ଗଛକାଟି କିଛି ଝାଡ୍ରୁ ବନାଇବେ, ଚଟ ବୁଣିବେ, କେଉଁଠି ପୁରୁଣା ପୋଖରୀରୁ ପଙ୍କ କାଟି ପୋଖରୀ ଖୋଳିବେ କି ଟେଲିଫୋନ୍ କେବୁଲ ତାର ଟାଣିବାକୁ ରାସ୍ତାକଡ଼େ ଖାଇ ଖୋଳିବେ । ଦିନକୁ ଅତି ଜୋର୍‌ରେ ୧୨-୧୫ ଟଙ୍କା ମଜୁରି । ଚାରିପାଞ୍ଚ ଦିନର କାମ, କେଉଁ ତୋଟା ବିଲମାନଙ୍କରେ ଆଶ୍ରୟ । ତାଳପତ୍ରର ଅସ୍ଥାୟୀ ତମ୍ବୁତଳେ ଅପନ୍ତରା, ଅଲୋଡ଼ା ଜୀବନ । ଦିନ ଦିନ ଧରି କାମ ବି ନଥିବ । ଦିନରେ ଖରା, ରାତିରେ କାକର ତଳେ ପେଜ ତୋରାଣି ପିଆ ଅର୍କ୍ଷିତ ଜୀବନ । ଯେଉଁଦିନ କାମ ମିଳିଲା ସେଦିନ ପେଟଭରି ମୁଠେ ଦାନା, ଯେଉଁଦିନ କାମ ନାହିଁ ସେଦିନ ଖାଙ୍କଡ଼ା ପେଟରେ ଆକାଶକୁ ଚାହିଁ ତାରା ଗଣିବାକୁ ହେବ । ପରିବାରର ଛୋଟ ପିଲାମାନେ ବି ସେମିତି ପଡ଼ିରହିବେ ଅଭୁକ୍ତ, ବେମାର ପଡ଼ିଲେ ବି ଔଷଧ ଟିକେ ଖାଇବା ହୋଇପଡ଼େ ସାତ ସପନ, ଜୀବନ ସଂଘର୍ଷ ତ ନୁହେଁ; ଖାଲି ହୁତାଶନ, ହାହାକାର ।

ଏମାନଙ୍କୁ ଠାବ କରିବା କାଠିକର ପାଠ । ସୁତରାଂ ତ୍ରିଚିର ଭାରତୀ ଦର୍ଶନ ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ରୀ ରାଜକୁମାରଙ୍କ ଦାରିଦ୍ର୍ୟ ଉପରେ ଗବେଷଣା ସନ୍ଦର୍ଭ ମୋ ପାଇଁ ବେଶି କାମ ଦେଲା । ଏବେ ମଇ ମାସ ଆଡ଼କୁ ତୁଲାକାମପଟ୍ଟି ଛାଡ଼ିଥିବା କିଛି ପରିବାରଙ୍କ ସଂସ୍ପର୍ଶରେ ଆମେ ଆସିଲୁ ।

ସେମାନେ ଏକାଦିକ୍ରମେ ମାସକର କାମ ପାଇଥିବାରୁ 'ଖୁବ୍ ଭାଗ୍ୟବାନ' ଥିଲେ । ନିଜ ଜିଲ୍ଲାର ସୀମାପାର ହୋଇ ପ୍ରଥମେ ସେମାନେ ଯାଇଥିଲେ ଥାଞ୍ଜାଭୁର୍ ସହର । ସେଠାରୁ ସେମାନେ ଏକ ନିରୁପଦ୍ରୁତ ଇଲାକାକୁ ଯାଇ ତିନିମାସ ପାଇଁ ଇଟା ଗଢ଼ିବାର ଧନ୍ଦା ପାଇଯାଇଥିଲେ । ସେ ଥିଲା ପଶ୍ଚିମ ଥାଞ୍ଜାଭୁର୍ ଜିଲ୍ଲାର ଥିରୁକାଟ୍ଟାପଲ୍ଲୀର ନିର୍ଜନ ତଳି ଅଞ୍ଚଳ ।

"ଯେଉଁମାନେ ପ୍ରତିବର୍ଷ ନିୟମିତ କୃଷି ଶ୍ରମିକ ଭାବେ ଏଠାକୁ ଆସନ୍ତି, ସେମାନଙ୍କୁ ସଂଗଠିତ କରିହେବ । ସେମାନଙ୍କର ଅଧିକାର ସାବ୍ୟସ୍ତ କରିହେବ ଏବଂ ନିରାପତ୍ତା ଦେଇହେବ ।" —କହନ୍ତି ଥିରୁକାଟ୍ଟାପଲ୍ଲୀ କୃଷକ ସଭାର ନେତା ଏ. କାଳିଦାସ । "କିନ୍ତୁ ଅନିଶ୍ଚିତ ଲକ୍ଷ୍ୟରେ ଧାଉଁଥିବା ଏପରି ଦାଦନ-ଯେଉଁମାନେ ଅନ୍ୟମାନଙ୍କ ଠାରୁ ଅଧିକ ଦରିଦ୍ର ଓ ନିଃସହାୟ, ସେମାନଙ୍କୁ ସଂଗଠିତ କରିବା କଷ୍ଟକର । କାରଣ ସେମାନଙ୍କୁ ଠାବ କରିବା ହିଁ ମୁସ୍କିଲ୍ । ସେମାନେ କେଉଁ ସ୍ଥାନକୁ ଯିବେ ସେ ନେଇ ନିଶ୍ଚିତ ନୁହନ୍ତି । କିନ୍ତୁ ଭ୍ରାମ୍ୟମାଣ, ଜୀବନ ସଂଗ୍ରାମର ଦୌଡ଼ରେ ସାମିଲ ହେଲେ ବି ନିୟମିତତା ଓ ସଂଗଠିତ ଭାବ ନାହିଁ ।" ସୁତରାଂ କିଛି ଉପାର୍ଜନ କରୁଥିବା ସତ୍ତ୍ୱେ ସେମାନେ ଅଧିକ ମାତ୍ରାରେ ଶୋଷଣର ଶିକାର । ଠିକାଦାରଙ୍କ ଉପରେ

Digitized by srujanika@gmail.com

ସେମାନଙ୍କ ଅତ୍ୟଧିକ ନିର୍ଭରଶୀଳତା ଦୃଷ୍ଟିରୁ ସେମାନେ ଚଢ଼ାଦର୍‌ରେ ଡାଲି, ଚାଉଳ ଭଳି ସଉଦା କିଣନ୍ତି ଏବଂ ଅନ୍ୟସବୁ ଖର୍ଚ୍ଚ ମଧ୍ୟ ଚାରିପାଞ୍ଚ ଟଙ୍କା ଟପିଯାଏ ।

ଚଢ଼େଇମାନଙ୍କ ନିଦ ଭାଙ୍ଗିବାର ଢେର ଆଗରୁ, ଆକାଶରେ କୁଆଁତାରା ଦପ୍ ଦପ୍ କରୁଥିବା ବେଳେ ଏବଂ ଶୀତୁଆ ପବନରେ ଆଖିପତା ମୁଦି ହୋଇ ଆସୁଥିବା ମୁହୂର୍ତ୍ତରେ ଆରମ୍ଭ ହୁଏ ସେମାନଙ୍କ ଇଟା ଗଢ଼ିବାର ଜୀବିକାଭ୍ୟାସ । ହୁଙ୍କା ମାଟି, ବାଲିକୁ ପାଦରେ ଚକଟି—ଛାଞ୍ଚରେ ପକାଇ ସୂର୍ଯ୍ୟୋଦୟର ବହୁ ପୂର୍ବରୁ ଗଢ଼ିବାକୁ ହୁଏ ଶହ ଶହ ଇଟା—ଖରା ଚେଇଁଲା ମାତ୍ରେ ଖେଳେଇ ଶୁଖାଇବା ପାଇଁ । ପ୍ରତି ଖଣ୍ଡ ଇଟାକୁ ନେଇ ମଜୁରି ହିସାବ ହେଉଥିବାରୁ ଢେର୍ ବେଳ ଯାଏ କାମ ଚାଲେ । ମଧ୍ୟାହ୍ନର ତହ ତହ ଖରାରେ ସିଝୁଥାନ୍ତି ଉଭୟ ମଣିଷ ଓ ତା'ର ହାତଗଢ଼ା ଇଟା । ଠିକାଦାର ତଦାରଖ କରୁଥାଏ । ଅଦିନ ବର୍ଷାରେ ବି ଥାକରୁ ଖସି ଇଟା ଭାଙ୍ଗିଗଲେ ତା'ର ମୂଲ୍ୟ କଟା ହୋଇଯାଏ ମଜୁରିରୁ । ନଚେତ୍ ଏକ ହଜାର ଇଟା ଗଢ଼ିଲେ ଜଣେ ଲୋକର ପରିବାର ନିଶ୍ଚିତ ଭାବେ ତା'ର ମଜୁରିରୁ ହରାଏ ୫୦ ଖଣ୍ଡ ଇଟାର ଦାମ୍—ଯେତେ ନିଖୁଣ ଓ ଅଭଙ୍ଗା ହୋଇଥାଉ ପଛେ ଇଟା । ସବୁ ନିର୍ଭର କରେ ଠିକାଦାରର ଦୟା ଉପରେ ।

ନିଜ ଭିଟାମାଟି ତୁଲକାମପଛି ପରିତ୍ୟାଗ କରି ଏଠାକୁ ଇଟା ଗଢ଼ିବାକୁ ସପରିବାରେ ଆସିଥିବା ମଣିକାମ କହେ—ତା'ର ପାଞ୍ଚଜଣିଆ ପରିବାର ରକ୍ତକୁ ପାଣି କରି ଖଟନ୍ତି । ସମସ୍ତେ ମିଶି ଦିନକୁ ଗଢ଼ିପାରନ୍ତି ଅତି ଜୋର୍‌ରେ ଦୁଇ ହଜାର ଇଟା । ପ୍ରତି ହଜାରେ ଇଟା ପାଇଁ ମିଳେ ୫୫ ଟଙ୍କାର ମଜୁରି । ପ୍ରଥମ ସପ୍ତାହର କାମ ପରେ ଏହି ମଜୁରି କମି ଆସେ ୪୫ ଟଙ୍କାକୁ । ପ୍ରତିବାଦ କରିବାର ଚାରା ନାହିଁ, ପଳାୟନ କରିବାର ଯୁ ନାହିଁ । ଜୀବନ ସଂଗ୍ରାମରେ କେବଳ ଧାଇଁବାକୁ ହିଁ ପଡ଼ିବ । ଏହି ଧାଇଁବାର ନାମ ଦାଦନ-ଗିରି ।

ଯଦି ସେମାନେ ସାମୂହିକ ସପରିବାର ଶକ୍ତି ବିନିଯୋଗ କରି ସପ୍ତାହକୁ ଗଢ଼ନ୍ତି ୧୧ ହଜାର ଇଟା, ଜଣକା ମୁଣ୍ଡପିଛା ସପ୍ତାହକୁ ପାଇବେ ୯୦ ରୁ ୧୦୦ ଟଙ୍କା । ଅର୍ଥାତ୍ ଦୈନିକ ୧୩ ଟଙ୍କାରୁ ୧୪ ଟଙ୍କା ମଜୁରି । ସଂପୃକ୍ତ ଅଞ୍ଚଳରେ ପ୍ରଚଳିତ ମଜୁରି ହାରର ଏହା ଅଧା ଏବଂ ଏ ମଣିଷମାନେ ରହିଛନ୍ତି ଦାରିଦ୍ର୍ୟ ସୀମାରେଖାର ବହୁ ତଳେ । ସେମାନଙ୍କର ରେସନ୍ କାର୍ଡରେ ଉଲ୍ଲେଖ ରହିଛି : ସପରିବାର ଏମାନଙ୍କର ମାସିକ ଉପାର୍ଜନ ୩୦୦ରୁ ୩୫୦ ଟଙ୍କା ।

କେବଳ ଥାଞ୍ଜାଭୁର୍ ଜିଲ୍ଲାକୁ ସେମାନଙ୍କର ଏ ବିକଳ ଆଗମନର ଅନ୍ତରାଳରେ ରହିଛି ଏକ ଆକର୍ଷଣ : ଦୈନିକ ଭାତ ଖାଇପାରିବାର ମୋହ । ତାହାହିଁ ସେମାନଙ୍କ ଜୀବନରେ ଏକ ମହାର୍ଘ ବିଳାସ । ଚାଉଳ କ୍ରୟ ପାଇଁ ସେମାନେ ମାସକୁ ୧୮୦ରୁ

Digitized by srujanika@gmail.com

୨୦୦ ଟଙ୍କା ଯାଏ ବ୍ୟୟ କରିଥାନ୍ତି । ଚଢ଼ା ଦରରେ ତ ଚାଉଳ କିଣିଥାନ୍ତି ଏବଂ ସେହି ମାତ୍ରାରେ ଜାଳେଣି, ଚା'ପାଣି ଓ ତେଲ ଲୁଣ ପାଇଁ ବ୍ୟୟ ହୋଇଯାଏ ଆହୁରି ୨୫୦ ଟଙ୍କା । ପାଞ୍ଚଜଣିଆ ପରିବାରର ସାମଗ୍ରିକ ଉପାର୍ଜନ ଯଦି ୫୦୦ ଟଙ୍କା ହେଲା, ତେବେ ଖାଦ୍ୟ ପାଇଁ ଖର୍ଚ୍ଚ ହୋଇଗଲା ୪୫୦ ଟଙ୍କା । କିନ୍ତୁ ଆହୁରି ରହିଛି ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ ବ୍ୟୟ, ତାକୁ ଯେପରି ହେଉ ତୁଲାଇବାକୁ ପଡ଼ିବ । ଭିଟାମାଟିରେ ଦାନ୍ତ ନିକୁଟି ପଡ଼ିରହିଛି ଘର ଜଗି ବୁଢ଼ାବାପା, ତା' ପେଟକୁ ଦାନା ଦେବାକୁ ହେବ । ତେଣୁ ପ୍ରତି ଦାଦନକୁ ପ୍ରତି ଶୁକ୍ରବାରରେ ଯିବାକୁ ହେବ ଘର । ହାତରେ ଗୋଟେ ଛୋଟ ପୁଟୁଳିରେ ବାନ୍ଧି ନେବାକୁ ପଡ଼ିବ କିଛି ଚାଉଳ, ଲଙ୍କା, ପିଆଜ ଓ ତେନ୍ତୁଳି । ସେ ସବୁର ମୂଲ୍ୟ ୧୦ କି ୧୨ ଟଙ୍କା । ବସ୍‌ରେ ଯାତାୟତ ଖର୍ଚ୍ଚ ହେବ ୪୦ରୁ ୫୦ ଟଙ୍କା । ବାଟ ଚାହିଁ ଅପଲକ ନେତ୍ରେ ବସିଥାନ୍ତି ବୟସ୍କ, ବୃଦ୍ଧମାନେ—ଶୁକ୍ରବାରର ତିଥି । ସେମାନେ କହନ୍ତି : "ଶୁକ୍ରବାର ଆମ ପାଇଁ ଭରା ଆନନ୍ଦର ଦିନ । ସେଦିନ ଆମର ମେଣ୍ଟିଯାଏ ଭୋକ ଓ ନିକାଞ୍ଚନ ପଣ ।"

ବୁଢ଼ାର ଖାଦ୍ୟ ପାଇଁ ଯେତିକି ଖର୍ଚ୍ଚ ହୁଏ, ତା'ର ତିନିଗୁଣା ବ୍ୟୟ ବସ୍‌ଭଡ଼ାରେ ବୋହିଯାଏ । କିନ୍ତୁ ଘରେ ପହଞ୍ଚିବାରେ କେହି କେବେ ବିଫଳ ହୋଇଥିବା ଶୁଣିବାକୁ ମିଳେନାହିଁ । ଦରିଦ୍ର ହିଁ ବୁଝେ ଆର୍ତ୍ତର ମନ ବ୍ୟଥା, ବୁଝେ ନିଜର ଉତ୍ତର-ଦାୟିତ୍ୱ । ପିତା ଓ ପରିବାର ପାଇଁ କର୍ତ୍ତବ୍ୟ । ଯଦିଓ ସେ ଗୋଷ୍ଠୀ କୌଣସି ମଣିଷ କିମ୍ବା ସେମାନଙ୍କ ସନ୍ତାନ ସ୍କୁଲ ନାମକ ଅନୁଷ୍ଠାନଟିର ମୁଖଶ୍ରୀ ଦର୍ଶନ କରିପାରନ୍ତି ନାହିଁ । 'ଜୀବନ ବିଦ୍ୟାଳୟ'ର ଶିକ୍ଷା ସେମାନଙ୍କୁ ନିଆରା ଢଙ୍ଗରେ କରିଥାଏ ପ୍ରଶିକ୍ଷିତ ।

'ବଞ୍ଚିବାର ଏ କସରତ ବଡ଼ ହାଡ଼ଭଙ୍ଗା' —କହନ୍ତି ପ୍ରଫେସର ଡଃ କେ. ନାଗରାଜ । "ଏଭଳି ରାହାଶୂନ୍ୟ ଦାଦନମାନେ ଅସୁରକ୍ଷା ଓ ନାମମାତ୍ର ମଜୁରି ଭଳି ଚକ୍ରବ୍ୟୂହ ମଧ୍ୟରେ ସ୍ଥାୟୀ ବାସିନ୍ଦା ବନନ୍ତି । ପରିବାରରେ କାହାରି ବେମାରୀ କି ବିଭାଘର ପଡ଼ିଲେ ସମୁଦାୟ ଇମାରତ ଭାଙ୍ଗିପଡ଼େ ଯେମିତି ବଜ୍ରପାତରେ ।"

ତେବେ ମୁଥୁ ସ୍ୱାମୀର ବକ୍ତବ୍ୟରେ : ପୁଡୁକୋଟ୍ଟାଇର ଶୁଖିଲା କ୍ଷେତ, ମରୁଡ଼ିର ହୁତାଶନ ଠାରୁ ବେଶ୍ ଭଲ ଥାଞ୍ଜାଭୁର୍ । ଏଠି କେନାଲର ଛନ୍ଦଣି ଓ ଜଳର ପ୍ରାଚୁର୍ଯ୍ୟ । ସେଥିପାଇଁ ସୁନା ଫସଲ ଲୋଟିପଡ଼େ । ଦରିଦ୍ରର ବାହୁମାନ କର୍ମକ୍ଷମ ରହନ୍ତି । ଦୁଇଟି ପଡ଼ୋଶୀ ଜିଲ୍ଲା—ଗୋଟିଏ ପାଖରେ ପ୍ରାଚୁର୍ଯ୍ୟ, ଅନ୍ୟଆଡ଼େ ବେଦନାର ଆଦିଗନ୍ତ ବିସ୍ତାର ଓ ଆର୍ତ୍ତ ଚିତ୍କାର ।

❖❖❖

Digitized by srujanika@gmail.com

ସଂଜ୍ଞାହୀନ, ସଂଗହୀନ, ଠିକଣାହଜା ଦାଦନ

ଆଉ, ଅକ୍ଷିତ ମଣିଷର ନିରନ୍ତର ଗତିଶୀଳତାର ଏକ ନକ୍ସା ଆଙ୍କିଲେ କେମିତି ଦିଶିବ ? ଏ ଗତିଶୀଳତା ନୁହେଁ ସଭ୍ୟ ସମ୍ଭ୍ରାନ୍ତ ମଣିଷର ରେଳ କି ବିମାନ ଧରିବାର ବ୍ୟସ୍ତତା । ଭୋକର ଉତ୍ପାତରେ, ଜୀବନ ସଂଗ୍ରାମର ଦୌଡ଼ରେ ଡହଳ ବିକଳ ମଣିଷର ଇଏ ଅନ୍ତହୀନ ପଟୁଆର । ତାମିଲନାଡୁର ପୁଦୁକୋଟ୍ଟାଇ ଓ ରାମନାଦ ଭଳି ଦୁଇଟି ଜିଲ୍ଲାର ଚାରଣ ସର୍ବସ୍ୱ ମଣିଷଙ୍କ ନକ୍ସା ଟାଣିଲେ ଲାଗିବ ଯେପରି ଏକ ବିଶାଳ ଉଈ ହୁଙ୍କା ଭିତରେ ଚାଲିଛି ଅହରହ କୋଳାହଳ । ଲମ୍ବା ଧାଡ଼ିରେ ଛୁଟିଛନ୍ତି ଉଈ ପରି ମଣିଷ ପଲ । ଏ ମଣିଷଙ୍କ ଦେହ ଶିରାଳ, ଖରାରେ ସିଝି କଳାକାଠ ପଡ଼ିଯାଇଛି, ଭୋକିଲା ପେଟ ଓ ପେଢ଼ୁଆ ଆଖି କୋଟରଗତ । ଉଦାସ ଓ ବିଷର୍ଣ୍ଣତାର ବୈଶାଖୀ ଝାଞ୍ଜି ବହୁଛି ପ୍ରଖର ବେଗରେ, ଜଳିଯାଉଛି ଜୀବନର ସମସ୍ତ ସ୍ୱପ୍ନ, ସମ୍ଭାବନା; ଲିଭିଯାଉଛି ମଣିଷର ସମସ୍ତ ଅଧିକାର, ନ୍ୟାଯ୍ୟ ପ୍ରାପ୍ତି ଓ ଆଶାର ଆଲୋକ ।

ଏ ଦୁଇଟି ଜିଲ୍ଲାର ପ୍ରଖ୍ୟାତି ରହିଛି ଦୀର୍ଘକାଳୀନ, ସ୍ଥାୟୀ ଦାଦନଗିରି ପାଇଁ । ଏହା ସହିତ ରହିଛି ଅବାଧ ମୁକ୍ତ ପଳାୟନ; ଅସ୍ଥାୟୀ ଦାଦନଗିରି ଓ ପଡ଼ୋଶୀ ଜିଲ୍ଲାକୁ ଶ୍ରମ ଅନ୍ୱେଷଣରେ ଧାଇଁବାର ପ୍ରସିଦ୍ଧି । ତେବେ ରହିଛି କିଛି ସ୍ଥିର ଲକ୍ଷ୍ୟସ୍ଥଳୀ । କିଛି ଦରିଦ୍ରତମଙ୍କ ପାଇଁ ସେତିକି ଦୟନୀୟତା ମଧ୍ୟ ଭାଗ୍ୟରେ ଜୁଟେ ନାହିଁ । ସେ ମାଟି କାମୁଡ଼ି ପଡ଼ିରହେ ନିଜ ଜୀର୍ଣ୍ଣ ପଲାରେ ଅନନ୍ୟୋପାୟ ହୋଇ, ଅଭାବିତ କ୍ଷୁଧା ଓ ବ୍ୟାଧିରେ ସଢ଼ି ।

ପ୍ରଚଣ୍ଡ ଋଣର ବୋଝ ବାନ୍ଧି ରଖିଦେଇଥିଲା ଚିନ୍ନିଆକୁ – ସେ ଆନ୍ନାବାସଲ ବ୍ଲକ୍‌ର ଜଣେ ନିରନ୍ନ, ଭୂମିହୀନ ଦଳିତ । ଯେଉଁ ସାହୁକାର ତାକୁ ଋଣ ଦେଇଥିଲା, ପ୍ରତିବଦଳରେ ସେ ତା'ର ଶ୍ରମକୁ ପ୍ରାଥମିକ ଭାବେ ଦାବି କରିଥିଲା । ଯେତେବେଳେ ତା'ର କିଛି କାମ ପଡ଼େ, ସେ ଚିନ୍ନିଆକୁ ଡକାଇ ପଠାଏ । ସୁତରାଂ ଫସଲ ଅମଳ ଋତୁରେ ଧାନକାଟି ଦି' ଗୌଣୀ ଚାଉଳ ପାଇବାର କି ଭଲ ମଜୁରି ଆଣିବାର ସୁଯୋଗ ଥିଲେ ବି ସେ ସାହୁକାର ଡାକରାକୁ ଅନେଇ ରହି ସେସବୁ ହାତଛଡ଼ା କରେ । ପୁଦୁକୋଟ୍ଟାଇ ଓ ରାମନାଦ ଜିଲ୍ଲାରେ ପ୍ରଦତ୍ତ ପଡ଼ି-କାର୍ଡରେ ଜଣେ ଆଠ ଜଣିଆ ପରିବାରର ମିଳିତ ଉପାର୍ଜନ ୨୫୦ ଟଙ୍କାରୁ ୩୦୦ ଟଙ୍କା ଲେଖା ଥିବା ଦେଖିବାକୁ ମିଳିବ । ଚିନ୍ନିଆ ଭଳି ଅନେକ ରହିଛନ୍ତି ଏମିତି ଚିରନ୍ତନୀ ଋଣଗ୍ରସ୍ତ; ସ୍ଥାୟୀ କ୍ଷୁଧାର ନିରୂପାୟ ବାହକ ।

Digitized by srujanika@gmail.com

ସେମାନଙ୍କର ଯେଉଁ ଗୁଣ୍ଠେ ଅଧେ ଜମି (ଅନେକଙ୍କର କିଛି ହିଁ ନାହିଁ) ରହିଛି ସେଥିରେ ବର୍ଷାବିନ୍ଦୁ ପଡ଼ିବାର ସୌଭାଗ୍ୟ କ୍ୱଚିତ ଜୁଟେ । ଭଲ ଚାଷ ଋତୁରେ ବି ସେମାନେ ଫସଲ ଫଳାଇବା କଷ୍ଟକର ହୋଇଉଠେ । ସେ ଜିଲ୍ଲାରେ କାଗଜପତ୍ରରେ କୌଣସି ବଡ଼ ଜମି ମାଲିକ ବା ଜମିଦାର ନାହାନ୍ତି । ପୁଦୁକୋଟ୍ଟାଇର ଭୂ-ସଂସ୍କାର ସଂପୂର୍ଣ୍ଣ ଜାଲିଆତି ଉପରେ ପର୍ଯ୍ୟବେସିତ । ଏକଥା ସମଗ୍ର ତାମିଲନାଡୁ ପାଇଁ ଅଧିକତର ଭାବେ ସତ୍ୟ ।

ଏପରିକି ୧୯୭୨ ମସିହା ବେଳକୁ ସରକାରୀ କାଗଜପତ୍ରରେ ଘୋଷଣା କରିଦିଆଗଲା ଯେ, ତାମିଲନାଡୁରେ ବଳକା ଜମି ରୂପେ ଥିବା ୨୧ ଲକ୍ଷ ଏକର ଜମିର ଦୁଇ ଶତାଂଶକୁ ସରକାର ହାତକୁ ନେଇଗଲେ । ପରବର୍ତ୍ତୀ ଗାଦିନାସୀନ ସମସ୍ତ ସରକାର ସେ ଜମିକୁ ବାଣ୍ଟି ବାଣ୍ଟି ସେଥିରୁ ଦୁଇ-ତୃତୀୟାଂଶ ସାରିଦେଲେ । ୧୯୯୨ରେ ଅନୁଷ୍ଠିତ ଏକ ସରକାରୀ ଅନୁଧାନ କହେ ପୁଦୁକୋଟ୍ଟାଇ ଜିଲ୍ଲାର ଶିରୁମାରୁଧୁର୍ ଗ୍ରାମର କିଛି ପରିବାର ଛଅଟି ଭିନ୍ନ ଭିନ୍ନ ନାମରେ ଜମି ଦଖଲ କରି ରହିଛନ୍ତି । ଏହି ଅନୁଧାନ ରିପୋର୍ଟରେ ଆଉ ଏକ ଚମକପ୍ରଦ ଅପରାଧର ଦୃଷ୍ଟାନ୍ତ ରହିଛି : ସରକାରୀ ବଳକା ଜମିକୁ କାଗଜପତ୍ରରେ ବଣ୍ଟାଯାଇଛି ଦରିଦ୍ର ଚାଷୀକୁ, ମାଲିକାନା ତା’ ନାମରେ; ମାତ୍ର ପୁରୁଣା ଜମିଦାର ଆଜିଯାଏ ସେ ଜମି ଉପରୁ ଖଜଣା ଆଦାୟ କରିଚାଲିଛି ।

ସେ ଅଞ୍ଚଳର ଶିଳ୍ପ କାରଖାନାରୁ ମଧ୍ୟ କିଛି ପାଇବାର ଆଶା ଦରିଦ୍ରଙ୍କ ପାଇଁ ନାହିଁ । ଅନଗ୍ରସର ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ମିଳୁଥିବା ସରକାରୀ ଅନୁଦାନ ଓ ପ୍ରୋତ୍ସାହନକୁ ଦୁହିଁ ନେଇ ରାତାରାତି ପଳାୟନ କରିଛନ୍ତି ସମ୍ଭାବ୍ୟ ଶିଳ୍ପ-ପ୍ରତିଷ୍ଠାତାଗଣ । ପାଞ୍ଚବର୍ଷର ରିହାତି ସମୟ ପାର ହୋଇଗଲା ପରେ ନାମକୁ ମାତ୍ର ଖୋଲାଯାଇଥିବା ଶିଳ୍ପ ପ୍ରତିଷ୍ଠାନରେ ସ୍ଥାୟୀ ଭାବେ ତାଲା ଝୁଲାଇ ଦିଆଯାଇଛି ।

“ଶ୍ରମିକଙ୍କ ମଜୁରି ବୃଦ୍ଧି ନେଇ ଏଠାରେ କୌଣସି ଶ୍ରମିକ ସଂଗଠନ ଦାବି କରନ୍ତି ନାହିଁ କି ସେକଥା ମୁହଁରେ ଧରନ୍ତି ନାହିଁ । ଏପରିକି ଲଢୁଆ ଆତଙ୍କକାରୀ ସଂଗଠନଗୁଡ଼ିକ ମଧ୍ୟ ଅନିଚ୍ଛୁକ । ଏଠାରେ ନିଯୁକ୍ତି ପାଇବାର ଚାହିଦା ବଡ଼ ନୈରାଶ୍ୟଜନକ । ଶ୍ରମିକମାନେ ସବୁଆଡୁ ପେଷି ହୋଇ ରହିଥାନ୍ତି ।” —କହନ୍ତି ଜଣେ ଶ୍ରମିକ ନେତା ଜିଆଉଦ୍ଦିନ ।

“ଆମକୁ ତିନି ଏକର ଜମି ଆଉ ଫସଲ ଉତାରିବାକୁ ମୁନ୍ଦେ ପାଣିର ବ୍ୟବସ୍ଥା କରିଦିଅନ୍ତୁ । ଦେଖିବେ ଆମେ ସୁନା ଫଳାଇବୁ । ଚିର ମରୁଡ଼ିଗ୍ରସ୍ତ ଏ ଜିଲ୍ଲାକୁ ଦେଖିବେ କେମିତି ଘୋ ଘୋ କୋଳାହଳମୟ କରିଦବୁ ।” —କହିଲେ କୋଭିଲପଟ୍ଟିର

Digitized by srujanika@gmail.com

ଗୋବିନ୍ଦରାଜନ । ଏ କଥାରେ ପେରିଆକୋଟ୍ଟାଇର ସବୁଲୋକ ମୁଣ୍ଡ ନାଡ଼ିଲେ, ସମ୍ମତି ଜଣାଇଲେ । ଅତି ଆଗ୍ରହର ସହିତ ମୋତେ ବୁଲାଇ ଦେଖାଇଲେ ତାଙ୍କ ଗାଁର ବଳକା ଜମି, କେମିତି ଏସବୁ ରହିଛି ଜଣେ ତଥାକଥିତ ଜମିଦାରଙ୍କ ଅକ୍ତିଆରରେ । ସେ ରହନ୍ତି ସହରରେ, ରାଜନୈତିକ ସଂପର୍କ ତାଙ୍କର ବେଶ୍ ବଳିଷ୍ଠ ଏବଂ ଗାଁ ଜମିରୁ ମିଳେ ପ୍ରଚୁର ଆୟ । ତାମିଲନାଡୁର ସରକାର କି କୌଣସି ରାଜନୈତିକ ଦଳର ଇସ୍ତାହାରରେ ଭୂମି ସଂସ୍କାର ସ୍ଥାନ ପାଇନାହିଁ । ଏ ଅଞ୍ଚଳର ସୀମିତ ଜଳ ସଂପଦ ଧୀରେ ଧୀରେ ଘରୋଇ କମ୍ପାନୀଙ୍କ ଦଖଲକୁ ଚାଲିଯାଉଛି ।

ଏଭଳି ପରିସ୍ଥିତିରେ ମରୁଡ଼ି ଏବଂ ଦାଦନଗିରି ନିୟମିତ ଓ ନିଶ୍ଚିତ ପରିଦର୍ଶକ ଭାବେ ଏ ଅଞ୍ଚଳକୁ ଆସିବ ହିଁ ଆସିବ । ବିସ୍ମୟକର ଭାବେ ହଜାର ହଜାର ଦେଶାନ୍ତରୀ ହେଉଥିବା ଶ୍ରମିକଙ୍କୁ ଦାଦନ ଭାବେ ମଧ୍ୟ ଗଣାଯାଉନାହିଁ । ସେମାନେ ଯେପରି ଉଦ୍‌ଭ୍ରାନ୍ତ, ପାଦ ଯୁଆଡ଼କୁ ଟାଣିଲା ସେଣେ ଗଲେ । ଜାତୀୟ ନମୂନା ସର୍ଭେର ପରିସଂଖ୍ୟାନକୁ ନିଶ୍ଚିତ ରୂପେ ପ୍ରାମାଣିକ ତଥ୍ୟ ବୋଲି ଗ୍ରହଣ କରିବାକୁ ହେବ । ତେବେ ଏଥିରେ ରହିଛି ଏକ କୌତୂହଳପ୍ରଦ ଗଣନା ଓ ସଂଜ୍ଞା । ଦାଦନଟିର ଶେଷ ସ୍ୱାଭାବିକ-ବାସସ୍ଥଳୀର ବର୍ଣ୍ଣନା ହେଉଛି; ''ଯେଉଁ ସ୍ଥାନରେ ଶ୍ରମିକଟି ତାଲିକାଭୁକ୍ତ ହେଉଛି, ସଂପୃକ୍ତ ଗ୍ରାମ ବା ସହରକୁ ସେ ଆସିବାର ଠିକ୍ ପୂର୍ବରୁ ଛଅମାସ ବା ତଦୁର୍ଦ୍ଧ ସମୟ ଧରି ସେ ଲଗାତର ରହି ଆସୁଥିବା ସ୍ଥାନ ।''

ପୁଦୁକୋଟ୍ଟାଇର ଅଧିକାଂଶ ଦେଶାନ୍ତରୀ ଶ୍ରମିକ କୌଣସି ସ୍ଥାନରେ ଛଅମାସ ମଧ୍ୟ ରହିପାରନ୍ତି ନାହିଁ । ଯେଉଁମାନେ କେବଳ ଥାଞ୍ଜାଭୁର୍ ଯାଉଥିବେ ସେମାନେ ହୁଏତ ଅଧିକ କାଳ ରହିପାରୁଥିବେ । ମାତ୍ର ଅନେକଙ୍କ ଜୀବନ 'ସୁଅ ମୁହଁର ପତର' ପରି ବିକ୍ଷୁବ୍‌ଧ, ଇତଃସ୍ତତଃ । ମାତ୍ର ସଂଜ୍ଞାର ସରହଦ ଭିତରେ ଏଭଳି ଉବୁଟୁବୁ, ଉଚ୍ଛନ୍ନ ଜୀବନଗୁଡ଼ିକ ଆସିପାରନ୍ତି ନାହିଁ । ଯଦିଓ ସାଧାରଣ ଶ୍ରମିକଟିଏ ଠାରୁ ଏମାନଙ୍କ ସଂଘର୍ଷର ପଥ ଅଧିକ କଣ୍ଟକିତ ଓ ବକ୍ର । ଏବଂ କେହି ଜାଣନ୍ତି ନାହିଁ କେତେ ସଂଖ୍ୟାରେ ଅଛନ୍ତି ଏହିପରି ମୁକ୍ତ ଅବାରିତ ଦେଶାନ୍ତରୀ ଦାଦନ । ''କେହି ଜାଣିବାର ଚେଷ୍ଟା ବି କରନ୍ତି ନାହିଁ ।'' —କହନ୍ତି ଜଣେ ସରକାରୀ କର୍ତ୍ତା ''ଯେ ପର୍ଯ୍ୟନ୍ତ ଆମେ ଛଳନା କରି ଚାଲିଥାଉ ଯେ, ସେପରି ଦାଦନ କେହି ନାହାନ୍ତି କିମ୍ବା ସେମାନଙ୍କୁ ସେପରି ଶ୍ରେଣୀଭୁକ୍ତ କରିବାକୁ ଆମେ ଚାହୁଁନା ।''

ପୁନଶ୍ଚ ଆହୁରି କୌତୁହଳପ୍ରଦ ମଧ୍ୟ ଜାତୀୟ ନମୂନା ସର୍ଭେର ଦାଦନଙ୍କ ଅର୍ଥନୈତିକ ଦିଗ ସଂପର୍କିତ ସଂଜ୍ଞା : 'ନିଯୁକ୍ତିର ଅନ୍ୱେଷଣ/ଉତ୍ତମ ନିଯୁକ୍ତିର ଅନ୍ୱେଷଣ,

Digitized by srujanika@gmail.com

ନିଯୁକ୍ତି ଜନିତ ବଦଳି/ବ୍ୟବସାୟିକ ଠିକା ।' ଏପରି ଏକ ସଂଜ୍ଞା ଉପରେ ମନ୍ତବ୍ୟ ଦିଅନ୍ତି ମାନ୍ଦ୍ରାଜର ବିକାଶମୂଳକ ଅଧ୍ୟୟନ ପ୍ରତିଷ୍ଠାନର ଡଃ କେ. ନାଗରାଜ : ''ଉନ୍ନୀତ ପଦବୀ ପାଇ ଗୋଟିଏ କମ୍ପାନୀର କର୍ମକର୍ତ୍ତା ବମ୍ବେରୁ ଦିଲ୍ଲୀ ଏବଂ ଦାରିଦ୍ର୍ୟର କଷାଘାତ ସହି ଜଣେ କୃଷି ଶ୍ରମିକ ପୁଦୁକୋଟ୍ଟାଇରୁ ଥୁରୁକାଟ୍ଟାପାଲି ଯିବା ଭିତରେ ତେବେ ତ କିଛି ତଫାତ୍ ନାହିଁ । ଏଭଳି ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ହାସ୍ୟାସ୍ପଦ ଓ ତ୍ରୁଟିପୂର୍ଣ୍ଣ ।''

ଶୀତତାପ ନିୟନ୍ତ୍ରିତ ମଟର ଚଢ଼ି ତଦ୍ରୂପ ସୌଧରେ ତୂଳିତଳ୍ପ ସୌଖିନ ଜୀବନରୁ ଆହୁରି ଧାପେ ଆଗକୁ ଯାଇ ଅଧିକ ବିଳସିତ ପଦବୀରେ ପ୍ରତିଷ୍ଠିତ ବ୍ୟକ୍ତି ଏବଂ ଭୋକ ଦାଉରେ ଛଟପଟ ଫୁଙ୍ଗୁଳା ଜୀବନକୁ ସମ୍ଭାଳିବାକୁ, ପରିବାର ତୁଣ୍ଡରେ ଦାନା ଦେବାକୁ ଅହରହ ଲହୁଲୁହାଣ ସଂଗ୍ରାମର ଜୀବନ ଭିତରେ ରହିଛି ଆକାଶ ପାତାଳ ପାର୍ଥକ୍ୟ । ତାହା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ବିରଳା, ଟାଟା କି ଅମ୍ବାନୀ ପରିବାରରେ କେହି ଶିଳ୍ପପତିଙ୍କ ନିଜ ଘରୋଇ ବିମାନରେ ବମ୍ବେରୁ ଅହମଦାବାଦ କି କଲିକତା ଆଗମନ ଏବଂ ନିଜର ଭଙ୍ଗା ଘର, ମରୁଡ଼ି ଉଜୁଡ଼ା କ୍ଷେତ ଛାଡ଼ି, ଭିଟା ଛାଡ଼ି ମୁଥୁସ୍ୱାମୀ ଯଦି ହେଲା ଦେଶାନ୍ତରୀ ତେବେ ଏ ଦୁଇ ଗତିଶୀଳତାକୁ ଆମେ ପକାଇ ପାରିବା ଦାଦନଗିରିର ଅଙ୍କକଷା ଭିତରେ ? ସଂଜ୍ଞା ଭିତରେ ମଣିଷ ନଥାଏ, ମଣିଷ ହିଁ ସଂଜ୍ଞା ତିଆରି କରେ । କଷଣ, ଶୋଷଣର ମଣିଷ ଏବଂ ଭୋଗ, ବିଳାସର ମଣିଷ ଦୁଇଟି ଭିନ୍ନ ସଂଜ୍ଞା ଓ ଭିନ୍ନ ପୃଥିବୀର ମଣିଷ ।

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ଷଷ୍ଠ

ଭାଇଜାକ୍‌ର ଏକ ଇଟାଭାଟିରେ ଜୀବନ ଓ ଯୌବନ ସମର୍ପିତ କରି
ଦିନାନ୍ତରେ ମାତ୍ର ୧୨ ଟଙ୍କା ମଜୁରି ପାଉଥିବା ବଲାଙ୍ଗିରର ଅସହାୟ ଦାଦନ

ସାହୁକାର, ଋଣଯନ୍ତା, ଶୋଷଣ ଓ ଶୋଷିତ

Digitized by srujanika@gmail.com

୧. ଋଣ-ଯନ୍ତାର ଜାନ୍ତବତାରେ ରକ୍ତାକ୍ତ ଭାରତ ୨୧୯

୨. ଶୁଖା ଲଙ୍କା ଠାରୁ ଜ୍ୱାଳାମୟୀ ଶୋଷଣର ବ୍ୟୂହ ୨୨୮

୩. ନୂଆ ଛନ୍ଦ ଓ ସ୍ୱରରେ ଏକବିଂଶର 'କ୍ରୀତଦାସର କାବ୍ୟ' ୨୩୪

୪. ସାମନ୍ତବାଦର ପ୍ରତ୍ୟାବର୍ତ୍ତନ ପ୍ରେତାତ୍ମା ୨୪୧

୫. ବୁଭୁକ୍ଷା, ବନ୍ଧକୀ ଓ ବନ୍ଧାଶ୍ରମର ଖୋଲାବଜାର ୨୪୭

୬. ଋଣ ଧର୍, ଚାଳ ଉଲାର୍ ୨୫୩

୭. ପିଆଜ ରାଜନୀତିର ପୃଥିବୀରେ ନୂଆପଡ଼ାର ଦଳିତ ୨୫୭

* * *

Digitized by srujanika@gmail.com

ଋଣ-ଯନ୍ତାର ଜାନ୍ତବତାରେ ରକ୍ତାକ୍ତ ଭାରତ

ଚିରନ୍ତନ ଋଣର ଜାଲ ଭିତରେ ଛନ୍ଦିହୋଇ ଛଟପଟ ହେଉଛି ଦରିଦ୍ର ଚାଷୀ ? ମହାଜନ ତା'ର ସୁଧ କଳନ୍ତର ଆଦାୟ କରିବା ପାଇଁ ନଡ଼ିଆ ଗଛରେ ବାନ୍ଧି ପକାଇ ଶାଙ୍କୁଚ ଲାଙ୍ଗୁଡ଼ରେ ପ୍ରହାର କରୁଛି ମଣିଷକୁ । ବାପର ଶହେ ଟଙ୍କାର ଋଣ ପରିଶୋଧ କରିବାକୁ ପୁଅକୁ ସାରା ଜୀବନ ଗୋତି ଖଟି ମଧ ତଥାପି ପାଞ୍ଚଶହ ଟଙ୍କା ବଳକା ରହୁଛି ଏବଂ ସେତକ ଶୁଝିବା ପାଇଁ ଅକାତରେ ଝରି ଯାଉଛି ପିଢ଼ି ପରେ ପିଢ଼ି କେତେ ନିଃସହାୟ ଜୀବନ । ବ୍ୟାଙ୍କ ଋଣ ଠାରୁ ବହୁଗୁଣିତ ସେ ସୁଧର ହାର ଏବଂ ବହୁ ପେଞ୍ଚ, କାରସାଦି, କୌଶଳ ଓ କଦର୍ଥନାର ସେ ଶୋଷଣ ଯନ୍ତା । ସେସବୁ ଲାଗେ ଯେମିତି ଉନବିଂଶ ଶତାବ୍ଦୀର ଉପନ୍ୟାସର ପଟ୍ଟଭୂମି ସଦୃଶ-ଫକୀରମୋହନଙ୍କ 'ଛ' ମାଣ ଆଠଗୁଣ୍ଠ' କି ଗୋପୀନାଥ ମହାନ୍ତିଙ୍କ 'ପରଜା' କି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ'ର କଥାବସ୍ତୁ । ମାତ୍ର ବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ମଧ ସେ ଋଣ-ବ୍ୟୂହର କୁଚକ୍ରୀ ଗୋଷ୍ଠୀର ଶିକାର ପାଲଟେ ମଣିଷ । ସାରା ପୃଥିବୀର ସବୁ ଭାଗରେ ଏବେ ବି ବଳବତ୍ତର ରହିଛି କ୍ରୀତଦାସ ପ୍ରଥା, ଗୋତି ଶ୍ରମିକର ବ୍ୟଥା, ବିଶ୍ୱବ୍ୟାଙ୍କର ଋଣ ଚାଲ୍ ଓ ବିଛେଇ ହୋଇ ରହିଛି ସାମନ୍ତବାଦର ଜାଲ । ଔପନିବେଶିକ ଶାସନର ନୂଆ ରୂପ, ସଭ୍ୟ ମଣିଷର ଶୋଷଣର ନୂଆ ତରିକା ପୁଣି ପ୍ରକଟିତ ହେଉଛି ନୂଆ ଢଙ୍ଗରେ, ଅଭିନବ ଛନ୍ଦରେ । ରାଜତନ୍ତ୍ର, ସାମନ୍ତବାଦ ଓ ଜମିଦାରି ଯାଇଛି; ପୁଣି ଫେରିଆସୁଛି ସାମ୍ରାଜ୍ୟବାଦ ଭିନ୍ନ ରୂପରେ—ରକ୍ତମୁଖା ହୋଇ, ଆଖି ତରାଟି, ନଖଦାନ୍ତ ମେଲାଇ । ଭାରତର ସ୍ୱାଧୀନତା ପରେ ଗଣତନ୍ତ୍ର ଶାସନରେ ଶୋଷିତ ମଣିଷ ନୂଆ ରାହା ପାଇବାର ଯେଉଁ ସମ୍ଭାବନା ଅଙ୍କୁରିତ ହୋଇଥିଲା ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ପାଳନ ବେଳକୁ ସେସବୁ ସ୍ୱପ୍ନ ଓ ପରିକଳ୍ପନାର ଗଳା ମରୁଡ଼ି ଘଟିଥିବା ଜଳ ଜଳ ଦିଶିଲା ।

ଅନ୍ତତଃ ପକ୍ଷେ, ସମନ୍ୱିତ ଗ୍ରାମୋନ୍ନୟନ ଯୋଜନା (ଆଇ.ଆର୍.ଡି.ପି)ରେ ଲକ୍ଷ ଲକ୍ଷ ପରିବାର ପାଇଲେ ଋଣ ଅନୁଦାନ । କୋଟି କୋଟି ଟଙ୍କାର ଯୋଜନା । କୃଷି, କୁଟୀର ଶିଳ୍ପ, ଗୋପାଳନ ଭଳି ଗ୍ରାମାଞ୍ଚଳ ଲୋକଙ୍କ ଅର୍ଥନୈତିକ ସମୃଦ୍ଧି ପାଇଁ ବହୁ ବହୁ ସମ୍ଭାବନାମୟ ପରିକଳ୍ପନା ଓ ପରିଯୋଜନା । ଶ୍ରମିକ ଠାରୁ ଶଗଡ଼ିଆ, ଘୁଷୁରିଆ ଠାରୁ ବୁଣାକାର ଯାଏ ଗ୍ରାମାଞ୍ଚଳ ଦରିଦ୍ରଙ୍କ ପାଇଁ ନାମକୁ ମାତ୍ର ସୁଧରେ ଋଣ ବ୍ୟବସ୍ଥା ହେଲା । ବ୍ୟାଙ୍କ ଜାତୀୟକରଣ ପରେ ସେସବୁରୁ ଛୁଟିଲା ଗ୍ରାମାଞ୍ଚଳର

Digitized by srujanika@gmail.com

କୃଷି, କୁଟୀର ଶିଳ୍ପ, ହସ୍ତଶିଳ୍ପର ବିକାଶ ପାଇଁ ଋଣ । ବିପୁଳ ପରିମାଣର ଗ୍ରାମ୍ୟ ଋଣ । ଏଥିରୁ ସ୍ୱାଭାବିକ ଏକ ଅବଧାରଣା ଜନ୍ମିଲା ଯେ ଘରୋଇ ମହାଜନ, ସାହୁକାର ଉପରେ ଋଣ ପାଇଁ ନିର୍ଭରଶୀଳତା ଦ୍ରୁତଗତିରେ ହ୍ରାସ ପାଇବ । ଅଧିକ ଭାବେ ମିଳାଇଗଲା ସୁଧ ଆଦାୟ ପାଇଁ ସାହୁକାର ଓ ମହାଜନ ପ୍ରୟୋଗ କରୁଥିବା ଶାରୀରିକ ନିର୍ଯ୍ୟାତନା, ମାର୍‌ପିଟ୍‌ର ନିଷ୍ଠୁରତା ।

ଏପରି ଏକ ଆନନ୍ଦଦାୟକ ଦୃଶ୍ୟପଟରେ ମହାଜନୀ କାରବାର ଉପରେ ତଥ୍ୟ ସଂଗ୍ରହ ଜଣକର ଅଧିକ ସମୟ ନେବ ନାହିଁ ବୋଲି ପ୍ରାରମ୍ଭିକ ଭାବେ ଅନୁଭୂତ ହେଲା । ଏହା ବାହାରେ ରହିଛି ସରକାରୀ ନୀତି ଓ ଯୋଜନା – ସେସବୁ ନିଃସନ୍ଦେହରେ ଦରିଦ୍ରତମ ମଣିଷର ଉତ୍‌ଥାନ ଦିଗରେ ଅଭିପ୍ରେତ । ଏବଂ ସୁଧ-ମୁକ୍ତ ଘରୋଇ ଋଣ ପ୍ରତିଷ୍ଠାନ ବା ବ୍ୟବସାୟିକ ବ୍ୟାଙ୍କମାନେ ଯୁକ୍ତି ବାଢ଼ିଲେ ଯେ ପରିସ୍ଥିତି ସେତେ ପ୍ରତିକୂଳ ତଥା ଉତ୍କଟ ନୁହେଁ । ଏ ଅନୁଭବ ଥିଲା ମୋର ରାମନାଦ ଜିଲ୍ଲା ପରିଭ୍ରମଣ ପୂର୍ବର କଥା; ଯେଉଁଠି ଜମିଦାରର 'ସୁଧ-ମୁକ୍ତ' ଋଣ ବା 'ଅଗ୍ରୀମ' ଟଙ୍କା ଜଣେ ଦରିଦ୍ରର ପରିବାରକୁ ସାରା ଜୀବନ ତଥା ପରବର୍ତ୍ତୀ ବହୁ ପିଢ଼ି ଯାଏ ବାନ୍ଧି ରଖୁଥିଲା ଋଣ-ଯନ୍ତାରେ । ଦେଶର ଆଠଟି ଦରିଦ୍ରତମ ଜିଲ୍ଲା ବୁଲିଲା ବେଳେ କ୍ରମେ ନୈରାଶ୍ୟ ଘନୀଭୂତ ହେବାକୁ ଲାଗିଲା – କିପରି ଭାବେ କାମ କରୁଛି 'ଆନୁଷ୍ଠାନିକ ଋଣ' ବ୍ୟବସ୍ଥା; କିପରି ମହାଜନୀ କାରବାର ତା'ର ଲକ୍ଷ୍ୟକୁ କେନ୍ଦ୍ରୀଭୂତ କରି ରଖିଛି ଦରିଦ୍ରତମ ଗ୍ରାମମାନଙ୍କରେ; ଶାରୀରିକ ନିର୍ଯ୍ୟାତନା ବାହାରେ ଧମକି, ଲାଞ୍ଛନାର ଆହୁରି ବହୁ ସ୍ତର ରହିଛି ଯାହା ଋଣ ଅସୁଲି ଦିଗରେ କମ୍ ସହାୟକ, ସମର୍ଥ ନୁହେଁ । ବୋଧହୁଏ ଊନବିଂଶ ଶତାବ୍ଦୀର ଉପନ୍ୟାସକାରମାନେ ସେମାନଙ୍କ ସମୟର ବାସ୍ତବତାକୁ କଥାବସ୍ତୁରେ ପୁଟ ଦେବାରେ · ଲେଖନୀରେ ସ୍ପର୍ଶକାତର କରି ତୋଳିବାରେ ଅଧିକ ସକ୍ଷମ ଥିଲେ; ତୁଳନାତ୍ମକ ଭାବେ ଆମ ସମୟର ବାସ୍ତବତାକୁ ସମାଜବିଜ୍ଞାନୀମାନେ ଧରିପାରିବାର ସାମର୍ଥ୍ୟ ଠାରୁ ଢେର୍ ଉଚ୍ଚରେ ଥିଲେ ।

୧୯୮୧-୮୨ରେ ପ୍ରକାଶିତ ସର୍ବଭାରତୀୟ ଋଣ ଓ ପୁଞ୍ଜି ବିନିଯୋଗ ସର୍ବେକ୍ଷଣ ରିପୋର୍ଟ ହେଉଛି ଏଯାଏ ସଦ୍ୟତମ । ସତୁରୀ ଦଶକରେ ଦେଶର ପ୍ରତି କୃଷିଜୀବୀ ପରିବାର ହାରାହାରି ଋଣ ୧୩୯ ଶତାଂଶକୁ ବୃଦ୍ଧି ପାଇଥିବା ଏହି ସର୍ଭେରେ ଦର୍ଶାଯାଇଛି । ଆସାମ ରାଜ୍ୟକୁ ବାଦ୍ ଦେଲେ ଦେଶର ପ୍ରାୟ ସମସ୍ତ ପ୍ରଦେଶରେ ଋଣ ବିନିଯୋଗ ଯଥେଷ୍ଟ ବୃଦ୍ଧି ପାଇଛି । ଅନେକ ରାଜ୍ୟରେ କୃଷି-ଶ୍ରମିକ ପରିବାର ମଧ୍ୟରୁ ୭୫ ଶତାଂଶରୁ ଊର୍ଦ୍ଧ୍ୱ ଲୋକେ ଋଣଗ୍ରସ୍ତ ହୋଇ ରହିଛନ୍ତି । ଏ ପରିସ୍ଥିତି ଦଳିତ ଓ ଆଦିବାସୀଙ୍କ ମଧ୍ୟରେ ଅଧିକ ଶୋଚନୀୟ ।

Digitized by srujanika@gmail.com

ଗୋଟିଏ ଦାବି ଯେ, ୧୯୭୮ରେ ପ୍ରବର୍ତ୍ତିତ ସମନ୍ୱିତ ଗ୍ରାମୋନ୍ନୟନ ଯୋଜନା ଏ ପରିସ୍ଥିତିରେ ଏକ ବିରାଟ ପରିବର୍ତ୍ତନ ଆଣିଲା । ଏହା ପରେ ବ୍ୟାଙ୍କ ଓ ଆନୁଷ୍ଠାନିକ ଋଣର ସ୍ରୋତ ପ୍ରବଳତର ହେଲା ଏବଂ ପ୍ରଥମଥର ପାଇଁ ବହୁ ଦରିଦ୍ରତମ ପରିବାର ଋଣ ନେଇ ନିଜ ଢଙ୍ଗରେ ଜୀବିକାର୍ଜନର ସୁଯୋଗ ପାଇଲେ । ମାତ୍ର ଅନେକ କ୍ଷେତ୍ରରେ ଏ ତଥ୍ୟ ଭ୍ରମାତ୍ମକ ।

ଦରିଦ୍ର ମଧ୍ୟରେ ରହିଛି ବହୁସ୍ତର ଏବଂ ଦାରିଦ୍ର୍ୟର ମଧ୍ୟ ରହିଛି ବିବିଧ ସୋପାନ । ସୋପାନର ଯେତେ ତଳେ ଜଣେ ରହିଛି, ସେପରି ପରିବାରକୁ ଋଣ ମିଳିବାର ସମ୍ଭାବନା ସେତେ କମ୍ ଓ କ୍ଷୀଣ । ୧୯୮୭ରେ ବହୁ ବିଳମ୍ବରେ ଏକଥା ଦର୍ଶାଇଲା ଭାରତୀୟ ରିଜର୍ଭ ବ୍ୟାଙ୍କ । ଏକଥା ସତ ଯେ, ଭାରତର ସମୁଦାୟ ଋଣ ମଧ୍ୟରୁ ୬୦ ଶତାଂଶ ହେଉଛି ବ୍ୟାଙ୍କ ଓ ଆନୁଷ୍ଠାନିକ ସୂତ୍ରର ଅବଦାନ । ମାତ୍ର ଏକ ହଜାର ଟଙ୍କାରୁ କମ୍ ମୂଲ୍ୟର ସମ୍ବଳର ଅଧିକାରୀ, ଏ ଦେଶର ପ୍ରକୃତ ନିଃସ୍ୱ ମଣିଷମାନଙ୍କୁ ପ୍ରଦତ୍ତ ହୋଇଛି ମାତ୍ର ୬ ଶତାଂଶରୁ କମ୍ ଋଣ । ଯାହାର ବନ୍ଧକୀ ରଖିବାକୁ କିଛି ଜିନିଷ ନାହିଁ, ବ୍ୟାଙ୍କ ତା' ଆଡ଼କୁ ମୁହଁ ମୋଡ଼ିଦେଇଛି ।

ହୁଏତ ତାମିଲନାଡୁର କେତେକ ସଚେତନ ଅଞ୍ଚଳରେ କୃଷି ଶ୍ରମିକ ମାନେ ଏପରି ଋଣ ବ୍ୟବସ୍ଥାର କିଞ୍ଚିତ ଅଧିକ ସୁଯୋଗ ନେଇ ଲାଭବାନ ହୋଇଛନ୍ତି, ମାତ୍ର ଅନ୍ୟତ୍ର, ବିହାର ରାଜ୍ୟର ଅଧିକାଂଶ ସ୍ଥାନରେ ନା ସରକାର ନା ବ୍ୟାଙ୍କ ସେମାନଙ୍କୁ କେହି ପଚାରିନାହାନ୍ତି । ଫଳସ୍ୱରୂପ ସେମାନେ ସେହି ମହାଜନ, ସାଉକାରର ଶରଣାପନ୍ନ ହୋଇ ପିଢ଼ି ପିଢ଼ି ଧରି ଶୋଷିତ ହୋଇ ଚାଲିଛନ୍ତି । ଯଦିଓ ଆଇ.ଆର୍.ଡି.ପି. ବ୍ୟବସ୍ଥାରେ କିଛି ଦରିଦ୍ର ପରିବାର ଜୀବନର ରାହା ପାଇଛନ୍ତି, ତେବେ ଅଧିକାଂଶ ପୁଞ୍ଜି ବାଟମାରଣା ହୋଇଛି ଓ ବାଟବଣା ହୋଇ ଭୁଲ୍ ବାଟରେ ଲାଗିଛି । ଏକଥା ସ୍ୱୟଂ ଦର୍ଶାଇଛନ୍ତି ଯୋଜନା କମିଶନଙ୍କ ପ୍ରକଳ୍ପ ମୂଲ୍ୟାୟନ ସଂଗଠନ ।

ଗୋଟିଏ ବର୍ଷର ଆଇ.ଆର୍.ଡି.ପି କାର୍ଯ୍ୟକ୍ରମର ପରୀକ୍ଷାମୂଳକ ସମୀକ୍ଷା କରିଥିଲେ ଭାରତର କମ୍ପୋଟ୍ରଲର ଓ ଅଡିଟର ଜେନେରାଲ । ସେମାନେ ନମୂନା ସ୍ୱରୂପ ସୀମିତ ଇଲାକାରେ ନିର୍ବାହ କରିଥିବା ଏହି ସମୀକ୍ଷା କହେ : '୧୬ କୋଟି ଟଙ୍କା ଭିନ୍ନ ବାଟରେ, ଭିନ୍ନ ଲକ୍ଷ୍ୟ ପାଇଁ ବିନିଯୁକ୍ତ ହୋଇଛି ।' ଗ୍ରାମାଞ୍ଚଳ ଗରିବ ଲୋକ ପାଇଁ ସେଥିରୁ କାଣିଚାଏ ଲାଭ ମିଳିନାହିଁ । ବରଂ ନଗରାଞ୍ଚଳର କମ୍ପାନୀଭିତ୍ତିକ ଧଳାହାତୀଙ୍କ ପାଇଁ ଏ ପୁଞ୍ଜିରୁ ଏକପଞ୍ଚମାଂଶ ବ୍ୟୟ ହୋଇଛି । ଏଥିରେ କିଣା ହୋଇଛି : 'ରଙ୍ଗୀନ ଟେଲିଭିଜନ, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ତିନି ଚକିଆ ସ୍କୁଟର' ଏବଂ ଏ ଟଙ୍କାରେ ରହିଛି 'ଜିପ୍, ମାଟାଡୋର, ଡାଏରୀ ଓ ନୂଆବର୍ଷ କାର୍ଡ ଛାପା, ହ୍ୱିସ୍କି, ରମ୍, ବିଅର, ସୋଡା, ଲଞ୍ଚ, ଡିନାର, ବିସ୍କୁଟ୍, ଚା...' ଦରିଦ୍ର ଦେଶ ଭାରତର

Digitized by srujanika@gmail.com

ଦରିଦ୍ର ମଣିଷଙ୍କ ପାଇଁ ଉଦ୍ଦିଷ୍ଟ ୧୬ କୋଟି ଟଙ୍କା ପାଣି ପରି ବହିଯାଇଛି ଏହି ବାଟରେ । ଇଏ ପୁଣି ନମୂନା ସର୍ଭେର ଧାପେ ସୂଚନା, ସମଗ୍ର ଦେଶରେ ବାଟମାରଣାର ସ୍ରୋତକୁ ହିସାବ କଲେ ସେ ହେବ ଏକ ମହାସମୁଦ୍ର ।

ଏକଥା କହିବାର ଅର୍ଥ ନୁହେଁ ଯେ, ଆଇ.ଆର୍.ଡି.ପି. ଋଣ କେବେ ଦରିଦ୍ର ମଣିଷକୁ ସହାୟତା ଦେଇନାହିଁ । ମାତ୍ର ପ୍ରଚଳିତ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ଭିତ୍ତିରେ ଏସବୁ ସାହାଯ୍ୟର ପରିସର ଅତ୍ୟନ୍ତ ସୀମିତ ଓ ନାମମାତ୍ର । ଅର୍ଥ ଆତ୍ମସାତ୍ ଓ ବାଟମାରଣାର ଦିଗ ବହୁ ପ୍ରସାରିତ । ଫଳତଃ ଯେଉଁ ନିଃସହାୟ ମଣିଷ ସରକାରୀ ସାହାଯ୍ୟର ବର୍ଷା ବିନ୍ଦୁକୁ ଚାତକ ପ୍ରାୟ ଚାହିଁ ରହିଥାଏ, ତା' ଥଣ୍ଟରେ ଟୋପେ ପାଣି ପଡ଼େ ନାହିଁ । ସିଏ ଯେଉଁ ତିମିରେକୁ ସେଇ ତିମିରରେ ରହିଯାଏ ।

ବ୍ୟାଙ୍କଗୁଡ଼ିକ ରାଷ୍ଟ୍ରାୟତ୍ତ ହେବାର ପ୍ରାରମ୍ଭିକ ବର୍ଷମାନଙ୍କରେ ଗ୍ରାମାଞ୍ଚଳ ଋଣ ବାସ୍ତବ ଭାବେ ଲକ୍ଷ ଲକ୍ଷ ଦରିଦ୍ର, ଭିନ୍ନ ଭଙ୍ଗା ଜୀବନର ପରିବାର ପାଖରେ ପହଞ୍ଚି ପାରିଥିଲା । ଏ ଧାରାର ପ୍ରଭାବ ପରବର୍ତ୍ତୀ କିଛି ବର୍ଷଯାଏ ଅନୁଭୂତ ହେଲା । ଉପର ସ୍ତରରେ ରାଜନୈତିକ ଇଚ୍ଛାଶକ୍ତି ଓ ଅଙ୍ଗୀକାର, ପ୍ରତିବଦ୍ଧତା ନିଷ୍ପ୍ରଭ ହେବାରୁ ତଳସ୍ତରରେ ତାହାର ଅବକ୍ଷୟୀ ପ୍ରଭାବ ପଡ଼ିଲା । ନବେ ଦଶକ ବେଳକୁ ଦେଖାଗଲା ଦେଶର ୩,୭୬୮ରୁ ମାତ୍ର ଶହେଟି ସହର ଓ ନଗର ଭିତରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଋଣ କାରବାର ସୀମିତ ରହିଛି ଏବଂ ସମୁଦାୟ ପ୍ରଦତ୍ତ ଋଣରୁ ଏମାନେ ପାଇଛନ୍ତି ସିଂହଭାଗ—୬୫ ଶତାଂଶ । ଏହି ସହରଗୁଡ଼ିକ ମଧ୍ୟରୁ ବମ୍ବେ, କଲିକତା, ଦିଲ୍ଲୀ, ଅହମଦାବାଦ, ବାଙ୍ଗାଲୋର, ମାନ୍ଦ୍ରାଜ, କାନପୁର ଓ ହାଇଦ୍ରାବାଦ ମାଡ଼ି ବସିଛନ୍ତି ଫଡ଼ିଆ ମାଂସ । ଗ୍ରାମାଞ୍ଚଳ ଭାରତ ଭାଗରେ ରେକଟା କଣ୍ଟା ହାଡ଼ କେଇଖଣ୍ଡ ପଡ଼ିଛି । ସମସ୍ତେ ବିସ୍ମରି ଯାଇଛନ୍ତି ଦରିଦ୍ର, ନିଃସ୍ୱ ମଣିଷର ନିରତ ଦାନାପାଣିର ସଂଗ୍ରାମର ବ୍ୟଥା । ଭାରତବର୍ଷ ସୀମାବଦ୍ଧ ରହିଯାଇଛି ସୌଧମାଳା, ବିମାନବନ୍ଦର, ମଟରଗାଡ଼ି, ପଞ୍ଚତାରକା ହୋଟେଲ ଏବଂ ଫିସ୍ ଫିସ୍ ଫିରିଙ୍ଗି ଭାଷା କୁହା ସଫେଦ୍ ହାତୀଙ୍କ କ୍ଲବ୍ ସଂସ୍କୃତି ଓ ନୈଶ ଭୋଜି ଭିତରେ ।

ଏସବୁ ବାଦ୍, ଗ୍ରାମାଞ୍ଚଳ ବ୍ୟାଙ୍କ ଋଣ ବ୍ୟବସ୍ଥାର ସର୍ବୋତ୍ତମ ପରିଚାଳନା ସତ୍ତ୍ୱେ ପ୍ରତି ଗ୍ରାମରେ ରହିଥିବା କ୍ଷମତା ପରିସରକୁ ଏହା ଅତିକ୍ରମ କରି ପାରେନା । ଫଳସ୍ୱରୂପ ଗାଁର କିଛି ପ୍ରଭାବଶାଳୀ ବ୍ୟକ୍ତି ସର୍ବାଧିକ ସୁବିଧା ହାସଲ କଲା ବେଳେ ନିହାତି ନିଉଛୁଣା ଦରିଦ୍ରତମ ମଣିଷଟିଏ ପାଏ ନାମକୁ ମାତ୍ର ସାମାନ୍ୟ କିଛି । ଅଧିକାଂଶ ରାଜ୍ୟରେ ପଞ୍ଚାୟତ ପଦ୍ଧତି ଏକ ପ୍ରହସନରେ ପରିଣତ ହୋଇଛି । ଫଳସ୍ୱରୂପ ହିତାଧିକାରୀ ନିର୍ଣ୍ଣୟରେ ଦାୟିତ୍ୱପ୍ରାପ୍ତ 'ଗ୍ରାମସଭା' କି 'ପଲ୍ଲୀସଭା' ପ୍ରଥମେ

Digitized by srujanika@gmail.com

ପକ୍ଷପାତିତା ଆଣିଥାନ୍ତି ଏବଂ ଦରିଦ୍ରତମ ବ୍ୟକ୍ତିଟି ତାଲିକାର ସବା ତଳେ ରହେ କିମ୍ବା ତାଲିକାଭୁକ୍ତ ହେବାର ଭାଗ୍ୟ ବି ତା'ର ଜୁଟେ ନାହିଁ । ବିହାର ଭଳି ରାଜ୍ୟରେ ସରପଞ୍ଚଙ୍କ ପରିବାର ଲୋକେ ଏକାଧିକ ହିତାଧିକାରୀ ପାଲଟିଯାଆନ୍ତି । ଏହାର ଅର୍ଥ : ଗୋଟିଏ ପରିବାର ବହୁ ପ୍ରକାର ଯୋଜନାର ସୁବିଧା ପାଇ ସବୁ ଯୋଜନା ପାଇଁ ଉଦ୍ଦିଷ୍ଟ ଋଣ ସୁବିଧାମାନ ହାସଲ କରନ୍ତି । ସେଥିପାଇଁ ବିହାରରେ ସମସ୍ତେ ଜାଣନ୍ତି ଋଣ ପାଇବାକୁ ହେଲେ କିଛି ଟଙ୍କା ହାତଗୁଞ୍ଜା ଦେବାକୁ ପଡ଼ିବ, ତେଣୁ ସାଧାରଣ ଲୋକେ ଆଇ.ଆର୍.ଡି.ପିର ନାମକରଣ କରିଛନ୍ତି – ଇସ୍‌କୋ ରୁପିୟା ଦେନା ପଡ଼େଗା ।

ଗ୍ରାମାଞ୍ଚଳ ଋଣ ପାଇଁ ଥିବା ପୁରୁଣା ବ୍ୟବସ୍ଥା ଭାଙ୍ଗିଯିବାରୁ ତାହା ଦରିଦ୍ରଙ୍କ ଆହୁରି କଣ୍ଠରୋଧ କରିପକାଇଲା । ଦୃଷ୍ଟାନ୍ତ ସ୍ୱରୂପ ଜଣେ କ୍ଷୁଦ୍ର ଆଦିବାସୀ ଚାଷୀ ଏହି ଯୋଜନାରେ ୮ ହଜାର ଟଙ୍କାର ଋଣ ପାଉଛି । ସେଥିପାଇଁ ତାକୁ ୬.୫ରୁ ୮ ଶତାଂଶ ପୁରୁଣା ହାରରେ ସୁଧ ଦେବାକୁ ପଡୁଥିଲା । ୧୯୮୯-୯୦ରେ ପରିବର୍ତ୍ତିତ ବ୍ୟବସ୍ଥା ଅନୁଯାୟୀ ଚାଷୀଟିକୁ ୧୨.୫ ଶତାଂଶ ହାରରେ ସୁଧ ଦେବାକୁ ହେବ । ଏହା ବାହାରେ ଅଗଣିତ ଦୃଷ୍ଟାନ୍ତ ରହିଛି ଯେଉଁଠି ବ୍ଲକ୍‌ର ସରକାରୀ କର୍ତ୍ତା ଓ ସ୍ଥାନୀୟ ବ୍ୟାଙ୍କ ମ୍ୟାନେଜର ମିଳିମିଶି ସେମାନଙ୍କ କମିଶନ ବାବଦକୁ ୩ ହଜାର ଟଙ୍କା ଆଗୁଆ କାଟି ନିଅନ୍ତି । ସୁତରାଂ ହିତାଧିକାରୀକୁ ମିଳେ ପାଞ୍ଚ ହଜାର ଟଙ୍କା, ମାତ୍ର ସେ ଟିପ ଚିହ୍ନ ମଡ଼ାଇ ୮ ହଜାର ଟଙ୍କାର ଋଣ ଗ୍ରହଣ କରିଥିବା କାଗଜପତ୍ରରେ ସ୍ୱୀକାର କରୁଛି ଏବଂ ସେହି ୮ ହଜାର ଉପରେ ସୁଧ ପୈଠ କରିବାକୁ ସେ ବାଧ୍ୟ । ସୁତରାଂ ତାକୁ ଦେବାକୁ ହେଲା ଶତକଡ଼ା ୨୦ ହାର ସୁଧ । ଦିଲ୍ଲୀ, ବମ୍ବେରେ ରହୁଥିବା ଲାଭଖୋର ବ୍ୟବସାୟୀ, ସାଧାରଣ ଲୋକେ ବି ଏହାଠାରୁ କମ୍ ହାରରେ ସୁଧ ଦିଅନ୍ତି । ମାତ୍ର ଏପରି ପେଞ୍ଚ ଓ ଶଠତାର ଶିକାର ବନନ୍ତି ନାହିଁ । ଦରିଦ୍ର ଲୋକଟିକୁ ଚଢ଼ା ସୁଧ ସହ ସେ କେବେଁ ନେଇନଥିବା ତିନିହଜାର ଟଙ୍କା ବି ପୈଠ କରିବାକୁ ପଡ଼େ ।

ଏପରି ହୋଇଛି, ଚାଷୀର ଆର୍ଥିକ ସାମର୍ଥ୍ୟକୁ ବିଚାର ନକରି ତାକୁ ଦୁଧିଆଳୀ ଗାଈ କିଣିବା ପାଇଁ ଋଣ ଦିଆଯାଇଛି । ସେ ନିଜ ପେଟକୁ ଦାନା ଦେବାକୁ ଯେତେବେଳେ ଅସମର୍ଥ, ଗାଇକୁ ଖୁଆଇବ କ'ଣ ? ପୁନଶ୍ଚ, ଶଠତା ଓ ଚଞ୍ଚକତାରେ ବୁଢ଼ୀ, ହଡ଼ା ଗାଈ ଦିଆଯାଇଛି ଏବଂ ରୋଗରେ ପଡ଼ି ଗାଈ ମରି ଯାଇଛି । 'କନ୍ଧ ହାତରେ ଦେଲି ଗୋଧନ ଟେକି' ନ୍ୟାୟରେ ଆଦିବାସୀଙ୍କୁ ଗାଈ ଦେବା ଅର୍ଥ ସେ ତାକୁ ମାରି ଖାଇଦେବ, କାରଣ ସେ ସଂପ୍ରଦାୟରେ କେହି ଦୁଗ୍ଧ ବା ଦୁଗ୍ଧ-ଜାତ ପଦାର୍ଥ ଖାଆନ୍ତି ନାହିଁ । ଏସବୁ ଯୋଜନାରେ ଜନସାଧାରଣଙ୍କ ପରାମର୍ଶ ଲୋଡ଼ାଯାଏ ନାହିଁ କିମ୍ବା ସେମାନଙ୍କ ବାସ୍ତବ ଆବଶ୍ୟକତାର ଆକଳନ କି ଅବଧାରଣା କରାଯାଏ ନାହିଁ । ଗ୍ରାମୀଣ ଓ ଗିରିଜନ; ଦରିଦ୍ର ଓ ଦଳିତଙ୍କ ଆବଶ୍ୟକ ଅଭ୍ୟାସ, ଆଚରଣ କଥା ବୁଝିବା ଦୂରରେ

Digitized by srujanika@gmail.com

ଥାଉ, ଜୀବନରେ ଗାଁ ଦେଖିନଥିବା ଉଚ୍ଚ ପଦସ୍ଥ କର୍ମକର୍ତ୍ତା ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠରେ ବସି ଯୋଜନା ଓ ପ୍ରଶାସନର ଯେଉଁ ପାଞ୍ଜି ତିଆରି କରନ୍ତି, ତାହା ଆଖିବୁଜା ଲାଗୁ ହୁଏ ତଳସ୍ତର ଯାଏ । ଫଳସ୍ୱରୂପ ଏ ଦେଶର ଦରିଦ୍ରତମ, ନିରକ୍ଷର, ମେହେନତି ମଣିଷମାନେ କେଭେଁ ଚାହିଁନଥିବା, ଲୋଡ଼ିନଥିବା ଋଣ ପାଇଁ ନାକ-କାନ ଘଷା ହୋଇ ସୁଧ କଳନ୍ତର ପରିଶୋଧ କରନ୍ତି ।

ଶସ୍ତା ଜନପ୍ରିୟତାର ଧାସରେ କଇଁଥା ହୋଇ ଆମର ବହୁ ସମ୍ବାଦପତ୍ର କ୍ଷୁଦ୍ର ଚାଷୀଙ୍କ ଅଣ୍ଟୁଝା ଋଣ ଉପରେ ଆମର ବହୁ ସଂପାଦକୀୟ ଅଗ୍ରଲେଖା ଲେଖି ଦୀର୍ଘକାଳ ଧରି ବାଉଳି ଚାଉଳି ହୋଇ ବ୍ୟସ୍ତ ରହନ୍ତି । ଏକଥା ସତ ଯେ ଏହି କ୍ଷୁଦ୍ର ଚାଷୀଙ୍କ ଉପରେ ଅନାଦାୟ ହୋଇ ପଡ଼ି ରହିଛି ୨୧ ହଜାର କୋଟି ଟଙ୍କାର ଆନୁଷ୍ଠାନିକ ଋଣ । ମାତ୍ର ଏମାନଙ୍କ ସଂଖ୍ୟାର ଏକ ଶତାଂଶ ମୁଷ୍ଟିମେୟ ବଡ଼ ବଡ଼ ଧନିକ ଓ ମଧ୍ୟମ ବ୍ୟବସାୟୀଙ୍କ ଉପରେ ପଡ଼ି ରହିଛି ଏହାର ତିନିଗୁଣାରୁ ଅଧିକ ଋଣ ଟଙ୍କା । କାହିଁ ତା' ଉପରେ ତ କେବେ ସଂପାଦକୀୟଟିଏ ଲେଖିବାକୁ କେହି ପ୍ରେରଣା ବା ଉଷ୍ମତା ଅନୁଭବ କରନ୍ତି ନାହିଁ ! ଦେଶ ଯଦି ଏତେ ମହାନ୍, ଏହାକୁ ଲୁଟ୍ କରୁଥିବା ବେପାରୀ, ଶିଳ୍ପପତିଙ୍କ ଉପରେ କଲମ ଚଳାଇଲା ବେଳକୁ ସଂପାଦକମାନଙ୍କୁ କାହିଁକି ଅତର୍ଛା ଝାଡ଼ା ଲାଗେ ଏବଂ ଅଗ୍ରଲେଖାଟି ଅଲେଖା ରହିଯାଏ ? କାରଣ ସେମାନେ ଜାଣନ୍ତି ଯେ, ସେମାନଙ୍କ ଦରମା କେଉଁଠୁ ଆସେ । ବିରଳା, ଜୈନ, ସିଙ୍ଘାଣିଆ, ହିନ୍ଦୁଜା, ଟାଟା, ଅମ୍ବାନୀମାନେ ହେଉଛନ୍ତି ଏ ଦେଶର ସମ୍ବାଦପତ୍ରର ମାଲିକ ତଥା ବିଜ୍ଞାପନଦାତା । ତାଙ୍କ ଅଧସ୍ତନ ଚାକିରିଆ ଭିତରେ ହାଡ଼ ଅଛି ଏସବୁ ଲେଖିଦେବା ପାଇଁ ? ଚାକିରି ରହିବଟି ! ତେଣୁ, ମାର୍ ମାର୍ ଭଣ୍ଡାରିଆକୁ ମାର୍ ।

ଗାଁ ପରେ ଗାଁ ବୁଲିଲାବେଳେ ଚାଷୀମାନେ କହୁଥାନ୍ତି ସରକାରୀ ଋଣ ପାଇବାରେ ସେମାନଙ୍କ ଅନୁଭୂତି : ସଦର ମହକୁମାକୁ ବାରବାର ଧାଇଁବାକୁ ପଡ଼େ, ଗାଁ ଠାରୁ ସେସବୁର ଦୂରତ୍ୱ ଅନେକ ବେଶି, ଅଫିସ୍ ବାରଣ୍ଡାରେ ଘଣ୍ଟା ଘଣ୍ଟା ବସିବାକୁ ପଡ଼େ । ପିଅନ କିରାଣୀ ଠୁଁ ବଡ଼ ହାକିମଙ୍କ ଯାଏ ହାତଗୁଞ୍ଜା ଦେବାକୁ ପଡ଼େ, ତକୁ ଉପର କେତେ ଜାଗାରୁ ସାର୍ଟିଫିକେଟ୍ ଲେଖାଇ ଆଣିବାକୁ ହୁଏ, ସେସବୁ ମୋହର, ସନ୍ତକ ନରହିଲେ ଋଣ ମିଳେନାହିଁ । ଗାଡ଼ି ମଟର ଧରି ସହରରେ ପହଞ୍ଚିବାରେ ତ ଖର୍ଚ୍ଚ, ଯେଉଁଦିନ ଏ କାମରେ ଦରିଦ୍ର ପିଲାଟି ଗଲା ଏଣେ ତା'ର ମଜୁରି କାମ ମାରା । ଦରିଦ୍ର ପାଇଁ ସବୁଆଡ଼ ଅନ୍ଧାର ।

ଚାତୁର୍ମାସ୍ୟାର ତିରୋଟ ବେଳରେ ପେଟକୁ ଗଣ୍ଡେ ଖାଇବା ହିଁ ମୂଳ ସମସ୍ୟା, ସେଥିପାଇଁ ଅନେକ ଋଣ ପିଛା ଧରିଥାନ୍ତି । ଯଦି ବିଭାଘର କି ଶୁଦ୍ଧିକ୍ରିୟା ଭଳି ସାମାଜିକ

Digitized by srujanika@gmail.com

କାମ ପଡ଼ିଗଲା, ସେସବୁରେ ଖର୍ଚ୍ଚ ନେଇ ତ ମୁଣ୍ଡରେ ବଜ୍ରପାତ ହେଲା ଭଳି ଲାଗେ । ଘର ତୋଳିବା କି ଘର ଛପର, ଚାଷ ଓ ସେଭଳି ଉତ୍ପାଦନ କାମ ପାଇଁ କରଜ କରିବା ନିହାତି ଦରକାର ପଡ଼େ । ଖାଇବା ପାଇଁ ତ ସରକାରୀ ଋଣ ମିଳେନାହିଁ, ହେଲେ ଆଉଓଳି ପାଇଁ ପେଜ ତୋରାଣି ନଥିବା ନିଃସ୍ୱ ସେ ଟଙ୍କା ଆଣି ପହିଲେ କ'ଣ ପାଇଁ ଖର୍ଚ୍ଚ କରିପାରିବ !

ଗାଁ ଗହଳିରେ ମହାଜନୀ କାରବାର ହେଉଛି ସାଇପଡ଼ିଶାର କଥା । ତିନିହଜାର ଟଙ୍କାର ଋଣ ଚାହୁଁଥିବା ଚାଷୀକୁ କାମ ମାରା କରି ଏଣେ ତେଣେ ଧାଇଁବାକୁ ପଡ଼େନା । ହାତ ପାଆନ୍ତାରେ ମିଳିଯାଏ । ବେଳେବେଳେ ମହାଜନ ପ୍ରଥମ କିସ୍ତି ସୁଧ କାଟି ମୂଳଧନ ଦେଇଦିଏ । ଚଢ଼ା ସୁଧର ହାରରେ ପରେ ଅବଶ୍ୟ ଚାଷୀ ମରେ, ହେଲେ ତତ୍‌କ୍ଷଣାତ୍ ତ ମିଳିଗଲା, ଏତେ ଧାଁ ଧପଡ଼ ନାହିଁ କି ଯାଞ୍ଚ, ତଲାସୀ, ହାତଗୁଞ୍ଜା ନାହିଁ । ଏପରିକି ପଚରା ଉଚରା ନାହିଁ କ'ଣ ପାଇଁ ସିଏ ଋଣ କରୁଛି ।

ଗ୍ରାମାଞ୍ଚଳ ମହାଜନୀ କାରବାରକୁ କି ସାହୁକାରର ଅସାଧୁ ଉଦ୍ଦେଶ୍ୟ ଉପରେ ନିନ୍ଦା, କୁତ୍ସା, ଅପବାଦ ବର୍ଷଣ କରିଦେଲେ କଥାଟି ସେଇଠି ସରିଯାଉନାହିଁ । ଏ ଯନ୍ତା ଯେମିତି କୁଟିଳ ଓ ଭୟଙ୍କର, ପ୍ରଚଳିତ ଗ୍ରାମ୍ୟ ଋଣ ବ୍ୟବସ୍ଥା ଭାଙ୍ଗିଯିବା ପରେ ସେ ମହାଜନୀ କାରବାର ପୁଣି ବ୍ୟାପକ ଭାବେ ମୁଣ୍ଡ ଟେକିଛି । ଗୋଟିଏ ଅଭାବ ଓ ଶୂନ୍ୟତାର ଏହା ପରିପୂରକ । ସେତକ ପୂରଣ କରେ ସିନା, ହେଲେ ଅଧିକାଂଶ ଜୀବନକୁ ଏହା ଉଚ୍ଛନ୍ନ, ତଳିତଳାନ୍ତ କରିପକାଏ । ତାହା ହିଁ ସଂକଟମୟ । କିପରି ଏହା ଉଦ୍‌ଭୂତ ଏବଂ ଅନେକ ଜୀବନକୁ କିପରି ଉଦ୍‌ଭ୍ରାନ୍ତ, ଉଦ୍‌ବେଳିତ, ବୃନ୍ତଚ୍ୟୁତ କରି ପକାଏ, ତାହାରି ଚିତ୍ର ପ୍ରଦାନ ପାଇଁ ଏ ପରିଚ୍ଛେଦରେ ପ୍ରୟାସ କରାଯାଇଛି ।

୧୯୮୯-୯୦ ପରେ ପ୍ରଚଳିତ ଗ୍ରାମ୍ୟ ଋଣ ବ୍ୟବସ୍ଥାର ବିପର୍ଯ୍ୟୟ ଘଟିଲା । ଗଡ଼ ଜିଣିଲା ପରି ପ୍ରଭୁତ୍ୱ ବିସ୍ତାର କରିଥିବା ଏକ ସାମ୍ରାଜ୍ୟର ଯେପରି ଦୁର୍ଗପତନ ହେଲା । ଶସ୍ୟ ଉତ୍ପାଦନ, ଏପରିକି ଅର୍ଥକରୀ ଫସଲ ପାଇଁ ମଧ୍ୟ ଋଣ ଜାଲକୁ ଛିଣ୍ଡାଇ ମୁକୁଳିବାର ଇଚ୍ଛା ଗ୍ରାମାଞ୍ଚଳର ପ୍ରତି ପରିବାରରେ ବାସ୍ତବରେ ଖୁବ୍ ପ୍ରଚଣ୍ଡ ଓ ତୀବ୍ର । ମାତ୍ର ମୁକୁଳିବାର ସୁଯୋଗ ଅନେକଙ୍କ ପାଇଁ ଖୁବ୍ କ୍ଷୀଣ ଓ ଦୁର୍ବଳ ।

ଋଣର ପରିବ୍ୟାପ୍ତି ଓ ତା'ର ଚୁକ୍ତିନାମା, ନିୟମ ଯେପରି ଜଟିଳ, ସେହିପରି ଭୀତିପ୍ରଦ । ସବୁ ସ୍ଥାନରେ ଅବଶ୍ୟ ନଗଦ ଟଙ୍କା ଆକାରରେ ଋଣ ମିଳେ । ଏପରିକି ତାମିଲନାଡୁର ରାମନାଦ ଜିଲ୍ଲାରେ ରହିଛି 'ସୁଧ ଛାଡ଼' ଋଣ, ଭୋଡେନ୍ ଠାରେ ଅଛି 'ଶସ୍ୟ-ଋଣ', ଖରିଆର୍‌ରେ ରହିଛି 'ଲୁଗାପଟା-ଋଣ' ଭଳି ବ୍ୟବସ୍ଥା । ପ୍ରତିବଦଳରେ

Digitized by srujanika@gmail.com

ସାହୁକାର ଛଡ଼ାଇ ନିଏ ଜମି, ଶସ୍ୟ, ଶ୍ରମ, ଘରଡ଼ିହ, ହାଣ୍ଡି କଡ଼େଇ, ଏପରିକି କବାଟ, ଚଉକାଠ । ସମୟେ ସମୟେ ଏସବୁର ସମ୍ମିଶ୍ରଣ । ପଶ୍ଚିମ ଓଡ଼ିଶାରେ ଋଣ ପରିଶୋଧ କରିବାର ଅସାମର୍ଥ୍ୟରୁ ଜନ୍ମ ନେଇଛି ଗୋତି ଶ୍ରମିକ ପ୍ରଥା ଓ ବେଶ୍ୟାବୃତ୍ତି ।

'ମହାଜନୀ କାରବାର' ଶବ୍ଦଟି କମ ଜଟିଳ, ଜାଲମାଲିଆ ନୁହେଁ । କେବଳ ମହାଜନୀ ସୁଧ କାରବାର କରୁଥିବା ଲୋକ କ୍ୱଚିତ ଦେଖିବାକୁ ମିଳନ୍ତି । ଅନେକ ସମୟରେ ସେମାନେ ହେଉଛନ୍ତି ଜମିଦାର, ଗଉଁତିଆ, ବ୍ୟବସାୟୀ କିମ୍ବା ଏସବୁର ମିଶାମିଶି । ନିଜର ଜମିଦାରୀ, ଚାଷବାସ ଓ ବେପାର ସହ ସୁଧ କାରବାର ପ୍ରକ୍ରିୟା ଏକାଠି ଚାଲିଥାଏ । ସେମାନେ ଖୁବ୍ ପ୍ରତିପତ୍ତିଶାଳୀ । ଏହା ବାହାରେ ଅଛନ୍ତି ଦୋକାନୀ ଓ ଚୁଟ୍‌କି ସରକାରୀ କର୍ମଚାରୀ । ଏପରିକି ଗରିବ ଲୋକଙ୍କ ମଧ୍ୟରେ ଅଛନ୍ତି ହାତଉଧାରି ଦେବା ଲୋକ, ମାତ୍ର ସେମାନଙ୍କ ସଂଖ୍ୟା ତଥା କରଜ ପରିମାଣ ଅତି ସୀମିତ । ଦୃଷ୍ଟାନ୍ତ ସ୍ୱରୂପ କଳାହାଣ୍ଡି ଭଳି ସ୍ଥାନରେ ଗୋଟିଏ ଗୋଷ୍ଠୀର ଦଳିତ ଏପରି ହାତ-ଉଧାରି ଓ କରଜ ଦିଅନ୍ତି ବନ୍ଧକୀ ବଦଳରେ । ଏମାନେ ମୁଖ୍ୟତଃ ସହରୀ-ବାସିନ୍ଦା ବଡ଼ ସାହୁକାରର ଟଙ୍କା ଅସୁଲକାରୀ ପ୍ରତିନିଧି ଓ ଗୁମାସ୍ତା । ପୁନଶ୍ଚ ରହିଛି ଦରିଦ୍ର ପଡ଼ୋଶୀଙ୍କ ମଧ୍ୟରେ ନେଣ ଦେଣର ବ୍ୟବସାୟିକ ସମ୍ପର୍କ ।

ଋଣ-ଜାଲର ଚକ୍ରବ୍ୟୂହକୁ ବୁଝାଇଲା ବେଳେ ସଂଖ୍ୟା ଓ ଶ୍ରେଣୀ ବିଭାଗ ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ; ମାତ୍ର ସମସ୍ୟାକୁ କେବଳ ସଂଖ୍ୟାରେ ସୀମିତ ରଖିବା ହେବ ଆତ୍ମପ୍ରତାରଣା । କରଜ ଟଙ୍କାର ପରମାଣ ସୂଚାଇବା ହେଉଛି ଏ ଚକ୍ରବ୍ୟୂହର ଏକ ଅଂଶବିଶେଷ । କରଜ ଟଙ୍କା କିପରି ଜଣେ ଚାଷୀର ଜୀବନକୁ ତଳିତଳାନ୍ତ କରି ପକାଇଛି ତାହା ହିଁ ମୁଖ୍ୟ ଉପଜୀବ୍ୟ । ଗୋଟିଏ ସୀମା ପରେ ଚାଷୀ ଟଙ୍କା ପରିଶୋଧ କରିବାର ସାମର୍ଥ୍ୟ ହରାଇଥାଏ, ତେଣିକି ସୁଧର ହାର ବର୍ଷକୁ ହେଉ ୧୨୦ ଟଙ୍କା କି ୩୮୦ ଟଙ୍କା ।

ବମ୍ବେର ଗଣିକାବସ୍ତି ରୂପେ ପରିଚିତ କାମାଥିପୁରାରେ ଝିଅମାନେ ଏହି ଋଣ-ଯନ୍ତାରେ ଫସି ବାଧ ହୋଇ ବେଶ୍ୟାବୃତ୍ତିକୁ ବରଣ କରିଥାନ୍ତି । ସେମାନଙ୍କୁ ସୁଝିବାକୁ ହୁଏ ସେମାନଙ୍କ ଜେଜେବାପା, ଅଜାଙ୍କ ବର୍ଷ ବର୍ଷ ପୂର୍ବର–ବାର ଟଙ୍କା କି ପଚାଶ ଟଙ୍କାର ଋଣ ଏମିତି ଦେହଜୀବୀ ସାଜି । ସମଗ୍ର ପଶ୍ଚିମ ଓଡ଼ିଶାର ମୂଳକ ପରେ ମୂଳକ ପରୁଷମାନେ ଶହ ଶହ ମାଇଲ ଅତିକ୍ରମ କରନ୍ତି ମଜୁରି ଅନ୍ୱେଷଣରେ, ସାଜନ୍ତି ଦାଦନ–କେବଳ ପରିବାରର ଦାନାପାଣିର ଆବଶ୍ୟକତା ନୁହେଁ; କେଉଁ ପିଢ଼ିର ପଡ଼ିରହିଥିବା କରଜ ପରିଶୋଧର ଦାୟରେ । ସମଗ୍ର ଦେଶରେ ଏମିତି ଋଣ-ଯନ୍ତାରେ ପଡ଼ି ଛଟପଟ ହେଉଥିବା ଲକ୍ଷ ଲକ୍ଷ ମଣିଷଙ୍କ ସଂଧାନ କରିହେବ, ଯେଉଁମାନେ

Digitized by srujanika@gmail.com

ହରାଇଛନ୍ତି ଜମି, ସାମାଜିକ ସମ୍ମାନ, ବଞ୍ଚିବାର ରାହା, ପାରିବାରିକ ମର୍ଯ୍ୟାଦା ଓ ସ୍ୱାଭିମାନ । ସବୁର କାରଣ ସେଇ ଗୋଟିଏ – ଋଣଯନ୍ତା ।

କରଜ ଦାଉରେ ମଣିଷ ପାଲଟେ ପରମୁଖୀ, ପରାଧୀନ ଓ ପରାଶ୍ରୟୀ, କ୍ରୀତଦାସ ପାଲଟିବା ଠାରୁ କମ ଯନ୍ତ୍ରଣାଦାୟକ ନୁହେଁ ଗୋତି । ଋଣ ଲଗାଣର ପଦ୍ଧତି ଯେତେ ଶଠତା, ଜାଲିଆତି, ପେଞ୍ଚ ସର୍ବସ୍ୱ ହୋଇଥାଉ ପଛେ ଋଣ ପରିଶୋଧ ସହିତ ଏକ ପବିତ୍ରତା, ପୁଣ୍ୟ ଓ ଧର୍ମଭାବ ଯୋଡ଼ିହୋଇ ରହିଛି ଭାରତୀୟ ମନସ୍ତତ୍ତ୍ୱରେ 'ମନୁସ୍ମୃତି'ର ରଚନା ସମୟରୁ । ହିନ୍ଦୁ ସାମାଜିକ ନୀତି ନିୟମର ଆଦି ପ୍ରଣେତା 'ମନୁ ସଂହିତା' କହେ ଅଷ୍ଟାଦଶ ପ୍ରକାର ମୁଖ୍ୟ ଆଇନ ଉପରେ ରାଜା ନିଷ୍ପତ୍ତି ଗ୍ରହଣ କରିବେ : 'ପ୍ରଥମ ହେଉଛି ଋଣ ପରିଶୋଧର ଖିଲାପ' ।

ମନୁ ସଂହିତା କହେ : 'ଋଣଦାତା ଯେକୌଣସି ଉପାୟରେ ତା'ର ଧନକୁ ଫେରାଇ ଆଣିପାରେ – ବଳ ପ୍ରୟୋଗ ପୂର୍ବକ ସେ ଋଣୀ ଠାରୁ ଆଦାୟ କରିପାରେ ।' ମାତ୍ର ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ଏଥିରୁ ନିଷ୍କୃତି ପାଇଛନ୍ତି । ଅନୁନ୍ନତ ବର୍ଗର ଲୋକେ ବାଧ୍ୟ ବାଧକତାରେ କରଜ ଫେରାଇବା କିମ୍ବା ପ୍ରତିବଦଳରେ ଶ୍ରମଦାନ କରି ଋଣମୁକ୍ତ ହେବାର ନିୟମ ଥିବାବେଳେ 'ଜଣେ ବ୍ରାହ୍ମଣ ଏହାକୁ କିସ୍ତି ଆକାରରେ ପରିଶୋଧ କରିବ ।'

'ମନୁ ସଂହିତା' ରଚନାର ଶତାବ୍ଦୀ ଶତାବ୍ଦୀ ପରେ ବି ସମ୍ଭ୍ରାନ୍ତ ଶ୍ରେଣୀ, ଉଚ୍ଚବର୍ଗର ମଣିଷ ଏହି ଋଣରୁ ଛାଡ଼ ପାଇଚାଲିଛନ୍ତି । ସେମାନଙ୍କ ଋଣର ସ୍ତୂପୀକୃତ ପର୍ବତ ଶ୍ରେଣୀ ଦେଖାଇଦିଏ, ସେମାନଙ୍କୁ କିସ୍ତି ଆକାରରେ ମଧ୍ୟ ଋଣ ପରିଶୋଧ କରିବାକୁ ପଡ଼େନାହିଁ । ଦରିଦ୍ର, ନିଃସ୍ୱ, ଅର୍କ୍ଷିତ, ଶ୍ରମଜୀବି, ବାସହରା, ବାସ୍ତୁହରା, ଭବଘୁରା ଉଦ୍‌ବାସ୍ତୁମାନେ ହିଁ ସାମାଜିକ ନିୟମ ମାନିବାକୁ ବାଧ୍ୟ । ସେମାନେ ଉଲଙ୍ଘନ କଲେ ପାପ, ଅପରାଧ; ମାତ୍ର ଚତୁର ଧନିକ, ସମ୍ଭ୍ରାନ୍ତ ଓ ସାମନ୍ତମାନଙ୍କ ପାଇଁ ବାଟଭାଙ୍ଗି ଚାଲିଯିବାର ଭିନ୍ନ ରାହା, ସାହା ଅଛି । ବୋଧହୁଏ ଏସବୁ ବ୍ୟଞ୍ଜନାର ଗାଥା ଓ ଚିତ୍ର ଚରିତ୍ର ଆଙ୍କିବା ପାଇଁ ଆମର ଦରକାର ଆଉ କିଛି ଫକୀରମୋହନ, ଗୋପୀ ମହାନ୍ତି ଓ କାଳିନ୍ଦୀ ପାଣିଗ୍ରାହୀଙ୍କ ଭଳି ଔପନ୍ୟାସିକ ।

❖ ❖ ❖

Digitized by srujanika@gmail.com

ଶୁଖା ଲଙ୍କାଠାରୁ ଜ୍ୱଳାମୟୀ ଶୋଷଣର ବ୍ୟୂହ

ଭାଗୁଆରୀ-ଦଲାଲ (କମିଶନ ଏଜେଣ୍ଟ) ତାମିଲ ଭାଷାରେ 'ଥାରଗାର' ନାମରେ ଖ୍ୟାତ । ଛୋଟ ଚାଷୀଟିଏ ଦୁଇବସ୍ତା ଶୁଖିଲା ଲଙ୍କା ନେଇ ତା'ର ଦ୍ୱାରସ୍ଥ । ପ୍ରଥମେ ଥାରଗାର ବସ୍ତାରେ ହାତ ପୂରାଇ ଏକ କିଲୋଗ୍ରାମ ଲଙ୍କା କାଢ଼ି ଗୋଟାଏ କଣକୁ ଫୋପାଡ଼ି ଦେବ—ତାହା ଠାକୁରଙ୍କ ଭୋଗ । ତାହା ଦେବ-ଅର୍ପିତ, ତା' ଉପରେ କାହାରି ହାତ ନାହିଁ—ନା ଚାଷୀ, ନା ବେପାରୀ, ନା ରପ୍ତାନୀକାରୀ ! ତାମିଲନାଡୁର ଦରିଦ୍ରତମ ଜିଲ୍ଲା ରାମନାଦର ଏହା ଏକ ନିତିଦିନିଆ ଘଟଣା ଏବଂ ଜିଲ୍ଲାଟି ଲଙ୍କା ଚାଷ ପାଇଁ ବିଖ୍ୟାତ । ଧାନ ପରେ ଲଙ୍କା ହିଁ ଅନ୍ୟତମ ଅର୍ଥକାରୀ ଫସଲ ଏବଂ ସମସ୍ତ ଅନର୍ଥ, ଅରାଜକତାର କାରଣ ।

ଲଙ୍କାଚାଷୀ ରାମସ୍ୱାମୀ ସ୍ତବ୍ଧ, ନାଚାର ହୋଇ ଦେଖୁଥାଏ ଏ ଦୃଶ୍ୟ—ତା' ବସ୍ତା ଭିତରୁ ମୂଲଚାଲ ହେବା ପୂର୍ବରୁ କିଲୋଗ୍ରାମଟିଏ ଲଙ୍କା ପ୍ରଥମେ ଦେବତାଙ୍କ ନାମରେ କାଢ଼ି ନିଆଗଲା । ଗଅଁଠ ଏକର ଜମିରେ ସେ ଲଙ୍କା ଚାଷ କରି ପରିବାର ଚଳାଏ । ମାତ୍ର ଫସଲ ଅମଳ ହେଲେ ପ୍ରଥମେ ସେ ଥାରଗାରକୁ ଲଙ୍କା ବିକ୍ରି କରିବାକୁ ବାଧ । କାରଣ ? ଚାଷ ଋତୁ ଆରମ୍ଭରୁ ୨ ହଜାର ଟଙ୍କା ଅଗ୍ରୀମ ଦେଇ ରାମସ୍ୱାମୀର ସମୁଦାୟ ଅମଳକୁ ଲଙ୍କାଗଛ ଲାଗିବା ପୂର୍ବରୁ ଥାରଗାର କିଣି ନେଇଛି ।

ରାମନାଥପୁରମ୍ ବା ରାମନାଦର ପୂର୍ବତନ ଜମିଦାରୀ ଇଲାକାରେ ଏହାହିଁ କରଜ ଲଗାଣର ଏକ ବିଶେଷତ୍ୱପୂର୍ଣ୍ଣ ଦୃଶ୍ୟପଟ୍ଟ । ଏ ଥାରଗାର ଜଣକ କେବଳ ଋଣ ଲଗାଣକାରୀ ନୁହେଁ, ତା' ନିଜର ଅଛି ପ୍ରଚୁର ଜମି, ସହରୀ ମାଲଗୋଦାମର ପାଇକାରୀ ବେପାରୀର ସେ ଏଜେଣ୍ଟ । ନିଜର ରହିଛି ପରିବହନ ସୁବିଧା ଏବଂ ଅନେକ ସ୍ଥଳେ ସେ ଲଙ୍କା ରପ୍ତାନୀକାରୀ ମଧ୍ୟ । ରାମସ୍ୱାମୀର ଲଙ୍କା କ୍ରୟକାରୀ ଥାର୍‌ଗାର ଏ ସମସ୍ତ ଗୁଣାବଳୀ ଓ ପଦବୀର ଅଧିକାରୀ । 'ରାମନାଦ ଲଙ୍କା ବ୍ୟବସାୟୀ ସଂଗଠନ'ର ସଦସ୍ୟ ଥିବା ବେପାରୀ ହିଁ କେବଳ ଲଙ୍କା କାରବାର କରିପାରିବ । ଏବଂ ସତୁରୀ ଜଣ ସଦସ୍ୟ ବିଶିଷ୍ଟ ଏ ସଂଗଠନ ସମୁଦାୟ ଜିଲ୍ଲାର ଉତ୍ପାଦିତ ଲଙ୍କା ଏବଂ ହଜାର ହଜାର ଦରିଦ୍ର ଚାଷୀଙ୍କ ଜୀବନ ଓ ଜୀବିକାକୁ ନିୟନ୍ତ୍ରିତ କରିଥାନ୍ତି । ଏମାନଙ୍କ ଶକ୍ତ ପଞ୍ଝା କବଳରୁ ମୁକୁଳି କେହି ଅନ୍ୟତ୍ର ଲଙ୍କା ବିକ୍ରି କରିପାରିବ ନାହିଁ ।

ରାମସ୍ୱାମୀ ଧରି ଯାଇଥିଲା ଦୁଇଟି ଛୋଟ ବସ୍ତା । ପ୍ରତି ବସ୍ତାରେ ୨୦ କି.ଗ୍ରା. ଲେଖା ଲଙ୍କା । ପ୍ରଥମେ ସେ ଥାରଗାରର ହତା ଭିତରେ ପଶିବା କ୍ଷଣି ତାକୁ

Digitized by srujanika@gmail.com

୨୦ ଟଙ୍କାର କମିଶନ ଦେବାକୁ ହେବ । ପ୍ରତି ୧୦୦ ଟଙ୍କା ଉପରେ ୫ ଟଙ୍କାର ମହାସୁଲ । କେବଳ ଥାରଗାର କିଣିବାକୁ ନଚାହିଁଲେ ରାମସ୍ୱାମୀ ସେ ଲଙ୍କାକୁ ଅନ୍ୟତ୍ର ବିକିପାରିବ । ମାତ୍ର ସେପରି ଭାଗ୍ୟ କ୍ୱଚିତ ଘଟେ ।

ସେତେବେଳକୁ ଥାରଗାର ତା'ର ସମଧର୍ମୀ ଜାତିଭାଇ ପାଇକାରୀ ବେପାରୀ ସହ ମୂଲଚାଲ ଠିକ୍ କରିଦେଇଥାଏ । ଅନ୍ୟ ସଙ୍ଗୀ ଦଲାଲମାନଙ୍କ ସହ କଥାବାର୍ତ୍ତା ସାରିଥାଏ । ଏସବୁ ମୂଲଚାଲ ଧାର୍ଯ୍ୟ ହୁଏ ସାଂକେତିକ ଭାଷାରେ, ଆଙ୍ଗୁଠିର ମୁଦ୍ରାରେ, ଗୋଟିଏ ଗାମୁଛା ତଳେ ପାପୁଲିର ସିଲଟରେ ଆଙ୍ଗୁଠିର ଖଡ଼ିକାଠି ଧରି ଗୋପନରେ ଅଙ୍କକଷା ହୁଏ । ପ୍ରକୃତ ଉତ୍ପାଦକ ହତବାକ୍ ନାଚାର ହୋଇ ଛିଡ଼ାହୋଇ ରହି ଏ ଦୃଶ୍ୟ ଦେଖୁଥାଏ । ଏ ମୂଲଚାଲ ଚାଲୁଥିବା ବେଳେ ଦିନ ଦିନ ଧରି ଅଗଣାରେ ପଡ଼ି ରହିଥାଏ ହଜାର ହଜାର କିଲୋଗ୍ରାମ୍ ଲଙ୍କାର ବସ୍ତା ଏବଂ ଅପେକ୍ଷାମାଣ ଥାଆନ୍ତି ଶହ ଶହ ଚାଷୀ । ବିଜୁଳି ଆଲୁଅରେ ଉତପ୍ତ ହୋଇ ଓ ପଙ୍ଖା ପବନରେ ଶୁଖି ଲଙ୍କା ବସ୍ତାର ଯାହାକିଛି ଜଳୀୟ ଅଂଶ ମରି ମରି ଯାଉଥାଏ ଏବଂ ଚାଷୀର ଉତ୍ପାଦନର ଓଜନ ଆହୁରି କମିଯାଏ । ପୁନଶ୍ଚ ଚୂଡ଼ାନ୍ତ ଓଜନ ପରେ ପ୍ରତି ବସ୍ତା ପିଛା ଏକ କିଲୋଗ୍ରାମ ଓଜନ କାଟି ଦିଆଯାଏ । ଏହା ପ୍ରତି ଖାଲି ବସ୍ତାର ଝୋଟ ସାମଗ୍ରୀର ଓଜନକୁ ହିସାବ କରି । ବାସ୍ତବରେ ପ୍ରତି ଖାଲି ବସ୍ତାର ଓଜନ ୨୦୦ ଗ୍ରାମ୍‌ରୁ ଅଧିକ ନୁହେଁ । ଋଣ କରିଛି ଚାଷୀ, ତେଣୁ ଚୁଟି ତା'ର ଏବେ ସାହୁକାର ହାତରେ, ଯେପରି ନଚାଇବ ସେପରି ନାଚିବାକୁ ସେ ବାଧ୍ୟ ।

ମାତ୍ର ଏଇଠି ଶେଷ ହୁଏନାହିଁ ଜାଲିଆତିର ଇନ୍ଦ୍ରଜାଲ । ଧରାଯାଉ ପ୍ରତି କିଲୋଗ୍ରାମ ଲଙ୍କାର ମୂଲ୍ୟ ଧାର୍ଯ୍ୟ ହେଲା ୧୦ ଟଙ୍କାରେ, ଯେତେବେଳେ ବଜାର ଦର ରହିଛି ୨୫ ଟଙ୍କା । ଦେବ-ଭୋଗ ପାଇଁ ଗଲା ଏକ କିଲୋଗ୍ରାମ୍ ଏବଂ ବସ୍ତା ଓଜନ ପାଇଁ ମିଶି ଦୁଇ କିଲୋଗ୍ରାମ୍ । ସୁତରାଂ ଅତି ସତର୍କତାରେ ରାମସ୍ୱାମୀ ଘରେ ୨୦ କି.ଗ୍ରା. ମାପି ଆଣିଥିବା ଲଙ୍କାର ଓଜନ ଏବେ ହେଲା ୧୮ କି.ଗ୍ରା. । ଦୁଇଟି ବସ୍ତାରେ ସେ ହରାଇଲା ୪ କି.ଗ୍ରା. । ଥାର୍‌ଗାରକୁ ୪୦ କି.ଗ୍ରା. ଓଜନ ପାଇଁ କିନ୍ତୁ ସେ ଦେବ କମିଶନ ୪୦ ଟଙ୍କା, ଯଦିଓ ସେ ପାଇବ ବାସ୍ତବରେ ୩୨ କି.ଗ୍ରା. ଲଙ୍କା ପାଇଁ ମୂଲ୍ୟ । ଲଙ୍କା ଅମଳର ସମୁଦାୟ ଋତୁରେ ରାମସ୍ୱାମୀ ଧାଏଁ ଥାର୍‌ଗାର ଘରକୁ ପାଞ୍ଚଥର; ପ୍ରତିଥର ଦେବତାଙ୍କ ଭୋଗ କଟାଯାଏ । ପ୍ରତିଥର ୩୨ କି.ଗ୍ରା. ଲଙ୍କାକୁ କି.ଗ୍ରା ପିଛା ୧୦ ଟଙ୍କା ଦର୍‌ରେ ବିକି ସେ ସମୁଦାୟ ଉପାର୍ଜନ କରେ ୧୬୦୦ ଟଙ୍କା । ତା'ର ଯିବା ଆସିବା ଧାଁ-ଦଉଡ଼ ଖର୍ଚ୍ଚ କଥା ପଚାରେ କିଏ ? ମାତ୍ର ରପ୍ତାନୀ କରୁଥିବା ଦଲାଲ ଏହି ୧୬୦୦ ଟଙ୍କାର ଲଙ୍କାକୁ ବିକ୍ରିକରେ ୨୦ ହଜାର ବା ତଦୁର୍ଦ୍ଧ୍ୱ

Digitized by srujanika@gmail.com

ଟଙ୍କାରେ । ଏହା ବାହାରେ ସେ ରାମସ୍ୱାମୀ ଠାରୁ ସଂପୂର୍ଣ୍ଣ ମାଗଣାରେ ପାଇଲା ୪୦ କି.ଗ୍ରା. ଲଙ୍କା । ରାମସ୍ୱାମୀ ପରି ତା'ର ଅଛନ୍ତି ଏମିତି ଶହ ଶହ ଋଣଗ୍ରସ୍ତ ଗରାଖ ।

ରପ୍ତାନୀ ନକରି ମଧ ସେ ଯଦି ସେତକ ମାନ୍ଦ୍ରାଜକୁ ପଠାଇଲା, ତେବେ କିଲୋଗ୍ରାମ୍ ପିଛା ପାଇବ ୨୫ ଟଙ୍କା, ଆଉ ଟିକେ ଯୋଗାଯୋଗ ଥିଲେ କେରଳକୁ ପଠାଇଲେ ପାଇବ ୪୦ ଟଙ୍କା । ବଜାର ଦର ଯେତେ ମାନ୍ଦା ଥିଲେ ବି ଏହାଠୁଁ ଦର କମିବ ନାହିଁ, ମାତ୍ର ରାମସ୍ୱାମୀମାନେ ପାଆନ୍ତି ୧୦ ଟଙ୍କା । ସେମାନେ ନେଇଥିବା ଋଣ ଟଙ୍କା ଦୁଇ ହଜାରରୁ ଆହୁରି ବାକି ପଡ଼େ ୫ କି ୪ ଶହ ଟଙ୍କା । ପ୍ରତିବର୍ଷ ଏ ପରିମାଣ ବଢ଼ି ବଢ଼ି ଚାଲେ । ଏହା ହିଁ 'ସୁଧବିହୀନ ଋଣ'ର ଅସଲ ସ୍ୱରୂପ ଏବଂ ରାମସ୍ୱାମୀର ଏଜେଣ୍ଟ ସହ ସତୁରୀ ଗୁଣିଦେଲେ ଓ ଶତ ସହସ୍ର ରାମସ୍ୱାମୀଙ୍କୁ ମିଶାଇଲେ ଜଣେ ପାଇଯିବ ଅଚିରେ ରାମନାଦ ଜିଲ୍ଲାର ମାନଚିତ୍ର ତଥା ଭୋକର ଭୂଗୋଳ ।

ଜଣେ ସରକାରୀ ବରିଷ୍ଠ ଅଫିସରଙ୍କ ଅଭିବ୍ୟକ୍ତିରେ : ''ଏକ ଅଭିନବ ଶୋଷଣର ଅଦ୍ୱିତୀୟ ସଂପର୍କ ଓ ବୁଝାମଣା ।'' ଏବଂ କୋଟି କୋଟି ଟଙ୍କାର ଏକ ବଜାର ରହିଛି । ମୁଷ୍ଟିମେୟ ବେପାରୀଙ୍କ କବ୍‌ଜା ଓ ନିୟନ୍ତ୍ରଣରେ ଯେଉଁମାନଙ୍କ ସମଗ୍ର ବ୍ୟବସାୟର ଭିତ୍ତିଭୂମି ହେଉଛି ''ଚାଷୀଙ୍କୁ ଅନିଚ୍ଛାକୃତ କରଜରେ ବୁଡ଼ାଇ ମାରିବା ।''

ଏହା ବାହାରେ ରହିଛି ଶୋଷଣର ଆଉ ଏକ ନୂତନ ଦିଗନ୍ତ । ଥାର୍‌ଗାର ଜମି ସଂଲଗ୍ନ ହୋଇ ଯଦି ରହିଛି କୌଣସି ଚାଷୀର ଜମି, ତେବେ ଚାଷୀକୁ ତା'ଠାରୁ ପାଣି କିଣିବାକୁ ପଡୁଥିବ । ଦଲାଲି ଥାର୍‌ଗାରମାନଙ୍କ ପ୍ରତି ଚାଷୀଙ୍କ କ୍ରମବର୍ଦ୍ଧମାନ ଘୃଣା ଓ ଅସନ୍ତୋଷକୁ ଏହି ପଟ୍ଟଭୂମିରେ ବୁଝିବାକୁ ହିଁ ହେବ ।

ପୁନଶ୍ଚ ନିଆଯାଉ ରାମସ୍ୱାମୀର ଦୃଷ୍ଟାନ୍ତ । ସେ ୩,୦୦୦ ଟଙ୍କା ଖର୍ଚ୍ଚ କରି ଲଙ୍କା ଚାଷ କଲା, ମାତ୍ର ଦଲାଲ—ଥାର୍‌ଗାରକୁ ବିକି ପାଇଲା ମାତ୍ର ୧୬୦୦ ଟଙ୍କା । ପୁଣି ଥାର୍‌ଗାରଠୁଁ ବିଜୁଳି ପମ୍ପ କେଇ ଘଣ୍ଟା ପାଇଁ ଭଡ଼ାରେ ଆଣିବାରୁ ଖର୍ଚ୍ଚ ପଡ଼ିଲା ୩୦୦ ଟଙ୍କା । ଏହା ଉପରେ ଅଛି ବାରମ୍ବାର ବସ୍ତା ବୋହି ଦଲାଲ ଘରକୁ ଧାଇଁବା ଏବଂ ଦିନ ଦିନ ଅପେକ୍ଷା କରି ହୀନସ୍ତା ଭୋଗିବା । ଏ ପ୍ରକ୍ରିୟା ଅବ୍ୟାହତ ରହିଲେ ଏ ଜନ୍ମରେ ସେ ଋଣ ଶୁଝିପାରିବ ନାହିଁ । ପ୍ରତିବର୍ଷ ସେ ଲଙ୍କା ତଳି ରୋଇବା ପୂର୍ବରୁ ଫସଲର ମାଲିକାନା ଚାଲିଯାଇଥିବ 'ସୁଧ-ବିହୀନ ଋଣ'ର ଅପୂର୍ବ ସଂଯୋଜକ ଥାର୍‌ଗାରମାନଙ୍କ ହାତ ମୁଠାକୁ ।

ରାମସ୍ୱାମୀ ପରି ଏମିତି ଡହଳ ବିକଳ ଅବସ୍ଥାରେ ଅଛନ୍ତି ହଜାର ହଜାର ଚାଷୀ, ମୁଖ୍ୟତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀ । ଏକ ଏକର ଠାରୁ କମ୍ ଜମିରେ ରକ୍ତକୁ

Digitized by srujanika@gmail.com

ପାଣିକରି ଫସଲ ଫଳାନ୍ତି ଖରାରେ ସିଝି, ଭୋକରେ ଆଉଟିହୋଇ; ଅବଶେଷରେ ଟେକି ଦିଅନ୍ତି ଉତ୍ପାଦନ ସାହୁକାର ଖମାରରେ । କିନ୍ତୁ ଥାର୍‌ଗାରଙ୍କୁ ପଚାରିଲେ ଚଟାପଟ୍ ଉତ୍ତର ମିଳେ : ''ଆମେ କରଜ ଟଙ୍କା ଉପରେ ପଇସାକର ସୁଧ ଛୁଉଁନା, ରାମ ରାମ ! ସୁଧ ନେବା ପାପ !'' ଏବଂ ଏତେ କମ୍ ଦର୍‌ରେ କାହିଁକି କ୍ରୟ ହେଉଛି ? ଉତ୍ତର ମିଳିବ : ''ବଜାର ମାନ୍ଦା ଅଛି ।'' ଯଦି ବଜାର ମାନ୍ଦା, ତେବେ ଚାଷୀଙ୍କୁ ଯଚେଇ କରି ଅଗ୍ରୀମ ଦେଉଛ କାହିଁକି ? ଅବିଳମ୍ବେ ଉତ୍ତର ଫେରିବ ? ''ଆମ ପୂର୍ବପୁରୁଷରୁ ଏମିତି ଦେଇ ଆସୁଛନ୍ତି, ଏଇଟା ଅଭ୍ୟାସରେ ପଡ଼ିଯାଇଛି ।''

କିନ୍ତୁ ଏଇ ସାମୟିକ 'ବଜାର ମାନ୍ଦା' ଅର୍ଥନୀତିକୁ ସହଜରେ ବୁଝାଇ ଦିଅନ୍ତି 'ମାନ୍ଦ୍ରାଜ ବିକାଶ ମୂଳକ ଅଧ୍ୟୟନ ପ୍ରତିଷ୍ଠାନ'ର ଗବେଷକ ବିଦ୍ୟାସାଗର : ''ଟିକେ ଅପେକ୍ଷା କରନ୍ତୁ, ବଜାର ଦର ପୁଣି ଚଢ଼ା ଧରିଯିବ । ବର୍ତ୍ତମାନ ଚାଷୀଙ୍କ ଠାରୁ ସଦ୍ୟ ଉତ୍ପାଦନ କିଣା ଚାଲିଛି । ସେତକ ସରିଗଲେ ବଜାର ଦର ପୁଣି ଦୁଇମାସରେ ତେଜି ଉଠିବ ।''

ବଜାର ଭାଉର ଏ ଉଠାପକା ହେଉଛି ଥାର୍‌ଗାରଙ୍କ ଚାଲ୍‌ବାଜି—ଏକଥା ଭଲଭାବେ ବୁଝନ୍ତି ରାମନାଦର ଦୁସ୍ଥ ଚାଷୀ । ଏକଦା ଗୋଟିଏ ବର୍ଷ ଚୈତ୍ର ମାସରେ ଜିଲ୍ଲାପାଳ ହସ୍ତକ୍ଷେପ କରିବାରୁ ବେପାରୀମାନେ ପ୍ରତି ବସ୍ତାକୁ ୨୦୦ ଟଙ୍କାରୁ ଅଧିକ ଦର୍‌ରେ କିଣିଲେ । ''ଏକଥା ଗୋଟିଏ ବଜାରରେ ଗୋଟିଏ ସପ୍ତାହ ପାଇଁ ଚାଲିଲା । ତା' ପଛେ ସେ ଜିଲ୍ଲାପାଳଙ୍କ ବଦଳି ପରେ ବସ୍ତା ପିଛା ଦର ୮୦ ଟଙ୍କାକୁ ଖସି ଆସିଲା '' —କହନ୍ତି ଏଡିଭାୟଲ ଗାଁର ଜଣେ ତରୁଣ ହରିଜନ ଚାଷୀ ।

'ରାମନାଦ ଲଙ୍କାମରିଚ ସୌଦାଗର ସଂଗଠନ'ର ଅଭିଜାତ ଓ ଅତି ନମ୍ର ଦେଖେଇ ହେଉଥିବା ସଭାପତି ଆର୍‌.ଶ୍ରୀଧରନ୍ ସ୍ୱୀକାର କରନ୍ତି : ''ଅନୁକୂଳ ସମୟରେ ଆମେ ପ୍ରତି କିଲୋଗ୍ରାମ୍ ଲଙ୍କାମରିଚ ରପ୍ତାନୀରୁ ୪.୪୦ ଡଲାର ପାଉ ।'' ଏହାର ଅର୍ଥ ଭାରତୀୟ ମୁଦ୍ରାରେ ୧୬୦ ଟଙ୍କାରୁ ଅଧିକ । ରାମସ୍ୱାମୀ ତା'ର ୨୦ କି.ଗ୍ରା ବସ୍ତା ଉପରେ ମଧ୍ୟ ସେତିକି ପାଏନାହିଁ । ଶ୍ରୀଧରନ୍ ନିଜେ ଜଣେ ପାଇକାରୀ ବ୍ୟବସାୟୀ ଓ ରପ୍ତାନିକାରୀ ବୈଶ୍ୟ । ସଂପୃକ୍ତ ସହରରେ ତାଙ୍କର ରହିଛି ଏକ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀର ସମ୍ଭ୍ରାନ୍ତ ଦୋକାନ—ସେଠାରେ ଟେଲିଭିଜନ, ୱାସିଂ ମେସିନ୍ ଓ ରେଫ୍ରିଜିରେଟର ମଧ୍ୟ ବିକ୍ରି ହୁଏ ।

ତେବେ ସରକାରଙ୍କ 'ନିୟନ୍ତ୍ରିତ ବଜାର କମିଟି'ର ଭୂମିକା ଏଠି କ'ଣ ? ବେପାରୀମାନେ ଏହାପ୍ରତି ବିଦ୍ରୂପ କରି ହସନ୍ତି ଏବଂ ଚାଷୀମାନେ ଏପରି ଏକ ସଂସ୍ଥାର

Digitized by srujanika@gmail.com

ଅବସ୍ଥିତି ନେଇ ଅଛି । କେହି କେହି ଉପରଠାଉରିଆ ଭାବେ କିଛି ଜାଣନ୍ତି । ଏହାର କ୍ରିୟାଶୀଳତା ନେଇ ଶ୍ରୀଧରନ୍ କହନ୍ତି : "ଏହା ଚାଷୀକୁ ମାଲ୍ ରଖିବା ପାଇଁ ଗୋଦାମ ସୁବିଧା ଦେବା ଦରକାର ଏବଂ ଆମକୁ ଋଣ ସୁବିଧା ।" ତେବେ ସେ କହନ୍ତି ନାହିଁ କାହିଁକି ସରକାର ସିଧାସଳଖ ଚାଷୀଙ୍କୁ ଋଣ ସୁବିଧା ନଦେବ ? ତେବେ ଅନ୍ୟଜଣେ ଥାର୍‌ଗାର ଉତ୍ତର ଦିଅନ୍ତି : "ଆମେ ତା'ହେଲେ କାହିଁକି ଅଛୁ ?" ବହୁ ପୁରୁଣା ଦିନରୁ ଏଯାଏ ଥାର୍‌ଗାରଙ୍କ ଋଣ 'ଲଙ୍ଗଳା କଳନ୍ତର' ନାମରେ ଅଭିହିତ ।

ଏଡିଭାୟଲ୍ ଗାଁର ଜଣେ ହରିଜନ ଚାଷୀ ନଟରାଜନ୍ ଏହି ବହୁ ଚର୍ଚ୍ଚିତ, 'ସୁଧହୀନ ଋଣ' ନେଇ ଆଉ ଶୁଝିପାରିଲା ନାହିଁ । ସୁତରାଂ ସେ ପରବର୍ତ୍ତୀ ଦୁଇଟି ଋତୁର ଫସଲ ଥାର୍‌ଗାର୍‌କୁ ଦେବାକୁ ଚୁକ୍ତିବଦ୍ଧ ହେଲା । କିନ୍ତୁ ଇତିମଧ୍ୟରେ ଫସଲ ଅମଳ ପୂର୍ବରୁ ସେ ମୁଠେ ଭାତ ଖାଇ ବଞ୍ଚିବ ତ ! ସବୁ ଫସଲ ତ ଥାର୍‌ଗାରକୁ ଯାଇତାଇ ମୂଲ୍ୟରେ ବିକିଦେଇଛି । ତେଣୁ ନିଜ ସ୍ତ୍ରୀ ବେକର ଏକମାତ୍ର ସୁନାହାର ଓ କାନଫୁଲକୁ ସେ ବନ୍ଧକୀ ଦେଲା । ଆନୁମାନିକ ଚାରି ହଜାର ଟଙ୍କା ମୂଲ୍ୟର ଅଳଙ୍କାର ବାବଦକୁ ପାଇଲା ୧୨୦୦ ଟଙ୍କା, ମାସିକ ୧୦ ଟଙ୍କା ହାରରେ ସୁଧ । ୧୦୦ ଟଙ୍କାରେ ବର୍ଷକୁ ୧୨୦ ଟଙ୍କା ସୁଧ । ୧୨୦୦ ଟଙ୍କାର ଋଣ ପାଇଁ ବାର୍ଷିକ ୧୪୪୦ ଟଙ୍କା କେବଳ ସୁଧ ।

ନଟରାଜନ୍ ଜାଣେ ସେ କେବେଁ ବି ଏ ଟଙ୍କା ଶୁଝିପାରିବ ନାହିଁ । ସାରା ଜୀବନ ତା'ର ସୁଧ ଗଣି ଗଣି ସରିଯିବ । ଏ ଜନ୍ମରେ ସେ ନିଜ ସ୍ତ୍ରୀର ସୁନାଗହଣା ଆଉ ଫେରାଇ ଆଣିପାରିବ ନାହିଁ । କିମ୍ବା ଯେତେ ଖଟିଲେ ବି ସ୍ତ୍ରୀ ନାକରେ ସୁନା ଚଣାଟେ ବି ଦେଇପାରିବ ନାହିଁ । ପେଟ ପୋଡ଼ିଗଲେ ମଣିଷର ବୁଦ୍ଧି ହଜିଯାଏ । ଦରିଦ୍ର ମଣିଷର ପେଟକୁ ଦାନା ପରେ ମୁଣ୍ଡ ଉପରେ ଚାଳ ଛପର ଓ ଦେହ ଲୁଚାଇବାକୁ କପଡ଼ା ଖଣ୍ଡେ ଦରକାର । ସେତକ ଯୋଗାଡ଼ କରିବା ଏକ ଦୁରୂହ ସ୍ୱପ୍ନ ହୋଇପଡ଼େ ।

ସ୍ଥାନୀୟ ଜଣେ ସ୍ୱେଚ୍ଛାସେବୀ ଭି. କାଶୀନାଥ ଦୁରାଇ କହନ୍ତି : "ସେମାନେ ଜାଣନ୍ତି ଅବଶେଷରେ ପରିଣତି କ'ଣ ହେବ, ତେଣୁ ଥାର୍‌ଗାରମାନେ ଅତି ଦୟାଳୁ ସନ୍ଥ ପାଲଟି ଆଗଡ଼ୁରା ଉପରେ ପଡ଼ି ଋଣ ଧରାଇ ଦିଅନ୍ତି । ଅବଶ୍ୟ ସୁଧ-ଛାଡ଼ ଅଗ୍ରିମ ଟଙ୍କା ।"

ଏଭଳି ବର୍ବର, ରକ୍ତମୁଖା ବ୍ୟବସ୍ଥାକୁ ଭାଙ୍ଗିଦେଇ ହେବ କି, ଅନ୍ତତଃ ପକ୍ଷେ ପରିବର୍ତ୍ତନ ଆଣିହେବ କି ? ଅସ୍ତିବାଚକ ଉତ୍ତର ଦିଅନ୍ତି ଆର୍. ଜ୍ଞାନ ବ୍ୟାସଲମ୍ । ସେ ତାମିଲନାଡୁ କିଶାନ ସଭାର ଜିଲ୍ଲା ସଂପାଦକ । "ଗୁଣ୍ଡୁର ଠାରେ ଯେପରି ବଜାର

Digitized by srujanika@gmail.com

ରହିଛି, ସେପରି ଏକ ଅନୁକୂଳ ବଜାର ସୃଷ୍ଟି ଦିଗରେ ସରକାରୀ ପ୍ରୟାସ ହେବା ଏବଂ ପ୍ରତି କିଲୋଗ୍ରାମ୍ ଲଙ୍କାମରିଚ ମୂଲ୍ୟ ପିଛା ଅନ୍ୟୁନ ୨୫ ଟଙ୍କା ଦିଆଯିବା ଦରକାର । ଏହା ବାହାରେ ଚାଷୀ ବଜାରରେ ପ୍ରବେଶ କରିବା ପୂର୍ବରୁ ତା'ର ପ୍ରତି ବସ୍ତାର ପ୍ରକୃତ ଓଜନ ମାପ କରାଯାଇ ବସ୍ତା ଉପରେ ଲିପିବଦ୍ଧ ହେବା ଦରକାର । ମରିଚରୁ ତୈଳ ନିଷ୍କାସନ ଭଳି ସୁବିଧାର ଉପଯୋଗ କରି କାରଖାନା ପ୍ରତିଷ୍ଠା ଦିଗରେ ସରକାର ଚିନ୍ତା କରନ୍ତୁ । କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଚାଷୀଙ୍କୁ ଋଣ ସୁବିଧା ପ୍ରଦାନ ।''

ଜ୍ଞାନ ବ୍ୟାସଲମ୍‌ଙ୍କ ଚିନ୍ତାଧାରା ସ୍ପଷ୍ଟ ଯେ କରଜ କଳନ୍ତରର ଏ କୁଚକ୍ରୀ ବ୍ୟୂହକୁ ନ ଭାଙ୍ଗିଲା ଯାଏ କୌଣସି ବିକାଶ ସାଧିତ ହୋଇପାରିବ ନାହିଁ । ସେ ଇତିମଧ୍ୟରେ ଲଙ୍କା ଚାଷୀଙ୍କୁ ସଂଗଠିତ କରି ସେମାନଙ୍କ ଅଧିକାର ହାସଲ ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି ଏବଂ ଖୁବ୍ ଆଶାବାଦୀ ଯେ, ସେମାନଙ୍କ କିଛି ଦାବି ଅବିଳମ୍ବେ ପରିପୂରଣ ହେବ । ସେଯାଏ ରାମସ୍ୱାମୀ ଓ ନଟରାଜନମାନଙ୍କୁ ଲଙ୍କା ବସ୍ତା ମୁଣ୍ଡାଇ ଥାଡ୍‌ଗାର ଦଲାଲ୍‌ର ଦ୍ୱାରସ୍ଥ ହେବାକୁ ପଡୁଥିବ ଏବଂ ଲଙ୍କାର ଜ୍ୱଳନ ପରି ଜଳୁଥିବ ଜୀବନ ଓ ଅପୂରଣୀୟ ଅସଂଖ୍ୟ ଆକାଂକ୍ଷା, ଅଭିଳାଷ !

❖ ❖ ❖

Digitized by srujanika@gmail.com

ନୂଆ ଛନ୍ଦ ଓ ସ୍ୱରରେ ଏକବିଂଶର 'କ୍ରୀତଦାସର କାବ୍ୟ'

ସେ ଗାଁର ନା ମିଶାଲ । କଙ୍କରିଳ, ଦୁର୍ଗମ, ଅପହଞ୍ଚ ପଥ । ସେ ଗାଁକୁ ଦୂରତ୍ୱ କଥା ପଚାରିଲେ ଲୋକେ କହନ୍ତି : ବାଟ ବାରକୋଶ ଅର୍ଥାତ୍ ୨୫ ମାଇଲ–୪୦ କି.ମି. । ମାତ୍ର କେଉଁ ସ୍ଥାନରୁ ମପାଯାଏ ସେ ଦୂରତ୍ୱ ? ଏହି ଅଗମ୍ୟ, ଆରଣ୍ୟକତା ହିଁ ସେ ଗାଁକୁ ରଖିଛି ଯୁଗଯୁଗ ଧରି ଶୋଷଣ ଘେରରେ । ସେ ଗାଁର ଅଶିଟି ପରିବାରରୁ ପ୍ରାୟ ପ୍ରତ୍ୟେକେ ଗୋତି ଶ୍ରମିକ । କିନ୍ତୁ ଦରମା ଓ ଭତ୍ତା ପାଉଥିବା କ୍ରୀତଦାସ । ଶୋଷଣର ଏକ ଅଭିନବ ଫନ୍ଦା ଓ ଅର୍ଗଳୀ । ସେ ଅର୍ଗଳୀର ଖୁଆଡ଼ ଡେଇଁ ବାହାରକୁ ଆସିପାରେନା ସାରା ଜୀବନ ଧରି ମଣିଷ ରୂପକ ଗୋରୁ । ପଘା ନଥାଏ ସିନା, ହେଲେ ଖୁଆଡ଼ ଡେଇଁବାରେ ନଘା ପଡ଼ିଥାଏ ।

ସେମାନେ ହରିଜନ ସଂପ୍ରଦାୟରେ ପୁଣି ଅସ୍ପୃଶ୍ୟ । ଦଳିତ ଶ୍ରେଣୀ ମଧ୍ୟରେ ସବାତଳର ମଣିଷ । ହରିଜନମାନେ ମଧ୍ୟ ସେମାନଙ୍କୁ ଛୁଅଁନ୍ତି ନାହିଁ, ନିଆଁ ପାଣି ବନ୍ଦ । ସେ ଜାତିର ନାମ ଚକ୍କିଲିୟାନ । ପାରମ୍ପରିକ ଭାବେ ଚମଡ଼ା ଛେଲନ୍ତି, ଯୋତା ଓ ଯୋଡ଼ି ନାଗରା ତିଆରି କରନ୍ତି । ଢୋଲ, ମାର୍ଦ୍ଦଳ, ଡ୍ରମ ବଜାନ୍ତି । ହରିଜନ ଜାତିର ବାରିକ ବି ତାଙ୍କୁ କ୍ଷୌର କରେନାହିଁ । ଅଧିକାଂଶ ପୁରୁଷଙ୍କ ମୁଣ୍ଡରେ ଛତା ପରି ବାବୁରି ବାଳ । କାବ୍ୟ କବିତାରେ ହୁଏତ ଏ ଗୁମ୍ଫିତ କେଶଗୁଚ୍ଛ, ଗହଳ ଶ୍ମଶ୍ରୁ, ଅର୍ଦ୍ଧନଗ୍ନ ଶରୀର, ଓଠରେ ବଂଶୀ ଓ ମହୁରୀ ଧରିଥିବା ସଂଗୀତମୟ ଲାଗିପାରେ, ମାତ୍ର ସେମାନଙ୍କ ଜୀବନରୁ ସଂଗୀତ ମରିଯାଇଛି, ଓଠରୁ ପ୍ରତିବାଦର ଭାଷା ଲିଭିଯାଇଛି ବହୁକାଳରୁ ।

ସେମାନେ ଜମିଦାରଙ୍କ ଗୋତି ଶ୍ରମିକ । ପିଢ଼ି ପିଢ଼ି ଧରି, ପୁରୁଷ ଓ ନାରୀ ଉଭୟେ । ଜମିଦାର କିନ୍ତୁ ସେମାନଙ୍କୁ ବର୍ଷକୁ ଦିଏ ଦରମା ଏକ ହଜାର ଟଙ୍କା । ରାତି ବେଳାର ବଳକା ଅଇଁଠା ଖାଦ୍ୟ ଘରକୁ ବାନ୍ଧିନେବାର ଅନୁମତି ସେମାନଙ୍କୁ ମିଳିଥାଏ– ଭାତ ଏବଂ ତେନ୍ତୁଳି ପାଣି । ସେମାନଙ୍କ ଖାଉନ୍ଦମାନେ ସଦମ୍ଭେ ଯୁକ୍ତି ବାଢ଼ନ୍ତି –ଏ ସଂପର୍କ ମୁନୀବ-ଚାକରରୁ ଅଧିକ ନୁହେଁ, ସେମାନେ ତ ସ୍ୱଚ୍ଛନ୍ଦ ଓ ସ୍ୱାଧୀନ । ପଘା ନଥାଏ, ହେଲେ ଖୁଆଡ଼ ଥାଏ ।

ଖୁଆଡ଼ର ସର୍ତ୍ତ ହେଉଛି ଦରମା ପ୍ରାପ୍ତ ଶ୍ରମିକ ଆଉ କେଉଁଠି କାମ କରିପାରିବ ନାହିଁ । କେବଳ ଜମିଦାର ଘରେ ନିତି ହାଜିରା ଦେବ । ଜୟାମଣି ଓ ମର୍ମୁଘମ୍ ଦରକାର

Digitized by srujanika@gmail.com

କରୁଥିଲେ ନଗଦ ଟଙ୍କା, ସେମାନଙ୍କ ଝିଅ ଜୟାରାଣୀର ବିବାହ ପାଇଁ । "ଆମର ନିଜ ଶ୍ରମକୁ ବନ୍ଧା ପକାଇବା ଛଡ଼ା ଆଉ କିଛି ଚାରା ନଥିଲା ।" –କହେ ଜୟାମଣି । ସୁତରାଂ ଜମିଦାର ଓରଫ ସାହୂକାର ଓରଫ ମୁନୀବ ଠାରୁ ଟଙ୍କା ଉଧାର ନେଇ ପ୍ରତିବଦଳରେ ସେମାନେ ନିଜ ପୁଅ ଜୟରାମକୁ ବନ୍ଧା ଦେଲେ ।

ପରଦିନ ସକାଳେ ଜୟରାମ ଯାଇ ହାଜର ହେଲା ସାହୂକାର ଘରେ । ତା' କାମ ସକାଳ ଆଠରୁ ରାତି ନଅଟା ଯାଏ । ଗୋରୁ ଗାଇ ଚରାଇବ । ଗୁହାଳ ପୋଛିବ । ଖତ ନେଇ ବିଲରେ ପକାଇବ, ଡେଣ୍ଡାରେ ପାଣି ଉଠାଇବ ଏବଂ ଘରେ ବୋଇହାକ ଶୁଣିବ । ଗାଈ ଚରାଇ ଫେରିବା ପରେ ଭୁଷିକଟା, ଗୋରୁଙ୍କୁ ପାଣିଦେବା, ଦାଣ୍ଡ ଖରକିବା ଠାରୁ ଘର ଓ ବାହାର ସବୁକାମ କରିବ । ରାତି ଦଶଟାରେ ନିଜ ଘରକୁ ଫେରିବ–ଖାଲି ହାତରେ ନୁହେଁ, ଖାଉନ୍ଦ ଘର ଶେଷ ରନ୍ଧାରୁ ଯାହା ଅଇଁଠା ବଳିଥିବ ସେତକ ଗାମୁଛାରେ ବାନ୍ଧି । ବଡ଼ ଦୟାଳୁ ଖାଉନ୍ଦ ନିଶ୍ଚୟ !

ସେ ଏମିତି କରିଆସୁଛି ଗଲା କିଛିମାସ ଧରି । ହଜାରେ ଟଙ୍କା ଦରମାରେ ପୂରା ବାରମାସ ଏମିତି କାମ । ଠିକ୍ ବାରମାସ ପୂରିବା ପରେ ତା'ର ଚାକିରି ସରିଲା ନାହିଁ । କାରଣ ତା'ର ବାପା ମା ଯେଉଁ ଦୁଇହଜାର ଟଙ୍କା ଋଣ ଆଣିଥିଲେ ତା'ର ପ୍ରତିମାସରେ ସୁଧ ୧୦ ଟଙ୍କା–'ପାଥୁ ରୂପାବଚି' । ପ୍ରତି ଶହେ ଟଙ୍କାରେ ବର୍ଷକୁ ସୁଧ ୧୨୦ ଟଙ୍କା । ବର୍ଷ ଶେଷରେ ୨ ହଜାର ଟଙ୍କା ଉପରେ ସୁଧ କେବଳ ୨୪୦୦ ଟଙ୍କା, ମୂଳଧନ ଠୁଁ ବଳକା । ସାରା ଜୀବନ ସେତକ ଋଣ ସୁଝିବାର ସ୍ୱପ୍ନ ସେ ଦେଖିପାରେନା । ତା' ବାପା ସାରା ଜୀବନ ସେହି ସମାନ ମାଲିକ ପାଖରେ ଖଟି ଖଟି ରହିଲା, ସୁଧ ପରିଶୋଧ କରିବାର ସାମର୍ଥ୍ୟ ମଧ ତା'ର ନଥିଲା । ମାତ୍ର ଇଏ ଗୋଟି ପ୍ରଥା ନୁହେଁ, ବର୍ଷକୁ ହଜାରେ ଟଙ୍କା ଦରମାରେ ଚାକିରି ! ସେଇ ପ୍ରଥମ ବର୍ଷ ହଜାରେ, ତା'ପର ବର୍ଷଠୁଁ ସୁଧ ଶୁଝିବା ଆରମ୍ଭ ହୁଏ । ସୁଧ ପାଲଟେ ମୂଳଧନ, ପୁଣି ତା' ଉପରେ ସୁଧ । ଚକ୍ରବୃଦ୍ଧି ହାରର ଏ ଚକ୍ରବ୍ୟୂହ ଭିତରେ ଆୟୁଷ-ଚକ୍ର ସରିଯାଏ ।

ପୁବ୍‌ଛିର ବୟସ କଳିଷଠା ଷାଠିଏ, ସେ ତଥାପି ବଞ୍ଚିଛି, ଚବ୍ଲିୟାନ ମୋଟି ସଂପ୍ରଦାୟରେ ସେ ସବୁଠୁଁ ବୟସ୍କ । ତା'ର ଏଇ ନାଁ ବି ରହିଛି ରେସନ କାର୍ଡରେ, ଏହାର ଆକ୍ଷରିକ ଅର୍ଥ–ପୋକ । ଆଉ ଗୋଟିଏ ନାଁ ପାଇବେ ଆଦିମାୟୀ–ଅର୍ଥାତ୍ କ୍ରୀତଦାସୀ । ପିଢ଼ି ପିଢ଼ି ଧରି ଏମିତି ନାମ ସେମାନେ ଧରି ଧରି ଚାଲିଛନ୍ତି ଯାହା ପ୍ରଦାନ କରିଛି ତାଙ୍କ ମୁନିବ । ମୁନିବ ହେଉଛି ଦେବତା–ଚଳନ୍ତି ବିଷ୍ଣୁ । ତାଙ୍କ ସେବାରେ, ତାଙ୍କ ଭୋଗ ହୋଇ ଏମାନେ ରହିବା ମଣିଷ । ସେ ଯେଉଁ ନାମ ଦେଲେ ତାହା ପ୍ରସାଦ । ଏହାକୁ ହତାଦର କରିବାର ସାହସ ଅବା କାହାର ଅଛି !

Digitized by srujanika@gmail.com

ସେମାନଙ୍କ ରେସନ୍‌କାର୍ଡରେ ରହିଛି ଆଠଜଣିଆ ପରିବାରର ମିଳିତ ମାସିକ ଆୟ ୨୦୦ରୁ ୨୫୦ ଟଙ୍କା । ମାତ୍ର ପୁବ୍‌ଛି କହେ : "ଜଣେ ହାକିମ ଆସି ମନଇଛା ଯାହା ପାଇଲେ ଲେଖିନେଲେ, ପଚରା ଉଚରା ନାହିଁ । ବର୍ଷ ତମାମ ଆମେ କେବେ ନଗଦ ଟଙ୍କାରେ ମଜୁରି ପାଉନା ।" କାର୍ଡରେ ଆଉ ଏକ ବିଡ଼ମ୍ବନାର ତାଚ୍ଛଲ୍ୟ ରହିଛି ଏମାନଙ୍କ ଆୟ ପାର୍ଶ୍ୱବର୍ତ୍ତୀ କୋଠରୀରେ : ସରକାରୀ ଅନୁସନ୍ଧାନର ସୂତ୍ର – "ଡବଲ୍ ଗ୍ୟାସ୍ ସିଲିଣ୍ଡର ସୁବିଧା ଉପଲବ୍ଧ କି ?" ହସିବ ନା କାନ୍ଦିବ ? ଯେଉଁ ମଣିଷ ଭାତ ମୁଠେ ଫୁଟାଇବାକୁ ତାଳପତ୍ର ସାଉଁଣ୍ଟିବା ପାଇଁ ଘଣ୍ଟା ଘଣ୍ଟା ସମୟ ବିତାଏ, ତା'ର ପୁଣି ଇନ୍ଧନ ଗ୍ୟାସ୍ ସିଲିଣ୍ଡର ଥିବାର ପ୍ରଶ୍ନାବଳୀ ? ସାରା ପରିବାରର ସାରା ବର୍ଷକର ଆୟ ସଂଚିତ ହେଲେ ବି ଗୋଟିଏ ଷ୍ଟୋଭ୍ ଓ ସିଲିଣ୍ଡର କ୍ରୟ କରିବାକୁ ସେମାନେ ସମର୍ଥ ହେବେନାହିଁ ।

ତେବେ ଏ ସଂପ୍ରଦାୟର କିଛି ଲୋକ ଅନ୍ୟମାନଙ୍କ ଠାରୁ କିଛିଟା ଭାଗ୍ୟବାନ । ଯେମିତି ଅରୁମୁଘମ୍–ସେ ତା' ମୁନିବ ଘରେ ତିନିବେଳା ଖାଇବାକୁ ପାଏ, ତା' ଉପରେ ବାର୍ଷିକ ଦରମା । ଅନ୍ୟ ମହିଳାମାନେ ସେତିକି ସୁବିଧା ପାଆନ୍ତି ନାହିଁ– କେବଳ ତିନିବେଳା ଖାଆନ୍ତି । ସାନମୁଘମ୍‌ର ବାରବର୍ଷର ଝିଅ ଚିତ୍ରାବଲ୍ଲୀ ବିନା ଦରମାରେ ଗୋତି ଖଟେ । ହେଲେ ମାଲିକ ଘରେ ଖାଏ ଏବଂ ରାତିର ବଳକା ଅଇଁଠା ଘରକୁ ନେଇଯାଏ । ସେମିତି ମୁଥୁର ପନ୍ଦର ବର୍ଷର ପୁଅ ବେଲୁ–ସିଏ ୧୪୦୦ ଟଙ୍କା ଦରମାରେ ଗୋତିରେ ଅଛି । କିନ୍ତୁ ସେତକ ଟଙ୍କା ସଙ୍ଗେ ସଙ୍ଗେ ଭରଣା ହୋଇଯାଏ ମୂଳ କରଜ ବାବଦ ସୁଧର କିସ୍ତି ପରିଶୋଧରେ । ସେ ଦୈନିକ ୧୨ ଘଣ୍ଟା ଖଟେ, ଏମିତି ପାଞ୍ଚବର୍ଷ ହେଲା ଚାଲିଛି । ତା'ର ମାଲିକ ଆମକୁ ବିମୁଗ୍ଧ କଲା ପରି ହସ ଖେଳାଇ ସରସ କଣ୍ଠରେ କହେ : ପ୍ରଥମ ବର୍ଷ ହଜାରେ ଟଙ୍କାରୁ ଏବେ ତା' ଦରମା ୧୪୦୦କୁ ବଢ଼ିଛି ।

ମୁନିବ ଯେତେବେଳେ ପାଞ୍ଚଶହ ଟଙ୍କା ଅଗ୍ରିମ ଦିଏ, ଯେମିତି ସେ ଛଅମାସ ପୂର୍ବେ ଶ୍ରୀନିବାସକୁ ଦେଇଥିଲା, ସଙ୍ଗେ ସଙ୍ଗେ ସେଥିରୁ ପ୍ରଥମ କିସ୍ତି ସୁଧ ବାବଦକୁ କାଟି ରଖେ ପଚାଶ ଟଙ୍କା । ବାଇଶ ବର୍ଷୀୟ ଶ୍ରୀନିବାସନ୍ ଏଯାଏ ପରିଶୋଧ କରିଛି ତିନିଶହ କେବଳ ସୁଧ ବାବଦ । ସମୁଦାୟ କରଜ ଶୁଝିବାର ସମ୍ଭାବନା ତା' ପାଇଁ କ୍ଷୀଣ । ଏହି ଋଣ ଶୁଝିବାକୁ ସେ ଅନ୍ୟମାନଙ୍କ ଠାରୁ ହାତ ଉଧାରି ଆଣି ଗୋଡ଼କୁ ଅଧିକ ପଙ୍କରେ ଛନ୍ଦିଛି । ଆମେ ଖୋଜି ଖୋଜି ଗୋଟିଏ ବି ପରିବାର ପାଇଲୁ ନାହିଁ, ଯାହାର କେହି ଗୋତି ଖଟୁନଥିବେ । ପୁନ୍‌ଛିର ଦୁଇଝିଅ-ବିଂଶ ବର୍ଷିୟା ମଣିପୁଷମ୍

Digitized by srujanika@gmail.com

ଏବଂ ଊନବିଂଶ ବର୍ଷୀୟା ସମିଆଦ୍ରଲ୍ଲ – ଉଭୟେ ଗୋଟି ଖଟନ୍ତି ବିନା ପାରିଶ୍ରମିକରେ । ବହୁ ବହୁ ଦିଗରୁ ଚକ୍କିଲିୟାନ୍‌ମାନେ ହେଉଛନ୍ତି ଦୁର୍ବଳ ଓ ଅନୁନ୍ନତ ।

କେତେଗୁଡ଼ିଏ ଆକଳନରେ ରାମନାଦ ଜିଲ୍ଲାର ହରିଜନମାନେ ଅନ୍ୟତ୍ର ବସବାସ କରୁଥିବା ତାଙ୍କ ଜାତିଭାଇଙ୍କ ଠାରୁ ବହୁ ପଛରେ ଏବଂ ଏହି ସମାନ ଜିଲ୍ଲାରେ ସମଗୋତ୍ରି ଚକ୍କିଲିୟାନ୍ ତାଙ୍କ ଦଳିତ ସଂପ୍ରଦାୟ ଠାରୁ ବହୁ ପଛରେ – ଶିକ୍ଷା, ଚଳଣି, ମୌଳିକ ଧନ୍ଦା ଓ ଚିନ୍ତନ । ଜାତୀୟ ସ୍ତରରେ ତଫସିଲଭୁକ୍ତ ଜାତିର ସାକ୍ଷରତା ହାର ୧୯୮୧ ଜନଗଣନାରେ ୨୫.୩ ଶତାଂଶ ଥିବାବେଳେ ରାମନାଦ ଜିଲ୍ଲାରେ ଏହା ୧୮ ଶତାଂଶରୁ ଆହୁରି ତଳେ, ସେହିପରି ହରିଜନ ମହିଳାଙ୍କ ମଧ୍ୟରେ ସାକ୍ଷରତା ହାର ରାଷ୍ଟ୍ରୀୟ ସ୍ତରରେ ୧୧ ଶତାଂଶ ବେଳେ ରାମନାଦରେ ୭ ଶତାଂଶରୁ ବି କମ୍ । ଏବଂ ହରିଜନ ସଂପ୍ରଦାୟର ବିଭିନ୍ନ ଜାତି ବିଭାଗରେ ଚକ୍କିଲିୟାନ୍ ଗୋଷ୍ଠୀ ଅଧିକାର କରନ୍ତି ସିଡ଼ିର ସବା ତଳ ପଳି । ମିଶାଲ୍ ଗାଁରେ ସମୁଦାୟ ଲିପିବଦ୍ଧ ୨୧୦ ନିରକ୍ଷରଙ୍କ ମଧ୍ୟରେ କେବଳ ଏହି ମୋଚି ଜାତିର ଭାଗୀଦାରି ୧୬୦, ସମୁଦାୟ ଚାରିଜଣ ହାଇସ୍କୁଲ କାନ୍ଥବାଡ଼ ଦେଖିଛନ୍ତି; ମାତ୍ର ପାଠ ଛାଡ଼ିଲା ପରେ ଆଉ ଲେଖାପଢ଼ା ମନେ ପଡୁନି, ଅକ୍ଷର ଚିହ୍ନିବା ବି ଦୁଷ୍କର ।

ଏମାନଙ୍କ ଖାଦ୍ୟାଭ୍ୟାସ ଉପରେ ହିସାବ ନେଲେ ମନଟା ବିଷର୍ଣ୍ଣତାରେ ଭରିଯାଏ । ପ୍ରାୟତଃ ଅଧିକାଂଶ ପରିବାର ତାଙ୍କ ମୁନିବଙ୍କ ଘରୁ ମିଳିଥିବା ବଳକା ଖାଦ୍ୟ ଓ ଅଇଁଠା ଉପରେ ନିର୍ଭର ରଖନ୍ତି । ସମୟେ ସମୟେ ତାହା ହିଁ ସେମାନଙ୍କର ମୁଖ୍ୟ ଖାଦ୍ୟ ହୁଏ । ନିଜ ଘରେ କ୍ୱଚିତ୍ ରୋଷାଇ ହୁଏ । ଏପରି ନିମ୍ନମାନର ଆହାରରେ ଜୀବନ ବିତାଉଥିବା ମଣିଷମାନଙ୍କ ଆୟ ଓ ବ୍ୟୟ ମଧ୍ୟରେ ରହୁଥିବା ବିରାଟ ବ୍ୟବଧାନକୁ କଳିହୁଏ; ଯେଉଁଥିପାଇଁ ସେମାନେ ସାରା ଜୀବନ ଧାରୁଆ, କରଜଗ୍ରସ୍ତ ରହିଯାଆନ୍ତି ।

ଜାତିଗତ ବୈଷମ୍ୟ ଓ ତଦ୍‌ଜନିତ ଶୋଷଣ ଏହି ଗୋଷ୍ଠୀ ମଧ୍ୟରେ ନିକଟ ଅତୀତ ଯାଏ ତୀବ୍ର ଥିଲା ଯେ, ଜଣେ ଭଲ ପୋଷାକ ପିନ୍ଧା, ଚିକ୍କଣ ଭାବେ କ୍ଷୌର ହୋଇଥିବା ଚକ୍କିଲିୟାନ୍ ନିଶ୍ଚିତ ରୂପେ ସାଂପ୍ରଦାୟିକ ହିଂସାକାଣ୍ଡର ସ୍ଫୁଲିଙ୍ଗ ବୁଣିଦେବ । ଉଚ୍ଚବର୍ଗର ଲୋକେ ହରିଜନମାନଙ୍କୁ ସେମାନଙ୍କ ସାମାଜିକ ସ୍ତର ଅନୁଯାୟୀ ଲୁଗାପଟା ପିନ୍ଧିବାକୁ ବାଧ୍ୟ କରୁଥିଲେ । ଅର୍ଥାତ୍ ସେମାନଙ୍କୁ ଅତି ନିମ୍ନସ୍ତରର ଛିଣ୍ଡା, ସିଆଁ, ପୁରୁଣା ପିନ୍ଧିବାକୁ ପଡୁଥିଲା । ପୁରୁଷମାନେ କୌପିନ, କାଛା ପିନ୍ଧିବା କିମ୍ବା ଅତି ଜୋର୍‌ରେ ଲୁଙ୍ଗି ଗାମୁଛା ମଧ୍ୟରେ ସୀମିତ ରହିବା ବେଳେ ମହିଳାମାନେ ଅଣ୍ଟା ତଳକୁ କେବଳ

Digitized by srujanika@gmail.com

କଷ୍ଟା ପିନ୍ଧୁଥିଲେ । ସେମାନଙ୍କ ବକ୍ଷୋଜ ରହୁଥିଲା ଉନ୍ମୁକ୍ତ । ଏହା ମାତ୍ର ୧୮୫୦ ମସିହା ବେଳର ଇତିହାସ । ମାନ୍ଦ୍ରାଜର ବ୍ରିଟିଶ୍ ଗଭର୍ଣ୍ଣର ଏହି 'ପୋଷାକ ପଞ୍ଜିକା'କୁ ପରିବର୍ତ୍ତନ କରିବାର ପ୍ରଥମ ପ୍ରୟାସ କଲେ । ଖ୍ରୀଷ୍ଟଧର୍ମ ଗ୍ରହଣ କରୁଥିବା ହରିଜନ ମହିଳାମାନେ ସେମାନଙ୍କ ଛାତି ଓ କାନ୍ଧ ଘୋଡ଼ାଇ ପାରିବେ ବୋଲି ସେ ନିର୍ଦ୍ଦେଶ ଦେଲେ । ଏଥିପାଇଁ ୧୯୫୦ ଓ ୬୦ ଦଶକରେ ବହୁ ଚକ୍କିଲିୟାନ୍ ଖ୍ରୀଷ୍ଟିଆନ୍ ଧର୍ମକୁ ରୂପାନ୍ତରୀତ ହୋଇଥିଲେ । କିନ୍ତୁ ଧର୍ମାନ୍ତରୀକରଣ ସେମାନଙ୍କ ସାମାଜିକ ସ୍ଥିତି ଓ ମର୍ଯ୍ୟାଦାରେ ବିଶେଷ ପରିବର୍ତ୍ତନ ଆଣିପାରିନାହିଁ ।

ଏମାନେ ହେଉଛନ୍ତି ଏକମାତ୍ର ସଂପ୍ରଦାୟ ଯେଉଁମାନଙ୍କ ସାମାଜିକ ଉତ୍‌ଥାନ ପାଇଁ ସରକାରୀ ସ୍ତରରେ ଆନ୍ତିରକ ପ୍ରଚେଷ୍ଟା ହୋଇଛି, ଦରିଦ୍ରଙ୍କ ମଧ୍ୟରେ ଦରିଦ୍ରତମ ଏବଂ ଦଳିତଙ୍କ ମଧ୍ୟରେ ଦଳିତତମ ଭାବେ ସ୍ୱୀକୃତି ଜଣାଇ ୧୯୮୧ରେ ସରକାର ଏହି ଗ୍ରାମରେ କିଛି ଅନାବାଦି ଜମି ଚିହ୍ନଟ କରି ସେମାନଙ୍କ ପାଇଁ ଘର ତୋଳାଇ ଦେବାର ଉଦ୍ୟମ କଲେ । ମାତ୍ର ମିଶାଲର ଧନିକବର୍ଗ, ଭୂମିଧାରୀ ସାହୁକାରମାନେ ତତ୍‌କ୍ଷଣାତ୍ ଏହାର ବିରୋଧ କଲେ । ପ୍ରାୟ ପାଞ୍ଚବର୍ଷ ଧରି ଉତ୍ତେଜନା ଅବ୍ୟାହତ ରହିଲା ଏବଂ ୧୯୮୬ରେ ଚୂଡ଼ାନ୍ତ ଭାବେ ସେମାନଙ୍କୁ ପ୍ରଭାବିତ କରି ଗୃହନିର୍ମାଣ ପାଇଁ ଜମି ସେମାନଙ୍କୁ ହସ୍ତାନ୍ତରୀତ ହେଲା । ଫଳସ୍ୱରୂପ ୩୦ରୁ ଉର୍ଦ୍ଧ୍ୱ ପରିବାର ସଂପ୍ରତି ବାସଗୃହ କିମ୍ୱା ସେଥିପାଇଁ ଜମି ପାଇଛନ୍ତି । ସମାନ ସଂଖ୍ୟକ ପରିବାର ସେତକ ସୁବିଧାରୁ ଏବେ ବି ବଞ୍ଚିତ । ସରକାରଙ୍କ ପକ୍ଷରୁ ଜାତିଗତ ବୈଷମ୍ୟ ବିରୋଧରେ ପଦକ୍ଷେପ ସତ୍ତ୍ୱେ ସାମଗ୍ରିକ ଭାବେ ସେମାନଙ୍କ ଆର୍ଥିକ କି ସାମାଜିକ ସ୍ଥିତିରେ ପରିବର୍ତ୍ତନ ଘଟିନାହିଁ ।

ରାମନାଦ ଜିଲ୍ଲାର ଜନସଂଖ୍ୟାର ୧୮ ଶତାଂଶ ହେଉଛନ୍ତି ହରିଜନ ଏବଂ ସେଥିରୁ ୯୦ ଶତାଂଶରୁ ଅଧିକ ଲୋକେ ମିଶାଲ ଭଳି ଗ୍ରାମାଞ୍ଚଳରେ ରହନ୍ତି । ଜନଗଣନା ପରିସଂଖ୍ୟାନ କହେ : ପ୍ରାୟ ପ୍ରତି ତିନିଜଣରୁ ଜଣେ ହେଉଛନ୍ତି ଭୂମିହୀନ କ୍ଷେତ ମଜୁରିଆ । ଅନ୍ୟମାନେ ମୁଖ୍ୟତଃ ନାମମାତ୍ର ଚାଷୀ ଓ ଭାଗଚାଷୀ । ନବେ ଦଶକର ପ୍ରଥମାର୍ଦ୍ଧରେ ଜଣେ ତାଲିମ ପ୍ରାପ୍ତ ଯୁବ ଆଇ.ଏ.ଏସ୍ ଅଫିସର ରାମନାଦ ଜିଲ୍ଲାର ଅଶୀରୁ ଉର୍ଦ୍ଧ୍ୱ ଗ୍ରାମରେ ଏକ ଅଧ୍ୟୟନ କରିଥିଲେ । ଏକ ଗୁରୁତ୍ୱପୂର୍ଣ୍ଣ ମାତ୍ର ବିମର୍ଷକର ରିପୋର୍ଟରେ ସେ ବିସ୍ମୟାଭିଭୂତ ହୋଇ ଲିପିବଦ୍ଧ କରିଛନ୍ତି : "ଅର୍ଦ୍ଧାଧିକ ହରିଜନ ପରିବାରରେ ମୁଁ ଦେଖିଲି ତାଙ୍କର ଲୁଗାପଟା, ବାସନକୁସନ ଭଳି ଘରକରଣା ସାମଗ୍ରୀର ମୂଲ୍ୟ ଶହେ ଟଙ୍କାରୁ ବି କମ୍ ।" ସେଥିମଧ୍ୟରେ ଲଙ୍ଗଳ, ଯୁଆଳି, ମଇ ଭଳି କୃଷି ଉପକରଣକୁ ଅବଶ୍ୟ ଅନ୍ତର୍ଭୁକ୍ତ କରାଯାଇନଥିଲା ।

Digitized by srujanika@gmail.com

ମିଶାଲ ଗାଁର ମୋଚିଙ୍କ ପାଇଁ ସରକାରୀ ଚାକିରି ସୁଯୋଗ ହେଉଛି ଶୂନ ଏବଂ ଚାଷ ଜମି ନାମରେ ସେମାନଙ୍କର ଗୁଣ୍ଠେ ମଧ୍ୟ ନାହିଁ । ଏପରିକି ବିବାହ, ବ୍ରତ, ଶୁଦ୍ଧିକ୍ରିୟାରେ ସେମାନେ ଯୋଡ଼ି ନାଗରା, ଠୋଲକି ବଜାଇବାର ପାରମ୍ପରିକ ଭୂମିକା ମଧ୍ୟ ସାଂପ୍ରତିକ ସମୟରେ ହ୍ରାସ ପାଇଚାଲିଛି । ବାଦ୍ୟଯନ୍ତ୍ରର ମରାମତି ପାଇଁ ପାଣ୍ଠିର ଘୋର ଅଭାବ ଯୋଗୁଁ ଯାହା କିଛି ବାଜା ଥିଲା, ସେସବୁ ଖତ ଖାଇଲା ପରି ପଡ଼ିରହିଥିବା ଦେଖିଲୁ । ''ଯଦି ଏଗୁଡ଼ିକ ସଜାଡ଼ି ହୁଅନ୍ତା, ତେବେ ଆମେ ବଡ଼ ବଡ଼ ଉତ୍ସବ, ବିଭାଘରରେ ବଜାଇ ୭୫୦ ଟଙ୍କା ଯାଏ ଉପାର୍ଜନ କରନ୍ତୁ । ଏବେ ସେତକ ଆୟ ମାଡ଼ ଖାଇଗଲା ।'' –ଦୀର୍ଘଶ୍ୱାସ ପକାଇ କହିଲେ ସାନମୁଘମ୍ । ସେ ଓ ପୁନ୍ନଛି ମିଶି ପୂର୍ବେ ଏକ ବ୍ରାସ୍‌ବ୍ୟାଣ୍ଡ ପାର୍ଟି ଗଢ଼ିଥିଲେ ।

ସୁଦୂର ଅତୀତ ୧୮୭୧ରେ କ୍ରୀତଦାସ ପ୍ରଥା ଉପରେ ଏକ ଟିପ୍‌ପଣୀଦେଇ ତତ୍‌କାଳୀନ ମାନ୍ଦ୍ରାଜର ଜନଗଣନା କମିଶନର ଲେଖିଥିଲେ : 'ଚକ୍କିଲିୟାନ୍‌ମାନେ କେବଳ ଅସ୍ପୃଶ୍ୟ ନୁହଁନ୍ତି । ଉଚ୍ଚବର୍ଗର ମଣିଷଙ୍କର ସେମାନେ ସର୍ବାନ୍ତକରଣରେ କ୍ରୀତଦାସ । କୌଣସି ଜଣେ ପରିବାର ଏହାର ବ୍ୟତିକ୍ରମ ନୁହନ୍ତି ।'

ଇତି ମଧ୍ୟରେ ବିତିଯାଇଛି ୧୩୦ ବର୍ଷ । ତଥାପି ସେମାନଙ୍କ ଭାଗ୍ୟରେ ସାମାନ୍ୟତମ ସୂର୍ଯ୍ୟୋଦୟ ଘଟିନାହିଁ । ସେମାନଙ୍କ ଜୀବନର ଆକାଶ ସଦା ମେଘାଛନ୍ନ, ସେଠି ତାରାଟିଏ ବି ଉଙ୍କି ମାରେନା । ଜୀବିକାର ଅନ୍ୱେଷାରେ ସେମାନେ ଚିର ଅନ୍ଧକାର ସୁଡ଼ଙ୍ଗର ଯାତ୍ରୀ । ଦରମା ଓ ଭତ୍ତା ପାଉଥିବା କ୍ରୀତଦାସ; ଯାହାର ଗାଥା 'ଟମ୍ କକାଙ୍କ କୁଟୀର' ଉପନ୍ୟାସ ଠାରୁ କମ୍ ବେଦନାସିକ୍ତ, ବିୟୋଗାନ୍ତକ ନୁହେଁ !!

ଗୋତିଶ୍ରମିକ ପ୍ରଥା ଏଠାରେ ରହିଛି ଏବଂ ରହିଛି ଅନ୍ୟତ୍ର ଭିନ୍ନ ଭିନ୍ନ ରୂପରେ ଭାରତର ବିଭିନ୍ନ ପ୍ରଦେଶରେ । ଯେତେ ନଗଣ୍ୟ ରୂପେ ଏହାକୁ ଦର୍ଶାଗଲେ ବି; ସମ୍ବାଦପତ୍ର ଏହା ଉପରେ ନୀରବ ଓ ନିଷ୍କ୍ରିୟ ରହିଲେ ବି ଏହା ଆମ ସମାଜରୁ ଏତେଶୀଘ୍ର ଲୋପ ପାଇବାର ନାହିଁ । ତାମିଲନାଡୁ ସରକାର କହନ୍ତି : କାଁ ଭାଁ କେଉଁଠି ତାଙ୍କ ରାଜ୍ୟରେ ଗୋତି ପ୍ରଥା ରହିଛି । ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଏକ କମିଶନ ଆକଳନ କରି କହିଥିଲେ ତାମିଲନାଡୁରେ ରହିଛନ୍ତି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଗୋତିଶ୍ରମିକ । ଏବଂ ଏହି ପ୍ରଥାର ମୂଳାଧାର ହେଉଛି ସେହି ପୁରୁଣା ବ୍ୟାଧି : କରଜ ବା ଋଣ-ଯନ୍ତା ।

ତାମିଲନାଡୁର ୨୩ଟି ଜିଲ୍ଲା ମଧ୍ୟରୁ ପ୍ରତି ଜିଲ୍ଲାରେ ୨୦ ଜଣ ଗୋତି ଶ୍ରମିକଙ୍କୁ ଆଧାର କରି କମିଶନ ପକ୍ଷରୁ ଅନୁଧାନ ଅନୁଷ୍ଠିତ ହୋଇଥିଲା । ସଂପୃକ୍ତ ରାଜ୍ୟ ସରକାରଙ୍କ ଦୃଷ୍ଟିଭଙ୍ଗୀର ମୂଢ଼ତା ନେଇ କଠୋର ମନ୍ତବ୍ୟ ଦେଇଥିଲେ କମିଶନ :

Digitized by srujanika@gmail.com

''ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଦତ୍ତ ସବିଶେଷ ପରିସଂଖ୍ୟାନରେ ମେଳ ନାହିଁ ଏବଂ ଅନେକ ତଥ୍ୟ ମନଗଢ଼ା ।''

ତାମିଲନାଡୁ ପରି ଆନ୍ଧ୍ରରେ ମଧ ରହିଛି 'ଦାସୀ' ପ୍ରଥା ଏବଂ ଏହା ଉପରେ ବହୁଚର୍ଚ୍ଚିତ ଏକ ଚଳଚ୍ଚିତ୍ର ନିର୍ମିତ । ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ରହିଛି 'ଦେବଦାସୀ' ପ୍ରଥା ଆଳୁଆଳରେ ନାରୀକୁ ବେଶ୍ୟା ସଜାଇବାର ବର୍ବରତା । ଓଡ଼ିଶା ମଧ ଏ ଦିଗରେ ପଛୁଆ ନୁହେଁ । ପଶ୍ଚିମ ଓଡ଼ିଶାର ଗୋତି ପ୍ରଥା ଓ ଗଣିକାବୃତ୍ତି ଯେପରି ଭୟଙ୍କର, ଉପକୂଳ ଇଲାକାରେ ମଧ ଆର୍ଥିକ ଦୁସ୍ଥିତିରୁ ନାରୀ ସାଜେ ବାରଙ୍ଗନା । ସବୁଠିଁ ଋଣ ଓ ଶୋଷଣର ସେହି ଚିରାଚରିତ ଚକ୍ରବ୍ୟୂହ । ଏ ବିଶାଳ ପୃଥିବୀରେ ପଶୁପକ୍ଷୀଙ୍କ ପାଇଁ ପଡ଼ିଛି ବିସ୍ତୀର୍ଣ୍ଣ ଚରାଭୂଇଁ; ସେମାନଙ୍କୁ ଦାନା ସଂଗ୍ରହ ପାଇଁ ଋଣୀ ହେବାକୁ ପଡ଼େନା । ମାତ୍ର ମଣିଷଟିଏ ହିଁ ଶୋଷଣ କରିଥାଏ ନିଜ ପ୍ରଜାତିର ମଣିଷଟିକୁ ଏବଂ ସେଥି ପାଇଁ ବସାଇଥାଏ ଋଣ-ଯନ୍ତା । ଏଡ଼େବଡ଼ ମାଟିର ବିଛଣା, ଆକାଶର ଛାତ ତଳେ ପଶୁପକ୍ଷୀ ନିର୍ଭୟରେ ରହିପାରୁଥିବା ବେଳେ ମଣିଷଟିଏକୁ ଆଶ୍ରା କରିବାକୁ ପଡ଼େ ଅନ୍ୟ ମଣିଷଟିର ଅନୁଗ୍ରହ ଓ ଅନୁକମ୍ପା !! ମୁଠେ ଅଇଁଠା ଭାତ ବିନିମୟରେ କୁଆଁରୀ କନ୍ୟାକୁ ନିର୍ବିବାଦରେ ସମର୍ପି ଦେବାକୁ ପଡ଼େ ତା'ର ନିଷ୍ପାପ ଦେହ ।

❖ ❖ ❖

Digitized by srujanika@gmail.com

ସାମନ୍ତବାଦର ପ୍ରତ୍ୟାବର୍ତ୍ତୀ ପ୍ରେତାତ୍ମା

ଏକଦା ତା'ର ପଚିଶ ଏକର ଜାତିଆ ଜମି ଥିଲା, ଜମିରେ ଗହ ଗହ ଫସଲ ଲୋଟୁଥିଲା । ଥିଲା ଖଞ୍ଜାଘର, ବାଡ଼ି ବଗିଚା । ପାଳକ ଭଲ ଥିଲେ ବର୍ଷକର ଫସଲରେ ତିନିବର୍ଷ ଯାଏ ଅମାର ଭରି ରହୁଥିଲା । ସେ ଥିଲା ସେ ଗାଁର ଜଣେ ସମ୍ଭ୍ରାନ୍ତ, ମାନ୍ୟଗଣ୍ୟ ଚାଷୀ । ଅଥଚ ଆଜି ସିଏ ସେ ଅଞ୍ଚଳର ଅନ୍ୟତମ ଦରିଦ୍ର ନିଃସ୍ୱ ଚାଷୀ । ପୂର୍ବତନ କଳାହାଣ୍ଡି ଓ ସାଂପ୍ରତିକ ନୂଆପଡ଼ା ଜିଲ୍ଲାର ଖରିଆର ବ୍ଲକ୍‌ର ଅମ୍‌ଲାପାଲ୍ଲୀ ଗାଁର ବିରଞ୍ଚି ପ୍ରଧାନ । ତାଙ୍କ ପରିବାରର ଏପରି ଦୁଃସ୍ଥିତି ଆସିଲା କେମିତି ?

ସଳଖ ଓ ସରଳ ଉତ୍ତର : ସାହୁକାରର ଋଣ-ଯନ୍ତା । ଗ୍ଲାନି ଓ ଅନୁଶୋଚନାରେ ଭାରାକ୍ରାନ୍ତ ହେଲା ଭଳି କାକୁସ୍ଥ ଭଙ୍ଗୀରେ କହେ ବିରଞ୍ଚି : ''ଦି' ଏକରକୁ ଛାଡ଼ି ଆମର ସବୁ ଜମି ସାଉକାର ପାଖେ ବନ୍ଧକୀ ପଡ଼ିଛି । ସବୁଥର ଅପାଳକ ପଡ଼ିଲେ ଆମେ ଜୀବନ ଧରିବାକୁ ଜମି ବନ୍ଧକୀ ଦେବାକୁ ବାଧ ହେଉ । ମୋ ବାପାଙ୍କ ଅମଳରୁ ଏକଥା ସୁରୁ ହୋଇଛି । ୧୯୬୫ର କରାଳ ଦୁର୍ଭିକ୍ଷ ବେଳେ ପଚାଶ ଟଙ୍କା ଉଧାର ଆଣି ପହିଲି ଜମି ବନ୍ଧା ପଡ଼ିଲା ।''

ଆଜି ସବୁ ଜମିର କବଲା ପାଉତି ବିରଞ୍ଚି ନାମରେ ଥିଲେ ବି, ଆଇନତଃ ପଚିଶ ଏକର ଜମିର ମାଲିକାନା ଥାଇ ମଧ ତା'ର ନିଜ ଅକ୍ତିଆରରେ ରହିଛି ମାତ୍ର ଦୁଇ ଏକର । ବିଭିନ୍ନ ଫାନ୍ଦ ଓ ମାର୍ଗରେ ପ୍ରାୟ ତିନି ଚାରିଜଣ ସାହୁକାରଙ୍କ ପାଖରେ ବନ୍ଧା ପଡ଼ିଛି ଅବଶିଷ୍ଟ ଜମି । ଯେଉଁଥିରେ ଚାଷ କରି ଅମଳ ନିଏ ସାହୁକାର-ଜମିଦାର ଏବଂ ଯାହା କବଳରୁ ଜମି ଫେରି ପାଇବା ଏକ ଦିବାସ୍ୱପ୍ନ । ଏମିତି ବିଡ଼ମ୍ବିତ ଭାଗ୍ୟ ଓ ଭବିତବ୍ୟକୁ ନେଇ ବିରଞ୍ଚି ପରି ବଞ୍ଚିଛନ୍ତି ଅଗଣିତ ପରିବାର । ଆଖି ଆଗରେ ନିଜ ପୈତୃକ ସଂପତ୍ତିରୁ ଭରା ଫସଲ ଉଠାଇ ନେଉଥିବ ସାଉକାର; ମାତ୍ର ଜମିର ମାଲିକ ଥିବ ନାଚାର, ନିରୁତ୍ତର ।

ନୂଆପଡ଼ା ଜିଲ୍ଲାରେ ଏବଂ ପୂର୍ବତନ କଳାହାଣ୍ଡି ଗଡ଼ଜାତରେ ଭେଡ଼େନ୍ ହେଉଛି ସର୍ବାଧିକ ଅନୁନ୍ନତ ବ୍ଲକ୍ । ଏଠାରେ ମଧ ମହାଜନ ଓ ସାଉକାରଙ୍କ ରହିଛି ପୂର୍ଣ୍ଣ ନିୟନ୍ତ୍ରଣ । ଭଗବାନ, ଲକ୍ଷ୍ମୀଧରଙ୍କ ଭଳି ବହୁ ଚାଷୀ ବେଶ୍ କିଛି ହାତ ଉଧାରି ନେଇଛନ୍ତି ସାଉକାର ଠାରୁ ଏବଂ ପୁଣି ଅପାଳକ, ଶୁଖା ପଡ଼ିଲେ ସେମାନେ ଋଣ ପାଇଁ ସେହି ମହାଜନର ଦ୍ୱାରସ୍ଥ ହୁଅନ୍ତି ବାରମ୍ବାର । ତା'ର ଦୟା ହିଁ ହେବ ସେମାନଙ୍କର ଏକମାତ୍ର ଆଶ୍ରୟ, ବରାଭୟ । ଏହା ସତ୍ତ୍ୱେ ସେମାନେ ତାଙ୍କର ଖରିଆରର ଚାଷୀଭାଇଙ୍କ ଠାରୁ

Digitized by srujanika@gmail.com

ଅଧିକ ଭାଗ୍ୟବାନ । କାରଣ କରଜ ଆଣି ପ୍ରତିବଦଳରେ ସେମାନେ ଜମି ବନ୍ଧକୀ ଦେଇନାହାନ୍ତି । ସାଉକାର ଉପରେ ନିବିଡ଼ ନିର୍ଭରଶୀଳତା ସତ୍ତ୍ୱେ କେହି ହରାଇନାହାନ୍ତି ସୂଚ୍ୟଗ୍ରେ କ୍ଷେତବାଡ଼ି । କିମ୍ବା ଭବିଷ୍ୟତରେ ସେପରି ହେବାର ଆଶଙ୍କା ମଧ୍ୟ ନାହିଁ ।

ଏ କଥାଟି କେମିତି ବଡ଼ ବିଚିତ୍ର ଓ ବିସ୍ମୟକର ଲାଗେ । ସିନାପାଲି ବ୍ଲକ୍‌ର ଘଟଣା ଲାଗେ ଆହୁରି କୌତୁହଳପ୍ରଦ । ଏଠାରେ ନା ଜମି, ନା କଂସାବାସନ ନା ସୁନାଗହଣା କିଛି ବନ୍ଧକୀ ନଦେଇ ଚାଷୀଙ୍କୁ ଅକାତରେ ଋଣ ଟଙ୍କା ବଢ଼ାଇ ଦିଏ ମହାଜନ । ରକ୍ତଶୋଷା ରୂପେ ଖ୍ୟାତ ଏ ସୁଧଖୋର୍ ସାଉକାରଙ୍କ ଏହା ଯେପରି ଅଭାବିତ ନିଃସ୍ୱାର୍ଥପରତା ଓ ପରମ ଦୟାନୁ ପ୍ରତିମୂର୍ତ୍ତି–ଏଥିରୁ ଫାଇଦା ଉଠାଉଛନ୍ତି ଜଗତ, ବକ୍ରଧନ ଓ ବଂଧୁ ପରି ଅନେକ ହରିଜନ ।

ସାହିତ୍ୟିକ ଓ ସମାଜସେବୀଙ୍କ ପାଇଁ ଏହା ଚିନ୍ତାର ଖୋରାକ । ଏପରି ଉଦାର ପଣରେ କିଛି ଗହନ ଅର୍ଥ ଅଛିକି ? ହଁ ଅଛି, ପ୍ରଚୁର ରହିଛି । ପ୍ରତି ବ୍ଲକ୍ ପାଇଁ ସାହୁକାରର ଟଙ୍କା ଲଗାଣର ତରିକା ଓ ଇସ୍ତାହାର ଭିନ୍ନ ଭିନ୍ନ ପ୍ରକାର । ସେମାନେ ଭଲ ଭାବେ ଅଧ୍ୟୟନ ଓ ଅନୁଧ୍ୟାନ କରିଛନ୍ତି ଜମିର ପ୍ରକାରଭେଦ–ନିପାଣିଆ ନା ସରସା; ଜଳସେଚନ, ଗମନାଗମନ ଭଳି ସୁବିଧାର କରିଛନ୍ତି ସୁମାରି; ଚାଷୀକୁ ମନେଇବାର, ପେଞ୍ଚ ମୋଡ଼ିବାର ସମ୍ଭାବ୍ୟ ପଦ୍ଧତିମାନଙ୍କ ଉପରେ ଅଛନ୍ତି ସବିଶେଷ ଭାବେ ଅବଗତ । ଏହି ବର୍ଣ୍ଣବୋଧ ଓ ବ୍ୟାକରଣକୁ ଧରି ତାଙ୍କ ହାତ ଉଧାରି ଚାହାଳୀର ଖଡ଼ିପାଠ ଆରମ୍ଭ ହୁଏ । ଚାହାଳୀରେ ଚାଟ ଭର୍ତ୍ତି ହେବା ପରେ ପାଠ ଅପେକ୍ଷା ଛାଟ ହୋଇପଡ଼େ ବୈଦିକ ନିୟମ ।

ଭେଡ଼େନ୍‌ର କଟଗାଁର ଆଦିବାସୀ ଶ୍ରମଜୀବି ଭଗବାନ ଏହାର ଏକ ମାର୍ମିକ ଆଲେଖ୍ୟ ବାଢ଼ନ୍ତି : "ଆମର ଜମି ଟାଙ୍ଗର ଆଉ ନିପାଣିଆ, ପାହାଡ଼ିଆ ମାଟିକୁ ଚଷିବ କିଏ ? ଆକାଶରୁ ବରଷା ଝରିଲେ ଯାଇ ଫସଲ ହବ । ନିରସା, ଟାଣୁଆ ମାଟିରେ ପୁଣି ଫସଲ ପାଲଟେ ଅଧା ଅଗାଡ଼ି । ପାଣି ନ ଝରିଲେ ମରୁଡ଼ି, ହାହାକାର । ତେଣୁ ସାଉକାର ଜମି ବଦଳରେ ଫସଲକୁ ନିଏ ।" ଏହା ବାହାରେ ଏ ଅଞ୍ଚଳକୁ ରାସ୍ତାଘାଟ ସୁବିଧା ନାହିଁ । ନିକାଞ୍ଚନ ଇଲାକା । ଏପରିକି ଚାଷବାସ ଋତୁରେ ବି ସବୁଦିନ ଏଠିକି ଆସିବାକୁ ସେ ଡରିବ । ନାମକୁମାତ୍ର ଜଳସେଚନ ସୁବିଧା ଏ ଅଞ୍ଚଳରେ ଅଛି । ତେଣୁ ଏ ମୁଲକର ଚାଷୀ କରଜ ଆଣି ବେଶି ଜମି ହରାଇ ନାହାନ୍ତି । ସାଉକାର ସେପରି ନିପାରିଲା, ନିରସା ଜମି ନେଇ କରିବ କ'ଣ ? ତେଣୁ ଭଗବାନ ଆଣିଥିବା ଋଣ ବାବଦରେ ପ୍ରଥମେ ଧାନ ମାପିଦେଇ ଶୁଝିଲା । ତା'ପରେ ସେଇ ସମାନ ସାଉକାରକୁ ବଳକା ଆଠବସ୍ତା ଧାନ ତରବରିଆରେ ବିକିଦେଲା । "ମୋ ପରିବାରରେ

Digitized by srujanika@gmail.com

ଟଙ୍କା ଦରକାର ଥିଲା । ଲୁଣ ଠୁଁ ଲୁଗା ଯାଏ କିଣା ହେବ । ତେଣୁ ଯେତେ ସଅଳ ବିକିଲେ ଅନ୍ୟ ଗୁଳୁରାଣ ମେଣ୍ଟିବ ।'' —କହିଲେ ଭଗବାନ । ସୁତରାଂ ତାଙ୍କୁ କିଲୋଗ୍ରାମକୁ ମାତ୍ର ୨ ଟଙ୍କା ଦର୍‌ରେ ଧାନ ବିକିବାକୁ ହେଲା ।

ଗୋବର୍ଦ୍ଧନ ଚିଣ୍ଡା କହନ୍ତି ତାଙ୍କର ସଚ୍ଚଳ କାହାଣୀ : ସିଏ ଆଣିଥିଲେ ସାଉକାର ଠୁଁ ମାତ୍ର ବସ୍ତାଏ ଧାନ ବିହନ । ଏଥିପାଇଁ ତାଙ୍କୁ ଦେବାକୁ ପଡ଼ିଲା ସମୁଦାୟ ଫସଲରୁ ଅଧେ । ଏକଥା କିପରି ମନେହେଲା ଅବିଶ୍ୱାସମୟ । ଏକରେ ଜମିର ଅଧା ଫସଲ ମାରିନେବ ବସ୍ତାଏ ବିହନ ବଦଳରେ ଜଣେ ଲୋକ ! ଚାଷୀର ହଳବଳଦ, ଖତ, ଜଗାରଖା, ପାଣିମଡ଼ା, ଫସଲକଟା, ଅମଳ—ଏସବୁ ହାଡ଼ଭଙ୍ଗା ମେହେନତିର କ'ଣ ମୂଲ୍ୟ କିଛି ନାହିଁ ? କିନ୍ତୁ ଦୀର୍ଘ ସମୟ ଧରି ବହୁ ଚାଷୀଙ୍କ ସହ ଆଳାପ, ଆଲୋଚନା ପରେ ଜଣାପଡ଼ିଲା କଥାର ସତ୍ୟତା । ଗୋବର୍ଦ୍ଧନ କେବଳ ଏକମାତ୍ର ଦୃଷ୍ଟାନ୍ତ ନୁହେଁ, ବହୁ ପଡ଼ା ଓ ବସ୍ତିରେ ତା'ପରି ବିଡ଼ମ୍ବନାମୟ ଭାଗ୍ୟ ଭୋଗୁଛନ୍ତି ଶହ ଶହ ନାଚାର ମଣିଷ ।

ପିଲା କୁଟୁମ୍ବଙ୍କ ଭୋକ ଆତୁର ମୁହଁରେ ଦାନା ମୁଠେ ଦେବାର ଅସହାୟତା ସବୁବେଳେ କରଜ କରିବାକୁ ବାଧ କରେନା, 'ବିକଳ୍ପ' ସଂଗଠନର ଡଃ ଏସ୍.କେ. ପଟ୍ଟନାୟକଙ୍କ ଭାଷାରେ : ''ଚାଷବାସ ନଥିବା ଋତୁରେ ଚାଷୀ ହାତବାନ୍ଧି ବସିଥିଲା ବେଳେ ମହାଜନ ସେମାନଙ୍କୁ ଧାନ ଦେଇଥାଏ କରଜ ଆକାରରେ ଏବଂ ଫସଲ ଅମଳ ପରେ ସେ ଧାନ ଆକାରରେ ହିଁ ସୁଧ ମୂଳ ଅସୁଲ କରିନିଏ । କିଛି ଅଂଶ ତ ଋଣ ଶୁଝାରେ ଯାଏ, ମାତ୍ର ଚଟାପଟ୍ ଆଉକିଛି ଧାନ ବିକି ନଗଦ ଟଙ୍କା ପାଇବା ଲକ୍ଷ୍ୟରେ ସେଇ ସମାନ ମହାଜନକୁ ଅବଶିଷ୍ଟ ଧାନ ଦାୟରେ ପଡ଼ି ବିକେ ଚାଷୀ ।''

''ବିଡ଼ମ୍ବନା ଯେ ଚାଷୀଙ୍କ ଠାରୁ ନେଇଥିବା ସମାନ ଧାନକୁ ନିଜ ଗୋଦାମରେ ରଖି ସେଇ ଧାନକୁ ପୁଣି ଡିରୋଟ ବେଳେ ଚାଷୀଙ୍କୁ କରଜ ଲଗାଏ ସାଉକାର । କେବଳ ପାର୍ଥକ୍ୟ ହେଉଛି ଅମଳ ଋତୁରେ ନାମକୁ ମାତ୍ର ମୂଲ୍ୟରେ ମହାଜନ ଧାନ କିଣେ ଏବଂ ଚଢ଼ା ଦର୍‌ରେ ସେଇ ଚାଷୀଙ୍କୁ ଋଣ ଆକାରରେ ଡିରୋଟ ସମୟରେ ଧରାଏ । ଏପରି ଋଣର ଚକ୍ରବ୍ୟୂହରୁ ଚାଷୀ ତା' ଜୀବନ ସାରା ମୁକୁଳି ପାରେନା ।''

ସ୍ୱାଭାବିକ ଧାରାରେ ଖାଇପିଇ, ଘର ଛାଉଣୀ କରି ଢୋକେ ପିଇ ଦଣ୍ଡେ ଜୀଇଁବାରେ ଜୀବନର ସମସ୍ୟା ଶେଷ ହୁଏନା । ଜୀବନ ତାକୁ ଝୁଣେ । ଘରେ କିଏ ବେମାର ପଡ଼ିଲେ ପୁଣି ସିଏ ସାଉକାର ଓଳିତଳେ ଗୋଡ଼ ଭାଙ୍ଗି ଓଁଆ ହୁଏ । ଅନାବୃଷ୍ଟି, ମିତବୃଷ୍ଟି ନେଇ ଅନେକ ସମୟରେ ଫସଲହାନୀ ଏ ଅଞ୍ଚଳର ଏକ ଧାରାବାହିକ ବ୍ୟାଧି ବେଳେ ମ୍ୟାଲେରିଆ ଫସଲରେ କେବେ ମରୁଡ଼ି ପଡ଼ିଥିବା କେହି ଜାଣନ୍ତି ନାହିଁ । ଏମିତି ଗାଁ ନାହିଁ କି ଏମିତି ପରିବାର ନାହିଁ, ଯେଉଁଠି କେହି କେବେ ମ୍ୟାଲେରିଆରେ

Digitized by srujanika@gmail.com

ଆକ୍ରାନ୍ତ ହୋଇନାହିଁ । ତେଲ ଲୁଣ ସଂସାରର ଦାଉରେ ସାଉକାର ପାଖକୁ ଯିବା ଏକ ଜଣାଶୁଣା ଓ ସ୍ୱଚ୍ଛନ୍ଦ ଶୃଙ୍ଖଳିତ ପଥ ହୋଇଥିବା ବେଳେ ରୋଗ ବ୍ୟାଧିର ଶିକାର ହୋଇ ଔଷଧ ଓ ଡାକ୍ତରୀ ଖର୍ଚ୍ଚ ମେଣ୍ଟାଇବା ଚାହିଦାରେ ଚାଷୀଟି ଅବଶେଷରେ ଛନ୍ଦି ହୁଏ ଯାଉ କରଜ ଜାଲରେ । ଅବଶ୍ୟ ଧାନ ଋଣ ଭଳି ଓଷଦ-ପଥି ଋଣ ଉପରେ ସୁଧହାର ଏତେ ଚଢ଼ା ନୁହେଁ, ତେବେ ସେମିତି କମ୍ ମଧ ନୁହେଁ । ଔଷଧ କିଣିବା ପାଇଁ ବାଘସିଂ ହାତ ଉଧାରି ଆଣିଥିଲା ୧୦୦ ଟଙ୍କା ଏବଂ ବର୍ଷ ଶେଷରେ ଫେରାଇଲା ୨୨୦ ଟଙ୍କା ।

ଭୋକ ଅବଶ୍ୟ ଏଠାରେ ରହିଛି ମୌଳିକ ଉତ୍ପାତ ହୋଇ । ଦୁଇଟି ବ୍ଲକ୍‌ର ଅନେକ ଗ୍ରାମରେ ଆମେ ଦେଖିଲୁ ସୁଧହାର ୧୨୦ରୁ ୩୮୦ ଶତାଂଶ । କିନ୍ତୁ ଏହି ହାର, ସୁଧ ଶତାଂଶର ଅଙ୍କକଷା ନିରର୍ଥକ ହୋଇପଡ଼େ ଗୋଟିଏ ସୀମାବନ୍ଧ ଅତିକ୍ରମ କଲାପରେ । ସେ ଋଣ ପରିଶୋଧ କରିବାର ସାମର୍ଥ୍ୟର ବନ୍ଧ । ନିରନ୍ତର ଜୀବନ ସଂଗ୍ରାମର ତପ୍ତ ମରୁରେ ନାଗଫେଣି କି ସିଝୁ ଯେଉଁଠି ଆଉ ଉଧେଇ ପାରେନା, ସେଠି ଡହ ଡହ ଖରାରେ ଛାଇ ଦେବାକୁ ବଟବୃକ୍ଷଟିଏ ଖୋଜିବା ହେବ ନିର୍ବୋଧତା । ତେଣୁ ତତଲା ବାଲି ଉପରେ ଝାଉଁଳା, ପୋଡ଼ା ଘାସ ହୋଇ ବଞ୍ଚିରହେ ଚାଷୀ । ସେଠି ଶହେ ଟଙ୍କାରେ ସୁଧହାର ବାର୍ଷିକ ୧୨୦ କି ୩୮୦ ଟଙ୍କାର ଅର୍ଥ କିଛି ନଥାଏ । ତେବେ, ଭେଡ଼େନ ପରି ମୁଲକରେ ଦେଖିବାକୁ ମିଳେ ବସ୍ତାଏ ବିହନ ପାଇଁ ଅଧ ଏକର ଜମିର ଫସଲ ମାରିନିଏ ମହାଜନ ।

କଥାଟିର ଲୁଚ୍ଚାୟିତ ମର୍ମାର୍ଥ ବୁଝାଇ ଦିଅନ୍ତି ହରିଗୁଣ ଚିଣ୍ଡା : ''ଏଠି ଜମିର କିଛି କିମତ ନାହିଁ କି ଦରକାର ବି ନାହିଁ, ଜଣଙ୍କ ହାତରେ ପାଞ୍ଚବସ୍ତା ଧାନ ଥିଲେ ତା'ର ମୂଲ୍ୟ ପାଞ୍ଚମାଣ ଜମିଠାରୁ ବି ଅଧିକା । ଦାୟରେ ପଡ଼ିଥିବା, ଭୋକରେ ସଢୁଥିବା ଚାଷୀକୁ ଶିକାର ବନେଇ ହୁଏ ସେତକ ଧାନରେ ଏବଂ ମିଳେ ପ୍ରଚୁର ଲାଭ । ମୁନାଫା ହିଁ ମୁନାଫା । ହେଲେ ପାଞ୍ଚ ଏକର ଜମିର ମାଲିକାନା ଥାଇ ବି ଜଣେ ଚାଷୀର ଅବସ୍ଥା ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ପ୍ରାୟ ହୋଇଥିବ । ପାଞ୍ଚବସ୍ତା ଧାନରେ ଜଣେ ଚାଷୀ ଅତି କମ୍‌ରେ କୋଡ଼ିଏ ବସ୍ତା ଧାନ ପାଇଯିବ, ମାତ୍ର ୨୦ ଏକର ଜମି ଥାଇ ବି ଅପାଳକ ପଡ଼ିଲେ ସବୁ ହରାଇବାକୁ ପଡ଼ିବ । ତେଣୁ ଏ ଅଞ୍ଚଳରେ କାହିଁକି କିଏ ଜମି ରଖିବ ?''

ମହାଜନ ତା'ର ଭାଗ କାଟିନେଲା ଆଉ ଯାହା ବଳିଲା ଚାଷୀ ତାକୁ ନେଇ ହାଟରେ ପହଞ୍ଚିବା ଯାଏ କଥା ଯାଏନି । ହାଟବାରି ଦିନ ଚାରିକଡ଼ରୁ ହାଟକୁ ପଡ଼ିଥିବା ରାସ୍ତାରେ ମହାଜନ ଲୟେଇ ଦେଇଥାଏ ଧାନକିଣା କେନ୍ଦ୍ର । ଅଗମ୍ୟ, ତୀଖ, ପାହାଡ଼ି ରାସ୍ତାରେ ଧାନ ସଂଗ୍ରହ ପାଇଁ ମାପ ତରାଜୁ ଧରି ଜଗି ବସିଥାନ୍ତି ତା'ର ଗୁମାସ୍ତାଗଣ । ଏବଂ ସେମାନେ ବୁଝାଇ ଦିଅନ୍ତି ଏ କାରବାରର ମାନବୀୟ ଦୃଷ୍ଟିଭଙ୍ଗୀ : ''ଦେଖନ୍ତୁ, ଆଦିବାସୀ ଲୋକଟିକୁ ଏତେ ଲମ୍ବା ବାଟ ପାହାଡ଼ ଚଢ଼ି ହାଟରେ ପହଞ୍ଚିବାର କଷ୍ଟରୁ

Digitized by srujanika@gmail.com

ଆମେ ବଞ୍ଚାଇ ଦେଉଛୁ ।'' ନିଶ୍ଚୟ ବଞ୍ଚାଇ ଦଉଛନ୍ତି – ଓଜନରେ ପଥର ଛାଞ୍ଚ ପକାଇ, ତୁଣ୍ଡା ମୂଲ୍ୟରେ ଧାନ ମାପି ନେଇ ଏବଂ ଓଦା ରହିଛି କହି ଆଉ ସେରେ ଦି' ସେରେ ଅଧିକ ଗଡ଼େଇ ନେଇ । ଧର୍ମକଣ୍ଟା ତ, ଧର୍ମାବତାରମାନେ ପୁଣି ଧାନ କିଣୁଛନ୍ତି !

ଏ ପଦ୍ଧତି ଉପରେ ପ୍ରହାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଥମ ଥର ପାଇଁ ଖୋଲା ହେଲା ଏ ଅଞ୍ଚଳରେ ନିୟନ୍ତ୍ରିତ ବଜାର । ସରକାରୀ ଭାବେ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀ ଠୁଁ ଧାନ କିଣିବାକୁ ଉଦ୍ୟମ ହେଲା । ଦୃଷ୍ଟାନ୍ତ ସ୍ୱରୂପ, ସେ ବର୍ଷ ସରୁ ଧାନର ସର୍ବନିମ୍ନ ଦର୍ ଥିଲା ୩୧୦ ଟଙ୍କା ଓ ଅତିସରୁ ପାଇଁ ୩୩୦ ଟଙ୍କା । କିନ୍ତୁ ଚାଷୀ ପାଖରେ ଏ ଖବର ପହଞ୍ଚିଲା ବେଳକୁ ବେଶ୍ ବିଳମ୍ବ ହୋଇଯାଇଥିଲା । ସେତେବେଳକୁ ସେ ଏହାର ଅଧାଦାମ୍‌ରେ ଧାନ ବିକିସାରିଥିଲା ସାଉକାରକୁ ଏବଂ ମୁଣ୍ଡ କୋଡ଼ିବା ବ୍ୟତୀତ ତା'ର ଆଉକିଛି ଚାରା ନଥିଲା । ''ସରପଞ୍ଚଙ୍କ ଠାରୁ ମୁଁ ଏପରି ମଣ୍ଡି ଖୋଲିଥିବା ବିଷୟରେ ପହିଲି ଶୁଣିଲି । ସେତେବେଳେକୁ ମୋର ଆଉ ବିକିବାକୁ ବଳକା ଧାନ ନଥିଲା ।'' –ବଡ଼ ଅନୁତପ୍ତ କଣ୍ଠରେ କହେ ଭଗବାନ । ଏପରି ହତଭାଗାଙ୍କ ସଂଖ୍ୟା ଥିଲା ପ୍ରଚୁର । ଗାଁ ଲୋକେ କହନ୍ତି ସବ୍‌କଲେକ୍ଟର ସରୋଜ କୁମାର ଝା ଯେଉଁ ସୁ-ଉଦ୍ୟମ ଚଳାଇ ଏପରି ମଣ୍ଡି ଖୋଲିଲେ, ତାହା ଆମକୁ ବଞ୍ଚାଇଦବ । ଆସନ୍ତା ବର୍ଷ ଏହା ପୁଣି ଚାଲିଲେ ଆଉ ମହାଜନ କବଳରେ ଚାଷୀ ପଡ଼ିବ ନାହିଁ ।

ଯଦି ଜମି ବନ୍ଧକୀ ରଖିବା ଦିଏ ଖରିଆର୍ ମହାଜନିର ପରିଚୟ ଏବଂ ଅନୁର୍ବର ମାଟି ଓ ଫସଲହାନି ପାଇଁ ଭୋଡ଼େନ୍‌ରେ ଜମି ବନ୍ଧକୀ ନନେଇ ତଥାପି ମହାଜନ ଦେଇଚାଲେ ଚାଷୀକୁ ଋଣ, ତେବେ ସିନାପାଲି ବ୍ଲକ୍‌ର ଗୋପନ ଇସ୍ତାହାର କ'ଣ ? କାହିଁକି ସେଠାରେ ଜମି, ଫସଲ କି ବାସନକୁଶନ, ସୁନାଗହଣା ଭଳି ସାମଗ୍ରୀ ନଥାଇ ମଧ ସାହୁକାର ଅକାତରରେ ଋଣ ଧରାଇଦିଏ ? ସେ ବ୍ଲକ୍‌ର ଖଲଣା ଗ୍ରାମର ଗୋଟି ହର୍‌ପାଲ୍ କଥାଟିକୁ ବୁଝାଇଦିଏ : ''ଏଠି ସେ ଆମ ଦେହରୁ ରକ୍ତ ନିଏ । ଆମର ଏଠି ମଜୁରି ମିଳୁନଥିବାରୁ ଆମେ ଲୁଣ, ତେଲ, ଚାଉଳ ଠୁଁ ଲୁଗାପଟା କିଣିବା ଯାଏ ସବୁକିଛି ଟଙ୍କା ଉପରେ ଆଶ୍ରା କରୁ । ଆମର ତ ଜମି ନାହିଁ, ତେଣୁ ହାଡ଼ଭଙ୍ଗା ଖଟଣି ଦେଇ ଆମେ ସେତକ ଶୁଝୁ ।'' ସେହି ରକ୍ତକୁ ପାଣି କରି ଝାଳ ନିଗାଡ଼ି ଯେଉଁ ଶ୍ରମ ଛାଣିନିଏ ସାହୁକାର; ତା' ବଦଳରେ ଦିଏ ଓଡ଼ିଶା ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ୨୫ ଟଙ୍କା ମଜୁରିର ଏକ ଚତୁର୍ଥାଂଶରୁ ବି କମ୍, ଅର୍ଥାତ୍ ଛଅଟଙ୍କା । ଅନ୍ୟୋନ୍ୟପାୟ ଏହି ମଣିଷମାନେ ଉଦର ଜ୍ୱାଳାରେ ଆତୁର ହୋଇ ସପରିବାରେ ପାଳଟନ୍ତି ଦେଶାନ୍ତରୀ – ଦାଦନ । ଅନ୍ତତଃ ସେଠି ତ ମିଳିବ ଏହାର ଦୁଇଗୁଣା ମଜୁରି – ବାରଟଙ୍କା । ଭୋକର ଦାଉରେ ନିରନ୍ତର ଉତ୍ପାଟିତ ପୃଥିବୀରେ ଏମିତି ଲାଗିଛି ନିଃସହାୟ ମଣିଷର ସଂଗ୍ରାମର ପଟୁଆର ଏବଂ ତା'ର ଅସହାୟତାକୁ ଆୟୁଧ କରି ଶୋଷଣର ପାର୍ବଣ ।

Digitized by srujanika@gmail.com

ନୂଆପଡ଼ା ଜିଲ୍ଲାର ସୀମା ସରହଦ ଭିତରେ ସରସ, ନିରସ, ନିପାଣିଆ, ଟାଙ୍ଗର ଓ ଜଳସେଚିତ ଜମିର କିସମ, ପ୍ରକାରଭେଦ ନେଇ ପ୍ରତି ଅଞ୍ଚଳ ଏବଂ ଜଳସେଚିତ ଜମିର କିସମ, ପ୍ରକାରଭେଦ ନେଇ ନିଆରା ଅଞ୍ଚଳ ଓ ଗୋଷ୍ଠୀ ଜୀବନର ସ୍ୱାତନ୍ତ୍ର୍ୟ ତଥା ଚରିତ୍ରକୁ ଭଲ ଭାବେ ଅଧ୍ୟୟନ କରିପାରିଛନ୍ତି ସାଉକାରଗଣ ଏବଂ ଏହାରି ଭିତ୍ତି ଉପରେ ପର୍ଯ୍ୟବେସିତ ସେମାନଙ୍କ କରଜଦାରିର ବୃତ୍ତି । 'ଦେଶକେ ଫାଙ୍କ, ନଇକେ ବାଙ୍କ' ପରି ସେମାନେ ପ୍ରତି ବ୍ଲକ୍ ପାଇଁ ଧାର୍ଯ୍ୟ କରନ୍ତି ଉତ୍ପୀଡ଼ନ ଓ ଆଦାୟର ସର୍ତ୍ତ । ସୁତରାଂ ଖରିଆରରେ ସେ ନିଏ ଚାଷୀର ଜମି, ଭୋଡ଼େନରେ ଫସଲର ଅମଳ ଏବଂ ସିନାପାଲିରେ ଦୈହିକ-ଶ୍ରମ, ପ୍ରାୟତଃ ମାଗଣାରେ । ବନ୍ଧସୀ କଣ୍ଟାରେ ଥୋପ ଗଳାଇ କେରାଣ୍ଡି ଏବଂ କେରାଣ୍ଡିକୁ ଝୁଲାଇ ଶେଉଳ, ବାଳିଆ ମାରେ ସାଉକାର । ପଶ୍ଚିମାଞ୍ଚଳ ଓଡ଼ିଶାର ବହୁ ଅନୁନ୍ନତ, ଅନଗ୍ରସର ଅଞ୍ଚଳରେ ଦୀର୍ଘଦିନ କାର୍ଯ୍ୟ କରିଥିବାର ଅଭିଜ୍ଞତାରେ ପୁଷ୍ଟଳ ଜଣେ ବରିଷ୍ଠ ପ୍ରଶାସନ ଭୁବନେଶ୍ୱର ଠାରେ କହିଲେ; "ଚାଷୀର ଜମି ପରିମାଣ, ଘରବାଡ଼ି ସଂପତ୍ତି, ଅଳଙ୍କାର, ବାସନକୁସନ, କରଜ ପରିମାଣ ଏବଂ ଆବଶ୍ୟକତା ଉପରେ ଏହି ସାହୁକାରମାନେ ଯେତେ ତଥ୍ୟ ହାସଲ କରିଥାନ୍ତି; କୌଣସି ସରକାରୀ ସର୍ଭେ ତା'ର ପାସଙ୍ଗରେ ପଡ଼ିବ ନାହିଁ । ଏସବୁ ସେମାନଙ୍କ ନଖ ଦର୍ପଣରେ ରହିଥାଏ । ରହିଥାଏ ବୋଲି ସେମାନେ ଗାତୁଆ ମୂଷା ପରି ତଳେଇ ତଳେଇ ସନ୍ତର୍ପଣରେ ସବୁ ହାସଲ କରିଯାଆନ୍ତି ।"

ଭୂମି, ଶ୍ରମ, ଋଣ ଏବଂ ବଜାର ମଧ୍ୟରେ ଥିବା ବିଚିତ୍ର ଓ ବିଷମ ସଂଯୋଗ ହିଁ କଳାହାଣ୍ଡି ଅଞ୍ଚଳର ଚାଷୀକୁ ଚିର ଅର୍ଗଳୀରୁଦ୍ଧ କରି ରଖିଥାଏ । ଗ୍ରାମାଞ୍ଚଳ ଋଣର ସ୍ୱାଭାବିକ ଆନୁଷ୍ଠାନିକ ବ୍ୟବସ୍ଥା କ୍ରମେ ହ୍ରାସ ପାଇଚାଲିଥିବାରୁ ଚାଷୀର ଦୁଃଖ ଓ ନୈରାଶ୍ୟ ଅଧିକ ଗଭୀରତର, ବ୍ୟାପକ ହେବାରେ ଲାଗିଛି । ଏହା ସହିତ ତା'ର ସାହୁକାର ଉପରେ ନିର୍ଭରଶୀଳତା । ଊନବିଂଶ ଶତାବ୍ଦୀର ଗଳ୍ପ ଉପନ୍ୟାସରେ ଏକଦା କେନ୍ଦ୍ରୀୟ ଚରିତ୍ର ରୂପେ ଆସ୍ଥାନ ମାଡ଼ି ବସିଥିବା ଜମିଦାର ମହାଜନ ବାପୁଡ଼ାଟି ଆଜି ସମଗ୍ର ଦେଶବ୍ୟାପୀ ଏକ ବିସ୍ମୃତ କାହାଣୀ । ଅତୀତରେ ବହୁ ସମ୍ବାଦପତ୍ର ପୃଷ୍ଠାରେ ମଧ୍ୟ ସେ ଚରିତ୍ରଟି କମ୍ ସ୍ଥାନ ଦଖଲ କରିନଥିଲା ! ମାତ୍ର ଘଟଣାଚକ୍ରରେ ପୁଣି ଉଦ୍‌ଭୂତ ହୋଇଛି ସେ ଚରିତ୍ର । ପ୍ରତ୍ୟାବର୍ତ୍ତନ କରିଛି ତା'ର ପ୍ରେତାତ୍ମା । ବଡ଼ ପ୍ରଚଣ୍ଡ ଓ ଦାନବୀୟ ରୂପରେ ଫେରିଛି ଏବଂ ଆଜିର ନବ୍ୟସଭ୍ୟ ସାଉକାରମାନେ ଶୋଷଣ, ଶଠତା ଓ ସଂକ୍ରମଣର କୌଶଳ ଉପରେ ତାଙ୍କ ପୂର୍ବସୂରୀଙ୍କୁ ବହୁକଥା ଶିଖାଇବେ ଏବଂ ଚମତ୍କୃତ କରିବେ । ଟିପ ନମାରି ମଧ୍ୟ ଦରିଦ୍ରର ଅସ୍ଥି-ପଞ୍ଜରାରୁ କିପରି ଶସ କାଢ଼ିହେବ ସେ ରକ୍ତ-ଶୋଷା ମନ୍ତ୍ର ସେମାନଙ୍କୁ ଜଣା !

❖ ❖ ❖

Digitized by srujanika@gmail.com

ବୁଭୁକ୍ଷା, ବନ୍ଧକୀ ଓ ବନ୍ଧା-ଶ୍ରମର ଖୋଲା ବଜାର

ତରୁଣ ସନତ୍ ପୋଧ ତା'ର ଦାମ୍ପତ୍ୟର ପ୍ରଥମ ଲଗ୍ନରେ ବେଶ୍ ସ୍ୱପ୍ନ ବିଭୋର ହୋଇଉଠିଲା—ନବ ବିବାହିତା ପତ୍ନୀର ସାନ୍ନିଧ ପାଇଁ ନୁହେଁ, ଯୌତୁକ ଆକାରରେ ମିଳିଥିବା ନୂଆ ରାଲେ ସାଇକେଲକୁ ଦେଖି । ଇଏ ତା'ର ଭାଗ୍ୟ ବଦଳେଇ ଦେବ, ଉପାର୍ଜନର ନୂଆ ଦିଗନ୍ତ ଉନ୍ମୋଚିବ । ନୂଆ ଦିଗନ୍ତରେ ସାଇକେଲ ପିଠିରେ ଚଢ଼ି ପରିବା କି ଚାଉଳ ବୋହି ହାଟକୁ ଯିବାର ସ୍ୱପ୍ନିଳ ଅରୁଣିମା ଚହଟୁ ନଥିଲା, ବରଂ ମଧ୍ୟପ୍ରଦେଶର ରାଇପୁର ଯାଇ କିଛି ସପ୍ତାହ ରିକ୍ସା ଚଳାଇ ଘରକୁ କିଛି କଞ୍ଚା ଟଙ୍କା ଆଣିବାର ଆବେଶ ଥିଲା । ତା'ପରି ଏମିତି ନୂଆପଡ଼ା-ବଲାଙ୍ଗୀର ଇଲାକାର ଅନେକ ତରୁଣ, ଯୁବକ ହେଉଥିଲେ ସ୍ୱଳ୍ପକାଳୀନ ଦେଶାନ୍ତରୀ । ତେବେ ସାଇକେଲଟି କିପରି କାମ ଦେବ ?

ରାଇପୁରକୁ ଯିବାର ବସ୍ ଭଡ଼ା ଚାଳିଶ ଟଙ୍କା ତା' ପାଖରେ ନଥିଲା । ଏବେ ମହାଜନ ପାଖରେ ଅର୍ଦ୍ଧ ନୂଆ ସାଇକେଲଟି ବନ୍ଧକୀ ଦେଲେ ନଗଦ ନାରାୟଣ ମିଳିଯିବ —ଅନ୍ତତଃ ପଚାଶ ଟଙ୍କା । ସେଥିରୁ ବସ୍ ଖର୍ଚ୍ଚ ଯାଇ ଅବଶିଷ୍ଟ ଯେଉଁ ଦଶଟଙ୍କା ବଳିବ, ସେଥିରେ ଦିନେ ଓଳିଏର ଖୋରାକି ମେଣ୍ଟିଯିବ । ତା'ପରେ ରିକ୍ସା ଟାଣି ସେ କେଇ ଶହ ମୁଦ୍ରା ଅଣ୍ଟିରେ ଆଣିବ ଏବଂ ସାଇକେଲ ମୁକୁଳାଇବ ।

ସନତ୍‌ର ସ୍ୱପ୍ନ ସଫଳ ହେଲା । ସେ ରାଇପୁରରୁ ଫେରି ମହାଜନର ମୂଳଧନ ପଚାଶ ଓ ସୁଧ ବାବଦ ଏମିତି ୧୫୦ ଟଙ୍କା ଶୁଝିଦେଲା । ତରୁଣୀ ଭାର୍ଯ୍ୟା ପାଇଁ ଆଣିଥିଲା ଶାଢ଼ି, ଅଳତା, ପାଉଁଜି ଓ ଶଙ୍ଖା । ଘରେ ସମସ୍ତଙ୍କ ପାଇଁ ଲୁଗାପଟା । ପୁଣି ଟଙ୍କା ସରିଗଲେ ଫେରିଯିବାକୁ ହୁଏ ପୁରୁଣା ଶଗଡ଼ ଗୁଳା । ସାଇକେଲ ବନ୍ଧକୀ ଏବଂ ରାଇପୁର ଯାତ୍ରା । ଏମିତି ସ୍ୱପ୍ନିଳ ଯାତାୟତ ଚାଲିଲା ତିନିଥର । ଚତୁର୍ଥ ଥର ରାଇପୁରରୁ ଫେରିଲା ବେଳକୁ ମହାଜନ କହିଲା—ସାଇକେଲଟି ଚୋରି ଯାଇଛି । ସନତ୍ ସେତେ ବିବ୍ରତ ହେଲାନାହିଁ, କାରଣ ସାଉକାର ସାଇକେଲ ଖୋଜି ଆଣିବା ପାଇଁ ନିଜେ ଧାଁ ଧପଡ଼ କରିବାକୁ ପ୍ରବୋଧନା ଦେଲା—କିଛି ସପ୍ତାହର ତଲାସୀ, ଖୋଜାଲୋଡ଼ା ପରେ ସନତ୍ ପ୍ରସ୍ତାବ ବାଢ଼ିଲା—ପୁଲିସ୍‌ରେ ଏତଲା ଦେଲେ କେମିତି ହେବ ? ଚଟାପଟ୍ ଏଥିରେ ସମ୍ମତି ଭରି ସାଉକାର କହିଲା—ତୋର ବଢ଼ିଆ ବୁଦ୍ଧି, ଚାଲ ମୁଁ ତତେ ଏଥିରେ ସାଥୀ ଦେବି । ପୁଲିସ୍ ପ୍ରମାଣ ଚାହିଁବ ଜାଣି ସନତ୍ ସଙ୍ଗରେ ନେଲା ସାଇକେଲ

Digitized by srujanika@gmail.com

କିଣାର ରସିଦ–ତା'ର ମାଲିକାନାର ସନ୍ତକ । ଇତିମଧ୍ୟରେ ବିତିଗଲାଣି ବର୍ଷେ । ଚୋର କି ଚୋରି ଦ୍ରବ୍ୟର ପତ୍ତା ନାହିଁ । ତେବେ ଦୁଇଟି ରାଜ୍ୟରେ ଡେଣା ମେଲାଇ ଜୀବନ ଓ ଜୀବିକା ନିର୍ବାହ କରୁଥିବା ସନତ୍ ପାଇଁ ସ୍ଥାୟୀ ନୀଡ଼ଟିଏ ବାନ୍ଧିବା କୌଣସି ଠାରେ ନିରାପଦ ନୁହେଁ । କୋଉ କୂଳର ବି ସେ ହୋଇପାରେନା । ସ୍ୱାଧୀନ ଭାବେ ରାଇପୁର ଯାଇ ଉପାର୍ଜନ କରୁଥିବାରୁ ସେ ନିଛନ୍ଦ–ପଦୀ ଦାଦନୀ । ସ୍ୱଳ୍ପକାଳ ପାଇଁ ଯାଇ ଗାଁକୁ ଫେରି ଆସୁଥିବାରୁ ମଧ୍ୟ ପ୍ରଦେଶ ପ୍ରଶାସନ ପକ୍ଷରୁ ତାକୁ ଦାଦନ ଶ୍ରମିକର ନିରାପତ୍ତା ତ ଦୂରର କଥା; ସ୍ୱୀକୃତି ମଧ୍ୟ ମିଳେନାହିଁ । ଆଉ ଓଡ଼ିଶାରେ କାମଧନ୍ଦା ମଜୁରି ତ ମିଳେନା; ତା'ପରି ସାରା ଗାଁର ଲୋକେ ସାଉକାରର ହାତ-ଉଧାରିକୁ ଚାକି ରହୁଥିବାରୁ ଗୋଟିଏ ସୀମା ପରେ ସେ ଆଉ ତା' ସହିତ ଯୁଝି ପାରେନା । ସାଉକାର ସୁଧ ଭାଉ ଯେତେ ଚଢ଼ା କଲେ ବି ମୁଣ୍ଡପାତି ସହିବାକୁ ପଡ଼େ ।

ଏଠି ସାଉକାର ଓ ଦାଦନ ଶ୍ରମିକ ଭିତରେ ରହିଛି ଏକ ବିଚିତ୍ର ସଂଯୋଗ । କିଛି ଦାଦନ କେବଳ ଋଣ ଶୁଝିବା ଉଦ୍ଦେଶ୍ୟରେ ଦେଶାନ୍ତରୀ ହୁଅନ୍ତି । ସେମାନଙ୍କ ସ୍ୱାର୍ଥ ଓ ସ୍ୱାବଲମ୍ବନକୁ କୌଣସି ସୁରକ୍ଷା ଦେଇପାରେ ନାହିଁ ପ୍ରଚଳିତ ଆଇନ୍ କାନୁନ, ବରଂ ପ୍ରତିକୂଳରେ ଯାଏ । ଟିକେ ଓଲମ ବିଲମ ଘଟିଲେ ସେମାନଙ୍କ ନିର୍ବଳ-ପୃଥିବୀ ତଡ଼ିତ୍ ବେଗରେ ଚୂର୍ଣ୍ଣିଭୂତ ହୋଇପଡ଼େ । ଆଖି ପିଛୁଳାକେ ଖସିପଡ଼େ ପାଦତଳର ମାଟି ।

ଅଶି ଦଶକର ଶେଷ ଭାଗରେ ପଞ୍ଜାବର ରୋପାର ଠାରେ ଏକ କାରଖାନା ଦୁର୍ଘଟଣାରେ ପ୍ରାଣ ହରାଇଲେ ଓଡ଼ିଶାର ଉଣେଇଶ ଜଣ ଦାଦନ ଶ୍ରମିକ । ସେମାନଙ୍କ ବିଧବା ପତ୍ନୀଙ୍କ ପକ୍ଷରୁ କ୍ଷତିପୂରଣ ପାଇଁ ମୋକଦ୍ଦମା ଚଳାଇଲା ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗ । ଉତ୍ତର ମିଳିଲା ପଞ୍ଜାବ ସରକାରଙ୍କ ପକ୍ଷରୁ : ସମନ ଜରିଆରେ ପଞ୍ଜାବର ଏକ ନିର୍ଦ୍ଦିଷ୍ଟ ଅଦାଲତରେ ବିଧବାମାନେ ହାଜର ହୋଇ ନିଜର ବୟାନ ପେଶ୍ କରନ୍ତୁ । ଅଧିକାଂଶ ମହିଳା କେବେ ନିଜ ଗାଁର ସୀମା ସରହଦ ବାହାରକୁ ଗୋଡ଼ କାଢ଼ିନଥିଲେ ।

ପୁନଶ୍ଚ ସହାୟତା ଦେବାକୁ ଆଗେଇ ଆସିଲା ଓଡ଼ିଶା ଶ୍ରମ ବିଭାଗ । ଏହା ପକ୍ଷରୁ ମହିଳାମାନଙ୍କ ପ୍ରାମାଣିକ ତଥ୍ୟ ଓ ସତ୍ୟପାଠ ଲିପିବଦ୍ଧ କରାଯିବ କିମ୍ବା ପଞ୍ଜାବର ସଂପୃକ୍ତ ଅଦାଲତ ପକ୍ଷରୁ କୌଣସି ବ୍ୟକ୍ତି ତଥ୍ୟ ସଂଗ୍ରହ ପାଇଁ ପ୍ରେରିତ ହେଲେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବ । ଇତିମଧ୍ୟରେ ବିତିଗଲାଣି ଦଶବର୍ଷ; ମାତ୍ର ମୋକଦ୍ଦମାଟି ପାହୁଣ୍ଡେ କ'ଣ ଇଞ୍ଚେ ବି ଆଗେଇ ନାହିଁ । ମୃତ ବ୍ୟକ୍ତିଙ୍କ

Digitized by srujanika@gmail.com

ପରିବାର ସେଇ ଅନ୍ଧକାର, ଦହନ ଓ ହତାଶା ଭିତରେ ସଢୁଛନ୍ତି । ସେମାନଙ୍କୁ ଦାଦନ ଶ୍ରମିକ ଭାବେ ପଞ୍ଜାବ ନେଇଯାଇଥିବା ଠିକାଦାର ବାପୁଡ଼ା ଏଯାଏ ଶ୍ରମଜୀବୀ ସଂସାରର ଏକମାତ୍ର ଦାନାପାଣି ସଂଗ୍ରାହକର ଅକାଳ ମୃତ୍ୟୁରେ ତାଙ୍କ ପରିବାର ପରିଜନଙ୍କୁ ପଇସାଟିଏର ସୁବିଧା ମଧ୍ୟ ଦେଇନାହିଁ ।

ବଲାଙ୍ଗୀରର ବଡ଼କାନି ଗାଁ କିମ୍ବା ନୂଆପଡ଼ାର ଖରିଆର ଭଳି ସ୍ଥାନରେ ଦେଖାଯାଉଛି—ନୂଆ ଶ୍ରେଣୀର ମହାଜନ ଭାବେ ମୁଣ୍ଡ ଟେକୁଛନ୍ତି ଶ୍ରମିକ-ଠିକାଦାର । "କୁଲି ସର୍ଦ୍ଦାର ଆମକୁ ଏଠିକୁ ଆସିବାକୁ ଆଗୁଆ ୩୫୦ ଟଙ୍କା କରି ଦେଇଥିଲା ।" —ଆନ୍ଧ୍ରପ୍ରଦେଶ ଠାରେ ମୋତେ କହିଥିଲେ ଜଣେ ଓଡ଼ିଆ ଦାଦନ-ଶ୍ରମିକ । ସେ କଳାହାଣ୍ଡିର ଲୋକ । ଏହି ଅଗ୍ରିମ ବାହାରେ ଠିକାଦାର ସେମାନଙ୍କ ପରିବାରକୁ ଋଣ ଟଙ୍କା ମଧ୍ୟ ଦେଇଥାଏ ।

ତେବେ ସେମାନେ ଆନ୍ଧ୍ରରେ ପହଞ୍ଚିବା ପରେ ଯାଇ ଠିକାଦାର ତା'ର ମୂଳଚାଲ ଆରମ୍ଭ କରେ; ମାତ୍ର ଓଡ଼ିଶାରେ ଥିବାବେଳେ ନୁହେଁ । ସେଠାରେ ସେ ଆନ୍ତଃରାଜ୍ୟ ଦାଦନ ଶ୍ରମିକ ବିଧି (୧୯୭୯)ର ସର୍ତ୍ତାବଳୀକୁ କାମରେ ଲଗାଇ ପାରିବ ଏବଂ ଏ ଆଇନ୍‌ଗୁଡ଼ିକ ସ୍ତୂପୀକୃତ ତ୍ରୁଟି ବିଚ୍ୟୁତିର କଙ୍କାଳ ଉପରେ ପଡ଼ି ରହିଥାଏ । ନିଜ ରାଜ୍ୟ ଛାଡ଼ି ପରଦେଶରେ ପହଞ୍ଚିଲା ପରେ ନିରକ୍ଷର, ଦୀନଦୁଃଖୀ ମଣିଷଟି ନାଚାର ହୋଇପଡ଼େ । ସେଠାରୁ ଛାଡ଼ି ସେ ଯିବ କେଉଁଆଡ଼େ ? ତେଣୁ କୋରଡ଼ା ମାଡ଼ ଖାଇ ବେକ ଭାଙ୍ଗି ମାଟି କାମୁଡ଼ି ପଡ଼ିରହିବା ତା'ର ଅବଶ୍ୟମ୍ଭାବୀ ଭାଗ୍ୟ ରୂପେ ସେ ଗଣିନିଏ ।

ଓଡ଼ିଶାର ଶ୍ରମ ଆଇନ୍ ଆନ୍ଧ୍ର ପ୍ରଦେଶରେ ପ୍ରବର୍ତ୍ତିତ ହୋଇପାରିବ ନାହିଁ । ଏବଂ ଆନ୍ଧ୍ରର ଶ୍ରମିକଙ୍କ ପାଇଁ କାନୁନ୍ ମଧ୍ୟ ଓଡ଼ିଶାରେ ପ୍ରବର୍ତ୍ତିତ ହୋଇପାରିବ ନାହିଁ । ଏବଂ ତଦୁପରି ଆନ୍ଧ୍ରର ଶ୍ରମିକଙ୍କ ଓଡ଼ିଶାରେ ନିଯୋଜନ ଓ ଶୋଷଣକୁ ପ୍ରତିହତ କରିବା ପାଇଁ ସେଠାରେ କୌଣସି ଆଇନ୍ ବା ନିୟନ୍ତ୍ରଣ ନାହିଁ । ତେଣୁ ଠିକାଦାର-ସାଉକାର ବଡ଼ ନିଶ୍ଚିନ୍ତରେ ତା'ର ସାମ୍ରାଜ୍ୟ ବିସ୍ତାର କରିଚାଲେ । ସେ ଆନ୍ଧ୍ରପ୍ରଦେଶରେ ସେମାନଙ୍କ ସହିତ ସର୍ତ୍ତାବଳୀ ସ୍ଥିର କରେ ଏବଂ ଆନ୍ଧ୍ରର ଶ୍ରମବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଏ ଯେ, ଏହି ଶ୍ରମିକଙ୍କୁ ସେ ଓଡ଼ିଶାରୁ ହିଁ ଆଣିଛି । ଏହି କୌଶଳ ଅବଲମ୍ବନ କରି ଓଡ଼ିଶାର ଅତ୍ୟନ୍ତ ଦୁର୍ଗମ ଅଭ୍ୟନ୍ତର ଅଞ୍ଚଳରୁ ଶ୍ରମିକଙ୍କୁ ନେଇ ଠିକାଦାର ଲଗାଉଛି ବମ୍ବେ ଠାରେ ନିର୍ମାଣ କାମରେ, ବୋଧହୁଏ ଆଠରୁ ଦଶ ସପ୍ତାହ ପାଇଁ । ଏବଂ ଏହି ନିଯୋଜନ ପଛରେ ରହିଛି ଅଗ୍ରିମ ଆକାରରେ କିଛି ଋଣ ପ୍ରଦାନ । ଯେଉଁଠି ନୈତିକ

Digitized by srujanika@gmail.com

ଦୃଷ୍ଟିରୁ ଶ୍ରମିକଟିଏ ବାଧ୍ୟହୁଏ ସର୍ତ୍ତାବଳୀ ରକ୍ଷା କରିବାକୁ । ଦରିଦ୍ର ହିଁ ସର୍ବଦା ନୀତିନିଷ୍ଠ, ତା'ର ଧାର୍ମିକ ଭାବନା ତାକୁ ଛଳନା ଓ ଶଠତା ଠାରୁ ଦୂରେଇ ରଖେ । ସମାଜର ଯେତେସବୁ ଅପକର୍ମ, ଶୋଷଣ, ଲୁଣ୍ଠନର ଉଦ୍‌ଗାତା ଓ ଉଦ୍ଭାବକ ହେଉଛନ୍ତି ଧନ ମୋହରେ ମଦମତ୍ତ ମଣିଷମାନେ ।

ଋଣ-ଯନ୍ତା ହିଁ ଦାଦନ ଶ୍ରମିକଙ୍କ ଏକ ସ୍ୱାଭାବିକ ଜୀବନ ଧାରା । ଗଙ୍ଗା ପୋଧର ଦୃଷ୍ଟାନ୍ତ ନିଆଯାଇପାରେ । ଭଲ ଫସଲ ଅମଳ ହେଉ କି ଅପାଳକ ପଡୁ ସେ ସର୍ବଦା ଋଣ ଜାଲରେ ଛନ୍ଦିହୋଇ ରହିଥାଏ । ଅପାଳକ ପଡ଼ିଲେ ସେ ସାଉକାର ଦୁଆରେ ଗୋଡ଼ଭାଙ୍ଗି ଠିଆହେବାକୁ ବାଧ – ତେଣିକି ସୁଧହାର ୧୨୦ ଟଙ୍କା କି ୩୮୦ ଟଙ୍କା ହେଉ । ଯଦି ପରବର୍ଷ ଭଲ ଅମଳ ହେଲା, ସେଥିରୁ ବାରଅଣା ଚାଲିଯାଏ ଋଣ ଶୁଝାରେ । କାରଣ ସେ ନିୟମ କରି ଧାରିଛି । ତା'ର ନୈତିକତା ହିଁ ତାକୁ ବାଟ ଓଗାଳେ । ଘରେ ପିଲାଙ୍କର ଶୁଖିଲା ମୁହଁ, ରୋଗିଣା ଦେହ, ଛିଣ୍ଡାକନାର ବାସ ଏବଂ ଫୁଟା ଚାଳ ଦେଖିବା ହିଁ ତା'ର କପାଳ ଲିଖନ, ଭବିତବ୍ୟ । ଅନ୍ୟପକ୍ଷରେ ଗଙ୍ଗାର ଫସଲକୁ ଶସ୍ତାରେ ନେଇ ଗୋଦାମରେ ରଖି ବଜାର ଦର ଚଢ଼ା ଥିବାବେଳେ ବିକିବା ହେଉଛି ସାଉକାରର ଫନ୍ଦି ଓ ଅଭ୍ୟାସ । ବଲାଙ୍ଗୀର ଭିତ୍ତିକ ଏକ ସ୍ୱେଚ୍ଛାସେବୀ ସଂଗଠନ 'ବିକଳ୍ପ'ର ଏକ ଅନୁଧାନ ଅନୁଯାୟୀ ୨/୩ ମାସରୁ ୨ ବର୍ଷ ଯାଏ ସ୍ୱଳ୍ପକାଳୀନ ଦାଦନ ବନୁଥିବା ଶ୍ରମିକଙ୍କ ସଂଖ୍ୟା ସମୁଦାୟ ଦାଦନ-ଶ୍ରମିକଙ୍କ ମଧ୍ୟରୁ ୧୫ ଶତାଂଶ ।

ଇତିମଧ୍ୟରେ ଗଙ୍ଗା ପରି ଅନେକ ଦାଦନ ନିଜର ଋଣ ଶୁଝିବାକୁ ଏବଂ ଜୀବନ-ସଂଗ୍ରାମର ଦୌଡ଼ରେ ତେଲ-ଲୁଣ ସଂସାର ଚଳାଇବାକୁ ସ୍ୱଳ୍ପକାଳୀନ ଶ୍ରମିକ ବୃତ୍ତିରେ ଦେଶାନ୍ତରୀ ପାଲଟନ୍ତି । ଏହି ଋଣ-ଯନ୍ତାର ଅଧର୍ମ ଋଣ-କ୍ଷେତ୍ରରେ ଅଚିହ୍ନା ଦେଶାନ୍ତରୀତ ସ୍ଥାନରେ ବି ସେମାନେ ଋଣ କରିପକାନ୍ତି । ଗଙ୍ଗା କହେ : "ମୁଁ ରାୟପୁରରେ ଜଣେ ସାଉକାର ପାଖରୁ ବି ୩୮୦ ଟଙ୍କା କରଜ ଆଣିଛି । ସେ ଜାଣେ ମୁଁ ପୁଣି ଫେରିବି । ତେଣୁ ସେହି ବିଶ୍ୱାସରେ ସେ କରଜ ଦେଇଛି ।" ଆନ୍ଧ୍ରପ୍ରଦେଶର ଇଟା ଭାଟିରେ ଖଟୁଥିବା କଳାହାଣ୍ଡିର ଦାଦନଙ୍କ ପାଇଁ ମଧ୍ୟ ଏହିପରି ଘଟେ । ନିଜ ଗାଁରେ ଋଣ କରି ଦେଶାନ୍ତରୀ ସାଜିଥିବା ମଣିଷଟି ନୂଆ ସ୍ଥାନରେ ବି ଋଣ କରିପକାଏ – କେବେ ବେମାରରେ ପଡ଼ିଥିବା ନିଜ ପିଲାଙ୍କ ଜୀବନ ବଞ୍ଚେଇବା ଭଳି ସଂକଟର ଦାୟରେ । ଠିକାଦାର କାମ କରୁଥିବା ସାଉକାରମାନଙ୍କ ଅଗ୍ରିମ ଟଙ୍କା ହିଁ ଦାଦନଗିରିର ମୂଳ ବାଧ୍ୟବାଧକତା । ସାଉକାର ଜାଣେ ଦାଦନ ବନୁଥିବା ସରଳ ଚାଷୀଟି କେବେ ନୀତିହୀନ ହେବନହିଁ, ବିଶ୍ୱାସରେ ପଦାଘାତ କରିବ ନାହିଁ । ତେଣୁ ନିଷ୍କପଟ ସରଳତାର ପ୍ରତିଦାନରେ ମିଳେ ଉଦଗ୍ର ଶଠତା ।

Digitized by srujanika@gmail.com

'ବିକଳ୍ପ'ର ସର୍ଭେ ଅନୁଯାୟୀ ବଲାଙ୍ଗୀର-କଳାହାଣ୍ଡି ଅଞ୍ଚଳର ହଜାର ହଜାର ଦାଦନଙ୍କ ମଧ୍ୟରୁ ଶତକଡ଼ା ୨୦ ଭାଗ ଯାଆନ୍ତି ଆନ୍ଧ୍ରର ଇଟାଭାଟି; ଆଉ ୧୦ ଭାଗ ଯାଆନ୍ତି ଫସଲକଟା, ଚାଷ ଭଳି କ୍ଷେତବାଡ଼ି କାମରେ; ୮ ଭାଗ କୋଠାବାଡ଼ି ନିର୍ମାଣ କାମରେ ଏବଂ ୧୧.୨୫ ଶତାଂଶକୁ ଟାଣିନିଏ ବିବିଧ ପ୍ରକାର ଦୈହିକ ଶ୍ରମ ସର୍ବସ୍ୱ ଧନ୍ଦା । ଏମାନଙ୍କ ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଦଳିତ ଓ ଆଦିବାସୀ ସଂପ୍ରଦାୟର ମଣିଷ । ପ୍ରାୟ ସମସ୍ତେ ନିବିଡ଼ ଭାବେ ଛନ୍ଦି ହୋଇଥାନ୍ତି ଋଣ ଜାଲରେ ଏବଂ ଏମାନଙ୍କ ମଧ୍ୟରୁ କିଛି ଲୋକ ନିଜ ଯାତ୍ରାର ଉଭୟ ପ୍ରାନ୍ତରେ ଋଣୀ ।

ବମ୍ବେ ଭଳି ଦୂରନ୍ତ ମହାନଗରରେ ସୌଧ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସଂଖ୍ୟା ସ୍ୱଳ୍ପ ହେଲେ ବି କ୍ରମବର୍ଦ୍ଧମାନ । ବଲାଙ୍ଗୀରର ବଡ଼କାନି ଗାଁରେ ଭେଟିଥିବା ରଘୁନାଥ ଓ ଦୁର୍ଲଭ ବେହେରାଙ୍କ ବମ୍ବେ ଅନୁଭୂତି ଏବଂ ନୂଆପଡ଼ା ଅମଲାପଲି ଓ ତଦ୍ରୂପ ଗ୍ରାମମାନଙ୍କରେ ଶ୍ରମିକଙ୍କ ଅନୁଭବ ଅନେକ ବିକ୍ଷୁବ୍ଧ ପ୍ରଶ୍ନ ଓ ନିରାଶା ଉଦ୍ରେକ କରେ ।

ଥରୁଟିଏ ପାଇଁ ହେଲେ ବି ବମ୍ବେ ମହାନଗରୀକୁ ସେମାନଙ୍କର ଯାତ୍ରାକୁ ସେମାନେ ଉପଭୋଗ କରିଛନ୍ତି ଏବଂ କହନ୍ତି : ଦିନକୁ ୩୦ ଟଙ୍କା ମଜୁରି କିଛି ମନ୍ଦ ନୁହେଁ, ଚଳିବ । ମାତ୍ର ହିସାବ ନିକାଶ ନେଲେ ଜଣାଯିବ ଯେ ପ୍ରତିଦିନର ମଜୁରି ୩୦ ଟଙ୍କା ପର୍ଯ୍ୟନ୍ତ ଆସୁନାହିଁ । ପ୍ରଥମେ ଆକର୍ଷିତ କରିବା ପାଇଁ ଠିକାଦାର ସେମାନଙ୍କୁ ଦେଇଥିବା ଅଗ୍ରିମ ଟଙ୍କା ବାବଦକୁ ପ୍ରତିଦିନ କିଛି ଟଙ୍କା ମଜୁରିରୁ କାଟି ରଖେ । ଉପାର୍ଜନରୁ ଆଉ ଯାହା କିଛି ବଳକା ରହେ, ଘରକୁ ଫେରିବା ପରେ ସେତକ ସାହୁକାରର ଋଣ ପରିଶୋଧରେ ପରିସମାପ୍ତ ହୋଇଯାଏ ।

"ବମ୍ବେରେ ଯଦି ଦେହ ଖରାପ ହୁଏ ତେବେ କ'ଣ କରିବ ?" ଉତ୍ତରରେ କହେ ଦୁର୍ଲଭ ବେହେରା– "ଠିକାଦାର ଭାରି ଭଲ ଲୋକ, ସେ ଜଣେ ଡାକ୍ତରଙ୍କୁ ଡାକି ଆଣିଲା । ସେ ଯେଉଁ ବଟିକା ଖାଇବାକୁ ଦେଲେ ସାଙ୍ଗେ ସାଙ୍ଗେ ଜ୍ୱର ଉଡ଼ିଗଲା, ଘୋଳାବିନ୍ଧା ଉଭେଇଗଲା ।" ଦୁର୍ଲଭ ପରି ଅନ୍ୟ ତିନିଜଣ ବର୍ଣ୍ଣନା କଲେ ସମରୂପୀ ଅନୁକୂଳ ଆରୋଗ୍ୟର କାହାଣୀ । କିନ୍ତୁ କେହି କହିପାରିଲେ ନାହିଁ ବଟିକାର ନାମ । କିମ୍ବା କାହାରି ପାଖରେ ନଥିଲା ସେଥିରୁ ଗୋଟିଏ ବି ବଳକା ବଟିକା । "ସୁପରଭାଇଜର ବାବୁ ଛିଡ଼ା ହେଇଥିଲେ । ଡାକ୍ତରବାବୁ ଆମକୁ ବଟିକା ଦେଇ ସାଙ୍ଗେ ସାଙ୍ଗେ ତାଙ୍କ ଆଗରେ ଖାଇନେବାକୁ କହିଲେ । ଆମ ହାତକୁ ତ ଆଉ ଅଧିକା ଓଷଦ ଦେଇନାହାନ୍ତି । ଆମେ ମୁରୁଖ ଲୋକ ବାବୁ, ବଟିକା ପାଇଥିଲେ ବି ସେଥିରୁ ପଢ଼ି ତ କିଛି ଜାଣିପାରିନଥାନ୍ତୁ ।"

Digitized by srujanika@gmail.com

ଅନ୍ୟ ସମସ୍ତଙ୍କର ଚିକିତ୍ସାର ଢଙ୍ଗ ଏକାପ୍ରକାର ଏବଂ ଦୁର୍ଭାଗ୍ୟଜନକ ଯେ, ସମସ୍ତେ ବସ୍ୟେର ଗୋଟିଏ ଅଞ୍ଚଳରେ କାମ କରନ୍ତି – ଦୁଇ ଚାରି ସପ୍ତାହ କି ଦୁଇ ତିନିମାସ ପାଇଁ ଏବଂ କୋଲବା, ବାନ୍ଦ୍ରା ଭଳି ବଡ଼ ବଡ଼ ଅଞ୍ଚଳ ବ୍ୟତୀତ ନିର୍ମାଣାଧିନ ଅଞ୍ଚଳର ନାମ କହିପାରନ୍ତି ନାହିଁ। ଓଡ଼ିଶା ଫେରିଲା ପରେ କେହି ଜଣେ ବି ଭଲ ସ୍ୱାସ୍ଥ୍ୟରେ ଥିବା ପରିଲକ୍ଷିତ ହୁଏନାହିଁ।

ଏମାନଙ୍କ ଦେହରୁ ସାମର୍ଥ୍ୟ ଓ ଶକ୍ତି ନିଗାଡ଼ିବା ପାଇଁ 'ଷ୍ଟେରୋଏଡ୍' ବଟିକା ଖୁଆଯାଇନାହିଁ ତ ? ଆଶ୍ରାର ଦୁର୍ଗାଦାସ ପଟ୍ଟନାୟକଙ୍କ ଭଳି କିଛି ସ୍ୱେଚ୍ଛାସେବୀ କର୍ମୀ ସନ୍ଦେହ କରନ୍ତି ଯେ, ଘଟଣା ଅନୁରୂପ ହେବା ସମ୍ଭବ। ଧୂର୍ତ୍ତ ନିର୍ମାଣକାରୀ ଠିକାଦାରମାନେ ନିୟମିତ ଦାଦନ ଶ୍ରମିକଙ୍କ ଅପେକ୍ଷା ଏହି ସ୍ୱଳ୍ପକାଳୀନ ଶ୍ରମିକଙ୍କର ଅଧିକ ବିପର୍ଯ୍ୟୟ ହିଁ ଆଣି ଦେଇଥାନ୍ତି।

କିନ୍ତୁ ପ୍ରଶ୍ନ ଉଠେ : ଏଭଳି ଶୋଷଣ ଓ ସନ୍ତାପକୁ ସମୂଳେ ଉଚ୍ଛେଦ କରିବା ପାଇଁ ସରକାର କେବେ ସଂଶୋଧନ କରିବେ ଦାଦନ ଶ୍ରମିକ ବିଧି ଓ ଆଇନ୍ ? ଅନ୍ତତଃ ପକ୍ଷେ ସେମାନଙ୍କ ସୁଚତୁର ଚାଲ୍ ଓ ଚଳଣିକୁ ଅବରୋଧ ତ କରିହେବ ! ସମାନ ଭାବେ ଆଉ ଏକ ଗୁରୁତର ପ୍ରଶ୍ନ ହେଉଛି : ଦେଶର ଦରିଦ୍ରତମ ନିରକ୍ଷର ନିପାରିଲା ମଣିଷଙ୍କ ବେକକଷଣ୍ଟାକୁ ଜାବୁଡ଼ି ଧରିଥିବା ସାହୁକାର-ଠିକାଦାର ଏବଂ ସେମାନଙ୍କ ଅଗ୍ରୀମ-ଅର୍ଥ ରୂପୀ ଋଣ-ଯନ୍ତାର ପୃଥିବୀକୁ ଚିହ୍ନିବାକୁ ସରକାରଙ୍କ ଆଖି କେବେ ଖୋଲିବ ?

ନିଦ୍ରା ନା ମହାନିଦ୍ରାରେ ଶୋଇଛି ପ୍ରଶାସନ, ସରକାର ଓ ବିଚାରାଳୟ ? ନା ପଦବୀ ଓ ଆସନ, ସିଂହାସନରେ ବସିବା ପରେ ସମସ୍ତେ ଆଖିରେ ଲଗାଇଦିନଅଛି ମାୟା-ଅଞ୍ଜନ ! ବାନ୍ଧିଥାଆନ୍ତି ଅନ୍ଧ-ଧୃତରାଷ୍ଟ୍ର ପ୍ରତି ସମ୍ମାନରେ ଗାନ୍ଧାରୀ – ଅନ୍ଧପୁଟୁଳି !!

❖ ❖ ❖

Digitized by srujanika@gmail.com

ରଣ ଧର୍, ଚାଳ ଉଲାର୍

ସମସ୍ତଙ୍କ ପାଦ ଚଳୁଥିଲା, ଆଖି ଦିଶୁଥିଲା ରଂଗା । କିନ୍ତୁ ହାତ ଥିଲା ସ୍ଥିର ଓ ଛନ୍ଦବଦ୍ଧ । ଉଦୁଉଦିଆ ଖରାବେଳେ ମୁଣ୍ଡରେ ଗାମୁଛା ଭିଡ଼ି ସମସ୍ତେ ଗଢୁଥିଲେ ଖପର । ଛାଞ୍ଚ ଉପରେ ଚିକିଟା ମାଟିକୁ ଥାପି ସୂତାରେ କାଟି ଖଣ୍ଡ ଖଣ୍ଡ ଖପର ବାହାରୁଥାଏ ଏବଂ ଅଗଣାରେ ବିଛେଇ ପଡ଼ିଥିବା ଖରାରେ ଶୁଖା ହେଉଥାଏ । ବମ୍ଦୋଭାଇସା ବସ୍ତିର ପ୍ରାୟ ସବୁଲୋକ ଲାଗି ପଡ଼ିଥାନ୍ତି ଏହି କାମରେ । ନକୁଳ ପାଣ୍ଡୋର ଘର ଖପରିଲ ହେବ, ସେଥିପାଇଁ ସମସ୍ତେ ବିନା ପାରିଶ୍ରମିକରେ ଖଟୁଥାନ୍ତି । କେବଳ ନକୁଳ ଘଡ଼ିକି ଘଡ଼ି ବଢ଼ାଇ ଦେଉଥାଏ ଶାଳପତ୍ର ଦନାରେ ମହୁଲି ପୋଷେ ପୋଷେ ।

ନକୁଳର ସେତକ ଖପର କିଣିବାର ସାମର୍ଥ୍ୟ ନାହିଁ, ଏକାକୀ ସେ ଏତେ ଖପର ଚଟାପଟ୍ ଗଢ଼ିପାରିବନି । ଆଗକୁ ବର୍ଷାଦିନ ଆସୁଛି । ଘର ଛାଉଣୀ ହୋଇଯିବା ଦରକାର । ମାତ୍ର ତା' ପାଇଁ ସମସ୍ତେ ଖଟୁଛନ୍ତି ମାଗଣା । ସମସ୍ତେ ପାଣ୍ଡୋ ସଂପ୍ରଦାୟର ଲୋକ ଏବଂ ଅନ୍ୟପାଇଁ ମାଗଣା କାମ କରିବା ସେମାନଙ୍କର ଏକ ସଂସ୍କୃତି । ତେବେ ନକୁଳର ଘର ଛପରରୁ ସବୁ ଖପର ଉଡ଼ିଗଲା କେମିତି ? ବହୁ ପଚରା ଉଚରା ପରେ ବଡ଼ ସନ୍ତ୍ରସ୍ତଭାବ ଓ କାକୁସ୍ଥ କୁଣ୍ଠା ସହ ନକୁଳ କହିଲା କିଛିବର୍ଷ ପୂର୍ବେ ସେ ୪ ହଜାର ୮୦୦ ଟଙ୍କାର ଏକ ସରକାରୀ ରଣ ଆଣିଥିଲା । ରଣ କରିବା ଏବଂ ତା' ଦାଉରେ ହନ୍ତସନ୍ତ ହୋଇପଡ଼ିବାର ଅଭିଜ୍ଞତା ଅଧିକାଂଶ ଆଦିବାସୀଙ୍କର ଥିବାରୁ ନକୁଳ ରଣ କରିବା ନେଇ କୁଣ୍ଠିତ ଥିଲା । ମାତ୍ର ଏ ରଣଟି ଖୋଦ୍ ସରକାରଙ୍କର ଏବଂ ସ୍ଥାନୀୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍ ମାଧ୍ୟମରେ ମିଳୁଥିବାରୁ ସେ ଆଗ୍ରହ ପ୍ରକାଶ କଲା । ବିଶେଷତଃ ଏ ରଣ ଥିଲା ଆଦିବାସୀ ସଂପ୍ରଦାୟର କଲ୍ୟାଣ ପାଇଁ ଅଭିପ୍ରେତ । ତେଣୁ ଏହାକୁ ଗ୍ରହଣ କରିବାରେ କ୍ଷତି କି ଅସୁବିଧା କ'ଣ !

''ଦୁଇଟି ଗାଈ କିଣିବାକୁ ମୁଁ ୪,୮୦୦ ଟଙ୍କାର ସରକାରୀ ରଣ ଆଣିଥିଲି । ସରକାର ମଧ ଖାସ୍ ଗାଈ କିଣା ପାଇଁ ଏ ରଣ ଖଞ୍ଜିଥିଲେ । ହେଲେ ମୁଁ ଆଉ ଶୁଝିପାରିଲି ନାହିଁ । ବାରମ୍ବାର ରଣ ଶୁଝିବାକୁ ମୋତେ ତାଗିଦ କଲେ । ମୁଁ ଗୋଟି ଗୋଟି ଘର ଜିନିଷ ବିକିଲି । ଶେଷକୁ ଆଉ ବାଟ ନପାଇ ଘରଛାତ ଖପର ବିକି ଯାହା ପାଇଲି ସେଥିରେ ରଣ ଶୁଝିଲି ।'' –ବିମର୍ଷ କରୁଣଭାବ ସହ ଅଭିବ୍ୟକ୍ତି ପ୍ରକାଶ କଲା ନକୁଳ ।

ନକୁଳର ଦାରିଦ୍ର୍ୟ ଘୁଞ୍ଚାଇବା ପାଇଁ ଯେଉଁ ରଣ ଥିଲା ଅଭିପ୍ରେତ, ଅବଶେଷରେ ସେ ଘୁଞ୍ଚାଇ ନେଲା ନକୁଳ ଚାଳର ଖପର । ଗାଈ ଦୁଇଟି ବି ତା'ର

Digitized by srujanika@gmail.com

ଆଉ ନଥିଲେ । ଅନଟନର ତାଡ଼ନା ବହୁ ପୂର୍ବରୁ ନେଇଯାଇଥିଲା ଗାଈ ଦୁଇଟିକୁ । ତା'ରି ପରି ଆହୁରି ଅନେକ ଆଦିବାସୀ ଗାଈ ହରାଇବା ସହ ପରିଶୋଧ କରି ଚାଲିଥିଲେ ବୀମା କିସ୍ତି । ସରକାରୀ ହାକିମଙ୍କ ହେପାଜତରେ କିଣା ଗାଈଗୁଡ଼ିକ ସର୍ବଦା ଥିଲେ ନିମ୍ନମାନର, କାରଣ ଏହା ପଛରେ ଥିଲା କମିଶନିର କୁହୁକ । ଦୁଗ୍ଧହୀନା କଙ୍କାଳି ଗାଈକୁ ପୁଣି ଦାନା ଖୁଆଇବ ଆଦିବାସୀ—ବର୍ଷରେ ଯାହା ପେଟକୁ ଛଅମାସର ଦାନା ଅଭାବ । ସୁତରାଂ ଅବିଳମ୍ବେ ଯମପୁରକୁ ଯାତ୍ରା କଲେ ଅଧିକାଂଶ ଗାଈ ଓ ମଇଁଷୀ । ଏବଂ ସମଗ୍ର ଅଞ୍ଚଳରେ ଜଣେ ବି ହିତାଧିକାରୀ ଖୋଜି ପାଇବା ଦୁଷ୍କର ହୋଇପଡ଼ିଲା, ଯିଏ ଗାଈ ବା ମଇଁଷୀଟିର ମୃତ୍ୟୁ ପରେ ତା'ର ବୀମା ଟଙ୍କା ଫେରି ପାଇଛି ।

"ପାଣ୍ଡୋ ସଂପ୍ରଦାୟ ଉପରେ ଏସବୁ କାର୍ଯ୍ୟକ୍ରମର ସାମାନ୍ୟତମ ପ୍ରଭାବ ସଂପର୍କରେ ସରକାରୀ ହାକିମ, ବାବୁମାନେ କ୍ୱଚିତ୍ ଅନୁଶୀଳନ କରନ୍ତି । ସେମାନଙ୍କର ଅସଲ ଆବଶ୍ୟକତାକୁ କେହି ଦେଖନ୍ତି ନାହିଁ କି ବୁଝନ୍ତି ନାହିଁ । ବାବୁ ହାକିମମାନେ ତ ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ ବିକଳ, ବାଇଆ, ବ୍ୟତିବ୍ୟସ୍ତ । ତା'ରି ଉପରେ ସେମାନଙ୍କ ଚାକିରି, ପ୍ରମୋଶନ, ପ୍ରଶଂସା ଓ ସ୍ତୁତିର ସୌଧ ତିଆରି ହୁଏ । ତେଣୁ ଋଣର ପରିମାଣ, ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ଉପରେ ମାପଚୁପ ଚାଲେ । ବିଚରା ନକୁଳର କ'ଣ ହେଲା ସେକଥା ବୁଝୁଛି କିଏ ?" —କହନ୍ତି ସୁରଜପୁର ଫୌଜଦାରୀ ଅଦାଲତର ଅଧିବକ୍ତା ଏଚ୍.ଏନ୍.ଶ୍ରୀବାସ୍ତବ ।

ବେଳେବେଳେ ସେମାନେ ଧାର୍ଯ୍ୟ ଲକ୍ଷ୍ୟ ପରିପୂରଣ ଠାରୁ ଆହୁରି ଦି' ପାହୁଣ୍ଡ ଆଗକୁ ଧପାଳି ଯାଆନ୍ତି । ଯେମିତି ଓ୍ୱାର୍ଡରଫ୍ ନଗର ଅଞ୍ଚଳର ଜଣେ ସମୃଦ୍ଧ ସୌଦାଗର ପାଉଛନ୍ତି ଅପାଙ୍ଗ ପାଣ୍ଡୋ ଆଦିବାସୀ ପାଇଁ ସଂରକ୍ଷିତ ପେନ୍ସନ୍ ଟଙ୍କା । ସେ ମଧ ତା'ର ବାର୍ଦ୍ଧକ୍ୟ ଭତ୍ତାର କିଛି ଅଂଶ ମାରି ନେଉଛନ୍ତି । ଚୁଟ୍‌କି ହାକିମମାନଙ୍କର ତ୍ରିବେଣୀ-ସଂଗମ ଯୋଗୁଁ ଏପରି ଆତ୍ମସାତ—ମହାଯୋଗ ସମ୍ଭବପର ହୋଇପାରୁଛି । ଅନେକ ଗ୍ରାମରେ ଅଣ-ଆଦିବାସୀମାନେ ପାଇଛନ୍ତି ଆଦିବାସୀଙ୍କ ପାଇଁ ସଂରକ୍ଷିତ ଋଣ । ଆଦିବାସୀମାନେ ମୁଖ୍ୟତଃ ଲେଖାପଢ଼ା ଜାଣିନଥିବାରୁ ଅଜ୍ଞାତ ଆବେଦନ ପତ୍ରରେ ଟିପଚିହ୍ନ ଦେବାକୁ ବାଧ ହୋଇଥାନ୍ତି—ଯେଉଁ ଅଜ୍ଞତା ହିଁ ଏହି ତ୍ରିବେଣୀ-ସଂଗମରେ ମହାକୁମ୍ଭ ବୁଡ଼ ପକାଇ ପର୍ଯ୍ୟାପ୍ତ ପୁଣ୍ୟ ଅର୍ଜନରେ ଅଫିସରମାନଙ୍କୁ ସାହାଯ୍ୟ କରେ ।

ଅନେକ ସମୟରେ, ଜଣେ ପାଣ୍ଡୋ ଆଦିବାସୀ ନାମରେ ଅନୁମୋଦିତ ୬ ହଜାର ଟଙ୍କା ଋଣରୁ ତା' ହାତକୁ ଆସେ ଅର୍ଦ୍ଧେକ । ଅବଶିଷ୍ଟ ଟଙ୍କାକୁ ଶୋଷି ନିଅନ୍ତି ବ୍ୟାଙ୍କ ଅଫିସର ଓ ଏ ଧାରା ସହ ସଂପୃକ୍ତ ସରକାରୀ କର୍ମଚାରୀଗଣ । ଭାଗବାଣ୍ଟୁରା

Digitized by srujanika@gmail.com

ହୋଇଯାଏ । କିନ୍ତୁ ହତଭାଗା ହିତାଧିକାରୀକୁ ୬ ହଜାର ଟଙ୍କା ଉପରେ ସୁଧ ଗଣିବାକୁ ପଡ଼େ ଏବଂ ସେହି ଅନ୍ୟୋନ୍ୟପାୟ ହତଭାଗ୍ୟ ୩ ହଜାର ଟଙ୍କାର ଋଣ ପାଇ ଶୁଝିଥାଏ ୬ ହଜାର ଟଙ୍କା । ଏହା ହିଁ ଭାରତବର୍ଷ, ଏଇ ହିଁ 'ଗରିବୀ ହଟାଓ', ଏଇ ହେଲା ଆମ ତଥାକଥିତ ଶିକ୍ଷିତଙ୍କ ଦେଶସେବା !!

ସୁରଗୁଜାରେ ଅଛନ୍ତି ୨୪ ହଜାର ପାଣ୍ଡୋ, ୧୧ଟି ବ୍ଲକ୍‌ରେ ଘନୀଭୂତ ସେମାନଙ୍କ ଜନସଂଖ୍ୟା । 'ଆଦିମ ଜନଜାତି'ର ସରକାରୀ ତାଲିକା ଭିତରେ ସେମାନେ ପଡ଼ନ୍ତି ନାହିଁ । ମାତ୍ର ଏହି ତାଲିକା ଅନ୍ତର୍ଗତ ତାଙ୍କ ପଡ଼ୋଶୀ କୋରୁଆଙ୍କ ଭଳି ବହୁସ୍ତରରେ ସେମାନେ ଅନୁନ୍ନତ ଓ ଅନଗ୍ରସର । ମଗଜବିହୀନ ଅନେକ ଫୁଲାଫାଙ୍କିଆ ପ୍ରୋଜେକ୍ଟ—କୋଟି କୋଟି ଟଙ୍କାର 'କଲ୍ୟାଣ ଯୋଜନା'—ସବୁ ରହିଛି ଏହି ସଂପ୍ରଦାୟ ପାଇଁ । ସୁତରାଂ ଆଖିବୁଜି କହିହେବ ଏସବୁ ଯୋଜନାର ଫଳଶ୍ରୁତି—'ମହାଶୂନ' ।

ସଂପ୍ରଦାୟଟିର ବାସ୍ତବ ସମସ୍ୟାମାନ ସେମିତି ଅସ୍ପୃଶ୍ୟ ହୋଇ ପଡ଼ିରହିଥାଏ । କଦବା କ୍ୱଚିତ କେହି ତା' ଉପରେ ମୁଣ୍ଡ ଖେଳାଏ । ନକୁଳର ଗାଁରେ ଗୋଟିଏ ବି ନଳକୂଅ ନାହିଁ, ବିଜୁଳି ନାହିଁ, ସ୍କୁଲ ନାହିଁ, ରାସ୍ତା ନାହିଁ । ନିଯୁକ୍ତି ନାହିଁ—ବହୁ 'ନାହିଁ ନାହିଁ'ର ହୀନିମାନ ଭୋଗୁଥିବା ପୃଥିବୀ ତାଙ୍କର । କେବେ ଅକାଳେ ସକାଳେ ପ୍ରୋଜେକ୍ଟଟିଏ ଉତୁରି ଆସେ ଯେମିତି ଆକାଶରୁ । ଦି'ଚାରି ଟୋପା ବର୍ଷିଯାଏ, ତତଲା ତହକ ମାଟି ସେତକ ଚାଉଁକିନା ଶୋଷିନିଏ । ଦି'ଚାରି ଦିନର ନିଯୁକ୍ତି ପରେ ପୁଣି ମାଟି ଶୁଖିଲା, ଆକାଶ ଖାଁ ଖାଁ । ପୁଣି ସରକାରୀଆ ଠିକାଦାରମାନେ ସରକାରୀ ଭାବେ ଧାର୍ଯ୍ୟ ସର୍ବନିମ୍ନ ମଜୁରି ୨୮ ଟଙ୍କାର ଅଧା ଦିଅନ୍ତି ପାଣ୍ଡୋ ଶ୍ରମିକଙ୍କୁ, ବାଟମାରଣାରେ ଅବଶିଷ୍ଟ ଚାଲିଯାଏ । ଏହି ଭାଗ୍ୟ ଓ ଭବିତବ୍ୟକୁ ନେଇ ବଞ୍ଚିଥାନ୍ତି ସହସ୍ର ସହସ୍ର ଆଦିବାସୀ ଏବଂ ସମୃଦ୍ଧି ଓ ଉତ୍‌ଥାନର ଡିଣ୍ଡିମ୍ ପିଟି ଚାଲିଥାଏ ସରକାରୀ ପ୍ରଶାସନ ।

ନକୁଳର ପରାଶରାମପୁର ବସ୍ତିରେ ଷାଠିଏ ଘର, କୌଣସି ପରିବାରର ଜଣେ ବି ପିଲା ସ୍କୁଲ ବାରଣ୍ଡା ମାଡ଼େନାହିଁ । ନିକଟତମ ସ୍କୁଲଟି ଛଅ କିଲୋମିଟରେ ଦୂର । "ଆମର ଟିକି ଟିକି ଅଣ୍ଡା ବଚ୍ଚା ଏତେ ଦୂରବାଟ କେମିତି ଯିବେ କୁହତ ବାବୁ, ବାଟସାରା ଜଙ୍ଗଲ, ସାପ ଭର୍ତ୍ତି ।" —ପଚାରେ ରାମସାଇ ।

"କିନ୍ତୁ ଏତେ ବାଟ ଚାଲି ଚାଲି ପହଞ୍ଚିଲା ପରେ ବି ସ୍କୁଲ ନଥାଏ ।"—କଣ୍ଠରେ ଶ୍ଳେଷ ଓ ନୈରାଶ୍ୟ ଭରି କହେ ବୀରସାଇ । "ସେ ସ୍କୁଲର ମାଷ୍ଟର ଭାରି ଦେଶ-ପ୍ରେମୀ । ପ୍ରତିବର୍ଷ ଜାନୁଆରୀ ୨୬ ଓ ଅଗଷ୍ଟ ୧୫ ଦିନ ସେ ଜାତୀୟ ପତାକା ଉତ୍ତୋଳନ କରାନ୍ତି । ସେ ଦୁଇଟି ଦିନ ମାଷ୍ଟ୍ରେ ନିଶ୍ଚେ ଆସିବେ । ସ୍କୁଲକୁ ଆସିବାକୁ

Digitized by srujanika@gmail.com

ପିଲାଙ୍କୁ ତାଗିଦା କରିବେ । ପ୍ରଭାତଫେରି କରାଇବେ । ତା'ପରେ ନା ପିଲା ନା ମାଷ୍ଟ୍ର କାହାରି ହାଜିରା ସ୍କୁଲରେ ପଡ଼ିବ ନାହିଁ । ବ୍ଲକ୍ ଅଫିସ୍‌ରୁ ଦରମା ନେଇ ସେ ବାଟେ ବାଟେ ନିଜ ଘର ଯିବେ ।'' ଦେଶପ୍ରେମରେ ଉଦ୍‌ବୁଦ୍ଧ ମହାପ୍ରାଣ ଶିକ୍ଷକଙ୍କର ଭବ୍ୟ ଦର୍ଶନ ମିଳିବ ପରବର୍ତ୍ତୀ ବର୍ଷ ଜନରାଜ୍ୟ ଦିବସ ଓ ସ୍ୱାଧୀନତା ଦିବସ ଅବକାଶେ ।

ତେବେ, ହଠାତ୍ ଗୋଟିଏ ଦିନ ସରକାରୀ ଘୋଷଣାର ଆତସବାଜି ଫୁଟିବ, ଆକାଶ ଝଲସାଇ ହାବେଳି ଉଠିବ, ସରକାରୀ କର୍ମଚାରୀଙ୍କ ତତ୍ପରତାର ଫୁଆର ଫିଟିବ । 'ଋଣ ମେଳା' କରି ସରକାର ଲକ୍ଷ ଲକ୍ଷ ଟଙ୍କା ବାଣ୍ଟିବାର ଅଷ୍ଟପ୍ରହରୀ ସଂକୀର୍ତ୍ତନ କରିବେ । ତଦ୍ରୂପ ଏକ ପ୍ରହସନର ରୋଷଣୀରେ ମାତି ନକୁଳ ଶେଷକୁ ନିଜ ଚାଳର ଖପର ବିକିଲା । ''ନକୁଳ ଭାବିଥିଲା ସରକାର ସତକୁ ସତ ତା' ପାଇଁ କିଛି କରୁଛନ୍ତି । ସିଏ କେମିତି ଜାଣିବ ଯେ ଏସବୁ ଟାର୍‌ଗେଟ୍ ପୂରଣର ପ୍ରହସନ ?'' —ବିଦ୍ରୂପ ଓ ବିମର୍ଷତା ସହ ପ୍ରଶ୍ନ କରନ୍ତି ଶ୍ରୀବାସ୍ତବ । ତାଙ୍କ ଭାଷାରେ : ପ୍ରତି ପ୍ରୋଜେକ୍ଟ ହେଉଛି ପାଣ୍ଠିକୁ ଚାହିଁ ରୋଷଣୀ ବାଜା; ଯେତିକି ଚୂନାକୁ ସେତିକି ପିଠା ଏବଂ ସରକାରଙ୍କ ଅଗ୍ରାଧିକାର । ସେଥିରେ ପାଣ୍ଡୋ କି ଆଉ କେଉଁ ସଂପ୍ରଦାୟ 'ହିତାଧିକାରୀ' ବନିବାର ସୌଭାଗ୍ୟ କି ଦୁର୍ଭାଗ୍ୟ ଲଭନ୍ତି —ବଳି କାଠରେ ବୋଦାର ଭବିତବ୍ୟ ସଦୃଶ ।

''ନକୁଳ ଓ ଅନ୍ୟ ଦୁସ୍ଥ ଆଦିବାସୀ ଟଙ୍କା ଦରକାର କରନ୍ତି —ଏକଥା ଠିକ୍ । ମାତ୍ର ସେ ଟଙ୍କା ନେଇ ସେ କ'ଣ କରିବ ଏ ବିଚାର ତା' ଉପରେ ଛାଡ଼ି ନଦେଇ ସରକାରୀ ଲୋକେ ତା' ଉପରେ ଯୋଜନା ଲଦି ଦିଅନ୍ତି —ଗାଈ କିଣି ଦୁଧ ବିକିବ କିମ୍ବା ଗଛ ଲଗାଇ ଫଳ ବିକିବ । ଗାଈକୁ ଖୁଆଇବାର ଦାନା, କି ଗଛ ଲଗାଇବାକୁ ଜମି ଖଣ୍ଡେ ସେ ଆଦିବାସୀର ଅଛି କି ନାହିଁ ସେକଥା କେହି ଅନୁଧ୍ୟାନ ବି କରନ୍ତି ନାହିଁ ।'' —କହିଲେ ଓକିଲ ମୋହନ କୁମାର । ସେ ଆମ ସହିତ ନକୁଳର ବସ୍ତିକୁ ଯାଇଥିଲେ । ''ଏସବୁ ଯୋଜନାର ପ୍ରୟୋଜନୀୟତା ଆଦିବାସୀ ପାଇଁ କେତେଦୂର ରହିଛି, ତା'ର ବାସ୍ତବ ଆବଶ୍ୟକତା କ'ଣ ଏହା କେହି ବିଚାର କରନ୍ତି ନାହିଁ । ସୁତରାଂ ମୁଣ୍ଡ ଉପରେ ଚାଳ ଖଣ୍ଡେ ପକାଇବା ପାଇଁ ଯେଉଁ ଋଣ ଉଦ୍ଦିଷ୍ଟ ଥିଲା, ଶେଷକୁ ସେ ଚାଳକୁ ଉଲାରି ବିକିବାକୁ ହିତାଧିକାରୀକୁ ବାଧ କଲା । ତେଣୁ ଜଣେ ବୁଝିବା ଦରକାର କାହିଁକି ତଥାପି ଅନେକ ଲୋକ ସାଉକାର ପାଖକୁ ଋଣ ପାଇଁ ଧାଆଁନ୍ତି ।''

ବାସ୍ତବିକ ଇଏ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଏବଂ ଏହାର ଗୋଲକ ଧନ୍ଦାର ହିଡ଼ ଡେଇଁବା ଆହୁରି ଏକ ଦୁଷ୍କର କସରତ ।

❖ ❖ ❖

Digitized by srujanika@gmail.com

ପିଆଜ-ରାଜନୀତିର ପୃଥିବୀରେ ନୂଆପଡ଼ାର ଦଳିତ

ଭାରତରେ ପିଆଜ-ରାଜନୀତିରେ ଦୁଇ ଦୁଇଥର ସରକାର ଧରାଶାୟୀ ହୋଇଥିବାର ଖବର ଠାକୁର ଦାସ ମହାନନ୍ଦଙ୍କ ପାଖରେ ଥିଲା । ସେ ନିଜେ ମଧ୍ୟ ଏହି ପିଆଜ-ରାଜନୀତିର ବହୁବାର ଶିକାର ବନିଛନ୍ତି, ଅବଶ୍ୟ ସରକାରରେ ଥାଇ ନୁହେଁ, ଦୁର୍ଗମ ନୂଆପଡ଼ା ଜିଲ୍ଲାର ପୋଡ଼ାପଲ୍ଲି ଗାଁର ଏକ ଦୁସ୍ଥ ହରିଜନ ଚାଷୀ ଭାବେ । ସେ ଭାବିଲେ, ଏଥର ସେ ଆଉ ସେହି ଗତାନୁଗତିକ ଧାରାରେ ଗାଁ ପାଖ ମହାଜନ-ବେପାରୀଙ୍କ ଚକ୍ରବ୍ୟୂହରେ ବନ୍ଦୀ ନହୋଇ ନିଜର ବାଟ ଖୋଜିନେବେ । ଏସନ ପିଆଜ ଚାଷ ଭଲ ହୋଇଛି । ବଜାରରେ ଖୁଚୁରା ଦର ମଧ୍ୟ ଉଞ୍ଚା ଅଛି, ମାତ୍ର ଅମଳ ଋତୁରେ ବେପାରୀ ଯାଇତାଇ ମୂଲ୍ୟ ଫୋପାଡ଼ି ଦେଇ ସେମାନଙ୍କ ଜୀବନ ସହ ଖେଳୁଛି । ଏହି ବେପାରୀ-ଦଲାଲ-ସାଉକାରଙ୍କ ଚାଲାକି, ଫିସାଦି ଖେଳ ଦେଖି ଦେଖି ଓ ଫୋପଡ଼ା ମୂଲ୍ୟରେ ପିଆଜ ବିକ୍ରି କରି କରି ସେ ନୟାନ୍ତ, ଅସୁସ୍ଥ ହୋଇଗଲାଣି । ଆଉ ନୁହେଁ—ଢୋଲ ଖାଇବ ମାଡ଼, ହାଡ଼ି ନେବ ପଇସା ! କିଆଁ ବେପାରୀ ଫାଇଦା ଉଠାଇବ ତା' ଉତ୍ପାଦନ ଉପରେ ଏବଂ ସେ ତତଲା ନିଶ୍ୱାସ ଛାଡ଼ି ଫୁଟା ଚାଳ ଆଡ଼େ ଚାହିଁ ରହୁଥିବ ! ''ତେଣୁ ମୁଁ ଭାବିଲି ଏଥର ପିଆଜ ଅମଳ ପରେ ସବୁତକ ନିଜେ ଧରି ତର୍‌ବୁଡ଼ ହାଟକୁ ଯିବି, ସିଧା ବିକିବି, ଲାଭ ପାଇବି ।''

ଠାକୁର-ଦାସଙ୍କ ଜମି ମାତ୍ର ଚଉଠ ଏକର । ନିପାଣିଆ ଜମି । ଚୁଆ ଖଣ୍ଡେ ଖୋଳି ସେ ପିଆଜ ଉତାରେ । ଏସନ ଦଶ କୁଇଣ୍ଟାଲ ମିଳିଛି । ତେଣୁ ସେ ଟଙ୍କା ଯୋଗାଡ଼ କରି ଶଗଡ଼ ଖଣ୍ଡେ ଭଡ଼ାରେ ଆଣିଲେ । ବିଲ ଚାଷ ପାଇଁ ତା'ର ନିଜର ବଳଦ ନାହିଁ, ହେଲେ ଅନ୍ୟଠାରୁ ସେତକ ଆଣି ପିଆଜ ଲଦି ସେ ଚାଲିଲେ ତରବୁଡ଼ ହାଟ । ସେଠାରେ ଖୁଚୁରା ବେପାରୀଙ୍କୁ ପିଆଜ ବିକିବେ ନଇଲେ ନିଜେ ବାହାରେ ବସି ଖୋଲା ଦର୍‌ରେ ଗରାଖଙ୍କୁ ବିକିବେ । ଗରାଖ ଟିକେ ଶସ୍ତାରେ ପାଇବେ । ଏମିତି ଭାବି ଭାବି ଅଣି କିଲୋମିଟର ରାସ୍ତା ଅତିକ୍ରମ କରି ହାଟରେ ପହଞ୍ଚିଲା ବେଳକୁ ବଳଦ ଦୁଇଟି କ୍ଳାନ୍ତ । ତା' ନିଜ ମାଂସପେଶୀ ବି ଅବଶ ହୋଇପଡ଼ିଛି ।

ହାଟରେ ପିଆଜ ବସ୍ତା ଶଗଡ଼ରୁ ଉତାରିଲା ପରେ ଠାକୁର ଦାସଙ୍କ ଆଶା ଓ ସ୍ୱପ୍ନର ଆବେଶ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ପଡ଼ିଲା । ''ମୋ ଠାରୁ କେହି ପିଆଜ

Digitized by srujanika@gmail.com

କିଣିଲେ ନାହିଁ । ମୋ ସହିତ ମୂଲଚାଲ କରି ଯୋଉ ଦର ହାଙ୍କିଲେ ତାହା ଥିଲା ଦଲାଲ ଠାରୁ ସେମାନେ କିଣୁଥିବା ଦର୍ ଠାରୁ ଢେର୍ ତଳେ । ସେମାନେ ଆଗରୁ ଦଲାଲ ଠାରୁ ଯୋଉ ଦର୍‌ରେ କିଣୁଥିଲେ ସେତକ ମଧ୍ୟ ମିଳିଲା ନାହିଁ । ମୋତେ ଲାଗିଲା ମୋତେ ସେମାନେ ଲୁଟ୍ କରିବାକୁ ତିଆର୍ । ସେମାନେ ଜାଣନ୍ତି ମୁଁ ପିଆଜ ବିକିବାକୁ ବିକଳ ହୋଇ ଏତେବାଟ ଆସିଛି । ଶେଷକୁ ଜଣେ ଲୋକ ଚାରି କୁଇଣ୍ଟାଲ ପିଆଜ ବାକିରେ ନେଲା ଯେ, ଏଯାଏ ଧାଇଁ ଧାଇଁ ଟଙ୍କା ମିଳିଲା ନାହିଁ । କେହି ଖୁଚୁରା ଗରାଖ ବି ମୋ ଠୁଁ କିଣିଲେ ନାହିଁ ।'' —ନିରାଶାରେ ଭାଙ୍ଗିପଡ଼ି କହନ୍ତି ଠାକୁର ଦାସ ।

ସୁତରାଂ ବେପାରୀଙ୍କ ଏକଚାଟିଆ ମେଣ୍ଟ ହିଁ ସକ୍ରିୟ ବୋଲି ପ୍ରମାଣିତ ହେଲା । ଏପରିକି ସ୍ଥାନୀୟ ଭାବେ ବହୁତ ଛୋଟମୋଟ ପିଆଜ ବେପାରୀ ଥିଲେ ବି କେହି ସେମାନଙ୍କୁ ଅତିକ୍ରମ କରି ଯାଇପାରିବ ନାହିଁ । ସେ ହାଟରୁ ପିଆଜ ଯାଏ ଖରିଆର ରୋଡ୍ ରେଳଷ୍ଟେସନ ଏବଂ ସେଠାରୁ ଓଡ଼ିଶା ବାହାରର ବିଭିନ୍ନ ପ୍ରାନ୍ତ । ଅଧିକାଂଶ ଯାଏ ମଧ୍ୟପ୍ରଦେଶର ରାୟପୁର ।

ପାଇକାରୀ ଓ ଖୁଚୁରା ବେପାରୀ-ମହାଜନ-ସୌଦାଗରଙ୍କ ଯୋଡ଼ି ଏତେ ଶକ୍ତ ଯେ ଠାକୁରଦାସ ଭଳି ନୂଆପଡ଼ା-କଳାହାଣ୍ଡି ଅଞ୍ଚଳର ହଜାର ହଜାର ପିଆଜ ଚାଷୀ ତାକୁ ଛିଣ୍ଡାଇବା ଅତ୍ୟନ୍ତ କଠିନ । ଏହା ବାହାରେ ଠାକୁର ଦାସର ରହିଥିଲା ଅନ୍ୟ ଏକ ସମସ୍ୟା । ପୁନଶ୍ଚ ଯଦି ସେ ବଳକା ଛଅ କୁଇଣ୍ଟାଲ ପିଆଜ ଶଗଡ଼ରେ ଲଦି ଫେରିଥାନ୍ତେ ତେବେ ବଳଦ ଦୁଇଟା ହୁଏତ ମରିଯାଇଥାନ୍ତେ ଏବଂ ସେ ଦୁହିଁଙ୍କୁ ସେ ଭଡ଼ାରେ ଆଣିଛନ୍ତି । ସୁତରାଂ ତା'ର ଶ୍ରମ, ସ୍ୱେଦରେ ଉତରା ଫସଲର ୬୦ ଭାଗ ସିଏ ଗଡ଼ାଇ ଦେଇ ଆସିଲେ ତରବୁଜ ହାଟ ରାସ୍ତା କଡେ ଏବଂ ଶୂନ୍ୟ ହସ୍ତରେ ଫେରିଲେ ନିଜ ଗ୍ରାମ । ପିଆଜ ହେଉଛି ଏକ ପଚମାନ ପରିବା, ନିଜ କ୍ଷେତ ଠାରୁ ଅଶି କିଲୋମିଟର ଦୂରସ୍ଥ ରାସ୍ତାକଡ଼ର ଘାସବଣକୁ ଅନ୍ତତଃ ସେ ଉର୍ବରା କଲା । ସୁତରାଂ ପରବର୍ତ୍ତୀ ସମୟରେ ସେ ଯେତେବେଳେ ପିଆଜ ଚାଷ କଲେ, ଅବଶ୍ୟ ଏଭଳି ନୈରାଶ୍ୟଜନକ ଅନୁଭୂତିର ଆଘାତରେ ପରବର୍ତ୍ତୀ ଚାଷ ପାଇଁ ବହୁବର୍ଷ ବିତିଗଲା, ସେତେବେଳେ ସେ ସ୍ଥାନୀୟ ଦଲାଲ୍-ବେପାରୀ ହାଙ୍କୁଥିବା ଯାଇତାଇ ଦର୍‌ରେ ହିଁ ପିଆଜ ବିକିବାକୁ ଚୁକ୍ତିବଦ୍ଧ ହେଲେ । କେବଳ ସେ ଚାହିଁଲେ ନଗଦ ଟଙ୍କା ଆକାରରେ କିଛି ମିଳୁ । ଇତିମଧ୍ୟରେ ସେ ଜାଣିସାରିଥିଲେ ପିଆଜ ଚାଷର ମହତ୍ୱ ।

ନୂଆପଡ଼ାରେ ଚାଷବାସ କେବେ ସହଜ ସରସ ନୁହେଁ । ଏଠାରେ ମାତ୍ର ୯ ଶତାଂଶ ଜମି ଜଳସେଚିତ ଏବଂ ୯୧ ଶତାଂଶ ବର୍ଷା ଉପରେ ନିର୍ଭରଶୀଳ । ତଥାପି

Digitized by srujanika@gmail.com

ଏତେ ଶ୍ରମ ସ୍ୱେଦ ଢାଳି ନିରସା, ଶୁଖିଲା ମାଟିରେ ଫସଲ ଫଳାଉଥିବା ଚାଷୀକୁ ତା'ର ଯଥାର୍ଥ ପ୍ରାପ୍ୟ ମିଳେନାହିଁ । ଏ ଅବସ୍ଥା ନୂଆପଡ଼ା ଓ ପୁରୁଣା କଳାହାଣ୍ଡି ଅଞ୍ଚଳରେ ବିଧିବଦ୍ଧ ପ୍ରଚଳିତ ଓ ଦୀର୍ଘଦିନ ଧରି ଅପରିବର୍ତ୍ତିତ । କୁଣ୍ଠିତ ବା କୃପଣ ଓ କୁଶଳୀ ବେପାରୀଙ୍କ ଚକ୍ରବ୍ୟୂହରୁ କେହି ନିସ୍ତାର ପାଆନ୍ତି ନାହିଁ ।

ସ୍ଥାନୀୟ ବ୍ୟବସାୟୀ ସଂଗଠନର ଜଣେ ବିରଷ୍ଠ ସଦସ୍ୟ ରାଜୁ ଧୋଳକିଆ କହନ୍ତି : ''ଏଠାରେ ପାଞ୍ଚଶହ ପାଖାପାଖି ବ୍ୟବସାୟୀ, ଏଥିମଧ୍ୟରେ ପ୍ରାୟ ତିନିଶହ କ୍ଷୁଦ୍ର ବ୍ୟବସାୟୀ । ତେବେ ଏଠାରେ ୧୫ଟି ବଡ଼ ବଡ଼ ପରିବାର ହାତରେ ସମସ୍ତ ବ୍ୟବସାୟର ଚାବିକାଠି, ସେମାନେ ହିଁ ଗଣ୍ୟମାନ୍ୟ ।'' ଏହି ପନ୍ଦରଟି ପରିବାର ସମସ୍ତ ପ୍ରକାର ଉତ୍ପାଦନ, ଜିନିଷପତ୍ର ଓ ବଜାରକୁ ନିୟନ୍ତ୍ରଣ କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରେ ଭିତିରିଆ ସନ୍ଧି ଓ ସଂପର୍କ ଅତି ନିବିଡ଼ । ଧୋଳକିଆଙ୍କ ବକ୍ତବ୍ୟରେ : ''ଏଠାରେ ବାସ୍ତବରେ ଧାନ ବେପାରୀ ହେଉଛନ୍ତି ହାତଗଣତି ସାତଜଣ, ଯେଉଁମାନଙ୍କ ଲଗାମରେ ସମୁଦାୟ ବଜାର ଏବଂ ଏଠାରୁ ରାଜ୍ୟ ବାହାରକୁ ଧାନ ଓ ଚାଉଳ ଚାଲାଣ ହୁଏ ।''

କଳାହାଣ୍ଡି ଜିଲ୍ଲା ଚିର ମରୁଡ଼ିଗ୍ରସ୍ତ ଓ ବହୁ ବହୁ ଅଭାବ ତଥା କ୍ଷୁଧାର ଏକ କେନ୍ଦ୍ରସ୍ଥଳୀ ରୂପେ ରହିଥିବା ପ୍ରଚଳିତ ଜନବିଶ୍ୱାସ ଏକାନ୍ତ ଭ୍ରମାତ୍ମକ । ବାସ୍ତବ କ୍ଷେତ୍ରରେ ସମଗ୍ର ଓଡ଼ିଶା, ଏପରିକି ଭାରତର ମୁଣ୍ଡପିଛା ଉତ୍ପାଦନ ଠାରୁ ଏଠାରେ ଅଧିକ ଖାଦ୍ୟଶସ୍ୟ ଉତ୍ପନ୍ନ ହୁଏ । ମାତ୍ର ଏଠାରେ ଉତ୍ପାଦିତ ସାମଗ୍ରିକ ଖାଦ୍ୟଶସ୍ୟର ମାତ୍ର ୨୫ ଶତାଂଶ ଏଠାକାର ଲୋକମାନଙ୍କ କ୍ଷୁଧା ନିବାରଣ ପାଇଁ ଉପଲବ୍ଧ ହୁଏ । ଅବଶିଷ୍ଟ ଚାଲିଯାଏ ବାହାରକୁ; ବେପାରୀ-ମହାଜନ-ସୌଦାଗରର ଯୋଡ଼ି ମାଧ୍ୟମରେ ଏବଂ ସୃଷ୍ଟି ହୁଏ ଏକ କୃତ୍ରିମ ଅଭାବ ।

''ଏଠାରେ ଥିବା ଧାନକଳଗୁଡ଼ିକ ଏକଚାଟିଆ ଭାବେ ଧାନକୁ ନିୟନ୍ତ୍ରଣ କରନ୍ତି । ସେ ଫନ୍ଦା ଭିତରକୁ ଅନ୍ୟକେହି ପଶିବା କାଠିକର ପାଠ ।'' –କହନ୍ତି ଧୋଳକିଆ । ଯେଉଁ ପରିବାର ହାତରେ ଧାନ ବେପାର, ସେମାନେ ମଧ ପିଆଜ ଠାରୁ ଅଳସୀ, ଶାଳମଞ୍ଜିରୁ ଭୁଷାମାଲ ବେପାର ଯାଏ ସବୁ ନିୟନ୍ତ୍ରଣ କରନ୍ତି । ନୂଆପଡ଼ାର ମୁଖ୍ୟ ବଜାର ଭିତରେ ପଶିଗଲେ ଜଣେ ଦେଖିବ ଯେ କୌଣସି ସ୍ଥାନୀୟ ଓଡ଼ିଆ ଲୋକ ସେଠାରେ କୌଣସି ବ୍ୟବସାୟ ଚଳାନ୍ତି ନାହିଁ । ସବୁର ମାଲିକ ହେଉଛନ୍ତି ରାଇପୁରର ମାରୁଆଡ଼ି ଏବଂ ମଧ୍ୟପ୍ରଦେଶର ବିଭିନ୍ନ ପ୍ରାନ୍ତର ବେପାରୀ ।

ଏମିତି କୌଣସି ବ୍ୟବସାୟ ନାହିଁ ଯାହା ଏଇ ମୁଷ୍ଟିମେୟ ଅଣ-ଓଡ଼ିଆ ବେପାରୀଙ୍କ କବ୍‌ଜାରେ ନାହିଁ । ରାୟପୁର ହେଉଛି ଋଣ କୌଶଳର ପେଣ୍ଠସ୍ଥଳୀ ।

Digitized by srujanika@gmail.com

ଓଡ଼ିଶା-ମଧ୍ୟପ୍ରଦେଶ ସୀମାନ୍ତରେ କିଛି ଘଣ୍ଟା କଟାଇଲେ ଏକଥା ସ୍ପଷ୍ଟ ଦେଖାଯାଏ – କଳାହାଣ୍ଡି-ନୂଆପଡ଼ା ଇଲାକାରେ ପ୍ରବେଶ କରୁଥିବା ଅଧିକାଂଶ ଟ୍ରକ୍ ଶୂନ୍ୟ ଏବଂ ରାୟପୁର ଅଭିମୁଖୀ ଟ୍ରକ୍‌ଗୁଡ଼ିକ ମାଲପତ୍ରରେ ଭରପୂର ।

''ଏହି ସମାନ ଗୋଷ୍ଠୀ ବା ପରିବାର ହେଉଛନ୍ତି ମହାଜନୀ କାରବାରର ମଧ୍ୟ ପ୍ରାଣକେନ୍ଦ୍ର । ଏମାନଙ୍କ ଅଧୀନରେ ଏଜେଣ୍ଟ ଭାବେ କାମ କରନ୍ତି ବହୁ ଛୋଟ ଛୋଟ ବେପାରୀ-ସାହୁକାର ।'' – କହନ୍ତି ଜଣେ ବରିଷ୍ଠ ଅଫିସର ଏବଂ ସେ ସ୍ୱୀକାର କରନ୍ତି କଳାହାଣ୍ଡିର କୃଷି କ୍ଷେତ୍ରରେ ଏବେ ବି ରହିଛି ବହୁ ସମୃଦ୍ଧି ଓ ସମ୍ଭାବନାର ପ୍ରତିଶ୍ରୁତି ।

ବଜାରକୁ ଅକ୍ତିଆର କରି ଏବଂ ସୁଧ ଲଗାଇ ଏତେ ପୁଞ୍ଜି ସହଜରେ ମିଳେ ଯେ କୃଷିକ୍ଷେତର ଉତ୍ପାଦନ ବୃଦ୍ଧି ପାଇଁ ଅର୍ଥ ବିନିଯୋଗ ଦିଗରେ କାହାରି ଆଗ୍ରହ ନାହିଁ । ସବା ତଳ ସିଡ଼ିର ମଣିଷ, ଦରିଦ୍ର ନିରନ୍ନ ଠାକୁର ଦାସ ଏ ଚକ୍ରବ୍ୟୂହର ଖଡ଼ିପାଠକୁ ଠିକ୍ ବୁଝିଛି : ''ଏବେ ମୋ କୁଟୁମ୍ବ ପିଲାଛୁଆ ଖାଇବାକୁ ମୁଁ ପିଆଜ ଚାଷ କରେ । ମୋର ମୁଖ୍ୟ ଚାଷ ଧାନ ଅମଳ ହେବାର ବହୁ ପୂର୍ବରୁ ମୁଁ ତାକୁ ବେପାରୀକୁ ବିକ୍ରି କରିସାରିଥାଏ ।''

ବନବାସୀ ସଂଘ, ଜାଗରୁକ୍ ଶ୍ରମିକ ସଂଗଠନ ଓ ଏତାଦୃଶ ଆଉକିଛି ସଂଗଠନ ଛୋଟ ଛୋଟ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ମୁଣ୍ଡ ଟେକୁଛନ୍ତି । କୃଷି ଉତ୍ପାଦନ ପାଇଁ କିପରି ଅଧିକ ପ୍ରାପ୍ୟ ଚାଷୀକୁ ମିଳିବ ସେ ଦିଗରେ ନୂଆ ନୂଆ ଚିନ୍ତନର, ଉପାୟର ମୌଳିକ ପଥ ବାହାର କରୁଛନ୍ତି । ସେମାନଙ୍କ ଏହି ଉଦ୍ୟମ ଫଳପ୍ରସୂ ହେବା ପର୍ଯ୍ୟନ୍ତ ଠାକୁର ଦାସ ମହାନନ୍ଦମାନେ ସେମାନଙ୍କ ପିଆଜକୁ ଶଗଡ଼ ଭଡ଼ା କରି ହାଟକୁ ନେଇ ରାସ୍ତାକଡ଼ରେ ପଚିବା ପାଇଁ ଛାଡ଼ିଦେଇ ଆସୁଥିବେ ଏବଂ ଘରେ ରୋଗିଣା, ଭୋକିଲା ପିଲାର ଶୂନ୍ୟ ଆଖିରେ ନିଜର ପୃଥିବୀକୁ ଖୋଜୁଥିବେ ।

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ସପ୍ତମ

ବିହାରର ପାଲାମାଉ ଜିଲ୍ଲାର ଜଣେ ଅସ୍ପୃଶ୍ୟ ପରହିଆ ମହିଳା ଘରେ ମୁଠେ ଚାଉଳ କି
ଅଟା ନଥିବା ବେଳେ ବଣରୁ ସଂଗ୍ରହ କରି ଆଣିଥିବା ଗେଟି କନ୍ଦାର ମୂଳକୁ ସିଝାଉଛି;
ଯାହାହେବ ସମଗ୍ର ପରିବାରର ଏକମାତ୍ର ଆହାର ।

ଅପରାଧ, ମାତ୍ର ଦଣ୍ଡ ନାହିଁ

Digitized by srujanika@gmail.com

୧.	ଦରିଦ୍ରର ସବୁ ଦୋଷ, ତା'ରି ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ	୨୬୩
୨.	ଭୂଦାନ ମହାଯଜ୍ଞର ଶେଷ ସୂତ୍ରଧର	୨୬୬
୩.	ମେଘମୟ ଆକାଶରେ ମୃତ ଇନ୍ଦ୍ରଧନୁ	୨୭୨
୪.	ମୋ ଜମି ଖଣ୍ଡକ କେହି ଦେଖିଚ ?	୨୭୮
୫.	ମହାପାତକୀ ଦେଶର ମହାନ୍ ନାଗରିକ	୨୮୩
୬.	ବଣ୍ଡାର ଆମଦାନୀକରା ଅପରାଧ	୨୮୯
୭.	ପ୍ରଳୟ ଘୂର୍ଣ୍ଣିପୂର୍ବର ନୀରବତା	୨୯୫
୮.	ଯେଉଁଠି ମଣିଷ ତୁଚ୍ଛ, ପ୍ରକଳ୍ପ ହିଁ ଧ୍ୟେୟ	୩୦୦
୯.	ମଣିଷ ଉପରେ ସବାର୍ ଯନ୍ତ୍ର	୩୦୩

* * *

Digitized by srujanika@gmail.com

ଦରିଦ୍ରର ସବୁ ଦୋଷ, ତା'ରି ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ

ଗ୍ରାମାଞ୍ଚଳ ଭାରତବର୍ଷର ଦାରିଦ୍ର୍ୟ, ନିରକ୍ଷରତା, ଅନଗ୍ରସରତା ବିଷୟରେ ଊଣାଅଧିକେ ପ୍ରତ୍ୟେକ ସଚେତନ ନାଗରିକ ଅବଗତ । ଆମ ଜନସଂଖ୍ୟାର ଏକ ମୁଖ୍ୟ ଅଂଶ 'ମନୁ ସଂହିତା'ର ଶୂଦ୍ର ପର୍ଯ୍ୟାୟର ମଣିଷ ଏବଂ ଉଭଟ ସେ 'ସଂହିତା'କୁ ଏବେ ବି କିଛି ଧୂର୍ତ୍ତ ସମାଜବିତ୍ ଜୀବନ-ବେଦ କରି ଧାରଣ କରିଥାନ୍ତି । ଏହାର ଅର୍ଥ ପିତୃ ପରିଚୟହୀନ, ହୀନମନ୍ୟତାରେ ପୀଡ଼ିତ, ମାନସିକ ସୁସ୍ଥତା ବିବର୍ଜିତ ଗୋଟିଏ ବ୍ରାହ୍ମଣ ଦ୍ୱାରା ଲିଖିତ ପୋଥିକୁ ଶାସ୍ତ୍ରର ମାନ୍ୟତା ଦେଇ ସେମାନେ ଯୁଗ ଯୁଗ ଧରି କର୍ମପ୍ରବଣ, ଶ୍ରମରେ ଉତ୍ସର୍ଗୀକୃତ ଏକ ଜାତିକୁ ଶୋଷଣ କରିବାକୁ ଚାହାଁନ୍ତି । ସ୍ୱାଧୀନତା ପୂର୍ବରୁ ବିଦେଶୀମାନେ ତ 'ବିଖଣ୍ଡନ ମାଧମରେ ରାଜତ୍ୱ'କୁ ଚିହ୍ନାଉଥିଲେ (ଡିଭାଇଡ୍ ଏଣ୍ଡ୍ ରୁଲ୍) ଉସୁକାଉଥିଲେ; ଆମ ସମାଜର ଶ୍ରମ ବିମୁଖ ସାଆନ୍ତମାନେ, ଭୋଗ ସର୍ବସ୍ୱ ରାଜା ଜମିଦାର ଗଣ ସେହି ଶୂଦ୍ରଙ୍କ ହାତରେ ସବୁ କାମ କରାଇ ନେଇ ଅଯଥାରେ ପୁଣି ସେମାନଙ୍କୁ ମାର୍‌ପିଟ୍‌ର ଯନ୍ତ୍ରଣା ଦେଉଥିଲେ । କାଳେ କେହି ସେ ଜାତିର ସଚେତନ ଲୋକଟାଏ ମୁଣ୍ଡ ଟେକିବ !! ସେଥିପାଇଁ ପର୍ଯ୍ୟାୟ କ୍ରମେ ନିୟମିତ ସେମାନଙ୍କୁ ଯନ୍ତ୍ରଣା ଓ ଶାରୀରିକ କଷ୍ଟ ଦିଆହେଉଥିଲା । ସ୍ୱାଧୀନତାର ପଚାଶ ବର୍ଷ ପରେ ସେମାନଙ୍କ ଝିଅ ବୋହୂଙ୍କ ଉପରେ ବଳାତ୍କାରକୁ ନା ରୋକି ପାରିଛି ଆମର ଗଣତନ୍ତ୍ର ନା ସମ୍ବିଧାନ । ସ୍ୱାଧୀନତାର ପଚାଶ ବର୍ଷ ପରେ ଉଚ୍ଚଜାତିର ଶୋଷକ ଏବେ ବି ବିଲକୁ ହଳ କରିବାକୁ ଯାଆନ୍ତି ନାହିଁ, ସେ କାମଟି ଶୂଦ୍ରଙ୍କ ହାତରେ କରାନ୍ତି । ମାତ୍ର ସରକାରୀ ଦପ୍ତରୀମାନଙ୍କରେ ଏଇ ଶୂଦ୍ର ଜାତୀୟ ହାକିମଙ୍କ ବୋଲହାକ ଓ ଅଇଁଠା ପ୍ଲେଟ୍ ଧୋଇବା କାମକୁ କଲାବେଳେ ସେମାନଙ୍କ ପଇତା ମାରା ହୁଏନାହିଁ ଏବଂ ସେଭଳି ଚାକିରି ଗ୍ରହଣ କରିବାକୁ ସେମାନେ କେବେ ପଛାଇବା ଦେଖାଯାଇନାହିଁ; ବରଂ ଲାଞ୍ଚ ଦେଇ ସେପରି ଚାକିରି ପାଇଁ ଧାଡ଼ି ବାନ୍ଧିଥାନ୍ତି ଓ ଶୂଦ୍ରଙ୍କ ସହ ବଳ କଷାକଷି କରନ୍ତି ।

ଏଭଳି ଏକ ପ୍ରେକ୍ଷାପଟରେ ସ୍ୱାଧୀନତାର ଢେର ପରେ ଡର୍ଜନେ ସରିକି ଗଣତାନ୍ତ୍ରିକ ନିର୍ବାଚନ ପରେ ବି ଦଳିତ ଓ ଆଦିବାସୀ ଲୋକଙ୍କ ଭାଗ୍ୟ ଓ ଭବିଷ୍ୟତରେ ସୂର୍ଯ୍ୟ ଉଇଁବାର କୌଣସି ସୂଚନା ଏଯାଏ ଦିଶିନାହିଁ । ସେମାନଙ୍କର ଚାଷଜମିକୁ ଛଡ଼ାଇ ନେଇ ନିଜ ନାମରେ କରିଦେବା ଏବଂ ଏ କ୍ଷେତ୍ରରେ ପ୍ରଶାସନ ପୁଲିସ ତ ସର୍ବଦା ଏବଂ ସମୟେ ସମୟେ ବିଚାରାଳୟ ବି ସମାଜର ଧନୀକ, ପ୍ରଭାବଶାଳୀ

Digitized by srujanika@gmail.com

ବର୍ଗଙ୍କୁ ସାହାଯ୍ୟ କରିବାର ଦୃଷ୍ଟାନ୍ତ ଗୋଟାଏ 'ଧର୍ମ ନିରପେକ୍ଷ, ଜାତି ବର୍ଣ୍ଣ ରହିତ' ଦେଶରେ ଅଭାବ ନାହିଁ । ସେହିପରି ଅଭାବ ନାହିଁ; ଏବେ ବି ଚମାର ବିଚାରପତି ଓ ଶୂଦ୍ର ରାଷ୍ଟ୍ରପତିଙ୍କୁ ଟିଟିକାର କରୁଥିବା ଲୋକର । ଯଦିଓ ନିଜର ଶିକ୍ଷା, ଯୋଗ୍ୟତା ଓ ପ୍ରଜ୍ଞା ବଳରେ ସେମାନେ ସେପରି ମର୍ଯ୍ୟାଦାପୂର୍ଣ୍ଣ ପଦବୀରେ ବସିବାକୁ ସମର୍ଥ ହୋଇଛନ୍ତି ।

ହରିଜନ ଓ ଆଦିବାସୀଙ୍କ ଜମି ଛଡ଼ାଇ ନେବା, ସରକାର ଆବଣ୍ଟନ କରିଥିବା ବଳକା ଜମିକୁ ମାଡ଼ି ବସିବା ଘଟଣା ଭାରତର ସବୁ ରାଜ୍ୟରେ ପ୍ରାୟ ନିରନ୍ତର ଘଟୁଥାଏ । ଏବଂ ଗ୍ରାମାଞ୍ଚଳ ଭାରତର ଦରିଦ୍ର ନିରକ୍ଷର ଚାଷୀଟିଏ କୋର୍ଟ କଚେରୀକୁ ଧାଇଁବା ଏକ ଆତଙ୍କଜନିତ ଅଭିଜ୍ଞତା । ସେମାନଙ୍କ ପକ୍ଷରୁ ନିଯୁକ୍ତ ନିଜ ଓକିଲ ମଧ୍ୟ ସେମାନଙ୍କୁ ଦୁର୍ବ୍ୟବହାର କରେ, ଚଢ଼ା ପାଉଣା ମାଗେ, କଚେରୀ ବାରଣ୍ଡାରେ ସେମାନଙ୍କୁ ଗୁଣ୍ଡା ଧମକ ଠାରୁ ଉଚ୍ଚବର୍ଗର ତାଚ୍ଛଲ୍ୟକୁ ହଜମ କରିବାକୁ ପଡ଼େ । ଏ ବିଭାଗର ସନ୍ନିବଦ୍ଧ ନିବନ୍ଧଗୁଡ଼ିକ ସେହି ପର୍ଯ୍ୟାୟର ଅପରାଧକୁ ଆଶ୍ରୟ କରିଛି । ଏହାଠାରୁ ଆଉ ପାହୁଣ୍ଡେ ଆଗକୁ ଯାଇଛି । ସମାଜର ନିହାତି ଅବହେଳିତ, ନିଷ୍ପେସିତ, ଦରିଦ୍ର, ଦାନାକନା ପାଉନଥିବା ମଣିଷଟି ବିରୁଦ୍ଧରେ କିଭଳି ସଂଘବଦ୍ଧ ଅପରାଧ ଘଟିଛି । ସେ ଏପରି ଦୁର୍ବଳ ଓ ଦରିଦ୍ର ଯେ, କୋର୍ଟ କଚେରୀକୁ ଯିବାକୁ ରାସ୍ତାଖର୍ଚ୍ଚ ପାଇଁ ତା' ଅଣ୍ଟିରେ ପଇସା ନାହିଁ । ଏପରିକି ଅଦାଲତ ସେମାନଙ୍କ ବିରୋଧରେ ଯାଇଛି କିମ୍ବା ଯେଉଁଠି ସପକ୍ଷରେ ରାୟ ମିଳିଛି ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଏକ ମୂକ ଗଣତନ୍ତ୍ର, ଅଥର୍ବ ଅଦାଲତ, ନିସ୍ତେଜ ସମାଜ ଆଗରେ ଏସବୁ ଘଟିବା ଯେମିତି ସ୍ୱାଭାବିକତା ତଥା ଦରିଦ୍ରର ଅବଶ୍ୟମ୍ଭାବୀ ଭାଗ୍ୟଲିପି !

ଏପରିକି ଗୋଟିଏ ଗୋଟିଏ ସଂପ୍ରଦାୟ ବିରୁଦ୍ଧରେ ଅପରାଧ ହୋଇଛି । ଗୋଟିଏ ନିର୍ବୋଧ ନପୁଂସକ ରାଜନୈତିକ ଶାସନ, ଏବଂ ସେମାନଙ୍କ ଗୋଡ଼ାଣିଆ ପ୍ରଶାସନ ମଧ୍ୟ ଏସବୁ ଅପରାଧରେ ଭାଗୀଦାର ବନିଛି । ଗୋଟାଏ ନିଷ୍ପେସିତ ସଂପ୍ରଦାୟକୁ ଆଉ ଗୋଟିଏ ଅବହେଳିତ ସଂପ୍ରଦାୟ ବିରୁଦ୍ଧରେ ଉସ୍‌କେଇ ଦେଇ କିଛି ଧୂର୍ତ୍ତ ମତଲବୀ ଲୋକ ଖେଳ ଦେଖିବାର ମଉଜ ଉପଲବ୍ଧି କରି ଚାଲିଛନ୍ତି । ଫଳହୋଇଛି ଦରିଦ୍ର ଦରିଦ୍ର ମଧ୍ୟରେ ହଣାକଟା, ରକ୍ତପାତ, ବିଦ୍ୱେଷ ଏବଂ ମତଲବୀର ସ୍ୱାର୍ଥ ହାସଲ ।

ଆହୁରି ରହିଛି ଅପରାଧ, କିଛି ନିରୀହ ଜନଜାତି ଯେଉଁମାନଙ୍କୁ ଦିନେ ଅଜଣା ଥିଲା ମିଛ, ଶଠତା, ଧପ୍ପାବାଜି; ସେମାନେ କିପରି ମୂଳ-ସ୍ରୋତରେ ସମାଜର ସଂସ୍ପର୍ଶରେ ଆସି ଆମଦାନୀ କରୁଛନ୍ତି ଜଘନ୍ୟ ଅପରାଧ—ଯେମିତି ବଣ୍ଡାମାନଙ୍କ

Digitized by srujanika@gmail.com

ମଧ୍ୟରେ ଗୋତିପ୍ରଥା । ସେହିପରି ବିକାଶ ନାମରେ ଖଣି ଖନନ, ଜଳ ବିଦ୍ୟୁତ୍ ପ୍ରକଳ୍ପ କରି ଆମେ କିପରି ଆମନ୍ତ୍ରି ଆଣିଛୁ, ଆହ୍ବାନ କରୁଛୁ ବିନାଶ ଓ ସର୍ବନାଶ । ଲକ୍ଷ ଲକ୍ଷ ମଣିଷ ହୋଇଛନ୍ତି ବାସଚ୍ୟୁତ ମାତ୍ର ଉପକୃତ ହୋଇଛନ୍ତି କିଛି ବିଦେଶୀ କମ୍ପାନୀ ଓ ଉଚ୍ଚଶିକ୍ଷିତ ହାକିମ । ବିକାଶ ନାମରେ ଅନ୍ୟର ଘର ଭାଙ୍ଗିବା ଓ ଜୀବିକା ବୁଡ଼ାଇ ଦେବା କ'ଣ କମ୍ ଅପରାଧ ?

ଏସବୁ ସମସ୍ୟାର ଗୁରୁତର ପ୍ରଶ୍ନ ଓ ଉତ୍ତରକୁ ଧାରଣ କରିଛି ଏହି ଅଧ୍ୟାୟ : 'ଅପରାଧ ମାତ୍ର ଦଣ୍ଡ ପାଏନା ଅପରାଧୀ ।'

❖❖❖

Digitized by srujanika@gmail.com

ଭୂଦାନ ମହାଯଜ୍ଞର ଶେଷ ସୂତ୍ରଧର

ଗୋଟାଏ ଜାଗତିକ ସ୍ୱପ୍ନରେ ସମଗ୍ର ଭାରତବର୍ଷ ଏକଦା ହୋଇ ଉଠିଥିଲା ବିଭୋର, ପ୍ରାଣମୟ । ସେ ଥିଲା ଗାନ୍ଧିଜୀଙ୍କ ମାନସପୁତ୍ର ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ । ସେ ଭରି ଦେଇଥିଲା ବିହାର ରାଜ୍ୟର ପାଲାମୁରେ ପ୍ରଚୁର ପ୍ରାଣସ୍ପନ୍ଦନ ଓ ସ୍ୱପ୍ନମୟ ପ୍ରତ୍ୟାଶା । ଧନୀକ ଜମିଦାରମାନଙ୍କୁ ପ୍ରବର୍ତ୍ତାଇ ସେମାନଙ୍କ ହାତରେ ଥିବା ବଳକା ଜମିକୁ ସେମାନେ ସ୍ୱେଚ୍ଛାକୃତ ଭାବେ ଦରିଦ୍ରଙ୍କୁ ହସ୍ତାନ୍ତର କରିବା ଦିଗରେ ସନ୍ଥ ବିନୋବା ଚଳାଇଥିଲେ ଏକ ମୂର୍ତ୍ତିମନ୍ତ, ପବିତ୍ର ଆନ୍ଦୋଳନ । ଧନୀକର ପ୍ରାଚୁର୍ଯ୍ୟରୁ କିଛି ପାଇବ ସର୍ବହରା, ଭୂମିହୀନ ଓ କ୍ଷୁଧାର୍ତ୍ତ । ଏଥିରେ ପୁଲକିତ ହୋଇ ଉଠିଥିଲା ଗୋପାଳ ସିଂହ । ତା'ର ପଡ଼ୋଶୀ ତା' ପାଇଁ ଛାଡ଼ିଦେଲେ ନିଜର କିଛି ଉଦ୍‌ବୃତ୍ତ ଜମି । ଏକ ସମ୍ବେଦନଶୀଳ ଦୃଷ୍ଟାନ୍ତ ଓ ଭାବାବେଶ । ପଡ଼ୋଶୀଙ୍କ ସହ ଗୋପାଳର ଚାଲିଥିଲା ଅନ୍ତର୍ଦ୍ୱନ୍ଦ୍ୱ । ଏହି କ୍ରାନ୍ତିକାରୀ ଆନ୍ଦୋଳନର ଆହ୍ୱାନରେ ଦାନସୂତ୍ରରେ ଗୋପାଳ ପାଇଥିବା ଜମିର ମାଲିକାନା ହାସଲ କରିବାକୁ ବିତିଗଲା ଦୀର୍ଘ କୋଡ଼ିଏ ବର୍ଷ ।

ସାକୁର୍ ମିଆଁ ଥିଲେ ଆଉ ଜଣେ ବଦାନ୍ୟ ବ୍ୟକ୍ତି ଯିଏ ଭୂଦାନ ଆନ୍ଦୋଳନ ପାଇଁ ସମର୍ପି ଦେଇଥିଲେ ଅଜସ୍ର ସଂପତ୍ତି । ବିନୋବା ନଗର ଠାରେ ସେ ପ୍ରଦାନ କରିଥିଲେ ଅଶି ଏକର ଜମି ଏବଂ ତାହା ଥିଲା ଏକ ପାହାଡ଼ର ଉପରି ଭାଗରେ ବିସ୍ତାରିତ । ଏହି ଅଗମ୍ୟ ଓ ଅନୁର୍ବରା ପାହାଡ଼ି ଭୂଇଁକୁ ଚାଷୋପଯୋଗୀ କରିବାରେ ବ୍ୟୟ ହୋଇଥିଲା ପ୍ରଚୁର ଅର୍ଥ–ଦରିଦ୍ର ମଣିଷମାନଙ୍କର ଶ୍ରମ ଏବଂ ବର୍ଷ ବର୍ଷର ଆୟୁଷ । ପିଚିଥିଲା ଏକ ରାସ୍ତା, ବସିଥିଲା ସରକାରୀ ଅର୍ଥରେ ଏକ ସ୍କୁଲ ଏବଂ ଗଢ଼ିଉଠିଥିଲା ଏକ ଜନଗହଳି କେନ୍ଦ୍ର । ଆଜି ସେଠାରେ ଅବଶେଷ ସ୍ୱରୂପ ରହିଛି ଏକ କଚ୍ଚା ରାସ୍ତା ମାତ୍ର । ସାକୁର୍ ମିଆଁଙ୍କ ଏହି ହୃଦୟ ଖୋଲା ବଦାନ୍ୟତା ପାଇଁ ତାଙ୍କର ପିଲା କୁଟୁମ୍ବ କେହି ଅଭାବ ଭୋଗ କରିନଥିଲେ । ଭୂଦାନ ଆନ୍ଦୋଳନ ପୂର୍ବରୁ ଥିବା ସେମାନଙ୍କ ଭୂସମ୍ପତ୍ତି ପରିମାଣକୁ ବହୁ ଗୁଣରେ ଅତିକ୍ରମ କରିଯାଇଛି ଆଜି ସେମାନଙ୍କର ପ୍ରଭୂତ ବେନାମୀ ସଂପତ୍ତିର ମାଲିକାନା ।

ସେଦିନ ରିହାଲଦାଗ ଗାଁର ଦରିଦ୍ର ଆଦିବାସୀ ମୁନେଶ୍ୱର ଖୁବ୍ ଉଚ୍ଚସ୍ୱରରେ କଚେରୀ ବାରଣ୍ଡାରେ ଚିତ୍କାର କରୁଥିଲା ଏବଂ ତା' ଆଖିରୁ ଲୁହ ସହ ନିଆଁ ଫୁଲ୍‌କା ଉତୁରି ଆସୁଥିଲା । ସେ କ୍ରୁଦ୍ଧିତ ହେବାର କାରଣ ଥିଲା ଯଥାର୍ଥ । ପଚିଶ ବର୍ଷ ପୂର୍ବେ

Digitized by srujanika@gmail.com

ଏହି ପବିତ୍ର ଆନ୍ଦୋଳନର ପ୍ରବାହରେ ପ୍ରଚୋଦିତ ହୋଇ ମଙ୍ଗ୍ରା ଓ ଗଙ୍ଗା ଓରାନ୍ ତାଙ୍କୁ ପ୍ରଦାନ କରିଥିଲେ ଭୂମି । ମୁନେଶ୍ୱରର ପିତା ବିଭୁ ସିଂ ଗ୍ରହଣ କରିଥିଲେ ସେ ଜମିର କବଲା । ଆଜି ଚଉଠ ଶତାବ୍ଦୀ ପରେ ସେ ଜମି ରହିଛି ସେପରି ପ୍ରଦତ୍ତା ଦୁଇ ଓରାନ୍‌ଙ୍କ ଅକ୍ତିଆରରେ ଏବଂ ଏହାକୁ ପାଇବାକୁ ଯେଉଁ ମାଲିମୋକଦ୍ଦମାର ଲଢ଼େଇରେ ଅବତୀର୍ଣ୍ଣ ହେଲା ମୁନେଶ୍ୱର, ସେ ଧାରାରେ ସେ ହୋଇଯାଇଛି ଆହୁରି ନିଃସ୍ୱ, ସର୍ବହରା ।

କିଛି ଦଶନ୍ଧି ପୂର୍ବେ ପାଲାମୁର ଡେପୁଟୀ କମିଶନର ସମଗ୍ର ଅଞ୍ଚଳକୁ ଭୂଦାନ ମହାଯଜ୍ଞର ହୋମକୁଣ୍ଡରେ ପରିଣତ କରିବାର ପ୍ରୟାସ କରିଥିଲେ । ଆଜିଯାଏ ସେ ଏ ଅଞ୍ଚଳ ଲୋକଙ୍କ ଭିତରେ ଏକ ଶ୍ରଦ୍ଧାସିକ୍ତ ଉଚ୍ଚାରଣ । ସେ ସମୟର ଆଦର୍ଶ ଓ ଉଚ୍ଛ୍ୱାସ ଭିତରେ ରୂପାୟିତ ହୋଇଥିବା କିଛି ବାସ୍ତବ ଜନକଲ୍ୟାଣ ଓ ଭୂଦାନ । କିନ୍ତୁ ଅନେକ ବଦାନ୍ୟତାର ଅନ୍ତରାଳେ ଥିଲା ଶଠତା ଓ ପ୍ରତାରଣା । ଅଧିକାଂଶ ଜମିଦାର ଶ୍ରେଣୀ ଦ୍ୱାରା ସ୍ୱେଚ୍ଛାକୃତ ଭୂମିଦାନର ଆବେଗ ଅନ୍ତରାଳେ ଛପି ରହିଥିଲା ସୁବିଧାବାଦର ବ୍ୟାଘ୍ର । ସୁତରାଂ 'ତୁଳସୀ ବଣିଆ ବାଘ' ପରି ସେ ଧରିଥିଲା ଆଦର୍ଶର ଜପାମାଳି । ସର୍ବଶେଷ ପରିଣତି ହେଲା ଭୂମିଦାନର ଦେଖାଣିଆ ବଦନ୍ୟତା ପାଲଟିଲା ଲୋଭ ଓ ଶୋଷଣର ରଣଭୂଇଁ । ଆଜିଯାଏ ପାଲାମୁର ପ୍ରଶାସନର ସର୍ବୋଚ୍ଚ ସ୍ତରରେ ଆସିଛନ୍ତି ବହୁ ଦକ୍ଷ, ସଚ୍ଚୋଟ ବ୍ୟକ୍ତି; ମାତ୍ର ସେମାନଙ୍କ ପ୍ରତିଭା ଓ ପ୍ରୟାସ ଏହି ଅବକ୍ଷୟ ଓ ଶଠତାକୁ ରୋକି ପାରିବାରେ ସମର୍ଥ ହୋଇନାହିଁ ।

ତଥାପି ରହିଛି ଚମକପ୍ରଦ ବ୍ୟତିକ୍ରମ । ଉତ୍ତର ଷାଠିଏ ବୟସରେ ସାଇକେଲ ଆରୋହଣ କରି ବିଶ୍ୱମ୍ଭର ଦୁବେ ପହଞ୍ଚନ୍ତି ଏବଂ ସହାୟତାର ବରାଭୟ ଟେକିଦିଅନ୍ତି ଭୂମିହୀନ, କ୍ଷେତ ମଜୁରିଆଙ୍କ ପାଇଁ । ସେ ସବୁଠିଁ ମିଳନ୍ତି – କେଉଁଠି ଜମିଜମାର କଳିତକରାଳ ମେଣ୍ଟାଇବାରେ ତ କେଉଁଠି ଉଦଗ୍ର ଲୋଭଗ୍ରାସରେ ଅସୁର ପାଲଟିଥିବା ଜମିଦାର କବଳରୁ ଜମି ମୁକୁଳାଇବାରେ । 'ରଚନାତ୍ମକ କାର୍ଯ୍ୟକର୍ତ୍ତା ସମାଜ' ଉପମଣ୍ଡଳୀୟ ଅଧ୍ୟକ୍ଷ ଭାବେ ଶ୍ରୀ ଦୁବେ ଏ ପରିଣତ ବୟସରେ ଅନେକଙ୍କ ପାଇଁ ଆଶାର ପ୍ରତୀକ ଏବଂ ଭୂଦାନ ଯଜ୍ଞର ଶେଷ ପିଢ଼ିର ବିଶ୍ୱାସୀ ଭକ୍ତ ଓ ବାହକ । ସାଧୁତା ଓ ବ୍ୟକ୍ତିତ୍ୱର ସେ ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ବିଡ଼ମ୍ବନା ଯେ, ଏକ ପରାଜିତ ଆନ୍ଦୋଳନର ଦୀର୍ଘତମ ନିଷ୍ଠାପର କର୍ମୀ ଭାବେ ସେ ଝରାଇ ଦେଇଛନ୍ତି ନିଜର ଅର୍ଦ୍ଧେକ ଆୟୁଷ ଓ ବୟସ । ଗୋଟିଏ କଥା ତାଙ୍କୁ ଖୁବ୍ ବ୍ୟଥିତ, ବିବ୍ରତ କରେ – ଭୂଦାନ ଆନ୍ଦୋଳନରେ ଜମିଦାନ କରିଥିବା ଜମିଦାରମାନେ ଏହି ବଦାନ୍ୟତାକୁ ବାସ୍ତବରେ ପ୍ରୟୋଗ କଲେ ପଟିଆରା ସୃଷ୍ଟିକରି ଅଧିକ ଭୂମି ଅଧିକାର କରିବା ଲକ୍ଷ୍ୟରେ, ତାହା ପୁଣି ଅନ୍ୟାୟୋଚିତ ଭାବେ, ଦୁର୍ନୀତି ଓ ଅପକର୍ମରେ ଲିପ୍ତ ରହି ।

Digitized by srujanika@gmail.com

"ଆଦର୍ଶରେ ଅନୁରଣିତ ହୋଇଥିଲା ସନ୍ଥ ବିନୋବାଙ୍କ ସେ ୧୯୫୨ର ଐତିହାସିକ ପଦଯାତ୍ରା ଏବଂ ୧୯୫୭ ବେଳକୁ ଆରମ୍ଭ ହେଲା ଜମିର ପୁନର୍ବଣ୍ଟନ କାର୍ଯ୍ୟକ୍ରମ ।" –କହନ୍ତି ଶ୍ରୀ ଦୁବେ । ବିନୋବାଙ୍କ ବିଶ୍ୱାସ ଥିଲା ଜମିଦାରଙ୍କ ହୃଦୟକୁ ପ୍ରତ୍ୟକ୍ଷ ଭାବେ ଉଦ୍‌ବେଳିତ କରାଯାଇପାରିଲେ ବାସ୍ତବ ଲକ୍ଷ୍ୟ ସାଧିତ ହୋଇପାରିବ । ଯଦି ଏହି ହୃଦୟ-ଜୟୀ ଅଭିଯାନ ସଫଳ ହେଲା, ତେବେ ପ୍ରଚୁର ଭୂମିର ମାଲିକାନା ଧରି ବସିଥିବା ମଣିଷମାନେ ସେମାନଙ୍କ ଉଦ୍‌ବୃତ୍ତ ଜମିକୁ ସମର୍ପି ଦେବେ ସ୍ୱତଃସ୍ଫୂର୍ତ୍ତ ଭାବେ ଦରିଦ୍ର, ନିଃସ୍ୱ, ଭୂମିହୀନଙ୍କ ହାତରେ । ଏଥିମଧ୍ୟରୁ ତ ଅନେକ ଜମି ଥିଲା ଅବୈଧାନିକ ପନ୍ଥାରେ କରାୟତ୍ତ । ଏହି ଅବଧାରଣାର ଅନ୍ୟତମ ଲକ୍ଷ୍ୟ ଥିଲା ସଂଘର୍ଷ, ହିଂସା, ରକ୍ତପାତ ମାଧ୍ୟମରେ ଭୂମିର ମାଲିକାନା ହାସଲ ପାଇଁ ହେଉଥିବା ସଂଗ୍ରାମକୁ ରୂପାନ୍ତରୀତ କରିହେବ ଏକ ସ୍ୱତଃସ୍ଫୂର୍ତ୍ତ ସମ୍ବେଦନଶୀଳ ପ୍ରକ୍ରିୟାରେ । ଏପରିକି ବିନୋବାଜୀ ପାଲାମୁ ଠାରେ ମଧ୍ୟ ପ୍ରତିଷ୍ଠା କଲେ ଏକ ଆଶ୍ରମ–ଲକ୍ଷ୍ୟ ଥିଲା ଯେଉଁଠାରୁ ବିସ୍ତାରିତ ହେବ ଅନ୍ୟାନ୍ୟ ପ୍ରାନ୍ତକୁ ଭୂଦାନ ଆନ୍ଦୋଳନ । ମାତ୍ର ପରିକଳ୍ପିତ ପନ୍ଥାରେ ସବୁକଥା କାମ କଲା ନାହିଁ–ଯୁଗ ଯୁଗର ଶୋଷଣ, ଶଠତା ଓ ମିଥ୍ୟା ଅହଂକାରର ଇମାରତ୍ ଉପରେ ଭାଙ୍ଗି ପଡ଼ିଲା ଏକ ପବିତ୍ର ମହାଯଜ୍ଞର ସୌଧ ଓ ଅଟ୍ଟାଳିକା । ବୁନ୍ଦାଏ ବିଷ ସମଗ୍ର ଦୁଧ ହାଣ୍ଡିକୁ କରିଦିଏ ହଳାହଳମୟ ।

"ଏପରିକି ବିନୋବାଜୀଙ୍କ ଆଶ୍ରମ ମଧ୍ୟ ଏହି ଲୋଲୁପ ଗ୍ରାସରୁ ତ୍ରାହି ପାଇଲା ନାହିଁ । ଲୋକମାନେ ତାକୁ କବଳିତ କରିନେଲେ ।" –ଦୀର୍ଘଶ୍ୱାସ ପକାଇ କହନ୍ତି ଦୁବେ । "ଏହି ଆଶ୍ରମ ଜମିକୁ ଅକ୍ତିଆର କରିନେଲେ ସେହିମାନେ, ଯେଉଁମାନେ ରହିଥିଲେ ଏହାର ନିରାପତ୍ତା ଓ ଜଗାରଖା ପାଇଁ । ଏବେ କେବଳ ଅବଶିଷ୍ଟ ସ୍ମୃତି ସ୍ୱରୂପ ରହିଛି କୁଅଟିଏ ।" ଦୁବେଙ୍କ ହାତ ମୁଠାରେ ରହିଛି ଭୂଦାନ ଆନ୍ଦୋଳନ ଓ ଜମି ବଣ୍ଟନର ସମସ୍ତ ତଥ୍ୟ ଓ ପରିସଂଖ୍ୟାନ । ସେ କହନ୍ତି–"୨୬୮ଟି ଗ୍ରାମର ୧୦୩୨ ହିତାଧିକାରୀଙ୍କୁ ୨୭୩୪ ଏକର ଜମି ବଣ୍ଟା ଯାଇଥିଲା, ମୁଖ୍ୟତଃ ତିନୋଟି ବ୍ଲକ୍‌ରେ ।" ଏହି ବ୍ଲକ୍ ତିନୋଟି ଥିଲା–ମହୁଆ ଦାନାର, ବାରଭାଡ଼ି ଓ ଗାରୁ ।

ପାଲାମୁ ପରି ଏତେବଡ଼ ବିସ୍ତୃତ ଜିଲ୍ଲାରେ ସରକାରୀ ଜମିଦାନର ପ୍ରୟୋଗ କାର୍ଯ୍ୟକ୍ରମ ସଂପର୍କିତ ତଥ୍ୟ ଥିଲା ନିହାତି ନିରୁତ୍ସାହଜନକ । ତଥାପି ଯାହା କିଛି ପରିସଂଖ୍ୟାନ ମିଳେ ତାହା ମଧ୍ୟ ଭ୍ରାନ୍ତିପ୍ରଦ । "ବଣ୍ଟାଯାଇଥିବା ଜମିର ଅର୍ଦ୍ଧେକ ଥିଲା ଚାଷ ପାଇଁ ଅନୁପଯୁକ୍ତ ଏବଂ ଅନ୍ୟଗୁଡ଼ିକ ଥିଲା ନିହାତି ଅନୁର୍ବର ଓ ଟାଙ୍ଗରା । ୧୯୮୮ ପରବର୍ତ୍ତୀ କାଳରେ ବାଲୁମଠ ବ୍ଲକ୍‌ରେ ବଣ୍ଟାଯାଇଛି ୧୫୦୦ ଏକର ଜମି ଏବଂ ଏଯାଏ କୌଣସି ଦରିଦ୍ର ଚାଷୀ ସେସବୁ ଜମିର ମାଲିକାନା କାଗଜପତ୍ର ବା

Digitized by srujanika@gmail.com

କବଲା ପାଇନାହାନ୍ତି । ଏତାଦୃଶ ଘଟିଛି ଚାନ୍ଦଓ୍ୱା ବ୍ଲକ୍‌ର ୪୦୦ ଏକର ଜମିରେ ଏବଂ ୭୫ ଶତାଂଶ ହିତାଧିକାରୀ ଏଯାଏ କୋର୍ଟ କଚେରୀକୁ ଧାଉଁଛନ୍ତି । ସେମାନେ ଏତେ ଦରିଦ୍ର ଯେ, କଚେରୀ ଓ ଓକିଲ ଖର୍ଚ୍ଚ ବହନ କରିବାକୁ ସଂପୂର୍ଣ୍ଣ ଅକ୍ଷମ । ନିରସା, ଟାଙ୍ଗର ହେଲେ ବି ଜମିର ମାୟାରେ ବନ୍ଦୀ ହୋଇ ଧାଉଁଛନ୍ତି ।''

ଏପରି କେତେକ ମୋକଦ୍ଦମା ରହିଛି ଯାହା ଅଦାଲତକୁ ମଧ୍ୟ ଗୋଲକ ଧନ୍ଦାରେ ପକାଇଛି । ଚାନ୍ଦଓ୍ୱା ବ୍ଲକ୍‌ର ଶେରଖ ଗାଁରେ ଜଣେ ଲୋକ ମିଳିତ ମାଲିକାନାରେ ଥିବା ଏକ ଭୂମିକୁ ଅନ୍ୟଜଣେ ଦରିଦ୍ର ଚାଷୀକୁ ଦାନ କରିଦେଲେ । ଏ ଜମିର ମାଲିକାନା ମିଳିତ ଭାବେ ତିନିଜଣ ବ୍ୟକ୍ତିଙ୍କ ନାମରେ ଥିବାରୁ ଅନ୍ୟଦୁହେଁ ଏହା ଉପରେ ପ୍ରତିବାଦ ଉଠାଇ ଅଦାଲତକୁ ଗଲେ ଏବଂ ବର୍ଷ ବର୍ଷ ଧରି ତାହା ଅଦାଲତରେ ଶାୟିତ । ''ବିନୋବାଜୀଙ୍କ ଆଶ୍ରମ ରହିଥିବା ଗ୍ରାମରେ ଗ୍ରାମସଭା ପକ୍ଷରୁ ଅକ୍ତିଆର କରିନିଆଗଲା ଆଶ୍ରମ ଏବଂ ଏମାନେ ଭାଙ୍ଗି ଦେଲେ ମୂଳ ଭୂଦାନ-କମିଟି । ପରବର୍ତ୍ତୀ ପଦକ୍ଷେପ ରୂପେ ଜାଳିଦେଲେ ଭୂଦାନର ସମସ୍ତ ପୁରୁଣା କାଗଜପତ୍ର ଓ ରେକର୍ଡ । ଏହାପରେ ସେମାନେ ଅଧିକାର କରିନେଲେ ଗ୍ରାମର ଯାବତୀୟ ସାଧାରଣ ସଂପତ୍ତି – ଅନାବାଦୀ ଓ ଗୋଚର ଜମି ।'' – କହନ୍ତି ଦୁବେ ।

ଚାନ୍ଦଓ୍ୱା ଠାରେ ଜମିଦାର ଲାଲ କୁନ୍ଦେରନାଥ ସାହୁଦେଓଙ୍କ ସମ୍ବେଦନଶୀଳତାର ବିରୋଧ କରି ମୋକଦ୍ଦମା ଲଢୁଛନ୍ତି ତାଙ୍କର ପରିବାରବର୍ଗ । ଜମିଦାର ସାହୁଦେଓ କିଛି ଜମି ଦାନ କରିଥିଲେ ବିନୋବାଜୀଙ୍କୁ ଏବଂ ସେ ଜମିରେ ସଂପ୍ରତି ଚାଷକରି ପେଟ ପୋଷୁଛନ୍ତି କିଛି ଦରିଦ୍ର ଆଦିବାସୀ । ସେ ଜମି ଉପରେ ଚାଲିଛି ମୋକଦ୍ଦମା । ଆଦିବାସୀମାନଙ୍କ କଚେରୀକୁ ଯିବାର ଆର୍ଥିକ କି ମାନସିକ ସାମର୍ଥ୍ୟ ନାହିଁ । ସାହୁଦେଓଙ୍କ ସଂପର୍କୀୟମାନେ ଏକଦା ଦାନସୂତ୍ରରେ ସମର୍ପିତ ଜମିକୁ ପୁନଶ୍ଚ ଫେରାଇନେବାକୁ ଚାହାନ୍ତି । ତିରିଶ ବର୍ଷ ତଳେ ଏହି ପବିତ୍ର ଯଜ୍ଞର ହବି ସ୍ୱରୂପ ରସୁଲ ମିଆଁଙ୍କ ଠାରୁ କିଛି ଜମି ପାଇଥିଲେ ଜାଫର ମିଆଁ । ଏବେ ସେ ଲଢୁଛନ୍ତି ଅଦାଲତରେ ମୋକଦ୍ଦମା – ନିଜ ଜମି ଉପରେ ମାଲିକାନା ହାସଲ ପାଇଁ । ରସୁଲଙ୍କ ପୁଅ କେବଳ ତା' ବାପାର ଦାନସୂତ୍ରରେ ପ୍ରଦତ୍ତ ଜମିକୁ ଜବରଦଖଲ କରିନେଇ ନାହିଁ, ଦରିଦ୍ର ଜାଫରଙ୍କର ଯେଉଁ ଛୋଟିଆ ଭୂମି ଖଣ୍ଡେ ଥିଲା ତାକୁ ମଧ୍ୟ ହଡ଼ପ କରିବାକୁ ପଛାଇଲା ନାହିଁ । ବିନୋବାଙ୍କ ବ୍ୟକ୍ତିତ୍ୱର ପ୍ରଭାବରେ ପାହାଡ଼ି ହୃଦୟରୁ ଫିଟିଥିବା ଦୟାଦ୍ର ଝରଣାଟି ଅବିଳମ୍ବେ ଶୁଖିଗଲା ଏବଂ ସେ ଝରଣା କୂଳରେ ଘଞ୍ଚ ହୋଉଉଠିଥିବା ସବୁଜ ବନାନୀ ହଠାତ୍ ଝାଞ୍ଜି ନିଆଁରେ ଜଳିଗଲା । ଯୁଗସନ୍ଧିର ଏ ବିଲକ୍ଷଣ ଓ ଅବକ୍ଷୟ ଆଜି ଭାରତବର୍ଷକୁ ବହୁଭାବରେ ଓ ବହୁ ଦିଗରେ କରିଛି ଆକ୍ରାନ୍ତ, ବ୍ୟାଧିଗ୍ରସ୍ତ ।

Digitized by srujanika@gmail.com

କଚେରୀ, ଅଦାଲତରେ ଏହି ପ୍ରଦତ୍ତ ଜମି ଏବଂ ତା' ଉପରୁ ମାଲିକାନା ଛଡ଼ାଇ ନେବାର ବହୁ ମୋକଦ୍ଦମା ସ୍ତୂପୀକୃତ ହୋଇ ରହିଛି । ଶ୍ୱାସରୁଦ୍ଧ କରି ପକାଉଛି ବ୍ୟବସ୍ଥାକୁ ଓ ବିଚାରକମାନଙ୍କୁ । ଯେଉଁମାନେ ଭୂମିଦାନ କରିଥିଲେ, ବାସ୍ତବ କ୍ଷେତ୍ରରେ ସେମାନେ ଜମିର ମାଲିକାନା ହସ୍ତାନ୍ତର କଲେ ନାହିଁ । ବିନୋବାଙ୍କ ସମ୍ମୁଖରେ ଓ ସମ୍ମାନରେ କିଛି ଲୋକ ଦେଖେଇ ହୋଇ ଗୋଟାଏ ଲହସରେ ଯାହା ଦେଇ ପକାଇଥିଲେ ସେତକ ଫେରାଇ ନେବାକୁ ତାଙ୍କୁ ବେଶି ସମୟ ଲାଗିଲା ନାହିଁ । କିଛି ଲୋକ ଯେଉଁ ଜମି ଦାନ କରିବାକୁ ଅଙ୍ଗୀକାର କଲେ ସେସବୁ ଜମି ସେମାନଙ୍କର ନଥିଲା । କିଛି ଲୋକ ଛାଡୁଥିବା ଜମି ଉପରେ ରହିଥିବା ଗଛ, ଫଳ ଓ ଲତା ଗୁଳ୍ମ ଉପରେ 'କ୍ଷତିପୂରଣ' ପାଇବାକୁ ଦାବି କଲେ । ଆଉ କିଛି ତ କୋର୍ଟ କଚେରୀର ଆଶ୍ରୟ ନେଲେ ।

କେତେକ କ୍ଷେତ୍ରରେ ଏହା ଥିଲା ଅତି ଦୁସ୍ଥ ଚାଷୀର ଜମି । ଗୋପାଳ ସିଂ ଭଳି ମାତ୍ର ଗୋଟିଏ ଏକର ଜମି ଉପରେ ଚାଷବାସ କରି ପରିବାର ଭରଣ ପୋଷଣ କରୁଥିବା ସ୍ୱାଧୀନଚେତା ମଣିଷଟି ପ୍ରତି ଈର୍ଷାକାତର ହୋଇ କିଛି ବିରୋଧୀ ପକ୍ଷର ଲୋକ ସେ ଜମିର କାଗଜପତ୍ର କବଲା ବଦଳାଇ ଦେଇ ତାକୁ ଅନ୍ୟକୁ ଦାନ କରିଦେଲେ । ବିଚରା ଗୋପାଳ ସିଂ କରିବ କ'ଣ ? ହା-ହୁତାଶନ ହୋଇ ପଡ଼ିଲା ତା'ର ଜୀବନଧାରା । ଅନେକ ସ୍ଥାନରେ ମାଲିମୋକଦ୍ଦମା ଚାଲୁଛି ଦୀର୍ଘ ଦୁଇ ଦଶନ୍ଧି ଧରି । ଧନୀକ ଜମିଦାର ଖେଳିପାରିବ ଅଦାଲତରେ ତା'ର ଟଙ୍କାର ଅଂହକାର ଓ ପ୍ରତିପତ୍ତିର ଜୁଆଖେଳ । ମାତ୍ର ଦରିଦ୍ର, ନିପାରିଲା ମଣିଷଟି ଓକିଲ ପ୍ରାପ୍ୟ ଦେବାକୁ ମଧ୍ୟ ଅସମର୍ଥ ହୋଇ ଏ ଖେଳରେ ଧରାଶାୟୀ ହୋଇ ଲୋଟିପଡ଼େ ।

ଜମିଦାରୀ ଉଚ୍ଛେଦର ପ୍ରାରମ୍ଭିକ ବର୍ଷମାନଙ୍କରେ କେତେକ ଜମିଦାର ଏକ କୌଶଳୀ ଉଦ୍ୟୋଗର ପ୍ରୟୋଗ ଆରମ୍ଭ କରିଦେଲେ । ସେମାନେ ନିଜର ଉଦ୍‌ବୃତ୍ତ ଜମିକୁ ଉଭୟ ସରକାର ଓ ଭୂଦାନକୁ ଅର୍ପଣ କଲେ । ଏହା ସୃଷ୍ଟି କଲା ଉଭୟ ପରିସରରେ ବହୁ ଦ୍ୱନ୍ଦ୍ୱ ଓ ବିଭ୍ରାଟ, ଉଭୟ ପକ୍ଷରୁ ଜମି ଉପରେ ନିୟନ୍ତ୍ରଣ ଜାରି ପାଇଁ ଚାଲିଲା ଉଦ୍ୟମ । ଦାନସୂତ୍ରରେ ପ୍ରାପ୍ତ ଜମି ପାଇଁ ଭୂଦାନ ଏବଂ ଉଦ୍‌ବୃତ୍ତ ଜମି ପାଇଁ ସରକାରଙ୍କ ମଧ୍ୟରେ ଦୀର୍ଘକାଳ ଧରି ଗୋଳମାଳିଆ ପରିସ୍ଥିତି ଚାଲିଲା ବେଳେ ବଡ଼ ମଉଜରେ ଜମିଦାରମାନେ ସେମାନଙ୍କ ଜମିରେ ଫସଲ ଉପୁଜାଇ ସମସ୍ତଙ୍କୁ ଭୂଆଁ ବୁଲାଇ ଚାଲିଲେ ଏବଂ ବାସ୍ତବ କ୍ଷେତ୍ରରେ ଜମି ସେମାନଙ୍କର ହାତଛଡ଼ା ହେଲାନାହିଁ ।

'ତେବେ ସମୟ କ୍ରମେ କିଛି ଫାଇଦା ହାସଲ ହୋଇପାରିଛି' —କହନ୍ତି ରାଜନୈତିକ କର୍ମୀ ନରେନ୍ଦ୍ର ଚୋବେ । ''ବିଶ୍ୱମ୍ଭର ଦୁବେ ଏବଂ ସୁରେଶ ସିଂହଙ୍କ

Digitized by srujanika@gmail.com

ଭଳି ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱଙ୍କ ନିରଳସ ସାଧନା ଓ ସଂଗ୍ରାମ ଫେରାଇ ଆଣିପାରିଛି କିଛି ଦରିଦ୍ରଙ୍କ ହାତକୁ ଭୂଦାନ-ଆନ୍ଦୋଳନର ଜମି । ସମଗ୍ର ବ୍ୟବସ୍ଥାର ମୂଲ୍ୟାୟନ ଏବଂ ନ୍ୟାୟ ପାଇଁ ସଂଗ୍ରାମରେ ଦୁବେଜୀ ନିଭାଇଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା । କିନ୍ତୁ ବାସ୍ତବତାର ଜଗତରେ ଆମେ କ'ଣ ନିର୍ଭର ରଖିପାରିବା ଏହି ବିଶାଳ ହୃଦୟବନ୍ତାର ଜମିଦାରମାନଙ୍କ ଉପରେ ? ଏ ନ୍ୟାୟ ଯୁଦ୍ଧରେ ଦୁବେଜୀଙ୍କ ପରି ବ୍ୟକ୍ତିଙ୍କ ଲୋକଙ୍କ ଉପରେ ପ୍ରଭାବ ବଡ଼ ପ୍ରେରଣାପ୍ରଦ ଓ ଆଶାପ୍ରଦ; ମାତ୍ର ଯେଉଁଠି ଏହିସବୁ ଉଦ୍‌ବୃତ୍ତ ଜମିକୁ ଅକ୍ତିଆର କରିନେଇ ଦରିଦ୍ରଙ୍କ ମଧ୍ୟରେ ବଣ୍ଟନର ଇଚ୍ଛାଶକ୍ତି ସରକାରୀ କଳରେ ପରିଦୃଷ୍ଟ ହୋଇଛି, ତାହାର ପ୍ରଭାବ ଅଧିକ ବିସ୍ତାରିତ ଓ ଶକ୍ତିଶାଳୀ ହୋଇଛି ।''

ଦୁବେଜୀ ଏକଥା ମଧ୍ୟ ଜାଣନ୍ତି । ଭୂଦାନ ମହାଯଜ୍ଞ ଓ ଲୋକଶକ୍ତି ଉପରେ ତାଙ୍କର ଅକଳନ୍ତି ବିଶ୍ୱାସ ରହିଛି ତଥାପି ଅପରିବର୍ତ୍ତିତ । ଆମେ ସେ ସ୍ଥାନ ଛାଡ଼ି ଜିପ୍‌ରେ ଚାଲି ଆସିଲା ପରେ ସେ ତାଙ୍କର ପୁରୁଣା ସାଇକେଲଟି ଚଢ଼ି ବାହାରି ପଡ଼ିଲେ କେଉଁ ଏକ ଦୂରନ୍ତ ଗାଁ ଉଦ୍ଦେଶ୍ୟରେ । ଶିଥିଳ ହୋଇ ଆସୁଥିବା ତାଙ୍କ ମାଂସପେଶୀରେ ଥିଲା ଯେମିତି ଅଫୁରନ୍ତ ବଳ, ମନରେ ଅପ୍ରମିତ ସଂକଳ୍ପ ଏବଂ ନ୍ୟାୟ, ସମ୍ବେଦନାର ସାଇକେଲ ଚକ ଘୂରାଇ ସେ ଚାଲିଥିଲେ ଜୀବନର ସୂର୍ଯ୍ୟାସ୍ତ ପୂର୍ବରୁ ଦେଖିଯିବାକୁ ସମାନତାର ଲାଲିମାରେ ଭରି ଉଠୁଛି ଯେମିତି ସମଗ୍ର ଦିଗନ୍ତ । ଆଜିର ଭାରତବର୍ଷର କାଳିମା ଭରା ଆକାଶ ପ୍ରତ୍ୟାଶା ରଖିଛି ଦୁବେଙ୍କ ପରି କିଛି ଅମଳିନ ସଂଗ୍ରାମୀ ବ୍ୟକ୍ତିତ୍ୱଙ୍କ ପ୍ରେରଣାପ୍ରଦ ଲାଲିମାର ଛଟା ଦିଗନ୍ତକୁ କରିବ ଆଲୋକିତ, ରଙ୍ଗମୟ, ଉଦ୍ଭାସିତ ।

❖ ❖ ❖

Digitized by srujanika@gmail.com

ମେଘମୟ ଆକାଶରେ ମୃତ ଇନ୍ଦ୍ରଧନୁ

ନିରନ୍ଧ୍ର ଅନ୍ଧକାର ଭିତରେ ମୁଷ୍ଟିମେୟ କିଛି ଲୋକଙ୍କ ଚାପା କଣ୍ଠସ୍ୱର କେବଳ ବାରି ହେଉଥିଲା । ମାତ୍ର ଉତ୍କଣ୍ଠିତ ଦେଖଣାହାରୀଙ୍କ ଉପସ୍ଥିତି କମ୍ ନଥିଲା । ଅନ୍ଧାର ଭିତରେ ଗଛରେ ଗହଳି ବାନ୍ଧି ପ୍ରଭାତର ପ୍ରତୀକ୍ଷାରେ ଚଢ଼େଇମାନେ ଡେଣା ଝାଡ଼ିଲା ପରି ସେମାନେ କନକନ ହେଉଥିଲେ, ନିବୁଜ ଅନ୍ଧାର ଭିତରେ ଯେମିତି କିଛି ଦରାଣ୍ଡୁ ଥିଲେ, କାହାର ପ୍ରତୀକ୍ଷା କରୁଥିଲେ । ସମଗ୍ର ଗାଁର ଲୋକମାନେ ଉପସ୍ଥିତ ଥିବା ସତ୍ତ୍ୱେ ବାତାବରଣ ଥିଲା ନିଶ୍ଚୁପ, ନିର୍ବାକ୍ – ଜନତା ଥିଲା ମୂକପ୍ରାୟ । ରାତି ନଅଟା ଅତିକ୍ରମ କରିଗଲା । କିଛି ଲୋକଙ୍କ ସନ୍ତର୍ପଣ ପାଦଶବ୍ଦ ଶୁଭିଲା । ଏହାପରେ ଆରମ୍ଭ ହେଲା ନିଲାମ ଡକା । ଜମିର କ୍ରେତା ଥିଲା ମାତ୍ର ଜଣେ । ନିଲାମ ଡାକରାକୁ ଆଉ ଯେମିତି କେହି ଆସିନପାରିବ, ସେଥିପାଇଁ ସମୟ ନିର୍ଘଣ୍ଟ ଏପରି ସ୍ଥିର ହୋଇଥିଲା ଏବଂ ଲଣ୍ଠନଟିଏ ବି କେହି ଆଣିବାକୁ ସାହସ କରିନଥିଲେ । ଆକାଶର ତାରକା ଆଲୋକରେ ଛପି ଛପି ଦିଶୁଥିଲେ କିଛି ଛାୟାମୂର୍ତ୍ତି ।

ମୁଖ୍ୟ ଛାୟାମୂର୍ତ୍ତିଟି ଥିଲେ ଜଙ୍ଗଲ ବିଭାଗର ଜଣେ କର୍ମଚାରୀ ରାଜେନ୍ଦ୍ର ପାଣ୍ଡେ । ସେ ମଧ୍ୟ ଥିଲେ ମୁଖ୍ୟ ଓ ଏକମାତ୍ର କ୍ରେତା । କିନ୍ତୁ ସରକାରରେ ଚାକିରି ହେତୁ ତାଙ୍କର ଶାଳକ ଥିଲେ କାଗଜପତ୍ରରେ ନାମକୁ ମାତ୍ର କ୍ରେତା । ଭୂମି ବିକାଶ ବ୍ୟାଙ୍କ ପକ୍ଷରୁ ହେଉଥିଲା ନିଲାମ ଡାକରା । ଯିଏ ଋଣ ନେଇ ଜମି ହରାଇବାକୁ ଯାଉଥିଲେ ସେ ଥିଲେ ଗଣ୍ଡ ଆଦିବାସୀ ସଂପ୍ରଦାୟର ଜଣେ ବିଧବା, ନିଃସହାୟ – ସୁଭାସିନୀ । ଗାଁଟି ଥିଲା କାଳିପୁର । ମଧ୍ୟପ୍ରଦେଶ ତଥା ଭାରତବର୍ଷର ଏକତମ ଦରିଦ୍ରତମ ଜିଲ୍ଲା ସର୍‌ଗୁଜାର ଏକ ଆଦିବାସୀ ବହୁଳ ଗ୍ରାମ । କାଳିପୁରରେ ଆଜି ଉଠିଥିଲା କାଳିମାର ଝଡ଼ ।

ବାସ୍ତବ କ୍ଷେତ୍ରରେ ସୁଭାସିନୀ କୌଣସି ଋଣ ନେଇନଥିଲା । ସ୍ଥାନୀୟ ସାଉକାର ଜୈସ୍ୱାଲର ଲୋଭ ଓ ଅପକର୍ମର ପରିଣତି ଭୋଗୁଥିଲା ବିଚାରି ଦରିଦ୍ର ଆଦିବାସୀ ମହିଳା । "ସହରରୁ ରେସନକାର୍ଡ କରାଇ ଆଣିବେ କହି ଜୈସ୍ୱାଲ ସାଇବ ଗୋଟାଏ କାଗଜ ଉପରେ ମୋ ଗିରସ୍ତର ଟିପ ଚିହ୍ନ ନେଇଥିଲେ ।" – କାତର ହୋଇ କହୁଥାଏ ନିଃସ୍ୱ ସୁଭାସିନୀ । ସେଇ ଟିପଚିହ୍ନର ପ୍ରମାଣ ଉପରେ ଜୈସ୍ୱାଲ ବ୍ୟାଙ୍କରୁ ଉଠାଇଲା ୭ ହଜାର ୭୦୦ ଟଙ୍କାର ଋଣ ସୁଭାସିନୀର ସ୍ୱାମୀ ନାମରେ । ବିଚିତ୍ର କଥା ଯେ, ସେ ଋଣ ନିର୍ଦ୍ଧାରିତ ଭାବେ ଉଦ୍ଦିଷ୍ଟ ଥିଲା ଆଦିବାସୀର କଲ୍ୟାଣ ପାଇଁ ଏବଂ ଆଦିବାସୀ ଯୋଜନାରେ । ଆଦିବାସୀର ନାମକୁ ବ୍ୟବହାର କରି ସେ ମଧ୍ୟ ନିଜ ଜମିରେ କୂଅଟିଏ

Digitized by srujanika@gmail.com

ଖୋଳିଲା ଏବଂ ପାଣି ପର୍ଯ୍ୟଟିଏ ପାଇଲା । ବରଂ କୁହାଯାଇପାରେ କୂଅଟି ସୁଭାସିନୀ ଜମି ଉପରେ ଖୋଳାଗଲା । ସେତେବେଳକୁ ସେ ଟିପଚିହ୍ନର କରାମତିରେ ହଡ଼ପ ହୋଇଗଲାଣି ଆଦିବାସୀର ସାଢ଼େ ନଅ ଏକର ଚାଷଜମି । ସେତକ ବ୍ୟାଙ୍କରେ ବନ୍ଧକୀ ପଡ଼ିଥାଏ । କିନ୍ତୁ ଯେତେବେଳେ ସାଉକାର ଜୈସ୍ୱାଲ ପ୍ରଥମେ କାଳିପୁରକୁ ଆସିଲା ତାକୁ ମୁଣ୍ଡ ଗୁଞ୍ଜିବାକୁ ଜମି ଖଣ୍ଡେ ମାଗଣାରେ ଯୋଗାଇ ଦେଇଥିଲା ସୁଭାସିନୀର ଗେରସ୍ତ । ତା' ପରେ କୋଠା ତୋଳିଥିଲା ଜୈସ୍ୱାଲ । ସେ ମାଗଣା ଜମି ଅଳ୍ପ ନଥିଲା– ଥିଲା ଦୁଇ ଏକର ।

''ଯାହାକୁ ଏଠି ମୁଣ୍ଡ ଗୁଞ୍ଜିବାକୁ ଆମେ ଜମି ଦେଲୁ, ସେ କେମିତି ଆମ ଋଣ ଶୁଝିଲା ଦେଖତ ବାବୁ !'' –କୋହରେ ଆଉଟି ହୋଇପଡ଼ି କହୁଥାଏ ସୁଭାସିନୀ । ଝର ଝର ହୋଇ ଆଖିରୁ ତା'ର ଝରି ପଡୁଥାଏ ଲୋତକର ଶ୍ରାବଣ । ଜୈସ୍ୱାଲ ଓ ତା'ର ପୁଅ ଏବେ ଆଉ ପାରିରେ । କଞ୍ଚା ବୟସରେ ପୁଅ ମରିଗଲା । ତେବେ ସରଳ ଆଦିବାସୀର ଟିପଚିହ୍ନ ନେଇ ସେ ଯେଉଁ ଟଙ୍କା ବ୍ୟାଙ୍କରୁ ଋଣ କରିଥିଲା ସେଇ କରଜ-ଭୂତ ମରି ନଥିଲା । ୧୯୮୬ ବେଳକୁ ସେ ଋଣ ଟଙ୍କା ସୁଧ ସହ ଦ୍ୱିଗୁଣିତ ପ୍ରାୟ ହୋଇଥିଲା– ୧୩,୭୨୦ ଟଙ୍କା । ସେ ବେନାମୀ ଋଣର ଭୂତ ଗୋଡ଼େଇ ଗୋଡ଼େଇ ଏବେ ଖାଉଥିଲା ନିଃସହାୟ ବିଧବା ବୃଦ୍ଧାର ସମସ୍ତ ସମ୍ବଳ । କୋହ, ଲୁହ ଓ ଅଭିସଂପାତରେ ତାକୁ ଆଣ୍ଡାମାଣ୍ଡା କରିପକାଉଥିଲା ।

ଋଣ ପଡ଼ିରହିଥିବା ନେଇ ପୂର୍ବରୁ କୌଣସି ବର୍ଷ ବ୍ୟାଙ୍କ ପକ୍ଷରୁ ବିଜ୍ଞପ୍ତି ପଠାଯାଇନଥିଲା, ହଠାତ୍ ଅଜଗର ଏବେ କଡ଼ ଲେଉଟାଇଲା । ଫଣାଟେକି ସୁଭାସିନୀକୁ ଗିଳିବାକୁ ବସିଲା । ଏମିତି ଏକ ଋଣ ଅଛି ବୋଲି ତା'ର ସାମାନ୍ୟତମ ଧାରଣା ବି ନଥିଲା । ସେ କି ତା' ସ୍ୱାମୀ କେବେ ତ ବ୍ୟାଙ୍କ ଦୁଆର ମୁହଁ ମାଡ଼ିନାହାନ୍ତି, ଋଣ ଆସିଲା କେଉଁଠୁ ! ବ୍ୟାଙ୍କ ଅଫିସରଙ୍କୁ ଯେ ଏକଥା ଅଜ୍ଞାତ ଥିଲା ତାହା ନୁହେଁ, ଏ ଅନ୍ୟାୟ ବାହାରେ ସେମାନେ ମଧ୍ୟପ୍ରଦେଶ ରାଜ୍ୟ ସରକାରଙ୍କ ଆଉ ଏକ ଆଇନ୍‌କୁ ଉଲଘଂନ କରୁଥିଲେ-ଆଦିବାସୀର ଜମିକୁ ଏଠାରେ କେହି କ୍ରୟ, ହସ୍ତାନ୍ତର କିମ୍ବା ନିଲାମ କରିପାରିବେ ନାହିଁ । ଏହା ଅବୈଧାନିକ ଓ ଦଣ୍ଡନୀୟ । ମଧ୍ୟପ୍ରଦେଶ ଭୂମି ରାଜସ୍ୱ ଆଇନ୍‌ର ୧୭୦-ଖ ଧାରା କହେ– ୧୯୫୬ ମସିହା ପରଠାରୁ ଆଦିବାସୀର ଜମି ସଂପର୍କିତ ଯେକୌଣସି ଅବୈଧାନିକ କାରବାର ଉପରେ ସରକାର ଦଣ୍ଡବିଧାନ କରିପାରିବେ । 'ରାଜନୀତିକୁ ଏହା ହେଉଛି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂହଙ୍କ ସର୍ବାଧିକ ପ୍ରଗତିଶୀଳ ଅବଦାନ ।' –କହନ୍ତି ଜଣେ ବରିଷ୍ଠ ପ୍ରଶାସକ । ମାତ୍ର ସୁଭାସିନୀ ପାଇଁ ୧୭୦-ଖ ଧାରା କୌଣସି କାମ କଲାନାହିଁ । ସେ ମଧ୍ୟ ଏପରି ଆଇନ୍ ଥିବା କଥା କେବେବି କେଉଁଠି ଶୁଣିନାହିଁ ।

Digitized by srujanika@gmail.com

''ଏ କ୍ଷେତ୍ରରେ ପ୍ରତି ପାଦେ ପାଦେ ଅନ୍ୟାୟ ଓ ଅବୈଧାନିକ କାରବାର କରାଯାଉଛି ଏବଂ ସରକାରୀ କର୍ମକର୍ତ୍ତାମାନେ ଏ କଥା ଜାଣି ମଧ କରିଛନ୍ତି ।'' —କହନ୍ତି ସୂରଯପୁର ସିଭିଲ୍‌କୋର୍ଟର ଓକିଲ ମୋହନ କୁମାର ଗିରି । ଏ ଅପରାଧର କୁଚକ୍ରୀ ଗୋଷ୍ଠୀରେ ଅଧିକନ୍ତୁ ଯୋଗଦେଲା ନିଲାମକାରୀ । ''ସେ ସକାଳୁଆସି ପହଞ୍ଚିଲା । ବଡ଼ ବଡ଼ ବହୁ ମୋଟା ସୋଟା ପେଟୁଆ ବେପାରୀ ଟଙ୍କାଥଳୀ ଧରି ପହଞ୍ଚିଗଲେ । ବେଙ୍ଗପେଟ ପରି ସେ ଥଳି ସବୁ ଫୁଲିଥିଲା, ଟଙ୍କାରେ ଉଚ୍ଛୁଳୁଥିଲା । ହେଲେ ଜଙ୍ଗଲ ବିଭାଗ ଅଫିସର ପାଣ୍ଡେବାବୁ ନିଲାମକାରୀ ବ୍ୟାଙ୍କ ଅଫିସରକୁ ଉହାଡ଼କୁ ଡାକିନେଇ କ'ଣ ଚୁପି ଚୁପି କହିଲେ । ସାଙ୍ଗେ ସାଙ୍ଗେ ସମସ୍ତେ ଉଭାନ ହୋଇଗଲେ ଆଉ ରାତିକୁ ଫେରିଲେ । ସେତେବେଳକୁ ଆଉ କେହି ବେପାରୀ ନଥିଲେ, କେବଳ ପାଣ୍ଡେ ଓ ତାଙ୍କ ଶଳା ରହିଲେ ।'' —କହେ ସୁଭାସିନୀର ପୁଅ କାମେଶ ।

ତା'ପରେ ସେମାନେ ସାଢ଼େ ନଅ ଏକର ଜମିକୁ ନିଲାମ କରି ବିକିଲେ । ୨ ଲକ୍ଷ ଟଙ୍କା ମୂଲ୍ୟର ସଂପତ୍ତି ବିକ୍ରି ହେଲା ୧୭ ହଜାର ୫୦୦ ଟଙ୍କାରେ । ପାଣ୍ଡେ ତାକୁ ନିଜ ଶାଳକ ନାମରେ ଚଟାପଟ୍ କିଣିଲା । ବ୍ୟାଙ୍କର ମୂଳଧନ ଓ ସୁଧ ମିଶି ଥିଲା ୧୩ ହଜାର ୭୨୦ ଟଙ୍କା । ଅବଶିଷ୍ଟ ଲାଭାଂଶ ୩ ହଜାର ୭୮୦ ଟଙ୍କା ସୁଭାସିନୀକୁ ଫେରାଇବାକୁ ବ୍ୟାଙ୍କ ଅଫିସର ଉଚିତ ମନେକଲେ ନାହିଁ । ବୋପା ସଂପତ୍ତି ପରି ସେତକ ନିଜ ପକେଟରେ ପୂରାଇଲେ । ସବୁ ଗାଁ ଲୋକଙ୍କ ସାମ୍ନାରେ, ଘଞ୍ଚ ଅନ୍ଧାରରେ ଏସବୁ ଘଟିଯାଉଥାଏ ।

''ମୁଁ ସେମାନଙ୍କ ହାତଗୋଡ଼ ଧରି ନେହୁରା ହେଲି । ସେମାନେ ଜାଣନ୍ତି ମୁଁ ଜମା କରଜ ଆଣିନାହିଁ । ହେଲେ ସେମାନେ ମୋର ସବୁ ଜମି ନିଲାମ କରିଦେଲେ ।'' —ଲୁହ ଓ କୋହରେ ଆତୁର ହୋଇ କହେ ସୁଭାସିନୀ । ଏବଂ ନିଲାମ କରିଦେଲେ ଏକ ଅସମ୍ଭବ ଦର୍‌ରେ । ଲକ୍ଷ ଲକ୍ଷ ଟଙ୍କା ଦେଇ ସେତକ କିଣିବାକୁ ପ୍ରସ୍ତୁତ ଥିଲେ କିଛି ମୋଟା ବେପାରୀ । ସୁଭାସିନୀଙ୍କ ଜଣେ ପଡ଼ୋଶୀ ଲାଲ୍‌ଥା ପ୍ରସାଦ କହନ୍ତି : ''ସେତେବେଳେ ଏକରକୁ ଅତି କମ୍‌ରେ ୧୫ ହଜାର ଟଙ୍କାରେ କିଣିବାକୁ ଲୋକ ମହଜୁଦ୍ ଥିଲେ । ହେଲେ ଏକର ପିଛା ୨ ହଜାର ଟଙ୍କାରୁ କମ୍ ଦର୍‌ରେ ସେମାନେ ପାଣ୍ଡେକୁ ହିଁ ଦେଲେ । ବିଚାରୀର ସ୍ୱାମୀ ମରିଗଲା ପରେ ସେମାନେ ଭାବିଚିନ୍ତି ବ୍ୟାଙ୍କର ପୁରୁଣା ଖାତା ଖୋଲିଲେ । ସେମାନେ ଜାଣନ୍ତି ନିରୀହ ମୁରୁଖ ଆଦିବାସୀ ବିଧବାଟି ବେଶିବାଟ ଧାଇଁପାରିବ ନାହିଁ କି ଅଦାଲତରେ ଲଢ଼ି ପାରିବାର ଧନବଳ ତା'ର ନାହିଁ ।'' ଅନ୍ୟ ସ୍ଥାନୀୟ ଲୋକଙ୍କ ଆକଳନରେ ସେ ଜମିର ଏକର ପିଛା ମୂଲ୍ୟ ହେଉଥିଲା ୨୫ରୁ ୪୦ ହଜାର ଟଙ୍କା । ସର୍ବଶେଷକୁ ସୁଭାସିନୀର କେବଳ ପଡ଼ି ରହିଥିଲା ଘରଡ଼ିହ ଏବଂ ତତଲା ନିଶ୍ୱାସ । ଅସହାୟତା ଓ ଅବିଶ୍ୱାସରେ ସେ ଭାଙ୍ଗି ପଡୁଥିଲା ।

Digitized by srujanika@gmail.com

"ଏହି ଉଭଟ କାରବାରରେ ବ୍ୟାଙ୍କ ତା'ର ପ୍ରାପ୍ୟ ଟଙ୍କା ଠାରୁ ଅଧିକ ଆଦାୟ କଲା ।" –କହନ୍ତି ଓକିଲ ଗିରି । "ଯଦି ସେମାନେ ଜମିର ପ୍ରଚଳିତ ବାସ୍ତବ ମୂଲ୍ୟରେ ନିଲାମ ଡାକିଥାନ୍ତେ, ତେବେ କ'ଣ ହୋଇଥାନ୍ତା ? ସୁଭାସିନୀ କରିନଥିବା ଋଣ ଟଙ୍କା ଉପରେ ସୁଧକୁ ମିଶାଇ କଟାଯାଇଥିଲେ ବି ସେ ପ୍ରଚୁର ଟଙ୍କା ପାଇପାରିଥାନ୍ତା । ଏ ଅବିବେକୀମାନେ ସେତକର ସୁଯୋଗ ବି ଗୋଟିଏ ନିଃସହାୟା ବିଧବାକୁ ଦେଲେ ନାହିଁ ।"

ଏସବୁ ସତ୍ତ୍ୱେ ସୁଭାସିନୀ ସପକ୍ଷରେ ସମସ୍ତ ଆଇନ୍ ଯାଉଥିବା ବେଳେ ଘଟଣାଣିକୁ ପୁଣି ସୁଧାରି ହେବ କି ? "ମୁଁ ଦୁଇଥର କଲେକ୍ଟର ସାଇବଙ୍କ ପାଖକୁ ଯାଇଛି । ସବୁଥର ସେ କହନ୍ତି : 'ସୁଭାସିନୀ, ତୁ କିଛି ଚିନ୍ତା କରନା । ତୁ ଯାଇ ତୋ ଜମିରେ ଚାଷ କରିବୁ, କେହି ତତେ ଅଟକାଇ ପାରିବେନି ।' "ମୁଁ ମୋ ଜମିରେ ସେତକ କରିବାରୁ ପାଣ୍ଡେ ଗୁଣ୍ଡା ଲଗାଇ ମୋତେ ଜୋର୍ ଜବରଦସ୍ତି ସେଠୁ ବିଦା କରିଦେଲା । ମୁଁ କେମିତି ତାକୁ ଅଟକାଇପାରିଥାନ୍ତି ?" –ଉଦାସ କଣ୍ଠରେ ପଚାରେ ସୁଭାସିନୀ । ଆଦିବାସୀମାନେ କାହିଁକି କେଜାଣି ଜଙ୍ଗଲ ବିଭାଗ ଅଫିସରମାନଙ୍କୁ ଖୁବ୍ ଭୟ କରନ୍ତି । ଏବଂ ସୁଯୋଗ ପାଇଲେ ପାଣ୍ଡେ ଚରିତ୍ରର ବନବିଭାଗ କର୍ମଚାରୀ ସରକାର କଳ, ବଳ ଲଗାଇ ତାଣ୍ଡବଲୀଳା ଅକ୍ଲେଶରେ କରିପାରେ । ବନ ବିଭାଗ ହେଉଛି ପ୍ରଶାସନର ସବୁଠାରୁ ଶକ୍ତିଶାଳୀ, ନିର୍ଲଜ, ବେହିଆ ଶାଖା । ସେମାନେ ଯେକୌଣସି ନିଷ୍ଠୁର, ନିର୍ଦ୍ଦୟ ସ୍ତରକୁ ଯାଇପାରନ୍ତି ଏବଂ ଆଦିବାସୀର ଦୈନନ୍ଦିନ ଜୀବନରେ ସିଧାସଳଖ ହସ୍ତକ୍ଷେପ କରିଥାନ୍ତି ।

ଏହା ବାହାରେ କାଳିପୁର ହେଉଛି ଏକ ଦୁର୍ଗମ, ନିକାଞ୍ଚନ ପଲ୍ଲୀ । ୧୯୮୬ରେ ସୁଭାସିନୀ ଜୀବନରେ ଝଞ୍ଜା ଉଠିଲାବେଳେ ଏହା ଥିଲା ଆହୁରି ଅଗମ୍ୟ ଓ ଅପହଞ୍ଚ । ଜିଲ୍ଲାପାଳଙ୍କୁ ଭେଟିବାକୁ ଯିବା ଅର୍ଥ ଯୋଜନ ଯୋଜନ ପାହାଡ଼ି ଉଠାଣି ଓ କଙ୍କରିଳ ବାଟ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ । ଥରେ ସେପରି ରାସ୍ତା ଚାଲିଲେ ଦେହ ମନରେ ବ୍ୟଥା ଭରିଯିବ । ଆଉ କାମ ହୋଇନପାରିଲେ ସେ ବେଦନା ରହିଯିବ ଗହୀର କ୍ଷତ ଚିହ୍ନ ପରି ଅତୁଟ, ଅଲିଭା ।

ତେବେ, ଜମି ହଡ଼ପ କରିଥିବା ସମସ୍ତ ଲୋକଙ୍କ ବିରୁଦ୍ଧରେ ସମବାୟ ବିଭାଗର ଉପନିବନ୍ଧକଙ୍କ ଅଦାଲତ ଅତି କଡ଼ା ମନ୍ତବ୍ୟ ଦେଇଥିଲେ । ତତ୍କାଳୀନ ଉପନିବନ୍ଧକ ଆର୍.ପି.ଭଚ୍ଚି ମନ୍ତବ୍ୟରେ ଉଲ୍ଲେଖ କରିଥିଲେ ଯେ, ଜମି ନିଲାମରେ ସଂପୃକ୍ତ ସମସ୍ତ ଅଫିସରମାନେ ବହୁପ୍ରକାର ଆଇନ୍‌କାନୁନ ଓ ପ୍ରଶାସନିକ ବ୍ୟବସ୍ଥାକୁ ଅମାନ୍ୟ, ଉଲଙ୍ଘନ କରିଛନ୍ତି । ଏକ ଠିକଣା ଅଦାଲତକୁ ଯାଇ ଏହା ବିରୁଦ୍ଧରେ ଲଢ଼ିବାକୁ ସେ ମଧ୍ୟ ସୁଭାସିନୀକୁ ପ୍ରବର୍ତ୍ତାଇ ଥିଲେ ।

Digitized by srujanika@gmail.com

ମାତ୍ର ସେତେବେଳକୁ ଦରିଦ୍ର, ନିଃସ୍ୱ, ନିରକ୍ଷର ବିଧବାଟି ଧାଇଁ ଧାଇଁ ନ୍ୟାୟ ନପାଇ ଅବିଶ୍ୱାସରେ ଭାଙ୍ଗି ପଡ଼ିଥିଲା । ପୂର୍ବର ଜିଲ୍ଲାପାଳ ସେତେବେଳକୁ ବଦଳି ହୋଇଯାଇଥିଲେ । ନୂଆ ଜିଲ୍ଲାପାଳଙ୍କୁ ସୁଭାସିନୀ ମଧ୍ୟ ଭେଟିଲା । ତାତ୍ତ୍ୱିକ ଦୃଷ୍ଟିରୁ ସୁଭାସିନୀର ନିଜ ଜମି ଉପରେ ଅଧିକାର ରହିଥିବା କଥା ସେ ଜୋର୍‌ରେ କହିଲେ ଏବଂ ତା' ହାତରେ ସ୍ଥାନୀୟ ତହସିଲଦାର୍‌ଙ୍କୁ ତୁରନ୍ତ ଘଟଣାର ଅନୁସନ୍ଧାନ କରି ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ଖଣ୍ଡିଏ ଲେଖି ମଧ୍ୟ ପଠାଇଲେ । ନିରୀହ ସୁଭାସିନୀ ତହସିଲଦାର୍‌ଙ୍କ ହାତକୁ କଲେକ୍ଟରଙ୍କ ଚିଠିକୁ ବଢ଼ାଇଦେଲା, ସେ ତାକୁ ପକେଟରେ ପୂରାଇ ସୁଭାସିନୀ ଆଡ଼କୁ ଅନାଇ ତାଚ୍ଛଲ୍ୟର ହସ ହସିଲେ ଏବଂ କହିଲେ- ''ତୁ ଯାଆ, ତୋ ପାରୁପର୍ଯ୍ୟନ୍ତ ଯେତେ ଲଢ଼ିବୁ ଲଢ଼, ହେଲେ ଏ ଜନ୍ମରେ ଜମି ଫେରି ପାଇବୁ ନାହିଁ ।' ମୋତେ ତାଙ୍କ ବାରଣ୍ଡାରୁ ଘଉଡ଼ାଇ ଦେଲେ ।''

ଏହା ପରେ ସୁଭାସିନୀ କୌଣସି ସରକାରୀ ଦପ୍ତରର ବାରଣ୍ଡା ଆଉ ମାଡ଼ିନାହିଁ । ସାଉକାର, ଜଙ୍ଗଲ ବିଭାଗ କର୍ମଚାରୀ, ବ୍ୟାଙ୍କ ଅଫିସର ଏବଂ ଗୋଟେ ଦୁର୍ନୀତି-ସଢ଼ା ତହସିଲଦାରଙ୍କ ପ୍ରପଞ୍ଚ ମେଣ୍ଟ ବିରୁଦ୍ଧରେ ଛିଡ଼ାହୋଇ ସର୍ବଶେଷକୁ ଦେଖିଲା ସେ ହାରିଯାଇଛି । ଧନର ପ୍ରତିପତ୍ତି, ଅହଂକାର, କଳବଳ କୌଶଳର ପ୍ରଶାସନ ଓ ବିକୃତ ସଢ଼ା ସମାଜ ଆଗରେ ବଣ ମୂଲକର ଅମୃତ ଆତ୍ମା ବେଶିବାଟ ଆଗେଇ ପାରେନା ।

''ଭାରତର ସାମାଜିକ ବ୍ୟବସ୍ଥାରେ ଆଦିବାସୀ ନାରୀଟିଏ ସର୍ବନିମ୍ନ ସୁରକ୍ଷିତ ଏବଂ ସର୍ବାଧିକ ଅବହେଳିତ ।'' –କହନ୍ତି ଅଧିବକ୍ତା ଏଚ୍.ଏନ୍. ଶ୍ରୀବାସ୍ତବ । ସୂରଯପୁର ସିଭିଲ୍ କୋର୍ଟରେ ସେ ଲଢ଼ିଛନ୍ତି ସୁଭାସିନୀ ଭଳି ନିଃସହାୟଙ୍କ କିଛି ମୋକଦ୍ଦମା । ''କିଛି ଦୃଷ୍ଟାନ୍ତ ରହିଛି ଯେଉଁଠି ମାଲି ମୋକଦ୍ଦମାରେ ନିମଜ୍ଜି ଯାଇ ଆଦିବାସୀର ଜୀବନ ଶେଷ ହୋଇଯାଏ । ଅନେକ ସମୟରେ ଜମିର ମୂଲ୍ୟଠାରୁ ଢେର୍ ଅଧିକ ଖର୍ଚ୍ଚ କରେ । ଜିଦ୍‌ଖୋର ପାଲଟିଯାଏ । କେବଳ କୋର୍ଟ ନୋଟିସ୍ ପଠାଇବାରେ ବର୍ଷ ବର୍ଷ ବିତିଯାଏ । ଦେଶର ଆଇନ୍ ବ୍ୟବସ୍ଥା ହେଉଛି ଅତ୍ୟନ୍ତ ଜଟିଳ ଓ ସମୟସାପେକ୍ଷ ।''

ମାଲି ମୋକଦ୍ଦମାରେ ଘାଣ୍ଟି ହେବାକୁ ସୁଭାସିନୀର ମାନସିକତା ନଥିଲା କି ସେ ପାଇଁ ଖର୍ଚ୍ଚ କରିବାକୁ ଟଙ୍କା ନଥିଲା । ଚାରି କୁଟୁମ୍ବୀ ପରିବାର ତା'ର ଅନେକ ସମୟରେ ଢୋକେ ପିଇ ଦଣ୍ଡେ ଜୀଉଁଥିଲେ; ଯାଇତାଇ ମୂଲ ପାଇ ଦିନ ମଜୁରିଆ ପାଲଟିଥିଲେ । ବେଳେବେଳେ ସେତକ ମଧ୍ୟ ମିଳୁନଥିଲା । ସେସବୁ ଦିନ ଖାଡ଼ା ଉପାସରେ କଟୁଥିଲା । ବଣର କନ୍ଦା, ଶାଗପତ୍ର ଥିଲା ଭୋକ ମାରିବାର ଏକମାତ୍ର ସୁଗମ ଭୋଜ୍ୟ । ପୁରୁଣା ଦିନର କଥା ଉଠିଲେ ସୁଭାସିନୀ ଭୋ ଭୋ ହୋଇ କାନ୍ଦି

Digitized by srujanika@gmail.com

ପକାଉଥିଲା, ଆତୁର କୋହରେ ତା'ର କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା । କଥାଟିକୁ ସେ ଆଉ ଠିକଣା ଭାବେ କହିପାରୁନଥିଲା, ଶବ୍ଦମାନଙ୍କୁ ଅଟକାଇ ଦେଉଥିଲା ବେଦନା ବିଧୂର କୋହ ଓ ଲୁହ । ଆମକୁ ସେ ଧରାଇ ଦେଇଥିବା ୧୯୮୮ର ସମବାୟ ଉପନିବନ୍ଧକଙ୍କ ଅନୁକୂଳ ଆଦେଶନାମାର ଛିଣ୍ଡା ଫର୍ଦ୍ଦ ଉପରେ ଲେଖାମାନ ଅସ୍ପଷ୍ଟ ଦିଶୁଥିଲା ଲୋତକ ଶ୍ରାବଣରେ ଧୋଇ ହୋଇ । ସମଗ୍ର ସରକାରୀ କଳ ଓ ଅଧିକନ୍ତୁ ମଣିଷ ଜାତି ପ୍ରତି ତା' ଭିତରେ ସଞ୍ଚରି ଉଠୁଥିଲା ଘୃଣା ଓ ଅବିଶ୍ୱାସ । ବାସ୍ତବରେ ରାବଣର ରାକ୍ଷସପଣର ଗୋଟେ ସୀମା ଥିଲା !

"ସୁଭାସିନୀ ହେଉଛି ଗୋଟିଏ ମୂର୍ତ୍ତିମନ୍ତ ପ୍ରତୀକ ଓ ଦୃଷ୍ଟାନ୍ତ । ହଜାର ହଜାର ଆଦିବାସୀଙ୍କ ମଧ୍ୟରେ ତା' ପ୍ରତି ହୋଇଥିବା ଘୋର ଅବିଚାର ଜନିତ ଘଟଣାଟି ଅତ୍ୟନ୍ତ ବିରଳ ଓ ବିଚିତ୍ର ।" —କହନ୍ତି ଓକିଲ ଶ୍ରୀବାସ୍ତବ । "ଆଦିବାସୀମାନେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ କିମ୍ବା ସେସବୁ ହାସଲ କରିବା ପାଇଁ ଲଢ଼ିପାରିବେ ନାହିଁ; ଆଇନ୍ ଯେତେ ପ୍ରଗତିଶୀଳ ହୋଇଥାଉନା କାହିଁକି । ସେଥିରେ ସେମାନଙ୍କର କିଛି ଯାଏଆସେ ନାହିଁ । ସୁଭାସିନୀ ଘଟଣାରେ ଆପଣ ସେମାନଙ୍କ ପୃଥିବୀର କିଞ୍ଚିତ୍ ଚିତ୍ର ପାଇଥିବେ । ସେମାନଙ୍କ ଶୋଷଣ, ଜଷଣ, ପ୍ରବଞ୍ଚନାର କାହାଣୀ ଏବଂ ସର୍ବୋପରି କେମିତି କାମ କରୁଛି ସରକାରୀ କଳ ! ଶଠତାପୂର୍ଣ୍ଣ ସାମାଜିକ ବ୍ୟବସ୍ଥା, ଅଦାଲତର ଅତି ବିରକ୍ତିକର ପଦ୍ଧତି, ସାଉକାରର ରୁକ୍ଷତା ଓ ଲାଞ୍ଛନା । ପ୍ରଥମେ ଏସବୁ ଘଟିବା ସମ୍ଭବ ହେଉଛି ଯେହେତୁ ଆମେ ଆଦିବାସୀଙ୍କୁ ଅପାଠୁଆ ନିରକ୍ଷର ରଖିଛୁ ।"

ଆମଭଳି ବିଚିତ୍ର ପରିଦର୍ଶକଙ୍କୁ ଦେଖି କ୍ଷଣକ ପାଇଁ ସୁଭାସିନୀ ଭିତରେ ଆଶାର ସଞ୍ଚାର ହେଲା । "ତୁମେ କ'ଣ ଭାବୁଛ ବାବୁ, ନୂଆ କଲେକ୍ଟର ସାହାବଙ୍କୁ ଦେଖାକଲେ କିଛି ରାହା ମିଳିବ ?" ନୂଆ ସରକାରଟିଏ ମଧ ରହିଛି । ଉଭୟ କିପରି ତା'ର ଜୀବନ ଯନ୍ତ୍ରଣାର ଜବାବ୍ ଦେବେ ତା' ଉପରେ ନିର୍ଭର ରଖେ ସହସ୍ର ସହସ୍ର ଆଦିବାସୀଙ୍କ ଭାଗ୍ୟ ଓ ଭବିଷ୍ୟତ ।

ଆଶାର ଆକାଶରେ ବେଳେବେଳେ ଇନ୍ଦ୍ରଧନୁ ଦିଶେ; କିନ୍ତୁ ଅଧିକାଂଶ ସମୟ କଳାମେଘ, ଅନ୍ଧାର ଜଡ଼ସଡ଼ ହୋଇ ରହେ ପୃଥିବୀ । ବିଜୁଳି, ଘଡ଼ଘଡ଼ିର ଗର୍ଜନ, ବର୍ଷଣ ମୁଖର ଦିନ ଓ କୋହଲା ପାଗକୁ ନେଇ ସମୟ ବହି ଚାଲିଥାଏ ନିରନ୍ତର । ସୂର୍ଯ୍ୟ ରହିଥାନ୍ତି ଦୀର୍ଘ ଛୁଟିରେ, ତାଙ୍କ ଆଲୁଅ ବିନା ଇନ୍ଦ୍ରଧନୁ ଫୁଟାଇବ କିଏ ? ତା'ରି ଭିତରେ ସାରୁପତ୍ର ତଳେ ବେଙ୍ଗ ଓ ବେଙ୍ଗୁଲୀ ଗଢୁଥାନ୍ତି ସଂସାର । ସେସବୁ ନିରେଖିବାକୁ କାହାର ବା ଅଛି ତର ?

❖ ❖ ❖

Digitized by srujanika@gmail.com

'ମୋ ଜମି ଖଣ୍ଡକ କେହି ଦେଖିଚ ?'

ଦୁଇବର୍ଷ ବିତିଗଲାଣି, ଖୋଜି ଖୋଜି ଆଖିରୁ ପାଣି ମରିଗଲାଣି, ହେଲେ ମିଳୁନାହିଁ । ପିଲା ହଜିନି, ବଳଦ ବି ନୁହେଁ, ଟଙ୍କା ସୁନା ସେ ଖୋଜୁନାହିଁ, ଖୋଜୁଛି ସରକାର ତାକୁ ଦେଇଥିବା ୧ ଏକର ୮୦ ଡିସିମିଲ୍ ଜମି । ସେ ଜାତିରେ କୋରୁଆ ଆଦିବାସୀ —ଗିରିଜନଙ୍କ ଭିତରେ ସବୁଠୁଁ ଦରିଦ୍ର, ନିଃସ୍ୱ । ୧୯୯୧ରେ ବିହାର ସରକାରଙ୍କ ପକ୍ଷରୁ ବଳକା ଜମି ବଣ୍ଟନ ବ୍ୟବସ୍ଥାରେ ରଣବୀର କୋରୁଓ୍ୱା ହାତକୁ ଆସିଥିଲା ୧.୮୦ ଏକର ଜମିର ପଟ୍ଟା । କାଗଜପତ୍ର ହାତରେ ଧରି ରଣବୀର ଖୋଜି ଚାଲିଛି ବର୍ଷ ପରେ ବର୍ଷ-ଦୁଇବର୍ଷ ବିତିଗଲାଣି, ଜମିର ପତ୍ତା ସତ୍ତା ପାଉନି ।

ବିହାର ରାଜ୍ୟର ପାଲାମୁ ଜିଲ୍ଲାର କାଞ୍ଚନ ଗାଁରେ ରଣବୀରର ଘର । ଗାଁ ନାଁ ସିନା କାଞ୍ଚନ, ହେଲେ ମାଟି ହେଉଛି ବନ୍ଧ୍ୟା । କଙ୍କରିଳ ଗୋଡ଼ିଆ ଟାଆଁସା ମାଟି । ଧାନ ରୋଇଦେଲେ ସୁଆଁ ଫଳେ । ସେ ପାଇଥିବା ପଟ୍ଟାରେ ଜମି ରହିଛି ସରଗୁହା ଗାଁରେ : ଖାତା ନମ୍ବର-୨, ଜମି ନମ୍ବର ୪୨୪/୨୬ । କାନ୍ଦ କାନ୍ଦ ହୋଇ ରଣବୀର କହେ : ''ମୁଁ ଜାଣିପାରୁନି ଏ ଜମି କୋଉଠି । ଏ ଖାତା ନମ୍ବର ଧରି ମୁଁ ଜମି ଖୋଜି ଚାଲିଛି, ପାଉନି । ପାଖାପାଖି କାହା ଜମିର ଠିକଣା ଥିଲେ ସିନା ଖୋଜ ମିଳିଥାନ୍ତା, ସେତକ ଏଥିରେ ନାହିଁ ।''

ଏ ସୁଦୀର୍ଘ ତଲାସୀର ଧାରାରେ ରଣବୀର ଏକା ନୁହେଁ । ତା'ପରି ଖୋଜି ଚାଲିଛନ୍ତି ଜମି : ଅନେକ ଲୋକ । ଆଉ ଜଣେ କୋରୁଓ୍ୱା ମହିଳା ଫାଗୁନି ଦେବୀ, ତାଙ୍କ ପଟ୍ଟାରେ ୧.୯୨ ଏକର ଜମି, ନମ୍ବର ୪୨୪/୨୭ । ଅର୍ଥାତ୍ ରଣବୀର ଓ ଫାଗୁନି ଦୁହେଁ ପାଇଛନ୍ତି ପାଖାପାଖି ଜମି—ପଡ଼ୋଶୀ । ହେଲେ ଜମିର ଚିହ୍ନବର୍ଣ୍ଣ ଦିଶୁନାହିଁ । ଘଟଣା ହେଉଛି—ଏ ଦୁଇଖଣ୍ଡି ଜମିର ସୀମାନ୍ତରେ ରହିଛି ବଣ—ମାତ୍ର ଅରଣ୍ୟ ଏ ଅନ୍ୱେଷାରେ କିଛି ସାହାଯ୍ୟ ଯୋଗାଇପାରେନା ।

ବିହାରରେ ଜମି ବଣ୍ଟନର କଙ୍କରିଳ ପଥ ଧାରେ ଏମିତି ଅନେକ ଘଟଣା ସିଝୁ ବୁଦା ପରି ଛାଇ ହୋଇ ରହିଛି । ପାଲାମାଉରେ ଦରିଦ୍ର କୋରୁଓ୍ୱା ସଂପ୍ରଦାୟ ମଧ୍ୟ ଏ ସରକାରୀ ପ୍ରହସନର ଶିକାର । ଏହି ସମସ୍ୟାକୁ ଅଧିକ ଜଟିଳ ଓ ଉତ୍କଟ କରି ପକାଇଛି ଅଶି ଦଶକର ଶେଷ ଭାଗରେ ଆରମ୍ଭ ହୋଇଥିବା ସରକାରୀ ଜମି ସର୍ଭେ କାର୍ଯ୍ୟକ୍ରମ । ଜମି ଜବରଦଖଲ ଓ ତଦ୍ରୂପ ଦୁର୍ନୀତିକୁ ଏହି ସର୍ଭେ ଆମନ୍ତ୍ରଣ ଜଣାଇଲା ।

Digitized by srujanika@gmail.com

ଏଭଳି କସରତ ସହିତ ପ୍ରଶାସନିକ ମହାଭ୍ରମ ଓ ତ୍ରୁଟିମାନ ଘଟଣାକୁ ମହର୍ଗରୁ ନେଇ କାନ୍ତାରରେ ଛାଡ଼ିଦେଲା ।

ଯେକୌଣସି ପ୍ରକାରର ଭୂମି ଆବଣ୍ଟନ କାର୍ଯ୍ୟକ୍ରମ ଦରିଦ୍ର, ନିଃସହାୟ ମଧ୍ୟରେ ଆଶାର ସଞ୍ଚାର କରିବା ସ୍ୱାଭାବିକ । କିନ୍ତୁ ଅନେକ ସମୟରେ ସେମାନଙ୍କ ଅନୁଭବ ରଣବୀର ଓ ଫାଗୁନି ଦେବୀଙ୍କ ଠାରୁ ଭିନ୍ନ ନୁହେଁ । ତେବେ ଦୃଷ୍ଟାନ୍ତମୂଳକ ଭାବେ ଏ ଦୁଇଜଣ ସର୍କଲ ଅଫିସକୁ ଯାଇ ସେମାନଙ୍କ ସମସ୍ୟାର ସମାଧାନ କରିପାରନ୍ତେ ନାହିଁ ?

"ମୁଁ କେତେବାର ସର୍କଲ ଅଫିସ୍‌କୁ ଧାଇଁଛି । ହେଲେ ସେଠିକା କର୍ମଚାରୀ ମୋତେ ସାଇବଙ୍କ ସହିତ ଭେଟିବାକୁ ଦେଇନାହାନ୍ତି ।" –କହେ ରଣବୀର । "ସେମାନେ ଏକର ପିଛା ୫୦ ଟଙ୍କା ଲାଞ୍ଚ ମାଗିଲେ । ତାକୁ ୮୦ ଟଙ୍କା ଦେବାକୁ ମୋତେ ପଡ଼ିଥାନ୍ତା । ହେଲେ ମୋ ପାଖରେ ସେତେ ଟଙ୍କା କାହିଁ ?" ବାସ୍ତବରେ ଜଣେ ସହରୀ ଲୋକ ବୁଝିପାରିବ ନାହିଁ ଯେ, ଦରିଦ୍ର କୋରୁଓ୍ୱା ପାଇଁ ୮୦ ଟଙ୍କା କେଡ଼େ ଦୁର୍ଲଭ ପରିମାଣ ! ଏହାର ଅଧା ପରିମାଣ ୪୦ ଟଙ୍କା ଉଧାର ଆଣି ଯେଉଁ ମୂଳକରେ ସହସ୍ର ସହସ୍ର ମଣିଷ ଗୋତି ପ୍ରଥାରେ ବନ୍ଧା ପଡ଼ନ୍ତି; ପୁଣି ପୁରୁଷ ପୁରୁଷ ବା ପିଢ଼ି ପରେ ପିଢ଼ି ଧରି, ସେଠାରେ ୮୦ ଟଙ୍କା କାହିଁରେ କ'ଣ !

ପଞ୍ଚାୟତ ସ୍ତରରେ ଏଭଳି ମାମଲାର ଫଇସଲାର କିଛି ମୂଲ୍ୟ ନାହିଁ । ଏଠାରେ ସର୍କଲ ଅଫିସର ହେଉଛନ୍ତି ରାଜସ୍ୱ ବିଭାଗର ସର୍ବେସର୍ବା । ସବୁ ଜମିଜମା ମାମଲାର ଏକଛତ୍ର ସମ୍ରାଟ । ଆଦିବାସୀ ଇଲାକାର ରତା–ପୃଥିବୀରେ ହିମାଳୟର ଶୃଙ୍ଗମାନଙ୍କ ପରି ତାଙ୍କର କ୍ଷମତା ସୁଉଚ୍ଚ ଓ ସୁବ୍ୟାପ୍ତ । ମାଳାଞ୍ଚଳର ପାହାଡ଼ ଚଢ଼ି, ଜଙ୍ଗଲ ପାର ହୋଇ ସେ ମହାମହିମ ସମ୍ରାଟଙ୍କ ଦରବାରରେ ପହଞ୍ଚିବା ସର୍ବଦା ଏକ କଠିନ ବ୍ୟାପାର; ବେଳେବେଳେ ସେତକ ପାଲଟେ ସଫଳତାର ତୀର୍ଥଯାତ୍ରା । ତଥାପି ତାଙ୍କ ବିନା କିଛି ହେବା ସମ୍ଭବ ନୁହେଁ ।

ଆଉ ଏକ ଗାଁରେ ଏତାଦୃଶ ପଦ୍ଧତିରେ ପ୍ରାପ୍ତ ସରକାରୀ ଜମିର ଠିକଣା ଖୋଜୁଥିବା ଗନୋରୀ କୋରୁଓ୍ୱା କହେ : "ସର୍କଲ ସାଇବଙ୍କ ଅଫିସ୍ ଏଠାକୁ ୩୦ ମାଇଲି ବାଟ । ସେଠି ପହଞ୍ଚିବାକୁ ହେଲେ ଅଣ୍ଟିରେ କଉଡ଼ି ଦରକାର ।" ଯଦି ଜଣେ ଗଲା ତେବେ ସେଦିନର କାମ ମାରା; ଘର ପାଇଁ ଜାଳ, ଫଳମୂଳ ସଂଗ୍ରହରୁ ସେ ବଞ୍ଚିତ ହେବ । ସମୟ, ଶ୍ରମ ଓ ଅର୍ଥ ଖର୍ଚ୍ଚ କରି ସେଠାରେ ପହଞ୍ଚିବା ପରେ : "ଆଜ୍ଞା ସେମାନେ ହାକିମଙ୍କ ପାଖକୁ ଛାଡ଼ିବେ ନାହିଁ । ହାକିମ ମିଟିଂରେ ବସିଥିବେ ନଇଲେ ଦୂର ଜାଗାକୁ ଗସ୍ତରେ ଯାଇଥିବେ । ଥିଲେ ବି ତାଙ୍କୁ ଦେଖା କରିବାକୁ ଦେବେନାହିଁ । ସାରାଦିନ ଦପ୍ତର ବାରଣ୍ଡାରେ ବସିଥିଲେ ବି ଗଲାବେଳେ ଆଡ଼

Digitized by srujanika@gmail.com

ଆଖିରେ କେହି ଚାହିଁବେ ନାହିଁ । ହାକିମଙ୍କୁ ଭେଟିବାକୁ ହେଲେ ଚପରାଶିକୁ ଅଣ୍ଟାଗୁଞ୍ଜା ଦବାକୁ ହବ ।''

ଭାରତବର୍ଷରେ ସରକାରୀ ହାକିମଙ୍କୁ ଭେଟିବାକୁ ଯାଉଥିବା ଆଦିବାସୀ କି ହରିଜନଟିର ଭାଗ୍ୟ କେବେ ଅନୁକୂଳ ଓ ସୁଖପ୍ରଦ ନୁହେଁ । ବିହାରରେ ପଚାଶ ଦିନରୁ ଊର୍ଦ୍ଧ୍ୱକାଳ ରହିଥିବା ଅବସରରେ ଏକାଧିକ ସରକାରୀ କାର୍ଯ୍ୟାଳୟକୁ ଯାଇ ଦେଖିଛି ଆଦିବାସୀମାନେ କିପରି ଅସନ୍ତୋଷ ଓ ଅପମାନର ଶରବ୍ୟ ହୋଇଛନ୍ତି । ଭୂମି ସର୍ବେକ୍ଷଣ ନାମରେ ଯେଉଁ ପାଣି ଗୋଳି କରିବା ପ୍ରକ୍ରିୟା ଆରମ୍ଭ ହେଲା, ସରକାରୀ କାର୍ଯ୍ୟାଳୟକୁ ସେମାନେ ଧାଇଁବା ସେତିକି ବୃଦ୍ଧି ପାଇଲା ।

''ବଡ଼ ବଡ଼ ଜମିଦାରଙ୍କ ଠାରୁ ପୋଷ୍ଟମାଷ୍ଟର, ସ୍କୁଲ ମାଷ୍ଟର, ଓକିଲ ଯାଏ ତଳିଆ ତଳିଆ ଯେତେ କ୍ଷମତାଶାଳୀ ଲୋକ ସମସ୍ତେ ଏହି ଜମି ଜବର ଦଖଲରେ ଭାଗ ନେଇଛନ୍ତି । ପାଣି ଗୋଳିଆ କରି ମାଛ ମାରିବାରେ ଏମାନେ ସମସ୍ତେ ଓସ୍ତାଦ ।'' —କହନ୍ତି ଜଣେ ବରିଷ୍ଠ କର୍ମକର୍ତ୍ତା । ''ଆଗରୁ ବାହୁବଳ, ନାଲିଆଖି ଦେଖାଇ ଜମି ନିଜ ନାମରେ କରି ନିଆହେଉଥିଲା । ଏବେ ଜମି ସର୍ଭେର ଆଢୁଆଳରେ ଲାଞ୍ଚ ଓ କୌଶଳ ହୋଇ ପଡ଼ିଲା ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଏହା ଆହୁରି ସକ୍ରିୟ ହୋଇପାରିବ । ସର୍ଭେ କରୁଥିବା କର୍ମଚାରୀଙ୍କୁ ଅଣ୍ଟାଗୁଞ୍ଜା ଦେଲେ କାମ ହାସଲ । ଏବଂ ସେ ଗରିବ ଚାଷୀର ଜମିକୁ ଲେଖିଦେବ ସେହିମାନଙ୍କ ନାମରେ ଯାହାଠାରୁ ସେ ପାଇଛି ଲାଞ୍ଚ ।''

ଏହା ସୃଷ୍ଟି କରେ ଏକ ବିଚିତ୍ର ଓ ବିଭ୍ରାଟମୟ ପରିସ୍ଥିତି । ଖୁଡ଼ାଗ ଗାଁରେ ଗଣପତି ସିଂ ଓ ଅନ୍ୟ ଆଦିବାସୀଙ୍କ ଜମିକୁ ଲେଖାଇ ନିଆଯାଇଛି ଅନ୍ୟ ଗାଁ ଲଭରପୁରର ଜଣେ ପୋଷ୍ଟ-ମାଷ୍ଟରଙ୍କ ନାମରେ; ଯଦିଓ ଗଣପତି ଓ ଅନ୍ୟ ଆଦିବାସୀଙ୍କ ହାତରେ ରହିଛି ପଟ୍ଟା ପାଉତି—ଜମିର ମାଲିକାନା ରେକର୍ଡ । ସବୁଠାରୁ ବିଡ଼ମ୍ବନା ଓ ବିଷାଦମୟ କଥା ଯେ, ଗଣପତି ଠାରୁ ସର୍ଭେ କର୍ମଚାରୀ ଦୁଇ ହଜାର ଟଙ୍କାର ଲାଞ୍ଚ ଝଡ଼ାଇ ତା' ଜମିକୁ ଲେଖି ଦେଇଛି ପୋଷ୍ଟମାଷ୍ଟରଙ୍କ ନାଁରେ । ଗଣପତି ହରାଇଛି ଉଭୟ ଜମି ଓ ଟଙ୍କା । ଆସୁରିକତାର ଆଉ କିଛି ଚରମ ଦୃଷ୍ଟାନ୍ତ ରହିଛି କି ?

ଅତି ସୂକ୍ଷ୍ମ ଫିସାଦି ଓ ଚଳନୀୟ ଫିସାଦି ପଣରେ ଜମି ଜବରଦଖଲର ଆସୁରିକ, ଭୟଙ୍କର ଦଶନ୍ଧି କେତୋଟି ଇତିମଧ୍ୟରେ ବିତିଯାଇଛି । ଦରିଦ୍ର, ନିରକ୍ଷର, ନିଃସ୍ୱ ଆଦିବାସୀମାନେ ହନ୍ତସନ୍ତ ହୋଇ କୋର୍ଟ କଚେରୀକୁ ଧାଇଁଛନ୍ତି ଏବଂ ଦରିଦ୍ର ଉପରେ ପଡ଼ିଛି ପ୍ରହାର ପରେ ପ୍ରହାର । ଆଦିବାସୀ ଓ ହରିଜନମାନେ ଦୀର୍ଘକାଳ ଧରି କୋର୍ଟ କଚେରୀକୁ ଧାଇଁ ପାରନ୍ତି ନାହିଁ । ଓକିଲ ପାଉଣା ଦେବା ସେମାନଙ୍କ ପାଇଁ କଷ୍ଟକର । ଆଉ ଯଦି ଏ ଜବରଦଖଲ ଧାରାରେ ଓକିଲଟିଏ ସାମିଲ ହେଲା,

Digitized by srujanika@gmail.com

ତେବେ ଏ ଜନ୍ମରେ ଆଉ ଜମି ଫେରିପାଇବା ସମ୍ଭବପର ନୁହେଁ । ମାତ୍ର ସେମାନଙ୍କ କ୍ରୋଧ ହତାଶାର ଯେତେବେଳେ ଘଟେ ବିସ୍ଫୋରଣ, ସେଥିରେ ସରକାରୀ ସିଂହାସନ ଦୋହଲିଯାଏ । ଜୀବନକୁ ପାଣି ଛଡ଼ାଇ ସେମାନେ ଲଢ଼ନ୍ତି । ପ୍ରତି ଆକ୍ରମଣର ପର୍ବ ଆରମ୍ଭ ହୁଏ ଏବଂ ତାହାର ନାମ ଆଜି ନକ୍ସଲପନ୍ଥୀ ବିଦ୍ରୋହ । ପାଲାମାଉର ମାଟି ସେହି ରକ୍ତାକ୍ତ ସଂଘର୍ଷ ପାଇଁ ଆଜି ବେଶ୍ ଉର୍ବରା । ଯେମିତି ବିହନ ସେମିତି ଅମଳ । ଶଠତାର ମୁକାବିଲା ହେଉଛି ଶସ୍ତ୍ରରେ ଏବଂ ଆଇନ୍‌ସିଦ୍ଧ ମାର୍ଗରେ ।

ଏହି ରଣଭୂଇଁରେ ଅବତୀର୍ଣ୍ଣ ହୋଇଛି ଶତ୍ରୁଘ୍ନ କୁମାରଙ୍କ ନେତୃତ୍ୱାଧୀନ ଏକ ସ୍ୱେଚ୍ଛାସେବୀ ସଂଗଠନ : 'ଛୋଟ ନାଗପୁର ସମାଜ ବିକାଶ ସଂସ୍ଥାନ' । ଜମି ଜବରଦଖଲରେ ଶିକାର ଓ ଶରବ୍ୟ ହୋଇଥିବା ପ୍ରାୟ ୫ ହଜାର ଆଦିବାସୀ ଓ ହରିଜନ ପରିବାରଙ୍କ ୮ ହଜାର ହେକ୍ଟର ଜମିକୁ ମୁକ୍ତ କରିବାକୁ ଚଳାଇଛନ୍ତି ସଂଗ୍ରାମ । ମୁଖ୍ୟତଃ ଚଇନପୁର, ରାଙ୍କା, ଭାଣ୍ଡେଦରିଆ ଏବଂ ବାରୱାଡ଼ି ନାମକ ଚାରିଟି ବ୍ଲକ୍ ପରିସୀମା ମଧ୍ୟରେ କାର୍ଯ୍ୟକ୍ରମ ହୋଇଛି କେନ୍ଦ୍ରିତ ।

ଏଠାରେ ଏକ ସାଧାରଣ ପ୍ରଥା ହେଉଛି ସରକାରୀ ଅନାବାଦୀ ଜମି ଉପରେ ଚାଷବାସ କରିବାକୁ ଦଳିତ, ଆଦିବାସୀ ଭଳି ନିମ୍ନ ଆୟକାରୀ ତଥା ଅନୁନ୍ନତ ବର୍ଗର ଲୋକଙ୍କୁ ଅନୁମତି ଦିଆଯାଏ । ରକ୍ତକୁ ପାଣି କରି ଟାଙ୍ଗର ଜମିକୁ ସମତୁଲ ଓ ଚାଷ ଉପଯୋଗୀ କରିସାରିବା ପରେ ସେମାନଙ୍କୁ ବଳ ପ୍ରୟୋଗ ପୂର୍ବକ ସେଠାରୁ ହଟାଇ ଦିଆଯାଏ । ଛୋଟ ନାଗପୁର ରଇତ ବିଧି ଏଥିପାଇଁ ନିରାପତ୍ତା ଦେଇଛି, ଅନ୍ତତଃ ପକ୍ଷେ କାଗଜପତ୍ରରେ ଏବଂ ଆଦିବାସୀର ଜମି ଉପରେ । ଜମି ହସ୍ତାନ୍ତରୀତ କରିବାକୁ ଚାହୁଁଥିବା ଆଦିବାସୀଟିଏ କେବଳ ସେହି ଥାନା ଅନ୍ତର୍ଗତ ଅନ୍ୟ ଆଦିବାସୀ ଲୋକଙ୍କୁ ଜମି ବିକ୍ରି କରିପାରିବ । ଏଥିପାଇଁ ପୁଣି ଡେପୁଟୀ କମିଶନରଙ୍କ ଅନୁମତି ଲୋଡ଼ା ।

ବାସ୍ତବ କଥା ହେଉଛି, ଅଣ-ଆଦିବାସୀ ହାତକୁ ଅକ୍ଳେଶରେ ଚାଲିଯାଏ ଆଦିବାସୀର ଜମି । ଏହା ମୁଖ୍ୟତଃ ହୋଇଥାଏ ଯେଉଁଠି ଆଦିବାସୀଙ୍କ ପାଇଁ ଲଢ଼ିବାକୁ କୌଣସି ରାଜନୈତିକ ସଂଗଠନ ନଥାଏ । ପାଲାମାଉର ହାତଗଣତି କେତୋଟି ଗ୍ରାମରେ ଏଭଳି ଶହ ଶହ ଘଟଣାର ନଜିର ପାଇଛନ୍ତି ସେଠାରେ ସର୍ବେକ୍ଷଣ କରିଥିବା ଏକ ସ୍ୱେଚ୍ଛାସେବୀ ସଂଗଠନ : ସର୍ବାଙ୍ଗୀନ ଗ୍ରାମ ବିକାଶ କେନ୍ଦ୍ର ।

ମାତ୍ର ଏହି ରଇତ ବିଧିରେ ହରିଜନ ଲୋକର ଜମି ପାଇଁ କୌଣସି ସୁରକ୍ଷା ନାହିଁ । ତେଣୁ ଏହା ହେଉଛି ଜମି ଜବର ଦଖଲକାରୀଙ୍କ ମୁଖ୍ୟ ଲକ୍ଷ୍ୟବିନ୍ଦୁ । ଲାତେହାରରେ ଥିବା ଭୂୟାଁ ହରିଜନ ସଂପ୍ରଦାୟର ପ୍ରତି ପରିବାର ଏମିତି ଜମି ହରାଇଥିବା ନିଜେ ଅନୁଧ୍ୟାନ କରି ଜାଣିପାରିଲି । ସଂପ୍ରତି ଅଦାଲତ, କଚେରୀରେ

Digitized by srujanika@gmail.com

ନିବନ୍ଧିତ ମୋକଦ୍ଦମା ମଧ୍ୟରୁ ଅଧିକାଂଶ ହେଉଛି ହରିଜନଙ୍କ ଜମି ମାଡ଼ି ବସିଥିବା ଦଳେ ଦି'ଗୋଡ଼ିଆ ରକ୍ତପିପାସୁ ଗଧିଆ ।

ମାତ୍ର ଏଥିପାଇଁ ଲଢୁଛନ୍ତି କିଛି ସଂଗଠନ, ରାଜନୈତିକ ଦଳ ଓ ଅନ୍ୟ ସମ୍ବେଦନଶୀଳ ବ୍ୟକ୍ତିବିଶେଷ । ଗୋଟିଏ ସ୍ତର ଯାଏ ଜମିଦାରୀ ଆତଙ୍କ ଏବଂ ଜବରଦଖଲକାରୀଙ୍କ ଉତ୍ପାତକୁ ପ୍ରଶମିତ କରୁଛି ନକ୍ସଲପନ୍ଥୀ ଗୋଷ୍ଠୀ ମାଓବାଦୀ କମ୍ୟୁନିଷ୍ଟ ସେଣ୍ଟର । ଏଭଳି ପରିବର୍ତ୍ତନବାଦୀ ଶକ୍ତିମାନଙ୍କ ବ୍ୟାପକ ଲଢ଼େଇ ଏବଂ ଉଦାରମନା ଜିଲ୍ଲାସ୍ତରୀୟ ବରିଷ୍ଠ ପ୍ରଶାସକଙ୍କ ସମର୍ଥନ ଲାଭ କରି ହୁଏତ ଦିନେ ଜିଣିହେବ ଏ ଯୁଦ୍ଧ । ସବଂଶେ ରାବଣ ହୁଏତ ମରିପାରେ, ତା'ର ଅନୀତି ଅବିଚାରର 'ସୁନାଲଙ୍କା' ଜମିଦାରୀ ଜଳିଯାଇପାରେ । ମାତ୍ର ସେଯାଏ ରଣବୀର ଓ ଫାଗୁନି ଦେବୀମାନେ ସେମାନଙ୍କ ପଟ୍ଟା ପାଉତିର ନ୍ୟାୟ-ନକ୍ସା ଧରି ନିଜର ଜମି ଖୋଜି ଚାଲିଥିବେ ଏବଂ ପଚାରୁଥିବେ : 'ମୋ ଜମି ଖଣ୍ଡକ କେହି ଦେଖିଚ ?' ଏହି ଅନ୍ବେଷା ଭିତରେ ପବନକୁ ଅଥୟ କରି ଭାରି କରି ଉଡ଼ିଯାଉଥିବ କେତେ ତତଲା ଦୀର୍ଘଶ୍ବାସ । କେତେ ବ୍ୟାକୁଳତା, କେତେ ହତାଶା – ସେସବୁକୁ ସଞ୍ଚିବାକୁ ଆକାଶ ଛାତିରେ ଶୂନ୍ୟତା ନଥିବ କି ଧରିତ୍ରୀ ପିଠିରେ ନଥିବ ସ୍ଥାନ ।

❖ ❖ ❖

Digitized by srujanika@gmail.com

ମହାପାତକୀ ଦେଶର ମହାନ ନାଗରିକ

ଆମ ଜିପ୍ ପହଞ୍ଚିଲା ବେଳକୁ ଗାଆଁଟି ନିଶୂନ, ନିର୍ଜନ ହୋଇଯାଇଥିଲା । ଜିପ୍ ଶବ୍ଦ ଶୁଣି ସମସ୍ତେ ଲୁଚି ଯାଇଥିଲେ ବିଲ କାନ୍ତାର ଓ ଜଙ୍ଗଲ ଭିତରେ । ସେମାନଙ୍କୁ ସେହି ଗୋପନବାସରୁ ବୁଝାଇ ସୁଝାଇ ଫେରାଇ ଆଣିବାକୁ ବହୁ ଘଣ୍ଟା ବିତି ଯାଇଥିଲା । ତଥାପି ଆମକୁ ଦେଖି ସେମାନେ ପୁଣି ଧାଇଁଥିଲେ ବିଲମାଳ ଗହୀର ଆଡ଼େ, ପଛରେ ପଡ଼ିରହିଥିଲେ ସ୍ତ୍ରୀ ପିଲା ଓ ବୃଦ୍ଧା । ପେଣ୍ଟ ପିନ୍ଧା ବାବୁ ଓ ଜିପ୍ ଥିଲା ଅତ୍ୟାଚାର, ନିର୍ମମ ପ୍ରହାରର ପ୍ରତୀକ । ଜିପ୍‌ର ଅର୍ଥ ପୁଲିସ୍ ନଚେତ୍ ଜଙ୍ଗଲ କର୍ମଚାରୀ । ପୁଲିସ୍ ଅର୍ଥ ମାଡ଼, ପଶୁତ୍ୱ ଓ ବର୍ବରତା ।

ସ୍ଥାନୀୟ ଜଣେ ମାର୍କ୍ସବାଦୀ କମ୍ୟୁନିଷ୍ଟ ନେତାଙ୍କ ବହୁ ଆୟାସ, ବୁଝାଶୁଝା ପରେ ଧୀରେ ଧୀରେ ପୁରୁଷ ଲୋକମାନେ ଆତ୍ମଗୋପନର ଗମ୍ଭୀରା ଭିତରୁ ବାହାରିଲେ । ସେମାନଙ୍କ ପଦପାତ ଥିଲା ମନ୍ଥର । ମୁହଁରେ ଭୟ ଓ ଆର୍ତ୍ତିର ପ୍ରଲେପ ଥିଲା ସୁସ୍ପଷ୍ଟ । ସ୍ଥାନୀୟ ନେତା ବୁଝାଇଦେଲେ ଯେ, ଆମେ ପୁଲିସ୍ ଅବା ତଦ୍ରୂପ କ୍ଷମତାଧାରୀ ପ୍ରଶାସନର ନୌକର ନୋହୁଁ । ତଥାପି ଆମ ଜିପ୍‌ଟି ପାକ୍ରି ଗାଆଁ ଠାରୁ ଢେର୍ ଦୂରରେ ଥିଲା । ବିହାର ରାଜ୍ୟର ପାଲାମାଉ ଜିଲ୍ଲା ବାଲୁମଠ ବ୍ଲକ୍‌ର ଅନ୍ତର୍ଗତ 'ପର୍‌ହିୟା' ସଂପ୍ରଦାୟ ଅଧ୍ୟୁଷିତ ଗାଁ ଥିଲା ଏଇ ପାକ୍ରି ।

କ୍ରମ ବିଲୁପ୍ତ ସଂପ୍ରଦାୟ 'ପର୍‌ହିୟା' ହେଉଛି ଭାରତବର୍ଷର ସର୍ବ ଦରିଦ୍ରତମ ମଣିଷମାନଙ୍କ ମଧ୍ୟରେ ଅନ୍ୟତମ ଓ ନିମ୍ନତମ । ସେମାନେ ଏଯାଏଁ 'ଅପରାଧୀ' ସଂପ୍ରଦାୟର ସନ୍ତକ ନେଇ ବଞ୍ଚିଛନ୍ତି । ତାଙ୍କ ପିଠିରେ ଏ ଛାପ ପ୍ରଥମେ ବସାଇଥିଲା ବ୍ରିଟିଶ୍ ଶାସନ । ବ୍ରିଟିଶ୍ ଗୋଲାମୀରୁ କୌଣସି ସ୍ତରରେ ମୁକୁଳି ପାରିନଥିବା ଭାରତୀୟ ପ୍ରଶାସନ ଏଯାଏ ସେ ସନ୍ତକକୁ ଶିରୋଧାର୍ଯ୍ୟ କରି ରଖିଛି । ବାଲୁମଠ ବ୍ଲକ୍‌ର ଯେକୌଣସି ସ୍ଥାନରେ ଅପରାଧ ଘଟିଲେ ପୁଲିସ୍‌ର ପ୍ରଥମ ନଜର ପଡ଼େ ପର୍‌ହିୟାଙ୍କ ଉପରେ, ହାତ ପାଆନ୍ତାରେ ଯିଏ ପଡ଼ିଲା ତାକୁ ସେମାନେ ଧରି ଆଣନ୍ତି । ସବୁ ପର୍‌ହିୟା ପଶନ୍ତି ଝୁଆଡ଼ ଭିତରେ, ଏହା ପୁଣି ବାରମ୍ବାର ଘଟେ । ଅପରାଧ ଘଟଣାରେ ସେମାନଙ୍କର ସାମାନ୍ୟତମ ସଂପୃକ୍ତି ନଥିବା ସତ୍ତ୍ୱେ ଏବଂ ସନ୍ଦେହର ପରିସର ଭିତରେ ନଥାଇ ବି ସେମାନେ ବନ୍ଧା ହୁଅନ୍ତି, ନିସ୍ତୁକ ମାଡ଼ ଖାଆନ୍ତି ଓ ହାଜତରେ ଅଟକ ରହନ୍ତି ।

ପାକ୍ରି ଗାଆଁରେ ଆମେ ପହଞ୍ଚିବାର ମାତ୍ର ୧୪ ଘଣ୍ଟା ପୂର୍ବରୁ ପୁଲିସ୍ ସେଠାରୁ ବାନ୍ଧି ନେଇଥାଏ ଗୋପାଳ ପର୍‌ହିୟା ନାମକ ଜଣେ ଯୁବକ । ତା' ମାଆ ଗଙ୍ଗା କହିଲା :

Digitized by srujanika@gmail.com

"ପୁଲିସ୍ ଆମକୁ କିଛି କାରଣ ନଜଣାଇ ଗୋପାଳକୁ ବାନ୍ଧି ନେଲା, ତା' ନାଁରେ କିଛିହେଲେ ଗିରଫ ପରୱାନା ନଥିଲା । କିଛି ବୋଲି କିଛି ଦୋଷ ନାହିଁ । ଶୂନ୍ୟରୁ ବଜ୍ରପାତ ।" ଆମେ ପରେ ଥାନାରେ ପଚାରିଲୁ । ଜଣେପୁଲିସ୍ ଅଫିସର କହିଲେ : "କିଛିଦିନ ତଳେ ଗୋଟେ ଛୋଟ ଚୋରି ଅପରାଧ ପାଇଁ ଗୋପାଳ ଗିରଫ ହୋଇଛି ।" କିଛି ଦିନ ମାନେ କେବେ ? ଉତ୍ତର ମିଳିଲା : "ଦୁଇବର୍ଷ ତଳେ ।" ଆପଣଙ୍କ ପୁଲିସ୍ ଷ୍ଟେସନ୍‌ର ଦୁଇ କିଲୋମିଟର ଦୂରରେ ଚୋରାରେ ଯେଉଁ ବ୍ୟାପକ କୋଇଲା ଖଣି ଖୋଳା ଚାଲିଛି, ତା' ଉପରେ କେଉଁ ପ୍ରକାର ପଦକ୍ଷେପ ନେଇଛନ୍ତି ? ଉତ୍ତର ମିଳିଲା : "ସେଇଟା ଆମ ବିଭାଗର ସମସ୍ୟା କି ଦାୟିତ୍ୱ ନୁହେଁ ।" ପୁଲିସ୍‌ର ଦାୟିତ୍ୱବୋଧ ଭାରତବର୍ଷର ପ୍ରତି ନାଗରିକକୁ ଜଣା ।

'ଆମେ ପୁଲିସ୍ ପାଇଁ କାମ କଲେ ବି ଏଥିରୁ ତ୍ରାହି ପାଉନା'—କୁଣ୍ଠିତ ଭାବେ ହସି କହିଲା ଭୋଳା ପର୍‌ହିୟା । ସେ ଏକଥା ଅଙ୍ଗେ ନିଭାଇଛି । ଦୁଇବର୍ଷ ତଳେ ସେ ଜଣେ ପୁଲିସ୍ ଅଫିସରଙ୍କ ଘରେ ଚାକର ଥିଲା । ଗଙ୍ଗା ପର୍‌ହିୟା ବି ସେମିତି ସେଇ ପୁଲିସ୍‌ବାବୁଙ୍କ ଘରେ ବାସି ପାଇଟି କାମ କରୁଥିଲା । ସପ୍ତାହକ ପରେ ଦୁହିଁଙ୍କୁ ୧୦ ଟଙ୍କା ଲେଖାଁ ମଜୁରି ମିଳିଲା । ଏହା ସହିତ ସେମାନେ ସ୍ଥାନୀୟ ଜମିଦାରଙ୍କ ଘରେ କାମ କରୁଥିବାରୁ ଆଉ ୧୦ ଟଙ୍କା ଲେଖାଁ ପାଇ ଦୁଇକିଲୋ ଚାଉଳ କିଣି ଘରକୁ ଫେରୁଥିଲେ । ମାତ୍ର ପୁଲିସ୍ ସେମାନଙ୍କୁ ଅଧାବାଟରୁ ବାନ୍ଧିନେଇ ଥାନାରେ ବସାଇଦେଲା । ସେମାନଙ୍କ ସହିତ ଥିଲା ପୁଲିସ୍ ତାଲିକାର ଆଉଜଣେ ଅପରାଧୀ ଫାଗୁନ୍ ପର୍‌ହିୟା—ଯିଏ କି ଅନ୍ୟମାନଙ୍କ ଘରେ ବାସିପାଇଟି କରୁଥିଲା । ପ୍ରଚୁର ମାଡ଼ ଗୋଇଠା ଖାଇ ସେମାନଙ୍କ ଦେହରୁ ରକ୍ତସ୍ରାବ ହେଲା । ସେମାନଙ୍କ ବିରୁଦ୍ଧରେ ପୁଲିସ୍‌ର ଅଭିଯୋଗ ଯେ, ସେମାନେ ଯେଉଁ ଦୁଇ କିଲୋଗ୍ରାମ ଚାଉଳ ଧରିଛନ୍ତି ସେତକ ସେମାନଙ୍କ ଉପାର୍ଜନରେ କିଣାଯାଇନାହିଁ । ହୋଇଛି ଚୋରିରେ । "ଆମେ ଯେତେ ନେହୁରା ହୋଇ କହିଲୁ କେହି ଶୁଣିଲେ ନାହିଁ ବାବୁ ।" —କୋହଭରା କଣ୍ଠରେ କହିଲା ଗଙ୍ଗା । "ପୁଲିସ୍ ପାଲଟା ଆମ ଉପରେ ଚଢ଼ିଲା, କହିଲା—ଚୋରି ବିନା ତୁମେ ଏତେ ଟଙ୍କା କୋଉଠୁ ପାଇଲ ଚାଉଳ କିଣିବାକୁ ? ଆମକୁ ଖାଲି ପିଟିଲା ନାହିଁ, ତାଲା ବନ୍ଦ କରି ହାଜତରେ ରଖିଦେଲା ।"

ସେମାନେ ଖଲାସ ହେବାର କିଛିଦିନ ପରେ ଗାଁକୁ ଆସିଲେ ମାଓବାଦୀ କମ୍ୟୁନିଷ୍ଟ କେନ୍ଦ୍ର ବା ତଥାକଥିତ ନକ୍ସଲପନ୍ଥୀ ଉଗ୍ରବାଦୀମାନେ । ଅପରାଧର କୁପରିଣାମ ସଂପର୍କରେ ଲମ୍ବା ଭାଷଣବାଜି କରି ସେମାନେ ଫାଗୁନାର ଦୃଷ୍ଟାନ୍ତ ଦେଲେ, ଯାହାକୁ ସେମାନେ କହିଲେ : 'ଜଙ୍ଗଲ ଧ୍ୱଂସକାରୀ' । ଚୋରାକାଠ ବେପାରୀଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରି ପିସ୍ତଲ, ବନ୍ଧୁକ, ଗୋଳାବାରୁଦ ଭଳି ଦୁର୍ମୂଲ୍ୟ ହିଂସାତ୍ମକ

Digitized by srujanika@gmail.com

ସରଞ୍ଜାମ କିଣି ସେଥିସହିତ ନିତିପ୍ରତି ଖେଳୁଥିବା ଲୋକମାନେ ନିରୀହ ପର୍‌ହିୟାଙ୍କୁ 'ଅପରାଧୀ' କହିବା ଏକ ବିଚିତ୍ର ଅଭିଯୋଗ ମନେହୁଏ । ତେବେ ଫାଗୁନାକୁ କେବଳ 'ଜଙ୍ଗଲ ଧ୍ୱଂସକାରୀ' କହି ସେମାନେ ଅଟକିଗଲେ ନାହିଁ, ତାକୁ ପ୍ରଚୁର ପିଟିଲେ । ଏ ଘଟଣା ପରେ ଫାଗୁନା ଜ୍ୱରରେ ପଡ଼ିଲା ଏବଂ କିଛିଦିନ ପରେ ମରିଗଲା ।

ନିରନ୍ତର ବିଭ୍ରାଟ ଓ ଭୟ ସୃଷ୍ଟିର ଆଉ ଏକ ଗୋଷ୍ଠୀ ହେଉଛନ୍ତି ଚୁଟ୍‌କି ଜଙ୍ଗଲ କର୍ମଚାରୀ । "ଆମେ ଯଦି ମଲା ତାଳପତ୍ର, ଉଇଚରା କାଠ ଜାଳେଣି ପାଇଁ ଆଣୁଥିବୁ, ତେବେ ବି ସେମାନେ ଆମ ପଛରେ ପଡ଼ିବେ ।" —କହେ ଦୁର୍‌ଭା ପର୍‌ହିୟା । "ମରୁଡ଼ି ବେଳେ ବହୁଦିନ ବର୍ଷା ନହେବାରୁ ଜଙ୍ଗଲର ବୁଢ଼ା ଗଛ ସହ ବଡ଼ ବଡ଼ କିଛି ଗଛ ମଧ ଶୁଖି ମରିଗଲା । ଆମେ ସେ ମଲା ଅଧାଜଳା ଗଛକୁ ଆଣିଥିବାରୁ ଫରେଷ୍ଟ ରେଞ୍ଜର ଆମକୁ ନିସ୍ତୁକ ପିଟିଲା । ସେ କହିଲା—"ତୁମେ ଏ ଗଛକୁ ଆଗ କାଟିଛ, ତା'ପରେ ଶୁଖିଯିବାରୁ ଘରେ ଆଣି ଜଳାଉଛ ।"

ମରୁଡ଼ି ଅବସ୍ଥାର ଚରମ ସୀମାରେ ସବୁଠାରୁ ହୀନିମାନ ଓ କଷଣ ଭୋଗନ୍ତି ବିର୍‌ହୋର୍ ଆଦିବାସୀ ସଂପ୍ରଦାୟ ସହିତ ପର୍‌ହିୟାମାନେ । ୧୯୯୩ର ମଧ୍ୟଭାଗରୁ ପାଲାମାଉରେ ଭୟଙ୍କର ମରୁଡ଼ି ଏବଂ ଦୁର୍ଭିକ୍ଷ ପ୍ରାୟ ଅବସ୍ଥା ଘୋଟି ଯାଇଥାଏ । ସରକାରୀ ରିଲିଫ୍ କାମରେ ସେମାନଙ୍କୁ କେହି ଦିନକ ପାଇଁ ମଜୁରି ଖଟିବାକୁ ମଧ ସୁଯୋଗ ଦେଲେନାହିଁ । ସରକାରଙ୍କ ସ୍ୱଚ୍ଛଳ, ସ୍ୱଚ୍ଛନ୍ଦ ଦିନମାନଙ୍କରେ ବି ପର୍‌ହିୟାଙ୍କୁ କେହି ଚାକିରି ଖଣ୍ଡେ ଦିଏନାହିଁ । ସେମାନଙ୍କୁ ଚରିତ୍ରଗତ ପ୍ରମାଣପତ୍ର ଦେବାକୁ ସମସ୍ତେ କୁଣ୍ଠିତ । କେବଳ ଗୋଟିଏ ସମୟରେ ଜଣେ ଦରଦୀ ଅଫିସର ନିଜେ ବ୍ୟକ୍ତିଗତ ଦାୟରେ କିଛି ପର୍‌ହିୟାଙ୍କୁ ଚରିତ୍ର-ପ୍ରମାଣପତ୍ର ଦେଇଥିଲେ । "ସେଥିପାଇଁ ଆମ ଜାତିରୁ ଚାରିଜଣ ହୋମ୍‌ଗାର୍ଡ ଚାକିରି ପାଇଲେ । ମାତ୍ର ସେ ଅଫିସରଙ୍କ ବଦଳି ହୋଇଗଲା ପରେ ଚାରିଜଣ ଯାକ ଚାକିରି ହରାଇଲେ ।" —କହେ ଦୁର୍ଭା ପର୍‌ହିୟା ।

"ଯେତେବେଳେ ମରୁଡ଼ି ପଡ଼େ ଜଙ୍ଗଲ ଶୁଖି ଜାଳ ହୋଇଯାଏ । ଆମେ ଯେଉଁ ଗେଟି ମୂଳ, କନ୍ଦା ଆଉ ମୌଳା ଶାଗ ପାଉଥିଲୁ ସେତକ ଆଉ ମିଳେନା ।" —କହେ ଗଙ୍ଗା । ପର୍‌ହିୟା ରହୁଥିବା ଛୋଟ ଘରଡ଼ିହ ଓ ପାହାଡ଼ି ଜମିର ଫସଲ ଅମଳରୁ ସେମାନଙ୍କ ପେଟ ପୁରେନା । ବର୍ଷର ତିନି ଚାରିମାସ ଛାଡ଼ିଦେଲେ ଅବଶିଷ୍ଟ ଦିନ ସେମାନେ ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚନ୍ତି । ଆମେ କଥାବାର୍ତ୍ତା ହେଉଥିବା ବେଳେ ଜଣେ ତରୁଣୀ ପେଟିମୂଳ ସିଝାଉଥିବା ଦେଖିବାକୁ ମିଳିଲା । ଏହା ହେଉଛି ସେମାନଙ୍କର ମୁଖ୍ୟ ଆହାର । ସେମାନେ ଚିନିର ସ୍ୱାଦ ଜାଣନ୍ତି ନାହିଁ, ଡାଲି ଜାତୀୟ ଚିଜ କିପରି ଦେଖିନାହାନ୍ତି । ମରୁଡ଼ି ବେଳେ ଜଙ୍ଗଲର ମହାଦ୍ରୁମମାନ ଝାଞ୍ଜିରେ ଜଳିପୋଡ଼ି ମରିଗଲା । ମୂଳ, କନ୍ଦା ଜାତୀୟ ଗଛ କଥା ପଚାରେ କିଏ । ଏହି ବିପତ୍ତି

Digitized by srujanika@gmail.com

କାଳରେ ଅନାହାରରେ ଚଳିପଡ଼ିଲେ କେତେ ପର୍‌ହିୟା । ସମୁଦାୟ ସଂପ୍ରଦାୟ ମୂଳପୋଛ ହୋଇଯିବାରୁ ବଞ୍ଚାଇଦେଲେ କିଛି ସଦ୍‌ବୁଦ୍ଧି ସଂପନ୍ନ ଉଚ୍ଚସ୍ତରୀୟ ଉଦାର ପ୍ରଶାସକଗଣ । ସେମାନେ ଆପଦକାଳୀନ ପରିଚାଳନାର ଚମତ୍କାର ସୂତ୍ର ଧରି ଜିଲ୍ଲା ସାରା କାମ ଆରମ୍ଭ କରିଦେଲେ ଏବଂ ମରୁଡ଼ିର ମହାକାଳ ଯନ୍ତାରୁ କିଛି ତ୍ରାହି ପାଇଗଲେ ।

ଘୃଣା, ଅବଜ୍ଞା, ସନ୍ଦେହ ଓ ଅସ୍ପୃଶ୍ୟତାର କଳଙ୍କରେ କଳଙ୍କି ଲଗା ଏକ ପ୍ରଶାସନର ଅତି ନିମ୍ନସ୍ତରରେ ଅବହେଳିତ ହୋଇ ପଡ଼ିରହିଥାନ୍ତି ପର୍‌ହିୟା ଜାତି । ଏବଂ ଏପରି ଅନୁଭୂତି ସେମାନଙ୍କ ପାଇଁ ଆଦୌ ତୃପ୍ତିକର ନୁହେଁ । ଯୁଗ ଯୁଗ ଧରି ଜଣଙ୍କୁ ଯଦି ଅପରାଧୀ ବୋଲି କୁହାହୋଇ ଚାଲିଥିବ, ଅବଶେଷରେ ସେ ଅପରାଧୀ ହିଁ ପାଲଟିଯିବ । ପ୍ରତି ରକ୍ତମାଂସର ମଣିଷର ସହିବାର ଏକ ସୀମା ଥାଏ । ସେମାନେ ସର୍ବଦା ଦରିଦ୍ର ଓ ଉପେକ୍ଷିତ । ଅନୁକୂଳ ସମୟରେ ସେମାନଙ୍କ ଥଇଥାନ ପାଇଁ ସରକାରୀ ଉଦ୍ୟମ ବିଶେଷ ସଫଳତା ଅର୍ଜିନାହିଁ । ଇନ୍ଦିରା ଆବାସ ଯୋଜନାରେ ସେମାନଙ୍କ ପାଇଁ ତୋଳା ହୋଇଥିବା ଘରଗୁଡ଼ିକର ଆୟୁଷ ଏଯାଏ ପାଞ୍ଚବର୍ଷ ପୂରିନାହିଁ । ''ତଥାପି ଦେଖନ୍ତୁ...'' ହସି ହସି କହିଲେ ଗୋଟିଏ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମଚାରୀ । ''ସେଗୁଡ଼ିକର ଭଗ୍ନାବଶେଷ ପଞ୍ଚଦଶ ଶତାବ୍ଦୀର କୌଣସି ଭଙ୍ଗା ଦୁର୍ଗ ତୁଳନାରେ ଆହୁରି ରୁକ୍ଷ ଓ ବିପର୍ଯ୍ୟସ୍ତ ।''

ଦୁର୍ଭା ପର୍‌ହିୟା ତା'ର ଭଙ୍ଗା ଇନ୍ଦିରା ଆବାସ ସାମ୍ନାରେ ଛିଡ଼ାହୋଇ ଜଗି ଜଗି କ୍ଷମା ମାଗିଲା ପରି ହସୁଥାଏ – ''ବିଲ୍‌କୁଲ ବେକାର୍‌...' ତା'ର କହିବା ଭଙ୍ଗୀ ପଛରେ ଭୟ ଥାଏ, କାଳେ କେହି ତାକୁ ଏଥିପାଇଁ ଦୋଷୀ କରିଦେବ । ଆମେ ସେପରି କରୁନଥିବା ଦେଖି ସାହସ କୁଳେଇ ସେ କହିଲା : ''ଆଜ୍ଞା, ଘର ତିଆରି ପରେ ପ୍ରଥମ ବର୍ଷାରେ ଛାତ ଗଳିପଡ଼ିଲା । ସେତେବେଳକୁ ଘର ତିଆରି ଦି' ମାସ ହେଇଚି କି ନାହିଁ । ତା' ପରକୁ ସବୁ କାନ୍ଥ ମାଟି କାମୁଡ଼ି ପଡ଼ିଗଲା । ରକ୍ଷା ଆମେ ତା' ତଳେ ମୁଣ୍ଡ ଗୁଞ୍ଜିନୁ । ନଇଲେ ସବଂଶେ ଆମକୁ ମାରିଥାନ୍ତା ।''

ମାଳ ମାଳ ଇନ୍ଦିରା ଆବାସ ଛାତ ତଳେ କଦବା କୌଣସି ମାନବାତ୍ମା କେବେ ଆଶ୍ରୟ ନେଇଥିବାର ଇତିହାସ କାହାରିକୁ ଜଣାନାହିଁ । ଅଗମ୍ୟ ଅଞ୍ଚଳମାନଙ୍କରେ ତାହା ହିଁ ଇନ୍ଦିରା ଆବାସମାନଙ୍କର ଅବଶ୍ୟମ୍ଭାବୀ ଭାଗ୍ୟଲିପି । ଅନେକ ସ୍ଥାନରେ ସେସବୁ ଭୂତକୋଠି ପ୍ରାୟ ପରିତ୍ୟକ୍ତ ଏବଂ ଭୂତିଆରୀ, ଗୁଗୁଚିଆ ଚାଷରେ ଘଞ୍ଚ–ଗୋଧି, ଏଣ୍ଡୁଅ, ସାପମାନଙ୍କ ନିରାପଦ ଆଶ୍ରୟସ୍ଥଳୀରେ ପରିଣତ । ବେଳେବେଳେ ଦେଖିବାକୁ ମିଳେ ସେଠାରେ ଗୋରୁ ଗୁହାଳ ହୋଇଛି କିମ୍ବା କିଏ ନଡ଼ା, ଜାଳକାଠ ଓ ଘଷି ରଖିଛି ।

Digitized by srujanika@gmail.com

ଘର ଭିତର ଅଣନିଶ୍ୱାସୀ ରୁଦ୍ଧ ଲାଗେ; ଅନ୍ଧାରିଆ, ଓଦା ସରସର, ଛାତସବୁ ଉନ୍ମୁକ୍ତ । କୌଣସି ଘରେ ଝରକା ରଖିବାର କୌଶଳଟିକୁ ମାନ୍ଧାତା ମନେକରି ଆଧୁନିକ ଆର୍କିଟେକ୍ଟ ମାନେ ତାକୁ ସମୂହେ ବର୍ଜନ କରିଛନ୍ତି । ବଡ଼ ଉଦାରଚେତା ମହାନୁଭବୀ ଏହି ସରକାରୀ ଇଂଜିନିୟରମାନେ, ମଶା ଡାଆଁସ ଘରେ ନପଶିବା ପାଇଁ ସେମାନେ ଝରକା ରଖିନାହାନ୍ତି । କାଠ ଚୁଲିରେ ରୋଷାଇ କରି ଚଳୁଥିବା ମଣିଷମାନେ ଏପରି ଅମୁହାଁ 'ସରକାରୀ ଦେଉଳ'ରେ ରହିବାକୁ ନିଜକୁ ଯୋଗ୍ୟ ମଣିନାହାନ୍ତି, ତେଣୁ ବର୍ଜନ କରିଛନ୍ତି ।

ପାକ୍ରି ଗାଆଁରେ ସାଧୁ ଠିକାଦାର ଓ ସଚ୍ଚୋଟ ସରକାରୀ ଅଫିସରମାନେ ବହୁ ହେପାଜତରେ ଯେଉଁ ଇନ୍ଦିରା ଆବାସମାନ ତୋଳିଥିଲେ, ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ଭଲ ରହିବ ଭାବି ସେଥିରେ ଆଦୌ ସିମେଣ୍ଟ ବୋଳି ନଥିଲେ । ମାଟି ଯୋଡ଼େଇ ଇଟାରେ କାନ୍ଥ ଓ ତଦ୍ରୂପ ସ୍ୱାସ୍ଥ୍ୟପ୍ରଦ ଛାତ ପ୍ରଥମ ବର୍ଷପାତରେ ମାଟି କାମୁଡ଼ି ତଳେ ପଡ଼ିଗଲା ଏବଂ ମାଟିରେ ମିଶିଗଲା । ଏହି ଠିକାଦାର ଓ ଅଫିସରମାନେ ନିଶ୍ଚୟ ଉଚ୍ଚସ୍ତରର ଦାର୍ଶନିକ ହୋଇଥିବେ—ସବୁ ଜିନିଷ ପୁଣି ମାଟିକୁ ଫେରିଆସିବା ନ୍ୟାୟରେ ସେମାନେ ମୂଳରୁ ସେପରି ନିର୍ମାଣ କୌଶଳର ପରିପ୍ରୟୋଗ କରିଥିଲେ । ଏବଂ ସେକଥା ସେମାନେ ଭଲକରି ଜାଣିଥିବାରୁ, ଇନ୍ଦିରା ଆବାସ କଲୋନୀ ତିଆରି ପରେ ଜଣେ ବି କେହି ହାକିମ ସେ ଗାଁ ମାଟି ଆଉ ମାଡ଼ିନାହାନ୍ତି । କିନ୍ତୁ ଠିକ୍ ସମୟରେ ସେମାନେ ବିଲ୍ ପୈଠ କରି ଟଙ୍କା ନେଇଯାଇଛନ୍ତି । ସବୁଠିଁ ଛାତଗୁଡ଼ିକ ଆଗ ମାଟିକୁ ସ୍ପର୍ଶ କରିଛନ୍ତି । ମାଟି ମା' ତ, ଫେରିବାକୁ ମା' କୋଳକୁ ସେମାନେ ବ୍ୟାକୁଳ ହୋଇଉଠିଛନ୍ତି । "ତେବେ ଯେଉଁଠି କାନ୍ଥଗୁଡ଼ିକ ଦୈବାତ ରହିଯାଇଛି, ସେଠାରେ କେହି ଜଣେ ବି ରହୁଥିବା ଦେଖିବାକୁ ମିଳିବନି ।" —କହିଲେ ଜଣେ ସ୍ୱେଚ୍ଛାସେବୀ । "ଏପରି ଗୋଟିଏ ପରିତ୍ୟକ୍ତ କଲୋନୀ ଆପଣ ବାଲୁମଠ ବ୍ଲକ୍ ପାଖରେ ପାଇବେ । କେହି ନ ରହିବାର ଦୁଇଟି କାରଣ । ପ୍ରଥମଟି ପୁଲିସ୍ ଥାନା ରହିଛି ଅତି ନିକଟରେ ।" କାରଣ ଅକାରଣରେ ପୁଲିସ୍ ଏମାନଙ୍କୁ ବାନ୍ଧିନେବା ବିଡ଼ି ପିଇଲା ପରି ତା'ର ଏକ ଅଭ୍ୟାସ ।

ନିଜକୁ ବଞ୍ଚେଇବାର ଉପାୟ ନିରନ୍ତର ପର୍‌ହିୟାମାନେ ପାଳିଥାନ୍ତି । ପୁଲିସ୍ ଭୟରେ ପାକ୍ରି ଗାଁରେ ରାତିବେଳା କୌଣସି ଯୁବକ ଘରେ ନରହି ଜଙ୍ଗଲ କିମ୍ବା ନିଜ ବିଲ ପାଖ ଚାଳିଆକୁ ଚାଲିଯାନ୍ତି । ଏ ଗାଁରେ କୌଣସି ପିଲା ସ୍କୁଲ ଯାଏନାହିଁ । "ତେବେ କେହି ମାଷ୍ଟ୍ର ଏଠାକୁ ଆସିବାକୁ ପସନ୍ଦ କରନ୍ତି ନାହିଁ ।" —କହେ ଦୁର୍ଗା । "ଆମ ଗାଁର ସବୁଠୁଁ ବେଶି ପାଠୁଆ ରାମଚନ୍ଦ୍ର ପର୍‌ହିୟା ଷଷ୍ଠ ଶ୍ରେଣୀ ଯାଏ ପଢ଼ିଥିଲା । ସେ କିଛି ଦିନ ସ୍କୁଲ ଚଳେଇଲା, ପିଲେ ବି ଆଇଲେ । କିଛିମାସ ପରେ ପୁଲିସ୍ ତାକୁ ବିନା କାରଣରେ ବାନ୍ଧିନେଲା, ସେ ଦିନଠୁଁ ଇସ୍କୁଲ ଘରେ ତାଲା ।"

Digitized by srujanika@gmail.com

ବାଲୁମଠ ବ୍ଲକ୍ ପାଖରୁ ମାର୍ଟିନ୍ ତିର୍କେ ନାମକ ଉଚ୍ଚଶିକ୍ଷିତ ଜଣେ ଆଦିବାସୀ ସ୍ୱଇଚ୍ଛାରେ ଆସି ସ୍କୁଲ ଚଳାଇଲେ, ସରକାର ମଧ୍ୟ ତାଙ୍କୁ ତୁରନ୍ତ ନିଯୁକ୍ତି ଦେଲା। ମାତ୍ର କିଛି ମାସ ଉତ୍ତାରେ ତାଙ୍କର ନିଷ୍ଠାପର ପାଠପଢ଼ା ପାଇଁ ସରକାର କୌଣସି ପାଉଣା ନ ଦେବାରୁ ସେ ଆଉ ଆସିଲେ ନାହିଁ–କହିଲେ ସ୍ୱେଚ୍ଛାସେବୀ। ‘‘ତେବେ ତିର୍କେଙ୍କ ଶିକ୍ଷକତା କାଳରେ ଏକ ଚମତ୍କାର ସର୍ଭେ ସେ କରିଥିଲେ–କେତେ ଜଣ ପର୍‌ହିୟା ଜେଲ୍ ହାଜତରେ ଅଛନ୍ତି, ଏବଂ କେତେଜଣ ନିରାଶ୍ରୟ ! ମୁଁ ଭାବୁଛି ସ୍ଥାନୀୟ କୌଣସି ଅଫିସର ସେ ରିପୋର୍ଟର ପୃଷ୍ଠା ଖୋଲିବାକୁ ମସ୍ତିଷ୍କ ଖୋଲିନଥିବେ। ଯଦି କେବେ କୌଣସି ସଂପ୍ରଦାୟ କହେ ଯେ, ସେ ଅପରାଧ କରିବାକୁ ବାଧ୍ୟ ହୋଇଛି, ତେବେ ସେକଥା ଏ ରିପୋର୍ଟରେ ରହିଛି। ଯେଉଁମାନେ ଜେଲ୍ ଯାଇଛନ୍ତି ସେମାନଙ୍କ ରେକର୍ଡ କହେ ଅତି ସାମାନ୍ୟ ଅପରାଧ ପାଇଁ ସେମାନେ କଠିନ ଦଣ୍ଡ ଭୋଗୁଛନ୍ତି। ଅନେକ କିଛି ନକରି ମଧ୍ୟ ଅକାରଣରେ ଦଣ୍ଡ ପାଉଛନ୍ତି। ସେମାନଙ୍କ ବିରୁଦ୍ଧରେ ଅପରାଧର କାରଣ ନ ଦର୍ଶାଇ ଗୋଟିଏ ସମାଜ ସେମାନଙ୍କୁ ଦଣ୍ଡିତ, ହନ୍ତସନ୍ତ ଓ ହୀନିମାନ କରି ରଖିଛି।’’

ଚରିତ୍ରହୀନ ଏକ ପ୍ରଶାସନ ଓ ହୀନମନ୍ୟତାରେ ସଢୁଥିବା ବ୍ରିଟିଶ୍ ଗୋଲାମୀ ହାକିମ ଠୁଁ ନ୍ୟାୟାଳୟ ଯାଏ ଏହି ବ୍ୟାଧିଗ୍ରସ୍ତ ମାନସିକତା ପାଇଁ ସ୍ୱାଧୀନତାର ୫୦ ବର୍ଷ ପରେ ଦିନକୁ ଦିନ ଦୁର୍ବଳ, ଦରିଦ୍ର ହୋଇ ଚାଲିଛି ଦେଶ। ଦରିଦ୍ର ଆଖିରୁ ଲୁହ ଝରାଉଥିବା ଯାଏ ଗୋଟାଏ ଦେଶ ନିଜ ପାପର ଫଳ ନିରନ୍ତର ଭୋଗି ଚାଲିଥିବ। ଭାରତବର୍ଷ ବଦଳରେ ଏହାର ନାମ ହେଉ ‘ମହାପାତକୀ ଦେଶ।’

❖❖❖

Digitized by srujanika@gmail.com

ବଣ୍ଡାର ଆମଦାନୀକରା ଅପରାଧ

ଜଣେ ଆଦିବାସୀ ଆଉ ଜଣେ ଆଦିବାସୀ ଦ୍ୱାରା ଗୋତି ଶ୍ରମିକ ହୋଇ ସାରାଜୀବନ ଖଟିବ ? ବିରଳ ଓ ଅବିଶ୍ୱାସନୀୟ ଘଟଣା । ଏହା ପୁଣି ପ୍ରାଚୀନ ଏକ ଆଦିବାସୀ ସଂପ୍ରଦାୟରେ ଘଟିବା ଆହୁରି ଦୁର୍ଭାଗ୍ୟଜନକ । ମାତ୍ର ସେହିପରି ଘଟିଛି ମଙ୍ଗଳା କିରସାନି ଓ ତା' ପରି ଅନ୍ୟ ଅନେକ ବଣ୍ଡାଙ୍କ ଭାଗ୍ୟରେ । ସେମାନେ ଗୋତି ଶ୍ରମିକ ହୋଇ ଖଟୁଛନ୍ତି କିଛି ସ୍ୱଚ୍ଛଳ ବଣ୍ଡାଙ୍କ ଚାଷଜମିରେ ଓ ଘରେ । ଏହା ମାଲକାନଗିରି ଜିଲ୍ଲାର ମୁଦୁଲିପଡ଼ା ଥାନା ଅଞ୍ଚଳର ଘଟଣା । ଏହିଠାରୁ ଆରମ୍ଭ ହୋଇଛି ବଣ୍ଡା-ପର୍ବତମାଳା ।

ମଙ୍ଗଳା କିର୍‌ସାନି ବିଭାଘର ବେଳେ କନ୍ୟାସୁନା ଦେବାପାଇଁ ବୁଦ୍ଧ କିର୍‌ସାନି ଠାରୁ ଉଧାର ନେଇଥିଲା ଦୁଇଟି ଦାମୁରୀ ଓ ଏକ ହଜାର ଟଙ୍କା । ପରବର୍ତ୍ତୀ କାଳରେ ସେ କରଜ ଶୁଝିବାକୁ ଅସମର୍ଥ ହୋଇପଡ଼ିଲା । ସୁତରାଂ ସେ ପାଲଟିଲା ବୁଦ୍ଧ କିର୍‌ସାନିର ଗୋତି ଶ୍ରମିକ । ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ମାଗଣା ଶ୍ରମ ଦେଇ ମଙ୍ଗଳା ଏ ଋଣଭାରରୁ ମୁକୁଳି ପାରନ୍ତା । ମାତ୍ର ସେଥିପାଇଁ ବୁଦ୍ଧ ଅନୁମତି ଦେଲାନାହିଁ । ନଗଦ ଟଙ୍କା ଆକାରରେ ନେଇଥିବା କରଜ ଟଙ୍କା ନ ଶୁଝିବା ଯାଏ ମଙ୍ଗଳା ତା' ପାଖରେ ଗୋତି ଖଟି ଚାଲିଥିବ । ସେ କେବଳ ବୁଦ୍ଧର କ୍ଷେତବାଡ଼ିରେ ହଳଠାରୁ ସବୁପ୍ରକାର ଚାଷ ଓ ଅମଳ ଯାଏ କାମ କରେନାହିଁ, ବିଲକାମରୁ ଫେରି ତା' ଘରେ ବୋଲହାକ ଓ ଅନ୍ୟାନ୍ୟ ପାଇଟି କରେ । ଏତେ କାମ କରି ମଙ୍ଗଳାର ଖାଇବା ପିନ୍ଧିବା କଥା ବୁଦ୍ଧିଆ ବୁଝେନାହିଁ । ମଙ୍ଗଳାର ସ୍ତ୍ରୀ ଅନ୍ୟ ବିଲରେ ମଜୁରି ଲାଗି ଯାହା ଆଣେ, ସେଥିରେ ଗୁଜୁରାଣ ମେଣ୍ଟେ । ଏପରିକି ଗର୍ଭବତୀ ଥାଇ ମଧ୍ୟ ତାକୁ ବିଲକାମରେ ଯିବାକୁ ପଡ଼େ । ମଙ୍ଗଳା ତ ଗୋତିରୁ ଟିକିଏ ଫୁରୁସତ୍ ପାଇଲା ନାହିଁ, କେଉଁଠୁ ଟଙ୍କା ଆଣି ସେ ଆଉ ଶୁଝିବ ? ସୁତରାଂ ସାରା ଜୀବନ ଗୋତି ଖଟିବାର ଅବଶ୍ୟମ୍ଭାବୀ ଦୁର୍ଭାଗ୍ୟ ନେଇ ସେ ପଡ଼ିରହିଥାଏ ।

ଆଇନ୍ ଆନୁଯାୟୀ ଏ ଘଟଣାକୁ ସ୍ଥାନୀୟ ବ୍ଲକ୍‌ର ବି.ଡି.ଓ ସମାଧାନ କରିପାରନ୍ତେ ନାହିଁ ? "ମୋ ପାଇଁ କେହି କିଛି କଲେ ନାହିଁ ।" —କାନ୍ଦ କାନ୍ଦ ହୋଇ ମଙ୍ଗଳା କହେ । "ବାବୁ, ମୋତେ ଏଥିରୁ ଖଲାସ୍ କରିଦିଅ ।" —ତା' କଣ୍ଠରେ ଥିଲା ଆକୁଳ ଅନୁନୟ । ଜିଲ୍ଲାପାଳଙ୍କ ଦ୍ୱାରା ମୋ ସହିତ ପ୍ରେରିତ ଓ ଦୀର୍ଘକାଳ ଧରି ତୀଖ ପର୍ବତ ଆରୋହଣ କରୁଥିବା ଅଫିସର ଜଣକ ଖଣ୍ଡିଏ କାଗଜରେ ବି.ଡି.ଓଙ୍କ

Digitized by srujanika@gmail.com

ଉଦ୍ଦେଶ୍ୟରେ କିଛି ଲେଖି କାଗଜ ଖଣ୍ଡିକ ମଙ୍ଗଳା ହାତରେ ଦେଲେ । ତା' ଆଖିରେ ଆଶାର ଝଲକ ଦିଶିଲା ।

ମାଲକାନଗିରି ବ୍ୟତୀତ ପୃଥିବୀର ଅନ୍ୟତ୍ର ବଣ୍ଡା ଭଳି ଆଦିମ ଜନଜାତି ପରିଦୃଷ୍ଟ ନୁହନ୍ତି । ସରକାରୀ ଗଣନା ଅନୁଯାୟୀ ୧୯୯୦ରେ ଏମାନଙ୍କ ସଂଖ୍ୟା ଥିଲା ୪,୪୩୧ । ମାଲକାନଗିରିର ତତ୍‌କାଳୀନ ଜିଲ୍ଲାପାଳ ଗଗନ ଧଳ କହନ୍ତି, ପୃଥିବୀର ସର୍ବପ୍ରାଚୀନ ୧୫ଟି ଜନଜାତି ମଧ୍ୟରେ ରହିଛି ବଣ୍ଡାଙ୍କ ନାମ ।

ଆମର ତଥାକଥିତ 'ସଭ୍ୟ ସମାଜ' ସହିତ ସେମାନଙ୍କ ମିଳାମିଶା ସେତେ ଫଳପ୍ରଦ ନୁହେଁ । ଏବଂ ଗୋତି ଶ୍ରମିକ ଭଳି ଘୃଣ୍ୟ ପ୍ରଥା ହେଉଛି ସେମାନଙ୍କୁ ଆମ ସଭ୍ୟ-ସମାଜର ଅବଦାନ । "ସେମାନେ ଏହିଭଳି ଅପରାଧ ପ୍ରବଣ ଅଭ୍ୟାସକୁ ଆମଠାରୁ ଶିଖିଛନ୍ତି ।" —ବିଦ୍ରୁପ କରି କହନ୍ତି ମୁଦୁଲିପଡ଼ା ଥାନାର ସବ୍-ଇନସ୍‌ପେକ୍ଟର ଅନିରୁଦ୍ଧ ନାୟକ । ବଣ୍ଡାମାନଙ୍କ ଅପରାଧ ସଂପର୍କରେ ସେ ଜଣେ ବିଶେଷଜ୍ଞ ବୋଲି କୁହାଯାଇପାରେ ।

ବଣ୍ଡାମାନଙ୍କ ସମଜାତି-ହତ୍ୟାର ପରିସଂଖ୍ୟାନ ହାର ବଡ଼ ହତଚକିତ କରେ— ବେଳେବେଳେ ବାର୍ଷିକ ପଚାଶଟି ହତ୍ୟାକାଣ୍ଡକୁ ଟପିଯାଏ । ଏହାର ଅର୍ଥ ପ୍ରତି ଏକ ହଜାର ବଣ୍ଡାରେ ବାରଜଣ ନିହତ ହୁଅନ୍ତି—ଏହା ପୃଥିବୀରେ ଯେକୌଣସି ଦେଶରେ ସଂଘଟିତ ହତ୍ୟାକାଣ୍ଡ ଠାରୁ ମଧ୍ୟ ଚମକପ୍ରଦ ବୋଲି କୋରାପୁଟର ଜଣେ ପୁଲିସ୍ ଅଫିସର କହନ୍ତି । ବାସ୍ତବରେ ବଣ୍ଡାଙ୍କ ଭଳି ଏକ ହାତଗଣତି ଲୋକସଂଖ୍ୟା ଅନୁପାତରେ ତଥା ତୁଳନାରେ ଏଭଳି ସମଜାତି-ହତ୍ୟା ନିଶ୍ଚିତ ରୂପେ ଶଙ୍କାପ୍ରଦ । ନିୟୁର୍କ ମହାନଗରର ବାର୍ଷିକ ହତ୍ୟାକାଣ୍ଡ ହେଉଛି ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୩.୨ ଶତାଂଶ; ସେ ତୁଳନାରେ ବଣ୍ଡା ପର୍ବତର ନାରକୀୟତା ବହୁଗୁଣିତ ଓ ବିସ୍ମୟକର । ମାତ୍ର ଏ ହତ୍ୟାକାଣ୍ଡ ସେମାନଙ୍କ ନିଜ ଜାତି ବା ସଂପ୍ରଦାୟ ମଧ୍ୟରେ ସୀମିତ ।

ବଣ୍ଡାଙ୍କ ମଧ୍ୟରେ ଆଧୁନିକ ଦୃଷ୍ଟିଭଙ୍ଗୀର ବିକାଶ ଫଳରେ ନରସଂହାର ଭଳି ଜଘନ୍ୟତା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ଜୀବନଧାରା ଓ ଦୃଷ୍ଟିଭଙ୍ଗୀରେ ବିବର୍ତ୍ତନ ଆଣିବା ପାଇଁ ସ୍ଥାନୀୟ ପ୍ରଶାସନ ଓ ବଣ୍ଡା ପ୍ରୋଜେକ୍ଟର ଅଧିକାରୀମାନଙ୍କ ପ୍ରୟାସ ଅବ୍ୟାହତ ରହିଛି । ସାଂପ୍ରତିକ କାଳରେ ଏହି ସମଜାତି ସଂହାର ହାର ଏକ ହଜାର ଜନସଂଖ୍ୟାରେ ଛଅରୁ ଆଠ ମଧ୍ୟରେ ସୀମିତ ଅଛି । ଏପରି ପତନ ହାର ନିଶ୍ଚିତ ଭାବେ ତୀବ୍ର କହିବାକୁ ହେବ । ବାହାର ଲୋକଙ୍କ ପ୍ରତି ବଣ୍ଡାଙ୍କ ହିଂସାତ୍ମକ ଆଚରଣ ସେପରି ଚିନ୍ତାର କାରଣ ନୁହେଁ ।

"ତେବେ ବହିରାଗତ ବା ଅଣ-ବଣ୍ଡାଙ୍କ ପ୍ରତି କଦବା କ୍ୱଚିତ ଯେଉଁ ହିଂସା ଘଟୁଛି, ତା'ର କାରଣକୁ ବୁଝିବାର ପ୍ରଚେଷ୍ଟା ହେବା ଦରକାର ।" —ଗମ୍ଭୀରତାର

Digitized by srujanika@gmail.com

ସହ ଦର୍ଶାନ୍ତି ଜଣେ ସ୍ୱେଚ୍ଛାସେବୀ କର୍ମୀ । ''ବଣ୍ଡାଟିଏ କ୍ଷେତର ଉତ୍ପାଦନ କି ଜଙ୍ଗଲଜାତ ସାମଗ୍ରୀ ଧରି ହାଟକୁ ଯିବାବେଳେ ତା'ର ଗାଁ ଶେଷମୁଣ୍ଡରେ ଟାକି ବସିଥାଏ ବେପାରୀ । ଯାହାକିଛି ଜିନିଷ ହେଉ ସେ ନେଉଥାଏ ବେପାରୀ ଝାମ୍ପି ପକାଏ ସବୁ । କିଛି ପଇସା ଫୋପାଡ଼ି ଦିଏ ଆଉ ପୋଷେ ମଦ । ସେମାନେ ମନଇଚ୍ଛା ଯାହା ଦର କଷନ୍ତି ଏବଂ ନିକିତିରେ ଯୋଉ ମାପ ଦିଅନ୍ତି, ତାକୁ ସତ ମଣିନେବାକୁ ବଣ୍ଡା ବାଧ୍ୟ । ସେ ଏ ପ୍ରକାର ହଡ଼ପକୁ ସରଳ ଭାବେ ବିଶ୍ୱାସ କରିନିଏ ଯେ, ହାଟରେ ମଧ୍ୟ ଏହି ଦର୍ ଓ ମାପ ଚାଲୁଛି । ମଦ ବାଉଳାରେ ଏଥିପାଇଁ ବଣ୍ଡା ହିଂସ୍ର ପାଲଟେ, ଆକ୍ରମଣ କରେ । ଏବଂ ସର୍ବଦା ବଣ୍ଡା ହେଉଛି ଏକ ଦୁର୍ଦ୍ଧର୍ଷ ଯୋଦ୍ଧା ।''

ସମଜାତି-ହିଂସା ଓ ହତ୍ୟା ତଥା ଅନ୍ୟପ୍ରକାର ଅପରାଧ ଏଠାରେ ଅତି ନଗଣ୍ୟ ବୋଲି ପୁଲିସ୍ ଅଫିସର ନାୟକ ମତ ଦିଅନ୍ତି । ''ଏବଂ ଯେଉଁମାନେ ହତ୍ୟାରେ ସଂପୃକ୍ତ ଥାଆନ୍ତି, ସେମାନେ ସ୍ୱଇଚ୍ଛାରେ ଆସି ଥାନାରେ ପହଞ୍ଚି ନିଜର ଦୋଷ ସ୍ୱୀକାର କରନ୍ତି । ଏଥିପାଇଁ ପୁଲିସ୍‌କୁ କୌଣସି କଷ୍ଟ ସ୍ୱୀକାର କରିବାକୁ ପଡ଼େନାହିଁ । ବେଳେବେଳେ ସେହି ହତ୍ୟାକାରୀ ହିଁ ହିଂସା ସଂପର୍କିତ ପ୍ରଥମ ସମ୍ବାଦ ଦିଏ । କେବେ କେବେ ସେ ହତ୍ୟା କରିଥିବା ଅନ୍ୟ ବଣ୍ଡାଟିର ମୃତଦେହ ଧରି ଥାନାରେ ପହଞ୍ଚେ । ବହୁ ହତ୍ୟାକାଣ୍ଡ ପଛରେ ଥାଏ ପୁରୁଣା ବିଦ୍ୱେଷ—କୋଉ ବାପ ଅଜା ଅମଳର ଝଗଡ଼ାର ବଦଲା ନିଏ ବଣ୍ଡା । ବଣ୍ଡାମାନଙ୍କ ଭିତରେ ଥିବା ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଏସବୁ ସୀମିତ ।''

''ଏଠାରେ ଅପରାଧ ସମାଧାନ ପାଇଁ କୌଣସି ବିଶେଷ କୌଶଳ ବା ପଦ୍ଧତିର ଆବଶ୍ୟକତା ପଡ଼େନାହିଁ ।'' —ନାୟକ କହନ୍ତି । ''ବଣ୍ଡାମାନେ କେଭେଁ ମିଛ କହନ୍ତି ନାହିଁ । ଏଠାରେ ଜଣେ ଅପରାଧ ଘଟାଇଲା ପରେ ସେକଥାକୁ ଅସ୍ୱୀକାର କରିବ, ସେଭଳି କୌଣସି ଲୋକକୁ ମୁଁ କ୍ୱଚିତ ଭେଟିଥିବି । ଏପରିକି ଅତ୍ୟନ୍ତ ଦୁର୍ଗମ ଅଭ୍ୟନ୍ତର ଅଞ୍ଚଳରେ ଅପରାଧଟିଏ ଘଟିବାର ଦିନେ ବା ଅତି ଜୋର୍‌ରେ ଦୁଇଦିନ ମଧ୍ୟରେ ଆମ ପାଖରେ ଖବର ପହଞ୍ଚେ । ପ୍ରଥମେ ଗାଆଁର ବୟସ୍କ, ପୁରୁଖା ଲୋକମାନେ ବସି ଅପରାଧ ଘଟଣାଟି ଉପରେ ଆଲୋଚନା କରନ୍ତି ଏବଂ ତା'ପରେ ପରେ ଆମକୁ ଆସି ଖବର ଦିଅନ୍ତି । କେହି କେବେ ମିଛ କହିବାର ଦୃଷ୍ଟାନ୍ତ ଏଠି ନାହିଁ ।''

''ଆମର ମୁଖ୍ୟଧାରାରେ ସମାଜରେ ଯେଉଁ ଅର୍ଥରେ ଚୋରି, ଲୁଟ୍‌ପାଟ ଓ ଶଠତାକୁ ବୁଝାଯାଏ; ତାହା ସେଠାରେ ସଂପୂର୍ଣ୍ଣ ଅଜ୍ଞାତ । ହଁ, ଏମିତି ଘଟେ ଯେ, କେହି ପ୍ରଚୁର ମଦ୍ୟପାନ କରି ଅନ୍ୟ କାହାର ଗାଈଟାକୁ ଆଣି ମାରି ଖାଇଦିଏ ଏବଂ ତାହା ହୋଇଥାଏ ଅତୀତରେ ଘଟିଥିବା କୌଣସି ବିଦ୍ୱେଷର ପ୍ରତିଶୋଧ ଭାବେ । କିନ୍ତୁ ଏକଥା ଯିଏ କରିଥାଏ ସେ ସଗର୍ବେ ସେତକ ଘୋଷଣା କରେ, ଗାଈ ହାଣି

Digitized by srujanika@gmail.com

ଖାଇଥିବାର ବାହାଦୂରୀ ଦେଖାଏ । ଖଚ, ମିଛ, ଚୋରି ନାରୀ ଏମାନଙ୍କ ଭାଷାକୋଷରେ ନାହିଁ ।''

ମାତ୍ର ନାୟକଙ୍କ ଅଭିବ୍ୟକ୍ତି ଅନୁଯାୟୀ ବାସ୍ତବ ସମସ୍ୟାର ଉଦ୍ଭବ ହୁଏ ଯେତେବେଳେ କୌଣସି ବଣ୍ଡା ଜୟପୁର ଠାରେ ଥିବା ଜେଲ୍‌କୁ ଯାଏ । ସେହି ସମାନ ମଣିଷଟି ବିଚିତ୍ର ପ୍ରକାର ବଦଗୁଣର ଜୀବାଣୁମାନଙ୍କୁ ଧରି ଫେରେ । ପୂରାପୁରି ଅଲଗା ମଣିଷ ପାଲଟି ଯାଇଥାଏ । ''ସେଠାରେ ସେ ମୁଖ୍ୟ ସ୍ରୋତର ସମାଜର ଅପରାଧୀମାନଙ୍କ ସହ ଚଳପ୍ରଚଳ ହୁଏ । ଏବଂ ସେମାନଙ୍କର ପ୍ରଭାବ ଏହା ଉପରେ ପ୍ରଚ୍ଛନ୍ନ ଭାବେ ପଡ଼ିଯାଏ । ଜେଲ୍‌କୁ ଯିବା ପୂର୍ବରୁ ସେ ହୁଏତ କିଛି କହିବାକୁ ପଛଉଥାଏ । ମାତ୍ର ଯେତେବେଳେ କିଛି କୁହେ ସଂପୂର୍ଣ୍ଣ ସତକଥା ହିଁ କୁହେ । କିନ୍ତୁ ଜେଲ୍‌ରୁ ଅନ୍ୟ ଏର୍କଦୀମାନଙ୍କ ସଂସ୍ପର୍ଶ ଲାଭକରି ଫେରିବା ପରେ ସେ ମିଛ କହିବାକୁ ଆରମ୍ଭ କରେ । ତେବେ ସାଂପ୍ରତିକ ସମୟରେ ସମଜାତି-ହତ୍ୟା ବାହାରେ ଅନ୍ୟ ଯେଉଁ ଗୋଟିଏ ଅପରାଧ ମୁଣ୍ଡ ଟେକିଛି ତାହା ହେଲା ଗୋତି ଶ୍ରମିକ ପ୍ରଥା ।''

''ମାତ୍ର ଏଇ ତିନି ଚାରି ପୁରୁଷ ହେଲା ଗୋତି-ଶ୍ରମିକ ପ୍ରଥା ଭଳି ଜଘନ୍ୟ ବ୍ୟାପାର ମୁଣ୍ଡ ଟେକିଛି ।'' —ଭୁବନେଶ୍ୱର ଠାରେ କହିଲେ ରଘୁନାଥ ସାହୁ । ୧୯୮୭ ଯାଏ ଦୀର୍ଘ ୧୧ ବର୍ଷ ଧରି ଶ୍ରୀ ସାହୁ ସରକାରୀ ବଣ୍ଡା ଉନ୍ନୟନ ଏଜେନ୍ସୀର ପ୍ରୋଜେକ୍ଟ ମୁଖ୍ୟ ଥିଲେ । ସେ ବଣ୍ଡା ସଂପ୍ରଦାୟ ଉପରେ ଜଣେ ଜଣାଶୁଣା ଅଗ୍ରଣୀ ବିଶେଷଜ୍ଞ । ସେ କହିଲେ : ''ଗୋତି ପ୍ରଥା ଉପରେ ମୁଁ ୧୪୪ଟି ଘଟଣା ଲିପିବଦ୍ଧ କରିଥିଲି । ଏହାର ବ୍ୟାପକତା ଆମକୁ ବିସ୍ମିତ କରିଥିଲା । ମାତ୍ର ପରେ ସମସ୍ତ ଶ୍ରମିକ ମୁକ୍ତ ହୋଇଥିଲେ ।'' ଭୁବନେଶ୍ୱର ଠାରେ ଆଦିବାସୀ ଓ ହରିଜନ ଗବେଷଣା ତଥା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ସଂପ୍ରତି ବରିଷ୍ଠ ଗବେଷକ ରୂପେ ଶ୍ରୀ ସାହୁ ଅବସ୍ଥାପିତ । ସେ ମାଲକାନଗିରି ଛାଡ଼ିଥିବା ସତ୍ତ୍ୱେ ବଣ୍ଡାଙ୍କ ଉପରେ ତାଙ୍କର ଆଗ୍ରହକୁ ଛାଡ଼ିନାହାନ୍ତି । ପୁଣି ଗୋତି-ଶ୍ରମିକ ପ୍ରଥା ମୁଣ୍ଡ ଟେକୁଥିବା କଥା ଶୁଣି ସେ ବିମର୍ଷ ହୋଇପଡ଼ିଲେ ।

ବଣ୍ଡା ସଂପ୍ରଦାୟର ଅପରାଧ ସଂପର୍କରେ ସାହୁ କହିଲେ : ''କୌତୂହଳପ୍ରଦ ଯେ, ଏହି ଜେଲ୍ ପର୍ଯ୍ୟାୟରେ ହିଁ ଆମର ବଣ୍ଡାଙ୍କ ସହ ସଦ୍‌ଭାବ ହେଲା । ସେହି ପୁରୁଣା ଦିନର କଥା, ଆମେ ସେମାନଙ୍କ ଆସ୍ଥାଭାଜନ ହେବାପାଇଁ ବହୁତ ପରିଶ୍ରମ କରୁଥିଲୁ । ଦିନ ରାତି ଖଟୁଥିଲୁ । ଜେଲ ଭିତରେ ସେମାନଙ୍କ ପରିବାର ସେମାନଙ୍କୁ ଭେଟିବାର ବ୍ୟବସ୍ଥା ଆମେ ଯେତେବେଳେ କରିଦେଲୁ, ସେଇକଥା ପାଇଁ ସେମାନେ ବଡ଼ କୃତଜ୍ଞ ହୋଇପଡ଼ିଲେ ।'' ପୁଲିସ୍ ଅଫିସର ନାୟକଙ୍କ ମତ ସହିତ ସହମତି ପ୍ରକାଶ କରି ସାହୁ କହିଲେ ଯେ, ଜେଲ୍‌ରୁ ଫେରିବା ପରେ କେତେକ ବଣ୍ଡାଙ୍କ ଆଚରଣ ନୂଆପ୍ରକାର ଓ ପ୍ରତିକୂଳାତ୍ମକ ହୋଇଉଠିଲା ।

Digitized by srujanika@gmail.com

ଥରେ ବଣ୍ଡା ପର୍ବତରେ ଏହି ପ୍ରାଚୀନ ସଂପ୍ରଦାୟ ଉପରେ 'ଅଧ୍ୟୟନ' କରିବାକୁ ଆସିଥିଲେ କିଛି ବଛା ବଛା ଅଗ୍ରଣୀ ନୃତତ୍ତ୍ୱବିତ୍ । ଏହି ତ୍ୱରିତ ବିଶେଷଜ୍ଞମାନଙ୍କ ମଧ୍ୟରୁ ଅଧିକାଂଶ ପାଇଥିଲେ ପାଶ୍ଚାତ୍ୟର ବିଭିନ୍ନ ପତ୍ରପତ୍ରିକାରୁ ସନ୍ଦର୍ଭ ଲେଖିବାର ଦାୟିତ୍ୱଭାର । ସେମାନଙ୍କୁ ଏ ଗସ୍ତକ୍ରମରେ ସାହାଯ୍ୟ କରିଥିଲେ ଏହି ବଣ୍ଡା ଉନ୍ନୟନ ଏଜେନ୍‌ସୀ । ସେମାନେ ସମତଳ ଭୂଇଁ ମୁଦୁଲିପଡ଼ା ନିକଟବର୍ତ୍ତୀ କିଛି ନିରାପଦ ବଣ୍ଡାଗ୍ରାମ ବୁଲିଆସି ବେଶ୍ ପରିତୃପ୍ତ ହୋଇଥିବା ଜଣାଗଲା । ସେମାନଙ୍କ ସେଠାରେ ଉପସ୍ଥିତିର ପଦଚିହ୍ନ ଏତେବର୍ଷ ପରେ ବି ସୁସ୍ପଷ୍ଟ । ସେଠାରେ କ୍ୟାମେରା ଧରିଥିବା ଲୋକଙ୍କୁ ବଣ୍ଡାମାନେ ଘେରିଯିବେ ଓ ଟଙ୍କା ମାଗିବେ । କ୍ଷୋଭର ବିଷୟ ଯେ, ପଶ୍ଚିମା ପତ୍ରିକାର ପ୍ରତିନିଧି ଭାବେ ସେହି ବିଶେଷଜ୍ଞମାନେ ଯେଉଁ ପ୍ରଚଳିତ ଓ ଅବଧାରିତ ଭଙ୍ଗୀରେ ବଣ୍ଡାମାନଙ୍କୁ ଦେହ ପ୍ରଦର୍ଶନ କରିବାକୁ କହିଥିଲେ ଏବଂ ସେଥିପାଇଁ ଟଙ୍କା ଦେଇଥିଲେ; ବଣ୍ଡାମାନେ ଏବେ ସେହି ଢଙ୍ଗରଙ୍ଗରେ ଦେହକୁ ଦେଖାଇ କ୍ୟାମେରା ଆଗରେ ଛିଡ଼ା ହୁଅନ୍ତି । ସେହି ଧରାବନ୍ଧା ଅଙ୍ଗଭଙ୍ଗୀ କରିବାକୁ କହି ଏବଂ ରିହରସାଲ୍ କରାଇ ବାବୁମାନେ ପଇସା ଦେଇଥିଲେ, ଏବେ ସେହିପରି କ୍ୟାମେରା ନାମକ ଯନ୍ତ୍ରଟି ଧରିଥିବା ବାବୁଜଣକ ଫଟୋ ଉଠାଇ ଟଙ୍କା ଦେବ ଏବଂ ସେଥିପାଇଁ ପୂର୍ବ ପ୍ରଦର୍ଶିତ ଭଙ୍ଗୀ ଓ ମୁଦ୍ରାର ପୁନରାବୃତ୍ତି ନିହାତି ଆବଶ୍ୟକ । ଏ କଥା ସରଳ ଭାବେ ଧରିନେଇଥାଏ ବଣ୍ଡା । କିନ୍ତୁ ଅତ୍ୟନ୍ତ ଗହନ, ଅଭ୍ୟନ୍ତର ଅଞ୍ଚଳମାନଙ୍କରେ ଆମର ସେଭଳି ଅନୁଭୂତି ଆଉ ହେଲାନାହିଁ । ଆମ ଗନ୍ତବ୍ୟର ତୃତୀୟ ଓ ଚତୁର୍ଥ ଦିନରେ ଆମେମାନେ ସେ ଦୁର୍ଗମ ଗ୍ରାମମାନଙ୍କରେ ପହଞ୍ଚି ପାରିଲୁ । ସେଠାକାର ବଣ୍ଡାମାନେ ପୂର୍ବରୁ କ୍ୟାମେରାଟିଏ ଦେଖିନଥିଲେ ।

ଅତୀତରେ ଏଥିପାଇଁ ବଡ଼ ତୁମୂଳ କାଣ୍ଡ ଘଟିଯାଇଛି । ବଣ୍ଡା ନାରୀ ପାରମ୍ପରିକ ରୀତିରେ ଏକ ମିଟର ଲମ୍ବ, ଦେଢ଼ଫୁଟ ଠାରୁ କମ୍ ଓସାରର କପଡ଼ା ଖଣ୍ଡେ ଅଣ୍ଟା ଚାରିପାଖେ ଗୁଡ଼ାଇ ଦିଅନ୍ତି । ଆଉ ସବୁ ଥାଏ ଫୁଙ୍ଗୁଳା । ଛାତି ଘୋଡ଼ାଇବାକୁ ଗୋଛେ ମାଳି । ଏହିଭଳି ମହିଳାଙ୍କ ଫଟୋ ଉଠାଇ ତା'ର ଅପପ୍ରୟୋଗ କରିଥିଲେ କିଛି ବିଦେଶୀ ପରିଦର୍ଶକ । ସେମାନେ ଭୁବନେଶ୍ୱରରୁ ନେଇଯାଇଥିଲେ ସେମାନଙ୍କର ଗାଇଡ୍–ସେମାନେ "ପରିଦର୍ଶନ, ଅଧ୍ୟୟନ" ପ୍ରଭୃତି ଗହନ ବିଦ୍ୟା ଶେଷକରି ଫେରିବା ପରେ ଘଟଣା ଭିନ୍ନ ମୋଡ଼ ନେଲା । ଏପରି ହେଲା ଯେ, ଜଣେ ଅଧିକ ତତ୍ପର ଅଫିସର ବଣ୍ଡାଙ୍କୁ କହିଦେଲେ–"ଏଣିକି ଯେଉଁ ବିଦେଶୀ ଲୋକ କ୍ୟାମେରାରେ ଫଟୋ ଉଠାଇବାକୁ ଚେଷ୍ଟା କରିବ, ତାକୁ ଭଲକରି ପାନେ ଦେବ ।" ଏହାର ଅଳ୍ପଦିନ ପରେ ଜଣେ ବୟସ୍କ ଫରାସୀ ବିଶେଷଜ୍ଞ ଓ ବାସ୍ତବ ପ୍ରାଜ୍ଞ ବ୍ୟକ୍ତି ବଣ୍ଡାଙ୍କ ଉପରେ ରିପୋର୍ଟ ପ୍ରସ୍ତୁତ କରିବାକୁ ଆସି ବଡ଼ ହୀନସ୍ତା ଭୋଗିଲେ । ବଣ୍ଡାମାନେ ତାଙ୍କୁ ଅବଶ୍ୟ

Digitized by srujanika@gmail.com

ମାର୍‌ଧର କଲେନାହିଁ, ମାତ୍ର ଦୁର୍ଗମ, ତୀଖ, ଗଡ଼ାଣି ପାହାଡ଼ ରାସ୍ତାରେ ତାଙ୍କୁ କୋଡ଼ିଏ ମାଇଲ ଧରି ମାର୍ଚ୍ଚିଙ୍ଗ କରାଇଦେଲେ । ଏହା କରିବାର କାରଣ ହେଲା, ସେ ସ୍ଥାନରୁ ପୋଲିସ୍ ହାଜତ ଯାଏଁ ବାଟର ଦୀର୍ଘତା ଥିଲା ୨୦ ମାଇଲ୍ ଏବଂ ଥାନାରେ ସେମାନେ ଭଦ୍ରଲୋକଙ୍କୁ ଭର୍ତ୍ତି କରାଇଲେ । ଫରାସୀ ଭଦ୍ରଲୋକ ଖଲାସ୍ ହେବାଯାଏଁ ଅନ୍ୟକୌଣସି ଦଣ୍ଡ ଭୋଗିନାହାନ୍ତି । କେବଳ ଦୀର୍ଘ ଦୁର୍ଗମ ପଥରେ ଚାଲି ଚାଲି ନିର୍ଘାତ ଧଇଁ ପେଲି ହୋଇଛନ୍ତି, କ୍ଳାନ୍ତ ଅବଶ ତ ନିଶ୍ଚୟ ଏବଂ ପ୍ରଚଣ୍ଡ ଅପମାନକୁ ମଧ୍ୟ ହଜମ କରିଛନ୍ତି ।

ଆମେ ବନ୍ଦିଗୁଡ଼ାକୁ ଫେରିଆସିଲୁ । ସେଠାରେ ଗାଁ ମୁଖିଆ ସମା କିର୍‌ସାନି ଆମକୁ ମଙ୍ଗଳାର ଗୋତି ଖଟିବା ବିଷୟରେ କହିଲେ : ''ଜଣେ ଟଙ୍କା ଉଧାର ନେଲେ ଟଙ୍କା ଶୁଝିବ, ନଇଲେ ଦଣ୍ଡ ପାଇବ । ଏଇଟା ତ ଚଳଣୀ ।'' ତେବେ ସେ ସ୍ୱୀକାର କଲେ ଯେ, ଏ ଗୋତି-ପ୍ରଥାଟି ସେତେ ପ୍ରାଚୀନ ନୁହେଁ । ପୁରୁଣା ପଦ୍ଧତି ଥିଲା ଋଣ ଉଧାରୀ ଠାରୁ ନିର୍ଦ୍ଦିଷ୍ଟ ଦିନ ଯାଏଁ କାମ ଆଦାୟ କରାହେବ । ଗାଁର ବଡ଼ ମୁଣ୍ଡା ମୁରବୀମାନେ ନିଶାପରେ ବସି ନିଷ୍ପତ୍ତି କରନ୍ତି ଯେ, କେତେଦିନ ପାଇଁ କେତେ ପରିମାଣର କାମ ଏଇ ଉଧାରୀ ଠାରୁ ଆଦାୟ କରାଯିବ ।

ଆମ ସମାଜର ମୁଖ୍ୟ ଜୀବନ ସ୍ରୋତରେ ପ୍ରାଚୀନ ସମ୍ପ୍ରଦାୟର ଆଦିବାସୀମାନଙ୍କୁ ସାମିଲ କରିବା ହେଉଛି ସରକାରୀ କାର୍ଯ୍ୟକ୍ରମର ଏକମାତ୍ର ଓ ଅପରିବର୍ତ୍ତିତ ଲକ୍ଷ୍ୟ । ''ପ୍ରାଚୀନ ସଂପ୍ରଦାୟ'' ଶବ୍ଦ ବା ସଂଜ୍ଞାଟିକୁ କେହି ପସନ୍ଦ କରୁନଥିବା ଦେଖାଗଲା । ''ସମାଜର ମୁଖ୍ୟ ସ୍ରୋତ କହିଲେ ଆମେ ଯଦି ଏୟା' ବୁଝୁଛେ ।'' —ମୋତେ ବନ୍ଦିଗୁଡ଼ା ଯାଏ ସାହଚର୍ଯ୍ୟ ଦେଇଥିବା ପ୍ରୋଜେକ୍ଟ ଅଫିସର ଜଣକ କହିଲେ—''ତେବେ ବରଂ ଆମେ ସମସ୍ତ ସମନ୍ୱୟ ସଂହତି ଭାଙ୍ଗିଦେଇ ଅଲଗା ଅଲଗା ରହିବା ବେଶ୍ ଭଲ ହେବ ।''

''ବେଶ୍ ଭଲ ବରଂ ଆଦିବାସୀର ନିଜସ୍ୱ ସଂସ୍କୃତିର ଜୀବନଧାରା, ଅନ୍ତତଃ ସେ ନିଜ ସତ୍ତାରେ ସ୍ୱୟଂସମ୍ପୂର୍ଣ୍ଣ ହୋଇ ବଞ୍ଚିରହିବ; ଆମର ଅପାଠ ଅପବିତ୍ର ବିଦ୍ୟାଳୟରେ ପାଠୁଆ ବନେଇବାର ଅପପ୍ରୟାସରେ ଆମେ ତାଙ୍କୁ ଆଉ ମିଛ, ଶଠତା, ବଳାତ୍କାର ଓ ଶୋଷଣର ଅବିଦ୍ୟା ଶିଖାଇ ପ୍ରମାଣପତ୍ର ଧରେଇବା ନାହିଁ । ଅରଣ୍ୟ, ପର୍ବତ, ଝରଣା, ବଣଫୁଲ, ବଣକନ୍ଦା ଓ କୋଳିକୁ ନେଇ ସେ ରହୁ ପର୍ବତ ପରି ବଳବାନ, ଅରଣ୍ୟ ପରି ଶ୍ରଦ୍ଧାଶୀଳ, ନିବିଡ଼ ଏବଂ ଝରଣା ପରି ସ୍ୱଚ୍ଛ, ବହମାନ । ତା'ର ନୈସର୍ଗିକ ଚରିତ୍ର ଓ ଆଚରଣ ଆମର ତଥାକଥିତ 'ସଭ୍ୟ ସମାଜର ଛାଞ୍ଚରେ ପଡ଼ି ନରକାୟିତ ନହେଉ ।'' ପୃଥିବୀର ମହତ୍ତର ବିବର୍ତ୍ତନ ପାଇଁ ସାର୍ଟିଫିକେଟ୍‌ଗୁଡ଼ାକ ଅପେକ୍ଷା ସରଳତା ଓ ସ୍ୱାଭାବିକତାର ଅଧିକ ପ୍ରୟୋଜନୀୟତା ରହିଛି ।

❖❖❖

Digitized by srujanika@gmail.com

ପ୍ରଳୟ-ଘୂର୍ଣ୍ଣି ପୂର୍ବର ନୀରବତା

ଆପଣଙ୍କୁ ଘଟଣାଟି ହିନ୍ଦୀ ଚଳଚ୍ଚିତ୍ରର କାହାଣୀ ପରି ଲାଗିବ, ଅନ୍ୟୂନ ପକ୍ଷେ ଖଳନାୟକର ଭୂମିକା । ମାତ୍ର ଚଳଚ୍ଚିତ୍ର ଯେ, ସାମାଜିକ ଜୀବନରେ ଅଭିନୀତ ହୁଏ ଏବଂ ସୈତାନୀ କୌଶଳର ଭୟାବହତା କାହାଣୀଠୁଁ ବଳିଯାଏ, ସେପରି ଘଟିଛି ବିହାର ରାଜ୍ୟର ଗରହ୍ୱା ଅଞ୍ଚଳରେ । ଆଦିବାସୀ ଓ ହରିଜନ ଅଧ୍ୟୁଷିତ ଏକ ନିଦ୍ରିତ ନିପଟ ପଲ୍ଲୀଭୂଇଁ ଯୋଗୀଖୁରା । ପ୍ରାୟ ତିରିଶ ବର୍ଷ ତଳେ ସେହି ଦରିଦ୍ର ନିପତିତ ମଣିଷଙ୍କର ୧୮୦ ଏକର ଜମି ମାଡ଼ି ବସିଲେ ଦଳେ ପ୍ରମତ୍ତ ଜମିଦାର । ଅଙ୍ଗୀକାରବଦ୍ଧ କିଛି ରାଜନୈତିକ କର୍ମୀଙ୍କ ନେତୃତ୍ୱ ତଥା ମୁଷ୍ଟିମେୟ ସଚ୍ଚୋଟ ପ୍ରଶାସକଙ୍କ ସହଯୋଗ ଲାଭକରି ଯେଗୀଖୁରାର ନିରୀହ ଗ୍ରାମବାସୀମାନେ ଫେରିପାଇଲେ ନିଜର ସଂପତ୍ତି । ସଂଗ୍ରାମୀ, ପୀଡ଼ିତ ଦଳିତମାନେ ଗଲେ ଅଦାଲତ ଏବଂ ଗୋଟିଏ ଦଶନ୍ଧି ପରେ ବିଚାରାଳୟ ଦେଲା ସେମାନଙ୍କ ସପକ୍ଷରେ ରାୟ । ସେ ୧୯୭୬ର ଘଟଣା– ଜରୁରୀକାଳୀନ ପରିସ୍ଥିତିର ଚରମ ମୁହୂର୍ତ୍ତ–ଅଦାଲତର ନିଷ୍ପତ୍ତିରେ ହରିଜନ ଓ ଖର୍‌ୱାର ସଂପ୍ରଦାୟର ଆଦିବାସୀମାନେ କିପରି ଫେରିପାଇବେ ସେମାନଙ୍କର ଚାଷଜମି ।

ପାଲାମାଉର ଗରୱା ଡିଭିଜନର ସେହି ଅଖ୍ୟାତ, ଅଜ୍ଞାତ ଯୋଗୀଖୁରା ଗ୍ରାମଟି ହଠାତ୍ ରାଷ୍ଟ୍ରୀୟ ସ୍ତରରେ ଲାଭ କଲା ପ୍ରସିଦ୍ଧି । ଛାୟାଚିତ୍ର ନିର୍ମାତା ଶୁକଦେବ ସେହି ଗଣସଂଗ୍ରାମର ସଫଳ କାହାଣୀ ଉପରେ ଗଢ଼ିଲେ ଛବିଟିଏ : ''ନୀରବତାର ପ୍ରତ୍ୟାନ୍ତେ'' –ଆଫ୍‌ଟର୍ ଦ ସାଇଲେନ୍ସ । ପୁରସ୍କାର-ବିଜୟୀ ଏ ପ୍ରାମାଣିକ ଆଧାର-ଚିତ୍ର ଉନ୍ମୋଚିତ ହେଲା ଠିକ୍ ଜରୁରୀ ପରିସ୍ଥିତି ପରେ ପରେ । ମାତ୍ର କୋଡ଼ିଏ ବର୍ଷ ପରେ ମଧ୍ୟ ନିଜ ଜମି ଫେରି ପାଇବାକୁ ସେହି ଦରିଦ୍ର ନିଃସହାୟମାନେ ସମର୍ଥ ହୋଇନାହାନ୍ତି–ଅଦାଲତର ଆଦେଶନାମା ସତ୍ତ୍ୱେ । ଜମିଦାରମାନେ ପ୍ରତି ଆକ୍ରମଣ ଜାରି ରଖିଲେ ଏଭଳି ଅଦ୍ଭୁତ କୌଶଳର ପ୍ରୟୋଗ କରି ଯେ ସେତକ ବୁଣିଦେଇା ସେ ଅଞ୍ଚଳରେ ପ୍ରଥମ ସାଂପ୍ରଦାୟିକ ଦଙ୍ଗାର ବିହନ । ଅଯୋଧ୍ୟାରେ ବାବ୍‌ରୀ ମସ୍‌ଜିଦ୍ ଭଙ୍ଗା ଘଟଣାରେ ଭାରତବର୍ଷ ଜଳୁଥିବା ବେଳେ ପାଲାମାଉ ରହିଥିଲା ସମୁଦ୍ର ଭଳି ଶାନ୍ତ, ନିଥର; ମାତ୍ର ଏହାର ବହୁ ବର୍ଷ ଆଗରୁ ସାଂପ୍ରଦାୟିକ ବିଦ୍ୱେଷର ବିଷ ଚହଟି ଯିବାର କାରଣ ଥିଲା ଭିନ୍ନ–ଭାତହାଣ୍ଡି ଛଡ଼ାଇ ନେବାର କ୍ରୋଧ, ବିଦ୍ୱେଷର ବିସ୍ଫୋରଣ ।

ଅଦାଲତର ନିଷ୍ପତ୍ତି ଘୋଷିତ ହେବା ଓ ଏହା ନ୍ୟାୟତଃ ଦରିଦ୍ର ଆଦିବାସୀ, ହରିଜନଙ୍କ ସପକ୍ଷରେ ଯିବା ଦେଖି ଜମିଦାର ମାନେ ଚଳାଇଲେ ସେମାନଙ୍କ ଚାଲାକିର

Digitized by srujanika@gmail.com

ପଣା-ଗୋଟି । ଏହି ବିବଦମାନ ଜମିରେ ସେମାନେ ଆଣି ରଖାଇ ଦେଲେ ଦଳେ ଦରିଦ୍ର ମୁସଲମାନ । ଏହାପରେ ଆରମ୍ଭ ହୋଇଗଲା ଦରିଦ୍ର ଦରିଦ୍ର ମଧ୍ୟରେ ବିଦ୍ୱେଷ ଓ ସଂଘର୍ଷ । ଆଜି ଏହି ଦ୍ୱିତୀୟ ନୀରବତାର ସୀମାନ୍ତ ଦୁଇପାଖରେ ଖଡ଼୍‌ଗ ଧରି ଉଭା ଗୋଟିଏ ପଟେ ହରିଜନ ଓ ଆଦିବାସୀ, ଅନ୍ୟପଟରେ ମୁସଲମାନ ସଂପ୍ରଦାୟ । ଭୟଙ୍କର ଉତ୍ତେଜନାର ବାରୁଦ-ସ୍ତୂପ । ଏ ନାଟକର କିଛି ଅଭିନେତା ଇହଧାମରେ ଆଉ ନାହାନ୍ତି, ମାତ୍ର ରଙ୍ଗମଞ୍ଚରେ ଏକଦା ସେମାନଙ୍କର ଉପସ୍ଥିତି ବିସ୍ମୃତ ହୋଇନାହିଁ । ସେମାନଙ୍କ ପ୍ରେତାତ୍ମା ଏବେ ଯେମିତି ଘୂରି ବୁଲୁଛି ଯୋଗୀଖୁରାର ପବନ ଓ ମାଟିରେ । ରଙ୍ଗମଞ୍ଚର ପ୍ରଯୋଜକ ଥିଲେ କଂଗ୍ରେସର ତତ୍‌କାଳୀନ ତୁଙ୍ଗ ନେତା ଜଗନାରାୟଣ ପାଠକ । ସେ ଥିଲେ ପାଲାମାଉ ଜିଲ୍ଲା କଂଗ୍ରେସ କମିଟିର ମଧ୍ୟ ଏକଦା ଅଧ୍ୟକ୍ଷ । ସ୍ଥାନୀୟ ଜମିଦାର ସାହୁ କହନ୍ତି କାହାଣୀ : ''ଷାଠିଏ ଦଶକରେ ପାଠକ ପରିବାର ଏଠାରେ କିଣିଥିଲେ ଚଉଦ ଏକର ଜମି । ତା'ପରେ ସେମାନେ ଖର୍‌ୱାର ଆଦିବାସୀ ଓ କିଛି ହରିଜନଙ୍କର ୧୬୦ ଏକର ଚାଷଜମିକୁ ଜବରଦଖଲ କଲେ । ଏହା ଫଳରେ ଉଚ୍ଛେଦ ହେଲେ ଅନ୍ୟୂନ ୨୫ଟି ଆଦିବାସୀ ପରିବାର ଏବଂ ସମାନ ସଂଖ୍ୟକ ଦଳିତ ପରିବାର । ଇତିମଧ୍ୟରେ ଆଦିବାସୀ ଓ ହରିଜନମାନେ ହେଲେ ସଂଗଠିତ, ହଇଚଇ ଆରମ୍ଭ ହେଲା, ସେମାନେ ଦେଖାଇଲେ ସେମାନଙ୍କ କବଲା-ପଟ୍ଟା ପାଉତିର ପୁରୁଣା ନକଲ; କଚେରୀ, ଅଦାଲତ ଏବଂ ପ୍ରଶାସନିକ ଆଦେଶନାମା ।''

''ଦେଖନ୍ତୁ ଏଇ ଉଦଗ୍ର ଲୋଭର ପରିବ୍ୟାପ୍ତି'' —କଣ୍ଠରେ ଶ୍ଳେଷ ମିଶାଇ ବିଷର୍ଣ୍ଣତାର ସହିତ କହନ୍ତି ଶତ୍ରୁଘ୍ନ କୁମାର । ଜମି ଜବରଦଖଲ ବିରୋଧରେ ଦାନ୍ତ ଲଗାଇ ଲଢୁଥିବା 'ଛୋଟ ନାଗପୁର ସମାଜ ବିକାଶ ସଂସ୍ଥାନ'ର ପ୍ରତିନିଧି ହେଉଛନ୍ତି ଶତ୍ରୁଘ୍ନ । ସେ କହନ୍ତି : ''ଜମି ହରାଇଥିବା ଲୋକଙ୍କ ଭିତରେ ଥିଲେ ଅତ୍ୟନ୍ତ ଦରିଦ୍ର ଚାଷୀ—କାହାର ଥିଲା ୩୫ ଡିସିମିଲ୍ ଜମି ତ କାହାର ଥିଲା ୧୨ ଡିସିମିଲ୍ । ଏପରିକି ଜଣେ ନିହାତି ଦରିଦ୍ରର ମାତ୍ର ତିନି ଡିସିମିଲ୍ ଡିଅ ଜମି ବି ଚାଲିଗଲା ।'' ଜଣେ ଜଣେ ସେମାନଙ୍କର ସର୍ବସ୍ୱ ହରାଇଲେ । ''ଏଭଳି ମଣିଷଙ୍କ ଠାରୁ କେମିତି ଜମି ଚୋରି କରିନେବା କଥା ଜଣେ ଭାବିପାରେ ?'' —ପଚାରେ ଗୋପାଳ ନାମକ ଜଣେ ଆଦିବାସୀ । ଏକଥା କହିଲା ବେଳେ ତା'ର କଣ୍ଠସ୍ୱର ଥରିଉଠେ, ଆଖିରେ ଲୁହ ଜକେଇ ଆସେ । ତେବେ ତଥାକଥିତ ପ୍ରଭାବଶାଳୀ, ସମାଜପତିଙ୍କ ଠାରେ ଥାଏ ରାବଣ-ସ୍ୱଭାବ, ସେମାନେ ଯେକୌଣସି ଅପରାଧ କରିବାକୁ ସାମାନ୍ୟତମ ଶଙ୍କା କି କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଏବଂ ଆମର ସମାଜ ତଥା ସବିଶେଷ ଭାବେ ରାଜନୀତି ଦେଇଥାଏ ସେମାନଙ୍କୁ ସ୍ୱୀକୃତି ଓ ଭଦ୍ରଲୋକର ସନନ୍ଦ ।

୧୯୬୬ର ଗୋଟିଏ ଅଦାଲତ ଆଦେଶନାମା କହିଥାଏ : ''ଅନ୍ୟର ସଂପତ୍ତିକୁ ଅଧିକାର କରିନେବା ଭଳି ଅନିୟମିତତା ଘଟିଛି । ଜମିଜମାର କାଗଜପତ୍ର ଯେଉଁ

Digitized by srujanika@gmail.com

ଆଦିବାସୀଙ୍କ ନାମରେ ରହିଛି ସେମାନେ ଜୀବିତ ଥିବାବେଳେ ସେସବୁ ଜମି ଅନ୍ୟ ଅଣ-ଆଦିବାସୀଙ୍କ ନାମରେ ହୋଇଛି । ଜବରଦଖଲ ହୋଇଥିବା ସରକାରୀ ଜମିକୁ କାଗଜ ପତ୍ରରେ ସୁଧାରି ନେଇ ମାଲିକାନା ପ୍ରଦାନ କ୍ଷେତ୍ରରେ ସର୍କଲ ଅଫିସରଙ୍କ କ୍ଷମତା ନାହିଁ... ।''

ବିଗତ ବର୍ଷମାନଙ୍କରେ କିଛି ପ୍ରଶାସକ ଏହି ଦରିଦ୍ର ସର୍ବହରାଙ୍କୁ ସାହାଯ୍ୟ କରିବାର ପ୍ରଚେଷ୍ଟା କରିଛନ୍ତି । ସେମାନଙ୍କ ମଧ୍ୟରେ କେ. ସୁରେଶ ସିଂହଙ୍କ ନାମ ଅନ୍ତର୍ଭୁକ୍ତ—ପାଲାମାଉରେ ଗରିବ ଲୋକଙ୍କ ମଧ୍ୟରେ ତାଙ୍କର ରହିଛି ଏକ କିମ୍ବଦନ୍ତୀମୟ ମର୍ଯ୍ୟାଦା । ଏହି ସର୍ବହରାଙ୍କ ସାଥୀ ହୋଇ ଲଢ଼ିଲେ କିଛି ରାଜନୈତିକ କର୍ମୀ; ବିଶେଷ ଭାବେ ଛାତ୍ର-ଯୁବ ସଂଘର୍ଷ ବାହିନୀ । ଅବଶ୍ୟ ଏମାନଙ୍କ ମଧ୍ୟରୁ ଅଧିକାଂଶ ଏବେ ଜନତା ଦଳରେ ସାମିଲ୍ । ଅଦାଲତରେ ମଧ୍ୟ ଚାଲିଲା ଲଢ଼େଇ ଏବଂ ମିଳିଲା ଅନୁକୂଳ ଆଦେଶନାମା । ୧୯୭୬ ଅକ୍ଟୋବର ୩୦ ତାରିଖରେ ଉଚ୍ଚ ନ୍ୟାୟାଳୟରେ ଘୋଷିତ ହେଲା ରାୟ—ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ।

ଏପରିକି ଜରୁରୀକାଳୀନ ପରିସ୍ଥିତିରେ ଗୋଟିଏ ସମୟରେ ଜଗନାରାୟଣ ପାଠକଙ୍କ ପୁତୁରାକୁ ଗିରଫ କରାଗଲା । ସେ ଗ୍ରାମବାସୀଙ୍କୁ ପିଟାପିଟି କରିଥିବା ଏବଂ ସେମାନଙ୍କ ଗାଈଗୋରୁଙ୍କୁ ନେଇଆସି ଖୁଆଡ଼ରେ ଭର୍ତ୍ତି କରିଥିବା ଅପରାଧରେ-ମାତ୍ର ସେ ଧାରା ଦୀର୍ଘଦିନ ରହିଲା ନାହିଁ । ''ମୁଁ ଦିଲ୍ଲୀ ଯାଇ ଇନ୍ଦିରାଜୀଙ୍କୁ ଭେଟିଲି ଏବଂ ଜଗନ୍ନାଥ ମିଶ୍ରଙ୍କ ଦ୍ୱାରା ମୋ ପୁତୁରା ଜେଲ୍‌ରୁ ଖଲାସ ହେଲା ।'' —ବାହାସ୍ଫୋଟ ମାରି କହନ୍ତି ଜଗନାରାୟଣ ପାଠକ । ଏକଥା କହିଲାବେଳକୁ ସେ ଶଯ୍ୟାଶାୟୀ, ଡାଲ୍‌ଟନ୍‌ଗଞ୍ଜରେ ବ୍ୟାଧିପୀଡ଼ିତ ହୋଇ ରହୁଥାନ୍ତି । ତାଙ୍କ କଣ୍ଠରେ ଥିଲା ଗଡ଼ ଜିଣିଥିବାର ଆସ୍ଫାଳନ । ଦିଲ୍ଲୀରୁ ପାଠକ ଫେରିବା ବେଳକୁ ଯେତେ ଯେତେ ଅଫିସରଙ୍କ ସହ ତାଙ୍କର ଶତ୍ରୁତା ଥିଲା ସମସ୍ତଙ୍କ ବଦଳି ହୋଇଯାଇଛି । ଏବେ ନବେବର୍ଷ ବୟସରେ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥିବା ସତ୍ତ୍ୱେ ଦମ୍ଭ ଭାଙ୍ଗିନାହିଁ । ମନର ବଳ ବଡ଼ ତେଜୀୟାନ ଅଛି ।

ତେବେ କହିଲାବେଳେ ପାଠକ ନିଜର ପ୍ରତି କଥାକୁ ବାରମ୍ବାର ବଦଳାଉଥାନ୍ତି । ଯେମିତି : ''ଯୋଗୀଖୁରାରେ ମୋ ନାଁରେ ଗୋଟାଏ ନୂଆ ପଇସାର ବି ଜମି ନାହିଁ ।'' ପ୍ରାୟୋଗିକ ଭାବେ ଏ କଥାଟି ଠିକ୍ । କାଗଜପତ୍ରରେ ଜମିର ମାଲିକାନା ଥିବା ଲୋକଙ୍କ ନାମ ହେଲା—ଗୋବିନ୍ଦ ପାଠକ, ଆନନ୍ଦ ମୋହନ ପାଠକ, ଆଲୋକ ପାଠକ, ଅବିନାଶ ପାଠକ ଏବଂ ଅନ୍ୟମାନେ । ସେମାନେ ଜଗନାରାୟଣଙ୍କ ନିଜ ପୁଅ ଓ ପୁତୁରା । ସେହି ଏକା ସମୟରେ ସେ ପୁଣି କହୁଥାନ୍ତି— ''ମୁଁ ଯେତେବେଳେ ଜମି କିଣିଲି... ମୁଁ ଜମି ବିକିଲି... ମୁଁ ଜମି ଉପରେ ନିଷ୍ପତ୍ତି ନେଲି...'' —ଏହା ପ୍ରମାଣିତ କରୁଛି, ସେ ହେଉଛନ୍ତି ସବୁ ନାଟର ଗୋବର୍ଦ୍ଧନ । ଏ ସଂଘର୍ଷ, ବିଦ୍ୱେଷ ଚାଲୁଥିବା ବେଳେ ଗଡ଼୍‌ୱା ଏକ ସ୍ୱତନ୍ତ୍ର ଜିଲ୍ଲା ହୋଇଗଲା ।

Digitized by srujanika@gmail.com

ଯାହାକିଛି ଘଟିଥିଲା ସେସବୁ ଅବିଳମ୍ବେ ହଜିଗଲା ସମୟର କୁଝ୍ଝଟିକା ଓ କଚେରୀ ଦସ୍ତାବିଜର ଧୂଳିଘେରା ପଟଳ ଭିତରେ । ଅଦାଲତର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାରେ ପ୍ରଶାସନର ଧାରା ଉପରେ ଏକ ସିଭିଲ୍ କୋର୍ଟରୁ ଅଟକନାମା ବା ରହିତାଦେଶ ଆଣି ପାଠକ ଘଟଣା ପ୍ରବାହର କରିଦେଲେ କଣ୍ଠରୋଧ । ଗଢ଼ୱାର ରାଙ୍କା ବ୍ଲକ୍ ସର୍କଲ ଅଫିସ୍ ଦପ୍ତରର ଜଣେ କର୍ତ୍ତା କହନ୍ତି : ''ଏହି ଗୋଳମାଳିଆ ପରିସ୍ଥିତି ଅବ୍ୟାହତ ଥିବାବେଳେ ମୁସଲମାନମାନଙ୍କୁ ଡାକିଆଣି ପାଠକ ବିକ୍ରି କରିଦେଲେ ସଂପତ୍ତି । ରିହାତି ଦର୍‌ରେ ଜମିର ଦର୍ କଷି ସେ ସେମାନଙ୍କୁ କଲେ ପ୍ରଲୋଭିତ ।'' ଯାହାକିଛି ମିଳିଲା ସେଥିରେ ପାଠକଙ୍କର କିଛି କ୍ଷତି ହେବାର ନଥିଲା । ଜବରଦଖଲ ଜମି, ଚାରଣାରେ ବିକିଲେ ବି ସେତକ ଲାଭ ହିଁ ଲାଭ । ସୁତରାଂ ସେ ମୂଳ ଷୋଳ ଏକରକୁ ଯେତିକି ଦର୍‌ରେ କିଣିଥିଲେ ତାହା ଠୁଁ ଅଧିକ ଦର୍‌ରେ ବିକି ତଥା ଜବରଦଖଲ ୧୬୦ ଏକରରୁ ପାଇଲେ ପ୍ରଚୁର ଅର୍ଥ । ଅତ୍ୟନ୍ତ ଆତ୍ମତୃପ୍ତିର ସହ ପାଠକ ସ୍ମରଣ କରନ୍ତି ତାଙ୍କର ବିଜୟ : ''ମୁଁ ସୁରେଶ ସିଂହ ଓ ଅନ୍ୟମାନଙ୍କୁ ଚିତ୍‌ପଟାଙ୍ଗ ମରାଇଦେଲି ।'' ଗରିବ ଲୋକଙ୍କ ତ୍ରାଣକର୍ତ୍ତାର ସୁଖ୍ୟାତି ଲାଭ କରିଥିବା ଦକ୍ଷ ପ୍ରଶାସକ ସୁରେଶ ସିଂହଙ୍କ ବ୍ୟକ୍ତିତ୍ୱ ଓ ସାଧୁତାର ଭୂତ ଗୋଡ଼ାଇ ଖାଉଥିଲା ପାଠକଙ୍କୁ; ସୁତରାଂ 'ମନ୍ଦିର ତୋଳି ନୁହେଁ, ବାଟ ମାରା କରି' ସେ ବିଜୟ ଜୈତ୍ର ଉଡ଼ାଇବାର ଢମରେ ନିଜେ ସନ୍ତୁଷ୍ଟ ଥିଲେ । ତେବେ ଏ ବିଜୟର ଅବଶ୍ୟମ୍ଭାବୀ ପରିଣତି କ'ଣ ହେଲା ? ଜମିର ପ୍ରକୃତ ମାଲିକ ଆଦିବାସୀ ଓ ହରିଜନଙ୍କ ବିରୁଦ୍ଧରେ ସେ ଛିଡ଼ା କରାଇଦେଲେ ସରଳମନା ମୁସଲମାନମାନଙ୍କୁ, ମରିଲେ ଦରିଦ୍ରମାନେ ହିଁ ହଣାକଟା ହୋଇ ମରିବେ । ପାଠକ ମାରିନେଲେ କ୍ଷମତା ଓ କୌଶଳ ପ୍ରୟୋଗ କରି ଫାଇଦା ହିଁ ଫାଇଦା ।

ଯୋଗୀଖୁରାକୁ ପୁଣି ଫେରିଆସିବା । ବିବ୍ରତ ଆଇନୁଲ୍ ହକ୍ କହନ୍ତି ତାଙ୍କ ସଂପର୍କୀୟମାନଙ୍କ ଧାରଣା ହିଁ ନଥିଲା ଯେ, ସେମାନେ ଅସୁବିଧା ଓ ବିଦ୍ୱେଷକୁ ଟଙ୍କା ଦେଇ କିଣୁଛନ୍ତି । ଜମି ଉପରେ ମାଲି ମୋକଦ୍ଦମା ଚାଲିଥିବାର ସାମାନ୍ୟ ସୁରାକ୍ ସେମାନେ ପାଇନଥିଲେ । ''ଆମେ ତିରିଶଟି ପରିବାର ବହୁ ଦୂରରେ ରହୁଥିଲୁ । ଜଗନାରାୟଣଜୀ ଜଣେ ବଡ଼ ନେତା ବୋଲି ଆମେ ଜାଣିଥିଲୁ ଏବଂ ଏପରି କରି ସେ ଆମକୁ ସାହାଯ୍ୟ କରୁଛନ୍ତି ବୋଲି ଭାବିଲୁ । ଆମେ ଏଠାରେ ସ୍ଥାୟୀ ବାସିନ୍ଦା ହେବା ଲକ୍ଷ୍ୟରେ ଆମର ପୁରୁଣା ସଂପତ୍ତିବାଡ଼ି ସବୁ ବିକିଦେଲୁ । ଭାବିଲୁ, ଜଗନାରାୟଣଙ୍କ ଦୟାରୁ ଆମେ ଶସ୍ତାରେ ଭଲ ଜମି ପାଉଛୁ ଏବଂ ଗୋଟିଏ ସ୍ଥାନରେ ସମସ୍ତେ ଏକାଠି ରହିବୁ । ହେଲେ ଏବେ ଆମେ ଯିବୁ କୁଆଡ଼େ ?''

ହକ୍ ଓ ତାଙ୍କର ବନ୍ଧୁ, କୁଟୁମ୍ବ, ସଂପର୍କୀୟମାନେ ସତକଥା ହିଁ କହୁଥିଲେ । ମାତ୍ର ସେମାନଙ୍କ ଉପସ୍ଥିତି ଓ ବସତି ଦ୍ୱାରା ସୃଷ୍ଟ ଦ୍ୱନ୍ଦ୍ୱ ତଥା ବିଷମ ପରିସ୍ଥିତିକୁ

Digitized by srujanika@gmail.com

ବୁଝିବାକୁ ତିଆର୍ ନଥିଲେ ଖର୍‌ୱାର ଆଦିବାସୀ ଓ ଦଳିତ ସଂପ୍ରଦାୟ । "ଆମେ ଆମର ଜମି ଫେରି ଚାହୁଁ । ସେମାନେ କାହିଁକି ଏଠିକି ଆସୁଥିଲେ ?" –ଉତ୍‌କ୍ଷିପ୍ତ କଣ୍ଠରେ କହନ୍ତି ରାମ ନରେଶ ରାମ । ସେ ଜଣେ ହରିଜନ । ତାଙ୍କର ବଦ୍ଧମୂଳ ବିଶ୍ୱାସ ଯେ ମୁସଲମାନମାନେ ଜାଣିଶୁଣି ଏଠିକି ଆସିଛନ୍ତି ଏବଂ ନାଟକ କରୁଛନ୍ତି । ମାତ୍ର ନାଟକର ଖଳନାୟକ ଥୋପ ଫିଙ୍ଗିଦେଇ ଚମ୍ପଟ ମାରିଛି । ରୋଗଶଯ୍ୟାରେ ଥାଇ ବି ଦୁଷ୍ଟବୁଦ୍ଧିକୁ ନିର୍ବାସନ ଦେଇପାରିନାହିଁ, ବର୍ଜନ ତ ଦୂରର କଥା । ସେ ଦୁଷ୍ଟବୁଦ୍ଧିର ବ୍ୟାଧି ସଂପ୍ରତି ଚରିଯାଇଛି ଯୋଗୀଖୁରା । ବାତାବରଣରେ ଭରି ରହିଛି ବିସ୍ଫୋରଣ-ମୁଖି ଉତ୍ତେଜନା । ବନ୍ଧୁକରେ ଟିପ ଛୁଇଁବାକୁ ସତେ ଯେମିତି ସୂତାଏ ଦୂରତ୍ୱ ରହିଛି । କେତେବେଳେ ଟ୍ରିଗର ଟିପି ହୋଇଯିବ ଏବଂ ଅଗ୍ନିସ୍ଫୁଲିଙ୍ଗ ଚହଟିଯିବ ବାରୁଦଗଦା ପରି ଥମ୍ ଥମ୍ ହୋଇ ରହିଥିବା ଯୋଗୀଖୁରା । ସାଂପ୍ରଦାୟିକ ବିଦ୍ୱେଷର ଲାଲ ଟହ ଟହ ଲମ୍ୱା ଜିଭ ଯେପରି ରକ୍ତ ମାଗୁଛି, ଲହ ଲହ ହେଉଛି ।

"ଇଏ ହେଉଛି ଚାଣକ୍ୟଙ୍କ କୂଟନୀତି ଭଳି ଏକ ଜଘନ୍ୟ ରାଜନୈତିକ ଚାଲ୍‌ବାଜିଏ" –କହିଲେ ଛୋଟନାଗପୁର ସମାଜ ବିକାଶ ସଂସ୍ଥାନର ଜଣେ କର୍ମୀ । ସାରୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ଘଟଣାଟି ଏପରି ଏକ ମୋଡ଼ ନେବ ବୋଲି ସେ ଆଦୌ ବିଶ୍ୱାସ କରିପାରୁନଥିଲେ । କଣ୍ଠରେ ହତାଶା ଓ ବ୍ୟଞ୍ଜନା ଭରି ସେ କହିଲେ : "ଜଗନାରାୟଣଜୀ ପ୍ରଥମେ ଆଦିବାସୀ ଓ ହରିଜନଙ୍କୁ ଅଠାକାଠିରେ ବାନ୍ଧିଦେଲା । ବିନା ରକ୍ତପାତରେ ଜମି ଫେରିପାଇବା ସେମାନଙ୍କ ପାଇଁ କାଠିକର ପାଠ ହୋଇଗଲା । ତା'ପରେ ମୁସଲମାନଙ୍କୁ ସେ ଜମିରେ ବସାଇଦେଇ ତା' ବିରୁଦ୍ଧରେ ଲଢୁଥିବା ବିରୋଧୀ ରାଜନୈତିକ ଶକ୍ତିଙ୍କୁ, ବିଶେଷ ଭାବେ ଛାତ୍ର-ଯୁବ ସଂଘର୍ଷ ବାହିନୀକୁ ହରଡ଼ଘଣାରେ ପକାଇଦେଲା । ପରବର୍ତ୍ତୀ କାଳରେ ସଂଘର୍ଷ ବାହିନୀ ଜନତା ଦଳରେ ମିଶିଲେ । ଜଗନାରାୟଣଙ୍କ ପଶାପାଲିରେ ସେସବୁ ଚାଲ୍ ଜଣାଥିଲା ଏବଂ ସେ ବଡ଼ ସତର୍କତାର ସହ ଗୋଟି ଚଳାଉଥିଲେ । କିନ୍ତୁ ସେ ଏ ପାଣି ଗୋଳିରୁ ନିଜକୁ ଦୂରେଇ ରଖି ମାଛ ମାରିବା ବ୍ୟବସ୍ଥା କରିନେଲେ । ମାଗଣାରେ ମିଳିଥିବା ଜମିକୁ ବିକି ଭଲ ପୁଞ୍ଜି କମେଇଲେ । ଶେଷକୁ ତାଙ୍କ ବିରୋଧରେ ଯାଉଥିବା ଏକ ପ୍ରଶାସନ ହାତରେ ବିସ୍ଫୋରଣମୁଖୀ ଏମିତି ଏକ ଟାଇମ୍-ବମ୍ ଧରାଇଦେଲେ ଯେ, ସିଏ ଯେକୌଣସି ମୁହୂର୍ତ୍ତରେ ଫୁଟିବ ଫୁଟିବ ହୋଇ ରହିଛି ।"

ଯୋଗୀଖୁରାର ବାତାବରଣରେ ନଇଁ ଆସିଥିଲା ଝଡ଼ ପୂର୍ବର ନୀରବତା । ଥମ୍ ଥମ୍ ଥିଲା ଆକାଶ ପବନ । ମେଘ ପଟଳ ଥାଟ ଭାଙ୍ଗୁଥିଲା । ନିବିଡ଼ ନୀରବତାକୁ ଭାଙ୍ଗିବାକୁ ଅଣଚାଶ ପବନ ସହ ପ୍ରସ୍ତୁତ ହେଉଥିଲା ପ୍ରଳୟ ଘୂର୍ଣ୍ଣି ।

❖❖❖

Digitized by srujanika@gmail.com

ଯେଉଁଠି ମଣିଷ ତୁଚ୍ଛ, ପ୍ରକଳ୍ପ ହିଁ ଧ୍ୟେୟ

ଅଶି ଦଶକରେ ଦେଶର ଏକ ଦରିଦ୍ରତମ ଅଞ୍ଚଳରେ ଏକ ହଜାର କୋଟି ଟଙ୍କାର ସର୍ବାଧୁନିକ ଓ ଅଦୃଷ୍ଟପୂର୍ବ ଏକ ପ୍ରକଳ୍ପ କାମ କରିବାର ଖବର ଖେଳାଇ ଦେଲା ସେ ଅଞ୍ଚଳ ତଥା ଦେଶର ଅନ୍ୟ ପ୍ରାନ୍ତରେ ବେଶ୍ ଚମକ, ଉଲ୍ଲାସ ଓ ଉଦ୍ଦୀପନା । ଅନ୍ତତଃପକ୍ଷେ ବିହାର ଭଳି ଏକ ଅନଗ୍ରସର, ଦରିଦ୍ର ରାଜ୍ୟରେ ଆହୁରି ଦରିଦ୍ରତମ ଏବଂ ୯୮ ଶତାଂଶ ଗ୍ରାମାଞ୍ଚଳ ବିଶିଷ୍ଟ ଗୋଡ୍ଡା ଭଳି ନିହାତି ଅଧଃପତିତ ଜିଲ୍ଲାରେ ଲାଲମାଟିଆ ଠାରେ କାମ କରିବ ଏସିଆ ମହାଦେଶର ସର୍ବବୃହତ ଏକକ ଖାଦାନ ଓ ମୁକ୍ତ-ଖନନ, ପଦ୍ଧତି ଉତ୍ତୋଳନର କୋଇଲା ଖଣି—ପୂର୍ବାଞ୍ଚଳ କୋଇଲାଖଣି ଲିଃ (ଇ.ସି.ଏଲ୍)ର ରାଜମହଲ କୋଇଲା ଖଣି ପ୍ରୋଜେକ୍ଟ । ରେଳପଥ ନଥିବା ଏକ ଅନୁନ୍ନତ ଅଞ୍ଚଳରେ ଖୋଲିବ ନୂଆ ରେଳ ଯୋଗାଯୋଗ, ବେକାରୀ, ବେରୋଜଗାରୀରେ ଆକଣ୍ଠ ଏକ ଜିଲ୍ଲାରେ ଶହ ଶହ ପାଇବେ ନିଯୁକ୍ତି ଏବଂ ସର୍ବାଧିକ ରେକର୍ଡ ପରିମାଣର ଉତ୍ପାଦନ କରି ପ୍ରକଳ୍ପଟି ଅନ୍ୟାନ୍ୟ କାଉନ୍ଦା, ପଛୁଆ ଶିଳ୍ପମାନଙ୍କ ପାଇଁ ରଖିଯିବ ଉଲ୍ଲେଖନୀୟ ଦୃଷ୍ଟାନ୍ତ ଓ ପ୍ରେରଣା ।

ସାନ୍ତାଳ ପ୍ରଗଣା ଡିଭିଜନରୁ ୧୯୮୩ରେ ଅଲଗା ହୋଇ ଏକ ନୂତନ ଜିଲ୍ଲାର ମାନ୍ୟତା ପାଉଥିବା ଗୋଡ୍ଡା ପାଲଟିବ ଏକ ଗବେଷଣାଗାର; ଯେଉଁଠି ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର ଘଟିବ ସଙ୍ଗମ ଓ ସମନ୍ୱୟ ଏବଂ ସମଗ୍ର ଦେଶ ପାଇଁ ତାହା ହେବ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ । ତୈଳ ରପ୍ତାନୀକାରୀ ଆରବୀୟ ଦେଶମାନଙ୍କ ଠାରୁ ଅଧିକ ସଂଖ୍ୟାରେ ଚାକିରି ଖୋଜୁଥିବା ଭାରତବର୍ଷ ପାଇଁ ସେମାନଙ୍କର ଏକ ଦଶମାଂଶରୁ କମ୍ ଭିତ୍ତିଭୂମି ଥାଇ ମଧ୍ୟ ଯେଉଁ ପ୍ରକାର ସଫଳତା ହାସଲ କରାଯିବ ତାହା ନିଶ୍ଚିତ ଭାବେ ହେବ ଯୁଗାନ୍ତକାରୀ ଓ ଦର୍ଶନୀୟ ଦୃଷ୍ଟାନ୍ତ । ତେବେ, ଏହି ପ୍ରକଳ୍ପ ପାଇଁ ଲାଗୁଥିବା ପ୍ରଯୁକ୍ତିବିଦ୍ୟା କେବଳ ଆଧୁନିକ ନୁହେଁ, ସାମଗ୍ରିକ ଭାବେ ବିଦେଶରୁ ଆମଦାନୀକରା ତଥା ଯୁକ୍ତରାଷ୍ଟ୍ର ଆମେରିକାର ଇସ୍ପାତ ଉତ୍ପାଦନରେ ସଂପୃକ୍ତ କାନାଡ଼ାର ଏକ ବହୁରାଷ୍ଟ୍ରୀୟ କମ୍ପାନୀ ମେଟ୍-କେମ୍ ନେବ ଏହାର ନେତୃତ୍ୱ । ୧୯୯୫ ଶେଷ ସୁଦ୍ଧା ଉତ୍ପାଦିତ ହେବ ବାର୍ଷିକ ୧୦୫ ଲକ୍ଷ ଟନ୍ କୋଇଲା ଏବଂ ଏସବୁ ହାସଲ କରିବା ଦିଗରେ ପୂର୍ବାଞ୍ଚଳ କୋଇଲା ଖଣି ଲିଃ ଭଳି ସରକାରୀ ଉଦ୍ୟୋଗ ସହ ସହାୟକ —ପରାମର୍ଶଦାତା ବନିବ ମେଟ୍-କେମ୍ । ମାଗଣାରେ ପରାମର୍ଶ ନୁହେଁ, ଏଥିପାଇଁ ସେ ନେବ ୧୦୫ କୋଟି ଟଙ୍କା । ସମୁଦାୟ ୯୬୬ କୋଟି ଟଙ୍କାର ଏକ ପ୍ରୋଜେକ୍ଟର ପରାମର୍ଶ ବାବଦ ଖର୍ଚ୍ଚ ଏହାର ଏକ ଦଶମାଂଶରୁ ମଧ୍ୟ ଅଧିକ ।

Digitized by srujanika@gmail.com

ଏଥିପାଇଁ ଭାରତୀୟ କୋଇଲା ଲିଃ (ସି.ଆଇ.ଏଲ୍) ଏବଂ କାନାଡ଼ାର ବଣିଜ ନିଗମ (ସି.ସି.ଏଲ୍) ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ନିଗମଟି ଦେବ ୧୬ କୋଟି ୬୦ ଲକ୍ଷ ଡଲାର ପ୍ରୋଜେକ୍ଟ ପାଇଁ ଋଣ ଏବଂ କାନାଡ଼ାର ଆନ୍ତର୍ଜାତିକ ଉନ୍ନୟନ ଏଜେନ୍‌ସୀ ଦେବ କୋଇଲା ଖଣିର କର୍ମଚାରୀଙ୍କ ତାଲିମ ପାଇଁ ଆଉ ୪୦ ଲକ୍ଷ ଡଲାର ଅନୁଦାନ ।

ଭାରି ଭଲ କଥା । ଋଣଂ କୃତ୍ୱା ଘୃତଂ ପିବେତ୍, ଯାବତ୍ ଜୀବେତ୍ ସୁଖଂ ଜୀବେତ୍ । ଯେତେଦିନ ବଞ୍ଚିବ ଅନ୍ତତଃ ସୁଖରେ ବଞ୍ଚ । ସୁତରାଂ ଘିଅ ପିଇବ ଏବଂ ଘିଅ କିଣିବାକୁ ପଇସା ନଥିଲେ ଋଣ କରିବ । ଏବେ ସୁଖରେ ବଞ୍ଚିବାର ଆକର୍ଷଣ ହେଲା ଏହି ପ୍ରୋଜେକ୍ଟରେ ସର୍ବାଧିକ ୨୪୪୧ ଜଣଙ୍କୁ ଚାକିରି ମିଳିବ । ଏ ସଂଖ୍ୟାଟି ସେତେ ଆଶାପ୍ରଦ ନୁହେଁ । ତେବେ ସେଇ ସଂଖ୍ୟାର ଲାଞ୍ଜରୁ ଆଉ ୭୦୦ କାଟିବାକୁ ପଡ଼ିଲା—ଲାଲମାଟିଆ କୋଇଲା ଖଣିର ପୁରୁଣା କର୍ମଚାରୀଙ୍କୁ ନିଯୁକ୍ତ କରିବା ଲକ୍ଷ୍ୟରେ । ଏହି ୭୦୦ ଲୋକ ପୂର୍ବରୁ ମାଟି ତଳେ ଗହୀର ଖଣିରେ ପଶି କୋଇଲା ଉତ୍ତୋଳନ କରୁଥିଲେ । ୧୯୮୧ରେ ବିଶ୍ୱବ୍ୟାଙ୍କ ଏଠାରେ ଏକ ମୁକ୍ତ ଖନନ ଖଣି ଆରମ୍ଭ କରିବାକୁ ପ୍ରସ୍ତାବ ଦେଲା । ପୁଣି ସେ ଲାଞ୍ଜରୁ ଆହୁରି ୪୦୦ ଛିଣ୍ଡିଲା—କାରଣ ଅତ୍ୟାଧୁନିକ ପଦ୍ଧତିରେ କୋଇଲା ଉତ୍ତୋଳନ କରିବାର ଅଭିଜ୍ଞତା ଆମ ମଳିମୁଣ୍ଡିଆ, କାଳିଆ, ସେନ୍ତେରା ଶ୍ରମିକମାନଙ୍କର ନଥିବାରୁ ଏଥିପାଇଁ ବାହାରୁ ଆଉ ୪୦୦ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ଆଣି ଶୂନ୍ୟତା ପୂରଣ କରାହେଲା । ୧୯୮୯ରେ ମୂଳ ଚୁକ୍ତିନାମା ଅନୁଯାୟୀ ୨୪୪୧ ବଦଳରେ ଏବେ ରହିଲା ବାସ୍ତବରେ ୧୩୦୦ ଲୋକଙ୍କ ପାଇଁ ନିଯୁକ୍ତି ।

ମଜା କଥାଟି ହେଲା, ଚାକିରି ଯେଉଁମାନେ ପାଇବେ ସେମାନେ ପ୍ରୋଜେକ୍ଟ ଶେଷ ହେବା ଭିତରେ ମୁଣ୍ଡ ପିଛା ଦରମା ପାଇବେ ୬୫ ଲକ୍ଷ ଟଙ୍କା । ପ୍ରୋଜେକ୍ଟର ଅବଧି ୪୮ ବର୍ଷ । ''ଯଦି ପ୍ରୋଜେକ୍ଟର ଲକ୍ଷ୍ୟ ହେଉଛି କର୍ମ-ସଂସ୍ଥାନ ସୃଷ୍ଟି ତେବେ ମୁଣ୍ଡପିଛା ୬୫ ଲକ୍ଷ ଟଙ୍କାକୁ ଉପଯୁକ୍ତ ଭାବେ ବିନିଯୋଗ କରି ବହୁ ଅଧିକ ସଂଖ୍ୟକ ଲୋକଙ୍କ ପାଇଁ କାମ ସୃଷ୍ଟି କରିହେବ ଏବଂ ସେ ନିଯୁକ୍ତି ହେବ ଦୀର୍ଘସ୍ଥାୟୀ ।'' —କହନ୍ତି ରାଜନୈତିକ କର୍ମୀ ଏସ୍.ପି.ତିୱାରୀ । କୌତୁହଳର କଥା ହେଉଛି ଯେଉଁ କର୍ମଚାରୀ ରାଜମହଲ ପ୍ରୋଜେକ୍ଟରେ ନିଯୁକ୍ତି ପାଇବେ ସେମାନଙ୍କ ଭିତରୁ ଅଧିକାଂଶଙ୍କୁ ଖଣି ପାଇଁ ନିଜର ଘର ଓ ଜମି ହରାଇବାକୁ ପଡ଼ିବ । ସେମାନେ ଅଧିକ ବଛାବଛି ନକରି ଜମି ବଦଳରେ ଚାକିରି ପାଇଁ ପ୍ରସ୍ତାବ ରଖିଲେ । ଦୁଇ ଏକର ଜମି ହରାଉଥିବା ଜଣେ ବ୍ୟକ୍ତିକୁ ନିଯୁକ୍ତି ଖଣ୍ଡେ ମିଳିବ । ତେବେ, ଆଉ ଚାଳିଶ୍ କି ପଇଁତ୍ରିଶ ବର୍ଷ

Digitized by srujanika@gmail.com

ପରେ ପ୍ରୋଜେକ୍ଟ ବନ୍ଦ ହେଲାବେଳକୁ ଆଉ କାହାରି ଚାଷ ପାଇଁ ଜମି ଖଣ୍ଡେ ନଥିବ କି ଚାକିରି ବି ନଥିବ । ଏ ହେଉଛି ଆମର ତଥାକଥିତ 'ବିକାଶନୀତି'ର ଅବଶ୍ୟମ୍ଭାବୀ ପରିଣତି – ଯେଉଁମାନଙ୍କ କଲ୍ୟାଣ ପାଇଁ ପ୍ରକଳ୍ପ ଉଦ୍ଦିଷ୍ଟ, ସେଇମାନେ ହିଁ ବିକାଶ-ଖୁଣ୍ଟିରେ ବନ୍ଧାହୋଇ ବଳି ପଡ଼ିବେ ।

ଦ୍ୱିତୀୟ ପ୍ରାଞ୍ଜ – ପରିଣତି ହେଲା : ରାଜମହଲ କୋଇଲା ଖାଦାନର ଅତ୍ୟାଧୁନିକ ନବୀକରଣ । ଲକ୍ଷ୍ୟ ଥିଲା କେହଲଗାଓଁ ଓ ଫାଇକ୍କା ସୁଉଚ୍ଚ ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ଯୋଜନାକାରୀଙ୍କ ଅଟକଳ ମୁତାବକ ଏଠାରୁ ବାର୍ଷିକ ୧୩୫ ଲକ୍ଷ ଟନ୍ କୋଇଲା ଯିବ । ଜାତୀୟ ତାପଜ ବିଦ୍ୟୁତ୍ ନିଗମ (ଏନ୍.ଟି.ପି.ସି) ଅଧୀନସ୍ଥ ଏ ଦୁଇଟି କେନ୍ଦ୍ରର ଏଯାଏ ନାହିଁକଟା ହେଲାନାହିଁ । ସୁତରାଂ ରାଜମହଲ ଖାଦାନର ଚତୁପାର୍ଶ୍ୱରେ ଗଦା ମରାହୋଇ ରହିଛି କୋଇଲାର ସ୍ତୂପୀକୃତ ପର୍ବତ ଶ୍ରେଣୀ । ବିକ୍ରିତ ହୋଇପାରୁନାହିଁ । ପରିବେଶଗତ ପ୍ରଦୂଷଣର ଭୟଙ୍କାରିତା ସାଙ୍ଗକୁ ନିଆଁଧରି କୋଟି କୋଟି ଟଙ୍କାର ସଂପତ୍ତି ଭସ୍ମ ହୋଇଯିବାର ଆଶଙ୍କା ମଧ୍ୟ ରହିଛି – ଏକଥା ସେ ପ୍ରକଳ୍ପର ଖୋଦ୍ ଅଫିସରମାନେ ସ୍ୱୀକାର କରନ୍ତି ।

ତୃତୀୟ ବିଡ଼ମ୍ବନାଟି ଆହୁରି ସାଙ୍ଘାତିକ : ପ୍ରତି ଟନ୍ ପିଛା କୋଇଲା ଉତ୍ତୋଳନ ଖର୍ଚ୍ଚ ୪୫୦ ଟଙ୍କା, ମାତ୍ର ବିକ୍ରିମୂଲ୍ୟ ୨୬୦ ଟଙ୍କା । ପ୍ରତି ଟନ୍‌ରେ ପ୍ରାୟ ୨୦୦ ଟଙ୍କାର କ୍ଷତି । ଏବଂ ଚତୁର୍ଥ କାରଣଟି ଆହୁରି ବିମର୍ଷକର : ଖାଦାନରେ ଦୈନିକ ପ୍ରାୟ ୩୦ ଶତାଂଶ କର୍ମଚାରୀ ଅନୁପସ୍ଥିତ ରହନ୍ତି । ମାତ୍ର ମାସ ଶେଷରେ ଦରମା ନିଅନ୍ତି । ବେଳେବେଳେ ଏ ଅନୁପସ୍ଥିତି ବଢ଼ିଯାଏ । ଅତ୍ୟାଧୁନିକ ଯନ୍ତ୍ରପାତିରେ କାମ ଯୋଗୁଁ ଉତ୍ପାଦନ ହାର କମେ ନାହିଁ । ଦୈନିକ ୧୧ ହଜାର ଟନ୍ କୋଇଲା ଉତ୍ପାଦିତ ହୋଇଥାଏ । ଏହି ପରିମାଣ ଯଦିଓ ପୂର୍ବାଞ୍ଚଳ କୋଇଲା ଖଣି ଲିଃର ସବୁଠାରୁ ଅଧିକ ହାର, ତେବେ ଧାର୍ଯ୍ୟ ଲକ୍ଷ୍ୟ ୧୦୫ ଲକ୍ଷ ଟନ୍ ବେଳେ ବର୍ଷକୁ ଉତ୍ପାଦିତ ହୁଏ ୪୦ ଲକ୍ଷ ଟନ୍‌ରୁ କିଛିଦ୍ କମ୍ । 'ମେସିନ୍ ଚଳାଇ ନିଏ ମଣିଷର କାମ' । – କହନ୍ତି ଜଣେ ଅଫିସର ଏବଂ 'ମେସିନ୍‌କୁ ଚଳାଉଥିବା ମଣିଷମାନଙ୍କ ଖଟଣି, କ୍ଳାନ୍ତି ହେଉଛି ଶ୍ରମଜୀବୀ-ମଣିଷଙ୍କ ଠାରୁ ବେଶ୍ ଅଧିକ ।'

❖ ❖ ❖

Digitized by srujanika@gmail.com

ମଣିଷ ଉପରେ ସବାର୍ ଯନ୍ତ୍ର

ତେବେ ସମସ୍ତେ ଏଠାରେ ହାତବାନ୍ଧି, ଅଳସୁଆ ହୋଇ ବସି ନାହାନ୍ତି । ଅନ୍ତତଃପକ୍ଷେ କାନାଡ଼ାରୁ ଆସିଥିବା ବହୁରାଷ୍ଟ୍ରୀୟ କମ୍ପାନୀ ମେଟ୍-କେମ୍; ତା'ର ତ କଚେପୁଅ ବାର । ଏହାର ପ୍ରକଳ୍ପ-ନିର୍ଦ୍ଦେଶକ ଜେ.ସି ମେନାର୍ଡଙ୍କ ଉକ୍ତି ପ୍ରଣିଧାନଯୋଗ୍ୟ : ''ମେଟ୍-କେମ୍ କେବେ କ୍ଷତିରେ ପଡ଼ିନାହିଁ । ଆମେ ଗୋଟିଏ ଚୁକ୍ତି ସ୍ୱାକ୍ଷର କରିଛୁ ଏବଂ ସେହି ଅନୁଯାୟୀ କାମ ହାସଲ କରିବୁ ।''

ମେନାର୍ଡ ଠିକ୍ କହିଛନ୍ତି, ବରଂ ଅଧିକ ଭଦ୍ର ଭାବେ କଥାଟିକୁ କହିଛନ୍ତି ଯେ ମେଟ୍-କେମ୍ କେବେ କ୍ଷତିରେ ପଡ଼ିନାହିଁ । ପରାମର୍ଶଦାତା ଭାବେ ସେମାନଙ୍କ ତହବିଲ୍‌କୁ ସିଧା ଗଲା ୧୦୫ କୋଟି ଟଙ୍କା, ସେଭଳି ଉପାର୍ଜନର ତୁଳନା କାହା ସହିତ କରିହେବ ନାହିଁ । ଚୁକ୍ତିନାମା ଅନୁଯାୟୀ ରାଜମହଲ ଖାଦାନରେ ସେମାନଙ୍କ ସ୍ଥିତି ବଡ଼ ମର୍ଯ୍ୟାଦା-ସଂପନ୍ନ ଓ ଅତୁଳନୀୟ । ସେମାନେ ''ଯନ୍ତ୍ରପାତି, କଳକବ୍ଜା କ୍ରୟ; ପ୍ରଯୁକ୍ତି ବିଦ୍ୟାର ହସ୍ତାନ୍ତର; ଖଣି ଖୋଳାରେ ବୈଷୟିକ ପରାମର୍ଶ ପ୍ରଦାନ'' ଭଳି ବହୁବିଧ କାର୍ଯ୍ୟ ଗ୍ରହଣ କରିଛନ୍ତି ଏବଂ ''ଖଣି ସଂପର୍କିତ ଯୋଜନା, ପରିଚାଳନା ଓ ପରିବହନ ପାଇଁ ଟ୍ରକ୍ ପ୍ରଭୃତିର ଯୋଗାଣ'' ଭଳି ବିଭିନ୍ନ ପ୍ରକ୍ରିୟାକୁ ଆବୋରି ବସିଛନ୍ତି । ସୁତରାଂ ଏକଧାରାରେ ମେଟ୍-କେମ୍ ହେଉଛି କ୍ରେତା, ଅଂଶୀଦାର, ଦଲାଲ ଓ ପରାମର୍ଶଦାତା । ତାହା ପୁଣି ଏସିଆ ମହାଦେଶର ସର୍ବବୃହତ ଏକକ-ଖାଦାନ ମୁକ୍ତ-ଖନନ କୋଇଲା ଖଣିରେ । ଜଣେ ଅଫିସର କହିଲେ : ''ଏକଥା କେବଳ ଏଇ ଜାଗାରେ ସତ୍ୟ ଓ ସମ୍ଭବପର ହୋଇନାହିଁ । ଏଇ ସମାନ କମ୍ପାନୀର ହାତ ଆଉ କେଉଁ କେଉଁ ସ୍ଥାନକୁ ସବୁ ଲମ୍ବିଛି—ସେ କଥାର ଖୋଳତାଡ଼ କରିବା ଦୂରର କଥା, ସେ ବିଷୟରେ ଯଦି ଖବର ନେବେ ତେବେ ବିପଦରେ ପଡ଼ିବେ ।'' ସମସ୍ତ ମେସିନ୍ ବିଦେଶରୁ ଆମଦାନୀ କରାଯାଇଛି ଏହି କମ୍ପାନୀ ହାତରେ—ଏସବୁର ଦାମ୍ ୪୭୪ କୋଟି ଟଙ୍କା । ଆଉ ୬୬ କୋଟି ଟଙ୍କାର ସ୍ପେୟାର ପାର୍ଟ୍ସ କିଣାଯାଇଛି ଗତ ୨୪ ମାସ ମଧ୍ୟରେ । ସମୁଦାୟ ୯୬୬ କୋଟି ଟଙ୍କାର ପ୍ରୋଜେକ୍ଟରୁ ୬୪୫ କୋଟି ଟଙ୍କା ଗଲା ଗୋଟିଏ କମ୍ପାନୀର ହାତ ଦେଇ, ଯିଏ ଏଠାରେ ପରାମର୍ଶଦାତା, କ୍ରେତା ଓ ପରିଚାଳକ ।

ଏହା ବାହାରେ ଆହୁରି ଅଛି । ଯଦି କୌଣସି ଯନ୍ତ୍ରପାତି ବିଗିଡ଼ି ଗଲା, ତେବେ ତାହାର ଛୋଟ ଛୋଟ କଳକବ୍ଜା ବି ଆମଦାନୀ କରାହେବ ବିଦେଶରୁ ସେହି ସମାନ କମ୍ପାନୀ ମାଧ୍ୟମରେ; ଗୋଟିଏ ଗୋଟିଏ ଛୋଟ ସ୍ପେୟାର ପାର୍ଟସର ଦାମ୍ ଲକ୍ଷ ଲକ୍ଷ

Digitized by srujanika@gmail.com

ଟଙ୍କା, ଆମଦାନୀ ହେବାକୁ ଢେର୍ ସମୟ ଲାଗୁଥିବାରୁ ସେଯାଏ ବଡ଼ ବଡ଼ ଯନ୍ତ୍ରପାତି ମାସ ମାସ ଧରି ଅଚଳ ହୋଇ ରହିଥିବ । ଆମ ହାତରେ ପଡ଼ିଥିବା କମ୍ପାନୀର ଏକ ଆଭ୍ୟନ୍ତରୀଣ ଦସ୍ତାବିଜ ଅନୁଯାୟୀ ଗୋଟାଏ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ୧୦୦ କୋଟି ଟଙ୍କା ମୂଲ୍ୟର ମେସିନ୍‌ଟାଏ ଅଚଳ ହୋଇପଡ଼ିଲା । ସେହି ସପ୍ତାହରେ ମେସିନ୍‌ଟିର ପୁନଃ ସଂସ୍ଥାପନ ପାଇଁ ବ୍ୟୟ ୮୪ କୋଟି ଟଙ୍କା । ଜଣେ ଅଫିସରଙ୍କ ଭାଷାରେ : ‘‘ସେହି ସପ୍ତାହଟା ସେତେ ବ୍ୟୟବହୁଳ ନଥିଲା ।’’ ଏହାର ଅର୍ଥ ଅନ୍ୟ ସମୟରେ ଏ ଖର୍ଚ୍ଚଗୁଡ଼ିକ ଆହୁରି କେତେ କୋଟି ଅତିକ୍ରମ କରିଯାଏ । ଏସବୁ ହେଲା ମେସିନ୍‌ର ସଜଡ଼ା ସଜଡ଼ି ବାବଦ ବ୍ୟୟ; ହେଲେ ବର୍ଷକ ମଧ୍ୟରେ ମଣିଷମାନଙ୍କ ସଜଡ଼ା ସଜଡ଼ି ପାଇଁ ‘କଲ୍ୟାଣ ବିଭାଗ’ର ବ୍ୟୟ ହେଉଛି ୧୨ ଲକ୍ଷ ଟଙ୍କାରୁ କିଛି କମ୍ । ଭାରତୀୟ ମଣିଷମାନଙ୍କ ଅପେକ୍ଷା ବିଦେଶର ଖୁଚୁରା ଯନ୍ତ୍ରପାତିମାନ ନିଶ୍ଚିତ ମୂଲ୍ୟବାନ; କାରଣ ସେଗୁଡ଼ାକ ବିଦେଶୀ ମଣିଷଙ୍କ ଦ୍ୱାରା ନିର୍ମିତ ।

ଧାର୍ଯ୍ୟ ଲକ୍ଷ୍ୟ ଠାରୁ ଢେର୍ ବିଳମ୍ବ ହୋଇଥିବାରୁ ଚୁକ୍ତିନାମାରେ ନିୟମାନୁଯାୟୀ ମେଟ୍-କେମ୍‌କୁ ୧୨୫ ଲକ୍ଷ ଡଲାର ଦଣ୍ଡ ସ୍ୱରୂପ ଦେବାର ବିପଦ ରହିଛି; ମାତ୍ର ସେଥିପାଇଁ ସେ କମ୍ପାନୀ ଆଦୌ ବିବ୍ରତ ନୁହେଁ । ବରଂ ଅଧିକ କାଳ ସେ ରାଜମହଲ ଖାଦାନରେ କାମ କରିବାକୁ ଆଗ୍ରହୀ ଏବଂ ନିଜର କାର୍ଯ୍ୟକାଳର ପୁନଃ ନବୀକରଣ ପାଇଁ ପ୍ରଚେଷ୍ଟା ରହିଛି ଅବ୍ୟାହତ । ତେଣୁ ମେନାର୍ଡଙ୍କ ବକ୍ତବ୍ୟ ଅତ୍ୟନ୍ତ ଯଥାର୍ଥ : ‘ମେଟ୍-କେମ୍ କେବେ କ୍ଷତି ସହିନାହିଁ ।’

ତେବେ ରାଜମହଲ ଖାଦାନର ମୁଖ୍ୟ ଜେନେରାଲ ମ୍ୟାନେଜର ଆର୍.ସି. ଶର୍ମା ଦେଖନ୍ତି ଘଟଣା ପ୍ରବାହର ଏକ ଅନୁକୂଳ, ଆଲୋକିତ ଦିଗ । ଏଠାରେ ବ୍ୟବହୃତ ଅତ୍ୟାଧୁନିକ କଳକବ୍‌ଜା, ଯନ୍ତ୍ରପାତି ଯୋଗୁଁ କୌଣସି ଶ୍ରମିକଙ୍କ ଦେହକୁ କୋଇଲା ସ୍ପର୍ଶ କରେନାହିଁ । ଗୋଡ଼ା ଭଳି ଏକ ନିହାତି ଅନୁନ୍ନତ, ଶ୍ରମ ସର୍ବସ୍ୱ ଅଞ୍ଚଳରେ ଏହା ଏକ ଉନ୍ନତ, ଉର୍ବର ଚିନ୍ତାଧାରା ନିଶ୍ଚୟ । ଏସବୁ ଯନ୍ତ୍ରପାତିର ଉତ୍ପାଦନ କ୍ଷମତା ମଧ୍ୟ ଅତୁଳନୀୟ, ତେବେ ଏ ପ୍ରଶ୍ନର ଯଥାର୍ଥ ଉତ୍ତର ଦେଇପାରିବେ ଗୋଡ଼ାର ଅଧିବାସୀ– ଯେଉଁଠି ଚାକିରି ପାଇଁ ନିତିପ୍ରତି ଲାଗେ ଧାଁ ଧପଡ଼ ଏବଂ ପ୍ରତି ପରିବାରରେ ଭରି ରହିଥାଏ ବେକାରୀର ହତାଶା । ଏଠାରେ ବ୍ୟବହୃତ ପ୍ରଯୁକ୍ତି ବିଦ୍ୟାକୁ ଏ ପ୍ରୋଜେକ୍ଟର ସବୁଠୁଁ ଶକ୍ତିଶାଳୀ ଦିଗ ରୂପେ ଦର୍ଶାଉଥିବା ଧବଳ-ହସ୍ତୀ ରୂପକ ମୋଟା ଅଙ୍କର ଦରମାପ୍ରାପ୍ତ ହାକିମମାନେ ଜାଣିବା ଦରକାର ଯେ, ଏ ପ୍ରୋଜେକ୍ଟ ଫଳରେ କୌଣସି ଆନୁଷଙ୍ଗିକ ଶିଳ୍ପର ଏଠାରେ ବିକାଶ ଘଟିନାହିଁ, ଯେପରି ହୋଇଛି ବୋକାରୋ, ଟାଟାନଗର-ଜାମ୍‌ସେଦପୁର ଏବଂ ରାଉରକେଲାରେ ।

Digitized by srujanika@gmail.com

ଏ ଖାଦାନର ପରିଚାଳନାରେ ସଂପୃକ୍ତ ଜଣେ ଅଫିସର କଥାଟିକୁ ଠିକ୍ ଢଙ୍ଗରେ ଉପସ୍ଥାପିତ କରନ୍ତି : "ଏଠାରେ କୌଣସି ଲୋକ ଗ୍ୟାରେଜ୍ କି ଗାଡ଼ି ସର୍ଭିସିଙ୍ଗ ଦୋକାନଟିଏ ଖୋଲିବାର ସୁଯୋଗ ନାହିଁ । କାରଣ ଏ କମ୍ପାନୀର ସବୁ ଚିଜ ଆମଦାନୀକରା, ଗ୍ୟାରେଜବାଲାର ନଟ୍ ବୋଲ୍ଟ କି ବଲ୍ ବିଅରିଂ ବିକ୍ରି ହେବାର କିମ୍ବା ଆନୁଷଙ୍ଗିକ ଶିଳ୍ପର ସେସବୁ ଉତ୍ପାଦନ କରିବା ଲୋଡ଼ାନାହିଁ । ତେଣୁ ଏଠାରେ ସ୍ଥାନୀୟ ମରାମତି ଦୋକାନଟିଏ ଦେଖିବାକୁ ପାଇବେନି ।"

କିନ୍ତୁ କମ୍ପାନୀ ଭିତରେ ଅନ୍ୟ ଆନୁଷଙ୍ଗିକ ଉଦ୍ୟୋଗ ବୃଦ୍ଧି ପାଇଛି : ପ୍ରତିବର୍ଷ ଡର୍ଜନେ ଅଧଡର୍ଜନେ ଅଫିସର 'ତାଲିମ୍' ପାଇବାକୁ କାନାଡ଼ା ଯାଆନ୍ତି । ସେମାନଙ୍କ ଭିତରେ ସର୍ବୋଚ୍ଚ ପରିଚାଳନାର କର୍ତ୍ତାମାନେ ମଧ୍ୟ ଥାଆନ୍ତି, ଯଦିଓ ଏ ତାଲିମଟି ଉଦ୍ଦିଷ୍ଟ କୋଇଲା ଖଣିର ସୁପରଭାଇଜର ଓ ମେସିନ୍ ଅପରେଟରଙ୍କ ପାଇଁ । କେବେ କୌଣସି ଅପରେଟର ଓ ସୁପରଭାଇଜର କାନାଡ଼ା ଯାଇଥିବାର ନଜିର ନାହିଁ । ସୁତରାଂ ସେମାନଙ୍କ ମଧ୍ୟରେ ଏଥିପାଇଁ ଅସନ୍ତୋଷ ବଡ଼ ପ୍ରବଳ । ଏପରିକି ମେଟ୍-କେମ୍‌ର କିଣାବିକା ତଦାରଖ କରିବା ପାଇଁ ନିଯୁକ୍ତ ଅଫିସରଜଣକ କାନାଡ଼ା ମଧ୍ୟ ବୁଲି ଆସିଛନ୍ତି ।

ଜମି ବଦଳରେ ଏଠାରେ ଚାକିରି ପାଇଥିବା ମୁଷ୍ଟିମେୟ କିଛି ଶ୍ରମିକ ଖୁବ୍ ଉତ୍ୟକ୍ତ, ଉତ୍‌କ୍ଷିପ୍ତ ରହିଥାନ୍ତି, କାରଣ ସେମାନଙ୍କର ସମୁଦାୟ ଗ୍ରାମ ପ୍ରୋଜେକ୍ଟ ପାଇଁ ଉଚ୍ଛେଦ ହୋଇଛି ଓ କେହି ପୁନର୍ବାସ ପାଇନାହାନ୍ତି । ଖାଦାନ ପରିଚାଳନାର କର୍ତ୍ତୃପକ୍ଷଙ୍କୁ କେହି ବିଶ୍ୱାସକୁ ନେଉନାହାନ୍ତି । ପ୍ରୋଜେକ୍ଟ ତ ବିଳମ୍ବିତ ଏବଂ ପ୍ରତିଦିନ ନୂଆ ନୂଆ ସମସ୍ୟା ମୁଣ୍ଡ ଟେକୁଛି । ତେବେ ଏ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଓ ଧଳା-ସାଇବଙ୍କ ବହୁରାଷ୍ଟ୍ରୀୟ କମ୍ପାନୀରୁ ଅନଗ୍ରସର ଗୋଡ଼ା ହାସଲ କରିଲା କେଉଁଭଳି ଅଭିଜ୍ଞତା ?

ରେଳ ଯୋଗାଯୋଗ ହେଲାନାହିଁ କି ଚାକିରି ମିଳିଲା ନାହିଁ । ବାସଚ୍ୟୁତଙ୍କୁ ଥଇଥାନ କରାଇବା ହେଲା ଦିବାସ୍ୱପ୍ନ ପରି ଅବାସ୍ତବ । ତେବେ ଏଠାରେ 'କୋଇଲା-ଚୋର'ଙ୍କ ଭଳି ନୂଆ ମାଫିଆ ଓ ଗୁଣ୍ଡାରାଜ ବଢ଼ିଛି । ତା' ସହିତ ଉଲ୍ଲେଖନୀୟ ଭାବେ ବଢ଼ିଛି ବେଶ୍ୟା-ବୃତ୍ତି । ଗ୍ରାମାଞ୍ଚଳ ଯାଏ ଏହା ସଂକ୍ରମିତ । ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ । ନିଶା ଦ୍ରବ୍ୟର ପ୍ରସାର ତ ନିଶ୍ଚୟ ଅଗ୍ରାଧିକାର ପାଇବ । ଅଧିକ ଲୋକ ବାସଚ୍ୟୁତ ହେଲେ କି ଅଫିସର 'ଚାକିରି' ବିକ୍ରିକରି ବେଶ୍ ଉପାର୍ଜନ କଲେ—ଏ ଅଭିଯୋଗ ଆଣନ୍ତି କିଛି ଶ୍ରମିକ ନେତା । ପୂର୍ବାଞ୍ଚଳ କୋଇଲା ଖଣି ଲିଃ ଲଗାତର କ୍ଷତି ସହି ଚାଲିଲା; ଯଦିଓ ଏହାର କିଛି ଧଳା-ହାତୀ କାନାଡ଼ା ବୁଲି ଆସିଲେ । ସେମାନଙ୍କ ବୈଦେଶିକ ତାଲିମ ଦେଶୀ ଲୋକଙ୍କ କେଉଁ କାମରେ ଲାଗିଲା ତାହା ଏଯାଏଁ କେହି ଜାଣିନାହାଁନ୍ତି ।

Digitized by srujanika@gmail.com

କୋଇଲା ଖଣିର ଜଣେ ଅଫିସର ପ୍ରଶ୍ନ କରନ୍ତି : 'ଏ ପରିପ୍ରୟୋଗରୁ ଭାରତ କେଉଁ ପ୍ରକାର ଉପକୃତ ହେଲା ? ସରକାରୀ ଉଦ୍ୟୋଗ କି ଗୋଡ୍ଡାର ଅଧିବାସୀ କିପରି ହେଲା ? ଉପକୃତ ହୋଇଥିବା ଏକମାତ୍ର ଦୃଶ୍ୟମାନ ସଂସ୍ଥା ହେଲା ବହୁରାଷ୍ଟ୍ରୀୟ କମ୍ପାନୀ । 'ଯଦି ଭାରତର ଦରିଦ୍ରତମ ଏକ ଜିଲ୍ଲାରେ ବେପାର କରି ଗୋଟାଏ ବିଦେଶୀ କମ୍ପାନୀ ଏତେ ଫାଇଦା ଉଠାଇନିଏ, ତେବେ ସେ ଜିଲ୍ଲାର ଜଣେହେଲେ ଗରିବ ଲୋକଙ୍କୁ ସେପରି ସୁବିଧା ମିଳିପାରିବ କି ?' —ସେ ଅଫିସର ପ୍ରଶ୍ନ ଉଠାନ୍ତି ।

ଜଣେ ବରିଷ୍ଠ ରାଜନୈତିକ କର୍ମୀ ଏସ୍.ପି. ତିୱାରୀ ଏହାର ବିଚକ୍ଷଣ ଉତ୍ତର ଥିଅନ୍ତି : ''ରାଜମହଲ ଖାଦାନ ହେଉଛି ଆମ ବିକାଶଧାରା ଓ ରାଷ୍ଟ୍ରୀୟ ନୀତିର ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ । ଏଠାରେ ପ୍ରକଳ୍ପ ହିଁ ମୂଳ, ମଣିଷ ତୁଚ୍ଛ ।'' ଆଜି ମଣିଷକୁ ତୁଚ୍ଛ କରି ଶହ ଶହ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ପ୍ରକଳ୍ପ ଭାରତବର୍ଷକୁ ଆସୁଛି; ଶୋଷଣର ସିଂହଦ୍ୱାର ସାହାଣ ମେଲା, ଖୋଲା ।

ସିଂହଦ୍ୱାର ପାର ହୋଇ ଗଲେ ଭିତର ଗମ୍ଭୀରାରେ ରତ୍ନବେଦୀ ଉପରେ ଯେଉଁଠି ଠାକୁରଙ୍କ ଆସ୍ଥାନ, ସେଠି ବିରାଜୁଛି ନିବୁଜ ଅନ୍ଧକାର. ଦିଅଁ କେବେଠାରୁ ଆସ୍ଥାନ ଛାଡ଼ି ଚାଲିଯାଇଛନ୍ତି ।

❖❖❖

Digitized by srujanika@gmail.com

ଅଧ୍ୟାୟ : ଅଷ୍ଟମ

ମାଲ୍‌କାନଗିରିର କୌତୁକପ୍ରଦ କୁକୁଡ଼ା ଲଢ଼େଇ : ନିରନ୍ନ ମଣିଷର ରକ୍ତଶୋଷା ଏକ ଭୟଙ୍କର ଜୁଆଖେଳ । ଚଉଦ ଘଣ୍ଟା ହାଡ଼ଭଙ୍ଗା ଖଟଣି ପାଇଁ ଯେଉଁଠି ମଜୁରି ମାତ୍ର ଦଶ ଟଙ୍କା, ସେଠାରେ କୁକୁଡ଼ା-ଜୁଆରେ ହଜିଯାଏ ହଜାର ହଜାର ମୁଦ୍ରା ଓ ମଣିଷ ।

ଅତ୍ୟାଚାରୀ, ଶୁଣ୍ଢି, କବି ଓ କଳାକାର

Digitized by srujanika@gmail.com

୧.	ଗ୍ରାମାଞ୍ଚଳର ବର୍ଣ୍ଣିଳ ଚରିତ୍ର ଓ ଚିତ୍ର	୩୦୯
୨.	ମଣିଷ-ଖିଆ ବାଘର ବୃଦ୍ଧକାଳ	୩୧୨
୩.	କେଡ଼େ ମଧୁର ଆଜି ଏ ଲଗନ	୩୧୭
୪.	ମଦ ରନ୍ଧାଳୀର ନିରନ୍ଧ୍ର ପୃଥିବୀ	୩୨୨
୫.	ମାଲ୍ୟବନ୍ତର ଭିନ୍ନ କୁରୁକ୍ଷେତ୍ର	୩୨୭
୬.	ଯେଉଁଠି କଲମ ପାଲଟେ ତରବାରୀ	୩୩୫
୭.	ଭିନ୍ନ ଜଣେ ଗୋବରା ଜେନା	୩୪୦
୮.	ମାଟି ଓ ମଣିଷର ମରମୀ କଥାକାର	୩୪୭
୯.	ଚିତ୍ରକଳା ଯାହାର ନିଶା ଓ ନିଶ୍ୱାସ	୩୫୩

* * *

Digitized by srujanika@gmail.com

ଗ୍ରାମାଞ୍ଚଳର ବର୍ଣ୍ଣିଳ ଚରିତ୍ର ଓ ଚିତ୍ର

ଭାରତୀୟ ଜୀବନ ଓ ସଂସ୍କୃତିର ବଟବୃକ୍ଷର ଚେର ଓ ନିର୍ଯ୍ୟାସ ରହିଛି ପଲ୍ଲୀରେ ଏବଂ ଭୌଗୋଳିକ ଅବସ୍ଥାନ ନେଇ ଜଳବାୟୁ, ଆଚରଣ, ଲୋକ ଚରିତ୍ର ଓ ନିଚ୍ଛକ ଦୃଶ୍ୟପଟ୍ଟରେ ସେ ଯେପରି ଭିନ୍ନ; ସେହିପରି ବର୍ଣ୍ଣିଳ ଓ ବୈଚିତ୍ର୍ୟମୟ । କେଉଁଠି ପଲ୍ଲୀଭୂଇଁ ଘଞ୍ଚ ବନାନୀ ଘେରା, ଦୁର୍ଗମ ଗିରି ଶିଖରରେ ତ କେଉଁଠି ଅନୁର୍ବର ମାଟି, ନିୟମିତ ମରୁଡ଼ି ଓ ଜଳକଷ୍ଟରେ ପୀଡ଼ିତ । ମାତ୍ର ଗୋଟିଏ ଚିତ୍ର ଭାରତର ସବୁ ପ୍ରାନ୍ତରେ ଅଛି ବହୁତେ ସମାନ—ପ୍ରଚଣ୍ଡ ଦାରିଦ୍ର୍ୟ, ଅନଗ୍ରସରତା, ଉପେକ୍ଷା ଓ ଶୋଷଣ । ଅନ୍ୟଟି ହେଉଛି କୃଷି ଉପରେ ନିର୍ଭରଶୀଳତା । ଚତୁର ଏଠି ଲୁଣ୍ଠେ ଦରିଦ୍ର, ଅସହାୟ ମଣିଷକୁ ପକାଏ ବିଚିତ୍ର ଫାନ୍ଦରେ; ନିଜେ ଉଞ୍ଚା ଦିଶେ ଛିଡ଼ାହୋଇ ଶୋଷିତର କାନ୍ଧରେ । ସେଠି ଗଣତନ୍ତ୍ର ଓ ସମ୍ବିଧାନର ସବୁ ବନ୍ଧା ନିୟମ, ଅର୍ଗଳୀ ଭାଙ୍ଗିପଡ଼େ; ପ୍ରଶାସନ ଠାରୁ ବିଚାରାଳୟ ଯାଏ ସମସ୍ତେ ମୂକ, ଅଚଳାୟତନ ହୋଇ ଦାରୁଭୂତ ମୁରାରୀ ପ୍ରାୟ ରହିଥାନ୍ତି । ଗୋଟିଏ ଆଶ୍ୱାସନା ଯେ ସମସ୍ତ ହୀନିମାନ, ହେଳା, ଅଲୋଡ଼ାପଣ ସତ୍ତ୍ୱେ ସେମାନେ ମଣିଷ ଉପରେ ରଖିଥାନ୍ତି ଅପ୍ରତିହତ ବିଶ୍ୱାସ ଏବଂ ଯୋଡ଼ିହୋଇ ରହିଥାନ୍ତି ପରସ୍ପର ସହ ଏକ ମଧୁମୟ ବନ୍ଧନରେ ।

ଭୋକର ଭୂଗୋଳରେ ଅସହାୟ ମଣିଷର ମାନଚିତ୍ର ବଡ଼ ଛନ୍ଦାଛନ୍ଦି ଓ ଜଟିଳ । ନିରକ୍ଷରତା ମଧ ଶୋଷଣର ଆଉ ଏକ ନର୍କମୁଖୀ ଦ୍ୱାର ଫିଟାଇଥାଏ । ହେଲେ ପଲ୍ଲୀ ଭୂଇଁର ପ୍ରାକୃତିକ ମାୟା, ମମତାର ଡୋର ଏବଂ ସଂସ୍କୃତିର ଚେର ଅତୁଳନୀୟ ତଥା ନୈସର୍ଗିକ । ସେସବୁ ସହିତ ମଣିଷ ଚରିତ୍ରର ଉଭୟ ମହତ୍ତର ଓ ନିମ୍ନମୁଖୀ ଦିଗନ୍ତର କିଛି ଝଲକ ଏଠାରେ ଘଟିଛି ଏବଂ ଏପରି ସମ୍ମୋହନୀ ସାମାଜିକ ଜୀବନ ବେଶ୍ ଦୁର୍ଲଭ । ସହରୀ ଓ ପାଠୁଆ ମଣିଷ ପାଇଁ ସେସବୁର କଳନା ଓ କଳ୍ପନା କରିବା ବେଶ୍ ଦୁଷ୍କର ।

ମାତ୍ର କଳାହାଣ୍ଡିର ଆମର ଏହି ପ୍ରିୟ ମଣିଷଟିର ନଖଦର୍ପଣରେ ରହିଛି ଶୋଷକ ଓ ଶୋଷିତର, ପାଠୁଆ ଓ ଅପାଠୁଆର, ଋଣୀ ଓ ମହାଜନର ଚିତ୍ର ଓ ଚରିତ୍ର । ସେ ଜାଣନ୍ତି ମହାଜନ, ସାହୁକାରର ବର୍ବର ଓ ଆତଙ୍କମୟ କାରବାର; ଜାଣନ୍ତି ମଧ ଖରିଆର୍ ସହରରେ ଥିବା ସାହୁକାରଙ୍କ ନିର୍ଦ୍ଦିଷ୍ଟ ସଂଖ୍ୟା । ସେଥିରୁ କେତେଜଣଙ୍କର ରହିଛି କରଜ ଲଗାଣ ଲାଇସେନ୍ସ ଓ ଆଉ କେତେକଙ୍କ ହୁଣ୍ଡା

Digitized by srujanika@gmail.com

କାରବାର – ତାହା ମଧ୍ୟ ସେ ଜାଣନ୍ତି । ମାତ୍ର ସେମାନଙ୍କ ମଧ୍ୟରୁ ସେ ଜଣେ ନୁହଁନ୍ତି । ଆଖି ଓ କାନକୁ ଖୋଲା ରଖିଲେ ଏସବୁ ଖବର ଆପେ ଆପେ ପହଞ୍ଚିଯାଏ । ସେ ହେଉଛନ୍ତି କଳାହାଣ୍ଡିର ସୁପରିଚିତ ରାଜନେତା ଓ ପ୍ରିୟ ମଣିଷ କପିଳ ନାରାୟଣ ତିୱାରୀ ।

କଳାହାଣ୍ଡିର ମରୁଡ଼ି, ଦାରିଦ୍ର୍ୟ, ପିଲାବିକ୍ରି ଓ ଶୋଷଣକୁ ଲୋକଲୋଚନକୁ ଆଣିବା; ସୁପ୍ରିମକୋର୍ଟରେ ଏଥିପାଇଁ ଲଢ଼ିବା ଏବଂ ଖଟିଖିଆ, ମଳିମୁଣ୍ଡିଆ ମଣିଷଙ୍କ ମୌଳିକ ଅଧିକାର ପାଇଁ ନିରବଧି ସଂଗ୍ରାମ ଜାରି ରଖିବା ଦିଗରେ ସେ ଏକ ସ୍ମରଣୀୟ ତଥା ଆଦରଣୀୟ ନାମ । ସହରରେ ରହି ଗାଁ ଗଣ୍ଡାରେ କରଜ ଲଗାଉଥିବା ଜଣେ ମହାଜନଙ୍କ ସହିତ ସିଧାସଳଖ କଥାବାର୍ତ୍ତା ପାଇଁ ଆମେ ତାଙ୍କର ସହାୟତା ଲୋଡ଼ିଲୁ ଏବଂ ଆମ ସାକ୍ଷାତକାର ପାଇଁ ସେ ଡକାଇ ଦେଲେ ଜଣେ ସମ୍ମତି-ପ୍ରଦାନକାରୀ ସାଉକାର । ଶ୍ରୀ ତିୱାରୀ ତଦ୍ରୂପ ସମ୍ମାନ ଜାହିର କରନ୍ତି ।

ଲୋଭନୀୟ ଭାବେ ଗ୍ରାମୀଣ ଭାରତ ହେଉଛି ଜଣେ ସାମ୍ବାଦିକ ପାଇଁ ଶ୍ରୀକ୍ଷେତ୍ର; ସ୍ୱର୍ଗର ଅନୁପମ ନନ୍ଦନବନ । ଏଠାରେ ରହିଛି ବିବିଧତା, ବର୍ଣ୍ଣମୟ ଓ ବୈଚିତ୍ର୍ୟମୟ ଚରିତ୍ରଙ୍କ ସମୃଦ୍ଧ ସାମ୍ରାଜ୍ୟ । 'ଚରିତ୍ର' ଏଠାରେ କେବଳ ବ୍ୟକ୍ତିକୁ ବୁଝାଏ ନାହିଁ, ବୁଝାଏ ସମୂହ ଓ ଗୋଷ୍ଠୀକୁ ।

ମଣିଷ ଚରିତ୍ରର ପ୍ରତିକୂଳାତ୍ମକ ଓ ଅଂଧାରୀ ଦିଗର ଯେପରି ରହିଛି ଘନଘଟା – ବିହାର ରାଜ୍ୟର ଏକଦା କୁଖ୍ୟାତ ଚରିତ୍ର ଭାବେ ଜ୍ଞାତ ଜଣେ ମଣିଷଖିଆ-ସାଉକାର ସଂପର୍କିତ ବିବରଣୀ, ତାମିଲନାଡୁର ଚୋରା ମଦ ରନ୍ଧାଳୀଙ୍କ ବିଚିତ୍ର ଜୀବନ ନିର୍ବାହ ଓ ମଦ ରାନ୍ଧିବାର ପ୍ରଣାଳୀ; ସେହିପରି ସେହି ତାମିଲନାଡୁରେ ରହିଛନ୍ତି ପଲ୍ଲୀ ଜୀବନକୁ ନେଇ ସମାବିଷ୍ଟ କଥାକାର ତଥା ମହିଳାଙ୍କ ମଧ୍ୟରେ ସଚେତନତା ଓ ଜାଗରଣ ସୃଷ୍ଟିକାରୀ ସଂକଳ୍ପବଦ୍ଧ ଦୁଇ ଗୀତିକାର । ମାଲକାନଗିରିର ଉତ୍କଟ ଦାରିଦ୍ର୍ୟ ଭିତରେ କୁକୁଡ଼ା ଲଢ଼େଇରେ ମାତୁଥିବା ନିରନ୍ନ ଚାଷୀ ଠାରୁ ମଧ୍ୟପ୍ରଦେଶର ନିଷ୍ଠାପର ଚୌକିଦାର ଓ ସୃଜନ-ସମ୍ମୋହନର ମୁକୁଟବିହୀନ ସମ୍ରାଟ ରୂପେ ପିଥୋରା ଚିତ୍ରକଳାର ଅଗ୍ରଗଣ୍ୟ ଉଦ୍‌ଘୋଷକ ଜଣେ ଭିଲ୍-ଆଦିବାସୀ ଚିତ୍ରଶିଳ୍ପୀ । ଏମାନେ ଜଣେ ଜଣେ ଅତ୍ୟନ୍ତ ବଳିଷ୍ଠ ବ୍ୟକ୍ତିତ୍ୱ – ରାମ ହୁଅନ୍ତୁ ଅବା ହୁଅନ୍ତୁ ରାବଣ, କୃଷ୍ଣ କିମ୍ବା କଂସ । ସେମାନଙ୍କ ଚରିତ୍ର ପରିସ୍ଫୁଟ କରିଥାଏ ସେମାନଙ୍କ ବ୍ୟକ୍ତିତ୍ୱର ଚଉସୀମାର ଊର୍ଦ୍ଧ୍ୱରେ ରହିଥିବା ବହୁ ବିସ୍ତାରିତ ଦିଗନ୍ତ । ସେଠାରେ ନିରନ୍ତର ପ୍ରତିଫଳିତ ହୋଇଥାଏ ଜନଜୀବନର ଧାରା, ଗୋଷ୍ଠୀ ଜୀବନର ଅନ୍ୱେଷା ଏବଂ ଆନ୍ଦୋଳନର ଆହ୍ୱାନ ।

Digitized by srujanika@gmail.com

ଏସବୁ ବର୍ଣ୍ଣିଳ ଜୀବନକୁ ଭେଟିଲେ ଅନୁଭୂତି ହୁଏ ରସାଳ, ପୁଷ୍କଳ ଓ ଗଭୀର । ବିଚିତ୍ର ମନସ୍ତତ୍ତ୍ୱର, ଚେତନା ଓ ଚିନ୍ତନର ଏମାନେ ଅଧିକାରୀ — ଉଭୟ ଆଲୋକ ଓ ଅନ୍ଧାର ଭିତ୍ତିରେ; ପ୍ରାସଙ୍ଗିକତାରେ । ଗୋଟିଏ ଦିଗରେ ସେବା, ସଂକଳ୍ପ ଓ ତ୍ୟାଗ; ଅନ୍ୟ ଦିଗରେ ଶୋଷଣ, ବର୍ବରତା ଓ ଭୋଗ । ଏସବୁ ଚରିତ୍ରମାନଙ୍କୁ ଭେଟିବାକୁ ହୁଏ ପ୍ରତ୍ୟକ୍ଷ ସାକ୍ଷାତକାର ମାଧ୍ୟମରେ ଏବଂ ଏଥିପାଇଁ ଲୋଡ଼ା ପ୍ରଚୁର ଧୈର୍ଯ୍ୟ ଓ ଉପଯୁକ୍ତ ଦୃଷ୍ଟିଭଙ୍ଗୀ ।

ଏଥିପାଇଁ ଆଖି ଓ କାନ ରଖିବାକୁ ହେବ ଖୋଲା । ମୁହଁ ଖୋଲା ରଖି ଠିକଣା ପ୍ରଶ୍ନ ପଚାରିବାକୁ ହେବ । ତେବେ ଯାଇ ଜଣେ ଦେଖିବ ଓ ଜାଣିବ — ସମୁଦ୍ରର ଅତଳଗର୍ଭରୁ ସାଉଣ୍ଟି ଆଣିପାରିବ ମୁକ୍ତା ।

❖❖❖

Digitized by srujanika@gmail.com

ମଣିଷଖିଆ ବାଘର ବୃଦ୍ଧକାଳ

"ମୁଁ ପୋଷିଥିବା ଚିତାବାଘଟିକୁ ଲୋକେ ପଶୁରାଜ ସିଂହ ପଦବୀକୁ ଉଠେଇଦେଲେ । ତୁମଭଳି ସାମ୍ବାଦିକଙ୍କୁ ବାରବାର ସଲାମ — ଯେଉଁମାନଙ୍କ ପାଇଁ ମୋର ଆଜି ଏଭଳି ଦୁର୍ନାମ । ତୁମେ ଏବେ ମୋର ଇଣ୍ଟରଭ୍ୟୁ ନଉଛ, ଆଉ ତୁମ ଲେଖାରେ ମୋ ବିରୁଦ୍ଧରେ କଞ୍ଚା, ଅଚଞ୍ଚା ଗାଳିଗୁଲଜ ଭର୍ତ୍ତି ନକଲେ ତୁମ ସଂପାଦକ ତାକୁ ଛାପିବେ ତ ?"

ବିହାର ରାଜ୍ୟର ପାଲାମାଉ ଜିଲ୍ଲାର ଡାଲ୍‌ଟନ୍‌ଗଞ୍ଜ ଠାରେ ଜରାଗ୍ରସ୍ତ ଅବସ୍ଥାରେ ଏବେ ରହିଥିବା ଜଗଦୀଶ୍ୱର ଜିତ୍‌ସିଂହଙ୍କୁ ଭେଟନ୍ତୁ — ଏକଦା ମାନତୁ ଅଞ୍ଚଳର ମଣିଷଖିଆ ବାଘର କୁଖ୍ୟାତି ଅର୍ଜିଥିବା ସତୁରୀ ବର୍ଷିୟ ଏ ଲୋକଟି ଥିଲେ କେବଳ ପାଲାମାଉ କାହିଁକି, ସମଗ୍ର ବିହାରରେ ସବୁଠାରୁ ଆତଙ୍କମୟ ସ୍ୱୈରାଚାରୀ ସାମନ୍ତ । ଦେଶର ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା ତାଙ୍କ ଅତ୍ୟାଚାର ଓ ପୀଡ଼ନର ଲୋମହର୍ଷକ କାହାଣୀ । ବି.ବି.ସି. ପକ୍ଷରୁ ପ୍ରସ୍ତୁତ ହୋଇଥିଲା ଏକ ପ୍ରାମାଣିକ ଚଳଚ୍ଚିତ୍ର । ବିଶ୍ୱର ସର୍ବାଧିକ ୯୬ ଜଣ ଗୋତିଶ୍ରମିକଙ୍କୁ ପାଦ ତଳେ ଖଟାଇ ପାରୁଥିବାର ରେକର୍ଡ଼ ସେ ସୃଷ୍ଟି କରିପାରିଥିଲେ । ଏକ ହଜାର ଏକରରୁ ଅଧିକ ପରିମାଣର ଜମି ରଖିପାରିଥିବା ଏଇ 'ଅଣ୍ଡିରିପୁଅ ଉଦ୍ଧବ' ଜଣକ ଶେଷକୁ ୧୯୯୧ ବିଧାନସଭା ନିର୍ବାଚନରେ ଝାଡ଼ଖଣ୍ଡ ଦଳ ପକ୍ଷରୁ ପ୍ରାର୍ଥୀ ହୋଇ ଦୟନୀୟ ଭାବେ ଅମାନତ ହରାଇଥିଲା ।

ପାଲାମାଉର ମାନତୁ ଅଞ୍ଚଳର 'ମଣିଷଖିଆ ବାଘ'ର ଆତଙ୍କ ସୃଷ୍ଟିକାରୀ ଏ ଲୋକଟି ନିଜ ଘର ବ୍ୟତୀତ ସେ ଇଲାକାରେ ଆଉ କାହାରି ପକ୍କା ଘର ତିଆରି କରିବାକୁ ବହୁ ଦଶନ୍ଧି ଧରି ଅନୁମତି ଦେଇନଥିଲା । ଗ୍ରାମବାସୀଙ୍କ ଠାରୁ ଜୋର୍ ଜବରଦସ୍ତି ଜୋରିମାନା ଓ ଟିକସ ଆଦାୟ କରୁଥିବା ସ୍ୱେଚ୍ଛାଚାରୀ ଜଣକ ଶହ ଶହ ଏକର ଜମି ଓ ମାଗଣା ଗୋତି ଶ୍ରମିକଙ୍କୁ ନେଇ ଏକ ସାମ୍ରାଜ୍ୟ ଚଳାଉଥିଲା । ସେ ଥିଲା ଆତଙ୍କ ଓ ଅତ୍ୟାଚାରର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଚିତାବାଘଟିଏ ରଖି, ତାକୁ ପୋଷା ମନାଇ ସେ ଖେଳାଇ ଦେଇଥିଲା ଆହୁରି ଭୟ, ଆତଙ୍କ ଓ ଅରାଜକତା । କୌଣସି ଲୋକକୁ ଶାସ୍ତି ଦେବାକୁ ହେଲେ ସେ ଗଡ଼ାଇ ଦେଉଥିଲା ତାକୁ ଚିତା ମୁହଁକୁ ।

"ଦେଖ କିଛି ଲୋକ ଛେଳି ପାଳନ୍ତି ଓ ଆଉ କିଛି ବାଡ଼ି ବଗିଚାରେ ଶାଗସବ୍‌ଜି କରନ୍ତି । ଛେଳି ଚରିଯାଏ ବଗିଚା – ସତ ନା ନୁହେଁ ? ହେଲେ ମୁଁ ବାଡ଼ିବଗିଚା କରେ, ଛେଳି ବି ପାଳେ, ସବୁ ପ୍ରକାର ଜନ୍ତୁଙ୍କୁ ପୋଷେ । ମୁଁ କେବଳ ଚିତାବାଘଟାଏ ପାଳିଛି । ଲୋକେ କହନ୍ତି ମୁଁ ସେ ବାଘ ମୁହଁକୁ ଅମାନିଆ ମଣିଷଙ୍କୁ ଫୋପାଡ଼ି ଦିଏ । ଯଦି

Digitized by srujanika@gmail.com

ଏକଥା ସତ, ତେବେ ମୁଁ ସେ ବାଘକୁ କ'ଣ ମୋ ଘରେ ଖୋଲାମେଲାରେ ଚରାବୁଲା କରିବାକୁ ଦଉଚି ? ମୋ ପରିବାର ପ୍ରତି କ'ଣ କୌଣସି ଭୟ, ବିପଦ ନାହିଁ ! ତେଣୁ ମୋ ଚିତା ପାଳଟିଲା ଗୋଟେ ସିଂହ ଏବଂ ମୁଁ ଗୋଟାଏ ନର-ଖାଦକ ।''

''ମୁଁ ଗୋଡି-ଶ୍ରମିକ ଖଟାଉଥିବା ଅପବାଦ ତୁମେ ସବୁ ମୋ ନାଁରେ ରଟୁଛ । ହେଲେ, ଆମେ ଏମିତି ଏକ ଯୁଗରେ ବଞ୍ଚୁଛେ, ଯେଉଁଠି ପୁଅ ବି ବାପ ପାଖରେ ବନ୍ଧାହୋଇ ସାରାଜୀବନ ରହିବାକୁ ଭଲ ମଣୁନି । ତେଣୁ କେମିତି ଜଣେ ଲୋକ ଅନ୍ୟପାଖରେ ସବୁଦିନ ବନ୍ଧାହୋଇ ପଡ଼ି ରହିଛି ବୋଲି ଭାବୁଛ ?''

''ତୁମେ ମୋ ଫଟୋ ଉଠଉଚ ତ, ଭଲକରି ଉଠାଅ । ଦେଖିଚାହିଁ ଉଠାଅ କୋଉ କୋଣରୁ କେମିତି ଭଲ ଆଲୁଅ ପଡୁଛି, କେମିତି ପୋଜ୍‌ରେ (ଭଙ୍ଗୀ) ମୋ ଫଟୋ ଉଠାଇବ ଦେଖ । ଯେମିତି ମୁଁ ବେଶି ଦୁର୍ଦ୍ଧାନ୍ତ, ସଇତାନ ଦିଶିବି ସେମିତି ଫଟୋ ତୋଳ । ଯଦି ସେମିତି ନଦିଶେ, ତେବେ ତା' ଉପରେ ତୂଳୀରେ ରଙ୍ଗମାରି ସଇତାନ ରୂପ ପରି ବନାଅ । ଗଲାଥର ଯେଉଁ ପତ୍ରିକାରେ ମୋ ଫଟୋ ବାହାରିଥିଲା, ସେମିତି ସେମାନେ କରିଥିଲେ । ତଥାପି ମୁଁ ତାଙ୍କ କଲ୍ୟାଣ ପାଇଁ ସେମାନଙ୍କ ମନଚାହାଁ ଢଙ୍ଗରେ ଦୁର୍ଦ୍ଧାନ୍ତ ଦିଶିଲି ନାହିଁ ।''

''ରୁହ, ରୁହ ! ମୁଁ ମୋର ପୁରୁଣା ଦଦରା କାର୍‌ ସାମ୍ନାରେ ଛିଡ଼ା ହଉଚି; ତୁମେ ତା' ସହିତ ମୋ ଫଟୋଟା ନିଅ । ସେଇଟା କେତେ ବର୍ଷ ହେଲାଣି ଆଉ ରାସ୍ତାଘାଟ ଦେଖିନି । ତୁମେ ଦେଖୁଚ ତ ମୋର ସଂପଦ, ମୋର ପ୍ରତିପତ୍ତି । ଦଦରା କାର୍‌ ପରି ତା'ର ମାଲିକ ମଧ । ଏବେ ଦୁହେଁ ସମାନ ଅବସ୍ଥାରେ ଅଛନ୍ତି ।'' — କଣ୍ଠରେ ପରିହାସ ଭରି କୌତୁକପ୍ରଦ ଭାବେ ସେ ଏକଥା କହିଲେ ।

ବୁଝି ହେଉନଥିଲା କି ଭାବି ହେଉନଥିଲା, ଏପରି ସହଜ ଢଙ୍ଗରେ ଥଟ୍ଟା ପରିହାସ କରିପାରୁଥିବା, ନିଜ ପ୍ରତି ଅଯାଚିତ ବ୍ୟଙ୍ଗ ପ୍ରୟୋଗ କରୁଥିବା ମଣିଷଟି ଦିନେ ମନତୁ ଅଞ୍ଚଳରେ 'ନର-ଖାଦକ'ର ଅପଖ୍ୟାତି ଅର୍ଜିଥିଲା । ଏବେ ବି ସେ ନାଁ ପଡ଼ିଲେ ଅନେକ ଲୋକଙ୍କ ମେରୁହାଡ଼ ଥରିଯାଏ । ଗାଁ ଗାଁରେ ବହୁ ରକ୍ତପାତ ଓ ବେଦନାର ବିମର୍ଷ ବିଧୂର କାହାଣୀ ଶୁଣିବାକୁ ମିଳେ । ମାତ୍ର ପାଞ୍ଚ ଟଙ୍କା ଉଧାର ନେଇ ଅନେକ ପରିବାର ପାଳଟିଛନ୍ତି ଯୁଗ ଯୁଗ ଧରି ଗୋଡି-ଶ୍ରମିକ । ଅବ୍ୟକ୍ତ ଆତଙ୍କ ଓ ଅତ୍ୟାଚାରର ଅକଥନୀୟ କାହାଣୀ ପଢ଼ିହୁଏ ଅନେକ ଲୋକଙ୍କ ଆଖିରୁ । ଏବଂ ଅଦାଲତରେ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ପାଇଁ ସାକ୍ଷୀ ମିଳୁନଥିଲେ, ମନତୁର ଏହି ନର-ଖାଦକ ବିରୋଧରେ ଛିଡ଼ା ହେବାକୁ କାହା ଜିଭରେ ହାଡ଼ ନଥିଲା । ଶବ୍ଦ ପଇଟୁ ନଥିଲା । ଜଗଦୀଶ୍ୱର ଥିଲା ଆତଙ୍କରାଜର ଈଶ୍ୱର ।

କିନ୍ତୁ ସେ ଈଶ୍ୱରର ସିଂହାସନ ଟଳମଳ ହେଲା ସତୁରୀ ଦଶକର ପରବର୍ତ୍ତୀ

Digitized by srujanika@gmail.com

ସମୟରେ ଏବଂ ଅଶିଦଶକରେ ତା'ର ପତନ ହେଲା ଘନୀଭୂତ ତଥା ତୀବ୍ରତର । ବଳପୂର୍ବକ କାମରେ ଖଟାଇବା ଯୋଗୁଁ ଓ ଗୋତି-ଶ୍ରମିକ ପ୍ରଥା ଅବଲୁପ୍ତ ହେବାରୁ ଏ ପତନଧାରାର ହେଲା ଅୟମାରମ୍ଭ । ସତୁରୀ ଦଶକର ଶକ୍ତିଶାଳୀ କମ୍ୟୁନିଷ୍ଟ ଆନ୍ଦୋଳନ ଏବଂ ତାଙ୍କ ବିରୁଦ୍ଧରେ ପ୍ରଶାସନର ବିଷଦୃଷ୍ଟି ପଡ଼ିବାରୁ ଗୋତି ଶ୍ରମିକ ରଖିବା ଧାରାକୁ ତାହା କରିଦେଲା ଖୁବ୍ କଠିନ । ଉତ୍ତର ଅଶି ଦଶକରେ ସେ ଅଞ୍ଚଳରେ ମୁଣ୍ଡ ଟେକିଲେ ନକ୍ସଲପନ୍ଥୀ । ଏବଂ ଆଜି, ମାଓବାଦୀ କମ୍ୟୁନିଷ୍ଟ କେନ୍ଦ୍ର (ଏମ୍.ସି.ସି.)ର ଉଗ୍ରବାଦୀ ଗୋଷ୍ଠୀ ସେ ସାମ୍ରାଜ୍ୟରେ କରନ୍ତି ମୁକ୍ତ, ସ୍ୱଚ୍ଛନ୍ଦ ବିଚରଣ । ସୁତରାଂ ତାଙ୍କୁ ମନତୁ ଅପେକ୍ଷା ଅଧିକ କାଳ ଡାଲ୍‌ଟନ୍‌ଗଞ୍ଜରେ କଟାଇବାକୁ କରନ୍ତି ବାଧ୍ୟ ।

ଅଧିକନ୍ତୁ ସେଇ ସତୁରୀ ଦଶକରେ ସ୍ଥାନୀୟ ବି.ଡ଼ି.ଓ ବୁମ୍ ବାହାଦୂର ସିଂହ ଏହି 'ନର-ଖାଦକ' ଉପରେ ବିଭିନ୍ନ ଦିଗରୁ ପ୍ରଶାସନିକ ତୀର ଚଳାଇ, ବର୍ଚ୍ଛାମାଡ଼ କରି ତାଙ୍କୁ କରିଦେଲେ ଘାଇଲା ଓ କ୍ଷତାକ୍ତ । ମନତୁର ଜମିଦାରଙ୍କ ସବୁ ପାଦ ଶିକୁଳିରେ ଯେମିତି ବାନ୍ଧି ହୋଇଗଲା । ହଠାତ୍ ସେ ଆବିଷ୍କାର କଲେ ତାଙ୍କ ବିରୁଦ୍ଧରେ ଅଜସ୍ର ମୋକଦ୍ଦମା ଏବଂ ସେସବୁ ଲଢ଼ିବାରେ ତାଙ୍କ ଦମ୍ ନିକିଲି ଯାଉଛି । ବଡ଼ ଧରଣର ଚୋରାକାଠ ବେପାର ଠାରୁ ଗ୍ରାମବାସୀଙ୍କ ଉପରେ ଅତ୍ୟାଚାର ଯାଏ ବହୁବିଧ ଅଭିଯୋଗ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ । ଗ୍ରାମବାସୀଙ୍କ ସର୍ବସାଧାରଣ ଜମି ଓ ଅନାବାଦୀ, ଗୋଚରକୁ ଜବରଦଖଲ କରିବାରେ ଜମିଦାରଙ୍କ ବଦଭ୍ୟାସ ଉପରେ ବୁମ୍ ବାହାଦୂର ପକାଇଦେଲେ ବହୁ ଅର୍ଗଳୀ ଓ ଅଟକ ।

"ବୁମ୍ ବାହାଦୂର ?" —ଏକ ତାଚ୍ଛଲ୍ୟ ମିଶ୍ରିତ ହସ ସହ ସେ କହିଲେ— "କେବଳ ତାଙ୍କ ପ୍ରଥମ ନାମଟି କାନକୁ ମଧୁର ଶୁଭେ । ସେ ଯାହାହେଉ ପଛେ ଥିଲେ ଜଣେ ବାହାଦୂର । ସେ ମୋତେ ଫସାଇଥିବା ସବୁ ମୋକଦ୍ଦମାରେ ମୁଁ ଜିଣିଲି । ସେସବୁ ଥିଲା ଜାତିଆଣ ଓ ବ୍ୟକ୍ତିଗତ ବିଦ୍ୱେଷ ପ୍ରଣୋଦିତ ।" —କଥାଟିକୁ ଅତି ନାଟକୀୟ ଭାବେ କହିଲେ ଜମିଦାର । ବି.ଡ଼ି.ଓ. ଥିଲେ ରାଜପୁତ ଓ 'ନର-ଖାଦକ' ଥିଲେ ଭୂମିହାର । ତେବେ ଏହି ଲଢ଼େଇ ଶୋଷିନେଲା ତାଙ୍କ ଦେହରୁ ଅଶେଷ ଶକ୍ତି ଓ ସାମର୍ଥ୍ୟ । ସାମାଜିକ ମର୍ଯ୍ୟାଦା ମଧ୍ୟ ବହୁଳାଂଶରେ ହେଲା ଗୁରୁତର ଭାବେ ଲାଞ୍ଛିତ ଓ କ୍ଷୟିତ ।

"ତେବେ, ଝାଡ଼ଖଣ୍ଡ ଦଳରେ ଯୋଗଦେବାର କାରଣ ?" —ପ୍ରଶ୍ନର ସେ ବାଢ଼ନ୍ତି ଚଟାପଟ୍ ଉତ୍ତର : "କାରଣ ସେ ଦଳ ଗରିବଙ୍କ କଲ୍ୟାଣ ପାଇଁ, ଆଦିବାସୀ ଓ ଶୋଷିତଙ୍କ ଉତ୍‌ଥାନ ପାଇଁ କାମ କରେ । ମୁଁ ବି ଜଣେ ନିଷ୍ପେସିତ । ମୁଁ ଏବେ ବୁଢ଼ା, ଅଥର୍ବ—ଜୀବନରେ ଅନେକ କିଛି ହରାଇ ଏବେ ଶାନ୍ତିରେ ଜୀଇଁବାକୁ ଚାହେଁ । ଝାଡ଼ଖଣ୍ଡ ଦଳ ଏକ ସ୍ୱତନ୍ତ୍ର ରାଜ୍ୟ ଚାହେଁ ଏବଂ ଆଦିବାସୀଙ୍କ ଉନ୍ନତି ଚାହେଁ । ମୋର ଲକ୍ଷ୍ୟ ତାହା ହିଁ ଥିବାରୁ ସେ ଦଳ ସହିତ ରହିଛି ।"

Digitized by srujanika@gmail.com

'ତେବେ ଆପଣ ଜଣେ ଆଦିବାସୀ ନୁହଁନ୍ତି ତ ?' —ପ୍ରଶ୍ନର ମଧ୍ୟ ଆସେ ତତ୍‌କ୍ଷଣାତ୍ ପାଲଟା ଉତ୍ତର : ''ଅନ୍ୟାନ୍ୟ ଝାଡ଼ଖଣ୍ଡି ଆନ୍ଦୋଳନ ସହିତ ଝାଡ଼ଖଣ୍ଡକୁ ମିଶାନ୍ତୁ ନାହିଁ । ଏହାର ଚରିତ୍ର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପରି ନୁହେଁ, ଆଦିବାସୀଙ୍କ ପରି ଆମେ ସବୁ ଏ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଝାଡ଼ଖଣ୍ଡ ଦଳ ସମଦୃଷ୍ଟିରେ ଦେଖେ ।''

''ନିଜ ଜମିକୁ ବଞ୍ଚାଇବା ପାଇଁ ସେ ଝାଡ଼ଖଣ୍ଡ ଦଳରେ ଯୋଗ ଦେଲା ।'' —କହିଲେ ଡାଲ୍‌ଟନ୍‌ଗଞ୍ଜର ଜଣେ ବଡ଼ ବ୍ୟବସାୟୀ । ''ନିଜ ସ୍ୱାର୍ଥ ଓ ନିରାପତ୍ତା ପାଇଁ ସେ କୌଣସି ଗୋଟାଏ ରାଜନୈତିକ ଦଳର ସାଙ୍ଗୁ ଚାହୁଁଥିଲା । ୧୯୭୦ ପରବର୍ତ୍ତୀ ବାମପନ୍ଥୀଙ୍କ ବିଦ୍ରୋହ ଦେଖି କଂଗ୍ରେସ ତାକୁ ସାହାଯ୍ୟ କରିବାକୁ ସାହସ କଲାନାହିଁ । ଜନତାଦଳ ଓ ତା'ର ନେତାଙ୍କୁ ସେ ସେତେବେଳକୁ ଛାଡ଼ି ସାରିଥିଲା । ନୂଆକରି ମୁଣ୍ଡ ଟେକୁଥିବା ଝାଡ଼ଖଣ୍ଡ ଦଳ ବ୍ୟତୀତ ତା'ର ଆଉ କିଛି ଚାରା ନଥିଲା ।''

ଗୋଟିଏ ଆକଳନ ଅନୁଯାୟୀ ଏବେ ବି ଜଗଦୀଶ୍ୱର ଜିତ୍‌ସିଂହର ରହିଛି ୧୨୦୦ ଏକର ଜମି । ଆଇନଗତ ସୀମାର ୩୦ ଗୁଣରୁ ଏହା ଅଧିକ । ଏବଂ ସେ ରହୁଥିବା ଚୂନଛଡ଼ା, ଅପରିଷ୍କାର, ଅନ୍ଧାରିଆ ଘରର ସଂପତ୍ତିର ମୂଲ୍ୟ ହେବ ୩୦ ଲକ୍ଷରୁ ଊର୍ଦ୍ଧ୍ୱ । ଏସବୁ ସତ୍ତ୍ୱେ ତା'ର ଅବସ୍ଥା ସାଂଘାତିକ । ତା' ଘରର ପଛପଟ ଦେଖି ଜାଣିହେଲା ଏକଦା ମହାବଳର କୁଖ୍ୟାତି ଲଭିଥିବା ମନତୁର ଏହି ଜମିଦାର ଏବେ ପଲେ ମଇଁଷୀ ରଖି ତା' ଦୁଧ ବିକି ଚଳୁଛି । ଅବକ୍ଷୟ ଓ ସଂପଦର କି ବିଚିତ୍ର ସମନ୍ୱୟ !

''ସେ ଲୋକ ହାତରେ ପ୍ରଚୁର ଟଙ୍କା ଅଛି ଏବଂ ସେ ଜାଣେ ତା'ର ପ୍ରଭୁତ୍ୱ, ହାକିମାତିର ବେଳ ସରିଯାଇଛି ।'' —କହିଲେ ଜଣେ ବ୍ୟବସାୟୀ । ''ଏଇ ମାନ୍ଧାତା-ମନୋବୃତ୍ତିର ଜମିଦାରମାନେ ନୂଆ ବ୍ୟବସ୍ଥା ସହ ଖାପ ଖୁଆଇ ନିଜକୁ ସମ୍ଭାଳି ପାରନ୍ତି ନାହିଁ । କିଛି ସାମନ୍ତବର୍ଗ, ଅତ୍ୟାଚାରୀ ଜମିଦାର ଚତୁରତାର ସହ ନୂଆ ପରିସ୍ଥିତି ସହ ସାମିଲ୍ ହୋଇ ନିଜକୁ ବଦଳାଇ ନେଇଛନ୍ତି । କିନ୍ତୁ ଏ 'ନର-ଖାଦକ' କେବେ କାହାକୁ ପଇସାଟିଏ ଦେବାକୁ ଚାହେଁନାହିଁ । ସେମାନେ ସାରା ଜୀବନ ଆତଙ୍କ, ଜୋର୍ ଯା'ର ମୁଲକ ତା'ର, ମାଗଣା ଶ୍ରମ ପରମ୍ପରାରେ ଅଭ୍ୟସ୍ତ । ଏସବୁକୁ ହଟାଇଦେଲେ ସେମାନେ କାଠ ପୁତୁଳି ପାଲଟି ଯାଆନ୍ତି । ତା'ର ଯେତେ ଜମି ଅଛି, ସେଥିରୁ ଅଳ୍ପ କିଛିରେ ଚାଷବାସ ହେଉଛି । ନିଜର ଅର୍ଥ ଖଟାଇ ସେସବୁରେ ଆଧୁନିକ ପ୍ରଣାଳୀରେ କୃଷିକାର୍ଯ୍ୟ ପାଇଁ ତା'ର ଦୂରଦୃଷ୍ଟି କି ମନୋଭାବ ନାହିଁ । ଯଦି ସେ ସେହି ପୁରୁଣା ଧାରାରେ ବାଧ୍ୟକରି ଲୋକଙ୍କୁ ମାଗଣା ଖଟାଇବାକୁ ଚାହିଁବ, ତେବେ ସମାଜବାଦୀ, କମ୍ୟୁନିଷ୍ଟ ଓ ମାଓପନ୍ଥୀଙ୍କ କୋପଦୃଷ୍ଟି ତା' ଉପରେ ପଡ଼ିବ ଏବଂ ସଂଘର୍ଷ ବଢ଼ିବ । ତେଣୁ ସେ ଚୁପ୍‌ଚାପ ବସିରହି ନିଜ ସାମ୍ରାଜ୍ୟର ସୂର୍ଯ୍ୟୋଦୟକୁ କଳ୍ପନାରେ ଦେଖୁଛି; ଯଦିଓ ତା'ର ଅଭାବିତ ସୂର୍ଯ୍ୟାସ୍ତ ଆସିଗଲାଣି । ତା'ର ଫଣା ଏବେ ପଡ଼ିଯାଇଛି, ନଖ ଦାନ୍ତ ଝଡ଼ିଯାଇଛି ।''

Digitized by srujanika@gmail.com

ସୁଯୋଗ ପାଇଲେ ସେ ଏବେ ବି ତା'ର ମାଲିକାନା ଜାହିର କରିବାର ପ୍ରଚେଷ୍ଟା ମଝେ ମଝେ କରୁଛି । ତେବେ ଗତବର୍ଷ 'ଛୋଟନାଗପୁର ସମାଜ ବିକାଶ ସଂସ୍ଥାନ' ପକ୍ଷରୁ ଅତି ସଫଳ ଭାବେ ଜିତ୍‌ସିଂହର ବଳକା ଜମି ବଣ୍ଟା ହୋଇ ଯାଇଛି । ପଠାଣ ବ୍ଲକ୍‌ର ଅଣିଚି ଦରିଦ୍ର ପରିବାର ବିଧିବଦ୍ଧ ଭାବେ ଏସବୁ ଜମିର ପଟ୍ଟା ପାଇଛନ୍ତି । ଏ ପରିସ୍ଥିତିରେ ତହଳ ବିକଳ ହୋଇ 'ନର-ଖାଦକ' ତା'ର ଗୁଣ୍ଡାମାନଙ୍କ ଦ୍ୱାରା ସେସବୁ ପରିବାର ଉପରେ ଆକ୍ରମଣ କରିଥିବାର ଖବର ମଧ୍ୟ ମିଳିଛି । ସ୍ଥାନୀୟ ପୁଲିସ ଜମିଦାରକୁ ସମର୍ଥନ କରି ଗ୍ରାମବାସୀଙ୍କ ଉପରେ ଦୋଷାରୋପ କରୁଛି; ତା'ର ଉଦ୍ଦେଶ୍ୟ ଲୋକଙ୍କ ଠାରୁ କିଛି ଲାଞ୍ଚ ଝଡ଼ାଇବା । ଏସବୁ ଘଟଣା ଘଟିଥିଲା ମୁଁ ପାଲାମାଉରେ ଥିବାବେଳେ ଏବଂ ଏଭଳି ପରିସ୍ଥିତିରେ ଉଦ୍‌କ୍ଷିପ୍ତ ହୋଇ ସ୍ଥାନୀୟ ଡେପୁଟୀ କମିଶନର ଓ ପୁଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ଜମିଦାରକୁ ଡକାଇ ଧମକ ଦେଇଥିଲେ । ଏଥିରେ ସ୍ଥାନୀୟ ପୁଲିସ୍ ସାବାଡ଼ ହୋଇଯାଇଥିଲା ଏବଂ ଗରିବ ଲୋକମାନେ ପ୍ରାପ୍ତ ଜମି ଉପରେ ସେମାନଙ୍କ ଅଧିକାର ସାବ୍ୟସ୍ତ କରିପାରିଥିଲେ ।

ସ୍ଥାନୀୟ ଜଣେ ରାଜନୈତିକ କର୍ମୀ ମନ୍ତବ୍ୟ ଦେଲେ : "ଏହି ଗରିବ ଲୋକଙ୍କ ଅଶ୍ରୁ ଓ ଅଭିସଂପାତ ଦୂର ହେଲାପରେ ଯାଇ ପାଲାମାଉ ସମୃଦ୍ଧି ଲାଭ କରିବ । କୃଷି ଓ ସଂପତ୍ତି କ୍ଷେତ୍ରରେ ଏହି ସାଆନ୍ତିଆ ଅଭ୍ୟିଆରକୁ ମୂଳପୋଛ କରିବାକୁ ହେବ । ସେତକ ନହେଲେ ଆମର କିଛି ଭବିଷ୍ୟତ ହିଁ ନାହିଁ ।" ସମସ୍ତ ଘଟଣା ପ୍ରବାହ କହେ ତାଙ୍କର ପ୍ରତିକ୍ରିୟା ହିଁ ଠିକ୍ ଓ ନିର୍ଭୁଲ ।

ସେଦିନ ସକାଳେ ସାକ୍ଷାତ୍‌କାର ଶେଷ କରି ଉଠିଲା ବେଳକୁ ଜଗଦୀଶ୍ୱର ଜିତ୍‌ସିଂହ ମୋତେ ପଚାରିଲେ : "ତା'ହେଲେ ତୁମେ ଏବେ ଫେରିଯିବ ? ଭଲ ହେଲା, ତୁମେ କିନ୍ତୁ ତୁମ ଲେଖାରେ ମୋ ଉଦ୍ଦେଶ୍ୟରେ କିଛି ଗାଳିଗୁଲଜ ଫୋପାଡ଼ିବାକୁ ଭୁଲିଯିବ ନାହିଁ । ସେତକ ନକଲେ ତୁମ ଲେଖା ଅସଂପୂର୍ଣ୍ଣ ରହିଯିବ ଏବଂ ମୁଁ ତୁମର କିଛି କରିପାରିବି ନାହିଁ । ସାମ୍ବାଦିକଙ୍କ ଉପରେ ଦାଉ ସାଧିଲେ କ'ଣ ହେବ ? ଜଣଙ୍କ ସହ ସିନା ମୁଁ ବଚସା କରିବି, ହେଲେ ଅନ୍ୟ ସାମ୍ବାଦିକମାନେ ମୋତେ ଗାଳିଦେଇ ଚାଲୁଥିବେ ।"

ପାଲାମାଉର 'ନର-ଖାଦକ' ଜାଣେ ତା'ର ଦାନ୍ତ ପଡ଼ିଯାଇଛି । ସେ ଏବେ ତୁଳସୀ-ବଣିଆ ବାଘ ହେବାର ଅଭିନୟ କରୁଛି । କିନ୍ତୁ ଏକଦା ଯେ କେତେ ରକ୍ତାକ୍ତ, କ୍ଷତାକ୍ତ ଅନୁଭବରେ ବିଷାକ୍ତ ହୋଇ ଉଠିଥିଲା ପାଲାମାଉର ପବନ; କେତେ କ୍ରନ୍ଦନ, ଆକୁଳତା ଓ ଅଶ୍ରୁରେ ଫାଟି ପଡୁଥିଲା ଆକାଶ, ସେସବୁର ସ୍ମୃତି ଏବେ ବି ଜୀବନ୍ତ । ଭାରତବର୍ଷରେ ସେହିପରି ଅଜସ୍ର ଅଶ୍ରୁ, ଅଭିସଂପାତ, ଅସହାୟତାର କାବ୍ୟ ରକ୍ତରେ ଲେଖା ହୋଇଛି ଏବଂ ଅନେକ ସାମନ୍ତ ଓ ଜମିଦାରଙ୍କ ସମୃଦ୍ଧିର କରୁଣ ଇତିହାସ ।

❖ ❖ ❖

Digitized by srujanika@gmail.com

କେଡ଼େ ମଧୁର ଆଜି ଏ ଲଗନ

ପରିବେଶ ଥିଲା ବଡ଼ ଉତ୍ସବମୁଖର ଓ ଉଲ୍ଲାସମୟ । ଲୋକଙ୍କ ଭିତରେ ରହିଥିଲା ଉତ୍କଣ୍ଠା ତଥା ଉତ୍ସାହ । କାହାରି ଆଗମନକୁ ସେମାନେ ପ୍ରତୀକ୍ଷା କରୁଥିଲେ । ସେ ବିଶିଷ୍ଟ ଆଗନ୍ତୁକ ଥିଲେ ମନ୍ତ୍ରୀ ମହୋଦୟ । ବିହାରର ଆଦିବାସୀ ଅଧ୍ୟୁଷିତ ଗୋଡ଼ା ଭଳି ଏକ ନିଦ୍ରିତ, ଅବହେଳିତ ଇଲାକାରେ ମନ୍ତ୍ରୀ ମହୋଦୟ ମହତ୍ ହୃଦୟେଷୁଙ୍କ ପବିତ୍ର ପଦଧୂଳି ପଡ଼ିବ – ଇଏ କ'ଣ କମ୍ ଆଶ୍ୱାସନାର କଥା ! ତେବେ, ମନ୍ତ୍ରୀଜୀଙ୍କ ନିର୍ଦ୍ଧାରିତ ଉପସ୍ଥିତି ନିର୍ଘଣ୍ଟରୁ ଅଢ଼େଇ ଘଣ୍ଟା ବିଳମ୍ବ ହୋଇସାରିଥିଲା । ଅବଶ୍ୟ ଗଣତାନ୍ତ୍ରିକ, ବିଶେଷ ଭାବେ ମନ୍ତ୍ରୀତାନ୍ତ୍ରିକ ପରିମାପକରେ ଏହା ଥିଲା ଏକ ଶୃଙ୍ଖଳିତ, ମନୋରମ ସମୟାନୁବର୍ତ୍ତିତା । ଏ ବିଳମ୍ବଟା ସମସ୍ତଙ୍କର ଦେହସୁହା ଓ ବିଶ୍ୱାସସୁହା ହୋଇଯାଇଥିବାରୁ କଥାଟାକୁ ସେମିତି କେହି ଧରୁନଥିଲେ । ଅନ୍ତତଃ ପକ୍ଷେ ମୁଁ ଆଦୌ ବିଚଳିତ ନଥିଲି । ସାନ୍ତାଳ ଓ ପାହାଡ଼ିଆ ଆଦିବାସୀ ସମ୍ପ୍ରଦାୟର ଦୁଇଟି ସାଂସ୍କୃତିକ ଦଳଙ୍କ ପରିବେଷଣ ଆମକୁ ମନ୍ତ୍ରମୁଗ୍ଧ କରି ରଖିଥାଏ । ନୃତ୍ୟ ପରିବେଷଣ ଏତେ ଚିତ୍ତାକର୍ଷକ ଓ ତନ୍ମୟକାରୀ ହେଉଥାଏ ଯେ, ନିଦାଘର ଅସହ୍ୟ ଉତ୍ତାପ ସେତେ ବାରି ହେଉନଥାଏ । ସେମାନଙ୍କ ନୃତ୍ୟଶୈଳୀର ଅପୂର୍ବ ସୌନ୍ଦର୍ଯ୍ୟ ଓ ସ୍ନିଗ୍ଧତା ବରଂ ଆମ ମନରେ ଗୋଟାଏ ଇଚ୍ଛା ଭରି ଦେଉଥାଏ – ମନ୍ତ୍ରୀ ଆଦୌ ନଆସନ୍ତେ କି ! କାରଣ, ମନ୍ତ୍ରୀ ବୀରେନ୍ଦ୍ର ସିଂହ ଥରେ ପହଞ୍ଚିଗଲା ପରେ ଏହି ତନ୍ମୟତାର ବିନ୍ଧାଣୀମାନେ ମାତ୍ର ଗୋଟିଏ ଗୀତରେ ସୀମାବଦ୍ଧ ରହି ଅବଲୀଳାକ୍ରମେ ମଞ୍ଚରୁ ଅପସରି ଯିବେ । ମନ୍ତ୍ରୀଙ୍କ ମିଥ୍ୟା ପ୍ରତିଶ୍ରୁତି ସର୍ବସ୍ୱ ତୁଚ୍ଛା ଭାଷଣ ଓ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନାର ନିହାତି ଅସ୍ୱସ୍ତିକର ପର୍ଯ୍ୟାୟ ଅପେକ୍ଷା ଏ ରସାଳ, ରମଣୀୟ ନୃତ୍ୟ ଢେର୍‌ଗୁଣ ଭଲ । ବିଶାଳକାୟ ମାର୍ଦ୍ଦଳ ଓ ଡ୍ରମ ବଜାଉଥିବା ଅତ୍ୟଧିକ ଉତ୍ସାହୀ ଓ ବଳବାନ ମଣିଷମାନଙ୍କୁ ମଞ୍ଚ ପରିଚାଳକମାନେ ଶାଳପତ୍ର ଦନାରେ କିଛି ଜଳଖିଆ ଯୋଗାଇ ଦେଲେ ଏବଂ ସେହି ବଳବର୍ଦ୍ଧକ ଜଳଖିଆ ଖାଇ ସେମାନେ ତତ୍‌କ୍ଷଣାତ୍ ଦ୍ୱିଗୁଣିତ ଉତ୍ସାହ ଓ ତେଜରେ ଡ୍ରମ୍ ପିଟିବାକୁ ଲାଗିଲେ । ସମୟେ ସମୟେ 'କାରଣ-ବାରି' ପ୍ରଭାବରୁ ସେତକ ବେତାଳ ହେବା ବେଳେ ସସତର୍କେ ସେମାନଙ୍କୁ ଚେତାଇ ଦେଉଥିଲେ ମଞ୍ଚ ପରିଚାଳକ ଦଳ ।

ହଠାତ୍ ଲୋକମାନେ ଚଳଚଞ୍ଚଳ ହୋଇଉଠିଲେ, କିଛି ଧାଁ ଦଉଡ଼ ଆରମ୍ଭ କରିଦେଲେ । ମାଳମାଳ ମଟରଗାଡ଼ି ପଛରେ ସାଇରନ୍ ବଜାଇ ଗୋଟାଏ ଗାଡ଼ି ଏବଂ ତା'ପଛକୁ ନାଲିବତୀର ଦପ୍‌ଦପ୍ ଭିତରେ ସୁଦୃଶ୍ୟ ଏକ ମଟରଗାଡ଼ି ସୂଚାଇଦେଲା ମନ୍ତ୍ରୀ ମହୋଦୟଙ୍କ ଆଗମନ । କିଛି ହୈ ଚୈ ଭିତରେ ଏକାଧିକ କଣ୍ଠର କୋଳାହଳ ଶୁଭିଲା – 'ମନ୍ତ୍ରୀ ଆସିଗଲେ ।' ଏହି ମହାମାନ୍ୟ ଅତିଥି ପ୍ରବରଙ୍କୁ ଶୁଣିବା ପାଇଁ ଏକ

Digitized by srujanika@gmail.com

ବିଶାଳ ସାମିଆନା ତଳକୁ ଧାଇଁ ଆସିଲେ ଦଳ ଦଳ ମଣିଷ । ହଠାତ୍ ମାଇକ୍ ସାମ୍ନାରେ ଶୁଭିଲା ଏକ କଣ୍ଠସ୍ୱର-'ମନ୍ତ୍ରୀଜୀଙ୍କ ସମୟ ବହୁତ କମ୍ ।' ଥରେ ନୁହେଁ, ଲଗାତର ତିନିଥର ସେହି ଘୋଷଣା କରାଗଲା—ଯେମିତି ସେ ବାକ୍ୟଟା ମନ୍ତ୍ରୀଙ୍କ ସମ୍ବର୍ଦ୍ଧନାର ଥିଲା ଆଦ୍ୟ ସମ୍ଭାଷଣ । ଏ ଘୋଷଣା କରୁଥିଲେ ଟାଇପିନ୍ଧା ସ୍ଥାନୀୟ ବି.ଡି.ଓ । ପ୍ରଚଣ୍ଡ ଗ୍ରୀଷ୍ମ ସତ୍ତ୍ୱେ ସେ କଣ୍ଠ-କୌପିନଟିକୁ ବାରମ୍ବାର ହୁଗୁଳା କରି ପୁଣି ଭିଡୁଥିଲେ ଓ ଚତୁର୍ଥଥର ପାଇଁ ଘୋଷଣା କଲେ—'ମନ୍ତ୍ରୀ ମହୋଦୟଙ୍କ ସମୟ ବହୁତ କମ୍ ।' ଯଦିଓ ତିନିଘଣ୍ଟା ବିଳମ୍ବରେ ମନ୍ତ୍ରୀ ଉପସ୍ଥିତ ହୋଇଥିଲେ । ତେବେ ଏ ଘୋଷଣା ଥିଲା ସାଂସ୍କୃତିକ ଦଳମାନଙ୍କ ପ୍ରତି ସତର୍କବାଣୀ ଯେ, ମନ୍ତ୍ରୀଙ୍କର ମଞ୍ଚ ଉପରେ ପରିବେଷଣ ସେମାନଙ୍କ ନାଚଗୀତ ଅପେକ୍ଷା ଅଧିକ ସମୟ ଆବଶ୍ୟକ କରେ ।

ପାରମ୍ପରିକ ପୁଷ୍ପମାଲ୍ୟ ପ୍ରଦାନ ଉତ୍ସବ ପରେ ସ୍ଥାନୀୟ ଚର୍ଚ୍ଚ ପରିଚାଳିତ ମିଶନ ସ୍କୁଲର କିଶୋରୀ କନ୍ୟାମାନେ ଏକ ଅପୂର୍ବ ସମ୍ମୋହନୀ-କଣ୍ଠରେ ଗାଇଲେ ସ୍ୱାଗତ-ଗୀତିକା । ଇଂରାଜୀରେ ରଚିତ ଏ ଗୀତର ଅଧିକାଂଶ ପଂକ୍ତି ଲାଗୁଥିଲା ଚିହ୍ନା ଚିହ୍ନା; ମାତ୍ର ଗୀତର ଭାବ ଥିଲା ବିଚିତ୍ର । ଏହାର ଏକ ମର୍ମାନୁବାଦ ହୋଇପାରେ ନିମ୍ନ ପ୍ରକାରର :

''କେଡ଼େ ମଧୁର ଆଜି ଏ ଲଗନ
ମଳୟ ଛୁଇଁଛି ପବନ/ମନେ ଜାଗଇ କେତେ ସପନ
ଜାଣି ମନ୍ତ୍ରୀଙ୍କ ଶୁଭ ଆଗମନ/ଆମେ ସଜାଇଛୁ ଫୁଲେ ତୋରଣ ।''

ଅଦ୍ଭୁତ ଥିଲା ଏ ଗୀତିକା । ପବନରେ ମଳୟ ନଥିଲା କି ସାମାନ୍ୟତମ ଶୀତଳତାର ସ୍ପର୍ଶ; ଥିଲା ପ୍ରଚଣ୍ଡ ଝାଞ୍ଜି । ଏବଂ ତନ୍ଦ୍ରିଳ, ଚିର ଉପେକ୍ଷିତ, ଦାରିଦ୍ର୍ୟ ପୀଡ଼ିତ ଗୋଡ଼ାର ଅଧିବାସୀଙ୍କ କ'ଣ ସ୍ୱପ୍ନରାଜି ଥିଲା କେଜାଣି ? ତେବେ ଗୀତିକାଟିର ଅବଶିଷ୍ଟ ପଂକ୍ତିରେ ଥିଲା ଶ୍ଳେଷ ଓ ପରିହାସ । ସୌଭାଗ୍ୟ ଯେ, ଗୀତଟି ଇଂରାଜୀରେ ଥିବାରୁ ମନ୍ତ୍ରୀ ମହୋଦୟଙ୍କର ବୁଝିବାରେ ପ୍ରଚଣ୍ଡ ଅସୁବିଧା ଥିଲା । ଚର୍ଚ୍ଚର କେଉଁ ସୁଚତୁର ପୁରୋହିତ ପାଦ୍ରୀ ଦୁଷ୍ଟାମୀ କରି କୌଶଳ କ୍ରମେ ପଂକ୍ତିଗୁଡ଼ିକୁ ସଜାଇ ଥିଲେ ଏବଂ ପ୍ରଚ୍ଛଦ ଯନ୍ତ୍ରସଂଗୀତ ଭିତରେ ଗୀତଟିର ଭାବାର୍ଥ ଲୁଚି ଯାଉଥିଲା; ନଚେତ୍ ଅବଶ୍ୟମ୍ଭାବୀ ଏକ ବିସ୍ଫୋରଣ ଘଟିଥାନ୍ତା । ଯେମିତି : ''ମନ୍ତ୍ରୀ ଆସିବେ ବୋଲି ଉଜାଗରେ ପାହେନା ରାତି / ମନ୍ତ୍ରୀଙ୍କ ପାଇଁ ସଜାଇ ରଖିଛୁ ସୁରା ସିକ୍ତ, ଅଣ୍ଡା ମିଶ୍ରିତ ଫୁଲ୍‌କା ଫୁଲ୍‌କା ରୁଟି ।''—ଇତ୍ୟାଦି ଥିଲା ବଡ଼ ବ୍ୟଙ୍ଗ ଓ ବ୍ୟଞ୍ଜନାତ୍ମକ । ଆହୁରି ଥିଲା ଶ୍ଳେଷ :

''ତୁମ ପ୍ରତିଶ୍ରୁତିମାନ ବୁଦ୍ ବୁଦ୍ ପ୍ରାୟ ମିଳାଇ ଯିବ କ୍ଷଣିକେ
ମଞ୍ଚ ଛାଡ଼ିଲେ ବିସ୍ମରି ଯିବ ସବୁକଥା ଆଖି ପଲକେ
ଆମେ ଚିର ଶୋଷିତ ମୂକ ଜନତା ପଡ଼ି ରହିଥିବୁ ତଳେ
ଟିକେ ଦୃଷ୍ଟି ଦେଲେ ଭାଗ୍ୟ ବଦଳିବ ମାଳ ଲମ୍ବାଇବୁ ଗଳେ ।''

Digitized by srujanika@gmail.com

ପ୍ରଭାବ ପକାଇବାର ପ୍ରତିଶ୍ରୁତି ରଖିଥିବା ଏହି ପଦଗୁଡ଼ିକ ଗୋଡ଼ା ଭଳି ଏକ ଅନଗ୍ରସର ଇଲାକାର ଉତପ୍ତ ପବନରେ ଦାରୁଣ ଭାବେ ଶୋଷି ହୋଇଗଲା ଏବଂ ସମ୍ମିଳିତ କଣ୍ଠ-ସଂଗୀତ ମଧ୍ୟ ତଦ୍ରୁପ ଭାବେ ଶେଷ ହୋଇଗଲା ।

''ମନ୍ତ୍ରୀଜୀଙ୍କର ସମୟ ବହୁତ କମ୍ ।'' –ପୁନଶ୍ଚ ଉଚ୍ଚାରଣ କଲେ ସ୍ଥାନୀୟ ବି.ଡ଼ି.ଓ, କପାଳ ଉପରୁ ଝାଳ ପୋଛୁ ପୋଛୁ । ଝିଅପିଲାଙ୍କ ମଞ୍ଚରୁ ଅବତରଣ ଓ ବାଳକମାନେ ମଞ୍ଚରେ ସେମାନଙ୍କ କଳା-କୌଶଳ ପ୍ରଦର୍ଶନ ପାଇଁ ପ୍ରବେଶ କରିବା ଅବସରରେ ବି.ଡ଼ି.ଓ ମହୋଦୟଙ୍କର ଏହା ଥିଲା ସେମାନଙ୍କ ପ୍ରତି ବୈଧାନିକ ସତର୍କତା । ପୁନଶ୍ଚ ଷଷ୍ଠଥର ପାଇଁ ସେ ଦୋହରାଇଲେ ସତର୍କବାଣୀ, ସତେ ଯେପରି ପୁନରାବୃତ୍ତି ନକଲେ ସେ ଭୁଲିଯିବେ ନାଟକର ଏକ ମହାନ ସଂଳାପ । ବାଳକମାନଙ୍କ ସଂଗୀତ ପରିବେଷଣର ମଧ୍ୟଭାଗରେ ବି.ଡ଼ି.ଓ. ମହାଶୟ ତାଙ୍କର ଏକମାତ୍ର କୁହୁକ-ବାକ୍ୟକୁ ପୁନରାବୃତ୍ତି କରିବାରୁ ପୁଅମାନେ ତରବରରେ ଶେଷ ଦୁଇ ପଂକ୍ତି ଗିଳିପକାଇ ମଞ୍ଚରୁ ଅବତରଣ କଲେ ଏବଂ ସାଂସ୍କୃତିକ ଦଳ ଦଖଲ କଲେ ମଞ୍ଚ ।

ଏବେ ରାଜନୈତିକ-ସ୍ତରୀୟ ଷ୍ଟେଜ୍ ମ୍ୟାନେଜରମାନଙ୍କର ଆରମ୍ଭ ହେଲା ଜଳଦ୍‌ଘର୍ମ ଅବସ୍ଥା । ଅଧିକ କାରଣ-ବାରି 'ଜଳପାନ' ଯୋଗୁଁ ଆବଶ୍ୟକତା ଠାରୁ ଅଧିକ ଉତ୍ସାହ, ଉତ୍ତେଜନାରେ ଆକ୍ରାନ୍ତ ମାର୍ଦ୍ଦଳ ବାଦକମାନେ ତାଳଲୟ ଭୁଲି ହୁଙ୍କାପିଟା ନୀତିରେ ବାଡ଼େଇ ଚାଲିଲେ ବାଜା । ଏହା ଯେମିତି ଥିଲା 'ମାଇକ୍ ଟେଷ୍ଟିଂ' ଶୈଳୀରେ ସେମାନଙ୍କର ରିହର୍ସାଲ୍ । ତେବେ କିଛି ଭୟଙ୍କର କଟାକ୍ଷ, ମୂକ ସଂକେତ ଓ ସତର୍କତାମୂଳକ ତାତ୍କାଳିକ ପଦକ୍ଷେପ ଯୋଗୁଁ ଯୁଦ୍ଧକାଳୀନ ଭିତ୍ତିରେ ଅବସ୍ଥାକୁ ଆୟତ୍ତକୁ ଅଣାଗଲା । ଏବଂ ଯଥାସମ୍ଭବ ଶୀଘ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ପଡ଼ିଲା ଯବନିକା । ବି.ଡ଼ି.ଓ.ଙ୍କ ଘନଘନ 'ସମୟ ବହୁତ କମ୍' ଘୋଷଣାରୁ ମନେ ହେଲା ଅନେକ ଗୁରୁତ୍ୱପୂର୍ଣ୍ଣ କାମ ସମାହିତ ହେବାପାଇଁ ଅପେକ୍ଷାରେ ଅଛି ।

ବି.ଡ଼ି.ଓ ତାଙ୍କର ଲିଖିତ ପ୍ରାରମ୍ଭିକ ଅଭିଭାଷଣକୁ ଚୁଡ଼ା ଚାକୁଳାଇବା ଢଙ୍ଗରେ ପଢ଼ି ସାରିବା ପରେ ସ୍ଥାନୀୟ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ବିଧାୟକ ହେମଲାଲ ମୁର୍ମୁ ଆରମ୍ଭ କଲେ ମନ୍ତ୍ରୀଙ୍କ ପାଇଁ ସ୍ୱାଗତିକା । ହେମଲାଲଙ୍କ ମଞ୍ଚ ଉପରେ ଉପସ୍ଥିତି ବଡ଼ ବିସ୍ମୟକର ଲାଗିଲା । କାରଣ ସେତେବେଳକୁ ତାଙ୍କ ଦଳ ପକ୍ଷରୁ ସମଗ୍ର ରାଜ୍ୟବ୍ୟାପୀ ବନ୍ଦ ଓ ରାସ୍ତାରୋକ ଚାଲୁଥିଲାବେଳେ, ସେ କିପରି ଗାଉଛନ୍ତି ମନ୍ତ୍ରୀଙ୍କ ବନ୍ଦନା ? ସଭାସ୍ଥଳରୁ ମାତ୍ର ଦଶ କିଲୋମିଟର ଦୂରରେ ସେଦିନ ଗିରଫ ହୋଇଥାନ୍ତି ଶହ ଶହ ଆନ୍ଦୋଳନକାରୀ ମୁକ୍ତିମୋର୍ଚ୍ଚା କର୍ମୀ । ତେବେ ମୋ ପାଖରେ ବସିଥିବା ଜଣେ ଭଦ୍ରବ୍ୟକ୍ତି ସଗର୍ବେ ଉତ୍ତର ଦେଲେ –''ଆଜ୍ଞା ! ଏଇଟା ବିହାର । ଏଠି ସବୁ ସମ୍ଭବ ଏବଂ ଏହା କହୁଛି ବନ୍ଦ ଓ ରାସ୍ତାରୋକୋ କିପରି ଚାଲିଥିବ !'' ତାଙ୍କଠାରୁ ଜାଣିଲି ଭାରତୀୟ କମ୍ୟୁନିଷ୍ଟ

Digitized by srujanika@gmail.com

ଦଳରୁ ତ୍ୱରିତ ଇସ୍ତଫା ଦେଇ ହେମଲାଲ ତଦ୍ରୂପ ବେଗରେ ଝାଡ଼ଖଣ୍ଡରେ ପ୍ରବେଶ କଲେ ଏବଂ ନିର୍ବାଚନ ଜିଣିବା ଥିଲା ତାଙ୍କର ଏକମାତ୍ର ଲକ୍ଷ୍ୟ । ତାହା ଅଚିରେ ସାଧିତ ହେଲା । ସେ ଏବେ ଆଉ ପାଦେ ଆଗେଇବାକୁ ଚାହାନ୍ତି – ଜନତା ଦଳରେ ଯୋଗଦାନ ।

ହେମଲାଲଙ୍କ ଭାଷଣକୁ ପ୍ରତୀକ୍ଷା କରି ଆମେ ଏ ବିଷୟରେ ଚର୍ଚ୍ଚା କରୁଥାଉ । କିଛି ସମୟ ପରେ ସେ ଆରମ୍ଭ କଲେ, ମାତ୍ର ପ୍ରଥମ ପାଞ୍ଚମିନିଟ୍ ବେମାରୀ ଆକ୍ରାନ୍ତ ମାଇକ ସହିତ ଅସଫଳ ଭାବେ ଯୁଝିବାରେ କଟିଗଲା । ଅପେକ୍ଷାକୃତ ଏକ ସୁସ୍ଥ ମାଇକ ରୋଗିଣାର ସ୍ଥାନ ଦଖଲ କଲାପରେ ଆରମ୍ଭ ହେଲା ସରଗରମ ପର୍ଯ୍ୟାୟ – ମନ୍ତ୍ରୀ ମହୋଦୟଙ୍କର ଭବ୍ୟ ସ୍ୱାଗତ । ସ୍ୱାଗତିକା-ବନ୍ଦନାର ଶବ୍ଦ ପଟୁଆରରେ ବେଶ୍ ଭିଡ଼ ଲାଗି ରହିଥିଲା, ତୋଷାମଦି-ଭାଷାକୋଷ ପାଇଁ ଅନେକ ନୂଆ ଖୋରାକ ମିଳିଲା ଏବଂ ସେଥିପାଇଁ ସମୟର କୌଣସି ଚେକ୍-ପୋଷ୍ଟ ନଥିଲା । ସମୁଦାୟ ସାଂସ୍କୃତିକ କାର୍ଯ୍ୟକ୍ରମ ଯେତେ ସମୟ ନେଇଥିଲା ତା'ଠାରୁ ଢେର ସମୟ ଚାଲିଗଲା କେବଳ ମନ୍ତ୍ରୀ ମହୋଦୟଙ୍କ ଉଚ୍ଛ୍ୱସିତ ପ୍ରଶଂସା । ମନେ ହେଉଥିଲା, ମନ୍ତ୍ରୀଜୀଙ୍କର ସମୟ ସଂପର୍କରେ ସବିଶେଷ ସଚେତନ ଥିବା ବି.ଡ଼ି.ଓ ମହାଶୟ ବୋଧହୁଏ ସେତେବେଳକୁ ଢୁଳେଇ ପଡ଼ିଥିଲେ । ବିଧାୟକଙ୍କ ବକ୍ତବ୍ୟର ପରିସମାପ୍ତି ପରେ ଜଣେ ଅଫିସର ଅତି ସଂକ୍ଷିପ୍ତରେ, ତରବରରେ କିଛି କହିବା ପରେ ମନ୍ତ୍ରୀ ମହୋଦୟ କଣ୍ଠ ପରିଷ୍କାର ପାଇଁ ବଢ଼ ଖଣ୍ଡେ ଚୋବାଇ ମାଇକ୍ ଅଧିକାର କଲେ ।

ଏବେ, ଆମେ ଆବିଷ୍କାର କଲୁ – ସମୟ ବହୁତ ଥିଲା । ଏହାର ଅଧଘଣ୍ଟା ପରେ ଆମେ ଉଠି ଚାଲି ଆସିଲା ବେଳକୁ ସେ ତଥାପି କହୁଥିଲେ । ଗୋଡ଼ାର ପରିମାପକରେ 'ସମଗ୍ର ରାଜ୍ୟ ବ୍ୟାପୀ ବନ୍ଦ ଡାକରା' ଅନ୍ତତଃ ପକ୍ଷେ ମୋତେ ହତାଶ କରିଥିବାରୁ ସଭାସ୍ଥଳରୁ ଅବ୍ୟାହତି ନେଲି । ଏହାର ଠିକ୍ ସପ୍ତାହକ ପରେ ମୁଁ ରହୁଥିବା ଲଜିଂରେ ଏହି 'ବନ୍ଦ ଜାତୀୟ ପଦାର୍ଥ'ର ଉଷୁମ ସ୍ପର୍ଶ ପାଇଲି । ସେଦିନ ରାତିରେ ପୁଲିସ୍ ସେ ଲଜିଂ ଉପରେ ଆରମ୍ଭ କରିଥିଲେ ଚଢ଼ାଉ । ଏହାର ଅଧିନାୟକତ୍ୱ ନେଇଥିଲେ ଅତ୍ୟନ୍ତ ଚଳଚଞ୍ଚଳ, ସ୍ଫୂର୍ତ୍ତିମୟ ଯୁବକତ୍ୱରେ ଉଚ୍ଛୁଳା, ଚରମ ସନ୍ଦେହୀ ଜଣେ ଡି.ଏସ୍.ପି । ମୋର ପ୍ରତିବେଶୀ କୋଠରୀରେ ରହୁଥିବା ଦୁଇଜଣ 'ଅତ୍ୟନ୍ତ ସନ୍ଦିଗ୍ଧ ଚରିତ୍ର'ର ବ୍ୟକ୍ତିଙ୍କୁ ସେ ଗିରଫ କଲେ; ବୋଧହୁଏ କେଉଁଠାରୁ ଆଭାସ ପାଇ ଆସିଥିଲେ । ସେମାନଙ୍କ ଚରିତ୍ର ବିଷୟରେ ସନ୍ଦେହ ଅମୂଳକ ନଥିଲା । ସେମାନଙ୍କ ପାଖରୁ ବନ୍ଧୁକ ମିଳିଲା, ମାତ୍ର ତାହା ଥିଲା କଳାତ୍ମକ ବ୍ୟବାହାର ପାଇଁ – ଜଙ୍ଗଲରେ ଶିକାର । ଭାବାବେଗର ତାଡ଼ନାରେ ସେମାନେ ପୂର୍ବରୁ ଏ ଧନ୍ଦାରେ ସଂପୃକ୍ତ ଥିଲେ, ମାତ୍ର ଏବେ ନାହାନ୍ତି – ସେକଥା ସ୍ୱୀକାର କଲେ । ପୁଲିସ୍ ପାଇଁ ଭାବାବେଗର କି ମୂଲ୍ୟ !!

ଗୋଡ଼ାର ଚିରାଚରିତ ଅଭ୍ୟାସ ଭଳି ଚଢ଼ାଉ ସମୟରେ ବିଜୁଳି ନଥିଲା । ସୁତରାଂ ଅନ୍ଧାର ଭିତରେ ମୁଁ କୋଠରୀରେ ଥାଇ ଦରାଣ୍ଡି ହେଉଥିଲି । ଗରମରେ

Digitized by srujanika@gmail.com

ଅତିଷ୍ଠ ହୋଇ ମୁଁ କୋଠରୀ ବାହାରକୁ ଆସି ପାହାଚ ଅଭିମୁଖେ ଚାଲିଲି । ସେ ସ୍ଥାନଟି ମୂଷା ଏବଂ ପୁଲିସ୍‌ଙ୍କ ଦୌରାତ୍ମ୍ୟରେ ଚଳଚଞ୍ଚଳ, ସଜୀବ ଥିଲା । ସୁତରାଂ ପାହାଚ ଚଢ଼ିଲାବେଳେ ପ୍ରଥମଟି ଚିଁ ଚାଁ ଶବ୍ଦ କରି ଭୟାର୍ତ୍ତ ଲମ୍ଫ ଦେଲା; ମାତ୍ର ଦ୍ୱିତୀୟଟି ବୁଝିସୁଝି ମୋ ଆଡ଼େ ସାହସିକ ଲମ୍ଫ ଦେଲା ।

ମୋର ଜାତି ଗୋତ୍ର ବୃତ୍ତି ସଂପର୍କରେ ଡି.ଏସ୍.ପି. ପ୍ରଶ୍ନ କଲେ । ମୋର ଦାବୀ ଅନୁଯାୟୀ ମୁଁ ଯଦି ଜଣେ ସାମ୍ବାଦିକ ଏବଂ କିଛିଦିନ ହେଲା ରିପୋର୍ଟିଂ ଉଦ୍ଦେଶ୍ୟରେ ସଂପୃକ୍ତ ସହରରେ ରହିଛି—ତେବେ ମୁଁ କାହିଁକି ଉଚ୍ଚକର୍ତ୍ତୃପକ୍ଷଙ୍କୁ ତାହା ଜଣାଇ ନାହିଁ । ଅନ୍ତତଃ ପକ୍ଷେ ତାଙ୍କ ଉପର ହାକିମ—ଏସ୍.ପି. ସାଇବଙ୍କୁ ମୋର ଗୋଡ଼ାରେ ଅବସ୍ଥିତି ସଂପର୍କରେ କାହିଁକି ଜଣାଇ ନାହିଁ ବୋଲି ସେ ପ୍ରଶ୍ନ କଲେ । ମୁଁ କୌଣସି ଅପରାଧରେ ଜେଲ୍ ଯାଇ ଜାମିନ୍‌ରେ ଆସିନଥିବା କିମ୍ବା ପୁଲିସ୍ ତାଲିକାରେ ଜଣେ ଅଭ୍ୟାସଗତ ଅପରାଧୀ ହୋଇନଥିବାରୁ ଏପରି ଅନୁମତିର କି ପ୍ରୟୋଜନ ବୋଲି ପାଲଟା ପ୍ରଶ୍ନ କରିବାରୁ ସେ ନୀରବ ରହିଲେ ।

ସେ ମୋର ସାମ୍ବାଦିକ ପରିଚୟପତ୍ର ଦେଖିବାକୁ ଚାହିଁଲେ — ଭାଗ୍ୟକୁ ସେଇଟି ପାଖରେ ଥିଲା । ମୋର ଦୁଇ ପ୍ରତିବେଶୀଙ୍କୁ ତା'ପରେ ଆଉ ଦେଖିନାହିଁ — ପରବର୍ତ୍ତୀ କିଛିଦିନ ପାଇଁ ସେମାନେ କୋଠରୀଟି ବୁକ୍ କରିଥିବା ସତ୍ତ୍ୱେ ଲଜିଂର ପେଶାଦାର ମ୍ୟାନେଜର ତତ୍‌କ୍ଷଣାତ୍ ସେ କୋଠରୀକୁ ଅନ୍ୟ ଜଣଙ୍କ ନାମରେ ଦଲିଲ କରିଦେଲେ । ପରବର୍ତ୍ତୀ କିଛିଦିନ ପାଇଁ ପୁଲିସ୍ ସେ ଦୁହିଁଙ୍କୁ ସଂରକ୍ଷଣ ସୁବିଧା ଯୋଗାଉ ଥିବାରୁ (ଅବଶ୍ୟ ହାଜତ ଭିତରେ) ଲଜିଂରେ ସେମାନଙ୍କ ସଂରକ୍ଷଣକୁ କାମରେ ଲଗାଇ ଦେଇ ମ୍ୟାନେଜର ବାପୁଡ଼ା ନିଜ ଚତୁରତାର ପରିଚୟ ଦେଲେ ।

ଏସବୁ ଘଟଣା ପରେ ରେଳଷ୍ଟେସନ ଯାଇ ଟିକେ ବୁଲାବୁଲି କରି ମନଟାକୁ ସହଜ, ହାଲ୍‌କା କରିବାର ଆକର୍ଷଣରୁ ମୋତେ ବଞ୍ଚିତ କଲା ମୋ ଦେହର କ୍ଳାନ୍ତି ଓ ଦରଜ । ଗତ ଚାରିଦିନ ଧରି ମାଳ ଅଞ୍ଚଳରେ ବୁଲାବୁଲି କରି ସବୁ ଇନ୍ଦ୍ରିୟଗୁଡ଼ିକ ଅବଶ, ନିଷ୍କ୍ରିୟ ହୋଇପଡ଼ିଥିଲେ । ତେବେ ପଡ଼ୋଶୀ କୋଠରୀରେ ମୁଁ ଫେରି ପାଇଲି ନୂଆ ଅତିଥି । କିନ୍ତୁ ମୁଁ ଜେଲ୍ ନଯାଇ ପୁଣି ସେହି ସମାନ କୋଠରୀ ଦଖଲ କଲି ।

ପୁଲିସ୍ ନିଜ ଦାୟିତ୍ୱରୁ ଅବ୍ୟାହତି ନେଇ ଅପସରି ଗଲେ । ବଡ଼ ସ୍ମରଣୀୟ ଓ ମହତ୍ତ୍ୱପୂର୍ଣ୍ଣ ଥିଲାପରି ଲାଗିଲା ସେ ଦିନଟି । ମନେ ହେଉଥିଲା ଗୁଣୁଗୁଣେଇ ଗାଇବାକୁ କିଶୋରୀ କନ୍ୟାମାନଙ୍କ ସମ୍ମିଳିତ କଣ୍ଠର ସ୍ୱାଗତ ଗୀତର ଘୋଷା : "କେଡ଼େ ମଧୁର ଆଜି ଏ ଲଗନ ।"

❖ ❖ ❖

Digitized by srujanika@gmail.com

ମଦ-ରନ୍ଧାଳୀର ନିରନ୍ଧ୍ର ପୃଥିବୀ

ତେଙ୍ଗା ତେଙ୍ଗା ତାଳଗଛର ଗହଳି ଏବଂ ବୁଦବୁଦିଆ ଜଙ୍ଗଲ ଭିତରେ ସନ୍ତର୍ପଣରେ କିଛି ଗୋଟାଏ ରନ୍ଧାବଢ଼ା କାମ ଚାଲିଥାଏ । ପାଖାପାଖି ପହଞ୍ଚିଲେ ପବନରେ ଉକୁଟି ଉଠୁଥିବା ସୁଗନ୍ଧିରୁ ମନେହେବ କିଛି ଆୟୁର୍ବେଦିକ ଔଷଧ ପ୍ରସ୍ତୁତି ଚାଲିଛି । ଆହୁରି ପାଖରେ ଦେଖିଲେ ଜଣାପଡ଼ିବ ଅନୁମାନ ସତ୍ୟ—ଗୋଟାଏ ବଡ଼ ହଣ୍ଡାରେ ଆଠ କି.ଗ୍ରା. ଖଜୁରୀ ଗୁଡ଼, ଚାରି କିଲୋଗ୍ରାମ୍‌ର ଶୁଖିଲା ଫଳ କାଡୁଆଇ, କିଛି ପୋସ୍ତକ ମଞ୍ଜି, ଖଣ୍ଡିଏ ଅଦା, ଫିଟିକିରି ସହ ଚେରମୂଳିର ପ୍ରସ୍ତୁତି କର୍ପୂର ହରସାଇ ମିଶି ରନ୍ଧା ହେଉଛି । ଏହି ମିଶ୍ରଣ ଉପରେ ପଡ଼ିଛି କିଛି ଖଜୁରା ଓ ପାଚିଲା କଦଳୀ ଚୋପା । ଏତକର ମିଶ୍ରଣକୁ ମାଟି ତଳେ ପୋତି ଦିଆଯିବ ସପ୍ତାହଟିଏ । ତା'ପରେ ତାକୁ ବାହାର କରି ପୁଣି ରନ୍ଧାହେବ ଏବଂ 'ବକଯନ୍ତ୍ର' କୌଶଳରେ ଶୁଦ୍ଧ ଭାବେ ନିଷ୍କାସିତ ହେବ । ଏଥିରୁ ମିଳିବ କ'ଣ ?

ପାଞ୍ଚଶହ ଟଙ୍କାର ଜୋରିମାନା ସହ ଜେଲ୍ ଦଣ୍ଡ । କାହିଁକି ? ଆୟୁର୍ବେଦୀୟ ପ୍ରସ୍ତୁତି ପରି ପ୍ରତୀୟମାନ ଏହି ନିଷ୍କାସିତ ପାନୀୟଟି ହେଉଛି ଶୁଦ୍ଧ ଦେଶୀ ମଦ ଏବଂ ତାମିଲନାଡୁରେ ଏହା ନିଷିଦ୍ଧ । ତେବେ, ନିଷିଦ୍ଧାଞ୍ଚଳରେ ପ୍ରବେଶ ପାଇଁ ଅନେକଙ୍କ ମନରେ କୌତୂହଳ ଜାଗେ ଏବଂ ଆଉକିଛି ଅନୁପ୍ରବେଶର ଦୁଃସାହସ କରନ୍ତି । ଏହି ଦେଶୀ ପାନୀୟର ଠେସା (ଭଦ୍ରଭାଷାରେ ନିଶା)କୁ ତୀବ୍ରତର, ବେଗଗାମୀ କରିବା ପାଇଁ ତଥା ପଚନ ପଦ୍ଧତିକୁ ଶୀଘ୍ରତର କରିବା ଲକ୍ଷ୍ୟରେ ଯଦି କେହି ଏଥିରେ ପୋଡ଼ା ବ୍ୟାଟେରୀର ଗୁଣ୍ଡ, ଲଙ୍କା ଏବଂ ଗୋବର ମିଶାନ୍ତି; ତେବେ ଦଣ୍ଡପ୍ରାପ୍ତି ତଦ୍ରୂପ ଭାବେ ଅଧିକ କଡ଼ା ହୋଇଯିବ । ବିଚାର ବିଭାଗୀୟ ହାକିମ ହୁଏତ ଆଉ କିଛି ଶତ କି ସହସ୍ର ମୁଦ୍ରାକୁ ବଢ଼ାଇ ଦେବେ ଜୋରିମାନାର ପରିମାଣ । ଜେଲ୍ ହାଜତରେ ଅବରୁଦ୍ଧ ହେବାର ଅବଧି ମଧ୍ୟ ଅନୁରୂପ ମାତ୍ରାରେ ବୃଦ୍ଧି ପାଇପାରେ ।

ଏସବୁ ସତ୍ତ୍ୱେ ଏହି 'କାରଣ-ବାରି' ଔଷଦ ରନ୍ଧନ ହେଉଛି ତାମିଲନାଡୁର ସର୍ବାଧିକ ସ୍ୱୀକୃତିପ୍ରାପ୍ତ ଅବୈଧାନିକ ଶିଳ୍ପ । ତେବେ, ଏହି ନିଷିଦ୍ଧ, ଦଣ୍ଡନୀୟ ଶିଳ୍ପ ବିସ୍ତାରରେ କେଉଁ ଦୁଃସାହସୀମାନେ ଆଗ୍ରହୀ ଥାନ୍ତି ଓ ଅନୁପ୍ରବେଶ କରନ୍ତି ?

ଏହାର ଉତ୍ତର ପାଇବାକୁ ହେଲେ, ଦେଶୀମଦ ରନ୍ଧାଳୀଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିବାକୁ ପଡ଼ିବ । ସେମାନଙ୍କ ଗୋପନ ନିବାସସ୍ଥଳୀକୁ ଯାଇ କାରଣ

Digitized by srujanika@gmail.com

ଖୋଜିବାକୁ ହେବ । ଏହାର ଅର୍ଥ ରାମନାଦ ଜିଲ୍ଲାର ମୁଦୁକୁଲ୍ଲଥୁର୍ ଜଙ୍ଗଲ ଭିତରକୁ ଯାଇ ସେମାନଙ୍କ ସନ୍ଧାନ ନେବାକୁ ହେବ । ଏ ସନ୍ଧାନ ଏତେ ସହଜ ନୁହେଁ । ଘଣ୍ଟା ଘଣ୍ଟା ଧରି ଲକ୍ଷ୍ୟଭ୍ରଷ୍ଟ ଭାବେ ଜଙ୍ଗଲରେ ଘୂରିବା ପରେ ଅବଶେଷରେ ମିଳେ ସେମାନଙ୍କ ସନ୍ଧାନ ।

ଯେପରି ଆଶା କରାଯାଇଥିଲା ସେପରି ଢଙ୍ଗରେ ସାକ୍ଷାତକାର ମିଳିଲା ନାହିଁ । ଆମକୁ ଦେଖିବା ମାତ୍ରେ ସେମାନେ ଜିନିଷପତ୍ର, ରନ୍ଧନ ସାମଗ୍ରୀ ସବୁକିଛି ଛାଡ଼ିଦେଇ ଚିତାବାଘ ଲମ୍ଫ ପ୍ରଦାନ କଲାପରି ତୀବ୍ର ଗତିରେ ଆଖି ପିଛୁଳାକେ କେଉଁଆଡ଼େ ଉଭାନ ହୋଇଗଲେ । ସ୍ଥଳ ଭାଗରେ ଏଭଳି ବେଗର ରେକର୍ଡ଼ ମଧ୍ୟ ବିଶ୍ୱ ଅଲମ୍ପିକରେ ଏଯାଏ ସମ୍ଭବ ହୋଇନାହିଁ । ପରେ ଜଣାପଡ଼ିଲା, ସେଦିନ ମୁଁ ପିନ୍ଧିଥିବା ଖାକି ପୋଷାକ ଦେଖି ସେମାନେ ତାକୁ ପୁଲିସ୍‌ର ପ୍ରତୀକ ଭ୍ରମରେ ପଡ଼ି ଡିଆଁ ମାରିଲେ । ଏହି ଅବସରରେ ମୁଁ ସେମାନଙ୍କ ପରିତ୍ୟକ୍ତ ମଦରନ୍ଧା ସାମଗ୍ରୀର ଫଟୋ ଉଠାଇ ପାରିଲି । ସମୁଦାୟ ସ୍ଥାନଟି ହୋଇପଡ଼ିଥାଏ ନିର୍ଜନ, କେବଳ ମଦରନ୍ଧା ପାଇଁ ଚୁଲିରେ ଜଳୁଥିବା କାଠର ଚଡ଼ଚାଡ଼୍ ଶବ୍ଦ ଥିଲା ଏକମାତ୍ର କୋଳାହଳ । ଯେତେ ଫଟୋ ଉଠାଇଲେ ବି ସେସବୁ ତ କହିବ ନାହିଁ ମଣିଷ କଣ୍ଠର ଶବ୍ଦ ଓ ତା'ର ଅନୁଭୂତି ! ସେଥିପାଇଁ ମଦ ରନ୍ଧାଳୀଙ୍କ ସହ କଥାବାର୍ତ୍ତା ଥିଲା ଆମ ପାଇଁ ଜରୁରୀ ଓ ଏକାନ୍ତ କାମ୍ୟ ।

ଗୋଟାଏ ଘଣ୍ଟା ଓ କେଇ ମାଇଲ ପଥ ଅତିକ୍ରମ କରି ଆମେ ସେମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଶାନ୍ତ କଲୁ, ସାହସ ଦେଲୁ । ପଚାରିଲୁ : "ଆମକୁ ଦେଖି ତୁମେ ଏମିତି ଛାନିଆରେ ଧାଇଁଲ କାହିଁକି ?" ସେମାନଙ୍କ କଣ୍ଠରେ ଥିଲା ଜିଜ୍ଞାସା : "ତୁମେ କାହିଁକି ଖାକି ପୋଷାକ ପିନ୍ଧିଲ ?" ଦୁଇ ମଦ ରନ୍ଧାଳୀ ସ୍ୱାମୀ ଓ କାନନ ଥିଲେ ଖୁବ୍ ଭଦ୍ର, ନମ୍ର ଏବଂ ହର୍ଷୋତ୍‌ଫୁଲ୍ଲିତ; ମାତ୍ର ପୂର୍ଣ୍ଣମାତ୍ରାରେ ମିଥ୍ୟାବାଦୀ – ଯେତେ ସାକୁଲେଇଲେ ବି ସେମାନେ ଏ ଚୋରା ବେପାରର ଅର୍ଥନୀତି ସଂପର୍କରେ ସ୍ପଷ୍ଟ ଚିତ୍ର କିଛି ଦେଲେନାହିଁ । ସେମାନେ ବାରମ୍ବାର ଜୋର୍ ଦେଇ କହୁଥିଲେ : "ଆଜ୍ଞା, ଏ ବେପାରରୁ କାଣିଚାଏ ବି ଲାଭ ମିଳେନା । ପୁରା ମୁତ୍‌ଫରକି ।"

"ଯଦି ଲାଭ ନାହିଁ ବରଂ ଜେଲ୍, ଜୋରିମାନାର ଭୟ ଅଛି; ତେବେ ଏଭଳି ବିପଦଶଙ୍କୁଳ ଧନ୍ଦାକୁ ଧରିଲ କାହିଁକି ?" ପରବର୍ତ୍ତୀ ଅଧଘଣ୍ଟା ଧରି ସେମାନଙ୍କ କଥାବାର୍ତ୍ତା କହିଲା, ଦେଶୀମଦ ରାନ୍ଧିବା ଏକ ପବିତ୍ର କାର୍ଯ୍ୟ । ଫଳରେ ବହୁ ଶନିଗ୍ରହଙ୍କୁ ସେମାନେ ଦୂରେଇ ରଖିପାରୁଛନ୍ତି – ସ୍ୱାମୀ ବୁଝାଇବାକୁ ଚେଷ୍ଟା କଲା । ସେମାନଙ୍କ ସ୍ୱୀକାରୋକ୍ତି କହିଲା, ସେମାନେ ଏ ଧନ୍ଦାରେ ସଫଳ । ଦିନକୁ ଅନ୍ତତଃ ପଚାଶ ଲିଟରେ ଦେଶୀମଦ ସେମାନେ ଉତ୍ପାଦନ କରନ୍ତି । ଏହା ସେମାନଙ୍କୁ କ୍ଷୁଦ୍ର-ମଧ୍ୟମ ବେପାରୀର

Digitized by srujanika@gmail.com

ମର୍ଯ୍ୟାଦା ଦିଏ । ଏହାର ଅର୍ଥ, ଦୈନିକ ସେମାନେ ଅନ୍ୟୂନ ୧୬୦୦ ଟଙ୍କା ରୋଜଗାର କରନ୍ତି । କାନନ ପିନ୍ଧିଥିବା ଦାମିକା କଳାଚଷମା ଓ ଉଭୟଙ୍କ ବେକର ମୋଟା ସୁନାହାର କହେ – ସେମାନେ ଅବସ୍ଥା-ସଂପନ୍ନ । ତେବେ ସେମାନେ ରାଣ ନିୟମ ପକାଇ ହଲପ୍ ଖାଇ କହିଲେ ଯେ, ପୋଡ଼ା ବେଟାରୀ ଗୁଣ୍ଡ ଭଳି ବିଷାକ୍ତ ଜିନିଷ ସେମାନେ କେବେ ମଦ ସହିତ ମିଶାନ୍ତି ନାହିଁ; ଯଦିଓ ଏଭଳି ଅନ୍ୟମାନେ କରୁଥିବା କଥା ସେମାନେ ଜାଣନ୍ତି । ଏହି ଏକା ଜଙ୍ଗଲ ଭିତରେ ସେମାନଙ୍କର ବହୁ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ଅଛନ୍ତି । ‘‘ଆମେ ଯାହା ରାନ୍ଧୁ, ଆମେ ନିଜେ ତାହା ଖାଉ ।’’ – ନମ୍ରତାର ସହ ସ୍ୱାମୀ କହିଲା ।

ଏଭଳି କାରବାର ସହିତ ସଂପୃକ୍ତ ବ୍ୟକ୍ତିଙ୍କର ପୁଲିସ୍ ସହିତ ବେଶ୍ ଭାବଦୋସ୍ତି ଥାଏ । ତେବେ ପୁଲିସ୍ ଭୟରେ ଏଭଳି ଅଲୌକିକ ରେକର୍ଡ ଭଙ୍ଗକାରୀ ଲମ୍ଫର କେଉଁ ଆବଶ୍ୟକତା ଥିଲା ? ଶାନ୍ତ ଭାବେ ସ୍ୱାମୀ ସ୍ୱୀକାର କଲା : ‘‘ସାଧାରଣତଃ ଆମର ପୁଲିସ୍ ସହିତ ସଂପର୍କ ବେଶ୍ ଘନିଷ୍ଠ । ତେବେ ନୂଆକରି ଏଠାକୁ ଯେଉଁ ଡି.ଏସ୍.ପି. କାନ୍ନାପ୍ପାନ୍ ଆସିଛନ୍ତି, ସେ ଜଣେ ଭୟଙ୍କର ଲୋକ ଆଜ୍ଞା । ସେ ଲାଞ୍ଚ ରିସ୍‌ପତ୍ ଧାରନ୍ତି ନାହିଁ । ଦେଶୀମଦ ରନ୍ଧାଳୀଙ୍କ ବିରୋଧରେ ତାଙ୍କର ଭାରି ତନାଘନା ଚଢ଼ଉ ।’’ ଏହି ବିଚିତ୍ର ପୁଲିସ୍ ଅଫିସରଙ୍କ ପ୍ରତି ଦୁଇ ରନ୍ଧାଳୀଙ୍କର ବଡ଼ ସମ୍ଭ୍ରମତା ବେଳେ ଗୋଟାଏ ସବ୍-ଇନିସ୍‌ପେକ୍ଟର ପ୍ରତି ଦୁହେଁ ବର୍ଷଣ କଲେ ବହୁ ଅଶ୍ରାବ୍ୟ ଗାଳି : ‘‘ଶଳା ଲାଞ୍ଚ ନବ, ମଦ ପିଇବ, ଆଉ ଆଉ ଜିନିଷ ମାଗିବ; ହେଲେ ଉପର ଅଫିସରଙ୍କ ଅର୍ଡ଼ର ପାଇଲେ ଆମକୁ ଧରି ବହେ ଛେଚିବ, ଶଳା ହାରାମି ।’’

ଦରକାର ପଡ଼ିଲେ ଏହି ଦୁଇ ରନ୍ଧାଳୀ ଏବଂ ସେମାନଙ୍କ ଧନ୍ଦା ସହିତ ସଂପୃକ୍ତ ସମସ୍ତ ପାଇକାରୀ ଓ ଖୁଚୁରା ବେପାରୀ ଜଙ୍ଗଲର ଅଧିକ ଅଭ୍ୟନ୍ତରକୁ ଯିବାକୁ ପ୍ରସ୍ତୁତ । ତେବେ ଆମେ ସେଠାରେ ଭେଟିଥିବା ଜଣେ ପାଇକାରୀ ବେପାରୀ ଓ ଜଣେ ଗରାଖ ଏପରି ଚଢ଼ାମାତ୍ରାରେ ପେଟେ ପିଇଥିଲେ ଯେ ସେମାନେ କହିପାରିଲେ ନାହିଁ ସେମାନେ ଏବେ ଆସୁଛନ୍ତି ନା ଯାଉଛନ୍ତି । ପିଆଜ ପାଖୁଡ଼ା ପରି ଆଖିଗୁଡ଼ାକ ଥାଏ ଲାଲ୍ ଟହଟହ ଏବଂ ଓଠ ଉପରେ ବାରମ୍ବାର ବୁଲି ଆସୁଥାଏ ଜିଭ । ଟଳମଟଳ ପାଦରେ ଗରାଖଟି ଜଣାଇଲା ଯେ, ତା'ର ବାପା ଏକଦା ଥିଲା ଗୋଟେ ଜମିଦାର । ସ୍ୱାମୀ ଓ କାନନ ଉଚ୍ଛ୍ୱସିତ ଭାବେ ଜଣାଇଲେ ସେମାନଙ୍କ ନମ୍ର-ବୁନିଆଦି : ‘‘ସାର୍, ଆମେ ଦୁହେଁ ଦିନ ମଜୁରିଆରର ପୁଅ, ବହୁ କଷ୍ଟ ଓ ଅଭାବରେ ପଡ଼ି ଏ ଧନ୍ଦା ଚଳାଇବାକୁ ବାଧ୍ୟ ହେଲୁ ।’’ ଏବେ ସେମାନଙ୍କ ଅବସ୍ଥା ବେଶ୍ ସ୍ୱଚ୍ଛଳ । ମାତ୍ର ଏବେ ସେମାନେ ବହୁ ଦୁସ୍ଥ ଦିନ ମଜୁରିଆଙ୍କୁ ବନିଶ୍ କଣ୍ଟାରେ ଧରୁଛନ୍ତି ।

ହେଲେ, ତାମିଲନାଡୁ ଭଳି ରାଜ୍ୟରେ ମନ୍ତ୍ରୀସ୍ତରରେ ହାତ ଥିବା ଦେଶୀ ମଦ ବେପାରୀମାନଙ୍କ ତୁଳନାରେ ସେମାନେ ନିହାତି ନଗଣ୍ୟ । ରାଜ୍ୟରେ ଦେଶୀ ମଦର

Digitized by srujanika@gmail.com

ଯେଉଁ ପ୍ରଖର ପ୍ରବାହ; ସେଥିରେ ଥାଏ କୋଟି କୋଟି ଟଙ୍କାର ଲାଞ୍ଚ, ହାତଗୁଞ୍ଜା, କମିଶନିର ବିବିଧ ଉପ ଓ ଅପପ୍ରବାହ । ସେହି ତୁଳନାରେ ସ୍ୱାମୀ ଓ କାନନ ହେଉଛନ୍ତି ତାଳଗଛ ପାଖରେ ଦୁବଘାସ । ସେମାନେ ତଦ୍ରୂପ ରାଜନୈତିକ ନିରାପତ୍ତା ଉପଭୋଗ କରନ୍ତି ନାହିଁ ।

ତେବେ ଏ ବେପାରର ନୈତିକ ଦିଗନ୍ତଟି କ'ଣ ? ସେମାନଙ୍କ ପାଇଁ କିଛି ନାହିଁ । ''ଆମପାଇଁ ଆଉ କୋଉ ଚାକିରୀ, ରୋଜଗାରୀ ଅଛି ଯେ ?'' –ପଚାରେ ସ୍ୱାମୀ । ତା'ପରେ ଥଙ୍ଗମଙ୍ଗ ହୋଇ ଦୁହେଁ ଦାବୀ କରନ୍ତି : ''ଆଜ୍ଞା ଖଟିଖିଆ, ମଜୁରୀଆ ଯୋଉ ହାଡ଼ଭଙ୍ଗା ପରିଶ୍ରମ କରନ୍ତି, ସେମାନଙ୍କ ପାଇଁ ଇଏ ଓଷଧ ଭଳି ।'' କିନ୍ତୁ ମହିଳା ଶ୍ରମିକ ତ ଏ ଓଷଧ ନ ପିଇ ପୁରୁଷଙ୍କ ଠାରୁ ଅଧିକ ଖଟଣି ଖଟେ ? ବିଲବାଡ଼ିରେ କାମସାରି, ଘରେ ରୋଷାଇ କରେ, ପାଣି ଆଣେ, ପିଲାଛୁଆ ଠୁଁ ଗୋରୁଗାଇ ଯାଏ ସବୁ ସମ୍ଭାଳେ, ସବୁ ଖବର ବୁଝେ । ପୁଣି ଅଣ୍ଟାଳି ହେଲାଭଳି ସେମାନେ ଉତ୍ତର ଦିଅନ୍ତି : ''ଆଜ୍ଞା, ଯେତେହେଲେ ସ୍ତ୍ରୀ ଲୋକ ହେଲେ ମାଇପି ମଣିଷ । ସେମାନଙ୍କ ପାଇଁ ଆଉ କ'ଣ କରାଯାଇ ପାରିବ କୁହନ୍ତୁ ତ ସାର୍ ।''

ଏବେ ସେମାନେ କଥାବାର୍ତ୍ତାର ପ୍ରସଙ୍ଗକୁ ଆଣିଲେ ମଦରନ୍ଧା ପରେ ବଣ୍ଟନ ଓ ବିକ୍ରି ପ୍ରକ୍ରିୟାକୁ । ଏସବୁ କଥାବାର୍ତ୍ତା ବେଳେ ଗୋଟିଏ ବଡ଼ ପିତଳ ହାଣ୍ଡିରେ ମଦରନ୍ଧା ଚାଲିଥାଏ । ଏହା ଉପରେ ଘୋଡ଼ଣି ଭଳି ବସିଥାଏ ଗୋଟାଏ ଶୂନ୍ୟ ମାଟିହାଣ୍ଡି । ଏହି ମାଟିହାଣ୍ଡି ତଳେ କଣାଟାଏ ଏବଂ ପାର୍ଶ୍ୱଦେଶରୁ ତଳକୁ ଝୁଲିଥାଏ ପ୍ଲାଷ୍ଟିକ୍ ନଳୀଟିଏ । ମାଟିହାଣ୍ଡି ଉପରେ ଢାକୁଣି ହୋଇ ଅପେକ୍ଷାକୃତ ଛୋଟ ତାମ୍ର ପାତ୍ର ଏବଂ ସେଥିରେ ରହିଛି ଥଣ୍ଡାପାଣି । ବଡ଼ ହଣ୍ଡାରେ ସାତଦିନ ଧରି ପଚିଥିବା ବିବିଧ ମିଶ୍ରଣ ଟକ୍‌ମକ୍ ହୋଇ ଫୁଟିଲେ ମାଟିହାଣ୍ଡିର ତଳେ ଥିବା ଛିଦ୍ର ଦେଇ ଉଠିବ ବାମ୍ଫ ଏବଂ ତାମ୍ରପାତ୍ରରେ ଥିବା ସାଦା ପାଣିର ସଂସ୍ପର୍ଶରେ ଆସି ତାହା ଶୀତଳିକୃତ ହୋଇ ନଳୀବାଟେ ଝରିବ ତଳକୁ । ନଳୀ ତଳେ ଥିବ ବୋତଲ । ସେଥିରେ ସଂଗୃହୀତ ହେବ ଯେଉଁ ବିଶୁଦ୍ଧ ବାମ୍ଫ; ତା'ରି ନାମ ଦେଶୀମଦ । ପ୍ରଥମ ତିନି ବୋତଲ ହେଉଛି ଘନୀଭୂତ ସୋମରସ- ଏଥିରୁ ଗୋଟାଏ ଆଉନ୍ସ ଘୋଡ଼ା ମଦୁଆକୁ ମଧ୍ୟ ତ୍ରିଭୁବନ ଦେଖାଇଦେବ । ତା'ପରେ ମିଳିବ ସାତବୋତଲ ଏବଂ ସମୁଦାୟ ଦଶ ବୋତଲ 'କାରଣ-ବାରି' ସହିତ ସାଦାବାରି ଚାରିବୋତଲ ମିଶି ହେବ ଦଶ ଲିଟର ଦେଶୀ । ଜଙ୍ଗଲର ଜାଳ ଓ ଜଙ୍ଗଲର ଫଳରେ ପ୍ରସ୍ତୁତ ଜଙ୍ଗଲି ରସରେ ସୃଷ୍ଟି କରିହେବ ଚମ୍ବଲ ଠାରୁ ଅଧିକ ଆତଙ୍କ । ସେ ରସପାନ ପରେ ଜମିଦାର ଓ ଚାକର ଏକାକାର ।

ଭାରତର ସର୍ବାଧିକ ଦରିଦ୍ର ଓ ଅନଗ୍ରସର ଜିଲ୍ଲାମାନଙ୍କ ମଧ୍ୟରୁ ଏକତମ ଅଞ୍ଚଳ ରାମନାଦର ରହିଛି ଦେଶୀମଦ ରନ୍ଧାଳୀଙ୍କ ଜେଲ୍‌ଦଣ୍ଡର ଏକ ଲମ୍ବା ତାଲିକା ।

Digitized by srujanika@gmail.com

ସରକାରୀ ତଥ୍ୟ କହେ ପ୍ରତି ଦୁଇଘଣ୍ଟାରେ ଜଣେ ହାଜତକୁ ଯାଏ । ଜୋରିମାନା ଆଦାୟ ମଧ୍ୟ ଆଖିଦୃଶିଆ—ପ୍ରତି ମାସରେ ଦୁଇଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ।

ବେପାରଟି ବିଶାଳ ଓ ବିସ୍ତାରିତ । ପଡ଼ୋଶୀ ଜିଲ୍ଲା ପୁଦୁକ୍କୋଟ୍ଟାଇ ପରି ରାମନାଦ ଜିଲ୍ଲା ଛାଣିନିଏ ପୁରୁଷ ମଜୁରିଆଙ୍କ ଦୈନିକ ଆୟର ବଡ଼ ଅଂଶ । ଅଧିକାଂଶ ଚାଷୀ ଓ ଦିନ ମଜୁରିଆ ଦେଶୀମଦରେ ଅଭ୍ୟସ୍ତ; ଜାଲ ବିଛେଇ ଶିକାର ଧରିବାରେ ଏକ କୁଶଳୀ ବେପାରୀ ଗୋଷ୍ଠୀ ତଦ୍ରୁପ ଭାବେ ଅଭ୍ୟସ୍ତ ଓ ବିଶାରଦ । ପାରିବାରିକ ଶାନ୍ତି ଓ ଉପାର୍ଜନର ଧ୍ୱଂସକାରୀ ଏହି ବୋତଲି ଚିଜକୁ ପ୍ରଚଣ୍ଡ ଘୃଣା କରନ୍ତି ଅଧିକାଂଶ ମହିଳା । ଏ ଚିଜଟି କେବଳ ପାରିବାରିକ ଅସନ୍ତୋଷ ଓ ଅନଟନକୁ ବଢ଼ାଏ ନାହିଁ, ଅନେକ ମହିଳା ଏଥିପାଇଁ ଭୋଗନ୍ତି ଶାରୀରିକ କ୍ଳେଶ ଓ ଯନ୍ତ୍ରଣା । ଉପକୂଳ ଅଞ୍ଚଳରେ ଅଧିକାଂଶ ମତ୍ସ୍ୟଜୀବୀ ପ୍ରଚୁର ଦେଶୀମଦ ପିଉଥିବା ସ୍ୱୀକାର କରନ୍ତି । ଦୈନିକ ଉପାର୍ଜନର ଦୁଇ ତୃତୀୟାଂଶ ଏହିବାଟେ ବୋହିଯାଏ । ନିଶା ଜାଲରେ ପଡ଼ି ଯାଇଥିବା ଚିହ୍ନରା ଗ୍ରାହକଙ୍କୁ ବାକିରେ ମଧ୍ୟ 'କାରଣ-ବାରି' ଯୋଗାଏ ବେପାରୀ ।

କେହି ଜନ୍ମରୁ ମଦୁଆ ନଥାଏ । ଇଏ ଗୋଟାଏ ଅମଳ । ମଣିଷ ରାନ୍ଧେ ମଦ, ମଣିଷ ହୁଏ ନିଶାସକ୍ତ । ନିଶା ଓ ବେଶ୍ୟା ପୃଥିବୀର ଅତି ଆଦିମ ଦୁଇ ବେଉସା । ଘର ଭାଙ୍ଗେ, ସ୍ୱାସ୍ଥ୍ୟ ଭାଙ୍ଗେ, ସର୍ବସ୍ୱାନ୍ତ କରାଏ । ତଥାପି ସେ ଛାଡ଼ି ପାରେନା ଏହାର କୁସଙ୍ଗ । ଦରିଦ୍ରର ଅସହାୟତାରେ ଗଢ଼ାହୁଏ ଚତୁରର ଅନେକ ମହଲ । ସରକାରଙ୍କ ଶୁଳ୍କ ରାଜସ୍ୱର ଏହା ମଧ୍ୟ ଏକ ମୋଟା ଅଂଶ । ଗଣତନ୍ତ୍ରର ମଧ୍ୟ ପ୍ରଚୋଦକ । ନିର୍ବାଚନର ଇଲମ, ଭୋଟ ପୂର୍ବଦିନ ରାତିରେ ଏହା କରିଥାଏ 'କଚେପୁଅ ବାର' ରାଜନୀତି । ଏହାକୁ ପିଇ କାହାର ପାହିଯାଏ ସ୍ୱପ୍ନିଳ ରାତି ଆଉ କେଉଁ ମହିଳାର ବାହୁନି ବାହୁନି ସରିଯାଏ ରାତି । ପୁଲିସ୍ ଠାରୁ ମନ୍ତ୍ରୀ ଯାଏ ସମସ୍ତେ କାବୁ ହୋଇ ରହିଥାନ୍ତି । ପାନୀୟର ପୃଥିବୀ ବଡ଼ ବିଚିତ୍ର, ବର୍ଣ୍ଣମୟ ଓ ରହସ୍ୟମୟ ।

❖ ❖ ❖

Digitized by srujanika@gmail.com

ମାଲ୍ୟବନ୍ତର ଭିନ୍ନ କୁରୁକ୍ଷେତ୍ର

''ଗରମ ପାମ୍ପଡ଼ ଭଜା; ତାଜା ତାଜା, ଖାଇଲେ ମଜା'' —ଫେରି କରୁଥାଏ ବିକ୍ରେତା, ପ୍ରଲୁବ୍ଧ ଗ୍ରାହକଙ୍କ ଉଦ୍ଦେଶ୍ୟରେ । ସେମିତି ଥାକିଭର୍ତ୍ତି ଥାକ ଥାକ ଜିଲାପିର ବିକ୍ରେତା ନିଜ ସାମଗ୍ରୀର ରସାଳତା, ମିଷ୍ଟତା ଓ ପୌଷ୍ଟିକତାର ସରଗରମ ବିଜ୍ଞାପନ ଜାରିକରି ହୁରି ପକାଉଥାଏ । ତଦ୍ରୂପ ଭାବେ ପକୋଡ଼ି, ସିଙ୍ଗଡ଼ା ଓ ବଣ୍ଡୁଆ କୋଳିର ବିକ୍ରେତାଗଣ । ପବନରେ ଥାଏ ପାର୍ବଣ ଜନିତ ଏକ ଉତ୍ତେଜନା, ଠାଏ ଠାଏ ମେଳି ବାନ୍ଧିଥାନ୍ତି ଲୋକମାନେ, ଦୂର ବିଲକାନ୍ତାର ଆଡ଼େ ଦୃଷ୍ଟି ଲମ୍ୱାଇଲେ ଦିଶୁଥାଏ ମାଳମାଳ ମଣିଷ ଛୁଟୁଛନ୍ତି ସେହି ନିର୍ଦ୍ଦିଷ୍ଟ ଦିଗଆଡ଼େ । ବୋଧହୁଏ ମେଳା ବସିବ ।

ମାତ୍ର କିଛି ସମୟ ପରେ ଜଣାପଡ଼ିଲା ପାମ୍ପଡ଼ ଠାରୁ ଚା' ଯାଏ ବହୁ ଉଠା ଦୋକାନୀଙ୍କ ଭିଡ଼ ଏକ ବିଚିତ୍ର ଧରଣର ମେଳା ଉଦ୍ଦେଶ୍ୟରେ—ସେ ମେଳାର ନାମ କୁକୁଡ଼ା ଲଢ଼େଇ । ବଣପାହାଡ଼ ମୂଳକ, ଆଦିବାସୀ ବହୁଳ, ଦାରିଦ୍ର୍ୟ ଓ ଶୋଷଣ ପୀଡ଼ିତ ମାଲକାନଗିରିରେ ସବୁଠାରୁ ଲୋକପ୍ରିୟ ସାମାଜିକ ଘଟଣା ହେଉଛି କୁକୁଡ଼ା ଲଢ଼େଇ ଏବଂ ଶତାବ୍ଦୀ ଶତାବ୍ଦୀ ଧରି ଏ ମତୁଆଲା ମଉଜ ପାରମ୍ପରିକ ରୀତିରେ ପ୍ରତିବର୍ଷ ଘଟି ଚାଲିଛି । ଆଧୁନିକତାର ସ୍ପର୍ଶରେ ବ୍ୟବସାୟିକ ମନୋଭାବର ପ୍ରଭାବରେ ଏ ଲଢ଼େଇ କୌଶଳରେ ଘଟିଛି ଅବଶ୍ୟ କିଛି ରୂପାନ୍ତର; ମାତ୍ର ନିରୋଳ ମଉଜ ସାଉଣ୍ଟିବାକୁ ମାଇଲ ମାଇଲ ଦୂରରୁ ବଣ ପାହାଡ଼ ଅତିକ୍ରମୀ ଆସିଥିବା ତୁଚ୍ଛା ଦେଖଣାହାରୀଙ୍କ ସଂଖ୍ୟା ଓ ମନୋଭାବରେ କିଛି ପରିବର୍ତ୍ତନ ଆସିନାହିଁ । ପୌରାଣିକ ଉପାଖ୍ୟାନର ମାଲ୍ୟବନ୍ତ ଗିରି ଓ ପ୍ରାଦେଶିକ ପ୍ରଶାସନର ଭୂଗୋଳରେ ନିହାତି ଅପନ୍ତରା, ଅନଗ୍ରସର ମାଲକାନଗିରି ଅଞ୍ଚଳରେ ଯେଉଁଠି ଦଶଟଙ୍କାର ମଜୁରୀ ପାଇବାକୁ ଖଟିବାକୁ ପଡ଼େ ଚଉଦ ଘଣ୍ଟା; ସେଠାରେ କୁକୁଡ଼ା ଲଢ଼େଇର ମଉଜ ଓ ଉତ୍ତେଜନାରେ ମିନିଟିଏ ମଧ୍ୟରେ କାରବାର ହୋଇଯାଏ ହଜାର ହଜାର ଟଙ୍କା । ଜୁଆ ଖେଳର ଏକ ଭିନ୍ନ ସଂସ୍କରଣ !

ରଣକ୍ଷେତ୍ରକୁ ଆସନ୍ତି ଶହ ଶହ ଗଞ୍ଜା—ଅଣ୍ଡିରା କୁକୁଡ଼ା । ବଣମୂଳକର ଦରିଦ୍ର ଆଦିବାସୀ ହିଡ଼, ପାହାଡ଼, କ୍ଷେତମାଳ ଡେଇଁ ପହଞ୍ଚେ ଉପସ୍ଥିତ ରଣସ୍ଥଳୀରେ । ତାକୁ ତୁରନ୍ତ ଘେରି ଯାଆନ୍ତି ଅସୁମାରି ଦଲାଲ ଓ ଏଜେଣ୍ଟ, କୁକୁଡ଼ା ଦର କଷାକଷି ଚାଲେ । ଗୋଟିଏ ଗୋଟିଏ ଗଞ୍ଜା ୬୦୦ରୁ ୮୦୦ ଟଙ୍କା ଯାଏ ବିକ୍ରି ହୁଅନ୍ତି । ପକ୍ଷୀଟିକୁ ଦେଖିଦେଇ ତା'ର ହାବଭାବରୁ ଲଢୁଆ ପ୍ରବୃତ୍ତି ଠଉରାଇ ନିଏ ଏଜେଣ୍ଟ ଏବଂ

Digitized by srujanika@gmail.com

ଗ୍ରାମାଞ୍ଚଳର ନିରୀହ ଚାଷୀଟି ଯଦିଓ ବେଶ୍ ପଇସା ପାଏ କିନ୍ତୁ କ୍ରେତା ଅର୍ଜନ କରେ ଢେର୍ ଢେର୍ ଟଙ୍କା । ଲଢ଼େଇ ପାଇଁ ପ୍ରସ୍ତୁତ ଅପର ପକ୍ଷର 'ସମର୍ଥ' ଗଞ୍ଜାର ପ୍ରତିଦ୍ୱନ୍ଦୀ ଭାବେ ନୂଆ ଗଞ୍ଜାଟି ଉପସ୍ଥାପିତ ହୁଏ । କିଛି କିଛି ଏଜେଣ୍ଟ ଏକାଧିକ କୁକୁଡ଼ା କ୍ରୟ କରିଥାନ୍ତି । ଏହାର ଅର୍ଥ ଏଜେଣ୍ଟ୍ ବେଳେବେଳେ ଉଭୟ ଲଢୁଆ ଓ ତା'ର ପ୍ରତିଦ୍ୱନ୍ଦୀ ପକ୍ଷୀକୁ ବାଛିଥାଏ । ଫଳରେ ସେ ନିଜେ ହିଁ ନିର୍ଦ୍ଧାରିତ କରିଥାଏ ଫଳାଫଳ । ଉଭୟ ପଟରୁ ସେ ଟଙ୍କା ଉପାର୍ଜନ କରିଥାଏ : ଲଢୁଆ କୁକୁଡ଼ାରେ ବାଜି ଲଗାଉଥିବା ଲୋକଠାରୁ ଏବଂ ସର୍ବଶେଷ ପରିଣତିରୁ ଲାଭାଂଶ ରୂପେ ।

କିନ୍ତୁ ସେଦିନ ଧନଞ୍ଜୟ ଥିଲା ନଛୋଡ଼ବନ୍ଧା—କୌଣସି ଏଜେଣ୍ଟ୍ ତାକୁ ପ୍ରଭାବିତ କରିପାରୁ ନଥିଲେ । ସେ ଥିଲା ନିଜ ବିଜୟରେ ଆସ୍ଥାବାନ ଏବଂ ସଗର୍ବେ ଘୋଷଣା କରୁଥିଲା—''ମୁଁ ଏଥର ଜିତିବି ।'' ଆମ ସହିତ ଉଭୟ ଓଡ଼ିଆ ଓ ତେଲୁଗୁରେ କଥାବାର୍ତ୍ତା କରିପାରୁଥିବା ଧନଞ୍ଜୟ ହନ୍ତାଳ ହାତରେ ଧରିଥିଲା ଲଢ଼େଇ ପାଇଁ ଉଦ୍‌ଗ୍ରୀବ ଏକ ଧଳାରଙ୍ଗର ଡହରା ଗଞ୍ଜା । ତା' ଗୋଡ଼ରେ ବନ୍ଧା ହୋଇଥିବା ଫାଶଟିକୁ ମଣିବନ୍ଧରେ ଗୁଡ଼ାଇ, ମଧ୍ୟେ ମଧ୍ୟେ ଯୁଦ୍ଧଖୋର, ଶାଣିତ ଦୃଷ୍ଟିର ଗଞ୍ଜାଟିକୁ ଆଉଁଷି ଆଉଁଷି ଧନଞ୍ଜୟ ଉଚ୍ଚସ୍ୱରରେ ଘୋଷଣା କରୁଥାଏ—''ଇଏ ଆଜି କମାଲ କରିବ, ସବୁ ଲଢୁଆ କୁକୁଡ଼ାଙ୍କୁ ପରାସ୍ତ କରି ଚିତ୍‌ପଟାଙ୍ଗ ବନେଇବ । ଯିଏ ପାରୁଛ ଯାରିଠେଇଁ ଟଙ୍କା ଲଗାଅ । ଜିତ୍‌ମାତ୍ ନିଅ ।'' ସିଙ୍ଗଡ଼ା, ଜିଲାପି, ବିସ୍କୁଟ, ପାମ୍ପଡ଼ ବାଲାଙ୍କ ଡାକର କୋଳାହଳ ଭିତରେ ସ୍ପଷ୍ଟ ଶୁଭି ଯାଉଥାଏ ଧନଞ୍ଜୟର ଉତ୍‌ଫୁଲ୍ଲିତ ଘୋଷଣା ।

ଏବଂ ଏ କୋଳାହଳକୁ ଉଚ୍ଚାଟ, ତୀବ୍ର କରୁଥିଲା ଶତାଧିକ କକ୍, କକ୍‌କ । ଚୂଳ ଓ ଗ୍ରୀବା ଫୁଲାଇ ସ୍ପର୍ଦ୍ଧିତ କଣ୍ଠରେ ଯୁଦ୍ଧଖୋର ପକ୍ଷୀମାନେ ଘୋଷଣା କରୁଥିଲେ ସେମାନଙ୍କ ଉପସ୍ଥିତି ଓ ଲଢ଼ାଇ ପାଇଁ ଆହ୍ୱାନ ।

ଆମେ ସେମାନଙ୍କୁ ଶୁଣି ପାରୁଥିଲୁ ଏକ କିଲୋମିଟର ଦୂର ସମତଳ ଭୂଇଁ ଯାଏ—ଚିଲ୍‌ଚିରେଇଲା ଭଳି ଥିଲା ସେ ଶବ୍ଦ । ରୋମ ଟାଙ୍କୁରି ଉଠିଲା ପରି ରଣ ହୁଙ୍କାର, ବିଭତ୍ସ ଚିତ୍କାର ପବନରେ ପ୍ରତିଧ୍ୱନିତ ହେଉଥାଏ । ଇଏ ଯେପରି ଥିଲା ରଣାଙ୍ଗନକୁ ଯିବା ପୂର୍ବର ଆହ୍ୱାନ—ଯୋଦ୍ଧାର ଫୁତ୍କାର । ରଣାଙ୍ଗନଟି ଥିଲା ବିଚିତ୍ର ରଙ୍ଗ ବେରଙ୍ଗର ଏକ ମହାସମୁଦ୍ର । ବିବିଧ ଆକୃତି, ରଙ୍ଗ, ଠିଆ ଠିଆ ଚୂଳ ଓ ଶକ୍ତ ପଞ୍ଝାର ଯୋଦ୍ଧା ପକ୍ଷୀମାନଙ୍କ ସମାରୋହରେ ଫାଟି ପଡୁଥାଏ ରଣକ୍ଷେତ୍ର । ମାତ୍ର ରହସ୍ୟାତ୍ମକ ଭାବେ ପ୍ରତିଟି ବୀର ପୁଙ୍ଗବ ବନ୍ଧା ହୋଇଥାନ୍ତି ଗୋଟିଏ ସରୁ ସୂତାରେ ଏବଂ ସୂତାଟି ଗୁଡ଼ା ହୋଇଥାଏ ଗୋଟିଏ ଲେଖାଁ ଘାସବୁଦାରେ । ସେଇ ଘାସବୁଦାର

Digitized by srujanika@gmail.com

ଚାରିପାଖେ ବେଙ୍ଗଳା ପଡ଼ିଲା ପ୍ରାୟ ସେମାନେ ବୁଲି ବୁଲି ଟୁଙ୍କୁଥାନ୍ତି ଦାନା । ମଝେ ମଝେ ବେକ ଟେକି ଥଣ୍ଟ ମେଲାଇ ଚିତ୍କାର ଛାଡୁଥାନ୍ତି – କକ୍‌କ... କକ୍ ।

ଭୁର୍ଷୁଣ୍ଡା ଧଳା କୁକୁଡ଼ା ଗୁଡ଼ାକ ଥଣ୍ଟ ମେଲାଇ ଚିତ୍କାର କରି ଖଳନାୟକ ପରି ଖେପି ଯାଉଥାନ୍ତି କଳିହୁଡ଼ା ଖଇରା ଗଞ୍ଜାଙ୍କ ଆଡ଼େ; ପକ୍ଷ ମେଲାଇ ପୁଣ୍ଡା କଳା ରାବଣା ଗଞ୍ଜା ଉହୁଙ୍କି ଉଠି ଛିଟରଙ୍ଗୀ କୁକୁଡ଼ାଙ୍କ ଉପରେ ଛେରି ପକାଉଥାନ୍ତି । ଖଣ୍ଡେ ଦୂରରୁ ଲାଗୁଥାଏ ଯେପରି ସର୍ବଭାରତୀୟ କୁକ୍କୁଟ ସମ୍ମିଳନୀରେ ବିତର୍କ କ୍ରମେ ପରିବର୍ତ୍ତିତ ହେଉଛି ହିଂସାକାଣ୍ଡକୁ ଏବଂ ଚତୁର୍ଦ୍ଦିଗରୁ ଛୁଟୁଥାନ୍ତି ମଣିଷ – ବିଲମାଳ, ହିଡ଼, କାନ୍ତାର ଡେଇଁ । ହାତରେ ଧରିଥାନ୍ତି ଆଖିରେ ପଟିବନ୍ଧା ଯୋଦ୍ଧା ଗଞ୍ଜା । କିଛିଲୋକ ଆସିଥାନ୍ତି ପଡ଼ୋଶୀ ଆନ୍ଧ୍ରପ୍ରଦେଶରୁ । ସମତଳ ଭୂଇଁର ମଧ୍ୟସ୍ଥଳରେ ଥାଏ ଏ ରଣାଙ୍ଗନ । ଚତୁର୍ଦ୍ଦିଗ ପାହାଡ଼ ଉପରୁ ତଳକୁ ଖସୁଥିବା ମାଳାଝରଳଟି ମଳିମୁଣ୍ଡିଆ ମଣିଷଙ୍କ ମେଳ ଓ ଗହଳରେ ଦିଶୁଥାଏ ଅତି ମନୋରମ ।

ଆମେ ମାଲକାନଗିରିର ନିଦ୍ରିତ କ୍ଷୁଦ୍ର ସହରରେ ଦେଖିଥିଲୁ କିପରି ଅତି ଭୋର୍ ସମୟରୁ ଆରମ୍ଭ ହୋଇଯାଏ ଲଢ଼େଇ ପାଇଁ ନିର୍ବାଚିତ ଗଞ୍ଜାମାନଙ୍କର ତାଲିମ । ଏହି ଅବସରରେ ସେ ଛୋଟ ସହରର ଗଳିରାସ୍ତାରେ ଯାତାୟତ କରିବାକୁ ବଡ଼ ଅସ୍ୱସ୍ତିକର ଲାଗେ । ଆଖିରେ ପଟିବନ୍ଧା କୁକୁଡ଼ାମାନଙ୍କୁ ତାଲିମ-ପ୍ରଦାତା ଛାଡି ଦେଉଥିବ ଗୋଟାଏ ପଥର କାନ୍ଥ କି କୌଣସି ବାଡ଼, ପାଚେରୀ ଆଡ଼େ ଏବଂ ସମ୍ମୁଖରେ ଶତ୍ରୁ ଦେଖିଲା ପରି ସେ ଚିର୍‌ଚିରେଇ ଉଠୁଥିବ କ୍ରୋଧରେ । ଆନନ୍ଦ ନାମକ ଜଣେ ତାଲିମଦାତା କହିଲା – "ସେମାନେ ରାଗରେ କାମୁଡ଼ି ଝାମୁଡ଼ି ହୋଇ ବଳ ଲଗେଇ କେମିତି ଝାମ୍ପ ମାରିବେ ତାହାହିଁ ଶିଖାଯାଏ ।" ଏହି ଜନପ୍ରିୟ କୁକୁଡ଼ା ଲଢ଼େଇ ଅବସର ପାଇଁ ଆନ୍ଧ୍ରରୁ ଆସିଥିବା କ୍ରିଷ୍ଣା ରେଡ୍ଡିର ଅନ୍ଧପୁଟୁଳି ବନ୍ଧା ଗଞ୍ଜା ଭୋର୍ ପାଞ୍ଚଟା ବେଳୁ ରବେଇ ଖବେଇ ହେଲାଣି ଅଦେଖା ପ୍ରତିଦ୍ୱନ୍ଦୀ ଉଦ୍ଦେଶ୍ୟରେ । ସେଇମାନଙ୍କ ଠାରୁ ଆମେ ଏଭଳି ମଇଦାନ ଆଡ଼େ ଅଗ୍ରସର ହେବାଯାଏ ଦେଖୁଥିଲୁ ବାଟସାରା ତାଲିମ କାର୍ଯ୍ୟକ୍ରମ ରହିଛି ଅବ୍ୟାହତ ।

ଲକ୍ଷସ୍ଥଳୀ ରଣାଙ୍ଗନରେ ପହଞ୍ଚିବା ପରେ ଦେଖିଲୁ ଲଢ଼େଇ ଆରମ୍ଭ ହେବାକୁ ବେଶ୍ ସମୟ ନେଉଛି । ଲଢ଼େଇ ପାଇଁ ସମକକ୍ଷ ଗଞ୍ଜା ଦ୍ୱୟଙ୍କ ନିର୍ବାଚନ ଏବଂ ଏଜେଣ୍ଟ ଓ ଦଲାଲ୍‌ଙ୍କ ଯୋକପ୍ରାୟ ପିଛା-ଧରା ପ୍ରବୃତ୍ତି ଏହି ବର୍ଣ୍ଣମୟ ପ୍ରକ୍ରିୟାକୁ କରୁଛି ବିଳମ୍ବିତ । ଶେଷରେ, ଚିତ୍କାର ପ୍ରାୟ ଉଚ୍ଚସ୍ୱରରେ ଏକ ଘୋଷଣା ଜଣାଇଦେଲା ପ୍ରାରମ୍ଭିକ ପ୍ରତିଦ୍ୱନ୍ଦ୍ୱିତାର ସିଦ୍ଧାନ୍ତ । ଦେଖଣାହାରୀଙ୍କ କରତାଳି ତଥା ଓଠରେ ସୁରୁରୀବଜା ପ୍ରକମ୍ପନ ମଧ୍ୟରେ ଆରମ୍ଭ ହୋଇଗଲା ବାଜିମାତ୍‌ର ଉଦ୍‌ଘୋଷଣ : "ଦଶ୍ ରୁପେୟା ରଂଗଡ଼ା, ବିଶ୍ ରୁପେୟା ଧୋବଲା ।" – ନାଲିଗଞ୍ଜା ଉପରେ ଦଶଟଙ୍କା ବାଜି, ଧଳା ଉପରେ

Digitized by srujanika@gmail.com

କୋଡ଼ିଏ ଟଙ୍କା । ଏହା ପରେ ବାଜିମାତ୍ ଚଢ଼ିଲା ସିଡ଼ି–ଚାଳିଶ୍, ପଚାଶ, ଷାଠିଏ... । ଏସବୁ ମଧ୍ୟରେ ଜଣେ ପ୍ରଭୁତ ମର୍ଯ୍ୟାଦାସଂପନ୍ନ, ବୟସ୍କ ଓ ଗମ୍ଭୀର ଦିଶୁଥିବା ବ୍ୟକ୍ତି ଗ୍ରହଣ କରୁଥିଲେ ବାଜି ଟଙ୍କା । ଧନଞ୍ଜୟ ଆସି ଆମ କାନ ପାଖେ ଚୁପ୍‌ଚୁପି କହିଲା ଯେ, ସେ ସମ୍ମାନାସ୍ପଦ-ଦର୍ଶନ ବ୍ୟକ୍ତି ଜଣକ ହେଉଛନ୍ତି ନିକଟବର୍ତ୍ତୀ ଏକ ସ୍କୁଲର ହେଡ୍‌ମାଷ୍ଟର ।

ମାଲକାନଗିରିର ଏହି ଉତ୍ସବ-ପ୍ରାୟ ଲାଗୁଥିବା ପାରମ୍ପରିକ ଘଟଣାଟି କ୍ରମେ ଆଧୁନିକ ପଣ୍ୟସର୍ବସ୍ୱ ସଭ୍ୟତାର ସଂସ୍ପର୍ଶରେ ଆସି ଜୁଆ ଖେଳରେ ପରିଣତ ହୋଇଯାଇଛି; ଯଦିଓ ଅନେକ ଦରିଦ୍ର ଚାଷୀ ଖେଳଟିରୁ ବିମଳ ମଉଜ, ନିରୋଳା ଆନନ୍ଦ ପାଇବା ଲକ୍ଷ୍ୟରେ ଏଥିରେ ଭାଗ ନେଇଥାନ୍ତି । ଖେଳଟି ବ୍ୟବସାୟିକ ମତଲବରେ ପରିଣତ ହେବା ପରଠାରୁ ଲଢ଼େଇ ପାଇଁ ପ୍ରସ୍ତୁତ କୁକୁଡ଼ାଙ୍କ ଗୋଡ଼ରେ ଏବେ ବାନ୍ଧି ଦିଆଯାଉଛି ଭୟଙ୍କର ଭାବେ ଶାଣିତ, ଅଣଓସାରି, ତୀକ୍ଷ୍ଣ କ୍ଷୁର ଓ ଛୁରୀ । ଫଳରେ ପ୍ରତିଦ୍ୱନ୍ଦ୍ୱୀ ଉଭୟ ପକ୍ଷୀ ପରସ୍ପରକୁ ତୀବ୍ର ଭାବେ ଆକ୍ରମଣ ଓ କ୍ଷତାକ୍ତ କରିବେ ଏବଂ ପରିଣତି ହେବ ଦ୍ରୁତତର । ବଳବାନ ଗଞ୍ଜାର ମରଣାନ୍ତକ ଆକ୍ରମଣରେ କ୍ଷୁରରେ କାଟି ହୋଇ ଅପର ଗଞ୍ଜାଟି ଲଭିବ ପଞ୍ଚତ୍ୱ ଏବଂ ବିଜୟୀ ବ୍ୟକ୍ତିର ସେଦିନର ନୈଶ-ଭୋଜନକୁ କରିବ ସୁସ୍ୱାଦୁ-ମଣ୍ଡିତ ଓ ରସାଳ । ଅପରପକ୍ଷରେ ପରାଭୂତ ଗଞ୍ଜା ଓ ତା'ର ହତାଶ ମାଲିକ ହେବେ ଲଣ୍ଡିତ । ଅର୍ଥ ଓ ପୋଷାପକ୍ଷୀ ଉଭୟଙ୍କୁ ହରାଇ ଅପମାନରେ ସେ ହେବ ଖଣ୍ଡିତ ଓ ଭଣ୍ଡିତ ।

କିଛି ଦଶନ୍ଧି ପୂର୍ବେ ହଲେ କୁକୁଡ଼ାଙ୍କ ମଧ୍ୟରେ ଲଢ଼େଇ ଦୀର୍ଘ ଘଣ୍ଟାଏ କାଳ ଧରି ଅବିରତ ଚାଲୁଥିଲା । ଦୁଇ ଯୋଦ୍ଧା ରଣାଙ୍ଗନକୁ କରୁଥିଲେ ହୁଲ୍‌ସ୍ଥୁଲ୍ ତଥା ଉପଭୋଗ୍ୟ । ପବନରେ ଦୁଇ ପକ୍ଷୀଙ୍କ ଲମ୍ଫ ପ୍ରଦାନ, ଖୁମ୍ପାଖୁମ୍ପି, ଗ୍ରୀବା ଉତ୍ତୋଳନ, ପଞ୍ଝାରେ ଆକ୍ରମଣ ଯେପରି ଥିଲା ରଣ କୌଶଳର ଚମତ୍କାରିତା; ସେହିପରି ଦର୍ଶକମଣ୍ଡଳୀରେ ତାହା ଖେଳାଇଦେଉଥିଲା ଉତ୍ତେଜନା ଓ ବିମଳ ପୁଲକ । ମାତ୍ର ତୀକ୍ଷ୍ଣ କ୍ଷୁର, ଛୁରୀ ସଂଯୋଜନା ଭଳି ନିଷ୍ଠୁରତାର ଆରମ୍ଭ ପରେ ପାରମ୍ପରିକ କୁକୁଡ଼ା ଲଢ଼େଇ ଯେପରି ବିବର୍ତ୍ତିତ ହୋଇଛି, ତଦନୁପାତରେ ବଢ଼ିଛି ବେପାରୀ ଓ ଦଲାଲ୍‌ଙ୍କ ଚାଲ୍ । କେଇ ମିନିଟ୍ ଭିତରେ ଖେଳ ହୋଇଯାଏ ଶେଷ । ବଡ଼ ବିଭତ୍ସ ସେ ଦୃଶ୍ୟ । ପବନରେ ଘୂର୍ଣ୍ଣିପ୍ରାୟ ଉଡ଼େ ଛିଣ୍ଡା କଟାପର । ମାଟିକୁ ତିନ୍ତାଇ ଦିଏ ତାଜା ରକ୍ତ । ଛଟପଟ ହୋଇ ପ୍ରତିଦ୍ୱନ୍ଦ୍ୱୀ ପକ୍ଷୀଟି ସେଇଠି ଟଳିପଡ଼େ ଅବିଳମ୍ବେ ।

ଧନଞ୍ଜୟ ଆମକୁ ଦେଖାଇଲା ପାଞ୍ଚଟା କ୍ଷୁର । ଗଦ୍‌ଗଦ୍ ହୋଇ ବର୍ଣ୍ଣନା କଲା କିପରି ପ୍ରତିଥର ଲଢ଼େଇ ବେଳେ ପ୍ରତିପକ୍ଷ ଗଞ୍ଜାର ଆକୃତି, ସାମର୍ଥ୍ୟ ଓ କୌଶଳକୁ

Digitized by srujanika@gmail.com

ଲକ୍ଷ୍ୟକରି ତା'ର ଯୋଦ୍ଧା-ପୁଙ୍ଗବର ପାଦରେ ବଦଳା ହୋଇ ଚାଲୁଥିବ କ୍ଷୁର ତଥା ବ୍ଲେଡ୍ । ସତେ ଯେମିତି ଛଉନୃତ୍ୟ ପାଇଁ ପାଦରେ ଘୁଙ୍ଗୁର ବାନ୍ଧୁଛି ! ତେବେ ପକ୍ଷୀଟି ପାଇଁ ରହିଛି ଦିନତମାମ ରଣ-କୌଶଳ ପ୍ରଦର୍ଶନର ସୁଦୀର୍ଘ ଅବସର ଏବଂ କୌଶଳ ପ୍ରଦର୍ଶିତ ହେବ ପଚିଶ ଫୁଟ ବ୍ୟାସ ବିଶିଷ୍ଟ ଏକ ଗୋଲାକାର ମୁଣ୍ଡଳୀ ଭିତରେ । ଅତି କଳାତ୍ମକ ଓ ସୃଜନାତ୍ମକ ଢଙ୍ଗରେ କାଠି, ବାଉଁଶରେ ନିର୍ମିତ ସେ ମୁଣ୍ଡଳୀ ଭିତରକୁ ପ୍ରବେଶ କରୁଥିବା ପ୍ରତି ପକ୍ଷୀର ମୁନିବଙ୍କ ଠାରୁ ଆଦାୟ ହେଉଥାଏ ପ୍ରବେଶିକା ଚାନ୍ଦା ଏବଂ ପ୍ରତିଟି ଘଟଣା ଉପରେ ଭାଗ ଆଦାୟ—ମୁଷ୍ଟିଯୁଦ୍ଧ ଠୁଁ ମଲ୍ଲଯୁଦ୍ଧ ଯାଏ । ପଶାପାଲିର ଗୋଟି ଚାଳନାରୁ ମଣିଷ ମଣିଷ ଭିତରେ ହାର୍‌ଜିତ୍‌ରେ ଏପରିକି ସାମ୍ରାଜ୍ୟ ଚାଲିଯିବାର ନଜିର ରହିଛି; ହେଲେ ମାଲକାନଗିରିର କୁକୁଡ଼ା ଲଢ଼େଇ ଆଜି ସେହିପରି ଅନେକ ମଣିଷଙ୍କୁ ପଶାସକ୍ତ କରି ସର୍ବସ୍ୱାନ୍ତ ବି କରୁଛି—ଏଠି ନିର୍ବୋଧ ଇତର ପ୍ରାଣୀର ଲଢ଼େଇରୁ ମଣିଷ ହେଉଛି ବାସ୍ତୁହରା, ସର୍ବସ୍ୱାନ୍ତ ।

ପହିଲି ଲଢ଼େଇଟା ଧେଡ଼ିଆ ଗଞ୍ଜାଙ୍କ ଠାରୁ ଅୟମାରମ୍ଭ । ମାତ୍ର ଚୋସ୍ତ କୁଶଳୀ, ଲଢୁଆ ଓ ମୋଟାସୋଟା କୁକୁଡ଼ା ରହିଥାନ୍ତି ଶେଷ ପର୍ଯ୍ୟାୟକୁ, ଯେତେବେଳେ ଖେଳ ଜମି ଉଠୁଥାଏ, ଗହଗହ ହୋଇଉଠୁଥାଏ ଜନ ଗହଳି ତଥା ବାଜିଲଗାଣ । ପହିଲା ବଇନି ପର୍ଯ୍ୟାୟଟା ଚଟାପଟ୍ ସରିଯାଏ । ଗୋଟାଏ କଷରା, ପୁଣ୍ଡା ଗଞ୍ଜା ବିରୋଧରେ ଖଞ୍ଜା ଯାଇଥିବା ପ୍ରତିପକ୍ଷ ଧଳା କୁକୁଡ଼ାଟା ଗୋଲାକୃତି ରଣାଙ୍ଗନରୁ ଗାଆଁ ମୁହାଁ ହୋଇ ଉଡ଼ି ଚାଲିଗଲା । ଏହାର ମୁନିବ ହତାଶାରେ ଭାଉ ଭାଉ ହୋଇ କାନ୍ଦିଉଠିଲା । ଖେଳ ଶେଷ । ଏବେ ସେ ପଳାୟନପନ୍ଥୀ ଧବଳ କୁକ୍କୁଟ ହେବ ବିଜୟୀ ମାଲିକର ଭାତଥାଳି ପାଖର ରୋଚକ, ପୌଷ୍ଟିକ ଝୋଳ ।

ଥରେ ଏଭଳି ଛେରୁଆ, ତରକା କୁକୁଡ଼ା ମଇଦାନରୁ ପଳାୟନ କଲେ ସେ ସ୍ଥାନ କିଛି ସମୟ ପାଇଁ ଦଖଲ କରନ୍ତି ମଧ୍ୟମ ଧରଣର କୁଶଳୀ ପକ୍ଷୀ । ସେଭଳି ପକ୍ଷୀଙ୍କୁ ବାହୁରେ ଧରିଥିବା ତା'ର ମୁନିବ ଦୁଇପଟରୁ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପବନରେ ଦୋଳି ଖେଳାଇଲା ଭଳି ତିନିଥର ଦୋହଲାଇ ଦିଅନ୍ତି । ଥଣ୍ଡକୁ ଥଣ୍ଡ ବାଜେ । ପ୍ରତିଦ୍ୱନ୍ଦ୍ୱୀ ପରସ୍ପରର ଉପସ୍ଥିତିକୁ ଅନୁଭବ କରି କ୍ରୋଧରେ ଫୁଲିଉଠେ, ବେଙ୍ଗାପଣ ହଟିଯାଏ । ଚତୁର୍ଥଥର ଦୋଳାୟନ ବେଳେ ଦୁଇପକ୍ଷୀଙ୍କୁ ପବନରେ ଛାଡି ଦିଆଯାଏ । ସେଇ ଆକାଶ ମାର୍ଗରୁ ଲଢ଼ାଲଢ଼ି ହୋଇ ସେମାନେ ଖସନ୍ତି ଭୂଇଁକୁ ଓ ଆରମ୍ଭ ହୁଏ ବଳକଷା ।

ସବୁବେଳେ ଏମିତି ଘଟେ ନାହିଁ । ତାଲିମ ବେଳେ ଆମେ ଦେଖିଥିଲୁ ଯେ, ଗଞ୍ଜାମାନଙ୍କ ମିଜାଜ୍ ବଡ଼ କୌତୁକପ୍ରଦ । ଗୋଟାଏ ମୁହୂର୍ତ୍ତରେ ସେମାନଙ୍କ ଆକ୍ରୋଶ ବଡ଼ ମାରାତ୍ମକ, ହୁ-ଦସ୍ତ ଆକ୍ରମଣ ଆରମ୍ଭ ହେବ—ଯେପରି ତତ୍‌କ୍ଷଣାତ୍ ସେ

Digitized by srujanika@gmail.com

ପ୍ରତିଦ୍ୱନ୍ଦ୍ୱୀକୁ ଖତମ୍ କରିଦବ ସେପରି ବୋଧ ହେବ । ପରମୁହୂର୍ତ୍ତରେ ଉଭୟ ପୁନଶ୍ଚ ବୁଲାଚଲା କରି ପୋକ ଟୁଙ୍କିବେ ଅତ୍ୟନ୍ତ ଶାନ୍ତ ସମାହିତ ମୁଦ୍ରାରେ । ଚାଉଁକିନା ପୁଣି ଆରମ୍ଭ ହୋଇଯିବ ଚଢ଼ାଚଢ଼ି, ଖୁମ୍ପାଖୁମ୍ପି । ପରସ୍ପରକୁ ତୀବ୍ର କଟାକ୍ଷରେ ଚାହିଁ, ଅବୁଝା ହୁଙ୍କାର ମାରି ଚଢି ଯିବ ଗୋଟାଏ ଗଞ୍ଜା ଅନ୍ୟର ଆଡ଼କୁ । ଭାଦ୍ରବର ମେଘ ପରି କିଛି ନଥିବ, ହୁଦସ୍ତ ବର୍ଷିଯିବ । ପକ୍ଷ ବିସ୍ତାରି ଉଭୟଙ୍କ ଗଡ଼ାତଡ଼ା ମଧରେ ପବନରେ ଉଡୁଥିବ ଛିଣ୍ଡା ପକ୍ଷର ଟୁକୁଡ଼ା । ସେ ଦୃଶ୍ୟ ଦେଖିଲେ ଆଖି ଖୋସି ହୋଇଯିବ, ନିଶ୍ୱାସ ରୁନ୍ଧିଯିବ । ପରବର୍ତ୍ତୀ କ୍ଷଣରେ କୌଣସି ସୁରାକ ନଥାଇ ଅଘୋଷିତ, ଅଲକ୍ଷିତ ଏକ ସଂକେତରେ ତତ୍‌କ୍ଷଣାତ ଏପରି ଖଣ୍ଡଯୁଦ୍ଧ ବନ୍ଦ ହୋଇଯିବ ଏବଂ ଉଭୟ ପୁଣି ଶାନ୍ତ ଭାବେ ଚରିବୁଲିବାକୁ ବାହାରି ଯିବେ, ନିରାସକ୍ତ ଭାବେ ଘାସମୂଳ ଟୁଙ୍କିବେ । ପୁଣି କିଛି ନଥିବ, ଶୂନ୍ୟରୁ ବଜ୍ରପାତ ପରି ଆରମ୍ଭ ହୋଇଯିବ ମଲ୍ଲଯୁଦ୍ଧ, ଖଣ୍ଡମଣ୍ଡଳ କମ୍ପିବ; ମାତ୍ର ଏଥିପାଇଁ ଉଭୟ ଥିବେ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ, କ୍ରୋଧରେ ରୁମ ଫୁଲି ଉଠୁଥିବ, ଥଣ୍ଟ ମେଲାହୋଇ ଯାଇଥିବ, ତୀକ୍ଷଣ୍ ପଞ୍ଝା ଥିବ ଉଦ୍‌ଥିତ । ଏହି ଅବସର-ବାସରେ ଯୁଦ୍ଧ ଓ ଶାନ୍ତିର ଦୃଶ୍ୟପଟ୍ଟ ପ୍ରାୟ ଅଧଘଣ୍ଟାଏ କାଳ ଚାଲୁଥିବା ଆମେ ଲକ୍ଷ୍ୟ କରୁଥିଲୁ ଚା' ଦୋକାନ ପାଖରେ ଛିଡ଼ାହୋଇ ପ୍ରାତଃ ଚା' ପାନ ଅବକାଶରେ ।

କିନ୍ତୁ କୁକୁଡ଼ା ଲଢ଼େଇର ମଇଦାନରେ ଏପରି ଅବକାଶର ସୁଯୋଗ କି ଅନୁମତି ନାହିଁ । ଏଠାରେ କେବଳ କୁରୁକ୍ଷେତ୍ରର ଘନଘଟା । ଥରେ ଶୂନ୍ୟକୁ ଗଞ୍ଜାଦ୍ୱୟଙ୍କୁ ଛାଟିଦେବା ପରେ ସେମାନଙ୍କ ମୁନିବ ଦ୍ୱୟ ମଧ ଗୋଲାକୃତି ରଣାଙ୍ଗନର ଚତୁର୍ଦ୍ଦିଗରେ ଘୂରି ଘୂରି ସେମାନଙ୍କୁ ଟିହାଉଥିବେ, ଉସୁକାଉଥିବେ ଏବଂ ସେମାନେ ଲମ୍ବା ସମୟ ପାଇଁ ଓହରି ଆସୁଥିଲେ ସେମାନଙ୍କୁ ପୁଣି ରଣକ୍ଷେତ୍ରକୁ ଫିଙ୍ଗି ଦେଉଥିବେ । ଚାରିଆଡୁ 'ଇନ୍‌କୋର୍' 'ଇନ୍‌କୋର୍' ଏବଂ ସିଟି ସୁସୁରୀ ମରା ଶବ୍ଦରେ ପ୍ରକମ୍ପିତ ହେଉଥିବ ରଣସ୍ଥଳୀ ।

ଭାବୀ-ବିଜୟରେ ସ୍ପର୍ଦ୍ଧିତ ଓ ଉତ୍‌ଫୁଲ୍ଲିତ ଧନଞ୍ଜୟର ବହୁ ପ୍ରତୀକ୍ଷିତ ମୁହୂର୍ତ୍ତଟି ଆସିଲା ଆଉକିଛି ମାଧମିକ, ଉଚ୍ଚମାଧମିକ, ସ୍ନାତକ ସ୍ତରୀୟ ପ୍ରତିଯୋଗିତା ପରେ । ମନେ ହେଉଥିଲା ତା'ର ପରୀକ୍ଷାଟି ସ୍ନାତକୋତ୍ତର ପରେ ପି.ଏଚ୍.ଡ଼ି, ଡି.ଲିଟ୍ ସ୍ତରୀୟ । ଶେଷକୁ ତା'ର ଧବଳ ଚମ୍ପିୟନ ଗଞ୍ଜା ସହିତ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀ ରୂପେ ଆସିଲା ଏକ ଦୁର୍ଦ୍ଧର୍ଷ କଷରା ପହିଲିମାନ । ଯଦିଓ ଉଭୟ ଗଞ୍ଜାଙ୍କ ମାଲିକ ପ୍ରତିଦ୍ୱନ୍ଦ୍ୱୀ ଦ୍ୱୟଙ୍କୁ ଥଣ୍ଟକୁ ଥଣ୍ଟ ଲଗାଇ ପବନରେ କିଛି ସମୟ ଦୋଳାଇ ଝୁଲାଇ ଶେଷକୁ ଶୂନ୍ୟକୁ ଛାଡ଼ି ଦେଇ ପରସ୍ପରକୁ ଝାଡ଼ି ପକାଇବାର ସୁଯୋଗ ଦେଲେ, ତେବେ କଷରା ଯୋଦ୍ଧାଟି ଧନଞ୍ଜୟର ଧଉଳା ଉପରେ ଅତର୍କିତ ଲମ୍ଫ ଦେଇ ତାକୁ ନିର୍ଘାତ ତଣ୍ଟିଆ ମାରିଲା । ଜଣେ ନିରପେକ୍ଷ ରେଫ୍ରି ଥିଲେ ଖେଳଟାକୁ ଏଇଠି ଅଟକାଇ ଦେଇଥାନ୍ତା । ମାତ୍ର ସେ ଦାୟିତ୍ୱରେ ଥିବା

Digitized by srujanika@gmail.com

ବ୍ୟକ୍ତିଜଣକ ସେତେବେଳକୁ ପ୍ରବେଶିକା ଚାନ୍ଦା ଗଣିବାରେ ନିଜକୁ ବ୍ୟସ୍ତ ରଖିଥିଲେ ଏବଂ ସେ ଚାନ୍ଦା ପରିମାଣ ଥିଲା ବେଶ୍ ସନ୍ତୋଷଜନକ । ଫଳତଃ ଧନଞ୍ଜୟର ଚାମ୍ପିୟନ ଘୁମା ଧରି ଧକେଇବାକୁ ଲାଗିଲା :

ପ୍ରଥମ ପର୍ଯ୍ୟାୟ : ଧୀରେ ଧୀରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ସନ୍ତର୍ପଣରେ ପାଦ ବଢ଼ାଇଲେ ଶକ୍ତି, ବେଗ ଓ ତୀବ୍ରତା ସଂଗ୍ରହ ଉଦ୍ଦେଶ୍ୟେ । କିନ୍ତୁ ଧଉଳା ସେତେବେଳକୁ ନିସ୍ତେଜ ହୋଇ ପଡ଼ୁଥିବା ସ୍ପଷ୍ଟ ବାରି ହେଉଥିଲା । ବୀରଦର୍ପରେ ମାଡ଼ି ଆସିଲା କଷରା-ତା'ର ଜାଣିଶୁଣି ମୁନକରା ଥଣ୍ଟ ଏବଂ ପାଦରେ ବନ୍ଧା ଶାଣିତ କ୍ଷୁର ଧନଞ୍ଜୟର ବିଶାଳ ଧବଳ ଆଶାକୁ ଚୂର୍ଣ୍ଣିଭୂତ କରିବାକୁ ଆରମ୍ଭ କଲାଣି ।

କ୍ରୋଧରେ କଡ଼ମଡ଼ ହେଉଥିବା ଅଥୟ କଷରା ଧାଏଁ ଧାଏଁ ଲାଛିଦେଲା ଧଉଳା ଛାତିରେ ଲାଗ୍ ଲାଗ୍ ଅନ୍ୟୂନ ଚାରିଟା ଲାତ ଏବଂ ଡେଣାତଳେ ପଞ୍ଝା ପୂରାଇ ଆମ୍ପୁଡ଼ି ଦେଲା । ତା'ର ପାଦରେ ବନ୍ଧା ଧାରୁଆ କ୍ଷୁର ପ୍ରଭାବରେ ଦିଶିଗଲା କଟାଦାଗ ଓ ରକ୍ତଧାର । ଏବେ ଦେଖଣାହାରୀ ପାଗଳପ୍ରାୟେ ଚିତ୍କାର କରୁଥାନ୍ତି, ସୁସୁରୀ ମାରୁଥାନ୍ତି । ମାତ୍ର ପକ୍ଷୀଦ୍ୱୟଙ୍କ ପାଦତଳ କ୍ଷୁର କ୍ରମେ ଢ଼ୁଗୁଳା ହୋଇ ଆସୁଥାଏ । ସୁତରାଂ ସେମାନଙ୍କ ମାଲିକ କ୍ଷୁରକୁ ପୁନଶ୍ଚ ଭିଡ଼ିବା ପାଇଁ ଡାକି କଲେ ଅସ୍ଥାୟୀ ଅବସର । ସିନେମାର ଇଣ୍ଟରଭାଲ୍ । ଦର୍ଶକଙ୍କୁ ସାନପାସ୍ ଠୁଁ ଅଙ୍କଲ ଚିପ୍‌ସ୍ ଚୋବାଇବାର ସୁଯୋଗ ଦେଲାପରି ପକ୍ଷୀଦ୍ୱୟଙ୍କୁ କିଛିକ୍ଷଣ ପାଇଁ ନିଶ୍ୱାସ ମାରିବାକୁ ଏହା ଅନୁମତି ଦେଲା ।

ଦ୍ୱିତୀୟ ପର୍ଯ୍ୟାୟ : ଏବେ ପବନରେ ଶୂନ୍ୟକୁ ଉଠିଲେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଏବଂ ପରସ୍ପରକୁ କଟାକଟି ହେଲେ । ପ୍ରାରମ୍ଭିକ ଧକ୍କାରୁ ଆରୋଗ୍ୟ ଲାଭର ଉଦ୍ୟମ କରୁଥିବା ଧନଞ୍ଜୟର ଗଞ୍ଜା ଏଥିପାଇଁ କ୍ଷଣଟିଏ ଧୀମେଇ ଯାଇଥିଲା । ଦଣ୍ଡେ ମାତ୍ର-ଗୋଟାଏ ସେକେଣ୍ଡର ଭଗ୍ନାଂଶ ହେବ ସେ କ୍ଷଣ । ତଥାପି ସେ କ୍ଷଣଟି ଥିଲା ସାଙ୍ଘାତିକ ଏକ ସମୟ । ସୁତରାଂ କଷରା ତଳକୁ ଖସିଲା ବେଳେ ତା'ର ଧାରୁଆ ପଞ୍ଝା ଆଉ ଏକ ଚୋଟ ମାରିଲା ଧଳାଗଞ୍ଜାର ବେକରେ । ତା'ପରେ ଆଉ ଥରେ ଚୋଟ କାଟିବାକୁ ସେ ପାଖେଇ ଆସିଲା । ଏବେ ଧଳାଗଞ୍ଜାର ଛାତି, ବେକରୁ ନିଗିଡ଼ି ପଡ଼ିଲା ତାଜା ରକ୍ତ ।

ଏଇ ସମୟରେ ଧଳାଟି ହଠାତ୍ ଦାର୍ଶନିକ ପାଲଟିଲା ଭଳି ଦିଶିଲା । ସେ ରଣାଙ୍ଗନର ଗୋଟିଏ କୋଣକୁ ଧାଇଁଗଲା, ଯେପରି ଲଢ଼େଇ ପରି କୌଣସି ଚିଜ ଏ ପୃଥିବୀରେ ନାହିଁ । ନିଜ ମୁନିବର ତାଗିଦାକୁ ହେୟଜ୍ଞାନ କରି ଏବଂ ନିର୍ଦ୍ଦୟ ନିଷ୍ଠୁର ଦେଖଣାହାରୀଙ୍କ ଚିତ୍କାର, କୋଳାହଳକୁ କର୍ଣ୍ଣପାତ ନକରି ସେ ଧ୍ୟାନରେ ବସିବାର ଉପକ୍ରମ କଲା । ବୋଧହୁଏ ତା'ର ମନ ସେତେବେଳକୁ ଉଚ୍ଚତର

Digitized by srujanika@gmail.com

ଚିନ୍ତାରେ ପରିପୂର୍ଣ୍ଣ ହୋଇସାରିଥାଏ ଯେ, ସେ କିପରି ପ୍ରାଣ ବଞ୍ଚାଇ ସେ ମୁଣ୍ଡଳୀ ଭିତରୁ କରିବ ଦ୍ରୁତ ପଳାୟନ ।

ପକ୍ଷୀଟି ଏପରି ବାଟ ଉଣ୍ଡୁଥିବା ଅବସରରେ ଧନଞ୍ଜୟ ତା' ପ୍ରତି ପ୍ରୟୋଗ କରୁଥାଏ ଅଶ୍ରୁତ ଶବ୍ଦାବଳୀ–ଅଭିଧାନ ବହିର୍ଭୂତ ଅଶ୍ରାବ୍ୟ ଦୋ' ଅକ୍ଷରୀ–ରାଜ୍ୟ ବିଧାନସଭାରେ ସେପରି ଶବ୍ଦ ହେବ ସଂପୂର୍ଣ୍ଣ ଅସହ୍ୟ । କିଛିକ୍ଷଣ ପରେ ଦେଖାଗଲା ସେ ହାତରେ ଧରିଛି ତା'ର ଛୋଟା, ବିକ୍ଷତ ପକ୍ଷୀ–ସେ ଦୁହିଁଙ୍କ ଭିତରେ କିଏ ସବିଶେଷ ବିମର୍ଷ ଓ ହତାଶ, ସେକଥା କହିବା ଥିଲା ଦୁଷ୍କର । ପରବର୍ତ୍ତୀ ବିଜୟୀ ମାନେ ଥିଲେ କଷରା ଓ କଳା ଗଞ୍ଜାମାନଙ୍କର ମୁନିବଗଣ । ଶ୍ୱେତାଙ୍ଗ ସାମ୍ରାଜ୍ୟବାଦୀଙ୍କ ପାଇଁ ସେଦିନଟି ଥିଲା ନିହାତି ଅଶୁଭ ଏବଂ ସେମାନଙ୍କ ମୁହଁ ଦିଶୁଥିଲା ଲାଲ୍ କିମ୍ବା କଳା ।

କ୍ରିଷ୍ଣା ରେଡ୍ଡିର କଷରା ପୁଣ୍ଡା ସେଦିନ ହୋଇଥିଲା ଦିଗ୍‌ବିଜୟୀ । ସେ ଆମକୁ କହିଲା ଯେ, ମାଲକାନଗିରିର କୌଣସି ନା କୌଣସି ପ୍ରାନ୍ତରେ ଏବେ ପ୍ରତିଦିନ ହେଉଛି କୁକୁଡ଼ା-ଲଢ଼େଇ । କିଛି କିଛି ସ୍ଥାନରେ ଏହାଠାରୁ ହେଉଛି ଅଧିକ ଜନ ଗହଳି । ଏ ଲଢ଼େଇ ଋତୁ ଆରମ୍ଭ ହୁଏ ଅକ୍ଟୋବରରେ, ଶେଷ ହୁଏ ଫେବୃୟାରୀରେ । ଆମେ ସେଦିନ ସୂର୍ଯ୍ୟାସ୍ତ ସମୟକୁ ରଣାଙ୍ଗନ ଛାଡ଼ି ଫେରିଲା ବେଳେ ଦେଖିଲୁ, ଗହଳି ଚହଳି ଅବିଶ୍ୱାସଜନକ ଭାବେ ବଢ଼ିଯାଇଛି ଏବଂ ତା' ସହିତ ବହୁଗୁଣିତ ହୋଇଛି ବାଜିଲଗାଣ । ଆମେ କଥାବାର୍ତ୍ତା କରିଲୁ ଅନେକଙ୍କ ସହ–ମାଧବ ଗୋଡ଼ା, ବସନ୍ତ ପିଙ୍ଗି । ସେମାନେ ସ୍ୱୀକାର କଲେ ଦଶବାର ବର୍ଷ ହେବ ସେମାନେ ଏ ଲଢ଼େଇ ଧନ୍ଦାରେ ଅଛନ୍ତି ।

ଫେରିବା ବାଟରେ ଆମେ ପୁଣି ଭେଟିଲୁ ଧନଞ୍ଜୟକୁ, ତା'ର ହାତ ଥିଲା ଶୂନ୍ୟ, ଅଣ୍ଟିରେ ଝୁଲୁଥିଲା ଅବ୍ୟବହୃତ କ୍ଷୁର ଓ ଛୁରୀ । ସେ ମନମାରି ତଳମୁହାଁ ଛୁଟିଥାଏ ନିଜ ଗାଁ ଆଡ଼େ । ପ୍ରହାର ଖାଇଛି ମାତ୍ର ଭାଙ୍ଗିପଡ଼ି ନାହିଁ । ଯାହାହେଲେ ବି ପୁଣି ଦିନେ ନା ଦିନେ ଆସିବ ଶୁଭ ଲଗ୍ନ, ଆଉ ଏକ ଭଲ ବେଳା, ଆଉ ଏକ କୁକୁଡ଼ା, ଆଉ ଏକ ବାଜିମାତ୍, ଆଉ ଏକ ଲଢ଼େଇ ।

ଏମିତି ବାଜିମାତ୍, ଲଢ଼େଇ ଓ ସଂଘର୍ଷକୁ ନେଇ ହିଁ ଜୀବନ । ପୃଥିବୀର ରଣାଙ୍ଗନରେ ଜୀବନଯାତ୍ରାର ଚାଲିଥାଏ ଅହରହ କ୍ଷତାକ୍ତ, ପରାହତ ଲାଞ୍ଛନାର ଲଢ଼େଇ । କେବେ କେବେ ଜୀବନ ଦିଗ୍‌ବଳୟରେ ବିଜୟ-ସୂର୍ଯ୍ୟ ଉଏଁ । ସେ ଅରୁଣିମାର ଦୀପ୍ତି ଅବଶିଷ୍ଟ ଜୀବନକୁ ସ୍ୱପ୍ନମୟ, ସାର୍ଥକ-ଧନ୍ୟ କରି ରଖେ । ତେବେ ଏ ଜୀବନ ଜୁଆରେ କେହି ଜଣେ ହାରେ, ଆଉ କିଏ ଜିତେ । ଏ ଜୁଆଖେଳରେ ପାଣ୍ଡବ କେବେ ଯାଆନ୍ତି ବନବାସ, ପୁଣି ସିଂହାସନ-ଆରୋହୀ କୌରବ ହୁଅନ୍ତି ନାଶ ।

❖❖❖

Digitized by srujanika@gmail.com

ଯେଉଁଠି କଲମ ପାଲଟେ ତରବାରୀ

ଜଣେ ସ୍କୁଲ ଶିକ୍ଷକ, ଅନ୍ୟଜଣେ ଜୀବନବୀମା ନିଗମରେ କର୍ମକର୍ତ୍ତା । ଉଭୟଙ୍କ ବୟସ ସଇଁତିରିଶ ଏବଂ ଦୁହେଁ ସମର୍ଥ ପୁରୁଷ । ଏଥିରେ ତ କୌଣସି ବୈଚିତ୍ର୍ୟ ନାହିଁ । ଏପରି ଲୋକ ଦେଶ ତମାମ ଅସଂଖ୍ୟ ମିଳିବେ । ତେବେ ସେମାନଙ୍କର ବୈଶିଷ୍ଟ୍ୟ ହେଲା ଦୁହେଁ ଗୀତିକାର – ତାମିଲ ଭାଷାରେ ସଂଗୀତ ସଂରଚନା କ୍ଷେତ୍ରରେ ସେମାନେ ବେଶ୍ ଜନପ୍ରିୟ । ସେମାନଙ୍କ ଗୀତିର ସ୍ୱର ଓ ସ୍ୱାକ୍ଷର ମୁଖ୍ୟତଃ ନାରୀ ଜାଗରଣ ଉପରେ ପର୍ଯ୍ୟବେସିତ । ନିଜର ସ୍ୱାଧୀକାର ହାସଲ ଓ ବିଦ୍ରୋହୀ ହେବାପାଇଁ ସେ ସଂଗୀତରେ ଥାଏ ଆହ୍ୱାନ । ସେ ଦୁହେଁ ହେଲେ ଜୟଚନ୍ଦର ଓ ମୁଥୁ ଭାସ୍କରନ ।

ଏ ଦୁହେଁ ଶଙ୍କର-ଜୟକିଶନ୍ ଭଳି ଗୀତିକାର ଯୋଡ଼ି ନୁହନ୍ତି – ସ୍ୱାଧୀନ ଭାବେ ସଂରଚନା କରନ୍ତି । ମାତ୍ର ବିସ୍ମୟକର ଭାବେ ଦୁହିଁଙ୍କ ସଂଗୀତର ସ୍ୱରଲିପିରେ ରହିଛି ସମଧର୍ମୀ ଆହ୍ୱାନ, ଭାବସତ୍ତାରେ ରହିଛି ପ୍ରେରଣାର ଉଦ୍‌ବେଳନ । ସେ ଦୁହେଁ ରହନ୍ତି ଭିନ୍ନ ଭିନ୍ନ ସ୍ଥାନରେ, ଅବଶ୍ୟ ତାମିଲନାଡୁର ପୁଦୁକ୍କୋଟାଇ ଜିଲ୍ଲାରେ । ମାତ୍ର ସଂଗୀତର ଆବେଦନରେ ରହିଛି ସାମ୍ୟ ଓ ଯୋଗସୂତ୍ର । ନାରୀ ଅନୁଭବ କରୁ ଯେ ତା' ଭିତରେ ରହିଛି ଅମାପ ସମ୍ଭାବନା ଏବଂ ଅଧିକ ନହେଲେ ବି ପ୍ରତି ପାହୁଣ୍ଡରେ ସେ ପୁରୁଷ ସହ ସମକକ୍ଷ-ଏହି ମର୍ମ ଥାଏ ସଂଗୀତରେ ସଂଜୀବିତ । ସେ ଦୁହେଁ ଯଦିଓ ଭିନ୍ନ କଥାବସ୍ତୁ ଉପରେ ଗୀତ ରଚନା କରିଛନ୍ତି; ତେବେ ତାମିଲନାଡୁର ନିପଟ ମଫସଲର ମହିଳାମାନେ ସେ ଦୁହିଁଙ୍କ ଗୀତ ଦ୍ୱାରା ହୋଇଛନ୍ତି ବିପୁଳ ଭାବେ ଅନୁପ୍ରେରିତା । ତାହାହିଁ ସେ ଦୁଇ ଗୀତିକାରଙ୍କ ବୈଶିଷ୍ଟ୍ୟ ।

ଜୟଚନ୍ଦରଙ୍କ ସଂଗୀତର ଏକ ସାବଲୀଳ ସାରାଂଶ ହୋଇପାରେ ନିମ୍ନପ୍ରକାର :

''କେବେ ବି ଭଗିନୀ କରନା ବନ୍ଦିନୀ
ନିଜକୁ କପଟି ଜାଲେ
'ନାରୀତ ଅବଳା ସବୁରେ ଦୁର୍ବଳା'
ଏକଥା ଯେ ଗାଇ ବୁଲେ ।
କାଟି ଦିଅ ମାୟା ବିସ୍ତାରି ତୋ କାୟା
ତୁଇ ପରା କାତ୍ୟାୟନୀ
ଯେତେ ଅତ୍ୟାଚାର ହିଂସା ଅବିଚାର
ଜାଳିଦେ ସଂଚାରି ଅଗ୍ନି ।

Digitized by srujanika@gmail.com

ତୁ ଯେ ମୁକ୍ତ ପକ୍ଷୀ ଡେଣା ତୋର ଛନ୍ଦି
ସମାଜ କରିଛି ଦାସୀ
ନିଜ ଘରେ ତୋତେ ହୀନିମାନ କରି
ନିର୍ଦ୍ଦୋଷେ ଦେଉଛି ଫାଶି ।
କେଉଁଥିରେ ତୁହି ନୁହେଁଲୋ ଭଗିନୀ ଜାଣିଚାଏ ନୀଚା, ହୀନ
ହେଲେ ତୋତେ ସଦା ଏ ପୁରୁଷ ଜାତି ଦିଏନା ଯୋଗ୍ୟ ସମ୍ମାନ
ଝଡ଼ ପରି ତୁହି ଘନୀଭୂତ ହୁଅ ଆକାଶ ଆବୋରି ପକା
ଦେଖିବୁ ହେ କନ୍ୟା କେଡ଼େ ଆକୁଳରେ ପୁରୁଷ ପାରିବ ଡକା ।''

ମୁଥୁ ଭାସ୍କରନ୍‌ଙ୍କ ସଂଗୀତର ସରଳ ପଂକ୍ତି ତଳେ ରହିଛି ଜାଗରଣର ସ୍ଫୁଲିଙ୍ଗ : ''ହେ ଭଗିନୀ ! ତୁମେ ଜାଗିଉଠ, ତୁମେ ସାଇକେଲ ଚଳାଇ ଶିଖ/ସମୟର ଚକ ତାଳେ ଚାଲୁଥାଉ ତୁମ ଶୂନଗାଡ଼ି ଚକ''—ତାମିଲନାଡୁର ସହରେ, ପଲ୍ଲୀରେ ଏ ସଂଗୀତ ପାଲଟିଛି ସର୍ବାଧିକ ଲୋକପ୍ରିୟ ଧୂନ୍ । ଅଧାରୁ ପାଠ ଛାଡ଼ି ପୁଣି ନୂଆ କରି ପାଠ ପଢ଼ିଥିବା, ନୂଆକରି ସାଇକେଲ ଚଳାଇ ଶିଖିଥିବା ପ୍ରତିଟି ମହିଳାଙ୍କ କଣ୍ଠରେ ଥିବ ଏ ଗୀତର ସୁର କିମ୍ବା ଗାଇ ନପାରୁଥିଲେ ବି ନିଶ୍ଚୟ ଜାଣିଥିବେ ଏ ଗୀତ । ଗୋଟାଏ ସାଦା ନମୂନା :

''ପୁରୁଷ ଚଢୁଛି ସାଇକେଲ ପିଠି ପଛରେ ବସିଛି ନାରୀ ?
ଏ ତ ପୁରୁଣା କାହାଣୀ
ଏବେ ଲେଖା ହେଉ ନୂଆ ଇତିହାସ, ନିଅ ସଂକଳପ
ଚାଳିକା ହୁଅ ଭଗିନୀ ।''

ଗୋଟାଏ ଜିଲ୍ଲାରେ ସାକ୍ଷରତା ଅଭିଯାନ ସହିତ ବିସ୍ମୟକର ଗତିରେ ଏବଂ ସଂଖ୍ୟାରେ ମହିଳାମାନେ ସାଇକେଲ ଚାଳନା ଶିଖିବାରୁ ଆକଳନ କରି ହୁଏ ଏ ସଂଗୀତର ଅମାପ ପ୍ରଭାବ ଓ ଜନପ୍ରିୟତା । କିନ୍ତୁ ଏହା ପାରହୋଇ ଯାଇଛି ପୁଡୁକ୍କୋଟାଇ ଜିଲ୍ଲାର ପରିସୀମା—କେବଳ ବିସ୍ତାରିତ ହୋଇନାହିଁ ସମଗ୍ର ତାମିଲନାଡୁ; ଏହାର ଅନୁବାଦ ହୋଇଛି ହିନ୍ଦୀ, ତେଲୁଗୁ, କନ୍ନଡ଼ ଓ ମାଲୟାଲମ ଭାଷାରେ ।

ଜୟଚନ୍ଦରଙ୍କ ସଂଗୀତ ମଧ ଅନୁରୂପ ଭାବେ ଏକାଧିକ ଭାଷାରେ ଗାୟନ ହେଉଛି । ଏକ ଦୁର୍ଗମ ଓ ଅନଗ୍ରସର ଜିଲ୍ଲାର ପରିସୀମା ଡେଇଁ ଦୁଇ ସୁକୁମାର କବିଙ୍କ ସଂରଚନା ଢେର୍ ଦୂରଯାଏ ସଂଚାରିତ । 'ଚନ୍ଦ୍ର ବିଜୟୀ' ଛଦ୍ମନାମରେ (ତାମିଲରେ 'ଭେଟ୍ରି ନୀଳବନ') ଜୟଚନ୍ଦର୍ ପରିଚିତ । ସେ ଜଣେ ବ୍ୟସ୍ତ ଗୀତିକାର । ଗତଥର

Digitized by srujanika@gmail.com

ମୁଁ ତାଙ୍କୁ ଭେଟିଥିଲାବେଳେ ସେ ସଦ୍ୟ ଫେରିଥାନ୍ତି କୋଇମ୍ବାଟୁର୍ ସହରରୁ—ସେଠାକାର ଲୁଗାକଳ ଶ୍ରମିକଙ୍କ ପ୍ରାକ୍-ସାକ୍ଷର ଅଭିଯାନ ଉଦ୍ଦେଶ୍ୟରେ ରଚିତ ସଂଗୀତର ରେକର୍ଡିଂ ଶେଷକରି ଫେରିଥାନ୍ତି । ତାଙ୍କର ଆଉ ଏକ ଗୀତର କଥାବସ୍ତୁର ଶୀର୍ଷକ ହେଉଛି: "ପୁଣିଥରେ ମଣିଷ ପାଲଟ"—ମଦ ବିରୋଧୀ ଆନ୍ଦୋଳନର ଏହା ଆବାହ-ସଂଗୀତ । ଏହାର ଗାୟକ ହେଉଛନ୍ତି ସଂସ୍କାରିତ ଜଣେ ମଦ୍ୟପ-ସଂଗୀତଜ୍ଞ ।

ଅ,ଆ,କ,ଖର ପରିଧି, ପରିସର ଡେଇଁ ପ୍ରାକ୍-ସାକ୍ଷରତାଧର୍ମୀ ସଂଗୀତଗୁଡ଼ିକ ଆଗକୁ ଯାଇଛନ୍ତି :

"ଶତବାର ଆମେ ଗାଇ ବୁଲିଲେ ବି
ବଦଳିବ ନାହିଁ କଥା
ଲଢ଼ିବାକୁ ହେବ ଅନେକ ବାଟରେ
ଶିକ୍ଷା ହେଉ ମୁଖ୍ୟ ରାସ୍ତା ।

x x x

ସେଇ ଯେଉଁ ହାତ ତାଡ଼ିଥାଏ ମାଟି
ରୋଇଥାଏ ବିଲେ ଧାନ
ଆଜି ସିଏ ଧରୁ ଜ୍ଞାନର ମଶାଲ
ଦିଅ ତା'ରେ ସନମାନ ।

x x x

ନିରକ୍ଷରତାର ଅନ୍‌ଧାର ହଟୁ
ବଦଳୁ ଜୀବନ ପଥ
ଆମେ ଲେଖିପଢ଼ି ଜାଣିଲେ ହେ ସଖା
ଶୋଷିବନି ଆଉ ଶଠ ।"

ଜୟଚନ୍ଦର୍‌ଙ୍କ ଆଉ ଏକ ଜନପ୍ରିୟ ସଂଗୀତ ରଚିତ ହୋଇଥିଲା ଉଦ୍‌ବେଳନରୁ । ସମ୍ବାଦପତ୍ରରେ ଶିଶୁକନ୍ୟା ଏବଂ କନ୍ୟାଭ୍ରୁଣ ହତ୍ୟାର ଖବର ପଢ଼ି ସେ ଖୁବ୍ ବିମର୍ଷବୋଧ କରି ଆନ୍ଦୋଳିତ ହୋଇଥିଲେ । ସେଇ ମନ-ମନ୍ଥନରୁ ଜନ୍ମନେଲା ମାର୍ମିକ ଏକ ସଂଗୀତ :

"ବ୍ୟଥା ଆସେ କିଆଁ ଭାଙ୍ଗିପଡ଼ ଦୁଃଖେ
ଘରେ ଜନମିଲେ ଝିଅ
ନାରୀ ବିନା କାହିଁ ସଂସାର ରହିଛି
ମୋତେ ଉତ୍ତର ଦିଅ ।

Digitized by srujanika@gmail.com

ଫିଙ୍ଗିଦିଅ ଶୋକ, ଅଶ୍ରୁ, ହୀନିମାନ
ତୋଳିନିଅ ତାକୁ କୋଳେ
ମହାଲକ୍ଷ୍ମୀକୁ ଆଦରି ନିଅ ହେ
ଫୁଲମାଳ ପରି ଗଳେ ।।''

ଏହା କେବଳ ଏକ ତୁଚ୍ଛା ଅନୁବାଦ । ତାମିଲ ଭାଷାରେ ଏହାର ଭାବସତ୍ତା, ଶବ୍ଦ ସଂଯୋଜନା ଓ ସାଂଗୀତିକତା ବେଶ୍ ପ୍ରଚ୍ଛନ୍ନ ଓ ଶକ୍ତିଶାଳୀ । ଏ ଦୁଇ ଗଣ-କବି, ଜନମାନସରେ ଉଦ୍ଭାସିତ ଗୀତିକାର ଲେଖିଛନ୍ତି ପଚାଶରୁ ଊର୍ଦ୍ଧ୍ୱ ସଂଗୀତ : ସାକ୍ଷରତା ଅଭିଯାନ, ମଦ ବିରୋଧୀ ଆନ୍ଦୋଳନ, ମହିଳାଙ୍କ ଅଧିକାର ହାସଲ ତଥା ବୈଜ୍ଞାନିକ ଚିନ୍ତାଧାରାର ବିକାଶ ଉପରେ ଏବଂ ଜନସାଧାରଣ ସେ ବାର୍ତ୍ତାକୁ ଶୁଣୁଛନ୍ତି, ଗ୍ରହଣ କରୁଛନ୍ତି, ଅନୁପ୍ରେରିତ ହେଉଛନ୍ତି ବିପୁଳ ସଂଖ୍ୟାରେ ।

ମଦୁରାଇ ବିଶ୍ୱବିଦ୍ୟାଳୟରୁ ତାମିଲ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଉପାଧି ହାସଲ କରିଥିବା ମୁଥୁ ଭାସ୍କରନ୍ ହେଉଛନ୍ତି ସରକାରୀ ମଡ଼େଲ ଉଚ୍ଚ ମାଧମିକ ସ୍କୁଲରେ ଜଣେ ଶିକ୍ଷକ ଏବଂ ଗଣିତ ଶାସ୍ତ୍ରରେ ସ୍ନାତକ ଡିଗ୍ରୀଧାରୀ । ଏବଂ ଏକ ସରଳ କୃଷକ ପରିବାରର ସନ୍ତାନ ଜୟଚନ୍ଦ୍ରନ୍ କାମ କରନ୍ତି ଏଲ୍.ଆଇ.ସି. ସଂସ୍ଥାରେ । ସେମାନଙ୍କ ଜୀବନର ମୋଡ଼ ବଦଳିଲା କେଉଁ ଘଟଣାରୁ ଏବଂ ଦୁହେଁ ଲେଖିବାକୁ ବସିଲେ ଏପରି ପ୍ରେରଣାପ୍ରଦ ଜାଗରୁକ ଗୀତିକା ? 'ଇଷ୍ଟ କୋଷ୍ଟ୍ ଯାଥା'ରେ ଅଂଶଗ୍ରହଣ କରିବା ପରେ ଜୀବନଧାରାର ଗତିପଥ ବଦଳିଗଲା ବୋଲି ଉଭୟ ସ୍ୱୀକାର କରନ୍ତି । ତାହା ଥିଲା ଅଶୀ ଦଶକରେ ପଣ୍ଡିଚେରୀରୁ କନ୍ୟାକୁମାରୀ ଯାଏ ଏକ ଯାତ୍ରା—ପଥପ୍ରାନ୍ତରେ ଗୀତ ଓ ଅଭିନୟ, ପ୍ରଚାରପତ୍ର ଓ ପ୍ଲାକାର୍ଡ଼ ମାଧମରେ ସମାଜର ସଂସ୍କାର ପାଇଁ, ଦୃଷ୍ଟିଭଙ୍ଗୀରେ ବିବର୍ତ୍ତନ ପାଇଁ ଏକ ପ୍ରଚାର ଅଭିଯାନ । ''ଏହା ହେଉଛି ମୋ ଜୀବନର ବିଜ୍ଞାନ-ସମ୍ମତ ସାକ୍ଷରତା ଅଭିଯାନର ପ୍ରଥମ ଅଭିଜ୍ଞତା ଏବଂ ଏହା ମୋତେ କଲା ଅନୁପ୍ରେରିତ ।''—କହନ୍ତି ଜୀବନବୀମାର କର୍ମଚାରୀ ଜୟଚନ୍ଦ୍ରନ୍ ।

ତାମିଲନାଡୁ ବିଜ୍ଞାନ ପରିଷଦ ଏବଂ ପ୍ରଗତିଶୀଳ ଲେଖକ ସଂଗଠନ ସଂସ୍ପର୍ଶରେ ଆସି ଉଭୟଙ୍କ ଅନୁଭବ ହୋଇଛି ପୁଷଳ ଓ ବିସ୍ତାରିତ । ଏହି ସଂଗଠନ ଦ୍ୱୟର କାର୍ଯ୍ୟଧାରା ସେମାନଙ୍କୁ ନିବିଡ଼ ଭାବେ କରିଛି ଆନ୍ଦୋଳିତ ଏବଂ ଏହା ସହିତ ସାକ୍ଷରତା ଅଭିଯାନ । ସେମାନଙ୍କ ନିଜ ଜିଲ୍ଲାରେ ସେ ଅଭିଯାନର ନାମ : 'ଆରାବଳୀ ଇୟାକ୍କମ୍' । ''ମୁଁ ଅନୁଭବ କଲି ମୋ ଭିତରେ ପରିବର୍ତ୍ତନ ଏବଂ ଯେଉଁ ସମାଜ ମୋତେ ବଦଳାଇବାର ଭୂମିକା ନେଲା, ମୁଁ ଚାହିଁଲି ସେ ସମାଜକୁ ବଦଳାଇବି ।'' —କହନ୍ତି ମୁଥୁ ଭାସ୍କରନ୍ । ସେ କହନ୍ତି : ''ଆରାବଳୀ ଅନୁଭୂତି ପୂର୍ବରୁ ମୋର ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ । ପୁରୁଣାଧାରାରେ ମୁଁ ମହିଳାଙ୍କୁ ବିଚାର କରୁଥିଲି ଯେ ସେମାନେ

Digitized by srujanika@gmail.com

ସତରେ ଘରୁ ଗୋଡ଼କାଢ଼ି ପାରିବେ ନାହିଁ ଏବଂ କିଛି କରିପାରିବେ ନାହିଁ । ମାତ୍ର ଆରାବଳୀ ଅଭିଯାନରେ ସଂପୃକ୍ତି ମୋତେ ଦେଲା ସଂପୂର୍ଣ୍ଣ ଭିନ୍ନ ଅନୁଭବ । ସୁଯୋଗ ପାଇଲେ ଏମିତି କିଛି କଥା ନାହିଁ ଯାହାକୁ ମହିଳାମାନେ ହାସଲ କରିପାରିବେ ନାହିଁ ।''

ସଂଗୀତରେ ମହିଳାମାନଙ୍କ ଜାଗରଣ ଏବଂ ଆଗୁସାର ହୋଇ ବାହାରି ଆସିବା ପାଇଁ ଆହ୍ୱାନକୁ ପୁରୁଷ ସମାଜ କିପରି ଭାବେ ଗ୍ରହଣ କରେ ? ହସି ହସି କହନ୍ତି ଭାସ୍କରନ୍ : ''କେବଳ ପୁରୁଷ କାହିଁକି, ସେମାନଙ୍କ ପକ୍ଷରୁ ତ ବ୍ୟଙ୍ଗ, ବିଦ୍ରୂପ ସ୍ୱାଭାବିକ ଭାବେ ଆସିବ; ମାତ୍ର କିଛି ବୟସ୍କା, ପ୍ରୌଢ଼ା ମହିଳା ମଧ୍ୟ ଏ ଧାରାକୁ ନାକ ଟେକିଲେ ଏବଂ ଅପବାଦ ରଟିଲେ । ତେବେ, ପନ୍ଦରରୁ ପଚିଶ ବର୍ଷ ବୟସର ଝିଅମାନେ ହିଁ ଖୁବ୍‌ଶୀଘ୍ର ଗୀତଗୁଡ଼ିକୁ ଆଦରି ନେଲେ । ଗାଇଲେ, ନାଚିଲେ ଏବଂ ଜୀବନଧାରାକୁ ସଂସ୍କାରିତ କଲେ ।''

ପଛକୁ ଫେରି ଚାହିଁଲେ ସ୍ମୃତିପଟକୁ ଆସୁଛି ଏମିତି କିଛି ଘଟଣା, ଯେଉଁଠି ଘଟଣା ଅତିକ୍ରମ କରିଯାଇଛି ଗୀତିକଥାର ଆହ୍ୱାନ ? ''ହଁ, ସେପରି ଘଟିଛି ।'' –ନମ୍ରଭାବେ ସ୍ୱୀକାର କରନ୍ତି ମୁଥୁ ଭାସ୍କରନ୍ ! ତାଙ୍କର ଦୃଷ୍ଟି ଲମ୍ବିଯାଏ ଦୂରକୁ, ମନ ଫେରିଯାଏ ଅତୀତକୁ : ''ଆମ୍ବେଦକର ନଗର ଗାଆଁ । ସଂଜ ହୋଇଆସୁଛି, ଗୋଧୂଳିର ଶେଷ ମଳିଛା ଆଲୋକରେ ଆଠ ନଅ ବର୍ଷର ପାତଳି, ହରିଜନ ଝିଅଟିଏ ସାଇକେଲରେ କାଟି ଚାଲିଛି ଚମତ୍କାର ମୁଣ୍ଡଳୀ । ଯେଉଁଠି ଝିଅଙ୍କୁ ଘରୁ ଗୋଡ଼ କାଢ଼ିବାକୁ ବାରଣ, ସେଠାରେ ପୁଣି ସଂଜ ପହରେ ଅଛୁତ ଘରର ଟିକି ଝିଅଟି ଗୁଣୁ ଗୁଣୁ ହୋଇ ଗାଉଛି ଗୀତ ଏବଂ ସାଇକେଲରେ ମୁଣ୍ଡଳୀ କାଟୁଛି । ସେଇଠି, ସେଇ ସ୍ଥାନରେ ମୁଁ ତତ୍‌କ୍ଷଣାତ୍ ଯୋଡ଼ିଲି ପୁରୁଣା ଗୀତଟିରେ ଆଉ ଏକ ପଂକ୍ତି :

''ଦେଖ ଭାଇ ଦେଖ ତୁମ ପରି ମୁହିଁ
ଚଳାଇ ପାରୁଛି ସାଇକେଲ
ସମୟ ଚକର ତାଳରେ ଚାଲୁଛି
ପାରିହୋଇ ବନ, ଗିରି, ବିଲ ।''

ଗୋଟାଏ ସଂଗୀତର ପ୍ରେରଣାରେ ଗୋଟାଏ ଅବଦମିତ ନାରୀଜାତି ଜାଗ୍ରତ ହେବା କମ୍ କଥା ନୁହେଁ ! ଘର କୋଣରେ ରୁନ୍ଧିହୋଇ ପଡ଼ିଥିବା; ସମସ୍ତ ପ୍ରକାର ସୁଯୋଗରୁ ବଞ୍ଚିତା; ବିବିଧ ଧାରାରେ ପ୍ରତାରିତା, ଲାଞ୍ଛିତା; ପୁରୁଷ ଦୃଷ୍ଟିରେ ନିହାତି ଅବଳା, ଅଯୋଗ୍ୟା କନ୍ୟାମାନଙ୍କୁ ଗୋଟାଏ ଗୋଟାଏ ଗୀତରେ ଉଦ୍‌ବେଳିତ, ଆନ୍ଦୋଳିତ ଓ କର୍ମମୁଖର କରିପାରୁଥିବା କବିଦ୍ୱୟ ଏବଂ ସେମାନଙ୍କ କଲମରୁ ନିସୃତ ଶବ୍ଦାବଳୀ ବାସ୍ତବରେ କାଳଜୟୀ ଓ କ୍ରାନ୍ତିକାରୀ । ସେଇଠି ହିଁ ଲେଖନୀ ପାଲଟେ ଶକ୍ତ, ଶାଣିତ, ରସାଣିତ ତରବାରୀ ।

❖ ❖ ❖

Digitized by srujanika@gmail.com

ଭିନ୍ନ ଜଣେ ଗୋବରା ଜେନା

''ଖବରଦାର୍, ଖବରଦାର୍ ! ଗୋବରା ଜେନା ଚୌକିଦାର ।'' –ଓଡ଼ିଆ ସାହିତ୍ୟର ପ୍ରତ୍ୟେକ ସମ୍ବେଦନଶୀଳ ପାଠକ ଏ ଉକ୍ତିଟି ସହିତ ଥିବେ ଅନ୍ତରଙ୍ଗ ଭାବେ ପରିଚିତ । ଓଡ଼ିଆ ସାହିତ୍ୟର ଦିଗଦ୍ରଷ୍ଟା ଔପନ୍ୟାସିକ ଫକୀରମୋହନ ସେନାପତିଙ୍କ କ୍ରାନ୍ତିକାରୀ କ୍ଲାସିକ୍ 'ଛ' ମାଣ ଆଠଗୁଣ୍ଠ' ଉପନ୍ୟାସରେ ଇଏ ଏକ ପରିଚ୍ଛେଦର ଶୀର୍ଷକ । ସେଥିରେ ଚିତ୍ରିତ ଚରିତ୍ର ଗୋବରା ଜେନା ଜଣେ ଚୌକିଦାର । ସମାଜର ଅତି ନିମ୍ନବର୍ଗର ମଣିଷ, ରାତିରେ ଗାଁ ଜଗେ ଏବଂ ହାତରେ ବଡ଼ ଠେଙ୍ଗାଟିଏ ଧରି ଠକ୍ ଠକ୍ ବାଡ଼େଇ ହୁରି ପକାଉଥାଏ –'ଖବରଦାର୍... ଖବରଦାର୍... ।'' ପାଳିକରି ଘରେ ଘରେ ଖାଏ । ମାତ୍ର ଯେଉଁଦିନ ରାତିରେ କାହାଘରୁ ଖାଇବାକୁ ମିଳିନଥିବ, ତା' ପରଦିନ ସେ ଲୋକର ପିଢ଼ାରୁ କଖାରୁ କି ଲାଉଟାଏ ଚୋରି ଯାଇଥିବ । କିଛି ନପାଇଲେ ଚୋରମାନେ ସେ ଘରର କାଠ ଖୁଣ୍ଟରେ ଦି' ଚୋଟ ମାରି ଚାଲିଯାଇଥିବେ । କାରଣ ସେଦିନ ରାତିରେ ସଂପୃକ୍ତ ଲୋକ ଘରୁ କଣ୍ଟ ନପାଇ ଚୋର ଜଗିବାରେ ଗୋବରା ହେଳା କଲା । ପର୍ଯ୍ୟାପ୍ତ ପରିହାସ, ଶାଣିତ ଶ୍ଳେଷ ଭିତରେ କଥା ସମ୍ରାଟ ଫକୀର ମୋହନ ପ୍ରଦାନ କରିଛନ୍ତି ଦୁଷ୍ଟବୁଦ୍ଧି ସଂପନ୍ନ ଗୋବରା ଜେନା ଚରିତ୍ରର ନିଛକ ଚିତ୍ର ।

ଆମର ଏବେ ବର୍ଣ୍ଣିତ ଚୌକିଦାରଟି ଭିନ୍ନ ଚରିତ୍ର ଓ ଚେତନାର ମଣିଷ– ସୁସ୍ଥ ବୁଦ୍ଧି ସଂପନ୍ନ, ସମ୍ବେଦନଶୀଳ । ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାର ପେଟଲାଓ୍ବାଡ଼ରେ ବୃତ୍ତି ଲିଭାଏ । ଗୋବରା ପରି ତା'ର ମୋଟା ନିଶ ଗୋଛ, ହାତରେ କଣ୍ଟାବାଉଁଶ ଠେଙ୍ଗା । ରାତିରେ ସେ ଗାଁ ଜଗେ, ମାତ୍ର ତା'ର ସୁନାମ ଜିଲ୍ଲାର ପରିସୀମା ପାର ହୋଇ ରାଜ୍ୟବ୍ୟାପୀ ଜ୍ଞାତ । ତା'ର ଚୌକିଦାର ସାଥୀ ମଣ୍ଡଳୀରେ ସେ ଅତ୍ୟନ୍ତ ସମ୍ମାନାସ୍ପଦ, ଅତି ସଚ୍ଚୋଟ ଓ ସ୍ପଷ୍ଟବାଦୀ ରୂପେ ପରିଚିତ । ଗାଁର ଜନ୍ମ-ମୃତ୍ୟୁର ହିସାବ ଓ ବିଶୃଙ୍ଖଳାର ରିପୋର୍ଟ ପାଇଁ ନିଯୁକ୍ତ ସବା ତଳର ମଣିଷଟି ଗାଁରେ ଶାନ୍ତି ପ୍ରତିଷ୍ଠାର ଉଦ୍ୟମ କରେ; ସମଗୋତ୍ରୀ କଟୁଆଳ ଭାଇମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢ଼େ ଏବଂ ପ୍ରଶାସନ ସିଢ଼ିର ସବାତଳ ପଳିର କର୍ମଚାରୀ ହୋଇବି ଉପରିସ୍ଥ ହାକିମଙ୍କ ଠାରୁ ଅଧିକ ସ୍ୱାଭିମାନୀ ଓ ସ୍ୱାଧୀନଚେତା ରହିଥାଏ । ଗମ୍ଭୀର ବ୍ୟକ୍ତିତ୍ୱ । ନାମ–ଭାଲିଆ ଦେବ କାଟରା ।

''ମୋ ନୀତି ବଡ଼ ସଫା ଆଜ୍ଞା, ଦୁଃସାହସୀ ହେବା ପାଇଁ ମୁଁ ଦରମା ପାଏନା । ଯେଉଁଥିପାଇଁ ପାଏ, ସେଥିରେ କାମ କିଛି ନଥାଏ । ଆମ ଗାଁରେ ଗୋଷ୍ଠୀ କନ୍ଦଳ ଉପୁଜିଲେ ବନ୍ଦ କରାଏ କିମ୍ବା ସେ ପାଇଁ ପ୍ରାଣପଣେ ଚେଷ୍ଟା କରେ । ମୋ ଚେଷ୍ଟାରେ

Digitized by srujanika@gmail.com

ଆଜ୍ଞା ଗଲ୍‌ତି ନଥାଏ । ପୁଲିସ୍‌ମାନେ ଯୋଉଥିପାଇଁ ଦରମା ପାଆନ୍ତି, ସେତକ କରନ୍ତି ନାହିଁ, କର୍ତ୍ତବ୍ୟରେ ଢିଲା ମାରନ୍ତି । ସେ କାମ କରିବାକୁ ଆମେ କିଆଁ ଯିବୁ ? ବିଛା ମନ୍ତ୍ର ନଜାଣି ସାପ ଗାତରେ କାହିଁକି ହାତ ପୁରାଇବୁ ? ରାତ୍‌କା ଝଗଡ଼ା, ସୁବହ ଯାଏଙ୍ଗେ । ସକାଳୁ ସକାଳୁ ପହଞ୍ଚି ଆମ କାମ କରିନେବୁ ।'' – ବିନମ୍ରତା ସହ ନିଷ୍ଠାପର କଣ୍ଠରେ କହେ ଭାଲିଆ ।

ରାଜ୍ୟ ପ୍ରଶାସନ କଳର ପୁଲିସ୍ ଭଳି ଶକ୍ତିଶାଳୀ କଦ୍‌ଜାର ସେ ହେଉଛି ଶେଷତମ ଯୋଗସୂତ୍ର । ରାଜସ୍ୱ ବିଭାଗରୁ ଭାଲିଆ ଦରମା ପାଏ, ମାତ୍ର ପୁଲିସ୍ ପାଖରେ ରିପୋର୍ଟ ଦାଖଲ କରେ । ତା'ର ଠିକ୍ ଉପର ପାହ୍ୟା ହାକିମ ହେଉଛନ୍ତି ପଟ୍ଟୱାରୀ । ଭାଲିଆ ହେଉଛି ଗାଁ କଟୁଆଳ ବା ଚୌକିଦାର । ସରକାରୀ ପରିଭାଷାରେ ଭାରତୀୟ ପୁଲିସ ବାହିନୀର ସେ ସର୍ବକନିଷ୍ଠତମ, କ୍ଷୁଦ୍ରତମ ପ୍ରଶାଖା । କିନ୍ତୁ ସେ ନିର୍ବାହ କରୁଥିବା କର୍ମର ତାହା ବର୍ଣ୍ଣନା ନୁହେଁ । ପୁଲିସ୍ ଠାରୁ ଦୂରେଇ ରହିବାକୁ ସେ ସତତ ଚେଷ୍ଟା କରେ ଏବଂ ଭାଲିଆ ହେଉଛି ଏକ ଭଦ୍ର ବ୍ୟକ୍ତିତ୍ୱ । ଆନ୍ତଃଗ୍ରାମ ସଂଘର୍ଷ ରୋକିବାରେ ଏହି ଭିଲ୍ ଜାତିର ଆଦିବାସୀ ମଣିଷଟିର ଲିପିବଦ୍ଧ ଭୂମିକା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ ଏବଂ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ପୁଣି ହେଉଛି ସର୍ବାଧିକ ଅପରାଧ ପ୍ରବଣ ଏକ ଅଞ୍ଚଳରେ ଯେଉଁଠି ଲୋକମାନେ ତତ୍‌କ୍ଷଣାତ୍ ହିଂସାରେ ମାତିଉଠନ୍ତି ।

ଗାଁ ଚଉକିଆ ହେଉଛି ସବୁଠାରୁ କମ୍ ଦରମା ପାଉଥିବା ଦରିଦ୍ରତମ କର୍ମଚାରୀ ଏବଂ ରାଜ୍ୟ ସରକାରଙ୍କ ସବୁଠାରୁ କମ୍ ନଜରରେ ଆସୁଥିବା ମଣିଷ । ଏପରିକି ଦରମା ଭାବେ ସେ ଟଙ୍କା ଆକାରରେ ମୋଟେ କିଛି ନପାଇପାରେ । ସରକାର ତାକୁ କେଇମାଣ ଅନାବାଦୀ ଜମି ଚାଷକରି ଚଳିବାକୁ କହିପାରନ୍ତି । ଏହା ପୁଣି ତା'ର ଚାକିରି ଥିବା ସମୟତକ ବଳବତ୍ତର ରହିବ ଏବଂ ତା'ର ଅବସର ପରେ ତାହା ଫେରିଆସିବ ସରକାରକୁ । ତା'ପରେ ଯିଏ ଚଉକିଆ ଚାକିରିକୁ ଆସିବ ସିଏ ପାଇବ ସେଇ ନିର୍ଦ୍ଦିଷ୍ଟ ଚାଷଜମି । ସେ ପେନ୍‌ସନ୍ ପାଏନା, ତା'ର ଭବିଷ୍ୟନିଧି ପାଣ୍ଠି ନାହିଁ; କେବଳ ପାଏ ଦୁଇହଳ ଖାକି ପୋଷାକ, ଗୋଟିଏ ଟୋପି । ସରକାର ଯଦି ସଦୟ ଥାଆନ୍ତି ତେବେ ହଳେ ଯୋତା ପାଇବା ହୁଏତ ତା' ଭାଗ୍ୟରେ ଯୁଟିପାରେ । ନିଜର ସମଧର୍ମୀ କଟୁଆଳମାନଙ୍କୁ ଏକଜୁଟ କରି ଭାଲିଆ ପ୍ରତିବାଦ ଆରମ୍ଭ କରିବା ଯାଏ ଜମି ପାଉଥିବା ଚଉକିଆମାନେ ମାସକୁ ଦରମା ପାଉଥିଲେ ୧୮ ଟଙ୍କା ଏବଂ ଅବଶିଷ୍ଟମାନଙ୍କର ଥିଲା ୪୦ ଟଙ୍କା ଦରମା ।

ଏଭଳି ଅବ୍ୟବସ୍ଥା ଓ ନିୟମିତ ଲାଞ୍ଛନାରେ ବିରକ୍ତ ହୋଇ ବାରବର୍ଷ ପୂର୍ବେ ଭାଲିଆ ଗଢ଼ିଲା ଜିଲ୍ଲା କଟୁଆଳ ୟୁନିଅନ । ଏଭଳି ସଂଗଠନ ବୋଧହୁଏ ସମଗ୍ର ଦେଶରେ

Digitized by srujanika@gmail.com

ଥିଲା ପ୍ରଥମ । ସବୁ ଚଉକିଆ ଏ ୟୁନିଅନରେ ଯୋଗଦେଲେ ନାହିଁ, କିଛି ମିଶିଲେ । ବିବିଧ ଓ ବିଶାଳ ପ୍ରତିବନ୍ଧକ ବିରୋଧରେ ଲଗାତର ଲଢ଼ିଲେ । ଦେଖିଲେ ସାଂଗଠନିକ ପ୍ରକ୍ରିୟା ଦାନା ବାନ୍ଧୁଛି ଏବଂ ସରକାର କଡ଼ ଲେଉଟାଇଲେଣି । ଧୀରେ ଧୀରେ ଅନ୍ୟ ଜିଲ୍ଲାମାନଙ୍କରେ ଚୌକିଦାରମାନେ ଗଢ଼ିଲେ ନିଜ ନିଜର ୟୁନିଅନ । ତା'ପରେ ଆସିଲା ମିଳିତ କ୍ରିୟାନୁଷ୍ଠାନ । ପାଞ୍ଚବର୍ଷ ପୂର୍ବେ ଏଇ ନିରବଚ୍ଛିନ୍ନ ପ୍ରକ୍ରିୟା ଧରିଲା ଫଳଶ୍ରୁତି– ଜମି ପାଇନଥିବା କଟୁଆଳମାନେ ମାସିକ ପାଇବେ ପାଞ୍ଚଶହ ଟଙ୍କା ଦରମା ।

ସେତକ ଏମିତି ସହଜରେ ହୋଇଗଲା ନାହିଁ–ବହୁ ପର୍ଯ୍ୟାୟର ପ୍ରତିବାଦ, ବିଦ୍ରୋହ, ଲଢ଼େଇ ପରେ "ଧୀରେ ଧୀରେ ମାସକୁ ୪୦ ଟଙ୍କାରୁ ବଢ଼ି ୫୦ ଟଙ୍କା ଏବଂ ତା'ପରେ ୫୦୦ ଟଙ୍କାରେ ପହଞ୍ଚିଲା । ଏଇ ପରିମାଣରେ ପହଞ୍ଚିବାକୁ ବିତିଗଲା ଅନେକ ବର୍ଷ । କିନ୍ତୁ କାର୍ଯ୍ୟଧାରାର ଅନ୍ୟାନ୍ୟ ଅବସ୍ଥାରେ କୌଣସି ପରିବର୍ତ୍ତନ ଘଟିନାହିଁ" –କହେ ଭାଲିଆ । ମଧ୍ୟପ୍ରଦେଶ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ଦୈନିକ ମଜୁରୀ ହାରରେ ଯଦି ଦରମା ମିଳନ୍ତା, ତେବେ କଟୁଆଳମାନେ ପାଆନ୍ତେ ମାସକୁ ଅନ୍ୟୁନ ୯୦୦ ଟଙ୍କା । କଟୁଆଳମାନଙ୍କ ମଧ୍ୟରେ ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା ହେଲା ଅଷ୍ଟମ ଶ୍ରେଣୀ । ଆମ ଭାଲିଆ ହେଉଛି ଜଣେ ସ୍ୱୟଂ ପ୍ରଶିକ୍ଷିତ ମଣିଷ ।

ଚୌକିଦାରମାନଙ୍କୁ ସଂଗଠିତ କରିବା ଏତେ ସହଜ କଥା ନୁହେଁ । ଏବେ ବି ସେତକ କରିହେଉନାହିଁ । ଭାଲିଆ କହେ : "ଆମ ଚାକିରି ଧନ୍ଦା ହେଉଛି ଗାଁଆ ଭିତରେ ବାନ୍ଧି ହୋଇ ପଡ଼ିଥିବୁ । ଆମର ସବୁଠୁଁ ପାଖ ସାଙ୍ଗଟି ହେଉଛି ଗୋଟାଏ ଗାଁଆର ଦୂରତ୍ୱରେ । ସିଏ ବି ମୋ ପରି ନିଛାଟିଆ ଏବଂ ତା' ଉପର ହାକିମର ଦୟାକୁ ତକେଇ ପଡ଼ିରହିଥାଏ ।" ମାତ୍ର ଲଗାତର ଉଦ୍ୟମ ହିଁ ଏ ସାଂଗଠନିକ ପ୍ରକିୟାକୁ ଫଳପ୍ରସୂ କରାଇଲା । ଉପର ହାକିମଙ୍କ ଭ୍ରୂକୁଞ୍ଚନ ଓ ନାଲିଆଖି ଦେଖା ବିରୁଦ୍ଧରେ ଚୌକିଦାରମାନେ ଲଢ଼ିଲେ । ସେମାନେ ସଂଘବଦ୍ଧ ହୋଇ ଥରେ ଇନ୍ଦୋରକୁ ଏବଂ ଦୁଇଥର ଭୋପାଳକୁ ଗଣ ଶୋଭାଯାତ୍ରା ନେଲେ । ଇନ୍ଦୋର ଠାରେ ସେମାନେ ନିଖିଳ ଭାରତ ଶ୍ରମିକ ସଂଗଠନ (ସି.ଆଇ.ଟି.ୟୁ)ର ନେତାମାନଙ୍କୁ ଭେଟିଲେ ଯେଉଁମାନେ ସେମାନଙ୍କ କାର୍ଯ୍ୟକ୍ରମ ଓ ସଂଗଠନକୁ ଶୃଙ୍ଖଳିତ କରିବାରେ ପ୍ରଥମେ ସାହାଯ୍ୟ କଲେ । "ତା' ପରେ ଯାଇ ଆମେ ମାସକୁ ୫୦୦ ଟଙ୍କା ଦରମା ପାଇବାକୁ ହକ୍‌ଦାର ହେଲୁ ।" –କହେ ଭାଲିଆ ।

ପ୍ରଥମେ ଭାଲିଆ ସହିତ ମୋର ସାକ୍ଷାତ ପେଟଲାୱାଡ଼୍ ବ୍ଲକ୍ ମୁଖ୍ୟ ଦପ୍ତର ଠାରେ, ସେଇଟି ତା'ର ଉପ୍‌ସିତ କର୍ମକ୍ଷେତ୍ର ବାମନିଆ ଗ୍ରାମ ଠାରୁ ସାମାନ୍ୟ ଦୂରବର୍ତ୍ତୀ । ଏହାପରେ ସାକ୍ଷାତ ହୋଇଛି ଝାବୁଆ ଜିଲ୍ଲାର ଅନେକ କଟୁଆଳଙ୍କ ସହ । ଝୋବଟ ନାମକ ଏକ ଗ୍ରାମରେ ଜଣେ କଟୁଆଳ କହିଲେ : "ଭାଲିଆ କଥା

Digitized by srujanika@gmail.com

ପଚାରୁଛନ୍ତି ? ତାଙ୍କୁ କିଏ ନଜାଣେ ! ସିଏ ଅତ୍ୟନ୍ତ ସାଧୁ ପ୍ରକୃତିର ମଣିଷ । ଆମେ ଇଜ୍ଜତ ନେଇ ବଞ୍ଚିବାକୁ ହେଲେ ଆହୁରି ଅନେକ ଟାଣୁଆ କୌଶଳ ଓ ଉପାୟ ପାଳିବା ଦରକାର । ଭାଲିଆ ହେଉଛନ୍ତି ପ୍ରଥମ ଲୋକ ଯିଏ ସରକାରକୁ ଜଣାଇଲେ ଯେ, ଦେଇଥିବା ଜମିରେ ସେମାନେ କ'ଣ କରିପାରିବେ ।''

ତାଙ୍କ ଉପରେ ଜଣେ ସହକର୍ମୀ କଟୁଆଳଙ୍କ ମତାମତ ଭାଲିଆଙ୍କୁ ଜଣାଇ ଦେବାରୁ ସେ ମନଖୋଲା ହସଟିଏ ହସିଲେ । ସେ ହସରେ ଆତ୍ମବଡ଼ିମା କି ଛଳନା ନଥିଲା, ଥିଲା ବିମଳ ଏକ ହୃଦୟର ପରିଚ୍ଛନ୍ନ ଝଲକ । ସେମିତି ହସି ହସି ସେ କହିଲା : ''ବୁଝିଲେ ଆଜ୍ଞା, ଆମେ ପାଇଥିବା ସରକାରୀ ଜମିକୁ ଦେଖିଲେ ଯାଇ ବୁଝିପାରିବେ ସେ ଜମିର କିସମ କ'ଣ । ଆଜ୍ଞା, ମୋର ନଅ ପରାଣି କୁଟୁମ୍ବ । ମୋ ନିଜର ପାଞ୍ଚ ଏକର ପୈତୃକ ସଂପତ୍ତି ରହିଛି ।'' ଥାଣ୍ଡଳା ବ୍ଲକ୍ ଠାରେ ଆଉଜଣେ ଚୌକିଦାର ଗିରିଧର ଦେବ କହିଲେ : ''ଅନ୍ତତଃ ପକ୍ଷେ ଭାଲିଆ ଗୋଷ୍ଠୀ ସଂଘର୍ଷ ରୋକିବାକୁ ଚେଷ୍ଟା କରନ୍ତି । ଆମେ ତାଙ୍କ ପରି ନିର୍ବୋଧ ହୋଇ ସଂଘର୍ଷ ରୋକି ପାରିବୁ ନାହିଁ; ବିଶେଷକରି ଯେତେବେଳେ ମାଡ଼ ପିଟାପିଟି ଆରମ୍ଭ ହେଉଛି । ଡେଙ୍ଗା ମୁଣ୍ଡରେ ଠେଙ୍ଗା ପଡ଼ିଲା ପରି ଦି'ପଟର ଲୋକ ଆମକୁ ପୁଲିସ୍ ଏଜେଣ୍ଟ ଭାବି ଆଗ ପିଟିବେ । ଆମ ନିଜର କ୍ଷମତା ଯଦି ନାହିଁ ଦଙ୍ଗାପିଟା ରୋକିବାକୁ ଆମେ ସେଥିରେ ମଧ୍ୟସ୍ଥି ହେବୁ କାହିଁକି ?'' ସମାନ ଭାବେ ଏକଥାକୁ ସ୍ୱୀକାର କରନ୍ତି କାବୁଲାଲ ନାମକ ଅନ୍ୟଜଣେ ଚଉକିଆ : ''ଆଜ୍ଞା, ମୁଁ ଯେବେ ଦେଖେ ଗାଁରେ ଦୁଇଗୋଷ୍ଠୀ କଳିଝଗଡ଼ାରୁ ମାଡ଼ ପିଟାପିଟି ହେଲେ, ମୁଁ ସେତିକି ବେଳେ ପାଖ ଗାଁରେ ଥିବା ମୋର କୁଣିଆ ଘରକୁ ବୁଲି ବାହାରି ଯାଏ ।''

ଭାଲିଆ ଚରିତ୍ରରେ ଏପରି ପଳାୟନପନ୍ଥୀ ଉପର ଠାଉରିଆ ଭାବ ନଥାଏ । ତେବେ ଅନ୍ୟ ଯେଉଁମାନେ ଗୋଳମାଳକୁ ଏଡ଼େଇ ଦେଇ ନିଜ ରକ୍ଷଣ ଦେଖନ୍ତି, ସେମାନଙ୍କର ସେପରି ଆଚରଣ ପଛରେ କାରଣ ନିହିତ ଥାଏ । ମାତ୍ର ଭାଲିଆ କହେ ଚୌକିଦାରର ଆଚରଣ ସଂହିତା ଉପରେ କିଛି ତାତ୍ପର୍ଯ୍ୟପୂର୍ଣ୍ଣ କଥା : ''ଚୌକିଦାରର ଚାକିରି କେବଳ ଗାଆଁ ଭିତରେ ଜନ୍ମ-ମୃତ୍ୟୁର ପାଞ୍ଜି ଲେଖିବାରେ ସରିଯାଏନା । ପୁଲିସ୍‌ର ପ୍ରତିନିଧି ଭାବେ ତା'ର ମଧ ଶାନ୍ତି ଶୃଙ୍ଖଳା ରକ୍ଷାରେ କିଛିଟା ଭୂମିକା ରହିଛି । ଗାଁରେ ନୂତନ ଆଗନ୍ତୁକ କି ସନ୍ଦେହୀ ବ୍ୟକ୍ତିଙ୍କ ପଦାର୍ପଣ ଉପରେ ସେ ଥାନାରେ ରିପୋର୍ଟ ଦିଏ । ଗାଁବାଲା ତାକୁ ଭାବନ୍ତି ପୁଲିସ୍‌ର ଏଜେଣ୍ଟ; ପୁଲିସ୍ ମଧ ଭାବେ ତା'ର ଗାଆଁବାଲାଙ୍କ ସହିତ ସଲାସୂତ୍ରା ଭାବ ରହିଛି, କାରଣ ସେ ଗାଆଁର ଜାତିଭାଇଙ୍କ ସହିତ ସବୁଦିନ ରହୁଛି ଓ ରହିବ । ତେଣୁ ଏପଟରୁ ମାଡ଼, ସେପଟରୁ ମାଡ଼ । ଦି'ଆଡୁ ମଧ ପାହାର ଖାଏ ସେ ବେଳେବେଳେ ।''

Digitized by srujanika@gmail.com

ଯେତେବେଳେ କୌଣସି ଗଣ୍ଡଗୋଳ, ସଂଘର୍ଷର ସୂତ୍ରପାତ ହେବାକୁ ଆରମ୍ଭ କରେ, ଭାଲିଆର ନୀତି ହେଉଛି ଅତି ସରଳ । "ଏଇ ସପ୍ତାହରେ ଆମ ଗାଁର ଦୁଇଗୋଷ୍ଠୀ ଭିତରେ ଗୋଟାଏ କନ୍ଦଳ ହୋଇଥିଲା । ମୁଁ ଦୁଇପଟକୁ ଏକତ୍ର ଜୁଟାଇ ମୀମାଂଶା ପାଇଁ ଚେଷ୍ଟା କଲି । ମାତ୍ର ବିଫଳ ହେଲି । ସେମାନଙ୍କ କଳି ତକରାଳ ଚରମ ସୀମାକୁ ଗଲା । ଆଉ ଯେତେ ଚେଷ୍ଟା କଲେ ବି ସେମାନେ ଏକାଠି ବସିଲେ ନାହିଁ । ତେଣୁ ମୁଁ ଥାନାକୁ ସେମାନଙ୍କୁ ନେଇଗଲି । ଦୁଇପକ୍ଷର ଲୋକଙ୍କୁ ସାଙ୍ଗରେ ନେଲି । ଥାନାରେ ସେମାନେ ଯାହା ଫେରାଦ ହେବାକଥା ହୁଅନ୍ତୁ । ଏଣିକି ମୋର ଛୁଟି । ଗୋଟିଏ କଥା ଆଜ୍ଞା ଭାରି ସଫା ରହିବା ଦରକାର—ଯେମିତି ହେଉ ଦୁଇପଟର ଲୋକଙ୍କୁ ମୀମାଂସା ବେଳେ ହାଜର କରାଯିବା ଉଚିତ । ଏଇଟା ଭାରି ଗୁରୁତର ।" ଭାଲିଆ ହୁଏତ ତତ୍ତ୍ୱ ଦୃଷ୍ଟିରୁ ସେକଥା ଜାଣେନା; ମାତ୍ର ସେ 'ସ୍ୱଚ୍ଛତା'କୁ ଆଶ୍ରୟ କରୁଛି, ଯାହା ବଡ଼ ବଡ଼ ହାକିମମାନେ ଉଚ୍ଚାରଣରେ ବେଶ୍ କହନ୍ତି, କିନ୍ତୁ କ୍ୱଚିତ ଆଚରଣରେ ଦର୍ଶାନ୍ତି ।

ମୁଁ ଏହି 'ସ୍ୱଚ୍ଛତା' କଥା ଭାଲିଆ ପାଖରେ ଉଲ୍ଲେଖ କଲାବେଳେ ସେ କହିଲା : "ଆଜ୍ଞା, ସେସବୁ ବଡ଼ ବଡ଼ କଥା ମୁଁ ବୁଝିପାରେନା । ହେଲେ ମୋ ବିବେକ ଅନୁଯାୟୀ କାମ କରେ । ଆମସ୍ତରରେ ସଚ୍ଚୋଟ ରହିବାକୁ ଆମେ ବାଧ୍ୟ । ଯଦି କୌଣସି ପକ୍ଷର ଲୋକ ଭାବିନେଲା ଯେ, ଆମେ ତାକୁ ଜାଣିଶୁଣି ଠକି ଦେଇଛୁ, ତେବେ ସେମାନଙ୍କ ପକ୍ଷରୁ ନିଶ୍ଚିତ ଆକ୍ରମଣର ଆଶଙ୍କା ବେଶ୍ ଉଠେ । ଯାହାକିଛି ଘଟିଲେ ବି ଗୋଟାଏ ପଟର ଲୋକ ତ ମୋ ଉପରେ ରାଗିବେ । ତେଣୁ ମୋ ଭୂମିକା ଉପରେ ସେମାନଙ୍କ ସନ୍ଦେହ ମୋଚନ ପାଇଁ ମୁଁ ସର୍ବଦା ଚେଷ୍ଟିତ ଓ ସଦା ସତ୍ୟର ଆଶ୍ରୟ ନିଏ ।" ଆଲିରାଜପୁର ସହରର ଜେଲ୍ କର୍ତ୍ତୃପକ୍ଷଙ୍କ ପ୍ରଦତ୍ତ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ନରହତ୍ୟା ହାରରେ ଝାବୁଆ ଜିଲ୍ଲା ହେଉଛି ଅଗ୍ରଣୀ ଓ ପ୍ରଥମ ।

ଭାଲିଆ କହେ : "ଚୌକିଦାରମାନଙ୍କ ମଧ୍ୟରେ ଅଣ୍ଡାଗୁଣ୍ଡା ନଥିବା ଲୋକ ଅଛନ୍ତି । ସେମାନେ ଯେଉଁପରି ବ୍ୟବହାର ପାଆନ୍ତି, ସେଥିରେ ଦୁର୍ନୀତି କରିବାକୁ ସେମାନେ ବାଧ୍ୟ ହୁଅନ୍ତି । ପୁଲିସ୍ ସହିତ ସମଝୋତା କରି ଏବଂ କିଛି ଦୁର୍ଦ୍ଧାନ୍ତ ଗ୍ରାମବାସୀଙ୍କୁ ନାଲି ଆଖି ଦେଖାଇ କିଛି ଚୌକିଦାର ନିରାପତ୍ତା ମଧ୍ୟ ଲୋଡ଼ନ୍ତି । ହେଲେ ମନେ ରଖିବାକୁ ହେବ ମୋର ଇଲାକାଟି ହେଲା ଭିଲ୍ ଆଦିବାସୀ ଅଞ୍ଚଳ । ଏଠି ଯଦି ଜଣେ ଲାଞ୍ଚ ପକାଇଦେଇ ଠିକ୍‌ଭାବେ କାମକୁ ନେଇଆଣି ଥୋଇପାରିଲା ନାହିଁ, ତେବେ ଭବିଷ୍ୟତରେ ଭୟଙ୍କର ବିପଦର ଆଶଙ୍କା ରହିଛି । ପ୍ରାଣ ଚାଲିଯିବ । କେଇଟା ଅଧିକା ଟଙ୍କା କ'ଣ ଜୀବନ ଠୁଁ ବେଶୀ ମୂଲ୍ୟବାନ ?"

Digitized by srujanika@gmail.com

ଏତିକି କେବଳ ସମସ୍ୟା ନୁହେଁ, ଗିରିଧର ଦେବ ବଖାଣନ୍ତି 'ସବ୍‌ସେ ଛୋଟା ଜାନୁଆର୍' ବୃତ୍ତିର ଅନ୍ୟାନ୍ୟ ପ୍ରତିବନ୍ଧକ : "ପଟ୍ଟଓ୍ୱାରୀ ଫୋପାଡ଼ିଲା ପରି କଥା କହିବ । ତହସିଲଦାର ଓ ତାଙ୍କ ଚାମଚାମାନେ ଆମକୁ ବସ୍‌ଉଠ କରାଇବେ । ଏସ୍.ଡ଼ି.ଓ. ଆମକୁ ନାଲିଆଖି ଦେଖାଇବେ । ପ୍ରତି ଛୋଟକାଟିଆ ହାବିଲଦାର ବି ଆମକୁ କହୁଣୀମାଡ଼ କରିବେ ।"

"ଗତ ସପ୍ତାହରେ" –କହେ ବାବୁଲାଲ, "ତହସିଲଦାର ଆସିଲେ । ମୋତେ ଆଦେଶ ହେଲା ତାଙ୍କ ପାଇଁ କୁକୁଡ଼ାଟାଏ ଆଣି ରାନ୍ଧି ଭଲକରି ତାଙ୍କୁ ପରଷିବାକୁ । ତେଣୁ ମୁଁ ଆଦେଶ ପାଳିଲି । ହାତଗୋଡ଼ ବାନ୍ଧି ତହସିଲଦାର ସାଇବଙ୍କୁ ଅପେକ୍ଷା କଲି । ଆମ କାମରେ କିଛି ଧରାବନ୍ଧା ସମୟ ନାହିଁ । ଛୋଟବଡ଼, ଟିକିମ, କେମ୍ପା ଯୋଉ ହାକିମ ଆସିବେ, ଆମକୁ ଅର୍ଡ଼ର ଦିଆହେବ ତାଙ୍କ ଚର୍ଚ୍ଚା କରିବାକୁ । କୁକୁଡ଼ା ବାବଦରେ ସେମାନେ ମୋ ଆଡ଼କୁ ପନ୍ଦର ଟଙ୍କା ଫୋପାଡ଼ି ଦେଲେ ଦୟା ଦେଖେଇ । ହେଲେ, ବେଶି ନହେଲେ ବି କୁକୁଡ଼ାଟାର ଦାମ୍ ଅତିକମ୍‌ରେ ୫୦ ଟଙ୍କା ହେବ । ଯୋଉ ଲୋକଠୁ ମୁଁ କୁକୁଡ଼ା ନେଇଥିଲି ସେ ମୋ ଉପରେ ଏବେ ରକ୍ତ ଚାଉଳ ଚୋବୋଉଛି । କୁହନ୍ତୁ ତ, ମୁଁ ତାକୁ କେମିତି ବୁଝେଇବି ? ଏବେ ମୋ ଛାଇ ପଡ଼ିଲେ ତା' ନାହି ତେଉଁଛି, ଦିନ ଆସିବ ସେ ସୁଯୋଗ ଉଣ୍ଡି ମୋତେ ବି ଠେଙ୍ଗେ ଦବ ।"

ମୁଁ ଭେଟିଥିବା ଚୌକିଦାରଙ୍କ ମଧ୍ୟରୁ ଅଧିକାଂଶଙ୍କ କଣ୍ଠରେ ଥିଲା ସମରୂପୀ ଅଭିଯୋଗର ସ୍ୱର । ସେମାନଙ୍କର ଅଧିକାଂଶ ସମୟ ଚାଲିଯାଏ ଗସ୍ତରେ ଆସିଥିବା ଛୋଟକାଟିଆ ହାକିମଙ୍କ ରୋଷାଇ ଓ ଚର୍ଚ୍ଚାରେ । କଟୁଆଳମାନଙ୍କ ଏହି କ୍ରୀତଦାସ ସର୍ବସ୍ୱ ଶ୍ରମ ଯଦି ମେଞ୍ଚଡ଼ ଅଫିସରଙ୍କୁ ତୁଷ୍ଟ ନକରି ପାରିଲା, ତେବେ କ'ଣ ହେବ ? "ତା'ହେଲେ ପଟ୍ଟଓ୍ୱାରୀ ଆମକୁ ସସ୍‌ପେଣ୍ଡ କରିଦବ ।" –କହେ ଗିରିଧର, "ତେବେ ସେମାନେ ଆମକୁ ବାରମ୍ବାର ନିଲମ୍ବିତ କରନ୍ତି । ଭାଲିଆ ଭଳି ଲୋକର କପାଳରେ ମଧ୍ୟ ସେତକ ଯୁଟିଛି । ଥରେ ନୁହେଁ, ବହୁବାର । ଆମ ତଳକୁ ଯିବାକୁ ଆଉ ତାଙ୍କ ପାଖରେ କେହି ନାହିଁ । ଆମେ ସବା ତଳର ମଣିଷ । ତାଙ୍କର ସବୁ ପ୍ରକାର ରାଗରୋଷ ଝଡ଼ାଝଡ଼ି ପାଇଁ ଆମେ ହେଉଛୁ ଚୂଡ଼ାନ୍ତ ବଚସ୍କର ।"

ଆଉ ଜଣେ କଟୁଆଳ କହନ୍ତି ତାଙ୍କ ମନର କଥା : "ବେଳେବେଳେ ଆଇନ ଶୃଙ୍ଖଳା ଭାଙ୍ଗିପଡ଼ିଥିଲେ, ସଂକଟାପନ୍ନ ଅବସ୍ଥାରେ ଆମେ ରାତି ଜଗୁଆଳ କାମରେ ପୁଲିସ୍‌କୁ ସାହାଯ୍ୟ କରିବା କଥା । କିନ୍ତୁ ସେମାନେ ଡିଉଟିକୁ ମୋଟେ ଆସନ୍ତି ନାହିଁ । ଯଦିବା ଆସନ୍ତି ତେବେ ନିରାପଦ ସମୟରେ, ଦିନବେଳା ଆମକୁ ଅର୍ଡ଼ର ଦବାକୁ ଆସନ୍ତି । ବିପଦ ପଡ଼ିଲେ ଆମ ମୁଣ୍ଡରେ ଠେଙ୍ଗା ପଡ଼େ ।"

Digitized by srujanika@gmail.com

"ମୁଁ ଏବେ ବୁଢ଼ା ହେଇ ଆସିଲିଣି ।"—ଗମ୍ଭୀର ହୋଇ କହେ ଭାଲିଆ । "ବୟସ ଏବେ ପଚାଶ ଟପିଲା । ମୋ ଡ୍ୟୁଟିରେ ଏବେ ଯୁଆନ ଟୋକା ରହିବେ । ଆମେ ଏବେ ପୁଣି ଅନିଶ୍ଚିତ ଜୀବନକୁ ଫେରିଯିବୁ ।" ତା'ର ଚାକିରି ଜୀବନରେ କ୍ଲାନ୍ତି ଓ ଅବସାଦ ଏବଂ କର୍ମସ୍ଥଳୀରେ ବହୁବିଧ ପ୍ରତିବନ୍ଧକ ସୃଷ୍ଟି କରିଛି ଚୌକିଦାର ସଂଗଠନରେ ଉପୁଜିଥିବା ସାଂପ୍ରତିକ ସମୟର କିଛି ସମସ୍ୟା । କଟୁଆଳ ଚାକିରିରୁ ଭାଲିଆ ଇସ୍ତଫା ଦେଇସାରିଛି ।

ଇସ୍ତଫା ଅନ୍ତରାଳରେ ଘଟଣା ବଡ଼ କୌତୂକପ୍ରଦ । ତା'ର ଠିକ୍ ଉପର ପଳିର ହାକିମ ପଟ୍ଟୱାରୀ ଏକ କଡ଼ା ଚିଠି ଲେଖିଲେ ଭାଲିଆ ପାଖକୁ—"ଘଣ୍ଟେ ଦି'ଘଣ୍ଟା ଭିତରେ ତୁରନ୍ତ ହାଜର ହୁଅ, ନଚେତ୍ ମୁଁ ସସ୍‌ପେଣ୍ଡ କରିଦେବି ।' ଭାଲିଆ ତତ୍‌କ୍ଷଣାତ୍ ପଠାଇଦେଲା ନିଜର ଇସ୍ତଫାପତ୍ର । ମାତ୍ର ସସ୍‌ପେଣ୍ଡ ଧମକ ଦଉଥିବା ପଟ୍ଟୱାରୀ ତାକୁ ଗ୍ରହଣ କଲାନାହିଁ । "ଯା'ଠାରୁ ବଡ଼ ମଜାଦାର ଘଟଣା ଆଉ କ'ଣ ଥାଇପାରେ ?"—ପ୍ରଶ୍ନକରେ ଭାଲିଆ । "ସେମାନେ ମୋତେ ବର୍ଷକୁ ତିନିଥର ସସ୍‌ପେଣ୍ଡ କରନ୍ତି । କିନ୍ତୁ ଆମକୁ ସବୁଦିନ ପାଇଁ ବିଦା କରିବାକୁ ଚାହାନ୍ତି ନାହିଁ । ଆମେ କରୁଥିବା ବିପଦଶଙ୍କୁଳ ଚାକିରି ପାଇଁ ଏତେ ଶସ୍ତାରେ ସେମାନେ କୋଉଠୁ ମୂଲିଆ ପାଇବେ ?"

ବାସ୍ତବରେ ମୂଲିଆ ଠାରୁ ମଧ ହୀନ ଚୌକିଦାର ଚାକିରି । ମୂଲିଆର ସ୍ୱାଧୀନତା ଅଛି—କେଉଁଦିନ କାହା ବିଲକୁ ଯିବ, ଇଚ୍ଛା ନାହିଁ ତ ଘରେ ବସିବ । ମାତ୍ର ମାସିକ ୫୦୦ ଟଙ୍କା ଦରମାରେ ଅର୍ଥାତ୍ ଦିନକୁ ୧୭ ଟଙ୍କାରୁ କମ୍ ପାଉଥିବା ଚୌକିଦାରଟିର ଦରମା ଯେକୌଣସି ରାଜ୍ୟର ସର୍ବନିମ୍ନ ଦୈନିକ ମଜୁରି ଠାରୁ ଢେର୍ ତଳେ । ଅଥଚ ରାତିରେ ସେ ଜଗିବ ଗାଁ; ଦିନରେ ରିପୋର୍ଟ କରିବ ନିକଟତମ ଫାଣ୍ଡିରେ; ଗାଁ ଉପରେ ଓ ସନ୍ଦେହୀ ବ୍ୟକ୍ତିଙ୍କ ଗତିବିଧି ଉପରେ ରଖିଥିବ କଡ଼ା ନଜର; ଉପର ହାକିମ ଠୁଁ ସିଡ଼ିପଳିର ଉପର ପାହାଚ ଯାଏ ସମସ୍ତଙ୍କୁ ତୁଷ୍ଟ କରିବ ଏବଂ ଶେଷକୁ ଅବସ୍ଥା ହେଉଥିବ—'ଗରିବ ମାଇପ ସମସ୍ତଙ୍କ ଶାଳୀ' ପ୍ରାୟ ।

'ସବୁଠୁଁ ଛୋଟ ଜନ୍ତୁ' କିନ୍ତୁ କାମରେ ସବୁଠୁଁ ଉଞ୍ଚା । ମାଛି, ତାଆଁସର ସାମ୍ରାଜ୍ୟରେ ସେ ମହୁମାଛି ଏବଂ ଭାଲିଆ ହେଉଛି ରାଣୀ-ମହୁମାଛି ।

❖❖❖

Digitized by srujanika@gmail.com

ମାଟି ଓ ମଣିଷର ମରମୀ କଥାକାର

ପଞ୍ଚମ ଶ୍ରେଣୀରେ ପଢ଼ିଲାବେଳେ ସେ ଆଉ ସ୍କୁଲ ବାରଣ୍ଡା ମାଡ଼ିଲେ ନାହିଁ । ମେଘମୟ ଆକାଶ, ଗାଁର ଦିଗନ୍ତ ବିସ୍ତାରୀ କ୍ଷେତ, ତୋଟାମାଳ, ଜାତି ଜାତି ଚଢ଼େଇ ଓ ମଣିଷ ତାଙ୍କୁ ବେଶି ଆକର୍ଷିତ କଲା, ସେମାନଙ୍କୁ ସେ ନିରେଖି ଦେଖିଲେ । ସେ ନିରୀକ୍ଷଣ ଅବଲୀଳା କ୍ରମେ ପରିଣତ ହେଲା ସୃଜନରେ ଏବଂ ତାଙ୍କ ରଚିତ କଥା-କାହାଣୀ ଏବେ ବିଶ୍ୱ ବିଦ୍ୟାଳୟ ସ୍ତରୀୟ ପାଠ୍ୟକ୍ରମ ଅନ୍ତର୍ଗତ । କିନ୍ତୁ ବିଡ଼ମ୍ବନା, ଯାହା ତାଙ୍କ ଲେଖାରେ ଏକ ମୁଖ୍ୟ ଉପଜୀବ୍ୟ, ସାରା ଜୀବନ ତାହା ତାଙ୍କୁ ଖାଇ ଗୋଡ଼ାଉଛି । ତାଙ୍କ ରଚିତ କାହାଣୀ ଅନ୍ୟ ଜିଲ୍ଲାମାନଙ୍କରେ ବିଶ୍ୱବିଦ୍ୟାଳୟରେ ପଠିତ; ମାତ୍ର ତାଙ୍କର ପ୍ରିୟ ମାଟି ବିସ୍ତାରିତ ରାମନାଦ ଜିଲ୍ଲାରେ ଗୋଟିଏ ବୋଲି ବିଶ୍ୱବିଦ୍ୟାଳୟ ନାହିଁ ।

ସେ ତାମିଲନାଡୁର ବହୁ ଚର୍ଚ୍ଚିତ, ବହୁ ଜନପ୍ରିୟ ଲେଖକ ମେଲାନ୍‌ମାଇ ପୋନ୍ନୁସ୍ୱାମୀ ।

ଦିନେ ଏକ ସଜଳ ସନ୍ଧ୍ୟାରେ ପୁଡୁକୋଟାଇର ଏକ ଜନଗହଳି ସଭାକକ୍ଷରେ ମୋର ତାଙ୍କ ସହିତ ପ୍ରଥମ ସାକ୍ଷାତ । ସେ ସମ୍ବୋଧିତ କରୁଥାନ୍ତି ଏକ ସାଧାରଣ ସଭା । ସମ୍ମୁଖର ମେଜ ଆଡ଼କୁ ନଇଁପଡ଼ି ପୋନ୍ନୁସ୍ୱାମୀ ଅନର୍ଗଳ, ଓଜସ୍ୱିନୀ ଭାଷାରେ କହୁଥାନ୍ତି, ତାଙ୍କ ଛୋଟ ଜନ୍ମମାଟି ଗାଆଁ ଉପରେ ଗଲ୍‌ଫ ଯୁଦ୍ଧ ବିଭୀଷିକାର ନାଟକୀୟ ପ୍ରଭାବ ସଂପର୍କରେ ସମବେତ ଶ୍ରୋତାଙ୍କୁ । କିଛି ଚାଷୀ ସେଠାରେ ଭାବୁଥାନ୍ତି; ଟ୍ରାକ୍ଟର, ପାଣିପମ୍ପ, ହାଇବ୍ରିଡ୍ ବିହନ ପ୍ରଭୃତିକୁ ଆଧାର କରି ସେମାନେ ଆଧୁନିକତାର ମାନଚିତ୍ରରେ ସ୍ଥାନ ଦଖଲ କରିସାରିଛନ୍ତି । ସେତିକିବେଳେ ଆରମ୍ଭ ହୋଇଗଲା ଯୁଦ୍ଧ । ପେଟ୍ରୋଲ, ଡିଜେଲ ଓ ଆମଦାନୀକରା ଯନ୍ତ୍ରପାତିରେ ହଠାତ୍ ଆକାଶଛୁଆଁ ମୂଲ୍ୟବୃଦ୍ଧି ସେମାନଙ୍କ ସ୍ୱପ୍ନ ଓ ଯୋଜନାକୁ ଚୂର୍ଣ୍ଣିଭୂତ କରିଦେଲା ।

ଏଇ ତଥ୍ୟ ସେ ଦେଉଥିବା ଅବସରରେ ସେ ପ୍ରେକ୍ଷାଳୟରୁ ଚାଲିଗଲା ବିଜୁଳି ଆଲୋକ । ବିରାଜିଲା ଘନ ଅନ୍ଧକାର । ମାତ୍ର ଘଡ଼ିକ ପାଇଁ ମଧ୍ୟ ପୋନ୍ନୁସ୍ୱାମୀ ଅଟକି ଗଲେ ନାହିଁ । ଅବାରିତ ଭାବେ ଚାଲିଲା ତାଙ୍କର ଭାଷଣ । ପ୍ରାରମ୍ଭିକ ଟିକେ ହଇଚଇ ହେଲା; ମାତ୍ର କୌଣସି ଶ୍ରୋତା ହଟିଲେ ନାହିଁ । ସାମାନ୍ୟତମ ବିଭ୍ରାଟ ଘଟିଲା ନାହିଁ । ସ୍ତବ୍ଧ, ଅଭିଭୂତ ହୋଇ ଅନ୍ଧାର ଭିତରେ ସେମାନେ ଶୁଣି ଚାଲିଥିଲେ ତାଙ୍କର ମନ୍ତ୍ରମୁଗ୍ଧକାରୀ ସାବଲୀଳ ବକ୍ତବ୍ୟ ।

Digitized by srujanika@gmail.com

ତାହା ପ୍ରାୟ ଗୋଟାଏ ମାସ ତଳର ଘଟଣା । ଏବେ ପୁଣି ଆମକୁ ଅନ୍ଧାର ଭିତରେ ଆହୁରି ନିକଟରୁ ଶୁଣିବାକୁ ମିଳିବ । ମାତ୍ର ତାଙ୍କର ନିକାଞ୍ଚନ ନିଦ୍ରିତ ପଲ୍ଲୀଟିକୁ ଖୋଜି ଖୋଜି ବିତି ଯାଇଥିଲା ଛଅଘଣ୍ଟା ସମୟ ଏବଂ ପାହାନ୍ତି ପ୍ରହରର ଅବ୍ୟବହିତ ପୂର୍ବରୁ ସନ୍ଧାନ ମିଳିଲା ତାଙ୍କ ଜନ୍ମିତ ସ୍ଥାନର । ସେତେବେଳକୁ ରାତ୍ରି ଦୁଇଟା ଅତିକ୍ରମ କରିଯାଇଛି ଏବଂ ବୁଲା କୁକୁରମାନେ ମାଇଲ ମାଇଲ ଧରି ସମସ୍ତଙ୍କୁ ଜାଗ୍ରତ କରିଚାଲିଛନ୍ତି । ସେ ଡାକରେ ଚମକି ଉଠି ଗଛଡ଼ାଳରେ ଆଶ୍ରିତ ପକ୍ଷୀମାନେ ମଳିଚା ଜହ୍ନ ଆଲୁଅରେ ଅସ୍ପଷ୍ଟ ଆକାଶକୁ ଚିଚ୍ଚିରେଇ ଉଡ଼ିଯାଇ ପୁଣି ଫେରି ଆସୁଛନ୍ତି ବରାଭୟ ଆଶ୍ରୟର ଗମ୍ଭୀରା ଭିତରକୁ । ବାଟରେ ମୋର ଗୋଡ଼ ମକଚି ହୋଇ ଯାଇଛି ଏବଂ ଯନ୍ତ୍ରଣା ପହଞ୍ଚୁଛି ଶୀର୍ଷରେ । ସେ ପ୍ରହରରେ ଆମେ ଆଉ ନିଦ୍ରିତ କଥାକାରଙ୍କୁ ଜଗାଇ ବିରକ୍ତ କରିବାକୁ ଭରସି ପାରୁନଥାଉ । ତଥାପି କୁକୁରମାନଙ୍କ ଦୌରାତ୍ମ୍ୟ ଯୋଗୁଁ ବିପୁଳ କ୍ଷମାପ୍ରାର୍ଥନା ମଧ୍ୟରେ ଜଗାଇ ଦିଆଗଲା ସୁକୁମାର କଥାକାରଙ୍କୁ ।

ସେ ବିସ୍ମିତ ହେବା ପରି ପଚାରିଲେ : ‘‘ଅସୁବିଧା କେଉଁଠି ? ଏପରି ବ୍ରାହ୍ମ ମୁହୂର୍ତ୍ତ ତ ଆଲୋଚନା ପାଇଁ ସର୍ବୋତ୍କୃଷ୍ଟ ସମୟ ।’’ ତାଙ୍କ କଣ୍ଠସ୍ୱର ସ୍ୱାଭାବିକ ଲାଗୁଥିଲା, ବିରକ୍ତିର ସାମାନ୍ୟତମ ସ୍ପର୍ଶ ସେଥିରେ ନଥିଲା । ସେ ଆଦର କରି ବସାଇଲେ । ମୋର ଯନ୍ତ୍ରଣାଜୀର୍ଣ୍ଣ ପାଦର ହେପାଜତ କଲେ । କଫି ଆସିଲା । ଏହାର କିଛି ମୁହୂର୍ତ୍ତ ଭିତରେ ଆମେ ଆଲୋଚନାର ଗଭୀରତାରେ ମଜ୍ଜିଗଲୁ ।

ଜଣେ ଅତ୍ୟନ୍ତ ସମ୍ମାନିତ ଓ ଅଭିଜାତ ଲେଖକ ବାହାରେ ପୋନ୍ନୁସ୍ୱାମୀ ହେଉଛନ୍ତି କେତେକ କ୍ଷେତ୍ରରେ ତାଙ୍କ ରାମନାଦ ଜିଲ୍ଲାର ଅନଗ୍ରସରତା ଉପରେ ଏକତମ ବିଶିଷ୍ଟ ବିଶେଷଜ୍ଞ । ତାଙ୍କର ନିକାଞ୍ଚନ ପଲ୍ଲୀମାଟି ମେଲାନ୍ ମାରାଇନାଡୁ ସଂପ୍ରତି ରାମନାଦର ବିଭାଜନ ପରେ କାମରାଜର ଜିଲ୍ଲା ଅନ୍ତର୍ଭୁକ୍ତ । ଏଇ ଗାଁରେ ବସି ସେ ଅନ୍ତର୍ଦୃଷ୍ଟିର ସହିତ ବିବେଚନା କରନ୍ତି କାହିଁକି ରାମନାଦ ଏମିତି ହୋଇ ପଡ଼ିରହିଛି । ବିଗତ ଏକବିଂଶ ବର୍ଷର ସାହିତ୍ୟିକ ଜୀବନ କାଳରେ ରଚିତ ପ୍ରତିଟି ଗଳ୍ପର କେନ୍ଦ୍ରୀୟ କଥାବସ୍ତୁ, ଚରିତ୍ର ଓ ସ୍ଥାନ ହେଉଛି ରାମନାଦ ଇଲାକା ଅନ୍ତର୍ଗତ ।

‘କଲ୍‌କୀ ପୁରସ୍କାର’ ବିଜେତା ଜଣେ ପ୍ରତିଷ୍ଠିତ କଥାଶିଳ୍ପୀ ଏବଂ ପ୍ରଗତିଶୀଳ ଲେଖକ ସଂଗଠନ ମଧ୍ୟରେ ଅଗ୍ରଗଣ୍ୟ ବ୍ୟକ୍ତିତ୍ୱ ହୋଇ ବି ପୋନ୍ନୁସ୍ୱାମୀ ପସନ୍ଦ କରନ୍ତି ବାହ୍ୟ ସଭ୍ୟତା ଠାରୁ ବିଚ୍ଛିନ୍ନ ନିଜର ଜନ୍ମିତ ଗ୍ରାମରେ ବାସ କରିବାକୁ । କାହିଁକି ଗୋଟିଏ ବଡ଼ ସହରରେ ରହୁନାହାନ୍ତି ? ପ୍ରଶ୍ନରେ ସେ ସହଜ ଭାବେ ଉତ୍ତର ଦିଅନ୍ତି – ‘‘ମୋର ଲେଖାର ପରିପୂର୍ଣ୍ଣତାରେ ତାହା ଅନ୍ତରାୟ ଆଣିବ ।’’ ପଲ୍ଲୀର ଅକ୍ଷତ

Digitized by srujanika@gmail.com

କୁମାରୀତ୍ୱ ଓ ନିବିଡ଼ ମାୟାକୁ ସ୍ନାୟୁ ଓ ମର୍ମରେ ଅନୁଭବିଥିବା ମଣିଷଟିଏ ପାଇଁ ସହରୀ ଜୀବନ ସତରେ ଲାଗିବ ଖାଁ ଖାଁ, ଶୃଙ୍ଖଳା, ସୌକୁମାର୍ଯ୍ୟହୀନ ।

"ଆପଣ ମୋର ସାକ୍ଷାତ୍‌କାର ନେବେ ରାମନାଦର ଦାରିଦ୍ର୍ୟ ଉପରେ ଜଣେ ବିଶେଷଜ୍ଞ ଭାବେ ? ଜଣେ ଲେଖକ ଭାବେ ନୁହେଁ ?" – କଣ୍ଠରେ ସତେଜ ବିସ୍ମୟ ଫୁଟାଇ ସ୍ମିତହାସ୍ୟ ସହ ପଚାରିଲେ ପୋନୁସ୍ୱାମୀ ।

ମୁହୂର୍ତ୍ତଟିଏ ଅଟକି ଯାଇ ଲମ୍ବା ଶ୍ୱାସଟିଏ ନେଇ ସେ ଖୋଲିଲେ ତାଙ୍କର ଅପୂର୍ବ ଅନୁଭବ ଓ ଅଧ୍ୟୟନର ପେଡ଼ି : "୧୯୧୦ ମସିହାରେ ଗଢ଼ାହେଲା ରାମନାଥପୁରମ୍ ଜିଲ୍ଲା । ଆଜିଯାଏ ଏହାର ନିଜସ୍ୱ ଏକ ବିଶ୍ୱବିଦ୍ୟାଳୟ ନାହିଁ । ଏବେ ଏହା ଜନ୍ମ ଦେଇସାରିଛି ତିନୋଟି ଜିଲ୍ଲା ଓ ଦୁଇଜଣ ମନ୍ତ୍ରୀ; ମାତ୍ର ଏହାର ଗୋଟିଏ ବି ମେଡ଼ିକାଲ କଲେଜ ନାହିଁ କିମ୍ୱା ଗୋଟିଏ ହେଲେ ସରକାରୀ ଇଂଜିନିୟରିଂ କଲେଜ । ଯେଉଁ ଗୋଟିଏ ଘରୋଇ ଇଂଜିନିୟରିଂ କଲେଜ ରହିଛି, ସେଇଟି ଚଳିତବର୍ଷ ବନ୍ଦ ହୋଇ ଯିବାର କପାଳ ଲିଖନକୁ ବରିନେଲାଣି । ନୂଆ ଜିଲ୍ଲାଟିରେ ମହାବିଦ୍ୟାପୀଠ ନାମକ ଯେଉଁ ତିନୋଟି କଲେଜ ରହିଛି, ସେଥିରେ ଦୁଇପ୍ରକାର ସ୍ନାତକୋତ୍ତର ପାଠ୍ୟକ୍ରମ ନାମକୁ ମାତ୍ର ଖୋଲାଯାଇଛି ।"

କଥା କହିଲାବେଳେ ପୋନୁସ୍ୱାମୀଙ୍କ ଦୃଷ୍ଟି ଲମ୍ୱି ଯାଉଥାଏ ଦୂରକୁ, କଣ୍ଠସ୍ୱର ବେଶ୍ ସ୍ପଷ୍ଟ ଓ ସଜଳ : "ଅନଗ୍ରସରତା ହିଁ ତିଆରି କରିଛି ଏ ଇଲାକାର ନିଜସ୍ୱ ମନୋଭାବ । କେହି କେବେହେଲେ ରାମନାଦରେ ଗୋଟାଏ ବିଶ୍ୱବିଦ୍ୟାଳୟର ପ୍ରୟୋଜନୀୟତା ଅନୁଭବ କରିନାହିଁ । ଦାବୀ କରିବା ତ ଦୂରର କଥା । ନିକଟରେ କିଛି ରାଜନୈତିକ ଦଳ ଏ ସଂପର୍କରେ କହିବାକୁ ଆରମ୍ଭ କରିଛନ୍ତି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଭାବେ ଗ୍ରହଣ କରିନେବାକୁ ଚାଲିଯିବ ଆଉ କେତୋଟି ପିଢ଼ି ।"

"ଦାବୀ ଜଣାଇବା ଓ ଆବେଦନ କରିବା ଚିନ୍ତା ରାମନାଦର ନାଗରିକମାନଙ୍କ ମସ୍ତିଷ୍କକୁ ଏତେ ସହଜରେ ଆସେନାହିଁ । ଦୀର୍ଘ ତେୟାଅଶୀ ବର୍ଷ ଧରି ଏ ଜିଲ୍ଲାର ସଦର ମହକୁମା ରହିଥିଲା ଅନ୍ୟଏକ ଜିଲ୍ଲାରେ – ମଦୁରାଇ ଠାରେ । ଏପରିକି ଛଅମାସ ତଳଯାଏ ଆମର ଅଦାଲତ ରହିଥିଲା ସେହି ସହରରେ । ୧୯୮୫ରେ ରାମନାଦ ତିନୋଟି ଜିଲ୍ଲାରେ ବିଭକ୍ତ ହେଲାପରେ ଯାଇ ଅବସ୍ଥା ବଦଳିଲା ।"

ନିଜକୁ ଜଣେ ଅବଶୋଷବିହୀନ ବାମପନ୍ଥୀ ରୂପେ ପରିଚିତ କରାଉଥିବା ପୋନୁସ୍ୱାମୀ ନିରୁତ୍ତେଜିତ ଭାବେ ନିଜ ବକ୍ତବ୍ୟକୁ ରଖିଥିଲେ ଅବ୍ୟାହତ : "ଏହାର ଅର୍ଥ ସବୁବେଳେ ପ୍ରଶାସନ ନିଜକୁ ଲୋକଙ୍କ ଠାରୁ ଦୂରେଇ ରଖୁଥିଲା । ହାକିମ,

Digitized by srujanika@gmail.com

ଅମଲାମାନେ ଏତେ ଦୂରରେ ରହୁଥିଲେ, ସ୍ଥାନୀୟ ସମସ୍ୟା ସଂପର୍କରେ ସେମାନେ ଖୁବ୍ କମ୍ ଅବହିତ ଥିଲେ । ଅଞ୍ଚଳଟିର ଜଟିଳତାକୁ ବୁଝିହେଉ ନଥିଲା । ଏବେ ଆମର ରହିଛି ନିଜସ୍ୱ ଅଦାଲତ, ଜିଲାପାଳଙ୍କ ଦପ୍ତର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା । ଏସବୁ ସତ୍ତ୍ୱେ, ପୁରୁଣା ପଦ୍ଧତି ଚାଲୁ ରହିଛି, କାରଣ ମୌଳିକ ସମସ୍ୟାମାନଙ୍କୁ ଏଯାଏ କେହି ସ୍ପର୍ଶ କରିନାହାନ୍ତି ।''

''ଆୟ ଦୃଷ୍ଟିରୁ ଜିଲ୍ଲାଟି ସମଗ୍ର ରାଜ୍ୟରେ ନିମ୍ନତମ, ଫଳରେ ସେହି କ୍ଷେତ୍ରରେ ତାମିଲନାଡୁର ଅନ୍ୟ ଜିଲ୍ଲାମାନଙ୍କ ଠାରୁ ୨୦ ଶତାଂଶ ପଛରେ ପଡ଼ିଛି । ଏହା ଏକ ପୂର୍ବତନ ଜମିଦାରୀ ଅଞ୍ଚଳ । ପ୍ରକୃତ ପକ୍ଷେ ଏହା ଛୋଟ ଛୋଟ କରଦ ରାଜ୍ୟକୁ ନେଇ ଗଠିତ; ଅଧିକାଂଶ ଜାତି, ସଂପ୍ରଦାୟ ଭିତ୍ତିରେ ପରିଚାଳିତ । ସେହି ଜାତିଆଣ ପ୍ରଥାହିଁ ଏହାର ଅନଗ୍ରସରତାକୁ ପର୍ଯ୍ୟାପ୍ତ ଭାବେ ପରିପୁଷ୍ଟ କରିଛି ।''

''ଏପରିକି ସେଇ ଅନୁନ୍ନତ ଜୀବନଧାରାକୁ ମଧ୍ୟ ବିପର୍ଯ୍ୟସ୍ତ କରିଦେଲା ବ୍ରିଟିଶ୍ ଶାସନ । ତା'ରି ଭିତରେ ଆୟ ଓ ନିଯୁକ୍ତିର ଯେଉଁ ସୀମିତ ପରିସରମାନ ଥିଲା ତାକୁ ସେ ଧ୍ୱଂସ କରିଦେଲା । ସୁତରାଂ ଅଧିକାଂଶ ଲୋକ ବାଧହୋଇ ଅର୍ଥନୈତିକ ଧନ୍ଦାକୁ ଆଦରି ନେଲେ ।'' ଆଜିଯାଏ ବି ଅତି ଉଚ୍ଚସ୍ତରର ହିଂସା ଓ ଅପରାଧର ରେକର୍ଡ଼ ରହିଛି ରାମନାଦର, ମୁଖ୍ୟତଃ ଜାତି ଭିତ୍ତିକ ।

''ଏଠାରେ ଭୂ-ସଂସ୍କାର କାର୍ଯ୍ୟକ୍ରମ ଅତ୍ୟନ୍ତ ଅର୍ଥହୀନ । ସାଧାରଣ ବିଶ୍ୱାସର ପ୍ରତିକୂଳରେ, ଏହି ଜିଲ୍ଲାରେ ରହିଛି କୃଷି ଭିତ୍ତିକ ସମୃଦ୍ଧିର ସୁବ୍ୟାପ୍ତ ସମ୍ଭାବନା । ମାତ୍ର ସେକଥାକୁ ମୁଣ୍ଡରେ ରଖି କିଏ ଅବା ଏଠି କାମ କରିଛି ?'' ରାମନାଦର ସମୁଦାୟ ଚାଷଜମିର ୮୦ ଶତାଂଶ ହେଉଛି ଦୁଇ ଏକରିଆ ଜମିର ମାଲିକାନା ଏବଂ ବିବିଧ କାରଣରୁ ଅଣ ଅର୍ଥନୈତିକ । ଏସବୁ ସମସ୍ୟା ଭିତରେ ଅଗ୍ରାଧିକାର ନିଏ ଜଳସେଚନର ଉତ୍କଟ ଅଭାବ ।

''ନିଯୁକ୍ତି ଏବଂ ନିୟୋଜନ କରିବାର ଧାରା ଏଭଳି ମଣିଷ ଚରିତ୍ରର ସୁବିପୁଳ ଅଂଶକୁ ଅନୁକୂଳ ଡାଞ୍ଚାରେ ପକାଇ ବଦଳାଇ ପାରନ୍ତା । ଯଦି ତୁମର ଏଠାରେ ଗୋଟାଏ ସିମେଣ୍ଟ କାରଖାନା ଅଛି, ତେବେ ତୁମର କେବଳ ସିମେଣ୍ଟ ନାହିଁ, ତା' ସହିତ ରହିଛି ନିଯୁକ୍ତି—ଏକ ବିଶେଷ ଧରଣର । କିନ୍ତୁ ପ୍ରଥମେ ତୁମର ଦରକାର କାରଖାନା ବସାଇବାକୁ ପ୍ରକୃଷ୍ଟ ସ୍ଥାନ ଏବଂ ପ୍ରାକୃତିକ ବା ଖଣିଜ ସଂସାଧନ । ରାମନାଦର ସଂସାଧନର ବାସ୍ତବ ଆକଳନ ଏଯାଏ ହୋଇପାରିନାହିଁ । ଏବଂ ଚିରସ୍ଥାୟୀ ଧରଣର ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏଯାଏ କେବେ କୌଣସି ପଦକ୍ଷେପ ନିଆଯାଇନାହିଁ ।''

Digitized by srujanika@gmail.com

ପୋନୁସ୍ୱାମୀଙ୍କ ବକ୍ତବ୍ୟର ଏକ ଠିକଣା ଦିଗ ଥିଲା । ରାମନାଦର ବୋଧହୁଏ 'ବର୍ଷତମାମ ନିୟୋଜିତ ରହୁଥିବା ଅର୍ଥନୈତିକ ଭାବେ ସକ୍ରିୟ ଜନସଂଖ୍ୟା' ହେଉଛି ସବୁଠାରୁ ନ୍ୟୂନତମ । ଚାଳିଶ ଶତାଂଶରୁ ମଧ କମ୍ । ଏହାର ଅର୍ଥ ଅଧିକାଂଶ ମଣିଷ ବର୍ଷତମାମ ଏଣୁତେଣୁ କାମଧନ୍ଦା କରି ଅନିର୍ଦ୍ଦିଷ୍ଟ ଶ୍ରମ ଭିତ୍ତିରେ ଗୁଜୁରାଣ ମେଣ୍ଟାନ୍ତି । ଲେଖକ ତାଙ୍କର ଆକଳନ ଆଙ୍କିଲେ : ''ଗୋଟିଏ ପଟେ ଜଳସଂପଦର ଦରିଦ୍ର ଉପଯୋଗିତା ହେତୁ କୃଷି ଉତ୍ପାଦନ ବିପର୍ଯ୍ୟସ୍ତ ହେଉଛି; ଅନ୍ୟପଟେ କୌଣସି ଶିଳ୍ପ ବିକାଶ ଘଟିନାହିଁ । ସଂକ୍ଷେପରେ ନିଯୁକ୍ତି ସୃଷ୍ଟି ଦିଗରେ ସଚେତନତାର ଘୋର ଅଭାବ ।'' ଏଠାରେ ପ୍ରତି ଶ୍ରମିକ ପିଛା ଉତ୍ପାଦନ ରାଜ୍ୟର ହାରାହାରି ଉତ୍ପାଦନ ଠାରୁ ୨୦ ଶତାଂଶ କମ୍ ।

ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ ଲୋକଙ୍କର ରାମନାଦରେ ରହିଛି ପ୍ରାଦୁର୍ଭାବ । ଜନସଂଖ୍ୟାର ଶତକଡ଼ା ୨୦ ଭାଗ ପାଖାପାଖି ମଣିଷ ହେଉଛନ୍ତି ଆଦିବାସୀ ଓ ହରିଜନ । ଏହା ବାହାରେ ଜିଲ୍ଲାଟିରେ ଅଛନ୍ତି ପର୍ଯ୍ୟାପ୍ତ ସଂଖ୍ୟକ ଅନୁନ୍ନତ ଶ୍ରେଣୀ ମଣିଷ । ତାମିଲନାଡୁରେ ବେକାରୀ ସ୍ତର ଅତ୍ୟନ୍ତ ଦୟନୀୟ ଏବଂ ଏଠାରେ ଆହୁରି ଶୋଚନୀୟ । ''ଆମର ପୁଣି ରହିଛି ସବୁଠୁଁ ମାରାତ୍ମକ ଶୋଷଣଗତ ସଂପର୍କ ।''—ବିମର୍ଷ ଭାବେ ବ୍ୟକ୍ତ କରନ୍ତି କଥାଶିଳ୍ପୀ ।

ଏହି ଶୋଷଣର ଜାଲ ବିଛେଇ ରଖିଛି ରାମନାଦର ଅତୁଳନୀୟ ସାହୁକାର କିମ୍ବା ଲଙ୍କା ଚାଷୀର ଦୁର୍ଦ୍ଦଶା, ମେଲାନ୍‌ମାଇ ପୋନୁସ୍ୱାମୀଙ୍କ ନଖଦର୍ପଣରେ ସେସବୁର ଚିତ୍ର ସ୍ପଷ୍ଟ ଓ ସଜଳ । ଲଗାତର ମରୁଡ଼ି, ଦୀର୍ଘକାଳୀନ ବ୍ରାଜନ (ମାଇଗ୍ରେସନ୍) କିମ୍ବା ବେକାରୀର ପରାଭବ—କେହି ତାଙ୍କର ଚିନ୍ତନରୁ ଅନୁପସ୍ଥିତ ରହିନାହାନ୍ତି ଏବଂ ତଳୁ ଉପରକୁ ଚାହିଁ ସେ ଯେଉଁ ଅନ୍ତର୍ଦୃଷ୍ଟି ଲାଭ କରିଛନ୍ତି, 'ଭୂଗୋଳ ପୋଥିପତ୍ରରେ ନାଁ ନଥିବା ଛୋଟ ଗାଁଆଁଟିରେ' ବସି; ତାହା ଯେପରି ବିସ୍ମୟକର, ସେପରି ରୋମାଞ୍ଚକର । ବେଳେବେଳେ ସେ ଅନୁଭବ ଅତିକ୍ରମ କରିଯାଏ ତନ୍ନତନ୍ନ ଗବେଷଣାର ଫଳାଫଳ ।

''ଲଙ୍କାମରିଚ ଚାଷୀଙ୍କ ଦ୍ୱାରା ନୂଆ ପ୍ରକାର ମଞ୍ଜି ଏବେ ବ୍ୟବହୃତ ହୋଇ ଆସୁଛି । ମୁଁ ଜାଣେନା ସେଗୁଡ଼ିକ ଠିକ୍ କେଉଁଠୁ ଆମଦାନୀ ହେଲା, ମାତ୍ର ସେସବୁ ଚାଷୀର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିପକାଉଛନ୍ତି । ଏପରି ବିହନ ଦ୍ୱାରା ହୁଏତ କିଛିଦିନ ପାଇଁ ଅଧିକ ଅମଳ ମିଳିବ । ହେଲେ ସେସବୁ ଅସ୍ଥାୟୀ । ସେସବୁ ବିହନ ଚାଷୀକୁ ପ୍ରତିବର୍ଷ ଅଧିକରୁ ଅଧିକ ସାର ଓ ବିଷାକ୍ତ କୀଟନାଶକ ପ୍ରୟୋଗ ଦିଗରେ ଅଧିକ ବ୍ୟୟ କରିବାକୁ ବାଧ କରିବ । ସେଗୁଡ଼ିକ ଜମିର ଜୈବସତ୍ତାକୁ ମାରି ପକାଉଛନ୍ତି । ମାଟି କ୍ରମେ ଟାଣ ଧରିଯାଉଛି, ଅଧିକ ପାଣି ମାଗୁଛି । କିଛି ବର୍ଷ ପରେ ଉତ୍ପାଦନ

Digitized by srujanika@gmail.com

କମିବାକୁ ଆରମ୍ଭ କରୁଛି । ଯେଉଁମାନେ ସେପରି ବିହନ ବ୍ୟବହାର କରିଛନ୍ତି, ସେମାନଙ୍କ ପାଇଁ ଏବେ କୃଷି କାର୍ଯ୍ୟ ଅତି ମହଙ୍ଗା ହୋଇଚାଲିଛି । ଠିକଣା ପାଗଯୋଗ ନରହିଲେ ବେଳେବେଳେ ସେ ବିହନ ମାଡ଼ ଖାଇଯାଉଛି ।''

ପୋନ୍ନୁସ୍ୱାମୀଙ୍କ ଅନ୍ତର୍ଦୃଷ୍ଟି ଲାଗୁଥିଲା ଖୁବ୍ ଗଭୀର ଏବଂ ପର୍ଯ୍ୟବେକ୍ଷଣ ବେଶ୍ ତୀକ୍ଷ୍ଣ । ଆମ ତଥାକଥିତ ପାଠଶାଳା ନମାଡ଼ି ସେ ଆତ୍ମ-ପ୍ରଶିକ୍ଷିତ ହୋଇଥିବାରୁ ତାଙ୍କର ଅଧ୍ୟୟନ ଓ ଅନୁଧ୍ୟାନ ଥିଲା ତୀବ୍ର ଓ ସମ୍ବେଦନଶୀଳ । ତାଙ୍କର ରହିଛି ଛଅଟି କ୍ଷୁଦ୍ରଗଳ୍ପ ସଂକଳନ ଏବଂ ଗୋଟିଏ ଉପନ୍ୟାସ । ସେଥିରେ ପ୍ରତିଫଳିତ ହୋଇଛି ପ୍ରଚ୍ଛନ୍ନ ଆଶାବାଦ । ତାଙ୍କର ଗୋଟିଏ ସଂକଳନର ନାମ : 'ମଣିଷ ଦିନେ ଜିଣିବ' । ପ୍ରଚଣ୍ଡ ଆତ୍ମପ୍ରତ୍ୟୟ ଓ ଅପ୍ରତିହତ ବିଶ୍ୱାସକୁ ନେଇ ସେ କଥା କହିଲା ବେଳେ, ଉଦ୍‌ବେଳିତ ହୋଇଉଠନ୍ତି : ''ଏଠାରେ ଲୋକମାନଙ୍କର ଖୁବ୍ ଲଢ଼ୁଆ ପ୍ରକୃତି ଏବଂ ସେମାନେ ରାମନାଦକୁ ଏକାକୀ ବଦଳାଇ ଦେବେ । ସେଥିପାଇଁ ଆମେ ଆତ୍ମତୃପ୍ତିରେ ବସିପଡ଼ିଲେ ଚଳିବ ନାହିଁ । ସେଥିପାଇଁ ଆମର ପ୍ରସ୍ତୁତି ଓ ଉଦ୍ୟମ ଲୋଡ଼ା ।''

ସେଇ ପ୍ରସ୍ତୁତି ଓ ଉଦ୍ୟମର ଅବିରତ ଉଦ୍‌ବେଳନ ମଧ୍ୟରେ ବଞ୍ଚନ୍ତି କଥାକାର । ସୃଜନର ଧାରାରେ ସେ ଭରି ଦିଅନ୍ତି ମଣିଷ ହୃଦୟରେ ଅସରନ୍ତି ପ୍ରତ୍ୟୟ ଓ ଆଶାବାଦ । ତେବେ ସେ କ'ଣ କେବଳ ନିଜ ଲେଖାକୁ ରାମନାଦର ଗଣ୍ଡି ଭିତରେ ଆବଦ୍ଧ ରଖିଥିବେ ?

''ମୁଁ ମୋ ଲେଖା ପ୍ରତି ହେବି ସତ୍ୟାଶ୍ରୟୀ । ସହଜ ଭାବେ ମୋର ଏଇ ଅଖ୍ୟାତ ପଲ୍ଲୀର ବାସ୍ତବ ଜୀବନ, ଚିତ୍ର ଓ ଚରିତ୍ରମାନଙ୍କ ପ୍ରତି ଏକାନ୍ତ ଏକନିଷ୍ଠ ରହିବି, ମୁଁ ହୁଏତ ସେଇ ଧାରାରେ ଉତ୍ତର ପ୍ରଦେଶର କୌଣସି ଗ୍ରାମର ବାସ୍ତବତାର ଚିତ୍ର ମଧ୍ୟ ଆଙ୍କିଦେଉଥିବି ମୋର ଅଜାଣତରେ । ଏହା ନିର୍ଭର ରଖେ ଆପଣ କେଉଁ ଲୋକର ସମସ୍ୟା ଓ ସଂଘର୍ଷକୁ ରୂପାୟିତ କରୁଛନ୍ତି, ନୁହେଁ କି ?''

ନିଜ ଗାଁର ମଣିଷ ଚରିତ୍ରର ରୂପାୟନର ସାଦୃଶ୍ୟ ରହିଛି ବିଶ୍ୱ ଜନତା ସହିତ । ମଣିଷର ଚରିତ୍ର ବିଶ୍ୱବ୍ୟାପୀ ପ୍ରାୟତଃ ସମାନ । ସେଇ ଭୋକ, ସେଇ ଦାରିଦ୍ର୍ୟ, ସେଇ ସଂଘର୍ଷ । ପୋନ୍ନୁସ୍ୱାମୀ ଆଙ୍କନ୍ତି ସେଇ ଆତ୍ମାମୟ ମଣିଷର ଅବିକୃତ, ଅବାରିତ ଛବି । ସେ ମଣିଷ ହୃଦୟର କବି ।

❖ ❖ ❖

Digitized by srujanika@gmail.com

ଚିତ୍ରକଳା ଯାହାର ନିଶା ଓ ନିଶ୍ୱାସ

ଚଉପାଶେ ଭଳି ଭଳି ରଙ୍ଗ ଓ ତୂଳୀର ଭିଡ଼; ମଝିରେ ଶୀର୍ଣ୍ଣକାୟ, ଶ୍ୟାମଳ ମଣିଷଟି ନିମଜ୍ଜି ଯାଇଛି ସୃଜନର ଯାଦୁଘରେ । କାନ୍‌ଭାସ ଉପରେ ଫୁଟି ଉଠୁଛି ବର୍ଣ୍ଣିଳ ଓ ବୈଚିତ୍ର୍ୟମୟ ଚରିତ୍ର—ଅପୂର୍ବ, ନିଖୁଣ ରେଖାଙ୍କନ । ହାଫ୍‌ପ୍ୟାଣ୍ଟ ଓ ଗଞ୍ଜି ପିନ୍ଧା ମଣିଷଟି କାନ୍‌ଭାସ୍ ଉପରେ ଫୁଟି ଉଠୁଥିବା ହାତୀ, ଘୋଡ଼ା, ବାଘ, ମିରିଗ ଓ ମଣିଷମାନଙ୍କୁ ଯେପରି ଜୀବନ୍ୟାସ ଦେଉଛି । ତନ୍ମୟତାରେ ବିଲୀନ ହୋଇପଡ଼ିଛି ବ୍ରହ୍ମା-ସୃତ ଏବଂ ପାଲଟି ଯାଉଛି ଯେପରି ଦ୍ୱିତୀୟ ବ୍ରହ୍ମା ।

ସିଏ ସେମିତି କିଛି ପାଠ ପଢ଼ିନାହିଁ । କଳାକାର ହେବାର କୌଣସି ତାଲିମ ନେଇନାହିଁ, ସେମିତି ଏକ ତାଲିମ ପ୍ରତିଷ୍ଠାନ କି କଲେଜ ଅଛି ବୋଲି ସିଏ ବି ଜାଣେନା । ଅରଣ୍ୟ ବେଷ୍ଟିତ ଏକ ଅଗମ୍ୟ ମୁଲକର ସେ ନିଃସ୍ୱ ଆଦିବାସୀଟିଏ । ଭିଲ୍ ସଂପ୍ରଦାୟର । ସଭ୍ୟତାର ଆଲୁଅ କେବେ ଦେଖିନି । ଅଥଚ ତା'ର ଅପୂର୍ବ କଳାକୌଶଳ ପ୍ରଦର୍ଶିତ ହୋଇଛି ଦରିଆପାରି ଲଣ୍ଡନ, ରୋମ, ଫ୍ରାନ୍ସ ଓ ବିଶ୍ୱର ବିବିଧ ସ୍ଥାନରେ । ଭୋପାଳସ୍ଥିତ ବିଖ୍ୟାତ 'ଭାରତ ଭବନ' ପ୍ରେକ୍ଷାଳୟରେ ପ୍ରଦର୍ଶିତ ତାଙ୍କର ଚିତ୍ରକଳା ଦେଖିବାକୁ ଲୋକମାନେ ଟିକେଟ କାଟି ଯାଆନ୍ତି । ମଧ୍ୟପ୍ରଦେଶ ସରକାରଙ୍କ ଠାରୁ ସେ ଦୁଇଥର ପୁରସ୍କୃତ—ନିଜ କଳା କୁଶଳତା ପାଇଁ । ବହୁ ବରିଷ୍ଠ ପ୍ରଶାସକ, ଚିତ୍ରପ୍ରେମୀ ଓ ଶିଳ୍ପପତିଙ୍କ ଡ୍ରଇଂରୁମ୍ ଦଖଲ କରେ ତାଙ୍କର ସମ୍ମୋହନକାରୀ କଳାକୃତି । ମାତ୍ର ଭିଲ୍ ଚାରୁକଳା 'ପିଥୋରା'ର ଅଗ୍ରଗଣ୍ୟ ଉଦ୍‌ଘୋଷକ ପେମା ଫତିଆ ବାସ କରନ୍ତି ଅସହ୍ୟ ଦାରିଦ୍ର୍ୟରେ । ହୁଏତ ତାଙ୍କ କଳାକୃତିକୁ ନେଇ ଅନ୍ୟତ୍ର ବିକ୍ରିକରି କିଏ ଲାଭବାନ ହେଉଥିବେ, କିନ୍ତୁ ମଧ୍ୟପ୍ରଦେଶର ଝାବୁଆ ଜିଲ୍ଲାର ଏକ ଦୁର୍ଗମ ପଲ୍ଲୀ ଭାବ୍ରାରେ ବାସ କରୁଥିବା ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭାବାନ ଓ ଦେଶ ବିଦେଶରେ ସୁଖ୍ୟାତି ଅର୍ଜନକାରୀ କଳାକାର ପକ୍ଷାଘାତରେ ଆକ୍ରାନ୍ତ ହୋଇ ଏବେ ସୁସ୍ଥ ହେବାପାଇଁ ପ୍ରାଣାନ୍ତକ ପ୍ରଚେଷ୍ଟା ଚଳାଇଛନ୍ତି । ଆର୍ଥିକ ଦୂରବସ୍ଥା ଯୋଗୁଁ ପୌଷ୍ଟିକ ଆହାର ତାଙ୍କୁ ଭଲକରି ମିଳେନା, ହୃଦରୋଗରେ ଆକ୍ରାନ୍ତ ହୋଇ ପକ୍ଷାଘାତରେ ଅଚଳ ହୋଇଯାଇଛି ତାଙ୍କର ତୂଳୀଧରା ହାତ ।

'ପିଥୋରା' ଚିତ୍ରକଳାର ରହିଛି ଭିନ୍ନ ଭିନ୍ନ ଆକୃତି, କିନ୍ତୁ ସାଧାରଣ ଭାବେ ସେଗୁଡ଼ିକ ବୃହଦାକାର । ଅଧିକାଂଶ ସମୟରେ ଚିତ୍ରଶିଳ୍ପୀକୁ ସିଧାସଳଖ ଏକ କାନ୍ଥରେ ଆଙ୍କିବାକୁ ପଡ଼େ ଛବି—ମୁରାଲ୍ ପେଣ୍ଟିଂ । ସହଜ ଓଡ଼ିଆରେ କୁହାଯାଇପାରେ

Digitized by srujanika@gmail.com

'କାନ୍ଥିନୀ-ଝୋଟି' । କିନ୍ତୁ ଏ ଝୋଟି କେବଳ ଗେରୁ ଓ ଧଳା ରଙ୍ଗରେ ନୁହେଁ, ବିବିଧ ବର୍ଣ୍ଣର ସେଠି ଚାଲିଥାଏ ମହୋତ୍ସବ । ଶିଳ୍ପୀ ପେମାଙ୍କର ଅନେକ ଚିତ୍ର ହେଉଛି ବିଶାଳକାୟ 'କାନ୍ଥିନୀ-ଝୋଟି' । ପିଥୋରା ହେଉଛି ଆଦିବାସୀ ପୃଥିବୀର ଚିତ୍ରକଳା । ଭିଲ୍ ଯାହା ଦେଖେ, ବୁଝେ ବା ଅନୁଭବେ, ସେସବୁ ସ୍ଥାନ ପାଏ ତା'ର ଚିତ୍ରକଳାରେ । ଭିଲ୍ ଜାତିର ପୌରାଣିକ ଉପକଥାର କେନ୍ଦ୍ରୀୟ ଚରିତ୍ର ଭାବେ ଅଶ୍ୱ ସ୍ଥାନ ପାଇଥାଏ ଖୁବ୍ ପରିବ୍ୟାପ୍ତ ଓ ପ୍ରଭାବଶାଳୀ ଢଙ୍ଗରେ । ମାତ୍ର ପୁରାଣ କଥା ବାହାରେ ରହୁଥିବା ଚରିତ୍ର ଓ ଚିଜମାନ ମଧ ହୋଇଥାନ୍ତି ବିବିକ୍ତ । ଦୃଷ୍ଟାନ୍ତ ସ୍ୱରୂପ ସାହୁକାର କିମ୍ବା ପୁଲିସ୍ ଥାନାଦାର । ଏ ଦୁହେଁ ଭିଲ୍ ଆଦିବାସୀ ସଂପ୍ରଦାୟର ଜୀବନରେ ଖୁବ୍ ବିଶାଳ ବାସ୍ତବତା । ବେଳେବେଳେ ସେମାନଙ୍କ ଚିତ୍ରକଳାରେ ସହସା ଦେଖିବାକୁ ମିଳେ ମଟର ସାଇକେଲ କିମ୍ବା ଉଡ଼ାଜାହାଜ । ପେମା ହୁଏତ ସେ ସଂପ୍ରଦାୟର ଚିତ୍ରକଳା ମଧରେ ସର୍ବୋତ୍କୃଷ୍ଟ ପ୍ରତିଭା, ମାତ୍ର ଏକମାତ୍ର ଶିଳ୍ପୀ ନୁହେଁ । ଏ ମୁଲକରେ ଅନେକ ଶିଳ୍ପୀଙ୍କ କଳାକୃତି ବାସ୍ତବରେ ପ୍ରଦାନ କରିଥାଏ ବିମଳ ଆନନ୍ଦ ।

କିନ୍ତୁ ପିଥୋରା ହେଉଛି ପାରମ୍ପରିକ ଚିତ୍ରକଳାର ପରିପ୍ରକାଶ ଶୈଳୀଠାରୁ ଢେର୍ ଅଧିକ—କହନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ଡଃ ଅମିତା ବାଭିସ୍କର୍ । ଏ ଅଞ୍ଚଳର ବିବିଧ ସଂପ୍ରଦାୟ ଉପରେ ଅଧୟନ କରିଥିବା ଜଣେ ଗବେଷିକା । ତାଙ୍କ ବକ୍ତବ୍ୟରେ : ''ପିଥୋରାର ରହିଛି ଏକ ଧାର୍ମିକ ଦିଗ । ଧାର୍ମିକ ପୂଜାପାର୍ବଣର ଏକ ଅଂଶ ବିଶେଷ ଭାବେ ସ୍ଥାନ ପାଇଥାଏ ଚିତ୍ରକଳା । ଚିତ୍ରାଙ୍କନ ବେଳେ ଶିଳ୍ପୀ ଆବିଷ୍ଟ ହୋଇରହେ ବୋଲି କୁହାଯାଏ, ଯେପରି କାଳିସୀ ଧରେ । ଦେବାଦେବୀମାନେ ତା'ରି ମାଧମରେ ନିଜକୁ ଅଭିବ୍ୟକ୍ତ କରନ୍ତି । ଚିତ୍ରଟି ସଂପୂର୍ଣ୍ଣ ହୋଇଗଲା ପରେ ପୂଜାରୀ ଆସି ସେଇଟିକୁ ତନ୍ନତନ୍ନ ଅନୁଧାନ କରେ ଯେ, ଦେବତା ଯାହା କହୁଛନ୍ତି ତା'ର ନିର୍ଯ୍ୟାସ ସେଥିରେ ପରିସ୍ଫୁଟ ହୋଇଛି ନା ନାହିଁ । ଏହି ପବିତ୍ର ଧାରାରୁ ରସ ଓ ବୈଶିଷ୍ଟ୍ୟ ସଂଗ୍ରହ କରିଥାଏ ପିଥୋରା କଳାକୃତି ।''

ଏ ଧାରାରେ ପେମାର ଆଦ୍ୟଗୁରୁ ହେଉଛନ୍ତି ତା'ର ଜନ୍ମଦାତା ପିତା । ସୁତରାଂ ଚିତ୍ରକଳା ତାଙ୍କ ପାଇଁ ଏକ କୌଳିକ ବୃତ୍ତି । ଚିତ୍ରକଳାରେ ଲାଗୁଥିବା କେତେକ ଜିନିଷ ସେ ନିଜେ ପ୍ରସ୍ତୁତ କରନ୍ତି । ବଣ ଜଙ୍ଗଲର ଅଠା, ଫଳ, ଚେର, ଲାଖ, ଛେଲି ଓ ଖଣିଜ ଦ୍ରବ୍ୟରୁ ପ୍ରସ୍ତୁତ ହୁଏ ଜୈବିକ ରଙ୍ଗ । ତୂଳୀ ଭଳି ଆଉକିଛି ଦ୍ରବ୍ୟ କେବଳ ବଜାରରୁ କ୍ରୟ କରିବାକୁ ପଡ଼ିଥାଏ ।

ପେମାଙ୍କର କିଛି କାନ୍ଥିନୀ-ଝୋଟି (ମୁରାଲ୍ ପେଣ୍ଟିଂ) ଦେଖିଲେ ଆଖି ଖୋସି ହୋଇଯାଏ । ସେହିପରି ଏକ ଚିତ୍ର ଝୁଲୁଛି ଝାବୁଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ—

Digitized by srujanika@gmail.com

କନା ଉପରେ ଅଙ୍କିତ କଳାକୃତି । ଏପରିକି ଅଧିକ ଆକର୍ଷଣୀୟ ଓ ଉପଭୋଗ୍ୟ କଳାକୃତି ରହିଛି ନିଜ ମୂଳକର କିଛି ଘରର କାନ୍ଥ ଉପରେ । ସିଧାସଳଖ ସେଗୁଡ଼ିକ କାନ୍ଥ ଉପରେ ଅଙ୍କିତ । ଗୋଟିଏ ଛବିର ଆକାର ଅଶିବର୍ଗଫୁଟରୁ କମ୍ ନୁହେଁ । ଅର୍ଥାତ୍ ଦଶଫୁଟ ଓସାର, ଆଠଫୁଟ ଉଚ୍ଚା । ଏହାର ବର୍ଣ୍ଣବିଭା ଅତ୍ୟନ୍ତ ଉଜ୍ଜ୍ୱଳ ଓ ଚୋରା । ଏଥିରେ ଧାର୍ମିକ ଭାବବସ୍ତୁ ସହିତ ଦୈନନ୍ଦିନ ଜୀବନଚର୍ଯ୍ୟାର ମିଳିତ ରୂପାୟନ ଘଟିଥାଏ । ଘୋଡ଼ା ଚାରିପାଖରେ ଥାଏ କୂଅ, ପାଣିପମ୍ପ, ସର୍ପ ପରିବେଷ୍ଟିତ ମଟର ସାଇକେଲ, ପୁଲିସ୍ ଓ ଅରଣ୍ୟ । ସବୁଜ, ଲାଲ, ଗୈରିକ ଏବଂ ଧଳାର ଖଣ୍ଡଖଣ୍ଡ ଅଂଶ ମଧ୍ୟରେ ପ୍ରତିଫଳିତ ସୂର୍ଯ୍ୟାଶ୍ମି ରଙ୍ଗଗୁଡ଼ିକୁ ବିଭିନ୍ନ କୋଣରୁ ଘନଘନ ବଦଳାଇ ଚାଲିଥାଏ । ମନେହୁଏ ଏଇଠାରେ ହିଁ ରଙ୍ଗର ଈଶ୍ୱର ଅନ୍ତତଃପକ୍ଷେ ବାଙ୍ମୟ ହୋଇଉଠିଛନ୍ତି । ଗୋଟିଏ ମୁରାଲ୍ ଆଡ଼େ ଅଙ୍ଗୁଠି ନିର୍ଦ୍ଦେଶ କରି ପେମା କହନ୍ତି : "ମୁଁ ସୁସ୍ଥ ଥିଲାବେଳେ ସେଇଟିକୁ ଆଙ୍କିଥିଲି ଏବଂ ମୋ କାମରୁ ପାଇଥିଲି ଅଜସ୍ର ପରିତୃପ୍ତି ।" ତେବେ ଏମିତି କ'ଣ ଘଟିଲା, ଯେଉଁଠି ପରିତୃପ୍ତି ଓ ଆନନ୍ଦର ଧାରା ହେଲା ବାଧାପ୍ରାପ୍ତ ?

ପେମା ପ୍ରଥମେ ଆବିଷ୍କୃତ ହେଲେ – ଅନ୍ତତଃପକ୍ଷେ ନିଜ ଆଦିବାସୀ ସମାଜର ପରିସୀମା ବାହାରେ – ଝାବୁଆର ତତ୍କାଳୀନ ଜିଲ୍ଲାପାଳ ଆର୍.ଗୋପାଳକୃଷ୍ଣନ୍ଙ୍କ ଦ୍ୱାରା । ତାହା ଅଶି ଦଶକର କଥା । ଅପୂର୍ବ କଳାତ୍ମକ ଅଙ୍କନରେ ଅଭିଭୂତ ହୋଇ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଏକ ମୁରାଲ୍ ଆଙ୍କିବା ପାଇଁ ବରାଦ କଲେ । ସେଥିପାଇଁ ଦେଲେ ପାଞ୍ଚ ହଜାର ଟଙ୍କା । ସେ ସମୟରେ ସେ ପରିମାଣର ମୂଲ୍ୟ ଥିଲା ଢେର୍ ଏବଂ ଜୀବନରେ ପ୍ରଥମଥର ପାଇଁ ପେମା ପାଇଲେ ସେଭଳି ଏକ ଆକର୍ଷଣୀୟ ପରିମାଣ । ଏହା ବୋଧହୁଏ ଶେଷଥର ପାଇଁ; ଝାବୁଆରେ ସେପରି ପରିମାଣର ଅର୍ଥ ପାଇବା ଆଉ ଜୀବନରେ ଘଟିନାହିଁ । ପେମାଙ୍କୁ କେହି ଚିତ୍ର ଆଙ୍କିବାକୁ ବରାଦ କଲେ ସ୍ଥାନୀୟ ଭାବେ ଦିଅନ୍ତି ଜିନିଷପତ୍ର, ଅର୍ଥ ପରିମାଣ ଥାଏ ଅତି କମ୍ ।

ଗୋପାଳକୃଷ୍ଣନ୍ ଭୋପାଳ ଠାରେ ପ୍ରଦର୍ଶିତ କଲେ ଏହି ପ୍ରତିଭାବାନ ଶିଳ୍ପୀଙ୍କ ଚିତ୍ରକଳା । ଏଇଠାରେ ଶିଳ୍ପୀଙ୍କୁ ମିଳିଲା ଦୁଇଟି ରାଜ୍ୟସ୍ତରୀୟ ସମ୍ମାନ । ବହୁ ଅଗ୍ରଣି ଚିତ୍ରଶିଳ୍ପୀଙ୍କର ତାହା ମଧ୍ୟ କଲା ଦୃଷ୍ଟି ଆକର୍ଷିତ । ସେମାନଙ୍କ ମଧ୍ୟରେ ଜେ. ସ୍ୱାମୀନାଥନ୍ ଅନ୍ୟତମ । କ୍ରମେ ପେମାଙ୍କ କଳାକୃତିର ଘଟିଲା ବ୍ୟାପକ ପ୍ରସାର ଓ ପ୍ରଦର୍ଶନ । ଅତ୍ୟନ୍ତ ପରିତୃପ୍ତିର ସହ ଚିତ୍ରଶିଳ୍ପୀ ନିଜ ଜୀବନର ସେହି ଅଧ୍ୟାୟ ଓ ଅନୁଭୂତିକୁ ସ୍ମରଣ କରନ୍ତି । ଆଦରରେ ଓ ଅତ୍ୟନ୍ତ ଗଦ୍‌ଗଦ୍ ହୋଇ ସେ ମନେପକାନ୍ତି ଭିନ୍ନ ଜଗତର ସେହି ଦୁଇଟି ନାମ – ଗୋପାଳକୃଷ୍ଣନ୍ ଓ ସ୍ୱାମୀନାଥନ୍ । ଇହଜଗତରେ ଆଉ

Digitized by srujanika@gmail.com

ସ୍ୱାମୀନାଥନ୍ ନାହାନ୍ତି ବୋଲି ଆମଠାରୁ ଶୁଣି ସେ ହତବାକ୍, କାନ୍ଦ କାନ୍ଦ ଓ ବିମର୍ଷ ହୋଇପଡ଼ିଲେ । ସେହି ଚିତ୍ରଶିଳ୍ପୀଙ୍କ ସହିତ ବୋଧହୁଏ ପେମାଙ୍କର ଥିଲା ଶିଳ୍ପୀ-ଶିଳ୍ପୀର ମଧୁର ସଂପର୍କ । ପ୍ରଶାସକଙ୍କ ସଂପର୍କରେ ତାଙ୍କର ମନ୍ତବ୍ୟ : ''ଗୋପାଳ ସାବ୍ ଥିଲେ ମୋ ପ୍ରତି ଅତ୍ୟନ୍ତ ସଦୟ ଓ ଅନୁଗ୍ରହୀ ।''

ଗୋପାଳ ସାହେବ ନିଜେ ଏ ସଦୟତା ନେଇ ନିଶ୍ଚିତ ନୁହଁନ୍ତି । ସେ ଏବେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଶାସନ ସଚିବ । ଅନୁଶୋଚନା କରି ଗୋପାଳକୃଷ୍ଣନ୍ କହନ୍ତି : ''ମୁଁ ଯଦି ଜାଣିଥାନ୍ତି ଶିଳ୍ପୀଙ୍କର ଏଭଳି ପରିଣତି ହେବ, ମୁଁ ତେବେ ଭିନ୍ନ ପ୍ରକାର ପଦକ୍ଷେପ ହୁଏତ ନେଇପାରିଥାନ୍ତି । ସେ ଜଣେ ଅତୁଳନୀୟ ପ୍ରତିଭାବାନ ଶିଳ୍ପୀ । ତାଙ୍କ ଜୀବନରେ ଯେପରି ଘଟିଲା ସେପରି ମୁଁ ଆଶା କରିନଥିଲି ।'' ପ୍ରଶାସକ ଯାହା ଚାହୁଁଥିଲେ ତାହା ହେଉଛି ଜଣେ ମହାନ୍ ପ୍ରତିଭାଧର ତା'ର ଯୋଗ୍ୟ ସ୍ୱୀକୃତି ପାଇବା ଦରକାର ।

ପେମାଙ୍କ ସମସ୍ୟାର ଅୟମାରମ୍ଭ ହେଲା ଗୋପାଳକୃଷ୍ଣନ୍ ଜିଲ୍ଲା ଛାଡ଼ିବା ପରେ । ଶିଳ୍ପୀଙ୍କୁ ଏବେ ସ୍ୱୀକୃତି ଅବଶ୍ୟ ମିଳିଛି, ମାତ୍ର ନିରାପତ୍ତା ନୁହେଁ । ଛୋଟ ବଡ଼ ବହୁ ଅଫିସର ଏବେ ତାଙ୍କଠାରୁ ଚିତ୍ରକଳା ଝଡ଼େଇବାରେ ଲାଗିଛନ୍ତି । ସେ କହନ୍ତି : ''ହାବିଲ୍‌ଦାର ଆସି ପହଞ୍ଚିଯାଇ କହିବ ଅମୁକ ସାଇବ ମୋତେ ଡକାଇଛନ୍ତି ଏବଂ ମୋତେ ତାଙ୍କ ପାଖକୁ ଯିବାକୁ ବାଧ କରାଯିବ । ସେ ହୁଏତ ହୋଇଥିବେ ଏସ୍.ପି., ଡି.ଏସ୍.ପି, ଏସ୍.ଡି.ଏମ୍ କିମ୍ବା ଏପରିକି ତହସିଲ୍‌ଦାର୍ ।'' ସୁତରାଂ ପ୍ରେମା ଫଟିଆଙ୍କୁ ଆଙ୍କିବାକୁ ପଡ଼ିବ ଏକ ହାବିଲ୍‌ଦାରର ତଦାରଖରେ; ନିର୍ଦ୍ଦିଷ୍ଟ ସମୟ ଭିତରେ, କାରଣ ବଡ଼ ହାକିମ ସେଇଟିକୁ ଧରି ଫେରିବେ । ତାଙ୍କ ଡ୍ରଇଂ ରୁମ୍ ସଜ୍ଜା ହେବ । ସୃଜନର ଆଦ୍ୟ ଅକ୍ଷର ବୁଝିନଥିବା, ଜୀବନରେ କେବେ ତୂଳୀ ଧରିନଥିବା ସିଠା ମଣିଷମାନେ ଭାବନ୍ତି ହୁକୁମ ଓ ହାକିମାତିରେ ହାସଲ କରିବେ ଚିତ୍ରକଳା । ଅରଣ୍ୟର ଭାଷାରେ ନିଜ ଭାବକୁ ପେଣ୍ଟୁଥିବା କାନ୍‌ଭାସ୍‌ର କବିଟିଏ ବାଧ ବାଧକତାରେ ସେତକ କରିଦିଏ; ମାତ୍ର ତା' ଅନ୍ତରାଳରେ ନଥାଏ ପ୍ରାଣସତ୍ତା ଓ ପୁଲକ । ସେଥିପାଇଁ ପେମା କହନ୍ତି : ''ଆଜ୍ଞା ! ମୋ କାନ୍ଧ ସନ୍ଧି ଦେଇ ଚରାଟି ଚାହିଁଥିବ ହାବିଲ୍‌ଦାର, ହେଇ ସେଇଠି ବସିଥିବ ସା'ବ୍ । କୁହନ୍ତୁତ ଏମିତି ଅବସ୍ଥାରେ କିଏ କ'ଣ ଆଙ୍କି ପାରିବ ? ସେ ପୁଣି ମୋତେ ଆକଟ କରି କହୁଥିବ—'ପେମା ଭଲକରି ଆଙ୍କ, ନଇଲେ ବଡ଼ସାଇବ ରାଗିବେ ।' ପୁଲିସ୍‌ର ସୁପରଭିଜନରେ ଆଜ୍ଞା କେହି କେବେ କାମ କରିପାରେ ? ଭୟରେ ମୋ ହାତ ଥରେ, ତୂଳୀ ଅଟକି ଯାଏ । ଏମିତି କେତେଥର ଘଟିଛି ।''

ହେଲେ ନିଃସ୍ୱ ଶିଳ୍ପୀଟିର ବେଦନାକୁ ବୁଝେ ଅବା କିଏ ! କ୍ଳାନ୍ତି ଓ କାମର ଚାପରେ ଭାଙ୍ଗିପଡ଼େ ଜୀବନ । ଉଚିତ ପ୍ରାପ୍ୟ ବି ମିଳେ ନାହିଁ । ''କେବେ କେବେ

Digitized by srujanika@gmail.com

ସେମାନେ ମୋତେ ମାମୁଲି କିଛି ଟଙ୍କା ଦିଅନ୍ତି । ମୋତେ ହିଁ ନିଜ ପକେଟ୍‌ରୁ କାନ୍‌ଭାସ୍, ରଙ୍ଗ ଖର୍ଚ୍ଚ ଦେଇ କାମ ଉଠାଇବାକୁ ହୁଏ ।'' – କହେ ପେମା । ସଂପ୍ରତି ସିଏ ନିଜ କଳ୍ପନା ରୂପକଳ୍ପର ବାହାରେ ପଞ୍ଚେ ଦେବାଦେବୀଙ୍କ ବରାଦିଆ ଚିତ୍ର ଆଙ୍କୁଛନ୍ତି ।

କାମର ଚାପ ଓ ପରିଶ୍ରାନ୍ତି ଏତେ ତୀବ୍ର ହେଲା ଯେ, ତାକୁ ଆଉ ବହନ କରିବାକୁ ସମର୍ଥ ହେଲେ ନାହିଁ । ତାଙ୍କର ଖ୍ୟାତି ବଢ଼ିବା ସହ ବଢ଼ିଚାଲିଲା କ୍ଳେଶ । କିଛିଦିନ ପାଇଁ ଭୋପାଳ ଚାଲିଗଲେ ସେ ପାଆନ୍ତି କାମରୁ ରିହାତି ଓ କିଞ୍ଚିତ୍ ବିଶ୍ରାମ । ପୁଣି ସେଠାରେ ଆସିଯାଏ ଅଧିକ କାମର ବରାଦ, ଯାହାପାଇଁ ତାଙ୍କୁ କିଛିହେଲେ ପାରିତୋଷିକ ମିଳେନାହିଁ । ପାରିଶ୍ରମିକ ବି ନୁହେଁ । କେବଳ ଗୋପଳକୃଷ୍ଣନ୍‌ଙ୍କ ଭଳି ପ୍ରଶାସକଙ୍କ ପାଇଁ ସେ ଜଣେ ମଣିଷ, ଜଣେ ପ୍ରତିଭାବାନ୍ ଶିଳ୍ପୀ । ଅନ୍ୟ ଅନେକଙ୍କ ପାଇଁ ସେ କେବଳ ଜଣେ ଚାଷୀ – କାନ୍‌ଭାସ୍‌ରେ ଫସଲ ଅମଳ କରୁଛନ୍ତି, ଯାହାପାଇଁ ଯାଇତାଇ ମୂଲ୍ୟ ଦିଆଯାଇପାରେ । ''ପ୍ରେମାର କାହାଣୀ ହେଉଛି ଏକ ସୁନ୍ଦର ଦୃଷ୍ଟାନ୍ତ, ଯେଉଁଠି ସହରୀ ବୁଦ୍ଧିଜୀବୀ ପସନ୍ଦ କରିପାରନ୍ତି ଆଦିବାସୀ ଚିତ୍ରକଳା'' – କହନ୍ତି ଗୋପାଳକୃଷ୍ଣନ୍ । ତା'ର କଳାକୃତି ହୋଇଛି ତା'ର ସଂସ୍କୃତିର ଚେର ଠାରୁ ଭିନ୍ନ, ଏହାର ପ୍ରାସଙ୍ଗିକତା ଠାରୁ ଉତ୍ପାଟିତ । ଏହି କ୍ଳେଶ, କ୍ଳାନ୍ତି ଓ ଚାପର ବଶବର୍ତ୍ତୀ ହୋଇ ପେମା ପାଲଟିଗଲେ ଶେଷକୁ ମଦ୍ୟପ ।

ସେ ଭାଙ୍ଗିପଡ଼ିଲେ । ଏକଦା ଟାଲୁ ଟାଲୁ ସେ ଖସିପଡ଼ିଲେ । ରାତିସାରା କାମ କରି କରି ଥକି ପଡ଼ିଥିବା ଶିଳ୍ପୀ ଅବଶ କଟାଇବାକୁ ପ୍ରଚୁର ପିଇଥିଲେ । ସେ ଥିଲା ୧୯୯୩ର ନଭେମ୍ବର, ଦୀପାବଳୀ ସମୟ – ସ୍ମରଣ କରନ୍ତି ପେମା । ''ବେହୋସ୍ ହୋଇ ମୁଁ ପଡ଼ିଥାଏ, ପାହାନ୍ତା ସମୟରେ ଘଟିଥାଏ ଦୁର୍ଘଟଣା । ସକାଳକୁ ଆବିଷ୍କାର କଲି ମୋର ଡାହାଣ ହାତ ପକ୍ଷାଘାତଗ୍ରସ୍ତ ହୋଇପଡ଼ିଛି । ମୁଁ ସତରେ ଡରିଗଲି ।'' ଏଥିରେ ତାଙ୍କର ବାକ୍‌ଶକ୍ତି ମଧ୍ୟ ହୋଇଥିଲା ଆହତ । ତୁରନ୍ତ ଘରକୁ ଫେରିବା ପରେ ଜାଣିଲେ ଅନ୍ୟ କାମ କରିବା ପାଇଁ ବି ସେ ଅସମର୍ଥ ।

ଏ ଦୁର୍ଘଟଣାର ଦୁଃସମ୍ବାଦ ପାଇ ପୁନଶ୍ଚ ସେହି ଦରଦୀ ପ୍ରଶାସକ ଗୋପାଳକୃଷ୍ଣନ୍ ଯୋଗାଡ଼ କରିଦେଲେ ସରକାରୀ ବ୍ୟୟରେ ତାଙ୍କର ଚିକିତ୍ସା ବ୍ୟବସ୍ଥା । ଖର୍ଚ୍ଚ ୨୦ ହଜାର ଟଙ୍କା ଅତିକ୍ରମ କରିଗଲା । ପ୍ରଶାସକ ମଧ୍ୟ ଶିଳ୍ପୀଙ୍କ ପାଇଁ 'ଭାରତ ଭବନ'ରେ ଚାକିରିଟିଏ ବ୍ୟବସ୍ଥା କରିଦେଲେ । ''ମାତ୍ର ମୋର ଏ ଅଚଳାବସ୍ଥାରେ ସେତକ କରିବାକୁ ମୁଁ ଚାହିଁଲି ନାହିଁ ।'' – କହନ୍ତି ପେମା । ''ଗୋପାଳ ସା'ବଙ୍କ ଭଳି ଲୋକଙ୍କ ଦରଦ ପାଇଁ ଚାକିରି ମିଳିଲା; ମାତ୍ର କିଛି ନକରି ବୃଥାରେ ଦରମା ନେବାକୁ ମୋ ବିବେକ ମୋତେ ହାଣିଲା ।''

Digitized by srujanika@gmail.com

ପେମାଙ୍କ ସହ ତାଙ୍କ ଗାଁ ଭାବ୍ରାରେ ପ୍ରଥମ ସାକ୍ଷାତ ବେଳେ ମୋ ସହିତ ଥିଲେ ଜଣେ ଚିତ୍ରଶିଳ୍ପୀ ମିର୍ଜା ଇସ୍‌ମାଇଲ୍ ବେଗ୍ – ଇନ୍ଦୋରର ଜଣେ ଅବସରପ୍ରାପ୍ତ ଶିକ୍ଷକ । ପେମାଙ୍କ ଜ୍ଞାନ ଓ ଅନୁଭବର ଗଭୀରତା ଏବଂ ତାଙ୍କ କଳାକୃତି ସଂପର୍କରେ ସେ ଯେପରି ସରଳ ଭାବେ ବୁଝାଇଦେଲେ ତାହା ଆମକୁ ମନ୍ତ୍ରମୁଗ୍ଧ ଓ ଅଭିଭୂତ କରି ରଖିଲା । ପୁଣି ମାସକ ପରେ ସାକ୍ଷାତ ବେଳେ ପେମା ତାଙ୍କ ପକ୍ଷାଘାତ ହାତର ଚଳପ୍ରଚଳ କରାଇ ବ୍ୟାୟାମ କରୁଥିଲେ । ଆମକୁ ଦେଖି ହସି ହସି କହିଲେ – 'ଭାବୁଛି ଧୀରେ ଧୀରେ ଏହା ଭଲ ହୋଇଯିବ । ସେ ମୋ ହାତଧରି ନିକଟରେ ଥିବା ଏକ ଘରଆଡ଼େ ନେଇଗଲେ – ଅଚଳ ହାତରେ ସେ ଆଙ୍କୁଥିବା ଚିତ୍ର ଦେଖାଇବା ପାଇଁ । କଳାକୃତିଟି ପେମାଙ୍କର ସର୍ବୋତ୍କୃଷ୍ଟ ନଥିଲା, ମାତ୍ର ଅନ୍ତତଃପକ୍ଷେ ଥିଲା ନୂଆକରି ପୁଣି ପ୍ରୟାସର ପଲ୍ଲବନ । ସୃଜନର ଅଙ୍କୁରଣ ଏବଂ କଳ୍ପନାର ପ୍ରସ୍ଫୁଟନ । କଳାକୃତି ଯେପରି ତାଙ୍କର ନିଶା ନୁହେଁ, ନିଶ୍ୱାସର ବାୟୁ । ସେତକ ନରହିଲେ ସେ ଶିଳ୍ପୀ ମରିଯିବ । ବାସ୍ତବରେ ପେମା ଜଣେ ପଟାନ୍ତରହୀନ ପ୍ରତିଭାଧର । ପକ୍ଷାଘାତ ସତ୍ତ୍ୱେ ଯେଉଁ ପ୍ରେରଣା ଓ ପୁଲକ ସହ ସେ ପୁନର୍ଜୀବନ ଲାଭ କଲେ, ତାହା କ୍ୱଚିତ୍ ଦୃଶ୍ୟମାନ । ପ୍ରତ୍ୟାଶା ରଖାଯାଉ, ପୁଣି ପେମା ଦିନେ ଆଙ୍କିବେ ତାଙ୍କ ନିଜ ଦେବତା ଓ ସଂସ୍କୃତିର ଛବି । ପୁଣି ଉଇଁବ ଜୀବନର ଦିଗନ୍ତରେ ସୃଜନର ରବି ।

❖ ❖ ❖

Digitized by srujanika@gmail.com

ଅଧ୍ୟାୟ : ନବମ

ଭୋକର ଭୂଗୋଳ ରୂପେ ପରିଚିତ କଳାହାଣ୍ଡିର ଏହା ଏକ ଇତିହାସ ନିର୍ମାଣକାରୀ ଫଟୋଚିତ୍ର । ବାମରେ ଫାନ୍‌ସ ପୁଞ୍ଜି ପାଖରେ ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀ, ବିକ୍ରି ହୋଇଥିବା ନଣନ୍ଦ ବନିତା କୋଳରେ ଧରିଛି ଶିଶୁ ସନ୍ତାନ ଏବଂ ତା'ର ବାମରେ ରହିଛି ଅନ୍ଧସ୍ୱାମୀ ବିଦ୍ୟା ପୋଡ଼ । ଏହି ଫାନ୍‌ସ ପାଇଁ ଏକଦା କଳାହାଣ୍ଡି ହୋଇଥିଲା ରାଷ୍ଟ୍ରସ୍ତରରେ ଚର୍ଚ୍ଚିତ ଏବଂ ତତ୍କାଳୀନ ପ୍ରଧାନମନ୍ତ୍ରୀ ଆସିଥିଲେ ଦେଖିବାକୁ ତା'ର ଗାଁ ।

ମରୁଡ଼ି ପଡ଼ିଲେ ସଭିଙ୍କ ମଉଜ

Digitized by srujanika@gmail.com

୧.	ନଦୀମୁଖ * ଜଳ ସଂକଟ : ପ୍ରକୃତ ଓ ପରିକଳ୍ପିତ	୩୬୧
୨.	ଝିଅଟିଏ ବିକ୍ରି ହୋଇଗଲା	୩୭୪
୩.	ମରୁଡ଼ିର ମାନଚିତ୍ରରେ ଝିଅ ବିକ୍ରିର ଅକ୍ଷାଂଶ, ଦ୍ରାଘିମା	୩୮୧
୪.	ରାମନାଦର ଅମ୍ବୁ-ପତି, ଭୂମି-ପତି ଦଳ	୩୯୦
୫.	ସ୍ୱୟଂ ପାଣି ଏକ ଅର୍ଥକାରୀ ଫସଲ	୩୯୪
୬.	ଏକ ଅନ୍ତହୀନ ଅନ୍ବେଷାର ଇତିହାସ	୩୯୮
୭.	ଜଳ ନୁହେଁ, ତୃଷ୍ଣାର ଅନ୍ବେଷା	୪୦୩
୮.	ମରୁଡ଼ି ଓ ମୃତ୍ୟୁର ରାଜନୀତି ଖେଳ	୪୦୬
୯.	ମରୁଡ଼ି ଓ ମୃତ୍ୟୁର ଶକୁନି ପଶାରେ ସୁର୍‌ଗୁଜା	୪୧୧
୧୦.	ଦୁର୍ନୀତିର କାନ୍‌ଭାସ୍‌ରେ ମରୁଡ଼ିର ରଙ୍ଗ	୪୧୮

✵ ✵ ✵

Digitized by srujanika@gmail.com

ନାନ୍ଦୀମୁଖ

ଜଳ ସଙ୍କଟ : ପ୍ରକୃତ ଓ ପରିକଳ୍ପିତ

ଭାରତବର୍ଷ ଭୋଗୁଥିବା ବିବିଧ ପ୍ରମୁଖ ସଂକଟ ଓ ସମସ୍ୟା ମଧ୍ୟରୁ ନିଃସନ୍ଦେହରେ ମରୁଡ଼ି ହେଉଛି ଏକତମ । ଭୋକର ଭୂଗୋଳ ବହିରେ ମରୁଡ଼ିର ମାନଚିତ୍ର ଦଖଲ କରେ ସର୍ବାଧିକ ପୃଷ୍ଠା । ଏ ସମସ୍ୟା ସଂକ୍ରମିତ କରିଚାଲିଛି ନିରନ୍ନ ମଣିଷଠାରୁ ସକ୍ଷମ ସରକାର ଯାଏ ସମାଜର ପ୍ରତି ସ୍ତର ଓ ପର୍ଯ୍ୟାୟ । ତଦ୍ରୂପ ଭାବେ ନିଃସନ୍ଦେହରେ ମରୁଡ଼ି ପାଇଁ ଅନ୍ନଛତ୍ର (ରିଲିଫ୍) ହେଉଛି ଗ୍ରାମାଞ୍ଚଳ ଭାରତର ସର୍ବବୃହତ ସମୃଦ୍ଧ ଶିଳ୍ପ । ବେଳେବେଳେ ଏ ଦୁଇଟି ମଧ୍ୟରେ କିମ୍ଭୂତ ସଂପର୍କ ପ୍ରତିଷ୍ଠିତ ହୋଇଥାଏ । ପ୍ରଚୁର ବର୍ଷାପାତ ପାଉଥିବା ଅଞ୍ଚଳମାନଙ୍କୁ ମଧ୍ୟ ଅନ୍ନଛତ୍ର ଯାଇଥାଏ । ଏପରିକି ନିପାଣିଆ ଅଭାବୀ ଅଞ୍ଚଳକୁ ରିଲିଫ୍ ପ୍ରେରିତ ହେଲେ ବି ସବୁଠାରୁ ବିପନ୍ନ ମଣିଷ ଏଥିରୁ ସର୍ବନିମ୍ନ ସୁବିଧା ପାଇଥାନ୍ତି । ଏ ଅଞ୍ଚଳର ଦରିଦ୍ରମାନେ ଏକଥା ବୁଝିପାରନ୍ତି । ସେଥିପାଇଁ ସେମାନେ ଏହି ମରୁଡ଼ି-ଛତରକୁ କହିଥାନ୍ତି 'ତୃତୀୟ ଫସଲ'—ଯଦିଓ ଏଥିରୁ ଅମଳ ପାଇବାକୁ ସେମାନେ ହକ୍‌ଦାର ହୁଅନ୍ତି ନାହିଁ ।

ପର୍ଯ୍ୟାପ୍ତ ପରିମାଣର ଅନ୍ନଛତ୍ର ଚାଲିଯାଏ ଠିକାଦାର ପାଖକୁ—ବେସରକାରୀ ହାତକୁ ହସ୍ତାନ୍ତରିତ ହୁଏ । ଏହା ବିନିଯୁକ୍ତ ହୁଏ ରାସ୍ତା ନିର୍ମାଣ, କୂଅଖୋଳା, ପାଣି ଟ୍ୟାଙ୍କର ପ୍ରେରଣ, ସେତୁ ଗଢ଼ଣ, ପୋଖରୀ ଉଜୁଳା କି ଖୋଳା ପ୍ରଭୃତି କାମରେ । ତଥାପି ଚିନ୍ତା କରାଯାଉ ଏସବୁ କାମ ଏକତ୍ର ହିସାବ କଲେ ପାଣି ପରିମାଣ ଯଥେଷ୍ଟ ହେଉନାହିଁ ? ଆଉଥରେ ଆକଳନ ଓ ଚିନ୍ତନ କରାଯାଉ । ଏହି ଶିଳ୍ପରେ ବର୍ଷକ ମଧ୍ୟରେ ପ୍ରବାହିତ ଅର୍ଥ ପରିମାଣ ଏତେ ହୁଏ ଯେ, ସେତକ ବିହାର ରାଜ୍ୟର ପଶୁପାଳନ ବିଭାଗରୁ ଯେଉଁ ପାଣି ଉଠାଣ କରାଏ ତାହା ଦିଶେ ପୀରବାବା ବସ୍ତାନୀରେ ବିବିଧ ଓ ବିଚିତ୍ର ତାଳି ପରି—ଶଠତା, ଠକେଇର ସହସ୍ର ଛିଦ୍ର ଉପରେ ପଲସ୍ତରା ମାରିବାର ବିକଳ ପ୍ରଚେଷ୍ଟା ପରି । ଏବଂ ବିହାରରେ ସେ ନାଟକ ଚାଲିଛି ଦେଢ଼ ଦଶନ୍ଧି ଧରି—ସି.ବି.ଆଇ ଖୋଳତାଡ଼ରୁ ରାବିଡ଼ି ସିଂହାସନ ଧାରଣ ଯାଏ ବହୁ କଉତୁକିଆ ଠଣା ଓ ଠେକିର ଆବିଷ୍କାର ଏଯାଏ ଅବ୍ୟାହତ ରହିଛି । ଏହି ସାରୁ ଖୋଳାରୁ ଆବିଷ୍କୃତ ମହାଦେବ ପ୍ରାୟ ଅବୈଧ-ବୁଜୁଳା (ସ୍କାମ୍)ର ଅଧିକାଂଶ ଭାଗ ହେଉଛି ବୈଧ । ଅର୍ଥାତ୍ ବୈଧ-ବୁଜୁଳା । କଞ୍ଚା ଓଡ଼ିଆରେ କହିଲେ ବେଧ-ବୁଜୁଳା ପ୍ରାୟ ପ୍ରତୀତ ଚିଜଟିର ରହିଛି ବୈଧ-ପିତୃତ୍ୱ, ଅନ୍ତତଃପକ୍ଷେ ଜାରଜର ପିତୃତ୍ୱ ସନ୍ଦେହଜନକ ଥିଲେ ବି ତା'ର

Digitized by srujanika@gmail.com

ଅନ୍ୟ ସନ୍ତାନ ଭଳି ଏକ ଆତ୍ମା ରହିଛି । ଶରୀର ତ ନିଶ୍ଚୟ । ବିଶ୍ୱକଲ୍ୟାଣ ପାଇଁ ସେ ସନ୍ତାନଟି ଯଦିଓ ଜନ୍ମ ନେଲା, ତେବେ ଯୀଶୁଖ୍ରୀଷ୍ଟ ହୋଇପାରିଲା ନାହିଁ । ନାଟକଟି ବିୟୋଗାନ୍ତକ ପାଲଟିଗଲା—ମରୁଡ଼ିର ବିହିତ ପ୍ରତିକାର ଓ ଜଳକଷ୍ଟ ସମସ୍ୟାର ସମାଧାନ ପାଇଁ କ୍ୱଚିତ ସେ ପାଣ୍ଠିର ବିନିଯୋଗ ପାଇଁ ନାୟକ ଓ ଖଳନାୟକମାନେ ଧ୍ୟାନ ଦେଇଥିଲେ ।

କେବଳ ୧୯୯୪-୯୫ ବର୍ଷରେ ମହାରାଷ୍ଟ୍ର ଭଳି ସମୃଦ୍ଧ ଓ ଧନୀ ରାଜ୍ୟ ୧୧୭୦ କୋଟି ଟଙ୍କା ତତ୍କାଳୀକ ଜରୁରୀ ମରୁଡ଼ି ମୁକାବିଲା କାମରେ ବ୍ୟୟ କରିଛନ୍ତି । ଏହି ପରିମାଣ ହେଉଛି ସେ ବର୍ଷର ସମଗ୍ର ଦେଶର ଚା', କଫି, ସିମେଣ୍ଟ ଓ ମଟରଗାଡ଼ି ଭଳି ସଂଗଠିତ ପରିସରର ଶିଳ୍ପ କାରଖାନାମାନଙ୍କର ମିଳିତ ସାମଗ୍ରିକ ଆୟଠାରୁ ଅଧିକ । ଟିକସ ପ୍ରଦାନ ପରେ ସେମାନଙ୍କର ନିଜର ଲାଭ ହେଉଛି ୧୧୪୯ କୋଟି ଟଙ୍କା ।

ଓଡ଼ିଶାରେ ଏକ ମରୁଡ଼ି ମୁକାବିଲା ପ୍ରକଳ୍ପ ଉଦ୍‌ଘାଟିତ ହେଲା ୧୯୯୫ ଅଗଷ୍ଟ ମାସରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କ ଦ୍ୱାରା ଏବଂ ଏଥିରେ ଛଅବର୍ଷରେ ୪୫୫୭ କୋଟି ଟଙ୍କା ବ୍ୟୟ ହେବାକୁ କରାଗଲା ସୁବୁଦ୍ଧି ସଂପନ୍ନ ଅଟକଳ । ଅର୍ଥାତ୍ ବର୍ଷକୁ ୭୫୦ କୋଟି ଟଙ୍କା । ତାହା ପୁଣି ପୂର୍ବତନ ଅବିଭକ୍ତ ତିନୋଟି ଜିଲ୍ଲାରେ—କୋରାପୁଟ, ବଲାଙ୍ଗୀର ଓ କଳାହାଣ୍ଡି—ସଂଗୀତର ଆଳାପ ଭଳି କେ.ବି.କେ ନାମରେ ସେ ଯୋଜନାଟି ବେଶ୍ ପରିଚିତ । ଯଦି ବାସ୍ତବରେ ମରୁଡ଼ିର ବିହିତ ପ୍ରତିକାର, ଅଭାବର ଦୂରୀକରଣ ଓ ଭିତ୍ତିଭୂମି ନିର୍ମାଣ ଦିଗରେ ସେ ବିପୁଳ ପରିମାଣର ପୁଞ୍ଜି ବିନିଯୁକ୍ତ ହୁଏ, ତେବେ ଏହାର ପ୍ରତିଟି ପଇସା ଯଥାର୍ଥରେ କାମରେ ଲାଗିପାରିବ । କିନ୍ତୁ ସେଭଳି ଘଟିବାର ସମ୍ଭାବନା ନଥିଲା କି ସେ ଭଳି ଘଟିଲା ନାହିଁ । କାରଣ ଏ ଅଞ୍ଚଳମାନଙ୍କର ସମସ୍ୟାବଳୀର ମୂଳାଧାରାକୁ କେହି ଛୁଇଁଲା ଭଳି ପ୍ରଥମରୁ ତଦ୍ରୂପ ଆଚରଣ ପ୍ରଦର୍ଶନ କଲେନାହିଁ । ସେ ପୁଞ୍ଜିକୁ ଉଠାଇ ଆଣି ସୁପର ଚିଫ୍-ମିନିଷ୍ଟର ବୋଲାଉଥିବା ରାବଣା ପ୍ରକୃତିର ଜଣେ କଂଗ୍ରେସୀ ଠିକାଦାର ମନ୍ତ୍ରୀ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କର ରାସ୍ତାଘାଟ, ପୋଲ, ଟୋଲ ନିର୍ମାଣରେ ଖଟାଇଥିବା ଜଣାପଡ଼ିଲା । ଏବଂ କେ.ବି.କେର ମୁଖ୍ୟହୋଇ ଜଣେ ନିଷ୍ଠାପର ପ୍ରଶାସକ ଯେତେବେଳେ ଏଥିରେ ହୋଇଥିବା ପର୍ଯ୍ୟାପ୍ତ ଦୁର୍ନୀତିର କଥା ଉଠାଇଲେ, ତାଙ୍କୁ ତୁରନ୍ତ ଅନ୍ୟ ବିଭାଗକୁ ବଦଳି କରାଗଲା । ସରକାରଙ୍କ ଏହି ପ୍ରକଳ୍ପ ପାଇଁ ଏତେ ଆନ୍ତରିକତା ଥିଲା ଯେ, ସଂପୃକ୍ତ ପ୍ରଶାସକ ବସିବା ପାଇଁ ସଚିବାଳୟ ଭିତରେ ଚୌକି, ଟେବୁଲ ଦୁଇଖଣ୍ଡ ନଥିଲା, ପ୍ରକୋଷ୍ଠଟିଏ ରହିବା ତ ଦୂରର କଥା । ସେ ବରିଷ୍ଠ ଅଫିସର ନିଜର ପଦବୀକୁ ଗୋଟାଏ ଚାରିଚକିଆ ଯାନ ଭିତରେ ଓ ଏହି ମରୁଡ଼ି-

Digitized by srujanika@gmail.com

ଲଢ଼ା ପ୍ରକଳ୍ପଟିକୁ ରାଜଧାନୀର ସ୍ପେଶାଲ (!) ସର୍କିଟ ହାଉସ୍ ଭିତରେ ସୀମାବଦ୍ଧ ରଖିବାକୁ ବାଧ ହୋଇଥିଲେ । ବିଧାନସଭାରେ ଯଦି କେବେ ଏହି ଦୁର୍ନୀତି ପ୍ରସଙ୍ଗ ଉଠାଉଥିଲେ ସଂପୃକ୍ତ ପ୍ରକଳ୍ପ ଜିଲ୍ଲାମାନଙ୍କର କିଛି ମେରୁଦଣ୍ଡ ଥିବା ବିଧାୟକ; ତେବେ ତାଙ୍କୁ ଗାଉଁକରି ମାଡ଼ି ବସୁଥିଲେ ଠିକାଦାର-ସୁପର ଚିଫ୍‌ଙ୍କ ଠାରୁ ନିୟମିତ ଅଇଁଠା-ହାଡ଼ଖିଆ ଉପକୂଳିଆ ବିଧାୟକଗଣ ।

ନଥିପତ୍ରରେ ତାତ୍ତ୍ୱିକ ଭାବେ ରହିଛି ଯେ, କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ମରୁଡ଼ି-ପ୍ରବଣ ଅଞ୍ଚଳ ଯୋଜନା (ଡି.ପି.ଏ.ପି) ଅଧୀନରେ ରହିବ ମରୁଡ଼ି ପ୍ରପୀଡ଼ିତ ତଥା ପ୍ରବଣ ବ୍ଲକ୍‌ଗୁଡ଼ିକ । ମାତ୍ର କାର୍ଯ୍ୟତଃ ଏହା ବର୍ତ୍ତମାନ ନିର୍ଭର ରଖେ ରାଜନୈତିକ ନିଷ୍ପତ୍ତି ଉପରେ ପୂରାପୁରି । ଏଥିପାଇଁ କେନ୍ଦ୍ରୀୟ ସାହାଯ୍ୟ ସ୍ୱଳ୍ପ ହୋଇପାରେ, କିନ୍ତୁ ଥରେ କୌଣସି ବ୍ଲକ୍ ଡି.ପି.ଏ.ପି. ପରିସରଭୁକ୍ତ ହୋଇଗଲେ ରେଳଡ଼ବା ପରି ଏହା ପଛକୁ ପଛ ଲାଗିଚାଲେ ବହୁବିଧ ଯୋଜନା, ପରିଯୋଜନା ଓ ପ୍ରକଳ୍ପ—ଯାହା ପଛରେ ଥାଏ ପର୍ଯ୍ୟାପ୍ତ ପୁଞ୍ଜିର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି । ସେହି ସମାନ ବ୍ଲକ୍‌କୁ ଛୁଟିଥାଏ ନିଧାର୍ଯ୍ୟ ନିଯୁକ୍ତି ଯୋଜନା, ମରୁଭୂମି ନିୟନ୍ତ୍ରକ ଓ ଅଟକ ଯୋଜନା, ପାନୀୟ ଜଳଯୋଗାଣ ମିଶନ ଭଳି ପଙ୍ଗପାଳିଆ ବହୁ ଯୋଜନାର ପଟୁଆର । ତେବେ, କିଛି ଲୋକ ତ ଉପକୃତ ହୋଇଥାନ୍ତି । ହୁଏତ ଯୋଜନାଧୀନ ଅଭିପ୍ରେତ ନାଗରିକଙ୍କ ମଧ୍ୟରୁ କିଛି ସେଥିରୁ ସୁବିଧା ପାଇଯିବା ସେମାନଙ୍କ ଭାଗ୍ୟ ଭଲ ଥିଲେ ହୋଇଥାଏ ।

କିଛି ରାଜ୍ୟରେ ଡି.ପି.ଏ.ପି ସଂପର୍କିତ ସରକାରୀ ତଥ୍ୟ ଆମକୁ ଦେଇଥାଏ ବଡ଼ କୌତୁକପ୍ରଦ, ମଜାଦାର ସୂଚନା । କିଛିବର୍ଷ ପୂର୍ବେ ମହାରାଷ୍ଟ୍ରରେ ଡି.ପି.ଏ.ପି. ବ୍ଲକ୍ ସଂଖ୍ୟା ଥିଲା ୯୬ ପାଖାପାଖି । କିନ୍ତୁ ୧୯୯୬ ବେଳକୁ ଏ ସଂଖ୍ୟା ପହଞ୍ଚିଲା ୧୪୭ରେ ଅର୍ଥାତ୍ ମରୁଡ଼ିଗ୍ରସ୍ତ ବ୍ଲକ୍ ସଂଖ୍ୟା ଦେଢ଼ଗୁଣ ଟପିଗଲା । ସେହି ସମୟସୀମା ମଧ୍ୟରେ ମଧ୍ୟପ୍ରଦେଶରେ ତାହା ଦୁଇଗୁଣରୁ ଅଧିକ ହେଲା ଅର୍ଥାତ୍ ମରୁଡ଼ିଗ୍ରସ୍ତ ୬୦ଟି ବ୍ଲକ୍ ଆସି ପହଞ୍ଚିଲା ୧୩୫ରେ । ବିହାର କଥା ନକହିଲେ ଭଲ । ଅଶିଦଶକ ତମାମ ସେଠାରେ ଡି.ପି.ଏ.ପି. ବ୍ଲକ୍ ସଂଖ୍ୟା ୫୪ରେ ସୀମିତ ରହିଥିଲା । ନବେ ଦଶକର ପ୍ରଥମାର୍ଦ୍ଧରେ ରାମେଶ୍ୱର ଠାକୁର କେନ୍ଦ୍ରମନ୍ତ୍ରୀ ହେବାପରେ ତାଙ୍କ ଜନ୍ମିତ ବ୍ଲକ୍‌ଟି ହଠାତ୍ ମରୁଡ଼ି ପ୍ରବଣ ହୋଇପଡ଼ିଲା, ସୁତରାଂ ଯୋଜନାଧୀନ ହେଲା । ସଂପ୍ରତି ସେ ରାଜ୍ୟରେ ମରୁଡ଼ି ପ୍ରବଣ ବ୍ଲକ୍ ସଂଖ୍ୟା ୧୨୨, ଦର୍ଶବର୍ଷରେ ଦି'ଗୁଣାରୁ ଅଧିକ । ଏବଂ ବିସ୍ମୟକର ଭାବେ ଏସବୁ ଘଟିଛି ଯେତେବେଳେ ସେସବୁ ବ୍ଲକ୍‌ର ବର୍ଷାପାତ ପର୍ଯ୍ୟାପ୍ତ ଓ ଶସ୍ୟ ଉତ୍ପାଦନ ଆଶାଜନକ ହେଉଛି । ଅବଶ୍ୟ କିଛି ଲୋକଙ୍କ ଫସଲ ଅମଳ ଆଶାତୀତ ହୋଇଥିବା ବେଳେ ଆଉ କିଛି ରହନ୍ତି ନୁଖୁରା ମୁଣ୍ଡିଆ । ତାହା ଭିନ୍ନ କାହାଣୀ ଓ ନିଆରା ଅବତାରଣାର ଅପେକ୍ଷା ରଖେ ।

Digitized by srujanika@gmail.com

ଏହି ପର୍ଯ୍ୟାୟରେ ସନ୍ନିବିଷ୍ଟ ନିବନ୍ଧ କହେ କଳାହାଣ୍ଡିର ପ୍ରମୁଖ ସମସ୍ୟା ମିତ-ବୃଷ୍ଟିପାତ ଜନିତ ନୁହେଁ । ଜଳସଂପଦ ବିଶେଷଜ୍ଞ ଓ ପ୍ରଶାସକମାନେ ବୃହତ୍ତର ଦୃଷ୍ଟିରୁ ସେଥିରେ ଏକମତ ହେବେ ଯେ, ବର୍ଷାପାତରେ ସାମୟିକ ଅନିୟମିତତା ଏବଂ ଏକକାଳୀନ କୁଢେଇ ପକାଇବା ଢଙ୍ଗରେ ବର୍ଷା ତଥା ସବୁ ଅଞ୍ଚଳରେ ମେଘ ସମାନୁପାତିକ ବଣ୍ଟନ ନଦେଲେ ବି ଭାରତର ଅଧିକାଂଶ ଜିଲ୍ଲାରେ ବାର୍ଷିକ ହାରାହାରି ୮୦୦ ମିଲିମିଟର ବର୍ଷାପାତ ପାଇଥାଏ । ବିଗତ ଚଉଠ ଶତାବ୍ଦୀ ଭିତରେ କଳାହାଣ୍ଡି ପାଇଥିବା ହାରାହାରି ବର୍ଷାପାତ ୯୭୮ ମିଲିମିଟର । ଅନ୍ୟ ବର୍ଷମାନଙ୍କରେ ସ୍ୱାଭାବିକ ମୌସୁମୀର ବରଦାନ ଲଭିଥିବା ଅନ୍ୟାନ୍ୟ ଜିଲ୍ଲାମାନଙ୍କ ଠାରୁ ଏହା ଯଥେଷ୍ଟ ଉର୍ଦ୍ଧ୍ୱରେ । ସାଧାରଣ ଭାବେ କଳାହାଣ୍ଡିର ବାର୍ଷିକ ବର୍ଷାପାତ ହାରାହାରି ଭାବେ ୧୨୫୦ ମିଲିମିଟର । ଏହା କେବଳ ସ୍ୱାଭାବିକ ନୁହେଁ, ବେଶ୍ ଅନୁକୂଳ ଓ ଆଶାଜନକ । ୧୯୯୦-୯୧ରେ କଳାହାଣ୍ଡି ପାଇଥିଲା ୨୨୪୭ ମିଲିମିଟର ବର୍ଷାପାତ । ଏହା ବାହାରେ ସମଗ୍ର ଓଡ଼ିଶା, ଏପରିକି ଭାରତର ମୁଣ୍ଡପିଛା ଧାନ ଉତ୍ପାଦନ ଠାରୁ କଳାହାଣ୍ଡିର ମୁଣ୍ଡପିଛା ଅମଳ ବେଶ୍ ଉଚ୍ଚା । ଅବିଭକ୍ତ କଳାହାଣ୍ଡିର ଦୁର୍ଦ୍ଦଶାପନ୍ନ ଅଞ୍ଚଳ ରୂପେ ଖ୍ୟାତ ଓ ସଂପ୍ରତି ଏକ ନୂତନ ଜିଲ୍ଲା ଭାବେ ନାହିକଟା ହୋଇଥିବା ନୂଆପଡ଼ାରେ ୧୯୯୪ରେ ବର୍ଷାପାତ ହୋଇଥିଲା ୨୩୬୬ ମିଲିମିଟର ।

ତଦୁପରି ପାଲାମୁର ହାରାହାରି ବର୍ଷାପାତ ମନ୍ଦ ନୁହେଁ । ସ୍ୱାଭାବିକ ବର୍ଷମାନଙ୍କରେ ଏଠାରେ ୧୨୦୦ରୁ ୧୨୩୦ ମିଲିମିଟର ବର୍ଷା ହୋଇଥାଏ । ସଦ୍ୟତମ ଇତିହାସରେ ଏହାର ବିପନ୍ନ ବର୍ଷରୂପେ ପରିଗଣିତ ସମୟରେ ଏହା ପାଇଛି ୬୩୦ ମିଲିମିଟର ବର୍ଷା । ଭାରତର କେତେକ ଜିଲ୍ଲା ଏହି ପରିମାଣ ଠାରୁ କମ୍ ବର୍ଷା ଜଳ ପାଇ ମଧ୍ୟ ବିପର୍ଯ୍ୟୟ ଘଟିଥିବାର ଅନୁଭବ ପାଇନାହାନ୍ତି ।

ମଧ୍ୟପ୍ରଦେଶର ସୁର୍‌ଗୁଜାର ବର୍ଷାପାତ କ୍ୱଚିତ୍ ୧୨୦୦ ମିଲିମିଟର ତଳକୁ ଖସିଥାଏ । ବେଳେବେଳେ ଏହା ୧୫୦୦-୧୬୦୦ ମି.ମି. ବର୍ଷା ପାଏ । ଏହି ପରିମାଣ ହେଉଛି କାଲିଫର୍ଣ୍ଣିଆର ବର୍ଷାପାତର ପ୍ରାୟ ଚାରିଗୁଣ ଏବଂ କାଲିଫର୍ଣ୍ଣିଆ ଉତ୍ପାଦନ କରେ ପ୍ରଚୁର ଅଙ୍ଗୁର ।

ଏସବୁ ସତ୍ତ୍ୱେ, ଏହିସବୁ ଜିଲ୍ଲାମାନଙ୍କରେ ଜଳ ସଂପର୍କିତ ସମସ୍ୟା ବଡ଼ ତୀବ୍ର ଓ ଭୟଙ୍କର । ଜଳ ଯୋଗାଣ ପାଇଁ ଆସୁଥିବା ପାଣି ଭିନ୍ନ ପ୍ରକାର ସମସ୍ୟାକୁ ଆଖି ଆଗରେ ରଖିଥାଏ । ସରଳ ଭାବେ କଥାଟିକୁ କହିଲେ, ଭାରତବର୍ଷରେ ବହୁ ଜିଲ୍ଲା ପ୍ରଚୁର ବର୍ଷାପାତ ପାଇଥାଏ—ମାତ୍ର ସେସବୁ ଜିଲ୍ଲାରେ ଥିବା ଗୋଟିଏ ସଂପ୍ରଦାୟର ନାଗରିକ—'ଦରିଦ୍ର' ସର୍ବଦା ଭୋଗିଥାଏ ଅସହ୍ୟ ମରୁଡ଼ି । ତାହା ଘଟିଥାଏ ଯେତେବେଳେ ବଳଶାଳୀ ଓ ସମର୍ଥ ଧନୀକମାନେ ଉପଲବ୍ଧ ଜଳଉତ୍ସକୁ ଅକ୍ତିଆର

Digitized by srujanika@gmail.com

କରିନିଅନ୍ତି । ସେମାନଙ୍କ ଔପନିବେଶିକ ଅଧିକାରର ଚକ୍ରବ୍ୟୂହ ଭାଙ୍ଗି ଦରିଦ୍ର, ନିରନ୍ନ ଓ ନିରକ୍ଷରମାନେ ଭିତରକୁ ପଶିପାରନ୍ତି ନାହିଁ କି ଆବଦ୍ଧ ବନ୍ଦୀ ମାନେ ମୁକୁଳି ପାରନ୍ତି ନାହିଁ । ଏହା ବାହାରେ ମରୁଡ଼ି-ମୁକାବିଲା ପାଣ୍ଠି ସୃଷ୍ଟି କରୁଥିବା ଯୋଜନା ଓ ରଣ କୌଶଳରେ ଏହା ଯେଉଁମାନଙ୍କ କଲ୍ୟାଣ ପାଇଁ ଅଭିପ୍ରେତ—ସେହି ଦରିଦ୍ରମାନଙ୍କୁ କେବେ ପଚରାଯାଏ ନାହିଁ କି ସେମାନଙ୍କୁ ସଂପୃକ୍ତ କରିବାର ଆବଶ୍ୟକତା ମନ୍ତ୍ରୀ, ଯନ୍ତ୍ରୀ ଓ ଧଳାହାତୀମାନେ କେବେ ଅନୁଭବ କରନ୍ତି ନାହିଁ । ଯଦିଓ ଏସବୁ ବିପୁଳ ଟଙ୍କା ଆସିଥାଏ ସେହି ଦରିଦ୍ର ମାନଙ୍କ ନାମରେ, ସେମାନଙ୍କ ଉନ୍ନୟନ ଉଦ୍ଦେଶ୍ୟରେ । ଦରିଦ୍ରର ପରାମର୍ଶ ନିଆଯିବା ତ ଦୂରର କଥା, 'ଉପକୃତ' ହେବାକୁ ଥିବା ଲୋକ ଏ ଟଙ୍କାର ସୁରାକ ମଧ ପାଏନାହିଁ । ମଳିମୁଣ୍ଡିଆ ସାଙ୍ଗେ ମିଶିଲେ ଧଳାହାତୀବାବୁଙ୍କ ଜାମା ପେଣ୍ଟ ଅସନା ହୋଇଯିବଟି !

ଥରେ ଯଦି ସ୍ପଷ୍ଟ ହୋଇଗଲା ମରୁଡ଼ି ଏବଂ ଡି.ପି.ଏ.ପି. ମଧରେ ଅଭାବନୀୟ ଯୋଗସୂତ୍ର, ନହେଲେ ବି ରହିଛି ସମଝୋତା, ତେବେ ବନ୍ୟା ପ୍ରାୟ ପାଣ୍ଠିର ଘଟିବ ପ୍ରବାହ । ଏଥିପାଇଁ ସମସ୍ତେ ଚାହାଁନ୍ତି ଯେ, ତାଙ୍କ ବ୍ଲକ୍‌ଟି ଏହି ଯୋଜନାରେ ଆସୁ । ବହୁ ସମୟରେ ପ୍ରଭାବଶାଳୀ ବାହୁବଳିମାନେ ସେମାନଙ୍କ ବ୍ଲକଟିକୁ ଏହି ସ୍ୱପ୍ନମୟ ଯୋଜନାର ସରହଦ ଭିତରକୁ ନେବାକୁ କେବଳ ସମର୍ଥ ହୁଅନ୍ତି ନାହିଁ, ଏଥିପାଇଁ ଆସୁଥିବା ଯେକୌଣସି ସୁବିଧାକୁ ହାତେଇ ନିଅନ୍ତି ।

ମହାରାଷ୍ଟ୍ରର ଦୃଷ୍ଟାନ୍ତ ନିଆଯାଉ । ଏ ରାଜ୍ୟରେ ଉତ୍ପାଦିତ ସମୁଦାୟ ଆଖୁର ୭୩ ଶତାଂଶ ଚାଷ ହୋଇଥାଏ ଡି.ପି.ଏ.ପି. ବ୍ଲକ୍‌ମାନଙ୍କରେ । ଆଖୁ ହେଉଛି ସବୁଠାରୁ ଅଧିକ ପାଣି ଚାହୁଁଥିବା ଫସଲ । ପୁଣି ସର୍ବାଧିକ ସମୟର ଚାଷ—ଉତ୍ପାଦିତ ହେବାକୁ ପ୍ରାୟ ୧୪ ମାସ ସମୟ ନିଏ । ଦ୍ୱିତୀୟତଃ ମହାରାଷ୍ଟ୍ରରେ ଜଳସେଚନ ଅତ୍ୟନ୍ତ ବିମର୍ଷକର ଅବସ୍ଥାରେ ଅଛି—ସମୁଦାୟ ଚାଷଜମିର ମାତ୍ର ୧୫ ଶତାଂଶ ହେଉଛି ଜଳସେଚିତ । କିନ୍ତୁ ଏକ ହାଲୁକା ଆକଳନରେ ଡି.ପି.ଏ.ପି. ବ୍ଲକ୍‌ମାନଙ୍କରେ ଜଳସେଚନ ସୁବିଧା ୨୨ ଶତାଂଶ । ଅର୍ଥାତ୍ ରାଜ୍ୟର ହାରାହାରି ଜଳସେଚିତ ଜମିଠାରୁ ଶତକଡ଼ା ୫୦ ଭାଗ ଅଧିକ । ପୁଣେ ନିକଟବର୍ତ୍ତୀ ଲୋନାଭଲାର ବର୍ଷାପାତ କେଉଁେ ୧୬୫୦ ମି.ମି.ରୁ କମ୍ ନୁହେଁ, ବେଳେବେଳେ ୨୦୦୦ ମିଲିମିଟର ଟପିଯାଏ । ମାତ୍ର ଲୋନାଭଲା ଗୋଟିଏ ଡି.ପି.ଏ.ପି. ବ୍ଲକ୍ ।

ବର୍ଷ ବର୍ଷ ଧରି ମହାରାଷ୍ଟ୍ରର ମରୁଡ଼ିର ମୁକାବିଲା ଓ ଜଳସେଚନ ସୁବିଧା ସୃଷ୍ଟି ପାଇଁ ବ୍ୟୟିତ ଶହ ଶହ କୋଟି ଟଙ୍କା ସେପରି ଆଖିଦୃଶିଆ ପରିମାଣର ଜମିରେ ସେଚ ସୁବିଧା ତିଆରି କରିପାରି ନାହିଁ । ଡି.ପି.ଏ.ପି. ବ୍ଲକ୍‌ର କ୍ଷୁଦ୍ର ଚାଷୀମାନେ ବାସ୍ତବରେ ପ୍ରକୃତ ଜଳକଷ୍ଟ ଅନୁଭବ କରିଥାନ୍ତି । ମାତ୍ର ପାଣିର ମଜା ମାରିନିଅନ୍ତି

Digitized by srujanika@gmail.com

ଧନୀକ ଓ ବଳିଆରମାନେ । ବିଭିନ୍ନ ସମୟର କ୍ଷମତାସୀନ ସରକାରମାନେ ନିଜକୁ ପ୍ରବୋଧନା ଦେଇ ଶାନ୍ତିରେ ଘୁଙ୍ଗୁଡ଼ିମାରନ୍ତି ଯେ, ସେମାନେ ଏହି ଅଞ୍ଚଳମାନଙ୍କରେ ଫୋପାଡ଼ି ଦେଉଥିବା ଟଙ୍କା ହେଉଛି କେରାଣ୍ଡି ଧରିବା ପାଇଁ ମୁଠେ ମୁଠେ ଭାତ; ସେହି କେରାଣ୍ଡି ହଲାଇ ସେମାନେ ଭୋଟ-ବାଳିଆ ମାରିପାରିବେ ଏବଂ ନିର୍ବାଚନ ବୈତରଣୀ ପାର ହୋଇଯିବେ । ମାତ୍ର ବାସ୍ତବତା ହେଉଛି; ସେମାନେ ଫୋପାଡୁଥିବା ଦାନାର ଅଧିକାଂଶ ଭାଗ ଚରିଯାଆନ୍ତି ବଳଶାଳୀ କଂଟିଆମାଛ—ଯାହାକୁ ବନ୍‌ଶୀଖଡ଼ାରେ କ୍ୱଚିତ ଧରିହୁଏ । ଅର୍ଥାତ୍ ଗରିବଙ୍କ ପାଇଁ ଉଦ୍ଦିଷ୍ଟ ପାଣି ଛଡ଼ାଇ ନିଅନ୍ତି ସମର୍ଥ, ଶକ୍ତିଶାଳୀମାନେ । ଆଉ ସେଚ ପାଣି ? ମହାରାଷ୍ଟ୍ରର ଶତକଡ଼ା ମାତ୍ର ଦୁଇ ଭାଗ ଚାଷୀ ବ୍ୟବହାର କରିଥାନ୍ତି ସତୁରୀ ଭାଗ ଜଳ । ଅବଶିଷ୍ଟ ବଳକା ତିରିଶ ଭାଗ ଜଳ ରହେ ୯୮ ଶତାଂଶ ଚାଷୀଙ୍କ ପାଇଁ ।

ମରୁଡ଼ି ହେଉଛି ଏକ ଜଟିଳ କଥା । ମୌସୁମୀ ବାୟୁ ପ୍ରବାହରେ କୌଣସି ଅନିୟମିତତା କିମ୍ବା ପର୍ଯ୍ୟାପ୍ତ ବର୍ଷାପାତରେ ସାମାନ୍ୟ ତ୍ରୁଟି ନଥିଲେ ବି କୃଷି କ୍ଷେତ୍ରରେ ମରୁଡ଼ି ପଡ଼ିପାରେ । କିମ୍ବା ହୋଇପାରେ ଜଳ ବିହୁନେ ମରୁଡ଼ି—ନଦୀ, ଝରଣା, ଜଳଧାରା ଶୁଖିଯାଏ ଏବଂ ହ୍ରାସ ପାଏ ଭୂ-ତଳ ଜଳସ୍ତର । ଏହାର କାରଣ ବେଶ୍ ଜଣାଶୁଣା, ମାତ୍ର କ୍ୱଚିତ୍ ତାହା ସୁଧାରିବାକୁ ପଦକ୍ଷେପ ନିଆଯାଏ । ସବୁକଥାକୁ ପ୍ରକୃତିର ନିର୍ଦ୍ଦୟତା ଓ ନିଷ୍ଠୁରତା ଉପରେ ଲଦି ଦେବା ହେଉଛି ବୁଦ୍ଧିମାନର କାର୍ଯ୍ୟ । ଏହି ଢଙ୍ଗରେ କାର୍ଯ୍ୟ ଚାଲେ, କାରଣ ବିଭିନ୍ନ ସ୍ତରରେ ରହିଥିବା ବିବିଧ ଶକ୍ତି ଏକତ୍ର ବାନ୍ଧିହୋଇ କିମ୍ବା ଏକ ମନ ଏକ ପ୍ରାଣରେ କାନ୍ଧକୁ କାନ୍ଧ ମିଳାଇ ମରୁଡ଼ି-ଶିଳ୍ପକୁ ଚଳାଇ ରଖନ୍ତି । ମରୁଡ଼ିରୁ ଫାଇଦା ଉଠାଣ ଓ ଫିକର ଫନ୍ଦିର ଗ୍ରାଫ୍-ଚିତ୍ର ତଳକୁ ଖସିବା ପୂର୍ବରୁ ବିଶ୍ୱବଜାର ଯାଏ ଆରୋହଣ କରି ଚାଲିଥାଏ ରେଖା-ସିଡ଼ି ।

ଏହା କିପରି ଘଟେ ତା'ର ଏକ ନମୂନା : କୌଣସି ଏକ ଜିଲ୍ଲାକୁ ନିଆଯାଉ । ଧରାଯାଉ ସୁର୍‌ଗୁଜା; ଏହା କଳାହାଣ୍ଡି, ନୂଆପଡ଼ା, କି ବଲାଙ୍ଗୀର ହୋଇପାରେ । ଚାଷୀମାନେ ବହୁତ ଜଳକଷ୍ଟ ଭୋଗୁଛନ୍ତି । ବ୍ଲକସ୍ତରର ଅପଶକ୍ତିମାନେ—ଠିକାଦାର, କୁଳିନେତା, ବିଜି ନେତା—ସମସ୍ୟାଟି ଉତ୍‌ଥାପନ କଲେ । ଅଭିଯୋଗ ହେଉଛି : 'ଆମ ବ୍ଲକ୍ ଅନ୍ୟ ଅପେକ୍ଷା ବହୁତ କମ୍ ପାଣି ପାଉଛି । ଜିଲ୍ଲାପାଳ ପାତର ଅନ୍ତର କରୁଛନ୍ତି, ଆମ ପ୍ରତି ଘୋର ଅବହେଳା । ସେଥିପାଇଁ ଏପରି ଘଟୁଛି ।'

ବାସ୍ତବରେ ଦୁଇଟି କଥା ହିଁ ଘଟିଥାଏ । ପ୍ରଥମ, ସୁର୍‌ଗୁଜାର ଚାଷୀମାନେ ପର୍ଯ୍ୟାପ୍ତ ଜଳକଷ୍ଟ ଭୋଗୁଛନ୍ତି ଏବଂ ଏହା ଉତ୍କଟତର ହୋଇଚାଲିଛି । ଦ୍ୱିତୀୟ, ଜିଲ୍ଲା ସଦର ମହକୁମା ଦପ୍ତରରେ ନିର୍ଦ୍ଦିଷ୍ଟ ନ୍ୟସ୍ତସ୍ୱାର୍ଥଶକ୍ତି ବ୍ଲକ୍‌କୁ ଅଧିକ ପାଣି ଆଣିବା ଦିଗରେ ତତ୍ପରତାର ସହ କାମ କରୁଛନ୍ତି ।

Digitized by srujanika@gmail.com

ରାଜ୍ୟସ୍ତରୀୟ ଏକ ସମ୍ବାଦପତ୍ରର ସ୍ଥାନୀୟ ଦରମା ବିହୀନ ପ୍ରତିନିଧି (ଧରାଯାଉ ବିଳାସପୁରରେ ଅବସ୍ଥାପିତ) ଏ ମରୁଡ଼ି ସଂକଟକୁ ଆଖେଇଲେ । ତା'ପରେ ସମ୍ବାଦ ପରିବେଷିତ ହେଲା । ମର୍ମ : 'ଆମ ବ୍ଲକ୍'କୁ ଜିଲ୍ଲାପାଳଙ୍କ ଘୋର ଅବହେଳା । 'ଜଳ ବିହୁନେ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି' । 'ମାଇଲ ମାଇଲ ଧରି ଜମି ଫାଟି ଆଁ କରିଛି ।' 'ଗୋରୁଗାଈ ଖାଇବାକୁ ନପାଇ କଙ୍କାଳସାର ।' 'କୂଅ, ପୋଖରୀ ଶୁଖିଗଲାଣି ।' 'ଏବର୍ଷ ଶତକଡ଼ା ନବେ ଫସଲ ହାନୀ' ଇତ୍ୟାଦି ଇତ୍ୟାଦି । ଏହି ସାମ୍ବାଦିକମାନେ କେବେ କିଛି ଦରମା ପାଆନ୍ତି ନାହିଁ, ଯଦି ପାଆନ୍ତି ତେବେ ମାସିକ ୫୦ ଟଙ୍କାରୁ ଅଧିକ ନୁହେଁ, ପ୍ରେରିତ ସମ୍ବାଦର କାଗଜ କି ଡାକଖର୍ଚ୍ଚ ବି ଉଠେ ନାହିଁ । ସୁତରାଂ ଯେଉଁମାନଙ୍କର ଅନ୍ୟାନ୍ୟ ଉତ୍ସରୁ ପାଣ୍ଠି ସଂଗ୍ରହର ସମ୍ଭାବନା ଓ ସାମର୍ଥ୍ୟ ଥାଏ, ସେମାନେ ଏହି କ୍ଷମତାରେ ରହିଥାନ୍ତି । ଅନେକ ପ୍ରଦେଶର ମଫସଲ ସମ୍ବାଦଦାତା ହୋଇଥାନ୍ତି ସଂପୃକ୍ତ ଖବରକାଗଜର ସ୍ଥାନୀୟ ବିକ୍ରେତା ଅବା ଏଜେଣ୍ଟ, ଏହା ସହିତ ତାଙ୍କର ପାନ ଦୋକାନ କି ଚାହା ଦୋକାନ କିମ୍ବା ଅତି ଜୋର୍‌ରେ ଡାଲି ଚାଉଳର ଖୁଚୁରା ଦେକାନଟାଏ ଥାଏ ।

ଯଦି ଜିଲ୍ଲା ବ୍ଲକ୍‌କୁ ବିଭିନ୍ନ 'ଲୋକ କଲ୍ୟାଣ କାର୍ଯ୍ୟ'ର ଠିକାମାନ ଆସିଗଲା, ତେବେ ସେହି 'ବୁଟ ଚୋବା' ସାମ୍ବାଦିକଙ୍କ ନାମ 'ହିତାଧିକାରୀ' ତାଲିକାରେ ରହିବାର ସମ୍ଭାବନା ଯଥେଷ୍ଟ ରହିଛି । ଯଦିଓ ଏହା ସବୁ ମଫସଲ ସମ୍ବାଦଦାତାଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, ତେବେ କେତେକଙ୍କ ଭାଗ୍ୟରବି ଉଦିତ ହୋଇଯାଏ । ସେଭଳି ସମ୍ବାଦଦାତାଙ୍କ ମଧ୍ୟରୁ ଅନେକଙ୍କୁ ଭେଟିଛି, ଯେଉଁମାନେ ସୁଚତୁର, କୁଶଳୀ, କାମ ହାସଲ କରିବାରେ ସିଦ୍ଧହସ୍ତ । ସେମାନେ ପ୍ରତ୍ୟୁତ୍ପନ୍ନମତି, ଚାରିଆଡ଼କୁ ନଜର ଥାଏ, ବିଭିନ୍ନ କଥାକୁ କାନେଇଥାନ୍ତି, ଅବସ୍ଥା ଦେଖି ତତ୍ପରତାର ସହିତ କାମ କରନ୍ତି । ସେମାନଙ୍କ ମଧ୍ୟରୁ କିଛି ହେଉଛନ୍ତି ସାମୟିକ ଠିକାଦାର, ଛୋଟ ଛୋଟ ଲାଭପ୍ରଦ କାମ ହାତେଇ ପାରନ୍ତି । ସେମିତି ରହିଛନ୍ତି କିଛି ବ୍ଲକ୍-ସ୍ତରୀୟ କୁଜି ନେତା । ସେମିତି ବି ଅଛନ୍ତି କିଛି ଜାତୀୟସ୍ତରୀୟ ରାଜନୈତିକ ଏବଂ ସମ୍ବାଦପତ୍ରର ମାଲିକ । ତେବେ ସେ ଏକ ଭିନ୍ନ ପ୍ରସଙ୍ଗ, ନିଆରା କାହାଣୀ । ସେସବୁ ଆଜିକାଲି ବଲିଉଡ୍‌ର ଚିତ୍ର ନିର୍ମାତାମାନେ କିଛି କିଛି ନିଜ ଛବିରେ ଧରିଲେଣି । ଅଧିକ ରହିଯାଇଛି ଅଧରା ଓ ଅଧୁରା ।

ମରୁଡ଼ି ଉଦ୍ରେକକାରୀ ସମ୍ବାଦ ନିଶ୍ଚିତ ଭାବେ ଜିଲ୍ଲା ପ୍ରଶାସନ ଉପରେ ଚାପ ପକାଏ । ଉଦ୍ଦେଶ୍ୟ : ପାଣ୍ଠି ଝଡ଼େଇବା । କିଛି କିଛି ସମ୍ବାଦରେ ଥାଏ ସତ୍ୟତାର ବଳିଷ୍ଠ ଭାଗମାପ, ଯଦିଓ 'ଅନାହାର ମୃତ୍ୟୁ'ର ସଂଖ୍ୟା ସବୁବେଳେ ଅତିରଞ୍ଜନର ଅଞ୍ଜନ ମାଖି ହୋଇଥାଏ । ଜିଲ୍ଲାପାଳ ତାଙ୍କ ବଂଧୁବର୍ଗଙ୍କୁ ଡକାନ୍ତି : ଜିଲ୍ଲାସ୍ତରୀୟ ସମ୍ବାଦଦାତାମାନଙ୍କ ବସେ ବୈଠକ । ସେ ବୁଝାଇ ଦିଅନ୍ତି ଘଟଣା—ପଡ଼ୋଶୀ

Digitized by srujanika@gmail.com

ଜିଲ୍ଲାମାନଙ୍କ ତୁଳନାରେ ତାଙ୍କ ଜିଲ୍ଲା ବେଶ୍ କମ୍ ପାଉଛି ରାଜଧାନୀର ତହବିଲ୍‌ରୁ । ଏହି ବୁଝାସୁଝା ବୈଠକ ନିର୍ଜଳା ହୋଇନଥାଏ । ଚା, କଫି, ବିସ୍କୁଟ୍, ବାରମଜା ନଇଲେ ଚୁଡ଼ାଭଜା ତ ନିଶ୍ଚୟ । କିଛି ଓଜନଦାରଙ୍କ ପାଇଁ ଏକାନ୍ତରେ ରଂଗୀନ ଜଳ ପରଷାଯାଏ । ତେବେ କଲେକ୍ଟର ସାଇବ ଯେଉଁ ବୟାନ ଦେଲେ ତାହା ଅନେକ ସମୟରେ ସତ୍ୟ ହୋଇଥାଏ । କିନ୍ତୁ ରାଜକୋଷର ପୁଞ୍ଜି-ପିଠାରୁ ଉଚିତ ଭାଗ ସହ ଛେନାପୁର ଟିକେ ଅଧିକ ଝଡ଼େଇବାକୁ ସେ ବି ଇଲମ ଖଞ୍ଜନ୍ତି । ତା'ପରେ ବାହାରେ ରାଜଧାନୀଆ ସମ୍ବାଦପତ୍ର ଶିରୋନାମାରେ ଅମୁକ ଜିଲ୍ଲା ପ୍ରତି ରାଜ୍ୟ ସରକାରଙ୍କ 'ସାବତ ମାଆ ସୁଲଭ ବ୍ୟବହାର' କିମ୍ୱା 'ପାତର ଅନ୍ତର ନୀତି' କିମ୍ୱା ଏ ଗଡ଼ଜାତ ଜିଲ୍ଲାର କେନ୍ଦୁପତ୍ରରୁ ସରକାର ନିଅନ୍ତି ଏତେ, ଦିଅନ୍ତି କେତେ ? ଆବଶ୍ୟକତା ଠାରୁ ଅଧିକ ପ୍ରଶ୍ନବାଚୀରେ ଭାରାକ୍ରାନ୍ତ ସମ୍ବାଦଗୁଡ଼ିକ ଯଥାବିଧି ଅଭିପ୍ରେତ ମହଲକୁ କରେ ଆକ୍ରାନ୍ତ ଓ ଶରବ୍ୟ ।

ସେଇ ତ ଥିଲା ଉଦ୍ଦେଶ୍ୟ । ଏବେ ହରଡ଼-ଘଣାରେ ପଡ଼ନ୍ତି ରାଜ୍ୟ ସରକାର । ତାଙ୍କ ମୁଣ୍ଡରେ ବାତାଚକ୍ର ଘୂରେ । ସ୍ଥାନୀୟ ଭାବେ ଯଥାସମ୍ଭବ ପାଣି ଯୋଗାଇ ସେ ପୁଣି କେନ୍ଦ୍ର ସରକାରଙ୍କ ଠଣାରୁ ଝଡ଼େଇବାର ମସୁଧା କରନ୍ତି । ମରୁଡ଼ିର ମୁକାବିଲା ହେବ ତ ! ଖାଲି କ'ଣ ଅଫିସରମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟଟାଏ କେନ୍ଦ୍ର ସରକାରକୁ ପଠାଇଦେଲେ ଚଳିବ ? ସେ ମଧ୍ୟ ନିଜ ପାରିବାପଣ ଦେଖାଇ ଜାତୀୟସ୍ତରର ଇଂରାଜୀ ଓ ହିନ୍ଦୀ ସମ୍ବାଦପତ୍ରର ମଧୁମକ୍ଷି ଦଳଙ୍କୁ ଧରି ମରୁଡ଼ିର ଫୁଲ ବଗିଚା ଆଡ଼େ ଚାଲନ୍ତି । ବିପନ୍ନ ଅଞ୍ଚଳକୁ ହାକିମମାନଙ୍କ ହେପାଜତରେ ଯାଇଥିବା ସାମ୍ବାଦିକ ବଂଧୁମାନେ ଚର୍ବ୍ୟ, ଚୋଷ୍ୟ, ଲେହ, ପାନୀୟରେ ଶୀତଳିତ ହୋଇ ଯାହାକିଛି କଲମରୁ ନଚେତ୍ କମ୍ପ୍ୟୁଟରରୁ ଝରାନ୍ତି, ସେଥିରେ ଦେଶର ନିଦ୍ରିତ ଜନତା, ପ୍ରଶାସନ ଓ ସରକାରଙ୍କ ଆଖି ଖୋଲେ । ଖୋଲେ ନା ତ ଝଟକା ମାରେ, ଜୁଳୁଜୁଳିଆ ପୋକ ବାହାରିଯାଏ । ସେମାନଙ୍କ ଦ୍ରବୀଭୂତ, ଦରଦୀ ଲେଖା ଦେଖିଲେ ମନେହୁଏ ଜିଲ୍ଲା ଓ ରାଜ୍ୟସ୍ତରୀୟ ମାତୃଭାଷୀ କଲମ ଚାଷୀଙ୍କ ଅପେକ୍ଷା ଏମାନଙ୍କ ଚାଷ ବଡ଼ ଗଭୀର ଓ ତନ୍ନତନ୍ନ । ବଳଦଟଣା ଲଙ୍ଗଳ କାହୁଁ ଟ୍ରାକ୍ଟର ଚାଷ ସହ ସମାନ ହେବ ! ବିହନଗୁଡ଼ାକ ସବୁବେଳେ ଶଙ୍କର ଜାତୀୟ ହାଇବ୍ରିଡ୍ ନଚେତ୍ ଜେନେଟିକ୍ ।

''ମାଇଲ ମାଇଲ ଧରି ପୋଡ଼ା ଭୂଇଁ, ଥୁଣ୍ଟାଗଛ, ମଲା ଫସଲ, ତୃଷିତ ମାଟି, ଶୂନ୍ୟଗର୍ଭା ଆକାଶ, ହା ହୁତାଶନରେ ଜର୍ଜରିତ ଚାଷୀ'' —ବାଃ ବାଃ କବିତାର ଏକ ଚମକପ୍ରଦ ଫସଲ ଉତ୍ପାଦିତ ହୁଏ ଜାତୀୟ ସ୍ତରର ସମ୍ବାଦପତ୍ରରେ । ଏହା ସହିତ ହୃଦୟ ବିଦାରକ ଦୃଶ୍ୟ—ବିଦୀର୍ଣ୍ଣ ମାଟି ସହ ବିପନ୍ନ ଚାଷୀର ମୁଣ୍ଡରେ ହାତଦେଇ ଶୂନ୍ୟ ଆକାଶ ଆଡ଼େ ଚାହିଁଥିବା, ରେଖାଙ୍କିତ କପାଳର, ଉଦାସ ଆଖିର ଏକ ପୋଜ୍

Digitized by srujanika@gmail.com

ଦିଆ ଫଟୋ ବାହାରିବ କିମ୍ବା ଫଟୋମାଳା । ଆଜିକାଲି ଫଟା ଭୂଇଁର ଆଲୋକ ଚିତ୍ର ଛାପିବାକୁ ଆପଣଙ୍କୁ ଖାସ୍ ମରୁଡ଼ି ଗ୍ରସ୍ତ ଜିଲ୍ଲାକୁ ଯିବାକୁ ପଡ଼ିବ ନାହିଁ । କୌଣସି ପୋଖରୀଟାଏ ଶୁଖି ଯାଇଥିଲେ ତା'ର ପଙ୍କ ଦେଇ ପାରିବ ଫଟା ଭୂଇଁର ବିଦୀର୍ଣ୍ଣ ଫଟୋଚିତ୍ର । ଦୃଶ୍ୟମାନ ସବୁଜ ସ୍ନିଗ୍ଧ ଅଞ୍ଚଳରେ ମଧ ଉତ୍କଟ ଜଳାଭାବ ଦେଖା ଦେଇପାରେ । ତେବେ ଫଟା ଭୂଇଁର ଚିତ୍ର ଅଧିକ ହୃଦୟ ଛୁଆଁ ଛବି ଓ ପ୍ରତୀକ ଆଙ୍କିପାରେ । ଫିରିଙ୍ଗି ଭାଷୀ ସମ୍ବାଦପତ୍ର ପାଇଁ ଏସବୁ ଅଧିକ ପ୍ରଯୁଜ୍ୟ । ଆଞ୍ଚଳିକ ଭାଷାର ସମ୍ବାଦପତ୍ରର ବହୁ ଜଟିଳ ସମସ୍ୟା ରହିଛି, ତେବେ ସେଗୁଡ଼ିକ ଅଧିକ ସତ୍ୟବଦ୍ଧ ସମ୍ବାଦ ପ୍ରକାଶ କରିଥାନ୍ତି ।

ଯଦି ସମୟ ଥାଏ ବୈଶାଖ, ଜ୍ୟେଷ୍ଠର ମଧଭାଗ ଏବଂ ସାମ୍ବାଦିକମାନେ ବିପନ୍ନ ଇଲାକାରେ ମଧ୍ୟାହ୍ନର ଅବ୍ୟବହିତ ପୂର୍ବରୁ ପହଞ୍ଚି ଯାଇଛନ୍ତି ତେବେ ମରୁଡ଼ି ସଂପର୍କିତ ରିପୋର୍ଟ ଜମିଲା ବୋଲି ଜାଣନ୍ତୁ । ଝାଞ୍ଜି ପବନରେ ମୁହଁ ପୋଡ଼ି ଯାଉଥିବ, ଟାଇଁ ଟାଇଁ ଖରାରେ ଝାଇଁ ମାରିଯାଉଥିବ ମୁଣ୍ଡ, ଶୁଖି ଯାଉଥିବ ଓଠ, କପାଳରୁ ନିଗିଡ଼ି ପଡୁଥିବ ଝାଳ ଏବଂ ବିଶ୍ୱାସ ଜାଗିବ ଯେ ସେ ସ୍ଥାନରେ ସତେ ଯେମିତି ସଭ୍ୟତାର ପ୍ରାକ୍‌କାଳରୁ ପଡ଼ିଛି ମରୁଡ଼ି । ସେଠାରେ ଦୁଇମାସ ପୂର୍ବରୁ ଜଳର ପ୍ଲାବନ ଖେଳୁଥିବ, ଅକାତକାତ ପାଣିର ଥିବ ବିସ୍ତାର, ମାତ୍ର ସେଥିରେ କିଛି ଯାଏଆସେ ନାହିଁ । ବର୍ତ୍ତମାନ ସେସବୁର ଚିହ୍ନବର୍ଣ୍ଣ ହିଁ ନାହିଁ : ଯାହା ଅଛି ତାହା ଖାଲି ଆଦିଗନ୍ତ ମଳାଧାନର କିଆରୀ, ଫଟାଭୂଇଁ, ଆଉଟା ତମ୍ବା ପରି ତହ ତହ ଆକାଶ ଏବଂ ଝାଞ୍ଜି ପବନରେ ଏକ ବିଭ୍ରାନ୍ତିକର ମରୀଚିକାର ପ୍ରହେଳିକା । ସ୍ଥାନୀୟ ଆଞ୍ଚଳିକ ଭାଷାର ସାମ୍ବାଦିକଙ୍କ ଭଳି ନିପୁଣ ନୁହଁନ୍ତି ଜାତୀୟସ୍ତରୀୟ ସମ୍ବାଦପତ୍ରର ପ୍ରତିନିଧିଗଣ, କ୍ୱଚିତ ବୁଝନ୍ତି ସେମାନେ ଗ୍ରାମାଞ୍ଚଳର ବାସ୍ତବତା; କୃଷି, ଫସଲ, ଅମଳ ଓ ଗ୍ରାମୀଣ ଜୀବନର ପରିଭାଷା । ସହରୀ ଜୀବନ, ଇଂରାଜୀ-ଭାଷୀ ସ୍କୁଲରେ ପାଠପଢ଼ା, ସାହେବୀ ଆଦବକାଇଦା ସେମାନଙ୍କୁ ଯେତେ ପରିମାଣରେ ଇ-ମେଲ୍, ଇଂଟରନେଟ୍ ବୁଝାଇବାରେ ଦକ୍ଷ କରାଏ; ସେହି ପରିମାଣରେ ସେମାନେ ଥାଆନ୍ତି ଗାଁର ପୋଖରୀ ଉଝଳା, ଆମ୍ବତୋଟାର ଅର୍ଥନୀତି, ହଳବଳଦର ସମସ୍ୟା, ଧାନ ଓ ବିରି ଚାଷର ସମୟ ନିର୍ଘଣ୍ଟ ସଂପର୍କରେ ଅଜ୍ଞ । ଯେଉଁମାନଙ୍କର ସଂପୃକ୍ତ ଅଞ୍ଚଳ ଉପରେ ପରିଚିତି ଓ ଅବଧାରଣା ଥାଏ ନିବିଡ଼, ସେମାନଙ୍କୁ ଏହି 'ପ୍ରେସ୍ ଟୁର୍'ରେ ନିଆଯାଏ ନାହିଁ । ସେମାନଙ୍କ ସମ୍ବାଦପତ୍ର ମଧ ଏତାଦୃଶ ରିପୋର୍ଟ ସନ୍ଧାନରେ ନଥାଏ । ମନ୍ତ୍ରୀ ମହୋଦୟ କେଉଁଠି କ'ଣ କହିଲେ ତାହା ଛାପିବା ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ପ୍ରତି ସଂପାଦକ ଭାବନ୍ତି ମରୁଡ଼ି ଅର୍ଥ ଫଟା ଭୂଇଁ ଏବଂ ଯଥାସମ୍ଭବ କଙ୍କାଳସାର ମଣିଷ ତଥା ଗୋରୁଗାଈଙ୍କ ଫଟୋଚିତ୍ର । ଏହାସହିତ ଯଦି କିଛି ଥୁଣ୍ଟା ଗଛ ମିଳିଲା ତେବେ ଆହୁରି ଭଲ । ତାହା ହିଁ ହେଉଛି 'ମାନବୀୟ ଅନୁକମ୍ପା ଓ ସମ୍ବେଦନଶୀଳତା', ନୁହେଁ କି ?

Digitized by srujanika@gmail.com

ରାଜ୍ୟ ସରକାର ଝୁଣିଲେ କେନ୍ଦ୍ରକୁ; ଖାଇଥିଲେ ଜିଲ୍ଲାରୁ । ଏବେ କେନ୍ଦ୍ର ସରକାର ଅବିଚଳିତ । ମରୁଡ଼ି ପାଇଁ ତାଙ୍କୁ ତ କେହି ଦାୟୀ କରିନାହିଁ । ତେବେ ମାନବୀୟ ମହତ୍ତ୍ୱର ପଣିଆ ତ ପୁଣି ପ୍ରଦର୍ଶନ କରାଯିବା ଦରକାର ! ତେଣୁ ପାଣି ପାଇଁ ସେ ତାଙ୍କ ନିଜ ଠଣା ତିଆରି କଲେ । ଆନ୍ତର୍ଜାତିକ ସହାୟକ ସଂସ୍ଥାମାନ, ବିଦେଶୀ ବଦାନ୍ୟ ଅନୁଷ୍ଠାନ, ମିଶନାରୀ ସଂଗଠନଗୁଡ଼ିକ ଏବେ ଚେଇଁ ଉଠିଲେ । ଜାତିସଂଘର ଉନ୍ନୟନ କାର୍ଯ୍ୟକ୍ରମ—ୟୁ.ଏନ୍.ଡି.ପି କି ୟୁନିସେଫ୍, ଯେ କେହି ଯଦି କିଛି ଭିକ ଫୋପାଡ଼ି ଦେବାକୁ ସମର୍ଥ ତେବେ ସେମାନଙ୍କ ସହ ବିଧିବଦ୍ଧ ଯୋଗାଯୋଗ ପର୍ବ ଏବେ ଆରମ୍ଭ ହେଲା । ବିଶ୍ୱବ୍ୟାପୀ ସହାୟକ ଗୋଷ୍ଠୀକୁ ଜାଗ୍ରତ କରାଗଲା ଗୋଟିଏ ଜିଲ୍ଲାର ମରୁଡ଼ିର ମୁକାବିଲା ପାଇଁ—ଯେଉଁଠି ବାର୍ଷିକ ୧୫୦୦ ମିଲିମିଟରେ ବର୍ଷାପାତ ହୋଇଥାଏ ।

ଏବେ ଗଣିତ ଶାସ୍ତ୍ରର ସେ ମାଙ୍କଡ଼ର ଖୁମ୍ବରୁ ତଳକୁ ଖସିବାର ପାଳି : ଐତିହାସିକ ଅବରୋହଣ ପର୍ବ ।

ପାଣି ଯୋଗାଣକାରୀ ସର୍କାରମାନେ ତାତ୍କାଳୀକ ଅନ୍ନଛତ୍ରକୁ ଭଲ ପାଆନ୍ତି । କାରଣ ଏଥିରେ ହାଣ୍ଡିଏ ଖିରିରୁ ମାତ୍ର ଡଙ୍କିଏ ବାଣ୍ଟିବାକୁ ହେବ, ଖର୍ଚ୍ଚ କମ୍, ନାମ ବେଶି । ଢେର୍ ଢେର୍ ବିଜ୍ଞପିତ ହେବେ ଦାତାମାନେ । ସେମାନେ ବାଣ୍ଟୁଛନ୍ତି ବୋଲି ବ୍ୟାନର୍, ବୋର୍ଡ ବସିବ; ବେଶ୍ ଫଟୋ ତୋଳାହେବ, ଲୋକ ଆଞ୍ଜୁଳା ପାତି ନେଉଥିବେ—ଦାତା ଉପରୁ ଢାଳୁଥିବେ । ଗୋଟାଏ ପୋଲ ତିଆରିରେ ଯେତେ ଖର୍ଚ୍ଚ ହେବ ତା'ର ଅଧା ଖର୍ଚ୍ଚରେ ଶହେରୁ ଅଧିକ ଟ୍ରକ୍ ଭର୍ତ୍ତି ଚୁଡ଼ା, ଚାଉଳ, ଡାଲି, କମ୍ବଳ ବାଣ୍ଟି ହେବ । କେତେ ବାହାବା, ଖବରକାଗଜରେ କେତେ ନାଁ ପ୍ରଚାର, ଫଟୋ ଛପା । ପୁଣି ଘନ ଘନ ଧାଁ ଧାପଡ଼ ଦେଖି ଲୋକେ କହୁଥିବେ : ଦରିଦ୍ରଙ୍କ ପାଇଁ ୟା'ଙ୍କ ପ୍ରାଣ ସତେ କେତେ କାନ୍ଦୁଚି ! ଦି'ପଇସା ଫୋପାଡ଼ି ଦେଲେ ତଳସ୍ତରର କାଙ୍ଗାଳି ଏନ୍.ଜି.ଓ ମାନେ କୃତ୍ୟ କୃତ୍ୟ ହୋଇ ରହିଥିବେ, ସମୀହ କରି ଅଧା ନଇଁ ହାତ ଯୋଡ଼ି ପାଛୋଟି ନଉଥିବେ । ସୋମାଲିଆର ମରୁଡ଼ି ଏବଂ ଏଡ୍‌ସ୍ ଉଭୟ ପୀଡ଼ିତ ଶିଶୁ କପୋଳରେ ଚୁମ୍ବନ ଆଙ୍କୁଥିବ ଯୁବରାଣୀ ଡାଏନା କିମ୍ବା ଭାରତର କେଉଁ ଅକ୍ଷିତ ଅନାଥକୁ କୋଳେଇ ନେଇଥିବ ବିଶ୍ୱସୁନ୍ଦରୀ ସସ୍ମିତା କିମ୍ବା ଐଶ୍ୱର୍ଯ୍ୟା । ହେଲେ ଧନୀ ଓ ଦରିଦ୍ର ରାଷ୍ଟ୍ର ମଧ୍ୟରେ ରହିଛି ଯେଉଁ ଗୁରୁତର ବୈଷମ୍ୟ—ଧରାଯାଉ ଅସମାନ ବାଣିଜ୍ୟ କାରବାର, ସେସବୁର ସମାଧାନ ହୋଇଗଲେ ଦରିଦ୍ର ରାଷ୍ଟ୍ରକୁ ମିଳନ୍ତା ବୃହତ୍ତର ସହାୟତା, ବ୍ୟାପକ ବଳ ଓ ସାମର୍ଥ୍ୟ—ମାତ୍ର ସେସବୁର ଚିରସ୍ଥାୟୀ ଏପରିକି ସାମୟିକ ସମାଧାନ ପାଇଁ ଦାନୀ ରାଷ୍ଟ୍ରମାନେ ସାମାନ୍ୟତମ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ସେମାନେ ପସନ୍ଦ କରନ୍ତି ତାତ୍କାଳୀକ ଅନ୍ନଛତ୍ର ବା ରିଲିଫ୍ ।

Digitized by srujanika@gmail.com

ସୁତରାଂ ବିଭିନ୍ନ ଧାରା, ଉପଧାରା, ଉସ୍ତରୁ ଉତୁରି ଦିଲ୍ଲୀ ଦରବାରକୁ ଛୁଟେ ପ୍ରଚୁର ଟଙ୍କାର ପ୍ରବାହ । ଏହାର ପରବର୍ତ୍ତୀ ପାହାଚ ହେଉଛି ବିଭିନ୍ନ କେନ୍ଦ୍ରୀୟ ବିଭାଗମାନଙ୍କର ଏହା ଉପରେ ଝଗଡ଼ା ଓ ବାହୁବଳ କଷା–କେଉଁ ବିଭାଗ ହାତରେ ରହିବ କେତେ ଟଙ୍କା । ଚେତନାକୁ ଆଉ ଏମିତି କୌଣସି ଚିଜ ଏତେ ତୀବ୍ର, ନିବିଡ଼ ଭାବେ ଜାଗ୍ରତ କରିପାରେ ନାହିଁ, ଯେମିତି ପାରେ ଟଙ୍କା । ଗୋଟିଏ ବିଭାଗ ମନେ ପକାଏ ଯେ, ମରୁଡ଼ିଗ୍ରସ୍ତ ଜିଲ୍ଲାଟିର ଜଙ୍ଗଲ ସଂପଦ ସୁରକ୍ଷା କରିବାର ଗୁରୁଦାୟିତ୍ୱ ତାଙ୍କର । ଏବଂ ଅନ୍ୟ ଏକ ବିଭାଗର ହଠାତ୍ ସ୍ମରଣକୁ ଆସେ ସେ ଅଞ୍ଚଳରେ ଜଳସେଚନ ସୁବିଧାର ହେପାଜତ କରିବ–ଏତେ ଯତ୍ନ ଓ ନିଷ୍ଠାର ଶବ୍ଦମାନ ପଇଟେ ଯେ, ମନେହୁଏ ବିଶ୍ୱର କୌଣସି ଜନନୀ ଏତେ ସରାଗରେ ତା'ର ରୋଗୀଣା ଛୁଆ ପାଟିରେ ଥନ ଗୁଞ୍ଜୁନଥିବ ! ଆଉ କା'ର ଚେତନା ଜାଗ୍ରତ ହୁଏ ଯେ, ମୃତ୍ତିକା ସଂରକ୍ଷଣ କି ବିହନ ଯୋଗାଣ ପ୍ରତିବଦ୍ଧତା ରକ୍ଷା କରିବା ସେମାନଙ୍କର ଜନ୍ମସିଦ୍ଧ ଅଧିକାର !

ପୁଣି ଏହା ବାହାରେ ରହିଛନ୍ତି ଅନେକ ଭୋକିଲା, ମାସିକ ୩୦ ହଜାର ଟଙ୍କାର ପରାମର୍ଶଦାତାମାନଙ୍କୁ ଖୋରାକି, ପୋଷାକୀ ଦେବାକୁ ହେବ । ଜିଲ୍ଲାରେ ମରୁଡ଼ି ସହିତ ଲଢ଼ିବାକୁ ହେଲେ ସେହି ପରାମର୍ଶଦାତାଙ୍କ ସହାୟତାରେ ହିଁ ପ୍ରୋଜେକ୍ଟ ନକ୍ସା ଆଙ୍କିବାକୁ ହେବ । ସେ ହେଉ କୃଷି କି ଜଳସଂପଦ କିମ୍ବା ବନୀକରଣ । ସବୁପ୍ରକାର ବିଦ୍ୟା ଖୁନ୍ଦିହୋଇ ରହିଛି ଏହି ପରାମର୍ଶଦାତାଙ୍କ ମଗଜରେ । ସବ୍‌ଜାନ୍ତା ଆଇ.ଏ.ଏସ୍‌ଙ୍କ ଉପରେ ଏମାନେ ଆଉ ଦି'ହାତ ଉଞ୍ଚା । ସର୍ବୋପରି ଜଳ ସମସ୍ୟା ଉପରେ ଅଧ୍ୟୟନ ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । 'ଜଳ ବରଷଇ ରଇତ ଚଷଇ' ଭଳି ବର୍ଣ୍ଣବୋଧିଆ ପାଠଟା ଆଜିକାଲି ନିହାତି ପୁରୁଣା, ଅପାଂକ୍ତେୟ । ଏଠି ଜଳ ବିହୁନେ ଓ ଜଳ ଗହଳେ ସୃଷ୍ଟିନାଶ ହୋଇଯାଉଥିବାରୁ ୱାଟର୍‌-ମ୍ୟାନେଜ୍‌ମେଣ୍ଟ ଭଳି ଗହନ ବିଦ୍ୟା ଉପରେ ଚିନ୍ତା କରିବାକୁ ହେବ । ସ୍ୱୟଂ ବରୁଣ ଦେବତା ମଧ୍ୟ ଏପରି ଚିନ୍ତା କରିନଥିବେ । ଏବେ ମୋଟା ଅଙ୍କର ବିଦେଶୀ ଟଙ୍କା ଆସିଲା ତ ! ତେଣୁ ବହୁବିଧ ଯୋଜନା ମଗଜକୁ ଆସିବାକୁ ବାଧ–ଜଳଛାୟା, ଜଳଅମଳ ପ୍ରକଳ୍ପ, ଜଳ ପରିଚାଳନା ଭଳି ଗହନ ବିଦ୍ୟା ପରେ କେନାଲ ମରାମତି, ଡ୍ୟାମ୍ ନିର୍ମାଣ, ପୁଷ୍କରିଣୀ ଖନନ, ଭୂ-ତଳ ଜଳ, ଭୂ-ଉପରିସ୍ଥ ଜଳର ବନ୍ଦୋବସ୍ତ, ନଳକୂପ, ଖୋଳାକୂପ, ଗଭୀର କୂପ, ସୁଗଭୀର କୂପ, ଅଗଭୀର କୂପ–ଏମିତି ଆସିବ କେତେ ଢଙ୍ଗରେ, କେତେ ରଙ୍ଗରେ, କେତେ ସଙ୍ଗରେ ସୁମଧୁର ଶବ୍ଦାବଳୀ । ମରୁଡ଼ି ପାଇଁ ସ୍ୱତନ୍ତ୍ର ଅଭିଧାନଟିଏ ସୃଷ୍ଟି ହେବା ଦରକାର । ଏସବୁ କଥା ଚିନ୍ତା କରାଯାଉଛି ଯେହେତୁ ପାଣି ଆସିଛି । ମରୁଡ଼ିଗ୍ରସ୍ତ ଅଞ୍ଚଳର ଚାଷୀ ଏସବୁ ଜଳ ଅମଳ ଓ ନିୟନ୍ତ୍ରଣ ଉପରେ ଅଧିକ ଜାଣେ, ଯୁଗ ଯୁଗ ଧରି ସେ ଚାଷ କରିଆସୁଥିଲା । ଦେଶର ସ୍ୱାଧୀନତା ପରେ

Digitized by srujanika@gmail.com

କ'ଣ ଖାଲି ଚାଷବାସ ଆରମ୍ଭ ହେଲା କି ? ତା' ଆଗରୁ ଚାଷୀ କେମିତି ବଞ୍ଚୁଥିଲା ? କିନ୍ତୁ ଜଳ ପରିଚାଳନା ଉପରେ ଚାଷୀର ଜ୍ଞାନକୁ ପରାମର୍ଶଦାତା କି ସରକାର କେହି ଗ୍ରହଣ କରିବେ ନାହିଁ । ସେମାନେ ତ 'ବିଶେଷଜ୍ଞ' ନୁହନ୍ତି ନା !

ଏହାପରେ ଟଙ୍କାର ସ୍ରୋତ ପ୍ରବାହିତ ହେବ ବିପନ୍ନ ରାଜ୍ୟର ରାଜଧାନୀ ଅଭିମୁଖେ, ଯେଉଁଠି ଚାଲିଛି ଏହା ଉପରେ ବଳ କଷାକଷି । ଏହାପରେ ଜିଲ୍ଲାସ୍ତର, ବ୍ଲକ୍‌ମାନେ ଝାଙ୍କିନେବେ ସେମାନଙ୍କ ଅଂଶଧନ । ବିବିଧ ତାତ୍କାଳୀକ ଜରୁରୀ କାମର ଆରମ୍ଭ ହେବ ଠିକାଦାରୀ । ଜଳକଷ୍ଟ ଭୋଗୁଥିବା ଦରିଦ୍ରଙ୍କ ପାଇଁ ଏଥିରୁ କିଞ୍ଚିତ ପରିମାଣର ପୁଞ୍ଜି ବିଭାଗରେ ଅତର ଛିଞ୍ଚା ପରି କାରବାର ହୋଇପାରେ । ମାତ୍ର ସେତକ ସମସ୍ୟାର ସମାଧାନ କରିବ ନାହିଁ, ପରବର୍ତ୍ତୀ ବର୍ଷ ପୁଣି ମୁଣ୍ଡ ଟେକିବ ସମସ୍ୟାର ଅଜଗର । କାରଣ ସମସ୍ୟାମାନଙ୍କୁ କେହି ସ୍ପର୍ଶ ବି କରିଲେ ନାହିଁ । ପୁଣି ସର୍ବଶେଷରେ ବହୁ କଲ୍ୟାଣକାମୀ ଗୋଷ୍ଠୀ; ତା' ସହିତ ପ୍ରମୁଖ ଭାବେ ରହିଛି 'ଗଣମାଧ୍ୟମ'—ଉପସ୍ଥାପିତ କରିବେ ପ୍ରାକୃତିକ ବିପର୍ଯ୍ୟୟର ଏକ ରୋଚକ ଚିତ୍ର । ଏହାର ଅନ୍ତରାଳର ସମସ୍ୟାମାନଙ୍କୁ ସାମାନ୍ୟ ଆଡ଼-ନଜରରେ ନଚାହିଁ ଘଟଣାଟିକୁ ଅତ୍ୟନ୍ତ ନାଟକୀୟ ଢଙ୍ଗରେ ପରିବେଷଣ କରାଯିବ । ମରୁଡ଼ି-ପରିସଂଖ୍ୟାନର ମାଙ୍କଡ଼ ଚଢ଼ିବ ତୈଳାକ୍ତ ସ୍ତମ୍ଭ, ପାଣି ମିଳିଲେ ଯାଇ ସେ ତଳକୁ ଖସିବ । ଏ ନାଟକ ଅବିଚ୍ଛିନ୍ନ ଭାବେ ଅବଲୀଳା କ୍ରମେ ବିଭିନ୍ନ ରାଜ୍ୟରେ, ବିଭିନ୍ନ ବାଟରେ, ବିଭିନ୍ନ ସମୟରେ ଚାଲିଛି ।

ଏବଂ ଜଳକଷ୍ଟ ଭୋଗି ଚାଲିଛନ୍ତି କ୍ରମାଗତ ଭାବେ ଭାରତବର୍ଷର ବିଭିନ୍ନ ପ୍ରାନ୍ତର ଅସହାୟ କୃଷକବର୍ଗ, ଭାରତର କିଛି ଗୁରୁତର ସମସ୍ୟା ଓ ସଂଘର୍ଷ ହେଉଛି ଏହି ଜଳ ସଂପର୍କିତ । ଏହା ହୁଏତ ଏକ ପଛୁଆ ସ୍ଥାନ ଦଖଲ କରିପାରେ, ମାତ୍ର ନଦୀଜଳ ହେଉଛି ପଞ୍ଜାବ ସମସ୍ୟାର ଏକ ପ୍ରମୁଖ ଅଂଶ । ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ କାବେରୀ ନଦୀଜଳକୁ ନେଇ ଚାଲିଛି ସୁଦୀର୍ଘ ବିତର୍କ । ଭାରତର ରହିଛି ଦ୍ୱନ୍ଦ୍ୱ ବଙ୍ଗଳାଦେଶ ସହିତ ଗଙ୍ଗାନଦୀ ଜଳବଣ୍ଟନକୁ ନେଇ । ନର୍ମଦାର ଜଳକୁ ନେଇ ଗୁଜୁରାଟ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ତେଜିଛି ସୁଦୀର୍ଘ ଆନ୍ଦୋଳନ । ଗ୍ରାମସ୍ତର ଠାରୁ ଜିଲ୍ଲା ଓ ପ୍ରଦେଶ ତଥା ଆନ୍ତର୍ଦେଶୀୟ ସ୍ତର ଯାଏ ଏ ସମସ୍ୟା ପ୍ରଲମ୍ବିତ ଏବଂ ଗ୍ରାମ ଗ୍ରାମ, ବସ୍ତି ସାହି, ଜାତି ଓ ସଂପ୍ରଦାୟ ମଧ୍ୟରେ ଏ ସଂଘର୍ଷ ଯେପରି ପୁରୁଣା; ସେହିପରି ତୀବ୍ର ଓ ତିକ୍ତ ।

ମଣିଷକୃତ ମରୁଡ଼ି ଯେପରି ବଢ଼ୁଛି, ସେଥିରୁ ଉତ୍ପନ୍ନ ସଂଘର୍ଷ ଓ ବିଦ୍ୱେଷ ତଦ୍ରୁପ ଭାବେ ହେଉଛି ଘନୀଭୂତ । ଜଙ୍ଗଲକ୍ଷୟ ବହି ଆଣିଛି ବ୍ୟାପକ ବିପର୍ଯ୍ୟୟ । ଏଥିପାଇଁ ବର୍ଷାପାତର ଅନିୟମିତତା ଓ ଅସନ୍ତୁଳନ ବୃଦ୍ଧି ପାଇଛି । ପର୍ଯ୍ୟାପ୍ତ ମୃତ୍ତିକା-

Digitized by srujanika@gmail.com

କ୍ଷୟ କେଉଁଠି ଆଣୁଛି ବାଲୁଚର ତ ଅନ୍ୟତ୍ର ଅନୁର୍ବରତା ଏବଂ ଜାଳେଣି ପାଇଁ ଦରିଦ୍ରଙ୍କୁ କରିପକାଉଛି ହନ୍ତସନ୍ତ । ଜଙ୍ଗଲକ୍ଷୟ ପଛରେ ରହିଛି ପ୍ରଭାବଶାଳୀ ଓ ରାଜନୈତିକ ବ୍ୟକ୍ତିଙ୍କ ପ୍ରଚ୍ଛନ୍ନ ତଥାସ୍ତୁ; ମାତ୍ର ଏହାର ପରାଭବ ଭୋଗୁଛି ଦରିଦ୍ର । ଏପରିକି ଓଡ଼ିଶାରେ କିଛି ଦୁର୍ଦ୍ଧାନ୍ତ କାଠଚୋର, ଜଙ୍ଗଲ ଲୁଟକାରୀ ମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥାନ୍ତି । ଚୋରମାନେ ସିଂହାସନରେ ବସିବେ ନାହିଁ ତ କ'ଣ ବସିବେ ରାମଚନ୍ଦ୍ର ନା ବଶିଷ୍ଠ, ବିଶ୍ୱାମିତ୍ର, ଜନକ ? ବ୍ରିଟିଶ୍ ଶାସନ କାଳରେ ଜଙ୍ଗଲ ଜଗିବାକୁ ଯେତିକି କର୍ମଚାରୀ ଥିଲେ ଏବେ ସେମାନଙ୍କ ସଂଖ୍ୟା ପାଞ୍ଚ ଛଅଗୁଣ ବଢ଼ିଯାଇଛି, ଜଙ୍ଗଲ ପରିମାଣ କମିଛି ନା ବଢ଼ିଛି ? ସାଧାରଣ ଲୋକଙ୍କର ଜଙ୍ଗଲ ଉପରେ ଅଧିକାର କେତେ ? ଜଙ୍ଗଲ ଭଳି ଜଳାଶୟ ଓ ଜଳଉତ୍ସ ଉପରେ କ୍ରମେ ଗ୍ରାମବାସୀମାନେ ହରାଉଛନ୍ତି ସେମାନଙ୍କର ନିୟନ୍ତ୍ରଣ । ପାରମ୍ପରିକ ଜଳସେଚନ ବ୍ୟବସ୍ଥାର ଧ୍ୱଂସ ପ୍ରକ୍ରିୟା କ୍ରମେ ତୀବ୍ରତର ହୋଇଉଠୁଛି । ନିୟମିତ ମରୁଡ଼ିର ପୀଡ଼ା ଭୋଗୁଥିବା ଓଡ଼ିଶାର କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର ଅଞ୍ଚଳରେ ପୂର୍ବରୁ ଥିବା କଟା, ବନ୍ଧ, ପୋଖରୀ ପ୍ରଭୃତି ସଫେଇ ନହୋଇ ଧୀରେ ଧୀରେ ପୋତି ହୋଇପଡୁଛି ଏବଂ ଏସବୁକୁ ଉଝାଳି ନବୀକରଣ କରିବାରେ ଥିବା ସାଧାରଣ ଲୋକଙ୍କ ଶ୍ରମଦାନ ଭୂମିକା ଏବେ ସରକାରୀ କଳ ଉପରେ ଅଧିକ ନିର୍ଭର ରଖୁଛି । ଲୋକଙ୍କ ସ୍ୱାବଲମ୍ବନର ଭିତ୍ତି ଭାଙ୍ଗିବାରେ ଭୋଟ-ରାଜନୀତିର ଯେପରି ପ୍ରଭାବ ଓ ବରଦାନ ରହିଛି ସେହିପରି ଲୋକଙ୍କ ଭିତରେ ସାମୂହିକ ପ୍ରଚେଷ୍ଟା, ସ୍ୱାଧୀନ ଚିନ୍ତନ, ମିଳିତ ଶ୍ରମଦାନର ପରମ୍ପରା ଭାଙ୍ଗି ପଡ଼ିଛି । ଅଧିକ ଭାବରେ ବ୍ୟକ୍ତିକେନ୍ଦ୍ରିକ ହୋଇ ଉଠୁଥିବା ମଣିଷ ଦୂରଦୃଷ୍ଟି ଓ ସ୍ୱାଭିମାନକୁ ହରାଇଛି, ବରଂ ବଳିଯୂପରେ ନିଜକୁ ଚଢ଼ାଇଛି କହିଲେ ଠିକ୍ ହେବ । ଅନେକ ମରୁଡ଼ି ପ୍ରବଣ ଇଲାକାରେ ଜଳାଶୟ ଓ ଜଳଉତ୍ସର ଘରୋଇକରଣ ପ୍ରକ୍ରିୟା ତ ଆରମ୍ଭ ହୋଇଯାଇଛି । ଉଠା ଜଳସେଚନ ବ୍ୟବସ୍ଥାରେ ଧନୀକ ନିଜେ ଭୂ-ତଳ ତଥା ଭୂ-ଉପରି ଭାଗ ଜଳର ଯଥେଚ୍ଛା ବ୍ୟବହାର ସହ ଏହାକୁ ବିକ୍ରି କରିବାକୁ ଆରମ୍ଭ କରିଛି । ବିଶେଷଜ୍ଞମାନଙ୍କ ମତ ଯେ ଭବିଷ୍ୟତରେ ଯଦି କେବେ ତୃତୀୟ ବିଶ୍ୱଯୁଦ୍ଧ ହେବ, ତାହାର ଏକମାତ୍ର କାରଣ ହେବ ମଧୁରଜଳ ।

ସଂପ୍ରତି ଭାରତବର୍ଷରେ ଦୁଇପ୍ରକାର ମରୁଡ଼ି ଦୃଶ୍ୟମାନ, ଗୋଟିଏ ପ୍ରାକୃତିକ କାରଣ ଜନିତ, ଅନ୍ୟଟି ମନୁଷ୍ୟକୃତ । ଏ ଦୁଇପ୍ରକାର ମରୁଡ଼ି ଏକ ସମୟରେ ଏକ ସ୍ଥାନରେ ସଂଘଟିତ ହୋଇପାରେ । ଏ ଅଧ୍ୟାୟରେ ସନ୍ନିବିଷ୍ଟ ନିବନ୍ଧମାନ ସେସବୁ ଦର୍ଶାଇବାର ନମ୍ର ପ୍ରଚେଷ୍ଟା କରିଛି ।

❖❖❖

Digitized by srujanika@gmail.com

ଝିଅଟିଏ ବିକ୍ରି ହୋଇଗଲା

ସେ ଥିଲା ଅଶି ଦଶକର ଏକ ବସନ୍ତ କାଳ । ସେ ବର୍ଷ ବସନ୍ତ ଆଉ ଆସିଲାନି । ଗଛରେ ଧରିଲାନି ମୁକୁଳ କି ଫୁଲ କି ବଉଳ । ବର୍ଷାଋତୁର ପ୍ରାରମ୍ଭରେ କେଇ ଅସରା କୁଣ୍ଠିତ ବର୍ଷା ପରେ ଆକାଶ ହେଲା ଶୂନ୍ୟ-ଗର୍ଭା । ଫସଲ କିଆରୀରେ ବିରାଜିଲା ଶୂନ୍ୟତାର ହାହାକାର । ଗଛ ପରି ମଣିଷର ଦେହର ଶାଖା ପ୍ରଶାଖା ପାଲଟିଲା ଥୁଣ୍ଟା, ସେଠି ପ୍ରତ୍ୟାଶା ହରାଇଲା ମାଂସର ମୁକୁଳ । ଋତୁମତୀ ଝିଅ ଦେହରେ ବି ଫୁଲ ଫୁଟିବାର ସମ୍ଭାବନା ରହିଲା ନାହିଁ । ପଶ୍ଚିମ ଓଡ଼ିଶାର ଚଉହଦୀ ହଇଚଇ ଶୁଭିଲା– ଶୀତଋତୁ ଆରମ୍ଭ ବେଳକୁ ଲୋକେ ଗାଁ ଗଣ୍ଡା ଛାଡ଼ିଲେ, ପରଦେଶ ବାହାରି ଗଲେ ଅନ୍ନ ସନ୍ଧାନରେ । ଯେଉଁମାନେ ରହିଗଲେ ମାଟି କାମୁଡ଼ି, ଭିଟାର ମାୟାରେ, ସେମାନଙ୍କ ପାଇଁ ଭାତହାଣ୍ଡି ଆଉ ଚୁଲିରେ ବସିଲା ନାହିଁ । ନିରନ୍ନ ଅବସର ପରିଣତ ହେଲା ଉପବାସରେ, ଉପବାସ କ୍ରମେ ଅନାହାରରେ, ଦୀର୍ଘ ଅନାହାର ପରିଶେଷରେ ଆବାହନ କଲା ଅକାଳ ମୃତ୍ୟୁ । ସମ୍ବାଦପତ୍ରର ପୃଷ୍ଠାରେ ଭରିଗଲା ସେ କରୁଣ ବ୍ୟଥାର ହାଡ଼ଥରା କାହାଣୀ । କଳାହାଣ୍ଡି ଆସିଲା ଚର୍ଚ୍ଚାର ପରିସରକୁ, ରାଜ୍ୟରୁ ରାଷ୍ଟ୍ର ଓ ଆନ୍ତରାଷ୍ଟ୍ରୀୟ ସ୍ତରକୁ ବ୍ୟାପିଗଲା ସେ କାହାଣୀ ।

ସେ ଥିଲା ସମ୍ବେଦନଶୀଳ ଏକ ମାନବୀୟ କାହାଣୀ । ଅବିଭକ୍ତ କଳାହାଣ୍ଡିର ନୂଆପଡ଼ା ବ୍ଲକ୍ (ସଂପ୍ରତି ଏକ ସ୍ୱତନ୍ତ୍ର ଜିଲ୍ଲା)ର ଅମଲାପାଲି ଗାଁରେ ଝିଅଟିଏ ବିକ୍ରି ହୋଇଗଲା । ପ୍ରଥମ ବର୍ଷର ମରୁଡ଼ି ପରେ ଦ୍ୱିତୀୟ ବର୍ଷ ବି ଜୁନ୍ ମାସର ଆକାଶରେ ଖରା ତହକୁଥିଲା । ଶ୍ରାବଣ ମାସରେ ବି ଅଭିଶପ୍ତା ମାଟିରେ ଦୁବ କଅଁଳୁ ନଥିଲା । ୧୯୮୫ର ସେହି ଜୁଲାଇ ମାସରେ ସ୍ୱାମୀ ପରିତ୍ୟକ୍ତା ତିରିଶ ବର୍ଷୀୟା ଆଦିବାସୀ ମହିଳା ଫାନସ୍ ପୁଞ୍ଜି ବିକ୍ରି କରିଦେଲା ତା'ର ଚଉଦ ବର୍ଷୀୟା ନଣନ୍ଦ ବନୀତାକୁ, ପ୍ରାୟତଃ ଦୃଷ୍ଟିଶକ୍ତି ବିରହିତ କଙ୍କାଳସାର ଏକ ପ୍ରୌଢ଼ପ୍ରାୟ ଦୃଶ୍ୟମାନ ଯୁବକ ବିଦ୍ୟା ପୋଡ଼କୁ ମାତ୍ର ଚାଳିଶ ଟଙ୍କାରେ । ନବଯୌବନା ତରୁଣୀ ବିକ୍ରି ହେଉଛି ଚାଳିଶ ଟଙ୍କାରେ ! ପେଟ ବିକଳରେ !! ପୁଣି ପାଲଟୁଛି ଅନ୍ୟର ଚାକରାଣୀ ।

ଏ ସମ୍ବାଦଟି ସେତେବେଳେ ଗଣମାଧ୍ୟମରେ ସୃଷ୍ଟି କରିଥିଲା ହଟଚମଟ । ଫାନ୍‌ସ ପୁଞ୍ଜିର ଦାରିଦ୍ର୍ୟକୁ କେହି 'ଆହା' କଲେ ତ ଆଉ କେହି ତାକୁ ଦେଲେ କୁଟିଳ 'ମଛରା'ର ଉପାଧି । ସେ ସମୟରେ ସମାଜ ଓ ସମ୍ବାଦପତ୍ରର ହୃଦୟବତ୍ତା ଥିଲା; ଥିଲା ଉଚ୍ଚତର ମୂଲ୍ୟବୋଧ ପ୍ରତି ଅନୁରକ୍ତି । ଥିଲା ମଧ୍ୟ ଏହାର କିଛି ସୀମା ସରହଦ ।

Digitized by srujanika@gmail.com

ବିସ୍ତାରିତ ଭାବେ ସମ୍ବାଦପତ୍ରରେ ବାହାରିଲା ଫାନସ୍ ପୁଞ୍ଜିର ବକ୍ତବ୍ୟ : ''ମୋର ନିଜ ପିଲାମାନେ ଭୋକରେ ଆଉଟୁ ପାଉଟୁ ହେଉଚନ୍ତି, ମୁଁ ଆଉ କ'ଣ କରିପାରନ୍ତି ?''

ସମସ୍ତଙ୍କ ପର୍ଯ୍ୟବେକ୍ଷଣ ହେଲା ଯେ, ଫାନ୍ସ କେବେ ଝିଅ ବିକ୍ରି କରିଥିବା କଥାକୁ ଅସ୍ୱୀକାର କରିନାହିଁ । କାହାଣୀଟି ସମଗ୍ର ରାଷ୍ଟ୍ରକୁ ଚହଲାଇ ଦେଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ହୃଦୟରେ ମଧ ଏହା ଭଉଁରୀ କାଟିଲା । ଆହୁରି ବିଡ଼ମ୍ବନା ଯେ, ତାଙ୍କ କାର୍ଯ୍ୟାଳୟ ଏହି ପିଲାବିକ୍ରିର ସତ୍ୟତା ନେଇ ନିଶ୍ଚିତ ହେଲେ । ସେ ନିଷ୍ପତ୍ତି ନେଲେ ସ୍ୱୟଂ କଳାହାଣ୍ଡି ଯାଇ ନିଜ ଆଖିରେ ଦେଖିଆସିବେ ଦାରିଦ୍ର୍ୟର ମାନଚିତ୍ର ।

କଳାହାଣ୍ଡିର ଏହି ନିଦ୍ରିତ, ଦୁର୍ଗମ ଇଲାକାରେ ଶୁଭିଲା ହଠାତ୍ ହଇଚଇ – ମାଳମାଳ ହାକିମ ହୁକୁମାଙ୍କ ଗସ୍ତକ୍ରମରେ କମ୍ପିଲା । ଲୋକଙ୍କ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତିରେ । ରାସ୍ତାଘାଟ, ବନ୍ଧବାଡ଼ ମରାମତି ଚାଲିଲା, ସରକାରୀ ହତାମାନଙ୍କର ପରିସର ମଧରେ ଯୁଗଯୁଗ ଧରି ବଂଶ ବିସ୍ତାର କରି ଚାଲିଥିବା ଭୁତିଆରୀ, ନାଗଐରୀ ଓ ଅମରି ବଣ ସଫା ହେଲା, କାନ୍ଥବାଡ଼ ଚୂନ ଧଉଳା ହେଲା । ରାଜୀବ ଗାନ୍ଧୀଙ୍କୁ ଦେଖେଇବାକୁ ହେବ ଯେ ସତରେ ଆମେ କେଡ଼େ ପରିଚ୍ଛନ୍ନ, ଆମ ପରିବେଶ ବଡ଼ ସ୍ୱଚ୍ଛ, ପରିମଳ । ଯଦିଓ ସେଠିକା ଲୋକଙ୍କ ପେଟରେ ଦିନ ଦିନ ଧରି ଦାନା ପଡୁନାହିଁ । ମାଳ ମାଳ ସାମ୍ବାଦିକ ମଧ 'ପଟ୍ଟ-ମୁଣ୍ଡକ' କାହାଣୀ ଲେଖିବାକୁ ସେଠାରେ ପହଞ୍ଚିଲେ । ପ୍ରଧାନମନ୍ତ୍ରୀଙ୍କ ଆଗମନ ଭଳି ମହାର୍ଘ ଘଟଣାକୁ ହାତଛଡ଼ା କରିପାରିବ କିଏ !

ପ୍ରକାଶିତ ଘଟଣାବଳୀ ହେଲା ଅଶି ଦଶକର ସର୍ବାଧିକ ଆଲୋଡ଼ନକାରୀ ସାମ୍ବାଦିକତା । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସରକାର ପକ୍ଷରୁ କେତେକ ଘଟଣାକୁ ଲୁଚେଇ, ଚପେଇ ଦେବାର ପ୍ରଚେଷ୍ଟାକୁ ମଧ ଖୋଲି ଦେଇଥିଲା ଏହିସବୁ ଚମକପ୍ରଦ ରିପୋର୍ଟ । କଳାହାଣ୍ଡିର ଦାରିଦ୍ର୍ୟ ଓ ହୁତାଶନ ପ୍ରଜ୍ୱଳା ହୋଇ ଜଳ ଜଳ ଦିଶିଲା । ଅଞ୍ଚଳର ଜ୍ୱାଳାମୁଖୀ, ଜାନ୍ତବ ଦାରିଦ୍ର୍ୟର ଭୀଷଣକାୟ ମୁଖ ବ୍ୟାଦାନ ଦେଖି କ୍ଷୁବ୍ଧ, ବିଚଳିତ ସାମ୍ବାଦିକଙ୍କ ଠାରୁ ନିସୃତ ହେଲା ଅଧିକ ମାନବବାଦୀ ରିପୋର୍ଟ । ଜାତୀୟ ଓ ପ୍ରାନ୍ତୀୟ ସମ୍ବାଦପତ୍ରରେ ପ୍ରକାଶିତ ହେଲା ମରୁଡ଼ି ଓ ମୁମୂର୍ଷୁ ଦାରିଦ୍ର୍ୟ, ଅନଟନ ଉପରେ ଅଧିକତର ମାର୍ମିକ, ସଜଳ କାହାଣୀ । ଏହା ଅନ୍ତରାଳରେ ଯେମିତି ପ୍ରଚ୍ଛନ୍ନ ଥିଲା ଆତ୍ମିକ-ଆହ୍ୱାନ, ପ୍ରେରଣାର ସମ୍ମୋହନ ।

ସମ୍ବାଦପତ୍ର ଠାରୁ ଆହୁରି ପାଦେ ଆଗେଇଗଲା ଦୂରଦର୍ଶନ । ଏହା ଜନମାନସରେ ଦୃଶ୍ୟାବଳୀରେ ପ୍ରଦର୍ଶିତ କଲା ନାଟକର ମହାନାୟକ, ନାୟକ ଓ

Digitized by srujanika@gmail.com

ଖଳନାୟକମାନଙ୍କୁ । ରଙ୍ଗମଞ୍ଚରେ ପ୍ରମୁଖ ଭୂମିକାରେ ଥିଲେ ଜା.ବ. ପଟ୍ଟନାୟକ, ପ୍ରଖ୍ୟାତ ପତ୍ରକାର ଏମ୍.ଜେ. ଆକବରଙ୍କ ଏକ ଟେଲିଭିଜନ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ଆତଙ୍କ ଜନକ ଭାବେ ଦୁର୍ଗରୁ ଖସି ପଡ଼ିଲେ ଏବଂ ତାଙ୍କ ପ୍ରଦତ୍ତ ବକ୍ତବ୍ୟକୁ ପରେ ସାଧାରଣ ସଭାରେ ଅସ୍ୱୀକାର କରି କହିଲେ 'ମନଗଢ଼ା, କପୋଳକଳ୍ପିତ', ଏହାପରେ ଜା.ବ. ନିଜକୁ ବିଧାନସଭାରେ ଆହୁରି ଲଙ୍ଗଳା କରିପକାଇଲେ । ସେ କହିଲେ ଯେ ପଶ୍ଚିମ ଓଡ଼ିଶାର କିଛି ପ୍ରାନ୍ତରେ ପିଲା ବିକ୍ରି ହେବା ଏକ ପରମ୍ପରା !

ସମ୍ବାଦପତ୍ରର ଏ ଅଭିଯାନର ଏକ ଫଳଶ୍ରୁତି ଓ ପ୍ରଭାବ ରହିଲା । ଏହା ଦୁଇଜଣ ପ୍ରଧାନମନ୍ତ୍ରୀ, ଦୁଇଜଣ ମୁଖ୍ୟମନ୍ତ୍ରୀ ଏବଂ ଅକଳନ ମନ୍ତ୍ରୀଙ୍କୁ କଳାହାଣ୍ଡି-ନୂଆପଡ଼ା ଅଞ୍ଚଳ ଗସ୍ତ କରିବାକୁ ବାଧ କଲା କିଛି ବର୍ଷର ସମୟସୀମା ମଧ୍ୟରେ । ଏବଂ ସେ ଗସ୍ତ ଆଣିଲା ଦଦରା ରାସ୍ତାଘାଟରେ ଉନ୍ନତି, ଯୋଗାଯୋଗ ବ୍ୟବସ୍ଥାରେ ବିକାଶ ଏବଂ ରୁଗ୍ଣ ସେତୁମାନଙ୍କର ସ୍ୱାସ୍ଥ୍ୟରେ ସମୃଦ୍ଧି । ଏସବୁ ଅବହେଳିତ ବ୍ୟବସ୍ଥା ଧ୍ୟାନ ଆକର୍ଷଣ କରିଥାଏ, ଯେତେବେଳେ ଜଣେ ମହାମାନ୍ୟ ସେ ଅଞ୍ଚଳରେ ପଦାର୍ପଣ କରନ୍ତି । ଲୋକ କଲ୍ୟାଣ ଅପେକ୍ଷା ମହାମାନ୍ୟଙ୍କ କରୁଣା ପ୍ରାପ୍ତି ଯେହେତୁ ଥାଏ ରାଜନୈତିକ ବ୍ୟକ୍ତିଙ୍କ ଉଦ୍ଦେଶ୍ୟ, ତାଙ୍କ ଆଗରେ ଭଲେଇ ହେବା ସ୍ୱଭାବତଃ ହୋଇପଡ଼ିଥାଏ ଅଭ୍ୟାସ । କଳାହାଣ୍ଡି-ନୂଆପଡ଼ା କ୍ଷେତ୍ରରେ ତାହା ହିଁ ଘଟିଲା । ଏତେ ପ୍ରଚାର, ପରିଦର୍ଶନ, ପୁଞ୍ଜି ଲଗାଣ ସତ୍ତ୍ୱେ ସେ ଅଞ୍ଚଳର ଅବସ୍ଥା ଏବେ ବି ରହିଛି ଅପରିବର୍ତ୍ତିତ ।

ଏହି ଗଣମାଧ୍ୟମର ଅଭିଯାନ ଆଣିଲା ବିକାଶ ପାଇଁ ପର୍ଯ୍ୟାପ୍ତ ପାଣ୍ଠି । ଅଗଣିତ ପ୍ରୋଜେକ୍ଟ ହେଲା ଘୋଷିତ । କେବଳ କଳାହାଣ୍ଡି ପାଇଁ । ଯଦିଓ ଦାରିଦ୍ର୍ୟ କେବଳ ଏହି ଅଞ୍ଚଳରେ ଏକଚାଟିଆ ସାମ୍ରାଜ୍ୟ ବିସ୍ତାର କରିନାହିଁ, ଅନ୍ୟତ୍ର ରହିଛି । ବିକାଶକୁ ସିଡ଼ି ପକେଇ ସ୍ୱର୍ଗମୁଖୀ କରିନେବାକୁ ଓ କଳାହାଣ୍ଡିକୁ ଘିଅ ମହୁରେ ଭସାଇ ଦେବାକୁ ସେଠାରେ ପଦାର୍ପଣ କଲେ ଆନ୍ତର୍ଜାତୀୟ ପୁଞ୍ଜି ଉପରେ ଭାସମାନ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ।

ସେ ଥିଲା ଗଣମାଧ୍ୟମ ପାଇଁ ଗର୍ବିତ ମୁହୂର୍ତ୍ତ । ପନ୍ଦର ବର୍ଷ ବିତିଗଲା ପରେ ସେ ମହାନାଟକର ଅଭିନେତା ଅଭିନେତ୍ରୀ ଏବଂ ମୁଖ୍ୟ ନାୟକ, ନାୟିକାଙ୍କ ଅବସ୍ଥା ରହିଛି ଅପରିବର୍ତ୍ତିତ, ବରଂ ହୋଇଛି ଶୋଚନୀୟ ।

ଗୋଟିଏ ଭୂଇଁ ଦୁଇଫାଳ ହୋଇଯାଇଛି—କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା । ଯେଉଁ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ନାଭି ଛେଦନ ହେଲା ସେହି ବିଜୁ ପଟ୍ଟନାୟକ

Digitized by srujanika@gmail.com

ଆଉ ଇହଧାମରେ ନାହାନ୍ତି କିମ୍ବା ତାଙ୍କ ଜୀବିତାବସ୍ଥାରେ ସେପରି କୌଣସି ଆଖିଦୃଶିଆ ପରିବର୍ତ୍ତନ ଆସିନଥିଲା ଚିର କଳା ଓ କଳଙ୍କିତ କଳାହାଣ୍ଡି ମାଟିରେ । ଏବଂ ଯେଉଁ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭଙ୍କ କାଳରେ ନାଟକର ହେଲା ଅଯମାରମ୍ଭ ସେ ମଧ୍ୟ ଆଉଥରେ ସେ ପଦବୀ ଓ ସିଂହାସନରେ ବସି ଓଡ଼ିଶାକୁ ରଣଯନ୍ତାରେ ପକାଇ ଏବେ କ୍ଷମତା ବାହାରେ ହାଉଁମାଉଁ ହେଉଛନ୍ତି ।

ଫାନ୍‌ସ ପୁଞ୍ଜି ଏବେ ସେଇ ଅମଲାପାଲିର ମାଟି କାମୁଡ଼ି ପଡ଼ିରହିଛି ଏବଂ ତା'ର ପରିତ୍ୟକ୍ତ, ଦାରିଦ୍ର୍ୟ-ପୀଡ଼ିତ ଜୀବନରେ ସେ ଧାପେ ଧାପେ ନଯାଇ ବେଗବାନ ଗତିରେ ବାର୍ଦ୍ଧକ୍ୟକୁ ଆମନ୍ତ୍ରି ଆଣିଛି ଦେହ ଉପରେ । ତା'ର ଅକ୍ଷିତ ପିଲା ଦୁଇଟି ଯୌବନରେ ପଦାର୍ପଣ କରିଛନ୍ତି ଏବଂ ବିକ୍ରି ହୋଇଥିବା ନଣନ୍ଦ ବନୀତା ଜନ୍ମ ଦେଇଛି ତିନୋଟି ସନ୍ତାନ ବିଦ୍ୟା ପୋଡ଼ର ଔରସରୁ । ସେ ରହେ ବଲାଙ୍ଗୀର ଜିଲ୍ଲାର ବଡ଼ତୁଣ୍ଡା ଗ୍ରାମରେ । ସେମାନଙ୍କୁ ମୁଁ ୧୯୯୪ରେ ଭେଟିଥିବା ବେଳେ ମୋ ସହିତ ଥିଲେ ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀ, ଯିଏ ପ୍ରଥମେ ଉଦ୍‌ଘାଟିତ କଲେ ମୂଳ କାହାଣୀ –ଝିଅ ବିକ୍ରିର ବିମର୍ଷକର ଘଟଣା । କଳାହାଣ୍ଡିର ଦାରିଦ୍ର୍ୟକୁ ଲୋକ ଲୋଚନକୁ ଆଣିବାରେ ତାଙ୍କ ଭୂମିକା ଅପ୍ରତିଦ୍ୱନ୍ଦ୍ୱୀ ଓ ପଟାନ୍ତରହୀନ ।

ଫାନ୍‌ସ ଏବେ ଗୋଟିଏ ଅଙ୍ଗନବାଡ଼ିର କର୍ମୀ । ସେ ବୋହୂ ହୋଇ ସେ ଗାଁକୁ ଆସିବା ବେଳେ ତା'ର ଶ୍ୱଶୁର ଘରର ଯେତେ ଜମି ଥିଲା ସେଥିରୁ ଅନେକ ସେ ଏବେ ହରାଇସାରିଛି ସାହୁକାର ପାଖରେ । ଅବଶ୍ୟ ତାକୁ ଛାଡ଼ି ପଳାଇ ଯାଇଥିବା ତା'ର ସ୍ୱାମୀ ଏବେ ଫେରି ଆସିଛି । ମାତ୍ର ବର୍ଷର ଅଧିକାଂଶ ସମୟ ସେ ନିକମା ବସିରହେ ପୂର୍ବପରି ।

ଫାନ୍‌ସ ଠାରୁ ବନୀତା ଓ ବିଦ୍ୟା ପୋଡ଼ର ଅବସ୍ଥା ସ୍ୱଚ୍ଛଳ ନୁହେଁ । ବନୀତା ମଧ୍ୟ ଏକ ଅଙ୍ଗନବାଡ଼ି କର୍ମୀ । ସେଠାରେ ରୋଷାଇ କରେ । ଶତାବ୍ଦୀ ଶେଷ ବେଳକୁ ତା'ର ବୟସ ସତେଇଶ ଥିଲା । ତା'ର ତିନି ରୋଗିଣା, ଅପୁଷ୍ଟି ପୀଡ଼ିତ ସନ୍ତାନଙ୍କ ସ୍ୱାସ୍ଥ୍ୟରୁ ଜଣାପଡ଼ିଯାଏ ଅଙ୍ଗନବାଡ଼ିର ସ୍ୱାସ୍ଥ୍ୟ ଓ ସକ୍ରିୟତା । ଦରମା ଭାବେ ଫାନ୍‌ସ ଓ ବନୀତା ମାସିକ ପାଉଥିଲେ ଶହେ ଟଙ୍କା । ଏବେ ପରିବର୍ଦ୍ଧିତ ହୋଇ ସେତକ ପହଞ୍ଚିଛି ୨୧୦ ଟଙ୍କାରେ । ସରକାରୀ ସର୍ବନିମ୍ନ ମଜୁରିରେ ଦୈନିକ କାମ ମିଳୁଥିଲେ ଯାହା ଅର୍ଜିଥାନ୍ତା, ଏବେ ମିଳୁଛି ତା'ର ଏକ-ଷଷ୍ଠାଂଶ । ବନୀତାର ସ୍ୱାମୀ ବିଦ୍ୟା ପ୍ରାୟତଃ ଅନ୍ଧ–ଅସ୍ପଷ୍ଟ ଭାବେ ଦେଖିପାରେ । ସୁତରାଂ ଭାଉଜ, ନଣନ୍ଦଙ୍କୁ ପୋଷିବାକୁ ପଡ଼େ ସେହି ମିତ ଉପାର୍ଜନରେ ନିଜ ନିଜର ଗେରସ୍ତ । ଏବଂ ଉପାର୍ଜିତ ଅର୍ଥରେ ସମୁଦାୟ ପରିବାର ଚଳାଇବା ହୋଇପଡ଼େ ଦୁଷ୍କର ଓ ଦୁର୍ବିସହ ।

Digitized by srujanika@gmail.com

୧୯୮୫ରେ ଝିଅ ବିକ୍ରି କାହାଣୀର ଉପୋଦ୍‌ଘାତ ଠାରୁ ଆଜିଯାଏ ବିଦ୍ୟା ପୋଢ଼ ସହ କୌଣସି ସାମ୍ବାଦିକ କେବେ କଥାବାର୍ତ୍ତା କରିନାହାନ୍ତି । ତାହା ହୋଇଥିଲେ ହୁଏତ ଘଟଣାର ଗୁରୁତ୍ୱ ମିଳେଇ ଯାଇଥାନ୍ତା । ସୁତରାଂ କାହାଣୀକୁ ମାନବବାଦୀ କରିବା ଅର୍ଥ କାହାକୁ ଗୋଟେ ଦାନବୀୟ କରି ରଖିବାକୁ ହେବ । ବିଦ୍ୟା ପୋଢ଼ ଥିଲା ସେଥିପାଇଁ ଏକ ଉପଯୁକ୍ତ ଚରିତ୍ର ଓ ସହଜ ଉପଲକ୍ଷ୍ୟ । ତା' ବିରୁଦ୍ଧରେ ଯାହାକିଛି ଲେଖାହେଲେ ବି ସେ ତ ଆଉ ତାକୁ ପଢ଼ିବାକୁ ଯାଉନି, ତେଣୁ ମନଇଚ୍ଛା ଯାହା ଲେଖିବା ମଧ୍ୟ ଆପାତଃ ନିରାପଦ । ତେଣୁ କିଛି ରିପୋର୍ଟରେ ତା'ର ପରିଚୟ ଥିଲା 'ଅନ୍ଧ ବୃଦ୍ଧଲୋକ' ଯିଏ ୪୦ ଟଙ୍କାରେ 'ବନୀତାକୁ କିଣି' ତାକୁ ନିଷ୍ଠୁର ଭାବେ ଶୋଷଣ କରୁଛି । ଆଉ ଏକ କାହାଣୀରେ ଥିଲା 'ଅନ୍ଧ ଗଉଁତିଆ' ଏବଂ ଆଉ ଗୋଟିଏରେ 'ନିଜର ଯୌନ ପିପାସା ମେଣ୍ଟାଇ ବନୀତାକୁ ସେ ଫୋପାଡ଼ି ଦେଇଛି ।'

କିନ୍ତୁ କେହି ସେ 'ଅନ୍ଧ ଜମିଦାର' ଓ 'କାମୁକ ଶୋଷକ'କୁ ଥରୁଟିଏ ଭେଟି କଥାବାର୍ତ୍ତା କରିବାକୁ ଉଚିତ ମଣିନଥିଲେ । ବାସ୍ତବତା ହେଉଛି ବିଦ୍ୟା ପୋଢ଼ ଥିଲା ସଂପୂର୍ଣ୍ଣ ଭୂମିହୀନ; ଏପରିକି ତା'ର ଘରଡ଼ିହ ଖଣ୍ଡେ ନଥିଲା । ମୁଣ୍ଡ ଉପରେ ତାକୁ ଖଣ୍ଡେ ଚାଳ ଯୋଗାଇ ଦେଇଥିଲେ ତା'ର ମାମୁଁ । ଏବଂ କାହାଣୀଟିର ଆଦ୍ୟ ଉପୋଦ୍‌ଘାତ ବେଳେ, ୧୯୮୫ରେ, ତା'ର ବୟସ ଥିଲା ୨୩ । ଅବଶ୍ୟ ଦୃଷ୍ଟିଶକ୍ତି ଥିଲା କ୍ଷୀଣ, ସେ ଲୋକ ଚିହ୍ନି ପାରୁଥିଲା ।

କପିଳ ନାରାୟଣ ତିୱାରୀ କୌଣସିମତେ ବଦଳି ନଥିଲେ । ସେପରି ହୋଇଥିଲେ ଅବଶୋଷ ଓ ଗ୍ଲାନି ଆସିଥାନ୍ତା । ନିଜକୁ 'ଦାରିଦ୍ର୍ୟ ସୀମାରେଖାର ତଳେ ଥିବା ଜଣେ ପୂର୍ବତନ ବିଧାୟକ' ରୂପେ ପରିଚିତ କରାଉଥିବା ସେହି ବିଦ୍ରୋହୀ ବ୍ୟକ୍ତିତ୍ୱ ସର୍ବଦା ସଚେତନ ଓ ସକ୍ରିୟ ଥିଲେ କଳାହାଣ୍ଡିର ଘଟଣା ପ୍ରବାହ ସଂପର୍କରେ । ସେ ଏବେ ବି ଅନ୍ୟାୟ, ଦୁର୍ନୀତି ବିରୁଦ୍ଧରେ ଜାରି ରଖିଛନ୍ତି ତାଙ୍କର ସାଲିସ୍‌ହୀନ ସଂଗ୍ରାମ । ସେ ଏକ ଅନମନୀୟ, ସ୍ୱାଧୀନଚେତା, ଅମାନିଆ ବ୍ୟକ୍ତିତ୍ୱ ।

ଇତିମଧ୍ୟରେ ବିତିଯାଇଛି ପନ୍ଦର ବର୍ଷରୁ ଅଧିକ ସମୟ । କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀରରେ ମରୁଡ଼ି ତା'ର ସାମ୍ରାଜ୍ୟ ଓ ସିଂହାସନକୁ ଅପ୍ରତିହତ ରଖିଛି । ନୂଆ ଶତାବ୍ଦୀର ସନ୍ଧିକ୍ଷଣରେ ତା'ର ସାମ୍ରାଜ୍ୟ ହୋଇଛି ବରଂ ଅଧିକ ବିସ୍ତାରିତ ଓ ବିଭତ୍ସ । ଅନାହାର ମୃତ୍ୟୁ ବ୍ୟାପିଛି କୋରାପୁଟ ଓ କାଶୀପୁର ଇଲାକା ଯାଏ । ଆତୁର ମଣିଷ ଦେଶାନ୍ତରୀ ହୋଇଛି-କେଉଁଠି ରାୟପୁରରେ ରିକ୍ସା ଟାଣିବାକୁ କି ଆନ୍ଧ୍ରର କେଉଁ ଇଟାଭାଟିରେ ରକ୍ତକୁ ପାଣିକରି ନିଗାଡ଼ିବାକୁ । ଭୋକିଲା, ଭୂମିହୀନର ପଟୁଆର ଲମ୍ବି ଚାଲିଛି । ଲମ୍ବି ଚାଲିଛି ବେକାରୀ, ବେରୋଜଗାରୀ, ଶୋଷିତ ଓ ଲୁଣ୍ଠିତର ଧାଉଡ଼ି ।

Digitized by srujanika@gmail.com

ଭୋକର ଦାଉରେ ଦିନେ ଟେକି ଦିଆଯାଇଥିଲା ବନୀତାକୁ ଗୋଟେ ଦୁର୍ବଳ-ଦୃଷ୍ଟିଶକ୍ତିର ମଣିଷ ହାତରେ । ଏବେ ସେ ନିଆଁରେ ଆଉଟି ହୋଇ ରାୟପୁରର ବେଶ୍ୟାଳୟ, ବମ୍ବେର କଞ୍ଚାମାଂସର ବିପଣୀକୁ ଯାଉଛନ୍ତି କୁଆଁରୀ କିଶୋରୀମାନେ । କଳାହାଣ୍ଡିର ଶହେ-ଏକରିଆ ଜମି ମାଲିକଙ୍କ ସଂଖ୍ୟାରେ କୌଣସି ପରିବର୍ତ୍ତନ ଘଟିନାହିଁ, ବରଂ ସେ ସଂଖ୍ୟା ବଢ଼ିଛି । ବିଶ୍ୱର ଫାନ୍ସ ପୁଞ୍ଜିମାନେ ଭୋକ ଦାଉରେ ଯେଉଁ ଜମି ବନ୍ଧକୀ ଦେଇଥିଲେ ସାହୁକାରକୁ, ହୁଏତ ସେମାନଙ୍କ ସଂଖ୍ୟା କମିଛି, କାରଣ ସମ୍ବାଦପତ୍ରରେ ସେପରି ସ୍ତରର ସାହୁକାରଙ୍କ ବିରୋଧରେ ପ୍ରଚାର ସେମାନଙ୍କ ଋଣ ଲଗାଣ ବେପାରକୁ ଖୋଲା ନରଖି ହୁଏତ ଗୁପ୍ତ କରି ପକାଇଛି । ସେମାନେ ଅନ୍ୟ ଅନେକ ପନ୍ଥା ଓ ସୂତ୍ରର ସଂଧାନ ନେଇଛନ୍ତି । ଶକ୍ତିଶାଳୀମାନେ ଅଧିକତର ଭାବେ ଲୁଣ୍ଠନ କରିଛନ୍ତି ଜଙ୍ଗଲ, ଦରିଦ୍ରର ଭାତରନ୍ଧା ପାଇଁ ଜାଳକାଠ କମିଛି । ମାଟିରେ ଫୁଟିନାହିଁ ଫସଲ । ଦେହରେ ଲୋଟିନାହିଁ ଯୌବନ । ବରଂ ମ୍ୟାଲେରିଆ, ଅପୁଷ୍ଟି ଓ ଅନାହାରରେ ମରୁଛନ୍ତି ଅଧିକ ମଣିଷ ।

କଳାହାଣ୍ଡିକୁ ସମୃଦ୍ଧ କରିବାକୁ ଆସିଥିବା ପ୍ରକଳ୍ପମାନଙ୍କରେ ଆସିଛି ପରିବର୍ତ୍ତନ । କେବଳ ନାମ ଓ ସଂଖ୍ୟାରେ । କାର୍ଯ୍ୟତଃ ସେମାନେ ରହିଛନ୍ତି ଅପରିବର୍ତ୍ତିତ ଅର୍ଥାତ୍ ପୂର୍ବବତ୍ । ଜନ ସମର୍ଥନ କି ଆଦର ନପାଇ ସେସବୁ ଅକାମୀ ହୋଇ ରହିଛି । ବେଳେବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତିବଦ୍ଧ ଅନୁକୂଳ ପଦକ୍ଷେପ ଗୃହୀତ ହୋଇ ପୁଣି ସେଥିରେ ବହିଛି ଓଲଟା ଉଜାଣି ।

କଳାହାଣ୍ଡିର କଳଙ୍କ ଦୂର କରିବା ପାଇଁ ଆସିଥିବା ବିଦେଶୀ ପୁଞ୍ଜି ପ୍ରାପ୍ତ ମାଳ ମାଳ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଜେ କଳଙ୍କିତ ହୋଇ ଯାଇଛନ୍ତି । ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କର ଗାଡ଼ିମଟର, କୋଠାବାଡ଼ି ସଂଖ୍ୟା ବଢ଼ିଛି । ମାତ୍ର କଳାହାଣ୍ଡି ଓ ନୂଆପଡ଼ାର ଭାଗ୍ୟାକାଶରେ ସମୃଦ୍ଧିର ସୂର୍ଯ୍ୟୋଦୟ କେବେ ଘଟିନାହିଁ । ଯେପରି ଘଟିବାର ହିଁ ନାହିଁ ।

ବିଶିଷ୍ଟ ସମାଜବାଦୀ ନେତା କିଶନ ପଟ୍ଟନାୟକ ଓ ପ୍ରତିବଦ୍ଧ ଜନନେତା କପିଳ ତିୱାରୀ ମିଶି କଳାହାଣ୍ଡିର ଦାରିଦ୍ର୍ୟ ଉପରେ ସୁପ୍ରିମ୍ କୋର୍ଟରେ ଦାଖଲ କରିଥିବା ମୋକଦ୍ଦମାରେ ହାରି ଯାଇଛନ୍ତି । କାରଣ ସେତେବେଳେ ଜା.ବ. ପଟ୍ଟନାୟକ ଥିଲେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଦୟାରେ ପରେ ରାଜ୍ୟସଭାକୁ ମନୋନୀତ ରଙ୍ଗନାଥ ମିଶ୍ର ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ପଦବୀରୁ ଅବସର ନେଇଥିଲେ ବି ସେଠାରେ ତାଙ୍କର ପ୍ରଭାବର ଆସର ଥିଲା ବଳବତ୍ତର । ମୋକଦ୍ଦମାରେ ଜିଣିବାକୁ ବହୁ ଆଶା ବାନ୍ଧିଥିବା କପିଳ ନାରାୟଣ ତିୱାରୀ (ଏବଂ ସ୍ୱାଭାବିକ ଭାବେ ସେ ଜିତିବା ପାଇଁ

Digitized by srujanika@gmail.com

ତାଙ୍କ ଆବେଦନରେ ଥିଲା ଅନେକ ବଳିଷ୍ଠ ଯୁକ୍ତି) ଶୁଣାଣି ପ୍ରକାଶ ପରେ ଅନେକ ମାସ ଧରି ପାଗଳ ପ୍ରାୟ ରାସ୍ତାଘାଟରେ ବୁଲିଥିଲେ । ତାଙ୍କ କ୍ରୋଧର ଘଟିଥିଲା ଚରମ ବିସ୍ଫୋରଣ ।

ମାତ୍ର କଳାହାଣ୍ଡିର ଭାଗ୍ୟ ଫରୁଆ ଫିଟିଲା ନାହିଁ । ବୁଢ଼ୀ ଅସୁରୁଣୀ ହାତରେ ସାତତାଳ ପଙ୍କ ତଳେ ବନ୍ଦିନୀ ହୋଇ ରହିଲା ରାଜକୁମାରୀ ଫରୁଆ ଭିତରେ ଭଅଁରଟିଏ ହୋଇ । ତାକୁ ସେଠାରୁ ମୁକ୍ତ କରିବାକୁ କେହି ରାଜକୁମାର ମିଳିନଥିଲେ । ଏବେ ବି ନାହାନ୍ତି ।

'ଝିଅଟିଏ ବିକ୍ରି ହୋଇଗଲା' କାହାଣୀଟି ଅର୍ଦ୍ଧ ଅଭିନୀତ ହୋଇ ଅଧୁରା ରହିଗଲା ରଙ୍ଗମଞ୍ଚରେ । କାରଣ ସେତେବେଳେ ସେ ଥିଲା ଆମର କିଛିତ ମୂଲ୍ୟବୋଧ ଭିତ୍ତିକ ସମାଜ ପାଇଁ ଏକ ଅସ୍ୱାଭାବିକ କାହାଣୀ । ଏବେ ସଂପୂର୍ଣ୍ଣ ଉକୁଡ଼ା ମୂଲ୍ୟବୋଧର ଖାଁ ଖାଁ ଫଟା କିଆରୀରେ ନିତିପ୍ରତି ଝିଅମାନେ ବିକ୍ରି ହେଉଛନ୍ତି । ବମ୍ବେ ଓ ରାୟପୁରର କଞ୍ଚାମାଂସର ବିପଣୀରେ ସେମାନଙ୍କ ମୂଲ୍ୟ ବନୀତା ଠାରୁ କିଛିତ ଅଧିକ ମାତ୍ର ।

ପନ୍ଦର ବର୍ଷ ତଳେ ଯେଉଁ କାହାଣୀ କଳାହାଣ୍ଡି ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଏବେ ପ୍ରଶ୍ନ ହେଉଛି କଳାହାଣ୍ଡିର କେଉଁଟି ସେମାନଙ୍କ ଦୃଷ୍ଟିକୁ ଧରି ରଖିଲା ?

❖❖❖

Digitized by srujanika@gmail.com

ମରୁଡ଼ିର ମାନଚିତ୍ରରେ ଝିଅ ବିକ୍ରିର ଅକ୍ଷାଂଶ : ଦ୍ରାଘିମା

ଇଥୋପିଆ ଭଳି କଳାହାଣ୍ଡି ହେଲା ଦାରିଦ୍ର୍ୟର ଏକ ପ୍ରତିଶବ୍ଦ, ଶୋଷଣ ଓ କଷଣର ପରିଭାଷା ।

ପିଲା ବିକ୍ରି, ଅନାହାର ମୃତ୍ୟୁ, ବେଶ୍ୟାବୃତ୍ତିର ଭୟାନକ ନାଟକ ବାରମ୍ବାର ଅଭିନୀତ ହୋଇଗଲା ସେ ଭୂଇଁରେ । ନାଟକର ଦୃଶ୍ୟପଟରେ ଯଦିଓ ନୂଆ ନୂଆ ଚରିତ୍ର, ନାୟକ, ଖଳନାୟକ, ବିଦୂଷକମାନେ ଆସିଲେ ଏବଂ ନାଟକର ଶେଷ ଭାଗରେ ପୁଣି ଯୋଡ଼ା ହେଲା କିଛି ଅଙ୍କ ଓ ଦୃଶ୍ୟ : ତଥାପି କଥାବସ୍ତୁ ରହିଲା ସମାନ ଓ ଅପରିବର୍ତ୍ତିତ ।

ସେଥିରେ ମୁଖ୍ୟ ନାୟିକା ଫାନ୍‌ସ ପୁଞ୍ଜିର ସଂଳାପ ବଡ଼ ମାର୍ମିକ : "ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆସିଲେ । ହେଲେ ମୋ ପୋଡ଼ା କପାଳରେ କିଛି ନାଏଁ ବଦଳିଲା । କେତେନି କେତେ ଲୋକ୍ ସରକାରୀ ଋଣ୍ ପାଇବାର । ହେଲେ ମୁଇଁ କିଛି ନାଇଁ ପାଇଲି । ମୋ ଛୁଆ ହୀନିମାନ ଭୋଗିଲେ । ଖାଲି ତମର ମିତାର ବାବୁଭାୟା ଆସିକରି ମୋର ବେଢାଏ ଫଟୁ ତୋଳିଲେ । ସିଏ ବି କାହିଁ ଛପା ହେଲା, କ'ଣ କ'ଣ ସବୁ ନେଖିଲେ ମୁଇଁ କିଛି ନାଇଁ ଦେଖି ବାବୁ ।"

ଫାନ୍‌ସ ଓ ବନୀତା ଉପରେ ୧୯୮୫ରେ ରାଷ୍ଟ୍ରବ୍ୟାପୀ ଗଣମାଧ୍ୟମରେ ସଂଘଟିତ ପ୍ରଚ୍ଛଦ କାହାଣୀମାନ ପ୍ରମାଣିତ କଲା – ଦାରିଦ୍ର୍ୟ ଦାଉରେ ବିକ୍ରି ହୋଇଯାଇଛି କିଶୋରୀ କନ୍ୟାଟିଏ । ତାହା ଜାଗ୍ରତ କଲା ରାଷ୍ଟ୍ରର ଚେତନା ଏବଂ କଳାହାଣ୍ଡିକୁ ଛୁଟିଲା ରିଲିଫ୍ ଧାର । ସେଥିରୁ କିଏ ଫାଇଦା ମାରିନେଲା ସେକଥା ଚିନ୍ତା କରନ୍ତୁ ନାହିଁ । ଶୁଖିଲା ଖାଁ ଖାଁ ମାଟିରେ ଯେକୌଣସି ଧାର ଶୁଖିଯିବ । ଏହାକୁ ସ୍ୱାଭାବିକ ଭାବି ମନରେ କିଛି ଧରନ୍ତୁ ନାହିଁ । ତେବେ ଝିଅ ବିକ୍ରି ଉପାଖ୍ୟାନ ଦୁଇପଟ ଧାରୁଆ ତରବାରୀ ଭଳି କାମ କଲା ।

ଏହାର ଥିଲା ବାସ୍ତବରେ ଗୋଟିଏ ଅନୁକୂଳ ଫଳଶ୍ରୁତି : ଗଣମାଧ୍ୟମ ପକ୍ଷରୁ ଅତ୍ୟନ୍ତ ଆନ୍ତରିକ ଓ ଶକ୍ତିଶାଳୀ ଭାବେ ଉପସ୍ଥାପିତ କରାଯାଇନଥିଲେ କାହାଣୀଟି ଯେପରି ଭାବମୟ ଓ ଶକ୍ତିଶାଳୀ ଭାବେ ସମ୍ବେଦନଶୀଳ ଆବେଦନ ଜାଗ୍ରତ କଲା,

Digitized by srujanika@gmail.com

ସେପରି ହୋଇନଥାନ୍ତା । ଏବଂ କଳାହାଣ୍ଡି ଯେପରି ଅସ୍ୱାଭାବିକ ଭାବେ ଆକର୍ଷିତ କଲା ଧ୍ୟାନ, ଦରଦ ଓ ଅନ୍ନଛତ୍ର – ସେପରି ମଧ୍ୟ ଘଟିନଥାନ୍ତା । ସେହି ଏକ ସମୟରେ, ଘଟଣା ଉପରେ ଆଲୋକପାତ ଏବଂ ମଣିଷ ବିକ୍ରିର ସତ୍ୟତା ନେଇ ପରବର୍ତ୍ତୀ ବିତର୍କ – ମରୁଡ଼ି ଓ ଜଳକଷ୍ଟ – ଏହା ଆଡ଼େ ପ୍ରଧାବିତ ଗୁରୁତ୍ୱପୂର୍ଣ୍ଣ ଧାରାମାନଙ୍କୁ ଅନାଲୋଚିତ ରଖିଦେଲା ।

ନିଶ୍ଚିତ ରୂପେ ଝିଅ ବିକ୍ରି ଘଟଣାର ପ୍ରସାରଣ ଥିଲା ମରୁଡ଼ି ଓ ଦାରିଦ୍ର୍ୟ ସଂପର୍କିତ, ମାତ୍ର ଯେତେ ମାର୍ମିକ ଭାବରେ ଜଳକଷ୍ଟ ଓ ଦୁସ୍ଥିତି ପ୍ରକାଶିତ ହେବାର ଥିଲା, ସେତକ ହେଲାନାହିଁ । ଅର୍ଥାତ୍ ଯେଉଁ କାରଣରୁ ଏପରି ଘଟଣା, ସେ କାରଣ କମ୍ ସ୍ଥାନ ଦଖଲ କଲା । ଏବଂ ବାରମ୍ବାର ସେହି ବିକ୍ରି ଘଟଣାକୁ ଚର୍ବିତ ଚର୍ବଣ ଘଷରା ରୂପରେ ଉପସ୍ଥାପିତ କରାଗଲା । କେନ୍ଦ୍ରିତ ହେଲା 'ବିକ୍ରି' ଏବଂ ରାଜନୈତିକ ଭାବେ ମଧ୍ୟ ହେଲା ଧ୍ୟାନର କେନ୍ଦ୍ରବିନ୍ଦୁ ।

ବିକ୍ରି ହେଲାବେଳେ ଚଉଦ ବର୍ଷର କିଶୋରୀଟିଏ ବନୀତା ଏବେ ତିନୋଟି ସନ୍ତାନର ଜନନୀ ଏବଂ 'ବିକ୍ରି'ର ପରିଭାଷା ବାହାରେ ସେ ଘଟଣାକୁ ଭିନ୍ନ ଦୃଷ୍ଟିରେ ଦେଖେ । ଭୂମିହୀନ, କର୍ମକୁଣ୍ଠ ବିଦ୍ୟା ପୋଢ଼ ସହିତ ତା'ର ସଂସାରର କଦର୍ଥନା ଫାନ୍ସ ପୁଞ୍ଜି ଠାରୁ ଅଧିକ ତୀବ୍ର । "ମୋର ଭାଉଜ ମୋର କିଛୁ ଜମି ବେଚିଦେଲା ।" – କହେ ବନୀତା । "ତା'ର ମନରେ ଥିଲା ମୁଇଁ କେନ୍ତା ଘରୁ ବାହାରି ଯିମିଁ । ଜମି ବେଚ୍‌ବାର ଲାଗି ତା'ର କଣ୍ଟା ହଟିଯିବା ।" ଫାନ୍ସକୁ ପରିତ୍ୟାଗ କରିବା ସହିତ ଦୁଇବର୍ଷ ଯାଏ ତା'ର ସ୍ୱାମୀ ନିଜ ଭିଟାଗ୍ରାମକୁ ମଧ୍ୟ ପରିତ୍ୟାଗ କରିଥିଲା । ସେ ପୁଣି ଫେରିବାର କୌଣସି ସମ୍ଭାବନା ନଥିଲା । ବନୀତା ଥିଲା ପୈତୃକ ସଂପତ୍ତିରେ ଅନ୍ୟତମ ଉତ୍ତରାଧିକାରିଣୀ । ନିର୍ବିବାଦରେ ନିର୍ବୋଧ ବିଦ୍ୟା ପୋଢ଼ ସହିତ ନଣନ୍ଦକୁ ଛନ୍ଦି ଦେଲେ ଫାନ୍ସ ସହଜରେ ହୋଇପାରିବ ସବୁ ଜମିର ମାଲିକାଣୀ । ମାଲିକାଣୀ ସତ୍ତ୍ୱର ଲୋଭ ଯେତେ ନୁହେଁ; ଅନିଶ୍ଚିତ ଭବିଷ୍ୟତ ଏବଂ ଅସହାୟତା ଅଧିକ ମାତ୍ରାରେ ଫାନ୍ସକୁ କରିଥିଲା ଆକ୍ରାନ୍ତ । ସଂସାରକୁ ଆସିଥିବା ପିଲା ଦୁହିଁଙ୍କୁ ବଞ୍ଚାଇ ରଖିବାକୁ ହେବ । ମୁଣ୍ଡ ଉପରେ ଚାଳଟିକୁ ସଜାଡ଼ିବାକୁ ହେବ, ପେଟ ପାଇଁ ଦାନା ସାଉଣ୍ଟିବାକୁ ପଡ଼ିବ । ଏବଂ ଏକ ନମନୀୟ ବୟସରେ ସେତେବେଳେ ବନୀତାର ପ୍ରତିବାଦ କରିବାର ବୁଦ୍ଧି କି ସାମର୍ଥ୍ୟ ନଥିଲା । କିନ୍ତୁ ଏବେ ସେ ବୁଝୁଛି ତା'ର ନିର୍ବୋଧ ପଣିଆ । ତାହା ହିଁ ଏବେ ତା'ର ମୂଳ ଚିନ୍ତାର କାରଣ । ଏହା ବି ସ୍ୱାଭାବିକ ଏକ ମାନସିକତା – ଭରା ସଂସାର, ଅକର୍ମଣ୍ୟ ସ୍ୱାମୀ ଓ ଭୂମିହୀନ ପରିସ୍ଥିତି କ୍ଷେତ୍ରରେ ।

ବନୀତାର ଅଧିକାଂଶ ପୈତୃକ ସମ୍ପତ୍ତି ବର୍ତ୍ତମାନ ସାଉକାର ପାଖରେ ରହିଛି । "ଋଣ ଦାଉରେ ଜମି ହାତଛଡ଼ା ହେବାରେ ଅମଲାପାଲି ହେଉଛି ଏକ ସମୁଜ୍ଜ୍ୱଳ

Digitized by srujanika@gmail.com

ଦୃଷ୍ଟାନ୍ତ ।'' —କହନ୍ତି 'ବିକଳ୍ପ' ସଂଗଠନର ଡଃ ଏସ୍.କେ. ପଟ୍ଟନାୟକ । ଫାନ୍ସ ଓ ତା'ର ପରିବାର ସେ ଯନ୍ତାରେ ପଡ଼ିଛନ୍ତି ।

ସେ ସମୟର ପ୍ରକାଶିତ ସମ୍ବାଦର ମର୍ମ ଅନୁଯାୟୀ ବିଦ୍ୟା ପୋଢ଼ କିଣିବା ପରେ ବନୀତାକୁ ପରିତ୍ୟାଗ କରିନଥିଲା । ମାତ୍ର ନିଜ କଳିହୁଡ଼ି ଶାଶୂର ଗଞ୍ଜଣାରେ ଅତିଷ୍ଠ ହୋଇ ବନୀତା ଘର ଛାଡ଼ି ଚାଲିଯାଇଥିଲା । ଆଉ କେଉଁଠାକୁ ନୁହେଁ, ନିଜର ଭାଉଜ ଫାନ୍ସ ପାଖକୁ—ଯିଏ ତାକୁ ବିକ୍ରି କରିଦେଇଥିବାର ଦୁର୍ନାମରେ ଦେଶବ୍ୟାପୀ ହୋଇସାରିଥିଲା ଚର୍ଚ୍ଚିତ । ବିଦ୍ୟା ଯାଇ ବନୀତା ପାଖରେ ନେହୁରା ହେଲା ଏବଂ ସର୍ତ୍ତ ରଖିଲା ଯେ ତା'ର ମାଆ ଆଉ କଟୁ ଭର୍ତ୍ସନା କରିବ ନାହିଁ ଓ ସେ ଏଣିକି ଘର ଚଳେଇବାକୁ କାମଦାମରେ ଲାଗିବ । ବିଶ୍ୱାସ ରହିଛି ଅପ୍ରତିହତ, ଯଦିଓ ପୋଢ଼ ତା'ର ଦ୍ୱିତୀୟ ସର୍ତ୍ତରେ ଠିକ୍ ବ୍ୟବହାର ଦେଖାଉଛି । ବିଦ୍ୟାର ପରିବାର ବିଧିବଦ୍ଧ ବିବାହର ସପକ୍ଷରେ ଥିଲେ ବି ଦାରିଦ୍ର୍ୟ ସେଥିପାଇଁ ସୁଯୋଗ ଦେଇନାହିଁ । ତା'ର ପରିବାର ଏ ଘଟଣାକୁ 'କିଣା ବିକା' ଭିତ୍ତିରେ ଦେଖିନାହାନ୍ତି । ଗାଁ ହେଉ ବା ସହର, ସବୁଠି ଏକ ଶାରୀରିକ ଅକ୍ଷମ ବ୍ୟକ୍ତି ପାଇଁ କନିଆଁ ମିଳିବା କଷ୍ଟକର । ତେଣୁ ତା'ର ମାମୁ ଏହି ବାସହରା ଦମ୍ପତି ପାଇଁ ଯୋଗାଇ ଦେଇଥିଲେ ଖଣ୍ଡେ ଘରଡ଼ିହ ଏବଂ କୁଡ଼ିଆଟିଏ ତୋଳିବାର ଖର୍ଚ୍ଚ ।

ଏତେ ଝଡ଼ ବହିଗଲା ଅଥଚ ଏହାର କେନ୍ଦ୍ରୀୟ ଚରିତ୍ର ବନୀତା ଏବେବି ଘଟଣାଟିକୁ ବିକ୍ରି କି କ୍ରୟ ଭିତ୍ତିରେ ଦେଖେନାହିଁ । ଫାନ୍ସ ନିଜେ ବିକ୍ରି କାହାଣୀକୁ ଶାନ୍ତ, ସହଜ ଓ ନିର୍ବିବାଦରେ ଗ୍ରହଣ କରିନେବା ପଛରେ ଥିଲା ପ୍ରଚ୍ଛନ୍ନ କାରଣ । ସେ ଜାଣିଥିଲା ଏପରିହେଲେ ତା' ଆଡ଼କୁ ସମସ୍ତଙ୍କ ସୁ-ନଜର ପଡ଼ିବ ଏବଂ ସାହାଯ୍ୟ ମିଳିବ । ସେ ବାହାର ଜଗତ ଉପରେ ଅନ୍ତତଃ ପକ୍ଷେ ଗଣମାଧ୍ୟମ ବିଷୟରେ ଖୁବ୍ ସଚେତନ ଓ କ'ଣ କହିବାକୁ ହେବ, କ'ଣ ନୁହେଁ ସେ ସଂଳାପ ଭଲକରି ଜାଣେ । ସେ ଚଟାପଟ୍ ବୁଝିନେଲା ଏ 'ବିକ୍ରି' କାହାଣୀ ତା'ର ଭାଗ୍ୟରେ ଆଣିପାରିବ ସୂର୍ଯ୍ୟୋଦୟ । ତେଣୁ ସେ ନିଜ ଉଚ୍ଚାରିତ ବକ୍ତବ୍ୟରେ ରହିଲା ଅଟଳ : 'ହଁ, ମୁଁ ତାକୁ ଚାଳିଶ ଟଙ୍କାରେ ବିକିଦେଲି ।' ଏସବୁ ସତ୍ତ୍ୱେ ଶାଶୂର ଗଞ୍ଜଣାରେ ଅତିଷ୍ଠ ହୋଇ ବନୀତା ଯେତେବେଳେ ଫେରିଆସିଥିଲା, ଫାନ୍ସ ତାକୁ ଘରକୁ ତୋଳିନେବାରେ ସାମାନ୍ୟ କୁଣ୍ଠା ପ୍ରକାଶ କରିନଥିଲା । ସେମାନେ ପ୍ରତ୍ୟେକ ନିଜକୁ ଗୋଟିଏ ପରିବାରର ଶାଖା ପ୍ରଶାଖା ରୂପେ ବିଚାରନ୍ତି । ସ୍ନେହ ଆଦରର ବନ୍ଧନକୁ ହୁଗୁଳା କରିଦିଏ ସିନା ଦାରିଦ୍ର୍ୟ; ମାତ୍ର ରକ୍ତର ଡାକ ବଡ଼ ଉଚ୍ଚାଟ, ଖୁବ୍ ଅତୁଟ ଓ ଅନ୍ତରଙ୍ଗ !

Digitized by srujanika@gmail.com

ବନୀତା ପାଖକୁ ମୋତେ ନେଇ ଯାଇଥିଲା ସ୍ୱୟଂ ଫାନ୍‌ସ । ବନୀତା ହେଉଛି ବିଶୁଦ୍ଧ ଭାବେ ଯୂପକାଠରେ ଏକ ବଳି । ତଦ୍ରୂପ ଭାବେ ଫାନ୍‌ସ ମଧ୍ୟ । ଉଭୟଙ୍କୁ ସମାନ ପ୍ରକାର ଘଟଣା ପ୍ରବାହ ଶିକାର ବନେଇଛି । ତେବେ ଫାନ୍‌ସ କିଞ୍ଚିତ ପରିମାଣରେ ଏହାର ପରିଚାଳିକା । ସେ ସର୍ବଦା ନିଜକୁ ହିଁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ରଖୁଥିଲା : ଦୁଃସହ ଭାବେ ଦାରିଦ୍ର୍ୟ ପୀଡ଼ିତ ମହିଳା ଯିଏ ନିଜର ନଣନ୍ଦକୁ ବିକିବାକୁ ବାଧ୍ୟ ହେଲା । ଗୋଟି ଗୋଟି କରି ସମସ୍ତେ ହିଁ ତା' ସହ କଥାବାର୍ତ୍ତା କରିଛନ୍ତି । ସେ ନିଜର କାହାଣୀକୁ ବାରମ୍ବାର କହିଛି ଓ ବିକିଛି । ପ୍ରଧାନମନ୍ତ୍ରୀଙ୍କ ଠାରୁ ପତ୍ରକାରଙ୍କ ଯାଏ ମାଳ ମାଳ ଲୋକ ଅମଲାପାଲି ଯାଇଛନ୍ତି ତୀର୍ଥ ଯାତ୍ରାରେ ଏବଂ ଫାନ୍‌ସ ପାଖରେ ଦେଇଛନ୍ତି ଦକ୍ଷିଣା । ଅବଶ୍ୟ ତା'ର ରହିଛି ଅସହ୍ୟ ଦାରିଦ୍ର୍ୟ । ମାତ୍ର ତଦୁପରି ମଧ୍ୟ ଉତ୍କଟ, ଉଚ୍ଚାଟ ହୋଇ ରହିଛି ବନୀତା ଓ ବିଦ୍ୟା ପୋଢ଼ର । କିନ୍ତୁ କେହି ସେମାନଙ୍କୁ ଭେଟି ପଦୁଟିଏ କଥାବାର୍ତ୍ତା ହେବାର ପ୍ରେରଣା ଅନୁଭବ କରିନାହାନ୍ତି । କାହାଣୀର ଉଦ୍‌ଘାଟନ ପରେ ଛତର ବା ରିଲିଫ୍‌ର ଯେଉଁ ସ୍ରୋତ ବହିଲା, ସେଥିରୁ ବୁନ୍ଦାଏ ମଧ୍ୟ ପାଇଲାନି ବନୀତା । ସାମ୍ବାଦିକ ଓ ମହାମାନ୍ୟମାନଙ୍କ ତୀର୍ଥାଟନରୁ ଫାନ୍‌ସ ପାଉଥିଲା ଯେତିକି ପାଉଣା, ତାକୁ ନେଇ ଅନ୍ୟ ଗ୍ରାମବାସୀଙ୍କ ମଧ୍ୟରେ ଥିଲା ରୁଷ୍ଟ ପ୍ରତିକ୍ରିୟା । ସବୁ ମୂଳରେ ଥିଲା ଅସହ୍ୟ ଦାରିଦ୍ର୍ୟ । ବନୀତା ପାଲଟି ଥିଲା ଅର୍ଥନୈତିକ ଆବଶ୍ୟକତା ଓ ସାମାଜିକ ଚାପର ଏକ କ୍ରୀଡ଼ନକ । କିନ୍ତୁ ଏଥିପାଇଁ ତା' ମନରେ ନଥିଲା ବିଦ୍ୟା ପୋଢ଼ ପ୍ରତି କୌଣସି ଅସନ୍ତୋଷ । ସେ ଚାହିଁଥିଲେ ବି ବିଦ୍ୟାକୁ ଛାଡ଼ି ଚାଲିଯାଇଥାନ୍ତା । କାରଣ ତା' ପ୍ରତି ଅସମ୍ଭବ ଅନୁକମ୍ପାର ପ୍ରବାହ ଛୁଟୁଥିଲା ସେତେବେଳେ ଦେଶବ୍ୟାପୀ । ମାତ୍ର ସେ ରହିଲା ଅକର୍ମଣ୍ୟ ଓ ଅଳସୁଆ ବିଦ୍ୟା ସହିତ ଜୀବନକୁ ଛନ୍ଦିଦେଇ, ତା' ଔରସରୁ ଜନ୍ମ କଲା ସନ୍ତାନ । ବନୀତାର ନିଜ ବକ୍ତବ୍ୟରେ : ''ମୁଇଁ ବେଦୀରେ ବସି ବିହା ନାଇଁ ହେଇ । ଭୋଜିଭାତ୍ ପାଇଁ ଖର୍ଚ୍ଚା କାହୁଁ ଆଇବ ? ତିନି ତିନ୍‌ଟା ଛୁଆଙ୍କ ଦେଖିଭାଲ୍ ତ ବଡ଼କଥା । ମୋ ଗେରସ୍ତକୁ ନୌକରି ଖଣ୍ଡେ ମିଳିଲେ ଅବସ୍ଥା ସୁଧୁରି ଯାଆନ୍ତା । ତାକେ ଖଣ୍ଡେ ନୌକରି ମିଳିବା କାଏଁ ବାବୁ ?''

ବନୀତାର ଆକୁଳତା ହିଁ ବ୍ୟକ୍ତ କରିଥାଏ କଳାହାଣ୍ଡି-ନୂଆପଡ଼ାର ଏକତମ ପ୍ରମୁଖ ସମସ୍ୟା ଯାହାର ଦଂଶନ ଅଥୟ, କଲବଲ କରେ ଅଧିକାଂଶ ମଣିଷଙ୍କୁ, ବିଶେଷ ଭାବେ ଯୁବପିଢ଼ିକୁ କରେ ପୀଡ଼ିତ : ସେ ବେକାରୀ ଓ ବେରୋଜଗାରୀର ସମସ୍ୟା । କାମିକା, ସମର୍ଥ ହାତକୁ ମିଳେ ନାହିଁ କାମ । ଯେବେ ବା ମିଳେ, ମଜୁରି ୧୫ ଟଙ୍କାରୁ ଅଧିକା ନୁହେଁ । ଫାନ୍‌ସର ପୁଅ ଜଗବନ୍ଧୁ ମଧ୍ୟ ବେକାର । ବନୀତା ସହିତ ଆମର କଥାବାର୍ତ୍ତା ବେଳେ ଗୋଟିଏ କଥା ବାରମ୍ବାର ଆମକୁ ଚମତ୍କୃତ

Digitized by srujanika@gmail.com

କରୁଥିଲା : ଏହି ଅପାଠୁଆ, ସ୍ୱଳ୍ପ ବୟସୀ ତରୁଣୀଟି ଯେତେ ସ୍ପଷ୍ଟ ଭାବରେ ସମସ୍ୟାମାନଙ୍କୁ ଦେଖିପାରୁଛି, ସେପରି ଦୃଷ୍ଟିଭଙ୍ଗୀର ଅଭାବ ରହିଛି ଗଣମାଧ୍ୟମ ଓ ବିଶେଷଜ୍ଞଙ୍କ ପାଖରେ ।

ପ୍ରତିବର୍ଷ ଏ ଇଲାକାର ହଜାର ହଜାର ମଣିଷ ବଞ୍ଚିବାର ଦୌଡ଼ରେ ହୁଅନ୍ତି ଦେଶାନ୍ତରୀ । ବାହାର ରାଜ୍ୟକୁ ଯାଇ ମୂଲ ଲାଗନ୍ତି—ଇଟାଭାଟି, କୋଠାତୋଳା ଓ ରିକ୍ସା ଟଣା ଭଳି ବିବିଧ ଧନ୍ଦାରେ । "ଅବସ୍ଥା ଏଠି ଏତେ ବିଷମ ଯେ, ଦଶମାଣ ଜମି ଥିବା ଲୋକକୁ ମଧ୍ୟ ଏଠି ବାହାରକୁ ଯାଇ ମୂଲ ଲାଗିବାକୁ ପଡ଼େ; ଯିଏ ଦିନେ ନିଜ ବିଲରେ ମୂଲିଆଙ୍କୁ ଖଟାଉଥିଲା, କୋଠିଆ ରଖିଥିଲା, ଘରେ ହଳ ବଳଦ ଥିଲା ।" —କହେ ଦୁର୍ଯ୍ୟୋଧନ ଶବର । ଏକଦା ଦୁର୍ଯ୍ୟୋଧନ ଥିଲା ଗୋଟିଏ ଗୋତିଶ୍ରମିକ ଏବଂ ଏ ଅଞ୍ଚଳରେ ଏ ପ୍ରଥା ବିରୁଦ୍ଧରେ ଥରେ ସେ ଆନ୍ଦୋଳନର ନେତୃତ୍ୱ ନେଇଛି । ଏବେ ଜାଗରୁକ ଶ୍ରମିକ ସଂଗଠନର ସେ ଜଣେ ସମାଜ କର୍ମୀ ।

କଳାହାଣ୍ଡି ସଂପର୍କରେ ଏତେ ସବୁ ଘଟିଗଲା ପରେ ଯଦି ଫାନ୍‌ସ ଓ ତା'ର ସଂପର୍କୀୟଙ୍କ ଅବସ୍ଥା ପୂର୍ବବତ୍ ରହିଛି, ତେବେ ଆମର ପ୍ରଶାସନ ଓ ବିକାଶ ପ୍ରକ୍ରିୟା ଉପରେ ସ୍ୱତଃସ୍ଫୂର୍ତ୍ତ ମନରେ ଉଙ୍କିମାରେ ପ୍ରଶ୍ନ । ସେଠାରେ ଅନୁସୃତ ସମସ୍ତ ପ୍ରକଳ୍ପର ମୂଲ୍ୟ ଯଦି କୋଟି କୋଟି ଟଙ୍କା, ଏଯାଏ ସଂଘଟିତ ଗଣମାଧ୍ୟମର ସମସ୍ତ ପ୍ରସାରଣ, ବିଦେଶୀ ପୁଞ୍ଜି ପାଇ କାମ କରୁଥିବା ମାଳ ମାଳ ସ୍ୱେଚ୍ଛାସେବୀ ସଂଗଠନ କ'ଣ ରୂପାନ୍ତରୀତ କରିବାରେ ସମର୍ଥ ହେଲେନାହିଁ ଗୋଟିଏ ପରିବାରର ଜୀବନ ? ଅନ୍ତତଃ ପକ୍ଷେ ପ୍ରଧାନମନ୍ତ୍ରୀ, ସମ୍ବାଦପତ୍ର ଓ ବୁଦ୍ଧିଜୀବୀମାନଙ୍କ ଧ୍ୟାନର କେନ୍ଦ୍ରବିନ୍ଦୁ ଫାନ୍‌ସ ଓ ତା'ର ନଣନ୍ଦ ବନୀତାର ଜୀବନଧାରାରେ ଆଣିପାରିଲେ ନାହିଁ ଧାପେ ମାତ୍ର ଅଗ୍ରଗତି ! ଗୋଟାଏ ଯୁଗ ବିତିଗଲା ପରେ ବି !! ତେବେ ସେମାନେ କଳାହାଣ୍ଡିରେ କେଉଁପ୍ରକାର ପରିବର୍ତ୍ତନ ଆଣିଛନ୍ତି ବୋଲି ଧରାଯିବ ? ଆଉ ଯେଉଁମାନେ ଫାନ୍‌ସ କି ବନୀତା ପରି ପ୍ରଚାର, ପ୍ରସାରର ପରିସର ମଧ୍ୟକୁ ଆସିବାର ସୁଯୋଗ ପାଇଲେ ନାହିଁ, ସେମାନଙ୍କ ଅବସ୍ଥା କିପରି ଥିବ ତାହା ସହଜରେ ଅନୁମେୟ ।

ଅଶି ଦଶକରେ ସମ୍ବାଦପତ୍ରର ସଫଳତା ଥିଲା ବେଶ୍ ବାସ୍ତବ ଓ ପ୍ରାଣମୟ । ଗୋଟିଏ ସ୍ତରରେ ସେମାନେ ଗୋଟିଏ ଧାରାର ପ୍ରବର୍ତ୍ତନ କଲେ—ସେ ଧାରା ହେଉପଛେ କ୍ଷଣସ୍ଥାୟୀ; କିନ୍ତୁ ସେ ଧାରା କଡ଼େ କଡ଼େ ଶ୍ୟାମଳ ଗୁଳ୍ମ ବନସ୍ତ କଅଁଳିଲା, ମୁକୁଳ ଧରିଲା ଓ ଫୁଲ ଫୁଟିଲା : ଦରିଦ୍ର, ନିଃସହାୟ ମଣିଷ ପ୍ରତି ସମ୍ବେଦନଶୀଳ ହୋଇ ଗଭୀର ମନନଶୀଳତା ସହ ଆଲେଖ୍ୟ ବାଢ଼ିବା । ଯଦି କଳାହାଣ୍ଡିର ବେଦନା ଓ ଅନ୍ତର୍ଦାହ ଉପରେ ସମଗ୍ର ରାଷ୍ଟ୍ରର ବିବେକବୋଧ ଜାଗ୍ରତ ହେଲା, ତେବେ ତାହା ପଛରେ ଥିଲା

Digitized by srujanika@gmail.com

ଜନକୀବଲ୍ଲଭ ପଟ୍ଟନାୟକଙ୍କ ସରକାରର ଛଳନା ଓ ଶଠତା ଉପରେ ନୀରବଛିନ୍ନ ନିର୍ମମ ପ୍ରହାର । ତାହା ଖୋଲିଦେଲା ପ୍ରତାରଣାର ସିଂହାସନ ଉପରେ ଆରୂଢ଼ କିଛି ଅସୁରଙ୍କ ଅସଲ ସ୍ୱରୂପ, ଅସୁର ମୁହଁରୁ ଖସିପଡ଼ିଲା ଦେବତାର ମୁଖା । ତେବେ ଜାନକୀଙ୍କ ନିପାରିଲା ଅସାର ଶାସନର ଫଳାଫଳ ଠାରୁ କଳାହାଣ୍ଡି-ନୂଆପଡ଼ାର ସମସ୍ୟା ଢେର ଢେର ଗହୀରା ଓ ଭିନ୍ନ । ଏବଂ ମରୁଡ଼ି, ଅନଟନ ଓ ଦାରିଦ୍ର୍ୟର ଏପରିଣତି ଠାରୁ ମଧ ଭିନ୍ନ ଓ ନିଆରା ।

କଳାହାଣ୍ଡିର ଦୁର୍ଦ୍ଦଶା ଏବଂ ରାଷ୍ଟ୍ରୀୟ ଓ ପ୍ରାଦେଶିକ ସ୍ତରର ନୀତିଗତ ସିଦ୍ଧାନ୍ତ ମଧ୍ୟରେ ଯୋଗସୂତ୍ର ହୋଇଗଲା ଅସ୍ୱଚ୍ଛ ଓ ଅବରୁଦ୍ଧ । ଆଉ ମରୁଡ଼ି ଆଜିଯାଏ ଏକ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଆମ ମାନସିକତାକୁ ଆବୋରି ବସିଛି । ଯଦିଓ ଏହାର ଅଲଗା କାରଣ ରହିଥିବା ଅନ୍ୟତ୍ର ବହୁ ଘଟଣାରେ ଯୁକ୍ତିସିଦ୍ଧ ଭାବେ ପ୍ରମାଣିତ ହେଲାଣି । ଅନେକ ସମୟରେ ମରୁଡ଼ି ମଣିଷକୃତ । ବାସ୍ତବତାକୁ ବିବର୍ତ୍ତିତ କରିବା ଦିଗରେ ଗଣମାଧ୍ୟମ କିମ୍ବା ସମ୍ବାଦପତ୍ର ଭୂମିକା ନେଇପାରିବ ବୋଲି ବିବେଚନା କରିବା ନିହାତି ବିରକ୍ତିକର, ଏକ ନିର୍ବୋଧ ପରିକଳ୍ପନା—ତେବେ ସମସ୍ୟା ପ୍ରତି ଜନମତ ଓ ସାଧାରଣ ଅବବୋଧ ଜାଗ୍ରତ କରିବା ଦିଗରେ ଏହା ନିଷ୍ଠାପର ଦାୟିତ୍ୱ ନିର୍ବାହ କରିପାରିବ । ଏଥିପାଇଁ ଦରକାର ଗବେଷଣାତ୍ମକ ଓ ଅନ୍ୱେଷାତ୍ମକ ଦୃଷ୍ଟିଭଙ୍ଗୀ ।

ମାତ୍ର କଳାହାଣ୍ଡି ଉପରେ ୧୯୮୫-୮୬ର ସର୍ବୋତ୍କୃଷ୍ଟ ରିପୋର୍ଟ କହିଥିଲା 'ନିରବଚ୍ଛିନ୍ନ ମରୁଡ଼ି ଓ ଶୋଚନୀୟ ଅନଟନ'ର କଥା । କିଛି କହିଥିଲେ 'ଦୀର୍ଘ ଦୁଇ ଦଶନ୍ଧି ଧରି ମରୁଡ଼ି'ର ଉପାଖ୍ୟାନ । ହେଲେ ସତ୍ୟାସତ୍ୟ ? ପଶ୍ଚିମ ଓଡ଼ିଶା କୃଷିଜୀବୀ ସଂଗଠନର ଜଗଦୀଶ ପ୍ରଧାନଙ୍କ ମୂଲ୍ୟାୟନରେ ବିଗତ କୋଡ଼ିଏ ବର୍ଷ ମଧ୍ୟରେ କଳାହାଣ୍ଡିର ସର୍ବନିମ୍ନ ବର୍ଷାପାତ ହେଉଛି ୯୬୮ ମିଲିମିଟର । ତାହା ହେଉଛି ଭାରତର କେତେକ ଜିଲ୍ଲାର ସ୍ୱାଭାବିକ ବର୍ଷାପାତ ଠାରୁ ଢେର୍ ଅଧିକ । ନଚେତ୍ କଳାହାଣ୍ଡିର ହାରାହାରି ବାର୍ଷିକ ବର୍ଷାପାତ ୧୨୫୦ ମି.ମି. । ଏହି ପରିମାଣ ଚାଷ ପାଇଁ ଜଳ ଚାହିଦା ଠାରୁ ବେଶ୍ ଉଞ୍ଚା ଓ ଆଶାଜନକ, ଯଦିଓ ଆବଶ୍ୟକ ସମୟରେ ବର୍ଷାର ଅନିୟମିତତା ରହିଛି ।

୧୯୯୦-୯୧ରେ କଳାହାଣ୍ଡିରେ ୨୨୪୭ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ବର୍ଷା ବିସ୍ତାରରେ ମଧ ଅନିୟମିତତା ନଥିଲା । କିନ୍ତୁ ଏହା ଚାଷୀର ଦୁର୍ଦ୍ଦଶାକୁ ଆଶାଜନକ ଭାବେ ମୋଚନ କରିପାରିନଥିଲା । ତେଣୁ ମିତବୃଷ୍ଟି କେବଳ ସମସ୍ୟା ହୋଇ ରହିନାହିଁ ।

ଏହା ବାହାରେ, ଜଗଦୀଶ ପ୍ରଧାନ କହନ୍ତି : "ଏହି ଜଳକଷ୍ଟ ଓ ଅନଟନ

Digitized by srujanika@gmail.com

କାଳରେ ବି କଳାହାଣ୍ଡି ସର୍ବଦା ବଳକା ଖାଦ୍ୟଶସ୍ୟର ଜିଲ୍ଲା ହୋଇ ରହିଛି । ଏହା ପୁଣି ଶୋଚନୀୟ ଫସଲହାନୀର ବିମର୍ଷକର ସମୟରେ । ସମଗ୍ର ଦେଶ ଏବଂ ଓଡ଼ିଶାର ମୁଣ୍ଡପିଛା ଶସ୍ୟ ଉତ୍ପାଦନ ଠାରୁ କଳାହାଣ୍ଡି ବେଶ୍ ଅଗ୍ରଣୀ । ମାତ୍ର ଉତ୍ପାଦିତ ଶସ୍ୟର ମାତ୍ର ୨୫ ଶତାଂଶ କଳାହାଣ୍ଡିବାସୀଙ୍କ ଆହାର ହୋଇଥାଏ । ଅବଶିଷ୍ଟ ଚାଲିଯାଏ ଜିଲ୍ଲା ତଥା ରାଜ୍ୟ ବାହାରକୁ ସାହୁକାର-ବେପାରୀଙ୍କ ବିଷମ ଚକ୍ରବ୍ୟୂହ ମାଧମରେ ।''

୧୯୮୯-୯୦ରେ ଭାରତର ପ୍ରତି ନାଗରିକର ମୁଣ୍ଡପିଛା ଶସ୍ୟ ଉତ୍ପାଦନ ଥିଲା ୨୦୩ କିଲୋଗ୍ରାମ । ଦାରିଦ୍ର୍ୟ ସୀମାରେଖାର ତଳେ ରହୁଥିବା ସର୍ବାଧିକ ନାଗରିକଙ୍କ ବହନକାରୀ ଏକ ରାଜ୍ୟ ଓଡ଼ିଶାରେ ଏହା ଥିଲା ୨୫୩ କି.ଗ୍ରା. ଏବଂ ସେହିବର୍ଷ କଳାହାଣ୍ଡିର ମୁଣ୍ଡପିଛା ଶସ୍ୟ ଉତ୍ପାଦନ ଥିଲା ୩୩୧ କି.ଗ୍ରା. । ଏହି ପରିମାଣ ରାଜ୍ୟ ଓ ରାଷ୍ଟ୍ରର ହାରାହାରି ଉତ୍ପାଦନକୁ କାହିଁ କେତେ ପଛରେ ପକାଇଦିଏ । ଏତେ ଉତ୍ପାଦନ ସତ୍ତ୍ୱେ ଏହି ଭୂମଣ୍ଡଳର ଅଧିବାସୀମାନେ ଭୋକରେ କାଉଳି ବାଉଳି ହୁଅନ୍ତି । ବଞ୍ଚିବାର ରାହା ନପାଇ ପିତାମାତା ପରିତ୍ୟାଗ କରନ୍ତି ସନ୍ତାନ, ଅଧିବାସୀ ପରିତ୍ୟାଗ କରନ୍ତି ଭିଟାମାଟି ।

ଗଣମାଧମ ସର୍ବଦା ମରୁଡ଼ି, ଅନଟନକୁ ଚମକପ୍ରଦ ଘଟଣା ଭାବେ ରୂପାୟନ କରେ ଏବଂ ଏକ ପ୍ରତିଷ୍ଠିତ ବିଶ୍ୱାସ ଯେ ଏପରି ଘଟଣା ହିଁ ହେଉଛି ସମ୍ବାଦ । କିନ୍ତୁ ଏହା ଅନ୍ତରାଳରେ ଥିବା ଦୀର୍ଘକାଳର ପ୍ରଶାସନିକ ତଥା ସାମାଜିକ ଅବହେଳା, ଅଶ୍ରଦ୍ଧା, ଖାମଖେୟାଲି ମନୋଭାବ ଭଳି ବିବିଧ ଧାରା, ଉପଧାରା ସମ୍ବାଦ ପଦବାଚ୍ୟ ନୁହେଁ । ଏତକ ସ୍ୱଚ୍ଛ ଅବବୋଧର ଥାଏ ଅଭାବ । ଦାରିଦ୍ର୍ୟ ଉପରେ କେତେକ ସର୍ବୋତ୍ତମ ରିପୋର୍ଟ ଏଭଳି ଚମକପ୍ରଦ ଘଟଣାର ଉପସ୍ଥାପନା କରି ତାକୁ ନାଟକୀୟ କରିବାର ଚେଷ୍ଟା କରନ୍ତି । ଏପରି ବ୍ୟାଧିରେ ଅଧିକାଂଶ ସାମ୍ବାଦିକ ଆକ୍ରାନ୍ତ । ମାତ୍ର ବାସ୍ତବ ନାଟକ ଥାଏ ଧାରାରେ, ବ୍ୟବସ୍ଥାରେ । ମରୁଡ଼ି ସଂଘଟନ କରୁଥିବା କାରଣମାନଙ୍କ ଅନ୍ତରାଳେ ।

ମରୁଡ଼ି ପାଇଁ ବିଶେଷ ଭାବେ ଦାୟୀ ଜଙ୍ଗଲକ୍ଷୟ । ମାତ୍ର ଏହା ଏକ ଧାରାର ଅଂଶବିଶେଷ ହୋଇଥିବାରୁ ଏକ 'ସନ୍ଦର୍ଭ' ପାଲଟିଥାଏ, ସମ୍ବାଦ ନୁହେଁ । ଏବଂ ସେହି ସନ୍ଦର୍ଭଟି ଖବରକାଗଜର ଅନାବନା ପୃଷ୍ଠା କୋଡପତ୍ରର 'ପରିବେଶ' ସ୍ତମ୍ଭରେ ହଜିଯାଏ; କେବଳ ପାଗଳପ୍ରାୟ 'ସବୁଜ' ଧ୍ୱଜାଧାରୀଙ୍କ ମନୋରଂଜନ ପାଇଁ ହାଲୁକା ଢଙ୍ଗରେ ଖଞ୍ଜି ଦିଆଯାଏ ବିଜ୍ଞାପନର ଗହଳ କିଆରୀ ଭିତରେ ସେତକ ଲେଖା । କେବେ ପ୍ରଚ୍ଛଦର ଆଲୋକ ଦେଖିପାରେ ନାହିଁ । ପ୍ରଚ୍ଛଦଟି ସଂରକ୍ଷିତ ରହିଥାଏ ମନ୍ତ୍ରୀଙ୍କ ଭାଷଣ, ନାବାଳିକାର ଧର୍ଷଣ, ଅପରାଧର କର୍ଷଣ ପାଇଁ ।

Digitized by srujanika@gmail.com

ତେବେ ବାସ୍ତବତା ? ସ୍ୱାଧୀନତା ପରଠାରୁ ଓଡ଼ିଶାରେ ସମସ୍ତ ପ୍ରକାର ବିକାଶମୂଳକ ଯୋଜନାରେ ସାମଗ୍ରିକ ପୁଞ୍ଜି ବିନିଯୋଗକୁ ପରାଗଗ୍ରସ୍ତ କରିପକାଏ ସାଗୁଆନ ଗଛ ଚାଷର ବ୍ୟବସାୟିକ ମୂଲ୍ୟ ଏବଂ ତା' ପାଇଁ ବାଟ ଛାଡ଼ିବାକୁ ସଫାହୁଏ ଜଙ୍ଗଲ । ବିଂଶ ଶତାବ୍ଦୀର ଆଦ୍ୟ ଓ ମଧ୍ୟଭାଗରେ ଜଙ୍ଗଲ ନିର୍ଭର ରଖେ ଓଡ଼ିଶା ବାହାରର ଶିଳ୍ପପତିଙ୍କ କାଗଜକଳର ଦୟା ଉପରେ ଏବଂ ଏକବିଂଶ ଶତାବ୍ଦୀର ପ୍ରାକ୍‌କାଳରେ ମାଡ଼ି ଆସନ୍ତି ଓଡ଼ିଶାର ମାଳଭୂଇଁକୁ ମାଳମାଳ ଅଣଓଡ଼ିଆ ବେପାରୀ ସାଗୁଆନ୍ ଚାଷ ପାଇଁ । କାଗଜକଳ ପେଟରେ ଭସ୍ମ ହୋଇଯାଏ ଓଡ଼ିଶାର ବାଉଁଶ ଜଙ୍ଗଲ, ଅବଶିଷ୍ଟ ଚାଲିଯାଏ ସ୍ୱୀକୃତ ଓ ଅସ୍ୱୀକୃତ ଶରଣାର୍ଥୀଙ୍କ ବସତି ପ୍ରତିଷ୍ଠାରେ । ଏଠାରେ ପୁରୁଷାନୁକ୍ରମିକ ଜଙ୍ଗଲରେ ରହିଆସୁଥିବା ଅଧିବାସୀ ମଣିଷଟିଏ ବାଉଁଶ ଖଣ୍ଡେ କାଟିବା ହେଉଛି ଅପରାଧ । ଏଠାରେ ଟୋକେଇ, ଝୁଡ଼ି, ତାଟି, ମୁଗୁରା ବୁଣି ପେଟ ପୋଷୁଥିବା ଦରିଦ୍ର ଖଣ୍ଡେ ବାଉଁଶ ପାଇଁ ଦିଏ ଚାଳିଶ ଟଙ୍କା ଅଥଚ କାଗଜ କମ୍ପାନୀ ପାଇଁ ଗୋଏ ଟନ୍ ବାଉଁଶର ମୂଲ୍ୟ ମାତ୍ର ଦୁଇ ଟଙ୍କା । ଓଡ଼ିଶାର ଜନସଂଖ୍ୟାର ଏକ ଭାଗରୁ କମ୍ 'ପଟ୍ଟନାୟକ' ମାନେ ଏ ଭୂଇଁକୁ ଶାସନ କରନ୍ତି ଦୀର୍ଘ ପଚିଶବର୍ଷ; ଜନସଂଖ୍ୟାର ପଚିଶ ଭାଗ ହରିଜନ ବା ଦଳିତଟିଏ ଏଯାଏଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀ ଲାଭ କରିନାହିଁ କି କରିବାର ନାହିଁ । କୌଣସି ଆଦିବାସୀ ମୁଖ୍ୟମନ୍ତ୍ରୀଙ୍କୁ ଛଅମାସରୁ ଅଧିକ କାଳ ସିଂହାସନରେ ବସାଇବାର ସୁଯୋଗ ଦେଇନାହାନ୍ତି ପଟ୍ଟନାୟକମାନେ ।

ଏସବୁ ଯାହାହେଉ, ମରୁଡ଼ିର କାରଣ କେବଳ ବର୍ଷାଭାବ କି ମିତବୃଷ୍ଟି ନୁହେଁ, ଯେତେବେଳେ ଭିନ୍ନ କାରଣ ଅଛି ସେଆଡ଼େ ଆବଶ୍ୟକ ଧ୍ୟାନ ଆମେ ଦେଇନାହୁଁ । ଦୃଷ୍ଟାନ୍ତ ସ୍ୱରୂପ କଳାହାଣ୍ଡିର ପାରମ୍ପରିକ ଜଳସେଚନ ପଦ୍ଧତିର ଧ୍ୱଂସ ସାଧନ । ଏହା ବହୁ କାରଣ ମଧ୍ୟରୁ ଗୋଟିଏ ଏବଂ ଅତି ଗୁରୁତ୍ୱପୂର୍ଣ୍ଣ । ଦ୍ୱିତୀୟଟି ହେଲା, ତ୍ରୁଟିପୂର୍ଣ୍ଣ ବିକାଶ-ଯୋଜନା – ଯେଉଁଥିରେ ଲୋକଙ୍କୁ ସାମିଲ୍ କରାଯାଏ ନାହିଁ; ବରଂ ଅନ୍ୟପକ୍ଷରେ ଏହା ଲୋକମାରଣ ଯୋଜନା । ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଣ ପାଇଁ ଅଭିପ୍ରେତ ଏହି ଯୋଜନା ଲୋକଙ୍କୁ କରାଏ ଦେଶାନ୍ତରୀ । କାମଧନ୍ଦା ନପାଇ ଭୋକ ବିକଳରେ ପିଲାଛୁଆ ଧରି ହଜାର ହଜାର ମଣିଷ ଗାଁ ଛାଡ଼ନ୍ତି – ହାଇଦ୍ରାବାଦର ଇଟାଭାଟି, ବମ୍ବେର ବେଶ୍ୟାଳୟ, ରାୟପୁରର ସଡ଼କରେ ରିକ୍ସାଚାଳନା ଏବଂ ସୁରତର ସୂତାକଳରେ ନିଜ ଦେହକୁ ଭଡ଼ା ଲଗାଇବା ପାଇଁ । ଏହା ବାହାରେ ରହିଛି ଋଣ ନେଣ-ଦେଣର ମହାଜନୀ-ଯନ୍ତା, ଯାହାର କବଳରେ ପଡ଼ି ହତାଶ ହୋଇ ସରକାରୀ ଧାର୍ଯ୍ୟ ଦରର ଅଧାମୂଲ୍ୟରେ ଧାନ ବିକେ ଚାଷୀ । ଏବଂ କଣ୍ଟକିତ ଜମି ମାଲିକାନା

Digitized by srujanika@gmail.com

ପଦ୍ଧତି –ଯେଉଁଠି ଜଣେ ଜଣେ ସାହୁକାର ହାତରେ ୨୦୦ରୁ ୩୦୦ ଏକର ଜମି, ପ୍ରତିମାସରେ ସେ ଜମିର ପରିମାଣ ବଢ଼ି ଚାଲିଥାଏ ଓ ଲୋକଙ୍କ ହାତରୁ ଜମି ବନ୍ଧକୀ ଏହି ସୂତ୍ରରେ ଖସି ଚାଲିଥାଏ । ଏସବୁ ବ୍ୟାଧିର ସାମଗ୍ରିକ ପରାଭବରେ ସଂଘଟିତ ହୁଏ ଶିଶୁବିକ୍ରିର କର୍କଟ ବ୍ୟାଧି । ସାମଗ୍ରିକ ଭାବେ ସମସ୍ୟାମାନଙ୍କୁ ତଳେଇ ନଦେଖିଲେ ଶେଷତମ ଘଟଣାଟି ହୋଇପଡ଼େ ନାଟକର ଏକ ଦୃଶ୍ୟ; ଅଙ୍କ ନୁହେଁ, କାହାଣୀ ତ ଆଦୌ ନୁହେଁ ।

ଯେତେବେଳେ ଏସବୁ ଧାରା, ଉପଧାରାକୁ ସମ୍ୟାଦର ମାନ୍ୟତା ଓ ସ୍ୱୀକୃତି ମିଳିବ ସେତେବେଳେ କଳାହାଣ୍ଡିର ଚିରନ୍ତନ ସମସ୍ୟାକୁ ପଦାଘାତ କରିବାର ସମ୍ଭାବନା ରହିଛି । ଏବଂ ସେତେବେଳେ ହିଁ ଲେଖାଯାଇପାରିବ ମଣିଷର ଅନ୍ତର୍ଦାହ, ଅସହାୟତା ଓ ଆତ୍ମସତ୍ତା ଉପରେ ଯୁଗାନ୍ତକାରୀ ମହାନାଟକ ।

❖❖❖

Digitized by srujanika@gmail.com

ରାମନାଦର ଅମ୍ବୁ-ପତି, ଭୂମି-ପତି ଦଳ

ଆଜିକାଲି ରାମୁ ଚାଷ କାମରେ ବେଶି ସମୟ ଦିଏନାହିଁ । ଯଦିଓ ସେ ନିଜ ଗାଁର ସବୁଠୁଁ ଅଧିକ ଜମିର ମାଲିକ । କିନ୍ତୁ ଅଧିକାଂଶ ଜମି ଭାଗଚାଷରେ ଲଗାଇ କି ପଡ଼ିଆ ପକାଇ ସେ ରଖିଥାଏ । ତା'ର ସଂପ୍ରତି ଗୋଟାଏ ବେପାରରୁ ଏତେ ଆକର୍ଷଣୀୟ ଉପାର୍ଜନ ମିଳୁଛି ଯେ, ଚାଷଟାକୁ ଆଉ ସେ ଲାଭପ୍ରଦ ମଣୁନି । ରାମୁର ଅଛି ଗୋଟାଏ ନଳକୂଅ ଓ ବିଦ୍ୟୁତ୍ ଚାଳିତ ପାଣି ପମ୍ପ-ସେଟ୍ ।

ଏହି ଯାନ୍ତ୍ରିକ-ମାଲିକାନା ଯୋଗୁଁ ରାମୁ ତାମିଲନାଡୁର ରାମନାଦ ଜିଲ୍ଲାରେ ଜଣେ ଅମ୍ବୁପତି ରୂପେ ପରିଚିତ । ତାମିଲ ଭାଷାରେ ଏହି ଜଳଦାର ବା ଜଳର ମାଲିକର ନାମ 'ଥାନୀର୍-ଆଦିପତି' । ନିରବଚ୍ଛିନ୍ନ ମରୁଡ଼ି-ପ୍ରବଣ ଜିଲ୍ଲା ରୂପେ ସୁବିଦିତ ରାମନାଦ (କିମ୍ବା ରାମନାଥପୁରମ୍) ଗତ ଦଶବର୍ଷ ଧରି ବାର୍ଷିକ ୧୧୨ ମିଲିମିଟର ନିଅଣ୍ଟ-ବର୍ଷା ଭୋଗିଆସୁଛି । ଅର୍ଥାତ୍ ପୂର୍ବରୁ ବାର୍ଷିକ ଯେତିକି ବର୍ଷା ହେଉଥିଲା ଗତ ଦଶନ୍ଧିରେ ତାହା ପ୍ରତିବର୍ଷ ୧୦୦ ମିଲିମିଟରରୁ ଅଧିକ ହାରରେ ହ୍ରାସ ପାଇଚାଲିଛି । ଚଳିତବର୍ଷ ପ୍ରଥମ ପାଞ୍ଚମାସରେ ମିଳିଥିବା ବର୍ଷାପାତ ଜଣାଇଦେଲା ପୂର୍ବର ବର୍ଷଗୁଡ଼ିକ ଥିଲା ବରଂ ଅନୁକୂଳ ଓ ସ୍ୱାଭାବିକ । ଆତଙ୍କଜନକ ଅଶି ଦଶକର ଜଳକଷ୍ଟ କାଳର ପ୍ରତିବର୍ଷର ହାରାହାରି ବର୍ଷାପାତ ଠାରୁ ଏବର୍ଷ ଆହୁରି ୧୦ ଭାଗ ବର୍ଷା କମି ଯାଇଥିଲା ।

ଏ ଜିଲ୍ଲାର ୯୦ ଶତାଂଶ ପାଖାପାଖି ଜଳସେଚନ ସୁବିଧା ମିଳିଥାଏ ୧୮୪୧ଟି ପୁଷ୍କରିଣୀରୁ । ଏବଂ ସେ ଜଳାଶୟମାନ ସଂପୂର୍ଣ୍ଣ ରୂପେ ବର୍ଷାଜଳ ଉପରେ ନିର୍ଭରଶୀଳ । ଏହାର ଅର୍ଥ : ରାମନାଦର ନାଗରିକମାନେ ମୌସୁମୀର ଦୟା ଓ କରୁଣା ଉପରେ ହିଁ ବଞ୍ଚିରହନ୍ତି । ଏ ଜିଲ୍ଲାରେ ଗୋଟିଏ ହେଲେ ବି ଚିରସ୍ରୋତା ନଦୀ ନାହିଁ । ଏପରିକି ଏଠାରେ ଥିବା କୂଅମାନଙ୍କ ସଂଖ୍ୟା ତାମିଲନାଡୁର ହାରାହାରି ସଂଖ୍ୟାଠାରୁ ୨୦ ଶତାଂଶ କମ୍ । ଯେଉଁ ଚାଷୀଙ୍କର ନିଜସ୍ୱ ଜଳସେଚନର ସୁବିଧା ନାହିଁ ସେମାନେ ଅନ୍ୟ ଉପରେ ନିର୍ଭର ରଖନ୍ତି—ଯାହାର କୂଅଟିଏ କି ପମ୍ପସେଟ୍‌ଟିଏ ଥାଏ । ଅମ୍ବୁ-ପତି ରାମୁର ନିଜ ଗାଁ କୀଲାତୁକଲ ଏବଂ ପାର୍ଶ୍ୱବର୍ତ୍ତୀ କିଛି ଗ୍ରାମ ନିର୍ଭର ରଖନ୍ତି ରାମୁର କରୁଣା ଉପରେ, ଯିଏ ନିଜର ପମ୍ପସେଟ୍ ଚଳାଇ କୂଅ ଓ ପୋଖରୀର କେଉଁ ସାତତାଳ ଗଭୀରତାରେ ସଞ୍ଚିତ ପୋଷେ ପାଣିକୁ ମଧ୍ୟ ଉଠାଇ ଆଣେ ।

ରାମୁ ନିଜର ତିନି-ଅଶ୍ୱଶକ୍ତି ଯୁକ୍ତ ବିଦ୍ୟୁତ୍ ପାଣି ପମ୍ପ ଚଳାଇବାକୁ ଘଣ୍ଟାପ୍ରତି ୧୨ ଟଙ୍କା ଦାବି କରେ । ଏହି ହାରରେ ସେ ତା'ର ପଡ଼ୋଶୀ ଜଣେ ମାତ୍ର କ୍ଷୁଦ୍ରଚାଷୀ

Digitized by srujanika@gmail.com

କାରୁପାନ୍ନ ଠାରୁ ଦେଢ଼ମାସରେ ଆଦାୟ କରିଥିଲା ୨ ହଜାର ଟଙ୍କା ଏବଂ ତା' ଗ୍ରାହକମାନଙ୍କ ତାଲିକା ବଡ଼ ଲମ୍ବା ।

ଏ ବେପାରରେ ଦୁଇଟି କଥା ରାମୁକୁ ବେଶ୍ ସାହାଯ୍ୟ କରେ । ଗୋଟିଏ ହେଲା ଜଣେ ଚାଷୀ ଭାବେ ସେ ମାଗଣାରେ ବିଜୁଳି ପାଏ । ଦ୍ୱିତୀୟ, ବିଜୁଳି ଶକ୍ତିର ପ୍ରବାହ ଏଠାରେ ବଡ଼ ଦୁର୍ବଳ, ଅର୍ଥାତ୍ 'ଲୋ-ଭୋଲ୍‌ଟେଜ୍' ଯୋଗୁଁ ତା'ର ପମ୍ପ ଧୀରେ ଧୀରେ ପାଣି ଉଠାଏ । ତେଣୁ ଘଣ୍ଟାକରେ ଯେତିକି ପାଣି ଉଠିବା କଥା ସେଥିପାଇଁ ଦୁଇଘଣ୍ଟା ସମୟ ଲାଗେ । ଏବଂ ଚାଷୀ ଦୁଇଘଣ୍ଟା ପାଇଁ ଟଙ୍କା ଦେଇ ଘଣ୍ଟାକର ପାଣି ପାଏ । ସୁତରାଂ କାରୁପାନ୍ନର ବୋଝ ବଢ଼ିଯାଏ ଓ ରାମୁର ଲାଭ । କାରୁପାନ୍ନର ରହିଛି ଗୋଟିଏ ଏକରରୁ କମ୍ ଜମି ଏବଂ ସେଥିପାଇଁ ଦୁଇ ହଜାର ଟଙ୍କା ଜଳସେଚନରେ ଖର୍ଚ୍ଚ ତା' ପାଇଁ ଭାରି ବୋଝ ହୋଇପଡ଼େ । ଆଉ ଜଣେ ଚାଷୀ ନାଗାର୍ଜୁନ ମଧ୍ୟ ଅନୁରୂପ ଭାବେ ରାମୁକୁ ଦେଇଥାଏ ଦୁଇ ହଜାର ଟଙ୍କାର ଜଳକର ଏବଂ କହେ : "ମୋ ଭଳି ଛୋଟ ଚାଷୀ ପାଇଁ ଇଏ ବୋଝ ଉପରେ ନଳିତା ବିଡ଼ା । ମୁଁ ଲଙ୍କା ଚାଷ କରେ । ସେଥିପାଇଁ ଏତେ ଖର୍ଚ୍ଚ । ଅଧିକା ପାଣିର ଫସଲ ଧାନଚାଷ କରୁଥିଲେ ମୋ ଅବସ୍ଥା ବାରଗଣ୍ଡା ଦି'କଡ଼ା ହୁଅନ୍ତା ଆଜ୍ଞା !"

ନାଲାନ୍ ଗୁଡ଼ି ଗ୍ରାମର ଅନ୍ୟତମ ଅମ୍ବୁ-ପତି ରାଜୁ ପମ୍ପରେ ପାଣି ଉଠାଣରେ ଘଣ୍ଟାକ ପ୍ରତି ଦାବି କରେ ୩୦ ଟଙ୍କା । କାରଣ ତା'ର ରହିଛି ପାଞ୍ଚ ଅଶ୍ୱ-ଶକ୍ତି ସଂପନ୍ନ ଡିଜେଲ୍ ପମ୍ପସେଟ୍ । ତା'ର ଜଳ ଯୋଗାଣ ସାମ୍ରାଜ୍ୟ ବଡ଼ ବିସ୍ତାରିତ । ସେ ମୁଦୁକୁଲଥୁର୍ ତାଲୁକ୍‌ର ଇଡିଭାୟଲ, ଥିଆନୁର୍ ଏବଂ ଅନ୍ୟ ପାଞ୍ଚ ଛଅଟି ଗ୍ରାମର ଚାଷୀଙ୍କୁ ପାଣି ଯୋଗାଇଥାଏ । ଜଳସେଚନ ବ୍ୟବସ୍ଥା ପାଇଁ ରାମନାଦରେ ଥିବା ବିଶାଳକାୟ ସର୍ବସାଧାରଣ ସରୋବର (ତାମିଲ ଭାଷାରେ 'କନ୍‌ମୋଇ')ରୁ ଜଳ ଉତ୍ତୋଳିତ । ଆପଣଙ୍କ 'କନ୍‌ମୋଇ'ରେ ଜଳସ୍ତର ଅତି ତଳେ ଅଛି କି ? ତେବେ ରାଜୁକୁ ଏ ବିଷୟରେ ପଚାରନ୍ତୁ । ରାଜୁର ପରାମର୍ଶ ନେବାକୁ ଗଲାବେଳେ ଦେଖିବାକୁ ହେବ ଯେ ତୁମପରି ଗାଁର ଆଉ ୪୦ କି ୫୦ ଚାଷୀ ତା'ର ଗ୍ରାହକ ହେବାକୁ ଯାଉଛନ୍ତି । ତା'ପରେ ଯାଇ ସେ ଶୁଣିବ, ନଚେତ୍ ସେ କାମଟା ତା' ପାଇଁ ଲାଭପ୍ରଦ ହେବନାହିଁ ।

ଗୋବିନ୍ଦ ରାଜନ୍ ହେଉଛି ଦୁଇଟି ଡିଜେଲ ପମ୍ପସେଟ୍ ଓ ଗୋଟିଏ ବିଦ୍ୟୁତ୍ ପମ୍ପସେଟ୍‌ର ମାଲିକ । ବିଜୁଳି ପମ୍ପ ପାଇଁ ତା'ର ଭଡ଼ା ରାମୁ ସହ ସମାନ ଏବଂ ଡିଜେଲ ପମ୍ପର ଭଡ଼ା ରାଜୁ ସହ ସମାନ । ଅର୍ଥାତ୍ ବିଜୁଳି ପାଇଁ କୌଣସି ପାଉଣା ସରକାରଙ୍କ ଠାରେ ପୈଠ କରିବାକୁ ପଡୁନଥିବାରୁ ଏହାର ଭଡ଼ା ଡିଜେଲ ପାଣି ପମ୍ପ ଅପେକ୍ଷା ଘଣ୍ଟାପ୍ରତି ୫ ଟଙ୍କା କମ୍ । ସେ ମଧ୍ୟ ନିଜର ଖୋଳାକୂପରୁ ପାଣି ଯୋଗାଇ

Digitized by srujanika@gmail.com

ଦେଇଥାଏ । ମରୁଡ଼ି ପାଇଁ ତା'ର ଏ ଚଳିତ ଚାଷ ଋତୁରେ ରୋଜଗାର ହୋଇଛି ୭୦ ହଜାର ଟଙ୍କା ।

ଏହି 'ଅମ୍ବୁ-ପତି' ତ୍ରୟଙ୍କ ମଧ୍ୟରେ ରହିଛି କେତେକ ଗୁରୁତ୍ୱପୂର୍ଣ୍ଣ ସାମଞ୍ଜସ୍ୟ । ପ୍ରତ୍ୟେକେ ପର୍ଯ୍ୟାପ୍ତ ପରିମାଣର ଭୂମି-ଅଧିକାରୀ ଏବଂ କୌଣସି ନା କୌଣସି ଜଳାଶୟ ଉପରେ ଏମାନଙ୍କର ରହିଛି ମାଲିକାନା । ଏବଂ ରାମନାଦର ପାଣି ବଜାରର ସମୃଦ୍ଧିର ସ୍ତର ଖୁବ୍ ଚମକପ୍ରଦ, ବିସ୍ମୟକର ।

ପାନୀୟ ଜଳର ବଜାର ମଧ୍ୟ ପଛରେ ପଡ଼ିନାହିଁ । ଏପରି ଏକ ଜଳକଷ୍ଟ ଜିଲ୍ଲାରେ ତାହା ହୋଇପାରିବ ନାହିଁ । ଅଧିକାଂଶ ଗ୍ରାମରେ ଜଣେ ଲୋକ ହାରାହାରି ଦୈନିକ ଶୂନ୍ୟରୁ ଛଅ ଲିଟର ଯାଏ ପାଣି ପାଇଥାଏ । ଅର୍ଥାତ୍ ଅଧବାଲ୍‌ଟି ପାଣିରେ ଜଣେ ଲୋକକୁ ସବୁ କାମ ମେଣ୍ଟାଇବାକୁ ପଡ଼ିବ—ଝାଡ଼ା, ଦାନ୍ତଘଷା, ଗାଧୁଆ, ପିଇବା ଓ ରାନ୍ଧିବା । ସକାଳୁ ରାତି ଯାଏ—ଯେଉଁଠି ସୂର୍ଯ୍ୟୋତ୍ତାପ ଦେହର ଚମଡ଼ାକୁ ଛାଲିଦେବାକୁ ଧମକ ଦେଉଥାଏ । ରାମନାଦ ସହରରେ ଗୋଟିଏ ପାଉଁରୁଟି କାରଖାନାର ମାଲିକ ଚଳାଇଥାଏ ଏକ ଆକର୍ଷଣୀୟ ପାର୍ଶ୍ୱ-ବ୍ୟବସାୟ, ହୋଟେଲ ଓ ଲଜିଂମାନଙ୍କୁ ପାଣି ବିକ୍ରି କରିବାରେ ସେ ଜଣେ ବିଶେଷଜ୍ଞ ।

ସୟଲ୍‌ଗୁଡ଼ିର 'ପାଣି-ବଜାର'ର ଦୃଶ୍ୟ ବଡ଼ ମନୋରମ । ଦିନର ଯେକୌଣସି ସମୟରେ ସେଠାରେ ପହଞ୍ଚିଲେ ଦେଖିବାକୁ ମିଳିବ ବଡ଼ ବଡ଼ ପାଣି ଟ୍ୟାଙ୍କ ଲଦି ସେଠାରେ ଛିଡ଼ା ହୋଇରହିଛି ଦଶ ବାରଟା ଶଗଡ଼ । ସର୍ବସାଧାରଣ ଜଳାଶୟ 'କନ୍‌ମୋଇ'ରୁ ଘରୋଇ ବିକ୍ରି ପାଇଁ କଢ଼ାଯାଉଛି ପାଣି । ଏବଂ ଏହି କନ୍‌ମୋଇର ମଧ୍ୟଭାଗରେ ଅଧିକ ଗଭୀର କରି ଖୋଳାଯାଇଛି କୂଅ କିମ୍ବା ଚୁଆ । ଏହାକୁ ଖୋଳିଛନ୍ତି ବଳଶାଳୀ,ପ୍ରଭାବଶାଳୀ ଅମ୍ବୁ-ପତିଗଣ ଏବଂ ସାର୍ବଜନୀନ ଏକ ସଂପରି ଜଳକୁ ଘରୋଇ ଭାବେ ବିକ୍ରିକରି ସେମାନେ ଫାଇଦା ମାରିନେଉଛନ୍ତି । ପ୍ରତି ଗରା ପାଣି ପିଛା ୩୦ ପଇସା ଆଦାୟ ହେଉଛି । ଲୋକେ ନିର୍ବାକ୍, ନିର୍ବିବାଦରେ ସେତକ ଗଣିଦେଇ ପାଣି ନେଇଯାଉଛନ୍ତି ।

କନ୍‌ମୋଇ ଇଲାକାରେ ଆଉ କିଛି ତିଆରି କରିଛନ୍ତି ଗାଧୁଆ-ଘାଟ, ଥରକର ଗାଧୁଆ ଦର୍ ଏବେ ୫୦ ପଇସା । ସୟଲଗୁଡ଼ିର ଅଧିବାସୀମାନେ କହନ୍ତି ସେମାନଙ୍କ ଅଭିଯୋଗ ଶୁଣି ରାମନାଦର ନୂଆ ଜିଲ୍ଲାପାଳ ଏଲ୍.କ୍ରିଷ୍ଣନ୍ ସେ ଇଲାକାକୁ ଆସିଥିଲେ । ଏପରି ଦାଦାଗିରିରେ ବିରକ୍ତି ପ୍ରକାଶ କରି ସେ ସ୍ଥାନୀୟ ପଞ୍ଚାୟତକୁ ଗାଧୁଆ ଘାଟ ନିର୍ମାଣ ପାଇଁ ଆଦେଶ ଦେଇଥିଲେ । ସେ ଆଦେଶ କାମ କଲା ।

Digitized by srujanika@gmail.com

ଏହାର ସପ୍ତାହକ ପରେ ଅମ୍ବୁ-ପତିମାନେ ଦାବି କଲେ ଯେ ସୟଲଗୁଡ଼ିର ସର୍ବସାଧାରଣ ପୁଷ୍କରିଣୀ ଭିତରେ ଖୋଳା ଯାଇଥିବା କୂଅ ଗୁଡ଼ିକର ସେମାନେ ହେଉଛନ୍ତି ମାଲିକ। ପୁଷ୍କରିଣୀର ଶଯ୍ୟାରେ ଖୋଳା ହୋଇଥିବା ତେରଟି କୂଅର 'ମାଲିକାନା' ସାବ୍ୟସ୍ତ କରୁଥିଲେ ମୁଥୁଚେଲ୍ଲାନ୍, ଅରୁଣାଚଳମ୍ ଓ ଶିବଲିଙ୍ଗମ୍। ଏହା ବିରୁଦ୍ଧରେ ସଂଗ୍ରାମରତ ତାମିଲନାଡୁ କିଶାନ ସଭାର ନେତା ଆର୍. କରୁଣାନିଧି କହନ୍ତି : ''ଏଠାରେ ରହିଚି ଗୋଟାଏ ବିଶାଳ ପାଣି-ବଜାର'' ଗରାଏ ପାଣି ପ୍ରତି ୩୦ ପଇସା ଏବଂ ଦୈନିକ ପ୍ରତି କୂଅ ପିଛା ଅନ୍ୟୂନ ପାଞ୍ଚଶହ ଗରା ପାଣି ଯୋଗାଇ ଏହି ଅମ୍ବୁ-ପତି ମାସକୁ ରୋଜଗାର କରନ୍ତି ୬୦ ହଜାର ଟଙ୍କା। ବେଳେବେଳେ ଏହି ଅମ୍ବୁ-ପତିଙ୍କର ରହିଥାଏ କିଛି ନା କିଛି ରାଜନୈତିକ ଯୋଗସୂତ୍ର। ମାତ୍ର ଦୀର୍ଘ ଦୌଡ଼ରେ ଅଧିକ ଲାଭପ୍ରଦ ପାଣି ବଜାର ଚଳାଇଥାନ୍ତି ଗ୍ରାମାଞ୍ଚଳର ଏହି ଅଦୃଶ୍ୟ ଅମ୍ବୁ-ପତିଗଣ। ଯେଉଁ ବଜାରକୁ ନିୟନ୍ତ୍ରଣ କରିଥାନ୍ତି ରାମୁ ଓ ଗୋବିନ୍ଦ ରାଜନ୍ ଭଳି ଲୋକ।

ଇଡିଭାୟଲର ହରିଜନ ବସ୍ତିରେ ଗୋଟିଏ ହେଲେ ସରକାରୀ ପାଣି ଟ୍ୟାପ୍ ନାହିଁ କି ପାଇପ୍ ଜଳ ଯୋଗାଣର ବ୍ୟବସ୍ଥା ନାହିଁ। ଯାହା ରହିଛି ସେତକ କୂଅର ଲୁଣିପାଣି। ଏଠାରେ ରାଜ୍ୟ ଜଳ ପରିଷଦ (ବୋର୍ଡ)ର ଜଣେ କୁକି ଅଫିସର ଗରାପିଛା ୨୦ ପଇସାରେ ପିଇବା ପାଣି ବିକନ୍ତି। ସେ କେମିତି ଏ ପାଣି ପାଆନ୍ତି ! ରାମନାଦ ପାଇଁ ଅଭିପ୍ରେତ ଟ୍ୟାଙ୍କରକୁ ଏ ଦିଗରେ ପଠାଇ ସେତକ ଟଙ୍କା ପକେଟସ୍ଥ କରନ୍ତି ସେହି ଚତୁର ଅଫିସର। ମୁଁ ଯେଉଁଦିନ ଇଡିଭାୟଲରେ ପହଞ୍ଚିଥିଲି, ସଂପୃକ୍ତ ଅଫିସର ଜଣକ ସୁଦୂର ଏକ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ପଳାଇଯାଇଥିଲେ। ସୁତରାଂ ସେଦିନ ଗ୍ରାମବାସୀମାନେ ବୁନ୍ଦାଏ ବି ପାଣି ପାଇନଥିଲେ। ଏଠାରେ ମହିଳାମାନେ ଦିନକୁ ଚାରିଘଣ୍ଟା ସମୟ ବ୍ୟୟ କରନ୍ତି ଗରାଏ ପାଣି ପାଇଁ, ଗ୍ରୀଷ୍ମକାଳରେ ଛଅଘଣ୍ଟା ସମୟ ଦେବାକୁ ପଡ଼ିଥାଏ ଜଳସ୍ତର ସଂଧାନରେ। ଦୁଇ ତିନି ମାଇଲ ଦୂରରୁ ଗରାଏ ଠାରୁ ଅଧିକ ପାଣି ମୁଣ୍ଡରେ ବୋହି ଚାଲିବା ସମ୍ଭବପର ହୁଏନାହିଁ। ଏବଂ ଜଳସଂକଟର ପ୍ରାୟୋଗିକ ଦିଗ ଏହିଠାରେ ଶେଷ ହୁଏନାହିଁ।

ମରୁଡ଼ିର ପ୍ରତୀକ ରୂପେ ଅନେକ ସମୟରେ ଗୃହୀତ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ବାର୍ଷିକ ହାରାହାରି ବର୍ଷାପାତ ୧୨୫୦ ମିଲିମିଟର। ଗତ କୋଡ଼ିଏ ବର୍ଷ ମଧ୍ୟରେ କଳାହାଣ୍ଡି ପାଇଥିବା ସର୍ବନିମ୍ନ ବର୍ଷାପାତ ୯୭୮ ମି.ମି.। ରାମନାଦରେ ସେତିକି ବର୍ଷା ପରିମାଣ ପ୍ରକୃତିର ଦୁର୍ଲଭ ବରଦାନ ରୂପେ ବିବେଚିତ ହୁଅନ୍ତା। ଏଠାରେ ସ୍ୱାଭାବିକ ବାର୍ଷିକ ବର୍ଷାପାତ ୮୨୭ ମି.ମି.। ଅଶି ଦଶକ ତମାମ୍ ଜିଲ୍ଲାଟିର ହାରାହାରି ବର୍ଷାପାତ ଥିଲା ୭୨୦ ମି.ମି.ରୁ କମ୍। କେତେକ ବର୍ଷ ଏହା ୬୫୦ ମି.ମି. କିମ୍ବା ଏହାର ନିମ୍ନକୁ ଖସିଆସିଥାଏ।

Digitized by srujanika@gmail.com

ଦୀର୍ଘସ୍ଥାୟୀ ବ୍ରାଜନ (ମାଇଗ୍ରେସନ୍) ଦିଗରେ ରାମନାଦ ସର୍ବଦା ଉଚ୍ଚସ୍ତରରେ ରହିଥାଏ । ପ୍ରାଦେଶିକ ଓ ରାଷ୍ଟ୍ରୀୟ ପରିସଂଖ୍ୟାନର ପ୍ରତିକୂଳରେ ପୁଡୁକୋଟ୍ଟାଇର ମହିଳାମାନେ ସମାଜରେ ଉଚ୍ଚ ମର୍ଯ୍ୟାଦା ଉପଭୋଗ କରିଥାନ୍ତି, କାରଣ ମରୁଡ଼ି ନିର୍ବାସିତ କରି ଦେଇଥାଏ ପୁରୁଷମାନଙ୍କୁ କର୍ମ ଅନ୍ୱେଷଣରେ ଜିଲ୍ଲା ବାହାର ଇଲାକା ।

ଏହା ବାହାରେ ରହିଛି ଜମିଦାର ତଥା ଜଳଦାରମାନଙ୍କ ଫିକର ଫନ୍ଦି । ସେମାନେ ହଠାତ୍ ଗୁରୁତର ଜଳକଷ୍ଟ ସମୟରେ ଜଳ ଯୋଗାଇ ନଦେବାକୁ ନିଷ୍ପତ୍ତି ନିଅନ୍ତି ଏବଂ ନିଧାର୍ଯ୍ୟ ଭାବେ ସେମାନଙ୍କ ଠାରୁ ପାଣି କିଣୁଥିବା ଚାଷୀ ମୁଣ୍ଡରେ ହୁଏ ବଜ୍ରପାତ । ଉହଳ ବିକଳ ହୋଇ ସେ ଋଣ-ଯନ୍ତାରେ ପଡ଼େ ଏବଂ ଏଥିପାଇଁ ହରାଏ ଚାଷଜମି । ଜଳ ଉତ୍ସର ଧୀରେ ଧୀରେ ଘରୋଇକରଣକୁ ପ୍ରତିହତ କରି ଚାଷୀକୁ ଏହା କବଳରୁ ମୁକୁଳାଇବାର ପଥ ଗୋଟିଏ ନୁହେଁ, ଅନେକ ।

ତେବେ ଏକତମ ଉତ୍ତର ହେଉଛି, ଜିଲ୍ଲାପାଳ ଯେପରି ଅବଗତ ଅଛନ୍ତି, ସେହି ଭିତ୍ତିରେ ଗ୍ରାମ୍ୟ ଗୋଷ୍ଠୀ ହାତରେ ଛାଡ଼ିଦେବାକୁ ହେବ ଖୋଳାକୂପର ମାଲିକାନା । ତଥାପି ସମସ୍ୟା ସେଠାରେ ଶେଷ ହେଉନାହିଁ ବୋଲି କହେ କୃଷ୍ଣା : "ସରକାର ସବୁବେଳେ ଗାଆଁର ଦୁର୍ବଳ, ଦରିଦ୍ର ମଣିଷ, ବିଶେଷ ଭାବେ ହରିଜନ ବସ୍ତିରେ ନଳକୂଅଟି ଖୋଳାଇଥାନ୍ତି । ତା'ପରେ ଗଣ୍ଡାଏ ଛଅଟା ଗୁଣ୍ଡା ପ୍ରାୟ, ନ୍ୟସ୍ତସ୍ୱାର୍ଥ ମଣିଷ ତାକୁ ଅକ୍ତିଆର କରିନିଅନ୍ତି । ସେମାନେ ସେ ନଳକୂଅକୁ ରାତି ଅଧିଆ ଅଚଳ କରାଇଦିଅନ୍ତି । ଯନ୍ତପଟା ଭାଙ୍ଗି ଦିଅନ୍ତି । ଫଳରେ ସେମାନଙ୍କର ପାଣିବିକ୍ରିରୁ ଫାଇଦା ଓ ଦାଦାଗିରି ଅତୁଟ ରହେ । ଲୋକଙ୍କୁ ଏ ନଳକୂଅର ଗୁରୁତ୍ୱ ବିଷୟରେ ସଚେତନ କରିବାକୁ ହେବ । ଫଳରେ ସେମାନେ ଯେଉଁଥିପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି ସେହି ଜଳଉତ୍ସ ନଳକୂଅଟିର ଭଲ ଦେଖାରଖା, ମରାମତି ଓ ନିରାପତ୍ତା ଦିଗରେ ସେମାନେ ହେବେ ସଚେତନ, ସଜାଗ ।"

❖❖❖

Digitized by srujanika@gmail.com

ସ୍ୱୟଂ ପାଣି ଏକ ଅର୍ଥକାରୀ ଫସଲ

'ସରୋବରର ସାମ୍ରାଜ୍ୟ' ରୂପେ ରାମନାଦ ଇତିହାସରେ ବିଦିତ । ଏହାର ପୂର୍ବଜମାନେ ସ୍ପଷ୍ଟ ଭାବେ ଜାଣିଥିଲେ ଯେ, ଏ ଅଞ୍ଚଳକୁ ବଞ୍ଚାଇ ରଖିବାକୁ ହେଲେ ଏହାର ଜଳଉତ୍ସର ବିଧିବଦ୍ଧ ପରିଚାଳନା ଓ ନିୟନ୍ତ୍ରଣ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୁରାତନ ରାମନାଦ, ଯାହା ଭିତରେ ଅନ୍ତର୍ଗତ ଥିଲା ଆଜିର ପଶୁମ୍ପନ ଓ କାମରାଜର୍ ଜିଲ୍ଲା, ଛଅ ହଜାରରୁ ଊର୍ଦ୍ଧ୍ୱ ପୁରାତନ ପୁଷ୍କରିଣୀକୁ ନେଇ ତିଷ୍ଠି ରହିଥିଲା । ସଂପ୍ରତି ବିଭାଜିତ ରାମନାଦରେ ରହିଛି ୧୮୪୧ଟି ସରୋବର, କେତେକର ବୟସ ଏକ ସହସ୍ରାବ୍ଦରୁ ମଧ୍ୟ ଅଧିକ ।

'ରାମନାଦର ବିଶାଳ ସରୋବର' ଭଳି ଅସୁର ଦିଘିର ଜଳଧାରଣ କ୍ଷମତା ୬୧୮ ନିୟୁତ ଘନଫୁଟ । ୮୨୪ ବର୍ଗ ମାଇଲ ବିସ୍ତୃତ ଇଲାକାର ଜଳକୁ ଏହା ଧାରଣ କରିଥାଏ । ଏହାର ଆୟୁଷ ନେଇ ପ୍ରତ୍ୟେକ ସନ୍ଦିହାନ, ଏପରିକି ଜିଲ୍ଲା ଗେଜେଟିଅର୍‌ରେ ଲିପିବଦ୍ଧ ହୋଇନାହିଁ ଏହାର ବୟସ । ଭାଇଗାଇ ନଦୀ ସର୍ବଶେଷରେ ଆସି ପଡ଼ିଛି ଏ ସରୋବର ମଧ୍ୟରେ । ସରୋବର ନାମଧାରୀ ଏହା ଏକ ହ୍ରଦ । ତଦୁପରି ତିରୁବନ୍ଦନାଇ ତାଲୁକରେ ଥିବା 'ରାଜସିଂହ ମଙ୍ଗଳମ୍' ସରୋବର ଏଡ଼େ ବିଶାଳ ଯେ, ଏହାର ବନ୍ଧର ଦୈର୍ଘ୍ୟ ତେରମାଇଲ ଏବଂ ଏହା ସେଚିତ କରିଥାଏ ୪,୫୦୦ ଏକର ଜମି ।

ମଜାଦାର କଥା ଯେ, ରାମନାଦର ବିଶାଳ ସରୋବରମାନ ସିଧା ଗୋଟିଏ ଧାଡ଼ିରେ ନିର୍ମିତ । ଏହାର ଅର୍ଥ ଗୋଟିଏ ଇଲାକାରେ ଅତ୍ୟଧିକ ବର୍ଷା ହେଲେ ଉଛୁଳା ପାଣି ପ୍ଲାବିତ ହୋଇ ମଧ୍ୟ ଦୂରବର୍ତ୍ତୀ ପୁଷ୍କରିଣୀରେ ପଡ଼ିବ । ଏଥିପାଇଁ ରହିଛି ପ୍ରତ୍ୟେକ ପୁଷ୍କରିଣୀ ମଧ୍ୟରେ ସଂଯୋଗ ନାଳି । ସୁତରାଂ ଜଳକଷ୍ଟ ଓ ମିତବୃଷ୍ଟି ଅଞ୍ଚଳର ଶୃଙ୍ଖଳା ପୋଖରୀ ପରିପୁଷ୍ଟ ହେବ ଉଦ୍‌ବୃତ୍ତ ଅଞ୍ଚଳର ଜଳରେ ।

ଏହାର ଅର୍ଥ ନୁହେଁ ତାମିଲନାଡୁର ପ୍ରାଚୀନ ରାଜାମାନଙ୍କ ହୃଦୟ କରୁଣା ଓ ଦୟାରେ ଥିଲା ଦ୍ରବୀଭୂତ । ଦୁଇ ହଜାର ବର୍ଷ ଧରି ତାମିଲନାଡୁର ପ୍ରାଚୀନ ଜଳସେଚନ ପଦ୍ଧତି ଉପରେ ଅଧ୍ୟୟନ କରିଥିବା ଗବେଷକ ଡାଭିଦ୍ ଲୁଡେନ୍‌ଙ୍କ ଭାଷାରେ : "ଧନୀକ ଚାଷୀ ଖୋଳୁଥିଲେ କୂଅ, ସାମନ୍ତମାନେ ତିଆରୁଥିଲେ ପୁଷ୍କରିଣୀ ଏବଂ ରାଜାମାନେ ବଡ଼ ବନ୍ଧବାଡ଼ ।" ମାତ୍ର ଅନ୍ତତଃ ପକ୍ଷେ ଥିଲା ନିୟମ, କେହି ଅକାରଣରେ ପାଣି ନଷ୍ଟ କରିବେ ନାହିଁ, ଜଳ ଅମଳ ଉପରେ ଏହା ଏକ ସ୍ପଷ୍ଟ ଅବବୋଧ ।

ଆଜିଯାଏ ଏଠାକାର ୯୦ ଶତାଂଶ ଜଳସେଚନ ୧୮୪୧ଟି ପ୍ରାଚୀନ ପୁଷ୍କରିଣୀ ଉପରେ ନିର୍ଭରଶୀଳ । ଅନ୍ୟତ୍ର ତାମିଲନାଡୁରେ ବର୍ଷାଜଳ ଉପରେ ନିର୍ଭର ରଖୁଥିବା

Digitized by srujanika@gmail.com

ଜମି ହେଉଛି ଶତକଡ଼ା ହାରାହାରି ୩୮ ଭାଗ । ରାମନାଦର ପାରମ୍ପରିକ ଜଳସେଚନ ପଦ୍ଧତି ହେଉଛି ଏହାର ଜୀବନରେଖା । କିନ୍ତୁ ଆଜି ସେ ଜୀବନରେଖା ହୋଇଛି ସଂକଟାପନ୍ନ ।

ଅଧିକାଂଶ ପୁଷ୍କରିଣୀ ଆବଶ୍ୟକ କରେ ମରାମତି ଓ ସଫେଇ । ମାତ୍ର ଜଣେ ବରିଷ୍ଠ ପ୍ରଶାସକଙ୍କ ମତାମତ ଅନୁଯାୟୀ : ''ପଙ୍କୋଦ୍ଧାର, ମରାମତି ପ୍ରଭୃତି ପାଇଁ ଆବଶ୍ୟକ ପାଣ୍ଠିର ୪୦ ଶତାଂଶରୁ କମ୍ ଅନୁମୋଦିତ ହେଉଛି । ତେଣୁ କେତେକ ନିର୍ଦ୍ଦିଷ୍ଟ ପୁଷ୍କରିଣୀର ଅତି ଗୁରୁତ୍ୱପୂର୍ଣ୍ଣ ମରାମତି କରାଯାଉଛି । ମାତ୍ର ଏ ପୁଷ୍କରିଣୀମାନଙ୍କୁ ଖୋରାକ ଯୋଗାଉଥିବା ନାଳିଗୁଡ଼ିକର ସଫେଇ କାର୍ଯ୍ୟ ଏହି କୁଣ୍ଠିତ ପାଣ୍ଠିରେ କରାଇନେବା ସମ୍ଭବପର ନୁହେଁ ।'' ଆବଶ୍ୟକ ପରିମାଣ ପାଣ୍ଠିରୁ ବଞ୍ଚିତ ହୋଇ ପୂର୍ତ୍ତ ବିଭାଗ ଏସବୁ ପୁଷ୍କରିଣୀଗୁଡ଼ିକୁ କଷ୍ଟେମଷ୍ଟେ କାର୍ଯ୍ୟକ୍ଷମ ରଖିଥାଏ ।

ପାନୀୟ ଜଳର ସମସ୍ୟା ସମାଧାନ ପାଇଁ ସମୁଦ୍ର ଜଳକୁ ଲବଣମୁକ୍ତ କରି ଉପଯୋଗ କରିବାର ପ୍ରଯୁକ୍ତିବିଦ୍ୟା ସଫଳ ହୋଇଛି । ଏବଂ ତା'ର ପରିପ୍ରୟୋଗ ସମ୍ଭବପର । ଏହି ଦିଗନ୍ତ ଉପରେ ରାମନାଦର ଜିଲ୍ଲାପାଳ ଏଲ୍.ବାଲ୍‌କ୍ରିଷ୍ଣନ୍ ଯୁକ୍ତି-ସମ୍ମତ ଭାବେ ଆଶାବାଦୀ । ମାତ୍ର ଏଯାଏଁ ଏହାର ବ୍ୟୟଭାର ଯୁକ୍ତି-ସିଦ୍ଧ ହୋଇନାହିଁ । ଏଥିପାଇଁ ଆବଶ୍ୟକ ବିପୁଳ ପୁଞ୍ଜି ଯାହା ଆଜିକାଲିର ନିଅଣ୍ଟିଆ ସରକାରୀ କଳରେ ସମ୍ଭବ ହେଉନାହିଁ । ସରକାରମାନେ ଏ ଦିଗରେ ବ୍ୟୟ କରିବାକୁ କୁଣ୍ଠିତ । ଏବଂ ଘରୋଇ ଅମ୍ବୁ-ପତିମାନଙ୍କ ଠାରୁ ଅସ୍ୱାଭାବିକ ଦର୍‌ରେ ପାଣି କିଣୁଥିବା ନାଗରିକଙ୍କ ମୁଣ୍ଡରେ ଏଥିପାଇଁ ଅଧିକ ଜଳକର ଲଦିଦେବା ହେଉଛି ସମସ୍ୟା ଓ ଜନ ଅସନ୍ତୋଷକୁ ବନ୍ଦାପନା କରି ଆହ୍ୱାନ କରିବା ।

ରାମନାଦକୁ ଜଳଯୋଗାଣ ପାଇଁ ଭାଇଗାଇ ଡ୍ୟାମ୍ ଭଳି ପ୍ରୋଜେକ୍ଟର ପରିପ୍ରୟୋଗରେ ବିଫଳତା ଏବଂ ସ୍ୱାଭାବିକ ରାଜନୈତିକ ଅବହେଳା ଏହି ଜିଲ୍ଲାର ଅନ୍ତର୍ଦାହକୁ ଅଧିକ ଜ୍ୱାଳାମୁଖୀ କରିଦେଇଛି । ପଚାଶ ଦଶକରୁ ମଦୁରାଇ ଅଞ୍ଚଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଭାଇଗାଇ ଡ୍ୟାମ୍ ବାସ୍ତବରେ ରାମନାଦକୁ କମାଇ ଦେଇଛି ସେହି ନଦୀର ଜଳ ପ୍ରବାହ । ଜଣେ ରାଜନୈତିକ କର୍ମୀଙ୍କ ବକ୍ତବ୍ୟରେ : ''କାବେରୀ ନଦୀ ଜଳର ବଣ୍ଟନକୁ ନେଇ ତିନୋଟି ରାଜ୍ୟ ମଧ୍ୟରେ ଚାଲିଥିବା ବିବାଦ ପରି ଆମର ନିଜର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ରହିଛି । ରାମନାଦର ଜଳକଷ୍ଟ ପାଇଁ କେବଳ ଉଚ୍ଚସ୍ତରରେ ଇଚ୍ଛାଶକ୍ତିର ଅଭାବ ହିଁ ଦାୟୀ ।''

ରାମନାଦର ୨୬୫ କିଲୋମିଟର ପ୍ରଲମ୍ବିତ ସମୁଦ୍ର ତଟ ଥିବାରୁ ଏହାର ଭୂ-ତଳ ଜଳର ପ୍ରାଚୁର୍ଯ୍ୟ ନେଇ ସମ୍ଭାବନା ରହିଛି । କିନ୍ତୁ ଏହାର କୂଅଗୁଡ଼ିକର ପାଣି ୧୫୦ ମିଟର ଏବଂ ତାହାଠାରୁ ଆହୁରି ତଳକୁ ଖସିଯାଉଛି । ପ୍ରଶାସନର ମନ୍ତବ୍ୟ : ତାମିଲନାଡୁର ଅନ୍ୟ ପ୍ରାନ୍ତ ଭଳି ରାମନାଦରେ ଭୂ-ତଳ ଜଳର ମନଇଚ୍ଛା ଅପବ୍ୟବହାର ହୋଇନାହିଁ ।

Digitized by srujanika@gmail.com

ବାସ୍ତବତା ହେଉଛି, ଏଠାରେ ଥିବା ଜଳାଶୟମାନଙ୍କର ଜଳଉତ୍ସରୁ ଏକ ତୃତୀୟାଂଶ ବ୍ୟବହୃତ ହେଉଛି । ତଥାପି କୂଅପାଣିର ସ୍ତର ତଳକୁ ତଳ ଖସି ଚାଲିଛି, ପାନୀୟଜଳ ପାଇଁ ଖର୍ଚ୍ଚ ବଢ଼ି ଚାଲିଛି ଏବଂ ଜନସାଧାରଣଙ୍କ କ୍ରମ ବର୍ଦ୍ଧମାନ ଅଭିଯୋଗ ଯେ, ପାଣି ହୋଇଯାଉଛି ଲୁଣିଆ–ଉପ୍ପୁଥାନୀର୍ ।

ରାମନାଦର ୪୯ଟି କୂଅ ଉପରେ ଅନୁଷ୍ଠିତ ଏକ ଅଧ୍ୟୟନ ୧୯୯୨ ଜୁନ୍ ମାସରେ ଏଥିରେ ଥିବା ଜଳସ୍ତରକୁ ୧୯୯୦ ଜୁନ୍‌ର ଜଳସ୍ତର ସହ ତୁଳନା କରେ । ଏହା ଦର୍ଶାଏ : ମାତ୍ର ଦଶଟି କୂଅର ଜଳସ୍ତରରେ ଘଟିଛି ବିମର୍ଷକର ୦.୨୩ ଶତାଂଶର ଅଭିବୃଦ୍ଧି । ମାତ୍ର ଅବଶିଷ୍ଟ ଅଣଚାଳିଶଟିର ଜଳସ୍ତର ହ୍ରାସ ପାଇଛି କିମ୍ବା ରହିଛି ସ୍ଥିର । ସମଗ୍ର ରାଜ୍ୟସ୍ତରରେ ତାମିଲନାଡୁର ୧୭୯୩ଟି କୂଅ ଉପରେ ହୋଇଥିବା ଅନୁଧ୍ୟାନ କହେ ମାତ୍ର ୧.୬୫ ଶତାଂଶ କୂଅର ଜଳସ୍ତରରେ ଘଟିଛି ଉନ୍ନତି । ଏହାର ଅର୍ଥ ସମଗ୍ର ରାଜ୍ୟର ଭୂ-ନିମ୍ନସ୍ଥ ଜଳସ୍ତରରେ ଦୀର୍ଘକାଳ ମଧ୍ୟରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ, ଭବିଷ୍ୟତରେ ହେବାର ଆଶା ମଧ୍ୟ କ୍ଷୀଣ ଓ ନିଷ୍ପ୍ରଭ ।

ଏହି ଜଳକଷ୍ଟ ସର୍ବାଧିକ ପଦାଘାତ କରେ କୃଷି ପରିସର ଏବଂ ବର୍ଷ ବର୍ଷ ଧରି ସରକାରୀ ଅବହେଳାକୁ ଏଥିପାଇଁ ବଧେଇ ଜଣାଇବାକୁ ବୋଧେ ପଡ଼ିବ । ୧୯୭୩ରେ ରାମନାଦରେ ଅନୁଷ୍ଠିତ ଏକ ବୈଷୟିକ-ଅର୍ଥନୈତିକ ସର୍ବେକ୍ଷଣ କହେ ଏହାର ପ୍ରାଚୀନ ପୁଷ୍କରିଣୀଗୁଡ଼ିକ ହିଁ ଜିଲ୍ଲା ପାଇଁ ବରଦାନ । ଏହି ସର୍ଭେ ପରାମର୍ଶ ଦେଇଥିଲା : "ତ୍ୱରିତ ଗତିରେ ସେହିସବୁ ପୁଷ୍କରିଣୀର ପଙ୍କୋଦ୍ଧାର ଓ ମରାମତି ହେବା ଅତ୍ୟନ୍ତ ଜରୁରୀ ।" ପଚିଶ ବର୍ଷରୁ ଅଧିକ ସମୟ ବିତିଯାଇଥିବା ଏବଂ ଅନେକତ୍ର ଭୂ-ତଳ ଜଳପତନ ସହ ପାଣି ଯୋଗାଣ ହ୍ରାସ ପାଉଥିବା ବେଳେ ଅଧିକାଂଶ ପୁଷ୍କରିଣୀର ମାମୁଲି ମରାମତି ମଧ୍ୟ ଏଯାଏ ଆରମ୍ଭ ହୋଇନାହିଁ ।

'ରାମନାଦ ବିଶାଳ ସରୋବର'କୁ ଦେଖିଆସିବା ପରେ 'ପାଣି ବିକ୍ରିର ବଜାର' ଉପରେ ଏକ ସଜଳ ଚିତ୍ର ସ୍ପଷ୍ଟ ହୋଇଉଠିଲା । ଏକ ସରକାରୀ ନିଲାମ ଡାକରା ବଳରେ ଦୁଇଲକ୍ଷରୁ କମ୍ ଟଙ୍କା ମୂଲ୍ୟରେ ଏହାର ମାଲିକାନା ନେଇଥିବା ଜଣେ ଘରୋଇ ବେପାରୀ ଏହି ସରୋବରରୁ ନିୟମିତ ମାଛ ମାରେ । ମାତ୍ର ତିରିଶ ଦିନର ଏକ ଋତୁ ପାଇଁ ସେ ଚଳାଇଥିବା ମାଛଧରାରୁ ପାଇଥାଏ ଅନ୍ୟୂନ ୧୨ ଲକ୍ଷରୁ ୨୦ ଲକ୍ଷ ଟଙ୍କା । ଏବେ ବୁଝିହେଉଛି ପାଣିକୁ ନେଇ ତାମିଲନାଡୁର ପ୍ରତ୍ୟେକ ପ୍ରାନ୍ତ ଓ ଛତ୍ରରେ ରହିଛି ନିରୁତା ଲାଭ ହିଁ ଲାଭ ।

ମାତ୍ର ପାଣ୍ଡ୍ୟ ଓ ଚୋଳ ବଂଶର ଶାସକମାନେ ଜଳାଶୟ ଓ ଜଳର କରିଥିଲେ ବେଶ୍ ମନୋରମ, କ୍ରାନ୍ତିକାରୀ ଉପଯୋଗ । ଆଧୁନିକ ସଭ୍ୟ ମଣିଷର ଲୋଭ ଓ ଲାଭର ବିବର୍ଣ୍ଣ ପୃଥିବୀରେ ପ୍ରକୃତିର ବରଦାନ ପାଣି ହୋଇପଡ଼ିଛି ଏକ ଅର୍ଥକାରୀ ଫସଲ ।

❖ ❖ ❖

Digitized by srujanika@gmail.com

ଏକ ଅନ୍ତହୀନ ଅନ୍ୱେଷାର ଇତିହାସ

ସେ ଥିଲା ଏକ ନୀରବ ଲୁଣ୍ଠନ । ରାତ୍ରି ସେତେବେଳକୁ ଅଢ଼େଇ ହେବ । ଚାରିଆଡ଼ ଥାଏ ଅନ୍ଧାର । ଶହ ଶହ ମଣିଷ ସନ୍ତର୍ପଣରେ ପାଦ ଚିପି ଚିପି ଆସି ତ୍ୱରିତ ଗତିରେ ଲୁଣ୍ଠନ କରୁଥାନ୍ତି ଠିକ୍ ଟ୍ରେନ୍ ପ୍ଲାଟଫର୍ମରେ ପହଞ୍ଚିବା କ୍ଷଣି । ସେତେବେଳକୁ ସମସ୍ତ ରେଳଯାତ୍ରୀ ଥିଲେ ନିଦ୍ରିତ । ନିଶାଗ୍ରସ୍ତ ହେଲାଭଳି ରାଇଫଲ୍‌ଟି ଉପରେ ଢୋଳାଇ ପଡ଼ିଥିବା ରେଳଡ଼ବାର ନିରାପତ୍ତା ରକ୍ଷୀ ଏବେ ହତବାକ୍ ହୋଇ ଦେଖୁଥାଏ ଲୁଣ୍ଠନ । ସେ ତନ୍ଦ୍ରିଳ ନିଶାର୍ଦ୍ଧରେ ମୁଁ ମଧ ଚେଇଁ ଉଠି ଲୁଣ୍ଠନର ଦୃଶ୍ୟ ଦେଖି ଅସହାୟବୋଧ କରୁଥାଏ । ଲୁଣ୍ଠନକାରୀଙ୍କ ହାତରେ ଥାଏ ଗରା, ବାଲ୍‌ଟି, ଡେକ୍‌ଚି ଓ ଜରିକ୍ୟାନ୍‌ର ଅସ୍ତ୍ର । ଏବଂ ସେମାନେ କେବଳ ଲୁଣ୍ଠନ କରୁଥିଲେ ରେଳଡ଼ବାର ପାଣି ।

ଅଭ୍ୟାସଗତ ସହଜ ଢଙ୍ଗରେ ସେମାନେ ତରତରରେ ରେଳଡ଼ବାର ପ୍ରତି ପାଇଖାନା ଘରେ ପଶି ଖଲାସ କରିନେଉଥିଲେ ପାଣି ନିଜର ଗରା, ମାଠିଆ, ବାଲ୍‌ଟିରେ । କେଇ ମିନିଟ୍ ପୂର୍ବରୁ ସମଗ୍ର ପ୍ଲାଟଫର୍ମରେ ମହୁଫେଣାର ମହୁମାଛି ପରି ଭଣ ଭଣ ହେଉଥିବା ମଣିଷମାନେ ଆଉ ନଥିଲେ । ଟ୍ରେନ୍ ଛାଡ଼ିବା ପୂର୍ବରୁ ପ୍ଲାଟଫର୍ମ ଉପରେ ଏକମାତ୍ର ଜୀବନ୍ତ ଛାୟାମୂର୍ତ୍ତି ଥିଲି ମୁଁ । ସେମାନେ ଚାଲିଯାଇଥିଲେ । ତା' ସହିତ ଚାଲିଯାଇଥିଲା ରେଳଡ଼ବାର ଅଧିକାଂଶ ସଞ୍ଚିତ ଜଳ । ସେ ଥିଲା ତାମିଲନାଡୁର ପୁଦୁକୋଟାଇ ରେଳ ପ୍ଲାଟ୍‌ଫର୍ମ ।

ତେର ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଜିଲ୍ଲାରେ ଅଭାବ ହିଁ ଜନ୍ମ ଦେଇଛି ଏକ ଚଳଚଞ୍ଚଳ ପାଣି-ବଜାର । ଉଭୟ ସେଚ ଓ ପାନୀୟ ଜଳ କ୍ଷେତ୍ରରେ ତାହା କ୍ରିୟାଶୀଳ । ବେଶି ଦୂର ଯିବାକୁ ପଡ଼ିବନି, ଖୋଦ୍ ପୁଦୁକୋଟାଇ ସହରରେ ଆପଣ ଦେଖିପାରିବେ ବିଭିନ୍ନ ସ୍ଥାନରେ ପାଣି ପାଇଁ ଲୋକଙ୍କର ନୈଶ-ଅଭିଯାନ ଏବଂ ଅନ୍ୱେଷାରେ କଟିଯାଏ ବିନିଦ୍ର ପ୍ରହର । ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ କୌଣସି ବ୍ୟକ୍ତି ଦୈନିକ ଦଶ ଲିଟରରୁ ଅଧିକ ପାଣି ପାଏନାହିଁ । ଏହି ପରିମାଣ ସାଧାରଣ ବାଲ୍‌ଟିଏ ପାଣି ଠାରୁ ମଧ କମ୍ । ସେଥିରେ ସବୁକାମ ମେଣ୍ଟାଇବାକୁ ପଡ଼େ ଏବଂ ସବୁଦିନେ ସେହି ପାଣି ପାଇବାର ସୌଭାଗ୍ୟ ଆସେନାହିଁ । କେଉଁଦିନ ମିଳେ ଛଅ ଲିଟର, ଆଉ କେଉଁଦିନ ଗରା ରହିଯାଏ ଶୂନ୍ୟ । ଏହାକୁ ତୁଳନା କରାଯାଉ ଦିଲ୍ଲୀରେ ରହୁଥିବା ଲୋକଙ୍କ ସହିତ ଯେଉଁଠି ମୁଣ୍ଡପିଛା ଦୈନିକ ଜଳ ମିଳେ ହାରାହାରି ୨୨୦ ଲିଟର । କଲିକତାରେ ସେ ପରିମାଣ ୧୯୦, ବମ୍ବେରେ ୧୫୫ ଓ ମାନ୍ଦ୍ରାଜରେ ୭୦ ଲିଟର ।

Digitized by srujanika@gmail.com

ସେଦିନ ସେଇ ନିଶାର୍ଦ୍ଧରେ ପୁଦୁକୋଟାଇ ରେଳ ଷ୍ଟେସନ୍‌ରେ ମୋର ହେଲା ଯେଉଁ ଅଭାବିତ ଅନୁଭୂତି, ଏହାର କିଛିଦିନ ପରେ ମୁଁ ପହଞ୍ଚିଲି ଗନ୍ଧର୍ବକୋଟାଇ ଠାରେ । ସେହି ମରୁଡ଼ି ପ୍ରପୀଡ଼ିତ ବ୍ଲକ୍‌ରେ ସେହିମାତ୍ର ପହଞ୍ଚିଥାନ୍ତି ପୁଲିସ ଫୌଜ । ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଶହ ଶହ ବିକ୍ଷୁବ୍ଧ, କ୍ଷୁଧିତ ଗ୍ରାମବାସୀଙ୍କୁ ଡକାଇ ସେମାନଙ୍କ ସହିତ କଥାବାର୍ତ୍ତା ଚଳାଇଥାନ୍ତି । ଗ୍ରାମବାସୀମାନେ ତାଙ୍କ ଅଞ୍ଚଳର ଜାତୀୟ ରାଜପଥ ଉପରେ ଟ୍ରକ୍, ବସ୍ ଅଟକାଇ ହରତାଳ କରୁଥାନ୍ତି । ଜଣେ ବିକ୍ଷୋଭକାରୀ ନିରୁତ୍ତେଜିତ ଭାବେ ପଚାରୁଥାନ୍ତି : ‘‘ଆମର ଦୀର୍ଘ ଜଳକଷ୍ଟ ଆଡ଼କୁ ସେମାନଙ୍କ ଧ୍ୟାନ ଆକର୍ଷଣ ପାଇଁ ଆମେ ଆଉ କ’ଣ କରିପାରିଥାନ୍ତୁ, କୁହନ୍ତୁ ତ ?’’

ଏଠାରେ ମରୁଡ଼ିର ଅର୍ଥ ପାନୀୟ ଜଳର ଅଭାବ ଠାରୁ ବେଶ୍ ଗଭୀର । ବର୍ଷା ଜଳ ପୁଷ୍ଟ ହଜାର ହଜାର ପୁଷ୍କରିଣୀ ଉପରେ ଏକାନ୍ତ ଓ ପ୍ରଚ୍ଛନ୍ନ ଭାବେ ନିର୍ଭରଶୀଳ ଜଳସେଚନ ପାଇଁ ଏ ଅଞ୍ଚଳର ଅର୍ଥନୀତି ଓ ସାମାଜିକ ଜୀବନ ଛିନ୍ନଭିନ୍ନ ଓ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅଧିକାଂଶ ପୁଷ୍କରିଣୀ ଶତାୟୁ ଓ ସହସ୍ରାୟୁ । ଏହି ପଦ୍ଧତିରେ ସେଚିତ ଜମି ପରିମାଣ (୮୨,୦୦୦ ହେକ୍ଟର)ର ଏକ ଚତୁର୍ଥାଂଶ ହେଉଛି କୂପ ଓ କେନାଲ ଦ୍ୱାରା ପରିପୁଷ୍ଟ ଜମି (ପ୍ରାୟ ୨୨ ହଜାର ହେକ୍ଟର) । ‘ବର୍ଷାଜଳ-ପୁଷ୍ଟ’ ହେବା ଅର୍ଥ ମୌସୁମୀ ପ୍ରବାହର କରୁଣା ଉପରେ ନିର୍ଭର ରଖିବା । ଏବଂ ତାହା ଥରୁଟିଏ ବାଦ୍ ଦେଲେ ଗତ ଦଶବର୍ଷ ମଧ୍ୟରେ କ୍ରମାଗତ ଭାବେ ବିଫଳ ହୋଇ ଚାଲିଛି ।

ଜଳର ଅଭାବ ଏହି ଜିଲ୍ଲାରେ ଆମନ୍ତ୍ରି ଆଣିଛି ଜନସଂଖ୍ୟାର ବିପୁଳ ସଂଖ୍ୟକ ମଣିଷଙ୍କ ଦେଶାନ୍ତରୀ, କର୍ମ ସନ୍ଧାନରେ ଅନ୍ୟତ୍ର ପଳାୟନ । ତାମିଲନାଡୁର ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ ପୁଦୁକୋଟାଇ ସର୍ବନିମ୍ନ ସହରୀକରଣ ଦେଖିଛି । ଗନ୍ଧର୍ବକୋଟାଇର ଗ୍ରାମାଞ୍ଚଳରେ ମୁଁ ସ୍ୱଚକ୍ଷୁରେ ଦେଖିଛି କିପରି ବସ୍ତି ପରେ ବସ୍ତି ହୋଇପଡ଼ିଛି ଜନମାନବ ଶୂନ୍ୟ । ଉଲୁରା ଚାଳର ଦଦରା କବାଟରେ ଝୁଲୁଛି ତାଲା । ଦୃଷ୍ଟାନ୍ତ ସ୍ୱରୂପ ତୁଲକମ୍‌ପଟ୍ଟି ବସ୍ତିର ୨୦୦ ମଧ୍ୟରୁ ୧୬୦ ପରିବାର ପରିତ୍ୟାଗ କରିଛନ୍ତି ସେମାନଙ୍କ ଘର । କର୍ମ ସଂଧାନରେ ପଳାଇ ଯାଇଛନ୍ତି ପଡ଼ୋଶୀ ଥାଞ୍ଜାଭୁର ଜିଲ୍ଲା – ରାଜ୍ୟର ସବୁଠାରୁ ଧନୀ ଓ ସମୃଦ୍ଧ ଅଞ୍ଚଳ । କିଛିମାସ ପରେ ଯାଇ ସେମାନେ ଫେରିବେ ନିଜ ଭିଟାମାଟି ।

ଧାଡ଼ି ପରେ ଧାଡ଼ି ନିଶୂନ ଘର, ଚଳପ୍ରଚଳ ହେଉଥିବା ଆତ୍ମାଟିଏ ନାହିଁ । ନିର୍ଜନ, ନିସ୍ତବ୍ଧ ସେଇ ଧାଡ଼ିରେ ଚାଲିଲାବେଳେ ଉଦାସ ନିସଙ୍ଗତା ମାଡ଼ିବସେ । ସେଇ ଜୀବଶୂନ୍ୟ ସ୍ତବ୍ଧତା ଭିତରେ ଦୀର୍ଘ ସମୟ ପଦଚାରଣା ପରେ ଭେଟିଲି ଗୋଟିଏ ଛାୟାମୂର୍ତ୍ତି – ଚବିଶ ବର୍ଷର ନାରୀଟିଏ । ନାମ ବିଜୟା । ଥାଞ୍ଜାଭୁର୍‌ରୁ ସେ ଆସିଛି

Digitized by srujanika@gmail.com

ଦିନଟିଏ ପାଇଁ ଦେଖିଯିବାକୁ ନିଜର ଘରଟି—ରହିଛି ଅକ୍ଷତ ନା ଉଲରା । ସେ କହେ ଏପରି ବଞ୍ଚିବା ବ୍ୟତୀତ ସେମାନଙ୍କର ଆଉ କିଛି ଚାରା ନାହିଁ । ସେ ଜଣେ ଦରିଦ୍ର କୁରାଭୁର୍ ସଂପ୍ରଦାୟର ଯୁବତୀ, ଥାଞ୍ଜାଭୁର୍‌ରେ କୃଷି ଶ୍ରମିକ ବୃତ୍ତି ନେଇ ବଞ୍ଚେ ।

ଚଳଚ୍ଚିତ୍ର ଷ୍ଟାଇଲ୍‌ରେ କାନ୍ଧକୁ ହଲାଇ ବ୍ଲକ୍‌ସ୍ତରୀୟ ଜଣେ କୃଷି ହାକିମ କହନ୍ତି : "ଏହା ସାମୟିକ ।" ସତେ ଯେମିତି ସେ ପ୍ରମାଣ କରିବାକୁ ଚାହାନ୍ତି କାମଧନ୍ଦା ନପାଇ ଲୋକେ ଗାଁ ଛାଡ଼ିବା ଏକ ତୁଚ୍ଛ ଘଟଣା ଏବଂ ଲୋକେ ତୀର୍ଥାଟନ କି ପର୍ଯ୍ୟଟନରେ ଯାଇଛନ୍ତି । ମାତ୍ର ଦେଶାନ୍ତରୀ ନହୋଇ ନିଜ ବସ୍ତିରେ ରହିଯାଇଥିବା କୁରାଭୁର୍ ସଂପ୍ରଦାୟର ଛୟାଳିଶ୍ ବର୍ଷୀୟ କଲିଆ ମୂର୍ତ୍ତି ସମୁଦାୟ ସଂକଟକୁ ଅଭିବ୍ୟକ୍ତ କରନ୍ତି ଗୋଟିଏ ଶବ୍ଦରେ—'ପାଣି' ।

ଏହି ସମାନ ବ୍ଲକ୍ ଅନ୍ତର୍ଗତ ଦେଖିଥିବା ଅନ୍ୟ ତିନୋଟି ଗ୍ରାମ - ପେରିଆକୋଟ୍ଟାଇ, ଉଲ୍ଲୁବୈଗଲ ଓ କୋଭିଲ୍‌ପଟ୍ଟି—ଏଠାରେ ୧୮ରୁ ୪୫ ବର୍ଷ ବୟସର କୌଣସି ଜଣେ ବି ଲୋକ ହେଉନଥିଲେ ଦୃଶ୍ୟମାନ । ଅନେକ ସ୍ଥଳରେ ସେମାନଙ୍କ ପରିବାର ଲୋକଙ୍କୁ ଅଜ୍ଞାତ ଥିଲା ସେମାନଙ୍କ ଗନ୍ତବ୍ୟ ସ୍ଥଳର ଠିକଣା । ପରିବାର କେବଳ ଜାଣନ୍ତି କର୍ମ ସଂଧାନରେ ସେମାନେ ହୋଇଛନ୍ତି ବ୍ରାଜକ ବା ଦେଶାନ୍ତରୀ, ଯେହେତୁ ଏଠାରେ ପାଣି ନାହିଁ । ପିଇବାକୁ କି ମୁହଁ ଧୋଇବାକୁ ତ ନାହିଁ, ଚାଷ କାମ କଥା ପଚାରେ କିଏ ! ଏସବୁ ଦୁର୍ଦ୍ଦଶାପନ୍ନ ଇଲାକାକୁ ଥରୁଟିଏ ପାଇଁ କୌଣସି ବିଧାୟକ କି ସାଂସଦ ଆସିଥିବାରୁ ଦୃଷ୍ଟାନ୍ତ ନାହିଁ ।

କେରଳକୁ ବାଦ୍ ଦେଲେ ଦକ୍ଷିଣ ଭାରତର ଅନ୍ୟ ସମସ୍ତ ଜିଲ୍ଲା ତୁଳନାରେ ପୁଡୁକୋଟ୍ଟାଇ ଥିଲା ସଂପୂର୍ଣ୍ଣ ସାକ୍ଷର ଏକ ଅଭିଜାତ ଅଞ୍ଚଳ—ଯେଉଁଠି ୯ରୁ ୪୫ ବର୍ଷର ସମସ୍ତ ମଣିଷ ବହି ପଢ଼ି ଶିଖିଥିଲେ । ଏହି ସଫଳତା ଥିଲା ଆରାବଳି ଇୟାକ୍କମ (ଜ୍ଞାନାଲୋକ ଅଭିଯାନ)ର ବରଦାନ । ସାମଜର ବିବିଧ ସ୍ତର ଓ ଶ୍ରେଣୀରୁ ସମର୍ପିତ ସ୍ୱେଚ୍ଛାସେବୀଙ୍କୁ ଗ୍ରହଣ କରୁଥିବା ଏବଂ ଏ ତାଲିକାଟି ଏକଦା ବିଶାଳ ଓ ବିସ୍ତାରିତ ଥିଲାବେଳେ ସଂପ୍ରତି ଜଳ ସଂକଟ ହିଁ ଆଣିଛି ଏହାର ଅଗ୍ରଗତିରେ ଚରମ ଅନ୍ତରାୟ । ଉତ୍ତର-ସାକ୍ଷରତା ଅଭିଯାନ ଉପରେ ଗ୍ରାମାଞ୍ଚଳରେ ସର୍ଭେ ହେଲାବେଳେ ଜଣାପଡ଼ିଲା ଯେ ଅଧିକାଂଶ ଲୋକ ଗ୍ରାମରେ ନାହାନ୍ତି । କର୍ମ ସଂଧାନରେ ଦୂରସ୍ଥାନକୁ ଦୀର୍ଘକାଳ ପାଇଁ ଚାଲିଯାଇଥିବାରୁ ଏହା ନବ ସାକ୍ଷର ଅଭ୍ୟାସର ଅବର୍ତ୍ତମାନରେ ଯେପରି ସେମାନଙ୍କୁ ପୁନର୍ବାର ନିରକ୍ଷର କରିପକାଇବ, ସେହିପରି ବାପା-ମା'ଙ୍କ ସହିତ ଦୂରସ୍ଥାନକୁ ପଳାୟନ କରୁଥିବା ବାଳକ ବାଳିକା ଏ ଜନ୍ମରେ ବିଦ୍ୟାଳୟର ଚାରିକାନ୍ଥ ମଧ୍ୟ ଦେଖିପାରିବେ ନାହିଁ । ଅର୍ଥାତ୍ ଗୋଟିଏ ନୂଆ ପିଢ଼ିର ଅଧିକାଂଶ ଯୁବକ ଯୁବତୀ ହୋଇଯିବେ ନିରକ୍ଷର ।

Digitized by srujanika@gmail.com

ଲଗାତର ଜଳ ସଂକଟରେ ଅନ୍ୟତମ ଦୀର୍ଘକାଳୀନ ପ୍ରଭାବ ବଡ଼ ବିଷମ ଓ ଭୟଙ୍କର । ଶେଷତମ ଫଳାଫଳ ହେଉଛି କ୍ଷୁଦ୍ର ଓ ନାମମାତ୍ର ଚାଷୀ ହାତରୁ ଜମି ଚାଲିଯିବା ଏବଂ ଧନୀକ ଶ୍ରେଣୀ ଅଧିକ ବିତ୍ତଶାଳୀ, ଭୂମିଶାଳୀ ଓ ପ୍ରଭାବଶାଳୀ ହୋଇଉଠିବା । ଦୃଷ୍ଟାନ୍ତ ସ୍ୱରୂପ କିଛି ବର୍ଷ ତଳେ ଯେତେବେଳେ ଜଳସଂକଟ ଦୂର କରିବା ପାଇଁ ଗଭୀର ନଳକୂପ ପ୍ରତିଷ୍ଠା କରାଗଲା, କୋଭିଲ୍‌ପଟ୍ଟିର ମୁଥୁରାଜା ବସ୍ତିର ଗରିବ ଚାଷୀମାନେ ସେମାନଙ୍କ ଅଧିକାଂଶ ଜମି ହରାଇଲେ । ଏହି ଗଭୀର ନଳକୂପର ମାଲିକମାନେ ହେଲେ ଅନ୍ୟ ବସ୍ତିର ବାସିନ୍ଦା—ଉଚ୍ଚବର୍ଗର ଧନୀକ ଚାଷୀ । ସେମାନେ ନିଜ ପ୍ରଭାବ ବିସ୍ତାର କରି ବ୍ୟାଙ୍କ ଋଣ ପାଇଲେ ଏବଂ ଚାଷୀଙ୍କୁ ପାଣି ବିକ୍ରିକରି ଅଧିକ ଲାଭବାନ ହେଲେ ।

ଗଭୀର ନଳକୂପ ଆସିବା ପରେ ବିଚିତ୍ର ଘଟଣାମାନ ଘଟିଲା । ଉପରୋକ୍ତ ଗ୍ରାମରେ ପ୍ରଥମ ପରିଣତି ହେଉଛି ଏ କୂଅ ଅତି ଗଭୀରରୁ ପାଣି ଟାଣି ନେବାରୁ ଗାଆଁର ଗରିବ ଲୋକ, କ୍ଷୁଦ୍ର ଚାଷୀଙ୍କ ପାରମ୍ପରିକ କୂଅର ଜଳସ୍ତର ହ୍ରାସ ପାଇଲା । ପାନୀୟଜଳ ଅଭାବରେ ହନ୍ତସନ୍ତ ଏହି ଦରିଦ୍ର ଲୋକମାନେ ଧନୀ ଚାଷୀର ଗଭୀର କୂପର ପାଣି କ୍ରୟ କଲେ । ଏହି ଦ୍ୱିତୀୟ ପରିଣତିର ବିଷମ ଦିଗଟି ହେଉଛି, ଠିକ୍ ବୈଶାଖ, ଜ୍ୟେଷ୍ଠର ଭୟଙ୍କର ଜଳକଷ୍ଟ ବେଳେ ଧନୀକ ଚାଷୀଟି ପାଣି ବିକ୍ରି କରିବା ବନ୍ଦ କରିଦେଲା । ଫଳସ୍ୱରୂପ, ସେମାନଙ୍କ ଫସଲ ଜଳିଗଲା ଏବଂ ଆଉକିଛି ପିଲା ପରିବାରକୁ ବଞ୍ଚାଇ ରଖିବାକୁ ଧନୀଚାଷୀ ପାଖରେ ନେହୁରା ହେଲେ ତଥା କିଛି ନିରୂପାୟ ମଣିଷ ନିଜର ଜମି ଖଣ୍ଡେ ତା' ପାଖରେ ବନ୍ଧକୀ ରଖିଲେ । ତୃତୀୟ ପରିଣତି ସ୍ୱରୂପ ଧନୀ ଚାଷୀ ପାଣି ପାଇଁ ଟଙ୍କା ବଦଳରେ ଫସଲର ଗୋଟିଏ ବଡ଼ ଅଂଶ ଦାବି କଲା । ଚତୁର୍ଥ ପଦକ୍ଷେପ ହେଲା, କେଉଁ ପ୍ରକାର ଫସଲ ଚାଷ କରିବାକୁ ହେବ ତାହା ନିର୍ଦ୍ଧାରଣ କଲା ବଡ଼ଚାଷୀ । ଦୃଷ୍ଟାନ୍ତ ସ୍ୱରୂପ, ସେ ଲଙ୍କାମରିଚ ବେପାର କରୁଥିଲେ ଲୋକଙ୍କୁ ଧାନ ବଦଳରେ ମରିଚ ଚାଷ ପାଇଁ ଚାପ ପ୍ରୟୋଗ କଲା, କାରଣ ଯେକୌଣସି ଫସଲ ପାଇଁ ବରାଭୟ ଓ ଭରସାର କେନ୍ଦ୍ରସ୍ଥଳୀ ହେଉଛି ସେହି ବଡ଼ଚାଷୀ । ପଞ୍ଚମ ପରିଣତି ହେଲା, ଗରିବ ଚାଷୀଙ୍କର ଏହି ଧନୀକ ଅମ୍ବୁ-ପତି ଉପରେ ଏକାନ୍ତ ନିର୍ଭରଶୀଳତା କ୍ରମେ ଶୋଷଣର ଏବଂ କ୍ଷୁଦ୍ରଚାଷୀ ଠାରୁ ଜମି ହଡ଼ପ କରିନେବାର ଆୟୁଧ ବନିଗଲା ।

କୋଭିଲପଟ୍ଟି ଗ୍ରାମର ୫୬ ବର୍ଷୀୟ ଚାଷୀ ଗୋବିନ୍ଦ ରାଜନ କହେ : "ଦିନ ଥିଲା, ମୁଥୁରାଜା ପରିବାରର ସବୁଭାଇଙ୍କ ଭାଗରେ ପଡ଼ିଥିଲା ତିନି ଏକର ଲେଖାଁ ଜମି । କାହାର କାହାର ଅଧିକ ଥିଲା । ଏବେ ଯଦି ବା କାହା ହାତରେ ଜମି ଖଣ୍ଡେ ଅଛି, ସେତକ ଅତି ଜୋର୍‌ରେ ଆଠ କି ଦଶଗୁଣ୍ଠ । ଆମ ଗାଁର ଗରିବ ଚାଷୀଙ୍କ ୪୦

Digitized by srujanika@gmail.com

ଏକରରୁ ଅଧିକା ଜମି ଚାଲିଗଲା ଧନୀଚାଷୀଙ୍କ ହାତକୁ । ଏବେ ଗାଁରେ ଆଉ ବୋର୍‌ୱେଲ୍ ନାହିଁ କି ପାଣି ନାହିଁ ।''

ଜଳ ସଂକଟର ଏହା ହେଉଛି ଅତ୍ୟଧିକ ସରଳୀକରଣ ଉପଚାର । ଭୂ-ସଂସ୍କାରର ପ୍ରହସନ ଏବଂ ଅତି ଛୋଟ ଛୋଟ ଜମି ଖଣ୍ଡ ହିଁ ମୁଖ୍ୟ ସମସ୍ୟା । ଏହାକୁ ଉତ୍କଟତର କରିଛି ଜଳ ସଂକଟ ଏବଂ ସହସ୍ର ସହସ୍ର ମଣିଷଙ୍କୁ କରିଛି ବାସହରା, ବାସ୍ତୁହରା । ଏହି ଜଳ ମଧ୍ୟ ହେଉଛି ଜାତିଆଣ ବିବାଦ ଓ ଅନ୍ୟାନ୍ୟ ଗଣ୍ଡଗୋଳର ପ୍ରଧାନ କାରଣ । ଭଲ ସମୟରେ ଉଚ୍ଚବର୍ଗର ଲୋକମାନେ ଯେଉଁ ହରିଜନମାନଙ୍କୁ ପାଣି ଯୋଗାଇବାକୁ କୁଣ୍ଠା ପ୍ରକାଶ କରୁଥିଲେ, ଜଳସଂକଟ ବେଳେ ସେମାନେ ମୁହଁ ଉପରେ ସିଧାସଳଖ ନାସ୍ତିବାଣୀ ଶୁଣାଇ ଦିଅନ୍ତି । ସାଭେରିଆ ପଚ୍ଚି ଗ୍ରାମର ପଚାଶ ବର୍ଷୀୟା ଜଣେ ହରିଜନ ମହିଳା ମହାମାୟୀ କହେ : ''ଆମେ ଏବେ ପଶ୍ଚିମ ଥାଞ୍ଜାଭୁର୍‌କୁ ପଳାଇ ଆସିଛୁ । ଆମର ପାଣି ନାହିଁ, ରାସ୍ତା ନାହିଁ, ଆଉ ଉଚ୍ଚଜାତିର ଲୋକେ ଆମକୁ ପିଇବା ପାଣି ବି ଟୋପେ ଛୁଆଁଇ ଦେଲେନି । ସେମାନେ କହୁଛନ୍ତି – ଯାଅ, ସରକାର ପାଖରୁ ପାଣି ଆଣ । ପାଣି ତଲାସରେ ଆମର ବେଳେବେଳେ ସକାଳୁ ସଂଜ ହୋଇଯାଏ – ଗୋଟିଏ କୂଅ ପାଖରୁ ତଡ଼ା ଖାଇ ଅନ୍ୟ କୂଅ ପାଖକୁ ଯିବାରେ । ସରକାରୀ ଢେଙ୍କିଆ ନଳଗୁଡ଼ାକର ମରାମତି କୁଆଡ଼େ ବର୍ଷସାରା ଚାଲୁଥିବା ଶୁଣିବାକୁ ମିଳେ ।'' ଏବଂ ବ୍ଲକ୍‌ର ବି.ଡି.ଓ କହନ୍ତି ନିର୍ଦ୍ଧାରିତ ଠିକାଦାର ତାଲିକା ବାହାରକୁ ସେ ଯାଇପାରନ୍ତି ନାହିଁ ଏବଂ ଯେଉଁ ଠିକାଦାରକୁ ମରାମତି କାମ ଦିଆଯାଏ ସେ ନିଏ ମାସ ମାସ ସମୟ ।

ପୁଦୁକୋଟାଇରେ ଜୀବନର ପ୍ରତ୍ୟେକ ସ୍ତରକୁ ସ୍ପର୍ଶ କରେ ଜଳ – ସ୍ୱାସ୍ଥ୍ୟ, ଶିକ୍ଷାରୁ ଶିଳ୍ପ ଯାଏ; ସାକ୍ଷରତା ଅଭିଯାନ, ଋଣ ପରିଶୋଧ ଏବଂ ଚାଷଜମି – ଜୀବନର ସବୁ ଦିଗନ୍ତକୁ ଏହାର ଅନ୍ଧାର ଘାରିଯାଏ । ଏବେ ମରୁଡ଼ି କାଳରେ ଇଏ ମଣିଷମାନଙ୍କୁ ଭିଟାମାଟି ଛାଡ଼ିବାକୁ ବାଧ୍ୟ କରୁଛି – ପଲପଲ ମଣିଷର ପଲଟଣ ପଳାୟନ କରି ଚାଲିଛନ୍ତି, ପଟୁଆର ଲମ୍ୱା ହୋଇ ଚାଲିଛି । ଆକାଶ ଓ ମାଟି ଶୁଖିଲା ଚାହିଁଛନ୍ତି ପରସ୍ପରକୁ; କ୍ଷୁଧାର ପଲଟଣ ଲମ୍ୱିଚାଲିଛି ଯୋଜନ, ଯୋଜନ । ତୃଷ୍ଣାର ଦହନ ହୋଇପଡ଼ିଛି ସର୍ବବ୍ୟାପୀ, ସର୍ବଗ୍ରାସୀ ।

❖❖❖

Digitized by srujanika@gmail.com

ଜଳ ନୁହେଁ, ତୃଷ୍ଣାର ଅନ୍ୱେଷା

ସେ ଥିଲା କାଳବୈଶାଖର ଶେଷଭାଗ । ଝାଇଁ ଝାଇଁ ଖରା ଓ ଝାଞ୍ଜି ଫସଲ କିଆରୀକୁ ଖପରା କରିସାରିଥାଏ । ଏକ ଉଦାସ ଅପରାହ୍ନରେ ଆମେ ଛିଡ଼ା ହୋଇଥାଉ ତାମିଲନାଡୁର ପୁଦୁକୋଟ୍ଟାଇ ଜିଲ୍ଲାର ଏକ ଗ୍ରାମରେ ଜଣେ ସ୍ୱଚ୍ଛଳ ବ୍ୟକ୍ତିଙ୍କ ବାରଣ୍ଡା ତଳେ । ହଠାତ୍ ଧୂଳି ଉଡ଼ାଇ କାର୍‌ଟିଏ ରାସ୍ତାଦେଇ ଚାଲିଗଲା । ପୁଣି ଚକ୍‌କର କାଟି ସେଇ ରାସ୍ତାରେ ଫେରିଲା କିଛିକ୍ଷଣ ପରେ । ଏମିତି ଚାରିଥର ଚକ୍‌କର କାଟି ଯିବା ଆସିବା କରିବାରେ ସ୍ୱତଃ ଆମର ଦୃଷ୍ଟି ଆକର୍ଷଣ କଲା । ଆମେ ଜାଣିନାହୁଁ କାର୍ ଭିତରେ ଉପବିଷ୍ଟ ଭଦ୍ରବ୍ୟକ୍ତି ଜଣକ କିଏ, ମାତ୍ର ଜାଣି ପାରୁଥିଲୁ ତାଙ୍କ ଦୃଷ୍ଟି ଥିଲା ଆମ ଜିପ୍ ଉପରେ ନିବଦ୍ଧ । ଜଣେ ବଂଧୁଙ୍କ ସହାୟତାରେ ଜିପ୍ ଯୋଗେ ଆସି ସେହି ଥାଚାନ୍‌କୁରୁଚି ଗ୍ରାମରେ ପହଞ୍ଚିଲୁ । ମାତ୍ର ଗ୍ରାମବାସୀମାନେ ଭଲକରି ଚିହ୍ନିଥିଲେ କାର୍ ଆରୂଢ଼ ବ୍ୟକ୍ତିଙ୍କୁ । ସେ ଥିଲେ ପୁଦୁକୋଟ୍ଟାଇ କେନ୍ଦ୍ର ସମବାୟ ବ୍ୟାଙ୍କର ଜଣେ ଏଜେଣ୍ଟ । ଏବଂ ସମବାୟ ବ୍ୟାଙ୍କର ଋଣ ଆଦାୟ ଅଭିଯାନରେ ଯଦି ସେ ଜିପ୍‌ଟି ଜବତ୍ ହୋଇପାରିବ—ସେହି ଚିନ୍ତା ଘନୀଭୂତ ହେଉଥିଲା ସେହି ଏଜେଣ୍ଟଙ୍କ ମନରେ । ତାଙ୍କ ମନସ୍ତତ୍ତ୍ୱ ପଢ଼ିବାରେ ଗ୍ରାମବାସୀମାନେ ଥିଲେ ଅଭ୍ୟସ୍ତ ।

ଲେଉଟାଣି ମୌସୁମୀ-ପ୍ରବାହରେ ତାମିଲନାଡୁରେ ଅକ୍ଟୋବର ଠାରୁ ଡିସେମ୍ବର ମଧ୍ୟରେ ବର୍ଷା ହୁଏ । ଜାନୁଆରୀ, ଫେବୃୟାରୀ ବେଳକୁ କାଁ ଭାଁ ଅସରାଏ ବର୍ଷା ମାଟି ତିନ୍ତାଏ କି ନୁହେଁ । ସେ ଥିଲା ମଇମାସର ମଧ୍ୟଭାଗ । ପ୍ରଚଣ୍ଡ ନିଦାଘ ତା'ର ଦଂଶନରେ ଲୋକଙ୍କୁ ଅତିଷ୍ଠ କରିସାରିଥାଏ । ବ୍ଲକ୍ ପରେ ବ୍ଲକ୍ ଲୋକମାନେ ବିଭିନ୍ନ ଆନୁଷ୍ଠାନିକ ସୂତ୍ରରୁ ଆଣିଥିବା ଋଣ ପରିଶୋଧ କରିପାରୁନଥାନ୍ତି ।

ମରୁଡ଼ି-ପ୍ରବଣ ଅଞ୍ଚଳ କାର୍ଯ୍ୟକ୍ରମ (ଡି.ପି.ଇ.ପି)ରେ ସମୁଦାୟ ପୁଦୁକୋଟ୍ଟାଇ ଜିଲ୍ଲା ଅନ୍ତର୍ଭୁକ୍ତ ହୋଇନଥାଏ । ଏହି ଜିଲ୍ଲା ବେଳେବେଳେ ୮୦୦ ମିଲିମିଟରରୁ କମ୍ ବର୍ଷାପାତ ପାଇଥାଏ । କିନ୍ତୁ ସେବର୍ଷ ବର୍ଷାପାତ ଥିଲା ୬୦୦ ମି.ମି. । ଉତ୍ତର ଓ ପୂର୍ବାଞ୍ଚଳ ରାଜ୍ୟମାନଙ୍କର ଅନେକ ଜିଲ୍ଲା ଏହାର ତିନିଗୁଣ ବର୍ଷାପାତ ପାଇ ମଧ୍ୟ କେନ୍ଦ୍ର ସରକାରଙ୍କର ପ୍ରବର୍ତ୍ତିତ ଏହି ଡି.ପି.ଏ.ପି ଯୋଜନା ପରିସରଭୁକ୍ତ ହୋଇଥାଏ । ଏହା ଅତ୍ୟନ୍ତ ବିସ୍ମୟକର । ମାତ୍ର ଡି.ପି.ଏ.ପି. ଅନ୍ତର୍ଭୁକ୍ତ ହେଉଥିବା ବ୍ଲକ୍ ସଂପୂର୍ଣ୍ଣ ରୂପେ ରାଜନୈତିକ ନିଷ୍ପତ୍ତିର ଅପେକ୍ଷା ରଖେ ।

Digitized by srujanika@gmail.com

ପୁଦୁକୋଟ୍ଟାଇର ତେରଟି ବ୍ଲକ୍ ମଧ୍ୟରୁ ମାତ୍ର ୪ଟି ବ୍ଲକ୍‌କୁ ମରୁଡ଼ି ପ୍ରବଣ ରୂପେ କେନ୍ଦ୍ର ସରକାର ଗ୍ରହଣ କରିଛି । କାରଣ ଡି.ପି.ଏ.ପି. ପରିସରଭୁକ୍ତ ହେବା ଅର୍ଥ ଅଧିକ ପୁଞ୍ଜିର ମୁଣ୍ଡବ୍ୟଥା ରହିବ । ମାତ୍ର ଶତକଡ଼ା ୪୦ ଭାଗରୁ ଅଧିକ ଲୋକ ଯେଉଁ ଜିଲ୍ଲାରେ ସରକାରୀ ଭାବେ ଘୋଷିତ ଦାରିଦ୍ର୍ୟ ସୀମାରେଖାର ତଳେ ରହନ୍ତି, ସେପରି ଏକ ଅଞ୍ଚଳ ଡି.ପି.ଏ.ପିରେ ଗଣ୍ୟ ନହେବା ଯେପରି ବିସ୍ମୟକର, ସେହିପରି ବିମର୍ଷକର । ଜଣେ ବରିଷ୍ଠ ପ୍ରଶାସକଙ୍କ ଭାଷାରେ : "ସରକାରୀ ଭାବେ ପ୍ରସ୍ତୁତ ଚାରିଟି ବ୍ଲକ୍‌ର ପରିସୀମା ଭିତରେ ମରୁଡ଼ି ରହିବାକୁ ବାଧ ହେବ ଏବଂ ଅନ୍ୟ ଜିଲ୍ଲାମାନଙ୍କୁ ସଂକ୍ରମିତ ହେବନାହିଁ ଭାବିବା ବଡ଼ ବିଚିତ୍ର ଓ ହାସ୍ୟାସ୍ପଦ କଥା । ସତେ ଯେମିତି ମରୁଡ଼ି ସରକାରୀ ପ୍ରଶାସନର ନୀତିକୁ ସମ୍ମାନ ଦେବାକୁ ଚାହେଁ ।"

ତାମିଲନାଡୁ ସରକାର ମଧ୍ୟ ଏହି ଜିଲ୍ଲାଟିକୁ 'ମରୁଡ଼ି ପ୍ରପୀଡ଼ିତ' ରୂପେ ଘୋଷଣା କରିନାହାନ୍ତି । ସେପରି କଲେ ବିଭିନ୍ନ ପ୍ରକାର କୃଷିଋଣ ଓ ଜଳକର ଛାଡ଼ କରିବାକୁ ହେବ । ରାଜସ୍ୱ କ୍ଷତି ଘଟିବ ଏବଂ ଗୋଟାଏ 'ଖରାପ ଦୃଷ୍ଟାନ୍ତ' ରହିଯିବ । ସୁତରାଂ ଲୋକେ ହନ୍ତସନ୍ତ ହୁଅନ୍ତୁ ପଛେ ଚିନ୍ତା ନାହିଁ । ଅଧିକାଂଶ ରାଜନୈତିକ ଦଳ ପକ୍ଷରୁ ଏହାକୁ ମରୁଡ଼ିଗ୍ରସ୍ତ ବୋଲି ଘୋଷଣା କରାଯିବାର ଦାବି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ରଖିଛି ଅବିଚଳିତ । ତେବେ ପରିଶେଷରେ ଏପରି ମନୋଭାବ ମହଙ୍ଗା ହୋଇପଡ଼େ ।

ଯେହେତୁ ଏଠାରେ ଅନାହାର ମୃତ୍ୟୁ କି ରୋଗରେ କେହି ମରିନାହାନ୍ତି, ତେଣୁ ପୁଦୁକୋଟ୍ଟାଇର ନୀରବ ଓ ସଂଗୋପିତ ବେଦନା ଆକର୍ଷଣ କରିପାରିଲା ନାହିଁ ସରକାର କି ସମ୍ବାଦପତ୍ରର ଦୃଷ୍ଟି । ଏହି ଅଭାବୀ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଛନ୍ତି ସରକାରରେ ଥିବା ଜଣେ ମନ୍ତ୍ରୀ, ମାତ୍ର ରାଜଧାନୀରେ ତାଙ୍କର ପ୍ରଭାବ ଖୁବ୍ ସ୍ୱଳ୍ପ ଓ ସୀମିତ । ଏବଂ ଏହି ଅଦୃଶ୍ୟ ଅନ୍ତର୍ଦାହ କୌଣସି ସମ୍ବାଦପତ୍ରର ପ୍ରଚ୍ଛଦ ଶିରୋନାମା ମଣ୍ଡନ କରିପାରେ ନାହିଁ । "କ'ଣ ଏ ବ୍ଲକ୍‌ର ସଂକଟ ଏକ ଭୟାନକ ବିଭୀଷିକାରେ ପରିଣତ ହେଲେ ଯାଇ ଦୃଷ୍ଟି ଆକର୍ଷିତ ହେବ ?"—ପଚାରନ୍ତି ଜଣେ ଅଫିସର । 'ଏହାଠାରୁ ଅଧିକ ଦୁଃଖଦ, ବିମର୍ଷକର ଘଟଣା କ'ଣ ଥାଇପାରେ !' ସେମାନେ ରାଜକୋଷର କ୍ଷତିକୁ ହିସାବକୁ ନେଉଛନ୍ତି, ଦରିଦ୍ର କୃଷକର ବିପର୍ଯ୍ୟୟକୁ ନୁହେଁ । ବ୍ୟାପକ ଫସଲ ହାନୀ ଯୋଗୁଁ ଚାଷୀମାନେ ଋଣ ପରିଶୋଧ କରିନପାରି ବିବଶ ଏବଂ ଘରୋଇ ସାଉକାର ଠାରୁ ଅଧିକ ଚଢ଼ା ସୁଧରେ ଋଣ ଆଣି ବଞ୍ଚିବାର ସଂଗ୍ରାମରେ ସାମିଲ ହୋଇଛନ୍ତି ।

ଜଳକଷ୍ଟ ଆଣିଛି ଦରିଦ୍ର ଜନତା ମଧ୍ୟରେ ବିଭାଜନ ଓ ବିସ୍ଫୋରଣ । ଆନ୍ନାଭାସାଲ ବ୍ଲକ୍‌ର ମନ୍ନାବେଲ୍ଲାନପଟ୍ଟିର ପଥର ଖଣିର ଶ୍ରମିକମାନଙ୍କର ଗ୍ରାମବାସୀଙ୍କ

Digitized by srujanika@gmail.com

ସହିତ ଚାଲିଛି ବିବାଦ । ଗତ ଡିସେମ୍ବରରେ ହୋଇଥିବା ବର୍ଷାରେ ଏହି ଖାଦାନର ବିଶାଳ ଗର୍ତ୍ତ ଭରପୂର ହୋଇ ରହିଛି ଏବଂ ଏହି ଖାଦାନମାନଙ୍କର ଜଳ ସଂରକ୍ଷଣ ଶକ୍ତି ଖୁବ୍ ଉନ୍ନତ । ଗୋଟିଏ ମଧ୍ୟମାକାର ହ୍ରଦ ଭଳି ଜଳାଶୟକୁ ଶୁଖାଇ ଖଣିକାମ ଆରମ୍ଭ କରିବାକୁ ଚାହୁଁଛନ୍ତି ଶ୍ରମିକମାନେ, ମାତ୍ର ପାନୀୟ ଜଳ ରୂପେ ଏହାକୁ ଭବିଷ୍ୟତ ପାଇଁ ବଞ୍ଚାଇ ରଖିବାକୁ ଚାହାନ୍ତି ଦରିଦ୍ର ଗ୍ରାମବାସୀ । ସୁତରାଂ ଦୁଇ ଦରିଦ୍ର ଗୋଷ୍ଠୀ ମଧ୍ୟରେ ଲାଗିରହିଛି ସଂଘର୍ଷ ଓ ବିଦ୍ୱେଷ ।

ଅଭାବନୀୟ ଜଳକଷ୍ଟ ଓ ମରୁଡ଼ି ସଂପର୍କରେ ଫେବୃୟାରୀ ମାସରୁ ବରିଷ୍ଠ ଅଫିସରମାନେ ସରକାରଙ୍କୁ ଜଣାଇ ସାରିଛନ୍ତି । ମାତ୍ର ଫଳାଫଳ ଶୂନ୍ୟ । ତେବେ ଜିଲ୍ଲାର ନୂତନ ଓ କାର୍ଯ୍ୟଦକ୍ଷ ଜିଲ୍ଲାପାଳ ଅନୁରାଧା ଖତି-ରାଜୀବନ୍ ଜଳ ସଂକଟର ସମାଧାନ ପାଇଁ ପ୍ରତିଶ୍ରୁତିବଦ୍ଧ । ତାଙ୍କର ଦୃଢ଼ ବିଶ୍ୱାସ ଯେ, ଭୂ-ତଳ ଜଳର ସୁଚିନ୍ତିତ, ଯୋଜନାବଦ୍ଧ ଉପଯୋଗ ହେବା ସମ୍ଭବପର ଏବଂ ଏ ଦିଗରେ କିଛି ଅଧ୍ୟୟନ, ଅନୁଧ୍ୟାନ ଅନୁଷ୍ଠିତ ହୋଇସାରିଥିବା କଥା ସେ କହନ୍ତି । ସେ ଭଲକରି ଜାଣିଛନ୍ତି ଧନୀ ଚାଷୀଙ୍କ ଘରୋଇ ଗଭୀର ନଳକୂପର କୁପରିଣାମ । ସୁତରାଂ ସଂପ୍ରତି ସେ କରିବାକୁ ଚାହାନ୍ତି ଅଧିକ ଗୋଷ୍ଠୀଗତ-ମାଲିକାନା ସର୍ବସ୍ୱ ଗଭୀର ନଳକୂପ । ସେ ମଧ୍ୟ ଏ ଜିଲ୍ଲାକୁ କାବେରୀ ନଦୀର ଜଳ ଆଣିବାକୁ ବିଶ୍ୱବ୍ୟାଙ୍କ ସହାୟତାରେ ଏକ ପ୍ରକଳ୍ପ ଅନୁସୃତ କରିବାକୁ ଚାହାନ୍ତି । ଅନ୍ତତଃ ପକ୍ଷେ ତାହା ପୁଦୁକୋଟ୍ଟାଇ ସହରର ପାନୀୟ ଜଳ ସମସ୍ୟାକୁ ମେଣ୍ଟାଇ ପାରିବ । ସେ ମଧ୍ୟ ଏ ଅଞ୍ଚଳର ଜଳକଷ୍ଟ ଦୂର ପାଇଁ ସରକାରୀ କଳର ଆତଙ୍କଜନକ କଚ୍ଛପ-ଗତି ବିଷୟରେ ସବିଶେଷ ଅବଗତ ।

ଏ ଦିଗରେ ସ୍ମରଣକୁ ଆସେ ୧୯୬୯ର ବୀରାନମ୍ ଜଳ ପ୍ରକଳ୍ପ କଥା । ଏଯାଏ ମାଡ୍ରାଜରେ ପଡ଼ି ରହିଥିବା ଶହ ଶହ ସିମେଣ୍ଟ-ହୋମ୍ ପାଇପ ଭିତରେ ଘର କରି ରହିଛନ୍ତି ବହୁ ଉଦ୍‌ବାସ୍ତୁ । ୧୯୮୩ର ତେଲୁଗୁ-ଗଙ୍ଗା ପ୍ରୋଜେକ୍ଟର ଆଉ ନାଁ ଗନ୍ଧ ନାହିଁ । ଜିଲ୍ଲା ଗେଜେଟିଅର କହେ ପୁଦୁକୋଟ୍ଟାଇକୁ କାବେରୀ ଜଳ ଆଣିବାର ପ୍ରଥମ ଚିନ୍ତା କରାଯାଇଥିଲା ୧୮୩୭ ମସିହାରେ, ବ୍ରିଟିଶ ରାଜତ୍ୱ କାଳରେ । ଇତିମଧ୍ୟରେ ବିତିଯାଇଛି ୧୬୦ ବର୍ଷରୁ ଊର୍ଦ୍ଧ୍ୱକାଳ, ତଥାପି ତାହା ଏକ ପ୍ରସ୍ତାବ ହୋଇ ରହିଛି ।

ମାତ୍ର ମରୁଡ଼ି ପାଲଟିଛି ଏକ ବାସ୍ତବତା, ସେ ପ୍ରସ୍ତାବ କି ଯୋଜନାକୁ ଦେଖିରଖି ଆସେନାହିଁ, ଯଦିଓ ଢେର୍ ଆଗରୁ ସଂକେତ ଦେଇଥାଏ । ସେ ସଂକେତକୁ ବୁଝିବାକୁ ରାଜନୀତିର ମଗଜ ଥିଲେ ତ !

❖❖❖

Digitized by srujanika@gmail.com

ମରୁଡ଼ି ଓ ମୃତ୍ୟୁର ରାଜନୀତି ଖେଳ

ସେ ଥିଲା ୧୯୯୪ର କାଳ ବୈଶାଖ । ବର୍ଷାଭାବରୁ କ୍ଷେତରେ ଝାଉଁଳି ପଡ଼ିଥିଲା ଫସଲ ଏବଂ ଟଳି ପଡ଼ିଥିଲେ ଷାଠିଏରୁ ଊର୍ଦ୍ଧ୍ୱ ମଣିଷ । ମଧ୍ୟପ୍ରଦେଶର ସୁର୍‌ଗୁଜା ଜିଲ୍ଲାରେ ଫାଲ୍‌ଗୁନରୁ ବୈଶାଖ ମଧ୍ୟରେ—ଇଂରାଜୀ କ୍ୟାଲେଣ୍ଡରରେ ଫେବୃୟାରୀରୁ ଅପ୍ରେଲ । ସମ୍ବାଦପତ୍ର ଗୁଡ଼ିକ ସକ୍ରିୟ ହୋଇଉଠିଥିଲେ—ଅନାହାର, ହଇଜା ଓ ଦାରିଦ୍ର୍ୟ ଜନିତ ବ୍ୟାଧି ପୋଛି ନେଉଛି ମଣିଷ । ଏହାର କିଛି ସଂପର୍କ ରହିଥିଲା ମରୁଡ଼ି ସହ ? ଯଦି ସତ୍ୟ, ତେବେ ନିରାକରଣ ଦିଗରେ କରାଯାଇଛି କ'ଣ ? ଯଦି ସତ୍ୟ ନୁହେଁ, ତେବେ ଏସବୁ ସମ୍ବାଦପତ୍ରରେ ପ୍ରକାଶ ପାଇବା ପଛରେ ଭିତ୍ତି ଓ ହେତୁ କ'ଣ ?

ଉଭୟ ଇଂରାଜୀ ଓ ହିନ୍ଦୀ ଗଣମାଧ୍ୟମରେ ଏହି ଅପମୃତ୍ୟୁ ସମ୍ବାଦର ଥିଲା ପ୍ରାବଲ୍ୟ । ହଇଜା ହୋଇପଡ଼ିଥିଲା ନିଶ୍ଚିତ ଖଳନାୟକ । କାରଣ ଏହା ଦେଇଥାଏ ବିଭୀଷିକାର ଏକ କରାଳ ଚିତ୍ର । ତେବେ, ଗଣମାଧ୍ୟମରେ ଯେଉଁ ନାଟକ ଅଭିନୀତ ହେଉଛି, ବାସ୍ତବରେ ଗ୍ରାମାଞ୍ଚଳରେ ସେ କଥାବସ୍ତୁ ରହିଛି ତ ?

ଅଧିକାଂଶ ସମ୍ବାଦର ରିପୋର୍ଟ ହୋଇଥିଲା ବିଳାସପୁର ଓ ରାୟପୁରରୁ । କିଛି ଭୋପାଳରୁ । ଏହି ବିବରଣୀରୁ ପ୍ରତୀତ ହେଉଥିଲା ସାମ୍ବାଦିକମାନେ ଅତି ଜୋର୍‌ରେ ଅମ୍ବିକାପୁର ଓ ପାଖାପାଖି କିଛି ଗ୍ରାମ ବୁଲାବୁଲି କରି ଏବଂ ବିଶେଷ ଭାବେ ସଦର ମହକୁମାରେ ବସି ରିପୋର୍ଟ ଲେଖୁଛନ୍ତି । କିନ୍ତୁ ହିନ୍ଦୀ ଭାଷାର ସମ୍ବାଦପତ୍ର କେତୋଟି ଅଧିକ ଅଭ୍ୟନ୍ତରକୁ ଯାଇଥିଲେ ଏବଂ ଅନ୍ତତଃ ପକ୍ଷେ ଜନକଲ୍ୟାଣକାରୀ ବିକାଶ କାର୍ଯ୍ୟକ୍ରମକୁ ବିଶେଷ ପ୍ରସଙ୍ଗ କରିଥିଲେ ।

ସଂକ୍ଷେପରେ, ସମ୍ବାଦପତ୍ରର ବିବରଣୀ ଅନୁଯାୟୀ କଣ୍ଡାରୋଳି ଗ୍ରାମରେ ମରିଥିଲେ ତେରଜଣ ଏବଂ ରାମେଶ୍ୱର ନଗର ଗ୍ରାମରେ ଦଶଜଣ । ଉଭୟ ଗ୍ରାମ ପ୍ରେମନଗର ବ୍ଲକ୍ ଅନ୍ତର୍ଗତ ଏବଂ ମୃତ୍ୟୁର କାରଣ ଅନାହାର ଜନିତ । ମୃତ ବ୍ୟକ୍ତିମାନେ ମୁଖ୍ୟତଃ ଦରିଦ୍ର ବନ୍‌ଜାର ସଂପ୍ରଦାୟର ଆଦିବାସୀ । ସମ୍ବାଦପତ୍ର ଅନୁଯାୟୀ ଉଦୟପୁର ବ୍ଲକ୍‌ର ମାତ୍ରିଙ୍ଗା ଗ୍ରାମରେ ତେରଜଣ ମଝୱାର ଆଦିବାସୀ ହଇଜାରେ ମରିଥିଲେ ଏହି ସମାନ ସମୟ ସୀମାରେ ।

ଆହୁରି ୨୫ ଜଣ ପାହାଡ଼ି କୋରୁଆ ଆଦିବାସୀଙ୍କର ଅନାହାର ମୃତ୍ୟୁ ଘଟିଥିଲା ଫେବୃୟାରୀରୁ ଅପ୍ରେଲ ମଧ୍ୟରେ ବଟାଉଲି ବ୍ଲକ୍‌ର ବନ୍‌ସାଜଲ ଗ୍ରାମରେ,

Digitized by srujanika@gmail.com

ଖବରକାଗଜ ରିପୋର୍ଟ ଭିତ୍ତିରେ । ସେଠାକାର ସରପଞ୍ଚ ଏ ତାଲିକାକୁ ସ୍ୱୀକାର କରୁଥିଲେ । ପୂର୍ବରୁ ସାଗର ବିଶ୍ୱବିଦ୍ୟାଳୟର ଜଣେ ଗବେଷକଙ୍କ ଅଧ୍ୟୟନ କହୁଥିଲା ଯେ, ଏହି ବନ୍‌ସାଜଲର ଆଦିବାସୀଙ୍କ ରକ୍ତରେ ଲୋହିତ କଣିକା (ହିମୋଗ୍ଲୋବିନ୍) ହାର ଅତ୍ୟନ୍ତ ନିମ୍ନ । ଅର୍ଥାତ୍ ସେମାନଙ୍କର ୮ ଜି.ଏମ୍ ଶତାଂଶ ରୋଗ ପ୍ରତିରୋଧକ ଶକ୍ତି ହରାଇଛି । ସୁତରାଂ ହଇଜାରେ ମୃତ୍ୟୁ ଘଟିଥିବା ସମ୍ବାଦକୁ ସମସ୍ତେ ଗ୍ରହଣ କରିନେଇଥିଲେ । ରାଜଧାନୀ ଭୋପାଳରେ ଥିବା ସମ୍ବାଦପତ୍ରଗୁଡ଼ିକ ସେହି ତତ୍ତ୍ୱ ଓ ତଥ୍ୟକୁ ପ୍ରସାର କରି ଚାଲିଥିଲେ । ତେବେ ଏଭଳି ଅପମୃତ୍ୟୁର ଚାଞ୍ଚଲ୍ୟକର ଖବର ନଥିଲେ ସୁର୍‌ଗୁଜା ଉପରେ କେହି କିଛି ଲେଖିବାକୁ ପସନ୍ଦ କରିନଥାନ୍ତେ । ବହୁଦିନ ଧରି ଜିଲ୍ଲାଟିକୁ ସମସ୍ତେ ପାଶୋରି ପକାଇଥିଲେ, ଯା'ହେଉ ହଇଜା ଶେଷକୁ ସାହାଯ୍ୟ କଲା ।

କୌତୂହଳର କଥା ହେଲା, ଅଧିକାଂଶ ରିପୋର୍ଟରେ ପ୍ରଶାସନର ଅବହେଳା ଉପରେ ଚାବୁକମାଡ଼ ହୋଇଥିଲେ ହେଁ, ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଏକ ବିତର୍କ ଉଠାଇବାକୁ ଅଧିକାଂଶ କୁଣ୍ଠିତ ଥିଲେ । ସୁର୍‌ଗୁଜାରେ ସେ ବ୍ୟବସ୍ଥା କିପରି ଚାଲିଛି, ତା' ଉପରେ ସାମାନ୍ୟ ଚିତ୍ର କେହି ବାଢ଼ି ନଥିଲେ । କାହିଁକି ଏମିତି ଘଟିଲା ? ସ୍ୱାସ୍ଥ୍ୟ ବ୍ୟବସ୍ଥା ଏଠି କାହିଁକି ବିଫଳ ? କେଉଁ ପ୍ରକାର ପାଣି ଏହା ଦରକାର କରେ ? ବିନା ଡାକ୍ତରରେ କାହିଁକି ଚାଲିଛି ଏତେଗୁଡ଼ିଏ ପ୍ରାଥମିକ ଚିକିତ୍ସା କେନ୍ଦ୍ର (ପି.ଏଚ୍.ସି.) ? ସୁର୍‌ଗୁଜା ଭାଗ୍ୟରେ ଏହା କାହିଁକି ପ୍ରତିବର୍ଷ ଘଟୁଛି ? ଏଠାରେ ଥିବା ଜଳକଷ୍ଟ ଓ ସଂକଟର ରୂପରେଖ କ'ଣ ?

୧୯୯୨ର ଅନାହାର ମୃତ୍ୟୁ ପାଇଁ କୁଖ୍ୟାତ ୱାର୍ଡରଫ୍ ନଗରର ବିଜାକୁରା ଗ୍ରାମରେ ସଂକଟ ଆସି ଏବେ ଦ୍ୱାରଦେଶରେ ଦଣ୍ଡାୟମାନ । ଏବଂ ରାମେଶ୍ୱର ନଗର ଗ୍ରାମ ବିଭୀଷିକା ପାଇଁ ପ୍ରସ୍ତୁତ ହୋଇ ରହିଛି । ମରୁଡ଼ି ସଂପର୍କିତ ମୃତ୍ୟୁ ପାଇଁ ଖ୍ୟାତ ସୁର୍‌ଗୁଜାରେ ଗ୍ରୀଷ୍ମଋତୁ ଆସିଗଲେ ମଶାଣିରେ ଯୁଇ ଜଳିବା ଆରମ୍ଭ ହୋଇଯାଏ । ଏସବୁ ମୃତ୍ୟୁକୁ ନେଇ ରାଜ୍ୟ ବିଧାନସଭାରେ ବରାବର ଗରମାଗରମ ବିତର୍କ ଚାଲିଆସିଛି ।

ତେବେ ବିପନ୍ନ ଅଞ୍ଚଳରେ କୋଡ଼ିଏ ଦିନ କଟାଇବା ଅବସରରେ ମୁଁ ଭେଟିଥିବା ମୃତ ପରିବାରର ସଦସ୍ୟ, ସେମାନଙ୍କ ପ୍ରତିବେଶୀ, ପ୍ରଶାସକ ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ବକ୍ତବ୍ୟର ନିର୍ଯ୍ୟାସ ଥିଲା ନିମ୍ନପ୍ରକାର :

- ବିପନ୍ନ ପ୍ରତିଟି ଗ୍ରାମରେ ଅପୁଷ୍ଟି ଓ ଭଗ୍ନସ୍ୱାସ୍ଥ୍ୟ ଏକ ପ୍ରଚଳିତ ଧାରା । ଅବସ୍ଥା ଅତ୍ୟନ୍ତ ଆତଙ୍କଜନକ ଓ ଚାରିଆଡ଼େ ଉଦାସର ଛାୟା । ଅଧିକାଂଶ ମୃତ୍ୟୁର

Digitized by srujanika@gmail.com

କାରଣ ଉକ୍ରଟ ଦାରିଦ୍ର୍ୟ ଓ ସୁବିଧା ସୁଯୋଗର ଘୋର ଅଭାବ—ବିଶେଷ ଭାବେ ରାସ୍ତାଘାଟ, ଡାକ୍ତରଖାନାର ଅଚଳାବସ୍ଥା । ଏସବୁ ସତ୍ତ୍ୱେ ମୃତ୍ୟୁର କାରଣ ଓ ସଂଖ୍ୟାରେ ଅତିରଂଜନ ରହିଛି । ରାଜନୈତିକ ଅଭିସନ୍ଧିର ସ୍ୱଚ୍ଛନ୍ଦ ପୁଟ ଦିଆଯାଇଛି ଘଟଣାରେ; ଫଳତଃ କ୍ଷଣସ୍ଥାୟୀ ତାତ୍କାଳୀକ ରିଲିଫ୍ ପାଇଁ ଯଦିଓ ଏହା ବାଟ ଫିଟାଇ ଦେଇଛି, ବାସ୍ତବ ସମସ୍ୟା ଠାରୁ ଲକ୍ଷ୍ୟ ଓ ଧ୍ୟାନ ବିମର୍ଷକର ଭାବେ ଦୂରେଇ ଯାଇଛି ।

- ୧୪୪୧ ଜନସଂଖ୍ୟା ବିଶିଷ୍ଟ ବନସାଜଲ ଗ୍ରାମରେ ସ୍ୱାଭାବିକ ତଥା ମରୁଡ଼ି ଜନିତ ମୃତ୍ୟୁ ସଂଖ୍ୟା ଫେବୃୟାରୀ-ଅପ୍ରେଲ ମଧ୍ୟରେ ଆଠଟି ହୋଇଥିଲେ ହେଁ ସମ୍ବାଦପତ୍ର ରିପୋର୍ଟରେ ୨୫ ବୋଲି ପ୍ରକାଶିତ ।

- ଗ୍ରାମରକ୍ଷୀ ବା ଚୌକିଦାରର ଦସ୍ତାବିଜ ସହ ଯୁଗ୍ମ ଆକଳନ କରି ସରପଞ୍ଚ ସ୍ୱୀକାର କଲେ ଯେ, ସେ ଖବରକାଗଜିଆ ୨୫ଟି ମୃତ୍ୟୁକୁ ୧୮କୁ ଖସାଇ ଆଣିଛନ୍ତି । ତାହା ପୁଣି ୧୯୯୩ ଫେବୃୟାରୀରୁ ଏଯାଏ ପନ୍ଦରମାସ ସମୟ ମଧ୍ୟରେ ଗ୍ରାମର ସବୁ ପ୍ରକାର ମୃତ୍ୟୁର ଆକଳନ । ପରିଶେଷରେ ସେହି ଅଠର ସଂଖ୍ୟା ରହିଲା ବଳବତ୍ତର ।

- କେତେକ ଗ୍ରାମବାସୀ ସେମାନଙ୍କ ସଂପର୍କୀୟଙ୍କ ମୃତ୍ୟୁକୁ ନେଇ ସରପଞ୍ଚଙ୍କ ଆକଳନକୁ ତାଙ୍କ ମୁହଁ ଉପରେ ବିରୋଧ କଲେ । ସେହିବର୍ଷ ସରପଞ୍ଚ ପ୍ରାର୍ଥୀତ୍ୱ ପାଇଁ ହେବାକୁ ଥିବା ନିର୍ବାଚନରେ ସେ ଲଢୁଥିବାରୁ ନିର୍ବାଚନ ପ୍ରଚାରର ଅବ୍ୟବହିତ ପୂର୍ବରୁ ମୃତ ବ୍ୟକ୍ତିଙ୍କ ନାମ ଓ ସଂଖ୍ୟା ଘୋଷିତ ହେଲା ।

- ଏହି ଗ୍ରାମମାନଙ୍କରେ ସତକୁ ସତ ଲୋକେ ମରିଥିଲେ । ଛଅଜଣ କାନ୍ତାରୋଲିରେ, ରାମେଶ୍ୱର ନଗରରେ ଛଅ, ମାଡ୍ରିଙ୍ଗାରେ ସାତ ଏବଂ ବନ୍‌ସାଜଲରେ ଆଠଜଣ । ମିଳିମିଳା ବ୍ୟାପିବା ଓ ଝାଡ଼ାବାନ୍ତି ଯୋଗୁଁ ସେପରି ଘଟିଥିଲା । ମାଡ୍ରିଙ୍ଗାରେ ମୃତ୍ୟୁ ଘଟଣା ଘଟିବା ପରେ ଉଦୟପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସୁରଯପୁରରୁ ବଦଳି ହୋଇ ଆସିଥିଲେ ଡାକ୍ତର ଅଖଣ୍ଡ । ତାଙ୍କ ବକ୍ତବ୍ୟରେ : ''ଝାଡ଼ାବାନ୍ତି ହୋଇଥିଲେ ଅବସ୍ଥା ଗୁରୁତର ହୋଇନଥାନ୍ତା କିମ୍ବା କେହି ମରିନଥାନ୍ତେ । ମାତ୍ର ଏ ଲୋକମାନେ ଅପୁଷ୍ଟି ଓ ରକ୍ତହୀନତା ଭୋଗୁଥିଲେ । ସେମାନେ ହରାଇ ସାରିଥିଲେ ରୋଗ ପ୍ରତିରୋଧକ ଶକ୍ତି । ତେଣୁ ବ୍ୟାଧିରେ ଆକ୍ରାନ୍ତ ହେବାର ଆଶଙ୍କା ରହିଲା ।''

- ''ଏହା ବାହାରେ ସେମାନେ ନର୍ଦ୍ଦମା ଓ ପଚାସଢ଼ା ଜଳାଶୟରୁ ସଂଗ୍ରହ କରୁଥିଲେ ପାନୀୟଜଳ, ଯେହେତୁ ଗ୍ରାମରେ ସେଯାଏ ନଥିଲା ଗୋଟିଏ ବି ନଳକୂଅ କିମ୍ବା

Digitized by srujanika@gmail.com

ଖୋଳାକୂଅ । ଅପୁଷ୍ଟି ଓ ଜଳସଂକଟ ଦୂରକରି ନପାରିଲେ ଜଣେ ଏସବୁର ସମାଧାନ କରିପାରିବ ନାହିଁ ।'' ହଇଜା ବ୍ୟାପିଥିବା ଘଟଣାଟି ଅତ୍ୟନ୍ତ ଉଦ୍ଭଟ ବୋଲି ଡଃ ଅଖଣ୍ଡଙ୍କ ମତ ।

* ଏସବୁ ଗ୍ରାମମାନଙ୍କରେ ସ୍ୱାସ୍ଥ୍ୟସେବାର ସତ୍ତା ଥିବା ଅନୁଭୂତ ହେଲାନାହିଁ । ଅନାହାର ମୃତ୍ୟୁ ଘଟଣା ପରେ କାମରେ ଅବହେଳା ଅଭିଯୋଗ ଦର୍ଶାଇ କିଛି ଗ୍ରାମ ସ୍ୱାସ୍ଥ୍ୟକର୍ମୀଙ୍କୁ ସରକାର ନିଲମ୍ବିତ କରିଦେଲେ । ଯନ୍ତ୍ରପାତି ଓ ଔଷଧ ବିବର୍ଜିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଅଧିନରେ ଆସୁଛି ବ୍ୟାପକ ଅଞ୍ଚଳ । ଏବଂ ଅନେକ କେନ୍ଦ୍ରରେ ମାସ ମାସ ଧରି କୌଣସି ଡାକ୍ତର ନାହାନ୍ତି । ପ୍ରେମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୪୯ଟି ଗ୍ରାମ ମଧ୍ୟରୁ ୩୭ଟି ଗ୍ରାମକୁ ବର୍ଷାଦିନେ ପ୍ରବେଶ କରିବା ସଂପୂର୍ଣ୍ଣ ଅସମ୍ଭବ । ଅନ୍ୟ ସମୟରେ ଗୋଟିଏ ଗୋଟିଏ ଗ୍ରାମକୁ ଯିବାକୁ ହେଲେ ଜଣକୁ ତୀଖ ପାହାଡ଼ିଆ ରାସ୍ତାରେ ପାଞ୍ଚ କିଲୋମିଟର କିମ୍ବା ତଦୂର୍ଦ୍ଧ୍ୱ ଦୂରତ୍ୱ ପାଦରେ ଚାଲି ଚାଲି ହିଁ ଯିବାକୁ ପଡ଼ିବ । ସେଚ ପାଇଁ ଜଳର ଅଭାବ ଚାଷୀମାନଙ୍କୁ କରିଦେଇଛି ଅର୍ଥନୈତିକ ଭାବେ ପକ୍ଷାଘାତଗ୍ରସ୍ତ । ଏବଂ ପ୍ରଦୂଷିତ ପାନୀୟ ଜଳ ସେମାନଙ୍କୁ ଦୈହିକ ଭାବେ କରୁଛି ରୋଗାକ୍ରାନ୍ତ ।

* ତେବେ ସମ୍ବାଦପତ୍ରର ରିପୋର୍ଟର କେନ୍ଦ୍ରିତ ଦୃଷ୍ଟିରୁ ଦୂରେଇ ଯାଇଛି ଏସବୁ ସମସ୍ୟା । ହଇଜା ଭଳି ଅଧିକ ଦୃଶ୍ୟମାନ କାରଣ ପ୍ରତି ଦୃଷ୍ଟି ପ୍ରଲମ୍ବିତ ହେବା ହୋଇଛି ରିପୋର୍ଟର ଧାରା ଓ ପ୍ରକ୍ରିୟା । ଗୋଟିଏ ରିପୋର୍ଟରେ ପ୍ରକାଶ ପାଇଛି ପାନୀୟ ଜଳରେ ରହୁଥିବା ବିଷାକ୍ତ ପାରଦ (ଆର୍‌ସେନିକ୍) କଥା । ଖବରକୁ ଅଧିକ ଚମକପ୍ରଦ କରିବାର ପ୍ରବଣତା ଏବଂ ଏହା ବାହାରେ ରହିଛି ମରୁଡ଼ିର ଆତଙ୍କ ।

ପାନୀୟ ଜଳର ଉତ୍ସଗୁଡ଼ିକ ଏବେ ପଚାସଢ଼ା ହୋଇ ସଂକ୍ରମିତ । ସୁର୍‌ଗୁଜାରେ ପୁନଶ୍ଚ ହଇଜା ମୁଣ୍ଡ ଟେକିବାର ସମ୍ଭାବନା ଉଜ୍ଜ୍ୱଳ । କିନ୍ତୁ ମାତ୍ରିଙ୍ଗାରେ ଏହା ମୃତ୍ୟୁର କାରଣ ବୋଲି ପ୍ରମାଣ କରିବାକୁ ସୂତାଏ ସୁଯୋଗ ନାହିଁ । ଏ ପାଣିର ଉପାଦାନ ଉପରେ କୌଣସି ଲାବୋଟାରୀରେ ପରୀକ୍ଷା ହୋଇନାହିଁ । ଯେହେତୁ ସେପରି କରିବାର ସୁବିଧା ଏଠାରେ ଆଦୌ ନାହିଁ । ରୋଗର ଅଧିକାଂଶ ଲକ୍ଷଣ ହଇଜା ସହିତ ମେଳ ଖାଉନାହିଁ । ଏବଂ ହଇଜା ଜନିତ ମୃତ୍ୟୁକୁ ରିପୋର୍ଟ କରିଥିବା ସମ୍ବାଦପତ୍ର କୌଣସି ଡାକ୍ତରଙ୍କ ସହିତ ମଧ୍ୟ କଥାବାର୍ତ୍ତା କରିନାହାନ୍ତି କିମ୍ବା କୌଣସି ବିଶେଷଜ୍ଞ କି ପ୍ରଶାସକ । ଏସବୁ ସତ୍ତ୍ୱେ ସେମାନେ 'ହଇଜା' ପାଖରେ ଅବଲୀଳା କ୍ରମେ ପହଞ୍ଚିଗଲେ ।

Digitized by srujanika@gmail.com

୧୯୯୨ରେ ମଧ୍ୟପ୍ରଦେଶରେ ହଇଜା ଲାଗିଥିବା ସରକାରୀ ଭାବେ ସ୍ୱୀକୃତ । ତାହା ପୁଣି ରାଜଧାନୀ ଭୋପାଳରେ । ମାତ୍ର ମାତ୍ରିଙ୍ଗାର କାହାଣୀ ଭିନ୍ନ । ଏଠାରେ ଅଧିକାଂଶ ଶିଶୁ ନେଇନାହାନ୍ତି ମିଳିମିଳା ପ୍ରତିଷେଧକ ଟୀକା । ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ଅନୁଭବ କରେ ଅପୁଷ୍ଟି ଓ ତରଳ ଝାଡ଼ା ଉପରେ ଏହି ମିଳିମିଳା ହୋଇଗଲା ମୃତ୍ୟୁର କାରଣ । ଏବଂ ମାତ୍ରିଙ୍ଗାରେ ମରିଛନ୍ତି କେବଳ ଛଅବର୍ଷ ବୟସ ତଳେ ଥିବା ଶିଶୁ । ସେମାନେ ୫ରୁ ୧୦ ଦିନ ଧରି ଜ୍ୱର ଭୋଗି ଶେଷକୁ ଶେଷ-ନିଶ୍ୱାସ ତ୍ୟାଗ କଲେ । ଜଣେ ଡାକ୍ତର ମଙ୍ଗେଶ୍ୱର କହନ୍ତି : ''ହଇଜା ହେଲେ ଜଣେ ଏତେ ଦିନ ବଞ୍ଚିବ ନାହିଁ ଏବଂ ଜଣେ ହେଲେ ବୟସ୍କ ଲୋକଙ୍କୁ ଆକ୍ରାନ୍ତ ନକରି ହଇଜା କେବଳ ପିଲାମାନଙ୍କୁ ବାଛିଲା କେମିତି ?''

ତେବେ, ଯାହା ଏକ ଆତଙ୍କଜନକ ସମସ୍ୟା ତାକୁ କାହିଁକି ଅତିରଂଜିତ କରାଯାଉଛି ? ଜଣେ ସରପଞ୍ଚ ମୋତେ ଦେଲେ ଏକ ସ୍ପଷ୍ଟ ଉତ୍ତର : ''ଆମ ଲୋକେ ଯଦି ପୋକମାଛି ପରି ନମରିବେ ବା ସେଭଳି ମରୁଥିବା ଖବର ନଛପାଯିବ, ତେବେ ଆମେ ଗୋଟିଏ ହେଲେ ନଳକୂଅ କି ହାତପମ୍ପ ପାଇବୁ ନାହିଁ ।'' ତାଙ୍କ ଗ୍ରାମରେ ଏକ ଚିକ୍‌ମିକ୍ କରୁଥିବା ନୂଆ ହାତପମ୍ପ ପ୍ରମାଣିତ କଲା ତାଙ୍କ ବକ୍ତବ୍ୟର ସତ୍ୟତା । ଭୋପାଳର ଜଣେ ବରିଷ୍ଠ ଅଫିସର କହିଲେ : ''ଏସବୁଗୁଡ଼ିକ ହେଉଛି ଦୁର୍ବଳର ଅସ୍ତ୍ର ।'' ତାହା ସତ୍ୟ ପରି ବୋଧ ହେଲା । କିନ୍ତୁ ଜିଲାସ୍ତରରେ ଅନ୍ୟାନ୍ୟ ରାଜନୈତିକ କାରଣମାନ ହସ୍ତକ୍ଷେପ କରିଥାଏ ।

ଏଠାରେ ଯେଉଁସବୁ ବାସ୍ତବ ସମସ୍ୟା ରହିଛି ତା'ର ଭୟାବହ ପରିଣତି ଖୁବ୍ ଶୀଘ୍ର ଘଟିବାକୁ ଯାଉଛି । ମାତ୍ର ଏସବୁ ଉପରେ ଆଲୋଚନା ଏବଂ ବାଟ କଢ଼େଇ ଆଣିଛି ଅଧିକ ନାଟକୀୟ ସଂଳାପ ଓ ଘଟଣା ।

ଏହା ହେଉଛି ଚମକପ୍ରଦ ମୃତ୍ୟୁର ଋତୁ । ଚମକ ଓ ଚତୁରତାରେ ବଞ୍ଚିରହେ ସମାଜର ଉପରଧାପ—ସିଢ଼ିର ସବା ଆଗ ଫଳି । ଆଜିକାଲି ଚାମଚାଗିରିରେ ଅଧିକ ସହଜ ଓ ସୁଖମୟ ଜୀବନର ନିର୍ଭରଯୋଗ୍ୟ ସମ୍ଭାବନା ରହିଛି ।

***

Digitized by srujanika@gmail.com

ମରୁଡ଼ି ଓ ମୃତ୍ୟୁର ଶକୁନି ପଶାରେ ସୁର୍‌ଗୁଜା

ଅରଣ୍ୟ, ଜଳଧାର ଓ ପାହାଡ଼ ଶ୍ରେଣୀର ଏକ ବିସ୍ତୃତ ଇଲାକା – ୨୩ ହଜାର ବର୍ଗ କିଲୋମିଟରେ ପରିବ୍ୟାପ୍ତିର ଏକ ଜିଲ୍ଲା ସୁର୍‌ଗୁଜା । ଭାରତର ବକ୍ଷଦେଶ ରୂପେ ବିଦିତ, ବହୁ ନଦୀର ମାତୃଭୂମି ରୂପେ ଖ୍ୟାତ ମଧ୍ୟପ୍ରଦେଶର ସେ ଏକ ଆଦିବାସୀ ଅଧ୍ୟୁଷିତ ପ୍ରାକୃତିକ ବିଭବ ଓ ବିଭାରେ ପରିପୂର୍ଣ୍ଣ ଦରିଦ୍ରତମ ଜିଲ୍ଲା – ଦିଲ୍ଲୀ, ଗୋଆ ଓ ନାଗାଲାଣ୍ଡ ରାଜ୍ୟ ତିନୋଟି ଏକତ୍ର ହେଲେ ଯେତିକି ଭୂଇଁ ଦଖଲ କରିବ· ତାହାଠାରୁ ଆହୁରି ବିସ୍ତାରିତ ଏହାର ଆୟତନ । ମାତ୍ର ଦିଲ୍ଲୀ, ଗୋଆର ସଭ୍ୟତା ଠାରୁ ଏହା ଆହୁରି ସହସ୍ରାବ୍ଦୀ ତଳେ, ସାମାଜିକ ସ୍ଥିତିରେ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କ ଠାରୁ ଏହା ଶତାବ୍ଦୀଟିଏ ପଛରେ ପଡ଼ିଥିବା ଏକ ମୁଲକ । ତେବେ, ସଂପ୍ରତି ଏହା ଚର୍ଚ୍ଚାର ପରିସରକୁ ଆସିଛି ଦାରିଦ୍ର୍ୟ ଜନିତ ମୃତ୍ୟୁ କାରଣରୁ । ୧୯୯୪ ଫେବୃୟାରୀରୁ ଅପ୍ରେଲ ମଧ୍ୟରେ ସୁର୍‌ଗୁଜାରେ ଦୁଇ ଡର୍ଜନରୁ ଅଧିକ ମଣିଷଙ୍କ ଅନାହାର ମୃତ୍ୟୁ ଏହାକୁ ସମ୍ବାଦପତ୍ରର ପ୍ରଥମ ପୃଷ୍ଠାରେ ଛିଡ଼ା କରାଇଛି ।

ଏହି ମୃତ୍ୟୁର କାରଣ ରୂପେ ନିର୍ଣ୍ଣିତ ପ୍ରକ୍ରିୟା ବଡ଼ ସଂକଟମୟ । ମାତ୍ର ତାତ୍କାଳିକ ରାଜନୈତିକ ସିଦ୍ଧାନ୍ତମାନ ସେ ପଥକୁ କରିଦେଇଛି ଅବରୁଦ୍ଧ । "ଏଠାରେ ସବୁ ମୃତ୍ୟୁଗୁଡ଼ାକ ରାଜନୈତିକ ।" – କହନ୍ତି ଭୋପାଳର ଜଣେ ବରିଷ୍ଠ ପ୍ରଶାସକ "କାଣ୍ଡାରୋଲି, ରାମେଶ୍ୱରନଗର, ମାତ୍ରିଙ୍ଗା ଓ ବନ୍‌ସାଜଲ୍ ଠାରେ ୨୦ରୁ ଅଧିକ ମୃତ୍ୟୁ ଘଟିଛି । ସବୁଗୁଡ଼ିକ ସେହି ଅବଧାରଣାରେ ହିଁ ପଡୁଥିବାପରି ବୋଧ ହେଉଛି ।"

୧୯୯୨ରେ ମଧ୍ୟପ୍ରଦେଶରେ ଭା.ଜ.ପା ଶାସନ ଚାଲିଥିଲାବେଳେ ୱାଡ଼ରଫ୍ ନଗର ସମଗ୍ର ରାଜ୍ୟକୁ ଚହଲାଇ ଦେଇଥିଲା । ସେଠାର ବିଜାକୁରା ଗ୍ରାମର ରେଓ୍ୱାଇ ପାଣ୍ଡୋ ନାମକ ଏକ ଦୟନୀୟ ଭାବେ ଦରିଦ୍ର ଆଦିବାସୀ ସଂପ୍ରଦାୟର କିଛି ପରିବାର ଅନାହାରରେ ଆଉଟି ହୋଇ ଟଳି ପଡ଼ିଥିଲେ । କଂଗ୍ରେସ ପକ୍ଷରୁ ଆରମ୍ଭ ହୋଇଥିଲା ଏହା ବିରୋଧରେ ଏକ ଭୟଙ୍କର ଅଭିଯାନ । ପୂର୍ବତନ ତିନି ମୁଖ୍ୟମନ୍ତ୍ରୀ ସେ ସ୍ଥାନକୁ ଗସ୍ତ କରିଥିଲେ । ତତ୍‌କାଳୀନ ପ୍ରଦେଶ କଂଗ୍ରେସ କମିଟି ମୁଖ୍ୟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂହ ସେତେବେଳେ ବିଜାକୁରା ନିକଟରେ ଆରମ୍ଭ କରିଥିଲେ ପ୍ରତିବାଦ ଅନଶନ ।

ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନରସିଂହ ରାଓ ମଧ୍ୟ ସେ ଅଞ୍ଚଳ ପରିଦର୍ଶନରେ ଆସିଲେ, ମାତ୍ର ଅନାହାର ମୃତ୍ୟୁ ଘଟିଥିବା ଗ୍ରାମକୁ ନୁହେଁ । ତାଙ୍କ ପରିଦର୍ଶନ ପରେ ପରେ ଧାଡ଼ି ଧାଡ଼ି ହୋଇ ବହୁ ମନ୍ତ୍ରୀଙ୍କ ଗସ୍ତ ଏଯାଏ ବି ପ୍ରତିକୂଳ ସମାଲୋଚନାକୁ

Digitized by srujanika@gmail.com

ଆମନ୍ତ୍ରଣ କରିଥାଏ । ଜଣେ ଅଫିସର ଦର୍ଶାଇଲେ : ''ପ୍ରଧାନମନ୍ତ୍ରୀ ରାଓଙ୍କ ନିଜ ରାଜ୍ୟ ଆନ୍ଧ୍ରର ପଞ୍ଚମପାଲିର ୮୦ ଜଣ ବୁଣାକାରଙ୍କ ଆତ୍ମହତ୍ୟା କିମ୍ବା ଅନାହାର ମୃତ୍ୟୁ ଏପରି ସମ୍ବେଦନଶୀଳ ପରିଦର୍ଶନକୁ ଆହ୍ୱାନ କରିନଥିଲା । କିନ୍ତୁ ତାଙ୍କର ମଧ୍ୟପ୍ରଦେଶର ଏହି ଅଞ୍ଚଳକୁ ଗସ୍ତର ଅର୍ଥ ହେଲା ରାସ୍ତାଘାଟ ନିର୍ମାଣ ଓ ମରାମତିରେ କୋଟି କୋଟି ଟଙ୍କା ବ୍ୟୟ । ଏସବୁ ଦରିଦ୍ର ଭୋକିଲା ଗ୍ରାମବାସୀଙ୍କ ପାଇଁ ନୁହେଁ, ଭି.ଆଇ.ପି.ମାନଙ୍କ ଗାଡ଼ି ଚାଲିବା ପାଇଁ ।'' କିଛି ବଦଳିଲା ନାହିଁ । ସାମାନ୍ୟତମ ବି । ଠିକ୍ ପରବର୍ଷ ଯେତେବେଳେ ଦୈନ୍ୟ, ଅନାହାର କ୍ଲିଷ୍ଟ ଆଉ ଜଣେ ରେଓ୍ୱାଇ ପାଣ୍ଡୋ ମରିଥିଲା, ସେତେବେଳକୁ ରାଜ୍ୟରେ ଚାଲିଛି ରାଷ୍ଟ୍ରପତି ଶାସନ । ଏହା ଭା.ଜ.ପା.କୁ ଦେଲା ପ୍ରତି-ଆକ୍ରମଣର ସୁଯୋଗ । ସେତେବେଳକୁ ଗ୍ଲାନୀ ଜର୍ଜରିତ କଂଗ୍ରେସ ମୂକ, ମୌନ ରହିବାକୁ ବାଧ୍ୟ ହେଲା । ଏବେ ୧୯୯୪ରେ ପୁଣି ସେହି କଂଗ୍ରେସ ଶାସନ କାଳରେ ଘଟିଛି ଏସବୁ ଅନାହାର ମୃତ୍ୟୁ ଏବଂ ଘଟଣାକୁ ଜୋର୍‌ଦାର ଭାବେ ତେଜୀୟାନ କରାଉଛି ଭା.ଜ.ପା । ଫଳ ସ୍ୱରୂପ ପୁଣି ଆରମ୍ଭ ହୋଇଯାଇଛି ମନ୍ତ୍ରୀ ମହୋଦୟମାନଙ୍କ ଗସ୍ତକ୍ରମ । ଘୋଷଣାନାମା ପ୍ରକାଶ ପାଇଛି, କିଛି ଅଫିସର ହୋଇଛନ୍ତି ନିଲମ୍ବିତ ଏବଂ ତଦନ୍ତ ପାଇଁ ଦିଆଯାଇଛି ଆଦେଶ । ଯଦିଓ ମୃତ୍ୟୁସଂଖ୍ୟା ୧୯୯୨କୁ ଅତିକ୍ରମ କରିଯାଇଛି, କିନ୍ତୁ କୌଣସି ପ୍ରଧାନମନ୍ତ୍ରୀ ସ୍ତରୀୟ ପରିଦର୍ଶନର ସମ୍ଭାବନା ନାହିଁ ।

ଗ୍ରାମାଞ୍ଚଳରେ ଅବସ୍ଥା ରହିଛି ମୁଖ୍ୟତଃ ପୂର୍ବବତ୍ ସମାନ ଓ ଅପରିବର୍ତ୍ତିତ । କେବଳ ତଫାତ୍ ହେଉଛି ମନ୍ତ୍ରୀମାନଙ୍କ ଗସ୍ତକ୍ରମର ପ୍ରତୀକ ରୂପେ କିଛି ଅର୍ଣ୍ଣନୂଆ ହାତପମ୍ପ ବସାଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ମୃତ୍ୟୁର ସଂଖ୍ୟା ଓ କାରଣକୁ ଅତିଶୟୋକ୍ତି କରିବାର ହେତୁ ଏବେ ଅନ୍ତତଃ ସ୍ପଷ୍ଟ ହୋଇଗଲା । ସେମାନେ ଭଲକରି ଅନୁଭବ କରିସାରିଲେଣି ଯେ, ବିତର୍କ ଓ ଦ୍ୱନ୍ଦ୍ୱ ହେଉଛି ରିଲିଫ୍ ଭାକୁଡ଼ ପାଇବା ପାଇଁ ସର୍ବୋତ୍କୃଷ୍ଟ ଥୋପ ।

ସୁତରାଂ ସର୍ବସମ୍ମତ ସହମତି ପ୍ରକାଶ ପାଇଛି କୋଡ଼ିଏ ପାଖାପାଖି ମୃତ୍ୟୁକୁ ତିନିକୋଡ଼ି (ଷାଠିଏ)କୁ ଉନ୍ନୀତ କରାଇବା ପାଇଁ ଏବଂ କାରଣ ସ୍ୱରୂପ ହଇଜା ଓ ଅନ୍ୟାନ୍ୟ ବଡ଼ଧରଣର ବ୍ୟାଧିର ନାଟକୀୟତା ମଧ୍ୟ ପ୍ରକାଶ ପାଇଛି । ଏସବୁରେ କିଛି ତାତ୍କାଳିକ ଲାଭ ରହିଛି, ତଦ୍ରୂପ ଭାବେ ରହିଛି ମଧ୍ୟ ବିଷମୟ ଫଳାଫଳ । ଏହା ସରକାରୀ ନୀତି ଓ ଭିତ୍ତିଭୂମିରୁ ଧ୍ୟାନକୁ ଦୂରେଇ ନେଇଯାଏ ରିଲିଫ୍ ଆଡ଼େ । ଅଧିକାଂଶ ସରପଞ୍ଚ, ପଟ୍‌ଓ୍ୱାରୀ ଓ ପଟେଲ ପସନ୍ଦ କରନ୍ତି ରିଲିଫ୍ ଧାରା । ଏହାର ଅର୍ଥ ସେମାନଙ୍କ ପକେଟ ଗରମ ହେବ; ଆସିବ ଭଲ ପୁଞ୍ଜିର ଅମଳ । ମନ୍ତ୍ରୀମାନଙ୍କ ଗସ୍ତକ୍ରମ ପାଇଁ କିଛି ରାସ୍ତାଘାଟ ଅର୍ଦ୍ଧନିର୍ମିତ କିମ୍ବା ପରିତ୍ୟକ୍ତ ହୋଇ ପଡ଼ିରହିଛି । ଜନକଷ୍ଟ ପହଞ୍ଚିଛି ଚରମ ସୀମାରେ ।

Digitized by srujanika@gmail.com

ତେବେ, ସର୍ବତ୍ର ମରୁଡ଼ିର ଚର୍ଚ୍ଚା ଚାଲୁଥିଲେ ହେଁ ସୁର୍‌ଗୁଜାରେ ସେମିତି ମିତବୃଷ୍ଟିର ବିଶେଷ ସମସ୍ୟା ନାହିଁ । ମାତ୍ର ଏହାର ଜଳକଷ୍ଟ ସମସ୍ୟା ବଡ଼ ବ୍ୟାପକ । ଏହାର କାରଣ ହେଉଛି ଜଳଅମଳ ବ୍ୟବସ୍ଥାର ସଂପୂର୍ଣ୍ଣ ଅନୁପସ୍ଥିତି । ଜିଲ୍ଲାର ମାତ୍ର ୪ ଶତାଂଶ ପାଖାପାଖି ଜମି ଜଳସେଚିତ । ବର୍ଷ ବର୍ଷ ଧରି, ଏପରିକି କିଛି ଦଶନ୍ଧି ହେଲା ସୁର୍‌ଗୁଜାର ବାର୍ଷିକ ହାରାହାରି ବର୍ଷାପାତ ୧୫୦୦ ମିଲିମିଟର; ଏହା ଅତ୍ୟନ୍ତ ଶୁଭଙ୍କର ।

ବାସ୍ତବତା ହେଉଛି, ଏହି ଜିଲ୍ଲାର 'ମରୁଡ଼ି' ମୁକାବିଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଆସୁଛି । ଏହାର ଅର୍ଥ ମରୁଡ଼ି-ରିଲିଫ୍ । ଏହାର ଅର୍ଥ ବାଟମାରଣା । ବର୍ଷ ବର୍ଷ ଧରି ପୂର୍ତ୍ତ ବିଭାଗ, ଜଙ୍ଗଲ ଓ ଅନ୍ୟାନ୍ୟ ବିଭାଗମାନ ମରୁଡ଼ି ନାମରେ ଆତଙ୍କର ମୁକାବିଲା କରି ଚାଲିଛନ୍ତି – 'ମରୁଡ଼ି' ହେଉଛି ସୁର୍‌ଗୁଜାର ସର୍ବବୃହତ୍ 'ଶିଳ୍ପ' । ମରୁଡ଼ି ହିଁ ଏ ଜିଲ୍ଲାଟିକୁ କରିଛି ଠିକାଦାରଙ୍କ ସ୍ୱପ୍ନିଳ ସାମ୍ରାଜ୍ୟ ।

ଗତ ପାଞ୍ଚବର୍ଷ ଧରି ବର୍ଷାପାତ ଏଠାରେ ସର୍ବନିମ୍ନ ସ୍ତରରେ ପହଞ୍ଚିଛି ବା ସଂକଟମୟ ହୋଇ ରହିଛି । ମାତ୍ର ପର୍ଯ୍ୟାପ୍ତ ଜଙ୍ଗଲ ବିନଷ୍ଟି ଓ ଭୂ-ତଳ ଜଳସ୍ତରର ପତନ ସତ୍ତ୍ୱେ କୌଣସି ବର୍ଷରେ ବର୍ଷାପାତ ୧୨୦୦ ମି.ମି. ଠାରୁ କମ୍ ହୋଇନାହିଁ । ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ମରୁଡ଼ି ପ୍ରପୀଡ଼ିତ ଜିଲ୍ଲାମାନଙ୍କ ଠାରୁ ଏ ବର୍ଷାପାତ ଢେର୍ ଅଧିକ । ୧୯୯୧-୯୨ରେ ସୁର୍‌ଗୁଜା ପାଇଥିଲା ୧୫୦୦ ମି.ମି.ର ବର୍ଷାପାତ । ତାମିଲନାଡୁର ପୁଦୁକ୍କୋଟାଇ କିମ୍ବା ରାମନାଦ ବହୁବର୍ଷ ଧରି ଏହାର ଅର୍ଦ୍ଧେକ ବର୍ଷାପାତ ମଧ୍ୟ ପାଏନାହିଁ । ପାର୍ଥକ୍ୟ କେବଳ ହେଉଛି, ଉଭୟ ସେମାନଙ୍କର ଅଭାବୀ ସମ୍ବଳଟିରୁ ଯଥାସମ୍ଭବ ଅଧିକ ଫାଇଦା ଉଠାଇଥାନ୍ତି । ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସୁର୍‌ଗୁଜାର ମୁଣ୍ଡପିଛା ଖାଦ୍ୟଶସ୍ୟ ଉତ୍ପାଦନ ରାଷ୍ଟ୍ରୀୟ ହାରାହାରି ଉତ୍ପାଦନ ୧୭୩ କି.ଗ୍ରା.କୁ ପଛରେ ପକାଇଦିଏ । ଏହାର ଅର୍ଥ, ଯଦି ଉପଯୁକ୍ତ ଭାବେ ପରିଚାଳିତ ହୁଅନ୍ତା ତେବେ ଏ ଜିଲ୍ଲାଟି ବାସ୍ତବରେ ଦେଖାଇ ଦିଅନ୍ତା ନିଜର ଉତ୍କର୍ଷତା, ନିଜର ପାରିବାପଣ ।

ଭାରତର ବହୁ ଦରିଦ୍ରତମ ନାଗରିକଙ୍କ ଭିଟାମାଟି ହେଁ ସୁର୍‌ଗୁଜା ଜିଲ୍ଲାଟି ରାଜ୍ୟର ରାଜକୋଷକୁ ରାଜସ୍ୱରେ କରିଥାଏ ପୃଥୁଳ–ବାର୍ଷିକ ୨୪୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରି । କେବଳ ୧୦୦ କୋଟି ଟଙ୍କା ମିଳିଥାଏ କୋଇଲା ରାଜସ୍ୱରୁ । ମାତ୍ର ରାଜ୍ୟର ଏହି ଦରିଦ୍ରତମ ଜିଲ୍ଲାରେ ପୁଞ୍ଜି ବିନିଯୋଗ ବହୁ ତଳେ ପଡ଼ିଥାଏ । ସୁର୍‌ଗୁଜା ଯେତିକି ଦେଇଥାଏ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ବ୍ୟୟରୁ ସେତିକି ମଧ୍ୟ ପାଏନାହିଁ । ବହୁ ସଫଳ ସରକାରରେ ଏ ଜିଲ୍ଲାର ପ୍ରତିନିଧିତ୍ୱ ବା

Digitized by srujanika@gmail.com

ଉପସ୍ଥିତି ଅନୁଭୂତ ହୁଏନାହିଁ । ବିଧାନସଭାକୁ ପ୍ରେରିତ ଏହାର ପ୍ରତିନିଧିଗଣ ଠିକ୍ ଭାବେ ଉପସ୍ଥାପିତ କରିପାରନ୍ତି ନାହିଁ ଜିଲ୍ଲାର ବାସ୍ତବ ସମସ୍ୟା ଓ ଆବଶ୍ୟକତା । ରାଜ୍ୟ ରାଜଧାନୀ ସହ ଏହି ଜିଲ୍ଲାର ଏଯାଏ ଘଟିନାହିଁ ରେଳ ସଂଯୋଗ । ରାଜଧାନୀ ଭୋପାଳ ଠାରୁ ଏହାର ଦୂରତ୍ୱ ୧୦୦୦ କିଲୋମିଟରୁ ଅଧିକ ଏବଂ ଏହି ଦୂରତ୍ୱ ହିଁ ସୁର୍‌ଗୁଜାକୁ କରିଥାଏ ସରକାରୀ ସ୍ତରରେ ବିସ୍ମରିତ, ଉପେକ୍ଷିତ ।

ପ୍ରଶାସନ ଆଖିରୁ ବହୁ ସଂକଟଜନକ ସମସ୍ୟା ଏଡ଼େଇ ହୋଇ ରହିଯାଏ । ଦୃଷ୍ଟାନ୍ତ ସ୍ୱରୂପ, ଅଦୃଶ୍ୟ ଭାବେ ନୀରବ କ୍ଷୁଧାରେ ପୀଡ଼ିତ ଏହି ଜିଲ୍ଲାର ନାଗରିକମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ । କିମ୍ବା ସମାଜ କଲ୍ୟାଣ କାର୍ଯ୍ୟକ୍ରମରେ ଅତ୍ୟଳ୍ପ ପୁଞ୍ଜି ବିନିଯୋଗ । ଏ ପରିମାଣ ଏତେ ସ୍ୱଳ୍ପ ଯେ ପ୍ରେମନଗର ହେଉଛି ମଧ୍ୟପ୍ରଦେଶର ସମସ୍ତ ବ୍ଲକ୍ ତୁଳନାରେ ସାକ୍ଷରତା ହାରରେ ସର୍ବନିମ୍ନ—ମାତ୍ର ଚାରି ଶତାଂଶ । ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ହାର ଏଠାରେ ଉଚ୍ଚାରଣ ନକରିବା ଭଲ — ୧.୦୪ ଶତାଂଶ । ଇଏ ହେଉଛି ସେହି ବ୍ଲକ୍ ଯେଉଁଠି କଣ୍ଟାରୋଳି ଓ ରାମେଶ୍ୱର ନଗର ଇଲାକାରେ ଘଟିଛି ଅନାହାର ମୃତ୍ୟୁ ।

''ନିରକ୍ଷରତା ହେଉଛି ସବୁଠାରୁ ବଡ଼ ମହାମାରୀ ବ୍ୟାଧି ।''—କହନ୍ତି ଜଣେ ଡାକ୍ତର—''ଯଦିବା ଏସବୁ ଗ୍ରାମରେ ଔଷଧ ପହଞ୍ଚେ, ତଥାପି କେମିତି ଓ କେତେ ପରିମାଣର ଔଷଧ ଖାଇବାକୁ ହେବ ଏହା ଗ୍ରାମବାସୀଙ୍କ ପାଇଁ ଏକ ବଡ଼ ରହସ୍ୟ, ଏକ ଗୋଲକ ଧନ୍ଦା । ଗ୍ରାମର ସ୍ୱାସ୍ଥ୍ୟକର୍ମୀମାନେ ନିଜେ କ୍ୱଚିତ ଲେଖିପଢ଼ି ପାରନ୍ତି । ବେଳେ ବେଳେ କୂଅରେ ପକାଇବାକୁ ଦିଆଯାଇଥିବା କ୍ଲୋରିନ୍ ବଟିକାକୁ ଲୋକମାନେ ଔଷଧ ଭାବି ଗିଳି ପକାନ୍ତି । ଭିଟାମିନ୍ ବଟିକା ଦିଆଯାଇଥିଲେ ବି ରୋଗୀର ପରିବାର ଲୋକେ ତା'ର ଉପଯୋଗ ଜାଣନ୍ତି ନାହିଁ କି ରୋଗୀକୁ ଖୁଆନ୍ତି ନାହିଁ ।''

କେବଳ ସେତିକି ନୁହେଁ । ଥରୁଟିଏ ବି ଚିକିତ୍ସାର ସୁଯୋଗ ନପାଇ ରୋଗୀ ଏଠାରେ ମରେ । ଅନାହାର ମୃତ୍ୟୁ ଘଟିଥିବା ମାତ୍ରିଙ୍ଗାର ଖେଣ୍ଡା ଠାରେ ରହିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଶାଖା । ଖେଣ୍ଡାରେ କୌଣସି ସ୍ଥାୟୀ ଡାକ୍ତର ନାହାନ୍ତି, ଏପରିକି ଜଣେ ବି କମ୍ପାଉଣ୍ଡର ନାହିଁ, କୌଣସି ମହିଳା ସ୍ୱାସ୍ଥ୍ୟକର୍ମୀ, କିମ୍ବା ପ୍ରସବକାଳୀନ ସେବା ପାଇଁ ଜଣେ ହେଲେ ନର୍ସ କି ଧାଇ ନାହାନ୍ତି । ଅନାହାର ମୃତ୍ୟୁ ଘଟିବାର ତିନିମାସ ପରେ ବି କେହି ଜଣେ ନାହାନ୍ତି—କୌଣସି ଜଣେ ସ୍ଥାୟୀ ଡାକ୍ତରଙ୍କୁ ଏଠାକୁ ସରକାରଙ୍କ ପକ୍ଷରୁ ପଠାଯାଇନାହିଁ । କେବଳ ଜରୁରୀ କାଳୀନ ଚିକିତ୍ସା ପାଇଁ ପ୍ରେରିତ ଜଣେ ଡାକ୍ତର ଫେରିଯିବା ପାଇଁ ଦିନ ଗଣୁଛନ୍ତି—ଆଉ କୋଡ଼ିଏ ଦିନ ରହିଛି । କିଛି ଡାକ୍ତର ଗାଁ ଗଣ୍ଡାରେ ବୁଲିପଡ଼ି ଫେରିଯାଆନ୍ତି ଏବଂ ଅନ୍ୟମାନେ ନିଜର କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଘରୋଇ ଚିକିତ୍ସାରେ ନିୟୋଜିତ ।

Digitized by srujanika@gmail.com

ରୋଗୀଟିଏ ମରିବା ପୂର୍ବରୁ ଡାକ୍ତରଙ୍କୁ ସ୍ୱଚକ୍ଷୁରେ ଦେଖିପାରେ ନାହିଁ। ବେଳେବେଳେ ଗ୍ରାମର ସ୍ୱାସ୍ଥ୍ୟକର୍ମୀ ଆସି ଖବର ଦେଇନଥାଏ ଏବଂ ପାହାଡ଼ି ଇଲାକାର ଦୁର୍ଗମ ଗିରିପଥ ଦେଇ ରୋଗୀଟି ପକ୍ଷରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ଦୁଷ୍କର ହୋଇପଡ଼େ । କୋଡ଼ିଏ ତିରିଶ ବର୍ଗ କିଲୋମିଟର ପରିବ୍ୟାପ୍ତି ମଧ୍ୟରେ ପଡ଼େ ଗାଆଁଟିଏ ଏବଂ ବେଳେବେଳେ ଗୋଟିଏ ପରିବାର ରହିଥାନ୍ତି ଗୋଟିଏ ଗିରିଶୃଙ୍ଗରେ ତ ଅନ୍ୟଟି ଅନ୍ୟ ଗିରିଶୃଙ୍ଗରେ । ଏଭଳି ଅଗମ୍ୟ ଅଞ୍ଚଳରେ ପହଞ୍ଚିବା ଦୁଃସ୍ୱପ୍ନ ପ୍ରାୟ ଯେପରି ପ୍ରତୀତ ହୁଏ, ସେହିପରି ମଧ୍ୟପ୍ରଦେଶର ମୁଣ୍ଡପିଛା ଲୋକ କଲ୍ୟାଣ କାର୍ଯ୍ୟକ୍ରମର ବ୍ୟୟଭାର ସମଗ୍ର ଦେଶର ଅନ୍ୟାନ୍ୟ ରାଜ୍ୟଠାରୁ ଅଧିକ । "କେଉଁଠାରେ ଜଣେ ହ୍ୟାଣ୍ଡ ପମ୍ପଟିଏ ବସାଇବ ?" –ପଚାରନ୍ତି ଜଣେ ବ୍ଲକ୍ ସ୍ତରର କର୍ମକର୍ତ୍ତା ଏବଂ ଆଉ ଜଣେ ବରିଷ୍ଠ ପ୍ରଶାସକ କହନ୍ତି : "ସମାନ ସଂଖ୍ୟକ ଜନସାଧାରଣଙ୍କ ପାଇଁ ହ୍ୟାଣ୍ଡପମ୍ପ ବସାଇବା ବେଳେ ଆମକୁ ମହାରାଷ୍ଟ୍ର ତୁଳନାରେ ଚାରିଗୁଣ ଖର୍ଚ୍ଚ କରିବାକୁ ପଡ଼ିଥାଏ କାରଣ ଏଠାରେ ଚାରିଗୁଣ ଅଧିକ ହ୍ୟାଣ୍ଡପମ୍ପ ଦରକାର ହୋଇଥାଏ ।"

ରାମେଶ୍ୱର ନଗରରେ ନିର୍ମାଣାଧୀନ ବଙ୍ଗୋ ଡ୍ୟାମ୍ ଧ୍ୱଂସ କରିଦେଇଛି ଦରିଦ୍ର କୃଷକମାନଙ୍କର ଯାହା ବି ଥିଲା ମାଣେ ଦି' ଗୁଣ୍ଠର କ୍ଷେତଜମି । ଏହି ବନ୍ଧ ଦ୍ୱାରା ସ୍ଥାନୀୟ ଚାଷୀଙ୍କୁ ହରାଇବାକୁ ପଡ଼େ ଚାଷଜମି ଏବଂ ଏହାର ଉପକାର ପାଆନ୍ତି ପଡ଼ୋଶୀ ଧନିକ ବିଳାସପୁର ଜିଲ୍ଲାର ବଡ଼ଚାଷୀମାନେ । ପାଞ୍ଚବର୍ଷ ଧରି ରାମେଶ୍ୱର ନଗରର ଚାଷୀମାନେ ବଞ୍ଚିଛନ୍ତି ନିଜ ଜମି ବାବଦରେ ପାଇଥିବା କୁଣ୍ଠିତ କ୍ଷତିପୂରଣ ଅର୍ଥରେ । ଆଗାମୀ ମୌସୁମୀ କାଳରେ ଜଳମଗ୍ନ ହେବାକୁ ଥିବା ଜମିଗୁଡ଼ିକ ସେହି ଭବିତବ୍ୟକୁ ଆଦରି ନେଲାପରେ ଏଠାରେ ଚାଷୀଙ୍କ କପାଳରେ ରହିଛି କେବଳ ଅକଥନୀୟ ଦୁର୍ଦ୍ଦଶା ଓ ପୀଡ଼ନ ।

ଜିଲ୍ଲାର ସେଚ ଓ ପାନୀୟ ଜଳ ସଂକଟ ଦୂର କରିବା କି ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉଥିବା ଦୃଶ୍ୟମାନ ହେଲାନାହିଁ । ଅଧିକାଂଶ ଜଳସ୍ରୋତ ଶୁଖି ଖାଁ ଖାଁ କରୁଛି, ଯେଉଁ କିଛି କୃଶାଙ୍ଗୀ କ୍ଷୀଣ ଧାର ବହମାନ, ସେସବୁ ଚଢ଼େଇର ତୃଷ୍ଣା ନିବାରଣ ପାଇଁ ମଧ୍ୟ ଅକୁଳାଣ; ଏବେ ସୁର୍‌ଗୁଜାର ଭାଗ୍ୟ ଗମ୍ଭୀରାରେ ଅପେକ୍ଷାରେ ଅଛି ଆହୁରି ଅପମୃତ୍ୟୁର କାଳ ଅଂଧାର ଏବଂ ଯେଉଁସବୁ ମୃତ୍ୟୁ ଘଟୁଛି ତାହା ଅପୁଷ୍ଟିଜନିତ କାରଣରୁ । ଦୀର୍ଘଦିନର ଅଭୁକ୍ତ ମଣିଷର ପିଞ୍ଜରା ତଳେ ବ୍ୟାଧି ସହ ଲଢ଼ିବାକୁ ଜାଣିଚାଏ ଯୁ' ନାହିଁ ।

କିନ୍ତୁ ଯାହା ଦୃଶ୍ୟମାନ, ତା'ରି ଉପରେ ସମସ୍ତଙ୍କ ଧ୍ୟାନ କେନ୍ଦ୍ରୀଭୂତ । ବିପର୍ଯ୍ୟୟକୁ ଆହ୍ୱାନ କରୁଥିବା ଦୀର୍ଘସ୍ଥାୟୀ ଅବହେଳାର ପ୍ରକ୍ରିୟାମାନଙ୍କ ଉପରେ

Digitized by srujanika@gmail.com

ରିପୋର୍ଟ ପ୍ରସ୍ତୁତ କଲେ ସମ୍ବାଦପତ୍ରର କାଟ୍‌ତି ସେତେ ହେବ ନାହିଁ । ସୁତରାଂ ମଲା ମଣିଷର ଶବ ଉପରେ ସମ୍ବାଦପତ୍ର ଓ ସାମ୍ବିଧାନିକ ବ୍ୟବସ୍ଥାର ଗରମା ଗରମ ରାଜନୀତି ଚାଲେ । ''ଏବଂ ସେଥିପାଇଁ ଦରକାର ହୁଏନାହିଁ ମୌଳିକ ସମସ୍ୟା ପ୍ରତି ଧ୍ୟାନ ଆକର୍ଷଣର ନୈତିକତା କିମ୍ବା ଆବଶ୍ୟକତା ।'' –କହିଲେ ଜଣେ ବରିଷ୍ଠ ଅଫିସର । ''ଏବେ ଆପଣମାନଙ୍କ ପରି ସାମ୍ବାଦିକଙ୍କୁ ସ୍ୱାଗତ ଜଣାଏ ସୁର୍‌ଗୁଜାର ମରୁଡ଼ି, ମୃତ୍ୟୁ ଓ ବିକାଶର ଅନ୍ତହୀନ ରାଜନୀତି ।''

ବଞ୍ଚିଥିବା ମୁମୂର୍ଷୁ ମଣିଷଙ୍କ କଲ୍ୟାଣ ନୁହେଁ; ମରିଥିବା ମଣିଷର ମଢ଼ା ଉପରେ ଯେଉଁ ଶୋକ, ସକେଇ ହେବାର ସଉଦା ହୁଏ ତା'ର ନାମ ରାଜନୀତି ଏବଂ ତା'ରି ଉପରେ ବଞ୍ଚିଥାଏ ଭାରତବର୍ଷ ।

ଉତ୍ତର ଲିପି :

ସୁର୍‌ଗୁଜା ଉପରେ 'ଟାଇମସ୍ ଅଫ୍ ଇଣ୍ଡିଆ'ରେ ଉପରୋକ୍ତ ଦୁଇଟି କାହାଣୀ ପ୍ରକାଶ ପାଇଲା ବେଳେ ମୁଁ ଝାବୁଆ ଜିଲ୍ଲାରେ ଥାଏ । ହଠାତ୍ ଖବର ପାଇଲି ପୁଲିସ୍ ମୋତେ ଖୋଜୁଛି । ଭାବିଲି, ନର୍ମଦା ବୁଡ଼ି ଅଞ୍ଚଳରୁ ସାମ୍ବାଦିକମାନଙ୍କୁ ତଡ଼ିବା ପାଇଁ ଏପରି ବ୍ୟବସ୍ଥା ବୋଧେ କର୍ତ୍ତୃପକ୍ଷ ଗ୍ରହଣ କରିଛନ୍ତି । ମାତ୍ର ଭୋପାଳକୁ ଫୋନ୍ କଲାପରେ ମୋ ଅନୁମାନ ଭୁଲ୍ ପ୍ରମାଣିତ ହେଲା । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂହ ଏହି ରିପୋର୍ଟ ଦୁଇଟି ପଢ଼ି ସୁର୍‌ଗୁଜାର ସଂପୃକ୍ତ ସ୍ଥାନମାନଙ୍କୁ ପରିଦର୍ଶନରେ ବାହାରିଛନ୍ତି ଏବଂ ଏହାର ଲେଖକ ଭାବେ ମୁଁ ତାଙ୍କ ସାଥୀରେ ଯିବା ସେ ଚାହାଁନ୍ତି । ମୁଁ ସମ୍ମତି ଭରିଲି ।

ଅନାହାର ମୃତ୍ୟୁ ଘଟିଥିବା ମାତ୍ରିଙ୍ଗାକୁ ଆମେ ଗଲୁ । ମାତ୍ର ଗନ୍ତବ୍ୟକ୍ରମର ବାହାରେ ଆମେ କେତୋଟି ସ୍ଥାନରେ ଅଚାନକ ଅଟକିଗଲୁ, ଯେଉଁ ପରିଦର୍ଶନ ଉପରେ ଜିଲ୍ଲା ପ୍ରଶାସନର କୌଣସି ପ୍ରାକ୍ ଧାରଣା ନଥିଲା । ସେଠାରେ ମୁଖ୍ୟମନ୍ତ୍ରୀ ଯାହା ଦେଖିଲେ, ହତବାକ୍ ହୋଇଗଲେ । କାର୍‌କେଲା ନାମକ ଗ୍ରାମରେ ଜଣେ ବୟସ୍କା ମହିଳା କହିଲେ : ''ଆମେ ତିନିବର୍ଷ ହେଲା ପଡ଼ିକାର୍ଡ଼ରେ କେବେ ଚାଉଳ ପାଇନାହୁଁ ।'' ଦିଗ୍‌ବିଜୟ ସିଂହ ନିଜେ ପ୍ରକାଶିତ ରିପୋର୍ଟର ଅନ୍ୟାନ୍ୟ ଦିଗ ଉପରେ ଯାଞ୍ଚ କଲେ ।

ସେହିଦିନ ସନ୍ଧ୍ୟାରେ ଏକ କ୍ରୁଦ୍ଧ, ବିଚଳିତ ମୁଖ୍ୟମନ୍ତ୍ରୀ ଆଶୁ ପଦକ୍ଷେପ ଗ୍ରହଣ କଲେ । ସେ ସୁର୍‌ଗୁଜାରେ ଅବସ୍ଥାପିତ ୨୪ ଜଣ ଉଚ୍ଚପଦସ୍ଥ ଓ ବରିଷ୍ଠ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଏହି ତାଲିକାର ପ୍ରଥମରେ ଥିଲେ ଜିଲ୍ଲାପାଳ । ଗୋଟିଏ ଦିନରେ ଏତେସଂଖ୍ୟକ କର୍ମକର୍ତ୍ତାଙ୍କ ବଦଳି ହେବା ଥିଲା ମଧ୍ୟପ୍ରଦେଶର ପ୍ରଶାସନିକ ଇତିହାସରେ ମଧ୍ୟ ପ୍ରଥମ । ପ୍ରବୀର କୃଷ୍ଣା ନାମକ ଜଣେ

Digitized by srujanika@gmail.com

ଅତ୍ୟନ୍ତ ଦକ୍ଷ ଓ ଖ୍ୟାତି ସଂପନ୍ନ ବହୁଚର୍ଚ୍ଚିତ ଯୁବ ଆଇ.ଏ.ଏସ୍ ଅଫିସରଙ୍କୁ ଜିଲ୍ଲାପାଳ ରୂପେ ରାଜ୍ୟ ସରକାର ନିଯୁକ୍ତ କଲେ । ଏହି ବିଶାଳ ଜିଲ୍ଲାର ପ୍ରଶାସନ ପାଇଁ ତାଙ୍କ ସହିତ ସହଯୋଗ କଲେ ଆଉ ଦୁଇଜଣ ଯୁବ ଆଇ.ଏ.ଏସ୍. ଅଫିସର ।

ସରକାର ମଧ୍ୟ କିଛି ସ୍ୱାସ୍ଥ୍ୟ ବିଭାଗ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କଲେ । କିଛି ଠିକାଦାର ମଧ୍ୟ ହେଲେ କଳା ତାଲିକାଭୁକ୍ତ । ରାଜ୍ୟର ମୁଖ୍ୟ ବୈଷୟିକ ନିରୀକ୍ଷକଙ୍କ ଅଧିନାୟକତ୍ୱରେ ଦିଗ୍‌ବିଜୟ ସିଂହ ମଧ୍ୟ ଏକ କମିଟି ବସାଇଲେ । ଗତ ଚାରିବର୍ଷ ମଧ୍ୟରେ ସୁର୍‌ଗୁଜାରେ ଅନୁସୃତ ବିଭିନ୍ନ ମୌଳିକ, ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମର ଗୁଣାତ୍ମକ ମାନ ଉପରେ ଏମାନେ ଅଧ୍ୟୟନ କରି ୧୦୦ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଗଲା । ଏହି ତ୍ୱରିତ ପଦକ୍ଷେପମାନ ଭୋପାଳର ଗଣମାଧ୍ୟମକୁ ଚଳଚଞ୍ଚଳ କରିପକାଇଥିଲା । ଫଳ ସ୍ୱରୂପ ପରବର୍ତ୍ତୀ ଦଶଦିନ ମଧ୍ୟରେ ସୁର୍‌ଗୁଜା ଦଖଲ କଲା ସମ୍ବାଦପତ୍ରମାନଙ୍କରେ ଅଧିକ ସ୍ଥାନ ଓ ବେଳେବେଳେ ମଣ୍ଡନ କଲା ପ୍ରଥମ ପୃଷ୍ଠାର ଶିରୋନାମା; ଯାହା ବିଗତ ଦୁଇବର୍ଷ ମଧ୍ୟରେ ଘଟିନଥିଲା । କିନ୍ତୁ ଏସବୁ ସମ୍ବାଦପତ୍ର ରିପୋର୍ଟ ସଂଗ୍ରହ ପାଇଁ ସୁର୍‌ଗୁଜା ନଯାଇ ଖୋଦ୍ ରାଜଧାନୀରେ ବସି ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପ ଉପରେ ଅଗ୍ରଲେଖା ଓ ବିବରଣୀ ପ୍ରସ୍ତୁତ କରିଥିଲେ ।

ମଧ୍ୟପ୍ରଦେଶ ଭଳି ସବୁ ରାଜ୍ୟର ରାଜଧାନୀରେ ବସି ଖବରକାଗଜମାନଙ୍କ ଚାଷ ଓ ଅମଳ ଅଧିକ ହୋଇଥାଏ; ରାଜଧାନୀର କୋଳାହଳମାନଙ୍କ ମଧ୍ୟରେ ହଜି ଯାଉଥାଏ ରାଜ୍ୟର ଅକ୍ଷିତ ମଣିଷମାନଙ୍କ ମୁହଁର ମାନଚିତ୍ର ।

❖ ❖ ❖

Digitized by srujanika@gmail.com

ଦୁର୍ନୀତିର କାନ୍‌ଭାସ୍‌ରେ ମରୁଡ଼ିର ରଙ୍ଗ

ମରୁଡ଼ିକୁ ଅନୁଭବ କରିବାର କୌଣସି ଅଧିକାର ପାଲାମୁର ରହିଛି କି ? ଦେଶର ସବୁଠାରୁ ଉତ୍କଟ ମରୁଡ଼ି ଓ ଏହାର କରାଳ ପ୍ରଭାବକୁ ନିୟମିତ ଅଙ୍ଗେ ନିଭେଇ ଆସୁଥିବା ବିହାର ରାଜ୍ୟର ଏହି ଉପେକ୍ଷିତ ଜିଲ୍ଲା ପାଇଁ ପ୍ରଶ୍ନଟି ନିହାତି ଅବାଗିଆ, ଅସ୍ୱସ୍ତିକର ଲାଗେ । ମାତ୍ର ପ୍ରଶ୍ନଟି ଅନେକଙ୍କ ପାଇଁ ଅର୍ଥପୂର୍ଣ୍ଣ ଲାଗେ, ଏପରିକି ପାଲାମୁ ଜିଲ୍ଲାଟିକୁ ଚଳାଉଥିବା ପ୍ରଶାସକବର୍ଗଙ୍କୁ ।

ସ୍ୱାଭାବିକ ବର୍ଷମାନଙ୍କରେ ପାଲାମୁ ପାଇଥାଏ ୧୨୦୦ରୁ ୧୨୩୦ ମିଲିମିଟର ବର୍ଷାପାତ । ଏ ପରିମାଣ ଆଦୌ ମନ୍ଦ ନୁହେଁ; ବରଂ ଚାଷବାସ ପାଇଁ ଶୁଭଙ୍କର । ସଦ୍ୟତମ ଇତିହାସରେ ଏହାର ସବୁଠାରୁ କରାଳ ବର୍ଷରେ ଏହା ତଥାପି ପାଇଛି ୬୩୦ ମି.ମି. ବର୍ଷା । ତାମିଲନାଡୁର ରାମନାଦ ଜିଲ୍ଲା ସ୍ୱାଭାବିକ ବର୍ଷମାନଙ୍କରେ ପାଉଥିବା ବୃଷ୍ଟିପାତ ଠାରୁ ଏହା ଢେର ଅଧିକ । ଅଥଚ ରାମନାଦ ଠାରୁ ପାଲାମୁରେ ମରୁଡ଼ି ଅଧିକ ବିପର୍ଯ୍ୟୟର କଳାଛାଇ ଲେପିଯାଏ, ହାହାକାର ପଡ଼ିଯାଏ ।

ଜଣେ ବରିଷ୍ଠ ପ୍ରଶାସକଙ୍କ ବକ୍ତବ୍ୟରେ : "ପୃଥିବୀରେ ଏମିତି ଅନେକ ସ୍ଥାନ ରହିଛି, ଯେଉଁଠି ବାର୍ଷିକ ବୃଷ୍ଟିପାତ ୨୦୦ ମି.ମି.ରୁ ଅଧିକ ନୁହେଁ—ମାତ୍ର ସେଠାରେ ସଂକଟର ଘନଘଟା ନିୟନ୍ତ୍ରଣ ବାହାରକୁ ଯାଇଛି ବୋଲି କେବେ ହଇଚଇ ପଡ଼ିନାହିଁ ।" ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲାରେ ଜଳସଂକଟ ପାଲାମୁ ଠାରୁ ଅଧିକ ଉତ୍କଟ । ଏପରି ବର୍ଷ ରହିଛି ଯେତେବେଳେ ଅନନ୍ତପୁର ୫୦୦ ମି.ମି.ରୁ କମ୍ ବୃଷ୍ଟି ପାଇଥାଏ । ମାତ୍ର ମରୁଡ଼ି ଜନିତ ବିପର୍ଯ୍ୟୟର କାହାଣୀ କ୍ୱଚିତ ସେଠାରେ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରେ । ହେଲେ ପାଲାମୁରେ ଗତ ତିନି ଦଶନ୍ଧି ଧରି ମଝେ ମଝେ ଏପରି ଉତ୍କଟ ମରୁଡ଼ିର ଅସହାୟତାରେ ମଣିଷ ସଢ଼ୁଥିବାର ଚିତ୍ର ସମ୍ବାଦପତ୍ରର ଶିରୋନାମାରେ ଆସ୍ଥାନ ଜମେଇ ଆସିଛି । ଦୃଷ୍ଟାନ୍ତ ସ୍ୱରୂପ ୧୯୯୨ର ଶେଷ ଭାଗରୁ ୧୯୯୩ର ମଧ୍ୟଭାଗ ଯାଏ ।

ଭାରତର ଅନେକ ଅଞ୍ଚଳ ମରୁଡ଼ି ଓ ମିତବୃଷ୍ଟିର ସାମ୍ନା କଲେ ବି ଅବସ୍ଥା ଦୁର୍ଭିକ୍ଷ ବା ଦୁର୍ଭିକ୍ଷ ପାଖାପାଖି କେବେ ହୋଇନାହିଁ । ଗୋଟିଏ ଆକଳନ ଅନୁଯାୟୀ ଯେକୌଣସି ସମୟରେ ଭାରତବର୍ଷର ଏକ ଅଷ୍ଟମାଂଶ ଅଞ୍ଚଳ କୁଣ୍ଠିତ ବୃଷ୍ଟିର, ଅସହ୍ୟ 'ଶୁଖା'ର ଶିକାର ହୋଇଥାଏ । ମାତ୍ର ପାଲାମୁରେ ମରୁଡ଼ି ଓ ଦୁର୍ଭିକ୍ଷ ମଧ୍ୟରେ ଦୂରତ୍ୱ ବେଶ୍ ସ୍ୱଳ୍ପ ଓ ସଂକୀର୍ଣ୍ଣ । ଏହାର ଅର୍ଥ, ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁଁ ରାଜକୋଷରୁ

Digitized by srujanika@gmail.com

ବ୍ୟୟଭାର ଢେର୍ ବଢ଼ିଯାଇଥାଏ । ଯେଉଁ ତ୍ରୁଟି ଅନ୍ୟତ୍ର ନଗଣ୍ୟ ସମସ୍ୟାକୁ ସୃଷ୍ଟି କରିଥାଏ, ପାଲାମୁ ଠାରେ ତାହା ମହା ମହା ଦୁର୍ବିପାକ ଓ ମାଳ ମାଳ ବିପର୍ଯ୍ୟୟକୁ ଛିଡ଼ା କରାଏ ।

ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଅଧିକ ବୃଷ୍ଟିପାତ ପାଇବା ବାହାରେ ପାଲାମୁ ଅନ୍ୟ କେତେକ ଦିଗରେ ଭାଗ୍ୟବାନ ମଧ୍ୟ । ବର୍ଷ ବର୍ଷ ଧରି ଏଠାରେ ଅବସ୍ଥାପିତ ହୋଇ ଆସିଛନ୍ତି କ୍ରମାଗତ ଭାବେ ଅଙ୍ଗୀକାରବଦ୍ଧ କିଛି ସଚ୍ଚୋଟ, ବରିଷ୍ଠ ପ୍ରଶାସକ । ଷାଠିଏ ଦଶକରେ କେ. ଏସ୍. ସିଂହଙ୍କ ଠାରୁ ସାଂପ୍ରତିକ ଦକ୍ଷ, ନିଷ୍ଠାବାନ ଯୁବ ଡେପୁଟୀ କମିଶନର ସନ୍ତୋଷ ମାଥ୍ୟୁଙ୍କ ଯାଏ ଏହାର ତାଲିକା ବଡ଼ ଲମ୍ବା ।

ତୃତୀୟ ବରଦାନ ହେଲା, ଜଙ୍ଗଲର କ୍ରମାଗତ ବିନଷ୍ଟି ସତ୍ତ୍ୱେ ଜିଲ୍ଲାଟିରେ ତଥାପି ରହିଛି ନିଘଞ୍ଚ ଅରଣ୍ୟର ପରିବ୍ୟାପ୍ତି— ସରକାରୀ ଭାବେ ଜିଲ୍ଲାର ସାମଗ୍ରିକ ଇଲାକାର ଶତକଡ଼ା ୪୦ ଭାଗ, ମାତ୍ର ବେସରକାରୀ ଆକଳନରେ ୨୫ ଶତାଂଶ । ଏହାକୁ ରାମନାଦର ୧.୦୬ ଶତାଂଶ ଜଙ୍ଗଲ ସହିତ ତୁଳନା କରାଯାଇପାରେ । ତେବେ ସଂକଟ ଆସିଲା ବେଳେ ପାଲାମୁ ଏମିତି ଉଚ୍ଛନ୍ନ, ଅସ୍ତବ୍ୟସ୍ତ ହୋଇପଡ଼େ କାହିଁକି ?

ପାଲାମୁର କେତେକ ସମସ୍ୟା ଅତ୍ୟନ୍ତ ଜଟିଳ ଓ ବ୍ୟାପକ । ଏଠାକାର ପ୍ରଶାସକମାନେ ଯେତେ ଦକ୍ଷ ଓ ନିଷ୍ଠାପର ହୋଇଥିଲେ ବି ସେମାନେ ସଂକଟ ପରିଚାଳନା ବ୍ୟତୀତ ଅଧିକ କିଛି କରୁଥିବାର ନିଜେ ଅନୁଭବ କରନ୍ତି ନାହିଁ । ଜଣେ ବ୍ଲକ୍ ସ୍ତରୀୟ ଅଫିସର କହନ୍ତି : "ଆମେ ସମସ୍ୟାମାନଙ୍କୁ ମୁକାବିଲା କରିବାରେ ଏତେ ବ୍ୟସ୍ତ ରହୁଯେ, ସେଗୁଡ଼ିକର ଦୀର୍ଘକାଳୀନ ସମାଧାନ କିମ୍ବା ବାସ୍ତବ ଯୋଜନା ଭିତ୍ତିରେ ସ୍ଥାୟୀ ଦୂରୀକରଣ ପାଇଁ କ୍ୱଚିତ ସମୟ ପାଉ । ଯେତେବେଳେ ସେତକ କରିବାରେ କୃତକାର୍ଯ୍ୟ ହେଉ, ପାଟଣାରେ କିଏ ଅଛି ଯେ ଶୁଣିବ ?"

ଏସବୁ ସତ୍ତ୍ୱେ ପାଲାମୁ ହେଉଛି ପରିବ୍ୟାପ୍ତ ସମ୍ଭାବନାର ଏକ ଅକ୍ଷତ କୁମାରୀ । ଅନେକ ଯେପରି ଭାବନ୍ତି ଏହାର ମାଟି ତଳେ ଥିବା ଖଣିଜ ସଂପଦ ହିଁ ଏହାର ସୌଭାଗ୍ୟ ଆଗମନର ଚାବିକାଠି । ମାତ୍ର ଡେପୁଟୀ କମିଶନର ସନ୍ତୋଷ ମାଥ୍ୟୁ ଏହି ଜିଲ୍ଲାର ଭିନ୍ନ-ଭବିତବ୍ୟ ନେଇ ବେଶ୍ ଆଶାବାଦୀ । ତାଙ୍କ ପାଇଁ ତାହା ହେଉଛି କୃଷି । "ଆମେ ଅଧ୍ୟୟନ କରିଛୁ । ଯେକୌଣସି ସମୟରେ ପାଲାମୁର ଚାଷୋପଯୋଗୀ ଜମିର ମାତ୍ର ୪୮ ଶତାଂଶ ଇଲାକାରେ ଫସଲ ଫଳିଥାଏ । ଅବଶିଷ୍ଟ ଅଞ୍ଚଳ ପଡ଼ିଥାଏ ବନ୍ଧ୍ୟାମାଟି ପରି ନିଷ୍ଫଳା, ଚାରଣ ଭୂମି ହୋଇ ।" ମାଥ୍ୟୁ ନିଜ ଚିନ୍ତାଧାରାରେ ଅତ୍ୟନ୍ତ ସ୍ୱଚ୍ଛ ଯେ, ସମ୍ବଳ ବା ପୁଞ୍ଜିର ସହଯୋଗ ମିଳିଲେ ତାଙ୍କର ଅଗ୍ରାଧିକାର ହେବ 'ଜଳ ଅମଳ' । ପାଲାମୁ ପାଉଥିବା ବୃଷ୍ଟିଜଳକୁ ସଂପ୍ରତି ସଂରକ୍ଷିତ ରଖିବା ଦିଗରେ ସମର୍ଥ ନୁହେଁ ।

Digitized by srujanika@gmail.com

ଏହି ଜଳ ସଂରକ୍ଷଣ ଦିଗରେ ଅନେକ କିଛି କରିବାକୁ ମାଥ୍ୟୁ ଚାହାନ୍ତି । "ଏହା ବାହାରେ ସ୍ପଞ୍ଜ ପରି ମାଟିର ଜଳଧାରଣ କ୍ଷମତା ବଢ଼ାଇବାକୁ ଆମର ଦରକାର ଜଙ୍ଗଲ । ଏହାଫଳରେ ପ୍ରବହମାନ ଜଳଧାରଗୁଡ଼ିକ ବର୍ଷତମାମ ଜୀବନ୍ତ ବା ଚିରସ୍ରୋତା ରହିବେ । ଏହା ବାହାରେ ଆମେ ଚାହୁଁ ମାଟି ଉପରେ ଜଳ ଅମଳ ପ୍ରକଳ୍ପ ବା ଛୋଟ ଛୋଟ ସରୋବର ଓ ହ୍ରଦ । ଅନୁକୂଳ ଧରଣର ବୃକ୍ଷ ରୋପିତ ହୋଇ ଜଙ୍ଗଲ ସୃଷ୍ଟି ହେବା ସହିତ ବ୍ୟବଧାନର ଭରଣା ପାଇଁ ଆମକୁ ଫଳ ବଗିଚା ସୃଷ୍ଟି କରିବାକୁ ପଡ଼ିବ—ପିଜୁଳି, ଅଁଳା, ବରକୋଳି, ଅମୃତଭଣ୍ଡା, ଆମ୍ବ ଚାଷ ଫଳରେ ଲୋକଙ୍କ ଆର୍ଥିକ ଉନ୍ନତି ଘଟିପାରିବ ।"

ତାଙ୍କର ଅନେକଗୁଡ଼ିଏ ନିରୀକ୍ଷଣ ସତ୍ୟ ହୋଇଛି । ତା' ଉପରେ ଆସ୍ଥାନ ମାଡ଼ି ବସୁଛି ଅନ୍ୟାନ୍ୟ କିଛି ଯୋଜନା । ବିହାରର ଜଳସଂପଦ ବିଭାଗର ବଜେଟ୍ କ୍ରମେ ହ୍ରାସ ପାଇ ପାଇ ଚାଲିଛି । ସଂପ୍ରତି ଏହା ୧୨୦ କୋଟି ଟଙ୍କାରୁ ସାମାନ୍ୟ ଅଧିକ । ଏହି ପରିମାଣ ପାଞ୍ଚବର୍ଷ ତଳେ ଥିବା ବଜେଟ୍‌ର ଏକ ତୃତୀୟାଂଶ । ସାଂପ୍ରତିକ ବଜେଟ୍ ପରିମାଣରୁ ୮୦ କୋଟି ଟଙ୍କା ଚାଲିଯାଏ ଦରମା ଓ ଅଫିସ୍ ପରିଚାଳନା ଖର୍ଚ୍ଚ ଦିଗରେ । ଏହାର ଅର୍ଥ ହେଲା ଅବଶିଷ୍ଟ ୪୦ କୋଟି ଟଙ୍କା ବିନିଯୁକ୍ତ ହୁଏ ରାଜ୍ୟର ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟାକୁ ଆହାର ଯୋଗାଇବାର ଆୟୁଧ କୃଷି ପାଇଁ ଜଳସେଚନରେ । ସୁତରାଂ ଜଳସେଚନ ପାଇଁ ମୁଣ୍ଡପିଛା ବାର୍ଷିକ ପଡ଼ିଲା ୫ ଟଙ୍କା । ତେଣୁ ବର୍ଷାଜଳ ଅମଳ ପ୍ରକଳ୍ପ ପାଇଁ ଅଧିକ ପୁଞ୍ଜି ମିଳିବାର ନାହିଁ ।

ଦଶନ୍ଧି ଦଶନ୍ଧି ଧରି ଜମିର ଜବରଦଖଲ ଭଳି ବିହାର ରାଜ୍ୟର ଏକତମ ଲଗାମହୀନ ଅତ୍ୟାଚାର ହରିନେଇଛି ଦରିଦ୍ର ଲୋକଙ୍କ ଏକମାତ୍ର ସାଧନ—ଜମି ଏବଂ ତା' ସହିତ ମିଳେଇ ଯାଇଛି ବେଳାଏ ରୁଟି ଖଣ୍ଡେ ଚାଟିବାର ଆଶା ଓ ସମ୍ଭାବନା । ଭୂମିହୀନ ପାଇଁ ଏହା ପାଲଟିଛି କଷଣର କାରାଗାର । ପ୍ରତିବର୍ଷ ଗୋଟିଏ ନିର୍ଦ୍ଦିଷ୍ଟ ଋତୁରେ ପାଲାମୁ ଇଲାକାରୁ ଛୁଟେ ଦରିଦ୍ର କୃଷି ଶ୍ରମିକଙ୍କ ଡିହ-ଛାଡ଼ ଦେଶାନ୍ତରୀ । ସୁଦୂର ଉତ୍ତରପ୍ରଦେଶ ଓ ପଞ୍ଜାବ ଯାଏ ପ୍ରଲମ୍ବିତ ହୁଏ ସେହି ବୁଭୁକ୍ଷୁଙ୍କ ପଲଟଣ । ମାତ୍ର ଦରିଦ୍ରତମ ମଣିଷ ପାଇଁ କୌଣସି ଚାରା ନଥାଏ—ସେ ସଦା ଗୋଟି, ଅର୍ଦ୍ଧଗୋଟି ଓ କରଜର ବେଡ଼ି ଓ କଡ଼ିରେ ବନ୍ଧା ।

ଆଦିମ ଅଧିବାସୀଙ୍କ ପାଇଁ ଜଙ୍ଗଲ ଧ୍ୱଂସର ଫଳାଫଳ ହୋଇ ପଡ଼ିଥାଏ ବିଷମୟ ଓ ବିପର୍ଯ୍ୟୟ ପ୍ରବଣ । ଏବଂ ଯେଉଁମାନେ ଖଣି ଖନନ କିମ୍ବା 'ବିକାଶ ମୂଳକ' ଯୋଜନାରେ ହୋଇଥାନ୍ତି ବାସଚ୍ୟୁତ, ସେମାନଙ୍କ ପାଇଁ ନା ଅଛି ଜମି ନା ନିଯୁକ୍ତି । ଆପଦ ବିପଦ ବେଳେ ଦୁର୍ଦ୍ଦଶାପନ୍ନ ପାଇଁ ଆସୁଥିବା ରିଲିଫ୍‌ର ଛତ୍ରରେ ବହୁ ଛିଦ୍ର କରିପକାଏ ବିହାରର ବିଭିନ୍ନ ସ୍ତରରେ ବସା ବାନ୍ଧି ଡିମ୍ବ ଉଷୁମାଉଥିବା ଦୁର୍ନୀତି ।

Digitized by srujanika@gmail.com

ଜଣେ ଅଫିସର କହନ୍ତି "ବେଳେବେଳେ ବିକାଶମୂଳକ ଯୋଜନା ଅପେକ୍ଷା ରିଲିଫ୍ କାର୍ଯ୍ୟକ୍ରମରେ ଅଧିକ ପୁଞ୍ଜି ମିଳେ । ସେଇଟା ଅନେକ ଲୋକଙ୍କୁ ସୁହାଏ । ଏହା ହେଉଛି ଏକତମ କାରଣ, ଯେଉଁଥିପାଇଁ ଏଠାରେ ଲୋକେ ରିଲିଫ୍‌ର ନାମକରଣ କରିଥାନ୍ତି – 'ତିସ୍‌ରା ଫସଲ' । ଏହି ତୃତୀୟ ଫସଲର ଅମଳ ବହୁ ସ୍ଥାନୀୟ ମାନ୍ୟଗଣ୍ୟଙ୍କ ପାଇଁ ଆଣି ଦେଇଥାଏ ସମୃଦ୍ଧ ଓ ବିପୁଳ ଉତ୍ପାଦନ ।

ତାମିଲନାଡୁର ପୁଦୁକୋଟ୍ଟାଇ ହେଉଛି ଏକ ଶୁଷ୍କ ଅଞ୍ଚଳ । ଏଠାରେ ଦେଶାନ୍ତରୀ ହେଉଥିବା ଦାଦନ ଶ୍ରମିକ କିମ୍ବା ଏଣୁତେଣୁ କାମଧନ୍ଦା କରି ପେଟ ପୋଷୁଥିବା ଦରିଦ୍ର ମାନେ ପାଲାମୁ ଠାରୁ ଅଧିକ ଆୟ କରନ୍ତି ନାହିଁ । ମାତ୍ର ସଂକଟ ପଡ଼ିଲେ ସେମାନଙ୍କର ବଞ୍ଚିବାର ସମ୍ଭାବନା ଅଧିକ ଉଜ୍ଜ୍ୱଳ । ତାମିଲନାଡୁର ରହିଛି ଅଧିକ ସୁଗମ ଭିତ୍ତିଭୂମି, ଯୋଗାଯୋଗ ଓ ପରିବହନ ସୁବିଧା ସୁଯୋଗ । ଏହାର ମଧ୍ୟ ରହିଛି ଉଚ୍ଚତର ସାକ୍ଷରତା ହାର ଏବଂ ସ୍କୁଲ ଭଳି ପ୍ରତିଷ୍ଠାନ, ନାଗରିକମାନଙ୍କର ଅଧିକ ସୁରକ୍ଷା ଏବଂ ଉତ୍ତମ ପ୍ରଶାସନ । କିନ୍ତୁ ଯେତେବେଳେ ପାଲାମୁରେ ମରୁଡ଼ି ଭଳି ସଂକଟ ମୁଣ୍ଡଟେକେ, ଅତ୍ୟନ୍ତ ଦରିଦ୍ର ମଣିଷ ବିଶେଷକରି ଆଦିବାସୀଙ୍କ ସ୍ଥିତି ହୋଇପଡ଼େ ବିପନ୍ନ । କାରଣ ସେମାନଙ୍କର ସମସ୍ୟାମାନ ଭିନ୍ନ ଧରଣର, ଅସାମାନ୍ୟ ଓ ନିଆରା ।

ଚଳିତ ବର୍ଷ ଜିଲ୍ଲା ପ୍ରଶାସନର ଜଳଦ୍‌ଘର୍ମ୍ୟ ଉଦ୍ୟମ ଯୋଗୁଁ ମକା ଫସଲ ପର୍ଯ୍ୟାପ୍ତ ହୋଇଛି । ଏହା ହେଉଛି ଦରିଦ୍ରର ଜୀବନଧାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ଆହାର । ମାତ୍ର ଧାନଚାଷ ଆଶାଜନକ ଭାବେ ହୋଇନାହିଁ । ସମୁଦାୟ ଜିଲ୍ଲାର ଗ୍ରାମ ପରେ ଗ୍ରାମ ବୁଲିଲା ବେଳେ ମକା ଫସଲର ସଫଳତାକୁ ଯଦିଓ ଲୋମମାନେ ସ୍ୱୀକାର କରୁଛନ୍ତି, ତଥାପି କହୁଥାନ୍ତି ଯେ, '୧୯୯୨ରେ ଯେମିତି କରାଳ ମରୁଡ଼ି ଆସିଥିଲା ସେମିତି କଦର୍ଥନା ଆଗକୁ ଆସିପାରେ ।'

"ସମୁଦାୟ ବ୍ୟବସ୍ଥାଟି ହେଉଛି ଅତ୍ୟନ୍ତ କ୍ଷୀଣ ଓ ଦୁର୍ବଳ ।" – କହନ୍ତି ଜଣେ ବରିଷ୍ଠ ପ୍ରଶାସକ । "ମକା ଫସଲ ସେମାନଙ୍କୁ ତିନିମାସ ଚଳେଇ ନିଏ ଏବଂ ଧାନ ନେଇଯାଏ ଆଉ ଦୁଇମାସ । କେନ୍ଦୁପତ୍ର, ମହୁଲ ଓ ଲାଖ ସଂଗ୍ରହ କରି ସେମାନେ ଆଉ ଦୁଇମାସ କଷ୍ଟେମଷ୍ଟେ ଚଳିଯାଆନ୍ତି । ପରବର୍ତ୍ତୀ ପାଞ୍ଚମାସ ପାଇଁ ସେମାନଙ୍କୁ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିବାକୁ ପଡ଼େ । ଅନେକ ଗାଁ ଛାଡ଼ନ୍ତି, ଆଉକିଛି ବଣୁଆ କୋଳି, କନ୍ଦା, ମୂଳ ଓ ଶାଗ ଭଳି ଯାହା ପାରନ୍ତି ସଂଗ୍ରହ କରି ବଞ୍ଚନ୍ତି । ଯଦି ସେତିକିବେଳେ ମରୁଡ଼ି ଭଳି ସଂକଟ ଦେଖାଦେଲା, ତେବେ ଅତିଶୀଘ୍ର ତାହା ଦୁର୍ଭିକ୍ଷର ରୂପ ନିଏ ।"

ପାଲାମୁର ମରୁଡ଼ି ଓ ଦୁର୍ଭିକ୍ଷ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରିଥାଏ; କାରଣ ସେଗୁଡ଼ିକ ଦୃଶ୍ୟମାନ । ମାତ୍ର ସେସବୁ ଉପୁଜିଥାଏ ଯେଉଁସବୁ ଘଟଣାପ୍ରବାହ

Digitized by srujanika@gmail.com

ଓ ଧାରା ଉପଧାରା ଯୋଗୁଁ, ସେସବୁ ହେଉଛି ସ୍ୱଚ୍ଛ ଦୃଶ୍ୟମାନ । ମାତ୍ର ସେଗୁଡ଼ିକର ବଳବାନ ପ୍ରକ୍ରିୟା ଓ କାରଣ ଭିତରେ ରହିଛି ଜଙ୍ଗଲ ଧ୍ୱଂସ, ଜମି ଜବରଦଖଲ, ଜଳ ଅମଳ ଦିଗରେ ଉଦାସୀନତା । ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ ଭଳି ଭିତ୍ତିଭୂମିର କ୍ରମ ଅବକ୍ଷୟ; କ୍ରମ ହ୍ରାସମାନ ପୁଞ୍ଜି ଏବଂ କୃଷି ଉତ୍ପାଦନ ସ୍ଥିର ରହିବା– ସେସବୁକୁ କ୍ରମାଗତ ଅଧିକ ଉତ୍କଟ କରିପକାଏ । ବେକାରୀ ବୃଦ୍ଧି, ରିଲିଫ୍ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଅବନତି ଏବଂ ବିସ୍ଫୋରକ ପ୍ରାୟ ଦୁର୍ନୀତି ଏସବୁ ଘଟଣାକୁ ଅଧିକ ଜଟିଳ ତଥା ବିପଦଜ୍ଜନକ କରିପକାଇଛି । ମୂଳତଃ ଭୂ-ସଂସ୍କାରର ସଂପୂର୍ଣ୍ଣ ଅନୁପସ୍ଥିତିର ଦୃଶ୍ୟପଟ୍ଟ ଉପରେ ରଙ୍ଗ ଧରୁଛି ଅନ୍ୟସବୁ ସମସ୍ୟା । ଏହାର ମନୋରମ ଓ ମରମୀ କଳାକାର ରୂପେ ଅଛନ୍ତି ସର୍ବଗିଳା ଠିକାଦାର ଓ ଦାରୁଭୂତ ରାଜନୈତିକ ବ୍ୟକ୍ତି ।

''ବାସ୍ତବ ପରିବର୍ତ୍ତନ ପାଇଁ ଆବଶ୍ୟକ ବ୍ୟାପକ ଭୂ-ସଂସ୍କାର ।'' –ଗମ୍ଭୀର ଭାବେ ଦୃଷ୍ଟିକୁ ଲମ୍ୱାଇ କହନ୍ତି ଚୁବେ । ''ସେଥିରେ ରହିବା ଦରକାର ବଳକା ଜମିର ବଣ୍ଟନ, ଏବଂ ଦରିଦ୍ରର ନିଜ ଜମି ଉପରେ ଅଧିକାର ଓ ଅକ୍ତିଆରକୁ ସାବ୍ୟସ୍ତ କରିବାର ନିର୍ଭୟ ମାନସିକତା । କୃଷିକ୍ଷେତ୍ରରେ ଆମକୁ ସାମନ୍ତବାଦୀ, ଜମିଦାର ପ୍ରଥାକୁ ଉତ୍ପାଟିତ କରିବାକୁ ହେବ । ଏହା ବାହାରେ ଗମ୍ଭୀରତାର ସହ ବିଚାରକୁ ନେବାକୁ ପଡ଼ିବ ସେଚ ଓ ପାନୀୟ ଜଳ ଯୋଗାଣ, ଅଧିକ ନିଯୁକ୍ତି ସୃଷ୍ଟି ସଂପର୍କିତ ଯୋଜନାର ପରିପ୍ରୟୋଗ ବିଷୟ । ସେତକ ହୋଇପାରିଲେ ପାଲାମୁ ହେବ ବିକଶିତ ।''

ବିହାର ପରି ଦୁର୍ନୀତିର ସହସ୍ର-ଛିଦ୍ର ଯୁକ୍ତ ଇନ୍ଦ୍ରଙ୍କୁ ଅପେକ୍ଷା କରିବାକୁ ପଡ଼ିବ ରାମଙ୍କ ଅବତାର ଗ୍ରହଣ ଯାଏ, ଅହଲ୍ୟା ଉଦ୍ଧାରଣ ପର୍ଯ୍ୟନ୍ତ; ଯେଉଁ ମାଟିରେ ଜୟପ୍ରକାଶଙ୍କ ସପ୍ତକ୍ରାନ୍ତି ଅତି ବିକଳ ଓ ବିବଶ ଭାବେ ଶୋଷି ହୋଇଯାଏ ।

❖❖❖

Digitized by srujanika@gmail.com

ଅଧ୍ୟାୟ : ଦଶମ

ଯେଉଁଠି ସ୍ୱେଦ ଓ ରକ୍ତରେ ଫୁଟେ ବର୍ଣ୍ଣମୟ ଫୁଲ; ଏକ ମୁକ୍ତ ଜୀବନର ମହକ ।
ତାମିଲନାଡୁର ପୁଡୁକୋଟ୍ଟାଇର ପରିବ୍ୟାପ୍ତ ପଥର ଖାଦାନରେ ମାଂସ ତରଳି ଗଲାପରି
ଖରାଧାସରେ କାମ କରୁଥିବା ସତ୍ତ୍ୱେ ଗ୍ରାମୀଣ ମହିଳାମାନେ ରହିଛନ୍ତି ଖୁବ୍ ତୃପ୍ତ ଓ ସ୍ୱଚ୍ଛନ୍ଦ ।
କାରଣ ସେମାନେ ହିଁ ଏ ଖାଦାନର ମାଲିକାଣୀ ।

ନିଜ ଅସ୍ତ୍ର ନିଜ ହାତେ :
ଦରିଦ୍ର ଯେବେ ପାଲଟା ଯୁଝେ

Digitized by srujanika@gmail.com

୧.	ଆଶାର ଆକାଶରେ ସତ୍ୟର ଅରୁଣିମା	୪୨୫
୨.	ପଥରରେ ଖୋଳା ଏକ ବାଙ୍ମୟ କାହାଣୀ	୪୨୮
୩.	ଦେଶୀ ମଦର ଅଡ୍ଡା, ବିଦେଶୀ ଗଡ଼ଗଡ଼ା	୪୩୫
୪.	ନାରୀ ଓ ନୀରାର ନାଗଫାଶ	୪୪୦
୫.	ବନ ସମିତି ଓ ନିରୁଦ୍ଦିଷ୍ଟ ଅରଣ୍ୟ	୪୪୫
୬.	ତେବେ କାହାର ଏ ଜଙ୍ଗଲ ?	୪୫୦
୭.	କୁହୁକ ଗଛରେ ଫଳୁଛି ଟଙ୍କା !	୪୫୪
୮.	ଚିଲ୍କା ମୁଣ୍ଡ ହାତୀ ଢାଳିଲା ସୁନା କଳସୀ	୪୫୯
୯.	ସମୟର ଚକ ସହ ମିଳାଇ ପାଦ	୪୬୪

❋ ❋ ❋

Digitized by srujanika@gmail.com

ଆଶାର ଆକାଶରେ ସତ୍ୟର ଅରୁଣିମା

ସୁଯୋଗ ପାଇଲେ, ମଣିଷ ତାକୁ ଅଧଃପତିତ କରି ରଖିଥିବା ଅପଶକ୍ତି ବିରୁଦ୍ଧରେ ପ୍ରତି ଆକ୍ରମଣ ଚଳାଏ । ଏପରି କରିବାର ରହିଛି ବହୁବିଧ ମାର୍ଗ । ତୁଳନାତ୍ମକ ଭାବେ କିଛି ଆକ୍ରମଣ ଜୋର୍‌ଦାର୍, କିଛି ଦୁର୍ବଳ । କିନ୍ତୁ ରଣହୁଙ୍କାର ରହେ ଅବ୍ୟାହତ, ପାଲଟା ଆକ୍ରମଣ ହୁଏ ଦୁର୍ବିନୀତ । ଯେତେବେଳେ ମହିଳାଙ୍କ ମଧ୍ୟରେ ସାକ୍ଷରତା ଅଭିଯାନ ଚେର ଧରିଛି, ସେମାନେ ତତ୍‌କ୍ଷଣାତ୍ ବାହାରି ପଡ଼ିଛନ୍ତି ମଦ ଦୋକାନ ସମ୍ମୁଖରେ ଧାରଣା ଦେବାକୁ, ନିଶା ନିବାରଣ ନେଇ ଆନ୍ଦୋଳନ ଚଳାଇବାକୁ । ମାତ୍ର ଦରିଦ୍ରଙ୍କ ଏ ବିକ୍ଷୋଭ ପ୍ରସଙ୍ଗ ଯେତେବେଳେ ଗଣମାଧ୍ୟମ ଉପସ୍ଥାପନା କରେ, ସେତେବେଳେ ସେମାନଙ୍କ ମଧ୍ୟରେ ନେତୃତ୍ୱ ନେଉଥିବା ବ୍ୟକ୍ତି ବିଶେଷଙ୍କୁ ସନ୍ଥପ୍ରାୟ ମହତ୍ତର ମଣିଷ ରୂପେ ଦେଖାଇ ଭାବାବେଗ ସୃଷ୍ଟି କରେ । ବେଳେ ବେଳେ ଏହି ନେତୃତ୍ୱ ଆସିଥାଏ ସମାନ ସଂପ୍ରଦାୟର ମଣିଷମାନଙ୍କ ମଧ୍ୟରୁ ଏବଂ ସହରୀ ପୃଷ୍ଠଭୂମିରୁ । ପରବର୍ତ୍ତୀ ସମୟରେ ସେ ବ୍ୟକ୍ତିତ୍ୱ ପାଲଟି ଯାଏ ଅଧଃପତିତ ଅଲୋଡ଼ାମାନଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରୁଥିବା ଏକ ତ୍ୟାଗପୂତ ମହାତ୍ମାରେ ।

ବାସ୍ତବତା ହେଉଛି, ସ୍ଥାନୀୟ ବିଭିନ୍ନ ବିକ୍ଷୋଭକାରୀଙ୍କ ମଧ୍ୟରେ ଯୋଗସୂତ୍ର, ବହିରାଗତ ହସ୍ତକ୍ଷେପ ଏବଂ ଗଣସଚେତନତା ହେଉଛି ଖୁବ୍ ଜଟିଳ ବ୍ୟାପାର । ଦୃଷ୍ଟାନ୍ତ ସ୍ୱରୂପ, ଜଣେ ସଦ୍‌ବୁଦ୍ଧି ସଂପନ୍ନ ବିବେକୀ ଜିଲ୍ଲାପାଳଙ୍କ ହସ୍ତକ୍ଷେପର ବହୁ ବ୍ୟାପକ ଓ ଦୂରନ୍ତ ପ୍ରଭାବ ରହିଛି । ସେହିପରି ଗୋଟିଏ ସରକାରର ପ୍ରଚଳିତ ଧାରାରେ ହସ୍ତକ୍ଷେପ ମଧ୍ୟ କାମ ଦେଖାଏ । ତେବେ ଚାଲୁ ଢଙ୍ଗରେ କାହାଣୀଟି ଗଢ଼ି ଉଠେ ଗୋଟିଏ ବ୍ୟକ୍ତିଗତ ନାୟକ ଉପରେ, ବେଳେ ବେଳେ ସରକାରଙ୍କ ଅସାମାନ୍ୟ ସମ୍ବେଦନଶୀଳତା ଉପରେ । ଯଦି ଆନ୍ଦୋଳନର ନାୟକ ଜଣକ କୌଣସି ସ୍ୱେଚ୍ଛାସେବୀ ସଂଗଠନର ହୋଇଥିବେ, ତେବେ ଜାଣନ୍ତୁ କାହାଣୀ ଜମିଲା । ଏହା ସହିତ ଉପସ୍ଥାପନା କରୁଥିବା ସାମ୍ବାଦିକଙ୍କ ଖାତିର ସମ୍ମାନର ସିଡ଼ିରେ କିଛି ଫଳି ମଧ୍ୟ ଯୋଡ଼ା ହୋଇଯିବ । ସେ ସତେ ଯେମିତି ଏକ ଅଭାବନୀୟ ଘଟଣାଟିକୁ ଆବିଷ୍କାର କରି ପକାଇଲେ !

ଏସବୁ ପ୍ରକାର ଘଟଣାରେ ଆନ୍ଦୋଳନରେ ସାମିଲ ହୋଇଥିବା ମଣିଷମାନଙ୍କର ନିଃସ୍ୱ ଭୂମିକା ଧୂମାଚ୍ଛନ୍ନ ହୋଇପଡ଼େ, ପରଦା ଅନ୍ତରାଳେ ରହିଯାଏ; ତା' ସହିତ ଲୁଚିଛପି ଯାଏ ସେମାନଙ୍କ ମଧ୍ୟରେ ରୂପ ପରିଗ୍ରହଣ କରୁଥିବା ରାଜନୈତିକ ଅବବୋଧ । ଯେଉଁଠାରେ ସେମାନେ ଅଧିକ ସଂଗଠିତ, ସେଠାରେ ସେମାନଙ୍କ

Digitized by srujanika@gmail.com

ଆନ୍ଦୋଳନ ଅଧିକ କ୍ରିୟାଶୀଳ ଓ ପ୍ରଭାବଶାଳୀ । ଦେଶର ଦରିଦ୍ରତମ ଜିଲ୍ଲାଗୁଡ଼ିକ ଆଜି ଯେଉଁ ଅବସ୍ଥାରେ ପଡ଼ିରହିଛନ୍ତି, ତାହାର ଏକତମ କାରଣ ହେଲା – ସେମାନଙ୍କ ଭିତରେ ଦାନା ବାନ୍ଧୁଥିବା ରାଜନୈତିକ ଆନ୍ଦୋଳନର ଅତି ଦୟନୀୟ ରୂପ ବା ଅସଂଗଠିତ ସ୍ୱରୂପ ଯୋଗୁ । ଅଧିକ ଦକ୍ଷ ଭାବେ ସଂଗଠିତ ହୋଇଥିଲେ ସେମାନେ ଅଧିକ ଦୃଢ଼ ଭାବେ ନିଜ ସମସ୍ୟାର ମୁକାବିଲା କରିପାରିଥାନ୍ତେ । ଦରିଦ୍ର ପାଇପାରିଥାନ୍ତା ଅଧିକ ପୂର୍ବରୁ ଯଥେଷ୍ଟ ଅନୁକୂଳ ଫଳଶ୍ରୁତି ।

ଏପରିକି ଗୋଟିଏ ପରିସୀମା ଭିତରେ ଆବଦ୍ଧ ରହିଯାଉଥିବା ଆନ୍ଦୋଳନରେ ଦରିଦ୍ରର ଭୂମିକା ଓ ସଂଘର୍ଷର ଶକ୍ତି ଆମକୁ ଚମକୃତ କରେ । ସେହିପରି ସେହି ଆନ୍ଦୋଳନ ଭିତରୁ ମୁଣ୍ଡ ଟେକୁଥିବା ସ୍ୱେଚ୍ଛାସେବୀ ବା ସମାଜକର୍ମୀ ଏବଂ ରାଜନୈତିକ ଧାରାକୁ ନିରେଖିଲେ ପୁଲକ ଜାଗେ । ଯେଉଁ ଅଞ୍ଚଳରେ ଆନ୍ଦୋଳନକାରୀଙ୍କ ମଧ୍ୟରୁ ଉଦ୍‌ଭୂତ କିମ୍ବା ସଂଘର୍ଷ ଦ୍ୱାରା ତିଆରି ହୋଇଥିବା ଏପରି ସମର୍ପିତ କର୍ମୀ ବାହାରିଥାନ୍ତି, ସେଠାରେ ସାକ୍ଷରତା ଅଭିଯାନ ବେଶ୍ ସଫଳ ହୋଇଛି । ରାଜନୈତିକ, ସାଂସ୍କୃତିକ ଓ ଶ୍ରେଣୀଗତ ଭାବେ ସେମାନେ ଦରିଦ୍ରଙ୍କ ନିକଟତର ହୋଇଥାନ୍ତି ଏବଂ ଅଧିକନ୍ତୁ ସେମାନଙ୍କ ଠାରୁ କିଛି ଶିଖିଥାନ୍ତି । କିମ୍ବା ସ୍ଥାନୀୟ ଜନମତ ଭିତ୍ତିରେ ଯେଉଁ ଗ୍ରାମସ୍ତରୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ଚାଲନ୍ତି, ସେଗୁଡ଼ିକ ବହିରାଗତ ପାଣ୍ଠି ଯୋଗାଣକାରୀ ସଂସ୍ଥାର ନିର୍ଦ୍ଦେଶ ଓ ନିୟନ୍ତ୍ରଣ ଠାରୁ ଦୂରେଇ ରହିଥାନ୍ତି ।

ଭାରତର କେତେକ ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ପାଇଁ ଚାଲୁଥିବା ଆନ୍ଦୋଳନ ବେଳେବେଳେ ଦରିଦ୍ରଙ୍କ ଭିତରୁ ହୋଇଥାଏ ଉଦ୍‌ଭୂତ । ସେମାନଙ୍କ ଭିତରେ ରାଜନୈତିକ ମନୋଭାବ ସଂପନ୍ନ ଲୋକମାନେ ବେଳେବେଳେ ଏହାର ନେତୃତ୍ୱ ନିଅନ୍ତି । ପୁଦୁକୋଟାଇ ଖାଦାନ ଅଞ୍ଚଳରେ ଦରିଦ୍ର ଶ୍ରେଣୀର ମହିଳାମାନେ ଲଢ଼ିଛନ୍ତି ଏକ ଦୁଃସାହସିକ ସଂଘର୍ଷ । ସେହିପରି ଦରିଦ୍ରଙ୍କ ଭିତରୁ ଅଙ୍କୁରିତ ହୋଇଛି ବହୁ ମଦ ବିରୋଧୀ ଆନ୍ଦୋଳନ । ପୁନଶ୍ଚ କିଞ୍ଚିତ ରାଜନୈତିକ ଦୃଷ୍ଟୀଭଙ୍ଗୀ ସମନ୍ୱିତ ସଂଗଠିତ କାର୍ଯ୍ୟକ୍ରମ ସେମାନଙ୍କୁ ବିଷମ ପରିସ୍ଥିତିରେ ଏକତ୍ର ରହିବାର, ସଫଳ ରଣକୌଶଳ ପ୍ରୟୋଗ କରିବାର ପନ୍ଥା ଦେଖାଇଛି, ଯେଉଁଠି ଅନ୍ୟମାନେ ହାରିଯାଇଛନ୍ତି । ବେଳେବେଳେ ବିଶ୍ୱମ୍ଭର ଦୁବେଙ୍କ ଭଳି ବହିରାଗତ ଭୂଦାନ-କର୍ମୀଙ୍କ ସମର୍ଥନ ଜନସାଧାରଣଙ୍କୁ ମାର୍ଗ ଦର୍ଶନ କରାଇଛି, ଯେଉଁ ବ୍ୟକ୍ତି ସ୍ୱୟଂ ଭୂଦାନ ଆନ୍ଦୋଳନର ମଧ୍ୟ ତୀବ୍ର ସମାଲୋଚକ । ତେବେ ତାଙ୍କର ମୂଳଦୁଆ ହେଉଛି ଗ୍ରାମାଞ୍ଚଳର ଜଣେ ସମର୍ପିତ କର୍ମୀ ରୂପେ, ସହରରୁ ଆସିଥିବା କୌଣସି ମଧ୍ୟବିତ୍ତ ଶ୍ରେଣୀର ନାୟକ ବା 'ହିରୋ' ଭାବେ ନୁହେଁ ।

Digitized by srujanika@gmail.com

ଏହି ପରିଚ୍ଛେଦରେ ସନ୍ନିବିଷ୍ଟ କାହାଣୀମାନ ଭିନ୍ନ ଭିନ୍ନ ସାମାଜିକ ଅନ୍ୟାୟ ବିରୋଧୀ ଆନ୍ଦୋଳନର ଚିତ୍ର ବହନ କରେ । ସେଥିରୁ କିଛି ଭେଟିଛନ୍ତି ବିଫଳତା, ପରାଜୟର ଗ୍ଲାନି । ଏହା ମୁଖ୍ୟତଃ ସେ ଇଲାକାମାନଙ୍କରେ ଗଣତାନ୍ତ୍ରିକ ରାଜନୀତିର ସଂଗଠିତ ଓ ଦୀର୍ଘକାଳୀନ ଇଚ୍ଛାଶକ୍ତିର ଅଭାବ ଯୋଗୁଁ । ତଥାପି ସେମାନେ ସର୍ବଶେଷରେ ସଫଳତା ପ୍ରାପ୍ତି ନେଇ ଆଶାବାଦୀ । ଲୋକମାନେ ସେମିତି କିଛି ନିସ୍ତେଜ, ଉଦାସ ନୁହଁନ୍ତି । ନୁହଁନ୍ତି ମଧ୍ୟ ଅସହିଷ୍ଣୁ । ମାତ୍ର ସାମାଜିକ ଅନ୍ୟାୟ, ଶୋଷଣ, ପୀଡ଼ନ ବିରୁଦ୍ଧରେ ସେମାନେ ବହୁ ମାର୍ଗରେ, ବହୁ ରୂପରେ ବିଦ୍ରୋହୀ ହୋଇଉଠିଛନ୍ତି । ଏବଂ ଯେ ଯାଏ ସେ ଧାରା ରହିଛି ଅବ୍ୟାହତ, ସେଯାଏ ଆଶାର ଆକାଶରେ ସତ୍ୟର ସୂର୍ଯ୍ୟୋଦୟ ହେବାର ରହିଛି ଅସୀମ ସମ୍ଭାବନା । ଅନ୍ଧାର ପାହି ଆସୁଥିବାର ଶୁଭ ସଂକେତ ସେଯାଏ ଉଙ୍କି ମାରୁଥିବ; ପୂର୍ବାଶାରେ ଉଦୟାଗ୍ନିର ଆଭାସ ଦିଶୁଥିବ ।

❖ ❖ ❖

Digitized by srujanika@gmail.com

ପଥରରେ ଖୋଳା ଏକ ବାଙ୍ମୟ କାହାଣୀ

ଖରାରେ ଝଲସୁ ଥାଏ ସମଗ୍ର ଅଞ୍ଚଳ, ମାଂସ ତରଳିଗଲା ପରି ପ୍ରଖର ଉତ୍ତାପ ଯେପରି । ଆଖି ଲମ୍ବି ଯାଉଥିବା ଇଲାକା ଯାଏ ଗଛଟିଏ ନାହିଁ, ଯାହା ଛାଇରେ ମେଣ୍ଟାଇ ହୁଅନ୍ତା ସ୍ୱେଦ ଓ ଅଥୟତା । ଚଉହଦି ଖାଲି ପାହାଡ଼ ଶ୍ରେଣୀ ଏବଂ ଲଣ୍ଡା ପଥରର ପରିବ୍ୟାପ୍ତ ବନ୍ଧ୍ୟା ଭୂଇଁ । ମାତ୍ର ସେ ଭୂଇଁରେ ଫୁଟେ ମଣିଷର ସ୍ୱେଦ-ରକ୍ତରେ ଗଢ଼ା ସଫଳତାର ରଙ୍ଗମୟ ଫୁଲ । ଝରେ ମହୁ ଓ ମହକ ।

ସେ ତାମିଲନାଡୁର ପୁଦୁକୋଟ୍ଟାଇର ପରିବ୍ୟାପ୍ତ ପଥର ଖାଦାନ । ତାପମାପକର ପାରଦ ଉଠିଯାଏ ୪୩ ଡିଗ୍ରୀ ସେଲିସିୟସ୍କୁ—ଡହଡହ ଖରା ଓ ଝାଞ୍ଜିରେ, ପଥର ଗଦାରୁ ବିକୀରିତ ଉତ୍ତାପ, ଆଖିଝଲସା ପ୍ରତିଫଳନ ଏବଂ ଖଇଫୁଟା ଡହକ ପୀଡ଼ିତ ଚଟାଣ ଉପରେ ଖାଲି ପାଦରେ ପଥର ଫଟାଉଥାନ୍ତି ଶହ ଶହ ମହିଳା । ଦେହ ଉପରେ ଝରିଆସେ ଯେଉଁ କେତେ ଟୋପା ସ୍ୱେଦବିନ୍ଦୁ, ସେତକ ନିମିଷକେ ଶୋଷିନିଏ ଚାଇଁଚାଇଁ ଖରା, ଲୁଣର ଏକ ଆସ୍ତରଣ ବସିଯାଏ ଦେହରେ, ତା' ଉପରେ ଆଉଏକ ପଟଳ ଧୂଳିର । ତଥାପି କେମିତି ଏକ ପ୍ରଶାନ୍ତି ଓ ପରିତୃପ୍ତି ପହଁରି ଯାଉଥାଏ ସେହି କର୍ମରତା ମହିଳାଙ୍କ ମୁହଁରେ; କାରଣ ସେମାନେ ଏ ଖାଦାନର କେବଳ ଶ୍ରମିକ ନୁହଁନ୍ତି, ସେମାନେ ମଧ ମାଲିକାଣୀ ।

ଏମିତି ଗୋଟିଏ ଦୁଇଟି ନୁହେଁ, ପଦୁକୋଟ୍ଟାଇରେ ଥିବା ୩୫୦ଟି କାର୍ଯ୍ୟକାରୀ ପଥରଖଣି ମଧ୍ୟରୁ ୧୭୦ଟି ଖାଦାନର ସେମାନେ ସର୍ବମୟ କର୍ତ୍ତ୍ରୀ । ୧୯୯୧ରେ ତତ୍କାଳୀନ ଜିଲ୍ଲାପାଳ ଶିଲାରାଣୀ ଚୁଙ୍କଥ୍ଙ୍କ ଏକ ଐତିହାସିକ ନିଷ୍ପତ୍ତି କ୍ରମେ ଏହି ଅଧଃପତିତ, ଦୟନୀୟ ଭାବେ ଦରିଦ୍ର, ଅନୁନ୍ନତ ଓ ଦଳିତବର୍ଗର ମହିଳାମାନଙ୍କୁ ନାମମାତ୍ର ମୂଲ୍ୟରେ ଲିଜ୍ ମିଳିଲା ଏହିସବୁ ପଥର ଖାଦାନ । ଦରିଦ୍ର, ନିଃସହାୟଙ୍କ ମଧ୍ୟରେ ଶିଳାରାଣୀ ପାଲଟିଗଲେ ଏକ କିମ୍ବଦନ୍ତୀମୟ ବ୍ୟକ୍ତିତ୍ୱ । ସରକାରଙ୍କ ପ୍ରବର୍ତ୍ତିତ ଏକ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ 'ଗ୍ରାମାଞ୍ଚଳରେ ମହିଳା ଓ ଶିଶୁଙ୍କ ବିକାଶ ଯୋଜନା (DWCRA), ଅଧୀନରେ ଏହି ଖାଦାନଗୁଡ଼ିକ ହସ୍ତାନ୍ତରୀତ ହେଲା ଶ୍ରମଜୀବୀ ମହିଳାଙ୍କୁ-ଏହାର ଅର୍ଥ ପୁରୁଣା ଠିକାଦାରଙ୍କୁ ଲିଜ୍ରୁ ପୋପାଡ଼ି ଦିଆଗଲା ।

ଖାଦାନର ଲିଜ୍ ନେଇଥିବା ମହିଳା ସମିତିମାନଙ୍କର ସଦସ୍ୟା ସଂଖ୍ୟା ହାରାହାରି ୨୦, ଗୋଟିଏ ଗୋଟିଏ ସମିତିରେ ଏହା ଅଧିକ । ମାତ୍ର ଏଗୁଡ଼ିକ ସମବାୟ ସମିତି ନୁହେଁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଦୃଶ୍ୟ । 'ସମିତି' ଭଳି ନିବନ୍ଧିତ । ଏକଦା

Digitized by srujanika@gmail.com

ସେହି ସବୁ ଖଣି ଖାଦାନରେ ନାମମାତ୍ର ମଜୁରି ପାଇ ଗୋଟି ଶ୍ରମିକ ଭଳି ଖଟୁଥିବା ଚାରିହଜାରରୁ ଊର୍ଦ୍ଧ୍ୱ ମହିଳା ଆଜି ସେସବୁର ମାଲିକାଣୀ । ସେମାନଙ୍କର ସ୍ୱାମୀମାନେ ଏଠାରେ ଦିନ ମଜୁରିଆ ଭାବେ କାମ କରି ମହିଳାଙ୍କ ଠାରୁ ମଜୁରି ନିଅନ୍ତି । ଉତ୍ପାଦନ ଉପରେ ନିର୍ଭର ରଖେ ମଜୁରି; ମାତ୍ର ସମିତିର ଲାଭାଂଶରେ ସମସ୍ତ ସଦସ୍ୟା ସମାନ ଭାବେ ଅଂଶୀଦାର ।

ଫଳାଫଳ ହେଉଛି ଅତ୍ୟନ୍ତ ଚମକପ୍ରଦ, ରୋମାଞ୍ଚକର । ମହିଳା ଓ ସେମାନଙ୍କ ପରିବାରର ଜୀବନଧାରଣର ମାନରେ ଆସିଛି ଅସମ୍ଭବ ଓ ତ୍ୱରିତ ଉନ୍ନତି । ପୂର୍ବରୁ ସେମାନଙ୍କ ମଧ୍ୟରୁ ଅର୍ଦ୍ଧେକରୁ ଅଧିକ ଥିଲେ ଅତ୍ୟନ୍ତ ଅବହେଳିତ, ଦୁସ୍ଥ ହରିଜନ ସଂପ୍ରଦାୟର ମହିଳା ।

ପୁଦୁକୋଟାଇ ଜିଲ୍ଲାର କୁଦିମିଆନମଲାଇ ଠାରେ ଥିବା ଖାଦାନମାନଙ୍କ ମଧ୍ୟରୁ ପାଞ୍ଚଟି ବୁଲି ଦେଖିଲି । ସେଥିରୁ ମହିଳାମାନଙ୍କ ଦ୍ୱାରା ପରିଚାଳିତ ତିନୋଟି ଖାଦାନର ନେତୃତ୍ୱ ନେଉଥିଲେ ପାଲାନି ଆମ୍ମା, ଚିନ୍ତାମଣି ଓ ବାସନ୍ତୀ । ସେମାନେ ନିଜେ ନିଜ ସଂଗଠନର ହିସାବପତ୍ର ରଖୁଥିଲେ ଏବଂ ବ୍ୟାଙ୍କରେ ଟଙ୍କା ଜମା, ଉଠାଣ କରୁଥିଲେ । ସେମାନେ ସମସ୍ତେ ଲେଖିପଢ଼ି ଶିଖିଥିଲେ—ଏଥିପାଇଁ ପୁଦୁକୋଟାଇର ସୃଜନଶୀଳ ସାକ୍ଷରତା ଅଭିଯାନ 'ଆରାବଲି ଇୟାକମ୍'ର ଅବଦାନକୁ ସାଧୁବାଦ ଦେବାକୁ ପଡ଼ିବ । ଏପରିକି ମହିଳାମାନଙ୍କର ନେତୃତ୍ୱ ତାଲିମ ଶିବିର ଅନୁଷ୍ଠିତ କରାଇଛି ଏହି ଆରାବଲି ଅଭିଯାନ । ନିଜର ନୂତନ ଜ୍ଞାନକୌଶଳ ନେଇ ଚିନ୍ତାମଣି ଓ ପାଲାନି ଆମ୍ମା ଗର୍ବିତ ଏବଂ ସେମାନେ ଉଚ୍ଚସ୍ୱରରେ ପଢ଼ି ଅନ୍ୟମାନଙ୍କୁ ଶୁଣାନ୍ତି ବହୁ ଖବର ଓ ତଥ୍ୟ, ଏସବୁ ଭିତରେ ମଦ·ବିରୋଧୀ ଆନ୍ଦୋଳନ ଠାରୁ ମଦୁରାଇ ଏବଂ ସୋମାଲିଆର ଅନାହାର କ୍ଲିଷ୍ଟ ମଣିଷ ତଥା ଶ୍ରୀଲଙ୍କାର ସନ୍ତ୍ରାସବାଦ ଯାଏ ତଥ୍ୟ, ଖବର ରହିଥାଏ । ଆରାବଲି ଅଭିଯାନ ପକ୍ଷରୁ ନବ ସାକ୍ଷରଙ୍କ ପାଇଁ ପ୍ରକାଶିତ ହାତଲେଖା 'ଥେନ୍‌ରାଲ' ସମ୍ବାଦପତ୍ର ହେଉଛି ସେମାନଙ୍କ ଜ୍ଞାନ ଓ ଅଭିଜ୍ଞତା ପାଇଁ ଏକମାତ୍ର ପ୍ରଚୋଦକ ।

'ଏଠାରେ କାମ କରିବା ଅତି କଠିନ'-କହିଲେ ପାଲାନି ଆମ୍ମା । ସେକଥା ସହଜରେ ବୁଝାଇ ଦେଉଥିଲା ଚମ ଉପରେ ଚାଇଁ ଚାଇଁ ମାରିଯାଉଥିବା ନିଆଁଧାସ ପରି ଖରା । ସେ କହିଲେ—"ପୂର୍ବରୁ ଆମେ ଥିଲୁ ଠିକାଦାରର କ୍ରୀତଦାସୀ । ସକାଳ ୬ଟାରୁ ଦିନ ଦୁଇଟା ଯାଏ ମୁଣ୍ଡଫଟା ଖରାରେ ଆଉଟି ହୋଇ ୬ ଟଙ୍କା ମଜୁରି ପାଉଥିଲୁ ।' ଏବେ ସେମାନେ ଦୈନିକ ଅନ୍ୟୂନ ମଜୁରି ପାଆନ୍ତି ୩୫ରୁ ୪୦ ଟଙ୍କା । ପରିବାର ଚଳିଯାଏ ସୁରୁଖୁରୁରେ, ପୁଣି ଏଥିରେ ଅଛି ଅମାପ ସ୍ୱାଧୀନତା, ଆଉ କାହା ପାଖରେ ଗୋଡ଼ଭାଙ୍ଗି ହାତପାତି ମଜୁରି ପାଇଁ ଛିଡ଼ା ହେବାକୁ ପଡ଼େନା । 'ଆଉ ଏବେ'—କହେ ଚିନ୍ତାମଣି 'ଆମର ପିଲାମାନେ ଭଲ ମୁଠେ ଖାଉଛନ୍ତି, ଭଲକରି

Digitized by srujanika@gmail.com

ପିନ୍ଧୁଛନ୍ତି, ନିଇତି ଇସ୍କୁଲକୁ ଯାଉଛନ୍ତି । ଯଦିବା କେବେ ସେମାନେ ବେମାର ପଡ଼ିଲେ, ତେବେ ଡାକ୍ତର ଦେଖେଇ ଓଷଦ ଦବାକୁ ଆମ ଅଣ୍ଟିରେ ଏବେ କଉଡ଼ି ରହୁଛି ।' ଚିନ୍ତାମଣି ଏବେ ନିଜର ଘର ଖଣ୍ଡେ ତୋଳିବାକୁ ଯାଉଛି । ବାସନ୍ତୀ ଓ ପାଲାନି ଆମ୍ବା ସେତକ କରିସାରିଲେଣି ।

''ପୁରୁଷ ନୁହେଁ ମହିଳାଙ୍କ ଦ୍ୱାରା ଘର ପରିଚାଳିତ ହେଲେ'' –କହନ୍ତି ଜଣେ ଅଗ୍ରଣୀ ଆରାବଳି ସ୍ୱେଚ୍ଛାସେବୀ ଏନ୍.କନ୍ନମାଲ ''ଘରର ବଦଖର୍ଚ୍ଚ ଉପରେ ନିୟନ୍ତ୍ରଣ ଜାରି ହୁଏ । ଏଣିକି ଘରକରଣାର ଆବଶ୍ୟକତା ଉପରେ ଖର୍ଚ୍ଚ ବଢ଼େ, ମଦ ଉପରେ ନୁହେଁ । ଦାରିଦ୍ର୍ୟ ବିରୋଧୀ ସଂଘର୍ଷରେ ମହିଳାଙ୍କ ଭୂମିକା ଅଧିକ ଉନ୍ନତ ବୋଲି ଏବେ ପ୍ରମାଣିତ ।'' ସେମାନଙ୍କ ସ୍ୱାମୀମାନେ ଏ ବ୍ୟବସ୍ଥାରେ ପରିତୃପ୍ତ ଥିବା ଅନୁଭୂତ ହେଲା ।

ଖାଦାନରୁ ସରକାରଙ୍କ ରାଜସ୍ୱ ଆଦାୟ ଆଖିଦୃଶିଆ ଭାବେ ବଢ଼ିଛି । ଖାଦାନରୁ ଉତ୍ପାଦିତ ଜିନିଷର ପରିମାଣ ଉପରେ ସରକାର ରାଜସ୍ୱ ପାଇବାର ବ୍ୟବସ୍ଥା ରହିଛି । ଏବେ ଗୋଟିଏ ଗେଙ୍ଗୁଟି ବୋଝେଇ ଟ୍ରକ୍ ପିଛା ସରକାର ପାଆନ୍ତି ୧୧୦ ଟଙ୍କାର ରାଜସ୍ୱ । ପୁରୁଣା ଠିକାଦାରୀ ଚାଲୁଥିଲା ବେଳେ ସରକାରୀ ତହବିଲକୁ ତିଳତଣ୍ଡୁଳିତ ହୋଇ କିଛି ମିଳୁଥିଲା । ଅଧିକାଂଶ ଖାଦାନ ଅବୈଧ ଭାବେ ଚାଲୁଥିଲା ଏବଂ ସେଥିପାଇଁ ବହୁ ସରକାରୀ ଅଫିସରଙ୍କ ସଲାସୁତରାକୁ ଧନ୍ୟବାଦ ଦେବା କଥା । ଅଶିଦଶକର ଗୋଟିଏ ବର୍ଷ ସରକାରୀ ତହବିଲକୁ ସମୁଦାୟ ଆସିଥିଲା ୫୨୫ ଟଙ୍କାର ରାଜସ୍ୱ । ମାତ୍ର ୧୯୯୨ରେ ମହିଳା ଗୋଷ୍ଠୀଙ୍କ ଖାଦାନ ଲିଜ୍ ନେବାର ବର୍ଷକ ମଧ୍ୟରେ ସମୁଦାୟ ଚିତ୍ରପଟ୍ଟ ପରିବର୍ତ୍ତିତ ହୋଇଗଲା, ସରକାରଙ୍କୁ ସେବର୍ଷ ରାଜସ୍ୱ ମିଳିଲା ୨୫ ଲକ୍ଷ ଟଙ୍କା । ୧୯୯୩ରେ ଏହି ପରିମାଣ ୪୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବା କଥା କହନ୍ତି ଖଣି ବିଭାଗର ସହକାରୀ ନିର୍ଦ୍ଦେଶକ ଏନ୍.ଶାନ୍ମୁଗାବଲ୍ । ଏଥିରୁ କେବଳ ମହିଳାମାନଙ୍କ ଦ୍ୱାରା ନିୟନ୍ତ୍ରିତ ୧୭୦ଟି ଖାଦାନରୁ ରାଜସ୍ୱ ଆଦାୟ ୩୮ ଲକ୍ଷ ଟଙ୍କା । ଏହାର ଅର୍ଥ ଠିକାଦାରଙ୍କ ଦ୍ୱାରା ପରିଚାଳିତ ୧୦୬ଟି ଖାଦାନରୁ ସରକାରଙ୍କୁ ମିଳିଛି ମାତ୍ର ୧୦ ଲକ୍ଷ ଟଙ୍କା । ଏହା ପ୍ରମାଣିତ କରିଥାଏ ମହିଳାମାନଙ୍କ ଗୋଷ୍ଠୀ କେବଳ ଉତ୍ପାଦନଶୀଳ ନୁହନ୍ତି, ଅଧିକ ଶୃଙ୍ଖଳିତ, ସଚ୍ଚୋଟ ଏବଂ ନିୟମିତ ରାଜସ୍ୱ ପୈଠ କରିବା ଦିଗରେ ସତତ ସଚେତନ ।

'ସମବାୟ ସମିତି' ରୂପେ ରେଜିଷ୍ଟ୍ରୀ ନକରି 'ମହିଳା ସମିତି' ରୂପେ କାହିଁକି ନିବନ୍ଧିତ କରାଗଲା ବୋଲି ମହିଳାମାନଙ୍କୁ ପଚାରିଲି । ସେମାନଙ୍କ ଭିତରୁ ଜଣେ ଉତ୍ତର ଦେଲେ–''ଆମେ ସେମିତି କରିଥିଲେ ଆମ ସମିତି ଚଳାଇବାକୁ ସମବାୟ ବିଭାଗରୁ ଜଣେ କର୍ମକର୍ତ୍ତା ଆସିଥାନ୍ତେ । ବିଡ଼ମ୍ବନା ଯେ, ଆମକୁ ଦେବାକୁ ପଡ଼ିଥାନ୍ତା ତାଙ୍କର ଦରମା ଓ ଭତ୍ତା ।'' ସମବାୟ ଭିତ୍ତିରେ ରେଜିଷ୍ଟ୍ରୀ କରିଥିବା ଗୋଟିଏ ଗୋଷ୍ଠୀ

Digitized by srujanika@gmail.com

ଏଯାଏ ଅଖା ଧୋଉଛନ୍ତି, ଗୁଣ ଗାଉଛନ୍ତି । ତାଙ୍କ ସମିତି ଉପରେ ଲଦି ଦିଆଯାଇଛି ସାତଟା ବିଭାଗର କର୍ମଚାରୀଙ୍କ ନିୟନ୍ତ୍ରଣ । ସେମାନଙ୍କ ଦରମା ଦେବାରେ ଏହି ସମିତିର ଅଧାଅଧି ଆୟ ପାଣିପରି ବୋହି ଯାଉଛି ।

ମହିଳା ସଂଗଠନମାନଙ୍କ ଅଭୂତପୂର୍ବ ସଫଳତାର ଦସ୍ତାବିଜ୍ ସତ୍ତ୍ୱେ ତଥାପି ସେମାନେ ତିଷ୍ଠି ରହିବା ପାଇଁ ସଂଗ୍ରାମ କରୁଛନ୍ତି । ଲିଜରୁ ବହିଷ୍କୃତ ପୁରୁଣା ଠିକାଦାର, ସେମାନଙ୍କର ରାଜନୈତିକ ସମର୍ଥନଦାତା ଏବଂ ଖାଦାନରୁ ଚୌକସ ହାତଗୁଞ୍ଜା ପାଉଥିବା ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ଶକ୍ତିଶାଳୀ ତ୍ରିବେଣୀ ସଂଗମ ଏବେ ଦୁର୍ଗପରି ଛିଡ଼ା ହୋଇଛି ଏହି ମହିଳା ସଂଗଠନମାନଙ୍କ ବିରୋଧରେ । ପ୍ରଥମେ ଯେତେବେଳେ ଗଢ଼ାଗଲା ମହିଳା ଗୋଷ୍ଠୀ, ଖାଦାନ ଅଞ୍ଚଳକୁ ଟ୍ରକ୍ ପୂରେଇ ନଦେବା ପାଇଁ ଠିକାଦାରମାନେ ପ୍ରାଣମୂର୍ଚ୍ଛା ଲାଗି ପଡ଼ିଥିଲେ । ଏପରିକି ସେମାନେ ଖାଦାନକୁ ଯାଉଥିବା ରାସ୍ତାଗୁଡ଼ିକ ମଝିରୁ କାଟି ବିଚ୍ଛିନ୍ନ କରିଦେଇଥିଲେ ।

ମହିଳାମାନେ ମଧ୍ୟ ଆବଶ୍ୟକ କରନ୍ତି ଏକ ସ୍ୱାଧୀନ ବଜାର ବ୍ୟବସ୍ଥା । କାରଣ ଖାଦାନରୁ ଉତ୍ପାଦିତ ପଥର, ଗୋଡ଼ି, ଗେଜ୍ଜୁଟିର ବିକ୍ରି ଓ ବଣ୍ଟନ ଦିଗରେ ଠିକାଦାରମାନଙ୍କ ଅକ୍ତିଆରକୁ ଉଚ୍ଛେଦ କରିବା ଉପରେ ନିର୍ଭର ରଖେ ସେମାନଙ୍କର ସ୍ଥିତି । ଏଥିପାଇଁ ଏକ ଚମତ୍କାର ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ପ୍ରୌଢ଼ଶିକ୍ଷା ପ୍ରତିଷ୍ଠାନର ଡଃ ନିତ୍ୟ ରାଓ । ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ମହିଳାମାନଙ୍କ ଏହି ପଦ୍ଧତି ଉପରେ ନିୟନ୍ତ୍ରଣ ହୋଇ ଉଠିବ ଗୁରୁତ୍ୱପୂର୍ଣ୍ଣ । ଏଠାରେ ତଳିଆ ଅଫିସରମାନଙ୍କ ମନଇଚ୍ଛା ପ୍ରଶାସନ ଖୁବ୍ ଆତଙ୍କଜନକ । ପୂର୍ବରୁ ଦୁଇଜଣ ଜିଲ୍ଲାପାଳ କ୍ରମାଗତ ଭାବେ ଏହି ଡି.ଡବ୍ଲୁ.ସି.ଆର୍.ଏ ଯୋଜନାରେ ମହିଳାଗୋଷ୍ଠୀଙ୍କୁ ସମର୍ଥନ କରି ଆସିବାରୁ ଏହି ଚୁଟ୍‌କି ତଳିଆ ହାକିମମାନଙ୍କ ଉତ୍ପାତରେ ଚୋପା ପଡ଼ିଯାଇଥିଲା । ସେମାନେ ବାଧ୍ୟ ହୋଇ ତାହାକୁ ସମର୍ଥନ କରିଥିଲେ । ପୁରୁଣା ଠିକାଦାରୀ ବ୍ୟବସ୍ଥାରେ ସେମାନଙ୍କ ହାତ ଚିକ୍କଣ ହେବାଟା ଲୋପ ପାଇଗଲା । ସେମାନେ ଫଣା ଟେକି ରହିଛନ୍ତି, ଟିକିଏ ସୁଯୋଗ ପାଇଲେ ଚୋଟ ମାରିବେ ।

କିଛିଦିନ ତଳେ ଠିକାଦାରଙ୍କ ପକ୍ଷରୁ ଆରମ୍ଭ ହୋଇଗଲା ଆଉ ଏକ ଫିକର । ପାହାଡ଼ ଖୋଳିବା ଦ୍ୱାରା ଏହା ଉପରେ ଥିବା ଏକ ମନ୍ଦିରର ମୂଳଦୁଆ ଦୋହଲି ଯାଉଛି ଏବଂ ପରିବେଶଗତ ବିପର୍ଯ୍ୟୟ ହେଉଥିବା ସେମାନେ ଅଭିଯୋଗ କଲେ । ଭାରତୀୟ ଭୂ-ତାତ୍ତ୍ୱିକ ସର୍ବେକ୍ଷଣ ବିଭାଗ ଏହାର ପରୀକ୍ଷା ପାଇଁ ଆସି ପହଞ୍ଚିଲେ । ଗୋଟିଏ ସମୟରେ ଖଣି ଓ ଭୂ-ତାତ୍ତ୍ୱିକ ବିଶେଷଜ୍ଞମାନଙ୍କ ପରୀକ୍ଷା ହେଲା । ମନ୍ଦିର ଭିତରେ ସେମାନେ ଥୋଇଲେ ପାଣିଭର୍ତ୍ତି ପତଳା କାଚପାତ୍ର । ଲଗାତର ଭାବେ ସେମାନେ ୨୦ଟି ଖାଦାନରେ ଡିନାମାଇଟ୍ ବିସ୍ଫୋରଣ ଅନୁଷ୍ଠିତ କରାଇଲେ । ପ୍ରତି

Digitized by srujanika@gmail.com

ବିସ୍ଫୋରଣରେ ବ୍ୟବହୃତ ହେଲା ୧୫୦ ଗ୍ରାମ୍ ଓଜନର ବିସ୍ଫୋରକ। ତା'ପରେ ସେମାନେ ଅଧ୍ୟୟନ କଲେ ଏହାର ପ୍ରଭାବ ଓ ପ୍ରତିକ୍ରିୟା । ଦେଖାଗଲା ମନ୍ଦିରର କୌଣସି ଅଂଶରେ ସାମାନ୍ୟତମ କ୍ଷତି ଘଟିନାହିଁ କି ଆଘାତ ଲାଗିନାହିଁ । କୌଣସି କାଚପାତ୍ରର ଜଳରେ ଧୂଳି ମଧ୍ୟ ପଡ଼ିନାହିଁ, କାଚପାତ୍ର ଫାଟିବା ତ ଦୂରର କଥା । ସୁତରାଂ ଏହା ପ୍ରମାଣିତ କଲା ଖାଦାନ ଖୋଳାଦ୍ୱାରା ପରିବେଶଗତ ପ୍ରଦୂଷଣ ହେଉନାହିଁ, ବିପର୍ଯ୍ୟୟ ତ ନିଆରା କଥା । ଏହା ପରେ ପରେ ସମାନ ଅଭିଯୋଗ ଭିତ୍ତିରେ ଦାଖଲ ହୋଇଥିବା ଏକ ମୋକଦ୍ଦମାକୁ ଅଦାଲତ ପକ୍ଷରୁ ଖାରଜ କରିଦିଆଗଲା ।

ଏବେ ଚିତ୍ରପଟକୁ ଆସିଛି ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏ.ଏସ୍.ଆଇ) । ଦାଖଲ କରିଛି ନିଜର ଅଭିଯୋଗ । କେହି ଅସ୍ୱୀକାର କରୁନାହିଁ ଏ.ଏସ୍.ଆଇର ପୁରାତନ ଐତିହ୍ୟର ସଂରକ୍ଷଣ ଦିଗରେ ଭୂମିକା । ମାତ୍ର ଘରୋଇ ଠିକାଦାରମାନେ ସେହି ସମାନ ଖାଦାନରେ ବିସ୍ଫୋରଣ କରି ଖଣି ଖୋଳି ଚାଲିଥିବା ବେଳେ ତା'ର ଭୂମିକା କେଉଁଠି ଥିଲା ? ଏତେବର୍ଷ ଧରି ସେ ନୀରବରେ ବସିଥିଲା କାହିଁକି ? ପୁରୁଣା ଠିକାଦାରମାନେ ଆଖିବୁଜା ଭାବେ ଅତ୍ୟଧିକ ପରିମାଣର ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଥିଲେ । ଦରିଦ୍ର ମହିଳାମାନଙ୍କ ପାଖରେ ସେତକ ବ୍ୟବହାର କରିବାକୁ ସାଧନ ମଧ୍ୟ ନାହିଁ ।

ଠିକାଦାରମାନେ ଆଉ ଏକ ଚାଲ୍ ସହ ଏବେ ଅବତୀର୍ଣ୍ଣ ହୋଇଛନ୍ତି । ବହୁ ବିପଦଜନକ ସେ ଚାଲବାଜି । ମହିଳା ସଂଗଠନକୁ ଚକ୍ରବ୍ୟୂହରେ ପକାଇବା ପାଇଁ ନକଲି ମହିଳା ସଂଗଠନ ଗଢ଼ି ସେମାନେ ଖେଳିବାକୁ ଆରମ୍ଭ କରିଛନ୍ତି ଶକୁନି-ପଶା । ତାହା ପୁଣି 'ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ ବିକାଶ' ଯୋଜନା ଭିତ୍ତିରେ ଗଢ଼ାଯାଇଛି । ଦରିଦ୍ର, ଅବହେଳିତ ମଣିଷ ଅଧ୍ୟୁଷିତ ଏକ ଜିଲ୍ଲାରେ ଏପରି ସଂଗଠନ ଗଢ଼ିବା ଯେତେ ଦୁଃସାଧ ମନେ ହେଉଥିଲେ ବି ସେତିକି ନୁହେଁ । ଏହି ଗୋଷ୍ଠୀରେ ମହିଳାମାନେ ସଂଗଠନର କାଗଜପତ୍ରରେ ମାଲିକ ଭାବେ ରହିଥିଲେ ହେଁ ସେମାନେ ବାସ୍ତବରେ ହେଉଛନ୍ତି ପୁରୁଣା ଠିକାଦାରଙ୍କ ସାଙ୍ଗୁ ଓ ଅସ୍ତ୍ର । ସାନ୍ଧନାବିଦୁଧି ନାମକ ସ୍ଥାନରେ ଅସଲି ମହିଳା ସମିତିଟିଏ ଏହି ଠିକାଦାରୀ ଚାଲ୍ ଓ ଉଦ୍ୟମ ଫଳରେ ଖାଦାନ ଲିଜ୍‌ରୁ ହୋଇଛି ବହିଷ୍କୃତ । ଘଟଣାଟିକୁ ସୁଧାରିବା ଦିଗରେ ମହିଳାମାନେ ଅଧିକ ଜୋର୍ ଦେଉନାହାନ୍ତି କି ଚାପ ପକାଉନାହାନ୍ତି । କାରଣ ସେମାନେ ରହୁଥିବା ଗ୍ରାମରେ ରହୁଛନ୍ତି ଠିକାଦାରର ପହିଲିମାନ ଓ ଗୁଣ୍ଡାମାନେ ।

ରାଜନୈତିକ ବନ୍ଧୁ ଓ ବିରାଦାରୀଙ୍କ ମାଧ୍ୟମରେ ପୁରୁଣା ଠିକାଦାରୀ ପଦ୍ଧତି ପୁଣି ମୁଣ୍ଡ ଟେକିବାର ପ୍ରୟାସ ଜାରି ରଖିଛି । ଲିଜ୍‌ର ନବୀକରଣ ବେଳେ ତାକୁ ରଦ୍ଦ କରିବାକୁ ସରକାରୀ କର୍ମକର୍ତ୍ତାଙ୍କ ଉପରେ ପଡୁଛି ପ୍ରବଳ ଚାପ । ମାତ୍ର ମହିଳା ସଂଗଠନ

Digitized by srujanika@gmail.com

ଗୁଡ଼ିକର ଆୟବ୍ୟୟର ହିସାବଫର୍ଦ୍ଦ ଦର୍ଶାଉଛି କେବଳ ଏଠାରେ ନୁହେଁ, ଦେଶର ଅନ୍ୟ ଭାଗରେ ଏହି ଅଭିଜ୍ଞତାର ଯଥାଶୀଘ୍ର ପରିପ୍ରୟୋଗ ଓ ରୂପାୟନ ଘଟିବା ଦରକାର । ଏହି ଖଣି ଲିଜ୍‌ରୁ ରାଜ୍ୟ ସରକାରଙ୍କ ରାଜକୋଷ ବା ରାଜସ୍ୱ ବହୁଗୁଣରେ ହୋଇଛି ପରିବର୍ଦ୍ଧିତ ଓ ପୃଥୁଳ । ଏକ ସମୟରେ ମହିଳାମାନଙ୍କ ପରିବାରର ଜୀବନଧାରଣର ମାନରେ ଘଟିଛି ଆଖିଦୃଶିଆ ଉନ୍ନତି । ପାଲାନି ଆମ୍ଭାଙ୍କୁ ପଚାରିଲି : ''ଯଦି ଏହି ଲିଜ୍‌ର ନବୀକରଣ ନହୁଏ, ତେବେ କ'ଣ ହେବ ?''

ସେ ଦୃପ୍ତ ଓ ଗମ୍ଭୀର ଭାବେ ଉତ୍ତର ଦେଲେ : ''ଆମେ ତ ଭଲରେ ଚଳେଇଛୁ । ଆଉ ଆମର ନିଜ ବିକ୍ରିବଟାର ନିଜସ୍ୱ ବଜାର ବ୍ୟବସ୍ଥା ହୋଇଗଲେ ଏହା ଆହୁରି ଭଲରେ ଚାଲିପାରିବ । ଭବିଷ୍ୟତରେ ଏଇ ମଝିମଝିକା ଦଲାଲ, ବେପାରୀଙ୍କୁ ଏଡ଼େଇ ଦେଇ ସରକାରୀ କୋଠାବାଡ଼ି, ବନ୍ଧବାଡ଼ ତିଆରି ଭଳି ଯୋଜନାରେ ଆମ ପାଖରୁ ସିଧା ପଥର କିଣି ପାରିବ ସରକାର । ଏତେବର୍ଷ ଧରି ଆମେ ସ୍ୱାଧୀନ ଜୀବନର ମଜା ଚାଖିଲା ପରେ ପୁଣି ସେହି ଶୋଷା-ଠିକାଦାରଙ୍କ ଗୋଡ଼ତଳକୁ କେମିତି ଯିବୁ ? ଆମେ ଲିଜ୍ ପୁଣି ପାଇବାକୁ ନଖଦାନ୍ତ ଲଗେଇ ଲଢ଼ିବୁ ।''

ପଥର ପରି ଟାଣ ରହି ଏକ ପଥୁରିଆ ବନ୍ଧ୍ୟା ପ୍ରଶାସନ ବିରୁଦ୍ଧରେ ଲଢୁଥିବା ମହିଳା ଗୋଷ୍ଠୀ ଖୋଦିତ କରି ପାରିଛନ୍ତି ଆଜି ପଥର ଗାତ୍ରରେ ଏକ ନୂଆ ଇତିହାସ-ସଫଳତା ଓ ସ୍ୱାଧୀନତାର ନୂଆ ବାଙ୍ମୟ କାହାଣୀ । ସେ କାହାଣୀ ଓ ସଂଗ୍ରାମକୁ ପ୍ରଣାମ ।

ଏକ ଉତ୍ତର ଲିପି :

ପ୍ରଥମ ଗସ୍ତର ପ୍ରାୟ ଦୁଇବର୍ଷ ପରେ ମୁଁ ଫେରିଥିଲି ପୁଦୁକୋଟ୍ଟାଇର ପଥରଖାଦାନ । ସେ ୧୯୯୫ର ଅପ୍ରେଲ । ମହିଳା ସଂଗଠନଗୁଡ଼ିକ ସହ୍ୟ କରିଚାଲିଥିଲେ ଚାରିଦିଗରୁ ଆରମ୍ଭ ହୋଇଥିବା ଚକ୍ରାନ୍ତର ଚାପ ଏବଂ ବିଜୟ ବି ହାସଲ କରିଥିଲେ କିଛିରେ । ନକଲି ମହିଳା ସଂଗଠନ ଗଢ଼ି ପୁରୁଣା ଠିକାଦାରମାନେ ଆରମ୍ଭ କରିଦେଇଥିଲେ ଖେଳ ଏବଂ ପୁଣିଥରେ 'ଆରାବଳି ଅଭିଯାନ' ଆସିଥିଲା ମହିଳାଙ୍କ ସହାୟତାରେ । ସରକାରୀ କର୍ମକର୍ତ୍ତାଙ୍କ ସହିତ ଆରମ୍ଭ ହୋଇଥିଲା ଅନୁସନ୍ଧାନ, ଖୋଳତାଡ଼ : କେଉଁ ମହିଳା ସଂଗଠନ ଅସଲି ଏବଂ ଆଉ କେଉଁଟି ଠିକାଦାରଙ୍କ ଚାପର ବଶବର୍ତ୍ତୀ ହୋଇ ନିଜକୁ ସେମାନଙ୍କ ମୁଖା ଭାବେ କରିଛି ରୂପାନ୍ତରୀତ । ଅତ୍ୟନ୍ତ ସଚେତନ ଭାବେ ଏ କାର୍ଯ୍ୟ ସାଧିତ ହୋଇଥିଲା । ଉଦ୍ଦେଶ୍ୟ ନଥିଲା କୌଣସି ନକଲି ମହିଳା ଗୋଷ୍ଠୀଙ୍କ ଦଣ୍ଡବିଧାନ । ବରଂ ଥିଲା ବ୍ୟବସ୍ଥା ପ୍ରତି ଏକ ପ୍ରଶ୍ନ : ଦରିଦ୍ର ବିରୁଦ୍ଧରେ କାହିଁକି ଛିଡ଼ା କରାଉଛ ଆଉ ଏକ ଦରିଦ୍ରକୁ ? ନିଜର କାର୍ଯ୍ୟଧାରାର ବିଶ୍ଳେଷଣ ଓ ଆକଳନ କରି ଠିକାଦାରଙ୍କ କବଳରୁ ମୁକ୍ତ କରିବା ଏବଂ ସ୍ୱାଧୀନ, ସମର୍ଥ ହୋଇ ସମାଜରେ ଛିଡ଼ା କରାଇବା ଥିଲା ଏହାର ମୌଳିକ ଉଦ୍ଦେଶ୍ୟ ।

Digitized by srujanika@gmail.com

ଦ୍ୱିତୀୟ ଆକ୍ରମଣଟି ଥିଲା ତଳିଆ ହାକିମ ଓ କର୍ମଚାରୀଙ୍କ ଆଡୁ । ଯେତେବେଳେ ଅଙ୍ଗୀକାରବଦ୍ଧ, ସଚ୍ଚୋଟ ଉପରିସ୍ଥ ଅଫିସରଙ୍କ ବଦଳି ହୋଇଯାଏ, ଏଇ ତଳିଆ ମାନେ ମଉକା ଖୋଜି ଭଲ ଭଲ ଯୋଜନାଗୁଡ଼ିକୁ ଭଣ୍ଡୁର କରିଦିଅନ୍ତି । ବନନ୍ତି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର କ୍ରୀଡ଼ନକ । ଗ୍ରାମ୍ୟସ୍ତରରେ ମହିଳାମାନେ ଧମକୀ ଓ ସଂଘର୍ଷର ସାମ୍ନା କରନ୍ତି । ଏବେ ବି ବଳବତ୍ତର ରହିଛି ଖାଦାନର ମହିଳା ଗୋଷ୍ଠୀ ବିରୁଦ୍ଧରେ ସେ ସଂଘର୍ଷ ଓ ଦ୍ୱନ୍ଦ୍ୱ ।

ତୃତୀୟତଃ ସାକ୍ଷରତା ଅଭିଯାନ ଦ୍ୱାରା ସଚେତନ ମହିଳାଙ୍କ ଆନ୍ଦୋଳନ ଏକ ପ୍ରଭାବଶାଳୀ ଗୋଷ୍ଠୀକୁ ଉତ୍କ୍ଷିପ୍ତ କରାଇଛି । ଦୃଷ୍ଟାନ୍ତ ସ୍ୱରୂପ ପୁଦୁକ୍କୋଟାଇର ମଦବିରୋଧୀ ବିକ୍ଷୋଭ । ଏହି ଅଞ୍ଚଳ ଓ ଅନ୍ୟାନ୍ୟ ଜିଲ୍ଲାରେ ବିଭିନ୍ନ ସ୍ତରର ସରକାରୀ ଅଫିସରମାନେ ସାକ୍ଷରତା ଅଭିଯାନର ହୋଇଉଠିଛନ୍ତି ତୀବ୍ର ଓ ତିକ୍ତ ବିରୋଧୀ ।

ଚତୁର୍ଥ—ସଂଘର୍ଷର ଚିତ୍ରପଟ ବାସ୍ତବରେ ଖୁବ୍ ଜଟିଳ । ଜିଲ୍ଲା ଯୋଗାଣ ଓ ବାଣିଜ୍ୟ ସମିତି ନାମରେ ଗଠିତ ଏକ ସରକାରୀ ଯୋଜନାର ମୂଳ ଉଦ୍ଦେଶ୍ୟ ଥିଲା ଶ୍ରମଜୀବୀ ମହିଳାଙ୍କ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଓ ସହଯୋଗ କରିବା । ମାତ୍ର ସମୟକ୍ରମେ ଏହା ପରିଣତ ହେଲା ମହିଳାମାନଙ୍କ ଅଧିକାର ଉପରେ ଦଖଲ ନେବା ଏବଂ ସେମାନଙ୍କ ସ୍ୱାଧୀନତାକୁ କ୍ଷୁର୍ଣ୍ଣ କରିବା । ସୁତରାଂ ମହିଳାଙ୍କ ବଦଳରେ ଏହା ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ଲାଭଖୋର ବେପାରୀଙ୍କ ହାତବାରିସୀ ବନିଲା । ପଥର ଖାଦାନର ମହିଳାଙ୍କ ଉଦ୍ୟମକୁ ଏହି ତଳିଆ ଚୁଟ୍‌କି ଅଫିସରଙ୍କ ଏକଛତ୍ର ଶାସନ ପ୍ରତିହତ କରିପାରିଲା ନାହିଁ । ଏହି ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୁଦ୍ଧରେ ଯେତେବେଳେ ସେହି ସରକାରୀ ସଂସ୍ଥାର ମହିଳା କର୍ମଚାରୀମାନେ ପ୍ରତିବାଦର ସ୍ୱର ଉଠାଇଲେ, ସେମାନଙ୍କୁ ଚାକିରିରୁ ବହିଷ୍କାର କରାଗଲା । ପରିଶେଷରେ ଅବଶ୍ୟ ଏହି ଅଫିସରମାନେ ନିନ୍ଦିତ, ଅପମାନିତ ହେଲେ ।

ତେବେ ଏସବୁ ପ୍ରତିକୂଳ ପରିସ୍ଥିତିରେ ଖାଦାନର ଶ୍ରମଜୀବୀ ମହିଳାମାନେ ସର୍ବଦା ଦେଇ ଆସିଛନ୍ତି ଅସୀମ ଧୈର୍ଯ୍ୟ ଓ ଲଢ଼ିବାର ଅଗ୍ନିପରୀକ୍ଷା । ଶେଷଯାଏ ସେମାନଙ୍କ ସହିତ ରହି ଆସିଛି 'ଆରାବଳି ସାକ୍ଷରତା ଅଭିଯାନ' । ଶେଷକୁ ଦିନେ ସେମାନଙ୍କର ଆସିଲା ଶୁଭ ମୁହୂର୍ତ୍ତ । ରାଜ୍ୟ ସରକାର ଘୋଷଣା କଲେ ସେମାନଙ୍କ ଲିଜ୍‌ର ପାଞ୍ଚବର୍ଷିଆ ନବୀକରଣ । ତଥାପି ଆଗକୁ ରହିଛି ଆହୁରି ବଡ଼ କୁରୁକ୍ଷେତ୍ର । ସେମାନେ ଜଳାଇଛନ୍ତି ନୈତିକତାର, ସଂଘର୍ଷର ଏକ ପ୍ରଦୀପ । ସେ ପ୍ରଦୀପ ଏଯାଏ ପ୍ରଜ୍ୱଳିତ ହୋଇ ରହିଛି । ଚିରନ୍ତନ ଭାବେ ରହିବା ହେଉ ଆମର କାମ୍ୟ ।

❖ ❖ ❖

Digitized by srujanika@gmail.com

ଦେଶୀମଦର ଅଡ୍ଡା, ବିଦେଶୀ ଗଡ଼ଗଡ଼ା

ସେ ଏକ ରଙ୍ଗମୟ, ସ୍ୱପ୍ନମୟ ଭୂଖଣ୍ଡ । ସେଠାରେ ରୂପେଲି ପର୍ଦ୍ଦାରେ ଦରିଦ୍ରର ତ୍ରାଣକର୍ତ୍ତା ରୂପେ ଚିତ୍ରିତ ଅଭିନେତାମାନେ ବାସ୍ତବ ଜୀବନରେ ରାଜନେତା ହୋଇ ଓହ୍ଲାଇ ଆସନ୍ତି । ସିନେମାର ନାୟକ ପାଲଟନ୍ତି ସମାଜର ମହାନାୟକ; ସ୍ୱପ୍ନ ଓ ବାସ୍ତବତା ଭିତରେ ସେ ଭୂଖଣ୍ଡରେ ବ୍ୟବଧାନ ଅତି କ୍ଷୀଣ ଓ ଭଙ୍ଗୁର । ଦାରିଦ୍ର୍ୟ ବାଟ କଢ଼ାଇନିଏ ସ୍ୱପ୍ନରାଜ୍ୟକୁ ଏବଂ ମଦନିଶା ବାଟ କଢ଼ାଇନିଏ ଦାରିଦ୍ର୍ୟର ସମ୍ରାଜ୍ୟକୁ । ତେବେ ଦାରିଦ୍ର୍ୟ ଓ ଦେଶୀମଦ ଭିତରେ ସଂପର୍କଟା ଯେତେ ସରଳ ଓ ସୂକ୍ଷ୍ମ ଲାଗେ, ତା' ଉପରେ କାହାଣୀଟିଏ ପ୍ରସ୍ତୁତ କଲାବେଳେ ଲାଗେ ବଡ଼ ଗହନ ଓ ଗମ୍ଭୀର ସେ ସଂଯୋଗ । ତାମିଲନାଡୁର ପୁଦୁକୋଟ୍ଟାଇ ଜିଲ୍ଲାରେ ଯଥାଯଥ ମଦ ବିରୋଧୀ ଅଫିସରମାନଙ୍କ ସହ ପତ୍ତା ଲଗାଇବାକୁ କିଛିଦିନ ସମୟ ନେଇଗଲା—ସେମାନେ 'ବ୍ରାଣ୍ଡି ଦୋକାନମାନଙ୍କ'ର ନିଲାମରେ ବ୍ୟସ୍ତ ଥିଲେ । ମଜାଦାର କଥା ଯେ, ଦେଶୀମଦ ତିଆରି କଡ଼ାକଡ଼ି ଭାବେ ନିଷିଦ୍ଧ ହୋଇଥିବା ଏକ ରାଜ୍ୟରେ ବିଦେଶୀ ମଦ ଦୋକାନ ପୂରାପୂରି ବୈଧ ।

ଅବୈଧ ଦେଶୀମଦ ବିକ୍ରି ଉପରେ ତାମିଲନାଡୁ ସରକାର ସଜାଗ ହୋଇଉଠିବା ସଂପୂର୍ଣ୍ଣ ନିସ୍ୱାର୍ଥପର ଏକ ପ୍ରୟାସ ନୁହେଁ । ବିଧିବଦ୍ଧ ଭାବେ ବିଦେଶୀ ମଦ ବିକ୍ରିରୁ ମିଳୁଥିବା ଅବକାରୀ ଶୁଳ୍କକୁ ବିପର୍ଯ୍ୟସ୍ତ ବା କ୍ଷତିଗ୍ରସ୍ତ କରିଥାଏ ଏହି ଦେଶୀମଦ । ଦୃଷ୍ଟାନ୍ତ ସ୍ୱରୂପ, ରାଜ୍ୟର ମାର୍କେଟିଂ ଏଜେନ୍‌ସୀ ଜରିଆରେ ଘରୋଇ ଦୋକାନୀମାନଙ୍କୁ ବିକ୍ରି ହେଉଥିବା ଭାରତରେ ଉତ୍ପାଦିତ ବିଦେଶୀ ମଦ (ଆଇ.ଏମ୍.ଏଫ୍.ଏଲ୍)ର ଆୟକୁ ଏହା କ୍ଷତି ପହୁଞ୍ଚାଏ । ତାମିଲନାଡୁରେ ଏହି ସରକାରୀ ସ୍ୱୀକୃତି ପ୍ରାପ୍ତ ଖୁଚୁରା ମଦ ବିକ୍ରିର ନାମ ହେଉଛି 'ବ୍ରାଣ୍ଡି ଦୋକାନ' । ସୁତରାଂ ଦେଶୀମଦ ଉତ୍ପାଦନ ଓ ବିକ୍ରି ଉପରେ ଚଢ଼ାଉ କରି ସେସବୁକୁ ଉଚ୍ଛେଦ କରିବା ତଥା ମଦ୍ୟପାନର କୁପରିଣାମ ଉପରେ ସର୍ବସାଧାରଣଙ୍କୁ ଦର୍ଶନ ଶୁଣାଉଥିବା ସେଇ ଏକା ଅଫିସରମାନେ ଅନ୍ୟପ୍ରକାରର ମଦ୍ୟବିକ୍ରିକୁ ପ୍ରୋତ୍ସାହିତ କରିଥାନ୍ତି । ତାହା ହୋଇପାରେ କର୍ତ୍ତବ୍ୟବୋଧର ଆହ୍ୱାନ । କାରଣ ସେମାନଙ୍କୁ ପ୍ରତିବର୍ଷ ପୂରଣ କରିବାକୁ ପଡ଼ିଥାଏ କ୍ରମ ପରିବର୍ଦ୍ଧିତ ଅବକାରୀ ଶୁଳ୍କ ପରିମାଣ ।

ଏହି ବିଡ଼ମ୍ବନାମାନ ଅବିଜ୍ଞପିତ ହୋଇ ରହିଯାଏ ନାହିଁ । ଥରେ ଏହି ଜିଲ୍ଲାରେ ମଦ ବିରୋଧୀ ଏକ ସାଧାରଣ ସଭାରେ ଡି.ଏମ୍.କେ. ଦଳର ଜଣେ କର୍ମୀ ସମସ୍ତଙ୍କୁ

Digitized by srujanika@gmail.com

ବହେ ହାନସ୍ତା କରାଇଲା । ସେ ସଭାମଞ୍ଚ ଉପରକୁ ଚଢ଼ିଯାଇ ମଞ୍ଚାସୀନ ଜଣେ ରାଜସ୍ୱ ବିଭାଗର ବରିଷ୍ଠ କର୍ମକର୍ତ୍ତାଙ୍କ ପାଇଁ ପାଞ୍ଚଟଙ୍କାର ପୁରସ୍କାର ଘୋଷଣା କଲା ଏବଂ କହିଲା : "ଆପଣମାନଙ୍କର ଅବିରତ ସଂଗ୍ରାମ ପାଇଁ ଏ ମାନ୍ୟତା । ସେ ସଂଗ୍ରାମ ହେଉଛି ଗୋଟିଏ ପଟେ ମଦ୍ୟପାନର କୁପରିଣାମକୁ ବିରୋଧ ଏବଂ ଅନ୍ୟପଟେ 'ବ୍ରାଣ୍ଡି ଦୋକାନ' ଖୋଲିବା ପାଇଁ ପ୍ରୋତ୍ସାହନ ।"

ରାଜ୍ୟବ୍ୟାପୀ ଦାରିଦ୍ର୍ୟର ଅନ୍ତରଙ୍ଗ ସହଚର ହୋଇ ଆସିଛି ଦେଶୀମଦ । କେବଳ ପୁଦୁକୋଟ୍ଟାଇ ଜିଲ୍ଲାରେ ନୁହେଁ । ପ୍ରତିବର୍ଷ ଦରିଦ୍ରମାନେ ଦେଶୀମଦ ପ୍ରସ୍ତୁତକାରୀଙ୍କ ତହବିଲକୁ ଶହ ଶହ କୋଟି ଟଙ୍କାରେ ସମୃଦ୍ଧ କରାନ୍ତି । ଏହି 'କାରଣ-ବାରି'ରେ ବୋହିଯାଏ ଅଗଣିତ କୃଷି-ଶ୍ରମିକଙ୍କ ଦୈନିକ ମଜୁରିର ଅଧିକାଂଶ ଭାଗ । ଫଳସ୍ୱରୂପ ବିସ୍ମୟକର ଭାବେ ଏ ଶିଳ୍ପର ସୁଯୋଗ ଓ ଆକୃତି ବୃଦ୍ଧି ପାଇ ଚାଲିଛି ।

ତାମିଲନାଡୁର ସର୍ବନିମ୍ନ ନଗରାୟିତ ଜିଲ୍ଲା ପୁଦୁକୋଟ୍ଟାଇରେ ପ୍ରତି ପଇଁଚାଳିଶ ମିନିଟରେ ଗିରଫ ହୁଏ ଜଣେ ଦେଶୀମଦ ପ୍ରସ୍ତୁତକାରୀ ଏବଂ ପ୍ରତି ଦୁଇଘଣ୍ଟାରେ ଜଣେ ପ୍ରେରିତ ହୁଏ ହାଜତ । ଏ ପରିସଂଖ୍ୟାନ ଦିଏ ଖୋଦ୍ ସରକାରୀ ଶାସନକଳ । ୧୫୦ ଦିନର ସମୟ ପାଇଁ ମିଳିଥିବା ତଥ୍ୟ କହେ : ପ୍ରତିଦିନ ହାରାହାରି ଏଠାରେ ହୁଏ ୩୧ଟି ଚଢ଼ାଉ ଏବଂ ୧୯ଟି ମକଦ୍ଦମା ରୁଜୁ । ପ୍ରତି ଚବିଶ ଘଣ୍ଟାରେ ପ୍ରାୟ ୪୨୦ ଲିଟର ଦେଶୀମଦ ଜବତ ହୁଏ ଏବଂ ସେଥିରୁ ଅର୍ଦ୍ଧେକକୁ ନଷ୍ଟ କରିଦିଆଯାଏ । ଏହି ୧୫୦ ଦିନ ମଧ୍ୟରେ ଆଦାୟ ହୋଇଥିବା ଜୋରିମାନା ପରିମାଣ ୧୩ ଲକ୍ଷ ଟଙ୍କା । ଏହି ସମୟ ସୀମାରେ ଜବତ ମଦର ପରିମାଣ ୬୫ ହଜାର ଲିଟର ।

"ଆପଣ ଯଦି ଏହିସବୁ ତଥ୍ୟ, ପରିସଂଖ୍ୟାନକୁ ବିଶ୍ୱାସକୁ ନେଇ ବାସ୍ତବତାକୁ ମାପିବାକୁ ଆରମ୍ଭ କରିବେ ।"–କହନ୍ତି ଜଣେ ଅନୁଭୂତି ସଂପନ୍ନ ସ୍ଥାନୀୟ ଓକିଲ "ତେବେ ଆପଣଙ୍କୁ ମାନସିକ-ବିଶେଷଜ୍ଞ ଜଣେ ଡାକ୍ତରଙ୍କ ପାଖରେ ମୁଣ୍ଡଟିକୁ ପରୀକ୍ଷା କରିନେବାକୁ ହେବ । ଏଠାରେ ଅଭିଯୁକ୍ତଙ୍କ ସଂଖ୍ୟା ଏତେ ଉଚ୍ଚରେ ରହିବାର କାରଣ ହେଉଛି ମଦ୍ୟ ପ୍ରସ୍ତୁତକାରୀ ମାନେ ଅଦାଲତରେ କ୍ୱଚିତ ଏହାର ଶୁଣାଣି ପାଇଁ ସମୟ ଦିଅନ୍ତି । ସେମାନେ ସବୁ ଅଭିଯୋଗକୁ ସ୍ୱୀକାର କରି ନିଅନ୍ତି । ସେମାନଙ୍କ ଓକିଲ ଅବିଳମ୍ବେ ମାନି ନିଅନ୍ତି ଯେ, ତାଙ୍କ ମହକିଲ ସବୁ ଦୋଷ କରିଛି । ଏଠାରେ ମଦରନ୍ଧା ପାଇଁ କୌଣସି ଜେଲ୍ ଦଣ୍ଡ ନାହିଁ, କେବଳ କିଛି ଟଙ୍କା ଜୋରିମାନା ସ୍ୱରୂପ ପୈଠ କରିବାକୁ ପଡ଼ିବ । ସେତକ ଅତ୍ୟନ୍ତ ଖୁସିରେ ସେମାନେ ଦେଇଦିଅନ୍ତି । ଅଦାଲତରେ ଅଯଥାରେ ଯୁକ୍ତିତର୍କ, ଶୁଣାଣିରେ ସମୟ ନଷ୍ଟ କରିବା ଅପେକ୍ଷା ସେତିକି ସମୟ ପୁଣି ମଦ ରାନ୍ଧିଲେ ଢେର୍ ଟଙ୍କା ମିଳିବ । ଦେଶୀମଦରେ ବିନିଯୁକ୍ତ ପ୍ରତିଟି ଟଙ୍କାର

Digitized by srujanika@gmail.com

ପ୍ରତିବଦଳରେ ମିଳେ ନଅଟଙ୍କା । ନଅଗୁଣ ଲାଭ । ତେଣୁ ଚୋରିମାନା ଆକାରରେ କେଇ ହଜାର ଫୋପାଡ଼ି ଦେଲେ ସମସ୍ତଙ୍କର ଛୁଟି ।''

ଯଦିଓ ଏହା ଅବୈଧ, ଗ୍ରାମ ପଞ୍ଚାୟତରେ ସ୍ଥାନୀୟ ଭାବେ ମଦ ତିଆରି ପାଇଁ ନିଲାମ ଡକାଯାଏ । ଏକଥା ସମସ୍ତେ ଜାଣନ୍ତି – ପୁଲିସ୍, ଅବକାରୀ ଅଫିସର, ରାଜନୈତିକ ନେତା । ପଞ୍ଚାୟତରେ କର୍ମକର୍ତ୍ତାଙ୍କୁ ପଚାରିଲେ ଯେଉଁ ଉତ୍ତର ମିଳେ ତାହା ଯେପରି କୌତୁକପ୍ରଦ, ସେହିପରି ପ୍ରଣିଧାନ ଯୋଗ୍ୟ : ''ଆଜ୍ଞା ଦେଶୀମଦରେ ଯେଉଁ ଆଖିଖୋସା ଲାଭ ତାକୁ ହାତଛଡ଼ା କରିବ କିଏ ? ଆଜ୍ଞା ! ଆଇନ ବିରୋଧୀ ଏ ଯେଉଁ କାମ ଆମେ କରୁଛୁ, ସେ ଅପରାଧ ମାର୍ଜନା ପାଇଁ ଆମ ଲାଭ ଟଙ୍କାରେ ଆମେ ଗାଁରେ ମନ୍ଦିରଟାଏ ତୋଳିବାକୁ ଯାଉଛୁ ।''

ଏ ଆକର୍ଷଣୀୟ ଶିଳ୍ପର ଆନୁମାନିକ କାରବାର ଉପରେ କୌଣସି ଚିତ୍ର ଆଙ୍କିହେବ ? ତାହା ପୁଣି ପୁଦୁକୋଟ୍ଟାଇ ଭଳି ଏକ ଦରିଦ୍ରତମ ଜିଲ୍ଲାର ? ଦୃଷ୍ଟାନ୍ତ ରୂପେ ଗୋଟିଏ ଗାଁ ନିଆଯାଉ – ନେଡୁଭାସଲ୍ । ସରକାରୀ ଅଫିସରମାନେ ସ୍ୱୀକାର କରିଛନ୍ତି ଯେ, ଏହି ଗ୍ରାମ ପଞ୍ଚାୟତ 'ମଦ ରାନ୍ଧିବାର ଅଧିକାର'କୁ ନିଲାମ ଦେଇ ପାଇଛନ୍ତି ୩ ଲକ୍ଷ ଟଙ୍କା । ସେମିତି ପ୍ରାୟ ୫୦୦ ଗ୍ରାମ ରହିଛି ଏହି ଦରିଦ୍ର ଜିଲ୍ଲାଟିରେ । ଯଦି ଏଥିରୁ ଅଧାଅଧି ଗ୍ରାମରେ ପଞ୍ଚାୟତ ସଭା ସେମାନଙ୍କ 'ଅଧିକାର'କୁ ନିଲାମ ଡାକନ୍ତି, ତେବେ ବାର୍ଷିକ ମିଳିବ ୭ କୋଟି ୫୦ ଲକ୍ଷ ଟଙ୍କା । ମାତ୍ର ୧୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏକ ଛୋଟ, ଅନଗ୍ରସର ଜିଲ୍ଲା ପାଇଁ ଏ ପରିମାଣ କିଛି ମନ୍ଦ ନୁହେଁ ।

ବିଶେଷଜ୍ଞମାନଙ୍କ ମତ ଯେ, ଏହି କଳଙ୍କିତ କାରବାରରେ ସଂପୃକ୍ତ ପଞ୍ଚାୟତମାନଙ୍କ ସଂଖ୍ୟା ବାସ୍ତବରେ ଯଥେଷ୍ଟ ଅଧିକ । ସେମାନେ ଆଉ ଏକ କାରଣ ଦର୍ଶାନ୍ତି । ସମୁଦାୟ କାରବାରର ଯଦି ଏକତୃତୀୟାଂଶ ରୂପେ ନିଲାମରୁ ପ୍ରାପ୍ତ ପୁଞ୍ଜିକୁ ହିସାବ କରାଯାଏ, ତେବେ ଏହି ପରିମାଣ ହେବ ୨୨ କୋଟି ୫୦ ଲକ୍ଷ । କେବଳ ଗ୍ରାମାଞ୍ଚଳରୁ । ଏହା ସହିତ ସହରରୁ ଉପଲବ୍ଧ ଅବକାରୀ ଆୟକୁ ମିଶାଇଲେ ଏହା ଅନ୍ୟୁନ ହେବ ବାର୍ଷିକ ୩୦ କୋଟି ଟଙ୍କା । ଏବଂ ସ୍ଥାନୀୟ ଓକିଲ ସୂଚନା ଦିଅନ୍ତି ଯେ, ଏହା ସହିତ ପୁଲିସ ବିଭାଗ ଓ ଅଫିସରମାନେ ନେଉଥିବା ବଟି ବା ହାତଗୁଞ୍ଜା ଅନ୍ତର୍ଭୁକ୍ତ ନୁହେଁ ।

ଏବେ ପୁଦୁକୋଟ୍ଟାଇର ଜିଲ୍ଲାପାଳ କଡ଼ାକଡ଼ି ଭାବେ ମଦବିରୋଧୀ ଅଭିଯାନକୁ ପ୍ରୟୋଗ କରୁଥିବାରୁ ଦେଶୀମଦ ରନ୍ଧାଳୀ ଓ ବିକ୍ରେତାଙ୍କ ଭିତରେ ଛନକା ପଶିଛି । ସେମାନେ ଇତଃସ୍ତତଃ ହେଉଛନ୍ତି । ଏହାପରେ ହୁଏତ ଆଖିଦୃଶିଆ ମଦ ଜବତ ଓ ଅପରାଧୀଙ୍କ ଗିରଫ ପରିମାଣ ବଢ଼ିଯିବ । ତଥାପି ସମସ୍ୟାଟି କେବଳ ପ୍ରଶାସନିକ ସ୍ତରରେ ସୀମାବଦ୍ଧ ନୁହେଁ, ଅନେକ ପରିବ୍ୟାପ୍ତ ଓ ଗହୀରା ।

Digitized by srujanika@gmail.com

ଅଧିକାଂଶ ବ୍ଲକ୍‌ର ଅନେକ ଗ୍ରାମ ବୁଲି ମୁଁ ଯେତେ ଯେତେ ପୁରୁଷ କ୍ଷେତ ମଜୁରିଆଙ୍କୁ ଏହି ମଦ୍ୟପାନ ଉପରେ ପଚାରିଛି, ସମସ୍ତେ ପିଉଥିବା କଥା ସ୍ୱୀକାର କରିଛନ୍ତି । ସେହି ତୁଳନାରେ ମହିଳାମାନେ ଖୁବ୍ କମ୍ ପିଅନ୍ତି । ପୁରୁଷ ଶ୍ରମିକମାନେ ଜଣଜଣ କରି ମାନିଛନ୍ତି ଯେ, – 'ମାଲ୍ ଯଦି ମିଳିଲା, ପିଇବ ନାଇଁ କାହିଁକି !' ଜଣେ ଯୁକ୍ତି ବାଢ଼ିଲେ "ମତେ ଯଦି କାମଧନ୍ଦା ଖୋଜିବାକୁ ଚାରିଘଣ୍ଟା ବିତିଗଲା ଆଉ ଦଶବାର ଘଣ୍ଟା ହାଡ଼ଭଙ୍ଗା ଖଟଣି ପରେ ବାର କି ପନ୍ଦର ଟଙ୍କାର ମଜୁରି ମିଳିଲା, ତେବେ ଦିହର ବଥା ହଟେଇବାକୁ ଦି' ଗିଲାସେ ଢୋକିଦେଲେ କ'ଣ ମାରା ହେଇଗଲା ?" ଯଦି ସେହି ଯୁକ୍ତିର ଆଳ ଦେଖାଇ ଜଣେ କହିବ – ମହିଳାମାନେ ଅଧିକ ବେଳ ହାଡ଼ଭଙ୍ଗା ଖଟି ମଦ ଢୋକିବାର ଆବଶ୍ୟକତା କାହିଁ ଅନୁଭବ କରୁନାହାନ୍ତି ତ, ତେବେ ପୁରୁଷଙ୍କ ମୁହଁ ତଳକୁ ହୋଇ ଯାଉଥିବା ଦେଖିବାକୁ ମିଳିବ ।

ଗାଁଆଁରୁ ଗାଁ ତଫାତ୍ ଥାଏ ଦେଶୀମଦର ଦାମ୍‌ରେ । ତୁଲାକମପଛି ବସ୍ତିରେ ଗିଲାସକୁ ଦୁଇଟଙ୍କା ବେଳେ କିଲାକୁରୁଚି ଗାଁରେ ଗିଲାସକୁ ପାଞ୍ଚଟଙ୍କା । ଜଣେ ମଧ ଟଙ୍କାକର ମଦ ପିଇପାରେ, ଅର୍ଥାତ୍ ଗିଲାସର ଏକ ପଞ୍ଚମାଂଶ । ଅନେକ କ୍ଷେତ ମଜୁରିଆ ଦି'ତିନି ଗିଲାସ ପକାଇବାଟାକୁ ଅତିରିକ୍ତ ପାନ ବୋଲି ବିଚାରନ୍ତି ନାହିଁ । 'ଏତେ ଅଧିକ !' କହିଦେବାରୁ ସେମାନେ ମୋ ମୁହଁକୁ ବିସ୍ମୟରେ ବଲ୍‌ବଲ୍ କରି ଚାହିଁଲେ ।

ଜଣେ ବରିଷ୍ଠ ଅବକାରୀ ଅଫିସର ଘଟଣାଟିକୁ ଭିନ୍ନ ଢଙ୍ଗରେ ଥୋଇଲେ : "ସଞ୍ଜବେଳା ଯିଏ ଏକାଥରେ ଦୁଇ ଗିଲାସ ପକାଉଛି ତାକୁ ଘୋଡ଼ା ମଦୁଆ କହିହେବ ନାହିଁ । ଦିନବେଳା ସେ ଚଉଠ କି ଅଧଗିଲାସ ଆଗ ପକେଇଥିବ । ନିଶାଟାକୁ ତେଜୀୟାନ ରଖିବା ପାଇଁ ଦିନ ଭିତରେ ସେ ମଝିରେ ମଝିରେ କେଇ ଢୋକ ନିଶ୍ଚେ ନେଇଥିବ । ସଞ୍ଜବେଳକୁ ହିସାବ କଲାବେଳକୁ ତା'ର ସମୁଦାୟ ପାଞ୍ଚରୁ ଛଅ ଗ୍ଲାସ୍ ହୋଇସାରିଥିବ ।"

ଚାଷୀ ପରିବାରରେ ଦେଶୀମଦ ପାନର ଅର୍ଥନୈତିକ ପ୍ରଭାବ ଅତ୍ୟନ୍ତ ବିପଦଜନକ । କଥାବାର୍ତ୍ତା ବେଳେ କିଛି ଶ୍ରମିକ ସ୍ୱୀକାର କରିଥିଲେ ଯେ, ଦିନତମାମ ସେମାନଙ୍କ ରୋଜଗାର (କାମଧନ୍ଦା ବେଶି ମିଳୁନଥିବା ଋତୁରେ) ଠାରୁ ବଳିପଡ଼େ ମଦପିଆ ଖର୍ଚ୍ଚ । ଏହାର ଅର୍ଥ ବାକିରେ କି କରଜରେ ମଦ ମିଳେ । ଅଭାବ ସମୟରେ ମଦୁଆଙ୍କୁ ବାକିରେ ମଦଦେଇ ଠିକଣା ସମୟରେ ସେତକ ଆଦାୟ କରେ ଶୁଣ୍ଢି । ଶ୍ରମିକଙ୍କର ଦୈନିକ ମଜୁରୀ ହାରାହାରି ୧୨ରୁ ୧୫ ଟଙ୍କା, ଅତି ଜୋର୍‌ରେ ୨୦ ଟଙ୍କା ।

Digitized by srujanika@gmail.com

'ଯଦି ମୋ ଗେରସ୍ତ ସବୁ ମଜୁରିକୁ ମଦରେ ସାରିଦେଲା'–ପଚାରେ ତିରୁବର୍ଣ୍ଣକଲମର ଭିଲିଆମ୍ମା 'ତେବେ ମତେ ଉଧାର କରି ଚାଉଳ କିଣିବାକୁ ପଡ଼ିବ ନା ନାଇଁ ?' ତା' ଗେରସ୍ତ ଦିନକୁ ତିନିଗିଲାସ ପିଏ ଅର୍ଥାତ୍ ସବୁ ମଜୁରି ସେଥିରେ ସାରିଦିଏ ଏବଂ ଆଉ କିଛି ଟଙ୍କା ବାକି ପଡ଼େ । ଏବେ ମଦ ଛାଡ଼ିଥିବା ଆଦିଆପ୍ପାନ କହେ : "ବାବୁ, ତମେ ଯେତେ ଚେଷ୍ଟା କଲେ ବି ଏ ଶକୁନି ଖେଳକୁ ରୋକି ପାରିବ ନାଇଁ, ଭାଙ୍ଗିବା ତ କାଠିକର ପାଠ । ସବୁଥାକରେ ସବୁ ପ୍ରକାର ହାକିମଙ୍କୁ ସନ୍ତୁଷ୍ଟ କରିବାକୁ ଏଠି ଟଙ୍କାର ବଟି ବେବସ୍ଥା ରଇଚି ।"

ମଦ୍ୟପାନ ଜନିତ ସ୍ୱାସ୍ଥ୍ୟ ସମସ୍ୟା ଅଲଘନୀୟ । ଅବକାରୀ ବିଭାଗର ନିଷ୍ଠାପର ସହକାରୀ କମିଶନର ସ୍ୱାମୀ ଶିବଜ୍ଞାନମ୍ ବିରକ୍ତି ସହ କହନ୍ତି : "ଶଳା ଏ ଦେଶୀମଦ ରନ୍ଧାଳୀଙ୍କୁ ସାବାଡ଼ କରିବା ଦୁଃସାଧ । ଶଳେ ସେଥିରେ ଯୁରିଆ, ପୋଡ଼ା ବେଟାରୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଏପରିକି ଗୋବର ପକାଇ ସଢ଼ାନ୍ତି । ଏଥିରେ ନିଶା କୁଆଡ଼େ ଜୋର୍‌ଦାର ବଢ଼େ । ଆଛା ! ଏମାନେ ସପ୍ତାହଟିଏ ଅପେକ୍ଷା କରିପାରନ୍ତି ନାହିଁ ସ୍ୱାଭାବିକ ଢଙ୍ଗରେ ସଢ଼ିବା ପାଇଁ, ଖାଲି ଟଙ୍କା ଆଉ ଟଙ୍କା । ଲାଭ ଲୋଭରେ ଏମାନେ ମରନ୍ତି, ଶହ ଶହ ଘର ସଂସାରକୁ ଜଳେଇ ପୋଡ଼େଇ ମାରନ୍ତି ।" ପୁଦୁକ୍କୋଟାଇ ସହରରେ ଥିବା ସରକାରୀ ଡାକ୍ତରଖାନାର ଜଣେ ଚିକିତ୍ସକଙ୍କର ମଦ୍ୟଜନିତ ବ୍ୟାଧି ଚିକିତ୍ସା ନେଇ ରହିଛି ବିପୁଳ ଅଭିଜ୍ଞତା । ସେ କହନ୍ତି : "ଏ ଦେଶୀମଦରେ ବିଷାକ୍ତ ରାସାୟନିକ ଭର୍‌ପୂର ହୋଇ ରହିଥାଏ । ମୋ ପାଖକୁ ଅଗଣିତ ରୋଗୀ ଆସନ୍ତି, ଯାହାଙ୍କ କଲିଜା ଜଳି ଯାଇଥାଏ, ପେଟରେ ଘା', ହୃଦରୋଗ, କିଡ୍‌ନୀ ନଷ୍ଟ ଭଳି ଭୟଙ୍କର ବ୍ୟାଧିରେ ପୀଡ଼ିତ । ଏସବୁ ଦେଶୀ ମଦ ପିଇବା କାରଣରୁ ହିଁ ଘଟିଥାଏ । ଦେଶୀମଦ ହେଉଛି ଏକ ନିରବ ହତ୍ୟାକାରୀ ।"

ସନ୍ତର୍ପଣରେ ଆମନ୍ତ୍ରିତ ଏହି ନୀରବ ହତ୍ୟାକାରୀ ପାଇଁ କ'ଣ କରାଯାଇପାରିବ ? ଏହାର ଉତ୍ତର ଦେବାକୁ ପ୍ରସ୍ତୁତ ଥିବାଭଳି ମନେ ହୁଅନ୍ତି ପୁଦୁକ୍କୋଟାଇ ଜିଲ୍ଲାର ଗ୍ରାମାଞ୍ଚଳର ଶହ ଶହ ସଂଘବଦ୍ଧ ମହିଳା ।

Digitized by srujanika@gmail.com

ନାରୀ ଓ ନୀରାର ନାଗଫାଶ

ସଞ୍ଜ ଦି'ଘଡ଼ି ହେବ ତା'ର କବାଟରେ ପଡ଼ିଲା ଆଘାତ ପରେ ଆଘାତ । ଦୁଇଟି ଅବୋଧ ଛୁଆଙ୍କ ସହ ସେ ଘରେ ଥିଲା ଏକାକିନୀ । ଅବିଳମ୍ବେ କବାଟ ଭାଙ୍ଗି ତା'ର ଚୁଟି ଧରି ଘୋଷାଡ଼ି ନେଲେ ପଲେ ସ୍ତ୍ରୀ ଲୋକ । ଜଣେ ଅସହାୟା, ଏକାକିନୀ ମହିଳା ଉପରେ ଆକ୍ରମଣ କରୁଥିଲେ ଦଳେ ଉତ୍‌କ୍ଷିପ୍ତ ମହିଳା । ସେମାନେ ଗାଁ ପଞ୍ଚାୟତର ତଥାକଥିତ ମୁଖିଆଙ୍କ ଦ୍ୱାରା ପ୍ରେରିତ । ସେମାନେ ଛିଣ୍ଡାଇ ନେଲେ ତା'ର ମଙ୍ଗଳସୂତ୍ର, ପିଠି ପେଟରେ ମାରି ଚାଲୁଥିଲେ ଗୋଇଠା ପରେ ଗୋଇଠା । ଆଉ କେତେକଙ୍କ ହାତରେ ଥିଲା ଚଟୁ ଓ ଛାଟ । ଅସହାୟ ଶିଶୁ ଦୁଇଟିଙ୍କର କ୍ରସ୍ତ କାନ୍ଦଣା ଓ ନିଜ ମାଆର କାନିକୁ ଜାବୁଡ଼ି ଧରିବା ସତ୍ତ୍ୱେ ଏ ନିର୍ମମ ପଦକ୍ଷେପରୁ ମହିଳାମାନଙ୍କୁ ତାହା ବିରତ କରିପାରି ନଥିଲା ।

ସେ ଥିଲା ତାମିଲନାଡୁର ପୁଦୁକ୍କୋଟ୍ଟାଇ ଜିଲ୍ଲାର ନେଦୁବାସଲ ଗ୍ରାମ । ମହିଳାଟି ଦେହରେ ନୋଳା ଫାଟି ରକ୍ତ ଝରୁଥାଏ । ପଞ୍ଚାୟତ ମଣ୍ଡପ ତଳେ ମହିଳାଟି ଛିଡ଼ା ହୋଇଥାଏ ଏବଂ ମୁରବୀମାନେ ବର୍ଷଣ କରୁଥାନ୍ତି ତା' ଉପରେ ଅଶ୍ରାବ୍ୟ ଗାଳି, ଅଶ୍ଳୀଳ ଭାଷା । ସେମାନେ ଭାବୁଥାନ୍ତି ଏପରି କଲେ ମହିଳାଟି ଦେଶୀମଦ ବିରୋଧରେ ଯେଉଁ ନେତୃତ୍ୱ ନେଉଛି ଏଣିକି ଠିକ୍ ପାନେ ପାଇଯିବ ।

ମହିଳାଟି ଉପରେ ଏତେ ନିର୍ମମ ଅତ୍ୟାଚାର ଓ ଅପବାଦ ସତ୍ତ୍ୱେ ସେ ଥାଏ ନିର୍ବାକ, ଅବିଚଳିତ । ହୃଦୟ ଭିତରେ ସଂକଳ୍ପ ହୋଇ ଉଠୁଥାଏ ବଜ୍ର କଠିନ । ଆଖିରେ ଲୁହ ବଦଳରେ ଝଲସୁଥାଏ ତେଜ ଓ ଅଙ୍ଗୀକାର । ସେ ହେଉଛି ଛବିଶ ବର୍ଷୀୟା ମହ୍ଲାରମଣି–ସମଗ୍ର ଜିଲ୍ଲାରେ କ୍ରମ ଘନୀଭୂତ; ଶୈଶବରେ ଥିଲେ ବି ଶକ୍ତିଶାଳୀ ହୋଇ ଉଠୁଥିବା ଏକ ମଦ ବିରୋଧୀ ଆନ୍ଦୋଳନର ସେ ଅଗ୍ରଣୀ ନେତୃତ୍ୱ । କ୍ରମେ ରାଜ୍ୟର ଅନ୍ୟାନ୍ୟ ପ୍ରାନ୍ତକୁ ବ୍ୟାପୁଛି ଏହି ଇପ୍‌ସିତ ଆନ୍ଦୋଳନ । ଏହା ଅନ୍ତରାଳରେ ରହିଛି ସଂପୂର୍ଣ୍ଣ ସାକ୍ଷର ଅଭିଯାନର ଉଚ୍ଚ ସଫଳତାର ପ୍ରେରଣା, ଘଟଣା ପ୍ରବାହକୁ ସେ ବଢ଼େଇ ନେଉଛି ଆଗକୁ, ଅନ୍ୟ ଅନେକ ଯୋଜନାକୁ ସ୍ପର୍ଶ କରିବାକୁ କେହି ଆଗରୁ ସାହସ ମଧ୍ୟ କରିପାରୁନଥିଲେ, ପାରିନାହାନ୍ତି । ଏହି ଯୁଗାନ୍ତକାରୀ ଅଭିଯାନର ଆଲୋକ ବର୍ତ୍ତିକା ପ୍ରଜ୍ଜ୍ୱଳିତ କରିଛି–'ଆରାବଳି ଇୟାକମ୍'—ଜ୍ଞାନ-ପ୍ରଦୀପ ଅଭିଯାନ । ମହ୍ଲାରମଣି ହେଉଛି ଏହାର ଜଣେ ସମର୍ପିତା ସ୍ୱେଚ୍ଛାସେବୀ ।

ବନ୍ଧ୍ୟା, ଅନୁର୍ବର ଓ ଜଳକଷ୍ଟପୀଡ଼ିତ ଗନ୍ଧର୍ବକୋଟ୍ଟାଇ ବ୍ଲକ୍‌ର ଥାଚାନକୁରୁଚି ଗ୍ରାମର ଅଧିକାଂଶ ମହିଳା 'ଆରାବଳି ଇୟାକମ୍'ର ସ୍ରୋତରେ ସାମିଲ ଏବଂ ସକ୍ରିୟ ।

Digitized by srujanika@gmail.com

ସେମାନେ ଅନୁଭବ କଲେ—ଏସବୁ ଡେରି ହୋଇଗଲା, ମଦ ନିଶାରେ ଗାଆଁଟା ଭାସୁଛି, ସେଥିକୁ ସ୍ଥାନୀୟ ଭାବେ ଚୋରା ଦେଶୀମଦ ସେଠାରେ ତିଆରି ହେଉଥିବାରୁ କାହିଁ କେତେଦୂରରୁ ଏପରିକି ୪୦ କି.ମି. ଦୂର ତ୍ରିଚିରୁ ମଦୁଆଙ୍କ ପଲ ସେ ଗାଆଁକୁ ଛୁଟୁଛି । ମଦରେ ଉଜୁଡ଼ିଗଲାଣି କେତେ ସଂସାର, ଘରେ ଘରେ ମଦୁଆ । ସଂଜ ନଇଁଲେ ଝିଅବୋହୂ ଗାଁ ଦାଣ୍ଡରେ ଚାଲିବା ଦୁଷ୍କର । ରାତିଅଧରେ ଅନେକ ଘରୁ ଶୁଭେ ଚାପା କାନ୍ଦଣାର ସ୍ୱର ଓ ମାଡ଼ପିଟ୍‌ର ଶବ୍ଦ ।

ଏକବିଂଶ ବର୍ଷିୟା ମୋତିଲତା ଏହି ଦେଶୀମଦ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରିବା ଯାଏ ଗାଆଁଟା ସେମିତି ନର୍କକୁଣ୍ଡ ହୋଇ ରହିଥିଲା । ତା'ର ଏ ଅଭିଯାନରେ ଅନ୍ୟ ମହିଳାମାନେ ଯୋଗଦେଇ ଥାଚାନକୁରୁଚିରୁ ନିର୍ବାସିତ କରିଦେଲେ ମଦରନ୍ଧା । ମୋତିଲତା କହେ ''ଏବେ ଗାଆଁଟା ପୂରା ସଫା । ବାହାର ମଦୁଆଙ୍କ ଆଡ୍ଡା ତ ନାହିଁ, ଘରେ ଘରେ ନିଶାପାଣି କମିଛି ।'' ଏ ଧାରାକୁ ଅବ୍ୟାହତ ରଖିବା କଷ୍ଟକର ହେଲେ ହେଁ ହାସଲ ହୋଇଥିବା ବିଜୟ ନିଶ୍ଚିତ ଭାବେ ଉଲ୍ଲେଖଯୋଗ୍ୟ ।

ମହ୍ଲାରମଣି ଓ ମୋତିଲତା ମଦକୁ ଦେଖନ୍ତି ଅନଗ୍ରସରତା ଓ ଦାରିଦ୍ର୍ୟର ପ୍ରତୀକ ରୂପେ । ଏହା ଦାରିଦ୍ର୍ୟ, ଅସହାୟତା ସହିତ ମଣିଷର ଅନୈତିକତାକୁ ଆଶ୍ରୟ ଦିଏ, ବରଂ ସମ୍ବର୍ଦ୍ଧିତ କରାଏ ବୋଲି ଉଭୟଙ୍କ ଅନୁଭବ । ସେମାନଙ୍କ ମତ ପ୍ରତି ସମର୍ଥନ ଜଣାନ୍ତି ଅଧିକାଂଶ ଗ୍ରାମୀଣ ମହିଳା । ଅଧିକାଂଶ ପୁରୁଷ ମଜୁରିଆ ନିଜ ଆୟର ସର୍ବସ୍ୱକୁ ଏହି ନିଶା ଯୁଇରେ ଢାଳି ଦେଉଥିବାରୁ ଘଟଣାଟି ବିସ୍ଫୋରକ ରୂପ ନେଲା । ପୁଦୁକୋଟ୍ଟାଇ ଭଳି ଏକ କ୍ଷୁଦ୍ର ପରିସୀମାଭୁକ୍ତ, ନିହାତି ଦରିଦ୍ର, ଅନଗ୍ରସର ଜିଲ୍ଲାରେ ଯଦି ଦେଶୀମଦ ହୋଇପାରୁଛି ବହୁକୋଟି ଟଙ୍କାର ଶିଳ୍ପ, ତେବେ ଅନ୍ୟତ୍ର କ'ଣ ହେଉନଥିବ !

ମହ୍ଲାରମଣି ଏବେ ପରିଶୋଧ କରୁଛି ତା'ର ଦୃଢ଼ତା ଓ ସଂକଳ୍ପର ମୂଲ୍ୟ । ସେ ମାଡ଼ ଖାଇବା ଓ ବେଇଜ୍ଜତ ହେବା ପରେ ଜିଲ୍ଲାପାଳ ତା' ପଛରେ ଛିଡ଼ା ହୋଇଥିବାରୁ ପଞ୍ଚାୟତ ସିଧାସଳଖ ତା'ର କିଛି କ୍ଷତି କରିପାରୁନାହିଁ । ସେହିପରି ନିରସ୍ତ୍ର ଅଛନ୍ତି ତା' ଗାଆଁର ମଦରନ୍ଧାଳୀ ମାଫିଆ ଗୋଷ୍ଠୀ । ମାତ୍ର ପୁଲିସ୍‌ର ପ୍ରୋତ୍ସାହନ ପାଇ ସେମାନେ ତା' ପରିବାର ଉପରେ ଲାଗୁ କରିଛନ୍ତି ସାମାଜିକ ବାଛନ୍ଦ ।

ମୁଁ ମହ୍ଲାରମଣିକୁ ତା' ଗ୍ରାମ ନେଦୁବାସାଲ ଠାରେ ଭେଟିଥିବା ଦିନ ଗାଁ ଭଣ୍ଡାରୀ ତା'ର ଦୁଇ ପୁଅଙ୍କ ବାଳ କାଟିବାକୁ ମନାକରି ମୁହଁ ଏଡ଼େଇ ଚାଲିଗଲା । ଦିନେ ସକାଳୁ ଗୋଟିଏ ପୁଅ ଗାଆଁ ଶେଷମୁଣ୍ଡ ଦୋକାନରୁ ତା' ମାଆ ପାଇଁ ଆଣୁଥିବା କପେ ଚା'କୁ ତା' ହାତରେ ଠେସମାରି ତଳେ ଫୋପାଡ଼ିଦେଲା ଜଣେ ଗ୍ରାମବାସୀ ।

Digitized by srujanika@gmail.com

ମଲ୍ଲାରମଣି ବିରୁଦ୍ଧରେ ଅଣାଯାଇଥିବା ଅଭିଯୋଗ ଫର୍ଦ୍ଦ ବହୁତ ଲମ୍ବା । ସେଥିରୁ ଗୋଟିଏ ହେଉଛି ମଦ ଉପରେ 'ନିବାରଣ ସପ୍ତାହ' ପାଳନ ବେଳେ ଅନୁଷ୍ଠିତ ଏକ ସାଧାରଣ ସଭାରେ ସେ ହରିଜନମାନଙ୍କୁ ଜାଣିଶୁଣି ମଞ୍ଚ ଉପରେ ଚଢ଼ାଇ କେବଳ ଭାଷଣ ଦେବାକୁ ଅନୁମତି ଦେଇନାହିଁ, ସମାନ ମାଇକ୍‌ରେ ସେମାନେ ମଧ୍ୟ ଭାଷଣ ଦେଲେ ।

ଏହି ନିଷେଧ ବା ନିବାରଣ–ସପ୍ତାହଟି ସରକାରଙ୍କ ପକ୍ଷରୁ ଘୋଷିତ ଓ ପାଳିତ ହେଉଥିଲା । ତେଣୁ ମଲ୍ଲାରମଣି ଦଣ୍ଡ ପାଇବାକୁ ହକ୍‌ଦାର, ଯେହେତୁ ସେ ସରକାରୀ କାର୍ଯ୍ୟକ୍ରମର ପରିପ୍ରୟୋଗ କଲା । ତାକୁ ସଉଦାପତ୍ର କିଣିବାକୁ ବସ୍‌ରେ ଯିବାକୁ ପଡ଼େ ଚାରିମାଇଲ ଦୂର ଅଭନାମ୍; ପାଣି ଆଣିବାକୁ ଯିବାକୁ ପଡ଼େ ଦୁଇ କିଲୋମିଟର ଦୂର କୁରୁବାଦି ଗାଁ, ତା' ସହିତ ନିସ୍ତୁକ ମାଡ଼ ଖାଇଥିବା ତା'ର ସ୍ୱାମୀ ଏବେ ଦୂରକୁ ପଳାଇଯାଇ ନାଗପଚିନମ୍‌ରେ କାମ କରୁଛି । ନିରୀହ ପିଲା ଦୁଇଟାଙ୍କୁ ମଧ୍ୟ ଅଯଥାରେ କଲବଲ କରିବାକୁ ଗାଁବାଲା ପଛାଉନାହାନ୍ତି ।

''ବର୍ଷ ବର୍ଷ ଧରି ମୁଁ ଦେଖି ଆସିଛି ଦେଶୀମଦ କ'ଣ କରିପାରେ''–କହେ ମଲ୍ଲାରମଣି ଉଦାସ, ଛଳଛଳ ଆଖିରେ–''ସଂସାର କେମିତି ଉଜୁଡ଼ି ଯାଏ; ଘରେ ସ୍ତ୍ରୀଲୋକମାନେ ମାଡ଼, ଚେଙ୍କ ଖାଆନ୍ତି; ଲୋକଙ୍କୁ କେମିତି ଭୋକରେ, ଦାରିଦ୍ର୍ୟରେ ଅଜ୍ଞତାରେ ସଢ଼ାଇ ରଖେ ଏଇ ମଦ, ଶେଷକୁ କଂକାଳସାର ହୋଇ ଲୋକେ ଟଳି ପଡ଼ନ୍ତି ।'' ତେବେ ସେ କାହିଁକି ଏତେବର୍ଷ ଧରି ନୀରବ ଥିଲା, କେବଳ ଏଇବର୍ଷ ଚେତିଲା ? ''କାରଣ ଆରାବଳି ମୋତେ ସାହସ ଦେଲା, ବିଶ୍ୱାସ ଜଗାଇଲା । ଆଗରୁ ଏମିତି ଛିଡ଼ା ହେବାକୁ ସାହସ କୁଳଉନଥିଲା ।''

ମୋତିଲତା ଏ କଥାରେ ସମ୍ମତି ଭରେ । ସାକ୍ଷରତା ଅଭିଯାନ ପୂର୍ବରୁ ମଦ ବିରୋଧରେ ମହିଳାମାନଙ୍କ କ୍ରୋଧ ପୁଞ୍ଜିଭୂତ ହୋଇ ରହିଥିଲା । ମାତ୍ର ଆନ୍ଦୋଳନ ଆରମ୍ଭ ହେବା ପରେ ସେ ଯେଉଁ ଆସ୍ଥା, ଦୃଢ଼ତା ପ୍ରକଟ କଲା, ତା' ଫଳରେ ଘଟିଲା ବିସ୍ଫୋରଣ । ବାଟ ଫିଟିଲା । ଅନ୍ତତଃ ପକ୍ଷେ ଗ୍ରାମୀଣ ମହିଳାଙ୍କୁ ଏକତ୍ର ହୋଇ ବିକ୍ଷୋଭ କରିବାକୁ ପ୍ରେରଣା ଯୋଗାଇଲା । ନିଶା-ନିବାରଣ ସପ୍ତାହ ପାଳନ ଅବକାଶରେ ମଦ୍ୟପାନର ଭୟଙ୍କାରିତା ଉପରେ ନବ ସାକ୍ଷରଙ୍କ ବୁଝିବା ଭଳି ଭାଷାରେ ପଥପ୍ରାନ୍ତ ନାଟକ, ପ୍ରାଚୀର ପତ୍ର ଓ ପ୍ରଚାରପତ୍ର ଯୋଗାଇଲା ଆରାବଳି ଇୟାକମ୍ । ସେହି ପ୍ରଚୋଦନା ହିଁ ଆନ୍ଦୋଳନକୁ ଅଧିକ ତେଜିଦେଲା । ଏହି ଅଭିଯାନରେ ପ୍ରତି ବ୍ଲକ୍ ଓ ପଞ୍ଚାୟତ ପାଇଁ ପୁରୁଷ କର୍ମୀଙ୍କ ବାହାରେ ରହିଛନ୍ତି ମହିଳା ଆବାହିକା ।

ଆନ୍ଦୋଳନ ସଂକ୍ରମିତ ହୋଇ ଚାଲିଲା ଗ୍ରାମ ପରେ ଗ୍ରାମ । ଦେଶୀମଦ ରନ୍ଧା ଉପରେ ଜାରି ହେଲା ନିଷେଧାଦେଶ ମହିଳାମାନଙ୍କ ଦ୍ୱାରା । ଆନ୍ଧ୍ରପ୍ରଦେଶରେ

Digitized by srujanika@gmail.com

ମହିଳାମାନେ ମଧ୍ୟ ମଦବିରୋଧୀ ଆନ୍ଦୋଳନ ଚଳାଇଛନ୍ତି । ମାତ୍ର ପାର୍ଥକ୍ୟ ହେଉଛି ତାମିଲନାଡୁରେ ସରକାରଙ୍କ ପକ୍ଷରୁ ନିଷେଧାଦେଶ ଥିବାବେଳେ ଆନ୍ଧ୍ରରେ ସେତକ ନାହିଁ ଏବଂ ସେଥିପାଇଁ ମହିଳାମାନେ ଜଣାଉଛନ୍ତି ଦାବୀ, ଅଥଚ ତାମିଲନାଡୁରେ ନିଷେଧାଦେଶ ଏତେ ଦୁର୍ବଳ, ମୁମୂର୍ଷୁ ଅବସ୍ଥାରେ ଅଛି ଯେ, ଗ୍ରାମ୍ୟ ଗୋଷ୍ଠୀ ପକ୍ଷରୁ ଆଉଥରେ ନିଜଆଡୁ ନିଷେଧାଦେଶ ଲାଗୁ କରାଯାଉଛି । ସେଥିପାଇଁ ମୋତିଇତା ତା' ଗାଁରେ ଏହି ନିଷେଧ ଜାରି କଲା । ସେଦିନ ଥାଏ ବଡ଼ଦିନ ପର୍ବ । ସପ୍ତାହକ ଭିତରେ ଗାଁ ଛାଡ଼ି ଚାଲିଯିବାକୁ ମଦ ରନ୍ଧାଳୀକୁ କୁହାଗଲା । ସେହି ସମୟସୀମା ପାର ହୋଇଗଲା ପରେ ସମସ୍ତ ମଦରନ୍ଧା ସାମଗ୍ରୀକୁ ଜବତ କରି ନଷ୍ଟ କରି ଦିଆଗଲା ।

ଗ୍ରାମ୍ୟସ୍ତରରେ ଏହି ନିଷେଧାଦେଶ କେତେଦିନ ଚାଲିବ ? ଆରାବଳ୍ପିର ଜଣେ ପୁରୁଖା କର୍ମୀ ବିବେକାନନ୍ଦନ୍ କହନ୍ତି : "ହଁ, ଏହା କାମ କରିବ । ଯଦି ସ୍ଥାନୀୟ ଭାବେ ମଦରନ୍ଧା ଓ ବିକ୍ରି ନହୁଏ ତେବେ ଅଧିକ ଦୂରକୁ ଯାଇ ଲୋକେ ପିଇବା କଷ୍ଟକର ହେବ । ଦୂର ଜାଗାକୁ ଯାଇ ପିଇକରି ଫେରିବା ବାଟରେ ମଦନିଶା ଓହ୍ଲେଇ ଯାଇଥିବ । ସୁତରାଂ ନିଶା ଜୋର୍‌ରେ ଘରେ ମାଡ଼ପିଟ୍ ଓ ଭଙ୍ଗାରୁଜା କରୁଥିବା ମାତଲାମି ଆଉ ଆଗଭଳି ନାହିଁ ।" ବିବେକାନନ୍ଦନ୍ ଓ ମହ୍ଲାରମଣି ଏକା ଗ୍ରାମର, ମଦ ବିରୋଧୀ ପଦକ୍ଷେପ ପାଇଁ ତାଙ୍କୁ ମଧ୍ୟ ଅନେକ ଅତ୍ୟାଚାର ଓ ଅପମାନ ସହ୍ୟ କରିବାକୁ ପଡ଼ିଛି । ସରକାର କେଉଁ ପ୍ରକାର ଚୂଡ଼ାନ୍ତ ପଦକ୍ଷେପ ନେଉଛନ୍ତି ସେତକ ଦେଖିବାକୁ ଗ୍ରାମବାସୀ ଅପେକ୍ଷା କରି ରହିଛନ୍ତି ।

ପୁଦୁକ୍କୋଟାଇର ଗ୍ରାମ ପରେ ଗ୍ରାମ ବୁଲିଲାବେଳେ ଗୋଟିଏ କଥା ସ୍ପଷ୍ଟ ହୋଇ ଉଭାହେଲା । ଯେଉଁ ପରିବାରରେ ପୁରୁଷ ଶ୍ରମିକଟିଏ ନିଶାଖୋର୍, ସେଠାରେ ସ୍ତ୍ରୀଲୋକକୁ ମଜୁରି ଲାଗି ଘର ଚଳେଇବାକୁ ପଡ଼େ । ମହିଳାମାନଙ୍କ ସହିତ କଥାବାର୍ତ୍ତା କଲେ ମଦ ସାମ୍ରାଜ୍ୟର ଅସଲ ଚିତ୍ର ଆଖି ଆଗରେ ଖୋଲିଯାଏ ଏବଂ ସେ ବାଟରେ ଖର୍ଚ୍ଚ ହେଉଥିବା ଟଙ୍କାର ଆତଙ୍କଜନକ ପରିମାଣ ଓ ପରିସଂଖ୍ୟାନ ।

ପୁଲିସ ପ୍ରତି ରହିଛି ସର୍ବାଧିକ ଘୃଣା । ମହିଳାମାନେ କହନ୍ତି ପୁଲିସ ହେଉଛି ଏ କାରବାର ପଛରେ ଅସଲ ଶକ୍ତି । "ଥରେ ଆଗ ଗାଁରେ ଗୋଟାଏ ଶୁଣ୍ଢି ମଦରନ୍ଧା ଓ ବିକ୍ରି ବନ୍ଦ କରିଦେବାକୁ ରାଜି ହୋଇଯିବାରୁ ପୁଲିସ୍ ତାକୁ ବରାବର ହଇରାଣ ହରକତ କଲା । କାରଣ ବେପାର ଚାଲିଲେ ତାଙ୍କ ପକେଟ ଗରମ ହୁଏ ।"

ସେମାନେ ଆଉ ନୀରବରେ ଅଧିକ କାଳ ସହ୍ୟ କରିବାକୁ ପ୍ରସ୍ତୁତ ନୁହଁନ୍ତି । ମାତ୍ର ମଦର ବିଷଚକ୍ର ସେମାନଙ୍କୁ ନିସ୍ତାର ଦିଏନାହିଁ, ସେ ମଧ୍ୟ ପଦାଘାତ କରିବାକୁ ପ୍ରସ୍ତୁତ । କେତେକ ଗ୍ରାମରେ ମହିଳାମାନଙ୍କ ପାଇଁ ଅଧିକ କାଳ ଆନ୍ଦୋଳନ ଚାଲୁ

Digitized by srujanika@gmail.com

ରଖିବା କାଠିକର ପାଠ ହୋଇପଡୁଛି । ମଲ୍ଲାରମଣିକୁ ସମାଜରୁ ବାଛନ୍ଦ ଏବେ ବଡ଼ ଘଟଣା ହୋଇପଡ଼ିଛି । ପ୍ରଶାସନ ଓ ଆଇନଶୃଙ୍ଖଳା ଠାରୁ ସମସ୍ୟା ବହୁତ ବଳେଇ ପଡ଼ିଛି । ମଦ୍ୟ ସାମ୍ରାଜ୍ୟ ଦ୍ୱାରା ପରିପୁଷ୍ଟ ରାଜନୈତିକ-ଅମଲାତାନ୍ତ୍ରିକ ମେଣ୍ଟ ଖୁବ୍ ପରିବ୍ୟାପ୍ତ ଓ ବିପୁଳ । ଆପଣାଛାଏଁ ନିଜକୁ ମଦୁଆ ରୂପେ ମାନିଥିବା ଜଣେ ଲୋକକୁ ପଚାରିଲି "ତୁମେ ମତେ ଜଣେ ବଡ଼ ଦେଶୀମଦ ରନ୍ଧାଳୀ ସହିତ ଚିହ୍ନେଇ ଦେଇ ପାରିବ ?" ସେ ଅକୁଣ୍ଠ ଭାବେ ଉତ୍ତର ଦେଇଥିଲା – 'ନିଶ୍ଚୟ । ତେବେ ଚାଲନ୍ତୁ ସାଙ୍ଗେ ସାଙ୍ଗେ ଜଣେ ଏମ୍.ଏଲ୍.ଏ କି ମନ୍ତ୍ରୀ ପାଖକୁ ଯିବା !'

ତଥାପି ଆରାବଳି ଅଭିଯାନ ବଦଳାଇ ଦେଇଛି ଚିତ୍ରପଟ । ଏହା ମହିଳାଙ୍କ ମଧ୍ୟରେ ଭରି ଦେଇଥିବା ଆସ୍ଥା ଓ ଆତ୍ମବିଶ୍ୱାସ ଆଜି ପ୍ରସ୍ତୁତ ହେଉଛି ଏକ ବୃହତ୍ତର ସଂଘର୍ଷ ଓ ଆନ୍ଦୋଳନ ପାଇଁ । ମଲ୍ଲାରମଣି ଓ ମୋତିଲତା ରଖିଯାଇଛନ୍ତି ନମୂନା । ବହୁ ଦୂରଦୂରାନ୍ତ ଗ୍ରାମରେ ଲୋକମାନେ ସେ ଦୁହିଁଙ୍କୁ ଚେହେରାରେ ନଦେଖି ମଧ୍ୟ ଶୁଣିଛନ୍ତି ସେମାନଙ୍କ ସଂଘର୍ଷର ଇତିହାସ । ସେମାନେ ସ୍ୱାଗତ କରୁଛନ୍ତି ସେମାନଙ୍କ କାମକୁ, ସଲାମ କରୁଛନ୍ତି ଲଢ଼ିବାର ଶକ୍ତିକୁ । ସେ ଦୁଇ ମହିଳାଙ୍କ କଥା ପଡ଼ିଲେ ଅନ୍ୟମାନଙ୍କ ଆଖି ଆନନ୍ଦ ଓ ତୃପ୍ତିରେ ଝଲସି ଉଠୁଛି । ଅନେକ ସରକାରକୁ ଦେଖିସାରିଛି ଅବୈଧ ମଦର ସାମ୍ରାଜ୍ୟ । କିନ୍ତୁ ପୁଦୁକୋଟାଇର ନବସାକ୍ଷର, ଦରିଦ୍ର ମହିଳାଙ୍କ ଲଢୁଆ ଶକ୍ତି ଆଗରେ ସେ ମାଟି କାମୁଡ଼ି ଆଣ୍ଠେଇ ପଡ଼ିଛି ଏବଂ ଏଇମାତ୍ର ଆରମ୍ଭ ହୋଇଛି ଧର୍ମଯୁଦ୍ଧ ।

ଦ୍ରୌପଦୀ ବିବସନା ହେଲେ ଯାଇ ବନବାସ ପର୍ବ, କଷଣର ଅୟମାରମ୍ଭ । ଏବଂ ତା'ପରେ କୌରବମାନେ ନିଧନ ହେବା ଅବଶ୍ୟମ୍ଭାବୀ । ମଦ ସାମ୍ରାଜ୍ୟ ବିରୁଦ୍ଧରେ ଲଢ଼େଇ ହେଉଛି କୁରୁକ୍ଷେତ୍ର ଠାରୁ ଗହନ ଏକ ମହାଭାରତ ଯୁଦ୍ଧ ।

❖❖❖

Digitized by srujanika@gmail.com

ବନ ସମିତି ଓ ନିରୁଦ୍ଦିଷ୍ଟ ଅରଣ୍ୟ

ଶୈଶବ ସେମାନଙ୍କର କଟିଥିଲା ନିଘଞ୍ଚ ଅରଣ୍ୟର କୋଳରେ; ବଣକୋଳି, କେନ୍ଦୁ ଓ କନ୍ଦା ଖାଇ, କଳକଳ ଝରଣାର ଶୀତଳ ଜଳ ପିଇ, ସ୍ନିଗ୍ଧ ଛାୟାରେ କଟିଯାଉଥିଲା ସମୟ । ତାହା ହିଁ ଥିଲା ସେମାନଙ୍କର ପାଠଶାଳା, ତାହା ହିଁ ଥିଲା ଦ୍ୱିତୀୟ ଘର ।

ମାତ୍ର କ୍ରମେ ଦେଖାଗଲା ସେ ଘର ଉଜୁଡ଼ି ଯାଉଛି, ଜଙ୍ଗଲ ସରି ଆସୁଛି । ବହିରାଗତ ଚୋରା କାଠ ବେପାରୀଙ୍କ ଦୌରାତ୍ମ୍ୟ, ଏପରିକି ବନ କର୍ମଚାରୀଙ୍କ ଉଦଗ୍ର ଲୋଭରେ ଲୋପ ପାଇଆସିଲା ଜଙ୍ଗଲ । ଶୁଖିଗଲା ଝରଣାର ଧାର । ଦିନେ ପାଲାମୁର ଫରେଷ୍ଟ ଅଫିସର ଗୋଟିଏ ଟ୍ରକ୍‌ରେ ଚୋରା କାଠଗଡ଼ ନେଇ ଯାଉଥିବା ବେଳେ ସଂଘବଦ୍ଧ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଲା । ସେମାନେ ଥିଲେ ସ୍ଥାନୀୟ 'ବନ ସମିତି'ର ଯୁବକର୍ମୀଗଣ । ଏହି ଚଢ଼ଉରୁ ଆଦାୟ ହେଲା ସଂପୃକ୍ତ ଅଫିସରଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର କାଠଗଡ଼ । ଏବେ ସେ ଭୋଗୁଛନ୍ତି ବିଭାଗୀୟ ଦଣ୍ଡ ବିଧାନ ।

"ଜଙ୍ଗଲ ହଉଚି ଆମର ଜୀବନ । ପାଣି ବିନା ମାଛ ଯେମିତି, ଜଙ୍ଗଲ ବିନା ଆମ ଅବସ୍ଥା ସେମିତି ।" –କହେ ବନ ସମିତିର ଜନୈକ ସଦସ୍ୟ ମହମ୍ମଦ ଆବାସ ଆନ୍‌ସାରୀ । "ଆମେ ଏହାକୁ ଧ୍ୱଂସ ହେବାକୁ ଦେବୁ ନାହିଁ । ଦାନ୍ତ ଲଗେଇ ଲଢ଼ିବୁ ।" ବିହାର ରାଜ୍ୟର ପାଲାମୁର ଘଟଣା ଇଏ ଏବଂ ତିନୋଟି ଦଶନ୍ଧି ତଳେ ମାତ୍ର ଅରଣ୍ୟରେ ଭର୍‌ପୂର ହୋଇ ରହିଥିଲା ଏଇ ଇଲାକା । ଅଶୀ ଦଶକ ବେଳକୁ ଦେଖାଗଲା ଲଣ୍ଡା ହୋଇଯାଉଛି ଜଙ୍ଗଲ, ବଡ଼ ବଡ଼ ଶାଳଗଛ ଉଭେଇ ଯାଉଛି । ଭୟଙ୍କର ବେଗରେ ନିରୁଦ୍ଦିଷ୍ଟ ହୋଇ ଯାଉଥିବା ଜଙ୍ଗଲର ସୁରକ୍ଷା ପାଇଁ ସେମାନେ ଗଢ଼ିଲେ ବନ ସମିତି । ସମଗ୍ର ଜିଲ୍ଲାରେ ଗଢ଼ି ଉଠିଲା ନବେଟି ସମିତି । "ଯଦିଓ ଏଥି ମଧ୍ୟରୁ ପନ୍ଦରଟି ସମିତି ଖୁବ୍ ସକ୍ରିୟ" –କହନ୍ତି ଲାତେହାର ଠାରେ ଅବସ୍ଥାପିତ ଜନପ୍ରିୟ, ବାସ୍ତବବାଦୀ ଓ ଦୂରଦୃଷ୍ଟି ସଂପନ୍ନ ଯୁବ ଡି.ଏଫ୍.ଓ (ଉପ ମଣ୍ଡଳୀୟ ବନ ଅଧିକାରୀ) ଏସ୍. କେ. ସିଂହ– "ଅନ୍ୟ ସମିତି ଗୁଡ଼ିକ ଅଧିକ ଅଭିଜ୍ଞତା ହାସଲ କରିନାହାନ୍ତି, କିନ୍ତୁ ସେମାନେ ଖୁବ୍ ଉତ୍ସାହୀ ।"

ବାସ୍ତବରେ ସେମାନେ ଉତ୍ସାହୀ । ବାଲୁମଠ ବ୍ଲକ୍‌ର ଗୋଟିଏ ଗ୍ରାମ ଝାବରର 'ବନ ସମିତି' ଲଗାଇ ପାରିଛି ୬୫ ହଜାରରୁ ଅଧିକ ଗଛ । ଗ୍ରାମର ଜନସଂଖ୍ୟା ମାତ୍ର ୧୨୦୦ । ପ୍ରତ୍ୟେକ ଅଧିବାସୀ ଗଛଗୁଡ଼ିକର ସଂରକ୍ଷଣ ଓ ସଂବର୍ଦ୍ଧନରେ ଲାଗିପଡ଼ିଥାନ୍ତି ଏବଂ ଗ୍ରାମର ଆର୍ଥିକ ଉନ୍ନତି ଦିଗରେ ଏ କାର୍ଯ୍ୟକ୍ରମ ସାହାଯ୍ୟ କରିଛି । ଏଥିରୁ

Digitized by srujanika@gmail.com

ହେଉଥିବା ଆୟରେ ଗ୍ରାମବାସୀମାନେ ନିର୍ମାଣ କରିଛନ୍ତି ଗୋଟିଏ ଗ୍ରାମଗୋଷ୍ଠୀ ସଭାଗୃହ । ଖୋଳାଇଛନ୍ତି ପୋଖରୀଟିଏ ଏବଂ ଗାଁ ସ୍କୁଲ ଘର କୋଠାର ହୋଇଛି ନବୀକରଣ ତଥା ସଂପ୍ରସାରଣ ।

ଝାବର ଗ୍ରାମ ହିଁ ଦେଖାଇଛି ଅନ୍ୟମାନଙ୍କୁ ମାର୍ଗ । ଲାତେହାର, ଚାନ୍ଦଓ୍ବା ଓ ବାଲୁମଠ ବ୍ଲକ୍‌ରେ ଗଢ଼ିଉଠିଛି ପ୍ରାୟ ୨୫ଟି ବନ ସମିତି ଏବଂ ପାଲାମୁ ଜିଲ୍ଲାର ଏହି ବନ ସମିତିମାନ କେବଳ ବୃକ୍ଷରୋପଣ କରିବାରେ ମାତି ନାହାନ୍ତି; ଅବୈଧ ଭାବେ ଗଛକଟା ଓ ଚୋରା କାଠ ଚାଲାଣକୁ ମଧ୍ୟ ପ୍ରତିହତ କରିବାକୁ ପ୍ରାଣମୂର୍ଚ୍ଛା ଲଢୁଛନ୍ତି । ଦୁର୍ଗମ ଗ୍ରାମମାନଙ୍କ ଭିତରୁ ମୁଣ୍ଡ ଟେକିଥିବା ଏସବୁ ସମିତି ଏବେ ପରିଣତ ହୋଇଛି ଏକ ଜନପ୍ରିୟ ଆନ୍ଦୋଳନରେ । କିନ୍ତୁ ସେସବୁକୁ ବଞ୍ଚେଇ ରଖିବା ଏତେ ସହଜସାଧ୍ୟ ନୁହେଁ ।

ଏକ ମରୁଡ଼ି-ପ୍ରବଣ ଜିଲ୍ଲା ରୂପେ ମାନ୍ୟତା ପାଇଥିବା ପାଲାମୁ ଗତ ଚଉଠ ଶତାବ୍ଦୀ ଭିତରେ ଦେଖିଛି ଦୁଇଥର କରାଳ ଦୁର୍ଭିକ୍ଷର ଆତଙ୍କ । ଆମେ ଏହାର ପରିବେଶଗତ ସଂକଟ ବିଷୟରେ କମ୍ ଜାଣିଛେ । ଜଙ୍ଗଲର ବିନଷ୍ଟି ଯୋଗୁ ବିର୍‌ହୋର୍, ଅସୁର ଓ କୋରୁଓ୍ବା ଭଳି ଅତ୍ୟନ୍ତ ଦରିଦ୍ର ଜନଜାତିଙ୍କ ଜୀବନ ହୋଇପଡୁଛି ଖିନ୍ନଭିନ୍ନ, ବିପର୍ଯ୍ୟସ୍ତ । ସେମାନଙ୍କ ପାଇଁ ଜଙ୍ଗଲ ହେଉଛି ଜନନୀ । ବର୍ଷର ଚାରିମାସ, ବେଳେବେଳେ ଛଅମାସ ସେମାନେ ଚଳିଯାଆନ୍ତି ଏଇ ଜଙ୍ଗଲରୁ ଶାଗ, କନ୍ଦା, କୋଳି, ଫଳମୂଳ ସଂଗ୍ରହ କରି; ଝରଣାର ସ୍ୱଚ୍ଛ ପାଣି ପିଇ ।

ଉନବିଂଶ ଶତାବ୍ଦୀରେ ପାଲାମୁର ସମୁଦାୟ ବିସ୍ତାରର ୯୦ ଶତାଂଶକୁ ଆବୃତ ରଖିଥିଲା ଅରଣ୍ୟ । ନିଘଞ୍ଚ ଓ ନିବିଡ଼ ତଥା ପାରମ୍ପରିକ । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହା ଖସିଆସିଲା ୭୦ ଶତାଂଶକୁ ଏବଂ ଏବେ ୪୦ ଭାଗ ପାଖାପାଖି । କିନ୍ତୁ ବନ ବିଭାଗର ବରିଷ୍ଠ କର୍ମକର୍ତ୍ତାମାନେ ସନ୍ତର୍ପଣରେ ଜଣାନ୍ତି ଯେ, ଏ ପରିମାଣ ୨୫ ଶତାଂଶରୁ ଅଧିକ ନୁହେଁ, ଯଦିଓ କାଗଜପତ୍ରରେ ଅଙ୍କକଷା ବଳିଯାଉଛି । ଜଙ୍ଗଲ ବିନଷ୍ଟିର ପିଛା ଧରି ଧରି ଚାଲିଛି ମରୁଡ଼ି ଓ ଦୁର୍ଭିକ୍ଷ । "ଜଙ୍ଗଲ ସର୍ବଦା ସଂକଟ ମୋଚକ"–କହନ୍ତି ପାଲାମୁର ଡେପୁଟୀ କମିଶନର ସନ୍ତୋଷ ମାଥୁ୍ୟ । "ଜଙ୍ଗଲ କ୍ଷୟ ଦ୍ୱାରା ମାଟିର ନମନୀୟତା ହ୍ରାସ ପାଇଥାଏ ଏବଂ କମିଥାଏ ଜଳଧାରଣ ଶକ୍ତି, ଯାହା ଚିରସ୍ରୋତା ଝରଣା ଓ ଜଳଧାରାମାନଙ୍କୁ ରଖିଥାଏ ଉଜ୍ଜୀବିତ ।"

ଏହି ଅଞ୍ଚଳରେ ଏକଦା ଥିଲା ଘନୀଭୂତ ଶାଳ ଜଙ୍ଗଲ । ଏପରି ସର୍ବୋତ୍କୃଷ୍ଟ ପାରମ୍ପରିକ ଜଙ୍ଗଲ ଅନ୍ୟତ୍ର ପରିଦୃଷ୍ଟ ନୁହେଁ । "ସେଥିପାଇଁ କାଠଗଡ଼ ବା ଟିମ୍ବର ଚୋରାଚାଲାଣ ଏଠାରେ ଏକ ବଡ଼ ବ୍ୟବସାୟ । ଗୋଟିଏ ଘନଫୁଟର ଶାଳ ଗଣ୍ଡିର

Digitized by srujanika@gmail.com

ଦାମ୍ ୭୦୦ରୁ ୮୦୦ ଟଙ୍କା ।'' – କହନ୍ତି ଏହି ଚୋରା କାରବାର ବିରୁଦ୍ଧରେ ଅବିଶ୍ରାନ୍ତ ଭାବେ ଲଢୁଥିବା ଦକ୍ଷ ଡି.ଏଫ୍.ଓ ଏସ୍.କେ.ସିଂହ – ''ଗୋଟିଏ ଶାଳଗଛ ଅନ୍ୟୂନ କୋଡ଼ିଏ ଘନଫୁଟର ଗଡ଼ ଯୋଗାଇଥାଏ । ଆଉକିଛି ଚାଳିଶ ଘନଫୁଟ ଯାଏ ବଢ଼ିଥାଏ । ଏହାର ଅର୍ଥ ଯଦି ଜଣେ ଚାରିଟି ଶାଳଗଛ କାଟିପକାଏ, ତେବେ ସେ ଚୋରା କାରବାରରୁ ତାକୁ ମିଳିବ ଅତିକମ୍‌ରେ ଲକ୍ଷେ କୋଡ଼ିଏ ହଜାର ଟଙ୍କା ଏବଂ ଚୋରାକାଠ ବେପାରୀଙ୍କ ସାମ୍ରାଜ୍ୟ ଖୁବ୍ ବିସ୍ତାରିତ ।''

ଏହା ବାହାରେ ରହିଛି ଜଙ୍ଗଲଜାତ ଦ୍ରବ୍ୟର ଅନୁକୂଳ, ଲାଭଜନକ ବେପାର । ରାଜନୈତିକ କର୍ମୀ ନରେନ୍ଦ୍ର ଚୁବେ କହନ୍ତି – ''ଖଇର ଗଛର ଛେଲିରୁ ପ୍ରସ୍ତୁତ ହୁଏ ପାନ ମସଲା ଖଇର । ଗୋଟିଏ କିଲୋଗ୍ରାମ୍ ଖଇରର ମୂଲ୍ୟ ୩୦୦ ଟଙ୍କା । ଏଥିରୁ ଅନୁଭବ କରିପାରୁଥିବେ ଜଙ୍ଗଲ ଉପରେ ଆକ୍ରମଣର ସ୍ୱରୂପ ଓ ବିସ୍ତାର ।''

ବାସ୍ତବରେ ଏ ଚାପ ଖୁବ୍ ବିସ୍ତାରିତ ଏବଂ ତଦ୍ରୂପ ଭାବେ ଚୋରା କାରବାରର ସାମ୍ରାଜ୍ୟ । ବାଲୁମଠ ଅଞ୍ଚଳରେ ନକ୍ସଲପନ୍ଥୀମାନେ ଆଦାୟ କରନ୍ତି ଚୋରା କାଠ ବେପାରୀଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା । ମୁଁ ବାଲୁମଠରେ ପହଞ୍ଚିବା ଦିନ ଗ୍ରାମର ମୁଖିଆକୁ ହତ୍ୟା କରିଥିଲେ ନକ୍ସଲପନ୍ଥୀ । ସେ ମୁଖିଆ ନିଜେ ଥିଲା ଜଣେ ଚୋରାକାଠ ବେପାରୀ ଏବଂ ଚାନ୍ଦା ପରିମାଣ ପରିବର୍ଦ୍ଧିତ ହେବା ଯୋଗୁଁ ତା'ର ପ୍ରତିବାଦ ଆଣିଥିଲା ନକ୍ସଲପନ୍ଥୀଙ୍କ ମଧ୍ୟରେ କ୍ରୋଧ । ଆଦିବାସୀ ଅଞ୍ଚଳରେ ସାହୁକାର-ମହାଜନମାନେ ଗରିବ ଲୋକଙ୍କୁ ଋଣ ଜାଲରେ ଫସାଇ ସେମାନଙ୍କୁ କାଠ କାଟିବାରେ ନିଯୁକ୍ତ କରାଇଥାନ୍ତି । ଋଣ ପରିଶୋଧ କରିବାକୁ ଅସମର୍ଥ ଅନନ୍ୟୋପାୟ ଆଦିବାସୀ ତା'ର ଋଣଦାତାର ନିର୍ଦ୍ଦେଶରେ ଶାଳଗଛ କାଟେ ଏବଂ ଚୋରାରେ ପଠାଏ । ଧରାପଡ଼ିଲେ ସେ ଭୋଗେ ଦଣ୍ଡ ଏବଂ ତାକୁ ଫସାଇଥିବା ସାହୁକାର ବାଟଭାଙ୍ଗି ଚାଲିଯାଏ । ଗରିବ ଲୋକ ଜେଲ୍‌ରେ ପଶି ଘଣା ପେଲୁଥିଲାବେଳେ, ସଂଗଠିତ ଚୋରାବେପାରୀଙ୍କର କୌଣସି ଭୟ ନଥାଏ । ବାଲୁମଠର ଜଣେ ବନ ଅଧିକାରୀ କହନ୍ତି : ''ଆମେ ଚୋରା ବେପାରୀର ଗାଡ଼ି, କାଠଗଡ଼କୁ ଜବତ କରିପାରୁ, ତାକୁ ହାଜତକୁ ପଠାଇପାରୁ । ମାତ୍ର ମୋକଦ୍ଦମା ଦୀର୍ଘକାଳ ଚାଲୁରହେ । କାଗଜପତ୍ରରେ ସେମାନଙ୍କୁ ଛଅବର୍ଷ କାରାଦଣ୍ଡ ହୁଏ, ମାତ୍ର ସେମାନେ ବାସ୍ତବରେ ବର୍ଷଟିଏ ବି ଜେଲ୍‌ରେ ରହନ୍ତିନାହିଁ ।''

କିଛିବର୍ଷ ପୂର୍ବେ ଝାବର ଗ୍ରାମର ଯୁବକମାନେ ଗଢ଼ିଲେ ଏକ ସଂଗଠନ : 'ଜାଗ୍ରତ ନବଯୁବା ସଭା' । ଦାଦନ ଶ୍ରମିକ, ପ୍ରାଥମିକ ଶିକ୍ଷା, ଉନ୍ନୟନ କାମ ଓ ପରିବେଶ, ସ୍ୱାସ୍ଥ୍ୟ ପ୍ରଭୃତି ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ବିଚାରକୁ ନିଆଗଲା । ୧୯୮୫ ବେଳକୁ ସେ ସଂଗଠନ ରାଜନୈତିକ ଭାବେ ସଚେତନ ଏକ ଗୋଷ୍ଠୀରେ

Digitized by srujanika@gmail.com

ହେଲା ରୂପାନ୍ତରୀତ । ୧୯୮୯ ବେଳକୁ ସେମାନେ ଅନୁଭବ କଲେ ତାଙ୍କ ଚାରିପାଖରେ ଥିବା ଜଙ୍ଗଲ କ୍ରମେ ଉଭେଇ ଯାଉଛି । ଏବଂ ସେମାନେ ଗଢ଼ିଲେ ପାଲାମୁ ଜିଲ୍ଲାର ପ୍ରଥମ ବନ ସମିତି । ୧୯୯୦ ମସିହାରେ ଏଠାରେ ଡି.ଏଫ୍.ଓ ଭାବେ ଏସ୍.କେ. ସିଂହ ଅବସ୍ଥାପିତ ହେବାପରେ ଘଟଣାକ୍ରମ ବଦଳିଗଲା–କହନ୍ତି ନରେନ୍ଦ୍ର ଚୁବେ । 'ସମିତିଗୁଡ଼ିକୁ ସେ ପ୍ରୋତ୍ସାହିତ କଲେ ଓ ଆର୍ଥିକ ସହାୟତା ଯୋଗାଇ ଦେଲେ ।'

ଡି.ଏଫ୍.ଓ ସିଂହଙ୍କ ପାଇଁ ଏହା ଥିଲା ଅତି ସହଜ । ''ଗ୍ରାମର ଅଧିବାସୀମାନେ ହେଉଛନ୍ତି ଶେଷ ଭରସା । କେତେ ଗାଁ ଉପରେ ଜଣେ ଚଢ଼ାଉ କରିପାରିବ ଆଉ କେତେ ଲୋକଙ୍କୁ ଗିରଫ କରିବ ? ଗାଁ ଲୋକ ସାଥୀରେ ରହିଲେ ବିଭାଗୀୟ କାର୍ଯ୍ୟକ୍ରମ ଓ ନୀତିର ପରିପ୍ରୟୋଗ ସଫଳ ହୋଇଯାଏ । ଆମେ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁ ଯେ, ଜଙ୍ଗଲ ସୃଷ୍ଟି ସେମାନଙ୍କ ପାଇଁ ଲାଭପ୍ରଦ ।''

ଝାବର ଗ୍ରାମବାସୀଙ୍କ ପାଇଁ ଏହା ଲାଭପ୍ରଦ ହେଲା । 'ଗଛ ଲଗାଇ ଜଣେ ଦେଢ଼ହଜାର ଟଙ୍କା ଆୟ କରିପାରିବ ।'–କହନ୍ତି ବନ ସମିତିର କୈଳାଶ ସିଂହ । ''ଆମେ ଗଛ ପିଛା ୩୦ରୁ ଚାଳିଶ ପଇସା ପାଉ । ତା'ଛଡ଼ା ଗଛଚାରା, ମଞ୍ଜି ଏପରିକି ବେଳେବେଳେ ଗଛ ବଢ଼ାଇବାକୁ କିଛି ସାର ।''

ବନ ସମିତି ଯେମିତି ଚୋରା ବେପାରୀଙ୍କ ଉପରେ ଚଢ଼ଉ କରିଥାଏ ସେମିତି ଗରିବ ଲୋକଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳ । ''ଯଦି ଜଣେ ଗ୍ରାମବାସୀ ଘରଟିଏ ଗଢ଼ିବାକୁ ଚାହେଁ, ଆମେ ତା'ର କଥାଟିକୁ ବନ ସମିତି ବୈଠକରେ ବିଚାର କରୁ ।'' –କହନ୍ତି କୈଳାଶ ସିଂହ ''ଘର ତୋଳିବା ପାଇଁ କେତେ କାଠ ଦରକାର ସେକଥା ରେଞ୍ଜରଙ୍କ ପାଖକୁ ସୁପାରିଶ କରି ପଠାଯାଏ । ସମିତିର ଆକଳନ ଅନୁଯାୟୀ ରେଞ୍ଜର ସେହି ପରିମାଣର କାଠ ଯୋଗାନ୍ତି ।'' ସୁତରାଂ ଜଙ୍ଗଲ ଜାତ ଦ୍ରବ୍ୟର ବିକ୍ରୟରୁ ଲାଭ ମିଳୁନଥିବାରୁ ଏଠାର ଜଙ୍ଗଲ ପଦା କରିବାର ବିପଦ ନାହିଁ । ସମିତି ନିଶ୍ଚିତ କରିନିଏ ଯେ, ଗଛକଟା ପର୍ଯ୍ୟାୟ କ୍ରମରେ ଯେପରି ନିୟନ୍ତ୍ରିତ ହୁଏ । ଅବୈଧ ଭାବେ ଗଛ କଟାଗଲେ ୨୫୦୦ ଟଙ୍କାର ଜୋରିମାନା ଦେବାକୁ ପଡ଼େ । କିନ୍ତୁ ସେମାନଙ୍କ ଦ୍ୱାରା ରୋପିତ ବୃକ୍ଷ ହିଁ ସମସ୍ୟା-ଅଧିକାଂଶ ବୃକ୍ଷ ଇଉକାଲିପଟାସ୍ । ''ପହିଲେ ପହିଲେ ତ ଡେଙ୍ଗା ସିଧା ବଢ଼ୁଥିବା ନୀଳଗିରି ଗଛ ଲଗାଇବା ଥିଲା ଏକ ପ୍ରକାର ମାତଲାମି ।'' –କହନ୍ତି ଝଲିମ୍ ଗ୍ରାମର ଗୋବିନ୍ଦ ସିଂହ–''ସେତେବେଳେ ଆମେ ଜାଣିନଥିଲୁ ଯେ, ଏ ଗଛଟା ଏତେବଡ଼ ରାକ୍ଷସ ବୋଲି । ଚାରିପଟରୁ ସବୁ ପାଣିକୁ ଇଏ ଶୋଷିନିଏ, ପାଖରେ ଥିବା ସବୁଗଛ ଝାଉଁଳି ଯାଏ କିମ୍ବା ଭଲକରି ବଢ଼େନାହିଁ । ଆମ ନିଜ ମାଟିର ଗଛ-ଖଇର, ଶାଳ, ଶିଶୁ, ଗମ୍ଭାରୀ ପ୍ରଭୃତି ଏହାଠୁଁ ଢେର୍‌ଗୁଣ ଭଲ ।''

Digitized by srujanika@gmail.com

କ୍ରମେ ଜଙ୍ଗଲର ଏହି ସଂଗୋପିତ ତଥ୍ୟ ଉପରେ ଧୀରେ ଧୀରେ ଲୋକଙ୍କ ଭିତରେ ସଚେତନତା ବୃଦ୍ଧି ପାଉଛି । ଇଉକାଲିପଟାସ୍ ପାଇଁ ପ୍ରାଥମିକ ସ୍ତରରେ ଲୋକଙ୍କ ଆକର୍ଷଣ ଆଦୌ ଆକସ୍ମିକ ନଥିଲା । କିମ୍ବା ଏହା ଦ୍ରୁତଗତିରେ ବଢୁଛି ବୋଲି ଲୋକେ ଏହାକୁ ଚାହୁଁଥିଲେ, ଏମିତି କିଛି ନୁହେଁ । ଜଙ୍ଗଲ ବିଭାଗ ଉପରେ ପ୍ରଭାବ ପ୍ରତିଷ୍ଠା କରିଥିବା ଶିଳ୍ପପତିମାନଙ୍କ ଏକ ବଳିଷ୍ଠ ଗୋଷ୍ଠୀ ସଚେତନ ଭାବେ ଇଉକାଲିପଟାସ୍କୁ ସଂବର୍ଦ୍ଧିତ କରି ଚାଲିଥିଲେ ବର୍ଷ ବର୍ଷ ଧରି । କୋଠା ତିଆରିର ଛାତ ତଳ ବରଗା, ଖଣିକାମରେ ଓ ଅନ୍ୟାନ୍ୟ ଶିଳ୍ପ ପାଇଁ ଏହା ଦରକାର । କାଗଜକଳ ପାଇଁ ବି । ଏବେ ସେହି ପାଗଳାମୀ କ୍ରମେ ମରି ମରି ଯାଉଥିବା ଏସ୍.କେ.ସିଂହ ଦାବୀ କରନ୍ତି । ସେ କହନ୍ତି : "ପାଲାମୁର ଭାଗ୍ୟ ଭଲ ଯେ ପ୍ରାକୃତିକ ଜଙ୍ଗଲ ଏଠାରେ ସ୍ୱାଭାବିକ ଭାବରେ ବଢୁଛି । ମାତ୍ର ତାହାର ରକ୍ଷଣାବେକ୍ଷଣ, ସୁରକ୍ଷା ଦରକାର ।" ଡି.ଏଫ୍.ଓ ସିଂହ ଆସିବା ପୂର୍ବରୁ ଗୋଟିଏ ହେକ୍ଟର ଜମିରେ ବି ବୃକ୍ଷରୋପଣ ହେଉନଥିଲା । ଗତବର୍ଷ ଜଙ୍ଗଲ ବିଭାଗ ୪୦୦ ହେକ୍ଟର ବା ଏକ ହଜାର ଏକର ଜମିରେ ପାରମ୍ପରିକ ବୃକ୍ଷଚାରା ରୋପଣ କରିଥିଲେ; ପ୍ରତି ଏକର ପିଛା ୨୫୦୦ ଚାରା ଏବଂ ପ୍ରତି ଚାରା ପାଇଁ ବ୍ୟୟ ଥିଲା ମାତ୍ର ୩ ଟଙ୍କା । ପୁଞ୍ଜି ଅଧିକ ଥିଲେ ଅଧିକ ଅଞ୍ଚଳ ହୋଇପାରିଥାନ୍ତା ଶ୍ୟାମଳ ସ୍ନିଗ୍ଧ । ଏହା ବାହାରେ ରହିଛି ସ୍ୱାଭାବିକ ଭାବେ ଗଜୁରୁଥିବା ଜଙ୍ଗଲ ।

ଶତ୍ରୁ କେବଳ ନୁହନ୍ତି ଚୋରା କାଠ ବେପାରୀ । ପାଲାମୁରେ ଜଙ୍ଗଲ ବିନଷ୍ଟି ଆମନ୍ତ୍ରି ଆଣିଛି ଅନେକ ବିରୋଧାଭାସ । ଆଖିବୁଜା କାଠକଟାରେ ଶୁଖିଯାଉଛି ଝରଣା ଓ ନଦୀର ଚିରନ୍ତନ ଧାର, କମିଯାଉଛି ବର୍ଷାପାତ । ଏବଂ ଜାଳେଣି କାଠ ଠାରୁ ଫଳମୂଳ କନ୍ଦା ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ବିକ୍ରିରେ ଚଳିଯାଉଥିବା ଦରିଦ୍ର ମଣିଷଙ୍କ କଷଣ ଭାର ବଢ଼ିବଢ଼ି ଚାଲିଛି । ମରୁଡ଼ି ଓ ଦୁର୍ଭିକ୍ଷ ଭିତରେ ବ୍ୟବଧାନ ହୋଇପଡୁଛି ସଂକୁଚିତ । ଏବଂ ଏହାର ପରାଭବ ଭୋଗୁଛି ଦରିଦ୍ର । ଜଳିଯାଉଛି କ୍ଷେତର ଠିଆ ଫସଲ । ଏବେ ସେମାନଙ୍କ ଭିତରେ ଚେତନା ଜାଗିଛି ଜଙ୍ଗଲର ସୁରକ୍ଷା ପାଇଁ । ସେମାନେ ବିଳମ୍ବରେ ହେଉ ପଛେ, ଏବେ ବୁଝିଛନ୍ତି ଜଙ୍ଗଲ ହେଉଛି ସେମାନଙ୍କ ଜୀବନ । ଫସଲ ପାଇଁ ଜଳ ଦରକାର, ଜଳ ପାଇଁ ବର୍ଷା ଏବଂ ବର୍ଷା ପାଇଁ ଜଙ୍ଗଲ ଏକାନ୍ତ ପ୍ରୟୋଜନ । ଏସବୁ ସୂକ୍ଷ୍ମ ଭାବେ ଛନ୍ଦାଛନ୍ଦି ଏବଂ ସାମଗ୍ରିକ ଭାବେ ଜୀବନଚର୍ଯ୍ୟା ଏହା ଉପରେ ନିର୍ଭରଶୀଳ, ଜଙ୍ଗଲ ହେଉଛି ସ୍ତନ୍ୟଦାୟୀ ଜନନୀ ।

❖❖❖

Digitized by srujanika@gmail.com

ତେବେ, କାହାର ଏ ଜଙ୍ଗଲ ?

କେଇବର୍ଷ ତଳେ ଏଇ ମେଖଳା ପରି ପାହାଡ଼ ତମାମରୁ ଝରୁଥିଲା ଯେମିତି ଲହୁ, ବନ୍ଧ୍ୟା ମାଟିରେ ସୁଆଁ କଅଁଳିବା ହୋଇପଡ଼ିଥିଲା ଦୁରୂହ । ଏବେ ସେଠାରେ ଆଖି ଛୁଇଁଲାଯାଏ ଇଲାକା ଉପରେ ବୁଲି ଆସିଛି ସ୍ନିଗ୍ଧ ଶ୍ୟାମଳିମାର କାଉଁରୀ ତୂଳୀ । କିନ୍ତୁ ଏ ଯାଦୁକରୀ ସ୍ପର୍ଶ ପଛରେ ରହିଛି ସ୍ଥାନୀୟ ଗ୍ରାମବାସୀଙ୍କ ଯେଉଁ ଶ୍ରମ ଓ ସ୍ୱେଦର କାହାଣୀ, ତା' ଉପରେ ଅଚାନକ ଦାବୀ ହାସଲ କରି ବସିଛି ସରକାରୀ କଳ । ସୁତରାଂ ହୋଇଛି ଦ୍ୱନ୍ଦ ଓ ସଂଘର୍ଷର ସୂତ୍ରପାତ ।

ସେ ଓଡ଼ିଶାର ନୂଆପଡ଼ା ଜିଲ୍ଲାର ଏକ ଉପେକ୍ଷିତ, ଦରିଦ୍ର ଗ୍ରାମ କେନ୍ଦୁପଛିର କାହାଣୀ । ମାଳମାଳ କେନ୍ଦୁଗଛ ଥିବାରୁ ବୋଧହୁଏ ଗ୍ରାମଟିର ନାମ ତଦ୍ରୁପ ରହିଥିଲା; ମାତ୍ର ଅଶି ଦଶକର ପ୍ରଥମାର୍ଦ୍ଧ ବେଳକୁ ଖରିଆର ବ୍ଲକ୍‌ର ଏହି ଗ୍ରାମ ଚଉହଦି ପାଲଟି ଯାଇଥିଲା ଅନୁର୍ବର, ବନ୍ଧ୍ୟା ଭୂଇଁ । ଗାଁ ଲୋକେ ନିଷ୍ପତ୍ତି ନେଲେ ଜଙ୍ଗଲ ପୁଣି ଉଭାରିବେ; କିନ୍ତୁ ସେମାନଙ୍କର ଏହି ମହତ୍ତର ସୃଜନାତ୍ମକ ଅଭିଳାଷ ଯେ ସବୁଠାରୁ ବିସ୍ମୟକର ଜମିଜମା ଜବରଦଖଲ ମୋକଦ୍ଦମାକୁ ଆବାହନ କରିବ ସେକଥା ସେମାନେ ଜାଣିନଥିଲେ । ୧୯୯୨ ବେଳକୁ ସେମାନଙ୍କର ଈପ୍‌ସିତ ପରୀକ୍ଷଣ ଲାଭ କରିଥିଲା ବ୍ୟାପକ ସଫଳତା – ୧୪୦ ଏକର ଜମି ଉପରେ ନିଘଞ୍ଚ ହୋଇ ବଢ଼ିଥିଲା ବିବିଧ ପାରମ୍ପରିକ ବୃକ୍ଷ, ପ୍ରାୟ ପାଞ୍ଚ ଲକ୍ଷରୁ ଅଧିକ – କେନ୍ଦୁ, ମହୁଲ, ଶାଳ, ବିଜା, ଗମ୍ଭାରୀ, ତେନ୍ତୁଳି, ଶିଶୁ ଓ ସାଗୁଆନର ନିବିଡ଼ ଶ୍ୟାମଳ ସମ୍ଭାବନା । ଏଗୁଡ଼ିକୁ ଜଗୁଥିଲେ ଗ୍ରାମବାସୀଙ୍କ ପକ୍ଷରୁ ଗଠିତ 'ଜାଗୃତ ଶ୍ରମିକ ସଂଗଠନ'ର ସମର୍ପିତ କର୍ମୀଗଣ ।

ଦିନେ ଝଗଡ଼ା ଆରମ୍ଭ ହୋଇଗଲା କେନ୍ଦୁପଛିରେ – ଗ୍ରାମବାସୀଙ୍କର ବନ ବିଭାଗର ସହକାରୀ କନ୍‌ଜରଭେଟରଙ୍କ ସହ । ଗ୍ରାମବାସୀମାନେ କହୁଥାନ୍ତି "ଆମେ ଏ ଜଙ୍ଗଲ କରିଛୁ, ଏଥିରେ କାହାରିକୁ ଗୋଟିଏ ବି ଗଛରେ ଟିପ ଛୁଆଁଇ ଦେବୁନାହିଁ ।" ଜଙ୍ଗଲ କର୍ମକର୍ତ୍ତା ବୁଝାଉଥାନ୍ତି : "ଆମେ ମୋଟେ ଗଛ କାଟିବୁ ନାହିଁ । କେବଳ ଏହାର ଡାଳପତ୍ରକୁ ଚାଞ୍ଛିଦେଇ ଗଛକୁ ଡେଙ୍ଗା ଓ ମଜବୁତ ହୋଇ ବଢ଼ିବାରେ ସାହାଯ୍ୟ କରିବୁ ।"

ଜଙ୍ଗଲର ଜଗାରଖାରେ ସମର୍ପିତ ଜଣେ ସଂଗଠନର କର୍ମୀ ପିଚରୁ ଷଣ୍ଢ ସହକାରୀ କଞ୍ଜରଭେଟରଙ୍କୁ ପଚାରୁଥାଏ : "ଆମେ ଯଦି ଆପଣଙ୍କ ହାତ ଦୁଇଟାକୁ

Digitized by srujanika@gmail.com

କାଟିଦେବୁ, ତା'ହେଲେ ତ ଆପଣ ଆହୁରି ଡେଙ୍ଗା, ମଜବୁତ ହୋଇ ବଢ଼ିପାରିବେ ?'' କେନ୍ଦୁପଟିର ଜଙ୍ଗଲକୁ ନେଇ ବାକ୍‌ଯୁଦ୍ଧ ପହଞ୍ଚିଥାଏ ଚରମ ସୀମାରେ ।

ଅତ୍ୟଧିକ ସଫଳତା ମଧ୍ୟ ଅନେକ ସମୟରେ କାଳ ହୁଏ । ''ପଥୁରିଆ ପଦା ଜମିରେ ଜଙ୍ଗଲ ଘଞ୍ଚେଇବାରୁ ବନ ବିଭାଗର ଆଖି ପଡ଼ିଲା ଏବଂ ଭଏ ତାଙ୍କ ଜମି ବୋଲି ସେମାନେ ଦାବୀ କଲେ । ପଛକୁ ପଛ ଲାଗି ଆସିଲେ ସର୍ବଗିଳା ଦଳ, ସେମାନେ ବି କହିଲେ ଏ ଜମି ତାଙ୍କର । ହେଲେ ଆମ ଗାଁ ବାଲା ଦେଖଭାଲ୍ କରିନଥିଲେ ଗୋଟିଏ ବି ଗଛ ଏଠି ଉଧେଇ ନଥାନ୍ତା ।''—କହେ ପିବ୍ରୁ । ''ଏବେ ତ ଫରେଷ୍ଟ ବାଲା ଏଠି ମୁତୟନ କରିଛନ୍ତି ଜଙ୍ଗଲ ଜଗିବାକୁ ଗୋଟାଏ ଗାର୍ଡ । ଆଗରୁ ଏଇଟା ପଦା ମଶାଣି ହେଇ ପଡ଼ିଥିଲା ବେଳେ ସେମାନେ କୋଉଠି ଥିଲେ ?''

ଏ ସଂଘର୍ଷର ଅନ୍ତରାଳରେ ନାହିଁ ଏଡ଼େ ବଡ଼ ଜଙ୍ଗଲ ସୃଷ୍ଟି ପାଇଁ ବାହାଦୂରୀ ନେବାର ଆକାଂକ୍ଷା, ରହିଛି ତୁଚ୍ଛା ଆର୍ଥିକ ଫାଇଦା । ''ଜଙ୍ଗଲ ବିଭାଗର ଅସଲ ଉଦ୍ଦେଶ୍ୟ ହେଉଛି ଏସବୁ ଗଛକୁ କାଟି ବିକିବା ।''—କହନ୍ତି ମୋହନ ବାଗ—''ସେଇ କାମ ତ ଏମାନେ ଆଜିଯାଏ କରିଆସୁଛନ୍ତି । ଜଙ୍ଗଲ ସୁରକ୍ଷା ପାଇଁ ଏମାନେ ଦରମା ପାଆନ୍ତି, ଟିମ୍ବର କାଟି ଚୋରାରେ ବିକିବା କାମଟି ହିଁ କେବଳ କରିଥାନ୍ତି ।'' ଜଙ୍ଗଲ ବିଭାଗ ସ୍ୱୀକାର କରେ ଯେ, ଆଜି ଯଦି କେନ୍ଦୁପଟିରେ ଏଡ଼େ ବଡ଼ ଜଙ୍ଗଲଟେ ଗଢ଼ୁରି ପାରିଛି, ତେବେ ତାହା କେବଳ ଗ୍ରାମବାସୀଙ୍କ ପ୍ରଚେଷ୍ଟା ଯୋଗୁଁ ସମ୍ଭବ ହୋଇଛି । କିନ୍ତୁ ସେମାନଙ୍କ ଯୁକ୍ତି ହେଉଛି, ଏ ଜମି ହେଉଛି ସରକାରଙ୍କର, ଗ୍ରାମବାସୀଙ୍କର ନୁହେଁ । ତେଣୁ ସେମାନେ ଏ ଜଙ୍ଗଲର ସୁରକ୍ଷା ପାଇଁ ଜଗୁଆଳିମାନଙ୍କୁ ନିଯୁକ୍ତି ଦେଇଛନ୍ତି ।

ମାତ୍ର ଗଛଗୁଡ଼ିକ ପରିପୁଷ୍ଟ ହୋଇ ବ୍ୟବସାୟିକ ମୂଲ୍ୟ ଦେବାକୁ ଯୋଗ୍ୟ ହୋଇଗଲା ପରେ ବନ ବିଭାଗ ସଜାଗ ହୋଇଉଠିଲା ବୋଲି ନିଃସନ୍ଦେହରେ କୁହାଯାଇପାରେ । ଏଠାରେ ଥିବା ଗୋଟିଏ ଗୋଟିଏ ଗଛର ଘନଫୁଟର ଦାମ୍ ୨୫୦ ଟଙ୍କାରୁ ଅଧିକ, ''ଗ୍ରାମବାସୀମାନେ ଯଦିଓ ପ୍ରଚଳିତ ବଜାର ହାରରେ ଏସବୁ ଗଛର ମୂଲ୍ୟ ପାଇବେ ନାହିଁ ।''—କହନ୍ତି ଈଶ୍ୱର ପୋଢ଼ ''ତେବେ ବି ଏ ଜଙ୍ଗଲରେ ଯେଉଁ ହଜାର ହଜାର ସାଗୁଆନ ଗଛ ରହିଛି ସେଥିରୁ ପ୍ରତ୍ୟେକଟି ପାଇଁ ଯେଉଁଠି ହେଲେ ବି ୧୫୦ ଟଙ୍କା ମିଳିବ ।'' ସେ ସ୍ପଷ୍ଟ କରିଦିଅନ୍ତି ଯେ, ଏଠାରେ ପ୍ରତି ଏକରରେ ରହିଛି ଅତି କମ୍‌ରେ ସତୁରୀଟି ସାଗୁଆନ ଗଛ । ଯାଇତାଇ ମୂଲ୍ୟରେ ବିକିଲେ ବି ଏଠାରେ ଥିବା ସମୁଦାୟ ସାଗୁଆନ ଗଛରୁ ମିଳିବ ଚାରି କୋଟି ଟଙ୍କା । ବଜାର ଦରରେ ହିସାବ କଲେ ତ ଆଖି ଖୋସି ହୋଇଯିବ—ଅନ୍ୟୂନ ୩୦/୪୦ କୋଟି ଟଙ୍କା ହେବ । ଯଦିବା କାଣ୍ଡିଛାଣ୍ଡି କି କୃପଣ ଭଳି ହିସାବ କରାଯାଏ, ତେବେ ଏଠାରେ ଥିବା ସାଗୁଆନ

Digitized by srujanika@gmail.com

ବ୍ୟତୀତ ଅନ୍ୟାନ୍ୟ ଗଛ ପାଇଁ ଗୋଟିକୁ ୭୫ ଟଙ୍କା ଦରରେ ଏ ଜଙ୍ଗଲର ମୂଲ୍ୟ ହେବ ଦଶକୋଟି କି ବାରକୋଟି ଟଙ୍କା ।

"ମାତ୍ର ଟଙ୍କା ପାଇଁ ଆମେ ଏ ଜଙ୍ଗଲକୁ ବଢ଼ାଇ ନଥିଲୁ" – ମୋହନ ବାଗ୍ କହନ୍ତି – "ଆମେ ଗଛ ଲଗାଇବାର ଉପଯୋଗିତା ଅନୁଭବ କଲୁ । ମାଟିକୁ ସମତୁଲ କରି ଗାତ ଖୋଳି, ଚାରା ତିଆରି କରି ବର୍ଷାଦିନେ ଲଗାଇଲୁ । ବର୍ଷ ବର୍ଷ ଧରି ଜଗାରଖା କଲୁ । କେତେକ ଅଞ୍ଚଳକୁ ଚିହ୍ନଟ କରି ଆମେ ଆମର ଘର ତିଆରି, ଜାଳେଣି ପାଇଁ ସେଥିରୁ ଦଶଭାଗରୁ ଭାଗେ ଗଛ କାଟୁ । ସେଥିରୁ କିଛି ବିକ୍ରି କରି ଆମ ଗାଁ ସ୍କୁଲ ଘର ତିଆରି କଲୁ, ପୁଣି ମରାମତି ପାଇଁ ପାଣ୍ଠିଟାଏ କରିଛୁ । ସେ ପାଣ୍ଠିରୁ ମଧ୍ୟ ଜଙ୍ଗଲ ଜଗାରଖା ପାଇଁ ଖର୍ଚ୍ଚ ହୁଏ; ଗାଁର ମଉଛବ, ପୁନିଅଁ ପର୍ବ ଚଳେ । ଆମେ ଯାକୁ କେମିତି ନଷ୍ଟ କରିବାକୁ ଦେବୁ ତ କୁହନ୍ତୁ ଆଜ୍ଞା ! ଆମେ ରକ୍ତକୁ ପାଣିକରି ଏ ଜଙ୍ଗଲ କରିଛୁ । ଆଉ ଆଜି ଦିନେ ନାଇଁ କି କାଲେ ନାଇଁ ଗହ୍ଲାପୁନିଅ ଦିନ ମାଇଁ ପରି ଫରେଷ୍ଟବାଲା ପହଞ୍ଚି କହୁଛନ୍ତି ଏ ଜମି ସରକାରର ?"

ଜଙ୍ଗଲ ବିଭାଗ ସହିତ ସଂଘର୍ଷ ଘନୀଭୂତ ହୋଇଉଠିଲା ବେଳକୁ ଅଧିକ ବାଜପକ୍ଷୀ, ଛଞ୍ଚାଣମାନେ ମଇଦାନକୁ ଓହ୍ଲାଇ ଆସିଲେ । ଯୁଦ୍ଧର ମଇଦାନକୁ ଆହୁରି ପରିବ୍ୟାପ୍ତ କରିଦେଲା ପାଖ ପଞ୍ଚାୟତର ସରପଞ୍ଚଙ୍କ ଏ ଜଙ୍ଗଲ ଉପରେ ଅଧିକାର ସାବ୍ୟସ୍ତି ଦାବୀ । କେନ୍ଦୁପଛିର ଗ୍ରାମବାସୀମାନେ କହନ୍ତି କିଛି ଫରେଷ୍ଟ ଗାର୍ଡ଼ ଓ ଜଗୁଆଳିଙ୍କ ସହ ସଂପୃକ୍ତ ସରପଞ୍ଚଙ୍କ ଧସ୍ତାଧସ୍ତି ମଧ୍ୟ ହୋଇଯାଇଛି । ତେବେ ବନ ବିଭାଗର ଜଣେ ଜଗୁଆଳି ଭଲକରି ପାନେ ଚାଖିଦେଲେ ଗଛ କାଟିବାର ସ୍ୱାଦ । ଗ୍ରାମବାସୀମାନେ ତାକୁ ସେଇ ଗଛର ଗୋଟେ ଦମ୍ଭିଲା ଡାହିରେ ଭଲକରି ବନ୍ଧେ ଛେଚିଦେଲେ ।

ଗ୍ରାମବାସୀଙ୍କ ବିରୁଦ୍ଧରେ ଦାଖଲ ହେଲା ଅଭିଯୋଗର ଫର୍ଦ୍ଦ । ମାତ୍ର ବିସ୍ମୟକର ଭାବେ ପୁଲିସ୍ ସମର୍ଥନ କଲା କେନ୍ଦୁପଛି ଗ୍ରାମବାସୀଙ୍କୁ । କାରଣ ସେମାନେ ଥାନାରେ ପହଞ୍ଚି ସତ ସତ ସବୁକଥା ଜଣାଇଦେଲେ । ଜଙ୍ଗଲ ବିଭାଗକୁ ଆପୋଷ ବୁଝାମଣା ପାଇଁ ପୁଲିସ ପ୍ରବର୍ତ୍ତାଇଲା ଏବଂ କେତେଗୁଡ଼ିଏ ଅଭିଯୋଗକୁ ଉଡ଼ାଇଦେଲା । ମାତ୍ର ସମସ୍ୟା ସମୂଳେ ସମାଧାନ ହୋଇପାରିଲା ନାହିଁ ।

ଏହାର କିଛିଦିନ ପରେ ଜଣେ ଜଙ୍ଗଲ କର୍ମଚାରୀ କିଛି ଗଛର ଡାଳପତ୍ର କାଟୁଥିବାବେଳେ, ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଲା । ହେଲେ ଚତୁର କର୍ମଚାରୀ ତୁରନ୍ତ ସେ ଅଠାକୁ ଲଦିଦେଲା ଗ୍ରାମବାସୀଙ୍କ ମୁଣ୍ଡରେ । ମାତ୍ର ରେଞ୍ଜର ଅଭିଯୁକ୍ତ କଲେ ତାଙ୍କ ନିଜ ବିଭାଗର କର୍ମଚାରୀକୁ ଏ ଅପକର୍ମ ପାଇଁ । ତଥାପି ଏଯାଏ ମୂଳ ଦ୍ୱନ୍ଦ୍ୱ ରହିଛି ଅମୀମାଂସିତ ।

Digitized by srujanika@gmail.com

ତେବେ ଏ ଜଙ୍ଗଲର ମାଲିକ କିଏ ? ଏହାକୁ ବଢ଼ାଇଥିବା ଗ୍ରାମବାସୀ ନା ଯାହାର ଜମି ଉପରେ ବଢ଼ିଛି ସେଇ ସରକାରର ? ନା, ଜଙ୍ଗଲର ସୁରକ୍ଷା ପାଇଁ ଦୃଷ୍ଟିଦେବାକୁ ନିଯୁକ୍ତ ବନ ବିଭାଗର ? ଘଟଣାଟି ବଡ଼ ଜଟିଳ । କେବଳ ଜଟିଳ ନୁହେଁ ଗ୍ରାମବାସୀଙ୍କ ଏହି ଚମତ୍କାର ନିଷ୍ପତ୍ତି –ଏକ ବନ୍ଧ୍ୟା, ଉଜୁଡ଼ା ଭୂଇଁକୁ ଶ୍ୟାମଳ ସୁଗନ୍ଧିରେ ଏବଂ ମୂଲ୍ୟବାନ ପ୍ରଚେଷ୍ଟାରେ ଭରିଦେବାର ଅଙ୍ଗୀକାର । ଏହି କାମଟି କରିବା ପାଇଁ ନିଯୁକ୍ତ ତଥା ଦରମା ପ୍ରାପ୍ତ ଜଙ୍ଗଲ କର୍ମଚାରୀଙ୍କ ଦାୟିତ୍ୱକୁ ସେମାନେ ସମର୍ପିତ ଉତ୍ସାହରେ ନିର୍ବାହ କରିଥିବା ପାଇଁ ହୁଏତ ହେବେ ଦଣ୍ଡିତ ।

ଗ୍ରାମବାସୀଙ୍କ ଦୃଷ୍ଟିରେ ଘଟଣାଟି ଅତ୍ୟନ୍ତ ସ୍ୱଚ୍ଛ ଓ ସଳଖ; ''ଯଦି ଜଙ୍ଗଲ ବିଭାଗ ଆମ ଶ୍ରମକୁ ଅପହରଣ କରି ଏହା ଉପରେ ତା'ର କର୍ତ୍ତୃତ୍ୱ ଜାହିର କରେ, ତେବେ ଆମେ ଗାଁର ସବୁ ମିଣିପ, ତିର୍ଲା ଓ ପିଲା ଏହାକୁ ଦାନ୍ତ ଲଗେଇ ବାଧା ଦବୁ । ଆମେ ଜେଲ୍ ଯିବାକୁ ତିଆର୍'' –କହନ୍ତି ଦୃପ୍ତ ଓ ଗମ୍ଭୀର କଣ୍ଠରେ ମୋହନ ବାର୍ । ତାଙ୍କ ସହିତ ଏ ଧର୍ମଯୁଦ୍ଧ ଲଢ଼ିବାକୁ ପ୍ରସ୍ତୁତ ମଧ୍ୟ ପ୍ରାରମ୍ଭରେ ବୃକ୍ଷରୋପଣ ପାଇଁ ସେମାନଙ୍କୁ ପ୍ରରୋଚିତ କରିଥିବା ସ୍ଥାନୀୟ 'ଜାଗୃତ ଶ୍ରମିକ ସଂଗଠନ' ।

ମାତ୍ର କେନ୍ଦୁପଟିର ଅନୁଭବ ହେଉଛି ଯେ, ଯେତେବେଳେ ବିଫଳତା ପାଲଟିଥାଏ ଏକ ଅନାଥ ଅର୍କ୍ଷିତ ସନ୍ତାନ, ତାକୁ କେହି ଲୋଡ଼ନ୍ତି ନାହିଁ; ହେଲେ ସଫଳତା ପାଇଁ ଦାବୀ ଜଣାଇବାକୁ ଅଭାବ ନଥାଏ ଗର୍ବିତ ପିତୃତ୍ୱର ପଟୁଆର । ସୁତରାଂ ଗ୍ରାମବାସୀମାନେ ଏକ ଅମୂଲ୍ୟ ସନ୍ତାନର ଅଧିକାର ହାସଲ ପାଇଁ ଶେଷଯାଏ ଲଢ଼ିବେ ।

❖ ❖ ❖

Digitized by srujanika@gmail.com

କୁହୁକ ଗଛରେ ଫଳୁଛି ଟଙ୍କା !

ସଞ୍ଜ ପ୍ରହର, ପାଦ ତା'ର ଟଳମଟଳ ପଡୁଥିଲା, ସିଏ ଟିକେ ଅଧିକ ପରିମାଣର 'କାରଣ ବାରି' ପାନ କରି ଚଢ଼ାଗଳାରେ କହୁଥିଲା, ମାତ୍ର ମାତାଲ ନଥିଲା : "ବାବୁ, ତମକୁ ମିଛ ମତେ ସତ । ଦଶବର୍ଷ ତଳେ ମୁଁ ଯେନ୍ତା କୋତରା କାମୁଡ଼ି ପଡ଼ିଥିବାର ସେବେଠୁଁ ଏବେ ମୋ ଅବସ୍ଥା ଭଲ । ଏବେ ମୋ କ୍ଷେତରେ ଗଣି ଗଣି ଶହେ ହବ ବାମୁର୍ ଗଛ । ଏସନ ମୁଇଁ ଦଶ ବାରଟା ସେଥିରୁ ବିକିବି । ବିଶ୍ୱାସ କରନ୍ତୁ ଆଜ୍ଞା, ବାମୁର୍ ଗୁଟେ ଭଲ ଗଛ, ଚାଷୀର୍ ଗଛ୍ ।"

ସେ ଥିଲା ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍‌ର କୋନବିରା ଗାଆଁର ରତ୍ନ ନାୟକ । ଛୋଟଚାଷୀ ହେଲେ ବି ସେ ନିଜ ବିଲର ହିଡ଼ରେ ଚାଷ କରେ ବାମୁର ଗଛ । ବାମୁରକୁ ମଧ କହନ୍ତି – କଣ୍ଟାବାବୁଲ । ହିଡ଼ରେ ସେ ଆଉ କିଛି ଗଛ ଲଗାଏ ନାହିଁ, କେବଳ କଣ୍ଟାବାବୁଲ । ଦଶଟି ଗଛ କାଟିନେଲା ପରେ ପୁଣି ଲଗାଏ ଆଉ ଦଶଟି ନୂଆ ଚାରା । ପର୍ଯ୍ୟାୟକ୍ରମେ ତା'ର ସେ ଛୋଟ କିଆରୀର ହିଡ଼ରୁ ୧୦୦ଟି ଗଛ କଟା ହେଲାବେଳକୁ ବିତିଯାଇଥାଏ ଦଶବର୍ଷ ଏବଂ ନୂଆ ଚାରା ପରିଣତ ହୋଇଥାଏ ବଳିଷ୍ଠ ମହାଦ୍ରୁମରେ । "ଏହା ହୋଇପାରିବ କଳାହାଣ୍ଡିର କୁହୁକ ବୃକ୍ଷ – ପ୍ରକୃତିର ବରଦାନ ।" – କହନ୍ତି ପଶ୍ଚିମ ଓଡ଼ିଶା କୃଷିଜୀବି ସଂଘର ଜଗଦୀଶ ପ୍ରଧାନ ।

ତାଙ୍କର ବକ୍ତବ୍ୟ ବାସ୍ତବବାଦୀ ଓ ପ୍ରଣିଧାନଯୋଗ୍ୟ । ଆକଳନ କଲେ, ଜଣେ କ୍ଷୁଦ୍ର କି ନାମମାତ୍ର ଚାଷୀ ହିଡ଼ରେ ଏହି ଗଛକୁ ଲଗାଇ ବର୍ଷକୁ ଅନ୍ୟୂନ ଛଅ ହଜାର ଟଙ୍କା ଅଧିକ ଆୟ କରିପାରିବ । ମରୁଡ଼ି ଓ ଦାରିଦ୍ର୍ୟ ପୀଡ଼ିତ କଳାହାଣ୍ଡି ମୁଲକରେ ଏହି ପରିମାଣର ଅର୍ଥ ଢେର୍ କିଛି ମନେହୁଏ । ପୁନଶ୍ଚ ବାବୁଲର ରହିଛି ବହୁବିଧ ଉପଯୋଗ – ଲଙ୍ଗଳ କଣ୍ଡି, ଜାଳେଣି କାଠ, ଘରର ଚଉକାଠ, ଶଗଡ଼ଗାଡ଼ି ତିଆରି ପାଇଁ ଏହା ଏକ ଅନୁକୂଳ ଗଛ ବୋଲି ବୁଝାଏ ରତ୍ନ ନାଏକ । "ବୁଝିଲ ବାବୁ, ବମୁର ପତ୍ରଝଡ଼ି ବିଲରେ ପଇଲେ ଧାନ ଅମଳ କାହିଁରେ କେତେ ବଢ଼ିଯିବ । ଯା' ପତ୍ର ଯୁରିଆ ସାର ଭଳି କାମ ଦିଏ ।"

ବନବାସୀ ସଂଘ ଏବଂ ଓଡ଼ିଶା ବୃକ୍ଷ ସଂବର୍ଦ୍ଧକ ସଂଗଠନର ସହାୟତା କ୍ରମେ ଗତବର୍ଷ ବିକ୍ରିରୁ ନାଏକ ପାଇଥିଲା ୫ ହଜାର ଟଙ୍କା । "ଚାଷବାସରେ ତିନିଗୁଣା ମିହନତ କରିକି ବାବୁ ପାଞ୍ଚ ହଜାର ମିଳିବ ନାଇଁ ! ମୋ ବାପ ଅଜା ଅମଳରୁ ଆମେ ହଳବଳଦ ଭଡ଼ାରେ ଆଣି ଚାଷ୍ କରୁ, ଟଙ୍କା ଉଧାର ଆଣି ବିହନ କିଣୁ । ହେଲେ ଏ

Digitized by srujanika@gmail.com

ବମ୍ବୁର ଗଛ ଆମ ଭାଗ୍ୟ ବଦଳାଇ ଦେଲା । ଏବେ ତ ମୋ ନିଜର ବଳଦ, ଶଗଡ଼ ଅଛି । ଆଉ ଭଲ ଶଙ୍କର ବିହନ କିଣିବାକୁ ଅଣ୍ଟିରେ ପଇସା ରହୁଚି । ଘରେ ଭଲକରି ପେଟ୍‌ପୂରା ଖାଉଚୁ ।'' –କଣ୍ଠରେ କୃତଜ୍ଞତା ଫୁଟାଇ କହେ ନାଏକ ।

ଏ ଅଞ୍ଚଳରେ ସରକାରୀ ଉଦ୍ୟମରେ ବ୍ୟାପକ ଭାବେ ଲଗାଯାଇଥିବା ସୁବାବୁଲ୍ ଗଛର ନିଜର ତଥା ଅର୍ଥନୀତିର ଅପମୃତ୍ୟୁ ଭଳି ନୁହେଁ ଏ ଅଞ୍ଚଳର ନିଜସ୍ୱ ଦେଶଜ ଗଛ କଣ୍ଟାବାବୁଲ୍ । ''ଆମ ମାଟିରେ ଏ ଗଛ ଭଲରେ ବଢ଼େ ଆଉ ଅଳ୍ପଦିନରେ ମୋଟେଇ ଯାଏ । ଏହାର ଫଳ ଓ ପତ୍ର ଉନ୍ନତ ଗୋଖାଦ୍ୟ ହୋଇଥିବାରୁ ଏ ଗଛ ଦାନା କିଣା ବାବଦ ଖର୍ଚ୍ଚକୁ ମଧ୍ୟ ବଞ୍ଚାଏ ।'' –କହନ୍ତି ନୂଆପଡ଼ାସ୍ଥିତ ପ୍ରୋଜେକ୍ଟ ସମ୍ବନ୍ଧର ଜଣେ କୃଷି ବିଶେଷଜ୍ଞ ସୁନାଧର ବଡ଼ଶଗଡ଼ିଆ ।

ଏ ଗଛଟିର ଅନ୍ୟଏକ ଉପକାରୀ ଚରିତ୍ର ଥିବାର ଦର୍ଶାନ୍ତି ଜଗଦୀଶ ପ୍ରଧାନ : ''ଏ ଗଛର ପତ୍ର ଅଧିକ ଗହଳ ହେଉନଥିବାରୁ ଏହା ଫାଙ୍କ ଦେଇ ସୂର୍ଯ୍ୟକିରଣ ତଳେ ଥିବା ଧାନକ୍ଷେତରେ ଖେଳେଇ ହୋଇପଡ଼େ । ପ୍ରତି ଗଛ ମଧ୍ୟରେ ପାଞ୍ଚରୁ ସାତଫୁଟ ବ୍ୟବଧାନ ରହିଲେ ବିଲର ଫସଲରେ ଏହା ଯେପରି ବାଧା ସୃଷ୍ଟି କରିବ ନାହିଁ, ସେହିପରି ସେଗୁଡ଼ିକର ସୁସ୍ଥ ଅଭିବୃଦ୍ଧି ମଧ୍ୟ ଅବ୍ୟାହତ ରହିବ । ଏହାର ପତ୍ର ତ ସହଜେ ଫସଲ ପାଇଁ ସବୁଜ ସାର । ଏହାଛଡ଼ା ହାତ ପାଆନ୍ତାରେ ଏହାର ଡାଳ, ଶାଖାଗୁଡ଼ିକ ରହୁଥିବାରୁ କଦବା କେବେ ବର୍ଷା ଯୋଗୁଁ ଛଣ ଓଦା ହୋଇଗଲେ ଏଥିରେ ଶୁଖାଇବା ଓ ସାଇତି ରଖିବା ସହଜ ହୋଇଥାଏ, କାରଣ ସେ ଉଚ୍ଚତାକୁ ଗୋରୁଗାଈଙ୍କ ମୁହଁ ପାଏନାହିଁ ।'' କଳାହାଣ୍ଡି ମୁଲକର ଅଧିକାଂଶ ବିଲ ହିଡ଼ରେ ଦେଖିବାକୁ ମିଳେ ବମ୍ବୁର ଶାଖାରେ ଲଦା ହୋଇଛି ପାଳ ଓ ନଡ଼ା । ନୂଆପଡ଼ାର କେତେକ ଗ୍ରାମରେ ଚାଷୀମାନେ ଏହାକୁ ସୁଚିନ୍ତିତ ଓ ଶୃଙ୍ଖଳିତ ଭାବେ ଚାଷ କରୁଥିବା ମଧ୍ୟ ଦେଖିବାକୁ ମିଳିଲା ।

ତେବେ ଚାଷୀମାନେ କିପରି ଏହି ବମ୍ବୁର ପ୍ରତି ଆକର୍ଷିତ ହେଲେ ? ଅନ୍ୟତ୍ର ଯେପରି ନୀଳଗିରି ପାଇଁ ରହିଛି ପାଗଳାମି, ସେପରି ଏଠାରେ କାହିଁକି ଘଟିଲା ନାହିଁ ? ବରଗାଁର ଦୁର୍ଯୋଧନ ଶବର ଦିଅନ୍ତି ଏହାର ଉତ୍ତର : ''ଆମ ଆଖିଆଗରେ ଆମ ଜଙ୍ଗଲ ସବୁ ପଦା ହେଇଗଲା । ରୋଷାଇ ପାଇଁ କି ଲଙ୍ଗଳ କଣ୍ଟି ପାଇଁ ସଅଳ ବଢୁଥିବା ଏଇ ଟାଣୁଆ ଗଛକୁ ଲଗେଇଲୁ । ଏ ଗଛ ଆମ ପାଇଁ ବରଦାନ ପରି ଉଭା ହେଲା । ଯା'ପରେ ଗଲା ଦଶବର୍ଷ ଧରି ଆମେ ଯାକୁ ବିଲହିଡ଼ରେ ଲଗାଉଛୁ ।'' କାଠଗଡ଼ର କ୍ରମବର୍ଦ୍ଧମାନ ଅଭାବ ଓ ଚଢ଼ାମୂଲ୍ୟ କ୍ରମେ ବମ୍ବୁର ଚାଷର ଆବଶ୍ୟକତାକୁ ଗୁରୁତ୍ୱପୂର୍ଣ୍ଣ କରାଇଦେଲା । ଆଗରୁ ଆପଣାଛାଏଁ ଏ ଗଛ ବଢୁଥିଲା ଆଉ ଚାଷୀମାନେ ଏହାର

Digitized by srujanika@gmail.com

ତାଳପତ୍ର କାଟି ଗୋରୁଙ୍କ ଚରା ପାଇଁ ଓ ରୋଷାଇର ଜାଳେଣି ଭାବେ ଘରକୁ ଆଣୁଥିଲେ । ଏବେ ଏକ ସଚେତନ ଉଦ୍ୟମ ଯୋଗୁଁ ସମଗ୍ର ଅଞ୍ଚଳରେ ବମ୍ବୁର ଗଛ ଛାଇ ହୋଇଯାଇଛି । ଏକ ଅର୍ଥକରୀ ଫସଲ ରୂପେ ଏହାକୁ ଚାଷ କରିବା କ୍ରମେ ଏକ ପ୍ରତିଯୋଗିତା ତଥା ଅଭିଯାନରେ ପରିଣତ ହୋଇଛି । ଗୋଚର ଜମି ଏବଂ ପୋଖରୀ ହୁଡ଼ାରେ ମଧ ଏହାକୁ ଲଗାଯାଉଛି । ଏଥିପାଇଁ ଖତ ଦରକାର ନାଇଁ କି ଆବଶ୍ୟକ ନାହିଁ ପାଣିର । ମରୁଡ଼ି ସମୟରେ ଅନ୍ୟସବୁ ଗଛ ଝାଉଁଳି ପଡ଼ିଲାବେଳେ, ବମ୍ବୁର ଗଛ ରହିଥାଏ ସତେଜ ଓ ସବୁଜ-ଘଞ୍ଚ ।

ଗଛ ଲଗାଇବା ଓ ବଢ଼ାଇବା ପାଇଁ ପ୍ରାୟ କିଛି ଖର୍ଚ୍ଚ ନଥିବା ବେଳେ ଏଥିରୁ ଉତ୍ପନ୍ନ ଅର୍ଥନୀତିର ପରିବ୍ୟାପ୍ତି କେତେ ? ଅବିଭକ୍ତ କଳାହାଣ୍ଡିର ସମୁଦାୟ ଚାଷ ଉପଯୋଗୀ ଜମିର ପରିମାଣ ପାଖାପାଖି ୫ ଲକ୍ଷ ହେକ୍ଟର । ଏଥିରୁ ୩ ହଜାର ହେକ୍ଟରରେ ଧାନ ଓ ଅନ୍ୟାନ୍ୟ ଫସଲ ହୋଇଥାଏ । ଏ ଅଞ୍ଚଳର ଲୋକଙ୍କ ହାତରେ ହାରାହାରି ଥାଏ ଅଧ ହେକ୍ଟର ବା ତହିଁରୁ କମ୍ ଜମି । କେବଳ ହିଡ଼ରେ ଯଦି ଚାଷୀ ବମ୍ବୁର ଗଛ ଲଗାଇବ, ତେବେ ହେକ୍ଟର ପିଛା ପଡ଼ିବ ୨୫୦ ଗଛ ।

"ସଂପ୍ରତି ମାତ୍ର ୧୦ ଶତାଂଶ ଚାଷୀ ଏହି ହିଡ଼-ବମ୍ବୁର ଚାଷ କରୁଛନ୍ତି । ଯଦି ୭୦ ଶତାଂଶ ଚାଷୀ ସେତକ କରନ୍ତେ"-କହନ୍ତି ଜଗଦୀଶ ପ୍ରଧାନ "ତେବେ ତାହା ୨ ଲକ୍ଷ ୧୦ ହଜାର ହେକ୍ଟର ଅନ୍ତର୍ଭୁକ୍ତ ହୋଇପାରନ୍ତା । ଏବଂ ହେକ୍ଟର ପିଛା ୨୫୦ ଗଛ ହିସାବରେ ଆମକୁ ମିଳନ୍ତା ୫ କୋଟି ୨୫ ଲକ୍ଷ ବମ୍ବୁର ଗଛ । ଏହା ପର୍ଯ୍ୟାୟକ୍ରମେ କଟାଯାଆନ୍ତା । ପ୍ରତିବର୍ଷ ଚାଷୀମାନେ ଏହାର ଏକ ସପ୍ତମାଂଶ ବା ୩୫/୩୬ଟି ଗଛ କାଟନ୍ତେ ଏବଂ ସମାନ ପରିମାଣର ଗଛ ପୁଣି ଲଗାନ୍ତେ । ପାଞ୍ଚବର୍ଷରେ ଏ ଗଛ ପରିପୁଷ୍ଟ ହୋଇଯାଉଥିବାରୁ ପ୍ରତିବର୍ଷ ମିଳନ୍ତା ବିକ୍ରିଯୋଗ୍ୟ ୭୫ ଲକ୍ଷ ବମ୍ବୁର ଗଛ । ଏ ଗଛର ଚାହିଦା ମଧ ଭଲ ।"

ବିକ୍ରିଯୋଗ୍ୟ ପ୍ରତି ଗଛରୁ ମିଳେ ପାଞ୍ଚ କୁଇଣ୍ଟାଲ କାଠ ଏବଂ ପ୍ରତି କୁଇଣ୍ଟାଲର ମୂଲ୍ୟ ଅନ୍ୟୂନ ୧୦୦ ଟଙ୍କା । ସୁତରାଂ ପାଞ୍ଚ ଛଅ ବର୍ଷ ବୟସ୍କ ପ୍ରତି ଗଛରୁ ମିଳେ ଅତି କମ୍‌ରେ ୫୦୦ ଟଙ୍କା । "ଏହା ଫଳରେ କଳାହାଣ୍ଡିର ଚାଷୀମାନଙ୍କୁ ବର୍ଷକୁ ୩୭୫ କୋଟି ଟଙ୍କା ମିଳିବାର ନିଶ୍ଚୟତା ରହିଛି ଏବଂ ମନେ ରଖିବାକୁ ହେବ ଯେ, ଏମାନଙ୍କ ମଧ୍ୟରୁ ଅଧିକାଂଶ କ୍ଷୁଦ୍ର ଓ ନାମମାତ୍ର ଚାଷୀ; ଯାହାଙ୍କ ହାତରେ ଅତିକମ୍ ଜମି ରହିଛି ।" –କହନ୍ତି ଜଗଦୀଶ ପ୍ରଧାନ "ଏବଂ ଏ ପରିପ୍ରୟୋଗ ସମଗ୍ର ଓଡ଼ିଶାକୁ ପରିବ୍ୟାପ୍ତ ହେଲେ ଆୟ ଆହୁରି ୧୦ ଗୁଣ ବଢ଼ିଯିବ । ଅର୍ଥାତ୍ ରାଜ୍ୟର ଆୟ ବାର୍ଷିକ ହାରାହାରି ହେବ ୪ ହଜାର କୋଟି ଟଙ୍କା ।"

Digitized by srujanika@gmail.com

ଆଗାମୀ ବର୍ଷମାନଙ୍କରେ ୧୬ଟି ଚିନିକଳ, କିଛି ସୂତାକଳ ଭଳି କୃଷି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାର ବିନିଯୋଗ କରିବାକୁ ଯାଉଥିବା ପୁଞ୍ଜିଠାରୁ ଏ ପରିମାଣ ଅଧିକ । ଓଡ଼ିଶା ବୃକ୍ଷ ସଂବର୍ଦ୍ଧକ ସଂଗଠନର ଏକ ଆକଳନରେ ଏହି ହିଡ଼-ବମ୍ବୁର ଚାଷରେ କ୍ଷୁଦ୍ରଚାଷୀଙ୍କ ଆୟ ନାଟକୀୟ ଭାବେ ବଢ଼ିଯାଏ । ଏହା ବନବାସୀ ସଂଘ ସହ ମିଶି ଚାଷୀଙ୍କ ପାଇଁ ଏକ ସ୍ୱୟଂ ନିୟନ୍ତ୍ରିତ ବିପଣନ ବ୍ୟବସ୍ଥା ସୃଷ୍ଟି କରୁଛି । ସୁତରାଂ ପୂର୍ବଭଳି ଏମାନେ ଆଉ ବେପାରୀ, ସାଉକାରଙ୍କ କ୍ରୀଡ଼ନକ ହେବା କି ମନମୁଖୀ ବଜାରର ଶିକାର ହେବେ ନାହିଁ ।

ବିପଣନ ବା ମାର୍କେଟିଂ ବ୍ୟବସ୍ଥା କେବେ ସହଜସାଧ ହୋଇଆସି ନାହିଁ । ୧୯୯୨ ବେଳକୁ ବେପାରୀମାନେ ବମ୍ବୁର କାଠ କୁଇଣ୍ଟାଲ ପିଛା ୨୫ ଟଙ୍କା କିମ୍ବା ତାହାଠାରୁ କମ୍‌ରେ କିଣୁଥିଲେ । ପରିବହନ ମଧ୍ୟ ସେତେ ସହଜ ନଥିଲା । ଏହା ପରବର୍ଷ ବନବାସୀ ସଂଘ ଓ ଜାଗୃତ ଶ୍ରମିକ ସଂଗଠନ ପକ୍ଷରୁ ଚାଷୀଙ୍କୁ ସଂଗଠିତ କରିବାର ଉଦ୍ୟମ ଆରମ୍ଭ ହେଲା । ତା'ର ବର୍ଷକ ପରେ ସେମାନେ କୁଇଣ୍ଟାଲ ପିଛା ୧୦୦ ଟଙ୍କା ଦରକୁ ଭାଙ୍ଗିଲେ । ସେମାନଙ୍କର ନିଜସ୍ୱ ବିକ୍ରିବଟା କୌଶଳ ଓ ବ୍ୟବସାୟିକ ଯୋଗସୂତ୍ରରେ ଉନ୍ନତି ଘଟିବାରୁ ଧୀରେ ଧୀରେ କାଠଦର ବୃଦ୍ଧି ପାଉଛି । କୋଡ଼ିଏ ବର୍ଷର ଗୋଟିଏ ପରିପୁଷ୍ଟ ତଥା ପନ୍ଦର କୁଇଣ୍ଟାଲ ପାଖାପାଖି କାଠ ଯୋଗାଇ ପାରୁଥିବା ଗୋଟିଏ ବମ୍ବୁର ଗଛର ଦାମ୍ ଦୁଇହଜାର ଟଙ୍କା ହୋଇପାରେ ।

ସବୁଠାରୁ ମହତ୍ତ୍ୱର ଦିଗଟି ହେଉଛି ଏହା ଚାଷୀଙ୍କର ନିଜସ୍ୱ ଅନୁଭୂତିରୁ ଉଦ୍ଭୁତ ହେଲା । ଏ କ୍ଷେତ୍ରରେ ଏକ ଅଗ୍ରଣି ଭୂମିକା ନେଇ ବମ୍ବୁର ହିଡ଼ ଚାଷକୁ ସମଗ୍ର କଳାହାଣ୍ଡି ଜିଲ୍ଲାରେ ପ୍ରସାରିତ ତଥା ଚାଷୀଙ୍କୁ ପ୍ରଭାବିତ କରିଥିବା ଜଗଦୀଶ ପ୍ରଧାନ ଏକଥା କହନ୍ତି । "ଚାଷୀଙ୍କ ଭିତରେ ଏଭଳି ହିଡ଼-ଚାଷର ଅଭ୍ୟାସ ପୂର୍ବରୁ ଥିଲା; ମାତ୍ର କିଛି ଦଶନ୍ଧି ତଳେ କେଜାଣି କାହିଁକି ମରି ଯାଇଥିଲା । ନବେ ଦଶକର ପ୍ରଥମାର୍ଦ୍ଧରେ ପୁଣି ଚାଷୀଙ୍କୁ ଏ ଦିଗରେ ଉତ୍ସାହିତ କରାଇଲେ ବନବାସୀ ସଂଘ ଓ ଜାଗୃତ ଶ୍ରମିକ ସଂଗଠନ । ଏମାନେ ସ୍ଥାନୀୟ ସଂଗଠନ ହୋଇଥିବାରୁ ଲୋକେ ଏମାନଙ୍କୁ ଶୁଣିଲେ ।"

ବମ୍ବୁର ଗଛ ବିକ୍ରିରୁ ମିଳୁଥିବା ଅର୍ଥ ବାହାରେ ଏହାର ରହିଛି ଅନ୍ୟାନ୍ୟ ଅନେକ ଉପଯୋଗ । ଜଣେ କ୍ଷୁଦ୍ରଚାଷୀ ମୋତେ କହିଲେ : "ଆଜ୍ଞା, ଖାଲି ଏଥିରୁ ମିଳୁଥିବା ଟଙ୍କାକୁ ହିସାବ ନାଇଁ କରୁନ୍ । ଆର୍‌ କେତେ ଖର୍ଚ୍ଚାରୁ ଭଏ ଆମ୍‌କେ ବଞ୍ଚାଇବାର । ଯାର ଚେରତଳ ଗଣ୍ଡି ଆମ ମାଟିକୁ ଉର୍ବରା କରେ, ପତ୍ର ବି ଖତସାର୍‌ ହୁଏ । ଗଛ ଡାଳରେ ଆମେ ନଡ଼ା ପାଳ ସଞ୍ଚୁ । ସତ ସତ ଆଜ୍ଞା, ଏ ଚାଷୀର୍‌ ଗଛ୍ ।"

Digitized by srujanika@gmail.com

ଏକ ଉତ୍ତର ଲିପି

ସଂପ୍ରତି ଏ ଗଛର ହିଡ଼ଚାଷ କ୍ରମେ କଳାହାଣ୍ଡି ଜିଲ୍ଲାରେ ବଢ଼ି ଚାଲିଛି ଏବଂ ଚାଷୀ ପାଖକୁ ବହୁ ଦୂରଦୂରାନ୍ତ ସ୍ଥାନରୁ ଚାହିଦା ଆସି ପହଞ୍ଚୁଛି । ଏଥିରେ କଣ୍ଟା ଥିବାରୁ ସହଜରେ ଗୋରୁଗାଈଙ୍କ ମୁହଁରୁ ବଞ୍ଚାଇ ହେଉଥିବା ଦ୍ରୁତ ବୃଦ୍ଧି ପ୍ରାପ୍ତ, ମାଟି-ଉର୍ବରକ, ଗୃହୋପକରଣରେ ସହାୟକ, ସ୍ୱଚ୍ଛ ଜଳପାୟୀ ବାବୁଲଗଛର ଅର୍ଥନୀତି ଏବେ ସ୍ୱୟଂ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ଈର୍ଷାନ୍ୱିତ ଓ ବିଭ୍ରାନ୍ତ କରିଛି । ଚାଷୀ ନିଜ ହିଡ଼ରେ ବଢ଼ାଇଥିବା ଗଛକାଟି ଶଗଡ଼ରେ ନେଉଥିଲେ ବି କେତେକ ଅଫିସର ଏହା ଉପରେ କମିଶନ ଦାବୀ କରୁଛନ୍ତି ଏବଂ ଅଭିଯୋଗ କରୁଛନ୍ତି ଯେ, ଏହା ସେମାନଙ୍କ ଜଙ୍ଗଲରୁ କଟାଯାଇଛି । ମାତ୍ର ଏ ଦିଗରେ ଲଢୁଛି ଚାଷୀମାନଙ୍କ ସଂଗଠନ । ଜଙ୍ଗଲ ବିଭାଗ ବୁଝିବା ଉଚିତ ଯେ ଏହା ଫଳରେ ସେମାନଙ୍କ ଲଣ୍ଡା ଇଲାକା ହେଉଛି ସମୃଦ୍ଧ, ସଂବର୍ଦ୍ଧିତ ।

❖ ❖ ❖

Digitized by srujanika@gmail.com

ଟିର୍ଲା ମୁଣ୍ଡେ ହାତୀ ଢାଳିଲା ସୁନା କଳସୀ

ସେମାନେ ଦୁଇ ମିତଣୀ, ଗୀତ ଗାଇ ଗାଇ ପାହାଡ଼ି ଜଙ୍ଗଲ ରାସ୍ତାରେ ଯାଉଥିଲେ ହାଟକୁ ପରିବା କିଣି । ସେଦିନ ଗଛ ଡାଳରେ ତାଙ୍କ ସହିତ ତାଳ ମିଳାଇ ଗୀତ ଗାଉଥିଲେ ଯେମିତି ଅଗଣିତ ଚଢ଼େଇ, ଚେଇଁ ଉଠିଥିଲା ସୁନାରଙ୍ଗର ଖରା । ଫେରିବା ବାଟରେ ହାତୀ ସେମାନଙ୍କ ମୁଣ୍ଡରେ ସୁନାକଳସୀ ଯେମିତି ଢାଳିଲା !

ସେ ଦୁହେଁ ତାଙ୍କ ପଞ୍ଚାୟତର ହୋଇଗଲେ ମହିଳା ୱାର୍ଡ଼ମେମ୍ବର । ସେ ଦୁହେଁ ଲେଖିପଢ଼ି ଜାଣନ୍ତି ନାହିଁ, ନିର୍ବାଚନ ଲଢ଼ିବାକୁ ପଡ଼ିଲା ନାହିଁ, କେହି ସେମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଲା ନାହିଁ—ହାଟ୍‌ରୁ ଫେରିବା ବାଟରେ ହାସଲ କଲେ ହାତୀ । ଜଣେ ମଉଜିଆ ଗାଁ ବାଲା ହସି ହସି କହନ୍ତି : ''ସବ୍‌ଜି ଲାନେ କେ ଲିୟେ ଗୟି ବଜାର, ହାଥୀ ଲେକେ ଆୟି ।''

ସେ ଦୁହେଁ ଯୁଗ୍‌ମଣି ଓ ଗୁରୁବାରି । ମଧ୍ୟପ୍ରଦେଶର ସୁର୍‌ଗୁଜା ଜିଲ୍ଲାର ମାତ୍ରିଙ୍ଗା ଗ୍ରାମରେ ମଝ୍‌ୱାର ଆଦିବାସୀ ସଂପ୍ରଦାୟର ଦୁଇ ନିରକ୍ଷରା ମହିଳା । ମଧ୍ୟପ୍ରଦେଶର ବିଧିବଦ୍ଧ ସାମ୍ବିଧାନିକ ସଂଶୋଧନ ପରେ ପ୍ରଥମ କରି ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ ନିର୍ବାଚନରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ମହିଳା । ସଂଶୋଧନ ପରେ ମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇଥିଲା ୱାର୍ଡ଼ । ସେ ଦୁହେଁ ସେଦିନ ହାଟ୍‌ରୁ ଫେରିବା ବାଟରେ ଗାଁ ପଟୱାରୀ ଓ ପଟେଲ ସେମାନଙ୍କୁ ବାଟରେ ଅଟକାଇ ଗୋଟିଏ ଫର୍ମ ଉପରେ ଟିପଚିହ୍ନ ନେଇଯାଇଥିଲେ ଏବଂ ପଞ୍ଚାୟତକୁ ନିର୍ବାଚିତ ହୋଇଯିବା କଥା ଜଣାଇଥିଲେ । ସେ ଦୁହେଁ ପ୍ରତିବାଦ କରିବାରୁ ପଟୱାରୀ କହିଥିଲା ଯେ, ''ଏହା ଗ୍ରାମର ମାନ ଇଜ୍ଜତର କଥା । ସେମିତି ନକଲେ ଆମ ମୁହଁ ତଳକୁ ହୋଇଯିବ ।'' କିନ୍ତୁ ଗ୍ରାମ ପଞ୍ଚାୟତରେ ମହିଳାଙ୍କ ଅଂଶ ଗ୍ରହଣର ଗୁରୁତ୍ୱ ଉପରେ ପଟ୍‌ୱାରୀ କିଛି କହିଲା ନାହିଁ ? ଗୁରୁବାରି ସହଜ କଣ୍ଠରେ ଉତ୍ତର ଦେଲା—''ନାହିଁ ତ ବାବୁ । ସେ ଖାଲି କହିଲା ଆମେ ଯାହା କହିବୁ ସେୟା କରିବ । ଘରକୁ ଫେରିଲା ପରେ ଆମ ଗିରସ୍ତ କହିଲା ପଟ୍‌ୱାରୀ ଯାହା କହିବ ସେୟା କରିବ ।''

ଗ୍ରାମର ସମ୍ମାନ ରକ୍ଷା ପାଇଁ ପଟ୍‌ୱାରୀ ଯେ ବିବ୍ରତ ଥିଲା, ତାହା ନୁହେଁ । ୧୯୯୪ ଫେବୃୟାରୀରୁ ଅପ୍ରେଲ ମଧ୍ୟରେ ମିଳିମିଳା ସହିତ ତରଳ ଝାଡ଼ା ମିଶିଯାଇ ମାତ୍ରିଙ୍ଗା ଗାଁରୁ ପୋଛି ନେଇଥିଲା ସାତଟି ଅସହାୟ ଶିଶୁଙ୍କ ଜୀବନ ଏବଂ ମାତ୍ରିଙ୍ଗା ଆସିଥିଲା ବିତର୍କର ବଳୟ ଭିତରକୁ । ପଟେଲ୍ ଓ ପଟ୍‌ୱାରୀଙ୍କୁ ବରଖାସ୍ତ କରିଥିଲେ

Digitized by srujanika@gmail.com

ବରିଷ୍ଠ ଅଫିସରଗଣ । ସେମାନେ ଏ ରୋଗ ରୋକିବା ଦିଗରେ କୌଣସି ଚେଷ୍ଟା କରିନଥିଲେ କି ଉପରିସ୍ଥ କର୍ମକର୍ତ୍ତାଙ୍କୁ ଖବର ଦେଇନଥିଲେ । ସୁତରାଂ ଏ ଦୁଇ ମହିଳାଙ୍କୁ ନିର୍ବାଚିତ କରାଇ ପଟ୍‌ୱାରୀ ଚାହୁଁଥିଲା ପଞ୍ଚାୟତ ଉପରେ ତା'ର ଅଖଣ୍ଡ ପ୍ରତିପତ୍ତିକୁ ବଳବତ୍ତର ରଖିବ । ତାତ୍କାଳିକ ଭାବେ ସେମାନଙ୍କ ଚତୁରତା ହୁଏତ ଅନୁକୂଳ ହୋଇପାରେ, ମାତ୍ର ଦୀର୍ଘ ସୂତ୍ରରେ ସେମାନଙ୍କ ଧାରଣା ଓ ପଦକ୍ଷେପ ଥିଲା ଭ୍ରମାତ୍ମକ ।

ଏବେ ସେମାନେ ପଞ୍ଚାୟତ ବ୍ୟବସ୍ଥାରେ ପଶିଗଲା ପରେ ଆଉ ଆଗଭଳି ବିଚଳିତ ନଥିଲେ । ମହିଳାମାନେ ପଞ୍ଚାୟତରେ ଭାଗନେବା ଉଚିତ ବୋଲି ସେମାନେ ଅନୁଭବ କରନ୍ତି, ମାତ୍ର ସମସ୍ତଙ୍କ ଆଗରେ ପଞ୍ଚାୟତ ସଭାରେ କିଛି କହିବାକୁ ଛନକା ଓ ସଂକୋଚ ରହୁଛି । ସେ ଦୁହେଁ ଅତି ଦରିଦ୍ର ଚାଷୀ ପରିବାରରୁ ଆସିଛନ୍ତି । ଦୁହିଁଙ୍କ ମଧ୍ୟରୁ କେହି ତାଙ୍କ ପଞ୍ଚାୟତ ନାଁ ଜାଣିନାହାନ୍ତି କି କେଉଁ ୱାର୍ଡ଼ରୁ ଜିଣିଛନ୍ତି, ତା'ର ନାଆଁ ମଧ୍ୟ । ମାତ୍ର ସବୁ ଜାଣିବା ପାଇଁ ରହିଛି ଇଚ୍ଛା ଓ ଆଗ୍ରହ ।

ପରେ ମୁଁ ତଦ୍ରୁପ ଏକ ଦୟନୀୟ ଅବସ୍ଥା ଦେଖିଥିଲି ଝାବୁଆ ଜିଲ୍ଲାର ରମା ବ୍ଲକ୍‌ର ରମା ଗ୍ରାମରେ । ସେଠାରେ ସମୁଦାୟ ମହିଳା ପ୍ରତିନିଧି ସର୍ବସ୍ୱ ଏହି ପଞ୍ଚାୟତକୁ ଚଳାଉଥିଲେ ଗେନ୍ଦୁଭାଇ । ଏବେ କିଛି ମାସ ହେଲା ଜଣେ ମହିଳା ସରପଞ୍ଚ ଆସିଛନ୍ତି । କୌତୁହଳର କଥା ଯେ, ସେଠାରେ ୬୫ ଶତାଂଶ ପଦବୀ ମହିଳାମାନଙ୍କ ପାଇଁ ସଂରକ୍ଷିତ ଥିବାବେଳେ, ଏହା ଏବେ ପାଲଟି ଯାଇଛି ମହିଳା ସର୍ବସ୍ୱ ଏକ ପଞ୍ଚାୟତ । ଏବଂ ପ୍ରତି ସଦସ୍ୟା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଆସିଛନ୍ତି ।

ଏ ଧାରା ଯଦିଓ ଅନୁକୂଳ, ତେବେ ଏହା ଅନ୍ତରାଳରେ ଥିବା ପୁରୁଷମାନଙ୍କ ସମ୍ବେଦନଶୀଳତା ପଛରେ ରହିଛି ଅଭିସନ୍ଧି । ଜଣେ ଗ୍ରାମବାସୀ ମୋତେ ସନ୍ତର୍ପଣରେ କହିଲେ : "ଯଦି ପଞ୍ଚାୟତର ଦୁଇ ତୃତୀୟାଂଶ ମହିଳା ହୋଇଯିବେ, ତେବେ ସଂଖ୍ୟାଲଘୁ ହୋଇ କେମିତି ପୁରୁଷମାନେ ତାଙ୍କ ଆଗରେ ବସିବେ କୁହନ୍ତୁ ତ ? ଇଏ କ'ଣ ଭଲକଥା ? ତେଣୁ ଆମେ ଭାବିଲୁ ପଞ୍ଚାୟତର ସବୁ ମେମ୍ବର ତିର୍ଲୋକ ହୋଇଯିବା ଭଲ । ଯାହାହେଲେ ବି ତ ଆମେ ଯୋଉଠି କହିବୁ ସେଇଠି ସେମାନେ ସନ୍ତକ ଥୋଇବେ ।"

କିନ୍ତୁ ସମୟକ୍ରମେ ଏହା ପ୍ରମାଣ କରିବ ଏପରି ଆକଳନ ଭ୍ରମାତ୍ମକ । ମହିଳାମାନଙ୍କ ଚେତନା ଶକ୍ତି ଉପରେ ନିଶ୍ଚିତ ରୂପେ କାର୍ଯ୍ୟଧାରାର ପ୍ରଭାବ ପଡ଼ିବ । ସେମାନେ ଜଣେ ମହିଳା ଡାକ୍ତରଙ୍କ ଆବଶ୍ୟକତା ଅନୁଭବ କଲେ । ସ୍କୁଲରେ ଗୁଣାତ୍ମକ ପରିବର୍ତ୍ତନ ଚାହିଁଲେ । ଯଦିଓ ବର୍ତ୍ତମାନର କାର୍ଯ୍ୟଧାରାରେ ପୁରୁଷମାନଙ୍କ ଆଧିପତ୍ୟ ରହିଛି, ତେବେ ଅଧିକାଂଶ ନିର୍ବାଚିତ ମହିଳା ସ୍ପଷ୍ଟ ଭାବେ ଅନେକ କଥା ଉପସ୍ଥାପନା କରନ୍ତି ଓ ନିଜର ମୂଲ୍ୟାୟନ ବି କରନ୍ତି ।

Digitized by srujanika@gmail.com

ଏବେ ସୁବ୍‌ଗୁଡ଼ାକୁ ଫେରିବା । ଜଣେ ଅଫିସର କହନ୍ତି, "ପୁରୁଷ ଲୋକଙ୍କ ଆଧିପତ୍ୟ ଏବଂ ମହିଳାଙ୍କୁ ହାତବାରିସୀ କରିବାଟା ବେଶିଦିନ ଚାଲିବ ନାହିଁ । ମହିଳାଙ୍କ ଏଥିରେ ପ୍ରବେଶ ଫଳରେ ଆଜି ନହେଲେ ବି କାଲି ନିଶ୍ଚିତ ଭାବେ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ ।" ଦୃଶ୍ୟପଟରେ ମଧ୍ୟ ଭିନ୍ନତା ଦେଖାଦିଏ । କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ପଞ୍ଚାୟତରେ ଅଂଶଗ୍ରହଣ ଉପରେ ତାଲିମ ଦିଆଯାଉଛି । ଦୃଷ୍ଟାନ୍ତ ସ୍ୱରୂପ ଏ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଛି 'ଏକତା ପରିଷଦ' । ଲଖନପୁରରେ ଚନ୍ଦନା ପଦ୍‌ୱାଲ ଜଣେ ବ୍ୟତିକ୍ରମ । ପଡ଼ୋଶୀ ବ୍ଲକମାନଙ୍କ ସହିତ ଏ ବ୍ଲକ୍‌ରେ ସେ ହେଉଛି ଏକମାତ୍ର ମହିଳା ଯିଏ ସ୍ନାତକୋତ୍ତର ଉପାଧି ହାସଲ କରିଛନ୍ତି (ସମାଜ ବିଜ୍ଞାନରେ) ଏବଂ ତାଙ୍କର ଲକ୍ଷ୍ୟ ସରପଞ୍ଚ ହେବା । ସେ ନିଜ କାମରେ ଖୁବ୍ ନିବିଷ୍ଟ, ନିଷ୍ଠାପର ଏବଂ ଲୋକଙ୍କର ତାଙ୍କ ଉପରେ ଆସ୍ଥା ଅଛି । ତାଙ୍କର ବିଜୟରେ ସେ ଅଞ୍ଚଳରେ ପୁରୁଷ ଆଧିପତ୍ୟରେ ଧକ୍କା ଲାଗିବ ।

ହେଲେ ମାତ୍ରିଙ୍ଗାରେ ସରପଞ୍ଚ ପଦବୀ ପାଇଁ କୌଣସି ପ୍ରାର୍ଥୀ ନାହାନ୍ତି । ପଞ୍ଚାୟତର ଅଧିକାଂଶ ୱାର୍ଡ଼ରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ହୁଏନାହିଁ । କୌଣସି ଦଳ ପକ୍ଷରୁ ସିଧାସଳଖ ପ୍ରଚାର କାର୍ଯ୍ୟ ମଧ୍ୟ ହେଉନାହିଁ । କେବଳ ନିଜକୁ ଭା.ଜ.ପା ସମର୍ଥିତ ରୂପେ ଦାବୀ କରୁଥିବା ଜଣେ ପ୍ରାର୍ଥୀ ଗ୍ରାମରେ ମନ୍ଦିରଟିଏ ତୋଳାଇବାର ପ୍ରତିଶ୍ରୁତି ରଖିଛନ୍ତି । ଏବଂ ଏ ଅଞ୍ଚଳରେ ସଚେତନତା ହାର ଖୁବ୍ କମ୍ । ତଥାପି ରହିଛି କିଛି ଅନୁକୂଳ ସଂକେତ । ଯେମିତି ମାତ୍ରିଙ୍ଗା, ଯାଜ୍‌ଗି ଓ ଉଦୟପୁରରେ ଅଧିକାଂଶ ପୁରୁଷ ଲୋକ ଚାହାନ୍ତି ଯେ, ମହିଳାମାନେ ପଞ୍ଚାୟତ ପରିଚାଳନାରେ ଭାଗ ନିଅନ୍ତୁ । ମିଳିମିଳା-ତରଳଝାଡ଼ାରେ ନିଜର ତିନିବର୍ଷର ପୁଅକୁ ହରାଇଥିବା ଘାସିରାମ କହେ : "ସେମାନେ ପୁରୁଷଙ୍କ ଠାରୁ ଅଧିକ ଖରାପ ହୋଇପାରିବେ ନାହିଁ । ମହିଳାଙ୍କୁ ବାଦ୍ ଦିଅନ୍ତୁ, କୋଉବାଟେ ପୁରୁଣା ଓ ନୂଆ ପଞ୍ଚାୟତ ଭିତରେ ପାର୍ଥକ୍ୟ ରହୁଛି ବୁଝି ତ ହେଉନି ? ଲୋକ ତ ଆଗଭଳି ସେମିତି ଅଯତ୍ନରେ ମରୁଛନ୍ତି ।"

"ଅନ୍ତତଃପକ୍ଷେ ଏକ ଜନ ହିତକାରୀ ବ୍ୟବସ୍ଥାର ତ ମୂଳଦୁଆ ପଡ଼ିପାରୁଛି ।" –କହନ୍ତି ଭୋପାଳ ଠାରେ ଜଣେ ବରିଷ୍ଠ ପ୍ରଶାସକ । "ଏକ ତୃତୀୟାଂଶ ମହିଳାଙ୍କ କେବଳ ଉପସ୍ଥିତି ହିଁ ସମୟକ୍ରମେ କାର୍ଯ୍ୟଧାରାରେ ପ୍ରଭାବ ପକାଇ ପାରିବ । ଏହାସହିତ ମଧ୍ୟ ଦେଖିବାକୁ ହେବ ପାଣି ଗୋଳିଆ କରି ମାଛ ମାରିବାର କୌଶଳ ଜନିତ ବହୁ ପ୍ରଚେଷ୍ଟା । ତେବେ ଏହା ସହିତ ମଧ୍ୟ ସଚେତନତା ବୃଦ୍ଧି ପାଇବ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ମୁଣ୍ଡ ଟେକିବ ବୋଲି ଆଶା ରଖାଯାଉ । ଏ ଦୁଇଟି ସାଧିତ ହୋଇପାରିଲେ, ସମାଜରେ ଅନେକ କିଛି ବଦଳି ପାରିବ ।" କିନ୍ତୁ ସାଂପ୍ରତିକ

Digitized by srujanika@gmail.com

ପରିସ୍ଥିତିରେ ସୁର୍‌ଗୁଜା ଭଳି ଜିଲ୍ଲାରେ, ଅଧିକନ୍ତୁ ଗ୍ରାମାଞ୍ଚଳ ମଧ୍ୟପ୍ରଦେଶରେ ସେପରି ଆନ୍ଦୋଳନ ଏତେ ଶୀଘ୍ର ଆତ୍ମପ୍ରକାଶ କରିବାକୁ ଯାଉନାହିଁ । ମଧ୍ୟପ୍ରଦେଶ ଭଳି ବିସ୍ତାରିତ ରାଜ୍ୟ କଥା ଛାଡ଼ନ୍ତୁ; କେବଳ ସୁର୍‌ଗୁଜାରେ ରହିଛି ୨୭୯୩ଟି ପଞ୍ଚାୟତ ଏବଂ ଏଠାରେ ପଞ୍ଚାୟତ ନିର୍ବାଚନ ଦଶଦିନ ଧରି ଚାଲିଲା ।

ଯେଉଁ ନିର୍ବାଚନରେ ପ୍ରାର୍ଥୀମାନେ ଗମ୍ଭୀରତାର ସହ ଅବସ୍ଥାକୁ ଦେଖନ୍ତି ସେଠାରେ ସମସ୍ୟାମାନ ତଦ୍ରୂପ ଗୁରୁତ୍ୱ ସହ ବିଚାରକୁ ନିଆଯାଏ । ଏଥିମଧ୍ୟରେ ଗ୍ରାମ ନଳକୂପ ଠାରୁ ରାସ୍ତା ତିଆରି ଏବଂ ସେଥିପାଇଁ ପ୍ରଦତ୍ତ ମଜୁରି ପ୍ରଭୃତି ଅନ୍ତର୍ଭୁକ୍ତ । ମାତ୍ରିଙ୍ଗାରେ ଏକ ରାସ୍ତା ତିଆରି ହେଲା । କାରଣ, ଶିଶୁଙ୍କ ଅକାଳ ମୃତ୍ୟୁ ଯୋଗୁଁ ମନ୍ତ୍ରୀସ୍ତରୀୟ ଗସ୍ତକ୍ରମ ଫଳରେ ତାହା ବାଧ୍ୟତାମୂଳକ ହୋଇପଡ଼ିଲା । ମାତ୍ର ଏ ରାସ୍ତା ତିଆରିରେ ଶ୍ରମିକ ଭାବେ କାମ କରିଥିବା ସ୍ଥାନୀୟ ଲୋକେ ଏଯାଏ ମଜୁରି ପାଇନାହାନ୍ତି । ସେହିପରି ଉଦୟପୁରର ଜାଜ୍‌ଗିରି ଓ ଅନ୍ୟାନ୍ୟ ସ୍ଥାନରେ କେନ୍ଦୁପତ୍ର ତୋଳାଳୀଙ୍କୁ ପ୍ରାପ୍ୟ ପ୍ରଦାନରେ ବିଳମ୍ବ ବର୍ତ୍ତମାନ ଏକ ଉତ୍ତେଜନାର ବିସ୍ଫୋରକ ରୂପ ନେଉଛି ।

ମଧ୍ୟପ୍ରଦେଶରେ ରହିଛି ୩୦,୨୯୪ ଗ୍ରାମ ପଞ୍ଚାୟତ, ୪୫୯ ଜନପଦ ପଞ୍ଚାୟତ ଏବଂ ୪୫ଟି ଜିଲ୍ଲା ପରିଷଦ । ପ୍ରତି ଗ୍ରାମ ପଞ୍ଚାୟତରେ ରହିଥାନ୍ତି ଅନ୍ୟୂନ ୧୦ ଜଣ ସଦସ୍ୟ ଏବଂ ଯେଉଁଠି ଗୋଟିଏ ଗ୍ରାମର ଜନସଂଖ୍ୟା ଏକହଜାର ଟପିଯାଏ ସେଠାରେ ଏହି ସଂଖ୍ୟା ୨୦ ଜଣକୁ ବୃଦ୍ଧି ପାଇଥାଏ । ସଂଶୋଧିତ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ଶତକଡ଼ା ୩୩ ଭାଗ ସ୍ଥାନ ସଂରକ୍ଷିତ ଥିବାବେଳେ, ତଫସିଲଭୁକ୍ତ ଜାତି, ଉପଜାତିଙ୍କ ପାଇଁ ୨୫ ଭାଗ ସଂରକ୍ଷିତ । ଏହା ହୋଇଥାଏ ଯେଉଁ ବ୍ଲକ୍‌ରେ ଜନସଂଖ୍ୟାର ୫୦ ଭାଗରୁ କମ୍ ରହିଥାନ୍ତି ଆଦିବାସୀ ଓ ହରିଜନ । ମାତ୍ର ସେମାନଙ୍କ ସଂଖ୍ୟା ୫୦ ଭାଗରୁ ଅଧିକ ହେଲେ ଏହା ୩୩ ଶତାଂଶକୁ ବୃଦ୍ଧି ପାଇଥାଏ । ପୁନଶ୍ଚ ଆଦିବାସୀ, ହରିଜନଙ୍କ ପାଇଁ ସଂରକ୍ଷିତ ୱାର୍ଡ଼ରେ ମଧ୍ୟ ମହିଳାଙ୍କ ପାଇଁ ସ୍ଥାନ ସୁରକ୍ଷିତ ଥାଏ ।

ଏଥର ଦେଖାଗଲା ନିର୍ବାଚନ ପୂର୍ବରୁ ଗାଁରେ ବୈଠକ ବସିଲା । ସରପଞ୍ଚ ପଦବୀ ପାଇଁ ଶିକ୍ଷିତ ଲୋକଙ୍କୁ ଖୋଜାଗଲା । ଅନେକ ସ୍ଥାନରେ ପ୍ରତିଯୋଗିତା ମଧ୍ୟ ହେଲାନାହିଁ, ବିହାର ପରି ଭୋଟ କେନ୍ଦ୍ର ଦଖଲର ସମସ୍ୟା ହିଁ ଏଠାରେ ନାହିଁ । ତେବେ, ରାଜନୈତିକ ଭାବେ ସଚେତନ କିଛି ବ୍ୟକ୍ତି ଜିଲ୍ଲା ପରିଷଦରେ ସ୍ଥାନୀୟ ବିଧାୟକ ଓ ବ୍ୟାଙ୍କ ଅଫିସର ତଥା ରାଜ୍ୟସଭା, ଲୋକସଭା ସାଂସଦଙ୍କୁ ମନୋନୀତ ସଦସ୍ୟ ରୂପେ ନେଉଥିବାରୁ ଏ ବ୍ୟବସ୍ଥା ନେଇ ସନ୍ଦିହାନ । "କାରଣ ଏହାଦ୍ୱାରା ଅନିର୍ବାଚିତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ କବଳରେ ରହିବ ଜିଲ୍ଲା ପରିଷଦ ଏବଂ ସେମାନେ

Digitized by srujanika@gmail.com

ବ୍ୟବସ୍ଥାକୁ ଆଖିମିଟିକା ମାରିବେ ।''–କହନ୍ତି ଜଣେ ରାଜନୈତିକ କର୍ମୀ । ''ବୈଠକରେ ଯଦି ଜଣେ ଏମ୍.ପି. କି ଏମ୍.ଏଲ୍.ଏ ଉପସ୍ଥିତ ରହିବେ, ତେବେ ତାଙ୍କ ସାମନାରେ ଜଣେ ନିର୍ବାଚିତ ସଦସ୍ୟ କପରି ଛିଡ଼ା ହୋଇପାରିବ କୁହନ୍ତୁତ ? ଋଣ ଦେବା ନେବା କରୁଥିବା ବ୍ୟାଙ୍କ ପରିଚାଳକକୁ କିଏ ପ୍ରତିରୋଧ କରିପାରିବ ?''

ତାଙ୍କର ଯୁକ୍ତି ଅକାଟ୍ୟ । ସଂଗଠିତ ରାଜନୈତିକ ଆନ୍ଦୋଳନର ଅନୁପସ୍ଥିତି ଏବଂ ନିମ୍ନସ୍ତରର ସଚେତନତା ରହିଲେ ଏସବୁ ସମସ୍ୟା ଅଧିକ ବଳବତ୍ତର ଓ ବୃହତ୍ତର ହୋଇଉଠିବ । ତଥାପି ବେଳେବେଳେ ବିସ୍ମୟକର ଭାବେ ବହେ ଓଲଟା ଉଜାଣି । ଏହି ଧାରା ଭିତରେ ଲୁଚି ରହିଛି ପରିବର୍ତ୍ତନର ବୀଜ ଏବଂ ସମୟ ପାଇଲେ ସେ ଅଙ୍କୁରିତ ହେବ । ମଞ୍ଜି ଏବେ ଚାରା ଧରୁଛି ଓ ଚେର ଲଟେଇବାକୁ ଆରମ୍ଭ କରିଛି । ଦିନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତା ଯୁଗମଣି ଓ ଗୁରୁବାରି ଏବେ ନିଜ ନିର୍ବାଚନ ନେଇ କହିପାରୁଛନ୍ତି : ''ସବୁ ଘରେ ତ ଏଇ ତିର୍ଲାମାନେ ହିସାବ ରଖନ୍ତି, ଘର ଚଳାନ୍ତି; ଆଉ ପଞ୍ଚାୟତରେ ପାରିବେ ନାହିଁ କାହିଁକି ?''

ଦିନ ଆସିବ ପଟ୍‌ୱାରୀ ଓ ପଟେଲମାନେ ପସ୍ତେଇବେ ଯେ ସେମାନେ ସେ ଦୁହିଁଙ୍କୁ ନିର୍ବାଚିତ କରାଇ ଭୁଲ୍ କରିଛନ୍ତି । ସୂର୍ଯ୍ୟୋଦୟର ଆଭାସ ଦିଶିଲାଣି ।

❖❖❖

Digitized by srujanika@gmail.com

ସମୟର ଚକ ସହ ମିଳାଇ ପାଦ

ରାଜପଥ ଉପରେ ଦଳ ଦଳ କିଶୋରୀ କନ୍ୟା ସାଇକେଲ ଚଳାଇ ଗୀତ ଗାଇ ଗାଇ ମୁଗ୍ଧ ବିହ୍ୱଳତାରେ ଚାଲିଥିଲେ । ଅପରାହ୍ନର ଖରା ନଇଁ ଆସି ମହଳ ସଂଜ ଘଞ୍ଚ ହୋଇ ଆସିଲେ ବି କିଶୋରୀମାନେ ସାଇକେଲ ଉପରେ ସେମାନଙ୍କ ପାଦ ଘୂରାଇ ଚାଲିଥାନ୍ତି । ଏପରିକି ନିହାତି ରକ୍ଷଣଶୀଳ ମୁସଲମାନ ପରିବାରର ଝିଅମାନେ ବି ମୁଣ୍ଡରୁ ଉତ୍ତରୀୟ ଖସାଇ ସାଇକେଲ ଚଳାଇବାକୁ ସାହସ ବାନ୍ଧିଛନ୍ତି । ଏବଂ ବିସ୍ମୟକର ଲାଗୁଥିଲେ ବି ବିଂଶ ଶତାବ୍ଦୀର ଶେଷ ଭାଗରେ ମହିଳାଙ୍କ ସାଇକେଲ ଚାଳନା ଆଣିଛି ଏକ ସାମାଜିକ ବିପ୍ଳବ । ଜଣେ ଦୁଇଜଣ ନୁହେଁ, ତାମିଲନାଡୁର ଦରିଦ୍ରତମ ଜିଲ୍ଲା ପୁଦୁକ୍କୋଟାଇର ଗ୍ରାମାଞ୍ଚଳର ହଜାର ହଜାର ନବସାକ୍ଷର ମହିଳା ଆଜି ଭାଙ୍ଗିବାକୁ ସମର୍ଥ ହୋଇଛନ୍ତି ଏକ ଦୁର୍ଗମ ଗଡ଼ ଓ ବନ୍ଧନ । ଏକ ବିଚିତ୍ର ପରିଭାଷା ଓ ପ୍ରତୀକରେ ସେମାନେ ଛିଣ୍ଡାଇ ଦେଇଛନ୍ତି ଯୁଗଯୁଗର ପରାଧୀନତାର ଶୃଙ୍ଖଳ; ଅବହେଳା, ଅନଗ୍ରସରତାର ନୀଡ଼ ଭିତରୁ ବାହାରି ଚାଖୁଛନ୍ତି ମୁକ୍ତିର ସ୍ୱାଦ । ସେ ପ୍ରତୀକ ବନିଛି ସାଇକେଲ ଚାଳନା ।

ଗ୍ରାମାଞ୍ଚଳର ପ୍ରାୟ ଏକଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଗତ ଦେଢ଼ବର୍ଷ ମଧ୍ୟରେ ସାଇକେଲକୁ ସେମାନଙ୍କ ସ୍ୱାଧୀନତାର ମାଧ୍ୟମ ରୂପେ ବରି ନେଇଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ଅନେକେ ନବସାକ୍ଷର । ଦଶବର୍ଷରୁ କମ୍ ବୟସ୍କା ଝିଅଙ୍କୁ ଯଦି ବାଦ୍ ଦିଆଯାଏ, ତେବେ ଏକ-ଚତୁର୍ଥାଂଶ ଗ୍ରାମୀଣ ମହିଳା ସାଇକେଲ ଚଳାଇ ଶିଖିଛନ୍ତି । ଏପରିକି ସର୍ବସାଧାରଣରେ 'ପ୍ରଦର୍ଶନୀ ତଥା ପ୍ରତିଯୋଗିତା'ରେ ସେମାନଙ୍କ ନୂତନ ଚାଳନା କୌଶଳକୁ ସଗର୍ବେ ପ୍ରଦର୍ଶିତ କରିବାକୁ ଆଗେଇ ଆସିଛନ୍ତି ୭୦ ହଜାର ମହିଳା । ତଥାପି ଅବ୍ୟାହତ ରହିଛି ସାଇକେଲ ଚାଳନା ଶିଖିବାର 'ତାଲିମ ଶିବିର' ଏବଂ ଶିଖିବାର ଅଭିଳାଷ । ଗ୍ରାମାଞ୍ଚଳ ପୁଦୁକ୍କୋଟାଇର ଜଣେ ମୁସଲମାନ କିଶୋରୀ ଜାମିଲା ବିବି ମୋତେ କହିଲେ : ''ଏହା ମୋର ଅଧିକାର । ସାଇକେଲ ଚଳାଇ ଯୁଆଡ଼େ ବି ମନଇଚ୍ଛା ଯାଇପାରିବି, ଆଉ ମୋତେ ବସ୍ ଅପେକ୍ଷାରେ ଘଣ୍ଟା ଘଣ୍ଟା ଛିଡ଼ା ହେବାକୁ ପଡ଼ିବ ନାହିଁ । ମୁଁ ପ୍ରଥମେ ଯେତେବେଳେ ସାଇକେଲ ଚଳାଇଲି, ପୁରୁଷ ଲୋକେ ମୋତେ ଦେଖେଇ ଶିଖେଇ ବହୁତ କଦର୍ଯ୍ୟ ଭାଷା କହିଲେ, ମନ୍ତବ୍ୟ କଲେ । ମାତ୍ର ମୁଁ ସେଆଡ଼କୁ କାନ ଦେଲିନାହିଁ ।''

ସେହିପରି ଫତିମା ହେଉଛି ଏକ ହାଇସ୍କୁଲରେ ଶିକ୍ଷୟିତ୍ରୀ । ସାଇକେଲ ଚାଳନା ତା' ପାଇଁ ଏପରି ନିଶା ପାଲଟି ଯାଇଛି ଯେ ସେ ପ୍ରତିଦିନ ସନ୍ଧ୍ୟାରେ ଅଧଘଣ୍ଟା ପାଇଁ

Digitized by srujanika@gmail.com

ସାଇକେଲଟିଏ ଭଡ଼ାରେ ଆଣି ଚଳାଏ । ନୂଆ ସାଇକେଲଟିଏ ପ୍ରାୟ ଦେଢ଼ହଜାର ଟଙ୍କା ଯାଏ ଦାମ୍ ହୋଇଥିବାରୁ ସେ କିଣିବାକୁ ସମର୍ଥା ନୁହେଁ । ସେ କହେ : ''ସାଇକେଲ୍ ଚଳାଇବା ପଛରେ ଅଛି ସ୍ୱାଧୀନତା । ଆମେ ଆଉ ଏବେ କାହାରି ଉପରେ ନିର୍ଭର କରୁନାହୁଁ । ମୁଁ ସାଇକେଲକୁ କେବେ ଛାଡ଼ିବି ନାହିଁ ।'' ଫତିମା, ଜାମିଲା ଏବଂ ସେମାନଙ୍କ ବାନ୍ଧବୀ ଆଭାକନି – ସମସ୍ତେ ବିଂଶ ବର୍ଷୀୟା ଏବଂ ସମସ୍ତେ ନିଜ ବସ୍ତିର କିଶୋରୀ ଓ ଯୁବତୀମାନଙ୍କୁ ସାଇକେଲ ଚାଳନା ଶିଖାଉଛନ୍ତି ।

ମହିଳାଙ୍କ ସାଇକେଲ ଚାଳନାର ସ୍ପନ୍ଦନ ପରିବ୍ୟାପ୍ତ ହୋଇଛି ସମଗ୍ର ଜିଲ୍ଲା । ସଂକ୍ରମିତ କରିଛି ବିଭିନ୍ନ ବୟସ ଓ ବୃତ୍ତିର ମହିଳାଙ୍କୁ – କ୍ଷେତ ମଜୁରିଆ, ଖାଦାନର ଶ୍ରମିକ, ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରେ ଏହାର ଆଦର ସର୍ବାଧିକ । ଏ ଦୌଡ଼ରେ ଅଛନ୍ତି ବାଲ୍‌ବାଡ଼ି ଓ ଅଙ୍ଗନବାଡ଼ି କର୍ମୀ, ରତ୍ନପଥର କଟାଳି, ସ୍କୁଲ ଶିକ୍ଷୟିତ୍ରୀ ଏବଂ ପଛରେ ପଡ଼ିନାହାନ୍ତି ଗ୍ରାମ-ସେବିକା ତଥା ମଧ୍ୟାହ୍ନ ଭୋଜନ ପ୍ରସ୍ତୁତକାରିଣୀ । ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନବସାକ୍ଷର । ଜିଲ୍ଲାରେ ଏକ ଶକ୍ତିଶାଳୀ ସାକ୍ଷରତା ଆନ୍ଦୋଳନର ନେତୃତ୍ୱ ନେଇଥିବା 'ଆରାବଳି ଇୟାକମ୍' (ଜ୍ଞାନର ଆଲୋକ ଅଭିଯାନ) ମହିଳାଙ୍କ ଏଇ ଶକ୍ତିର ସ୍ଫୁରଣକୁ ତ୍ୱରିତ ଉନ୍ମୋଚିତ କଲା, ସ୍ୱୀକୃତି ଦେଲା । ପ୍ରତି ନବସାକ୍ଷର ଓ ନୂଆ ସାଇକେଲ ଆରୋହିଣୀଙ୍କ ଭିତରେ ପ୍ରକଟିତ ହେଲା ସ୍ୱାଧୀନତାର ସ୍ୱର ଓ ସ୍ୱାକ୍ଷର ।

ଆରାବଳି ଅଭିଯାନର ଜଣେ କେନ୍ଦ୍ରୀୟ ସଂଯୋଜକ ତଥା ସାଇକେଲ ଆନ୍ଦୋଳନର ଅଗ୍ରଣୀ କର୍ମୀ ଏନ୍. କନ୍ନମାଳ କହନ୍ତି : 'ମୂଳକଥା ହେଉଛି ଏହା ମହିଳାଙ୍କ ଭିତରେ ସୃଷ୍ଟି କଲା ଆସ୍ଥା ଓ ଆତ୍ମବିଶ୍ୱାସ । ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହା ସେମାନଙ୍କର ପୁରୁଷମାନଙ୍କ ଉପରେ ନିର୍ଭରଶୀଳତାକୁ କମାଇଦେଲା । ଏବେ ଆମେ ଦେଖୁଛୁ, ଜଣେ ମହିଳା ନିଜ ପିଲାକୁ ଧରି ସାଇକେଲରେ ଚାରି କି.ମି. ଦୂରକୁ ପିଇବା ପାଣି ଆଣିବାକୁ ଯାଉଛି । ଘର ପାଇଁ ସଉଦାପତ୍ର କିଣିବାକୁ ସାଇକେଲରେ ଯାଉଛି । ମାତ୍ର ବିଶ୍ୱାସ କରନ୍ତୁ, ପହିଲେ ପହିଲେ ଝିଅମାନେ ଯେତେବେଳେ ସାଇକେଲ ଚଢ଼ିଲେ, ସେମାନଙ୍କ ଚରିତ୍ର ଉପରେ ଆରମ୍ଭ ହୋଇଗଲା ପ୍ରଚଣ୍ଡ ଆକ୍ରମଣ । ଅନେକ ଅଶ୍ଳୀଳ ମନ୍ତବ୍ୟ ଶୁଣିବାକୁ ମିଳିଲା । ମାତ୍ର ଆରାବଳି ଦେଲା ସାଇକେଲ ଚାଳନାକୁ ଏକ ସାମାଜିକ ସ୍ୱୀକୃତି । ତେଣୁ ବହୁ ସଂଖ୍ୟାରେ ମହିଳା ଏହାକୁ ଆଦରି ନେଲେ ।'' ସେମାନଙ୍କ ମଧ୍ୟରେ ପ୍ରଥମେ ଥିଲା ସ୍ୱୟଂ କନ୍ନମାଳ । ସେ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ବି ସେଯାଏ ସାଇକେଲ ଚଳାଇବାକୁ ସାହସ କରିପାରୁନଥିଲା ।

ଆରାବଳିର 'ସାଇକେଲ ତାଲିମ ଶିବିର' ଦେଖିଲେ ଅଦ୍‌ଭୂତ ଅଭିଜ୍ଞତା ମିଳେ । କିଲାକୁରୁଚି ଗ୍ରାମରେ ଗୋଟିଏ ରବିବାରରେ ଅନୁଷ୍ଠିତ ସେଭଳି ଶିବିରରେ

Digitized by srujanika@gmail.com

ଯୋଗଦେଇଥିଲେ ଗ୍ରାମର ସମସ୍ତ ଆଗ୍ରହୀ ଝିଅ । ପୁରୁଷଙ୍କ ଦ୍ୱାରା ବଳବତ୍ତର କଟକଣାରୁ, ଘର ପାଇଟିର ଧରାବନ୍ଧା ଝଂଝାଳରୁ ଏହା ଦେଇଥାଏ ମୁକ୍ତି ଓ ତୃପ୍ତିର ସ୍ୱାଦ । ସେମାନେ ଗାଇଥାନ୍ତି ଏଠାରେ ଆରାବଳି ଦ୍ୱାରା ସାଇକେଲ ଉପରେ ରଚିତ ଗୀତ । ମନକୁ ଉଲ୍ଲସିତ, ଉଚ୍ଚାଟିତ କରେ, ଡେଣାଝାଡ଼ି ଉଡ଼ିଯିବାର ସ୍ୱାଧୀନତା ଶିଖାଏ । ଗୀତଟିର ଗୋଟିଏ ଧାଡ଼ି :

''ସମୟର ଚକ ସହ ମିଳାଇ ପାଦ
ଆସରେ ଭଉଣୀ ଆସ, ଚଳାଇ ଶିଖ
ସାଇକେଲ ଚଳାଇ ଶିଖ ।
ଚାଖିନିଅ ମୁକ୍ତିର ନୂତନ ସ୍ୱାଦ ।''

ଆରାବଳି ଅଭିଯାନ ପାଇଁ ଆଜି ଆଗେଇ ଆସିଛନ୍ତି ସାଇକେଲ ଚଳାଇ ଶିଖିଥିବା ଅନେକ ଯୁବତୀ, ନୂଆ ଆଗ୍ରହୀ ଝିଅଙ୍କୁ ସାଇକେଲ ଚଳା ତାଲିମ ଦେବାକୁ, ବିନା ପାରିଶ୍ରମିକରେ । ସେମାନଙ୍କୁ କୁହାଯାଏ 'ମାଷ୍ଟର ପ୍ରଶିକ୍ଷକ' । କେବଳ ସେମାନଙ୍କ ଭିତରେ ନଥାଏ ତାଲିମ ପାଇବାର ଆଗ୍ରହ, ମହିଳାମାନେ ଯେମିତି ହେଉ ସାଇକେଲ ଚଳାଇ ଶିଖିବେ ଏବଂ ସ୍ୱାଧୀନ ହେବେ; ଏ ଧାରଣା ବଦ୍ଧ ପରିକର ହୋଇ ରହିଥାଏ । ଫଳସ୍ୱରୂପ ଏହି ଅନୁଭୂତି ସାକ୍ଷରତା ଅଭିଯାନକୁ କରିଛି ସଂପୃକ୍ତି ଓ ସମୃଦ୍ଧ । ନୂଆ ସାଇକେଲ ଆରୋହିଣୀଗଣଙ୍କ ଆରାବଳୀ ଅଭିଯାନ ସହିତ ସଂପୃକ୍ତି ସର୍ବସ୍ୱ ଓ ଅନୁରକ୍ତି ଅତି ଅନ୍ତରଙ୍ଗ ଓ ଭାବପ୍ରବଣ ଭାବେ ଯୋଡ଼ିହୋଇ ଯାଇଛି ।

ସମୁଦାୟ ପଟ୍ଟଭୂମି ଓ ଘଟଣାପ୍ରବାହ ହେଉଛି ଏଠାକାର ଜନପ୍ରିୟ ଜିଲ୍ଲାପାଳ, କିମ୍ବଦନ୍ତୀମୟ ବ୍ୟକ୍ତିତ୍ୱ ଶିଳାରାଣୀ ଚୁଙ୍କଥିଙ୍କ ମାନସ ସନ୍ତାନ । ୧୯୯୧ରେ ପ୍ରତି ମହିଳା କର୍ମୀଙ୍କୁ ସେ ତାଲିମ ଦେବାକୁ ଚାହିଁଲେ ଯେପରି ସେମାନେ ଅତ୍ୟନ୍ତ ଦୁର୍ଗମ ଗ୍ରାମମାନଙ୍କୁ ଯାଇ ମହିଳାଙ୍କୁ ସାକ୍ଷର କରିପାରିବେ । ଏଥିପାଇଁ ଦରକାର ଗତିଶୀଳ ହେବାପାଇଁ ମାଧମ ଏବଂ ଏଥିପାଇଁ ଆବଶ୍ୟକ ପଡ଼ିଲା ସାଇକେଲ । ଏହି ଗତିଶୀଳତାର ଅଭାବ ହିଁ କମାଇ ଦେଉଥିଲା ସେମାନଙ୍କ ଆସ୍ଥା, ଅବରୁଦ୍ଧ କରି ପକାଉଥିଲା ଇଚ୍ଛାଶକ୍ତିକୁ । ମହିଳାମାନଙ୍କୁ ସାଇକେଲ କିଣିବା ପାଇଁ ଋଣ ଦେବାକୁ ବ୍ୟାଙ୍କମାନଙ୍କୁ ନିର୍ଦ୍ଦେଶ ଦେଲେ ଜିଲ୍ଲାପାଳ ଶିଳାରାଣୀ । ଏଥିପାଇଁ ସେ ବ୍ୟକ୍ତିଗତ ସ୍ତରରେ ଯେପରି ଗୁରୁତର ଧ୍ୟାନ ଦେଲେ, ସେହିପରି ପ୍ରତି ବ୍ଲକ୍ ଉପରେ ଧାର୍ଯ୍ୟ କରିଲେ ଅଭିଯାନର ଅଭିବୃଦ୍ଧି ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଦାୟିତ୍ୱ ।

ପ୍ରଥମେ ସାମାଜିକ କର୍ମୀ ବା ସ୍ୱେଚ୍ଛାସେବୀମାନେ ଶିଖିଲେ ସାଇକେଲ ଚାଳନା । ତା'ପରେ ନବସାକ୍ଷର । ତା'ପରେ ଛୁଟିଲା ମହିଳାଙ୍କ ପଟୁଆର । ଆଶ୍ଚର୍ଯ୍ୟ

Digitized by srujanika@gmail.com

ହେବାର କିଛି ନାହିଁ ଯେ ବଜାରରେ ଲେଡ଼ିଜ୍ ସାଇକେଲର ଅଭାବ ପଡ଼ିଲା । କିଛି ଭାବିବାର ନାହିଁ, ପୁରୁଷଙ୍କ ସାଇକେଲ ବି ଭଲରେ କାମଦେଲା । ବରଂ ଏଥିରେ ସିଟ୍ ଠାରୁ ହାଣ୍ଡେଲ ଯାଏ ଛଡ଼ଟାଏ ଥିବାରୁ ମହିଳାମାନେ ଏହାକୁ ଅଧିକ ପସନ୍ଦ କଲେ । କାରଣ କାମରେ କେଉଁଠାକୁ ଗଲେ ଏହି ଛଡ଼ ଉପରେ ପିଲାଟିକୁ ବସାଇ ହେବ । ଲେଡ଼ିଜ୍ ସାଇକେଲରେ ସେତକ ସୁବିଧା ନାହିଁ । ହଜାର ହଜାର ମହିଳା ଆଜିଯାଏ ଏହି ପୁରୁଷ ସାଇକେଲ ଚଳାଇ ଆସୁଛନ୍ତି ଆଉ ହଜାର ହଜାରଙ୍କର ସ୍ୱପ୍ନ ଯେ, ସେମାନେ କେବେ ସାଇକେଲ ଖଣ୍ଡିଏ କିଣିବେ ।

୧୯୯୨ରେ ପାଳିତ ଆନ୍ତର୍ଜାତୀୟ ମହିଳା ଦିବସ ପରେ ଏ ଜିଲ୍ଲାର ଚରିତ୍ର ଓ ମାନଚିତ୍ର ବଦଳିଗଲା । ସେହି ଉପସ୍ଥିତ ଦିବସରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ସାଇକେଲ ହାଣ୍ଡେଲ ଉପରେ ଶୋଭା ପାଇଲା ପତାକା, ବାଜି ଉଠିଲା ଘଣ୍ଟି—ଟିଂ ଟିଂ, ସେମାନେ ପୁଦୁକୋଟ୍ଟାଇ ସହରରେ ପ୍ରଭଞ୍ଜନ ପରି ପ୍ରବେଶ କଲେ । ପ୍ରକମ୍ପିତ ହୋଇଉଠିଲା ପବନ ବିଭିନ୍ନ ଧ୍ୱନି ଓ ଧୂନ୍‌ରେ । ଶତ ଶତ ସାଇକେଲ ଆରୋହିଣୀଙ୍କ ଏହି ପ୍ରଲମ୍ବିତ ଯାତ୍ରାରେ ଯେମିତି ହତଭମ୍ବ ହୋଇଗଲେ ସହରବାସୀ, ସେହିପରି ସ୍ୱାକ୍ଷରିତ ହୋଇଗଲା ନାରୀମୁକ୍ତିର ସ୍ୱର୍ଣ୍ଣାଭ ଦସ୍ତାବିଜ୍ ।

ଏ ବିଷୟରେ ପୁରୁଷମାନେ କ'ଣ ଭାବନ୍ତି ? ମହିଳାଙ୍କ ସାଇକେଲ ଚାଳନାକୁ ସ୍ୱୀକୃତି ଦେଉଥିବା ଜଣେ ବ୍ୟକ୍ତି ହେଲେ 'ରାମ ସାଇକେଲ ଷ୍ଟୋର୍'ର ମାଲିକ କନକରାଜନ । ଏହି ଜଣେ ମାତ୍ର ବିକ୍ରେତା ଦେଖିଲେ ଯେ ବର୍ଷକ ମଧ୍ୟରେ ଲେଡ଼ିଜ୍ ସାଇକେଲ ବିକ୍ରିରେ ୩୫୦ ଶତାଂଶ ଉନ୍ନତି ଘଟିଛି । ତେବେ ଏ ଆକଳନ ବା ପରିସଂଖ୍ୟାନ କମ୍ ଲାଗେ । ପ୍ରଥମ କାରଣ, ଲେଡ଼ିଜ୍ ସାଇକେଲ ନମିଳିବାରୁ ଅଧିକାଂଶ ମହିଳା ପୁରୁଷ—ସାଇକେଲ କିଣିଲେ । ଦ୍ୱିତୀୟରେ, ମୋତେ ବିକ୍ରିକର ବିଭାଗର ଜଣେ ଛଦ୍ମବେଶୀ ଏଜେଣ୍ଟ ଭାବି ସେ ତାଙ୍କ ବିକ୍ରିକୁ କମ୍ ଦର୍ଶାଇଲେ । ତେବେ ମହିଳାଙ୍କ ସାଇକେଲ ଚାଳନାକୁ ସବୁ ପୁରୁଷ ବିରୋଧ କରୁ ନଥିଲେ । ମୁଥୁ ଭାସ୍କରନ୍‌ଙ୍କ ଭଳି 'ଆରାବଳୀ ଅଭିଯାନ'ର ପୁରୁଷ କର୍ମୀମାନେ ବରଂ ଏହାକୁ ଉତ୍ସାହିତ କରୁଥିଲେ । ସାଇକେଲ ଉପରେ ସେ ରଚନା କରିଥିବା ଗୀତଟି ପାଲଟିଗଲା ଯେପରି ଜାତୀୟ ସଂଗୀତ, ସମସ୍ତଙ୍କ କଣ୍ଠରେ ଥିଲା ସେ ଗୀତର ସ୍ୱର ।

ଆଉଟା ତମ୍ବା ପରି ଉତପ୍ତ ରୌଦ୍ରତାପ ଭିତରେ ଝଲସୁ ଥିବା ଏକ ପଥର ଖାଦାନରେ ଦିନେ ଦେଖିଲି ବାଇଶ ବର୍ଷିଆ ମନୋରମା ଅନ୍ୟ ଝିଅମାନଙ୍କୁ ଶିଖାଉଛି ସାଇକେଲ ଚାଳନା । ବାସ୍ତବରେ ସେ ପ୍ରଶିକ୍ଷଣର ରହିଛି ଜୀବନ ସହିତ ସଂଯୋଗ । ଜଣେ ଖାଦାନ ଶ୍ରମିକ ଏବଂ ଆରାବଳିର ମହିଳା କର୍ମୀ ରୂପେ ସେ ଅନୁଭବ କରେ

Digitized by srujanika@gmail.com

ତା'ର ସହଗାମିନୀ, ସାଥୀମାନେ ସାଇକେଲ ଚଳାଇ ଶିଖିବା ନିହାତି ଜରୁରୀ : ''ଆମ ଗାଁ ଓ ପାଖାପାଖି ଅଞ୍ଚଳ ଅନ୍ୟ ଇଲାକା ଠାରୁ ବିଚ୍ଛିନ୍ନ ହୋଇଥିବାରୁ ଯିଏ ସାଇକେଲ ଶିଖିଛି, ସେହିଁ କାମଧନ୍ଦାକୁ ଯାଇପାରିବ।'' ସମୟର ଠିକ୍ ଉପଯୋଗ ମଧ୍ୟ କରିପାରିବ–କହେ ମନୋରମା। ୧୯୯୨ର ଗୋଟିଏ ସପ୍ତାହରେ ଯେତେବେଳେ ୭୦ ହଜାର ମହିଳା ସର୍ବସାଧାରଣରେ ପ୍ରଦର୍ଶିତ କଲେ ସାଇକେଲ ଚାଳନାର କୌଶଳ, ସେତେବେଳେ ଏଥିରେ ଅଭିଭୂତ 'ୟୁନିସେଫ୍' ସଂଗଠନ ଆରାବଳି ଅଭିଯାନର ମହିଳା କର୍ମୀଙ୍କୁ ଯୋଗାଇ ଦେଲା ୫୦ଟି ମୋପେଡ୍।

ସାଇକେଲ ଚଳାଇବାର ରହିଛି ନିବିଡ଼ ଓ ନିର୍ଦ୍ଦିଷ୍ଟ ଅର୍ଥନୈତିକ ଦିଗନ୍ତ। ଏହା ଆୟ ବଢ଼ାଇଥାଏ। କେତେଗୁଡ଼ିଏ ଗ୍ରାମରେ ବୁଲି ବୁଲି କିଛି ସ୍ତ୍ରୀଲୋକ ଚାଉଳ, ପିଆଜ, ହଳଦୀ ଓ ପନିପରିବା ଭଳି କୃଷିଜାତ ତଥା ଅନ୍ୟାନ୍ୟ ପଦାର୍ଥ ବିକ୍ରି କରିଥାନ୍ତି। ସେମାନଙ୍କ ପାଇଁ ସାଇକେଲର ମାଧ୍ୟମ ବଞ୍ଚାଇଥାଏ ସମୟ। କାରଣ ବସ୍ ପାଇଁ ଅପେକ୍ଷା କରିବାରେ ଯେପରି ସମୟ ଯାଏ, ସେହିପରି ପାଦରେ ଚାଲି ଚାଲି ଗାଁ ଗାଁ ବୁଲିବା। ପୁଣି କେତେକ ଅଞ୍ଚଳକୁ ବସ୍ ସୁବିଧା ନାହିଁ। ଦ୍ୱିତୀୟତଃ, ଜିନିଷପତ୍ରର ଫେରି କରିବା। ମୂଳଚାଲ କରିବାକୁ ଏହା ସମୟ ଦେଇଥାଏ। ଯେତିକି ଅଞ୍ଚଳ ବୁଲିବାକୁ ଜଣେ ଭାବିଥାଏ, ତା'ଠାରୁ ଅଧିକ ଅଞ୍ଚଳକୁ ଫେରି କରିବା ପରିବ୍ୟାପ୍ତ ହୋଇଥାଏ। ଥକା ମେଣ୍ଟାଇବାକୁ ଚାହିଁଲେ ସାଇକେଲ ମଧ୍ୟ ଦେଇଥାଏ ବଳକା ଫୁର୍ତ୍ତି ସମୟ। ଛୋଟ ଛୋଟ ଚାଷୀ ଯେଉଁମାନେ କୃଷିଜାତ ଦ୍ରବ୍ୟ ବିକ୍ରି ପାଇଁ ସାଇକେଲ ଖଣ୍ଡେ କିଣିପାରନ୍ତି ନାହିଁ, ସେମାନେ ଘରୁ ବସ୍‌ଷ୍ଟାଣ୍ଡ ଯାଏ ଯିବାକୁ ସାହାଯ୍ୟ ନିଅନ୍ତି ନିଜ ବାପା, ଭାଇ, ସ୍ୱାମୀ କିମ୍ବା ସେହିପରି ସଂପର୍କିତ ପୁରୁଷମାନଙ୍କର ଏବଂ ପାଦରେ ଚାଲି ଚାଲି ସୀମିତ ଗ୍ରାମ ବୁଲନ୍ତି। ସେମାନଙ୍କୁ ପୁଣି ଘର ପାଇଟି କରିବାକୁ କିମ୍ବା ପିଲା ସମ୍ଭାଳିବାକୁ କି ପାଣି ଆଣିବା ଦାୟିତ୍ୱ ନିର୍ବାହ ପାଇଁ ଘରକୁ ସଅଳ ଫେରିବାକୁ ପଡ଼େ। ମାତ୍ର ସାଇକେଲ ଥିବା ମହିଳାର ଏସବୁ କାମ ସହିତ ଘରକାମ ପାଇଁ ଛନକା କି ଦକ ନଥାଏ। ବେଳେ ବେଳେ ଦେଖିବାକୁ ମିଳେ ଏକ ନିକାଞ୍ଚନ, ଅଗମ୍ୟ ଧୂଳି ଧୂସରିତ ଗ୍ରାମ୍ୟ ରାସ୍ତାରେ ସାଇକେଲ ବାର୍ ଓ କ୍ୟାରିଅର୍‌ରେ ଦୁଇଟି ପିଲାଙ୍କୁ ବସାଇ ଯୁବତୀ ମାଆଟିଏ ସଉଦାପତ୍ର ଧରି ଫେରୁଛି। ବେଳେବେଳେ ଥିବେ ତିନୋଟି ପିଲା, କ୍ୟାରିଅର ଦୁଇପାର୍ଶ୍ୱରେ ଝୁଲୁଥିବ ଦୁଇଟି ପାଣିଭର୍ତ୍ତି ଗରା।

ତଥାପି ସବୁ ଉପରେ ଉଞ୍ଚା କରି ଅର୍ଥନୀତିକୁ ଲଦିଦେବା ଏକ ତ୍ରୁଟିପୂର୍ଣ୍ଣ ଦିଗନ୍ତ ହୋଇପାରେ। ସବୁଠାରୁ ବଡ଼କଥା ହେଉଛି ଏହା ଆଣୁଥିବା ଆତ୍ମ-ସମ୍ମାନ। ସ୍ୱାବଲମ୍ବନ ତ ନିଷ୍ଚୟ। ''ନିଶ୍ଚିତ ରୂପେ ଏହା କେବଳ ଅର୍ଥନୀତି ନୁହେଁ''–କହେ

Digitized by srujanika@gmail.com

ଫାତିମା ବିବି । "ମୁଁ ସାଇକେଲରୁ କି ଟଙ୍କା ପାଏ ? ବରଂ ସେଥିରେ ଟଙ୍କା ସାରେ । ସାଇକେଲ ଖଣ୍ଡେ କିଣିବାକୁ ମୋ ପାଖରେ ଟଙ୍କା ନାହିଁ । କିନ୍ତୁ ମୁଁ ପ୍ରତିଦିନ ସନ୍ଧ୍ୟାରେ ସାଇକେଲଟିଏ ଭଡ଼ାରେ ଆଣେ, କାରଣ ସାଇକେଲ ଚଳାଇଲେ ମୁଁ ହାଲୁକା ଅନୁଭବ କରେ । ନିଜକୁ ସ୍ୱାଧୀନ ମନେକରେ ।" ପୁଦୁକ୍କୋଟ୍ଟାଇରେ ପହଞ୍ଚିବା ପୂର୍ବରୁ ଏହି ନମ୍ର ଯାନଟିକୁ ମୁଁ ସେହି ଦିଗରୁ କେବେ ବିଚାରି ନଥିଲି – ସାଇକେଲ ହେଉଛି ମୁକ୍ତିର ଏକ ପରିଭାଷା । ନିଜକୁ ମୁଁ ନିର୍ବୋଧ ମନେକଲି ।

ଏବେ ମୁଁ ବୁଝିପାରିଲି କାନ୍ନାମାଲାର ବକ୍ତବ୍ୟ : "ସହରୀ ପାଠୁଆ ବାବୁମାନେ ସହଜରେ ଧରିପାରିବେ ନାହିଁ ଯେ, ଗାଉଁଲି ସ୍ତ୍ରୀଲୋକଙ୍କ ପାଇଁ ସାଇକେଲ ଚଢ଼ିବା ହେଉଛି ଉଡ଼ାଜାହାଜ ଚଢ଼ିବା ସହ ସମାନ । ଏକଥା ଶୁଣିଲେ ସେମାନେ ତାଚ୍ଛଲ୍ୟରେ ହସିବେ । କେବଳ ମହିଳାଟିଏ ଜାଣେ ଯେ ଏହା ତା' ପାଇଁ କେତେ ବଡ଼କଥା । ହିମାଳୟର ଏଭରେଷ୍ଟ ଶୃଙ୍ଗ ଚଢ଼ିବା ଭଳି ।"

ପୁରୁଷ-ପ୍ରଧାନ ଏକ ସମାଜରେ, ପୁରୁଷ ନିୟନ୍ତ୍ରିତ ଅର୍ଥନୀତିରେ, ପୁରୁଷ ଦ୍ୱାରା ଶାସିତ ଏକ ସଂସାରରେ ଯୁଗ ଯୁଗ ଧରି ବନ୍ଦିନୀ ପ୍ରାୟ ନାରୀଟିଏ ମୁକ୍ତିର ଯେତେବେଳେ ସ୍ୱାଦ ଚାଖେ, ସତରେ ସେ ଅନୁଭବ ଲାଗେ ହିମାଦ୍ରିର ସର୍ବୋଚ୍ଚ ଶୃଙ୍ଗ ଆରୋହଣ କଲାପରି ଉତ୍ତୁଙ୍ଗ – ମାଟିର ମଣିଷମାନେ ସେଠାରେ ଦିଶନ୍ତି ଖର୍ବପ୍ରାୟ, ଲାଗେ ହାତ ପାଆନ୍ତାରେ ଧରିହେବ ଆକାଶ ।

ଏହି ଶିଖର ଆରୋହଣର ଅନୁଭବ ସଂକ୍ରମିତ କରିଚାଲିଛି ପିଢ଼ି ପରେ ପିଢ଼ି କିଶୋରୀମାନଙ୍କୁ ଏବଂ ପରିବ୍ୟାପ୍ତ ହୋଇଚାଲିଛି ସମଗ୍ର ଜିଲ୍ଲା । କିଶୋରୀ କନ୍ୟାଙ୍କ ଉଦାତ୍ତ କଣ୍ଠରୁ ଉଛୁଳି ପଡୁଛି ପ୍ରେରଣାର ପଂକ୍ତି :

"ସମୟର ଚକ ସହ ମିତଣୀ ମିଳାଇ ପାଦ
ଚାଖିନିଅ, ଚାଖିନିଅ ମୁକ୍ତିର ନୂତନ ସ୍ୱାଦ ।"

* * *

Digitized by srujanika@gmail.com

କୃତଜ୍ଞତା ସ୍ୱୀକାର

ମୁଁ ୧୯୯୨ ବର୍ଷ ପାଇଁ ଟାଇମ୍‌ସ ଫେଲୋସିପ୍ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିଲି । ଅବଶ୍ୟ କାମ ୧୯୯୩ ମଧଭାଗରେ ଆରମ୍ଭ ହେଲା । ଏହି ପୁସ୍ତକଟି ୧୯୯୩ ମଇ ମାସ ଠାରୁ ୧୯୯୪ ଏପ୍ରିଲ୍ ୩୦ ତାରିଖ ପର୍ଯ୍ୟନ୍ତ ଫେଲୋସିପ୍ କାଉନ୍‌ସିଲ ଦ୍ୱାରା ପ୍ରଦତ୍ତ ବାର୍ଷିକ ଆର୍ଥିକ ସାହାଯ୍ୟର ଫଳ । ମୁଁ ଟାଇମ୍‌ସ ଅଫ୍ ଇଣ୍ଡିଆ ଗୋଷ୍ଠୀର ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜଣାଉଛି ।

''ଟାଇମ୍‌ସ ଫେଲୋସିପ୍ ପରିଷଦ'' ସହ ସମ୍ପର୍କ ଏକ ମହତ୍ତର ଅଭିଜ୍ଞତା । ସମଗ୍ର ପ୍ରକଳ୍ପ ସମୟ ମଧରେ ଏହି ପରିଷଦ ସମ୍ପୂର୍ଣ୍ଣ ସହଯୋଗୀ ଥିଲା । ଏହାର ସମସ୍ତ ସଭ୍ୟଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ଏହାର ଅଧ୍ୟକ୍ଷ ଅଶୋକ ଜୈନ କାର୍ଯ୍ୟର ସଫଳତା ଦିଗରେ ମୋ ସହ ପ୍ରକଳ୍ପ କାଳ ମଧରେ ଏକାଧିକ ଥର ଆଲୋଚନା କରିଛନ୍ତି । ତାହା ମୋ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟକ ।

ପରିଷଦର ଅବୈତନିକ ସମ୍ପାଦକ କେ. ବାଲ୍‌କ୍ରିଷ୍ଣନ୍ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ମୋର ସମସ୍ତ ଶକ୍ତି ଲେଖାଲେଖି ଓ କ୍ଷେତ୍ରୀୟ କାର୍ଯ୍ୟରେ ନିବଦ୍ଧିତ କରିବାରେ ସେ ସହାୟକ ହୋଇଛନ୍ତି । ସେ ଏବଂ ନାରାୟଣୀ ମଣ୍ଡୋ ବିଶେଷ ସହାୟତା ଦେଇଛନ୍ତି । ସେମାନଙ୍କ କାର୍ଯ୍ୟକାରିତା ମୋର ଅଳସୁଆମୀକୁ ତ୍ୱରାନ୍ୱିତ କରି ଲେଖାକାମ କରାଇ ପାରିଛି । ବିଭିନ୍ନ ରାଜ୍ୟ ଗସ୍ତକ୍ରମ ମଧରେ ଜଣେ ତାଲିମପ୍ରାପ୍ତ ଅର୍ଥନୀତିଜ୍ଞ ଭାବେ ବାଲ୍‌କ୍ରିଷ୍ଣନ୍‌ଙ୍କ ମୂଲ୍ୟବାନ ମତାମତ ମତେ ସହାୟତା କରିଛି, ଯେଉଁଥିପାଇଁ ମୁଁ ସବୁବେଳେ ଦିଲ୍ଲୀ ବାଟ ଦେଇ ଯାତାୟତ କରିଥାଏ । ମୋର ସୌଭାଗ୍ୟ ଯେ, ଟାଇମ୍‌ସର ସମସ୍ତ ସମ୍ପାଦକଙ୍କ ସାହାଯ୍ୟ ମୁଁ ପାଇଛି । ଆବଶ୍ୟକ ପରାମର୍ଶ ଦେଉଥିଲେ ମଧ ଦିଲ୍ଲୀପ ପଦ୍‌ଗାଓଁକର୍ ଓ ଡାରିଲ୍ ଡି' ମଣ୍ଡୋ ମତେ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ । ସେଥିପାଇଁ ସେ ଦୁହିଁଙ୍କୁ ଅନେକ ଅନେକ ଧନ୍ୟବାଦ । ସେ ଦୁଇଜଣ ''ଟାଇମ୍‌ସ''ରେ ଥିବାବେଳେ ହିଁ ମୋର ଅଧିକାଂଶ ବିବରଣୀ ପ୍ରକାଶିତ ହୋଇଥିଲା । ଦିଲ୍ଲୀପ ସର୍ବଦା ଉତ୍ସାହୀ, ଡାରିଲ୍ ବୋଧହୁଏ ଦୂରରୁ ଆସୁଥିବା ଫୋନ୍‌ଗୁଡ଼ିକର ବିବରଣୀ ଲିପିବଦ୍ଧ କରି ରଖୁଥିଲେ । କଳାହାଣ୍ଡିରୁ ସଂଗୃହୀତ କେତେକ ଗୁରୁତ୍ୱପୂର୍ଣ୍ଣ କାହାଣୀ ହିଁ ତାଙ୍କରି ପରାମର୍ଶର ଫଳଶ୍ରୁତି । ପରେ ଡିନା ଓକିଲ୍ ଠାରୁ ମଧ ମୁଁ ସେହି ସ୍ୱାଧୀନତା ପାଇଛି ।

ଫ୍ରଣ୍ଟ୍‌ଲାଇନ୍ ପତ୍ରିକାର ଏନ୍.ରାମ ହେଉଛନ୍ତି ଏମିତି ଜଣେ ସଂପାଦକ ଯିଏ ବିଶ୍ୱାସ କରୁଥିଲେ ଏହି ପ୍ରକଳ୍ପ ଏମିତି ଆରମ୍ଭରୁ ହିଁ ସଫଳ ହେବ । ମୁଁ ତାଙ୍କ ନିକଟରେ କୃତଜ୍ଞ । ପ୍ରଥମ ଦୁଇଟି ଅଧାୟର ପାଣ୍ଡୁଲିପି ଦେଖିଥିବାରୁ ସୁଶାନ୍ ରାମଙ୍କୁ ଧନ୍ୟବାଦ ।

ଯେଉଁ ବଂଧୁମାନେ ପ୍ରତି ସ୍ତରରେ ଅଶେଷ ସାହାଯ୍ୟ ଦେଇଛନ୍ତି ସେମାନେ ହେଲେ, ଭେଙ୍କଟେଶ ଆତ୍ରେୟ, ଏନ୍.ଡି.ଜୟପ୍ରକାଶ, ଅନୀଲ କୁମାର ଚୌଧୁରୀ, କେ. ନାଗରାଜ ଏବଂ ସୀତରାମ ଯେଚୁରୀ ।

ବ୍ଲିଜ୍ ଦିଲ୍ଲୀ ବ୍ୟୁରୋର ସଂଜୟ କପୁର, ସୁରେନ୍ଦ୍ର, କମଳ ଏବଂ ଅନ୍ୟମାନେ ସବୁ ଦିଗରୁ ସାହାଯ୍ୟ କରିଛନ୍ତି । ଜୟା ମେହେତାଙ୍କ ସାହାଯ୍ୟ ପାଇଁ ଧନ୍ୟବାଦ । ପୁଣି ଧନ୍ୟବାଦ ଜଣାଉଛି ଏ ଦେଶର ଅସଂଖ୍ୟ ସାମ୍ବାଦିକଙ୍କୁ; ଯେଉଁମାନଙ୍କ ଲେଖା ମାଧମରେ ମୁଁ ଅସୀମ ଓ ନିଃସ୍ୱାର୍ଥପର ସହଯୋଗ ପାଇପାରିଛି ।

ଏକ ସଙ୍କଟକ୍ଷଣରେ ଆଖିଦୃଶିଆ ସହଯୋଗ ଦେଇଥିବାରୁ ମୁଁ ପି.ଭି. ରମଣୀୟା ରାଜା ଏବଂ ରାଜଲକ୍ଷ୍ମୀ ଫାଉଣ୍ଡେସନ୍‌ର ଟ୍ରଷ୍ଟିମାନଙ୍କ ନିକଟରେ ଅତ୍ୟନ୍ତ ଋଣୀ । ସେମାନେ ଏହି କାର୍ଯ୍ୟ ପାଇଁ ଯେଉଁ ପୁରସ୍କାର ସ୍ୱୀକୃତି ଦେଲେ ତାହା ଏହି ପ୍ରକଳ୍ପର ଅନ୍ୟ ଦୁଇ ଅଂଶ : କର୍ମରତ ମଣିଷଙ୍କ ଦୃଶ୍ୟମୟ ଅଭିଲେଖାଗାର ଏବଂ ଶହ ଶହ ସାକ୍ଷାତକାରର ବାଚିକ ଅଭିଲେଖାଗାରକୁ ସଂଜୀବିତ କଲା । ମୁଁ ମଧ ହ୍ୟୁମାନ୍ ସ୍କେପ୍‌ର ଜୟେଶ ଶାହା ଏବଂ ହ୍ୟୁମାନ୍ ସ୍କେପ୍ ଫେଲୋସିପ୍‌ର ଅନ୍ୟ ବିଚାରକଗଣ, ଷ୍ଟେଟ୍‌ସମ୍ୟାନ୍ ଗ୍ରାମ୍ୟ ସମ୍ବାଦଦାତା ସମ୍ମାନ ଏବଂ ପି.ୟୁ.ସି.ଏଲ୍. ମାନବିକ ଅଧିକାର ସାମ୍ବାଦିକତା ପୁରସ୍କାରର ସାହାଯ୍ୟ ପାଇଁ ଧନ୍ୟବାଦ ଜଣାଉଛି । ନିର୍ଦ୍ଧାରିତ ପ୍ରକଳ୍ପ କାଳର ବହୁ

Digitized by srujanika@gmail.com

ପରେ ମଧ୍ୟ ମୁଁ ଏହି କାର୍ଯ୍ୟ ଯଦି କରିପାରିଥାଏ, ତେବେ ତାହାର ଶ୍ରେୟ ମୋର ଧୈର୍ଯ୍ୟଶୀଳା ସ୍ତ୍ରୀ ସୋନ୍ୟା ଗିଲ୍‌ଙ୍କର ପ୍ରାପ୍ୟ । ମାଡ୍ରାସର କୁହୁକ ମଣିଷ ପି. ମୋହନ ରାଓ ସର୍ବଦା ଉତ୍ସାହର ସହ ସହଯୋଗ କରିଆସିଛନ୍ତି ।

ତାମିଲନାଡୁ : ଆରାବଳୀ ଆୟାଙ୍କମ୍‌ର ଜି.ରାମକ୍ରିଷ୍ଣା, କେ. ସୁରେଶ ଏବଂ ତାମିଲନାଡୁ ବିଜ୍ଞାନ ଫୋରମ୍‌ର ସ୍ୱେଚ୍ଛାସେବୀଗଣ ।

ପୁଡୁକୋଟ୍ଟାଇ : ମୁଁ ଅଦ୍ୟାବଧି ଭେଟିଥିବା ଚମତ୍କାରୀ ବ୍ୟକ୍ତିତ୍ୱର ସମାଜକର୍ମୀ ଏନ୍.ଜନାମାଲ୍ । ବିଶେଷ ଧନ୍ୟବାଦ ପ୍ରଭାକରନ୍, ଶିବ ରାମକ୍ରିଷ୍ଣନ୍, ରାଜକୁମାର, ବିବେକାନନ୍ଦ, ମାଣିକ୍ଟାଟାଇ ଏବଂ ଖାଦାନ ମହିଳା ସଂଗଠନ ଏବଂ ସେତେବେଳର ଜିଲ୍ଲାପାଳ ଅନୁରାଧା ଖତି-ରାଜିବନ୍ ।

ରାମନାଦ : ଆରାବଳୀ ଅଭିଯାନର ଅନ୍ୟ କର୍ମୀମାନଙ୍କ ସହ ମୋର ବଂଧୁ କାଶୀନାଥ ଦୁରାଇ ରାଜେନ୍ଦ୍ରନ୍, କରୁଣାନିଧି ଏବଂ ମୁରଲିକ୍ରିଷ୍ଣନ୍ । ନିଖିଳ ଭାରତ କିଷାନ ସଭାର ଜିନାଉମ୍ବଳମ୍ । କେ. ରାଜନ୍, କେ. ସୁଧୀର, ଟି. ପନିର୍‌ସେଲ୍‌ଭମ୍ ଓ ତତ୍କାଳୀନ ଜିଲ୍ଲାପାଳ ଏଲ୍.କ୍ରିଷ୍ଣନ୍ ।

ବିହାର : ମୋର ପୁରୁଣା ବଂଧୁ ଏସ୍.ପି. ତିୱାରୀ ନଥିଲେ କିଛି ବି ସମ୍ଭବ ହୋଇନଥାନ୍ତା । ପାଟନାସ୍ଥିତ ଟାଇମସ୍ ଅଫ୍ ଇଣ୍ଡିଆର ସଦା ସହଯୋଗୀ ଉତ୍ତମ ସେନ୍‌ଗୁପ୍ତ ଏବଂ ଅନ୍ୟ ବଂଧୁମାନଙ୍କୁ ଅନେକ ଧନ୍ୟବାଦ । ପୁନଶ୍ଚ ଦିଲ୍ଲୀର ସୂଚନା ଖଣି କେ. ସୁରେଶ ସିଂଙ୍କୁ ମଧ୍ୟ ଧନ୍ୟବାଦ ତଥା ଉଜ୍ଜ୍ୱଳ ସିଂ ।

ଗୋଡ୍ଡା : ମଞ୍ଜୁଲ୍ କୁମାର ଦାସ, ରାମ ସ୍ୱରୂପ, ଇନ୍ଦ୍ରଜିତ୍ ତିୱାରୀ, ମୋତିଲାଲ୍, ସୁମନ୍, ଦଲ୍‌ଧୀୟାର୍, ଏମ୍.ମୁର୍ମୁ ଏବଂ ଦୋରଓ ଗ୍ରାମର ଗ୍ରାମବାସୀ ।

ପାଲାମୁ : ବଚନ ସିଂ ଏବଂ ପରିବାର ଯେଉଁମାନେ କି ମୋର ବେଳ ଅବେଳ ଓ ହଠାତ୍ ଅଦୃଶ୍ୟ ହୋଇଯିବା ସହ ମେଳ ରଖିପାରିଥିଲେ । ମୋ ବଂଧୁ ନରେନ୍ଦ୍ର ଚୌବେ ଯିଏକି ବିର୍‌ହୋର୍ ଏବଂ ପାହାଡ଼ିଆ ଗୋଷ୍ଠୀ ସହ ମୋର ସାକ୍ଷାତ ସମ୍ଭବ କରାଇପାରିଥିଲେ । ଯେଉଁ ଜାଗାକୁ ଯିବା ମୁଁ ସମ୍ଭବ ମନେ କରୁନଥିଲି ସେଠାକୁ ଚୌବେ ମତେ ନେଇ ଯାଇଥିଲେ । ଛୋଟନାଗପୁର ସମାଜ ବିକାଶ ସଂସ୍ଥାନର ପାସ୍କାଲ ମିଞ୍ଜ୍, ଏଫ୍.ପେଟ୍ରାସ୍, ବିଶ୍ୱମ୍ଭର ଦୁବେ, ଦିଲୀପ କୁମାର ଏବଂ ଏସ୍.କେ. ସିଂହ, ଶତ୍ରୁଘ୍ନ ଓ ଅର୍ଜୁନ । ମୋର ବଂଧୁ ସ୍ୱର୍ଗତ ବୈଦ୍ୟନାଥ ସିଂ, ଲତେହାରର ଦିଲ୍‌ବଶିଆ ଦେବୀ ଏବଂ ବାଲୁମଠ୍ ଓ ନେତର୍‌ହାଟରେ ଅନେକ ପରିବାର ମତେ ଉତ୍ସାହିତ କରିଛନ୍ତି । ତତ୍କାଳୀନ ଡେପୁଟି କମିଶନର ସନ୍ତୋଷ ମାଥ୍ୟୁ କେବଳ ସାହାଯ୍ୟ କରିନଥିଲେ ବରଂ ସ୍ପଷ୍ଟବାଦୀ ଓ ସାଧୁ ପ୍ରକୃତିର ଥିଲେ ।

ଓଡ଼ିଶା : 'ବ୍ଲିଜ୍'ର ମୋର ପୂର୍ବତନ ବଂଧୁ ସୂର୍ଯ୍ୟ ଦାସ ଜଣେ ଶକ୍ତିପିଣ୍ଡ ଭଳି କାର୍ଯ୍ୟ କରିଥିଲେ । ମୁଁ ଏବେ ମଧ୍ୟ ବୁଝିପାରୁନାହିଁ ଯେ, ସେ କିଭଳି ପ୍ରକଳ୍ପର ସମସ୍ତ ପ୍ରୟୋଜନୀୟତାର ତତ୍ତ୍ୱ ନେଉଥିଲେ । ଏଭଳିକି ମୁଁ ଯେତେ ଅଗମ୍ୟ ଇଲାକାରେ ଥିଲେ ମଧ୍ୟ ମୋ ନିକଟରେ ଫଟୋ ରିଲ୍ ପହଞ୍ଚାଇ ପାରୁଥିଲେ ଏବଂ ସେସବୁର ପ୍ରସେସିଂ ପାଇଁ ପୁଣି ସଂଗ୍ରହ କରି ଆଣୁଥିଲେ; ମୋର ପୁରୁଣା ବଂଧୁ ବାଲାଜୀ ପାଣ୍ଡେଙ୍କ ଜ୍ଞାନ ମୋ ପାଇଁ ଅମୂଲ୍ୟ ଥିଲା । ସେ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ଆଣ୍ଡ ଇକୋନମିକ୍ ଡେଭ୍‌ଲପ୍‌ମେଣ୍ଟର କର୍ମଚାରୀଗଣ, ମୁଖ୍ୟତଃ ହୃଷିକେଶ ବିଭିନ୍ନ ଦିଗରୁ ଆଶ୍ଚର୍ଯ୍ୟଜନକ ସାହାଯ୍ୟ କରିଥିଲେ । ସନ୍ତୋଷ ଦାସ ଏବଂ ଜନାର୍ଦ୍ଦନ ପତିଙ୍କୁ ବିଶେଷ ଧନ୍ୟବାଦ । ବିସ୍ଥାପିତ ସମସ୍ୟା ସମ୍ପର୍କରେ ଅସଂଖ୍ୟ ସୂଚନା ପାଇଁ ୱାଲ୍‌ଟରେ ଫର୍ଣ୍ଣାଣ୍ଡିଜ୍‌ଙ୍କୁ ମଧ୍ୟ ଧନ୍ୟବାଦ ।

ମାଲ୍‌କାନଗିରି ଓ କୋରାପୁଟ : ସୁରେନ୍ଦ୍ର ଖେମେଣ୍ଡୁ ଥିଲେ ଅତ୍ୟନ୍ତ ସହଯୋଗୀ ଓ ଜଣେ ଭଲ ଭାଷା ଅନୁବାଦକ । ଅଜିତ୍ କୁମାର ଦାସ, ବି. ମାଝି, କାମରାଜ କାଓ୍ୱାସି, ଆର୍.କେ. ପାତ୍ର, ଟି.ଏସ୍.ଶବରଙ୍କୁ ମଧ୍ୟ ଧନ୍ୟବାଦ । ଭୁବନେଶ୍ୱରର ରଘୁନାଥ ମାଝି ଓ କେ.କେ. ମହାନ୍ତି, ମାଲକାନ୍‌ଗିରି ଜିଲ୍ଲାପାଳ ଜି.କେ. ଧଲଙ୍କୁ ମଧ୍ୟ ଧନ୍ୟବାଦ ।

ନୂଆପଡ଼ା ଓ କଳାହାଣ୍ଡି : ଜଗଦୀଶ ପ୍ରଧାନଙ୍କୁ ସାକ୍ଷାତ କରିବା ଏହି ପ୍ରକଳ୍ପର ଏକ ମାଇଲ୍‌ଖୁଣ୍ଟ । ତାଙ୍କଠାରୁ ମୁଁ ଯାହା ଶିଖିଲି, ତାହା ଏହି ପ୍ରକଳ୍ପର ପରବର୍ତ୍ତୀ ଅଂଶକୁ ପ୍ରଭାବିତ

Digitized by srujanika@gmail.com

କରିଛି । ତାଙ୍କ ଅପେକ୍ଷା କଳାହାଣ୍ଡି ଅଞ୍ଚଳକୁ ଅଧିକ କେହି ଜାଣିନାହାନ୍ତି । ଖଡ଼ିଆଳର ପୂର୍ବତନ ବିଧାୟକ କପିଳ ନାରାୟଣ ତିୱାରୀଙ୍କୁ ବିଶେଷ ଧନ୍ୟବାଦ । ମୋ ବଂଧୁ ଏସ୍.କେ. ପଟ୍ଟନାୟକ ମୋ ପାଇଁ ତାଙ୍କର ପ୍ରଭୁତ ସମୟ ଓ ଅଭିଜ୍ଞତା ଦାନ କରିଛନ୍ତି । ଘନଶ୍ୟାମ ଭିତିରିଆ, ବିଶ୍ୱାଙ୍ଗ ଯୋଶୀ ଏବଂ ଏ.ଭି.ସ୍ୱାମୀଙ୍କୁ ମୋର ଅଶେଷ ଧନ୍ୟବାଦ ।

ମଧ୍ୟପ୍ରଦେଶ : ବିଶେଷ ଧନ୍ୟବାଦ ଜଣାଉଛି ଏମ୍.ପି.ଭି.ଏସ୍‌ର ରାଜୁ ଆଜାଦଙ୍କୁ ଯିଏ ନିଜର ସମସ୍ତ କାର୍ଯ୍ୟ ବନ୍ଦ କରି ମତେ ସୁର୍‌ଗୁଜା ନେଇଯାଇଥିଲେ । ଧନ୍ୟବାଦ ମଧ ଶୈଳେନ୍ଦ୍ର ଶେଲିଙ୍କ ପାଇଁ । ଆର୍.ଗୋପାଳଙ୍କ ନିକଟରେ ବିଶେଷଭାବେ ଋଣୀ, ସେ ବୋଧହୁଏ ମୋ ଦେଖିବାରେ ଜଣେ ଅସାଧାରଣ ପ୍ରଶାସକ । ତାଙ୍କ ସହ ଦେଖାହେବା ପରେ ଅନେକ ଭାବନା ବାସ୍ତବ ରୂପ ନେଲା । 'ବ୍ଲିଜ୍'ର ପୂର୍ବତନ ବଂଧୁ ମନୋଜ ମାଥୁରଙ୍କୁ ବହୁତ ବହୁତ ଧନ୍ୟବାଦ । ବିନୋଦ ଗୁଇନା ଓ ଅନିତା ରାମପାଲ୍‌ଙ୍କୁ ମଧ ।

ସର୍‌ଗୁଜା : ମେହେଦିଲାଲ ଯାଦବ ଯିଏ ମୋ ସହ ସେହି ବିରାଟ ଜିଲ୍ଲା ଦଳି ଚକଟି ଦେଇଛନ୍ତି । ଜିତେନ୍ଦ୍ର ସିଂ ସୋଧି, ଅର୍ଜୁନ୍ ଦାସ, ନାନ୍‌କା ରାମ, ଅଶୋକ କୁମାର ଦାସ ସ୍ୱତନ୍ତ୍ର ଧନ୍ୟବାଦ ଜଣାଉଛି ଓକିଲ ଏଚ୍.ଏନ୍.ଶ୍ରୀବାସ୍ତବ, ମୋହନ କୁମାର ଗିରି ଏବଂ ଏସ୍.ବର୍ମା, ନେଶାର୍ ନାଜ୍, କେ.ଏସ୍, ଯାଦବ ଓ ଦିଲିପ କୁମାରଙ୍କୁ ମଧ ।

ଝାବୁଆ : ଅମିତା ବାଭିସ୍କରଙ୍କ ସହ ଦେଖାହେବା ମୋ ପାଇଁ ଭାଗ୍ୟର କଥା । ସେହି ଅଞ୍ଚଳ ସମ୍ପର୍କରେ ଜଣେ ବିଶେଷଜ୍ଞ ଓ ବିଦ୍ୱାନ୍ ଅମିତା କେତେକ ବିଶେଷ ସାକ୍ଷାତକାରର ଅନୁବାଦିକା ଥିଲେ । ତାଙ୍କ ବିନା ମୁଁ ବିସ୍ଥାପନର ଅନେକ ଗୁରୁତ୍ୱପୂର୍ଣ୍ଣ ଅବ୍ୟବସ୍ଥାକୁ ବୁଝିପାରି ନଥାନ୍ତି ।

ଜଣେ ଚିତ୍ରକର ଓ ଅବସରପ୍ରାପ୍ତ ଶିକ୍ଷକ ବିସ୍ମୟକର ମିର୍‌ଜା ଇସ୍‌ମାଇଲ ବେଗ୍ ଯେ ମୋତେ ବହୁ ସାହଚର୍ଯ୍ୟ ଦେଇଥିଲେ ତାହା ସ୍ମରଣୀୟ ଏବଂ ଇନ୍ଦୋରର ପୁରୁଷୋତ୍ତମ ତିୱାରୀ । ସବୁବେଳର ସାହାଯ୍ୟକାରୀ ହେମନ୍ତ ଜୈନ ଯେ ମୋର ଆବଶ୍ୟକତା ଅନୁଯାୟୀ ସମସ୍ତ ତଥ୍ୟ (ଡାଟା) ଦାନ କରିଛନ୍ତି । ଜଗନ୍ନାଥ ଭାରତୀ, ସୁନ୍ଦରଲାଲ ଜୈନ ଏବଂ ଏମ୍.ଭାଲିଆ, ଅଶୋକ ମନ୍ଦଲୋଇ ଯେ ମୋ ପାଇଁ ତାଙ୍କର ସର୍ବାଧିକ ସମୟ ଦେଇଛନ୍ତି । ସବାନ୍ତକରଣରେ ସାହାଯ୍ୟ କରିଥିବାରୁ ଲୁଆରିଆ ଓ ତାଙ୍କ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ସ୍ୱତନ୍ତ୍ର ଧନ୍ୟବାଦ ଏବଂ ଜଳସିଦ୍ଧିରେ ସମସ୍ତ ସାହାଯ୍ୟ କରିଥିବାରୁ କ୍ଷେତ ମଜଦୁର ଚେତନା ସଂଘର ଜୟଶ୍ରୀ, ଅମିତ୍, ଚିତ୍‌ରୂପା ପାଲିତ୍ ଓ ଅନ୍ୟ କର୍ମୀମାନଙ୍କୁ ଅନେକ ଧନ୍ୟବାଦ ।

ବମ୍ବେ : ଅନେକ ବ୍ୟକ୍ତି ମୁଖ୍ୟତଃ ପୂର୍ବତନ ଛାତ୍ରଗଣ ଅନେକ ସାହାଯ୍ୟ କରିଛନ୍ତି । ଯେତେବେଳେ ବହି ଲେଖୁଥିଲି ସେତେବେଳେ ପ୍ରତିଟି ଗଳ୍ପ/ବିଷୟ ଭଲଭାବେ ପଢ଼ିବା ଭଳି ସହାୟତା ପାଇଁ ଦିଓନ୍ ବନ୍‌ସା ଏବଂ ପ୍ରିୟଙ୍କା କାକୋଦ୍‌କରଙ୍କୁ ବିଶେଷ ଧନ୍ୟବାଦ । ଦିଓନ୍ ଅଯଥା ଦୌଡ଼ରୁ ମୋତେ ରକ୍ଷା କରିଛନ୍ତି । ଭାରତରେ ଥିବାବେଳେ ଅନେକ ସାହାଯ୍ୟ କରିଥିବାରୁ ଶୀତଲ୍ ମେହେଟ୍ଟାଙ୍କୁ ବିଶେଷ ବିଶେଷ ଧନ୍ୟବାଦ । ରାଜେଶ ଭୋରା ଓ ନରେଶ ଫର୍ଣ୍ଣାଣ୍ଡେଜ୍‌ଙ୍କୁ ମଧ ଅନେକ ଧନ୍ୟବାଦ ।

ସ୍ମୃତି କୋପିକରଙ୍କ ସାହାଯ୍ୟ ଅମାପ । ଭାରତରେ ଥିବାବେଳେ ଭାରତୀ ସଦାଶିବମ୍ ଥିଲେ ସର୍ବଦା ଏକ ବିରାଟ ସାହାଯ୍ୟ । ସହାୟତା ଓ ଉତ୍ସାହ ପାଇଁ ଚିତ୍ର ଶିରୁର୍‌ଙ୍କୁ ଅନେକ ଧନ୍ୟବାଦ । ମୁଁ କେବେ ବି ତଥ୍ୟ ସମ୍ପର୍କରେ ବ୍ୟସ୍ତ ନଥିଲି । ତାହା ସର୍ବଦା ମୋର ପୁରୁଣା ବନ୍ଧୁ ଅନୁପ ଭବାନୀ ବୁଝୁଥିଲେ ।

ବ୍ଲିଜ୍, ବମ୍ବେର ମୋର ପୂର୍ବତନ ବଂଧୁମାନେ ଦଳଗତ ତଥା ବ୍ୟକ୍ତିଗତ ଭାବେ ମୋତେ ଅବ୍ୟକ୍ତ ସାହାଯ୍ୟ କରିଛନ୍ତି । ମୋର ପୂର୍ବତନ ନିଯୁକ୍ତିଦାତା ଆର୍.କେ.କରଞ୍ଜିଆ, ଏପରି ଜଣେ ସମ୍ପାଦକ ଯିଏ ତାଙ୍କର ଜଣେ ଅଧସ୍ତନ ସହଯୋଗୀଙ୍କ ସଫଳତାକୁ ସ୍ୱୟଂ ନିଜର ସଫଳତା ଭାବି ଗୌରବ ଅନୁଭବ କରିଥାନ୍ତି । ୧୯୯୩ରୁ ଆମେ ଅଲଗା ହୋଇଯାଇଥିଲେ ମଧ ସେ କେବେ ତାହାକୁ ଅନ୍ୟଥା ଭାବି ନାହାନ୍ତି । ଏହି ପ୍ରକଳ୍ପ ଯେଉଁ ପୁରସ୍କାରଗୁଡ଼ିକ ପାଇଲା ତାହା ପ୍ରଥମେ ତାଙ୍କ ଡେସ୍କ ଉପରେ ହିଁ ସେ ସଜାଇ ରଖୁଥିଲେ । କି ମହତ୍ ମଣିଷ ଜଣେ !

Digitized by srujanika@gmail.com

ବାମପନ୍ଥୀ ଚିନ୍ତନରେ ବିଶ୍ୱାସୀ, ମାଟିର ମଣିଷଙ୍କ ପ୍ରତି ଅହେତୁକ ସମ୍ବେଦନଶୀଳତା, ଗଭୀର ଅନ୍ତର୍ଦୃଷ୍ଟି ଓ ଉପସ୍ଥାପନାରେ ଲାଳିତ୍ୟ ତଥା ନାଟକୀୟତା ସହିତ ଶ୍ଳେଷାତ୍ମକ ଅବବୋଧ ହେଉଛି ବିଶିଷ୍ଟ ଲେଖକ ପି.ସାଇନାଥଙ୍କ ବୈଶିଷ୍ଟ୍ୟ ।

ମାଡ୍ରାଜର ଲୋୟଲା କଲେଜରୁ ୧୯୭୭ରେ ସ୍ନାତକ ଡିଗ୍ରୀ ହାସଲ ପରେ ୧୯୭୯ରେ ନୂଆଦିଲ୍ଲୀସ୍ଥ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଇତିହାସରେ ସ୍ନାତକୋତ୍ତର ଉପାଧି ଲାଭ କରି ପାଲାଗୁମ୍ମି ସାଇନାଥ ପ୍ରଥମେ ୧୯୮୦ରେ ୟୁ.ଏନ୍.ଆଇ ସମ୍ବାଦ ସରବରାହ ସଂସ୍ଥାରେ ଯୋଗ ଦିଅନ୍ତି ଏବଂ ୧୯୮୨ରେ ବମ୍ବେରୁ ପ୍ରକାଶିତ ସାପ୍ତାହିକ 'ବ୍ଲିଜ୍' ଓ 'ଦି ଡେଲି'ରେ ବୈଦେଶିକ ସଂପାଦକ ରୂପେ ଯୋଗ ଦେଇ ନିଜର ଅସାଧାରଣ ବିଦ୍‌ବତ୍ତା ଓ ମାର୍ମିକ ଶୈଳୀ ଯୋଗୁଁ ଦେଶର ବୁଦ୍ଧିଜୀବୀ ମହଲର ଶ୍ରଦ୍ଧା ଓ ଦୃଷ୍ଟି ଆକର୍ଷଣ କରନ୍ତି । ପ୍ରଥମ ଦଶବର୍ଷର ସାମ୍ବାଦିକତା କାଳରେ ସେ ରାଷ୍ଟ୍ରୀୟ ସ୍ତରର ସାତଟି ପ୍ରମୁଖ ପୁରସ୍କାରର ଅନନ୍ୟ ବିଜେତା ହେବା ବାହାରେ ଲାଭ କରିଛନ୍ତି ତାଙ୍କର ଦୀର୍ଘ ୨୭ ବର୍ଷର ପତ୍ରକାର ଜୀବନରେ ଅନେକ ଅନନ୍ୟ ସ୍ୱୀକୃତି ଓ ସମ୍ମାନ । ଦେଶର ଦିଲ୍ଲୀ, କଲିକତା, ବମ୍ବେ, ମାଡ୍ରାଜ ଓ ହାଇଦରାବାଦରେ ଥିବା ୨୪ଟି ଅଗ୍ରଣୀ ଶିକ୍ଷାନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟ ଏବଂ ଦେଶ ବାହାରେ କାନାଡ଼ାର ମଣ୍ଟ୍ରିଲ୍, ଟୋରେଣ୍ଟୋ ବିଶ୍ୱବିଦ୍ୟାଳୟ, ରୁଷର ମସ୍କୋ, ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ, ହଙ୍ଗେରୀ, ସ୍ୱିଡେନ, ଫିନ୍‌ଲାଣ୍ଡ, ଜେନେଭା, ବର୍ଲିନ୍ ଭଳି ବିଶ୍ୱବିଦ୍ୟାଳୟରେ ସାମ୍ବାଦିକତା, କଳା, ସାହିତ୍ୟ, ସଂସ୍କୃତି, ଅର୍ଥନୀତି ଓ ସମାଜତତ୍ତ୍ୱ ଭଳି ବିଷୟରେ ଅର୍ଦ୍ଧ-ଶତକରୁ ଊର୍ଦ୍ଧ୍ୱ ବକ୍ତବ୍ୟ ପ୍ରଦାନ କରି ଜଣେ ତେଜସ୍ୱିନୀ, ବୈପ୍ଲବିକ ଓ ଭିନ୍ନ ଅବବୋଧର ବ୍ୟକ୍ତିତ୍ୱ ରୂପେ ସୁପ୍ରତିଷ୍ଠିତ । ଉଦାରୀକରଣ, ଘରୋଇକରଣ ଅର୍ଥନୀତିର ଜଣେ ତୁଙ୍ଗ, ଶାଣିତ, ମୁକ୍ତ ସମାଲୋଚକ ସାଇନାଥ ୧୯୯୨-୯୩ରେ 'ଟାଇମସ୍ ଅଫ୍ ଇଣ୍ଡିଆ'ର ସମ୍ମାନଜନକ ଫେଲୋସିପ୍ ପାଇ ସୃଷ୍ଟି କଲେ ଭାରତୀୟ ସାମ୍ବାଦିକତା ଜଗତରେ ଏକ କ୍ରାନ୍ତିକାରୀ ଅଧ୍ୟାୟ । ତାଙ୍କର ବିଷୟ ଥିଲା : ''ବିସ୍ମୃତ ଦରିଦ୍ର ଜନତା:ରାଷ୍ଟ୍ରୀୟ ଆଭିମୁଖ୍ୟରେ ଦାରିଦ୍ର୍ୟର ପୁନଃ ଉତ୍‌ଥାପନ'' ଯାହାର ରିପୋର୍ଟିଂ ତାଙ୍କୁ ଆଣିଦେଲା ତେରଟି ଆନ୍ତର୍ଜାତିକ ପୁରସ୍କାର ଏବଂ ବଦଳାଇ ଦେଲା ଭାରତୀୟ,ସାମ୍ବାଦିକତାର ଗତାନୁଗତିକ ଚିତ୍ରପଟ୍ଟ । ସଂପ୍ରତି ସେ ଚେନ୍ନାଇରୁ ପ୍ରକାଶିତ ଇଂରାଜୀ ଦୈନିକ 'ଦି ହିନ୍ଦୁ'ର ଜଣେ ନିୟମିତ ସ୍ତମ୍ଭକାର ।

୧୯୫୭ ମସିହା ମଇ ୧୩ ତାରିଖରେ ଜନ୍ମଲାଭ କରିଥିବା ଏହି ପରିଚ୍ଛନ୍ନ ରୁଚିବୋଧ, କାବ୍ୟିକ ଭାଷାଶୈଳୀ,ଅଗ୍ନିଗର୍ଭା ବଳିଷ୍ଠ ଓ କ୍ରାନ୍ତିସ୍ରଷ୍ଟା ସାମ୍ବାଦିକତାର ଉତ୍ତୁଙ୍ଗ ଅଶ୍ୱାରୋହୀ ପି. ସାଇନାଥ ହେଉଛନ୍ତି ଭାରତର ଭୂତପୂର୍ବ ରାଷ୍ଟ୍ରପତି ଭି.ଭି ଗିରିଙ୍କ ପୌତ୍ର ।

Digitized by srujanika@gmail.com